ଭୀମାଭୂୟାରୁ ମୁଣ୍ଡମେଖଳା ଯାଏ

ଉପନ୍ୟାସର ବ୍ୟାପ୍ତିରେ

# ଆଦିବାସୀ ଜୀବନ ଚର୍ଯ୍ୟା



ଡ. ହାଡ଼ିବନ୍ଧୁ ମିର୍ଦ୍ଧା

ଭୀମାଭୁୟାରୁ ମୁଣ୍ଡମେଖଳା ଯାଏ

ଉପନ୍ୟାସର ବ୍ୟାପ୍ତିରେ

# ଆଦିବାସୀ ଜୀବନ ଚର୍ଯ୍ୟା

ଡ. ହାଡ଼ିବନ୍ଧୁ ମିର୍ଦ୍ଧା, ଏମ୍.ଏ., ପି.ଏଚ୍.ଡି.

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଓଡ଼ିଶା ସରକାର, ଭୁବନେଶ୍ୱର

ଭୀମାଭୁୟାରୁ ମୃଣ୍ମେଖଳା ଯାଏ

ଉପନ୍ୟାସର ବ୍ୟାପ୍ତିରେ

# ଆଦିବାସୀ ଜୀବନ ଚର୍ଯ୍ୟା

ପ୍ରକାଶକ :
ସଦସ୍ୟ ସଚିବ

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଆଦିବାସୀ ପଡ଼ିଆ, ୟୁନିଟ୍ -୧, ଭୁବନେଶ୍ୱର - ୭୫୧ ୦୦୯

ମୁଦ୍ରଣ : ଅଙ୍କିତା ଗ୍ରାଫିକ୍ସ, କଟକ - ୧୦, ମୋବାଇଲ - ୯୩୩୮୦୧୧୧୩୫

ପ୍ରକାଶ କାଳ : ଜାନୁୟାରୀ ୨୦୧୧

ଛପାସଂଖ୍ୟା - ୫୦୦

ଭୀମାଭୁୟାରୁ ମୁଣ୍ଡମେଖଳା ଯାଏ

ଉପନ୍ୟାସର ବ୍ୟାପ୍ତିରେ

# ଆଦିବାସୀ ଜୀବନ ଚର୍ଯ୍ୟା

(ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଓଡ଼ିଆରେ ପି.ଏଚ୍.ଡି. ଡିଗ୍ରୀ ପାଇଁ
ଅନୁମୋଦିତ ନିବନ୍ଧର ପୁସ୍ତକ ରୂପ)

ଡ. ହାଡ଼ିବନ୍ଧୁ ମିର୍ଦ୍ଧା, ଏମ୍.ଏ., ପି.ଏଚ୍.ଡି.

ଉତ୍ସର୍ଗ :

ପରମ ପୂଜ୍ୟନୀୟ ପିତା ସ୍ୱର୍ଗତଃ ଟିକେସନ୍ ମିର୍ଦ୍ଧା ଓ
ପରମ ପୂଜନୀୟା ମାତା ସ୍ୱର୍ଗତଃ ହାରାବତୀଙ୍କ
ଚରଣକମଳେ ଅର୍ପିତ ।

# ସୂଚିପତ୍ର


କ୍ର.ନ. ବିଷୟବସ୍ତୁ ପୃଷ୍ଠା

(କ) ଭୂମିକା
(ଖ) କୃତଜ୍ଞତା
(ଗ) ମୋ' କଥା

ପ୍ରଥମ ପରିଚ୍ଛେଦ ୧୭

ଆଦିବାସୀ ଜୀବନର ପରିଚୟ
(କ) ପୁରାତନ ଯୁଗର ଆଦିବାସୀ
ପାଦଟୀକା

ଦ୍ୱିତୀୟ ପରିଚ୍ଛେଦ ୨୩

ଭାରତର ଆଦିବାସୀ ସଂପ୍ରଦାୟ ଓ ସମସ୍ୟା
(କ) ଭାରତୀୟ ପରିପ୍ରେକ୍ଷୀରେ ଆଦିବାସୀ ଜାତି
(ଖ) ଭାରତର ଜନସଂଖ୍ୟା
(ଗ) ଭାରତର ସାଧିନତା ପରବର୍ତ୍ତୀ ଜୀବନ
(ଘ) ଓଡ଼ିଶାର ଆଦିବାସୀ
(ଙ) ଓଡ଼ିଶାର ଆଦିବାସୀଙ୍କର ପରିଚୟ
(ଚ) ଓଡ଼ିଶାର ଆଦିବାସୀ ଜୀବନ
(ଛ) ଶିକ୍ଷା ଓ ଆଦିବାସୀ ସମାଜ
(ଜ) ତତ୍କାଳୀନ ସାମାଜିକ ଜୀବନ ଓ ପ୍ରତିଷ୍ଠା
ପାଦଟୀକା

ତୃତୀୟ ପରିଚ୍ଛେଦ : ୩୦

ଓଡ଼ିଶା ଇତିହାସ ଓ ଆଦିବାସୀଙ୍କ ଜୀବନଚର୍ଯ୍ୟା
(କ) ଓଡ଼ିଶାର ଇତିହାସରେ ଆଦିବାସୀଙ୍କ ଭୂମିକା
(ଖ) ଆଦିବାସୀଙ୍କ ସାମାଜିକ ଜୀବନ
(ଗ) ପାରିବାରିକ ଜୀବନ
(ଘ) ବୈଠକଖାନା (କ୍ଲବ୍ ଘର)
(ଙ) ଧର୍ମ ଧାରଣା

(ଚ) ଦେବା ଦେବୀ
(ଛ) ନରବଳୀ ପ୍ରଥା ଓ ପ୍ରଜାମେଳି
(ଜ) ଆଦିବାସୀ ଉପରେ ଖ୍ରୀଷ୍ଟ ଧର୍ମର ପ୍ରଭାବ
(ଝ) ନାରୀ ସାଧୀନତା
(ଞ) କନ୍ୟା ସୁନା
(ଟ) ବହୁ ପତ୍ନୀ ବିବାହ
(ଠ) ଆଦିବାସୀ ଯୌନ ସମ୍ପର୍କ
(ଡ) ଆଦିବାସୀର ମଦପାନ ଅଭ୍ୟାସ ଓ ବ୍ୟବସାୟ
(ଢ) ଆଦିବାସୀଙ୍କର ସଂହତି ଓ ସହାବସ୍ଥାନ ଗୁଣ
(ଣ) ଆଦିବାସୀ ରମଣୀର ଅଳଙ୍କାର ପ୍ରିୟତା ।
ପାଦଟୀକା

ଚତୁର୍ଥ ପରିଛେଦ ୫୨

ପୁରାଣ କାବ୍ୟ ଓ ସାହିତ୍ୟରେ ଆଦିବାସୀ ଜୀବନ ଚିତ୍ର
(କ) ସାହିତ୍ୟରେ ଜୀବନ ଚିତ୍ର
(ଖ) ମହାଭାରତରେ ଆଦିବାସୀ ଜୀବନ ଚିତ୍ର
(ଗ) ଓଡ଼ିଆ ସାହିତ୍ୟରେ ଆଦିବାସୀଙ୍କ ଶୈବ ଚେତନା
(ଘ) ଚର୍ଯ୍ୟାପଦରେ ଆଦିବାସୀର ଜୀବନ ଚିତ୍ର
(ଙ) ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ ଆଦିବାସୀର ଜୀବନ ଚିତ୍ର
(ଚ) କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ବୈଦେହୀଶ ବିଳାସରେ ଆଦିବାସୀ ଜୀବନ ।
(ଛ) ଆଧୁନିକ ସାହିତ୍ୟରେ ଆଦିବାସୀ ଚିତ୍ର -ରାଧାନାଥ ରାୟ
(ଜ) ଗଙ୍ଗାଧର ମେହେର ସାହିତ୍ୟରେ ଆଦିବାସୀ ଚିତ୍ର
(ଝ) ଆଧୁନିକ ଗଳ୍ପ - କବିତା ଓ ନାଟକରେ ଆଦିବାସୀ ଜୀବନର ଝଲକ
ପାଦଟୀକା

ପଞ୍ଚମ ପରିଛେଦ ୭୮

(କ) ଉପନ୍ୟାସ ରଚନାର ଆଭିମୁଖ୍ୟ ଓ ସମୀକ୍ଷା ।
(ଖ) ଓଡ଼ିଆ ଉପନ୍ୟାସରେ ଆଧୁନିକ ଯୁଗର ସୂଚନା
(ଗ) ସାହିତ୍ୟ ସମାହାର
(ଘ) ସାଧୀନତା ପରବର୍ତ୍ତୀ ସାହିତ୍ୟ
(ଙ) ଉପନ୍ୟାସର ଧର୍ମ
ପାଦଟୀକା

ଷଷ୍ଠ ପରିଚ୍ଛେଦ: ୮୨
ଉପନ୍ୟାସ ଭୀମାଭୂୟାଁରୁ ମୁଣ୍ଡମେଖଳା

୧) ଭୂୟାଁ ଜୀବନର ରୂପ ଗୋପାଳ ବଲ୍ଲଭ ଦାସ ଓ ଭୀମା ଭୂୟାଁ ୮୨
(କ) ଗଳ୍ପାଂଶ
(ଖ) ଭୀମାର ଚରିତ୍ର
(ଗ) ଭୀମା ଭୂୟାଁର ସହାୟକ ଚରିତ୍ର
୧) ସାଧୁ ସର୍ଦ୍ଦାର
୨) ବାଣାସୁର
୩) ତିଳ ସରଦାର
୪) ରାମା
ପାଦଟୀକା

୨) ଅମୃତ ଦୃଷ୍ଟିସଂପନ୍ନ ଔପନାସିକ ଗୋପିନାଥ ଓ ତାଙ୍କର ଉପନ୍ୟାସ ୯୯
(କ) ଦାଦୀବୁଢ଼ା
(ଖ) ପରଜା
(ଗ) ଅମୃତର ସନ୍ତାନ
(ଘ) ଶିବଭାଇ
(ଙ) ଅପହଞ୍ଚ
ପାଦଟୀକା

୩) ବନବାସୀ ଜୀବନକଥାର ଭାଷ୍ୟକାର କାହ୍ନୁଚରଣ ୧୫୬
(କ) ବନଗହନର ତଳେ
(ଖ) କାତ୍ରାକା ଲେଲି
(ଗ) ଶର୍ବରୀରେ ଆଦିବାସୀ ମୋହାନ୍ଧ କାହ୍ନୁଚରଣ
(ଘ) ବଗବଗୁଲିରେ ବନବାସୀ ଜୀବନଲୋଭୀ କାହ୍ନୁଚରଣ

୪) ଜଣେ ଭିନ୍ନଧର୍ମୀ ଔପନ୍ୟାସିକ ଶ୍ରୀ କ୍ଷେତ୍ର ମୋହନ ରାମ ୧୭୧
ଓ ପାହାଡ଼ି ଝରଣା
ଗଳ୍ପାଂଶ ଓ ସମୀକ୍ଷା
ପାଦଟୀକା
୫) ବାରିଷ୍ଟର ଗୋବିନ୍ଦ ଦାସଙ୍କର ଭିନ୍ନ ସ୍ୱାଦର ଉପନ୍ୟାସ ୧୭୫
(କ) ଲ୍ଲାସୁ

୬) ଶଶି ଭୂଷଣଙ୍କ ଉପନ୍ୟାସ ୧୮୫
(କ) ଆୟା ମାର୍ଗାରେଟ୍
(ଖ) କ୍ରାନ୍ତିର ଅବବାହିକା

୭) ଯୁଗବାର୍ତ୍ତାର ପ୍ରବକ୍ତା ନାରାୟଣ ମହାପାତ୍ର ୧୯୭
(କ) କାଡ଼େ ଗମାଙ୍ଗୋ
(ଖ) କାହାଣୀ: ସବୁଜ ଉପତ୍ୟକାର

୮) ବସୁନ୍ଧରା ମାଟିରେ ପରଶୁରାମ ମୁଣ୍ଡ ୨୦୭

୯) ନୂତନ ଦିଗନ୍ତର ଦିସାରି 'ମୁଣ୍ଡମେଖଳା' ଓ ଅନାଦି ଚରଣ ସାହୁ ୨୧୪

ସପ୍ତମ ପରିଚ୍ଛେଦ: ୨୨୦
(କ) ଆଲୋଚିତ ଉପନ୍ୟାସ ଓ ଆଦିବାସୀ ଜୀବନ ସାମ୍ରାଜ୍ୟ
(ଖ) ପର୍ବ ପର୍ବାଣୀ ମହତ୍ୱ
(ଗ) ବିବାହ ପରମ୍ପରା
(ଘ) ଜନ୍ମ ପରମ୍ପରା ଓ ପୁର୍ନଜନ୍ମ ବିଶ୍ୱାସ
(ଙ) ଶବ ସଂସ୍କାର
(ଚ) ପ୍ରସୂତି ପରମ୍ପରା
(ଛ) ବେଶଭୂଷା
(ଜ) ଖାଦ୍ୟ
(ଝ) ଗୃହ
(ଞ) ଗୋଟିପ୍ରଥା
(ଟ) ଆଦିବାସୀର ଭୂସମ୍ବଳ
(ଠ) ଆଦିବାସୀର ଜୀବନ ତମିସ୍ରା ଓ ତମ୍
(ଡ) ବିଶ୍ୱାସ
(ଢ) ଆଦିବାସୀର ଅତିଥି ସତ୍କାର
(ଣ) ସାମାଜିକ ରୁଚି ଓ ଶିଷ୍ଟାଚାର
(ତ) ଗୋଷ୍ଠୀ ପ୍ରିୟ
(ଥ) ଆଲୋଚିତ ଉପନ୍ୟାସର ଭାଷା ଓ ଶୈଳୀ

ପାଦଟୀକା ୨୪୨

# ମୁଖବନ୍ଧ

ଆଦିବାସୀ ଏ ଦେଶର ମୂଳ ଅଧିବାସୀ । ସେମାନଙ୍କର ସଭ୍ୟତା ଏବଂ ସେମାନଙ୍କର ସଂସ୍କୃତି ଆଦିସଂସ୍କୃତି । ଦୂର ଅତୀତରେ ଆର୍ଯ୍ୟ-ଅଣଆର୍ଯ୍ୟକୁ ପରାସ୍ତ କରିଥିଲେ ହେଁ ଅଣଆର୍ଯ୍ୟ ସଂସ୍କୃତି ସବୁଦିନ ପାଇଁ ଆର୍ଯ୍ୟ ସଂସ୍କୃତିକୁ ପରାସ୍ତ କରିଛି । ଆଦିବାସୀର ଏ ବିଜୟ, ଆଦିବାସୀ ଦେବତାକୁ ଉତ୍କଳର ଇଷ୍ଟଦେବ କରିବାରେ ପ୍ରତିଭାତ ହୋଇଛି । ଆର୍ଯ୍ୟର ସ୍ୱର୍ଣ୍ଣ, ରୌପ୍ୟ, ତାମ୍ର ନିର୍ମିତ ଦେବମୂର୍ତ୍ତି, ନୀଳାଚଳର ରତ୍ନସିଂହାସନରୁ ଶବରର କାଠ-ଦେବତାକୁ ତଡ଼ି ପାରିନାହିଁ । କେବଳ ସେତିକି ନୁହେଁ ଆର୍ଯ୍ୟର ଭାଷା ଓ ଧର୍ମଧାରାକୁ ମଧ୍ୟ ଆଦିବାସୀ ସଭ୍ୟତା ଓ ସଂସ୍କୃତି ନାନା ଭାବରେ ପ୍ରଭାବିତ କରିଛି । ଓଡ଼ିଆ ସାହିତ୍ୟରେ ଆଦି ଔଁକାର ଚର୍ଯ୍ୟାଗୀତିରୁ ଆରମ୍ଭ କରି ସାଂପ୍ରତିକ କାଳ ପର୍ଯ୍ୟନ୍ତ ବିଭିନ୍ନ ସମୟର ସାହିତ୍ୟରେ ଆଦିବାସୀର ଜୀବନଧାରା ନାନାଭାବେ ରୂପାୟିତ ହୋଇଛି । ଉପନ୍ୟାସ ଆଧୁନିକ ଯୁଗର ସୃଷ୍ଟି । ଆଧୁନିକ ଜୀବନଧାରାର ଚିତ୍ରକର ହେଉଛି ଔପନ୍ୟାସିକ । ସମୟର ସ୍ପର୍ଶରେ ଆଦିବାସୀ ଜୀବନର ପରିବର୍ତ୍ତିତ ରଙ୍ଗ ଦେବାକୁ ମଧ ସେ ଭୁଲି ନାହିଁ । ତେଣୁ ଓଡ଼ିଆ ଉପନ୍ୟାସକୁ ଆଦିବାସୀ ଜୀବନଗାଥା କିପରି ପୁଷ୍ଟ କରିଛି, ତା'ର ଏକ ନିଛକ ପ୍ରତିକୃତି ହେଉଛି ଏହି ନିବନ୍ଧ ।

ଓଡ଼ିଶାର ବିଶିଷ୍ଟ ଗବେଷକମାନେ ଆଦିବାସୀର ଜୀବନକୁ ନେଇ ଅନେକ ପ୍ରବନ୍ଧ ଓ ଆଲୋଚନା, ଗବେଷଣା ସଂପାଦନ କରିଥିଲେ ହେଁ ସାହିତ୍ୟର ପୃଷ୍ଠଭୂମିରେ ଆଦିବାସୀର ଜୀବନଧାରାର ବ୍ୟାପକ ଅଧ୍ୟୟନ ପାଇଁ ଏହା ଏକ ପ୍ରୟାସ ।

ଗବେଷଣାରେ ସଂଗ୍ରହ ଅପରିହାର୍ଯ୍ୟ, କିନ୍ତୁ ଗବେଷକ ସଂଗ୍ରାହକ ନୁହେଁ । ସନ୍ଧାନୀ ଅନ୍ତର୍ଦୃଷ୍ଟି ଗବେଷକର ପଦ୍ଧତି ବା ଅସ୍ତ୍ର । ଅନ୍ୟର ପ୍ରତିବିମ୍ବ ହେବାରେ ଗବେଷକର କୃତିତ୍ୱ ନାହିଁ । ସେ ତେଣୁ ନବଦିଗନ୍ତ ଅନ୍ୱେଷଣ କରେ । ଡ. ମିର୍ଦ୍ଧା ଏହା ଅନୁଭବ କରି ପୂର୍ବାଚାର୍ଯ୍ୟମାନଙ୍କର ଅବଦାନ ଓ ବାଣୀର ଅନୁଶୀଳନ କରିଛନ୍ତି ।

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ଡ. ମିର୍ଦ୍ଧାଙ୍କର ପି.ଏଚ.ଡ଼ି. ନିବନ୍ଧର ପରିବର୍ଦ୍ଧିତ ଓ ମାର୍ଜିତ ରୂପକୁ ପ୍ରକାଶନ କରି ଏକ ଜାତୀୟ କର୍ତ୍ତବ୍ୟ ସଂପାଦନ କରିଛନ୍ତି । ପୁସ୍ତକ ପ୍ରକାଶନ ଅବସରରେ ଡ. ମିର୍ଦ୍ଧାଙ୍କର ଦୀର୍ଘଦିନର ଏକ ମହତ ସାଧନା ଲୋକ ଲୋଚନକୁ ଆସିପାରିବ ବୋଲି ଆଶା ଓ ବିଶ୍ୱାସ ।

ଅଖିଳ ବିହାରୀ ଓତା

# କୃତଜ୍ଞତା ଜ୍ଞାପନ

ଗବେଷଣା- ଏକ ତପସ୍ୟା । ଅଭୀପ୍ସା, ଆତ୍ମୋତ୍ସର୍ଗ ଓ ତ୍ୟାଗ ଏହି ତପସ୍ୟାରେ ସିଦ୍ଧି ପାଇଁ ଅପରିହାର୍ଯ୍ୟ । ସେହିପରି ଗବେଷଣାରେ ସଫଳତା ପାଇବାକୁ ଏକନିଷ୍ଠ ସାଧନା ସହ ଗୁରୁଜନ ଓ ବିଜ୍ଞବ୍ୟକ୍ତିଙ୍କର ଅକୁଣ୍ଠ ଶୁଭେଚ୍ଛା, ଆଶୀର୍ବାଦ ପରାମର୍ଶ ଏକାନ୍ତ ଆବଶ୍ୟକ । ଯେଉଁମାନେ ଆମକୁ ଗବେଷଣାରେ ଉଦ୍‌ବୁଦ୍ଧ କରିଛନ୍ତି, ସେମାନେ ଆମର ଆଦ୍ୟ ସ୍ମରଣୀୟ ।

ବନବାସୀର ଜୀବନଧାରାକୁ ଲୋକ ଲୋଚନକୁ ଆଣିବା ପାଇଁ ବିଭିନ୍ନ ପ୍ରଥିତଯଶା ଓଡ଼ିଆ ଔପନାସିକ ଯଥାସାଧ ପ୍ରୟାସ କରିଛନ୍ତି । ଓଡ଼ିଆ ଉପନ୍ୟାସ ସାହିତ୍ୟ ଅଧ୍ୟୟନ କାଳରେ ସେମାନଙ୍କର ଜୀବନକଥାକୁ ଯେପରି ସଂହତି ରୂପେ ଓ ବିଶ୍ୱସ୍ତତା ସହ ଉପସ୍ଥାପିତ କରାଯାଇଛି, ତା'ର ଆକଳନ ପ୍ରୟାସରେ ଏହି ନିବନ୍ଧର ପରିକଳ୍ପନା କରାଯାଇଥିଲା । ଏହି କ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ଅନୁମୋଦନ ଲାଭ କରି ପି.ଏଚ୍.ଡି. ଡିଗ୍ରୀ ପାଇଁ ମନୋନୀତ ହୋଇଥିଲା ।

ପରବର୍ତ୍ତୀ ପର୍ଯ୍ୟାୟରେ ଏହି ନିବନ୍ଧର ପୁସ୍ତକ ରୂପ ପ୍ରସ୍ତୁତ କାଳରେ କେତେକ ଆବଶ୍ୟକୀୟ ପରିବର୍ତ୍ତନ କରାଯାଇଛି । ଏପରିକି ନିବନ୍ଧର ନାମକରଣକୁ ପରିବର୍ତ୍ତିତ ପରିପ୍ରେକ୍ଷୀରେ ମଧ ସାମାନ୍ୟ ପରିବର୍ତ୍ତନ କରାଯାଇଛି । ଆଦିବାସୀ ଜୀବନଧାରା ଅନୁଧ୍ୟାନ ପାଇଁ ବିଭିନ୍ନ ତଥ୍ୟମୂଳକ ଲେଖା ଯୋଗାଇବାରେ, ପାଠାଗାର କର୍ତ୍ତୃପକ୍ଷମାନେ ସାହାଯ୍ୟ କରି ଅନୁଗୃହିତ କରିଛନ୍ତି । ଗବେଷଣାର ସଫଳତା ପାଇଁ ସେମାନଙ୍କର ଅବଦାନକୁ ସ୍ୱୀକାର ନକଲେ କର୍ତ୍ତବ୍ୟରେ ତ୍ରୁଟି କରିବି ।

ଓଡ଼ିଶାର ବରେଣ୍ୟ ପ୍ରତିଭାବାନ, ପଣ୍ଡିତ, ସୁସାହିତ୍ୟିକ, ପ୍ରାଧ୍ୟାପକ (ସମ୍ବଲପୁର ବିଶ୍ୱବିଦ୍ୟାଳୟର) ୰ ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା ଏହି ଗବେଷଣାରେ ପ୍ରଧାନ ସହାୟକ ଓ ପାଥେୟ ଥିଲେ ଏବଂ ପ୍ରଫେସର ଡକ୍ଟର ଖଗେଶ୍ୱର ମହାପାତ୍ର ଓ ଅନ୍ୟତମ ଅଧ୍ୟାପକ ଡ. ବାଳକୃଷ୍ଣ ଶତପଥୀଙ୍କ ପରାମର୍ଶ ଆମର ଅମ୍ଳାନ ସ୍ମୃତି ହୋଇ ରହିବ ।

ମୋର ଗବେଷଣାର ଦିଗ୍‌ଦର୍ଶକ ପ୍ରାଧ୍ୟାପକ ଡକ୍ଟର ଅସିତ କବି କାର୍ଯ୍ୟ ତ୍ୱରାନ୍ୱିତ କରିବା ଦିଗରେ ଉତ୍ସାହିତ କରି ଗବେଷଣାର ପୂର୍ଣ୍ଣାଙ୍ଗ ରୂପ ଦେବାରେ କଷ୍ଟ ସ୍ୱୀକାର କରିଥିବାରୁ ତାଙ୍କ ପାଖରେ ମୁଁ ଚିରଋଣୀ । ଏ କ୍ଷେତ୍ରରେ ଆଦିବାସୀ ନେତା ଓ ସଂସ୍କୃତି ପ୍ରେମୀ ସର୍ବଶ୍ରୀ ଗିରିଧର ଗମାଙ୍ଗ, ପୂର୍ବତନ ମୁଖ୍ୟମନ୍ତ୍ରୀ, ମାନ୍ୟବର ପୂର୍ବତନ ମନ୍ତ୍ରୀ ଶ୍ରୀ ରାମଚନ୍ଦ୍ର ଉଲାକା, ପୂର୍ବତନ ମନ୍ତ୍ରୀ ଶ୍ରୀ ଚୈତନ୍ୟ ପ୍ରସାଦ ମାଝୀ ଉତ୍ସାହିତ କରିଥିବାରୁ ସେମାନଙ୍କୁ ମୋର କୃତଜ୍ଞତା ଜଣାଉଛି ।

ପାଣ୍ଡୁଲିପି ପ୍ରସ୍ତୁତ କରିବାରେ ଭ୍ରାତୃ ପ୍ରତିମ ଶ୍ରୀ ଗଣେଶ ମିର୍ଦ୍ଧା, ମୋର ସୁଯୋଗ୍ୟ ପୁତ୍ର ପ୍ରଫେସର ଡାକ୍ତର ବିଜୟ ରଞ୍ଜନ ମିର୍ଦ୍ଧା, ଏମ୍.ଡି. ଓ ପ୍ରିୟ ଛାତ୍ର ତିଲେଶ୍ୱର ଧରୁଆ ତଥା ଯୁବବନ୍ଧୁ ଶ୍ରୀ ଉପେନ୍ଦ୍ର ମହାପାତ୍ର ଓ ଶ୍ରୀ ଭବାନୀ ଶଙ୍କର ପ୍ରଧାନ ପ୍ରମୁଖଙ୍କ ସହଯୋଗ ଅଭିନନ୍ଦନୀୟ । ଏହା ବ୍ୟତୀତ ୟୁ.ଜି.ସି. ନୂଆଦିଲ୍ଲୀ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହି ଗବେଷଣା କାର୍ଯ୍ୟ କରିଥିବାରୁ ସେମାନଙ୍କର ଆଦିବାସୀ ସଂସ୍କୃତି ପ୍ରୀତି ପାଇଁ ସାଧୁବାଦ ଜ୍ଞାପନ କରୁଛି ।

ହାଡ଼ିବନ୍ଧୁ ମିର୍ଦ୍ଧା

## ମୋ' କଥା.............................................

ଆଦିବାସୀମାନେ ଭାରତର ପ୍ରଥମ ଅଧିବାସୀ । ସେମାନଙ୍କର ଏ ମାଟିରେ ଯେଉଁ ସଭ୍ୟତା, ସଂସ୍କୃତି ଆଜି ଅଭିନବ ରୂପ ନେଇଛି, ତାର ମୂଳରେ ଏହିମାନଙ୍କର ଅବଦାନ ରହିଛି । କାଳକ୍ରମେ ଆର୍ଯ୍ୟ ତଥା ଅନ୍ୟମାନେ ଆକ୍ରମଣ କରିବା ହେତୁ ସେମାନେ ପରାଜିତ ହୋଇ ଭିଟାମାଟି ଛାଡ଼ି ଅନ୍ୟତ୍ର ପଳାୟନ କରିଛନ୍ତି । ଦୁର୍ବଳ ମଣିଷ ସବଳ ମଣିଷ ଦ୍ୱାରା ଆଘାତ ପାଇ ଦୂରରେ ରହିଲେ, ମାତ୍ର ଉନ୍ନତ ସମାଜ, ଆଦିବାସୀମାନଙ୍କୁ ବିତାଡ଼ିତ କରିଥିଲେ ମଧ୍ୟ ଆଦିବାସୀର ସଂସ୍କୃତି ଦର୍ଶନ ଯୁଗେ ଯୁଗେ ଅତୁଟ ରହିଛି । ଉତ୍‌ଥାନ ପତନ ମଧ୍ୟରେ ସେମାନଙ୍କର ସଂସ୍କୃତି, ସାର୍ବଜନୀନ ରୂପ ନେଇ ହିନ୍ଦୁ ତଥା ଭାରତୀୟ ସଂସ୍କୃତି ନାମ ବହନ କରିଛି । ଅନ୍ୟ କଥାରେ ଅର୍ଯ୍ୟେତରର ମିଳନ ହେତୁ ଆଜି ବିଶ୍ୱଦରବାରରେ ଏହି ସଂସ୍କୃତି ଅଭିନବ ରୂପ ନେଇ ସମୃଦ୍ଧ ତଥା ଗୁଦ୍ଧିମନ୍ତ ହୋଇଛି କହିଲେ ସମୀଚୀନ ହେବ । ତାର ପ୍ରମାଣ ହେଲା ଓଡ଼ିଶାର ପୁରୀ ଧାମର ଦାରୁ ଦେବତା ଜଗନ୍ନାଥ ସଂସ୍କୃତି ଏଯାବତ୍ ଆର୍ଯ୍ୟର ସ୍ୱର୍ଣ୍ଣ, ରୌପ୍ୟ, ତାମ୍ର ନିର୍ମିତ ଦେବମୂର୍ତ୍ତି ନୀଳାଚଳର ରତ୍ନ ସିଂହାସନର ଆଦିବାସୀ ତଥା ଶବରର କାଠ ଦେବତାକୁ ଦୂରେଇ ପାରିନାହିଁ । ଆଦିବାସୀ ସଂସ୍କୃତିର ଜୟଗାନ ଚାଲିଛି, ଚାଲିଥିବ ।

ଏଣୁ ଜଗନ୍ନାଥ ଯେପରି ସମସ୍ତ ଅବତାରର ପ୍ରଭୁ ଅଚଳ ଦାରୁ ରୂପେ ବିରାଜମାନ ହୋଇଛନ୍ତି, ଠିକ୍ ସେହିପରି ବିଶ୍ୱଜନ ସମାଜରେ ଆଦିବାସୀର ସଂସ୍କୃତି, ପରମ୍ପରା, ଚଳଣୀ ନେଇ ଦୃଢ଼ ରହିଛି । ସେ ସଭ୍ୟ କଥା କୁଟିଳ ମଣିଷର ରୂପ, ଧାପ, ପ୍ରଭାବରେ ମୁହଁ ଖୋଲିନି ସିନା କିନ୍ତୁ ତାକୁ କେହି ବିଶ୍ୱର ପ୍ରଥମ ମାନବ ସନ୍ତାନ ପଦରୁ ବଞ୍ଚିତ କରିପାରି ନାହିଁ । ଅବଶ୍ୟ ସେ ମୁଖା ପିନ୍ଧି ନାହିଁ କି ପରମୁଖାପେକ୍ଷି ହୋଇନାହିଁ, ସେ ଏବେ ବି ଖଟେ ଆଉ ମାଣ୍ଡିଆ ଜାଉ ଖାଏ । ସଭ୍ୟ ବୋଲାଉଥିବା ମଣିଷ ତାକୁ ଠକେ । ମୁଖ ସାକ୍ଷୀ ଭାବରେ ଅତୀତର ଇତିହାସ, ପୁରାଣ, କିମ୍ବଦନ୍ତୀ ଆଦି ଏହା ପ୍ରମାଣ କରେ । ଆର୍ଯ୍ୟର ଭାଷା ଓ ଧର୍ମ ଧାରାକୁ ଆଦିବାସୀର ଜୀବନ ସଂସ୍କୃତି ନାନା ଭାବରେ ପ୍ରଭାବିତ କରି ଆସିଛି ।

ଏମାନଙ୍କର ଜୀବନ ଜୀବିକା ନେଇ ଅନେକ ପୁରାଣ, ଗଳ୍ପ, କାହାଣୀ, କାବ୍ୟ, କବିତା ସୃଷ୍ଟି ହୋଇଛି । ରାମାୟଣ, ମହାଭାରତ ଆଦି ମହାକାବ୍ୟରେ ଏହି ଶବର ଆଦିବାସୀ ମାନଙ୍କର ଜୀବନ ଯେପରି ବର୍ଣ୍ଣିତ, ସେହିପରି ଓଡ଼ିଶାର ଆଦିବାସୀ ଜୀବନ, ସାରଳା ମହାଭାରତ, ଶୈବ ପୁରାଣ, ଚର୍ଯ୍ୟା ଗୀତିକା ତଥା ଉପେନ୍ଦ୍ର ଭଞ୍ଜ, ରାଧାନାଥ ରଥ, ଗଙ୍ଗାଧର ସାହିତ୍ୟ ତଥା ଆଧୁନିକ ସାହିତ୍ୟ ତଥା ଆଧୁନିକ କାବ୍ୟ, ଗଳ୍ପ ଉପନ୍ୟାସରେ ଉତ୍‌କୀର୍ଣ୍ଣ ହୋଇଛି । ବାସ୍ତବରେ ଆଦିବାସୀ ସଂସ୍କୃତି ଲେଖିବା ପଢ଼ିବା, ଜାଣିବା ଲୋକ ତାକୁ କଳେ କୌଶଳେ ହିନ୍ଦୁ ସଂସ୍କୃତି ସହିତ ସାମିଲ କରିଛନ୍ତି । ପର୍ବପର୍ବାଣି, ଜାନିଯାତ୍ରା, ନାଚଗୀତକୁ ଆଉ ଆଦିବାସୀ ନାମ ନଦେଇ ରାଷ୍ଟ୍ରୀୟ ସାଂସ୍କୃତିକ ଚେତନାରେ ଗର୍ଭିତ କରିଛନ୍ତି । ଅନୁସନ୍ଧିତ୍ସୁ ତଥା ସତ୍ୟସନ୍ଧାନୀ କବି, ଲେଖକ, ଆଦିବାସୀ ମାନଙ୍କର ଜୀବନ ସଂସ୍କୃତି, ମାଟିର ଜୟଗାନ କରି ସେମାନଙ୍କର ଭୂମି ଓ ଭୂମିକାର ସତନ୍ତ୍ର ସ୍ଥାନ ନିର୍ଣ୍ଣୟ କରି ଆଦିବାସୀମାନଙ୍କର ସତନ୍ତ୍ରତା ପ୍ରକାଶ କରିଛନ୍ତି ।

ଅତୀତରେ ଆକ୍ରମଣକାରୀ, ଶୋଷଣକାରୀ ତଥା ଜମିଦାର, ଧନୀ, ସାହୁକାର ମାନେ ଆଦିବାସୀମାନଙ୍କର ସରଳତା ଓ ଦୁର୍ବଳତାର ସୁଯୋଗ ନେଇ ଜୀବନ ଜୀବିକାକୁ ବିପର୍ଯ୍ୟସ୍ତ କରିଥିଲେ ଏବଂ ଏବେ ମଧ୍ୟ କରୁଛନ୍ତି । ଆଧୁନିକ ସଭ୍ୟ, ସଭ୍ୟତା ଅର୍ଥାତ୍ ଶିଳ୍ପ, ନଦୀ, ଯୋଜନା ନାଁରେ ଉଚ୍ଛେଦ କରି ଅସହାୟ ଓ ବସ୍ତୁହରା କରାଯାଉଛି । ଏଣୁ ସେମାନେ ଶିକ୍ଷିତ ମଣିଷ ସଭ୍ୟତା ତଥା ସମତଳ ତଥା ଭିଟାମାଟିରୁ ଦୂରେଇଗଲେ ଏବଂ ଜଙ୍ଗଲ, ବଣ, ପାହାଡ଼, ପର୍ବତ, ନଦୀ ଉପତ୍ୟକାରେ ବସବାସ କଲେ । ଏଯାବତ୍ ବଣ୍ଡା, ଜୁଆଙ୍ଗ, ପରଜା, ପାହାଡ଼ି ଭୂୟାଁ, କନ୍ଧଙ୍କର ଜୀବନ ଜୀବିକା ଆମର ଦୃଷ୍ଟି ଆକର୍ଷଣ କରେ ।

ମାତ୍ର ସ୍ୱାଧୀନତାର ପରବର୍ତ୍ତୀ ଆଦିବାସୀ ସାନ୍ତାଳ, ଭୂୟାଁ, କିସାନ (କୋଡ଼ା, ମିର୍ଦ୍ଧା), ଓରାମ, ମୁଣ୍ଡା, ଗଣ୍ଡ, କନ୍ଧ, ବିଞ୍ଝାଲ ଆଦି କେତେକ ଗୋଷ୍ଠୀ ମଧ୍ୟରୁ ଉନ୍ନତ ଜୀବନ ଯାପନ ପାଇଁ ସଚେତନ ହୋଇଥିଲେ ମଧ୍ୟ ସେମାନଙ୍କର ସାଧାରଣ ଲୋକଙ୍କଠାରୁ ଭୟ, ସଙ୍କୋଚ, ଆତଙ୍କ ଦୂରେଇ ଯାଇନାହିଁ । ଏ ସଂପର୍କରେ ଆଲୋଚ୍ୟ ସନ୍ଦର୍ଭରେ ବିଭିନ୍ନ ଉପନ୍ୟାସ ଅନୁସରଣ କରି ସେମାନଙ୍କର ଜୀବନ ଜୀବିକା ସଂପର୍କରେ ଅନୁଧ୍ୟାନ କରାଯାଇଛି ଏବଂ ସେମାନଙ୍କ ପ୍ରତି ବିତାଡ଼ନ, ଦଳନ ଏବଂ ଅବିଚାର ବିଷୟ ଆଦି ଆମର ଉପଜୀବ୍ୟ । ତେଣୁ ଉପନ୍ୟାସରେ ଜୀବନ ଚିତ୍ର ଅବତାରଣା ପୂର୍ବରୁ ଆଦିବାସୀର ଅତୀତ ଇତିହାସ ସମ୍ୟକ୍ ଭାବରେ ଆଲୋଚନାର ପ୍ରୟାସ ମଧ୍ୟ କରିଛୁ ।

ବିଶେଷତଃ ଓଡ଼ିଆ ଉପନ୍ୟାସ, ଯେଉଁଥିରେ ପ୍ରକୃତ ଆଦିବାସୀର ଜୀବନ ଜୀବିକା ଚଳଣିର ନିଛକ ଚିତ୍ର ରହିଛି, ତାହାହିଁ ହୋଇଛି ଆଲୋଚନାର ଆଧାର । ଏହା ସହିତ ଆଦିବାସୀ ଜୀବନର ସାମାଜିକ ତଥା ମାନବିକ ମୂଲ୍ୟବୋଧ, ମୌଳିକ ବିଶ୍ୱାସ, ସଂସ୍କାର, ପାରମ୍ପରିକ ଧର୍ମ ଧାରଣାର ବିଚାର ମଧ୍ୟ ଆଲୋଚିତ । ଜୀବନର ଭୁଲ ଦିଗ ଅଛି, ଭଲ ଦିଗ ମଧ୍ୟ ଅଛି । ଭୁଲ-ଭଲ ମିଶ୍ରଣରେ ମଣିଷ ଜୀବନ ଗଢ଼ା ଏବଂ ଶାନ୍ତି, ସଂହତି ତଥା ସଂଘର୍ଷର ପ୍ରତୀକ ହେଉଛି ଜୀବନ । ଜଣେ ସଭ୍ୟ ବୋଲାଉଥିବା ବ୍ୟକ୍ତି ମଧ୍ୟ ଅକାର୍ଯ୍ୟ, କୁକାର୍ଯ୍ୟ କରିଥାଏ । ଅଥଚ ତାର ଧନ, ପଦ-ପଣ ହେତୁ ନିଜକୁ ଆର୍ଯ୍ୟ ବୋଲି ଡିଣ୍ଡିମ ବଜାଏ । ରାବଣ ଜଣେ ବିଜ୍ଞ, ପଣ୍ଡିତ ଓ ପ୍ରଭାବଶାଳୀ ରାଜା ଭାବରେ ପୁରାଣ ପ୍ରସିଦ୍ଧ ଅଥଚ ନାରୀ ଅପହରଣକାରୀ ଭାବରେ ମଧ୍ୟ ନିନ୍ଦିତ । ସେ ଥିଲା ଦୁଷ୍ଟ, ବର୍ବର ନାରକୀୟ ଜୀବନର ପ୍ରତୀକ । ଏଣୁ ସେ ଅସୁର ଭାବେ ଅଭିହିତ । କାରଣ ସେ ଆଉ ରାମ ବା ଶବର ପରି ସୁସଭ୍ୟ ମଣିଷର କାର୍ଯ୍ୟ କରିନାହିଁ । ଫଳରେ ରାମ ହେଲେ ମର୍ଯ୍ୟାଦାପୁରୁଷ, ରାବଣ ହେଲେ ଅସୁର ପୁରୁଷ । ବନବାସୀ ବାନର, ଶବରୁଣୀ, ଗୁହକ ଶବର ପ୍ରମୁଖ ଇତର ଜନ୍ମ ହେଲେ ମଧ୍ୟ ସମାଜରେ ଯୁଗେ ଯୁଗେ ସମ୍ମାନିତ, ଆଦରଣୀୟ ହୋଇ ରହିଛନ୍ତି ।

ପୁରାଣ ଯୁଗରେ ଆଦିବାସୀଙ୍କୁ ଅନାର୍ଯ୍ୟ, ଅସୁର, ନିଶାଦ ଭାବେ ନାମିତ କରାଯାଇ ଥିଲେ ମଧ୍ୟ ସେମାନଙ୍କର ସଂସ୍କୃତି, ସାମାଜିକ ଜୀବନ ଉନ୍ନତ ଥିଲା । ସେମାନଙ୍କ କୃଷି ଓ କୃଷ୍ଟି ବିଶ୍ୱ ଜୀବନକୁ ସମୃଦ୍ଧ କରିଛି । ସବୁଠାରୁ ଶ୍ରେଷ୍ଠ, ସଂସ୍କୃତି ହେଉଛି 'ଜଗନ୍ନାଥ-ଶୈବ' ଦର୍ଶନ । ଯିଏ 'ହରିହର' ରୂପ ନେଇ ଜଗତକୁ ବାନ୍ଧି ରଖିଛନ୍ତି । ଏଠି ସାନବଡ଼ର ପ୍ରଭେଦ ନାହିଁ । ମଣିଷ ଭାବେ ଆଦିବାସୀ ସମାଜ ଅନ୍ୟକୁ ଗ୍ରହଣ କରେ । 'ଡୁମା' ବା 'ପ୍ରେତାତ୍ମା' ତାର ସ୍ରଷ୍ଟା । ବଣ ପାହାଡ଼ ପ୍ରକୃତି, ଗ୍ରହ ନକ୍ଷତ୍ର, ପଶୁପକ୍ଷୀ ସେମାନଙ୍କ ଦେବତା ଏବଂ ମଣିଷ ହେଉଛି ଆତ୍ମୀୟବନ୍ଧୁ । ଅବଶ୍ୟ ସେହି ମଣିଷଠାରୁ

ନିରୀହ ଆଦିବାସୀ ଯୁଗେ ଯୁଗେ ଧୋକା ଖାଇଛି । ଆଉ ହୋଇଛି ଶୋଷିତ, ଦାସ, ସେବକ । ଫଳରେ ସେ ପାଇଛି ଲାଞ୍ଛନା । ହରାଇଛି ଧନ, ଜୀବନ ଜୀବିକା । ହୋଇଛି ସର୍ବସ୍ୱାନ୍ତ, କ୍ଷତିଗ୍ରସ୍ତ । ଆଦିବାସୀ ଜୀବନର ମଞ୍ଜୁଳ ଚିତ୍ର ତଥା ଅଶ୍ରୁଳ ରୂପ ନେଇଛି ଗୋପାଳ ବଲ୍ଲଭ ଦାସଙ୍କ 'ଭୀମା ଭୂୟାଁ' (୧୯୦୮), ଗୋପିନାଥ ମହାନ୍ତିଙ୍କ 'ପରଜା', 'ଅମୃତର ସନ୍ତାନ', 'ଦାଦୀବୁଢ଼ା', 'ଅପହଞ୍ଚ', 'ଶିବଭାଇ', କାହ୍ନୁଚରଣଙ୍କ 'ବନଗହନର ତଳେ', ବାରିଷ୍ଟର ଶ୍ରୀଗୋବିନ୍ଦ ଦାସଙ୍କ 'ଲାସ୍ଟ', ଶ୍ରୀ ଶଶିଭୂଷଣ ମହାପାତ୍ରଙ୍କ 'ଆୟା ମାର୍ଗାରେଟ୍', 'କ୍ରାନ୍ତିର ଅବବାହିକା', ଶ୍ରୀ ନାରାୟଣ ମହାପାତ୍ରଙ୍କର 'କାଡ୍ରେ ଗୋମାଙ୍ଗ', 'କାହାଣୀ ସବୁଜ ଉପତ୍ୟକାର', ଶ୍ରୀ ନେତ୍ରାନନ୍ଦଙ୍କ 'ପାହାଡ଼ି ଝରଣା', ପର୍ଶୁରାମ ମୁଣ୍ଡଙ୍କ 'ବସୁନ୍ଧରା ମାଟି' ଓ ଶ୍ରୀ ଅନାଦି ସାହୁଙ୍କ 'ମୁଣ୍ଡମେଖଳା' ଆଦି ଉପନ୍ୟାସ । ଆଦିବାସୀର ଚମକ ଓ ଅଶ୍ରୁରେ ପୂତ ପୁଷଳ ଏହି ଉପନ୍ୟାସ ଗୁଡ଼ିକ ଓଡ଼ିଆ ସାହିତ୍ୟର ଦୁର୍ମୂଲ୍ୟ ଉଜ୍ଜଳ ଓ ଚିରଭାସ୍ୱର ।

ଅନ୍ୟାନ୍ୟ ଓଡ଼ିଆ ପ୍ରକାଶିତ ଉପନ୍ୟାସ, ଯାହା ଆଦିବାସୀ ଜୀବନ ଓ ଜୀବିକାର ପୃଷ୍ଠଭୂମିକୁ କେନ୍ଦ୍ରକରି ରଚିତ ହୋଇଛି, ପୁସ୍ତକରେ ବିପୁଳ କାୟାର ଆଶଙ୍କାରେ ତାହାକୁ ଅଧ୍ୟୟନ ପରିସରଭୁକ୍ତ କରିପାରି ନାହିଁ । ମାତ୍ର ଆଦିବାସୀ ଜୀବନ ଚିତ୍ର ଅନୁଧ୍ୟାନ କଲେ ସେ ସକଳର ଭୂମିକାକୁ ହିଁ ହେୟ ମନେକରିନାହିଁ ।

ସେ ଯାହାହେଉ, ଆଦିବାସୀ ଉପନ୍ୟାସର ଜୀବନ, ସଂସ୍କୃତିଚର୍ଯ୍ୟା ପୂର୍ବରୁ ଆଦିବାସୀ ଜୀବନର ପରିଚୟ, ତାର କ୍ରମବିକାଶ ପୁରାଣ ଉପନ୍ୟାସ ଆଦିରେ ସେମାନଙ୍କର ଜୀବନ ଚିତ୍ର କିପରି ସାହିତ୍ୟର ରୂପ ନେଇଛି ତାର ସମ୍ୟକ ଆଲୋଚନା ହୋଇଛି । କାରଣ ଇତିହାସ, ଐତିହ୍ୟ ଓ ସଂସ୍କୃତିକୁ ନେଇ ଜୀବନ ଗଢ଼ିଉଠେ ଏବଂ ଅତୀତ କିପରି କ୍ଷୟ ବୃଦ୍ଧିରେ ରୂପାନ୍ତରିତ ହୁଏ ତାହା ଏହି ନିବନ୍ଧର ଆଲୋଚିତ ଅଧ୍ୟାୟ । ତାହା ବ୍ୟତୀତ ଆଦିବାସୀ ସମାଜର ଚିତ୍ର ଚରିତ୍ର କିପରି ସାହିତ୍ୟକୁ ପରିପୁଷ୍ଟ କରିଛି, ସେ ସଂପର୍କରେ ଆଲୋକପାତ କରାଯାଇଛି । ବାସ୍ତବରେ ସମାଜକୁ ନେଇ ସୃଜନଶୀଳ ସାହିତ୍ୟ ଗଢ଼ିଉଠେ । ସାହିତ୍ୟର ବାସ୍ତବତା ହିଁ ପାଠକକୁ ଚଳଚିତ୍ର ଭଳି ଅନୁପ୍ରାଣିତ କରିଥାଏ ।

ଉପନ୍ୟାସରେ କପୋଳକଳ୍ପିତ ଓ କଳ୍ପନାର ଯେତେ ପୁଟ ଦେଲେ ମଧ୍ୟ ତାହା କ୍ଷଣସ୍ଥାୟୀ, କାରଣ ବନେଇଚୁନେଇ ମଧୁର କଥା କୁହାଗଲେ ମଧ୍ୟ ଚିନ୍ତାଶୀଳ ପାଠକଙ୍କ ମଧ୍ୟରେ ତରଳ ଉପନ୍ୟାସ ବା ସାହିତ୍ୟ କୃତି ବର୍ଜନୀୟ ହୋଇଥାଏ । ମୁହୂର୍ତ୍ତକ ପାଇଁ ଆନନ୍ଦ ଦାୟକ ଉପନ୍ୟାସ ବା କାହାଣୀ ପାଠକକୁ ପ୍ରଭାବିତ କରେନାହିଁ । ସେଥିପାଇଁ ଆମର ଆଲୋଚ୍ୟ ଉପନ୍ୟାସ ଗୁଡ଼ିକରେ କଳ୍ପନା ଅପେକ୍ଷା ଆଦିବାସୀ ଜୀବନର ଚିତ୍ର ଚରିତ୍ର ନିଛକ ଭାବରେ ରୂପାୟିତ ଯାହା ଭବିଷ୍ୟତରେ ଗବେଷଣାର ଉପାଦାନ ଯୋଗାଇବ ବୋଲି ଆଶା ରଖୁଛୁ । ତାହା ସତ୍ତ୍ୱେ ଏଥିରେ ତ୍ରୁଟି ବିଚ୍ୟୁତି ଥିବାର ଆଶଙ୍କା ଏଡ଼ାଇ ହେବ ନାହିଁ ।

ଆଦିବାସୀ ଜୀବନଗାଥାର ଚିତ୍ରିତ ମହୋତ୍ସବର ଆକଳନ ପରିପ୍ରେକ୍ଷୀରେ ଏହି ଉଦ୍ଦେଶ୍ୟ ହିଁ ଜଡ଼ିତ । ଉଦ୍ଦେଶ୍ୟ ରୂପୀ ଓ ବାଣୀ ସଂପ୍ରସାରଣରେ ଏ ଉଦ୍ୟମ ସମର୍ଥ ହେଲେ ମୋର ଶ୍ରମ ସାର୍ଥକ ହେବ ।

ଡକ୍ଟର ହାଡ଼ିବନ୍ଧୁ ମିର୍ଦ୍ଧା

# ପ୍ରଥମ ପରିଚ୍ଛେଦ

## ଆଦିବାସୀ ଜୀବନର ପରିଚୟ

(କ) ପୁରାତନ ଯୁଗର ଆଦିବାସୀ ଉଦ୍ଭବ ଓ ବିକାଶ :

ଓଡ଼ିଆ ଉପନ୍ୟାସରେ ଆଦିବାସୀ ଜୀବନର ପରିଚୟ ଦେବା ପୂର୍ବରୁ ପୃଥିବୀର ଆଦିବାସୀଙ୍କର ସୃଷ୍ଟି ଓ ଜୀବନ ସଂପର୍କରେ ଏକ ସଂକ୍ଷିପ୍ତ ପରିଚୟ ଦେବା ବାଞ୍ଛନୀୟ । ୟୁରୋପରେ ପ୍ରାଗ୍‌ଐତିହାସିକ ଯୁଗରେ ବିଭିନ୍ନ ପ୍ରସ୍ତର ଯୁଗର କ୍ରମବିକାଶ ଲକ୍ଷ୍ୟ କରାଯାଉ । ଅଧୁନାତନ ଗବେଷଣା ଫଳରେ ଉଲ୍ଲେଖିତ ସିଦ୍ଧାନ୍ତର ବହୁ ତଥ୍ୟ ବର୍ତ୍ତମାନ ଉପଲବ୍ଧ କରାଯାଇଛି । ଫଳରେ ଆଦିମ ମଣିଷ ବହୁ ସଭ୍ୟତାର ସଂଘର୍ଷ ମଧ୍ୟ ଦେଇ ଆଗେଇ ଆସିଛି ଏବଂ ଆଲୋକିତ ସଭ୍ୟତାର ସ୍ପର୍ଶ ପାଇଁ ଆକାଂକ୍ଷିତ ହୋଇଛି ।

ଏହି ସଭ୍ୟତା ମଧ୍ୟରେ ଭାରତର ଉଲ୍ଲେଖନୀୟ ସଭ୍ୟତା ହେଉଛି 'ସୋହାନ୍ ସଭ୍ୟତା', 'ଖଣ୍ଡଭିଲ୍ ସଭ୍ୟତା', ସିଙ୍ଗ୍ରୋଲି ସଭ୍ୟତା' ତଥା ଓଡ଼ିଶାର 'ମୟୁରଭଞ୍ଜ ସଭ୍ୟତା' ପ୍ରଧାନ ।

ଏହି ତଥ୍ୟ ପ୍ରମାଣ ପାଇଁ କଲିକତା ବିଶ୍ୱବିଦ୍ୟାଳୟର ପ୍ରତ୍ନତତ୍ତ୍ୱ ବିଭାବ ୧୯୪୦ ଖ୍ରୀଷ୍ଟାବ୍ଦରେ ପ୍ରସ୍ତର ସଭ୍ୟତାର ଗବେଷଣା ହାତକୁ ନେଇଥିଲା । ଫଳସ୍ୱରୁପ 'କୁଲିଅଣା' (ମୟୁରଭଞ୍ଜ) ଗ୍ରାମର ଆବିଷ୍କାର ତଥ୍ୟ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ଅବଶ୍ୟ ମଧ୍ୟ ପୁରାତନ ପ୍ରସ୍ତର ଯୁଗରେ ଆଦି ମାନବ ଗୋଷ୍ଠୀ ମଧ୍ୟରେ 'ନିଓନ୍‌ଡର୍ଥାଲ୍' ଗୋଷ୍ଠୀର ନାମ ଉଲ୍ଲେଖନୀୟ । ଉକ୍ତ ଆଦି ମାନବ ଗୋଷ୍ଠୀର ଆବିର୍ଭାବ ସମ୍ଭବତଃ ୧,୧୫,୦୦୦ ବର୍ଷ ତଳର ଘଟଣା ବୋଲି ବିଖ୍ୟାତ ଜ୍ଵ ।ଶବିତ୍‌'ଫ୍ରେଡିକ୍-ଇ-ଜେନର୍' ଭୂସ୍ତର ସଂପର୍କରେ ମତ ପ୍ରକାଶ କରିଛନ୍ତି । ବହୁ ବିଶେଷଜ୍ଞ କହିଛନ୍ତି ଯେ ପୂର୍ବତନ 'ନିଅନ୍‌ଡର୍ଥାଲ' ମାନବର ଅବସ୍ଥା ଦେଇ 'ହୋମୋନିଅନ୍‌ଡର୍ଥାଲ୍' ମାନବ ଗୋଷ୍ଠୀର ସୃଷ୍ଟି ।

ଏହି କ୍ରମରେ ମାନବ ଜାତିର ବିକାଶ ଘଟିଛି । ସେହିପରି ୧୮୮୮ ମସିହାରେ ପ୍ରାଗ୍‌ଐତିହାସିକ ବିଶେଷଜ୍ଞ 'ଫଅକସ୍' ଓ 'ହାର୍ଡି' ଫ୍ରାନ୍‌ସର ପେରୁଗୁଏ ନିକଟବର୍ତ୍ତୀ 'ଗ୍ଯନ୍‌ସଲାଡ଼' ନାମକ ଗୋଟିଏ ପଲ୍ଲୀରୁ କେତେକ ଆଦିମାନବ ଗୋଷ୍ଠୀର ଅସ୍ଥି କଙ୍କାଳ ସଂଗ୍ରହ କରିଥିଲେ । ସେମାନେ ବଲ୍‌ଗା ହରିଣ ଯୁଗର ମଣିଷ ବୋଲି ପ୍ରମାଣ କରିଛନ୍ତି । ଯେହେତୁ ଆଜି ମଧ୍ୟ ଏସ୍କିମୋମାନେ ମେରୁ ଅଞ୍ଚଳରେ ବସବାସ କରୁଛନ୍ତି ସେମାନେ ମଙ୍ଗୋଲିୟ ଶ୍ରେଣୀର ଅନ୍ତର୍ଭୁକ୍ତ । ଗ୍ଯନ୍‌ସଲାଡ ମାନବ ଏସ୍କିମୋ ମାନଙ୍କ ପରି ଉଭୟ ଗୋଷ୍ଠୀ ମଧ୍ୟରେ ଶାରିରିକ ଓ ସାଂସ୍କୃତିକ ସାମଞ୍ଜସ୍ୟ ପ୍ରାୟ ସମାନ । ଏଣୁ ଡକ୍ଟର ଗୋରେଣ୍ଟଙ୍କ ମତରେ ଆଦିମାନବ ଗ୍ଯନ୍‌ସଲ୍ୟାଡ ଏସ୍କିମୋ ଅର୍ଥାତ ମଙ୍ଗୋଲିୟ ଶ୍ରେଣୀର ସର୍ବ ପ୍ରଥମ ବଂଶଧର । ଡ. ଟେସ୍‌ଟଟ୍ ମଧ୍ୟ ଏଥିରେ ଏକମତ । ପ୍ରଫେସର 'ଡାର୍ଟ ଡୁଟନ୍' 'ବ୍ରୁମାଗେଟ୍‌ସ୍' ଓ 'ମଣ୍ଟୁଗ୍ୟୁ' ପ୍ରଭୃତିଙ୍କର ଗବେଷଣାରେ ଆଦିମାନବଙ୍କର କଳା, ସଂସ୍କୃତିର ପ୍ରାମାଣିକ ତଥ୍ୟ

ଉପସ୍ଥାପିତ କରିଛନ୍ତି । ଏଣୁ ମାନବର ଉଦ୍ଭବ ଓ ବିକାଶ ଗୋଟିଏ ଦିନରେ ହୋଇନାହିଁ । ସମୟର ପରିବର୍ତ୍ତନ ସହିତ ମାନବ ସଭ୍ୟତାର ମାର୍ଜିତ ରୂପ ନେଇଛି । ଆଜି ମାନବ ଗୋଷ୍ଠୀର ସଂସ୍କୃତି ଓ ଆଧୁନିକ ଯୁଗର ସଂସ୍କୃତି ମଧ୍ୟରେ ଯଥେଷ୍ଟ ପାର୍ଥକ୍ୟ ନଥାଇପାରେ । ଯେହେତୁ ସଂସ୍କୃତିର ନୂତନ ରୂପରେଖ ବିକାଶ ମଧରେ ଗତି କରୁଛି । ସ୍ଥୂଳତଃ କହିବାକୁ ଗଲେ ସଂସ୍କୃତି ଶାଶ୍ୱତ । ମାତ୍ର, ମାନବ ଗୋଷ୍ଠୀ ମରଣଶୀଳ ।

ଆଦିମ ମଣିଷ ମଧ୍ୟରେ ଅନେକ ସଂଘର୍ଷ ସଂଗଠିତ ହୋଇଛି । ଜଣେ ଜଣକୁ ବଳବାନ୍ ଉନ୍ନତ କହି ଅନ୍ୟକୁ ଦଳିତ ପତିତ ରଖି ସେ ଏକ ଭିନ୍ନଗୋଷ୍ଠୀ ଗଠନ କରିଛି । ତେବେ ଉପରୋକ୍ତ ଐତିହାସିକଙ୍କ ମତ ଅନୁସାରେ ଆଦିବାସୀମାନଙ୍କର ବଂଶଧର କାଳକ୍ରମେ ନାନା ପଥରେ ଆସି ବିକାଶ ଲାଭ କଲେ । ଯେଉଁମାନେ ସୀମିତ ଗଣ୍ଡି ମଧ୍ୟରେ ରହିଗଲେ, ଆଦିମ ବିଚାର, ଆଚାର, ସଂସ୍କୃତି ଓ ଭାଷାର ମୂଳତତ୍ତ୍ୱରୁ ମୁକ୍ତ ହୋଇ ପାରିଲେ ନାହିଁ; ସେମାନେ ହେଲେ ଆଦିବାସୀ ।

ସେମାନଙ୍କୁ ନେଇ ଅତୀତର ସତ୍ୟ ପ୍ରକାଶ ପାଇଁ ଏବେ ସୁଦ୍ଧା ଗବେଷଣା ଚାଲିଛି । ଐତିହାସିକ କାବ୍ୟକାର, ଲେଖକ, ସଭ୍ୟ ହିନ୍ଦୁଙ୍କ ଦ୍ୱାରା ଆଦିମାନବ ତଥା ଆଦିବାସୀମାନେ ନାନା ଜାତି ଗୋଷ୍ଠୀ ଭାବରେ ଚିତ୍ରିତ ହୋଇଛନ୍ତି, ଯଥା:- ନିଷାଦ, ଶବର, ଦସ୍ୟୁ, ବେଣ୍ଟକାର, ଗିରିଜନ, ବନବାସୀ ଇତ୍ୟାଦି । ଏଣୁ ସଭ୍ୟ ଶିକ୍ଷିତ ମଣିଷ ବୈଷୟିକ ଜ୍ଞାନର ନାମ 'ନୃତତ୍ତ୍ୱ' । ଦୃଷ୍ଟାନ୍ତ ସ୍ୱରୂପ 'ମହେଞ୍ଜୋଦାରୋ' ଓ 'ହରପ୍ପା'ସଭ୍ୟତା ଉପରେ ଗବେଷଣାତ୍ମକ ପଦକ୍ଷେପ ଉଲ୍ଲେଖନୀୟ । ଉକ୍ତ ଗ୍ରାମ୍ୟ ସଭ୍ୟତା ସିନ୍ଧୁ ନଦୀର ଉଭୟ ପାର୍ଶ୍ୱରେ ଗଢ଼ିଉଠିଥିଲା ।

ଉକ୍ତ ଗ୍ରାମ ସଭ୍ୟତା, ଜନ ଜୀବନର ପ୍ରଣାଳୀ, କୃଷି, କଳା, ସଂସ୍କୃତି ଯଥା:- ମାତୃପୂଜା, ଶୈବ, ଶାକ୍ତ, ସଂସ୍କୃତି ଆଦି ଧର୍ମ ଧାରଣା ଉନ୍ନତ ସଭ୍ୟ ଜଗତ ସଂପର୍କରେ ଆଲୋକପାତ କରୁଛି । ଏହି ସଭ୍ୟତା 'ସିନ୍ଧୁ' ଓ 'ରାବୀ' ନଦୀର ଉର୍ବର ଉପତ୍ୟକାରେ ଗଢ଼ି ଉଠିଥିଲା । କୃଷି, ପଶୁପାଳନ ଓ ଉନ୍ନତ କୋଠାବାଡ଼ିର କୌଶଳ ମଧ୍ୟ ଉତ୍ତମ ରୂପେ ସେମାନେ ଶିଖି ପାରିଥିଲେ । ସେମାନେ କୌଳିକ ବ୍ୟବସାୟ ସହିତ ପାରିବାରିକ ସୁସ୍ଥ ଜୀବନ, ସାମାଜିକ ସଂଗଠନ, ଗୋଷ୍ଠୀ ଜୀବନ ତଥା ବେଶଭୂଷା କଳାର ଚରମ ସଫଳତା ହାସଲ କରିଥିଲେ । ଏପରିକି ଆଜିର ସରସ୍ୱତୀ ନଦୀକୂଳରେ ଆଷ୍ଟ୍ରିକ୍-ଦ୍ରାବିଡ଼ ମାନଙ୍କର ଉନ୍ନତ ସଭ୍ୟତା ଗଢ଼ିଉଠିଥିଲା ବୋଲି ମଧ୍ୟ ଐତିହାସିକଙ୍କର ଦୃଢ଼ ମତ ।

ଇତିହାସ ଅଧ୍ୟୟନରୁ ଜଣାଯାଏ ଯେ, ଖ୍ରୀଷ୍ଟପୂର୍ବର ଲକ୍ଷାଧିକ ବର୍ଷ ପୂର୍ବେ ଭାରତରେ ମଧ ଜନଜୀବନ ବିକାଶ ଲାଭ କରିଥିଲା । ଏହାର ପ୍ରମାଣ ହେଉଛି 'ଶୋନ୍' ସଂସ୍କୃତି ତଥା ପଞ୍ଜାବର କ୍ଷୁଦ୍ରନଦୀ ଶଯ୍ୟାରୁ ମିଳିଥିବା ଅସ୍ତ୍ରଶସ୍ତ୍ର । ଇଂଲଣ୍ଡ, ଆଫ୍ରିକା ଓ ଚୀନରୁ ମିଳିଥିବା ଅସ୍ତ୍ର ସହିତ ସାମଞ୍ଜସ୍ୟ ରହିଛି । ଭାରତରେ ମଣିଷ ତିଆରି ଅସ୍ତ୍ର ଦେଖାଯାଉନଥିଲେ ମଧ୍ୟ ଆଦିମ ମଣିଷର ଶିଳାକୃତି ଗୁଡ଼ିକ ଚୀନ, ଜାଭାର ଅନୁରୂପ କୃତି ସହିତ ଢେର ସାମଞ୍ଜସ୍ୟ ରହିଛି ।

**ଗଙ୍ଗା ସଭ୍ୟତା ଓ ତାର କ୍ରମ ବିକାଶ:-** ଇତିହାସ କହେ ଯେ 'ଗଙ୍ଗା ସଭ୍ୟତା' ହିଁ ଆଦିବାସୀ-ଅଣ ଆଦିବାସୀଙ୍କର ମିଳନ କ୍ଷେତ୍ର । ପୃଥିବୀ ପୃଷ୍ଠରେ ଗଙ୍ଗା ଉପତ୍ୟକାର ସଭ୍ୟତା ପ୍ରାଚୀନତମ ବୋଲି ଧରାଯାଏ । ପ୍ରସ୍ତର ଯୁଗର ସଭ୍ୟତା ଏକ ପ୍ରାଚୀନତମ ସଭ୍ୟତା ଯାହାର ରାଜସ୍ଥାନ ସହିତ ସମ୍ପର୍କ ରହିଥିଲା । ମାତ୍ର ୟୁରୋପର ନିଅନ୍‌ଡର୍ଥାଲ, ପ୍ଲେଟୋ ମଣିଷ ଅବଲୁପ୍ତ ହୋଇଗଲା ।

କିନ୍ତୁ 'ଶୋନ୍' ନଦୀ ତଥା 'ଗଙ୍ଗା' ଉପତ୍ୟକାର ମଣିଷ ତିଷ୍ଠି ରହିଲା । ସେମାନେ ସୁନ୍ଦର ଚିକ୍କଣ ପଥରର ଅସ୍ତ୍ରଶସ୍ତ୍ର ବ୍ୟବହାର ଶିଖିଥିଲେ । ଏହା ପ୍ରମାଣିତ । ସେମାନେ ସଭ୍ୟ ମଣିଷ ପରି ବାସ କରୁଥିଲେ । ଦ୍ରାବିଡ଼ ଭାଷା ଦୃଷ୍ଟିରୁ ବିଚାର କଲେ 'ହରପ୍ପା' ବା ଆଡପ୍ପାର ଅର୍ଥ ଘର (ଓରାମ, କିସାନ୍ ସଂପ୍ରଦାୟ ଭାଷାରେ) । ଯେଉଁମାନେ ଦ୍ରାବିଡ଼ ଗୋଷ୍ଠୀ, ସେମାନେ ଥିଲେ ଗ୍ରାମ୍ୟ ସଭ୍ୟତାର ପ୍ରଥମ ପ୍ରବର୍ତ୍ତକ । ଆଜି ମଧ୍ୟ ଭାରତର ବିଭିନ୍ନ ପ୍ରାନ୍ତରେ ରହୁଥିବା ଏହି ସଂପ୍ରଦାୟର ଲୋକେ ଧନୀ ଥିଲେ ମଧ୍ୟ ଗ୍ରାମ୍ୟ ସଭ୍ୟତାର ପ୍ରଥମ ପ୍ରବର୍ତ୍ତକ । ଆଜି ମଧ୍ୟ ଭାରତର ବିଭିନ୍ନ ପ୍ରାନ୍ତରେ ରହୁଥିବା ଏହି ସଂପ୍ରଦାୟର ଲୋକେ ଧନୀ ଥିଲେ ମଧ୍ୟ କୋଠା ନିର୍ମାଣ ନ କରି ମାଟିର ସୁନ୍ଦର ଘର ନିର୍ମାଣ କରି ରହିଥାନ୍ତି । ଯାହା ଅତୀତର ସ୍ମୃତି ଚାରଣ କରେ । ସେପରି 'ମହେଞ୍ଜୋଦାରୋ' ଅର୍ଥାତ୍ ମହାନ୍ 'ଦାରୁ' ବା ବୃକ୍ଷ । ରାବୀ ନଦୀର ଉପତ୍ୟକାରେ ମହେଞ୍ଜୋଦାରୋର ସଭ୍ୟତା ମଧ୍ୟ ଏହି ଦ୍ରାବିଡ଼ମାନଙ୍କର ଅବଦାନ । ଗବେଷକ ପ୍ରଫେସର ଏ.ଏଲ. ବାସମ୍‌ଙ୍କ ମତରେ ତତ୍‌କାଳୀନ 'ବେଲୁଚିସ୍ଥାନ' ସଭ୍ୟତା, ଇଜିପ୍ଟ ଓ ମେସୋପଟାମିୟା ସଭ୍ୟତା ସହିତ ଏହାର ସାମଞ୍ଜସ୍ୟ ଥିଲା । ତେଣୁ ହରପ୍ପା ଓ ମହେଞ୍ଜୋଦାରୋର ସଭ୍ୟତା ବିଶ୍ୱର ଅନ୍ୟାନ୍ୟ ସଭ୍ୟତା ସହିତ ସମତୁଲ ।

ହରପ୍ପା ଓ ମହେଞ୍ଜୋଦାରୋ ସଭ୍ୟତାରୁ ଆମେ ଅବଗତ ହେଉ ଯେ, ସେ ସମୟରେ ଦୁଇ ଶ୍ରେଣୀର ଲୋକ ବାସ କରୁଥିଲେ । ଦଳେ ଥିଲେ ବାଣିଜ୍ୟ ଓ କୃଷିରେ ଉନ୍ନତ । ଗୃହ ଉପକରଣ ସାଜସଜ୍ଜା ସହିତ ଧନୀପରି ଜୀବନ ଯାପନ କରୁଥିଲେ । ଅନ୍ୟ ଏକ ଦଳ ଦାସ ବା ଗରିବ ଶ୍ରମିକ ପରି ଚଳୁଥିଲେ । ଏବେ ବି ସେ ରୂପ ଏ ସମାଜରେ ଦେଖାଯାଏ । ପ୍ରଫେସର ଏ.ଏଲ୍. ବାସାଙ୍କ ମତରେ ବେଲୁଚିସ୍ଥାନ ସହିତ ଭାରତର ସୌରାଷ୍ଟ୍ର ଅଞ୍ଚଳର ଲୋକଙ୍କର ବାଣିଜ୍ୟ ସଂପର୍କ ଥିଲା । ସେମାନେ ରାଜସ୍ଥାନ ଅଞ୍ଚଳରୁ ତମ୍ବା ଆଣି କାରବାର କରୁଥିଲେ ଏବଂ ଧର୍ମ ସାହିତ୍ୟ ଦୃଷ୍ଟିରୁ ସୁମେରୁ ଓ ବେବିଲୋନ ସହିତ ସୁସଂପର୍କ ରକ୍ଷା କରିଥିଲେ । ଏହି ସଭ୍ୟତାର ଚରମ ପ୍ରତୀକ ଥିଲା ବୃକ୍ଷ ଓ ପାଷାଣ ନିର୍ମିତ ଦେବାଦେବୀଙ୍କର ପ୍ରତିମା ପୂଜା ।

ଅନେକଙ୍କ ମତ ଯେ ଆର୍ଯ୍ୟ ହିନ୍ଦୁମାନେ ଏହି ସଭ୍ୟତା ଗଢ଼ିଥିଲେ । କିନ୍ତୁ କଳାକୃତି, ପୂଜା ପାର୍ବଣ, ଶୈବ ଶାକ୍ତ ଧାରା ଓ ପରମ୍ପରା ଦୃଷ୍ଟିରୁ ବିଚାର କଲେ ଋକ୍ ବେଦର ବହୁ ପୂର୍ବରୁ ହରପ୍ପା, ମହେଞ୍ଜୋଦାରୋ ସଭ୍ୟତା ଗଢ଼ି ଉଠିଥିଲା । ଆଜିର ଦକ୍ଷିଣ ଭାରତୀୟ ଜାତି ବିଶେଷରେ ମଧ୍ୟ ତତ୍‌କାଳୀନ ପ୍ରୋଟୋ- 'ଅଷ୍ଟ୍ରୋଲଏଡସ୍' ପରମ୍ପରା ସଂଜୀବିତ ।

ସେପରି ବେଲୁଚିସ୍ଥାନରୁ 'ପାହାଡ଼ି ଲୋକମାନେ' ଯେଉଁମାନେ 'ନାଲ୍' ଓ 'ଯୋବ୍' ଅଞ୍ଚଳରେ ବସତି ସ୍ଥାପନ କରିଥିଲେ ସେମାନଙ୍କୁ 'ବ୍ରହି' କୁହାଯାଉଥିଲା । ସେମାନଙ୍କ ଉପରେ 'ଇରାନୀଏନ୍' ମାନଙ୍କର ପ୍ରଭାବ ରହିଥିଲା । ସେମାନଙ୍କର ଭାଷା ଥିଲା ମଧ୍ୟ ଦ୍ରାବିଡ଼ଏନ୍ । ସୁତରାଂ ଏଥିରୁ ପ୍ରମାଣିତ ହୁଏଯେ ହରପ୍ପା ଜନପଦ ଥିଲା ଦ୍ରାବିଡ଼ ମାନଙ୍କର । ସେମାନଙ୍କ ଉପରେ 'ଏରିଏନ୍' ବା ଆର୍ଯ୍ୟମାନେ ପ୍ରଭୁତ୍ୱ ବିସ୍ତାର ପୂର୍ବକ ଅତ୍ୟାଚାର କରିବାରୁ ଜୀବନ ରକ୍ଷା ପାଇଁ ସେମାନେ ପଳାୟନ କଲେ ଏବଂ ଦକ୍ଷିଣ ଭାରତର କର୍ଣ୍ଣାଟକ ତଥା ନର୍ମଦା ନଦୀ ଉପକଣ୍ଠରେ ବସବାସ କଲେ । ଯୁଗେ ଯୁଗେ ଦୁର୍ବଳ ଉପରେ ସବଳର ଅତ୍ୟାଚାର ଲାଗି ରହିଛି । ଫାଦର ଏଚ୍. ହରୋଙ୍କ ମତରେ ଦ୍ରାବିଡ଼ମାନେ ଯେଉଁ ଲିପି ବ୍ୟବହାର କରୁଥିଲେ ତାହା ତାମିଲ ଲିପିର ଆଦିମ ତଥା ଅନୁନ୍ନତ ଭାଷା । ଏଣୁ ଦାକ୍ଷିଣାତ୍ୟର ଲୋକମାନେ ବେଶୀ ଦିନର ନୁହନ୍ତି । ଐତିହାସିକଙ୍କ ମତରେ ସେମାନେ ଖ୍ରୀଷ୍ଟପୂର୍ବ

ପ୍ରାୟ ୫୦ ବର୍ଷ ପୂର୍ବର ଲୋକ । କିନ୍ତୁ ସିନ୍ଧୁ ଉପତ୍ୟକାର ଲୋକମାନେ ଏବେ ମଧ୍ୟ ପଶ୍ଚିମାଞ୍ଚଳରେ ରହି ପୂର୍ବ ସୂରୀଙ୍କ ସ୍ମୃତି ଚରଣ କରୁଛନ୍ତି । ଅବଶ୍ୟ ଭାରତର ଅନ୍ୟ ପ୍ରାନ୍ତକୁ ବାଦ୍ ଦିଆ ଯାଇନପାରେ । ଯେହେତୁ ରାଷ୍ଟ୍ର ଅଞ୍ଚଳରେ ତମ୍ବା ଓ ଉତ୍ତର ଭାରତର ଲୋକେ ଲୌହ ବ୍ୟବହାର ଶିଖିଥିଲେ ଯାହା ହରପ୍ପା ସଭ୍ୟତା ଦ୍ୱାରା ପ୍ରଭାବିତ ହୋଇଥିଲା । ଏହି ତଥ୍ୟ ଅଷ୍ଟ୍ରେ-ନାଗପୁର ଓ 'କୁସମ୍ବୀ' ଆଲିଗଡ଼ର ଅନତଞ୍ଜି, ଦାକ୍ଷିଣାତ୍ୟର 'ନୌଦତୋଲି' ଓ 'ନୌବସା'ରୁ ପ୍ରମାଣ ମିଳେ ହେଲେ ପ୍ରାଗ୍ ଆର୍ଯ୍ୟମାନେ ହିଁ ଦ୍ରାବିଡ଼ଏନ୍ ମାନଙ୍କୁ ପଶୁପାଳନ ଶିକ୍ଷା ଦେଇଥିଲେ । କିନ୍ତୁ ସେମାନେ କପା ଚାଷ, କୁକୁଡ଼ା ପାଳନ, ମାଟିପାତ୍ର ଓ ପଥର ପାତ୍ରର ବ୍ୟବହାର କରୁଥିଲେ । ଯାହାକି ବେଲୁଚିସ୍ଥାନର ସମସାମୟିକ । ଏଣୁ ବେଲୁଚିସ୍ଥାନର ସଂସ୍କୃତି ହରପ୍ପା ସଭ୍ୟତାକୁ ପ୍ରବେଶ କରିଥିଲା । ହରପ୍ପାବାସୀ ଘୋଡ଼ା ବ୍ୟବହାର ଶିଖି ନଥିଲେ । ଫଳରେ ଅଶ୍ୱାରୋହୀଙ୍କ ଆକ୍ରମଣ ଦ୍ୱାରା ବେଲୁଚିସ୍ଥାନ ତଥା ହରପ୍ପା ସଭ୍ୟତା ଧ୍ୱଂସ ହୋଇଛି । ଏଣୁ ହରପ୍ପା ଓ ମହେଞ୍ଜୋଦାରୋ ଆଦି ଗ୍ରାମପୁଞ୍ଜ ଖ୍ରୀଷ୍ଟପୂର୍ବ ୨୦୦୦ ବର୍ଷ ପୂର୍ବେ ଧ୍ୱଂସ ପାଇଥିଲା । ଅବଶ୍ୟ, ଆର୍ଯ୍ୟ ତଥା ବୈଦିକ ଯୁଗର ଯୁଦ୍ଧ ଦେବତା 'ଇନ୍ଦ୍ର'ଙ୍କୁ ହରପ୍ପା ସଭ୍ୟତାର ଧ୍ୱଂସକାରୀ ବୋଲି ଐତିହାସିକ ମାନେ ଦାୟୀ କରନ୍ତି । ଅର୍ଥାତ୍ ଖ୍ରୀଷ୍ଟପୂର୍ବ ୧୫୦୦ରେ ଭାରତରେ ଆର୍ଯ୍ୟମାନଙ୍କର ପ୍ରବେଶ ପୂର୍ବରୁ ଖ୍ରୀଷ୍ଟପୂର୍ବ ୨୦୦୦ ବର୍ଷ ପୂର୍ବେ ସେମାନେ ଥିଲେ ଏସିଆ ତଥା ଋଷିଆର ବାସିନ୍ଦା । ସେମାନେ ତୁର୍କୀସ୍ଥାନ ବାଟେ ପ୍ରବେଶ କରି ସିନ୍ଧୁ ସଭ୍ୟତାକୁ ବିସ୍ତାର କରିଥିଲେ । ପରିଶେଷରେ 'ଆର୍ଯ୍ୟ' ଓ 'ଦାସ' (ବା ଦସ୍ୟୁ ଆର୍ଯ୍ୟମାନଙ୍କ ଦ୍ୱାରା କଥିତ) ମାନଙ୍କର ମିଳନରେ ନୂତନ ଜାତି ଗଢ଼ି ଉଠିଥିଲା ଏବଂ ଏହି ଆକ୍ରମଣକାରୀମାନେ ଜାତି ଓ ଧର୍ମ ନିର୍ବିଶେଷରେ ବହୁ ପତ୍ନୀକ ହେବା ଫଳରେ ଦ୍ୱିଭାଷୀ ସଭ୍ୟତା ଦେଖାଦେଲା । ଏଣୁ ଆଦିବାସୀଙ୍କ ରକ୍ତ ସେମାନଙ୍କ ଧମନୀରେ ସଞ୍ଚରିତ ହୋଇଥିବା ବିଶ୍ୱାସଯୋଗ୍ୟ । ଫଳତଃ, ଭାଷା ଓ ସଂସ୍କୃତି ତଥା ବୈବାହିକ ପରମ୍ପରା ସଂଗଠିତ ଏବେ ମଧ୍ୟ ହେଉଛି । ଭାଷା, ସଂସ୍କୃତି ଏବଂ ବୈବାହିକ ପରମ୍ପରା ବିନିମୟରେ ଆର୍ଯ୍ୟ ଆର୍ଯ୍ୟେତର ସଭ୍ୟତାର ମିଶ୍ରଣ ହୋଇଛି । ଏହାର ପ୍ରମାଣ ସ୍ୱରୂପ, 'ଶିବ-ପାର୍ବତୀ' ଙ୍କ ବିବାହ, ବିଦ୍ୟାପତି-ଲଳିତା' ପ୍ରେମ ବିବାହ, 'ପରାଶର-ସତ୍ୟବତୀ' ପ୍ରଣୟ ମିଳନ ଓ ପୁରାଣ ଯୁଗର ରାଜାମାନଙ୍କ କାହାଣୀ ଏକ ନୂତନ ପିଢ଼ି ଓ ସଂସ୍କୃତି ସୃଷ୍ଟିର କାରଣ ହୋଇଛି ଏହା ନି ଃସନ୍ଦେହ ।

ଏହିପରି ଆଦିମ ଅଧିବାସୀ, ଦ୍ରାବିଡ଼ ତଥା ଆର୍ଯ୍ୟମାନଙ୍କ ମିଳିତ ବାସଭୂମି ରୂପେ ଗୃହୀତ ହୋଇ ଭାରତବର୍ଷ ଏବେ ଉନ୍ନତ ସଂସ୍କୃତି ସଂପନ୍ନ ଉପମହାଦେଶରେ ପରିଣତ ହୋଇଛି ।

ସୁତରାଂ ଆର୍ଯ୍ୟ ଆର୍ଯ୍ୟେତର ମିଳନ, ସାଂସ୍କୃତିକ ବିନିମୟ, ସାମାଜିକ ବନ୍ଧନ ହେତୁ ଭାରତୀୟ ସଭ୍ୟତାକୁ ଦେବତା, ଦାନବ ଓ ମାନବ ମାର୍ଜିତ ସଂସ୍କୃତି ସଂପନ୍ନ ରୂପ ଦେଇଥିଲେ ଏବଂ ବିଶ୍ୱ ଦରବାରକୁ ପ୍ରଭାବିତ କରିଥିଲେ ମଧ୍ୟ ଅତୀତ ଆଦିମ ମାନଙ୍କର ଆଦିମ ସଂସ୍କୃତି, ପରମ୍ପରା, ଧର୍ମ ଚେତନା ତଥା ସରଳ ବିଶ୍ୱାସର ସ୍ୱାତନ୍ତ୍ର୍ୟ ରହିଛି । ଏଥିରେ ଦ୍ୱିମତ ହେବାର ନାହିଁ ।

ଆର୍ଯ୍ୟମାନଙ୍କ ଆହରଣ, ବିଚରଣ ମଧ୍ୟରେ ଶୈବ ଶକ୍ତି ଓ ଜଗନ୍ନାଥ ସଂସ୍କୃତି ହିନ୍ଦୁ ଧର୍ମ ନାମରେ ଅନେକ ନାମିତ କରି ଅଭିନବ ରୂପ ଦେଇଥିଲେ ମଧ୍ୟ, ସତ୍ୟ ଅନୁସନ୍ଧିତ୍ସୁ, ସମାଜବିତ୍, ନୃତତ୍ତ୍ୱବିତ୍, ପୁରାଣ ଗବେଷକ ମାନଙ୍କ ମତରେ ଭାରତୀୟ ସଂସ୍କୃତିର, ପୂଜା ପାର୍ବଣ, ଧର୍ମ ଧାରଣା, ଶୈବ-ଜଗନ୍ନାଥ ସଂସ୍କୃତି ଦେବାଦେବୀଙ୍କର ମୂଳ ଉତ୍ସ ହେଉଛନ୍ତି ଆଦିବାସୀ । କାଳକ୍ରମେ ମାନବ ସମାଜ ମଧ୍ୟରେ ଜାତୀୟ ସଂହତି, ମୈତ୍ରୀ, ସଦ୍ଭାବ ବଜାୟ ରଖିବା ପାଇଁ ମହାତ୍ମା-ସନ୍ଥ ସମାଜ

ସଂସ୍କାରକ ମାନେ ମଣିଷ ସମାଜର ହିତ ଦୃଷ୍ଟିରୁ ମାନବବାଦର ବିକାଶ ଘଟାଇଲେ । ଯା ଫଳରେ ସେମାନେ ହେଲେ ରୁଦ୍ର, ବ୍ରହ୍ମା, ବିଷ୍ଣୁ, ରାମ, କୃଷ୍ଣ, କେଶବ, ବୁଦ୍ଧ, ଯୀଶୁ, ମହମ୍ମଦ, ଶଙ୍କରାଚାର୍ଯ୍ୟ, ଚୈତନ୍ୟ, ରାମକୃଷ୍ଣ, ଗାନ୍ଧୀ, ମହିମା ଗୋସାଇଁ ତଥା ଭୀମ ଭୋଇ । ମହାପୁରୁଷମାନେ ମାନବୀୟ ସଂହିତି ପ୍ରତିଷ୍ଠା ପୂର୍ବକ ବିଶ୍ୱ ଭାତୃତ୍ୱ ଲାଗି ଦୃଢ଼ପରିକର ହେଲେ ।

ବାସ୍ତବରେ 'ଦୁର୍ବଳତା ହେଉଛି ସମସ୍ତ ଅଭିଶାପର ଜନନୀ' । 'ନିୟମାତ୍ମାବଲହୀନେନ ଲଭ୍ୟଃ' । ଦୁର୍ବଳ ବ୍ୟକ୍ତି ସମ୍ମାନର ସହିତ ବଞ୍ଚିପାରେ ନାହିଁ । ସେ ଅନ୍ୟର ଦାସ ହୋଇ ରହେ । ସ୍ୱାଭିମାନ ଓ ସ୍ୱାଧୀନତା ହରାଏ । ତା ଗର୍ବ ଗୌରବ ନଷ୍ଟ ହୁଏ । କେତେକ ସବଳ ଆଦିବାସୀ ବା ଦ୍ରାବିଡ଼ମାନେ ଆର୍ଯ୍ୟମାନଙ୍କ ସହିତ ହାତ ମିଳାଇ କ୍ଷତ୍ରୀୟ, ଧନୀ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହିତ ସାଲିସ କଲେ । ଆଉ କେତେକ ଦୂରେଇ ରହି ନିଜର ସଂସ୍କୃତି, ପରମ୍ପରାର ନିଛକ ପୂଜାରୀ ସାଜି ଜୀବନ ଯାପନ କଲେ । ଅବଶ୍ୟ, ସେମାନେ ହିଁ ହେଲେ ଆଜିର ସାହିତ୍ୟ ତଥା ଗବେଷଣାର ପ୍ରଧାନ ବିଷୟବସ୍ତୁ । ସେମାନେ ନିଷାଦ, ବେଣ୍ଟକାର, ଶବର, ଦ୍ରାବିଡ଼, କିରାତ ଓ ଅନାର୍ଯ୍ୟ ଭାବରେ ପୁରାଣ ପୃଷ୍ଠାରେ ପରିଚିତ ଏବଂ ଆଜି କେତେକ ନିଜର ଜାତ୍ୟାଭିମାନ ନେଇ ନିଜକୁ ଉଚ୍ଚ ଗୋଷ୍ଠୀ ବୋଲାଇ ସେମାନଙ୍କୁ ବନବାସୀ ଜାତି କହିବାରେ କୁଣ୍ଠିତ ହେଉନାହାନ୍ତି । ଏହା ସେମାନଙ୍କର ହେୟ ମନୋଭାବ । ପୁରାଣ ଯୁଗର ଜାତିଭେଦର ମଞ୍ଜି ରୋପିତ ହେବାର ପ୍ରମାଣ ରହିଛି । ରାମାୟଣ ଓ ମହାଭାରତ ଯୁଗରେ ତାର ପ୍ରମାଣ ଯଥେଷ୍ଟ ରହିଛି । ଆଦିବାସୀ, ଦଳିତ ଭାବରେ ଉଚ୍ଚ ବର୍ଗଙ୍କ ଦ୍ୱାରା ଅତ୍ୟାଚରିତ, ଲାଞ୍ଛିତ ଏବଂ ଅବହେଳାର ଶିକାର ହୋଇ ମାନବିକ ଅଧିକାରରୁ ବଞ୍ଚିତ ହୋଇଛି । 'ସମ୍ବୁକ' ଓ 'ଏକଲବ୍ୟ', 'ଜାରା' ତାର ଜ୍ୱଳନ୍ତ ପ୍ରମାଣ । ଔପନାସିକ ଗୋପିନାଥ ମହାନ୍ତିଙ୍କ ଭାଷାରେ ଆଦିବାସୀ ହିଁ ଅଣ ଆଦିବାସୀଙ୍କ ଆଦ୍ୟ ସୋପାନ ।

ଆମେ ପୁରାଣ, ଇତିହାସରୁ ନଗର ଓ ଜନପଦ ଦୁଇଟି ସଭ୍ୟତା ବିଷୟରେ ଅବଗତ ହେଉ । ଆଦିବାସୀର ସଂସ୍କୃତି, ଚଳଣୀ, ତ୍ୟାଗ, ବୀରତ୍ୱର କାହାଣୀ ଆଦି ପୁରାଣ ଇତିହାସ କିମ୍ବଦନ୍ତୀ ତଥା ଆଜିର କାବ୍ୟକବିତା ଓ ଉପନ୍ୟାସରେ ବିଷଦ ବର୍ଣ୍ଣନା ରହିଛି । ସେମାନଙ୍କ ପ୍ରତି ହେଉଥିବା ଶୋଷଣ, ଅନ୍ୟାୟ, ପ୍ରତାରଣା, ଅବିଚାର ଦୃଷ୍ଟି ଯେତିକି ଆକର୍ଷଣ କରେ, ସେମାନଙ୍କର ଜୀବନ, ସଂସ୍କୃତିର ମହତ୍ୱ, ତ୍ୟାଗ, ବୀରତ୍ୱ, ମାନବିକତା, ଉଦାରତା, ଗୁଣ ସେତିକି ଆମକୁ ଅନୁପ୍ରାଣିତ କରେ । ସୁତରାଂ ମାନବିୟ ଚେତନାର ଉତ୍ସ ହେଉଛି ଆଦିବାସୀର ଜୀବନ ଓ ସଂସ୍କୃତି । ସେ ଗରିବ ହୋଇପାରେ ମାତ୍ର ତାର ଜୀବନ ଦର୍ଶନଧାରା ଓ ବିଚାର ମହାନ୍ ।

ଓଡ଼ିଶା ମାଟିରେ ଏହି ଆଦିବାସୀ କିପରି ବିକାଶଲାଭ କରିଛି ଏବଂ ଧନଜୀବନ ସହିତ ସାମିଲ ହୋଇ ସକୀୟ ସ୍ଥିତିକୁ ବଜାୟ ରଖିଛି ତାହା ବିଚାର୍ଯ୍ୟ । ଯୁଗ ଯୁଗ ଧରି ଆର୍ଯ୍ୟ ହିନ୍ଦୁ ସଭ୍ୟତା ଦ୍ୱାରା ମୂଳ ଆଦିବାସୀ ଅବହେଳିତ ତଥାପି ଉଦାହରଣ ସ୍ୱରୂପ ପ୍ରାଚୀନ ପ୍ରସ୍ତର ଯୁଗ ଅର୍ଥାତ ପଶ୍ଚିମ ୟୁରୋପ, ପୂର୍ବ ଇଂଲଣ୍ଡ, ତଥା ଆଫ୍ରିକା ସଭ୍ୟତା ସହିତ ଓଡ଼ିଶାର ପ୍ରାଚୀନ ସଭ୍ୟତାର ଢେର ସାମଞ୍ଜସ୍ୟ ରହିଥିବା ଜଣାଯାଏ । ଓଡ଼ିଶାର ପ୍ରାଚୀନ ସଭ୍ୟତା ଜନଜୀବନକୁ ଅମାଙ୍କାନ ଶିକ୍ଷା ମଧରେ ରକ୍ଷା କରେ । ଉତ୍କଳୀୟ ଆଦିବାସୀଙ୍କ ଜୀବନ, ଜୀବିକା, କର୍ମ ଧାରଣା, ପ୍ରବାହମାନ ହୋଇ ଆସିଛି । ତାହା

ହିଁ ଏହି ସନ୍ଦର୍ଭର ଆଲୋଚ୍ୟ ବିଷୟ । ଏହି ସଭ୍ୟତା କ୍ରମେ ବୁଢ଼ାବଳଙ୍ଗ, ବ୍ରାହ୍ମଣୀ, ମହାନଦୀ ଉପକଣ୍ଠରେ ପ୍ରସାରଲାଭ କରିଥିଲା । ଉକ୍ତ ଅଞ୍ଚଳରେ ମିଳିଥିବା ପ୍ରସ୍ତର ଯୁଗର ଅସ୍ତ୍ରଶସ୍ତ୍ରରୁ ଏହା ପ୍ରମାଣିତ ।

ବିଶେଷତଃ ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ସୁନ୍ଦରଗଡ଼, ସମ୍ବଲପୁରର ପ୍ରାଚୀନ ସଭ୍ୟତା ଅତୀତର ସ୍ମୃତିଗାନ କରୁଛି । ବାରିପଦାର କୁଳିଅଣା, ସୁନ୍ଦରଗଡ଼ର ବଣେଇ, ସମ୍ବଲପୁରର କୁଚିଣ୍ଡା, କୁଢ଼ାବଗା, ଲୁସା ଆଦି ଏହାର ପ୍ରମାଣ । ଏଣୁ ଓଡ଼ିଶାର ଆଦିବାସୀଙ୍କର ଆଦି ଭୂମି ଓଡ଼ିଶା କହିଲେ ସମୀଚୀନ ହେବ । ଡକ୍ଟର ନବୀନ କୁମାର ସାହୁଙ୍କ ମତରେ ଓଡ଼ିଶାର ଉପକୂଳ ବ୍ୟତୀତ ଏହି ଆଦିମ ଅଧିବାସୀଙ୍କର ବାସଭୂମି ପଶ୍ଚିମ ଓଡ଼ିଶା, ମଧ୍ୟପ୍ରଦେଶ ଓ ବିହାର । ଏ ଅଞ୍ଚଳରେ ଓରାମ, କିସାନ, ସାନ୍ତାଳ, ମୁଣ୍ଡା, ଶବର, କନ୍ଧ, ଭୂୟାଁ ଆଦିମ କାଳରୁ ବସବାସ କରୁଛନ୍ତି । ଏମାନଙ୍କ ଖାଦ୍ୟପେୟରେ ପାର୍ଥକ୍ୟ ନାହିଁ । ରହିଛି ପରମ୍ପରା ତଥା ନିଜସ୍ୱ ଭାଷା । ଏକଦା ପଶ୍ଚିମ ଓଡ଼ିଶା, ଛତିଶଗଡ଼,ତଥା ବିହାରର ପୂର୍ବ ଦକ୍ଷିଣ ଅଂଶ ରୂପେ ପରିଚିତ ଥିଲା । ସେ ଥିଲା ପ୍ରସ୍ତର ଯୁଗର ସଭ୍ୟତା । କ୍ରମେ ସେମାନେ ବିକାଶ ଲାଭ କଲେ । ତାର ପ୍ରମାଣ ହେଉଛି ଝାରସୁଗୁଡ଼ାର 'ବିକ୍ରମଖୋଲ' । ଏହାର ଶିଳାଲେଖ ଉନ୍ନତ ସଭ୍ୟତାର ସୂଚନା ଦେଇଥାଏ । ସମ୍ବଲପୁରର ପୂର୍ବକୁ ୪୩ କି.ମି. ଦୂରରେ ଉଷାକୋଠୀ ଦେବଗଡ଼ ଯିବା ରାସ୍ତାରେ ଅବସ୍ଥିତ । ଏହି ଉଭୟ ସ୍ଥାନ ପ୍ରାଗ୍ ଐତିହାସିକ ସଭ୍ୟତାର ସ୍ମୃତି ସ୍ୱରୁପ ବିଦ୍ୟମାନ । ଆମ ବିକ୍ରମଖୋଲର ଶିଳାଲିପି ସିନ୍ଧୁ ଅବବାହିକା ସଭ୍ୟତାର ସମକାଳୀନ । ଏହା ଖ୍ରୀ.ପୂ. ୨୦୦୦ ବର୍ଷ ପୂର୍ବେ ଖୋଦିତ ବୋଲି ଅନୁମାନ କରାଯାଏ । ପରେ ଆର୍ଯ୍ୟମାନଙ୍କ ଉଦ୍ୟମରେ ବ୍ରାହ୍ମୀ ଲିପି, ଫିନିସୀୟ ଲିପିରୁ ଉଦ୍ଭବ ହୋଇଛି । ଏହି ଲିପି ଆଦ୍ୟ ସଂସ୍କୃତିର ପ୍ରଥମ ବିକାଶ । କିନ୍ତୁ ଆଦିବାସୀଙ୍କ ଅସ୍ପଷ୍ଟ ଲିପିର 'ବିକ୍ରମଖୋଲ' (ଝାରସୁଗୁଡ଼ା) ଆବିଷ୍କାର ସହିତ ନୂତନ ସଭ୍ୟତାର ବିକାଶ କ୍ରମେ ଘଟିଛି । ଏହି ଅଞ୍ଚଳ ମୁଣ୍ଡା, ଶବର, କିସାନ, ଓରାମ ଇତ୍ୟାଦି ବନ ନଦୀ ଉପକଣ୍ଠରେ ରହୁଥିଲେ । ଓଡ଼ିଶାକୁ ଆଦିମ ମାନଙ୍କର ଦେଶ ବୋଲି ଖ୍ରୀ.ଅ. ଦ୍ୱିତୀୟ ଶତାବ୍ଦୀରେ ଚୀନ୍ ପରିବ୍ରାଜକ 'ଟଲୋମି' ସ୍ୱୀକାର କରିଛନ୍ତି ।

ସୁତରାଂ ବିଶ୍ୱର ଆଦି ସଂସ୍କୃତି ସହିତ ଭାରତ ତଥା ଓଡ଼ିଶାର ଆଦିବାସୀ ସଭ୍ୟତା ଓ ସଂସ୍କୃତିର ଏକ ଫଲ୍ଗୁ ଧାରା ଚିର ପ୍ରବହମାନ ।

୦୦୦

# ଦ୍ୱିତୀୟ ପରିଚ୍ଛେଦ

## ଭାରତର ଆଦିବାସୀ ସଂପ୍ରଦାୟ ଓ ସମସ୍ୟା

### (କ) ଭାରତୀୟ ପରିପ୍ରେକ୍ଷୀରେ ଆଦିବାସୀ ଜାତି :

ପ୍ରଥମ ପରିଚ୍ଛେଦ ଅନୁଶୀଳନରୁ ବିଶ୍ୱାସ ହୁଏ ଯେ, ଭାରତ ହିଁ ଆଦିବାସୀଙ୍କର ମୂଳ ପୀଠ। ଆଗନ୍ତୁକ ତଥା ଅନୁପ୍ରବେଶକାରୀମାନେ ବାଣିଜ୍ୟ ବ୍ୟବସାୟ କରିବା ଉଦ୍ଦେଶ୍ୟରେ ଭ୍ରମଣ କରିବାକୁ ଆସି ଭାରତରେ ଆଦିମ ସଭ୍ୟତାର ସ୍ପର୍ଶ ଲାଭ କଲେ । କାଳକ୍ରମେ ଆଦିବାସୀଙ୍କ ଉର୍ବର ଜମି, ସଭ୍ୟତା, ସଂସ୍କୃତିର ଲୋଭ ସମ୍ବରଣ କରି ନପାରି ଏ ଦେଶରେ ରହିଗଲେ । କ୍ରମେ ସେମାନଙ୍କର ଅଜ୍ଞତା, ଅଭାବ, ଦୁର୍ବଳତାର ସୁଯୋଗ ନେଇ ସେମାନଙ୍କ ଉପରେ କର୍ତ୍ତୃତ୍ୱ ଜାହିର କଲେ । ସଳ୍ପ ଜନସଂଖ୍ୟା ବିଶିଷ୍ଟ ଆଦିବାସୀ ଅଞ୍ଚଳରେ ଏହି ସୁଚତୁର ଆଗନ୍ତୁକ ମାନେ ଆସ୍ଥାନ ଜମାଇ ନେବାବେଳେ ଆଦିବାସୀମାନେ ଉଦାସୀନ ରହିଲେ । ଉଦାହରଣତଃ, ବିଲାତର ବ୍ୟବସାୟୀମାନେ ଭାରତରେ ବାଣିଜ୍ୟ କରିବା ସଙ୍ଗେ ସଙ୍ଗେ ଭାରତର ଅନେକ ଅଞ୍ଚଳ ନିୟନ୍ତ୍ରଣ କରିବା ପୂର୍ବକ ଶାସନ କରିବାର ସୁଯୋଗ ନେଇଥିଲେ । ଯେପରି ଖ୍ରୀଷ୍ଟଜନ୍ମ ବହୁ ପୂର୍ବରୁ 'ଆଗନ୍ତୁକ ଆର୍ଯ୍ୟମାନେ ଆଦିବାସୀମାନଙ୍କର ଜମି, ଅରଣ୍ୟ ସଂପତ୍ତିକୁ କୌଶଳରେ ଅଧିକାର କରିନେଲେ ଏବଂ ଜନଜୀବନ ମଧ ବିପନ୍ନ କଲେ । ଅସ୍ତ୍ରଶସ୍ତ୍ରହୀନ ଆଦିବାସୀ କୁଶଳୀ ଅଣ ଆଦିବାସୀଙ୍କର ସମକକ୍ଷ ନଥିଲେ ।' ଅବଶ୍ୟ ସେମାନେ କୌଶଳହୀନ ହେଲେ ମଧ ପ୍ରତିବାଦର ଜନଚେତନା ଜାଗ୍ରତ ଥିଲା । ଯା ଫଳରେ ଏହି ଶୋଷଣ ତଥା ଅତ୍ୟାଚାରର ପ୍ରତିକ୍ରିୟା ସ୍ୱରୂପ ଶହ ଶହ ବର୍ଷ ପରେ ଖ୍ରୀ. ୧୭୭୨ରେ ପାହାଡ଼ିଆ ସିଂହଭୂମିର 'ହୋ' ଗୋଷ୍ଠୀ ସ୍ୱାଭିମାନ ରକ୍ଷା ପାଇଁ ବୈପ୍ଳବିକ ପଦକ୍ଷେପ ନେଲେ ।

୧୮୪୯ ଖ୍ରୀ.ରେ 'ସାନ୍ତାଳ' ଗୋଷ୍ଠୀ ଅଣ-ଆଦିବାସୀଙ୍କ ବିରୋଧରେ ବିଦ୍ରୋହୀ ହୋଇ ଉଠିଥିଲେ । ଏପରିକି ଭାରତର ଅନ୍ୟାନ୍ୟ ପ୍ରାନ୍ତରେ ୧୭୪୪ ଏବଂ ୧୮୫୦ ରୁ ୧୮୯୦ଖ୍ରୀ: ମଧ୍ୟରେ ଆସାମ, ନାଗାଲାଣ୍ଡ ଏବଂ ୧୯୧୨ ଖ୍ରୀ:ରେ ହୋର୍ ତଥା ଓଡ଼ିଶାର ଭୂୟାଁ,କନ୍ଧ ଓ ଗଣ୍ଡ, ୧୮୧୩ ରୁ ୧୮୬୨ଖ୍ରୀ: ସମ୍ବଲପୁରରେ ସୁରେନ୍ଦ୍ର ସାଏ ନେତୃତ୍ୱରେ 'ଉଲଗୁଲାନ', ୧୯୦୦ ଖ୍ରୀ: ଆଡ଼କୁ ରାଞ୍ଚି ଅଞ୍ଚଳର 'ବିର୍ସାମୁଣ୍ଡା' ଓ ଆଦିବାସୀ ନେତାମାନଙ୍କର ବିଭିନ୍ନ ଅଞ୍ଚଳରେ ଶାନ୍ତି ଏବଂ ସ୍ୱାଧୀନତା ତଥା ଜମି-ଜଙ୍ଗଲର ରକ୍ଷା ପାଇଁ ସଂଗ୍ରାମ ତେଜି ଉଠିଥିଲା । ସଭ୍ୟ-ଶିକ୍ଷିତ ଲୁଣ୍ଠନକାରୀ ଆଧୁନିକ ମଣିଷ ସବୁବେଳେ ଅସହାୟ ନିରୀହ ଆଦିବାସୀଙ୍କୁ ବିପନ୍ନ କରିଆସିଛି । ମଣିଷ ହିଁ ମଣିଷକୁ ଶୋଷଣ ଓ ପ୍ରତାରିତ କରିବାରେ ଲାଗିଛି । ଏହି ନୀତି ଯୋଗୁଁ ଆଦିବାସୀ ଜନଜୀବନ କ୍ଷତ-ବିକ୍ଷତ, ଶୋଷିତ, ନିଷ୍ପେଷିତ ଓ ପ୍ରତାରିତ କରିବାରେ ଲାଗିଛି । ଏଣୁ ସେମାନେ ନବ ଅତୀତ ସଭ୍ୟତାର ସମୃଦ୍ଧି-ଗୌରବ, ସଂସ୍କୃତି-ସୌରଭ ହରାଇ ସର୍ବହରା ହୋଇ ପଡ଼ିଛନ୍ତି ଯୁଗେ ଯୁଗେ । ଏହି ଦୟନୀୟ ଅବସ୍ଥା କାହାକୁ ଅଛପା ନୁହେଁ । ସାଧୀନ ଯୁଗରେ ବି ମୁଣ୍ଡ ଟେକିଲେ ଅଣଆଦିବାସୀ-ଅମଲାତନ୍ତ୍ରର ପ୍ରହାରରେ ଜର୍ଜରିତ ତାଙ୍କ ଜୀବନ-ଜୀବିକା ।

(ଖ) ୨-ଭାରତର ଜନସଂଖ୍ୟା :

୧୯୭୧ ଖ୍ରୀଷ୍ଟାବ୍ଦରେ ଭାରତର ଜନଗଣନା ଅନୁସାରେ ଭାରତର ଲୋକସଂଖ୍ୟା ଥିଲା ୫୪ କୋଟି ୮୦ ଲକ୍ଷ । ଆଦିବାସୀ ଥିଲେ ପ୍ରାୟ ୪ କୋଟି । ସେମାନେ ପ୍ରାୟ ୪୨୭ ଗୋଷ୍ଠୀରେ ବିଭକ୍ତ ଥିଲେ । ସ୍ୱାଧୀନତା ପରଠାରୁ ଆଦିବାସୀ ସମାଜକୁ ସମ୍ବିଧାନରେ ତଫସିଲଭୁକ୍ତ ଉପଜାତି ନାମରେ ନାମିତ କରାଯାଇଛି ।ମଣିଷ ସଭ୍ୟତାର ଇତିହାସରେ ଏହି ଆଦିମ ସମାଜଟି ଆଜିର ସମାଜର ପ୍ରତିଷ୍ଠାତା ଏବଂ ଆଦି ସଭ୍ୟତାର ପୃଷ୍ଠପୋଷକ ଓ ଉଦ୍‌ଗାତା । ଅନେକ ସମୟରେ ଉନ୍ନତ ସମାଜର ଏକାନ୍ତିବାଦୀ ଆଲୋଚକ, ଆଦିମ ବା ପ୍ରିମିଟିଭ୍ ଶବ୍ଦଟିକୁ ଏକ ଅନାଦର ବ୍ୟଞ୍ଜନାର ସହିତ ଗ୍ରହଣ କରିଥାନ୍ତି । ସେହି ଅର୍ଥରେ ହିଁ ଆମେ ତାକୁ ଆଦିମ ସମାଜ ବୋଲି କହିଥାଉ । ଆପଣାର ଚଉବାଡ଼ ଭିତରେ ପ୍ରତ୍ୟେକ ଆଦିବାସୀ ସମାଜରେ ଆପଣାର ଏକ 'ଅର୍ଥନୀତି' ଆଦର୍ଶ ରହିଛି । ରହିଛି ଏକ ପରିଶାସନ । ରହିଛି ସମାଜ ସମ୍ବନ୍ଧିତ ପରିବନ୍ଧି ମଧ୍ୟ ।

ଏହା ହିଁ ଆଦିବାସୀ ଜାତି ଓ ସଂପ୍ରଦାୟର ମୂଳକଥା । ଭାରତର ସମଗ୍ର ଜନସଂଖ୍ୟାର ୬.୯୩ ଶତାଂଶ ହେଉଛନ୍ତି ଆଦିବାସୀ । ସେମାନେ ଅନୁନ୍ନତ ହୋଇ ମଧ୍ୟ ପ୍ରକୃତିକୁ ଜୟ ନକରି ପ୍ରକୃତି ମଧ୍ୟରେ ଜୀବନ ବିତାଇ ଥାଆନ୍ତି । ଆଦିବାସୀ ଗବେଷକ ଡ. ଭେରିୟର୍ ଏଲ୍‌ୱିନ୍‌ଙ୍କ ମତରେ ଯୁଗ ଯୁଗ ଧରି ପ୍ରକୃତି ଅର୍ଥାତ୍ ପରିବେଶ ହିଁ ଆଦିବାସୀ ଜୀବନର ଶାସକ । ସେମାନେ ପ୍ରକୃତି ଉପରେ ନିର୍ଭରଶୀଳ । ଆଧୁନିକ ସମାଜର ଜଟିଳ ଶ୍ରମପଦ୍ଧତି, ଆଦିବାସୀ ସମାଜରେ ପ୍ରାୟ ଦେଖିବାକୁ ମିଳେନାହିଁ । ଯିଏ ଯେଉଁ କାର୍ଯ୍ୟପାଇଁ ଯୋଗ୍ୟ ହୁଏ, ସିଏ ସେହି କାର୍ଯ୍ୟ କରେ । ଶ୍ରମ କାହାର ବଂଶଗତ କାର୍ଯ୍ୟ ନୁହେଁ ।

(ଗ) ଭାରତର ସ୍ୱାଧୀନତା ଓ ପରବର୍ତ୍ତୀ ଆଦିବାସୀ ଜୀବନ :

୧୯୪୭ ଖ୍ରୀଷ୍ଟାବ୍ଦ ଭାରତର ସ୍ୱାଧୀନତାର ପରବର୍ତ୍ତୀ କାଳରେ ଆଦିବାସୀ ମାନଙ୍କୁ ସ୍ୱତନ୍ତ୍ର ଗୋଷ୍ଠୀଭୁକ୍ତ କରାଗଲା । ଯେଉଁମାନେ ନିର୍ଦ୍ଦିଷ୍ଟ ପରିସର, ଭାଷା, ସଂସ୍କୃତି ତଥା ସାମାଜିକ ପ୍ରଥାରେ ସଂପୃକ୍ତ ରହିଲେ ସେମାନଙ୍କୁ ତଫସିଲଭୁକ୍ତ ଉପଜାତି କୁହାଗଲା । ୧୯୬୧ ଜନଗଣନା ଅନୁସାରେ ସମଗ୍ର ଭାରତ ଏହିପରି ୬୩୦ ପ୍ରକାର ଆଦିବାସୀ ଗୋଷ୍ଠୀ ରହିଥିବାର କଥା କୁହାଯାଇଛି ମାତ୍ର ସମ୍ବିଧାନର ୩୪୨ ଧାରା ଅନୁସାରେ ୨୧୨ଟି ଆଦିବାସୀଙ୍କୁ ଶ୍ରେଣୀଭୁକ୍ତ କରାଯାଇଛି । ଡ. ଏସ୍. ପି. ଗୁହା, ଏମାନଙ୍କୁ ଚାରୋଟି ଜାତିଭାବେ ବିଭକ୍ତି କରିଛନ୍ତି । ଯଥା :- (୧) ନିଗ୍ରୋଏଟ୍ (୨) ପ୍ରୋଟୋଅଷ୍ଟ୍ରାଲଏଡ୍ (୩) ମଙ୍ଗୋଲଅଡ୍, (୪) ନିରୋଡିକ୍ । ଆଣ୍ଡାମାନ ଦୀପପୁଞ୍ଜରେ ଏ ଯାବତ ନିଗ୍ରୋଏଟ୍ ମାନେ ବାସ କରୁଛନ୍ତି । ପ୍ରୋଟୋଅଷ୍ଟଲଏଡ୍, ସଂପ୍ରଦାୟର ଅନ୍ତର୍ଭୁକ୍ତ ଗୋଷ୍ଠୀ ହେଉଛନ୍ତି ଗଣ୍ଡ ଭିଲ୍ (ଶବର), ସାନ୍ତାଳ, ଓରାମ୍, ଚେଞ୍ଚୁ, କାଦର ଇତ୍ୟାଦି । ଉତ୍ତର ପୂର୍ବାଞ୍ଚଳରେ ମଙ୍ଗୋଲଏଡ଼ ଅର୍ଥାତ ନାଗା, ଖାସ, ଗୋରା, ଗିନର, ମିଜୋ, ଗାଫ୍‌ଲା, ଲେପ୍‌ଚା ଆଦି ଜାତି ଏବଂ କେରଳର ନୀଳଗିରି ଅଞ୍ଚଳରେ ଆରେଡ଼ି, ଟୋଡୋ ଆଦିବାସୀ ଗୋଷ୍ଠୀ ବାସ କରୁଛନ୍ତି । ଏମାନଙ୍କ ମଧ୍ୟରେ ପ୍ରଥା, ପରମ୍ପରାର ସାମଞ୍ଜସ୍ୟ ଥିଲେ ସୁଦ୍ଧା, ଚଳଣି ଆଦି ଆଞ୍ଚଳିକ ଭେଦରେ ସେମାନେ ପରସ୍ପରଠାରୁ ଭିନ୍ନ । ମାତ୍ର ସେମାନଙ୍କର ଜୀବନଯାପନ ପ୍ରଣାଳୀ ଓ ଅର୍ଥନୈତିକ ଅବସ୍ଥା ସମାନ ।

(ଘ) ଓଡ଼ିଶାର ଆଦିବାସୀ:-

ଏମାନଙ୍କୁ ସମ୍ବିଧାନରେ ଗୋଟଏ ତଫସିଲ ଭୁକ୍ତ ସଂପ୍ରଦାୟ ଭାବେ ପରିଚିତ କରାଗଲା । ମାତ୍ର ବାସ୍ତବରେ ଆଦିବାସୀ ଏକ ନୃତାତ୍ତ୍ୱିକ ଶବ୍ଦ ନୁହେଁ । ଏହା ଏକ ସାଧାରଣ ବ୍ୟବହୃତ ଶବ୍ଦ । ତେବେ ବୃହତ୍ତମ ସମାଜ ଭିତରେ ଅପେକ୍ଷାକୃତ କ୍ଷୁଦ୍ର ସଂପ୍ରଦାୟ ଓ ଗୋଷ୍ଠୀ ହିସାବରେ ଥିବା ଏହି ତଫସିଲଭୁକ୍ତ ଜାତିର ସମଗ୍ର ଜନଗୋଷ୍ଠୀକୁ ଆମେ ଆଦିବାସୀ ବୋଲି କହୁଁ। ଓଡ଼ିଶାରେ ଏହି ଧରଣର ୬୨ ପ୍ରକାର ସଂପ୍ରଦାୟ ଅଛନ୍ତି (୧୯୮୧) (ଅନ୍ୟତ୍ର ସ୍ଥାନିତ) । କହିବା ବାହୁଲ୍ୟ, ସେମାନଙ୍କର ସଂଖ୍ୟା, ଭୌତିକ, ସଂସ୍କୃତି, ଜୀବନଧାରଣ ମାନ, ସାହିତ୍ୟ ଓ ମୂଲ୍ୟବୋଧ ଇତ୍ୟାଦି ପରସ୍ପରଠାରୁ ବେଶ୍ ପୃଥକ୍। ପ୍ରକାରାନ୍ତେ ସେମାନେ ଭାରତ ବର୍ଷର ଅନ୍ୟାନ୍ୟ ବିଭିନ୍ନ ଅଞ୍ଚଳରେ ମଧ ରହିଛନ୍ତି । ସୁତରାଂ ଭାରତୀୟ ଆଦିବାସୀ ଜୀବନର ସାମଗ୍ରିକ ବିଚାର କଲେ ପରସ୍ପର ମଧ୍ୟରେ ସାମ୍ୟ ରହିଛି । ମାତ୍ର ସାଧାରଣ ଲୋକ ବିଚାରରେ ସମ୍ବିଧାନରେ ଆଦିବାସୀ ଶବ୍ଦର ବିଶ୍ଳେଷଣ ନଥାଇପାରେ । ସେମାନେ ସମ୍ବିଧାନର ୩୪୨ ଧାରାରେ ତଫସିଲଭୁକ୍ତ ଉପଜାତି ଭାବେ ସ୍ୱୀକୃତ । ଏହି ମାନଙ୍କୁ ସାମାଜିକ ଅନ୍ୟାୟ ଓ ଶୋଷଣରୁ ରକ୍ଷା କରିବା ପାଇଁ ଭାରତୀୟ ସମ୍ବିଧାନର ୪୬ ଧାରାରେ ବ୍ୟବସ୍ଥା ରହିଛି । ଆଦିବାସୀ ଭାବେ ଏମାନଙ୍କର ନାମକରଣରୁ ସୂଚିତ ହୁଏ ଯେ ଆଦ୍ୟରୁ ଏହି ଭାରତୀୟ ମାଟିରେ ଅଧିବାସୀ ଥିଲେ । ପରେ ଆଗନ୍ତୁକ ମାନଙ୍କଠାରୁ 'ଆଦିବାସୀ' ଶବ୍ଦ ପ୍ରୟୋଗ ହୋଇ ସେମାନଙ୍କୁ ଦୃଢ଼ ସ୍ୱୀକୃତି ଦେଇଛନ୍ତି । ମାତ୍ର ପୁରାଣ ଆଦିରେ ଏମାନଙ୍କର ପ୍ରସଙ୍ଗରେ 'ଆଦିବାସୀ' ପରିବର୍ତ୍ତେ ନିଷାଦ, ଶବର, ଜାରା, ଦସ୍ୟୁ, ବାନର, ଅସୁର ନାମିତ ଗୋଷ୍ଠୀ ବା ଜାତି ଭାବେ ପରିଚୟ ଦେଇଛନ୍ତି । ଯାହା ହେୟ ନ୍ୟୁନ ମନର ଅଭିବ୍ୟକ୍ତି ବୋଲି ଗ୍ରହଣ କରାଯାଏ । କାରଣ ମାନବକୁ ମାନବ ଭାବେ ଗ୍ରହଣ କରିବାକୁ ସଙ୍କଳ ବ୍ୟକ୍ତି ସମୂହ କୁଣ୍ଠିତ । ଏହା ହିଁ ଆଶ୍ଚର୍ଯ୍ୟ । ମଣିଷ ଯଦି ମଣିଷକୁ ଛୁଇଁ ଜାତି ଚାଲିଯାଏ ବୋଲି ଯଦି ଧାରଣା ସୃଷ୍ଟି ହୁଏ ଏହାଠାରୁ ମାରାତ୍ମକ ଭୁଲ କଣ ଥାଇପାରେ ? ବ୍ୟକ୍ତିଗତ ପ୍ରଭାବ ଓ ସୁବିଧା ପାଇଁ ଏପରି ଛୁଆଁ ଅଛୁଆଁ ମନୋଭାବ ମନୁଷ୍ୟକୃତ ।

(ଙ) ଓଡ଼ିଶାର ଆଦିବାସୀଙ୍କ ପରିଚୟ :-

ଇତିହାସ ପ୍ରାରମ୍ଭିକ କାଳରୁ ଓଡ଼ିଶା ଆଦିମ ଅଧିବାସୀ ମାନଙ୍କର ଥିଲା ଜନ୍ମଭୂମି । କଳିଙ୍ଗ, ଉଡ୍ର, ଉତ୍କଳ ଜାତିର ଲୋକେ ଏ ଅଞ୍ଚଳରେ ଥିଲେ ଆଦିମ ଅଧିବାସୀ । ସେମାନଙ୍କ ନାମ ଅନୁସାରେ କଳିଙ୍ଗ, ଉଡ୍ର, ଉତ୍କଳ, ଆଦି ରାଜ୍ୟ ସୃଷ୍ଟି ହୋଇଛି । କେତେକ ଐତିହାସିକଙ୍କ ମତରେ ଏହି ନାମ ପଛରେ ଆଦିବାସୀମାନଙ୍କର ପ୍ରଭାବ ନିହିତ । ଏଣୁ 'ଉଡ୍ର'ରୁ ଓଡ଼ିଶା ନାମକରଣ ଯଥାର୍ଥ । ଉଡ୍ର ଅର୍ଥ ଚାଷୀ ଏବଂ ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ।

ପୁଣି ପୁଲିନ୍ଦ, ଶବର, ମୁଣ୍ଡା ଆଦି ସଂପ୍ରଦାୟ ବା ଗୋଷ୍ଠୀ ଯୁଗ ଯୁଗ ଧରି ଓଡ଼ିଶାରେ ରହି ଆସୁଛନ୍ତି । 'ସାରଳା' ମହାଭାରତରୁ ଜଣାପଡ଼େ ଯେ କଳିଙ୍ଗ ମାଟିରେ ବୀର ଯୋଦ୍ଧା ଶବର 'କଳିଙ୍ଗ ସେନା' ମହାଭାରତ ଯୁଦ୍ଧରେ କୌରବମାନଙ୍କୁ ସାହାଯ୍ୟ କରିଥିଲେ ।

ବୌଦ୍ଧଯାନ ଧର୍ମସୂତ୍ରରୁ (ଖ୍ରୀ.ପୂ. ୧ମ ଶତାବ୍ଦୀ)ରୁ ଅବଗତ ହେଉ ଯେ ପୁଣ୍ଡ୍ର, ବଙ୍ଗ, କଳିଙ୍ଗ ଦେଶକୁ ଯେଉଁମାନେ ଆସୁଥିଲେ ସେମାନଙ୍କୁ ପରୋଷ୍ଟୋମ, ସର୍ବ ପୃଷ୍ଠା ଆଦି ଯଜ୍ଞ କରି ପାପ କ୍ଷାଳନ କରିବାକୁ ପଡୁଥିଲା । ତତ୍କାଳୀନ ଆର୍ଯ୍ୟମାନେ କଳିଙ୍ଗକୁ ମ୍ଲେଚ୍ଛ ଦେଶ ଆଖ୍ୟା ଦେଇ ଘୃଣା କରୁଥିଲେ । ଏଥିରୁ ସ୍ପଷ୍ଟ ଧାରଣା ଜାତ ହୁଏ ଯେ ଓଡ଼ିଶାରେ ଆଦିବାସୀ ସଭ୍ୟତା-ସଂସ୍କୃତି ହିଁ ପ୍ରତିଷ୍ଠିତ ଥିଲା । ଆର୍ଯ୍ୟମାନେ ଆଦିବାସୀଙ୍କୁ ହୀନ ଚକ୍ଷୁରେ ଦେଖୁଥିଲେ । ଏମାନେ ହିଁ ଥିଲେ ଉତ୍ତମାନ୍ନ-ଆର୍ଯ୍ୟ ମାନଙ୍କର ଘୃଣିତ । କାଳକ୍ରମେ ଆର୍ଯ୍ୟ-ଆର୍ଯ୍ୟେତର ମାନଙ୍କର ହୋଇଛି ମିଳନ । ସଂସ୍କୃତି ନେଇଛି ଅଭିନବ ରୂପ । ଯାହା ଆଜି ଜଗନ୍ନାଥ ସଂସ୍କୃତି ରୂପେ ଅଭିହିତ । ଜାତି-ଧନ-ସଂସ୍କୃତି ପରସ୍ପର ମଧ୍ୟରେ ସେମାନଙ୍କର ସମାନତା ଆସିଛି । ଆଜି ମଧ୍ୟ ଆଦିବାସୀଙ୍କର ଅତୀତ ପରମ୍ପରା ଚଳଣୀ ରହିଛି । ଦେଖା ଶିକ୍ଷା ଯୋଗୁଁ ପରିବର୍ତ୍ତନ ହେଉଛି, କ୍ରମେ ଆର୍ଯ୍ୟ ଆର୍ଯ୍ୟେତର ମଧ୍ୟରେ ବିଭେଦ-ପ୍ରଭେଦ ମୂଳୋତ୍ପାଟିତ ହୋଇ ସାମ୍ୟ ଆସୁଛି ।

ଓଡ଼ିଶାର ସମୁଦାୟ ଜନ ସଂଖ୍ୟାରୁ ଆଦିବାସୀ ହେଉଛନ୍ତ ୨୪% ଅଧିକ । ଓଡ଼ିଶାର ସମୁଦାୟ ୧୩ଟି ଜିଲ୍ଲାର ୧୦ଟି ଜିଲ୍ଲାରେ ଆଦିବାସୀ ଜନସଂଖ୍ୟା ଯଥେଷ୍ଟ । କଟକ, ପୁରୀ, ବାଲେଶ୍ୱରରେ ବିଶେଷତଃ ଉପକୂଳ ଅଞ୍ଚଳରେ କମ୍ ସଂଖ୍ୟକ ଆଦିବାସୀ ବସବାସ କରନ୍ତି । ଏବେ ରାଜ୍ୟ ତିରିଶଟି ଜିଲ୍ଲାରେ ବିଭକ୍ତ ହେତୁ ସେପରି ଭାବରେ ଭବିଷ୍ୟତରେ ଜନଗଣନା କରାଯିବ ।

## (ଚ) ଓଡ଼ିଶାର ଆଦିବାସୀ ଜୀବନ :-

ସରକାରୀ ହିସାବରେ ଓଡ଼ିଶାରେ ବାଷଠି ପ୍ରକାର ଆଦିବାସୀ ଗୋଷ୍ଠୀ ରହିଛନ୍ତି । ମାତ୍ର ଯଥାର୍ଥ ଭାବେ ଗବେଷଣା କଲେ ପ୍ରକାର ଭେଦ ସଂଖ୍ୟା କମିଯିବ । କାରଣ ସ୍ଥାନ-କାଳ-ପାତ୍ର ଭେଦରେ ଗୋଟିଏ ଗୋଷ୍ଠୀର ଲୋକ ବା ସଂପ୍ରଦାୟ ଭିନ୍ନ ଭିନ୍ନ ଉପନାମ ବା ବୃତ୍ତି ଭିତ୍ତିକ ହୋଇଛି ଅଥଚ ସମାନ ଚଳଣି ପରମ୍ପରା ରହିଛି । ଯେପରି କିସାନ-ମିର୍ଦ୍ଧା ଗୋଷ୍ଠୀରୁ ଦଳେ ,କୁରା ବା କୋଡ଼ା ଭାବେ ପରିଚିତ । ସେପରି ଭୂୟାଁ-ପୂରାନ, ଶବର-ସଉରା ବା ଶୁଦ୍ଧ ଶବର କନ୍ଧ-କୁଟିଆ କନ୍ଧ, ଡଙ୍ଗରିଆ କନ୍ଧ, ଦେଶିଆ କନ୍ଧ ଭାବେ ଗୋଷ୍ଠୀ ସୃଷ୍ଟି କରାଯାଇଛି । ଏଣୁ ଗୋଷ୍ଠୀଭେଦର ବୈଷମ୍ୟ ଦୂର ଅପେକ୍ଷା କରେ ଏବଂ ଭାଷା ସଂସ୍କୃତିର ସାମ୍ୟ ବିଚାରରେ ଏକ ଗୋଷ୍ଠୀ ଏକ ଶ୍ରେଣୀଭୁକ୍ତ କରିବା ସରକାରଙ୍କର କର୍ତ୍ତବ୍ୟ ଫଳରେ ୬୨ ପ୍ରକାରରୁ କମ ଗୋଷ୍ଠୀ ହିସାବ ହେବ । ଏଣୁ ଭାଷା ଓ ରୀତି ରିବାଜ ଭିତ୍ତିକ ଜନଗଣନା ହେବା ଉଚିତ ।

ସାଂପ୍ରତିକ ସ୍ୱାଧୀନୋତ୍ତର ଭାରତୀୟ ଜୀବନ ଧାରା ଓ ଆଧୁନିକ ଚେତନା ଆଦିବାସୀ ଗୋଷ୍ଠୀଙ୍କୁ ପ୍ରଭାବିତ କରୁଛି ଏବଂ ସେମାନଙ୍କୁ ଜାତୀୟ ସ୍ରୋତରେ ସାମିଲ କରିବାର ପ୍ରୟାସ ଚାଲିଛି । ଆଜିର ଆଦିବାସୀ ଖାଦ୍ୟାନ୍ୱେଷଣ ପାଇଁ କଳ କାରଖାନା ଓ ସହରୀ ସୁଯୋଗ ସୁବିଧା ପ୍ରତି ଆକୃଷ୍ଟ ହେଉଥିବାରୁ ପଲ୍ଲୀର ସେହି ବିମଳ ପ୍ରତିଛବି ଆଜି ଅବହେଳିତ ଓ ବିକୃତ ହେଉଛି । ଆଉ ନାହିଁ ଆଦିବାସୀର ସେହି ସରଳ ନିରାଡମ୍ବର ଜୀବନ । ଅଭିନବ ସଭ୍ୟତାର ବିକଟ ଚିତ୍କାର ଦ୍ୱାରା ତାହା ଦ୍ୱନ୍ଦପୂର୍ଣ୍ଣ । ସଭ୍ୟତାର ସ୍ରୋତରେ ସାମିଲ ହେବାକୁ ତତ୍ପର ହେଉଥିଲେ ମଧ୍ୟ, ଯୁଗ ଯୁଗର ସୁପ୍ତ ଓ ନିଷ୍କ୍ଷେପିତ ଜୀବନ ଉପରେ ଆଧୁନିକ ସଭ୍ୟତା ଚମକ୍ ସୃଷ୍ଟି କରିପାରୁ ନାହିଁ । ଏପରି ଏକ ନୀରବ ଓ ନିରବଚ୍ଛିନ୍ନ ଜାତିର ଆକସ୍ମିକ ପ୍ରଗତି ଓ ଉନ୍ନତି ହଠାତ୍ ଆଶା କରାଯାଇପାରେନା । ଅବଶ୍ୟ

ପୁରାଣ ଇତିହାସରୁ ଯାହା ଜଣାଯାଏ ଯେ, ଶବର ଭୂୟାଁ, ଗଣ୍ଡ, କନ୍ଧ, ବିଂଝାଲ ଆଦି ଆଦିବାସୀ ଗୋଷ୍ଠୀର ବଳଶାଳୀ ବ୍ୟକ୍ତି ରାଜା ଥିଲେ ଏବଂ ରାଜତ୍ୱ କରୁଥିଲେ । ସେମାନେ ଥିଲେ ଗୋଷ୍ଠୀର ନେତା ଓ ସର୍ଦ୍ଦାର । କାଳକ୍ରମେ ଆମ ଦେଶ ଆର୍ଯ୍ୟ ସଭ୍ୟତା ତଥା ଅନ୍ୟାନ୍ୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଭ୍ୟତାର ସଂସ୍ପର୍ଶରେ ଆସି ଅନେକ ପରିବର୍ତ୍ତନର ସ୍ତର ଅତିକ୍ରମ କରି ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ କ୍ଷେତ୍ରରେ ବିକାଶ ଲାଭ କରିଛି । ଏହା ସତ୍ୟ ହେଲେ ମଧ୍ୟ କେତେକ ବଣ୍ଡା, ପାହାଡ଼ି ଭୂୟାଁ, ପରଜା, ଲାଞ୍ଜିଆ ସଉରା ଓ ଓରାମ ଆଦି ଜନଜାତି ଆଧୁନିକ ସଭ୍ୟତାରୁ ଦୂରେଇ ରହି ପାରିପାର୍ଶ୍ୱିକ ଅବସ୍ଥା, ସ୍ଥିତି ତଥା ଅର୍ଥନୈତିକ ପ୍ରଗତିର ବହୁ ପଛରେ ପଡ଼ିଅଛନ୍ତି । ଆଦିବାସୀଙ୍କର କଷ୍ଟ ସହିଷ୍ଣୁତା ତଥା ବିପୁଳ ଦେହବଳ ଥିବା ସତ୍ତ୍ୱେ ସେମାନେ ଶାନ୍ତି ପ୍ରିୟ ଓ ଗରିବ । ଆଦିବାସୀମାନେ ନବାଗତଙ୍କର ଚତୁର ବୁଦ୍ଧି କୌଶଳ ସହିତ ସମକକ୍ଷ ହୋଇ ପାରି ନାହାନ୍ତି । ବରଂ ପ୍ରଗତିର ପ୍ରତିଯୋଗିତାରେ ଆର୍ଯ୍ୟଙ୍କ ସଂଗେ ଝଗଡ଼ା ନକରି ଉଦାସୀନ ହୋଇ ରହି ଯାଇଛନ୍ତି ।

ଯେପରି ଓରାମ ଗୋଷ୍ଠୀ ଦୁଇଭାଗ ହୋଇ ଉତ୍ତର ଓ ପୂର୍ବ ଭାରତକୁ ଚାଲିଗଲେ, ପ୍ରଥମ ଗୋଷ୍ଠୀଙ୍କ ନେତୃତ୍ୱରେ ଦଳେ ଗଙ୍ଗାର ଉତ୍ତର ଦିଗକୁ ଯାତ୍ରା କଲେ ଏବଂ 'ରାଜ ମହଲ' ପାହାଡ଼ ଅଞ୍ଚଳରେ ଆଶ୍ରୟ ନେଲେ । ମନେହୁଏ ରାଜମହଲ ତଥା ଗଙ୍ଗା ହରପ୍ପା-ମହେଞ୍ଜୋଦାରୋରୁ ଆଗତ ଛୋଟନାଗପୁର ଆଦିବାସୀ, କୃଷି ଉପରେ ନିର୍ଭର କରି ନିଜକୁ କିସାନ୍ ସଂପ୍ରଦାୟ ବୋଲାଇଲେ । ଏହି ଦୁଇ ଗୋଷ୍ଠୀଙ୍କର ଭାଷା, ପରମ୍ପରା, ରୀତିନୀତି ସମାନ । ଏଣୁ ଏମାନଙ୍କୁ ଗୋଟିଏ ଶାଖାର ଦୁଇଟି ଡାଳ କହିବା ସମୀଚୀନ । ଏହି ଉଭୟ ଦଳ ମଧ୍ୟରେ ବିବାହ ସଂପର୍କ ନଥିବାର କାରଣ ହେଉଛି ବଡ଼ଭାଇ ସାନଭାଇ ସମ୍ପର୍କ । ଗୋତ୍ର ଭେଦରେ ପରସ୍ପର ମଧ୍ୟରେ ହିଁ କେବଳ ବିବାହ ସମ୍ପାଦିତ ହୋଇଥାଏ । ଆଦିବାସୀ ଶିକ୍ଷା ବିହୀନ ଜୀବନ କଟାଉଥିଲା । ନୂତନ ମୂଲ୍ୟବୋଧକୁ ଆବିଷ୍କାର କରିବାର ସୁଯୋଗ ନେଇ ପାରୁ ନଥିଲା । ଏବେ ପରିମାର୍ଜିତ ଆଧୁନିକ ଜୀବନ ପ୍ରତି ଆକୃଷ୍ଟ ହେବାକୁ ସେମାନଙ୍କୁ ସମୟ ଲାଗୁଛି । ସେହେତୁ ଶିକ୍ଷା ସଭ୍ୟତାର ନୂତନ ପରିଚ୍ଛେଦ ତାଙ୍କ ପକ୍ଷରେ ଆଦରଣୀୟ ନ ଥିଲା । ଏହା ସତ୍ୟ ଯେ ଏବେ ଶିକ୍ଷା ସଭ୍ୟତାର ବାହ୍ୟ ଅଳଙ୍କାର ଦ୍ୱାରା ଆଚ୍ଛାଦିତ ହେଉଥିଲେ ମଧ୍ୟ ଆଦିବାସୀ ଜୀବନର ଜନ୍ମଗତ ଉଦାସୀନତା, ସରଳ ବିଶ୍ୱାସ, ମୌଳିକ ଚିନ୍ତାଧାରା ମୂଳୋତ୍ପାଟିତ ହୋଇପାରିନାହିଁ । ସତ୍ୟ ଧର୍ମ ନ୍ୟାୟର ପରମ୍ପରା ସେମାନଙ୍କଠାରେ ଲୁଚି ରହିଛି । ଜଟିଳତା, କୁଟିଳତା, ଛଳନା, କପଟ ସେମାନଙ୍କୁ ଛୁଇଁ ନାହିଁ । ଏଣୁ ସ୍ୱାଧୀନତାର ପରବର୍ତ୍ତୀ ଯୁଗରେ ସମଗ୍ର ଅନୁନ୍ନତ ଜାତିର ଉନ୍ନତି ତଥା ପ୍ରଗତି ନିମିତ୍ତ ଜାତିର ପିତା ମହାତ୍ମା ଗାନ୍ଧୀ ଓ ସମ୍ବିଧାନ କମିଟିର ଅଧ୍ୟକ୍ଷ ଡଃ ବି.ଆର୍. ଆମ୍ବେଦକର ଆଦି ଚିନ୍ତାଶୀଳ ବ୍ୟକ୍ତିଙ୍କର ବ୍ୟାକୁଳତା ଓ ଅବଦାନ ସ୍ମରଣୀୟ । ଏପରିକି ସମ୍ବିଧାନରେ ସେମାନଙ୍କୁ ଗିରିଜନ ଓ ହରିଜନ ଅପମାନ ସୂଚକ ଶବ୍ଦରେ ଅଭିହିତ କରା ନଯାଇ 'ତଫସିଲଭୁକ୍ତ' ଜାତି ଓ ଉପଜାତି ଶବ୍ଦ ଉଲ୍ଲେଖ କରି ସାମାଜିକ ଓ ସାଂସ୍କୃତିକ ତଥା ମାନବିକ ଅଧିକାର ଦିଆଯାଇଛି । ବାସ୍ତବରେ ଭାରତରେ ସ୍ୱାଧୀନତା ମାଧ୍ୟମରେ ହିଁ ଯୁଗ ଯୁଗର ଅନ୍ଧାରୀ ଶାସନରୁ ସେମାନଙ୍କୁ ମୁକ୍ତ କରିବାର ପ୍ରୟାସ ହୋଇଛି । ନଚେତ୍ ସଭ୍ୟତାର ପାଷାଣ ତଳେ ସେମାନେ ପେଷି ହୋଇ ପଡ଼ିଥାନ୍ତେ । କାରଣ ସୁବିଧାବାଦୀ ସଭ୍ୟ ମଣିଷର ଚରିତ୍ର ବଡ଼ ବିଚିତ୍ର । ମିଥ୍ୟା ଅପବାଦ ମିଥ୍ୟା ଅଭିଯୋଗ ଆଣି ସରଳ ଆଦିବାସୀର ଜୀବନକୁ ତଳିତଳାନ୍ତ କରିବାରେ ପଶ୍ଚାତ୍‌ପଦ ଏବେ ବି ହେଉନାହାନ୍ତି । ଏହାର ପ୍ରମାଣ ପୁରାଣ ଇତିହାସ ଓ ଆଧୁନିକ ଜୀବନରୁ ମିଳେ । ସେଥିପାଇଁ

ଯେଉଁ ବୀର ଦେଶପ୍ରେମୀ ଆଦିବାସୀମାନେ ଭାରତର ସ୍ୱାଧୀନତା ସଂଗ୍ରାମ ପାଇଁ ପ୍ରାଣ ବଳି ଦେଇଛନ୍ତି, ସେହି ସଂପ୍ରଦାୟର ଦାୟାଦମାନେ ସ୍ୱାଧୀନତାର ସ୍ୱାଦ ପାଇଲେ ନୂତନ ଭାରତର ପ୍ରକୃତ ଉଦୟ ହେବ । ସରକାରୀ ଯୋଜନା ଓ ଉଦ୍ୟୋଗରେ ଏହି ଚିନ୍ତନର ବାସ୍ତବାୟନରେ ସଫଳତା ମିଳିବାର ଆଶା କରାଯାଇପାରେ ।

(ଛ) ଶିକ୍ଷା ଓ ଆଦିବାସୀ ସମାଜ:-

ମିଶନାରୀ ସଭ୍ୟତା ପ୍ରତି ଆଦିବାସୀ ତଥା ଅନୁନ୍ନତ ସମାଜର କେତେକ ବ୍ୟକ୍ତି ବିଶେଷ ଆକୃଷ୍ଟ ହେବା ଫଳରେ ସେମାନେ ବୈଦେଶିକ ସଂସ୍କୃତି ସହିତ ଏକାକାର ହୋଇଗଲେ । କେତେକ ନିଜର ଧର୍ମ ପରମ୍ପରା ଠାରୁ ବିଛିନ୍ନ ହୋଇଥିଲେ ମଧ୍ୟ ଆଧୁନିକ ଶିକ୍ଷା, ସଭ୍ୟତା ସେମାନଙ୍କୁ ଗ୍ରାସ କରିନାହିଁ । ଆଦିବାସୀ ସଂସ୍କୃତି ଯେତେ ଆଲୋଚିତ ହେଉଛି ତାର ମହତ୍ତ୍ୱ ସେତେ ଫୁଟିଛି । ତାର ମୂଳ ଭିତ୍ତିକୁ କେହି ଆଚ୍ଛାଦନ କରିପାରି ନାହାନ୍ତି । ନିଜର ଜୀବନ ଓ ପରିବେଶକୁ ହୃଦୟଙ୍ଗମ କରିବା ପାଇଁ ଅବଶ୍ୟ ଶିକ୍ଷାରୁ ପ୍ରେରଣା ଆସେ ଏବଂ ନିଜ ଜାତି, ସଂସ୍କୃତି ତଥା ଦେଶ ପ୍ରତି ମମତା ଜାଗ୍ରତ କରାଏ । ପ୍ରତ୍ୟେକ ଲୋକ, ସେ ଆଦିବାସୀ ହେଉ ବା ଅଣଆଦିବାସୀ ହେଉ ତା ମଧ୍ୟରେ ଅନ୍ତର୍ନିହିତ ଶକ୍ତି ରହିଛି । ଏହି ଶକ୍ତିର ବିକାଶ ଶିକ୍ଷାର ଉଦ୍ଦେଶ୍ୟ । ଦୁର୍ଭାଗ୍ୟର ବିଷୟ ଯେ ଏହିପରି ଶିକ୍ଷା ସୁଯୋଗରୁ ଆଦିବାସୀ ବହୁ ଯୁଗ ନେଇ ବଞ୍ଚିତ ରହିଥିଲା । ମାତ୍ର ମାନବବାଦୀ ଗଣ ଚେତନା ଭିତରେ ସାର୍ବଜନୀନ ଶିକ୍ଷାକୁ ଏକ ମୌଳିକ ଅଧିକାର ଭାବେ ସ୍ୱୀକୃତି ଦେବା ବେଶୀ ଦିନର ଘଟଣା ନୁହେଁ । ଭାରତୀୟ ପରିପ୍ରେକ୍ଷୀରେ ପାଶ୍ଚାତ୍ୟ ଶିକ୍ଷାର ସଂପର୍କରୁ ଏ ଚେତନାର ଉଦ୍ଭବ ଘଟିଥିଲେ ହେଁ ବୈଦେଶିକ ଶାସନ ଶିକ୍ଷାକୁ ସାର୍ବଜନୀନ କରିବାର ପରିପନ୍ଥୀ ହେବାରେ ଅସ୍ୱାଭାବିକତା ନାହିଁ । ତେଣୁ ମିଶନାରୀମାନଙ୍କ କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ଆଦିବାସୀ ସମାଜ ଏ ଦୃଷ୍ଟିରୁ ସଂପୂର୍ଣ୍ଣ ଅବହେଳିତ ଥିଲା । ନିଜ ସଂସ୍କୃତି ଓ ଜୀବନର କୂପମଣ୍ଡୁକତା ମଧ୍ୟରେ ବୁଡ଼ିଥିଲେ ମାତ୍ର । ଅବଶ୍ୟ ସେହି ଗୋଷ୍ଠୀରୁ କେତେକ ମୁଷ୍ଟିମେୟ ବ୍ୟକ୍ତି ଐଶ୍ୱରୀୟ ଶକ୍ତି ସଂପନ୍ନ ହୋଇ ବିଦ୍ୱତାର ଗରିମା ଦେଖାଇଛନ୍ତି । ଯେପରି ଭିଲ୍ ସନ୍ତାନ ରତ୍ନାକର (ବାଲ୍ମୀକି), ମହାଭାରତରେ 'ଜାରା ଶବର'(ଏକଲବ୍ୟ) ଏବଂ ଓଡ଼ିଶାର କନ୍ଧ ପୁତ୍ର ସନ୍ଥ କବି ଭୀମ ଭୋଇ । ପ୍ରାକ୍-ସ୍ୱାଧୀନତାର ପରବର୍ତ୍ତୀ କାଳରେ ଶିକ୍ଷା ସାର୍ବଜନୀନ ରୂପ ନେଇ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ହେଲା । ସମ୍ବିଧାନର ୨୯,୩୦,୩୯ ଧାରା ଅନୁସାରେ ଅବହେଳିତମାନେ ଶିକ୍ଷିତ ହେବାର ସୁଯୋଗ ପାଉଛନ୍ତି । ସ୍ୱାଧୀନତାର ସଫଳତା ହେତୁ ବହୁ ଆଦିବାସୀ ଦଳିତ ଶିକ୍ଷିତ ହୋଇ ସମାଜର ଉନ୍ନତ ବ୍ୟକ୍ତି ଓ ଜାତି ସହିତ ସମକକ୍ଷ ହେଲେଣି । ନିଜର ଉତ୍କର୍ଷତା ପ୍ରତିପାଦନ ମଧ୍ୟ କଲେଣି । ଏହା ହିଁ ଆଧୁନିକ ସଭ୍ୟତାର ଶୁଭ ସଙ୍କେତ ।

(ଜ) ତତ୍କାଳୀନ ସାମାଜିକ ଜୀବନ ଓ ଆଦିବାସୀର ପ୍ରତିଷ୍ଠା:-

ଅବଶ୍ୟ ସମୟେର ହୋଇଛି ପରିବର୍ତ୍ତନ । କାଳକ୍ରମେ ଜାତିଆଣ, ଧର୍ମଗତ, ପରମ୍ପରାଗତ, ଦ୍ୱେଷ, ବୈଷମ୍ୟ, ଘୃଣା ଭେଦଭାବ କ୍ରମେ ଦୂରୀଭୂତ ହେଉଛି । ଏହି ଆଦିବାସୀ ସମାଜର ନାରୀ, ପୁରୁଷ, ଯୁବକ ବଡ଼ କର୍ମଠ ଓ କଷ୍ଟ ସହିଷ୍ଣୁ । ନିଜ ଶ୍ରମରେ ସେମାନେ ଗଢ଼ିଛନ୍ତି ନିଜର ସଭ୍ୟତା ।

ମୂଳରୁ ସେମାନେ ନାନା ବିଦ୍ୟା ବୁଦ୍ଧି ଓ ତନ୍ତ୍ର ମନ୍ତ୍ରର ପରାକାଷ୍ଠା ଦେଖାଇଛନ୍ତି । ବେଦ ପୁରାଣରେ ସେମାନେ ଏକ ଦୁର୍ଦ୍ଧାନ୍ତ ଜାତି ଭାବେ ବର୍ଣ୍ଣିତ । ଐତରେୟ ବ୍ରାହ୍ମଣ (୧ମ ମଣ୍ଡଳ ୧୮୩) ଏବଂ ମହାଭାରତରେ ଏମାନଙ୍କର ବିଶଦ ବର୍ଣ୍ଣନା ରହିଛି । ସେପରି ଗ୍ରୀକ୍ ପରିବ୍ରାଜକ 'ଟୋଲେମି' ଏମାନଙ୍କୁ ଶବରାଇ ବୋଲି ବର୍ଣ୍ଣନା କରିଛନ୍ତି । (୧୧) ଶବରମାନେ କୁହୁକ ବିଦ୍ୟାରେ ପାରଙ୍ଗମ ଥିଲେ । ସେମାନଙ୍କର ପ୍ରଭାବ ଓ ପ୍ରତିଷ୍ଠା କ୍ଷୁର୍ଣ୍ଣ କରିବା ଲାଗି ଆର୍ଯ୍ୟରାଜା ଗାଲମାଧବ, ପ୍ରଭୁ ନୀଳମାଧବଙ୍କୁ ନିଜର କରିବାକୁ ଚେଷ୍ଟା କଲେ । ବିଦ୍ୟାପତି ପୁରୋହିତଙ୍କ ମାଧ୍ୟମରେ ସମ୍ବାଦ ପାଇ ଶବର ମାନଙ୍କୁ ଆକ୍ରମଣ କଲେ । ଶବର ମାନେ ହେଲେ ମୃତାହତ । ରାଜା ନୀଳମାଧବଙ୍କୁ କରଗତ କଲେ । ନୀଳମାଧବ ଜଗନ୍ନାଥ ହେଲେ ରାଜାଙ୍କର ମୁଖ୍ୟ ଦେବତା ।(୧୨) ସୁତରାଂ ଶବର, କ୍ଷତ୍ରିୟ, ବ୍ରାହ୍ମଣଙ୍କର ଜଗନ୍ନାଥ ହେଲେ ମୈତ୍ରୀ ଦେବତା । ଜାତୀୟ ସଂହତି, ମାନବୀୟ ସଂସ୍କୃତିର ଚିରନ୍ତନ ପ୍ରତୀକ । ସେହି ଜଗନ୍ନାଥ ହେଲେ ବିଶ୍ୱଭ୍ରାତୃତ୍ୱର ମୂଳଧାର । ସେହି ଦିନଠୁ ବୈଷମ୍ୟ ମଧ୍ୟରେ ସାମ୍ୟର ଚିରନ୍ତନ ବାନା ଉଡୁଛି ।


୧. Stepen Fuchs, The original Tribes of India, Publication-Mac Maillian and Co. India.

୨. Dr. R.N. Mishra, The Tribals uprising 19th and 20th Century, Orissa 1980, Produce paper in Seminar, Ranchi University, Ranchi.

୩. ଚିତ୍ତ ରଞ୍ଜନ ଦାଶ: ଆଦିବାସୀ ସଂସ୍କୃତି ସ୍ୱରୂପ (ଭିତ୍ତି ପ୍ରବନ୍ଧ), ଓଡ଼ିଶା ସାହିତ୍ୟ ଏକାଡେମୀ, ରଜତ ଜୟନ୍ତୀ, ୧୯୮୨ ।

୪. Ministry of Information & Board Casting, Govt. of India, 1793, Pub-The Tribal people of India.

୫. Varier Elwime: Tribal Life of India, New Delhi, 1977.

୬. K.L. Bhowmick, Tribal India.

୭. ଡ. ସୀତାକାନ୍ତ ମହାପାତ୍ର, ଆଇ.ଏ.ଏସ୍.: ଆଦିବାସୀ ସଂସ୍କୃତି ସ୍ୱରୂପ (ଭିତ୍ତି ପ୍ରବନ୍ଧ), ପୃଷ୍ଠା ୧, ଓଡ଼ିଶା ସାହିତ୍ୟ ଏକାଡେମୀ, ରଜତ ଜୟନ୍ତୀ, ୧୯୮୨ ।

୮. N.K. Bose: Some Indian Tribes, ୧୯୭୨.

୯. ଡ. କରୁଣା ସାଗର ବେହେରା: ଓଡ଼ିଆ ସାହିତ୍ୟ ଓ ଆଦିବାସୀ ସଂସ୍କୃତି, ପୃଷ୍ଠା ୨୧, ଓଡ଼ିଆ ସାହିତ୍ୟ ଏକାଡେମୀ, ଭୁବନେଶ୍ୱର, ୧୯୮୧ ।

୧୦. S.C.Roy: Orams of Chhotnagpur and Bihar Census Report, ୧୯୧୧.

୧୧. ଶିବ ପ୍ରସାଦ ଦାଶ: ସମ୍ବଲପୁର ଇତିହାସ, ପୃଷ୍ଠା ୫

୧୨. ସୁରେନ୍ଦ୍ର ମହାନ୍ତି: ଲର୍ଡ଼ ଜଗନ୍ନାଥ, ପୃଷ୍ଠା ୮, ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୮୨, ଭୁବନେଶ୍ୱର ।


୦୦୦

# ତୃତୀୟ ପରିଚ୍ଛେଦ

# ଓଡ଼ିଆ ଇତିହାସ ଓ ଆଦିବାସୀଙ୍କର ଜୀବନଚର୍ଯ୍ୟା

## (କ) ଓଡ଼ିଶାର ଇତିହାସରେ ଆଦିବାସୀଙ୍କର ଭୂମିକା:

ପଥର ତଳୁ, ତଳି ବା ଟାରା ମୁଣ୍ଡ ଟେକିଲା ଭଳି କେତେକ ଆଦିବାସୀ ସଭ୍ୟତାର ଆଲୋକ ଆଡ଼କୁ ମୁଣ୍ଡ ଟେକୁଥିବା ବେଳେ ଏବେ ମଧ୍ୟ ବହୁ ସଂଖ୍ୟକ ଆଦିବାସୀ ପୂର୍ବ ଭଳି ଜୀବନ ଧାରଣ କରୁଛନ୍ତି । (୧) କେତେକ ପଡୋଶୀ ତଥା ଶୋଷକ ମାନଙ୍କର କବଳରେ ପଡ଼ି ବହୁ କାଳରୁ ନିଜର ଭିଟାମାଟି ହରାଇ ସାରିଛନ୍ତି । ଏମାନଙ୍କ ମଧ୍ୟରେ ଧନୀବ୍ୟକ୍ତି ପ୍ରାୟ ଦେଖାଯାନ୍ତି ନାହିଁ । କାରଣ ସେମାନେ ବର୍ତ୍ତମାନ ସର୍ବସ୍ୱ । ଉପସ୍ଥିତ ସମସ୍ୟା ସମାଧାନ କରି ଭବିଷ୍ୟତ ପାଇଁ କିଛି ସ୍ଥିର ଚିନ୍ତା କରନ୍ତି ନାହିଁ । ଅବଶ୍ୟ ସେମାନଙ୍କ ମଧରୁ କେତେକ ସମତଳରେ ବସବାସ କରି ନିଜର ସ୍ଥିତି ଓ ଉନ୍ନତିର ସ୍ଥାୟୀ ବ୍ୟବସ୍ଥା ନିଜର ବାହୁବଳରେ କରିଛନ୍ତି ।

ଗଣ୍ଡ, ବିଂଝାଲ, ଶବର, କନ୍ଧମାନଙ୍କ ମଧ୍ୟରୁ କେତେକ ରାଜା, ଜମିଦାର, ଗୌନ୍ତିଆ ଭାବେ ପ୍ରତିଷ୍ଠା ଲାଭ କରିଥିଲେ । ସେମାନେ ନିଜ ନିଜ ଶ୍ରେଣୀ ବା ଗୋଷ୍ଠୀର ସର୍ଦ୍ଦାର ବା ରାଜା ଥିଲେ, ଯାହାର ବର୍ଣ୍ଣନା 'ଭୀମାଭୂୟାଁ' ଉପନ୍ୟାସରେ ମିଳେ । (୨) କାଳକ୍ରମେ ଏପରି ସର୍ଦ୍ଦାର, ଧନୀ ପ୍ରଭାବଶାଳୀ ବ୍ୟକ୍ତିମାନେ କ୍ଷତ୍ରିୟ ରାଜବଂଶରେ ପରିଚିତ ହୋଇ ଆର୍ଯ୍ୟ ଜମିଦାର ରାଜାମାନଙ୍କ ସହିତ ହାତ ମିଳେଇ ଉନ୍ନତ ଜୀବନଯାପନ କଲେ । ସେମାନେ ଦେଶ ଜାତି ରକ୍ଷା ପାଇଁ ତ୍ୟାଗ, ସଂଗ୍ରାମ ଓ ବଳିଦାନ ମଧ୍ୟ କରିଥିଲେ । ଫଳରେ ପ୍ରଜାଙ୍କଠାରୁ ରାଜାର ପ୍ରତିଷ୍ଠା ପାଇଲେ । ତା' ବ୍ୟତୀତ ମୟୂରଭଞ୍ଜ, ବୌଦ, ବଡ଼ଖେମେଣ୍ଡି ଅଞ୍ଚଳରେ ଯେଉଁ ଭଞ୍ଜବଂଶୀ ରାଜାମାନେ ରାଜତ୍ୱ କରୁଥିଲେ ସେମାନେ ମଧ୍ୟ ଦ୍ରାବିଡ଼ ବା ଶବର ଶ୍ରେଣୀର । ଭଞ୍ଜବଂଶ ସଂପର୍କରେ ତାମ୍ରଫଳକରେ ଉଲ୍ଲେଖ ଅଛି ଯେ ସୋମନେ 'ଅଣ୍ଡଜ'ରୁ ଉଦ୍ଭବ । ଏହା ଶତ୍ରୁଭଞ୍ଜ ଦେବଙ୍କ 'ଖଣ୍ଡକ୍ଷେତ୍ର' ତାମ୍ର ଶାସନରୁ ପ୍ରମାଣିତ । ଭଞ୍ଜମାନେ କାଶ୍ୟପ ଗୋତ୍ରୀୟ, କ୍ଷତ୍ରୀୟ ହୋଇଥିବାର ଜଣାପଡ଼େ । (୩)

ପ୍ରବାଦ ଅଛି ଯେ ଭଗବାନଙ୍କ ରେତ ପୃଥିବୀରେ ପତିତ ହେବାରୁ ଡିମ୍ବରେ ପରିଣତ ହେଲା ଏବଂ ୪ ଭାଗରେ ପରିଣତ ହେଲା । ସେଥିରୁ ମଣିଷ ଜନ୍ମହେଲେ । ଡିମ୍ବର ଶ୍ୱେତସାରରୁ ପୁରନ୍ (ଭୂୟାଁ), ଜୀବ ଆବରଣରୁ 'ଶବର', ଡିମ୍ବ କୋଷରୁ 'ଖଡ଼ିଆ' ଏବଂ ରୀତ ସାରରୁ 'ଭଞ୍ଜ' ଜନ୍ମ ନେଲେ । ଏହି ଗଳ୍ପାଂଶରୁ 'ପୁରନ୍'ମାନେ ଭୂୟାଁ ଶାଖା ବୋଲି ଜଣାଯାଏ । 'ମଝିମ୍ନିକାୟ' ବୌଦ୍ଧ ଗ୍ରନ୍ଥରେ ଭୂୟାଁମାନେ 'ଉତ୍କଳ ବସର ଭୂୟାଁ' ବା ଉତ୍କଳ ବର୍ଷର ଭୂୟାଁ ନାମରେ କଥିତ ହୋଇଛନ୍ତି । (୪) ସେପରି 'ଗଣ୍ଡ'ମାନେ ସମ୍ବଲପୁର ଅଞ୍ଚଳରେ ବଡ଼ ପରାକ୍ରମୀ ଗୋଷ୍ଠୀ ଥିଲେ । ସେମାନେ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟ ପ୍ରତିଷ୍ଠା କରିଥିଲେ । ଏହି ଅଞ୍ଚଳରେ ୧୭ ଜଣ ଜମିଦାରଙ୍କ ମଧ୍ୟରୁ ୧୦ ଜଣ ଗଣ୍ଡ ଓ ୨ ଜଣ ବିଂଝାଲ ଜମିଦାର ରହିଥିବାର ପ୍ରମାଣ ରହିଛି । ଏବେ ମଧ ରାୟଗଡ଼, ଫୁଲଝର, ସାରଙ୍ଗଗଡ଼ର

ରାଜାମାନେ ଗଣ୍ଡ ସଂପ୍ରଦାୟର ବୋଲି ଚିହ୍ନିତ । (୫) କଳାହାଣ୍ଡି 'କନ୍ଧ' ରାଜତ୍ୱର ସୂଚନା ଦିଏ । 'ରାଣ୍ଡି' ରାଜା ଶଶିଭୂଷଣ ରାୟ'କିସାନ' ସଂପ୍ରଦାୟର ବ୍ୟକ୍ତି ବୋଲି ପ୍ରମାଣିତ । ପାଟଣାଗଡ଼କୁ ବିଂଝାଲ ସାମ୍ରାଜ୍ୟ ଏବଂ ଟିଟିଲାଗଡ଼ ଅଞ୍ଚଳକୁ କନ୍ଧିଆନ୍ ଅଞ୍ଚଳ କୁହାଯାଉଥିବାର ପ୍ରମାଣ ରହିଛି । ଏଣୁ ଏକଦା ଓଡ଼ିଶାର ଆଦିବାସୀମାନେ ପ୍ରଭାବଶାଳୀ ଥିଲେ । ସେମାନେ ଉନ୍ନତ ସମାଜ ଗଢ଼ି ସୁଖ ଶାନ୍ତିରେ ବସବାସ କରୁଥିଲେ । 'କାନ୍ତାରକ' ରାଜା କଳାହାଣ୍ଡି ଅଞ୍ଚଳର 'ବ୍ୟାଘ୍ର ରାଜ' ହେଉଛନ୍ତି ଜଣେ ଗଣ୍ଡ ସଂପ୍ରଦାୟର ପ୍ରଭାବଶାଳୀ ଓ ବଳବାନ ରାଜା ବୋଲି ଇତିହାସ ପ୍ରମାଣ ଦିଏ । (୬)

'ଐତିରୀୟ ବ୍ରାହ୍ମଣ' ମତରେ ଶବର, ଭୂୟାଁ, କନ୍ଧ, ଗଣ୍ଡ, ବିଂଝାଲ, ବେଣ୍ଟକାରମାନେ ଏକଦା ଶବର ଗୋଷ୍ଠୀର ଥିଲେ । ସେମାନେ କାଳକ୍ରମେ ଭିନ୍ନ ଭିନ୍ନ ଗୋଷ୍ଠୀରେ ପରିଣତ ହୋଇଛନ୍ତି । ସଂସ୍କୃତି, ଭାଷା, ସଭ୍ୟତାରୁ ଜଣାଯାଏ ଯେ ଏହି ଗୋଷ୍ଠୀ ମଧ୍ୟରେ ବୈଷମ୍ୟ ନାହିଁ । ହେଲେ ଭାରତମାଟିର ସାଧାରଣ ଆଦିବାସୀ ବର୍ଗ ଆର୍ଯ୍ୟ ପ୍ରଭାବଶାଳୀ ରାଜା, ଜମିଦାର ମାନଙ୍କ ଦ୍ୱାରା ହୀନପ୍ରଭ ହୋଇ ପଡ଼ିଲେ ଏବଂ ସେମାନଙ୍କ ଓ ଅନ୍ୟର ବରଣକାରୀ ହୋଇଗଲେ । ପାଟଣାର ରାଜା ଯିଏ ଚୌହାନ୍ ବଂଶୋଦ୍ଭବ (ରାଜପୁତ) ଥିଲେ ସିଏ ବୁଡ଼ାସମ୍ବର (ସମ୍ବଲପୁର) ପଦ୍ମପୁର ଜମିଦାରଙ୍କ ଦ୍ୱାରା 'ପାଟପିନ୍ଧି' ଗାଦିରେ ବସୁଥିଲେ । ତେଣୁ ସେମାନଙ୍କୁ 'ବରିଆ' ବା ପାଟଦାତା କୁହାଯାଉଥିଲା । ସେମାନେ ରାଜାଙ୍କୁ ବରଣ କରୁଥିବାରୁ 'ବରିଆ' ବା ବରିହା ଭାବରେ ଉପାଧି ଧାରଣ କରି ସାଧାରଣରେ ପରିଚିତ ହେଲେ । ବିଂଝାଲ ଜମିଦାରଙ୍କ ତୁଙ୍ଗତ୍ୱ ପ୍ରଖ୍ୟାପିତ ହେଉଥିଲା । (୭) ଏପରି ଭାବେ ଆଦିବାସୀ ରାଜାମାନେ ଆର୍ଯ୍ୟ ରାଜାଙ୍କର ବଶ୍ୟତା ସ୍ୱୀକାର କଲେ ।

ସମ୍ବଲପୁର ତଥା ଓଡ଼ିଶା ଇତିହାସରୁ ଜଣାଯାଏ ଯେ, ଶବର ତଥା ଭୂୟାଁମାନେ ଉତ୍ତର ଭାରତରୁ ଆସି 'ମଧ୍ୟଭାରତରେ' ପ୍ରବେଶ କଲେ ଏବଂ କ୍ରମେ ଉତ୍କଳ ତଥା ବିଶେଷତଃ ମାଳ ଅଞ୍ଚଳ ଏପରିକି ମୟୁରଭଞ୍ଜ, କେନ୍ଦୁଝର, ଗଞ୍ଜାମ ଅଞ୍ଚଳରେ ବସବାସ କଲେ । ପୁନଶ୍ଚ ବଣେଇ, ବାମଣ୍ଡା, ଗାଙ୍ଗପୁର, ସୁନ୍ଦରଗଡ଼, ପାଲଲହଡ଼ା, ଅନୁଗୁଳ ଅଞ୍ଚଳରେ ପ୍ରବେଶ କରି ରାଜାମାନଙ୍କୁ ଅଭିଷେକ କରିବାର ସୁଯୋଗ ପାଇଲେ । ପରେ ଭୂୟାଁମାନେ ସଭ୍ୟତାର ସୁଯୋଗ ନେଇ ନିଜକୁ ରାଜବଂଶୀୟ କ୍ଷତ୍ରିୟ ବୋଲି ପରିଚୟ ଦେଇଥାନ୍ତି । ସାଧାରଣରେ ସେ.ୀାନେ 'ଖଣ୍ଡାୟତ' ଭାବେ ମଧ୍ୟ ପରିଚିତ । (୮)

ଉନ୍ନତ ସମାଜର ଉଚ୍ଚନୀଚ ଦାଉରୁ ନିଜକୁ ରକ୍ଷା କରିବା ନିମିତ୍ତ ଭୂୟାଁମାନେ ନିଜକୁ ଆଦିବାସୀ କହିବାରେ କୁଣ୍ଠିତ ଥିଲେ । ମାତ୍ର ପାହାଡ଼ି ଭୂୟାଁ ଯିଏ ସାଧାରଣ ପ୍ରଜା ଏବେବି ସେହି ଅତୀତର ଆଦିମ ଅଧିବାସୀର ସ୍ମୃତିଗାନ କରୁଛି । ସୁତରାଂ ତତ୍କାଳୀନ ଆଦିବାସୀ ସଂପ୍ରଦାୟର ଇତିହାସ ଅନୁଧ୍ୟାନ କଲେ ଜଣାଯାଏ ଯେ ତହିଁରେ ଏବର ଆଦିବାସୀଙ୍କ ପରି ଉତ୍ସାହହୀନ ଚିତ୍ର ନଥିଲା । ସେମାନେ ସ୍ଥିତାବସ୍ଥାକୁ ରକ୍ଷା କରିନପାରି ଆଗନ୍ତୁକ ଆର୍ଯ୍ୟ ମାନଙ୍କର ଅତ୍ୟାଚାରର ଶିକାର ହେଲେ । କେତେକ ଏଯାଏ ଢୋକେ ପିଇ ଦଣ୍ଡେ ଜୀଇଁବା ନୀତିରେ ଚଳି ଆସୁଛନ୍ତି । ଏପରିକି ୧୯୪୭ ଯାଏ ସ୍ୱାଧୀନତାର ପୂର୍ବରୁ ବ୍ରିଟିଶ ରାଜତ୍ୱ କାଳରେ ସେମାନେ ପ୍ରପୀଡ଼ିତ ଓ କ୍ଷତିଗ୍ରସ୍ତ ହୋଇଥିଲେ । ଏଣୁ

ନିଜ ଜମି, ଜଙ୍ଗଲର ସୁରକ୍ଷା ପାଇଁ ସାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ସେଥିରେ ପ୍ରଭୂତ କ୍ଷତି ସହିଛନ୍ତି । ସାଧୀନତା ପରେ ଲୁଣ୍ଠିତ ବା ହସ୍ତାନ୍ତର ସଂପଦ ଜମି ଜଙ୍ଗଲ ଫେରିପାଇଲେ ଆଶ୍ୱସ୍ତ ହୁଅନ୍ତେ ।

## (ଖ) ଆଦିବାସୀଙ୍କ ସାମାଜିକ ଜୀବନ:-

କେତେକ ଆଦିବାସୀ ଗୋଷ୍ଠୀ ହିନ୍ଦୁ ତଥା ଖ୍ରୀଷ୍ଟିଆନ୍ ପରମ୍ପରା ଓ ଚଳଣିଠାରୁ ଦୂରେଇ ରହି ନିଜ ସଂସ୍କୃତି ଓ ପରମ୍ପରାରେ ବାନ୍ଧି ହୋଇ ରହିଲେ । ନିଜର ସାମାଜିକ ସଂଗଠନ ଗଢ଼ିଲେ । ସେମାନେ ପଡ଼ା, ପଲ୍ଲୀରେ ବାସକରି ନିଜ ସମାଜକୁ ଉଚ୍ଚସ୍ଥାନ ଦେଲେ । ଗ୍ରାମ୍ୟ ପରମ୍ପରାରେ ଗ୍ରାମ୍ୟାଧିପତି ବା ମୁଖ୍ୟ ବ୍ୟକ୍ତିଙ୍କୁ ସମ୍ମାନ ଦେଲେ । ସେମାନେ ବିଭିନ୍ନ ଗୋଷ୍ଠୀ ଓ ଶ୍ରେଣୀରେ ବିଭକ୍ତ ହୋଇ ରହିଲେ ମଧ୍ୟ ସୁସ୍ଥ ପରମ୍ପରା ବଜାୟ ରଖି ଜୀବନ ଯାପନ କରୁଥିଲେ । ଏକ ଭାଷା ଓ ଏକ ପରମ୍ପରା ସେମାନଙ୍କର ଥିଲା ଧ୍ୟେୟ । ସେମାନେ ନିଜ ବଂଶ ବା ଗୋତ୍ର ବ୍ୟତୀତ ଅନ୍ୟ ଗୋତ୍ର ସହିତ ବୈବାହିକ ସମ୍ପର୍କ ରଖିଥାନ୍ତି । କିନ୍ତୁ ସଗୋତ୍ର ମଧ୍ୟରେ ବିବାହର ପ୍ରଚଳନ ସଂପୂର୍ଣ୍ଣ ନିଷେଧ । ଏହାହିଁ ଆଦିବାସୀଙ୍କ ପରମ୍ପରା ଓ ଆଦର୍ଶ । ଉତ୍କଳର ଆଦିବାସୀମାନେ ଏ ଦୃଷ୍ଟିରୁ ଭାରତୀୟ ଧାରାର ଅନୁବର୍ତ୍ତୀ ।

## (ଗ) ପାରିବାରିକ ଜୀବନ:-

ଆଦିବାସୀ ସମାଜର ପିତା ହେଉଛି ପରିବାରର ମୁଖ୍ୟ । ମାତ୍ର ମାତାର ବିନା ସମ୍ମତିରେ କିଛି କରାଯାଇ ନପାରେ । ପତିପତ୍ନୀର ବିଚାରରେ ହିଁ ପ୍ରତିକାର୍ଯ୍ୟ ସଂପାଦିତ ହୋଇଥାଏ । ନିଜ ସମାଜ ମଧ୍ୟରେ ବୈବାହିକ ସଂପର୍କ ରଖି ସାମାଜିକ ଶୃଙ୍ଖଳା ଓ ବନ୍ଧୁତା ବଜାୟ ରଖନ୍ତି । ଫଳରେ ବିଭିନ୍ନ ଗୋତ୍ରର ବ୍ୟକ୍ତିଙ୍କୁ ନେଇ ଏକ ବୃହତର ସମାଜ ଗଢ଼ି ଉଠିଛି । ସମାଜ ହିଁ ପ୍ରତ୍ୟେକ ଗୋତ୍ର ବା ବଂଶର ଭଲ ମନ୍ଦ ନିର୍ଣ୍ଣୟ କରି ନିର୍ଦ୍ଦୋଷକୁ ପୁରସ୍କାର ଓ ଦୋଷୀକୁ ତିରସ୍କାର କରେ ବା ଦଣ୍ଡ ଦିଏ ।

ଏହାକୁ ଯେଉଁମାନେ ବିଚାର ଆଲୋଚନା କରିଥାନ୍ତି ସେମାନଙ୍କୁ ଜାତି କହେ 'ସିହାନ୍' ବା ପଞ୍ଚ । ପଞ୍ଚମାନଙ୍କୁ ନେଇ ଗଢ଼ି ଉଠିଲା 'ପଞ୍ଚାୟତ' । ସେଠାରେ ଗଣର ମତ ପ୍ରକାଶ ପାଏ । ବାସ୍ତବରେ ଆଦିମ ସମାଜ ପ୍ରଥମେ 'ପଞ୍ଚାୟତି' ସାମାଜିକ ବ୍ୟବସ୍ଥାକୁ ସମ୍ମାନ ଦେଉଥିଲା । ଏହା ହିଁ ଗଣତନ୍ତ୍ରର ପ୍ରଥମ ପାହାଚ ।

## (ଘ) ବୈଠକଖାନା ବା କ୍ଲବ ଗୃହ:-

ପ୍ରତ୍ୟେକ ଗୋଷ୍ଠୀର କେନ୍ଦ୍ରସ୍ଥଳୀ ବା ବୈଠକି ଥାଏ, ଯେଉଁଠି ସେମାନେ ଅବସର ବିନୋଦନ କରନ୍ତି । ସେଠାରେ ଆଲୋଚିତ ହୁଏ ବ୍ୟକ୍ତି, ଜାତି, ସମାଜର ନାନା ସମସ୍ୟା ହୁଏ ମୀମାଂସା । ମଣିଷ ଏକ ବୁଦ୍ଧିଜୀବୀ ପ୍ରାଣୀ । ସେ ନିରକ୍ଷର ହେଉ ବା ସାକ୍ଷର ହେଉ, ସେ ନାନା ସମସ୍ୟାର ସମ୍ମୁଖୀନ ହୋଇଥାଏ । ଏଣୁ ସେ ସମାଜର ପରାମର୍ଶ ଆବଶ୍ୟକ କରେ । ସେଥିପାଇଁ ଆବଶ୍ୟକ ହୁଏ ଏକ ମିଳନ ସ୍ଥଳୀ । ଏହାଛଡ଼ା ସମାଜର ସ୍ୱୀକୃତି ନେଇ ପ୍ରତି ଗ୍ରାମରେ ଯୁବକ ଯୁବତୀଙ୍କ ପାଇଁ ଥାଏ ସତନ୍ତ୍ର ମିଳନ ପୀଠ ବା ଡେରା ଘର । ଏହାକୁ 'ଆଧୁନିକ କ୍ଲବ' ସହ ତୁଳନା

କରାଯାଇପାରେ । ଆଜିକାଲି ଯୁବ କ୍ଲବ ବା ନାରୀ ସେବା ସଦନ ରହିଛି । ସେହିପରି ଆବହମାନ କାଳରୁ ରହିଛି ଆଦିବାସୀ ସମାଜର ଧାଙ୍ଗଡ଼ା ଓ ଧାଙ୍ଗଡ଼ୀ ବସା ବା ଘର । କେତେକ ଆଦିବାସୀ ପଲ୍ଲୀରେ ଏହାକୁ ଗୁଡ଼ି, ମଣ୍ଡାଘର ବା କୋଠିଘର, 'ଭେରାବରଣି' କହିଥାନ୍ତି । ଏଠାରେ ଏ ଗୋଷ୍ଠୀଙ୍କର ସାମାଜିକ ତଥା ସାଂସ୍କୃତିକ ଭାବ-ଭାବନାର ବିନିମୟ ଘଟେ । ଯୁବକ ଯୁବତୀ ପରସ୍ପର ପ୍ରତି ଆକର୍ଷିତ ହୋଇ ଜୀବନସାଥୀ ବାଛିବାର ସୁଯୋଗ ମଧ୍ୟ ପାଆନ୍ତି । ଏହି ପୀଠରେ ଜୀବନଧାରା ସହିତ ସାମାଜିକ ଶିକ୍ଷାର ସମ୍ବନ୍ଧ ରହିଛି । ତଥାପି ବୈବାହିକ ପ୍ରସଙ୍ଗରେ ପିତାମାତାଙ୍କର ସ୍ୱୀକୃତି ତଥା ଜାତିର ସମ୍ମତି ଲୋଡ଼ା ହୁଏ । ଉଭୟ ପକ୍ଷର ପିତାମାତାଙ୍କ ବିରୋଧ ସତ୍ତ୍ୱେ ଯୁବକ ଯୁବତୀ ଯଦି ପରସ୍ପର ରାଜି ହୋଇ ବା ସ୍ୱଇଚ୍ଛାରେ ଚାଲି ଯାଆନ୍ତି, ଏହାକୁ 'ଜାତି ଉଦୁଲିଆ' ରୀତି କହିଥାଏ । ଏହା ହିଁ ପ୍ରେମ ବିବାହ । ଅବଶ୍ୟ ପରେ ଜାତି ତାକୁ ସ୍ୱୀକୃତି ଦେଇ ସମାଜରେ ଗ୍ରହଣ କରିନିଏ । ମାତ୍ର ସମାଜର କୌଣସି ବ୍ୟକ୍ତି ବା ପରିବାର ଧର୍ମାନ୍ତର ହେଲେ ବା ଅନ୍ୟ କାରଣରୁ ନୀତିଭ୍ରଷ୍ଟ ହେଲେ କିମ୍ବା କାମପ୍ରବଣତାର ଶିକାର ହୋଇ ସଗୋତ୍ରରେ ଅବୈଧ ପ୍ରଣୟରେ ଲିପ୍ତ ଥିବାର ପ୍ରମାଣ ମିଳିଲେ, ସମାଜ ତାକୁ କ୍ଷମା ଦିଏ ନାହିଁ । ସେ ପତିତ, ଅସ୍ପୃଶ୍ୟ ଭାବେ ବିତାଡ଼ିତ ହୁଏ (ଏଥିରୁ କାଳକ୍ରମେ ବୋଧହୁଏ ଅଛୁଆଁ ବା ନିମ୍ନ ଜାତି ପ୍ରଥାର ସୃଷ୍ଟି ବୋଲି ମନେ ହୁଏ) । ପରିବାର ସେଥିଯୋଗୁଁ ଶୁଦ୍ଧ କ୍ରିୟା ସଂପାଦନ କରି ଦୋଷରୁ ମୁକ୍ତିଲାଭ କରନ୍ତି । ନଚେତ୍ ସମାଜ ବା ଜାତି ଚକ୍ଷୁରେ ଉକ୍ତ ପରିବାର ମଧ୍ୟ ଅସ୍ପୃଶ୍ୟ ତଥା ଅଶୁଦ୍ଧ ରହିଯାଏ । ବାସ୍ତବରେ ଆଦିବାସୀ ସରଳ, ନିରକ୍ଷର ହେଲେ ମଧ୍ୟ ସାମାଜିକ ଶୃଙ୍ଖଳା ଓ ସାମାଜିକ ନ୍ୟାୟକୁ କଡ଼ାକଡ଼ି ଭାବେ ମାନି ଚଳେ । ଏହି ସମାଜରେ ସତୀପ୍ରଥା, ବାଲ୍ୟବିଧବା ବା ପତିହୀନା ବିଧବା ଦେଖାଯାଏ ନାହିଁ । ଜୀବନରେ ସେମାନେ ନୂତନ ରାହା ଖୋଜନ୍ତି । ସେ ପାଶ୍ଚାତ୍ୟ ନରନାରୀଙ୍କ ଭଳି ସ୍ୱଚ୍ଛନ୍ଦ ଭାବେ ପରସ୍ପର ବାହୁକୁ ଛନ୍ଦି ନାଚନ୍ତି । ସାମାଜିକ ବାଧା, ବନ୍ଧନ ନାହିଁ । ଏହିଭଳି ଏକ ଉଦାର ମାନସିକତାରେ ସେମାନଙ୍କର ସମାଜ ଓ ଜୀବନ ମଧୁମୟ ହୋଇଉଠେ ।

ପାଶ୍ଚାତ୍ୟ ନରନାରୀ ଯେପରି କ୍ଲବ ଆଦିରେ ନୃତ୍ୟ ସଂଗୀତ ହସରେ ନିଜକୁ ହଜାଇ ଦିଅନ୍ତି ଏବଂ ପର ମୁହୂର୍ତ୍ତରେ ପରସ୍ପରକୁ ଭୁଲିଯାନ୍ତି, ଯାହା ଥାଏ ଏକ ଆନ୍ତରିକତା ବିହୀନ ଉପଚାର ମାତ୍ର କିନ୍ତୁ ଆଦିବାସୀର ଆନ୍ତରିକତା ବେଶ ଗଭୀର, ଏତେ ଖାମଖିଆଲ ନୁହେଁ । ଏଥିରେ ଭାବୁକତା ଓ ଭାବବିହ୍ୱଳତା ଭରିଥାଏ । ଦୂର ଅତିଥି ହୋଇଥିଲେ ମଧ୍ୟ ସେହି ମୁହୂର୍ତ୍ତର ନାଚଗୀତ ହସଖୁସି ଆଳାପ ଆଲୋଚନାରେ ମସ୍‌ଗୁଲ ହୁଏ ଏବଂ କ୍ରମେ ଭାବୀ ଜୀବନର ପାଥେୟ ହୋଇଥାଏ । ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ ମତରେ, "ଭାବିଲେ ଲାଗିବ ଯେ, ଚଇତି ପର୍ବ ବେଳେ କନ୍ଧ ଗାଆଁମାନଙ୍କରେ ଯେଉଁ ଦୃଶ୍ୟ ସେ ଦେଖେ ଏ ଦୃଶ୍ୟ ମୂଳତଃ ପ୍ରାୟ ସେହିପରି । ସେହିପରି ବେଶଭୂଷା, ଅସମ୍ଭାଳ ସ୍ତ୍ରୀ ପୁରୁଷ, ସେହିପରି ମଉଜ ପାଇଁ ଉନ୍ମତ୍ତ । ନାଚରେ ଓ ନାଚର ବାଗରେ ବି ସେହିପରି ସାଦୃଶ୍ୟ ଦିଶିଯାଏ । ସେମାନେ ଧୂଙ୍ଗିଆ ଶୋଷନ୍ତି । ଏମାନେ ଚୁରୁଟ୍‌କି ସିଗାରେଟ୍ । ସେମାନଙ୍କର ମଦ ଲାଉତୁମ୍ବାରୁ କି ଠେକିରୁ ଅଜଡ଼ା ହୁଏ । ଏମାନଙ୍କ ମଦ ଆସେ ବୋତଲରୁ । ସେମାନଙ୍କ

ସ୍ତ୍ରୀଲୋକ, ଅଣ୍ଟା ଉପରେ ଦେହର ଉପର ଅଧିକରେ ସାନ ଖଣ୍ଡେ ଗୁଡ଼େଇଥାଏ, ଏମାନଙ୍କ ସ୍ତ୍ରୀଲୋକ ସେହିପରି କାନ୍ଧ, ପିଠି ଖୋଲା, ଛାତି ଉପରେ ସାନକରି ଖଣ୍ଡେ ଥାଏ କି ନଥାଏ । କିନ୍ତୁ ତଫାତ୍ ବି ଆଖିରେ ପଡ଼େ । କନ୍ଧଗ ନାଚ ଉନ୍ନତ ନ ହେଲେ ବି ସେ ତା ଜୀବନର ସହଜ ପ୍ରକ୍ରିୟା । ସେଥିରେ ସ୍ୱାଭାବିକତା ଓ ସରଳତା ଥାଏ । ଏଇଠି ଯେ ଜାଣି ଶୁଣି ସହଜ, ଟାଣି ଓଟାରି ହୋଇ ଲୋକ ଗୀତିରେ ନୂଆ ପ୍ରକାର ହୁଏ । ସେଠି ସେ କେବଳ କେତେକ ବିଶିଷ୍ଟ ବୟସର ସ୍ତ୍ରୀ ପୁରୁଷ, ଆବଦ୍ଧ, କେବଳ ଧାଙ୍ଗଡ଼ା, ଧାଙ୍ଗଡ଼ି, ଏଠି ଷାଠିଏ ବର୍ଷର ବୁଢ଼ାବି ଧାଙ୍ଗଡ଼ା ହେବାକୁ ଚେଷ୍ଟା କରେ,ସେଠି ସେହି ମଉଜର ପରିଣତି ହୁଏ ବିବାହରେ, ଜୀବନ ସଂଗୀ ବାଛିବାର ପ୍ରକରଣର ସେ ଅଙ୍ଗ । ଏଠି ଠିକ୍ ତାର ଓଲଟା, ଏ ନାଚରେ ମଣିଷ ବିବାହର ଘେର ଭାଙ୍ଗେ ।"

ଅନ୍ୟ କଥାରେ ସେଠାରେ ଉପଭୋଗରେ ବି ରହିଛି ଉପଭୋଗର ସ୍ୱାର୍ଥ, – ତହିଁରୁ ଲାଭ ଉଠାଇବାର ଲକ୍ଷ୍ୟ, କିନ୍ତୁ ଆଦିବାସୀର ଉପଭୋଗ ଉଦ୍ୟମ ଏକ ସରଳ ଓ ସ୍ୱାଭାବିକ ସ୍ୱାର୍ଥରହିତ ଜୀବନ ଧର୍ମ ।

ଆଦିବାସୀର ଯୌନ ଜୀବନ ଶୃଙ୍ଖଳିତ । ମାତ୍ର ଗୀତ ଓ ନାଚ ସେମାନଙ୍କ ପାଇଁ ଜୀବନର ଉତ୍ସ । ଏଣୁ ଧାଙ୍ଗଡ଼ା, ଧାଙ୍ଗଡ଼ୀଙ୍କ ପାଇଁ ସ୍ୱତନ୍ତ୍ର କୋଠି ବା ବସା ଥାଏ । ଯେଉଁଠି ସନ୍ଧ୍ୟାରେ ସେମାନଙ୍କର ହୁଏ ସମାବେଶ । ଯୁବକ ଯୁବତୀ ମାନଙ୍କ ସ୍ୱତନ୍ତ୍ର ବସା ସେଇଠି । ସେମାନେ ଭାବି ଜୀବନର କଳ୍ପନା କରନ୍ତି । ଏପରି ବସାକୁ ପରଜା କହେ 'ଧାଙ୍ଗଡ଼ା ଧାଙ୍ଗଡ଼ୀ', ଓରାମ କହେ 'ଯହଁ ଆଡ଼୍ପା' (ଯୁବଗୃହ), ପେଲ୍ଲ ଆଡ଼୍ପା (ଯୁବତୀ ଗୃହ), ବଣ୍ଡା କହେ 'ଇଙ୍ଗର୍ ସନ୍ (ଧାଙ୍ଗଡ଼ା ବସା) ଓ ସେଲ୍ନି ଡ଼ିଙ୍ଗୋ (ଧାଙ୍ଗଡ଼ି ବସା)। ସେପରି ମଧ୍ୟ ପ୍ରଦେଶର ମୁରିଆ ଆଦିବାସୀ ମାନଙ୍କର 'ଘୋଟୁଲ୍'ବସା । ଏହାଛଡ଼ା ଆଦିବାସୀ ଗୋଷ୍ଠୀର ବିଭିନ୍ନ ବୟସର ବ୍ୟକ୍ତିଙ୍କ ପାଇଁ ଅଲଗା ବୈଠକୀ ରହିଛି । ବୟସ୍କ ମାନଙ୍କ ପାଇଁ ରହିଛି ମଣ୍ଡପ, ଭେରାମଣ, ଚକାପଥର । ଏଗୁଡ଼ିକ ଆଧୁନିକ ଯୁଗର ଯୁବକ ସଂଘ ଓ ମହିଳା ସଂଘ ଅନୁରୂପ । ଯେଉଁଠାରେ ପଞ୍ଚାୟତ, ରାଜନୈତିକ କାର୍ଯ୍ୟକ୍ରମର ମୂଳଭିତ୍ତି ପଡ଼ିଥାଏ ।

କେହି କେହି 'ଘୋଟୁଲ' ବା ଗୃହକୁ ଆଦିବାସୀ ଜନଜୀବନର ଯୌନଶିକ୍ଷା କେନ୍ଦ୍ର ଭାବେ ଗ୍ରହଣ କରିଥାନ୍ତି । ମାତ୍ର ଅନ୍ୟ କେତେକଙ୍କ ମତରେ ଏହି ସ୍ୱତନ୍ତ୍ର ଗୃହ ହିଁ ସ୍ଥିର ପ୍ରେମ ଓ ଦାମ୍ପତ୍ୟ ଜୀବନୋଚିତ ମହନୀୟ ଚିନ୍ତା ଓ ଚେତନାର ଉତ୍ସସ୍ଥଳ । (୧୦) ଏହା ବ୍ୟତୀତ ଅନ୍ୟ ପ୍ରକାର ମଣ୍ଡପ ବା ସ୍ୱତନ୍ତ୍ର ଗୃହ ମଧ୍ୟ ଥାଏ । ଯଥା -ଶୌରା ବା ଶବର ମାନଙ୍କର 'ଗୃହ', କିସାନ୍ ମାନଙ୍କର 'ଡେରା' ବା ଆଖଡ଼ା ଗୃହ । ଏହା ଗ୍ରାମର ବୟୋବୃଦ୍ଧ ମାନଙ୍କର ଚିନ୍ତା ଯୋଜନାର ସ୍ଥଳୀ । ଏଠାରେ ମୁଖିଆମାନେ ସାମାଜିକ ତଥା ପାରମ୍ପରିକ ନୀତିନିୟମ, କାନୁନ୍ ଆଲୋଚନା କରି ସମାଧାନର ଉପାୟ ବାହାର କରନ୍ତି । ଏହା ଓଡ଼ିଆ ଗ୍ରାମର 'ଭାଗବତ ଟୁଙ୍ଗୀ' ବା ଗୁଡ଼ି ମନ୍ଦିର ଭଳି ବ୍ୟବହୃତ ହୁଏ । ବେଳେବେଳେ ଏ ଗୃହ ଗୁଡ଼ିକ ଅଣ-ଆଦିବାସୀ ଅତିଥି ସାଧୁ, ସନ୍ଥ, ଅଧିକାରୀମାନଙ୍କ ପାଇଁ ମଧ୍ୟ ବ୍ୟବହୃତ ହୋଇଥାଏ । ସେମାନେ ସେଠାରେ କିଛି ସମୟ, ଦିନ ପାଇଁ ଆଶ୍ରୟ ନେଇଥାନ୍ତି, ମାତ୍ର ସ୍ଥାୟୀ ଆଶ୍ରୟ ନେଇପାରେ ନାହିଁ । ଆଦିବାସୀମାନେ ସମୂହ ଭାବେ ସେମାନଙ୍କର ଅତିଥି ଚର୍ଚ୍ଚା କରିବାର ଏବଂ ସମ୍ମାନ ଦେବାର ସୁଯୋଗ ନିଅନ୍ତି । ମିର୍ଦ୍ଧା, ସିହାନ୍, ଅମାତ୍ୟ, ପାହାନ୍, ଦିଶାରୀ,

ଯାନୀ, ପେଦା, ମାଝୀ, ନାୟକ, ଗମାଙ୍ଗ, ଭଗତ, ମହାତ'ଆଦି ବିଭିନ୍ନ ଗୋଷ୍ଠୀର ମୁଖିଆମାନେ ତତ୍ପର ଥାନ୍ତି ଅତିଥି ସେବା ପାଇଁ । ସେମାନେ ଗଣତାନ୍ତ୍ରିକ ଧାରାର ପୃଷ୍ଠପୋଷକ । ଏସବୁ ଆଖ୍ୟା ମୂଳତଃ ଜାତି ବା ଗୋଷ୍ଠୀ ଭିତ୍ତିକ । ଯାହା କ୍ରମେ 'ଉପନାମ' ରୂପେ ବ୍ୟବହୃତ ହୋଇଛି । ଭିନ୍ନ ଭିନ୍ନ ଗୋତ୍ର ଥିଲେ ମଧ୍ୟ ଉକ୍ତ ସଂଜ୍ଞା ବା ଉପନାମ ସମସ୍ତଙ୍କ ପକ୍ଷରେ ଗ୍ରହଣୀୟ ହୋଇଛି । ଫଳରେ 'ବୃତ୍ତିଗତ' ଉପନାମ ଅବଲମ୍ବନରେ ଏକ ଗୋଷ୍ଠୀ ଶ୍ରେଣୀ ଅନେକ ଶ୍ରେଣୀରେ ବିଭକ୍ତ ହୋଇଛି । ଗୋଟିଏ ଜାତି, ଅନେକ ଶାଖାରେ ପରିଣତ ହୋଇଥିଲେ ମଧ୍ୟ ବସ୍ତୁତଃ ଏମାନେ ଏକ ଜାତି ବା ସଂପ୍ରଦାୟ ଅନ୍ତର୍ଭୁକ୍ତ । ଏମାନେ ମୌଳିକ ଗଣ୍ଡିର ସଂପ୍ରସାରଣରୁ ହିଁ ଉଦ୍‌ଭୁତ । ସେପରି, ବୈଗା, ଭୂୟାଁ, ଶବରମାନେ ଏକ ବଂଶରୁ ସଂଭୁତ । ମୁଣ୍ଡାରୀ ମାନଙ୍କ ଅନ୍ୟ ଶାଖା ହେଉଛନ୍ତି ବଣ୍ଡା, ଗାଦବା, ସାନ୍ତାଳ । ଏମାନେ ମୁଣ୍ଡାରୀ ସଂପ୍ରଦାୟର ଅନ୍ତର୍ଭୁକ୍ତ । ଅଞ୍ଚଳ ଭେଦରେ କାଳକ୍ରମେ ଏକ ଜାତି, ଏକ ଗୋତ୍ର, ଏକ ଗୋଷ୍ଠୀରେ ପରିଣତ ହୋଇ ଯାଇଛନ୍ତି । କାଳକ୍ରମେ କେତେକ ନିଜ ଭାଷା, ସଂସ୍କୃତି, ପରମ୍ପରାର ପ୍ରତୀକ । ସେମାନେ ଶିକ୍ଷା ସଭ୍ୟତାର ସଂସ୍ପର୍ଶରେ ଆସିବା ଫଳରେ ଉକ୍ତ ଆଦିବାସୀ ଗୋଷ୍ଠୀଗୁଡ଼ିକ ନିଜ ଭାଷା, ଗୋତ୍ର, ବ୍ୟବସାୟ ଦୃଷ୍ଟିରୁ ପରସ୍ପରକୁ ଚିହ୍ନି ନିଜକୁ ଏକ ସୂତ୍ରରେ ବାନ୍ଧି ରଖିବାର ପ୍ରୟାସ କରିଛନ୍ତି । ନଚେତ୍ ଆଧୁନିକ ସଭ୍ୟତା ସେମାନଙ୍କର ସ୍ୱାତନ୍ତ୍ର୍ୟତାକୁ ଲୁପ୍ତ କରିଦେଇ ଥାଆନ୍ତା ।

## (ଙ) ଧର୍ମ ଧାରଣା:-

ଆଦିବାସୀ ଜନ ସାଧାରଣଙ୍କଠାରେ ବିଶ୍ୱାସ ହିଁ ଧର୍ମ । ଯେଉଁଠାରେ ମଣିଷର ବିଶ୍ୱାସ ଜନ୍ମେ ତାହାକୁ ସେ ଧର୍ମର ଶ୍ରେୟ ଓ ଧେୟ ବୋଲି ଗ୍ରହଣ କରିନିଏ । ପ୍ରାଣପଣେ ସତ୍ୟ ରକ୍ଷା କରିବାର ଉଦ୍ୟମ କରେ । କିନ୍ତୁ ଦିକୁ ମାନଙ୍କ ଠାରୁ (ଅଣଆଦିବାସୀ) ଦୂରେଇ ରହେ । ସେ ମଣିଷ ବ୍ୟତୀତ ପଶୁପକ୍ଷୀ, ବୃକ୍ଷଲତା, ଫୁଲଫଳ, ନଦୀ ଝରଣା, ପାହାଡ଼ ପର୍ବତ ଯାହାଠାରୁ ଉପକାର ପାଏ ତାକୁ ମଧ୍ୟ ଆଦରି ନିଏ । ସେଠାରେ ଦୃଢ଼ ବିଶ୍ୱାସ ସ୍ଥାପନ କରିନିଏ । ସେହିପରି ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ରକୁ ମଧ୍ୟ ଉଚ୍ଚ ସମ୍ମାନ ଦିଏ । ଏଣୁ ଯାହା ସେ ଦେଖେ, ଯାହାଠାରୁ ସିଧାସଳଖ ସାହାଯ୍ୟ ସହାନୁଭୂତି ପାଏ ତାକୁ ଦେବତା ଜ୍ଞାନ କରି ଉପାସନା କରେ । ଗୁରୁ କରିନିଏ । ଏହା ହିଁ ଆଦିବାସୀର ସ୍ୱାଭାବିକ ଗୁଣ । ତାଠାରେ ମାନବିକତା, ସରଳତା, ଉଦାରତା ପ୍ରକୃତି ସ୍ୱାଭାବିକ ଭାବେ ପୁଞ୍ଜିଭୂତ । ଠାକୁର ପରମହଂସ ନିଗମାନନ୍ଦ ସରସ୍ୱତୀ ଆଦିବାସୀ ଗହଣରେ କିଛି ଦିନ ଅତିବାହିତ କରି ଆଦିବାସୀଙ୍କର ଚରିତ୍ର ସଂପର୍କରେ ସରଳ ପ୍ରାଣ ସତ୍ୟ ନିଷ୍ଠତା, ପରୋପକାରିତା, ସହାନୁଭୂତି ଶୀଳତା, ଆତିଥ୍ୟତା ପ୍ରଭୃତି ଯେଉଁ ସବୁ ସଦ୍‌ଗୁଣାବଳୀ ପରିଦର୍ଶନ କରିଛି, ବର୍ତ୍ତମାନ ସମାଜରେ ତାହା କେଉଁଠାରେ ଦେଖାଯାଏ ନାହିଁ । ଏ ଯୁଗରେ ଅନ୍ୟ କୌଣସି ଜାତି ମଧ୍ୟରେ ଏପରି ଭଦ୍ରତା ଓ ମନୁଷ୍ୟତ୍ୱ କେଉଁଠାରେ ମିଳିବ ନାହିଁ । ମୁଁ ଦୃଢ଼ ଭାବରେ କହୁଛି ଯଦି ମର ଜଗତରେ ପ୍ରକୃତ ମନୁଷ୍ୟକୁ ଦେଖିବାକୁ ଇଚ୍ଛା କର ତେବେ ଏହି ଅସଭ୍ୟ ଓ ପାର୍ବତ୍ୟ ଆଦିବାସୀଙ୍କ ବ୍ୟତୀତ ଅନ୍ୟ କୁତ୍ରାପି ମିଳିବ ନାହିଁ । ଆମେ ଯଦି ମନୁଷ୍ୟ ପଦବାଚ୍ୟ ହେବା, ତେବେ ଏମାନଙ୍କୁ ଦେବତା କୁହାଯିବ । ସଂସାରପଥେ ଏହି ମହାନ୍ ସାଧୁଙ୍କର ମତ ପ୍ରତି ଆମର ଦୃଷ୍ଟି ଆକର୍ଷଣ କରେ । ଜୀବନପଥେ ୧୫୯ ପୃ: ପୁଣି

ଧର୍ମ ତା ପକ୍ଷରେ ପ୍ରତ୍ୟକ୍ଷ ଦୃଷ୍ଟ ବସ୍ତୁ, ପ୍ରକୃତି ବା ବ୍ୟକ୍ତିର ପୂଜା । ସେ ଦେଖେ, ଯାହାଠାରୁ ପ୍ରତ୍ୟକ୍ଷରେ ଶୁଣେ, ତାକୁ ମର୍ମେ ଅନୁଭବ କରେ ଏବଂ ଜାତିଧର୍ମ ନିର୍ବିଶେଷରେ ଆଦର୍ଶ ରୂପେ ଗ୍ରହଣ କରିନିଏ । ସେ ସନାତନ ଧର୍ମ ଧାରାର ଶିଷ୍ୟ ବା ଅନୁଗାମୀ ହୋଇଯାଏ । ଏହିପରି କାଠ, ପାଷାଣ ମୂର୍ତ୍ତିରେ ମଧ୍ୟ ଯଥାର୍ଥ ସମ୍ମାନ ଦେଇ ସାଷ୍ଟାଙ୍ଗ ପ୍ରଣିପାତ କରେ । ତାପାଇଁ 'ବିଶ୍ୱାସ ମୂଳେ ଏ ଜଗତ' ଏହା ହିଁ ଆଦିବାସୀ ଜନସାଧାରଣଙ୍କର ଜୀବନ ଦର୍ଶନ । ଫଳରେ ସେ ପୂର୍ବପୁରୁଷଙ୍କ ଆତ୍ମାକୁ 'ଡୁମା' ପ୍ରେତ ଭାବେ ସର୍ବଦା ବିଦ୍ୟମାନ ଅଛି ବୋଲି ବିଶ୍ୱାସ କରେ । ଆଉ ବିଶ୍ୱାସ କରେ ସେମାନଙ୍କ ପୂର୍ବ ଜନ୍ମ । ଗୀତାର ଆଦର୍ଶ ବିଶ୍ୱାସ ସତେ ଯେପରି ଆବାହମାନ କାଳରୁ ଆଦିମ ଜାତିର ଅସ୍ଥିମଜ୍ଜାଗତ ହୋଇ ରହିଛି ପ୍ରକୃତିର ବୈଚିତ୍ର୍ୟ ତଥା ଅଦୃଶ୍ୟ ଶକ୍ତିକୁ ଈଶ୍ୱର ବୋଲି ବିନା ଦ୍ୱିଧାରେ ଗ୍ରହଣ କରିନିଏ । ତାଠାରେ ଖ୍ରୀଷ୍ଟ, ଆଲ୍ଲା, ଈଶ୍ୱର ମହିମା ଅଲଗା ନୁହଁନ୍ତି । ସବୁ ଏକ ।

ଉଦାହରଣ ସ୍ୱରୁପ ଦାରୁ ଦେବତା ବା ଜଗନ୍ନାଥ, ବୃକ୍ଷଦେବୀ କରମସାନି (କରମା ଗଛ ବା ହଲନ) ଯାହାର ଡାଳକୁ ଦେବୀ ଭବାନୀଙ୍କର ପ୍ରତୀକ ଭାବେ ପୂଜନ ଅର୍ଚ୍ଚନ କରିଥାଏ । ସେ ଭାଗ୍ୟଦେବୀ । 'ପଥର'ର ବୁଢ଼ାଲିଙ୍ଗ (ଯାହା ଶିବଙ୍କର ପ୍ରତୀକ) ଏବଂ ଆକାଶର ସୂର୍ଯ୍ୟ, ଚନ୍ଦ୍ର, ତାରା, ଗ୍ରହ ଆଦି ଆଦିବାସୀର ଇଷ୍ଟ ଦେବତା । ସେପରି ଜଗନ୍ନାଥ ଶବର ତଥା ଆଦିବାସୀଙ୍କ ପୂଜିତ 'ନୀଳ ମାଧବ' । ଏହି ଆଦିବାସୀମାନେ ସେମାନଙ୍କର ପ୍ରତ୍ୟେକ ପର୍ବପର୍ବାଣି ତଥା ମାଙ୍ଗଳିକ କାର୍ଯ୍ୟରେ ଏହି ଦେବତା ମାନଙ୍କର ପୂଜା କରି ଆତ୍ମ ସନ୍ତୋଷ ଲାଭ କରନ୍ତି । ଆଦିବାସୀମାନେ ବଡ଼ ଧର୍ମଭୀରୁ । ଦେବା-ଦେବୀ, ଭଣ୍ଡ-ପାଖଣ୍ଡୀ ଗୁପିଙ୍କୁ ମଧ୍ୟ ସାଧୁବାବା କହିଲେ ପ୍ରାଣଭୟରେ ସମ୍ମାନ ଦେଇ ଠକାମୀରେ ପଡ଼ନ୍ତି । ଏଣୁ ଦୁର୍ନିତି କରିବା ବା ପରବସ୍ତୁ ଛୁଇଁବାକୁ ପାପ ମନେ କରିଥାଏ । ବାହ୍ୟ ପ୍ରଭାବ ପଡ଼ିଲେ ମଧ୍ୟ ସହଜରେ ମିଥ୍ୟା କହେନାହିଁ ବା ଚୋରି କରେ ନାହିଁ । ଯଦି ପରିସ୍ଥିତି ଚାପରେ ପଡ଼ି କୌଣସି ଅନ୍ୟାୟ ବା ତ୍ରୁଟିପୂର୍ଣ୍ଣ କାର୍ଯ୍ୟ କରେ ତାହା ସେ, ନିଜ ମନରେ ଗୁପିରଖି ପାରେ ନାହିଁ । ସହଜରେ ତାହା ପ୍ରକାଶ କରି ଧରା ପଡ଼ିଯାଏ ଓ ଜୀବନ ସାରା ଅନୁତପ୍ତ ହୁଏ । ବଣ୍ଡା ଜାତି ତାର ଜ୍ୱଳନ୍ତ ଉଦାହରଣ ।

ପୃଥିବୀର ପରିକ୍ରମାରେ ପ୍ରତିଦିନ ଉଦୟ ଓ ଅସ୍ତ ହେଉଥିବା ସୂର୍ଯ୍ୟଙ୍କୁ ସତ୍ୟ, ଧର୍ମର ପ୍ରତୀକ ବୋଲି ସେ ବିଶ୍ୱାସ କରେ, ପ୍ରଣାମ କରେ । ଏଣୁ ସେ ସତ୍ୟର ଉପାସକ । ସୂର୍ଯ୍ୟ, ଚନ୍ଦ୍ର ହିଁ ବିଶ୍ୱାସ ଓ ସତ୍ୟର ପ୍ରତୀକ । ଏଣୁ ପ୍ରତ୍ୟେକ ଶୁଭ ଅଶୁଭ କାର୍ଯ୍ୟରେ, ସୁଖଦୁଃଖରେ, ହସ ବିଷାଦରେ, ସୂର୍ଯ୍ୟ ଓ ଚନ୍ଦ୍ରକୁ ସାକ୍ଷୀ ରଖି ତାଙ୍କୁ ପରମ ଦେବତା ବୋଲି ସମ୍ବୋଧନ କରେ ଏବଂ ଧରତିନ୍ (ପୃଥିବୀ)କୁ ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରେ । କୌଣସି ଆଦିବାସୀ ନାରୀ ବା ପୁରୁଷ, ମିଥ୍ୟା କହୁଥିବା ସନ୍ଦେହ କରାଗଲେ ସେ ଧରତୀ ବା ପୃଥିବୀ ମାଁକୁ ସାକ୍ଷୀ ରଖି ମିଛ କହୁଥିଲେ, ମୋ ପାଇଁ 'ପୃଥିବୀ ଫାଟିଯିବ' ବୋଲି ଦୃଢ଼ୋକ୍ତି ପ୍ରକାଶ କରେ । ସେ ସତ୍ୟ ପ୍ରକାଶ କରିବା ପାଇଁ ତିଳେ ହେଲେ କୁଣ୍ଠାବୋଧ କରେ ନାହିଁ । ଏପରି ଟାଣ ପଣ ପ୍ରତିଜ୍ଞା ଆଦିବାସୀ ପଡ଼ା ପଲ୍ଲୀ ସାଧାରଣ ଜୀବନରେ ଦେଖାଯାଏ ନଚେତ୍ ଏପରିକି ସ୍ୱାମୀ ସ୍ତ୍ରୀ ପରସ୍ପରକୁ ସନ୍ଦେହ କଲେ ଧରମ୍ ଦେବତା ଓ ଧରତୀଙ୍କୁ କଥା କଥାରେ ସାକ୍ଷୀ ରଖନ୍ତି । ତାପରେ ପରସ୍ପର ମଧ୍ୟରେ ବିଶ୍ୱାସ ଜନ୍ମେ । ଗୋଟିଏ

ନଈର ଧାରାପରି ହସିକୁଦି ଆଗେଇ ଚାଲନ୍ତି ଏବଂ ପ୍ରଣୟ ପ୍ରୀତିରେ ଆମୋଦିତ ହୁଅନ୍ତି । ଏମାନଙ୍କ ଜୀବନରେ ସୁଖଦୁଃଖ ଛାଇଁ ଆସେ ଓ ଚାଲିଯାଏ ଏକ ପାହାଡ଼ି ଝରଣା ଭଳି । ଭାଗ୍ୟ ଆଦରି ରହେ । ଆଶା ଆଶାରେ ବଞ୍ଚି ରହେ । ସବର୍ଣ୍ଣ ଅର୍ଥାତ୍ ଦିକୁ ମାନଙ୍କର ଚକ୍ରାନ୍ତର ଶିକାର ହୁଏ । ଲହୁ ଲୁହାଣ ହୋଇ ଜୀବନ କାଟେ । ଧର୍ମ-କର୍ମ ଈଶ୍ୱର ଏସବୁ ତା'ପାଇଁ ଛଳନା ହୋଇପଡ଼େ । ସତ୍ୟର ପୁରସ୍କାର ପାଏ ନାହିଁ । ସେ ଯା ହେଉ 'ପ୍ରକୃତିର ଉପାସକ' ଓ ଦୃଶ୍ୟମାନ ବସ୍ତୁଜଗତ ପ୍ରତି ସେମାନେ ଶ୍ରଦ୍ଧାବାନ୍ । ଏଣୁ ମଣିଷକୁ ଭଲ ପାଏ । ଗଛକୁ ଭଲ ପାଏ, ନଦୀକୁ ଭଲ ପାଏ । ସୂର୍ଯ୍ୟକୁ, ଚନ୍ଦ୍ରକୁ, ବିଦ୍ୟୁତକୁ, ଅଗ୍ନିକୁ ସବୁକୁ ଭଲ ପାଏ । ସବୁଠି ଏକ ଅନ୍ତରଙ୍ଗ ସମର୍ପଣ ଓ ଆପଣାର ବ୍ୟାପ୍ତି ଉପଲବ୍ଧି କରି ଆଉ ସବୁ ମାନବିକ ଈର୍ଷା, ଦ୍ୱେଷ, ହିଂସାକୁ ବେଖାତିର କରେ - ଦେହର ମଳିଟିଏ ଭାବି ପାଶୋରି ପକାଏ ।

(ଚ) ଦେବାଦେବୀ:-

ଆଦିବାସୀ ତାର ସରଳ ବିଶ୍ୱାସରେ ସୃଷ୍ଟି ହୋଇଥିବା ପ୍ରତ୍ୟେକ ବସ୍ତୁକୁ ଦେବତା ଜ୍ଞାନ କରେ । ଦେବତାର ପ୍ରତୀକ ହେଉଛି ପଶୁପକ୍ଷୀ, ବୃକ୍ଷଲତା । ଏମାନେ ଆହାର ଓ ବ୍ୟବହାରରେ ବ୍ୟବହୃତ ହେଉଥିଲେ ମଧ୍ୟ କେତେକଙ୍କୁ ଦେବତାର ସମ୍ମାନ ଦେଇଥାଏ । ବିଚିତ୍ର ତାର ମତି, ବିଚାର ଓ ଗତି । ଏପରିକି ଉପରୋକ୍ତ ଗ୍ରହ, ନକ୍ଷତ୍ର ପ୍ରକୃତି ମଧ୍ୟ ତାର ବିଚାରରେ ଦେବତା । ସେ 'ବରଗଛ' ଓ 'ପିପଳ' ଗଛକୁ (ଅଶ୍ୱସ୍ତ) ଛେଦନ କରେନାହିଁ । କାରଣ ଏହା ବୃକ୍ଷଦ୍ୱୟ 'ହରିହର'ର ପ୍ରତୀକ ବୋଲି ମନେକରେ । କର୍ମାଗଛ, ମହୁଲ ଗଛକୁ କାଟିଲେ ପ୍ରଥମେ ନମସ୍କାର ବା ପୂଜାକରେ । ସେପରି ପଶୁବଳି, ପକ୍ଷୀବଳି କିମ୍ବା ନରବଳି ଦେବାବେଳେ ପ୍ରଥମେ ବଳିଆକୁ ଖାଇବାକୁ ଦିଏ । ପ୍ରଥମେ ନମସ୍କାର କଲାପରେ ବଳି ଚଢ଼ାଏ । କାରଣ ପ୍ରତ୍ୟେକ ପ୍ରାଣୀର ଅତ୍ମା ପ୍ରତି ତାର ସମ୍ମାନ ଥାଏ । ନିଜ ତଥା ଜାତିର ମଙ୍ଗଳ ପାଇଁ ହତ୍ୟା କରୁଥିବାରୁ ପ୍ରାଣୀଠାରୁ କ୍ଷମା ମାଗିନିଏ । ତାପରେ ଉଦ୍ଦିଷ୍ଟ ଦେବତା ବା ପ୍ରେତାତ୍ମାକୁ ବଳି ଅର୍ପଣ କରେ । ଅବଶ୍ୟ ଏହିପରି ବିଶ୍ୱାସ ଫଳରେ ଅନେକ ନିରୀହ ମଣିଷ, ପଶୁପକ୍ଷୀ ମୁଖିଆ ବା ପୁରୋହିତ ହାତରେ ବଳି ପଡ଼ନ୍ତି । ଯଦିଓ ଆଦିବାସୀମାନେ ମାନବବାଦୀ, ତଥାପି ସଦ୍ୟ ଫଳପ୍ରାପ୍ତି ଆଶାରେ ଏପରି କୁକାର୍ଯ୍ୟ କରିବାକୁ ପଛାଉ ନାହାନ୍ତି । ପକ୍ଷାନ୍ତରେ କ୍ଷଣିକ ସ୍ୱାର୍ଥ, ଉତ୍ତେଜନା ଓ ଆକର୍ଷଣରେ ମୁଗ୍ଧ ତଥା ଲୁବ୍ଧ ହୋଇ ସେମାନେ ଅମାନୁଷିକ କାର୍ଯ୍ୟ କରୁଥିବାର ଅନେକ ପ୍ରମାଣ ରହିଛି । ଏଥିପାଇଁ ତାଙ୍କର ଅଜ୍ଞତା, ସରଳତା ଓ ଅନ୍ଧବିଶ୍ୱାସ ଦାୟୀ । କଳ୍ପିତ ଦେବତାର ତଥା ପ୍ରକୃତିର ଶାନ୍ତି ପାଇଁ କନ୍ଧସମାଜ ଅନ୍ଧ ଭଳି ନରବଳି ଦେଉଥିବାର ପ୍ରମାଣ ରହିଛି ।

ମାତ୍ର ଏହି ଅମାନୁଷିକ ବର୍ବର କାର୍ଯ୍ୟକୁ ବ୍ରିଟିଶ୍ ଶାସକ ଓ ସରକାର କଠୋର ଭାବେ ଦମନ କରିଥିଲେ । ତଥାପି ଦେଶର ବିଭିନ୍ନ ସ୍ଥାନରେ ଏବେ ମଧ୍ୟ କେତେକ ଅନ୍ଧବିଶ୍ୱାସର ଶୀକାର ହୋଇ ଦେବାଦେବୀ ଆଗରେ ନରବଳି ଦେଉଥିବାର ପ୍ରମାଣ ରହିଛି । ତାନ୍ତ୍ରିକ ତଥା କାପାଳିକ ମାନଙ୍କର ମାନସିକ ବିକୃତି ଏଯାବତ୍ ଦୂରୀଭୂତ ହୋଇନାହିଁ ।

ହଜାର ହଜାର ବର୍ଷ ଧରି ଯେଉଁ ନରବଳି ପ୍ରଥା ଓଡ଼ିଶାରେ ଚାଲି ଆସୁଥିଲା, ତାର ମୂଳୋତ୍ପାଟନ କରିବା ପାଇଁ ଗୋରା ବା ଫିରିଙ୍ଗି ଶାସକମାନେ ଦୃଢ଼ ପଦକ୍ଷେପ ନେଇଥିଲେ । ଏ ଦିଗରେ ଗୋରା ଶାସକ 'ଜର୍ଜ ରସୁଲ୍'ଙ୍କ ଅବଦାନ ଉଲ୍ଲେଖନୀୟ । ବ୍ରିଟିଶ ରାଜତ୍ୱ ପୂର୍ବରୁ କେତେକ ପ୍ରସିଦ୍ଧ ଠାକୁରାଣୀଙ୍କ ନିକଟରେ ନରବଳୀ ଦିଆଯାଉଥିବା କିମ୍ବଦନ୍ତୀ ରହିଛି । କେତେକ ଠାକୁରାଣୀଙ୍କ

ଆସ୍ଥାନ ଏପରି ପାହାଡ଼ିଆ ଓ ଦୁର୍ଗମ ଅଞ୍ଚଳରେ ରହିଛି ଯେ ଏହି ଧାରଣା ପ୍ରତି ମନରେ ସ୍ୱତଃ ବିଶ୍ୱାସ ଜାତ ହୁଏ । ଦୃଷ୍ଟାନ୍ତ ସ୍ୱରୂପ ଗଞ୍ଜାମର 'ନାରାୟଣୀ', ବଡ଼ମ୍ବାର 'ଭଟ୍ଟାରିକା' ଓ ବାଙ୍କିର 'ଚର୍ଚ୍ଚିକା' ଉଲ୍ଲେଖଯୋଗ୍ୟ । ସାଧାରଣତଃ କନ୍ଧ ଓ ରାଜାଙ୍କର ବିଶ୍ୱାସ ଥିଲା ଯେ, ଭବାନୀଙ୍କୁ ନରବଳି ଦେଲେ ଧନ, ଯଶ, ଆୟୁଷ ବଢ଼େ ଏବଂ ବିପଦରୁ ରକ୍ଷା ମିଳେ । କାପାଳିକମାନଙ୍କର ଏହି ନିତ୍ୟ, ନୈମିତିକ କାର୍ଯ୍ୟ । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ କିପରି କାପାଳିକ ହାତରୁ ନିଜକୁ ରକ୍ଷା କରିଥିଲେ ତାହାର ଏକ ରୋମାଞ୍ଚକାରୀ କାହାଣୀ ରହିଛି । ଚାଲାକ ଉପେନ୍ଦ୍ର ଭଞ୍ଜ କିପରି ମାରିବାକୁ ହୁଏ ପୂଜାରୀ ତାଙ୍କୁ ସାଷ୍ଟାଙ୍ଗ ର ପ୍ରଣିପାତ ଶିକ୍ଷା ଦେବାକୁ ଯାଇ ଲମ୍ବ ହୋଇ ଶୋଇ ପଡ଼ିଲା । ବୁଦ୍ଧିମାନ ଉପେନ୍ଦ୍ର ସେହି ଖଡ଼ଗରେ ତାକୁ ଦୁଇଖଣ୍ଡ କରି ଠାକୁରାଣୀଙ୍କୁ ବଳି ଦେଲେ ବୋଲି ଜନଶ୍ରୁତି ଅଛି । ସେ ଠାକୁରାଣୀଙ୍କ ଆଶୀର୍ବାଦ ପାଇ ହେଲେ କବି । 'ଦେବୀଙ୍କ ପରସାଦେ ମୋହର କବିପଣ ଉଦେ' ବୋଲି ଉଲ୍ଲେଖ କରିଛନ୍ତି ।

**(ଜ) ନରବଳି ପ୍ରଥା ଓ ପ୍ରଜାମେଳି :-**

ଯେତେବେଳେ ବ୍ରିଟିଶ ସରକାର ନରବଳି ପ୍ରଥା ବନ୍ଦ ପାଇଁ ଅଭିଯାନ ଆରମ୍ଭ କଲେ, ସେତେବେଳେ କନ୍ଧ ପ୍ରଜାଙ୍କ ମଧ୍ୟରେ ବିଦ୍ରୋହ ବହ୍ନି ଜଳି ଉଠିଥିଲା । ପରମ୍ପରା ବିରୋଧୀ ପ୍ରକ୍ରିୟା ହେତୁ ପ୍ରଜାମେଳିରେ ବନକାନ୍ତାର ପ୍ରତିଧ୍ୱନିତ ହେଲା । ଫଳସ୍ୱରୂପ ପାରଳାଖେମୁଣ୍ଡି ଅଞ୍ଚଳରେ ୧୯୩୨ରୁ ୩୪, ଘୁମୁସର ଅଞ୍ଚଳରେ ୧୯୩୪ ରୁ ୩୬ ଯାଏ ପ୍ରବଳ ବିରୋଧ ଦେଖାଦେଇ ସରକାରଙ୍କ ନରବଳି ପ୍ରଥା ନୀତିକୁ ଦୃଢ଼ ଭାବରେ ବିରୋଧ କରିଥିଲେ । ମାତ୍ର ବ୍ରିଟିଶ ସରକାର ଏହି ପ୍ରଜାମେଳିକୁ କଠୋର ଭାବେ ଦମନ କରିବା ପାଇଁ ମାନ୍ଦ୍ରାଜ ସ୍ଥିତ ରେଭିନ୍ୟୁ ବୋର୍ଡ଼ର ସଭ୍ୟ ମାନବବାଦୀ ଗୋରା ଶାସକ ଜର୍ଜ ରସୁଲ୍‌ଙ୍କୁ ନିଯୁକ୍ତ କରିଥିଲେ । ସେ ଘୁମୁସର ଅଞ୍ଚଳରୁ ୧୯୩୬ରୁ ନରବଳି ପ୍ରଥାକୁ କଠୋର ଭାବେ ଦମନ କଲେ ।(୧୪) ମେରିଆ ବା ବଳିକୁ ଉଦ୍ଧାର କରି କଟକରେ ରଖିଥିଲେ । ଆଜି ସେହି ସ୍ଥାନ 'ମେରିଆ ବଜାର' ନାମରେ ନାମିତ । ଭୁବନେଶ୍ୱରରେ ରସୁଲଗଡ଼ ଅଞ୍ଚଳଟି ଆଜି ସେହି ମହାନୁଭବଙ୍କ ସ୍ମୃତିଚାରଣ କରୁଛି ।

କନ୍ଧମାନେ ଯେ କେବଳ ନରହତ୍ୟା କରୁଥିଲେ ତାହା ନୁହେଁ, ନିଜର ଶିଶୁକନ୍ୟା ମାନଙ୍କୁ ମଧ୍ୟ ହତ୍ୟା କରୁଥିଲେ ବୋଲି ଇତିହାସ କହେ । ଏହି ଘଟଣା ବିଶେଷତଃ ଓଡ଼ିଶାର 'ସୋଡ଼ା' ଅଞ୍ଚଳରେ ଘଟୁଥିବାର ପ୍ରମାଣ ରହିଛି । ଏହି ବର୍ବରତାକୁ ବ୍ରିଟିଶ ସରକାର ସୁଦକ୍ଷ କର୍ମଚାରୀ ତଥା ମାନବପ୍ରେମୀ କ୍ୟାପଟେନ୍ 'ନେଲ୍', 'ଏଲ୍.ପି. ଷ୍ଟୋନ୍' 'କେପଟନ୍ ମେକ୍ ଭାରସନ୍' ଏବଂ ଜର୍ଜ ରସୁଲ ମଧ୍ୟ ବନ୍ଦ କରିବା ପାଇଁ ଦୃଢ଼ ପଦକ୍ଷେପ ନେଇଥିଲେ । (୧୪) ଏମାନଙ୍କର ଉଦ୍ୟମ ଫଳରେ ହିଁ ନରବଳି ନୃଶଂସ ପ୍ରଥା ତଥା ଅନ୍ଧବିଶ୍ୱାସ ପରିବର୍ତ୍ତିତ ହେଲା । କନ୍ଧମାନେ ପରେ ଏହାର ଅସାରତା ଅନୁଭବ କରି ନରବଳି ସ୍ଥାନରେ ପଶୁ ବା ପକ୍ଷୀ ବଳି ଦେବାର ଆଦର୍ଶ ଗ୍ରହଣ କଲେ । ତା ସତ୍ତ୍ୱେ ନରବଳି ପ୍ରଥା ୧୯୫୦ ଯାଏ ଘୁମୁସର, ବଉଦ, ସୋରଡ଼ା, ସାନଖେମଣ୍ଡି ଆଦି କେତେକ ସ୍ଥାନରେ ରହିଥିଲା । ଏବେ ମଧ୍ୟ କାହିଁ କେଉଁ ଉକ୍ତ ନିଷ୍ଠୁର କୁସଂସ୍କାର ଘଟୁଥିବା ସମ୍ବାଦ କର୍ଣ୍ଣଗୋଚର ହୁଏ । ସ୍ୱାର୍ଥାନ୍ଧ ମଣିଷ ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କଣ ବା ନକରିପାରେ ? ଆଜିକାଲି ମଧ୍ୟ ତାନ୍ତ୍ରିକ ଆଦର୍ଶରେ ବୁଡ଼ି, ସ୍ୱାର୍ଥଲାଭ ପାଇଁ ଏପରି ନୃଶଂସ ନରହତ୍ୟାକାଣ୍ଡ ଘଟୁଛି । ଏକଦା

ସମ୍ବଲପୁରରେ ଇଷ୍ଟଦେବୀ ସମଲେଇଙ୍କ ଠାରେ ମଧ୍ୟ ନରବଳି ପ୍ରଥା ରହିଥିଲା । ଜନଶ୍ରୁତିରୁ ଜଣାଯାଏ ଯେ ସମ୍ବଲପୁରର ରାଜା ମଧୁକର ଦେବଙ୍କ ରାଜତ୍ୱ କାଳରେ (୧୫୯୧ ରୁ ୧୬୧୭) ଯାଏ ଏହି ନରବଳି ପ୍ରଥା ରହିଥିଲା । ମାତ୍ର ବଳିଆର ସିଂହଙ୍କ ସମୟରେ (୧୬୧୭ ରୁ ୧୬୫୭) ରେଢ଼ାଖୋଲ ସୀମାରୁ ପୁରୀ ତୀର୍ଥଯାତ୍ରୀ ଜଣେ ବୈଷ୍ଣବ ଭକ୍ତଙ୍କୁ ସମଲାଇଙ୍କ ଠରେ ବଳି ଦେବା ପାଇଁ ମନ୍ଦିରକୁ ବନ୍ଦୀ କରି ଅଣାଯାଇଥିଲା । ଭକ୍ତ ବୈଷ୍ଣବ 'ବିହାରୀ ଦାସ' ରାଜାଙ୍କୁ ଅନୁମତି ମାଗିଲେ ଯେ ମୋତେ ହାଣି ବଳି ଦିଆ ନଯାଉ । ଯଦି ମଣିଷ ବଳି ଦେବୀ ଗ୍ରହଣ କରୁଥାଆନ୍ତି ସେ ମୋତେ ସ୍ୱୟଂ ଭକ୍ଷଣ କରନ୍ତୁ । ରାଜା ତାଙ୍କର ଅନୁରୋଧ ରକ୍ଷା କଲେ । ବୈଷ୍ଣବ ବାବାଙ୍କୁ ମନ୍ଦିରରେ ପୂରାଇ କବାଟ ବନ୍ଦ କରି ଦିଆଗଲା । ସେହି ସାଧୁ ରାତିସାରା ମନ୍ଦିର ଭିତରେ ରହିଲେ । ସକାଳେ କବାଟ ଫିଟାଇବା ପରେ ଦେଖାଗଲା ଯେ ସେ ଅକ୍ଷତ ଶରୀରେ ରହିଛନ୍ତି । ତାଙ୍କ ମୁହଁରୁ ଏକ ଅପୂର୍ବ ତେଜ ପ୍ରକାଶ ପାଉଛି । (୧୫) ଏହି ସମ୍ବାଦ ପାଇ ସାଧାରଣ ଲୋକ ବିସ୍ମିତ ହେଲେ ଏବଂ ସେଦିନରୁ ନରବଳି ପ୍ରଥା ବନ୍ଦ ହେଲା । ଭୟ-ଭକ୍ତି, ପ୍ରେମଭକ୍ତିର ରୂପ ନେଲା । ଏହା ଅନ୍ଧବିଶ୍ୱାସୀଙ୍କର ନିଷ୍ଠୁର ପ୍ରଥା ଥିଲା ।

ବାସ୍ତବରେ କହିବାକୁ ଗଲେ ଗ୍ରାମ୍ୟଦେବୀ 'ସମଲେଶ୍ୱରୀ' (ଗାୟତ୍ରୀ) ହେଉଛନ୍ତି ଆଦିବାସୀଙ୍କ ଇଷ୍ଟଦେବୀ । ମାତ୍ର ରାଜା ଆଦିବାସୀ ପ୍ରଜାଙ୍କର ଦେବୀଙ୍କୁ ଅଧିଷ୍ଠାତ୍ରୀ ଦେବୀ ଭାବେ ଗ୍ରହଣ କରିନେଲେ । ଏଣୁ ସମଲେଶ୍ୱରୀ ଯେ ଆଦିମ ଅଧିବାସୀଙ୍କର ପ୍ରତିଷ୍ଠିତ ଦେବୀ ଏହା ସ୍ୱୀକାର୍ଯ୍ୟ । ଶେଷରେ ରାଜବଂଶର ହେଲେ ଉପାସ୍ୟଦେବୀ । ଆର୍ଯ୍ୟେତରଙ୍କ ଦେବତାଙ୍କ ପ୍ରତି ଏପରି ପ୍ରତ୍ୟହ ଦେଖି ହିନ୍ଦୁମାନେ ଗ୍ରହଣ କଲେ । (୧୬) ଆଦିବାସୀଙ୍କ ପରମ୍ପରାରେ ଯେଉଁ ନରବଳି ଦେବାର ଭ୍ରାନ୍ତ ଧାରଣା ଥିଲା, ତାହା ସବୁଦିନ ପାଇଁ ଦୂରୀଭୂତ ହେଲା ।

## (୯) ଆଦିବାସୀଙ୍କ ଉପରେ ଖ୍ରୀଷ୍ଟଧର୍ମର ପ୍ରଭାବ :-

ସାଧାରଣତଃ, ଖ୍ରୀଷ୍ଟ ଧର୍ମଧାରାରେ ଉଦାର ମାନବିକଧାରା, ଶୂଦ୍ର, ଅସ୍ପୃଶ୍ୟ ବିହୀନ ମନୋଭାବ ଏବଂ ଗୋରା ଶାସକଙ୍କର ଉନ୍ନତ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଯୋଗୁଁ ଭାରତରେ ଥିବା ଅନ୍ଧବିଶ୍ୱାସ, କୁସଂସ୍କାର, ଧର୍ମାନ୍ଧତା ଅଧିକାଂଶରେ ଦୂରୀଭୂତ ହୋଇଛି । ଏପରିକି କନ୍ଧମାନେ ପ୍ରକାଶ କରୁଥିଲେ ଯେ ପିଲାମାନେ ପାଠ ପଢ଼ିଲେ ଗ୍ରାମମାନଙ୍କରେ ବିପତ୍ତି ଘଟିବ । ଏପରି ବଦ୍ଧମୂଳ ବିଶ୍ୱାସ ରହିଥିଲା ବୋଲି ଅନିରୁଦ୍ଧ ଦାଶ (ଆଇ.ଏ.ଏସ୍.) ତାଙ୍କ 'ମେରିଆ' ପୁସ୍ତକରେ ଉଲ୍ଲେଖ କରିଛନ୍ତି । ଏଣୁ ବିଂଶ ଶତାବ୍ଦୀର ମଧ୍ୟ ଭାଗ ଯାଏ, ଆଦିବାସୀ ମାନଙ୍କର ଏକ ମାତ୍ର ଶ୍ରେୟ ଥିଲା ଆହାର, ବିହାର, ମୈଥୁନ । ସେମାନଙ୍କ ସରଳ ଜୀବନରେ ଥିଲା ଅନ୍ଧ ବିଶ୍ୱାସ, କୁସଂସ୍କାର ଓ ବର୍ବରତା । ଯେହେତୁ ସେମାନେ ଶିକ୍ଷିତ ସଭ୍ୟ ସମାଜଠାରୁ ବହୁ ଦୂରରେ ରହୁଥିଲେ । ନିଜ ନିଜ ଗୋଷ୍ଠୀ ମଧ୍ୟରେ ସୀମିତ ରହି ହଜାର ହଜାର ବର୍ଷଧରି ନିଜ ସୀମାରେ ଜୀବନ ଯାପନ କରୁଥିଲେ । ସଭ୍ୟତାର ସଚେତନତା ପ୍ରବେଶ ନକରିବା ଫଳରେ ଭୟ, ଭ୍ରାନ୍ତି, ଆଶା, ଆକାଂକ୍ଷା ନେଇ ଅନେକ ହୀନକାର୍ଯ୍ୟ କରୁଥିଲେ । କେତେକ ଖ୍ରୀଷ୍ଟିଆନ ମିଶନାରୀମାନଙ୍କର ଉଦ୍ୟମ, ତ୍ୟାଗ, ସେବା, ସହଯୋଗ ହେତୁ ଆଦିବାସୀମାନେ ସେମାନଙ୍କ ପ୍ରତି ଆକର୍ଷିତ ହୋଇ ଆଲୋକକୁ ଆସିବାର ସୁଯୋଗ ପାଇଲେ । ଏପରିକି ଗୋରା ଶାସକଙ୍କ କଠୋରତା, ମାନବୀୟ ଦୃଷ୍ଟିଭଙ୍ଗୀ ଆଦିବାସୀ ମାନଙ୍କୁ କେବଳ ନୁହେଁ

ବନ୍ଧୁ ଆର୍ଯ୍ୟ ମଣିଷଙ୍କୁ ମଧ୍ୟ ନୂତନ ଦିଗ୍‌ଦର୍ଶନ ଦେଇଛି । ହିନ୍ଦୁମାନେ ସୁବିଧାବାଦ ଆଦର୍ଶ ସୃଷ୍ଟି କରି ଭାରତୀୟଙ୍କୁ ଭାଗ ଭାଗ କରି ଛୁଆଁ ଅଛୁଆଁର ଜାତିବାଦ ରଚନା କରିଥିଲେ । ସଂପ୍ରତି ମିଶନାରୀମାନଙ୍କ ମିଶନ୍ ଭାରତର ଦଳିତ ଆଦିବାସୀଙ୍କ ମଧ୍ୟରେ ନବଜାଗରଣ ଆଣିଛି । ଏହାପୂର୍ବରୁ ମିଶନ ତଥା ଗୋରା ସରକାରଙ୍କ ଚେଷ୍ଟାରେ କନ୍ଧପିଲେ ପାଠ ପଢ଼ିଲେ । ସେମାନଙ୍କ ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର ହେଲା । ସଭ୍ୟ ସମାଜ ସହିତ ତାଳ ଦେବା ପାଇଁ ଆଗଭର ହେଲେ । ପୁଣି କନ୍ଧମାନଙ୍କର ଏହି ଅନ୍ଧତ୍ୱ ଦୂର ପାଇଁ ସନ୍ଥ କନ୍ଧ କବି 'ଭୀମଭୋଇ'ଙ୍କର ହୋଇଥିଲା ପ୍ରାୟ ୧୮୫୫ରେ ଆବିର୍ଭାବ । 'ମହିମାଧର୍ମ' ପ୍ରଚାର ମଧ୍ୟରେ ସନାତନ ଧର୍ମର ସତ୍ୟ, ଅହିଂସା ତଥା ମାନବବାଦ ପ୍ରଚାର କଲେ । କୋରାପୁଟର ବଣ୍ଡା ଆଦିବାସୀ ଓଡ଼ିଶାର ଏକ ସ୍ୱତନ୍ତ୍ର ଆଦିବାସୀ ଗୋଷ୍ଠୀ । ସେମାନଙ୍କ ଜୀବନ ଯାପନ ରୀତି ଯେପରି କୌତୂହଳପ୍ରଦ ସେପରି କୁସଂସ୍କାରଛନ୍ନ । ସେମାନେ ନିଜକୁ 'ରମୋ' ବା ମଣିଷ କହିବାର ଚେତନା ପାଇଛନ୍ତି । ମାତ୍ର ପ୍ରକୃତି କୋଳରେ ଏ ଯାଏଁ ପ୍ରକୃତି ପରି ନଗ୍ନ ଓ ଉଗ୍ର । ସେମାନେ ଉଗ୍ର, ସ୍ୱାଧୀନତାବାଦୀ ଓ କ୍ଷଣକୋପୀ ମଣିଷ । ସେମାନେ ବିଚାର ବିମର୍ଷର ତର୍କ ବିତର୍କର ବହୁତ ଦୂରରେ । ଏମାନେ ଅଗ୍ରଜ, ଆତ୍ମୀୟ ବିଚାର ନକରି ତାଙ୍କୁ ହତ୍ୟା କରିବାକୁ କୁଣ୍ଠିତ ହୁଅନ୍ତି ନାହିଁ । ସେମାନେ କଠୋର ନ୍ୟାୟପରାୟଣ । ମିଥ୍ୟା, ଛଳନା, ତଥା କପଟତାର ସାମାନ୍ୟ ତ୍ରୁଟି ଦେଖିଲେ ହିଂସ୍ର ପାଲଟି ଯାଆନ୍ତି ।

ଏହାର ତାତ୍ପର୍ଯ୍ୟ ହେଲା ଯେ, ସାଧାରଣତଃ ଆଦିବାସୀ ଅନ୍ୟାୟ, ଅସତ୍ୟକୁ ବରଦାସ୍ତ କରିପାରେ ନାହିଁ । ଏହା ନ୍ୟାୟ ପାଇଁ ଅନ୍ଧ ହୋଇଯାଏ । ପଥର ପରି ସେ ଦୃଢ଼ ରହେ । ଯାହା ସେ ବୁଝେ ତାହାହିଁ ତାର ନିଷ୍ପତ୍ତି । ହୋଇପାରେ ଏହା ଅଶିକ୍ଷା ବା ନିରକ୍ଷରତାର ପରିଣତି । ବଣ୍ଡା ନିଜର ସମସ୍ତ ଆଶା ଓ ଭବିଷ୍ୟତ ମୁହୂର୍ତ୍ତକର ଉତ୍ତେଜନାରେ ବିନିଷ୍ଟ କରିଦିଏ । ସାଧାରଣ କଥାରେ ନିଷିଦ୍ଧ ଯୌନ ଆଚରଣ ସନ୍ଦେହରେ କିମ୍ବା ସଲପ ଗଛର ନିଶାରସ କେହି କାଢ଼ିନେଲେ ସେ ହିତାହିତ ଜ୍ଞାନ ରହିତ ହୋଇ ଦାଣ୍ଡ କଟାରେ ମାଡ଼ିଯାଏ । ଫଳରେ ସେ ସ୍ୱୟଂ ହୁଏ ସର୍ବସ୍ୱାନ୍ତ, ଅସହାୟ ।

## (ଡ) ନାରୀ ସ୍ୱାଧୀନତା:-

ସାଧାରଣତଃ ଆଦିବାସୀ ନାରୀ ସ୍ୱାଧୀନଚେତା କିନ୍ତୁ ସାମାଜିକ ଶୃଙ୍ଖଳା ନେଇ ଚଳେ । ତା' ପାଇଁ ସେପରି କିଛିଟା ବାହ୍ୟ କଟକଣା ବା କଠୋର ନୀତି ନାହିଁ । ସେ କଷ୍ଟ ସହିଷ୍ଣୁ ଓ କର୍ମଠ । ସେ ଗୃହକାର୍ଯ୍ୟ ସହିତ ବଣ ପାହାଡ଼ ବିଲ ବାଡ଼ିରେ କାର୍ଯ୍ୟ କରିବାରେ କୁଣ୍ଠିତା ନୁହେଁ । ସେ ଅନୂଢ଼ା ହେଉ ବା ବିବାହିତା, ପରିବାରର ସ୍ୱାର୍ଥ ନିମିତ୍ତ ଖରା, ବର୍ଷା, ଶୀତ ସହି କାର୍ଯ୍ୟ କରେ । ସେ ସ୍ୱାମୀକୁ ସାହାଯ୍ୟ କରେ । ସେ ଘର କୋଣରେ ବସି ରହି ଅନ୍ଧାରରେ ଦରାଣ୍ଡି ହେବାର ରାଣୀ ବା ପ୍ରାଣୀ ନୁହେଁ । ମୁକ୍ତ ଆଲୋକ, ମୁକ୍ତ ଆକାଶ, ମୁକ୍ତ ବାୟୁ, ମୁକ୍ତ ଜୀବନ ପୁରୁଷ ପାଇଁ ଯେପରି ଉଦ୍ଦିଷ୍ଟ, ତା'ପାଇଁ ମଧ୍ୟ ଉଦ୍ଦିଷ୍ଟ । ସେ ପାରିବାରିକ ତଥା ସାମାଜିକ ପରମ୍ପରାରେ ଅଂଶ ଗ୍ରହଣ କରିବାର ଅଧିକାର ମଧ୍ୟ ପାଇଛି । ସେ ନାଚ ଗୀତରେ ଅଂଶ ଗ୍ରହଣ କରିବା ସଂଗେ ସଂଗେ ସେ କୌଣସି ସମସ୍ୟା ସମାଧାନ କରିବାରେ ବା ମତାମତ ପ୍ରଦାନ କରିବାରେ ଅଧିକାରିଣୀ । ଏପରିକି ଅନ୍ୟ ସହିତ ଯୋଗାଯୋଗ କରିବାକୁ ମଧ୍ୟ ନିଜ ଜାତି, ଗୋତ୍ର ଛଡ଼ା ଅନ୍ୟ ଜାତିର କାମ କରିବାକୁ ପରିବାର ବା ଆତ୍ମୀୟମାନେ ବାଧା ଦିଅନ୍ତି ନାହିଁ । ନିଜ ଜାତିର ସୀମା ମଧ୍ୟରେ ମନଲାଖି ସାଥୀଟିଏ

ବାଛିବାରେ ସମାଜ ତାକୁ ଅଧିକାର ଦେଇଛି । ଏହାଦ୍ୱାରା ତାର ଦାମ୍ପତ୍ୟ ଜୀବନ ସୁଖମୟ ହୁଏ । ପୁରୁଷ ସମ୍ଭ୍ରାନ୍ତ ବା ଉଚ୍ଚ ବଂଶରୁ ପତ୍ନୀ ବରଣ କଲେ ସମାଜ ଦ୍ୱିଧା ପ୍ରକାଶ କରେ ନାହିଁ । ମାତ୍ର କନ୍ୟା ଜାତ୍ୟନ୍ତର ହେଲେ ସବୁଦିନ ପାଇଁ ସେ ସମାଜରୁ ବାସନ୍ଦ ହୁଏ । ଏଠାରେ ସ୍ପଷ୍ଟିକରଣ ପାଇଁ 'ଶିବପାର୍ବତୀ'ଙ୍କ ବିବାହ ସୂଚନା ଦିଆଯାଇପାରେ । ଶିବଙ୍କ ସହିତ ଦକ୍ଷକନ୍ୟା ସତୀଙ୍କ ବିବାହ ମଧ୍ୟରେ ଆଦିବାସୀ ପରମ୍ପରା ନିହିତ । ଶିବ ଦ୍ରାବିଡ଼ ଓ ଅଦ୍ଭୁତ ତାଙ୍କର ବେଶଭୂଷା । ମାତ୍ର ବ୍ରାହ୍ମଣୀ କନ୍ୟା ପାର୍ବତୀ ଶିବଙ୍କ ଶକ୍ତି,ପ୍ରତିଭା,ମହତ୍ତ୍ୱ ମହିମା ଅନୁଭବ କରି ତାଙ୍କୁ ସ୍ୱାମୀରୂପରେ ବରଣ କଲେ । ଶିବ ମଧ୍ୟ ସାଦରରେ ଗ୍ରହଣ କଲେ । ଏହାଥିଲା ପରସ୍ପରର ଇଚ୍ଛା । ଜୀବନ ସାଥି ବାଛିବାର ସ୍ୱାଧୀନତା । ପୁରାଣ ମତ ଅନୁସାରେ ପାର୍ବତୀ ଶିବଙ୍କ ଦ୍ୱାରା ଆଦରଣୀୟା ହେବାରୁ ସମସ୍ତ ଦ୍ରାବିଡ଼ ଓ ଆଦିବାସୀ ତାଙ୍କୁ ମଧ୍ୟ ଭୁବନ ମୋହିନୀ ରୂପରେ ପୂଜା କଲେ । ପାର୍ବତୀ ବାସନ୍ଦ ହେଲେ । ଦକ୍ଷ ପ୍ରଜାପତିଙ୍କ ଯଜ୍ଞାନୁଷ୍ଠାନରେ ଶିବ ଉପସ୍ଥିତ ହେଲେ ନାହିଁ । ତାର ପ୍ରତିକ୍ରିୟାରେ ପାର୍ବତୀଙ୍କର ଆତ୍ମଦାହ ଓ ଶିବଙ୍କର ଜାତ୍ୟାଭିମାନ ବିଦ୍ରୋହ ସ୍ମରଣୀୟ । ସେପରି ବହୁ ଶବର କନ୍ୟା 'ଲଳିତା ବ୍ରାହ୍ମଣ' ଯୁବକ ବିଦ୍ୟାପତି ଦ୍ୱାରା ପ୍ରେମାବଦ୍ଧ ଲଳିତା ସମାଜଦ୍ୱାରା ବାସନ୍ଦ ହେଲା । ସେ ଜାତ୍ୟନ୍ତର ହୋଇ ଜଗନ୍ନାଥ ପୂଜା ପାର୍ବଣରେ ବିଦ୍ୟାପତି ଓ ଶବରଣୀ ଜାତ ସନ୍ତାନ ଦଇତାପତି ଭାବେ ଚିହ୍ନିତ ହେଲେ । ସେହିଭଳି ପରାଶର ମୁନି ଧୀବର କନ୍ୟା 'ସତ୍ୟବତୀ' ପ୍ରତି ଆକୃଷ୍ଟ ହୋଇଥିବା ପୁରାଣ ପ୍ରସିଦ୍ଧ । ତାଙ୍କ ଗର୍ଭରୁ ଜାତ ହୋଇଛନ୍ତି ମହାଭାରତର ରଚୟିତା ବେଦବ୍ୟାସ । କନ୍ଧଜାତିର ଆଧୁନିକ ଯୁଗର ଦାର୍ଶନିକ କବି ସନ୍ଥକବି 'ଭୀମଭୋଇ'ଙ୍କ ସହିତ ବ୍ରାହ୍ମଣୀ କନ୍ୟା ବିବାହ ଆମର ଦୃଷ୍ଟିକୁ ଆସେ । ଏହା ଜାତି ବିହୀନ ମାନବୀୟ ସମ୍ପର୍କ ପ୍ରତିଷ୍ଠା । ଆର୍ଯ୍ୟ ଓ ଆର୍ଯ୍ୟେତର ମାନଙ୍କ ମଧ୍ୟରେ ଏଗୁଡ଼ିକ ବୈବାହିକ ତଥା ସାଂସ୍କୃତିକ ବିନିମୟର ଆଦର୍ଶ ରୂପେ ଗୃହୀତ । ସଂପ୍ରତି ଉଚ୍ଚ, ନୀଚ, ଜାତି ବିଭେଦ ଏକ ଭ୍ରାନ୍ତ ଧାରଣା ବୋଲି ମନେହେଲାଣି । ସନ୍ଥକବି ଭୀମ ଭୋଇଙ୍କ ମତରେ ମାନବ ଜଗତରେ ୨ଟି ଜାତି । ଏକ ପୁରୁଷ ଓ ଦ୍ୱିତୀୟରେ ସ୍ତ୍ରୀ । ତୃତୀୟ ଜାତି ନାହିଁ । ବାସ୍ତବରେ ଏହା ଯଥାର୍ଥ ମତ ।

'ବଣ୍ଡାନାରୀ' ଅନ୍ୟାନ୍ୟ ଆଦିବାସୀ ନାରୀ ଅପେକ୍ଷା ଖୁବ୍ ସ୍ୱାଧୀନ ଚେତା । ବାହ୍ୟଚାପକୁ ବରଦାସ୍ତ ନକରି ବଣ୍ଡାନାରୀ ମୁକ୍ତ ହସ, ମୁକ୍ତ ନାଚ ଗୀତକୁ ପସନ୍ଦ କରେ । ବଣ୍ଡାନାରୀମାନଙ୍କ ମୁଣ୍ଡ ଲଣ୍ଡାହେବା ବା ଅର୍ଦ୍ଧନଗ୍ନ ହେବାର ଏକ କିମ୍ଭୁତକିମାକାର କିମ୍ବଦନ୍ତୀ ରହିଛି । ତ୍ରେତୟା ଯୁଗରେ ଶ୍ରୀରାମଚନ୍ଦ୍ରଙ୍କ ବନବାସ ବେଳେ, ସୀତା ବଣ୍ଡାନାରୀଙ୍କୁ ଅଭିଶାପ ଦେଇଥିଲେ । ଏକଦା ଦଣ୍ଡକାରଣ୍ୟରେ ସୀତା ଅର୍ଦ୍ଧନଗ୍ନ ହୋଇ କୁଣ୍ଡରେ ସ୍ନାନ କରୁଥିବା ବେଳେ ବଣ୍ଡା ସ୍ତ୍ରୀମାନେ ଦେଖି ତାଙ୍କୁ ଉପହାସ କରିଥିଲେ । ସୀତା ଏଥିରେ ଲଜ୍ଜିତ ହୋଇ ସେମାନଙ୍କୁ ଅଭିଶାପ ଦେଲେ ଯେ ସେମାନେ ଯୁଗାବଧି ଲଣ୍ଡିତ ମୁଣ୍ଡ ଓ ଅର୍ଦ୍ଧନଗ୍ନ ଅବସ୍ଥାରେ ରହିବେ । ସେଇଦିନଠାରୁ ଦେହକୁ ଢାଙ୍କିବା ପାଇଁ ବଣର ମାଳା ଧାରଣ କରନ୍ତି ବୋଲି ଲୋକେ ବିଶ୍ୱାସ କରନ୍ତି । ଏଣୁ ଆଦିବାସୀ ନାରୀ ବଡ଼ବଡ଼ିଆଙ୍କ ଦ୍ୱାରା ଯୁଗେ ଯୁଗେ ନିର୍ଯ୍ୟାତିତ, ଦଳିତ ଓ ଅଭିଶପ୍ତା । ଜାରା ପତ୍ନୀ 'ଶ୍ରୀୟା' ସତ୍ୟବତୀ, ଲଳିତା, ଆଦି ଅନିନ୍ଦ୍ୟ ସୁନ୍ଦରୀ ଶବରୀ କନ୍ୟା ଥିଲେ । ଏଣୁ ସେମାନେ ଉଚ୍ଚ ବର୍ଗଙ୍କ ଲୋଲୁପତାର ଶିକାର ହୋଇଥିଲେ । ବଣ୍ଡାନାରୀଙ୍କ ସମ୍ବନ୍ଧରେ ଅଧିକ ଜ୍ଞାତବ୍ୟ କଥା ହେଉଛି ଯେ ସାଧାରଣତଃ ସ୍ୱାମୀ ଅପେକ୍ଷା ସ୍ତ୍ରୀ ଅଧିକ ବୟସ୍କା । କାରଣ ଅଳ୍ପ ବୟସର ସ୍ୱାମୀକୁ ବିବାହ କଲେ ଶୀଘ୍ର ବିଧବା ହେବାର ଆଶଙ୍କା ନଥାଏ । ଏହା ହେଉଛି ନାରୀ ଭିତ୍ତିକ ଅନଗ୍ରସର ଆଦିବାସୀ ନାରୀ ସମାଜ । ଅନ୍ୟ ଆଦିବାସୀ

ସମାଜରେ ନାରୀର ଅଧିକାର ଥିଲେ ମଧ୍ୟ ରହିଛି ନାରୀତ୍ୱର ମର୍ଯ୍ୟାଦାବୋଧ ଓ ସମ୍ମାନ ସଚେତନତା । ନାରୀ ପୁତ୍ର ବିହୀନା ହେଲେ ସ୍ୱାମୀର ଦ୍ୱିତୀୟ ଦାରା ଗ୍ରହଣ କରିବାରେ କୌଣସି ବାଧା ନଥାଏ, ଯେପରି ପୁରୁଷ ଅକାଳରେ କମ୍ ବୟସରେ ମୃତ୍ୟୁବରଣ କଲେ ବିଧବାନାରୀ ଦ୍ୱିତୀୟା ସ୍ୱାମୀ ବରଣ କରି ସଧବା ହେବାର କୌଣସି ପ୍ରତିବନ୍ଧକ ନାହିଁ । ଏପରିକି ବଡ଼ ଭାଇର ସ୍ତ୍ରୀ ବା ଭାଉଜକୁ, ବଡ଼ଭାଇର ମୃତ୍ୟୁପରେ ପତ୍ନୀରୂପେ ଗ୍ରହଣ କରିବାରେ ସମାଜ କୌଣସି ବାଧା ଦିଏ ନାହିଁ । ପ୍ରାୟ ପ୍ରତ୍ୟେକ ଆଦିବାସୀ ଗୋଷ୍ଠୀରେ ଏହି ଚଳଣି ଚଳି ଆସୁଛି । ଏଣୁ ନାରୀ ବା ପୁରୁଷ ଜୀବନରେ ବୈଧବ୍ୟ ବା ବିଧୁର ବିଚ୍ଛେଦ ବିରହର ଜ୍ୱଳନ ନାହିଁ ।

(ଟ) କନ୍ୟାସୁନା :-

ଆଦିବାସୀ ସମାଜରେ 'ଯୌତୁକପ୍ରଥା' ନାହିଁ ବରଂ କନ୍ୟାର ମୂଲ୍ୟ ସ୍ୱରୂପ କିଛି ସଂପଦ ଦିଆଯାଏ । ତାକୁ 'କନ୍ୟାସୁନା' କୁହାଯାଏ । ଏଣୁ ବରପକ୍ଷ, କନ୍ୟାପକ୍ଷକୁ ଶାଢ଼ୀ, ଧୋତି, ଗାଈ, ମହିଷୀ, ଧାନ, ଚାଉଳ ପ୍ରଦାନପୂର୍ବକ କନ୍ୟାର ମୂଲ୍ୟସ୍ୱରୂପ ଯାହା ପଞ୍ଚାୟତ ବା ଜାତିଭାଇ ମୁଖିଆ ପକ୍ଷରୁ ସ୍ଥିର ହୋଇଥାଏ, ସେତିକି କନ୍ୟାସୁନା ଦେବାକୁ ପଡ଼ିଥାଏ । ଫଳରେ ଏହି ସମାଜରେ ନାରୀ ନିର୍ଯ୍ୟାତିନା ବା ପାରିବାରିକ ଝଡ଼ଝଞ୍ଜା ଦେଖାଯାଏ ନାହିଁ, କିମ୍ବା କନ୍ୟାଜନ୍ମ ପରିବାର ପକ୍ଷରେ ବୋଝ ବୋଲି ଧରାଯାଏ ନାହିଁ । ସ୍ୱାମୀର ପୌରୁଷ, କାର୍ଯ୍ୟଦକ୍ଷତା ଓ ନାରୀର ନାରୀତ୍ୱ ତଥା ଘରକରଣା ପାରଦର୍ଶିତା ବିବାହ ପୂର୍ବରୁ ବିଚାରକୁ ନିଆଯାଇଥାଏ । ସକ୍ଷମ ବୁଢ଼ାବୁଢ଼ି ମଧ୍ୟ ବଣବିଲରେ କାମ କରିବା ବ୍ୟସ୍ତ ଥାନ୍ତି । ସେମାନେ ଆତ୍ମ ନିର୍ଭରଶୀଳ । କୁଟିଖାଇ, କାଟି ପିନ୍ଧିବା ତାଙ୍କର ଧର୍ମ । କର୍ମ ହିଁ ଜୀବନର ପାଥେୟ । ତେଣୁ ଆଦିବାସୀ ସମାଜରେ ଅଳସୁଆ ପ୍ରକୃତିର ଲୋକ କମ୍ । କିନ୍ତୁ ବଣ୍ଡା ପୁରୁଷ ପ୍ରାୟେ ଅଳସୁଆ । ନାରୀସବୁ କାମ କରେ ।

(ଠ) ବହୁପତ୍ନୀକ ବିବାହ:-

ଏ ସମାଜରେ ଜଣେ ଆଦିବାସୀ ଏକାଧିକ ପତ୍ନୀ ଗ୍ରହଣ କରିବାରେ ସାମାଜିକ ବା ପାରିବାରିକ ବାଧା ନାହିଁ । ତାର ସାମର୍ଥ୍ୟ ଓ ଶକ୍ତି ଉପରେ ଦ୍ୱିତୀୟ ପତ୍ନୀ ଗ୍ରହଣ କରିବା ନିର୍ଭର କରେ । ଅନେକଙ୍କର ବିଶ୍ୱାସ ଯେ ଅଧିକ ପତ୍ନୀ ରହିଲେ ଅନେକ ସନ୍ତାନ ଜନ୍ମନେବେ ଏବଂ ପାରିବାରିକ ସଂପଦ-ଧନ-ଧାନ୍ୟ ବୃଦ୍ଧି ହେବ । ତା ସଂଗେ ସଂଗେ କ୍ଷେତ, ବାଡ଼ି ଓ ସଂପଦର ବୋଝକୁ ସମ୍ଭାଳିବାରେ ସହାୟକ ହେବେ । କିନ୍ତୁ ନୀଳଗିରିରେ 'ଟୋଡୋ' ଓ ହିମାଚଳ ପ୍ରଦେଶର ଆଦିବାସୀ, ଓଡ଼ିଶାର ଗଦ୍‌ବା, କିସାନ୍ ଦ୍ୱିତୀୟା ପତ୍ନୀ ଗ୍ରହଣକୁ ପ୍ରଥମ ପତ୍ନୀ ବାଧା ଦେଇଥାଏ । ଅନେକ ପୁରୁଷ ଏକପତ୍ନୀ ବ୍ରତକୁ ଗ୍ରହଣ କରି ନେଇଥାନ୍ତି । ସାନ୍ତାଳମାନଙ୍କ ମଧରେ 'ବହୁପତ୍ନୀ' ଗ୍ରହଣ ଏକ ସାଧାରଣ କଥା ଥିଲା । (୧୮) ବହୁପତ୍ନୀ ଗ୍ରହଣକୁ ଆଇନ୍ ବାଧା ଦେଇଥିଲେ ମଧ ଦକ୍ଷିଣ ବିହାରର ସାନ୍ତାଳ ସଂପ୍ରଦାୟ ଏହି ପ୍ରଥାକୁ ବଞ୍ଚାଇ ରଖିଛନ୍ତି । କହିବାକୁ ଗଲେ ବହୁ ପତ୍ନୀ ରଖିବା କାମ ବିଳାସ ମାତ୍ର । ନାରୀକୁ ପଣ୍ୟଦ୍ରବ୍ୟ କରିଯାଏ ତାର ଦୁର୍ବଳତାକୁ ନେଇ । ତେବେ ବହୁ ବିବାହ ହେତୁ ନାରୀ ସ୍ୱାଧୀନତାରେ ଅପଯଶ ଆଣେ । ନାରୀ କେବଳ ଭୋଗ୍ୟା ଅଥବା ଅଙ୍କଶାୟିନୀ ହୋଇ କାମନା ପାତ୍ରୀ ହେବାକୁ ଜନ୍ମି ନାହିଁ । ସେ ଅବଳା ନୁହେଁ । ସେ ଧରିତ୍ରୀ ପରି ସର୍ବଂସହା । ସନ୍ତାନ ସୃଷ୍ଟିର ଆଦିଭୂମି । ସନ୍ତାନ ପାଇଁ ତା ବକ୍ଷରୁ ସ୍ନେହ ମମତା ଢାଳିଦିଏ । ଏଣୁ ପୁରୁଷର ସମସ୍ତ ନିର୍ଯ୍ୟାତନାକୁ

ସେ ଘଟଣାଚକ୍ରରେ ସହ୍ୟ କରିଥାଏ । ଅନ୍ୟାନ୍ୟ ଆଦିବାସୀଙ୍କ ମଧ୍ୟରେ ସ୍ତ୍ରୀ ସ୍ୱାମୀ ଅନୁରକ୍ତା ହୋଇ ମଧ୍ୟ ସ୍ୱୟଂ ବନ୍ଧ୍ୟାହେଲେ ବଂଶ ରକ୍ଷା ପାଇଁ ନିଜ ସ୍ୱାମୀର ଦ୍ୱିତୀୟ ଦାରା ଗ୍ରହଣ ପ୍ରସ୍ତାବକୁ ବିରୋଧ କରେନାହିଁ । 'ଅମୃତ ସନ୍ତାନ'ରେ 'ପିୟୁ' ବିରୋଧ ନକରି 'ଦିଉଡୁକୁ' ଦ୍ୱିତୀୟ ଦାରା ଗ୍ରହଣ ପାଇଁ ପରାମର୍ଶ ଦେଇଛି । କାରଣ ନାରୀ ନିଜର ଦୁର୍ବଳତାକୁ ଆତ୍ମ ସମୀକ୍ଷା କରେ ଏବଂ ସ୍ୱାମୀକୁ ସନ୍ତାନ ତଥା ବଂଶ ରକ୍ଷା ପାଇଁ ଦ୍ୱିତୀୟ ଦାରା ଗ୍ରହଣକୁ ମଞ୍ଜୁର କରେ । ଆଦିବାସୀ ନାରୀ ହଳଲଙ୍ଗଳ ଧାରଣ ବ୍ୟତୀତ ପରିବାର ଚଳାଇବା ପାଇଁ ସବୁ କାର୍ଯ୍ୟ କରିବାକୁ ସମର୍ଥ । ସେ ଅନ୍ୟାନ୍ୟ ସମାଜର ନାରୀ ଭଳି ପରମୁଖାପେକ୍ଷୀ ନୁହେଁ । ଗରିବ ହେଲେ ମଧ୍ୟ ମୁଠାଏ ଖାଇବା ପାଇଁ ହା ଅନ୍ନର ଚିତ୍କାର କରିବାର ଦେଖା ଯାଏନାହିଁ । ସେ ହାତ ପତେଇ ବଞ୍ଚି ରହିବାକୁ ଘୃଣା କରେ । ଆଜିକାଲି ଯେଉଁ ଅନାହାର ବା ଅପମୃତ୍ୟୁର ସମ୍ବାଦ ମିଳେ ତାହା ହେଉଛି ମନୁଷ୍ୟକୃତ ଶାସକ ଓ ଅମଲାତନ୍ତ୍ରର ଅବହେଳା । ଯେହେତୁ ଆଦିବାସୀ ତାର ଜମି ଜଙ୍ଗଲ ହରାଇ ଅନାହାରର ହେଉଛି ଶିକାର । ସେମାନଙ୍କୁ ଆଇନ କାନୁନରେ ସମ୍ମୁଖୀନ ହୋଇ ତାକୁ ଜମି ଜଙ୍ଗଲର ଅଧୀକାରୁ ବଞ୍ଚିତ କରାଯାଇଛି । ଫଳରେ ସେମାନେ ଆଜି ଦୀନ ଓ ହୀନ । ସେମାନଙ୍କୁ ସଂପ୍ରତି ଗିରିଜନ, ବନବାସୀ, ଅବହେଳିତ କହି ଅଯଥା ସହାନୁଭୂତି ଦେଖାଇ ଗୋଟିଏ ଜାତିର ଇତିହାସ, ପରମ୍ପରା, ସ୍ୱାଧିକାରକୁ ଉପହାସ କରାଯାଉଛି । ବରଂ ସଭ୍ୟ ସମାଜ ସେମାନଙ୍କୁ କାମ କରିବାର ବାହାନାରେ ଛଳନା କରିବାର ଅଭ୍ୟାସଟା ଶିଖେଇ ଦେଲେଣି । ଯୋଜନା ପ୍ରକଳ୍ପ ତଥା ଅମଲାତାନ୍ତ୍ରିକ ଚକ୍ରାନ୍ତରେ ସେମାନେ ହୋଇଛନ୍ତି ସୁଖବାସୀ, ପ୍ରଜା । ଚରମ କ୍ଷତିର ସମ୍ମୁଖୀନ ହେଉଛନ୍ତି । ସର୍ବହରା ହୋଇ ଜୀବନ ସାହାରାରେ ଛଟପଟ । ପାଇବା ଆଶାକୁ ନେଇ ଆନ୍ଦୋଳନ ହେଉଛି । ସେମାନଙ୍କୁ ନ୍ୟାୟ ଦେବା ପାଇଁ ସ୍ୱର ଉଠୁଛି । ବେଳେବେଳେ ବନ୍ଧୁକ ମୁନର ଶିକାର ହେଉଛନ୍ତି ।

ପୁରୁଷ ପରି ନାରୀର ମଧ୍ୟ ମର୍ଯ୍ୟାଦା ଓ ବିଚାର ଅଛି । ଗାନ୍ଧିଜୀଙ୍କ ମତରେ ପତିପତ୍ନୀଙ୍କର ନିର୍ମଳ ପ୍ରେମ, ନିବିଡ଼ ବନ୍ଧନ ମାନବିକ ପ୍ରେମ ସେମାନଙ୍କୁ ଭଗବାନଙ୍କ ନିକଟକୁ ନେଇଥାଏ । ସୁତରାଂ ଏହି ନିର୍ମଳ ଦାମ୍ପତ୍ୟ ପ୍ରେମହିଁ ପରିବାରକୁ ମଧୁମୟ କରି ତୋଳେ ।

## (ଚ) ଆଦିବାସୀଙ୍କ ଯୌନ ସମ୍ପର୍କ:-

ଅଧିକଙ୍କର ଧାରଣା ଯେ ଯୌନ ବିଚାର ବା ବିକାର ଆଦିବାସୀ ସମାଜରେ ନାହିଁ । ଯେହେତୁ ସେମାନେ ସ୍ୱାଧୀନ ଭାବରେ ବୁଲନ୍ତି; ପରସ୍ପର ସହିତ ନାଚ, ଗୀତ, ପର୍ବପର୍ବାଣୀରେ ମିଶନ୍ତି । ଏଣୁ ବିବାହ ପୂର୍ବରୁ ସେମାନଙ୍କ ଜୀବନରେ ଯୌନ ବ୍ୟଭିଚାରର ଯଥେଷ୍ଟ ସମ୍ଭାବନା ରହିଛି । ସ୍ୱଭାବତଃ ପୁରୁଷ କାମ ପ୍ରବଣ । ସେ ଯୌନ ଉତ୍ତେଜନାରେ ବଶବର୍ତ୍ତୀ ହୋଇ ଅବାଧ ମିଳାମିଶାର ସୁଯୋଗ ନେଇ ବଳାତ୍କାର ମଧ୍ୟ କରିଥାଏ । ବେଳେ ବେଳେ ବିବାହ ପ୍ରତିଶ୍ରୁତି ମଧ୍ୟ ପ୍ରାକ୍-ବିବାହ ଯୌନ ସମ୍ବନ୍ଧର କାରଣ ହୋଇଥାଏ । କିନ୍ତୁ ଆଦିବାସୀ ଅନୂଢ଼ା କନ୍ୟା ସାଧାରଣତଃ ବେଶ ସଂଯତ ଓ ଶୃଙ୍ଖଳିତ । କଥା କଥାରେ ସେ ସାଥୀ ସଙ୍ଗାତ ହୋଇପାରେ କିନ୍ତୁ ଯୌନ ସଂପର୍କ କ୍ଷେତ୍ରରେ ସେ ବେଶ ସଚେତନ । ଏ ସମାଜ ତରୁଣୀ ପ୍ରତି ବଳାତ୍କାରକୁ ବରଦାସ୍ତ କରେ ନାହିଁ । ଅବଶ୍ୟ ପାଶ୍ଚାତ୍ୟ ଚଳଣି ପରି ସ୍ୱାଧୀନ ବିଚରଣ, ନୃତ୍ୟ ଗୀତ ସମାବେଶ ଏବଂ ଉନ୍ମୁକ୍ତ ପରିବେଶ ମଧ୍ୟରେ ପରସ୍ପର ବାହୁ ଛନ୍ଦାଛନ୍ଦି ହେବାରେ,ମକର, ସଂଗୀତ, ସରିଆଧାନ୍ ଆଦି ମଧୁର ଭାବ ସୂଚକ ଡକାଡକି ହେବା ଫଳରେ ଆଦିବାସୀ ସମାଜରେ ଅଲକ୍ଷ୍ୟରେ ଯେ କେତେକ ତରୁଣୀମାନଙ୍କ ମଧ୍ୟରେ ସୁଖ

ସମ୍ଭୋଗର ମିଳନ ନହେଉଛି, ସେପରି କୁହା ଯାଇପାରେନା । ଏତିକି ଯେ ମନ ମାନିଲେ ବିବାହ ନଚେତ୍ ବିଚ୍ଛେଦ । ସାଥୀ ବାଛିବାରେ ବାଧା ନାହିଁ । ଆଦିବାସୀ ଯୁବତୀ ଓ ଯୁବକ ଶୃଙ୍ଖଳା ବଜାୟ ରଖି ସାଥୀ ବାଛନ୍ତି । ସେମାନଙ୍କ ପକ୍ଷରେ ଗୋପନୀୟତା ବା ଛଳନା ନାହିଁ । ପ୍ରଣୟ ଚେତନାରେ ସବର୍ଣ୍ଣ ସଇତାନର ସ୍ଥାନ ନାହିଁ । ରହିଛି ମନର ବଳ ଓ ନିର୍ମଳ ପ୍ରେମ । ବେଳେ ବେଳେ ଗୋପନୀୟ ପ୍ରେମର ପ୍ରାବଲ୍ୟ ହେତୁ ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ସାଭିମାନ ଭିତିକ ସଂଘର୍ଷ ଘଟିଥାଏ । ନାରୀ ନେଇ ଝଗଡ଼ା । ହଣାକଟା । ସେଥିପାଇଁ ପଲ୍ଲୀ, ମାଟି ରକ୍ତ ରଂଜିତ ହୁଏ । କାରଣ ନାରୀର ମର୍ଯ୍ୟାଦା ହିଁ ପରିବାରର ମର୍ଯ୍ୟାଦା । ତାର ସ୍ଥାନ ଉଚ୍ଚରେ । ସେ ଜନନୀ, ଜାୟା, ଭଗିନୀ, କନ୍ୟା ପ୍ରତି ବଡ଼ ଶ୍ରଦ୍ଧାଳୁ । ସେମାନଙ୍କ ସୁରକ୍ଷା ପାଇଁ ଅନୁରକ୍ତ ହୋଇଥାଏ ବ୍ୟକ୍ତି ଓ ଜାତି । ଏ ସମାଜରେ ଦୈନିକ ଘଟଣା, ଧର୍ଷଣ, ବଳତ୍କାର ବା ପ୍ରେମିକା ହତ୍ୟାକାଣ୍ଡ ନାହିଁ । ଧରା ପଡ଼ିଲେ ସମାଜ ଦଣ୍ଡ ଦିଏ । ସବୁଦିନ ପାଇଁ ବାସନ୍ତ ହୁଏ ।

(ଢ) ଆଦିବାସୀର ମଦ୍ୟପାନ ଅଭ୍ୟାସ ଓ ବ୍ୟବସାୟ:-

ଆଦିବାସୀମାନେ ବିଳାସ ପ୍ରିୟ ଓ ଖୁସି ମିଜାଜର ଲୋକ । ବର୍ତ୍ତମାନ ସର୍ବସ୍ୱ ଖଟି ଖାଇବେ ସତ କିନ୍ତୁ ଗାଇ, ନାଚି ଆନନ୍ଦ ଉପଭୋଗ କରିବେ ନିଶ୍ଚୟ । ମାତ୍ର ଭବିଷ୍ୟତ ପାଇଁ ସଞ୍ଚୟ କରିବା ଚିନ୍ତା ନାହିଁ । ଏଣୁ ସନ୍ଧ୍ୟା ନଇଁଲେ ମହୁଲମଦ, ଚାଉଳ ମଦ ବା ହାଣ୍ଡିଆ, ଖଜୁରୀ ତାଡ଼ି, ସଲପ ରସ ସେମାନଙ୍କର ହୁଏ ଅତି ପ୍ରିୟ । ଗଞ୍ଜେଇ, ଅଫିମ, ସେମାନଙ୍କର ସେତେ ପ୍ରିୟ ନୁହେଁ । ହେଲେ ନିଶା ପାନୀୟ ପରି ବ୍ୟବହୃତ ହୋଇଥାଏ । ନିଜେ ମହୁଲି ମଦ ତିଆରି କରନ୍ତି । 'ପରଜା' ଉପନ୍ୟାସରେ ମାଣ୍ଡିଆଜାନି ଚରିତ୍ରରୁ ଆମେ ଅବଗତ ହେଉ । ସ୍ଥାନ କାଳରେ ବିଚାର ନାହିଁ ବା ବିକାର ନାହିଁ । ନିର୍ବିକାରରେ ଦିବାଲୋକରେ ନିଶାପାନ କରିଥାନ୍ତି । ଏପରି ବ୍ୟବହାର ଆଧିକ୍ୟ ହେତୁ କାଳକ୍ରମେ ସେମାନେ ସର୍ବସ୍ୱାନ୍ତ ହୋଇ ପଡ଼ନ୍ତି । ଏହା ପରମ୍ପରାର ଦୋଷ । ସେମାନଙ୍କର ପର୍ବପର୍ବାଣୀ, ବିବାହ, ଶ୍ରାଦ୍ଧ ଆଦି ପ୍ରତ୍ୟେକ ସାମାଜିକ କାର୍ଯ୍ୟକ୍ରମରେ ନିଶାର ବ୍ୟବହାର ହୁଏ । ସେମାନେ ଏପରି ବିଳାସ ତଥା ବଦଖର୍ଚ୍ଚରେ ଲିପ୍ତ ହୋଇଛନ୍ତି ଯେ ସେମାନଙ୍କର ଅର୍ଥନୈତିକ, ସାମାଜିକ ତଥା ବ୍ୟକ୍ତିଗତ ଜୀବନ ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼େ । ଏଣୁ ନିଶା ଅଭ୍ୟାସ ସମସ୍ତ ଦୁଃଖର କାରଣ । ଏହି ଚରମ ବଦ୍ ଅଭ୍ୟାସ ହିଁ ଜୀବନର ଚରମ ବିପର୍ଯ୍ୟୟ ଓ ଦାରିଦ୍ର୍ୟର କାରଣ । ଏହି ଲାଳସା ଓ ବଦ୍ ଅଭ୍ୟାସ ଲାଗି ବ୍ୟକ୍ତି ଜାତି, ଧର୍ମ, ସଂପଦ ହରାଏ । ଆଉ ହୁଏ ସାଧାରଣ ସମାଜରେ କଳଙ୍କିତ । ବାସ୍ତବରେ ନିଶା ତଥା କେତେକ ଏପରି ଅହେତୁକ ପରମ୍ପରା ଯୋଗୁ ହିଁ ସେମାନଙ୍କର ହୋଇଛି ଅଧୋଗତି ନିଶାର ବ୍ୟବହାର ହେତୁ ମାନସିକ ଓ ଶାରୀରୀକ ସାତନ୍ତ୍ର୍ୟ ମଧ ହରାଇଛନ୍ତି ଓ ହରାଉଛନ୍ତି । ମାତ୍ର ଆନନ୍ଦ ମହୋତ୍ସବ, କ୍ଳାନ୍ତ, ଶ୍ରାନ୍ତ ଜୀବନ ଓ ସମାଜକୁ ସମ୍ମିଳିତ କରିବା ସଙ୍ଗେ ଗୋଷ୍ଠୀଗତ ଜୀବନକୁ ସଂଗଠିତ କରୁଥିଲେ ମଧ୍ୟ କେତେକ ଅନ୍ଧ ପରମ୍ପରାର ବଶବର୍ତ୍ତୀ ହୋଇ ଏମାନେ ଜୀବନରେ ବହୁ ଅନିଭୋଗ ଭୋଗିଥାନ୍ତି । ଏଥିରୁ କ୍ଷାନ୍ତ ନ ହେଲେ ସେ ଶାନ୍ତି ଜୀବନ ଯାପନ କରିପାରିବ ନାହିଁ । ସରକାର ମଧ୍ୟ ରାଜସ୍ୱ ଲାଭରେ ସେମାନଙ୍କର ବସତିରେ ନିଶା ପ୍ରଚଳନ କରିବା ଦୁର୍ଭାଗ୍ୟଜନକ ।

ଏହି ନିଶାପାନ ଅଭ୍ୟାସ ପୁରାଣ ଯୁଗରୁ ବିଦ୍ୟମାନ । ବୌଦ୍ଧ ଜାତକରେ 'କପୋତିକାମଦ'ର ଉଲ୍ଲେଖ ରହିଛି । କପୋତ ନାମକ ଏକ ବୃକ୍ଷ ରସରୁ ତିଆରି ହେଉଥିବା ରସ ନେଇ ପାନୋତ୍ସବରେ ଆବାଳ ବୃଦ୍ଧ ସୁରାପାନ କରୁଥିଲେ । (୧୯) ଏଣୁ ସଭ୍ୟ ହେଉ ବା ଅଶିକ୍ଷିତ

ହେଉ, ନିଶାପାନ ତାର ମାନସିକ ଅଭ୍ୟାସରେ ପରିଣତ ହୋଇ ଯାଇଛି । ରାମାୟଣ, ମହାଭାରତରେ ଏହା 'ସୋମରସ' ଭାବେ ପରିଚିତ ଥିଲା । ମଣିଷ ବଡ଼ ବିଚିତ୍ର ଜୀବ । ଜୀବନର ଉପଭୋଗ ପାଇଁ ନାନା ଗୁଣ, ଆଦର୍ଶ ଖଞ୍ଜି ଦେଇଛି ସମାଜ, ପୁରାଣ, ସାହିତ୍ୟ, ଦର୍ଶନରେ । ସଂସ୍କୃତ କାବ୍ୟ 'କୁମାର ସମ୍ଭବ'ରେ ପାର୍ବତୀଙ୍କୁ ଶିବ କିପରି ମଦିରା ପାନ ଦ୍ୱାରା ଆସକ୍ତ କରାଇଥିଲେ, ତାହା ମହାକବି କାଳିଦାସ ବର୍ଣ୍ଣନା କରିଛନ୍ତି । ସେକାଳରେ କଳ୍ପ ବୃକ୍ଷରୁ ନିର୍ଗତ ରସକୁ ମଧୁ ବା ମଦିରା ଭାବରେ ବର୍ଣ୍ଣନା କରାଯାଇଛି ।

'ଲୋହିତାର୍କ -ମଣି- ଭଜନା ପିତଂ
କଳ୍ପେ -ବୃକ୍ଷ -ମଧୁ ବିଭ୍ରତୀ ସ୍ୱୟଂ ତାକ୍ଷିଣଂ ସିତ ମଶୃମ ପାଗତୀ
ତ୍ୱାମିୟଂ ସ୍ଥିତମଶୃମ୍ପାଗତୀ ମୁପାଗତା
ଗନ୍ଧମାର୍ଦ୍ଧନ- ବନାଧି ଦେବତା ।' (୨୦)

ଅର୍ଥାତ୍ ଗନ୍ଧମାର୍ଦ୍ଧନରେ ଅଧିଷ୍ଠାତ୍ରୀ ଦେବୀମାନେ ସୂର୍ଯ୍ୟକାନ୍ତ ମଣି ନିର୍ମିତ ପାତ୍ରରେ କଳ୍ପବୃକ୍ଷ ଜାତ ମଦିରା ନେଇ ପାର୍ବତୀଙ୍କ ଉପଲକ୍ଷେ ଉପସ୍ଥିତ ରହିଛନ୍ତି ବୋଲି ପାର୍ବତୀଙ୍କୁ ସୂଚନା ଦେଇଛନ୍ତି । ବାସ୍ତବରେ ଶିବ ନବ ବିବାହିତା ପତ୍ନୀ ପାର୍ବତୀଙ୍କୁ ନିଶାପାନ କରନ୍ତୁ ବୋଲି କହିଛନ୍ତି । ପୁଣି "ଇତ୍ୟୁବାଚ ସବିଦାୟ ଶଙ୍କରାସ୍ତ ସମାପୟତ୍ ପାନମ୍ ସିକାମ ।"(୨୧) ଏପରି ପ୍ରେମାମୋଦ ଦାୟକ ବାକ୍ୟ କହି ସ୍ୱୟଂ ଶିବ ପାର୍ବତୀଙ୍କୁ ମଦିରାସକ୍ତ କରିଥିଲେ । ଯେଉଁ ଦ୍ରାବିଡ଼ ତଥା ଆଦିମ ସମାଜର ଦେବାଦେବୀ ମଦିରା ପାନ କରନ୍ତି, ସେଠାରେ ସାଧାରଣ ଅନୁଗତ ଭକ୍ତ ମାନଙ୍କର ଅବସ୍ଥା ମଧ୍ୟ ଅନୁରୂପ ହେବା ସ୍ୱାଭାବିକ । ଯେଉଁ ଦେଶର ନେତା ବା ରାଜା ଯେଉଁ ଆଚରଣ କରିବେ, ତାଙ୍କ ଅନୁଗତ ପ୍ରଜା ମଧ୍ୟ ସେହି ଆଦର୍ଶ ଓ ଆଚାରରେ ଅନୁପ୍ରାଣିତ ହେବା ଏଥିରେ ସନ୍ଦେହର ଅବକାଶ ନାହିଁ । ଭଗବତ୍ ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି, "ଯଦ୍ ଯଦା ଚିରତି ଶ୍ରେଷ୍ଠସ୍ତ ଦେ ଏ ବେତରୋ ଜନଃ । ସଯତ୍ ପ୍ରମାଣଂ କୁରୁତେ ଲୋକସ୍ତଦନୁ ବଭିତେ ।"(୨୨) ଜଣେ ଶ୍ରେଷ୍ଠ ବ୍ୟକ୍ତି ଯାହା ଆଚରଣ କରନ୍ତି, ଅନ୍ୟ ଲୋକ ଆଚରଣରେ ତାହାହିଁ କରିଥାନ୍ତି । ସେହି ଶ୍ରେଷ୍ଠ ବ୍ୟକ୍ତି ଯାହା ଆଚରଣ କରିଥାନ୍ତି ଜଗତର ମାନବ ସମାଜ ତାକୁ ଅନୁସରଣ କରି ଜୀବନଯାପନ କରିଥାନ୍ତି । ଏଣୁ ସମାଜ ପତି ବା ଶ୍ରେଷ୍ଠ ବ୍ୟକ୍ତିଙ୍କ ଆଦର୍ଶ, ନୀତି, ସାଧାରଣ ବ୍ୟକ୍ତି ବା ସମାଜକୁ ପ୍ରଭାବିତ କରିଥାଏ । ଏହି ମନ୍ଦ ମଦିରା ପାନ ପରମ୍ପରା ସମାଜରେ ବହୁ ପୂର୍ବରୁ ରହିଛି । ଶକ୍ତି ପୂଜାରେ ମଧ୍ୟ ତାନ୍ତ୍ରିକ ରୀତିରେ ଏହାର ପ୍ରଚଳନ ଆଜି ବି ରହିଛି । ଏଣୁ ଆଦିବାସୀ ସମାଜରେ ଦେବାଦେବୀର ପୂଜା ଅର୍ଚ୍ଚନା ବେଳେ ମଦ ଅର୍ପଣ କରିବା ସାମାଜିକ ରୀତି ହୋଇଛି । ତାକୁ 'ଫୁଲି' ଜାଳିବା କହିଥାନ୍ତି । ମଦକୁ ନିଆଁ ଦେଖେଇ ଦେଲେ ଦପ୍ ଦପ୍ ହୋଇ ଜଳି ଉଠେ । ମହୁଲ ବାଷ୍ପ ଅର୍ଥାତ୍ ଜଳରୁ ତିଆରି ମଦରେ ବ୍ୟବହୃତ ସାଦା ପାଣି ଟୋପାଏ ପଡ଼ିବ ନାହିଁ । ସଂପୂର୍ଣ୍ଣ ଶୁଦ୍ଧ ବଳିତା, ଶୁଦ୍ଧ ଘିଅ ପରି ଜଳିବ । ତାହା ହେଲେ ଦେବାଦେବୀ ସନ୍ତୁଷ୍ଟ ହୁଅନ୍ତି ବୋଲି ଆଦିବାସୀଙ୍କର ବଦ୍ଧ ଧାରଣା । ମଦ ହୁଏ ଦେବାଦେବୀଙ୍କ ନୈବେଦ୍ୟ । ସେହି ମଦର ଅବଶିଷ୍ଟ ଭାଗକୁ ଆବାଳ ବୃଦ୍ଧବନିତା ପ୍ରସାଦ ରୂପେ ବିନା ଦ୍ୱିଧା, ସଙ୍କୋଚରେ ପାନ କରିଥାନ୍ତି । ଏହା ଆଦିବାସୀ ସମାଜର ପ୍ରିୟ ଉପହାର ଓ ତାର ପ୍ରିୟ ପାନୀୟ । ଏଣୁ ଛୋଟ ଶିଶୁର ମଧ୍ୟ ଏଥିରେ ଅଭ୍ୟାସ ବଢ଼ିଯାଏ । ଏଥିପାଇଁ ସେମାନେ ଏଥିରୁ ଦୂରେଇ ପାରି ନାହାନ୍ତି । ସଂପୂର୍ଣ୍ଣ ନିଶା ନିଷିଦ୍ଧ ନହେଲେ ଏଥିରୁ ତ୍ରାହି ପାଇବା ଅସମ୍ଭବ । ଏହା ପଲ୍ଲୀ, ପାହାଡ଼ି, ଆଦିବାସୀ ଜନଜାତିର ଉପଭୋଗ୍ୟ ହୋଇଛି ।

ପୁଣି ଆଦିବାସୀ ପ୍ରେତାତ୍ମାର ତୃପ୍ତି ପାଇଁ ମଦ ଅର୍ପଣ କରିବା ପାରମ୍ପରିକ ରୀତି ରହିଛି । ଏମାନଙ୍କର ବିଶ୍ୱାସ ଯେ ବ୍ୟକ୍ତି ମୃତ୍ୟୁ ପରେ 'ଡୁମା' (ପ୍ରେତାତ୍ମା) ହୋଇଯାଏ । ଶରୀର ସିନା ଛାଡ଼େ, ଆତ୍ମା ରହିଥାଏ । ଏଣୁ ସେମାନଙ୍କର ଦୃଢ଼ ବିଶ୍ୱାସ, ପର୍ବପର୍ବାଣୀରେ ଶୁଭ କ୍ରିୟାରେ ମଦ, ରକ୍ତ (କୁକୁଡ଼ା, ଛାଗ ବଳି) ଅମର ଆତ୍ମା ଉଦ୍ଦେଶ୍ୟରେ ଅର୍ପଣ କରିଥାନ୍ତି । ଅବଶିଷ୍ଟ ମଦକୁ ସମ୍ପର୍କୀୟ ପରିବାରର ସମସ୍ତେ ମିଶି ପ୍ରସାଦ ସ୍ୱରୂପ ଗ୍ରହଣ କରନ୍ତି । ଆଦିବାସୀର ଜୀବନ ଚଳଣିରେ ମଦର ସ୍ଥାନ ହେଉଛି ବନ୍ଧୁତାର ପ୍ରଥମ ବିନିମୟ । ମଦ୍ୟ ପ୍ରଥମେ ଅତିଥି ଓ ବନ୍ଧୁକୁ ନଦେଲେ ନଚଳେ । ମଦ ନିଶ୍ଚୟ ଦେବାକୁ ପଡ଼ିବ । ମାତ୍ର ଏହାକୁ ସଂସ୍କୃତିର ଅଂଶ ବୋଲି ଦାବୀ କରିବା ଭ୍ରମାତ୍ମକ, ଏହା ଏକ ଅଭ୍ୟାସ । ନିରକ୍ଷର ଅଜ୍ଞ ମଣିଷ ଦେବାଦେବୀ ତଥା ଚଳଣୀର ପରମ୍ପରାକୁ ଅନ୍ଧ ଭାବରେ ଗ୍ରହଣ କରି ନେଇଛି । ଏଣୁ ଯାହା ପରମ୍ପରାର ଗତ, ତାହାକୁ କୌଣସି ଆଦର୍ଶ ବା ଉପଦେଶ ବନ୍ଦ କରି ପାରିବ ନାହିଁ । ଏଥିପାଇଁ ମାନସିକ ସଚେତନ ପରିବର୍ତ୍ତନ କରିପାରେ । ଆଦିବାସୀ ଶିକ୍ଷିତ ସମାଜରେ ପ୍ରାୟ ଅଭ୍ୟାସର ପରିବର୍ତ୍ତନ ପରିଲକ୍ଷିତ ହେଲାଣି । ଆଦିବାସୀ ଦରିଦ୍ର ନୁହେଁ, କେବଳ ଅବସ୍ଥା ଓ ପରିସ୍ଥିତି ସେମାନଙ୍କୁ ଦରିଦ୍ର କରିଛି । ଆର୍ଯ୍ୟ ହିନ୍ଦୁମାନେ ସେମାନଙ୍କୁ ଅଯୋଗ୍ୟତର କରି ରଖିଲେ । ସେମାନଙ୍କୁ ମଦ ମାଂସ ଦେଇ ବୁଡ଼ାଇଲେ ଏବଂ ଆଦିବାସୀର ଶୈବ-ଜଗନ୍ନାଥ ସଂସ୍କୃତି ତଥା ମନ୍ତ୍ରତନ୍ତ୍ରକୁ ଗ୍ରହଣ କରି ନିଜକୁ 'ହିନ୍ଦୁ' ବୋଲାଇଲେ । ଅଥଚ ଆଦିବାସୀମାନେ ହେଲେ ଅବହେଳିତ, ମାନସିକ ଯନ୍ତ୍ରଣାର ଶିକାର । କାହିଁ ବୌଦ୍ଧିକତା ଦେଖାଇଛନ୍ତି । ଯେପରି ପାଠଶାଳାରେ ପାଦ ନଦେଇ ନିଜର ବିଚକ୍ଷଣତା ବଳରେ 'ଏକଲବ୍ୟ' ପାରଦର୍ଶିତା ଦେଖାଇଛି । ଭାରତ ସ୍ୱାଧୀନତା ପରେ ଆଦିବାସୀଙ୍କ ଆଖି ଫିଟିଛି । ତଥାପି ଶିକ୍ଷିତ ଯୋଗ୍ୟ ଆଦିବାସୀଙ୍କୁ ସାମାଜିକ, ରାଜନୈତିକ, ଶାସନ କ୍ଷେତ୍ରରେ ଏକଲବ୍ୟ ଅର୍ଥାତ ପଙ୍ଗୁ କରିବାରେ ପଛାଉ ନାହାନ୍ତି ।

**(ଣ) ଆଦିବାସୀ ସଂହତି ଓ ସହାବସ୍ଥାନ:-**

ପରସ୍ପର ବାଦ ବିବାଦ ସତ୍ତ୍ୱେ ଆଦିବାସୀଙ୍କ ପାରିବାରିକ ଓ ସାମାଜିକ ଆଦର୍ଶ ବଞ୍ଚି ରହେ । ସେମାନଙ୍କର କଳହ ବେଶି ଦିନ ରହେନାହିଁ । ମଦ୍ୟପାନ, ରାଗରୋଷର କ୍ଷଣିକ କ୍ଷତ ବିକ୍ଷତ ତଥା ଉତ୍ତେଜନା ପରେ ପୁଣି କୌଣସି ଯାନିଯାତ୍ରା, ପର୍ବପର୍ବାଣୀରେ ସେମାନେ ସାମିଲ ହୋଇଯାନ୍ତି । ମାନ ଅଭିମାନ ଟିକ୍ଷି ରହେନାହିଁ । ବ୍ୟକ୍ତିଗତ ବା ଜାତିଗତ ସଂପର୍କ ସେମାନଙ୍କୁ ସବୁଦିନ ପାଇଁ ଆକର୍ଷିତ କରି ରଖେ । ଏଣୁ ଚଇତିପର୍ବ, ମାଘପର୍ବ, ପୌଷ ପୂର୍ଣ୍ଣିମା ବା ନୂଆଖାଇ ଅଥବା ଶ୍ରାଦ୍ଧ, ବିବାହରେ ସେମାନେ ଏକଜୁଟ ହୋଇଥାନ୍ତି । ମାନ ଅଭିମାନ ଭାଙ୍ଗିବା କ୍ଷେତ୍ରରେ ଗ୍ରାମ ମୁଖିଆର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଫଳରେ ଗୋଷ୍ଠୀ, ସଂହତି ଓ ସହାବସ୍ଥାନ ଆଦର୍ଶଗତ ଭାବେ ରହି ଆସିଛି । ଶତ୍ରୁ ହୋଇଥିଲେ ମଧ୍ୟ ବିପଦ ବେଳେ ପରୋକ୍ଷରେ ସାହାଯ୍ୟ ସହଯୋଗ ଦେବାଲାଗି ଆଗେଇ ଆସନ୍ତି । ବ୍ୟକ୍ତିପ୍ରତି ବ୍ୟକ୍ତିର ବିଦ୍ୱେଷ ମନୋଭାବ ପରିବର୍ତ୍ତନ ହୋଇଯାଏ । ବନ୍ଧୁବାନ୍ଧବ ସାଥି ହୋଇ ପୁଣି ଡାଣ୍ଡରେ ନାଚନ୍ତି । ବସି ଗୀତ ଗାଆନ୍ତି । ସେମାନଙ୍କର ହସଖୁସି ଦେଖି ଦେଖଣାହାରୀ ବି ପୁଲକିତ ହୁଏ । ବାସ୍ତବିକ ସେମାନଙ୍କ ନିବିଡ଼ ସଂପର୍କରେ ଯେ ଆସିନାହିଁ ସେ ଏ ଦୃଶ୍ୟ ଅନୁଭବ କରିପାରିବା ନାହିଁ । ନିଜ ଭୁଲକୁ ସହଜରେ ଗ୍ରହଣ କରି ନେଉଥିବା ଜାତି ହେଉଛି ଆଦିବାସୀ । କ୍ଷଣିକେ କ୍ରୋଧ ହୁଏ ପରକ୍ଷଣରେ ଶାନ୍ତ ହୋଇଯାଏ । ନଦୀ ପରି ଫୁଲେ ପୁଣି ଶୁଖିଯାଏ । ଆଉ ସ୍ନେହମମତାର ଫଲ୍‌ଗୁ ଭରିଆସେ ଅନ୍ତରରେ, ମନ ଗହନରେ । ଏହା ହିଁ ମାନବିକତା । କିନ୍ତୁ ଶିକ୍ଷିତ

ହେଲା ପରେ, ଚାକିରୀ ଆଦି କରି ସଂପଦ -ବାଡ଼ି କଲାପରେ ଅତୀତର ସଂହତି - ସଦ୍‌ଭାବ - ଉଦାରତା ଆଉ ନାହିଁ । ସଭ୍ୟ -ଶିକ୍ଷିତମାନେ ପରିବର୍ତ୍ତନ ହେଲେଣି ।

କିନ୍ତୁ ସାଧାରଣ ଆଦିବାସୀମାନେ ପଡ଼ା, ସାହି ବା ପଲ୍ଲୀରେ ପନ୍ଦର, କୋଡ଼ିଏ ଘର ମିଶି ବାସ କରନ୍ତି । ସେମାନଙ୍କ ମଧ୍ୟରେ ବିଭିନ୍ନ ଭାଷାଭାଷୀ ତଥା ଧର୍ମର ଲୋକ ଥିଲେ ପରସ୍ପରକୁ ଅଜା, କକା, ମାମୁଁ, ନାତି, ଭାଇ, ଭଉଣୀ ଭାବରେ ସମ୍ବୋଧନ କରିଥାନ୍ତି । ଅନ୍ୟ ଜାତିର ଲୋକ ବି ଅନୁଭବ କରେ ଯେ ସେମାନେ ସମସ୍ତେ ଏକ ପରିବାରର ଲୋକ । ସେମାନେ ସ୍ୱଭାବତଃ ସମସ୍ତଙ୍କର ସୁଖଦୁଃଖରେ ସମଭାଗି ହୁଅନ୍ତି । ଆଦିବାସୀଙ୍କର ସ୍ୱତନ୍ତ୍ର ଭାଷା ଓ ସଂସ୍କୃତି ଥିଲେ ମଧ୍ୟ ଅନ୍ୟ ଉପରେ ଲଦି ଦିଅନ୍ତି ନାହିଁ । ଆଦିବାସୀ ଅଞ୍ଚଳରେ ସମସ୍ତଙ୍କର ଆଞ୍ଚଳିକ ଭାଷା ବା 'ବୋଲି' ବ୍ୟବହାର କରନ୍ତି । ଯେପରି ସମ୍ବଲପୁର ଅଞ୍ଚଳରେ 'ସମ୍ବଲପୁରୀ' ବୋଲି ସୁନ୍ଦରଗଡ଼ ଅଞ୍ଚଳରେ 'ସାଦ୍ରୀ'। ଏହି ଅଞ୍ଚଳ ଗୁଡ଼ିକରେ ତେଲୁଗୁ, ତାମିଲ, ପଞ୍ଜାବୀ, ଗୁଜୁରାଟୀ ତଥା ସଂଭ୍ରାନ୍ତ ବଂଶର ସଂସ୍କୃତି ସଂପନ୍ନ ଲୋକମାନେ ବାସ କରୁଥିଲେ ମଧ୍ୟ ସେମାନେ ସମ୍ବଲପୁରୀ ବା ସାଦ୍ରୀ ଭାଷା ବା ବୋଲି ସମସ୍ତଙ୍କର ବିନିମୟ ଭାଷା ରୂପେ ଗ୍ରହଣ କରି ନେଇଥାନ୍ତି । ଏଣୁ ସାଧାରଣ ବ୍ୟକ୍ତି ମଧ୍ୟ ସେହି ଭାଷା ବୁଝେ ଓ କହେ । ଫଳତଃ ନିଛକ ଓଡ଼ିଆ ହିନ୍ଦି, ସଂସ୍କୃତ ଆଦିବାସୀ ଭାଷା ଅଥବା ସମୃଦ୍ଧଶାଳୀ ଭାଷା ଭାବ ବିନିମୟରେ ଅସୁବିଧା ସୃଷ୍ଟି କରେନାହିଁ ।

ଇତିହାସ ପର୍ଯ୍ୟାଲୋଚନାରୁ ଜଣାଯାଏ ଯେ ଏହି ମାଟିରେ କେତେ ଜାତି, କେତେ ଭାଷା କେତେ ସଂସ୍କୃତିର ପଦଧ୍ୱନି ନେଇ ଆସିଥିଲେ ବି ଆଦିବାସୀ ଭାଷା ସଂସ୍କୃତି ଏଯାଏ ଅକ୍ଷତ ରହିଛି । ହୁଣ, ତୁର୍କି, ଡଚ୍, ପର୍ତ୍ତୁଗୀଜ୍, ଫ୍ରେଞ୍ଚ୍, ଇଂରାଜୀ ଭାଷା ଭାଷୀ ଆଗରୁ ଆର୍ଯ୍ୟ, ମୋଗଲ, ପଠାଣ ପ୍ରବେଶ କରି ଏ ଦେଶର ଭାଷା, ସଂସ୍କୃତି ଓ ମାଟିକୁ ଆପଣାର କରିନେଲେ ଏବଂ ଏଠି ଆସ୍ଥାନ ଜମାଇ ରହିଲେ । ସେମାନେ ଆଦିବାସୀଙ୍କ ଉପରେ ହେଲେ ଅଧିକାରୀ ।

ସେମାନେ ଏହି ଦେଶକୁ ନିଜର ବାସସ୍ଥାନ ମନେକରି ସଂସ୍କୃତିର ବିନିମୟରେ ନିଜକୁ ଓ ଦେଶକୁ ସମୃଦ୍ଧ କରିଛନ୍ତି । ସୁତରାଂ ବାହ୍ୟ ଓ ଆଭ୍ୟନ୍ତରୀଣ ସଂସ୍କୃତିର ବିନିମୟ ହେଲେ ମଧ୍ୟ ଭାରତୀୟ ବିଭେଦ ମଧ୍ୟରେ ତାର ସ୍ୱାତନ୍ତ୍ର୍ୟ ସୁଦୃଢ଼ ରଖିଛି । ବିଶ୍ୱର ଇତିହାସ ପୃଷ୍ଠା ଅବଲୋକନ କଲେ ଜଣାଯାଏ ଯେ, ବହୁ ଦେଶର ଜାତି, ସଂସ୍କୃତି ଓ ଧର୍ମର ପରିବର୍ତ୍ତନ ହୋଇ ମୂଳସତ୍ତା ହରାଇଛି । ରାଜନୀତି ତଥା ଧର୍ମର ଦୁହାଇ ଦେଇ ନିଜସ୍ୱ ପରମ୍ପରା ସଂସ୍କୃତିକୁ ବାଦ ଦେଇ ନୂତନ ଯୁଗର ମଣିଷ ବା ସଭ୍ୟଦେଶର ବ୍ୟକ୍ତି ଭାବେ ପରିଚୟ ଦେଇଛି । ତାର ଶାରୀରିକ ବା ଆତ୍ମିକ ପରିବର୍ତ୍ତନ ହୋଇନାହିଁ । କେବଳ ଭଙ୍ଗୀ ପରିବର୍ତ୍ତନ ହୋଇଛି । ଦ୍ରାବିଡ଼ ତଥା ଆଦିବାସୀ ସଂସ୍କୃତି ଆର୍ଯ୍ୟ ପରମ୍ପରାର ନୂତନ ଦର୍ଶନ ଓ ଦାର୍ଶନିକ ଚେତନା ସହିତ ସମନ୍ୱୟ ବଜାୟ ରଖି ବଞ୍ଚି ରହିଛି ମୂଳ ସଂସ୍କୃତିର ମନ୍ଦାକିନୀ ଧାରା ।

ଆଦିବାସୀଙ୍କ ମଧ୍ୟରେ ଭାଷା, ଭାବ ଓ ପରମ୍ପରାର ସାମଞ୍ଜସ୍ୟ ରହିଛି । ସମଗ୍ର ଭାରତ ବର୍ଷରେ ଡଃ କେ.ଏଲ. ଭୌମିକଙ୍କ ମତରେ ୧୯୬୧ ଜନଗଣନା ଅନୁଯାୟୀ ଭାରତରେ ୬୩୦ଟି ଆଦିବାସୀ ଗୋଷ୍ଠୀ ଥିଲେ । ସେମାନଙ୍କର ୧୦୬ କଥିତ ଭାଷା ରହିଛି ।(୨୨) ଏଣୁ ବିଶ୍ୱରେ

ଭାରତ ଏକ ବିଚିତ୍ର ଦେଶ । ବୈଚିତ୍ର୍ୟ ମଧ୍ୟରେ ତାର ପ୍ରକୃତି ଓ ସଂସ୍କୃତି ନାନା ବର୍ଣ୍ଣବିଭବରେ ସ୍ୱୟଂ ସଂପୂର୍ଣ୍ଣ ହୋଇଛି । ଯେଉଁମାନେ ହିନ୍ଦୁକୁଶ ପର୍ବତମାଳା ଅତିକ୍ରମ କରି ଆସିଲେ, ଆଉ ସିନ୍ଧୁ ଉପତ୍ୟକାରେ ବସବାସ କଲେ ସେମାନେ ନିଜକୁ ହିନ୍ଦୁ ବୋଲି ପରିଚୟ ଦେଲେ ଏବଂ ବିଦେଶାଗତ ମାନେ ଇନ୍ଦସରୁ ଇଣ୍ଡିଆ ନାମକରଣ କଲେ । ଏଣୁ ହିନ୍ଦୁର ମୂଳ ଅର୍ଥ ନାହିଁ ବା ସୁସ୍ଥ ପରମ୍ପରା ନାହିଁ । ଏଣୁ ଏରିଏନ୍ (ଇରାନ୍ ଦେଶରୁ ଆଗତ) ଶବ୍ଦ ଆର୍ଯ୍ୟର ଅପଭ୍ରଂଶ ରୂପେ ଗ୍ରହଣୀୟ । ବିଦେଶାଗତ ବ୍ରିଟିଶମାନଙ୍କ ଦ୍ୱାରା ହିନ୍ଦୁ ଶବ୍ଦ ସମର୍ଥିତ ହୋଇଛି । ସେମାନେ ନିଜ କମ୍ପାନୀକୁ ଇଷ୍ଟ ଇଣ୍ଡିଆ କମ୍ପାନୀ ଭାବେ ମଧ୍ୟ ପରିଚିତ କରାଇଲେ । ତେଣୁ ନାମ ଅର୍ଥରେ ଇଣ୍ଡିଆ ଶବ୍ଦ ଖୁବ୍ ନୂତନ । ମାତ୍ର ଆର୍ଯ୍ୟ ହୋଇଛି ପୁରାତନ ଆର୍ଯ୍ୟ ଶବ୍ଦ ରାମାୟଣ ସମର୍ଥିତ । ଅଥଚ ଆର୍ଯ୍ୟେତର ଆଦିବାସୀ ସମାଜ ହେଉଛି ପ୍ରାଚୀନତର । ଯଥା:- ଭିଲ୍, ନିଷାଦ, ଶବର, ମୁଣ୍ଡା, ଓରାମ୍ ପ୍ରମୁଖ । ଏଣୁ ଭାରତୀୟ କହିବା ଯୁକ୍ତିଯୁକ୍ତ । ଏହାର ଧର୍ମ ହେଉଛି ଯାହା ବୈଦିକ ଆଦର୍ଶ ସନାତନ । ଏଣୁ ଆର୍ଯ୍ୟ ତଥା ନିଷାଦ ମାନଙ୍କୁ ନେଇ 'ଭରତ'ଙ୍କ ଭାରତବର୍ଷ ଅତୀତକୁ ସ୍ମରଣ କରି ସଂପ୍ରତି ନୂତନ ଦିଗନ୍ତର ଅନୁସନ୍ଧାନରେ ଆଗେଇ ଆସିଛି । ତାର ଜାତୀୟ ସଂହତି, ଅହିଂସାର ମନ୍ତ୍ର, ମୈତ୍ରୀର ବନ୍ଧନର ମହନୀୟତା ବିଶ୍ୱବାସୀଙ୍କୁ ସ୍ପନ୍ଦିତ କରି ଆଧୁନିକ ଶିକ୍ଷା ବୈଷୟିକ ତଥା ଆଧୁନିକ ବିଜ୍ଞାନର ଦୃଷ୍ଟିଭଙ୍ଗୀରେ ନିଜକୁ ସୁସଜ୍ଜିତ ଓ ସୁନିୟନ୍ତ୍ରିତ କରିବାରେ ଆଗଭର ହୋଇଛି । ତା ସତ୍ତ୍ୱେ ଆଦିମ ସଭ୍ୟତାର ଆଦି ଝରଣା ଶୁଷ୍କ ହୋଇନାହିଁ । ବରଂ ପରିମାର୍ଜିତ ରୂପନେଇ ସତ୍ୟ, ଶାନ୍ତି ମୈତ୍ରୀ ଫଲ୍‌ଗୁଧାରା ଅଭିନବ ସଂଗୀତ ଗାନ କରୁଛି । ଏ ଦୃଷ୍ଟିରୁ ଭାରତ ମାଟିର ଆଦିମ ସନ୍ତାନ ସମଗ୍ର ମାନବ ଜାତିର ମନ୍ତ୍ରଦାତା, ପଥ ପ୍ରଦର୍ଶକ ଓ ନିର୍ଦ୍ଦେଶକ ।

ଏହି ଆଦିବାସୀ ପରମ୍ପରା, ସଂସ୍କୃତିର ଏପରି କିମ୍ବଦନ୍ତୀ, ଲୋକକାହାଣୀ ଓ ଢଗଢମାଳି ଭରି ରହିଛି ସାହିତ୍ୟ ଇତିହାସରେ । ଯେଉଁଥିରୁ ଆମେ ତତ୍‌କାଳୀନ ସମାଜର ଅନେକ ଚିତ୍ର ଦେଖିବାକୁ ପାଉ । ପାଶ୍ଚାତ୍ୟ ଚିନ୍ତା ଚେତନା ଦର୍ଶନର ସ୍ରୋତ ପ୍ରବାହିତ ହୋଇଆସିଥିଲେ ମଧ୍ୟ ମୂଳତତ୍ତ୍ୱକୁ ଦୋହଲାଇ ପାରିନାହିଁ । କୌଣସି ଶାସନ ବା ଧର୍ମ ମଧ୍ୟ ମୂଳଚେତନାକୁ ମୂଳୋତ୍ପାଟନ କରିବାର ସାହସ କରିନାହିଁ । ଉଦାହରଣ ସ୍ୱରୂପ ବାଲ୍ମୀକିଙ୍କ 'ରାମାୟଣ', ବ୍ୟାସଦେବଙ୍କ 'ମହାଭାରତ'ରେ ବର୍ଣ୍ଣିତ ଆର୍ଯ୍ୟ, ଆର୍ଯ୍ୟେତର ଚରିତ୍ର ଆମର ସ୍ମରଣୀୟ । ସହସ୍ର ବର୍ଷ ପୂର୍ବେ ରଚିତ ସାହିତ୍ୟର ସେହି ଜୀବନ୍ତ ଚରିତ୍ର ଗୁଡ଼ିକ ସହିତ ଆଜିର ବାସ୍ତବ ମଣିଷଙ୍କର ନିବିଡ଼ତା ସଂସ୍କୃତିର ସାମଞ୍ଜସ୍ୟ ରହିଛି । ଆଧୁନିକ ଶିକ୍ଷା ସଭ୍ୟତା ଯୋଗୁଁ ଆଦିବାସୀ ସଂସ୍କୃତି ଓ ପରମ୍ପରାର ଅବକ୍ଷୟ ଅବଶ୍ୟ ଘଟୁଛି । ଆଦିବାସୀଙ୍କର ସ୍ୱକୀୟ ଜୀବନ ଓ ସଂସ୍କୃତି ନାନା ଭାବରେ ଏବେ ପରିବର୍ତ୍ତିତ ହେଉଛି । ଭାରତର କେତେକ ଆଦିବାସୀ ଗୋଷ୍ଠୀ, ସମାଜ ନିଜର ଐତିହ୍ୟ, ପରମ୍ପରା ଓ ସଂସ୍କୃତିକୁ ବିସର୍ଜନ କରି ଧର୍ମ, ଧାରଣା ତଥା ନୂତନ ଶିକ୍ଷାରେ ଦୀକ୍ଷିତ ହୋଇଛନ୍ତି । ସେମାନେ ଆଦିବାସୀ ସଂସ୍କୃତିର ମୂଳଉତ୍ସରୁ ଦୂରେଇ ଯାଇଛନ୍ତି । ପ୍ରାଚୀନ ମୂଲ୍ୟବୋଧ ପରିବର୍ତ୍ତେ ଆଧୁନିକ ମୂଲ୍ୟବୋଧ ସେମାନଙ୍କୁ ଗ୍ରାସ କରିଛି । କେତେ ଆଦିବାସୀ ଧନଧାନ୍ୟରେ ସମୃଦ୍ଧ ହୋଇ ନିଜକୁ ରାଜା, ଜମିଦାର, କ୍ଷତ୍ରୀୟ ତଥା ସମ୍ଭ୍ରାନ୍ତ ବଂଶର ବୋଲି ପରିଚୟ ଦେଲେ । କିନ୍ତୁ ତାର ଯଦି ରକ୍ତ ପରୀକ୍ଷା କରାଯାଏ ତାର ଧମନୀରେ ସେହି ମୂଳ ସଂସ୍କୃତିର ଚେତନା ସ୍ପନ୍ଦିତ ହୋଇଥିବ । ସୁତରାଂ ସମ୍ବେଦନଶୀଳ ମାନବୀୟ ଚେତନାର ଉଦ୍‌ଭବ ନହେଲେ ମଣିଷ ମଣିଷକୁ ହିଁ କେବଳ କ୍ଷତ ବିକ୍ଷତ କରି ନିଜର ପ୍ରତିଷ୍ଠା ଜାହିର କରିବାରେ ଲାଗିଥିବ ।

ଭାଗବତକାରଙ୍କ ବାଣୀରେ "ଆପଣା ହସ୍ତେ ଜିହ୍ୱା ଛେଦି, କେ ଅଛି ତାର ପ୍ରତିବାଦୀ" । ଭଗବତ ଗୀତା ମତର 'ସ୍ୱଧର୍ମେ ନିଧନଂ ଶ୍ରେୟ ପରଧର୍ମ ଭୟାବହ ।' ଏହି ଉଭୟ ଦର୍ଶନ ସଭ୍ୟ ତଥା ସାଧାରଣ ମଣିଷ ହୃଦୟଙ୍ଗମ କଲେ ଏବଂ ନିଜର ଆଦର୍ଶ ସଂସ୍କୃତିର ପରିମାର୍ଜିତ ରୂପ ଦେଇ ମାନବତାର ଧର୍ମ କର୍ମ ସଂସ୍କୃତି ଅଭିନବ ରୂପ ଗ୍ରହଣ କଲେ, ବୋଧହୁଏ ମାନବ ସମାଜ ବିଶ୍ୱଦରବାରରେ ଏକ ହୋଇ ପାରିବ । ବିଶ୍ୱ ଭାତୃତ୍ୱ ବଢ଼ିବ ।

## (ଚ) ଆଦିବାସୀ ରମଣୀର ଅଳଙ୍କାର ପ୍ରିୟତା:-

ଆଦିବାସୀ ରମଣୀ ସାଧାରଣତଃ ଅଳଙ୍କାର ପ୍ରିୟ । ଏମାନେ ସୁନା ରୂପା ଅପେକ୍ଷା ତମ୍ବା, ଗେଙ୍ଗୁଟି ପଥର ତିଆରି ମାଳା, ପୋହଳା, ଫୁଲଡାଳ, ମୟୂରପୁଚ୍ଛ, ପଶୁର ଶିଙ୍ଗ ଆଦିରେ ତିଆରି ଅଳଙ୍କାର ପରିଧାନ କରିଥାନ୍ତି । ପଶ୍ଚିମ ଓଡ଼ିଶାରେ ବିଶେଷତଃ ରୂପାରେ ତିଆରି ଖଡ଼ୁ (କେତରିଆ, ବନ୍ଦରିଆ) ବାହୁ ଅଳଙ୍କାର (ଟାଡ଼ ବାହାସୁତା), ଅଣ୍ଟାସୁତା, ପାଦରେ ମୁଦି (ଝୁଣ୍ଟିକା) ପଇଁରୀ (ଘୁଙ୍ଗୁର ପରି) ମଥାରେ ଖିରପିନି, ପାନିଆ ଆଦି ସଜେଇ ହୁଅନ୍ତି । ସାଧାରଣ ଗରିବନାରୀ ଗେଙ୍ଗୁଟିର ଅନୁରୂପ ଅଳଙ୍କାରରେ ଦେହକୁ ସଜାଇ ଥାଏ । 'ବଣ୍ଡା' ରମଣୀ ତାର ଅର୍ଦ୍ଧନଗ୍ନ ଶରୀରକୁ ନାନା ପ୍ରକାର ବନମାଳା ତଥା ଶସ୍ତା ଅଳଙ୍କାର ଦ୍ୱାରା ଆବୃତ କରି ରଖେ । 'କୋୟା' ରମଣୀ ମଧ୍ୟ ସାଧାରଣ ଅଳଙ୍କାର ପରିଧାନ କରି ନିଜର ଦେହକୁ ସଜାଏ । 'ନାଗା' ରମଣୀ ଓ ସୀମାନ୍ତ ଅଞ୍ଚଳର ଆଦିବାସୀ ରମଣୀମାନଙ୍କ ପୋଷାକପତ୍ର ପରିଧାନ ବେଶ୍ ଆକର୍ଷଣୀୟ । ଅନେକ ଆଦିବାସୀନାରୀ, (ବଣ୍ଡୁଣୀ) ଅଭାବ ହେତୁ ମିନିଡ୍ରେସ୍ ପରି 'ବେରଙ୍ଗ' ପୋଷାକ ଘୋଡ଼ାଇ ଘୋଡ଼ାଇ ହୋଇ କୌଣସି ମତେ ଲଜ୍ଜା ନିବାରଣ କରିଥାନ୍ତି । ଅରଣ୍ୟବାସୀ ହେଉ ବା ସାଧାରଣ ପଲ୍ଲୀର ଆଦିବାସୀ ରମଣୀ ହେଉ, ସେ ବଡ଼ ଲଜ୍ଜାଶୀଳା । ସେ ସାଧାରଣ କ୍ଷେତ୍ରରେ ନିଜକୁ ସଂକୁଚିତ କରିରଖେ । ସଭ୍ୟ ସମାଜର ତରୁଣୀ ପରି ଚଳଚିତ୍ରରେ ଅଙ୍ଗ ପ୍ରତ୍ୟଙ୍ଗ ପ୍ରଦର୍ଶନର ଗୌରବ ଅନୁଭବ କରେନାହିଁ । ସେ ନିରକ୍ଷର ହୋଇପାରେ ମାତ୍ର ସଂଭ୍ରମଶୀଳା । ତାର ଚାହାଣୀରେ ଥାଏ ଚମକ, ମନଖୋଲା ହସରେ ଥାଏ ମାଦକତା । ମାତ୍ର ତାର ଚଞ୍ଚଳତା ଓ ଭାବ ପ୍ରବଣତା ସହଜରେ ଧରାପଡ଼େ ନାହିଁ । ଚଳଣିରେ ସେ ଗମ୍ଭୀର ଅଥଚ ତାର ଆନ୍ତରିକତା ଅତ୍ୟନ୍ତ ଗଭୀର । କିସାନ, ମୁଣ୍ଡା, ଓରାମ୍ ରମଣୀର ବେଶଭୁଷାରେ ବୈଚିତ୍ର୍ୟ ନାହିଁ । ବଡ଼ ସାଦା ସିଧା ଅଥଚ ବଣ୍ଡା, କୋୟା, ନାଗା, ମୁରିଆ, ଗଣ୍ଡ ଓ ସୀମାନ୍ତର 'ଆକା' ଆଦିବାସୀ ରମଣୀର ବେଶ ବଡ଼ ରମଣୀୟ । ସେମାନଙ୍କୁ ସଜେଇ ହେବା ଢଙ୍ଗ ବେଶ୍ ଜଣା । ବିଭିନ୍ନ ଚାରୁକଳା ଓ ଚିତ୍ରାଙ୍କନରେ ସେମାନେ ଯେପରି ସିଦ୍ଧହସ୍ତା, ନିଜ ଦେହରେ ଚିତା କୁଟାଇବାରେ ମଧ୍ୟ ଆଗ୍ରହୀ । ବିଭିନ୍ନ ଆଦିବାସୀ ଗୋଷ୍ଠୀର ଆଦିବାସୀ ରମଣୀମାନେ ଜାତିର ପରମ୍ପରା ଭାବରେ ନିଜ ଦେହରେ ଚିତା ରହିଥାଏ । ଏ ବିଶ୍ୱାସର ଭିତ୍ତି ଯାହା ହେଉନା କାହିଁକି ଦେହକୁ ଚିତ୍ରିତ କରିବା ଏକ ପାରମ୍ପରିକ ଆଦର୍ଶ । ତେଣୁ ବାହୁ, ବକ୍ଷ, ମୁହଁ, ପାଦ, ଜଙ୍ଘ, ନାସା, କର୍ଣ୍ଣରେ ଫୁଲ, ଫଳ, ସୂର୍ଯ୍ୟ, ଚନ୍ଦ୍ର, ବନଲତା, ତାରା ଆଦିର ଚିହ୍ନ ବା ଚିତା ଦେହରେ କୁଟାଇଥାନ୍ତି । ଏହା ଫଳରେ ଶରୀର ବା ମୁହଁ ବିକୃତ ଦେଖାଯାଉଥିଲେ ମଧ୍ୟ ଅନ୍ତଃ ସୌନ୍ଦର୍ଯ୍ୟ-ଗଭୀର ସ୍ନେହ ପ୍ରେମକୁ ସ୍ଥାନ ଦେଇ ଚିତାକୁ ପ୍ରତୀକ ଭାବେ ଗ୍ରହଣ କରନ୍ତି । ଆସାମର 'ଆକା' ଆଦିମ ଜାତି ଓ

ନାଗାଲାଣ୍ଡର କୋନିଆକ ତଥା ଓଡ଼ିଶାର 'କନ୍ଧ' ରମଣୀ ମୁହଁରୁ ପାଦ ଯାଏ, ଓରାମ, ମିର୍ଦ୍ଧା (କିସାନ), ଜୁଆଙ୍ଗ, ପରଜା, ଗଦବା, କନ୍ଧ, ଗଣ୍ଡ ମଧ୍ୟପ୍ରଦେଶର ଭିଲ୍ ମୁରିଆ ପ୍ରତ୍ୟେକଙ୍କର ଦେହରେ ବିଭିନ୍ନ ସ୍ଥାନରେ ଚିତା କୁଟାଇବା ହେଉଛି ଗୋଷ୍ଠୀ ପରମ୍ପରା । ଏହା ଦ୍ୱାରା ଆଦିବାସୀ ସମାଜର ନାରୀ ଚଳଣିର ସୁରକ୍ଷା କରିଥାନ୍ତି । ସେମାନେ ବଡ଼ କଳାପ୍ରିୟ । ବିଶେଷତଃ ଅବିବାହିତା ତରୁଣୀ, କିଶୋରୀ ଝିଅ ବିବାହ ଆଗରୁ ଚିତା କୁଟାଇ ଚିତ୍ରିତ ହେବାକୁ ପସନ୍ଦ କରନ୍ତି । ଝିଅ ମାନେ ବିବାହ ଆଗରୁ ଚିତା କୁଟାଇ ଜୀବନର ଯୌତୁକ ଭାବ ବହନ କରିଥାନ୍ତି । ଏହି ଚିତ୍ରିତ ହେତୁ ବୋହୂ ସ୍ୱାମୀ ତଥା ଶାଶୁ ପକ୍ଷରେ ଆଦୃତ ହୋଇଥାଏ ଏବଂ ବାହାର ଲୋକ ନାରୀର ବାହ୍ୟ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ଯେପରି କାମୁକତାର ବଶବର୍ତ୍ତୀ ନହୁଅନ୍ତି ନାରୀ ସେଥିରୁ ରକ୍ଷା ପାଇବା ପାଇଁ, ମୁହଁ ବା ଦେହରେ ଚିତ୍ର କୁଟାଇଥାନ୍ତି ବୋଲି ମନେହୁଏ । ସୁନ୍ଦରୀ ନାରୀ ସମସ୍ତଙ୍କର ଆକର୍ଷଣୀୟା । ଯେଉଁ ନାରୀ ଯେତେ ସୁନ୍ଦରୀ, ସେ ସେତେ ଚିତା କୁଟାଇବାରେ ଆଗ୍ରହୀ ହୁଏ । ଅନ୍ୟ ମତରେ ମଣିଷ ଶୂନ୍ୟ ହାତରେ ଆସିଛି । ନାରୀ ସବୁ ଦିଏ, ସବୁ ସହେ । କିନ୍ତୁ ମଲାବେଳେ କିଛି ନେଇଯାଏ ନାହିଁ । ଏଣୁ ଚିତା ହିଁ ତାର ଜୀବନର ସ୍ମୃତି ଓ ଶେଷ ସମ୍ପଦ । ସାଧାରଣତଃ, ସାଧାରଣ ମଣିଷ ଯୌତୁକ ବା ପତ୍ନୀର ମୂଲ୍ୟବାନ ଅଳଙ୍କାର ଦେଖିଲେ ଖୁସି ହୁଏ । ତାର ମଧୁ ଯାମିନୀ ଉପଭୋଗ୍ୟ ହୁଏ । କିଏ ଗଜଦନ୍ତ ଶଯ୍ୟାରେ ଆନନ୍ଦ ପାଏ ତ କିଏ ବନାନୀ ଘେରା ପଲ୍ଲୀ କୁଡ଼ିଆ ବା ଛାୟା ସ୍ନିଗ୍ଧ ତରୁ ତଳେ । ମଣିଷର ପ୍ରକୃତି ବିଚିତ୍ର । ତେବେ ଆଜିର ସମାଜରେ ବି ଆଦିବାସୀର ସରଳ ବିଶ୍ୱାସ, ଅନ୍ଧ ପରମ୍ପରା ଦୂରୀଭୂତ ହୋଇନାହିଁ । ଏବେ ବି ଘଞ୍ଚବଣର ଆଦିବାସୀ ରମଣୀ ଚିତାକୁଟା ଦେହ ସ୍ୱାମୀ ପାଇଁ ନିଷ୍କଳଙ୍କର ପ୍ରତୀକ ବୋଲି ଧାରଣା ରହିଛି । ଏହି ଚିତାକୁଟାରେ ଦେବାଦେବୀ, ରାମସୀତା, ବୃକ୍ଷଲତା, ପଶୁପକ୍ଷୀ, ଜୀବଜନ୍ତୁର ଚିତ୍ର ରହୁଥିବାରୁ ସେମାନଙ୍କର ଭଗବତ୍ ତଥା ପ୍ରକୃତି ପ୍ରୀତିର ପରିଚୟ ମିଳେ ।

ଅବଶ୍ୟ ବେଳେବେଳେ ଝିଅମାନେ ଚିତା କୁଟାଇ ଦେହକୁ ଏପରି ଭାରାକ୍ରାନ୍ତ କରନ୍ତି ଯେ ସେମାନେ ବେଦନାରେ ଅସହାୟ ହୋଇ ମୃତ୍ୟୁ ମୁଖରେ ପଡ଼ିଥାନ୍ତି । ଓଡ଼ିଶାର କନ୍ଧନାରୀର ଚିତା କୁଟାଇବାରେ ବେଶି ଝୁଙ୍କ । ଚିତା କୁଟା ପାଇଁ ଅନିଚ୍ଛୁକ ଝିଅକୁ ମଦନିଶାରେ ବୁଡ଼ାଇ ଚିତା କୁଟାଇଥାନ୍ତି । ପରମ୍ପରା ବା ଚଳଣି ଯାହା ହେଉନା କାହିଁକି ଦେହରେ ବହୁଳ ଭାବରେ ଚିତା କୁଟାଇ ସର୍ବାଙ୍ଗକୁ ବିକୃତ କରିଥାନ୍ତି । ସାଂପ୍ରତିକ ଯୁଗରେ ଏହାର ପରିବର୍ତ୍ତନ ଲକ୍ଷଣୀୟ । ଆଜି ଶିକ୍ଷା ଓ ସଭ୍ୟତା ସେମାନଙ୍କୁ ପରିମାର୍ଜିତ ରୂପ ନେବାରେ ପ୍ରେରଣା ଯୋଗାଉଛି ।

ଉପରୋକ୍ତ ଆଦିବାସୀର ଐତିହ୍ୟ, ପରମ୍ପରା, ସଂସ୍କୃତି, ଚଳଣି, ଜୀବନ କିପରି ସାହିତ୍ୟ ଓ ଉପନ୍ୟାସକୁ ସମୃଦ୍ଧ କରିଛି ଏବଂ ସଭ୍ୟତାର ବିକଚ ବିକାଶକୁ ପରିପୁଷ୍ଟ କରିଛି ତାହାହିଁ ଆମର ଆଲୋଚ୍ୟ ।

ପାଦଟୀକା -

୧. ଶିବ ପ୍ରସାଦ ଦାଶ: ସମ୍ବଲପୁର ଇତିହାସ, ପୃଷ୍ଠା ୫, ୧୯୬୨ ।

୨. ଗୋପାଳ ବଲ୍ଲଭ ଦାଶ: ଭୀମା ଭୂୟାଁ (ଉପନ୍ୟାସ), ଟିକ ଓ ସାଧୁ ସର୍ଦ୍ଦାର (ଗୀତ) ୧୯୦୮ ।

୩. ଶିବ ପ୍ରସାଦ ଦାଶ: ସମ୍ବଲପୁର ଇତିହାସ, ପୃଷ୍ଠା ୪, ୧୯୬୨ ।

୪. ଶିବ ପ୍ରସାଦ ଦାଶ: ସମ୍ବଲପୁର ଇତିହାସ, ପୃଷ୍ଠା ୪, ୧୯୬୨ ।

୫. ଶିବ ପ୍ରସାଦ ଦାଶ: ସମ୍ବଲପୁର ଇତିହାସ, ପୃଷ୍ଠା ୫୭, ୧୯୬୨ ।

୬. ଶିବ ପ୍ରସାଦ ଦାଶ: ସମ୍ବଲପୁର ଇତିହାସ, ପୃଷ୍ଠା, ୧୯୬୨ ।

୭. ଶିବ ପ୍ରସାଦ ଦାଶ: ସମ୍ବଲପୁର ଇତିହାସ, ପୃଷ୍ଠା ୪, ୧୯୬୨ ।

୮. ଶିବ ପ୍ରସାଦ ଦାଶ: ସମ୍ବଲପୁର ଇତିହାସ, ପୃଷ୍ଠା ୧୪୯, ୧୯୬୨ ।

୯. ଗୋପୀନାଥ ମହାନ୍ତ – ଅପହଞ୍ଚ ଉପନ୍ୟାସ ।

୧୦. Veena Sandal: The Tribal of Bastar (M.P.) (Im print) English Monthly February ୧୯୭୬.

୧୧. ମଦୀୟ ନିର୍ବନ୍ଧ: କିଶାନ ମହାସଭା, ପଇଦାମାଲ (କୁଚିଣ୍ଡା), ହୀରାଖଣ୍ଡ ଦୈନିକ, ସମ୍ବଲପୁରରେ ପ୍ରକାଶିତ, ୧୯୮୨ ।

୧୨. ଅନିରୁଦ୍ଧ ଦାଶ, ଆଇ.ଏ.ଏସ୍.: ମେରିଆ, ପୃଷ୍ଠା ୭୬, ବିଦ୍ୟାପୁରୀ କଟକ, ୧୯୬୯ ।

୧୩. ପରମହଂସ ନିଗମାନନ୍ଦ ସରସ୍ୱତୀ: ସଂସାର ପଥେ, ପୃଷ୍ଠା ୧୫୯, ସାରସ୍ୱତ ନିଳାଚଳ ଧାମ, ପୁରୀ।

୧୪. ଅନିରୁଦ୍ଧ ଦାଶ, ଆଇ.ଏ.ଏସ୍., ମେରିଆ, ପୃଷ୍ଠା ୭, ବିଦ୍ୟାପୁରୀ କଟକ, ୧୯୬୯ ।

୧୫. ଶିବ ପ୍ରସାଦ ଦାଶ: ସମ୍ବଲପୁର ଇତିହାସ, ପୃଷ୍ଠା ୨୫୩, ୧୯୬୨ ।

୧୬. Dr. J.K. Sahu: Temple of Samaleswari (Deptt. of Tourism), 1976, 20th August, Govt. of Orissa.

୧୭. ଓଡ଼ିଆ ସାହିତ୍ୟ ଏକାଡେମୀ: ବଣ୍ଡା ପର୍ବତର ଆଦିବାସୀ, ଭୁବନେଶ୍ୱର, ୧୯୮୨ ।

୧୮. ଧରିତ୍ରୀ ସମ୍ବାଦ: ସାନ୍ତାଳ ମଧ୍ୟରେ ବହୁ ପତ୍ନୀ ଗ୍ରହଣ ଏକ ସାଧାରଣ କଥା, ୧୮୮୭ ।

୧୯. ସୁରେନ୍ଦ୍ର ନାଥ ଶତପଥି: ବୌଦ୍ଧ ଜାତକ ଗଳ୍ପ, ପୃଷ୍ଠା ୩୪, ୧୯୮୭ ।

୨୦. ମହାକବି କାଳି ଦାସ : କୁମାର ସମ୍ଭବ, ୭୬ ଛନ୍ଦ, ଅଷ୍ଟମ ସର୍ଗ ।

୨୨. ଡ. କେ. ଏଲ. ଭୌମିକ ।


OOO

# ଚତୁର୍ଥ ପରିଚ୍ଛେଦ

## ପୁରାଣ କାବ୍ୟ ଓ ସାହିତ୍ୟରେ ଆଦିବାସୀ ଜୀବନ ଚିତ୍ର

ଆମ ସାହିତ୍ୟର (ଉପନ୍ୟାସ ବ୍ୟତୀତ) ଅନ୍ୟ ବିଭାଗରେ ଆଦିବାସୀ ଜୀବନ ଚିତ୍ର ମଧ୍ୟ ବେଶ ପ୍ରତିଫଳିତ ହୋଇଛି । ଜୀବନ ହେଉଛି, ସାହିତ୍ୟର ଉପଜୀବ୍ୟ । ସାହିତ୍ୟ ମଧ୍ୟରେ ହିଁ ଖୋଜିବାକୁ ହୁଏ ଜୀବନ । କାରଣ ସାମାଜିକ ସମ୍ବନ୍ଧ ମଧ୍ୟରେ ମନୁଷ୍ୟର ଯଥାର୍ଥ ସ୍ୱଭାବ ପ୍ରକାଶ ପାଏ ଓ ଆତ୍ମାର ବିକାଶ ଘଟେ, ଯାହାର ପର୍ଯ୍ୟାଲୋଚନା ହେଉଛି ସାହିତ୍ୟ । ସମାଜରେ ଭାଷା, ଧର୍ମ, ଜାତି, ବର୍ଣ୍ଣ, ଆର୍ଯ୍ୟ ଆର୍ଯ୍ୟେତରାଦି ବିଭାଗ ସତ୍ତ୍ୱେ ମଣିଷ ଥିଲେ ପରସ୍ପରର ପ୍ରତିବେଶୀ । ସହାବସ୍ଥାନ ସମ୍ବନ୍ଧ ସତ୍ତ୍ୱେ ନାନା କାରଣରୁ ଘଟୁଥିଲା ସଂଘର୍ଷ ଓ ଦ୍ୱନ୍ଦ, ଯାହାର ଚରମ ପରିଣତି ଥିଲା ଯୁଦ୍ଧ । ଅଥଚ ନୀତି ଥିଲା ପରସ୍ପର ପ୍ରତି ସ୍ନେହ ସହାନୁଭୂତି । ଯାହାର ପ୍ରକାଶ ଘଟୁଥିଲା ସାହାଯ୍ୟ ସହଯୋଗ ମାଧ୍ୟମରେ । ସାହିତ୍ୟ ଏ ସବୁର ନକ୍ସା ରଖିଛି ନିଜ ବୁକୁରେ । ଫଳରେ ବନବାସୀ ଅଶିକ୍ଷିତ, ନିର୍ଦ୍ଧନ ହୋଇଥିଲେ ମଧ୍ୟ ଆମ ସାହିତ୍ୟରେ ଆଦିବାସୀର ଚିତ୍ର ମଞ୍ଜୁଳ ରୂପ ନେଇଛି । ନଚେତ୍ ସାହିତ୍ୟ ଅପୂର୍ଣ୍ଣ ହୋଇ ରହିଥାନ୍ତା ।

ଉପନ୍ୟାସ ଆଧୁନିକ ଯୁଗର ଅର୍ବାଚୀନ ସାହିତ୍ୟ । ସେହି ସାହିତ୍ୟରେ ଆଦିବାସୀର ଚିତ୍ର ଦେଖି ଦେଖାଇବା ପୂର୍ବରୁ ଆମର ପ୍ରାଚୀନ ଯୁଗର ସଂସ୍କୃତ କାବ୍ୟ ପୁରାଣର ପରିସରରେ 'ଆଦିବାସୀର ସ୍ୱରୂପ' ଆବିଷ୍କାର କଲେ ଆଲୋଚନା ପ୍ରାସଙ୍ଗିକ ମନେ ହେବ ।

**(କ) ସାହିତ୍ୟରେ ଜୀବନ ଚିତ୍ର :-**

ପୂର୍ବୋକ୍ତ ପୃଷ୍ଠାରେ ଆଦିବାସୀର ଉଦ୍ଭବ ଓ ଜୀବନର ଐତିହ୍ୟ, ପରମ୍ପରା, ସଂସ୍କୃତି ତଥା ଚଳଣୀ ସଂପର୍କରେ ସମ୍ୟକ୍ ଆଲୋଚନା କରାଯାଇଛି । ପୁରାଣକାର ମଧ୍ୟ ତାଙ୍କ ସାହିତ୍ୟ କୃତିରେ ଆର୍ଯ୍ୟ ତଥା ଆର୍ଯ୍ୟେତର ମାନଙ୍କର ସମ୍ପର୍କ, ସେମାନଙ୍କ ମଧ୍ୟରେ ଘୃଣା, ବିଦ୍ୱେଷ, ଉଚ୍ଚନୀଚ, ଭେଦଭାବର ବର୍ଣ୍ଣନା କରିବାରେ ନୀରବ ରହିନାହିଁ । ସାହିତ୍ୟିକ ଜଣେ ସମାଜର ବ୍ୟକ୍ତି । ତେଣୁ ସମାଜର କୃତି, କୃତିତ୍ୱ, କର୍ମ, ଅପକର୍ମକୁ ଉପଜୀବ୍ୟ କରି ସୃଷ୍ଟିକୁ ସମୃଦ୍ଧ କରିଥାଏ । ଯାହା ଯୁଗେ ଯୁଗେ ମାନବ ଜାତିକୁ ଦିଗ୍‌ଦର୍ଶନ ଦେଉଛି । ଆମର ଆଦିକାବ୍ୟ ବାଲ୍ମୀକିଙ୍କ ଦ୍ୱାରା ରଚିତ ରାମାୟଣରେ ଆଦିବାସୀ ଜୀବନ ଚିତ୍ର ପ୍ରସୂର । ଆଦିକବି ବାଲ୍ମୀକି ସୂର୍ଯ୍ୟବଂଶୀ ରାମ ଓ ରାଜ ପରିବାରର ପାରିବାରିକ ଜୀବନ ସହିତ ତତ୍‌କାଳୀନ ସାମାଜିକ ଜୀବନ, ଧର୍ମ, ଦର୍ଶନ, ସାଧନା, ତ୍ୟାଗ, ସେବା ଆଦି ଅଭିନବ ରୂପେ ବର୍ଣ୍ଣନା କରି ସମଗ୍ର ବିଶ୍ୱ ମାନବ ସମାଜକୁ ଆଦର୍ଶର ଶାଶ୍ୱତ ଦିଗଦର୍ଶନ ଦେଖାଇଛନ୍ତି । ତାଙ୍କର ପାଣ୍ଡିତ୍ୟ, ପ୍ରଜ୍ଞା ସମ୍ବେଦନଶୀଳତା, ଧାର୍ମିକ ଚେତନା ବାସ୍ତବରେ ଜଗତ ବିଖ୍ୟାତ ।

ପ୍ରଥମେ କବି ବାଲ୍ମୀକି "ବଗ ଦଂପତି"ର ବିଚ୍ଛେଦକୁ ରୂପାୟିତ କରିଛନ୍ତି । ନିଷାଦ ଦ୍ୱାରା ନିହିତ ହୋଇଥିବା ପ୍ରେମିକ ବଗର କରୁଣ ବିଳାପରେ ସେ ହେଲେ ବ୍ୟଥିତ । ନିଷାଦର ଏପରି

ନିଷ୍ଠୁର କାର୍ଯ୍ୟପାଇଁ ତାକୁ ଅଭିଶାପ ଦେଇଛନ୍ତି । ସେଇଠୁ ଶୋକ ଅନୁରଂଜିତ ବାକ୍ୟ ଉଦ୍‌ଗୀରଣରେ ଶ୍ଳୋକ ରୂପ ନେଇ ସାକକାଣ୍ଡ ରାମାୟଣରେ ସୂର୍ଯ୍ୟବଂଶୀ ଓ ରାମଙ୍କର ଗୌରବ ଏବଂ ରାବଣର ଅତ୍ୟାଚାର ଜନିତ ଜୀବନ କାହାଣୀ ବର୍ଣ୍ଣିତ ହେଲା । ବନବାସୀ ଅତ୍ୟାଚାରୀ ବଳିରାଜାଙ୍କୁ ହତ୍ୟାକରି ସୁଗ୍ରୀବଙ୍କୁ କିସ୍‌କିନ୍ଧା ରାଜ୍ୟ ଅର୍ପଣ କରିବା ଅଙ୍ଗଦ, ହନୁମାନଙ୍କୁ ଆଦରି ନେବା ଏବଂ ସାଧିକା ଶବରୀ,ରାଣୀ 'ତାରା', ରାଣୀ ମନ୍ଦୋଦରୀ, ପରି ନାରୀ ମାନଙ୍କୁ ସମ୍ମାନଦେବା ଆଦି କାହାଣୀ ରାମାୟଣରେ ବର୍ଣ୍ଣିତ ହେତୁ ବିଶ୍ୱସାହିତ୍ୟ ଓ ଜନଜୀବନକୁ ପ୍ରଭାବିତ କରୁଛି । ଏପରି ଏକ ସର୍ବୋତ୍କୃଷ୍ଟ ସମୁଜ୍ଜଳ ସାହିତ୍ୟ କୀର୍ତ୍ତିରେ ବାଲ୍ମୀକି "ନିଷାଦ"କୁ ଅଭିଶାପ ଦେଇଥିଲେ ମଧ୍ୟ ଅପର ପକ୍ଷରେ ଗୁହକ ଶବର ସହିତ ହାତ ମିଳାଇ ତାର ମିତ୍ରତା, ଭକ୍ତିପ୍ରୀତି, ଶାଳୀନତାକୁ ରାମ ଗ୍ରହଣ କରିଥିବା ଯୋଗୁଁ ଆଦିବାସୀ ଜୀବନର ଚରିତ୍ର ଚିତ୍ରଣ ଅନବଦ୍ୟ ହୋଇଛି । ସୁଗ୍ରୀବ, ବାଳୀ, ହନୁମାନ, ଅଙ୍ଗଦ ତଥା ଜଟାୟୁ ଓ ଭଲ୍ଲୁକ ଆଦି ବନବାସୀ ସଂପ୍ରଦାୟର ବୀରତ୍ୱ, ତ୍ୟାଗ, ରାଜଭକ୍ତି, ନ୍ୟାୟପରାୟଣତା, ଧାର୍ମିକତା, ଆତିଥ୍ୟ, ଉଦାରତା, ସେବା ସହାବସ୍ଥାନ ଆମକୁ ମୁଗ୍ଧ କରେ ।

ଏଣୁ ଆର୍ଯ୍ୟ ଆର୍ଯ୍ୟେତର ମିଳନର ଏକ ଅପୂର୍ବ ଆଦିକାବ୍ୟ ହେଉଛି ରାମାୟଣ । ଉଦାହରଣ ସ୍ୱରୂପ ଯେତେବେଳେ ରାମ, ଲକ୍ଷ୍ମଣ ପମ୍ପା ସରୋବର ସ୍ଥିତ ମାତଙ୍ଗ ମୁନିଙ୍କର ବିଦୁଷୀ ଶିଷ୍ୟା 'ଶ୍ରମଣା ଶବରୀ'ଙ୍କ ପାଖରେ ପହଞ୍ଚିଛନ୍ତି ମୁନିଋଷିଙ୍କ ଦ୍ୱାରା ପରିତ୍ୟକ୍ତା, ଅସ୍ପୃଶ୍ୟା, ବ୍ରହ୍ମଚାରିଣୀ ଶବରୁଣୀ ଆନନ୍ଦ ବିଭୋର ହୋଇଛି ଏବଂ ତା ଦ୍ୱାରା ଉଚ୍ଛିଷ୍ଟ କୋଳି, ରାମ, ଲକ୍ଷ୍ମଣ ନିର୍ବିକାରରେ ଭକ୍ଷଣ କରିଛନ୍ତି । ଶବରୀର ଏପରି ଭକ୍ତି ପ୍ରୀତି ଆତିଥ୍ୟରେ ତତ୍କାଳୀନ ଜ୍ଞାନୀ ପ୍ରବର ମୁନି ଋଷିମାନେ ବିସ୍ମିତ ହେଲେ । ସେମାନଙ୍କର ଆଖି ଖୋଲିଗଲା । ଫଳରେ ସେମାନେ ଭେଦାଭେଦ ଉଚ୍ଚନୀଚ ଭାବ ଛୁଆଁ ଅଛୁଆଁ ହୀନ ପ୍ରବୃତ୍ତି ମନରୁ ପୋଛି ଦେଇ ଶବରୀର ଆଶ୍ରମରେ ଉପସ୍ଥିତ ହେଲେ । ସେମାନଙ୍କର ମନରୁ ଅସ୍ପୃଶ୍ୟ ମନୋଭାବ ଦୂରୀଭୂତ ହେଲା । ପମ୍ପା ସରୋବର ଜଳ କୀଟ ଯୁକ୍ତ, ଦୂଷିତ ଥିଲା । ତାର ପ୍ରତିକାର ପାଇଁ ମୁନି, ଋଷି ବୃନ୍ଦ ରାମଙ୍କୁ ପ୍ରାର୍ଥନା କଲେ । ରାମଙ୍କ ପକ୍ଷରୁ ଲକ୍ଷ୍ମଣ ସେମାନଙ୍କୁ କହିଲେ, "ତପସ୍ୱିନୀ ଶବରୀକୁ ସେମାନେ ଘୃଣ୍ୟ, ଅସ୍ପୃଶ୍ୟ ତଥା ତାଚ୍ଛଲ୍ୟ ପୂର୍ବକ ଅପମାନିତ କରିବାରୁ ପମ୍ପା ସରୋବର ଜଳ ଦୂଷିତ ହୋଇଛି ।" ପକ୍ଷାନ୍ତରେ ବାଲ୍ମିକୀ ରାମାୟଣରେ ବର୍ଣ୍ଣିତ ଅଛିଯେ, ମାତଙ୍ଗ ଋଷିଙ୍କ ଶିଷ୍ୟା ଶବରୀ କନ୍ୟା ଥିବାରୁ ଅନ୍ୟାନ୍ୟ ଋଷିମାନେ ତାଚ୍ଛଲ୍ୟ ଉପହାସ କରିବା ଫଳରେ ପମ୍ପା ସରୋବର ଜଳ ରକ୍ତ ବର୍ଣ୍ଣ ଧାରଣ କଲା । ପରେ ତାକୁ ସାଧିକା ଭାବରେ ସମ୍ମାନ ଦେବାରୁ ତାର ସ୍ପର୍ଶରେ ସରୋବର ଜଳ ପୂର୍ବରୂପ ଧାରଣ କଲା ।

"ସାଧିକା ଶବରୀ ଅଗର୍ ଅପନେ ହତ୍‌ସେ ଉସେ (ସରବରେକୋ) ଛୁ ଲେଗି ତୋ ଏ (ପାନି) ନିର୍ମଲ ୟୋ ଯାଏଗା ।" ତାହା ହିଁ ହେଲା ।(୧)

ଏଠାରେ ରାମଚନ୍ଦ୍ର ଓ ଲକ୍ଷ୍ମଣଙ୍କର ମହାନତା, ମାନବୀୟ ସମ୍ବେଦନଶୀଳତା ଯୋଗୁଁ ଶବରୀର ଗୌରବ ସମ୍ମାନ ବଢ଼ିଛି । ଯୁଗ ଯୁଗରେ ଉଚ୍ଚନୀଚ ଜାତିଆଣ ଭାବରେ ପ୍ରାଚୀର ଭାଙ୍ଗି ପଡ଼ିଛି । ଶିକ୍ଷା, ମନୀଷା, ପ୍ରଜ୍ଞା, ସାଧନା ଆଗରେ ଭେଦଭାବ ଛୁଆଁ ଅଛୁଆଁ ମନୋଭାବ ତୁଚ୍ଛ । ଏହା ଅଯଥା ମାନବିକ ବିକାର । ଉଚ୍ଚମାନଙ୍କର ଅହଂକାର ମନୋଭାବ । ଉଚ୍ଚନୀଚ ସଂକୀର୍ଣ୍ଣତା ଦୂର ପାଇଁ ସନ୍ଥକବି ତୁଳସୀଦାସ ଉକ୍ତି ମଧ୍ୟ ପ୍ରଣିଧାନ ଯୋଗ୍ୟ ।

"ଉହ୍ୟ ରଘୁପତି ଶୁନ ଭାବିନି ଦାତା ।
ମାନଉଁ ଏକ ଭଗତିକାର ନାତା ।
ଜାତି-ପାଁତି କୁଲ ଧର୍ମ ବଡ଼ାଇ ।
ଧନବଲ ପରିଜନ ଗୁନ ଚତୁରାଇ ।
ଭଗତି ହୀନ ନର ଶୋହଇ କୈସା ।
ବିନୁ ଜଲ୍ ବାରିଦ୍ ଦେଖଇ କୈସା ।"(୨)

'ଶବରୀ' ଯେତେବେଳେ ନୀଚ ଧର୍ମହୀନା ସାଧାରଣ ନାରୀ ବୋଲି ନିଜକୁ ଅଭିହିତ କରିଛି, ସେତେବେଳେ ରାମଚନ୍ଦ୍ର ଉପରୋକ୍ତ ମତ ଦେଇ ତାର ମାନବ ଅଧିକାରକୁ ପ୍ରତିଷ୍ଠିତ କରିଛନ୍ତି । ବାସ୍ତବରେ ଉକ୍ତ ଶବରୀ ଇତର କୁଳୋଦ୍ଭବ ହୋଇଥିଲେ ମଧ୍ୟ ସେଥିଲା ବ୍ରହ୍ମଚାରିଣୀ ପୁଣ୍ୟମୟୀ ମାତଙ୍ଗ ମୁନିଙ୍କ ଶିଷ୍ୟା (୩) ଏବଂ ସେ ଥିଲା ଅନେକ ଆର୍ଯ୍ୟ ଅପେକ୍ଷା ଅଧିକ ସଭ୍ୟା, ବିଦୁଷୀ ବ୍ରହ୍ମଜ୍ଞାନୀ ଓ ଧର୍ମ ପରାୟଣା । ସୁତରାଂ ରାମଭକ୍ତ ଗୁହକ ଶବରର ଧର୍ମ ପରାୟଣତା, ଆତିଥ୍ୟପ୍ରିୟତା ଏବଂ ସନ୍ନ୍ୟାସିନୀ ଶବରିଣୀର ଧର୍ମାଚରଣ ଓ ପବିତ୍ରତା ଯେକୌଣସି ଉଚ୍ଚ ତଥା ଜାତ୍ୟାଭିମାନୀ ପୁରୁଷ ବା ସ୍ତ୍ରୀ ପକ୍ଷରେ ଜ୍ୱଳନ୍ତ ଆଦର୍ଶ ହୋଇ ରହିବ । ସେପରି ବନବାସୀ ହନୁମାନ, ଅଙ୍ଗଦ, ସୁଗ୍ରୀବ, ଜାମ୍ବବାନ ଆଦିଙ୍କର ଉଜ୍ଜ୍ୱଳ ଚରିତ୍ର ମଧ୍ୟ କାଳଜୟୀ । ସେମାନଙ୍କର ରାମଙ୍କ ପ୍ରତି ସମ୍ମାନ ତଥା ତାଙ୍କ ପ୍ରତି ସେବାର ଅତୁଳନୀୟ ତ୍ୟାଗ ଉଲ୍ଲେଖନୀୟ । ସେ ସମୟର ଆଦିବାସୀମାନେ ବିଭିନ୍ନ ଦଳ ଗୋଷ୍ଠୀରେ ରହିଥିଲେ ମଧ୍ୟ ସେମାନଙ୍କର ଜୀବନଯାପନ ପ୍ରଣାଳୀ ପ୍ରାୟ ସମାନ । ଫଳମୂଳ ସଂଗ୍ରହ ଓ ପଶୁ ଶିକାର କରି ଜୀବନ ଯାପନ କରିଥିବାରୁ ପୁରାଣ ଲେଖକ ମାନଙ୍କର କାବ୍ୟକୃତିରେ ନିଷାଦ, ଶବର, ବନଚର, ଅଜ୍ଞବ, ଦାସ, ବନବାସୀ ଭାବରେ ବର୍ଣ୍ଣିତ । ସାଧାରଣ ଜୁଆଙ୍ଗ, ପରଜା, କନ୍ଧ, ଗଣ୍ଡ, ଭିଲ୍, ଓରାମ୍, ଟୋଡ଼ା, ମୁରିଆ, ଖାସି, ଗାରୋ ଇତ୍ୟାଦି ଗୋଷ୍ଠୀଙ୍କ ମଧ୍ୟରେ କୌଣସି ବିଭେଦ ନଥିଲା । ଏପରିକି ବ୍ୟାସଦେବ ତଥା ସାରଳା ଦାସ  ମଧ୍ୟ ଶବର, ବନଚର ବୋଲି ନାମିତ କରିଛନ୍ତି । କାଳକ୍ରମେ ସଭ୍ୟତା ବିକାଶରେ ଗୋଷ୍ଠୀ, ଶ୍ରେଣୀ, ସତନ୍ତ୍ର ରୂପେ ଭାଷା, ସଂସ୍କୃତି ଓ ପରମ୍ପରାକୁ ନେଇ ବର୍ଣ୍ଣନା କରାଯାଉଛି । ସେପରି ଶ୍ରେଣୀକୁ ଆଧୁନିକ ଯୁଗର ସଚେତନ କବି, ଲେଖକ, ଔପନାସିକ, ଐତିହାସିକ ଗୋଟିଏ ଗୋଟିଏ ଜାତି ବା ଶ୍ରେଣୀକୁ ଚିହ୍ନିତ କରି ଉକ୍ତ ଜାତି ବା ବ୍ୟକ୍ତି ଉପରେ ଗଳ୍ପ, ଉପନ୍ୟାସ, କବିତା ଲେଖି ଗୋଷ୍ଠୀର ସ୍ୱାତନ୍ତ୍ର୍ୟ ବର୍ଣ୍ଣନା କରିଥିବା ଆମେ ଲକ୍ଷ୍ୟ କରିଥାଉଁ ଏବଂ ବ୍ରାହ୍ମଣ, କ୍ଷତ୍ରୀୟ ବୈଶ୍ୟ ଓ ଦଳିତ (ଶୁଦ୍ର) ଆଦି ୪ଗୋଟି ଶ୍ରେଣୀର ମଣିଷ ବିଭାଗ ଦେଖିବାକୁ ପାଉଁ । ସେମାନଙ୍କର ଜୀବନ ଧାରା ଥିଲା ଧର୍ମ ଓ ସେବାର ପ୍ରତୀକ । ରାଜା, କ୍ଷତ୍ରୀୟ ଭାବରେ ଧର୍ମନ୍ୟାୟ ପ୍ରତିଷ୍ଠା କରିବା ପାଇଁ ଏବଂ ନିଜର ଅଧିକାର ସାବ୍ୟସ୍ତ କରିବା ପାଇଁ ସଂଘର୍ଷରେ ବ୍ୟାପୃତ ଥିବାବେଳେ, ବ୍ରାହ୍ମଣ ବେଦ ବେଦାଙ୍ଗ, ଧ୍ୟାନ ଧାରଣାରେ ଏକ ମହନୀୟ ଚେତନା ସୃଷ୍ଟିକରି ଗୁରୁର ସମ୍ମାନ ଓ ମଙ୍ଗଳ ମନ୍ତ୍ରଣାରେ ଭୂମିକା ନେଉଥିଲେ ।(୪) ଆଦିବାସୀ ସାଧାରଣ ମଣିଷ ଭାବରେ ଜୀବନ ଯାପନ କରି ଧନୀ ରାଜା ଗୁରୁର ସେବାରେ ନିଜକୁ ସମର୍ପଣ କରିଥିଲା । ଅଥଚ ଜ୍ଞାନୀ, ଅଭିମାନୀ ବୃନ୍ଦ, ଆର୍ଯ୍ୟେତରମାନଙ୍କୁ ଘୃଣା ଚକ୍ଷୁରେ ଦେଖୁଥିଲେ ।

ଅସ୍ପୃଶ୍ୟ ମନେ କରୁଥିଲେ । କିନ୍ତୁ ରାମାୟଣ ତଥା ମହାଭାରତ ଯୁଗରେ ରାମ ଓ କୃଷ୍ଣଙ୍କର ଅବତାର ମାନବିକ ତଥା ସାମାଜିକ ନ୍ୟାୟ ଅଧିକାର ଦେବାରୁ ଗଣତାନ୍ତ୍ରିକ ଯୁଗର ହେଲା ଆୟମାରମ୍ଭ । ସାରଳା ମହାଭାରତରେ ମଧ୍ୟ ଆଦିବାସୀ ଜୀବନର ବୀରତ୍ୱ, ତ୍ୟାଗ, ଧାମକ ଚେତନା ଓ ତାର ଇଷ୍ଟ ଦେବତା 'ଜଗନ୍ନାଥଙ୍କ' ମହିମାର ଅପୂର୍ବ ଚିତ୍ର ବର୍ଣ୍ଣିତ ହୋଇଛି ।

(ଖ) ମହାଭାରତରେ ଆଦିବାସୀ ଜୀବନ ଚିତ୍ର :-

ଭାରତୀୟ ସାହିତ୍ୟ କ୍ଷେତ୍ରରେ ରାମାୟଣ ପ୍ରଥମ ସ୍ଥାନର ଗୌରବ ନେବାବେଳେ ମହାଭାରତ ଦ୍ୱିତୀୟ ସ୍ଥାନ ନିଏ । ରାମାୟଣରେ ପାରିବାରିକ ଜୀବନର ତ୍ୟାଗ, ସେବା ଓ ସତ୍ୟ ନିଷ୍ଠାକୁ ନେଇ ଏକ ଶାନ୍ତ, ସ୍ନିଗ୍ଧ ତଥା କରୁଣା ରସାଣିତ ଅଶ୍ରୁଳ କାହାଣୀ ଜନ ଜୀବନକୁ ଯୁଗ ଯୁଗ ଧରି ପ୍ରଭାବିତ କରୁଛି । ବ୍ୟାସଦେବଙ୍କ ମହାଭାରତ ତଥା ତାକୁ ଅନୁସରଣ କରି ଲେଖାଯାଇଥିବା ସାରଳା ମହାଭାରତର ଜୀବନ, ସଂସ୍କୃତି, ଧର୍ମ, ପରମ୍ପରା, ସଂଘର୍ଷଆଦିର ଏକ ଅମୂଲ୍ୟକୃତି । ଏହି କାବ୍ୟରେ କୌରବ ପାଣ୍ଡବ ଓ ଯଦୁବଂଶର ଯଦୁପତି, ଜଗନ୍ନାଥ (ଶ୍ରୀକୃଷ୍ଣ), ବଳରାମଙ୍କ ମହିମା ନ୍ୟାୟ, ଧର୍ମ ପ୍ରତିଷ୍ଠାର ବୈଚିତ୍ର୍ୟମୟ କାର୍ଯ୍ୟକଳାପ ଆଦି ବର୍ଣ୍ଣିତ । ଯାହାର ଅଧ୍ୟୟନ, ମନରେ ସମଗ୍ର ବିଶ୍ୱର ଜନଜୀବନକୁ ବିସ୍ମିତ କରେ । ଧର୍ମର ଗ୍ଲାନି ଦୂରୀଭୂତ ହୋଇ ଧର୍ମର ପୁନଃ ପ୍ରତିଷ୍ଠା ହେବା ଜଣାଯାଏ । ତେଣୁ କୁହାଯାଏ, 'ଯାହା ନାହିଁ ଭାରତେ, ତାହା ନାହିଁ ଭାରତେ ।' ସୁତରାଂ ରାମାୟଣ ଯୁଗରେ ଗଣତାନ୍ତ୍ରିକ ସହାବସ୍ଥାନର ମୈତ୍ରୀପୂର୍ଣ୍ଣ ପ୍ରତିଷ୍ଠା ହୋଇଥିବା ବେଳେ ମହାଭାରତରେ ଆର୍ଯ୍ୟ ଆର୍ଯ୍ୟେତର ମାନଙ୍କର ସାଂସ୍କୃତିକ ଜୀବନରେ ଅପୂର୍ବ ମିଳନ ଘଟିଛି । ସତେ ଯେପରି ଜାତୀୟ ସଂହତିର ଗଙ୍ଗା-ଯମୁନା ପ୍ରତିଷ୍ଠା ଲାଭ କରିଛି । ଉକ୍ତ ମିଳନ ପୀଠ ଜଗନ୍ନାଥଙ୍କର ଶ୍ରୀକ୍ଷେତ୍ରରେ (ପୁରୀ) ଅପୂର୍ବ ମୈତ୍ରୀସ୍ୱର ବିଭେଦ ମଧ୍ୟରେ ଐକ୍ୟତାର ଚେତନା ନେଇ ବିଶ୍ୱର ଜନଜୀବନକୁ ଆବିଷ୍ଟ କରୁଛି । ଏହି ସ୍ୱରର ମୂଳଉସ ହେଉଛି ଆଦିବାସୀର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଚେତନା । ଦ୍ୱାପର ଯୁଗରେ ମଧ୍ୟ ଆର୍ଯ୍ୟ ତଥା କ୍ଷତ୍ରୀୟ ମାନଙ୍କ ଠାରୁ ଅରଣ୍ୟବାସୀ ଶବର, ନିଷାଦ ମାନଙ୍କର ଜୀବନ ଜୀବିକା ବହୁଗୁଣରେ ଉନ୍ନତ ଥିଲା । ଏଣୁ ତତ୍କାଳୀନ କାବ୍ୟ କୃତିରେ ଏହି ଲୋକ ଚରିତ୍ର ଯଥାର୍ଥ ରୂପ ନେଇଛି ।

ସାରଳା ମହାଭାରତର ଆଦ୍ୟପର୍ବ ପ୍ରଥମ ଖଣ୍ଡରେ 'ଜାରା ଶବର'ର ଚରିତ୍ର ବର୍ଣ୍ଣିତ ।(୫) ପାଣ୍ଡବ କୌରବମାନେ ଅଧ୍ୟୟନ କରୁଥିବା ଗୁରୁଙ୍କ ଆଶ୍ରମକୁ ଆସି ଧନୁର୍ବିଦ୍ୟା ଶିକ୍ଷା କରିବା ପାଇଁ ପ୍ରୟାସ କରେ । ଏଇଠି ଜାତିଗତ ତଥା ଉଚ୍ଚନୀଚର ବୈଷମ୍ୟ ମଧ୍ୟ ପରିଲକ୍ଷିତ ହୁଏ ।

"ଗଣ୍ଡା ଦୁଇ ଗୋଟା ଘେନି ଅଇଲା, ଯତନେ ।
ବାରୁଣାବନ୍ତ କଇଁଚଲଇ ତୋଷ ମନେ ।୨।
ମଥାରେ ମଜୁର ଝାଲି, କଣ୍ଠେ ଗୁଞ୍ଜରାମାଳି,
ଲୋହିତ ବର୍ଣ୍ଣ ନେତ୍ର ଶରୀରେ ରଙ୍ଗଧୂଳି ।୩।
ଧାମରା କାତର ଧନୁକଣ୍ଡା ବାହେଂଶର ଗୁଣ,
ବାଳି ଆଭରଣ ଫିରିକି ନାରାଜ ତ୍ରୋଣ ।୪।

ଯେହେନେକ ସ୍ୱରୂପେ ଅଜପତିର ତନୟେ

ଦ୍ରୋଣଙ୍କୁ ଦର୍ଶନ କଲା ବାରୁଣାବନ୍ତ ଆଖଡ଼ାୟେ ।୫।"ଇତ୍ୟାଦି

(ପୃଷ୍ଠା-୩୦୯)

ଏପରି ବେଶଭୂଷାରେ ସଜିତ ହୋଇ ଗୁରୁଙ୍କ ଆଶ୍ରମକୁ ଜାରା ଶବର ପହଞ୍ଚିଲା ଏବଂ ୨ଟି ଗଣ୍ଡା ଜନ୍ତୁ ଗୁରୁଙ୍କୁ ଉପହାର ଦେଇ ଅନୁରୋଧ କଲା-

'ମୁହିଁ ବିଦ୍ୟାପୁତ୍ର ହୋଇକି ଆଜ୍ଞା ଯେବେ କରୁ ।୬।'

ଦ୍ରୋଣାଚାର୍ଯ୍ୟ ଗଣ୍ଡା ଶିକାର ପାଇଁ ପ୍ରୀତ ହେଲେ ଏବଂ ଯୁଧିଷ୍ଠିର ମଧ୍ୟ ଜାରା ଶବର ସହପାଠୀ ହେଉ ବୋଲି ସ୍ୱାଗତ କଲେ ।

"ଯୁଦ୍ଧେଷ୍ଟି ବୁଇଲା ହୋ ଥାଉ ୟେ କିରାତ

ବନଚର ଲୋକ, ୟେହାରେ କାର୍ଯ୍ୟ ଅଛି ବହୁତ ।୭।"

ମାତ୍ର ଅଭିମାନୀ ଦୁର୍ଯ୍ୟୋଧନ ବିରୋଧ କଲା ଏବଂ ଦୁଃଶାସନକୁ ନିର୍ଦ୍ଦେଶ ଦେଲା:-

"ଦୁଃଶାସନକୁ ବୋଇଲା ୟେହାକୁ ନିଅ ବାଳଧରି

ବନସ୍ତେ ଛାଡ଼ି ଆସ ଅନେକ ଅବସ୍ଥା କରି ।୧୨।"

ଦୁର୍ଯ୍ୟୋଧନ ଇଙ୍ଗିତ ପାଳିତ ହେଲା । ଜାରା ଅପମାନିତ ହେଲା ଏବଂ ସେ ଅଧ୍ୟୟନରୁ, ଗୁରୁକୁଳରୁ ବଞ୍ଚିତ ହେଲା । ଏଥିରୁ ଆର୍ଯ୍ୟ ଆର୍ଯ୍ୟେତରଙ୍କର ବିଭେଦ ମନୋଭାବ ସ୍ପଷ୍ଟ । ଏହା ସାମନ୍ତବାଦର ପ୍ରତୀକ । ପ୍ରତ୍ୟାଖ୍ୟାତ ହେଲା ଜାରା । ଅବଶ୍ୟ ଶିକ୍ଷା ଦୀକ୍ଷା ନେବା କାହାର ଏକଚାଟିଆ ଅଧିକାର ନୁହେଁ । ଜାରା ଚାର କୁଡ଼ିଆରୁ ଗୁରୁଙ୍କର ଆଖଡ଼ାଶାଳଯାଏ ଜଙ୍ଗଲ ସଫା କରିନେଲା । ସ୍ୱସାଧନାରେ ବ୍ରତୀ ହେଲା ।

"ସେ ଜାରା କିରାତ ଅନେକ କ୍ରୋଧ କଲା ।

ଆଖଡ଼ା ଶାଳରୁ ଆପଣା ପଲ୍ଲୀକି ବାଡ଼ କାଟି ନେଲା ।୧୪।" (ପୃଷ୍ଠା-୩୦୯)

ଏବଂ ବାରୁଣବନ୍ତ ଆଖଡ଼ାଶାଳରେ ଗୁରୁ ଯାହା ଅସ୍ତ୍ର ଶିକ୍ଷା ଦେଉଥିଲେ ତାହା ଲକ୍ଷ୍ୟ ଭେଦ କରି ସେ ଅସ୍ତ୍ର ଶିକ୍ଷା ଆରମ୍ଭ କଲା ଓ ଶର ବିଦ୍ୟାରେ ସିଦ୍ଧିଲାଭ କଲା । ଏପରି ସାଧନା ଓ ଶିକ୍ଷା ପିପାସାର ପଟାନ୍ତର ନାହିଁ ।

"ସମସ୍ତ ବିଦ୍ୟାରେ ସେ ହୋଇଲା ନିର୍ଜିତା,

ଧନୁର୍ବିଦ୍ୟାରେ ସେ ହୋଇଲା ବଳବନ୍ତା ।"(୩୪ ପଦ/ଆଦିପର୍ବ ୧ମ ଖଣ୍ଡ)

ଉକ୍ତ ଜାରା ପରବର୍ତ୍ତୀ ଜୀବନରେ 'ଏକଲବ୍ୟ' ଭାବରେ ପରିଚିତ । ଏକଲବ୍ୟ ଉପାଖ୍ୟାନ ଶୀର୍ଷକ ପରିଚ୍ଛେଦରେ ଶୁଦ୍ରମୁନି ସାରଳା ଦାସ ଜାରାର ଅସ୍ତ୍ର ବିଦ୍ୟା ଶିକ୍ଷାର ଚରମ ସାର୍ଥକତା ଓ

ଗୁରୁଦକ୍ଷିଣାର ଆଦର୍ଶ, ତ୍ୟାଗ ଅତି ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି । ଏକଲବ୍ୟ ଏକ ଲକ୍ଷ୍ୟରେ ସାଧନା କରି ସିଦ୍ଧିଲାଭ କରିଥିବା ହେତୁ ତାହାର ନାମ ହେଲା 'ଏକଲବ୍ୟ' । ଅଶ୍ୱତ୍ଥାମା ଜନ୍ମ ପରେ ଗୁରୁ ଦ୍ରୋଣଙ୍କ ପତ୍ନୀ କୃପିଙ୍କର ଦେହାନ୍ତ ହେଲା । ତାଙ୍କର ଶ୍ରାଦ୍ଧ ପାଇଁ ଗଣ୍ଡାମାଂସ ଆବଶ୍ୟକ ପଡ଼ିବାରୁ କୌରବ ପାଣ୍ଡବ ଶିଷ୍ୟମାନଙ୍କୁ ମାଂସ ନପାଇ ଶବରୀ ପଲ୍ଲୀସ୍ଥିତ ମଣିନାଗ ପର୍ବତର ପାଦଦେଶରେ ଥିବା ଜଳାଶୟ କୂଳରେ ବିଶ୍ରାମ ନେଉଥିଲେ । ଏତିକିବେଳେ ଜାରାର ପତ୍ନୀ 'ଶ୍ରୀୟା' ଉକ୍ତ ଜଳାଶୟକୁ ସ୍ନାନ କରିବାକୁ ଆସେ ଏବଂ ସେ ସ୍ନାନ ସଂପାଦନ ପରେ ଜଳଘଟରୁ ଜଳ ମାଠିଆ ମୁଣ୍ଡେଇ ଚାଲି ଯାଉଥାଏ । ମାତ୍ର ଦୁଷ୍ଟ କୌରବଙ୍କର ବଳାତ୍କାରର ଶିକାର ହେଲା ସେ ।

"ଦୂରେ ଥାଇ ଦେଖିଲେ ତାକୁ ଦୁଃଶାସନ ମୁଢ଼େ

ଆକ୍ରୋଷି ବେନି ଭୁଜେ ଧଇଲାକ ଗାଢ଼େ ।"(୧୭)

ଶ୍ରୀୟାର ରୂପ ମାଧୁରୀରେ ମୁଗ୍ଧ ହୋଇ ଉଚ୍ଚ ନୀଚ ବିଚାର ନକରି ଦୁଃଶାସନ ଓ ତାର ଭାଇମାନେ ଘେରି ଯାଇ ବଳାତ୍କାର କରିବାକୁ ଉଦ୍ୟମ କଲେ । ସେ ନିଜର ସତୀତ୍ୱ ରକ୍ଷା କରିବା ପାଇଁ ସ୍ୱାମୀ ଜାରାଙ୍କୁ ଆହ୍ୱାନ କଲା ।

"ଭୋନାଥ ରଖ ବୋଲି ଉଚ୍ଛେଦିଲା ଡାକ

ଭୋ ସ୍ୱାମୀ ବଳତ୍କାର କରନ୍ତି କାହାର ଦୁଷ୍ଟ ଲୋକ ।୧।"

....

"ହସ୍ତରେ ଧନୁତୀର ଘେନି ବାହାର କିରାତ

ଧାଇଁଣ ପ୍ରବେଶ ହୋଇଲା ଯାଇ କୁରୁବୀରଙ୍କ ସଙ୍ଗତ ।"୨୨(୭)

ପତ୍ନୀ ପ୍ରତି ବଳାତ୍କାର ଦେଖି ଜାରା ଉପସ୍ଥିତ ହେଲା ଏବଂ ଧନୁରେ ଶର ସନ୍ଧାନ ପୂର୍ବକ ଶତ ଭାଇଙ୍କୁ ଧରାଶାୟୀ କଲା । ଜାରା ପ୍ରାଣପ୍ରିୟାକୁ ଉଦ୍ଧାର କରି ସାଥିରେ ନେଇ ଗଲା । ସେ ଅନ୍ୟାୟ, ଅତ୍ୟାଚର ତଥା ବଳାତ୍କାରକୁ ଏକା ଦମନ କରିବାରେ ସମର୍ଥ ହେଲା । ବାସ୍ତବରେ ଏଇଠି ବିଦ୍ୟା ଶିକ୍ଷାର ମୂଲ୍ୟାୟନ ହେଲା ।

ଗୁରୁ ଦ୍ରୋଣ ଓ ପାଣ୍ଡବମାନେ କୌରବମାନଙ୍କୁ ଖୋଜିବାକୁ ଯାଇ ଦେଖିଲେ, କୌରବମାନଙ୍କର ମୃତ ଅବସ୍ଥା । ଗୁରୁ ଏବଂ ପାଣ୍ଡୁପୁତ୍ରଙ୍କର ବିସ୍ମୟର ସୀମା ରହିଲା ନାହିଁ । ଅର୍ଜୁନ ଅନୁସନ୍ଧାନ କରି ଦେଖିଲା, ଶବର ପଲ୍ଲୀରେ ଜାରା ଧନୁଶର ଧରି ଭୟଙ୍କର ଦେଖାଯାଉଛି । ଅର୍ଜୁନ ଜାରା ପ୍ରତି ଶର ପ୍ରହାର କରିବାରେ ତତ୍ପର ହୁଅନ୍ତେ, ଜାରା ଓଲଟା ଶର ପ୍ରହାର କଲା । ଉଭୟଙ୍କ ମଧ୍ୟରେ ଘମାଘୋଟ ଯୁଦ୍ଧ ହେଲା । ଅର୍ଜୁନର ହେଲା ପରାଜୟ । ଜାରାର ବୀରତ୍ୱ ଦେଖି ସେ ମଧ୍ୟ ବିସ୍ମିତ ଓ ସ୍ତମ୍ଭୀଭୂତ ହେଲେ । ଏଣୁ ସେ ଗୁରୁଙ୍କୁ କହିଲେ ।

"ତଦାହଂ ପରିରଭୈକ ପ୍ରତି ପୂର୍ବମିଦଂ ବଚଃ,
ଉବଚୋତ୍ଥୋନ ମେ ଶିଷ୍ୟେସ୍ୱ ଦ୍ୱିଶିଷ୍ଟୋ ଭବିଷ୍ୟତି ।
(ସଂସ୍କୃତ ମହାଭାରତ)(୪୮) ପୃ:୯

ଅର୍ଥାତ୍ ହେ ଗୁରୁ ! ସେ ଦିନ ଆପଣ ମୋତେ ଏକାକୀ ଆଲିଙ୍ଗନ କରି ବଡ଼ ଖୁସିରେ କହିଥିଲେ ଯେ ତୋଠାରୁ ଅନ୍ୟ କେହି ମୋର ଶିଷ୍ୟ ପାରଙ୍ଗମ ହେବେ ନାହିଁ । ପୁନଶ୍ଚ:-

"ଅଥକସ୍ମାନ୍ମ ଦ୍ୱିଶିଷ୍ଟୋ ଲୋକଦପି ଚ ବୀର୍ଯ୍ୟବାନ୍,
ଅନ୍ୟୋଅସ୍ତି ଭବତଃ ଶିଷ୍ୟୋ ନିଷାଦଧି ପତେଃ ସୁତଃ ।"୪୯।

ପୁଣି କହିଲା ଯେ, ନିଷାଦ ମୋଠାରୁ ଯୁଦ୍ଧ ବିଦ୍ୟାରେ ଅଧିକ କୌଶଳୀ ଏବଂ ସମଗ୍ର ପୃଥିବୀରେ ଅଧିକ ପରାକ୍ରମୀ କିପରି ହେଲା ? ଏହି ଉକ୍ତିରେ ଗୁରୁ ଦ୍ରୋଣାଚାର୍ଯ୍ୟ ବିସ୍ମିତ ହୋଇ ଅର୍ଜୁନ ସହିତ ଏକଲବ୍ୟ ପାଖକୁ ଗଲେ । କୁଶଳ ଜିଜ୍ଞାସା କଲେ । ଗୁରୁଙ୍କ ଆଦେଶରେ ସାରଳା ଦାସଙ୍କର ବର୍ଣ୍ଣନାରେ ମୃତ ଶହେ ଭାଇଙ୍କୁ ସଂଜୀବନୀ ମନ୍ତ୍ରଦ୍ୱାରା ଜାରା ପୁନର୍ଜିବୀତ କଲା । ଗୁରୁ ପ୍ରୀତ ହେଲେ । ଜାରା ତାଙ୍କର ସାନ୍ନିଧ୍ୟ ଲାଭ କରି ନଥିଲେ ମଧ୍ୟ ଜ୍ଞାନ ତଥା ଅସ୍ତ୍ର ବିଦ୍ୟାରେ ବିଜୟ ମଣ୍ଡିତ ହୋଇଛି । ଜାରାର ଦକ୍ଷତା ଦେଖି ଗୁରୁ ମନେ ମନେ ଗୌରବ ଅନୁଭବ କଲେ । ମାତ୍ର ସାମନ୍ତବାଦୀ ଶିଷ୍ୟଙ୍କର ଅଭିଯୋଗ, ଗୁରୁ ଦ୍ରୋଣଙ୍କ ମନରେ ଆଘାତ ଆଣିଲା । ଯେହେତୁ:-

"ତୋହର ପରାୟେ ଗୁରୁ ସେବି ଆମ୍ଭେ ବିଦ୍ୟାମାନ ସାଧିଲୁ
କିରାତ ମାତ୍ରକ ସମରେ ଆମ୍ଭେ କ୍ଷୟ ଗଲୁ ।"୮୨ ।

***

ଧିକ ହେଉ ଆମ୍ଭର ଜୀବନ ଆମ୍ଭର ଛାତ୍ରୀବୃତ୍ତେ କିସ କାର୍ଯ୍ୟ
କେସନେ ଜନମୁଖ ଚାହିଁବୁ ହୋଇଣ ନିର୍ଲଜ୍ଜ ।୮୪।

ଏହାଥିଲା ଗୁରୁଙ୍କ ପ୍ରତି ଅର୍ଜୁନଙ୍କର ତୀବ୍ର ଅଭିଯୋଗ ।

ଏଣୁ ସେମାନଙ୍କ ପ୍ରତି ଗୁରୁଙ୍କର ଉକ୍ତି ହେଲା:-

"ଦ୍ରୋଣ ବଇଲେ କିଛି ନ ଭାବ ଚିତ
ଆମ୍ଭର ବିଦ୍ୟାପୁତ୍ର ଯେ ଅଟଇ କିରାତ ।" (୮୫ ପଦ)

ଏଣୁ ଜାରାକୁ ଆଶୀର୍ବାଦ ଦେଇ କହିଲେ -

"ଆମ୍ଭର ବୋଲେ ତୋତେ ସମସ୍ତ ପ୍ରାପତ ହେଉ
ତୋତେ ତ ସମରେ ଜିଣନ୍ତା କେହି ନୋହୁ ଆଉ ।"ପୃ-୯୧

ବିଶ୍ୱର ଅଦ୍ୱିତୀୟ ବୀର ବୋଲି ଜାରାକୁ ମୁହଁରେ ପ୍ରଶଂସା କଲେ । ଏଥିରେ ଜାରା ଆନନ୍ଦରେ ଆତ୍ମହରା ହୋଇ ପଡ଼ିଲା ।

**ଯଥା:-**

"ଉଷତ ହୋଇପଡ଼ିଲା କିରାତ ଗୁରୁଙ୍କ ଚରଣେ
ଦକ୍ଷିଣା ମାଗହୋ ମୁକୁ ଗୁରୁ ଦେବଇଂ ଯେହି କ୍ଷଣେ ।"(ପୃ-୯୨)

ଗୁରୁ ଦକ୍ଷିଣା ପ୍ରଦାନ ଶୁଣି ଆନନ୍ଦିତ ହେଲେ । ଗୁରୁଙ୍କୁ ଦକ୍ଷିଣା ଦେବା ଶିଷ୍ୟର କର୍ତ୍ତବ୍ୟ । ସେତେବେଳେ ସେ ଅର୍ଜୁନଙ୍କୁ ଦେଇଥିବା ପ୍ରତିଶ୍ରୁତିଏବଂ ତାର ଅବସାଦପୂର୍ଣ୍ଣ କଟୁ ସମାଲୋଚନା ଅଭିମାନ ପ୍ରତି ସଚେତନ ହୋଇ ପଡ଼ିଲେ । ଯଦି ଜାରା ଅସ୍ତ୍ର ଚାଳନାରେ ଅକ୍ଷତ ରହେ ଦିନେ କୌରବ ବା ପାଣ୍ଡବମାନଙ୍କର ବୀରତ୍ୱ ଅଚିରେ ବିଡ଼ମ୍ବିତ ହେବ । ଜଣଙ୍କର ତ୍ୟାଗରେ ଗଣର ବିଚାର । ଏଣୁ କପଟତାର ଆଶ୍ରୟ ନେବାକୁ ବାଧ୍ୟ ହେଲେ । ଜାରାକୁ କହିଲେ, ସତ୍ୟ କଲେ ତୋଠୁ ଦକ୍ଷିଣା-

ଗ୍ରହଣ କରିବୁ । ଏହା ଦ୍ୱାରା ଜାରାଙ୍କୁ ପ୍ରତିଶ୍ରୁତି ବଦ୍ଧ ହେବାକୁ ପଡ଼ିଲା । ବାସ୍ତବରେ "ପାହାଡ଼ି ମଣିଷ ତର୍କ ବୁଝେ ନାହିଁ ।" (ଗୋପୀନାଥ ମହାନ୍ତି)(୭) ଜାରା ଗୁରୁଙ୍କ ମନକଥା ବୁଝି ନପାରି ସତ୍ୟ କଲା । ଏପରିକି ସ୍ୱତଃପ୍ରବୃତ୍ତ ହୋଇ ଶିର କମଳ ମାଗିଲେ ମଧ୍ୟ ଦକ୍ଷିଣା ଦେବାକୁ କୁଣ୍ଠାବୋଧ କରିବି ନାହିଁ ବୋଲି କହିଲା । ଗୁରୁ ଦ୍ରୋଣଙ୍କୁ ଅପୂର୍ବ ସୁଯୋଗ ମିଳିଗଲା । ମାତ୍ର ଦ୍ରୋଣାଚାର୍ଯ୍ୟଙ୍କ ପକ୍ଷରେ ସବୁଦିନ ପାଇଁ କଳଙ୍କ ହୋଇଥିଲେ ମଧ୍ୟ ଅର୍ଜୁନଙ୍କୁ ଅଦ୍ୱିତୀୟ ବୀର କରାଯିବା ଉଦ୍ଦେଶ୍ୟରେ ବର୍ତ୍ତମାନ ସର୍ବସ୍ୱ ହୋଇ କୂଟନୀତି ପ୍ରୟୋଗ କଲେ ।

"ଦକ୍ଷିଣ ହସ୍ତ ଅଙ୍ଗୁଠି କାଟି ମୋତେ ଦେବୁ" (୯୬)

"ଏବଂ ଚାରି ଅଙ୍ଗୁଠିରେ ବିନ୍ଧିବୁ ତୁ ଶର

ଯେତେକ ଦେଲେ ଗୁରୁ ଦକ୍ଷିଣା ହୋଇଲା ଆମ୍ଭର ।"(୯୮)

ଏହି ନିର୍ଦ୍ଦେଶ ସଂସ୍କୃତ ମହାଭାରତରେ ମଧ୍ୟ ରହିଛି ।

ତତଃ ଶରଂତୁ ନୈଷାଦିରଙ୍ଗୁଳିଭିର୍ବ୍ୟକର୍ଷତ ।

ଗୁରୁ ସଂକେତ ଦେଲେ ଯେ, ତର୍ଜନୀ ଓ ମଧ୍ୟମା ଅଙ୍ଗୁଳି ସଂଯୋଗରେ ବାଣ ପ୍ରୟୋଗ କରି ଜୀବନଧାରଣ କର ।

ଏଇଠି ସଂସ୍କୃତ ମହାଭାରତ ଓ ସାରଳା ମହାଭାରତର ସାମଞ୍ଜସ୍ୟ ରହିଛି । (ସଂସ୍କୃତ ଆଦିପର୍ବ ୪୦୧ ପୃ. ୫୯ ଶ୍ଳୋକ) ଗୁରୁଙ୍କ ଏପରି ନିର୍ଦ୍ଦେଶକୁ ସରଳମନା ଜାରା ଶେଷରେ ଗୁରୁଙ୍କ ମନ୍ଦ ବୁଦ୍ଧି ବୁଝି ପାରିଲା ଏବଂ ଗୁରୁଙ୍କର ମନୋଭାବ ଓ ଆଶଙ୍କାକୁ ପ୍ରକାଶ କରିବାରେ କୁଣ୍ଠା ବୋଧ କଲା ନାହିଁ । ନିର୍ଭିକତାର ସହ କହିଲା :-

"ଜାରା ବୋଇଲା ଗୁରୁ ହେ ଯେବେ ଭୟ କଲ ମୁକୁ

ମୁକଇଁ କଳଙ୍କ କରି ଉଦ୍ଧରିଲ ଯେ ମାନଙ୍କୁ ।" ୯୯/୩

***

"ଯେ ତ ବୋଲିନ ଯେ ବୃଦ୍ଧା ଅଙ୍ଗୁଷ୍ଠି କାଟିଣ ସେ ଦିଲା,

ତାହା ଦେଖି ଗୁରୁଙ୍କର ଚିତ୍ତ ହରଷ ହୋଇଲା ।" ୧୦୩

ଏତିକି କହି ଅଭିମାନ ଭରା ମନରେ ନିଜ ଶରରେ ଦକ୍ଷିଣ ହସ୍ତର ବୃଦ୍ଧାଙ୍ଗୁଳି କାଟି ବଢ଼ାଇ ଦେଲା । ଧରିତ୍ରୀ ହେଲା ରକ୍ତ ରଞ୍ଜିତ ।

ଏପରି ଅନେକ ଆଦିବାସୀ ଚରିତ୍ର ସାରଳା ମହାଭାରତରେ ବର୍ଣ୍ଣିତ । ଉକ୍ତ ଆଦିପର୍ବରେ 'ବିଦୁରଙ୍କ ବାରୁଣାବନ୍ତ ଗମନ' (ପୃ-୫୩୪) ଗୁହକ ଓ ଭୀମଙ୍କ ଅଗ୍ନିପ୍ଲବ, ଭୀମକୁ ଜଳପ୍ରଭାକୁ ପ୍ରଦାନ ଓ ଭୀମର ଭୟଙ୍କର ରୂପ ଧାରଣ । ଶବରିଣୀର ପଞ୍ଚପୁତ୍ରଙ୍କର ପୂର୍ବ ବୃତ୍ତାନ୍ତ (ପୃ-୫୫୭) ଏବଂ ଆଦିପର୍ବରେ ଦ୍ୱିତୀୟ ଖଣ୍ଡରେ 'ମାଳତୀ ଶବରୀ' ଉପାଖ୍ୟାନ (ପୃ-୯୭୩) ଆଦି ପରିଚ୍ଛେଦ ଗୁଡ଼ିକରେ ନିଷାଦ, ପଞ୍ଚପୁତ୍ର ଶବରଙ୍କ ଦହନ," ଶବରୀ ଓ କେଶବ ନାରାୟଣଙ୍କର" ମଞ୍ଜୁଳ ବର୍ଣ୍ଣନା

ରହିଛି । ସେପରି ଭୀଷ୍ମ ପର୍ବରେ ଭୀମଙ୍କର 'କିରାତ ଓ କାମପାଳ' ସଙ୍ଗେ ଯୁଦ୍ଧ ଏବଂ ଜୟଲାଭ ଓ ନିମନ୍ତ୍ରଣ । ପରିଚ୍ଛେଦ ଆଦିପର୍ବ(ପୃ୨୬୯) । ଏହି ପରିଚ୍ଛେଦ ମାନଙ୍କରେ ସାରଳା ଦାସ ଆଦିବାସୀ ଜୀବନର ଦୟନୀୟ ଚିତ୍ର ପ୍ରଦାନ କରିଛନ୍ତି । ଆଜିର ସମାଜର ବାସ୍ତବ ରୂପ ଚିତ୍ରଣକୁ ମଧ୍ୟ ଆଖି ଆଗରେ ରଖି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ଆଦିବାସୀମାନେ ଯୁଗେ ଯୁଗେ ଅବହେଳିତ, ଦଳିତ ତଥା ନିର୍ଯ୍ୟାତିତ ହୋଇ ଆସିଛନ୍ତି । କେବଳ ସେମାନଙ୍କର ତ୍ୟାଗ, ସେବା, ସତ୍ୟନିଷ୍ଠ, ବୀରତ୍ୱ ସର୍ବୋପରି ଶବରର ଜଗନ୍ନାଥ ନୀଳମାଧବ ପୂଜା, ଭକ୍ତି, ଶ୍ରଦ୍ଧା ଆଦି ଜାତି ଓ ଜଗତକୁ ଅନୁପ୍ରାଣିତ କରୁଛି ମାତ୍ର ।

ଯେପରି ଶେଷରେ ଏତିକି କହିଲେ ଯଥେଷ୍ଟ ହେବ ଯେ ଆଦିବାସୀର ଜୀବନ କରୁଣମୟ । ଯେପରି ଅପମାନିତ, ଲାଞ୍ଛିତ, ଲୁଣ୍ଠିତ ହେବା ତାର ଭାଗ୍ୟର ଲିଖନ । ସଭ୍ୟ ସମାଜ ତାକୁ ସମ୍ମାନ ଦିଏ ନାହିଁ । ପ୍ରପୀଡ଼ିତ କରିଥାଏ । ହେୟ ଜ୍ଞାନ କରେ । ମାତ୍ର ଶ୍ରୀକୃଷ୍ଣ, ଶବର ଓ ଆଦିବାସୀଙ୍କର ପ୍ରତି ଦୟାବାନ ଥିଲେ । ସେମାନଙ୍କ ସରଳତା, ସାଧୁତା, ଭକ୍ତିମତା ପ୍ରତି ଶ୍ରୀକୃଷ୍ଣ ଆକୃଷ୍ଟ ଥିଲେ । ଆଦିମର ଖାଦ୍ୟ ହୋଇଛି, "ମହା ପରମହିତ ସେ କରଇ, ରୋଗବାଧା, ଶବରୀ  ଯୋଗାଡ଼କୁ ଆମ୍ଭର ବଡ଼ ଶ୍ରଦ୍ଧା ।"(୮୪ ପଦ ୮୦ ପୃ) । ଆଦିବାସୀଙ୍କର ପାକ ପ୍ରଣାଳୀ ଯେପରି ସାଦାସିଧା ସେପରି ଅଗ୍ନିସିଦ୍ଧ ଓ ସ୍ୱାଦିଷ୍ଟ । ଏଣୁ ସ୍ୱୟଂ ନାରାୟଣ, ଶବରୀର ଖାଦ୍ୟ ପ୍ରସ୍ତୁତିରେ ତୃପ୍ତ ଥିଲେ । ସେମାନଙ୍କର ଭକ୍ତିରେ ପ୍ରଭୁ ଜଗନ୍ନାଥ ଚିରକାଳ ଆସକ୍ତ । ତାର ପ୍ରକୃତ ଚିତ୍ର 'ଶବରୀ ନାରାୟଣ' । ଯେତେବେଳ ଗାଲମାଧବଙ୍କ ଦ୍ୱାରା ଶବରମାନେ ଅତ୍ୟାଚାରିତ, ନିହତ ହେଲେ ପ୍ରଭୁ ଜଗନ୍ନାଥ ଶୂନ୍ୟ ବାଣୀରେ ନିର୍ଦ୍ଦେଶ ଦେଲେ:-

"ଏ ଜାରା ଶବର ବଂଶୀ  ଥିବ ମୋର କତି । ୟହାଂକୁ ଦେଖିଲେ ଆମ୍ଭେ ହୋଇବ ପ୍ରୀତି ।" ୮୯ ପଦ

ସୁତରାଂ ଯୁଗେ ଯୁଗେ ଭଗବାନ ଆଦିବାସୀଙ୍କର ବନ୍ଧୁ, ସଖା ଓ ସହୋଦର ହୋଇ ରହିଛନ୍ତି । ଯେତେ ଧାର୍ମିକ, ସାଂସ୍କୃତିକ ପରିବର୍ତ୍ତନ ହେଲେ ମଧ୍ୟ ଜଗନ୍ନାଥ ପାଖରେ ସେ ରହିଛି । ଜଗତ ସ୍ରଷ୍ଟା ଜଗତ୍‌ପତି ଜଗନ୍ନାଥ ସେମାନଙ୍କୁ ପରିତ୍ୟାଗ କରିନାହାନ୍ତି । ଇନ୍ଦ୍ରଦ୍ୟୁମ୍ନଙ୍କ ମୁହଁରେ "ତୁମ୍ଭେଥେ କଇଁ ମୂଳ ଶବର ବଂଶ ହୋଇଲେ ଦୟିତା" (୧୫୧) (ମୁଷଳୀ ପର୍ବ) (୮) ।

ଶବରମାନେ ଜଗନ୍ନାଥଙ୍କର ମୂଳ ସେବକ । ଏହା ପୁରାଣ ଯୁଗରୁ ନିର୍ଦ୍ଦିଷ୍ଟ । କାରଣ ଠାକୁରେ ସରଳତାର ସ୍ୱଭାବରେ ବନ୍ଧା ।

(ଗ) ଓଡ଼ିଆ ସାହିତ୍ୟରେ ଆଦିବାସୀଙ୍କ ଶୈବ ଚେତନା:-

ଆର୍ଯ୍ୟ ପରମ୍ପରାରେ ଶୈବ ଚେତନା ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କଲେ ମଧ୍ୟ ଅର୍ଯ୍ୟେତର ସଭ୍ୟତା ଓ ସଂସ୍କୃତିରେ ଏହି ଚେତନାର ବର୍ଣ୍ଣନା ଅଭିଭୂତ କରାଏ । ଆମର 'କପିଳ ସଂହିତା', 'ଏକାମ୍ର ପୁରାଣ', 'ସ୍ୱର୍ଣ୍ଣାଦି ମହୋଦର', 'ଏକାମ୍ର ଚନ୍ଦ୍ରିକା', 'କେଶରୀ କ୍ଷେତ୍ର ମହିମା' ଆଦି ଗ୍ରନ୍ଥ ଦୃଷ୍ଟି ଆକର୍ଷଣ କରେ । ପୁଣି ଲକ୍ଷ୍ମୀଧର ମିଶ୍ରଙ୍କର 'ଶୈବ କଳିଦ୍ରୁମ', 'ଶୈବ ଚିନ୍ତାମଣି' ରେ ମାଗୁଣି ମିଶ୍ରଙ୍କ ଶୈବ ପାର୍ବତୀ ବର୍ଣ୍ଣନା, ପଣ୍ଡିତ ନିତ୍ୟାନନ୍ଦଙ୍କ 'ଶୈବ ଲୀଳାମୃତ' ମହାକାବ୍ୟ, ଭଗବାନ ବ୍ରହ୍ମାଙ୍କ

'ଶିବ ଶତକ' ଶୈବ ପାତଶତକ, ଗଣେଶ୍ୱର ମିଶ୍ରଙ୍କ 'ଲିଙ୍ଗ ରସାୟନ' ଆଦି ଗ୍ରନ୍ଥ ଗୁଡ଼ିକ ଶୈବ ଚେତନାକୁ ସମୃଦ୍ଧ କରିଛି । ଦ୍ରାବିଡ଼ ସଭ୍ୟତାର ମାତୃପୂଜା ଶୈବ ଚେତନା କ୍ରମେ ବ୍ୟାପକ ରୂପ କରିଛି । ସୁତରାଂ ଆଦିବାସୀମାନେ ବୃକ୍ଷ, ଡାଳ, (କାମଧନି) (ମେପର ସମଲାଇ) ପଥରକୁ ମଧ୍ୟ ଶିବଶକ୍ତିର ପ୍ରତୀକ ଭାବରେ ପୂଜା କରିଥାଆନ୍ତି । ଯେପରି ଡାଲଖାଇ, କରମ୍‌ସାନୀ ବା ଗ୍ରାମରେ ପ୍ରୋଥିତ ପଥର କାଷ୍ଠକୁ ମଧ୍ୟ ଦେବାଦେବୀ ରୂପରେ କଳ୍ପନା କରି ପୂଜା କରିଥାଆନ୍ତି । ଉଦାହରଣ ଦାଦିବୁଢ଼ା ଉପନ୍ୟାସର ଗୋପୀ ମହାନ୍ତି ଦ୍ରଷ୍ଟବ୍ୟ । ଶୈବ ଚେତନାର ଦୁଇଟି ଉଦାହରଣ:-

ଯଥା:- ବିଶେଷତଃ ଫାଲଗୁନ ମାସର କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ଦିନ ଶିବଙ୍କର 'ଶିବରାତ୍ରି' ବା ଜାଗର ରାତି ଉତ୍ସବ ପାଳନ କରାଯାଏ । ସେପରି 'ଶୀତଳ ଷଷ୍ଠୀ' ଏକ ସାର୍ବଜନୀନ ପର୍ବ । ଚୈତ୍ର ଏବଂ ଶରଦ ଋତୁରେ ଦୁର୍ଗା ବା ପାର୍ବତୀଙ୍କର ଶକ୍ତି ପୂଜାର ମହିମା ସର୍ବ ବିଦିତ । ଏହି ଶିବ ପାର୍ବତୀଙ୍କ ମହିମା ପୁରାଣରେ ଯେପରି ବର୍ଣ୍ଣିତ ତାହା ଏହିପରି । ଜଣେ ନିଷାଦ ମଧ୍ୟଦେଶର ମାଳଭୂମିରେ ରହୁଥିଲା । ସେ ହେଉଛନ୍ତି ଉକ୍ତ ମଧ୍ୟଦେଶ ଅର୍ଥାତ ଆଜିର ମଧ୍ୟପ୍ରଦେଶର ବ୍ୟକ୍ତି । ସେ ଥିଲା ଉକ୍ତ ଅଞ୍ଚଳର ସର୍ଦ୍ଦାର । ଦିନେ ମୃଗୟା କରୁ କରୁ ରାତି ହୋଇ ଯିବାରୁ ବାଘ ଭୟରେ ଏକ ବେଲଗଛରେ ଆଶ୍ରୟ ନେଇଥିଲା । ସେ ଜାଣି ନଥିଲା ଯେ ସେଦିନ ହେଉଛି ଶିବରାତ୍ରି । ସୌଭାଗ୍ୟକୁ ସେହି ଗଛମୂଳେ ଶିବଲିଙ୍ଗ ବିଦ୍ୟମାନ ଥିଲା । ଉକ୍ତ ନିଷାଦ ଅଜ୍ଞାତରେ ବେଲପତ୍ର ଝାଡ଼ି ପକାଇଲା । ତାହା ପଡ଼ିଲା ଶିବଲିଙ୍ଗ ଉପରେ । ଶିବ ଉକ୍ତ ବେଲପତ୍ର ପାଇ ନିଷାଦକୁ ମୁକ୍ତିଦାନ ଦେଲେ । ଏହି ନିଷାଦ ମନରେ ଶୈବ ଚେତନା ଜାଗ୍ରତ କରି ସାଧାରଣ ସମାଜରେ ଶୈବ ଭକ୍ତିର ଆଦର୍ଶ ସୃଷ୍ଟି କରିଛନ୍ତି । (୧୩)

ଠିକ୍ ସେପରି 'ଗୁହ୍ୟକ'ଶବରର 'ଶିବପୂଜା' ଓ 'ମୃଗ ଉଦ୍ଧାରଣ' ଚରିତ ଆମର ଦୃଷ୍ଟି ଆକର୍ଷଣ କରେ ।

"ପୂର୍ବେ ଗୁରୁଦ୍ରୋହ ନାମେ କିରାତକ ଥିଲା ।

ଘୋରବନ ମଧ୍ୟରେ ସେ ବାସ କରୁଥିଲା ।

ପୁତ୍ରକନ୍ୟା ଭାରିଯାଙ୍କୁ ପୋଷିବା ନିମନ୍ତେ

ନିତି ପଶୁବଧ କରେ ବୁଲିଣ ବନସ୍ତେ ।" (୧୪) (୯)

ସତ୍ୟ ଯୁଗରେ 'ଗୁରୁ ଦ୍ରୋହ', ତ୍ରେତୟା ଯୁଗରେ 'ଗୁହ୍ୟକ ଶବର' ନାମରେ ଜନ୍ମ ନେଇ ରାମଚନ୍ଦ୍ରଙ୍କର ସେବା କରିବାର ସୁଯୋଗ ପାଇଛି ଏବଂ ପ୍ରଭୁ ରାମଚନ୍ଦ୍ରଙ୍କର ସେ ହେଉଛି ଅତି ପ୍ରିୟ ବନ୍ଧୁ । ମାତ୍ର ସତ୍ୟ ଯୁଗରେ ଗୁରୁଦ୍ରୋହ ବନ ମଧ୍ୟରେ ଶିକାର ପାଇଁ ବିଚରଣ କରୁଥିଲା । ଦିନସାରା ବୁଲିବା ସତ୍ତ୍ୱେ ଶିକାର ନପାଇବାରୁ ମନ ଦୁଃଖରେ ଏକ ପୋଖରୀ ତୁଠରେ ଅପେକ୍ଷା କରି ରହିଲା । ସେ ଭାବିଲା ଯେ ବନ୍ୟ ପଶୁମାନେ ଜଳପାନ ପାଇଁ ସନ୍ଧ୍ୟାରେ ଆଗମନ କରିବେ । ସେ ସେମାନଙ୍କୁ ହତ୍ୟା କରି ନିଜର ଇଚ୍ଛା ପୂରଣ କରିବ । ଏହା ଥିଲା ତାର ଉଦ୍ଦେଶ୍ୟ ।

ଏଥି ମଧ୍ୟରେ ମୃଗ ପତ୍ନୀ, ପୁତ୍ର, କନ୍ୟାଙ୍କୁ କଥାଦେଇ ନିଜେ ଜଳପାନ କରିବାକୁ ଆସିଲା । କାରଣ ତାଙ୍କ ପରିବାର ମଧ୍ୟରେ ପରସ୍ପର କଥାବାର୍ତ୍ତା ହେଲେ ଯେ ଜଣେ ପରେ ଜଣେ ଜଳପାନ କରିବାକୁ ଯିବେ ଏବଂ ଫେରିବେ । ଏଣୁ ପୁରୁଷ ମୃଗ ପ୍ରଥମେ ଜଳପାନ କରିବା ପାଇଁ ପୁଷ୍କରିଣୀର

ତୁଠକୁ ଆସିଲା । ଏଇ ଶୁଭବେଳା ଦେଖି ନିଷାଦ ମୃଗ ପ୍ରତି ଶର ସନ୍ଧାନ କଲା । ମାତ୍ର ମୃଗ ଶବରକୁ କହିଲା ଯେ ପତ୍ନୀ ପୁତ୍ର କନ୍ୟାକୁ କଥା ଦେଇ ଆସିଛି ଏବଂ ସେମାନଙ୍କୁ ଜଣାଇଦେଇ ଫେରି ଆସିଲା ପରେ ଶର ସନ୍ଧାନ କରି ନିହତ କରିପାରିବେ । ଏପରି ସପରିବାର ଜଳପାନ କରିବାକୁ ଆସି ଶବରର ସମ୍ମୁଖୀନ ହେଲେ । ପଶୁ ମୁହଁରେ ମାନବୀୟ ଆବେଦନ ଏବଂ ମାନବୀୟ ପ୍ରତିଶ୍ରୁତି ପାଳନର ଅନୁଭବ କରି ଶବରର ହୃଦୟ ପରିବର୍ତ୍ତନ ହୋଇଛି । ଶବର ବନ୍ୟ ଜନ୍ତୁମାରି ପରିବାର ପାଳନ କରୁଥିଲେ ମଧ୍ୟ ମୃଗ ପରିବାରର କରୁଣ ଚିତ୍ର ତାର ମାନସ ପଟରେ ଆଲୋଡ଼ନ ସୃଷ୍ଟି କଲା ଏବଂ ତା ମନରୁ ହିଂସାଭାବ ସବୁଦିନ ପାଇଁ ଦୂରୀଭୂତ ହେଲା । ସେ ହେଲା ଅହିଂସାର ଆଦର୍ଶ ପୁରୁଷ ।

"ମନମଧ୍ୟରେ ବିଚାର କରିଲା ଶବର ।
ଯେପରି କୁଟୁମ୍ବମାୟା ଅଛଇ ମୋହର ।
ପଶୁ ହେଲେ ମଧ୍ୟ ତାର ଅଛି ସେହିପରି ।
ଯାଇଥିଲେ ମାତ୍ର ତାଙ୍କୁ ଦେଖି ଆସୁ ଫେରି ।"(୧୫)

ପ୍ରତିଶ୍ରୁତିବଦ୍ଧ ମୃଗ ସପରିବାର ଶବର ଆଗରେ ଆତ୍ମସମର୍ପଣ କଲେ । ଏଥିରେ ଶବରର ଜ୍ଞାନୋଦୟ ହୋଇଛି । ସେ ସେହି ଦିନଠାରୁ ପଶୁ ହତ୍ୟା କଲାନାହିଁ ଏବଂ ଏ ଯାଏ ପଶୁ ହତ୍ୟା କରିଥିବାରୁ ସେ ଅନୁତପ୍ତ ହେଲା । ଉକ୍ତ ମୃଗପରିବାର ତାହାଠାରୁ ମୁକ୍ତି ପାଇ ଚାଲିଗଲେ । ବେଲଗଚ ଉହାଡ଼ରେ ଲୁଚି ରହିଥିବା ଉକ୍ତ ଶବରର ହାତରୁ ଝଡ଼ି ପଡ଼ିଲା ବେଲପତ୍ର । ସେହି ବେଲପତ୍ର ଶିବଲିଙ୍ଗରେ ପତିତ ହେବାରୁ ଏବଂ ଶବରର ମନରୁ ହିଂସା, ଦ୍ୱେଷ ଦୂର ହେବା ହେତୁ ଶିବ ନିଜେ ସନ୍ୟାସୀ ବେଶରେ ଆବିର୍ଭୁତ ହୋଇ ଏବଂ ତାଙ୍କୁ ଦର୍ଶନ ଦେବାରୁ ଶବର କହିଲା,

"ପ୍ରାଣୀ ବଧେ ଯେତେବେଳେ ପାପ ଅରଜିଛି ।"

"ବ୍ୟାଧ ମୁଖୁ ପାପ କଥା ଶୁଣି, ବୋଇଲେ ଶଙ୍କର,
"ଆଜିଠାରୁ ପାପମୁକ୍ତ ହୋଇଲା ତୋହର ।"

***

"ଗୁହ୍ୟକ ଶବର ବୋଲି ନାମ ଦେଲୁ ଆମ୍ଭେ ।" ବୋଲି କହିଲେ ।

ସୁତରାଂ ଶୈବଭକ୍ତି ଓ ପଶୁ ହିଂସାରୁ ମୁକ୍ତ ହୋଇ 'ଜୀବେ ଦୟା' ପ୍ରେମ ଭାବ ଯୋଗୁଁ ସେ ପୁଣ୍ୟ ଅର୍ଜନ କଲା । ପରବର୍ତ୍ତୀ ଜୀବନରେ ମଧ୍ୟ 'ଗୁହକ ଶବର' ଭାବରେ ରାମଙ୍କର ସାନ୍ନିଧ୍ୟ ଲାଭ କରିଛି । ଶବରର ଏହି ପୁଣ୍ୟ ଚରିତ୍ର ଦ୍ୱାରା ମଣିଷ ସମାଜ ଅନୁପ୍ରାଣିତ । ଏହା 'ବଉଳା ଗାଈ'ର ଅନୁରୂପ କାହାଣୀ କହିଲେ ସମୀଚୀନ ହେବ । ମନେହୁଏ ପଶୁ ବା ଜୀବହତ୍ୟାରୁ ନିବୃତ୍ତ ରହିବା ପାଇଁ 'ବୌଦ୍ଧ ଧର୍ମ'ର ଆଦର୍ଶ ପ୍ରଚାରିତ ଓ ପ୍ରସାରିତ ହୋଇଛି । ବାସ୍ତବରେ ଭାରତୀୟ ସଂସ୍କୃତିରେ 'ଲିଙ୍ଗ' ଉପାସନା ପରମ୍ପରା ଅତି ପ୍ରାଚୀନ । 'ମହେଞ୍ଜୋଦାରୋ', ହରପ୍ପା ଆବିଷ୍କୃତ ସଭ୍ୟତାର ଶୀଳାକୃତିରୁ ପ୍ରସ୍ତରର 'ଲିଙ୍ଗଯୋନି' ଉପାସନାର ସୂଚନା ମିଳେ । ଏହି ଶିବ ଉପାସକ ମାନବ ଦାସବାଦୁସ୍ୟୁ ବା ଦ୍ରାବିଡ଼ମାନଙ୍କ ଦେବାତଙ୍କୁ କ୍ରମେ ଆର୍ଯ୍ୟମାନେ 'ହରିହର' ରୂପରେ ଗ୍ରହଣ କଲେ । ଏ ଅନୁସାରେ ହରିହର ବା ବିଶ୍ୱନାଥ ଏକ । ସାରଳା ଦାସଙ୍କ ମତରେ "ହରିହର ଯେକଆତ୍ମା ଅଟନ୍ତି ଏହା ଜାଣ ।" ମୂଷଳୀ ପର୍ବ ୧୪୮ ପଦ ୧୧୬ ପୃଷ୍ଠା ।

(ଘ) ଚର୍ଯ୍ୟାପଦରେ ଆଦିବାସୀର ଜୀବନ ଚିତ୍ରଃ-

ସପ୍ତମ ଅଷ୍ଟମ ଶତାବ୍ଦୀରେ 'ବୌଦ୍ଧଗାନ ଓ ଦୋହା' ବିଶେଷତଃ 'ଚର୍ଯ୍ୟାପଦ' ଭାବରେ ଖ୍ୟାତ । ଏହି ଚର୍ଯ୍ୟାପଦ ଗୁଡ଼ିକରେ ଆଦିବାସୀ ଜନ ଜୀବନର ଚିତ୍ର ବର୍ଣ୍ଣିତ । ତତ୍କାଳୀନ ସାହିତ୍ୟରେ ଡୋମ୍ବି, ଶବରୀ, ଚଣ୍ଡାଳୀ ଆଦି ଚରିତ୍ର, କାବ୍ୟ ନାୟିକା ଭାବରେ ଗୃହୀତ ହୋଇଛନ୍ତି । ତତ୍କାଳୀନ ସିଦ୍ଧାଚାର୍ଯ୍ୟମାନେ ଚେତନାଶୀଳ ଥିଲେ ଏବଂ ବ୍ରାହ୍ମଣଧର୍ମ ତଥା ଯଜ୍ଞ ସଂସ୍କୃତି ବିରୁଦ୍ଧରେ ଦୃଢ଼ ପଦକ୍ଷେପ ନେଇ ଆର୍ଯ୍ୟେତର ମାନଙ୍କର ଜୀବନଯାପନର ଚିତ୍ର ଦର୍ଶନରେ ମହନୀୟ ଦିଗବର୍ଣ୍ଣନା କଲେ । ବୌଦ୍ଧଧର୍ମ, ଜାତିଭେଦ, ପ୍ରାଣୀହତ୍ୟା (ହିଂସା) ବିରୁଦ୍ଧରେ ପ୍ରଚାର କରି ସାମ୍ୟ ମୈତ୍ରୀ ସଦ୍‌ଭାବର ସାମାଜିକ ଆଦର୍ଶ ପ୍ରଚାର କରିଥିଲେ । ଉକ୍ତ ବୌଦ୍ଧ ଦର୍ଶନ ପରବର୍ତ୍ତୀ କାଳରେ ମହାଯାନ, ହୀନଯାନ ଦୁଇଟି ଶାଖାରେ ପରିଣତ ହୋଇ ୮୪ ସିଦ୍ଧଙ୍କୁ ନେଇ ସିଦ୍ଧ ପରମ୍ପରା ଆଦର୍ଶ ପ୍ରତିଷ୍ଠିତ ହେଲା । ସେମାନେ ହେଲେ ଲୁଇପାଦ, ଶବରୀ ପାଦ, କାହ୍ନୁପାଦ ଇତ୍ୟାଦି । ଏହି ସିଦ୍ଧ ବା ଗୁରୁମାନେ ଅନେକ ଚର୍ଯ୍ୟା ବା ଗୀତିକା ଲେଖି ବୌଦ୍ଧ ଦର୍ଶନରେ ମାର୍ଗ ପ୍ରଚାର କରିଛନ୍ତି । ବିଶେଷତଃ ବୌଦ୍ଧ ଧର୍ମରେ ପଶୁବଧ ଓ ଯଜ୍ଞରେ ପଶୁବଳିକୁ ନିଜେ ବୁଦ୍ଧଦେବ ଘୋର ନିନ୍ଦା କରିଛନ୍ତି । କାଳକ୍ରମେ ଉକ୍ତ ଆଦର୍ଶ ହୀନଯାନ ଓ ମହାଯାନ ତନ୍ତ୍ର ରୂପରେ ରୂପାନ୍ତରିତ ହେଲା ।

ଏହି ସିଦ୍ଧ ମାନଙ୍କ ମଧ୍ୟରେ ଶବରୀପାଦ ଅନ୍ୟତମ । ଗବେଷକଙ୍କ ମତରେ ସେ ହେଉଛନ୍ତି ଓଡ଼ିଶାବାସୀ ଶବର ଆଦିବାସୀ । ଏଣୁ ତାଙ୍କ ଦ୍ୱାରା ରଚିତ ଚର୍ଯ୍ୟାପାଦରେ ଶବର ବା ଆଦିବାସୀର ସାମାଜିକତା ଚିତ୍ର ରହିଛି । ଏହି ପଦରେ ଓଡ଼ିଶାରେ ବ୍ୟବହୃତ ଅନେକ ଶବ୍ଦ ବା ଭାଷା ପ୍ରୟୋଗ ହୋଇଛି । ଏଣୁ ଅଧିକ ସିଦ୍ଧ ଓଡ଼ିଶାବାସୀ । ନିମ୍ନ ପଂକ୍ତିରୁ ତାହା ଅନୁମେୟଃ-

ଉଁଚା ଉଁଚା ପାବତ, ତହିଁ ବସଇ ଶବରୀ ବାଳୀ,
ମୋରଙ୍ଗୀ ପୀଛ ପରହିଡା ଶବରୀ ଗିବତ ଗୁଞ୍ଜରି ମାଳୀ ।
ଉମତ ସବରୋ ପାଗଳ ସବରୋ ମାକର ଗୁଲୀ ଗୁହାଡ଼ୀ ତୋହରି ।
ଣିଅ ଘରଣୀ ନାମେ ସହଜ ସୁନ୍ଦରୀ । (ଧ୍ରୁ)
ନାନା ତରୁବର ମୌଳିଲାରେ ଗଅଣତ ଲାଗିଲେ ଡାଳୀ,
ଏକେଲୀ ସବରୀ ଏ ବଣ ହିଣ୍ଡଇ କର୍ଣ୍ଣ କୁଣ୍ଡଳ ବଜ୍ରଧାରୀ ।୨। (ପ୍ରେମଚର୍ଯ୍ୟା)

ଅର୍ଥାତ ଉଚ୍ଚ ପର୍ବତ ମାଳା । ତାଉପରେ ବାସ କରେ ଗୋଟାଏ ଶବର ବାଳିକା । ତାର ପରିଧାନ ମୟୂର ପୁଚ୍ଛ । କଣ୍ଠରେ ଗୁଞ୍ଜ ମାଳା । ଏହି ହିଁ ଶବରୀର ବେଶଭୂଷା । ତା'ପ୍ରତି ଶବର ଯୁବକ ପ୍ରେମାସକ୍ତ ହୋଇଛି । ମାତ୍ର ଶବରୀ କହିଛି, ପାଗଳ ଶବର ତୋତେ ମୋର ଗୁହାରି, ତୁ ମିଛରେ ଧନ୍ଦି ହୋଇ ଗୋଳମାଳ କରନା । ଥରେ ମୋତେ ଦେଖି ମୁଁ ତୋର ସ୍ତ୍ରୀ ସହଜ ସୁନ୍ଦରୀ । ଏଥିରେ ଶବରର ଚେତା ଫେରିଲା । ପ୍ରାଣରେ ପ୍ରୀତର ଝରଣା ଫିଟିଲା । ତାର ହତାଶ ମନରେ ପ୍ରେମର ପ୍ଲାବନ ବହିଲା । ଆଶା ରୂପକ ବୃକ୍ଷରେ ନାନା ଜାତିର ଫୁଲ ଫୁଟିଲା ଏବଂ ଶବର, ଶବରୀ ବାଳିକାକୁ ସଂଗିନୀ ରୂପରେ ଗ୍ରହଣ କଲା । ମହାସୁଖରେ ଦାମ୍ପତ୍ୟ ଜୀବନ ଉପଭୋଗ କଲେ । ଆନନ୍ଦରେ ତାମ୍ବୁଳ, କର୍ପୁର ସେବନ କରି ପ୍ରଣୟ ପ୍ରୀତିରେ ରାତ୍ରି ଯାପନ କଲେ ।

ଅନ୍ୟ 'ଚର୍ଯ୍ୟା ଗୀତାକା'ରେ ମଧ୍ୟ, ଶବର ଶବରୀଙ୍କର ଜୀବନ ଚିତ୍ର ପ୍ରକାଶ ପାଇଛି । ଯଥା:-

"ଗଅଣତ ଗଅଣତ ତଇଲା ବାଡ଼ୀ ହେଞ୍ଚେ କୁରାଡ଼ୀ
କଣ୍ଠେ ନୈରାମଣି ବାଳି ଜଗନ୍ତେ ଉପାଡ଼ୀ ।୧।
ଛାଡ଼ ଛାଡ଼ ମାଆ ମୋହା ବିଷମ ଦୁନ୍ଦୋଳୀ ।
ମହାସୁହେ ବିଳସନ୍ତି ଶବରୋଲଇଆ ସୁଣମେହେଲୀ । (ଧ୍ରୁ)
ହେରି ସେ ମେରି ତଇଲା ବାଡ଼ୀ ଖସମେ ସମତୁଲା,
ଷୁକଡ଼ ଏ ସେରେ କପାସୁ ଫୁଟିଲା । ୨।
ତଇଲା ବାଡ଼ିର ପାସେର ଜୋହ୍ନାବାଡ଼ୀ ଉଏଲା ।
ଫୁଟେଲି ଅନ୍ଧାରିରେ ଆକାଶ ଫୁଲିଆ ।୩।
କଙ୍ଗୁଚିନା ପାକେଲାରେ ଶବରୀ ଶବର ମାତେଲା ।
ଅଣୁଦିନ ଶବରୋ କିମ୍ପି ନଚେବଇଁ ମହାସୁହେଁ ଭୋଳା ।୪।
ଚାରିବାସେଁ ଭାଇଲାରେ ଦିଆ ଚଞ୍ଚାଳୀ
ତହିଁ ତୋଳି ଶବରୋ ଡାହ କଏଲା କାନ୍ଦଇ ସଗୁଣଶିଆଳୀ ।୫।
ମାରିଲ ଭବ ମରାରେ ଦହ ଦିହେ ଦିଧଲି ବଲୀ,
ହେର ସେ ଶବର ନିରେବତା ଉଇଲା ଫିଟିଲି ସବାବଲୀ ।" ।୬।

ଏହି ଗୀତ ମରଣବର-ମୃତ୍ୟୁଚର୍ଯ୍ୟା ଭାବରେ ଗୃହୀତ । ଶବର ଶବରୀଙ୍କର ଆନନ୍ଦ ଉଲ୍ଲାସର ଚିତ୍ର ପ୍ରଦାନ କରାଯାଇ ଶେଷରେ ନୈରାଶ୍ୟରେ ପରିଣତ ହୋଇଛି । ଏଥିରେ ଶବରର ସାଧାରଣ ଜୀବନ ସଂପର୍କରେ ଉଲ୍ଲେଖ କରାଯାଇଛି । କୁରାଡ଼ୀରେ ପାହାଡ଼ କାଟି ଉଚ୍ଚ ଭୂମିରେ ଶବର ଚାଷ କରେ (ପୋଡୁଚାଷ) ଏବଂ ଶବରୁଣୀ କୃଷକ ପତ୍ନୀ ଭାବରେ ପାଖରେ ରହି ଜମିରୁ ଘାସ, ପଥର, ଗୋଡ଼ି ସଫାକରେ । ସେମାନେ ସୁଖରେ ଦାମ୍ପତ୍ୟ ଜୀବନ ଯାପନ କରନ୍ତି । କପା ଗଛ ବଡ଼ ହୁଏ । ଫୁଲ ଫୁଟି ଶୁଭ୍ର ଦେଖାଯାଏ । ସେଇଠି ଜହ୍ନିଗଛ ଉଠେ । ଫୁଲ ଫୁଟିଲେ ଆକାଶ ମଣ୍ଡିତ ହୁଏ । ପାହାଡ଼ ଚାଷରୁ କାଙ୍ଗୁଚିନା ପାଚିଲେ ଶବର ଶବରୀ ଆନନ୍ଦରେ ସଂଗ୍ରହ କରି ଜୀବନକୁ ମଧୁମୟ କରନ୍ତି । ତାପରେ ଶବର ଜୀବନର ଅବସାନ ଘଟେ । ସାଂସାରିକ ଖେଳ ଭାଙ୍ଗିଯାଏ । ଶବରୀ ବିଧବା ହୁଏ ଏବଂ ଚାରିଖଣ୍ଡ ବାଉଁଶରେ ଶବଧାର ତିଆରି କରି ସ୍ୱାମୀର ଶବକୁ ଶ୍ମଶାନରେ ଦାହ କରେ ଏବଂ ସ୍ୱାମୀର ଆତ୍ମାର ସଦ୍‌ଗତି ପାଇଁ ଦଶଦିଗପାଳଙ୍କୁ ପ୍ରାର୍ଥନା କରି ପିଣ୍ଡ ଦାନ କରେ ଯା' ଫଳରେ ଶବର ଜନ୍ମରୁ ମୁକ୍ତି ଲାଭ କରେ । ବାସ୍ତବରେ ଆଦିବାସୀ ପକ୍ଷରେ ଜୀବନକୁ ଯେପରି ଉପଭୋଗ କରେ ଜନ୍ମ ଓ ମୃତ୍ୟୁ ତା ପକ୍ଷରେ ଏକ ଖେଳ ଭଳି ମନେହୁଏ । ଆନନ୍ଦରେ ଆସେ ନୈରାଶ୍ୟ । ତାର ହସ ଆନନ୍ଦର ସଂସାର ସରିଯାଏ । ଶବରୀ ପାଦରେ ଆଦିବାସୀଙ୍କର ସାମାଜିକ ଜୀବନ ଆଧାରରେ ରଚିତ । ଏହି ଚର୍ଯ୍ୟାରେ ମୋହମାୟା ଗ୍ରସ୍ତ ସଂସାରର ଅଳିକତା ପ୍ରତିପାଦନ କରୁଛି ।

(ଢ) ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ ଆଦିବାସୀର ଜୀବନ ଚିତ୍ର:-

ବଳରାମ ଦାସଙ୍କର 'ଦାଣ୍ଡି ରାମାୟଣ', ବାଲ୍ମିକୀ ରାମାୟଣକୁ ଅନୁସରଣ କରି ଲିଖିତ ହୋଇଥିଲେ ମଧ୍ୟ ସାରଳା ଦାସଙ୍କର ମହଭାରତ ପରି ଏଥିରେ କବିଙ୍କର ମୌଳିକତା ରହିଛି ।

ତାଙ୍କର ବର୍ଣ୍ଣନାରେ ଗୁହ୍ୟକ ଶବରର ଯାତ୍ରା ଓ ପ୍ରଜାମାନଙ୍କର ବେଶଭୂଷା ବେଶ ଆକର୍ଷଣୀୟ । ତାଙ୍କ 'ଅଯୋଧା କାଣ୍ଡ'ର ଶବର ମାନଙ୍କର ବେଶଭୂଷା ବର୍ଣ୍ଣନା ହୃଦୟସ୍ପର୍ଶୀ ।(୧୧)

ଯଥା:-

"କେହ ଲଟା ଗୁଡ଼ିଆଇ ହୋଇଥାଏ ପାଏ
ହାତୀ ଭଙ୍ଗୀ ତାଳକୁ ଭାଙ୍ଗିବା ଥୋକାଏ ।
ଧାମଣା କାଠରେ କେହୁ କରିଣ ଏକା କାଣ୍ଡ
ଗୋରୁଚର୍ମ ତୂଣ ଯେ ନାହାଳ ବେନି ଖଣ୍ଡ ।
ଏକକରେ କୁଠାର, ଏକ ଧନୁ କରେ ଘେନି
ଏକକରେ ଘେନି ଅଛଇ ଭଙ୍ଗାତାଳ ବେନି ।
ମୂଷଳ ମଦ୍‌ଗର ତାର ଯାଠିକ ପ୍ରହାରି
ଶିକଳ ଲଗାଇ କେହୁ କୁକୁରକୁ ଧରି ।"(୧୭)

ଏଥିରେ ଓଡ଼ିଶାର ଆଦିବାସୀମାନଙ୍କର ବାସ୍ତବ ଚିତ୍ର ବର୍ଣ୍ଣିତ । ବାସ୍ତବରେ ଦାଣ୍ଡୀ ରାମାୟଣ ବା 'ଜଗମୋହନ ରାମାୟଣ' ରଚନାରେ ଉତ୍କଳୀୟ କାହାଣୀ, କିମ୍ବଦନ୍ତୀ ଓ ସମସାମୟିକ ସମାଜର ଚଳଣି, ଆଚାର ଚିତ୍ର ସନିବିଷ୍ଟ ହୋଇଛି । ଓଡ଼ିଆ ସାହିତ୍ୟରେ ଜଗମୋହନ ରାମାୟଣକୁ ଓଡ଼ିଆ ମାଟିର ଏକ ଅଭିନବ ରାମାୟଣରେ ପରିଣତ କରି ମହାକାବ୍ୟ ସୃଷ୍ଟି କରିଛନ୍ତି । କବି ବଳରାମ ବନବାସୀଙ୍କର କେଶ ପ୍ରସାଧନୀ, ଅଳଙ୍କାର, ବେଶଭୂଷା ଓ ଯାତ୍ରାଦିର ଉତ୍ସୁକତା ବର୍ଣ୍ଣନା ଅତି ସୁନ୍ଦର । ଶବରମାନେ ଯୋଦ୍ଧା ଓ କ୍ଷତ୍ରୀୟ ବୀର ଥିଲେ । ସେ ଗୁହ୍ୟକ ତଥା ଅନ୍ୟ ଶବରମାନଙ୍କର ସରଳତା, ସ୍ୱାଭାବିକ ଜୀବନ ଓ ନିଷ୍କପଟ ହୃଦୟର ବର୍ଣ୍ଣନା କରି ସେମାନଙ୍କର ଆତିଥ୍ୟ ଆଦର୍ଶକୁ ସର୍ବୋଚ୍ଚ ସ୍ଥାନ ଦେଇଛନ୍ତି । ଏହି ସନ୍ଥ ମହାପୁରୁଷ ବଳରାମ ଦାସଙ୍କର କୃତିରେ ଶବର ଜାତି ଓ ଶବରୀ ଶ୍ରମଣାର ସରଳତା ତଥା ଭକ୍ତିପୂତ ଜୀବନର ଚିତ୍ର ପାଠକ ପ୍ରାଣକୁ ବିମୋହିତ କରେ ।

କେବଳ ସେତିକି ନୁହେଁ, ମଧ୍ୟ ଯୁଗୀୟ ଜନମାନସର ଉଚ୍ଚ ନୀଚ, ଛୁଆଁ, ଅଛୁଆଁ ଭେଦଭାବ ଦୂର କରିବା ପାଇଁ 'ଲକ୍ଷ୍ମୀ ପୁରାଣ' ରଚନା ପୂର୍ବକ 'ଶ୍ରୀୟା' ଚଣ୍ଡାଲୁଣୀର ମହନୀୟ ଚିତ୍ର ଅବତରଣ କରିଛନ୍ତି ଏବଂ ମାନବିକ ତଥା ସାମାଜିକ ମୂଲ୍ୟବୋଧର ମହତ୍ତ୍ୱ ମୂଲ୍ୟାଙ୍କନ କରି ସମସ୍ତ ମଣିଷ ସମାନ ବୋଲି ମତବ୍ୟକ୍ତ କରିଛନ୍ତି । ଯଦିଓ ଏଯାବତ ମଣିଷର ମନରୁ ହୀନଭାବ ଛୁଆଁ ଅଛୁଆଁ ମନୋଭାବ ଦୂର ହୋଇନି ।

ତାଙ୍କର ଅନ୍ୟତମ ଲୋକପ୍ରିୟ ପୁସ୍ତକ ହେଉଛି 'ମୃଗୁଣି ସ୍ତୁତି' । (୧୨) ଏଥିରେ ଶବରର ଚିତ୍ର ଦେଖିବାକୁ ପାଉଁ । ନିଷ୍ଠୁର ବ୍ୟାଧର ଶବର ଫାଶରୁ ମୃଗୁଣୀ କିପରି ତାର ସନ୍ତାନ ମାନଙ୍କ ସହିତ ରକ୍ଷା ପାଇଲା ତାହା ହିଁ ବର୍ଣ୍ଣିତ । ପଶୁ ପ୍ରାଣରେ ମାନବୀୟ ଭାବ ତାଙ୍କ ଲେଖନୀରେ କରୁଣ ସିକ୍ତ ହୋଇ ପାଠକଙ୍କୁ ଦୟାର୍ଦ୍ର କରିଥାଏ ।

"ଦେଖ ଘଟଣା ଦଇବ ଯୁଗର । ବ୍ୟାଧ ଶର ଧରି ଜିଗେ ଆଗର ।
ପୃଷ୍ଠ ଭାଗେ ବନ ବହେ ଅନଳ । ପାଶେ ମିଳି ଅଛଇ ଶ୍ୱାନମେଳ ।
'ଏଣି' ଗର୍ଭବତୀ, ତେଣୁ ବିସ୍ତାରେ ଅଳସରେ ମତି ।

ସଂଗେ ଅଛନ୍ତି ମୃଗ ଶିଶୁ ପଂକ୍ତି । ଯହିଁ ସ୍ନେହ ବଢ଼ଇ ପ୍ରାଣୁ ଅତି ।
କିସ କରିବି କେଉଁ ଦିଗେ ଯିବି । କେଉଁ ଉପାୟେ ବିପଦୁ ତରିବି ।
ଏମନ୍ତ ବୋଲିଣ । ଚିନ୍ତାକୁଳ ହୋଇ କଲା ରୋଦନ ।"

ଏଠରେ ବ୍ୟାଧର ହାତରୁ ରକ୍ଷା ପାଇବା ପାଇଁ ପଶୁର ଆତ୍ମଚିନ୍ତା, ଆତ୍ମରକ୍ଷା ଓ ସନ୍ତାନ ବାତ୍ସଲ୍ୟ ମନୋଜ୍ଞ ରୂପ ନେଇଛି । ପଶୁ ମୂକ ହେଲେ ମଧ୍ୟ ତାର ଚିନ୍ତାବୋଧ ରହିଛି । ମନୁଷ୍ୟ ପରି ଅନୁଭବି ସେ । ଏପରି ପୁରାଣର ପରମ୍ପରା କାହାଣୀ ମଧ୍ୟଯୁଗୀୟ ସାହିତ୍ୟ ତଥା ଜନ ଜୀବନକୁ ପ୍ରଭାବିତ କରିଥାଏ ।

(ଚ) କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ 'ବୈଦେହୀଶ ବିଳାସ'ରେ ଆଦିବାସୀଙ୍କର ଜୀବନ ଚିତ୍ର:-

ଗୀତି ଯୁଗର ଶ୍ରେଷ୍ଠ ସାରସ୍ୱତ ସାଧକ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓଡ଼ିଆ ସାହିତ୍ୟର ଜଣେ ଆଲଙ୍କାରିକ କଳ୍ପନା ବିଳାସୀ କବି ଭାବରେ ସୁପରିଚିତ । ତାଙ୍କର ସାହିତ୍ୟ ପ୍ରତିଭାର ଅଖଣ୍ଡ ପ୍ରଭାବ ରାଧାନାଥ ଯୁଗ ପର୍ଯ୍ୟନ୍ତ ବିସ୍ତାର କରିଆସିଛି । ତାଙ୍କର ସର୍ବଶ୍ରେଷ୍ଠ କୃତି 'ବୈଦେହୀଶ ବିଳାସ'ରେ ରାମାୟଣର ଚିତ୍ର ବେଶ୍ ହୃଦୟସ୍ପର୍ଶୀ ।(୧୩

ଏହି ପ୍ରସଙ୍ଗରେ ଉକ୍ତ ବୈଦେହୀଶ ବିଳାସର ଦ୍ୱିତୀୟ ଖଣ୍ଡର ସପ୍ତଦଶ ଛାନ୍ଦ ଆମର ଦୃଷ୍ଟି ଆକର୍ଷଣ କରେ । କାରଣ ରାମ, ଲକ୍ଷ୍ମଣ, ସୀତା ଅଯୋଧ୍ୟା ପରିତ୍ୟାଗ କରି ଭରଦ୍ୱାଜ ଋଷିଙ୍କର ପରାମର୍ଶରେ ବନବାସ କରନ୍ତି । ଏହି ସମୟରେ ଗୁହ୍ୟକ ଶବର ସୁମନ୍ତ ମନ୍ତ୍ରୀଙ୍କ ଆଗରେ ଯୁକ୍ତିବାଢ଼ି କହିଛନ୍ତି ଯେ ଚାରିଭାଇଙ୍କର ମଧ୍ୟରେ ସଂପଦ ବା ରାଜ୍ୟ ଦଶରଥ ସମବଣ୍ଟନ ନକରି ଏହିପରି ଦୁଇଭାଇଙ୍କୁ ବନଯାତ୍ରା କରିବା ପାଇଁ ପଠାଇଲେ ? ସାଧାରଣତଃ ଆଦିବାସୀ ପରିବାରରେ ପିତା ବା ଭାଇ ମାନଙ୍କ ମଧ୍ୟରେ କଳହ ହେଲେ ସଂପଦର ସମବଣ୍ଟନ କରି ପରସ୍ପର ଦ୍ୱନ୍ଦ୍ୱ ସମାପ୍ତ କରିଥାନ୍ତି । କଳହ ପୁନରାବୃତ୍ତି ହୁଏ ନାହିଁ । ଏହା ହିଁ ଗଣତାନ୍ତ୍ରିକ ବିଚାର ।

ଯଦି ଦଶରଥ ଏପରି ସମାଧାନ କରିଥାନ୍ତେ ରାମଚନ୍ଦ୍ରଙ୍କୁ ପଥର ଭିକାରୀ ହେବାକୁ ପଡ଼ିନଥାନ୍ତା । ଏହି କଥାକୁ କବି ଉପେନ୍ଦ୍ର ଭଞ୍ଜ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି ।

"ବନ୍ଦି ତମସା ନଦୀ କି ବନେ ପଶି ସେ ଦିନ ତହିଁ ରହିଲେ,
ବାର୍ତ୍ତା ପାଇ ଶୃଙ୍ଗବେଶ ପତି ମିଳେ ପୁଚ୍ଛ 'ସୁମନ୍ତ' କହିଲେ ।
ବୋଲେ ଶବର କୁଶ, ବାଣ୍ଟି ନଦେଲେ କିମ୍ପାଇଁ ଏଦେଶ ।" (୧୯/୩୦୭)

ସୁମନ୍ତଙ୍କ ଭାଷାରେ:-

"ବାଣ୍ଟିଲେ ଯେ ଛଳେ ଏବନ ନଗରେ ଭବନ ନଗର ସେହି
ଶକ୍ତି ଶକ୍ତ ହୋଇ ସାନୁଜ ଯୁଗଳ ଅନୁସରଣକୁ ବିହି ।
ବଞ୍ଚିଲେ ସେ ଶର୍ବରୀ । ବେଢ଼ି ସୈନ୍ୟ ରାଜଧାନୀ ପରା ।"(୩୬/୩୦୭)

ଅର୍ଥାତ୍ ବନ କାନନ ରାମଙ୍କୁ ବାଣ୍ଟିଲେ । ନଗର ଭରତଙ୍କୁ ଦେଲେ ବଡ଼ ଦୁଇ ଭାଇଯାକ ଶ୍ୟାମଳ । ସାନ ଦୁଇ ଭାଇଯାକ ଗୋରା । ସାନ ଦୁଇ ଭାଇ ବଡ଼ ଦୁଇ ଭାଇଙ୍କୁ ଅନୁସରଣ କଲେ । ଏହି ଉକ୍ତିରେ ସରଳ ଗୁହ୍ୟ ଶବର ଦଶରଥ ବଂଶର ଜଟିଳ ସମସ୍ୟାକୁ ପ୍ରବେଶ ନକରି ସହଜରେ

ମାନିନେଲା । ଏଣୁ ବନବାସୀମାନେ ରାମଚନ୍ଦ୍ରଙ୍କୁ ବନରାଜାର ସମ୍ମାନ ଦେଲେ । କାରଣ ରାମଚନ୍ଦ୍ର ବନଭାଗର ରାଜା ।

ପୁଣି ବନ ବାସିନୀ ଅର୍ଥାତ୍ ଆଦିବାସୀ ରମଣୀମାନେ ରାମ, ଲକ୍ଷ୍ମଣ, ସୀତାଙ୍କୁ ଦେଖି ବିସ୍ମିତ ହୋଇଛନ୍ତି । ଚିତ୍ରକୁଟ ବନଦେଶରେ (ଆଧୁନିକ ମଧ୍ୟପ୍ରଦେଶରେ ସ୍ଥିତ) ବିଚରଣ କଲାବେଳେ ଆଦିବାସୀ ରମଣୀମାନେ ସେମାନଙ୍କୁ ଦେଖି କୌତୂହଳ ପ୍ରକାଶ କରିଛନ୍ତି । ଯଥା:-

"ବଞ୍ଚେ ସେ ଜନକ ଜନକ ଗଉରୀ ଗଉର ମାର୍କତ ଗାତ୍ର
ବନରେ ଗମନ ବନଚାରୀ ଚାହିଁ ଚକିତ ସ୍ତକିତ ନେତ୍ର,
ବର କାଗଜ ଚକୀ । ବିଲୋକନ୍ତି ଯେମନ୍ତ କୁତୁକୀ ।୪୭ ।

*******

ବିଳମ୍ବ କରନ୍ତେ ପ୍ରଳମ୍ବ କୁନ୍ତଳା ଡାକେ ଲକ୍ଷ୍ମଣ କୁମାର
ବାମାକୁ ବୋଧିଲେ ଏ ଦେବର ବୋଲି ମନ୍ଥର ଗତି ସତ୍ୱର ।
ବିହି ଭେଳା ବାଳା ସଦୋର ମେଳା ଗଙ୍ଗା ପାର ହୋଇଗଲେ
ବିଜେ ଚିତ୍ରକୁଟରେ, ବାନ ପଦେ କହେ ବୀରବର । (୫୨ ପଦ) ୩୧୬ ପୃଷ୍ଠା

ଉପେନ୍ଦ୍ର ଭଞ୍ଜ ଯେପରି ପ୍ରତିଭା ସଂପନ୍ନ କବି ସେପରି କୁଶଳୀ କଳାକାର । ତାଙ୍କର ଆଳଙ୍କାରିକ ବର୍ଣ୍ଣନା ପାଠକଙ୍କୁ ମୁଗ୍ଧ କରିଥାଏ । ତାଙ୍କର ଶବ୍ଦ ପାଣ୍ଡିତ୍ୟ, ବର୍ଣ୍ଣନା ଚାତୁରୀ ମଧ୍ୟ ପାଠକଙ୍କୁ ଅଭିଭୁତ କରିଥାଏ । କବି ଘୁମୁସର ରାଜକୁମାର । ଐତିହାସିକଙ୍କ ମତରେ ଭଞ୍ଜବଂଶ ଆଦିବାସୀ ସଂପ୍ରଦାୟର ଏକ ରୂପାନ୍ତର ବୋଲି ପ୍ରମାଣ ରହିଛି । କବି ଉପେନ୍ଦ୍ର ପରବର୍ତ୍ତୀ ରାଜା ବା କ୍ଷତ୍ରୀୟ ଭାବରେ ପରିଚିତ ହେଲେ ମଧ୍ୟ ଜନଜୀବନର ଚଳଣି, ଚମକ ତାଙ୍କ କୃତିରେ ପ୍ରତିଭାତ । କାରଣ ଘୁମୁସର (ଆଜିର ଭଞ୍ଜନଗର) ବଡ଼ ଖେମଣ୍ଡି, ଦିଗ ପହଣ୍ଡି (ଆଜିର କବିସୂର୍ଯ୍ୟ ନଗର) ଆଦି ଅଞ୍ଚଳ କନ୍ଧ ଆଦିବାସୀଙ୍କର ଜନବସତି । ଆଲକ୍ଷ୍ୟରେ ତେଣୁ ତାଙ୍କର ବର୍ଣ୍ଣନାରେ ଗୁହ୍ୟକ ତଥା ଅନ୍ୟ ଶବର ଶବରୀ ମାନଙ୍କ ଚିତ୍ର ପ୍ରତିଫଳିତ ହେବା ସ୍ୱାଭାବିକ ।

ସାଧାରଣ ଆଦିବାସୀମାନେ ବନ ପାହାଡ଼ ପାଦ ଦେଶରେ ଗୃହ ନିର୍ମାଣ କରି ରହିଥାନ୍ତି । ହଠାତ୍ ନୂତନ ପୁରୁଷ ବା ସ୍ତ୍ରୀ, ଯେଉଁମାନେ ନଗର ବା ସହରରେ ବାସ କରନ୍ତି, ସେମାନଙ୍କୁ ଦେଖିଲେ ଅବାକ୍ ହୋଇ ଚାହିଁ ରହିଥାନ୍ତି । ସେମାନଙ୍କ ମନରେ ଅନେକ କୌତୂହଳ ଜାତ ହୁଏ । ଇଙ୍ଗିତରେ ପ୍ରଶ୍ନକରି ଚତୁରତାର ସହିତ ଉତ୍ତର ପାଇ ଯାଆନ୍ତି । ସେମାନେ ସରଳ ମାତ୍ର ବଡ଼ ବିଚକ୍ଷଣ ଏବଂ ଚତୁର । ଏହି ଭାବ ସତେ ଯେପରି ଉପେନ୍ଦ୍ର ଭଞ୍ଜଙ୍କର ଆଦିବାସୀ ଚିତ୍ରଣରେ ଧରା ପଡ଼ିଛି । ଆଦିବାସୀ ରମଣୀମାନେ କଳା, ଗୋରା ଓ ଗୌରୀ, ନାରୀ ପୁରୁଷ ଯଥାକ୍ରମେ ରାମ, ଲକ୍ଷ୍ମଣ ଓ ସୀତାଙ୍କୁ ଦେଖି ବିସ୍ମିତ ହୋଇଛନ୍ତି । ସେମାନଙ୍କ ମନରେ କୌତୂହଳ ଜାତ ହୋଇଛି ଏବଂ ସେମାନଙ୍କର ହାବଭାବ ଛଟାରେ ହିଁ ରାମ ଲକ୍ଷ୍ମଣ ସୀତାଙ୍କର ସଂପର୍କ ନିର୍ଣ୍ଣୟ କରିବାରେ ସମର୍ଥ ହୋଇଛନ୍ତି । ଚମ୍ପକ ତଥା ସ୍ୱର୍ବର୍ଣ୍ଣ ପରି ଗୌରାଙ୍ଗୀ ସୀତା ଓ ଗୌର ଲକ୍ଷ୍ମଣ, ମର୍କତମଣି ବର୍ଣ୍ଣ ରାମ ଦିନକ ପାଇଁ ଭରଦ୍ୱାଜ ଆଶ୍ରମରେ ରହି ସକାଳେ ବନପଥରେ ଯାଉଥିବା ବେଳେ ବନବାସିନୀ ମାନେ ବିସ୍ମିତ ହୋଇ ଚାହିଁ ରହିଲେ । ଯେପରି ଆକାଶରୁ ଉଡୁଥିବା କାଗଜର ଚକିକୁ କୌତୁକ ଦୃଷ୍ଟିରେ ଦର୍ଶକ ଅନାଇଁ ଥାଏ ।

ସେମାନେ ପରସ୍ପର କଥା ହେଲେ ଯେ ଏହି ନାରୀଟି ନିଶ୍ଚୟ କାହାର ପତ୍ନୀ ହୋଇଥିବ । ଏହା ଭାବି ସୀତାଙ୍କୁ ପଚାରିବାକୁ ଗଲେ ଏବଂ କହିଲେ ଏଇ ପୁରୁଷ ଦୁହେଁ ତୁମ୍ଭର ଭାଇକି ? ତୁମର ସମକକ୍ଷ ସ୍ୱାମୀ ନମିଳିବାରୁ ତୁମକୁ ସାଙ୍ଗରେ ଧରି ବୁଲୁଛନ୍ତି କି ? ଅର୍ଥାତ୍ ବନବାସିନୀ ବା ଆଦିବାସୀ ରମଣୀ ହେଲେ ମଧ୍ୟ ସେମାନଙ୍କର ଶିଷ୍ଟାଚାର ରହିଛି । ଏଣୁ କାହାର 'ପ୍ରିୟା' ବୋଲି ନପଚାରି ସାମାଜିକତା ଦୃଷ୍ଟିରୁ ନିଜର ସଂଭ୍ରମ ବଜାୟ ରଖି ସେମାନଙ୍କର ଭଉଣୀ କି ବୋଲି ପ୍ରଶ୍ନ କରିଛନ୍ତି । ମାତ୍ର ସୀତା ମୁଣ୍ଡ ହଲାଇବାରୁ, ତାହାହେଲେ କିଏ ତାଙ୍କର ସ୍ୱାମୀ ? କିଏ ତାଙ୍କ ଦେବର ? ବୋଲି ପ୍ରଶ୍ନ କଲେ । ସୀତାଙ୍କର ମନ୍ଥର ଗତି ଦେଖି ଲକ୍ଷ୍ମଣ ଡାକିବାରୁ ସୀତା 'ଦେବର' ବୋଲି ସମ୍ବୋଧନ କରି ଆସୁଥିବାର ସୂଚନା ଦେଲେ । ଏଥିରେ ଆଦିବାସୀ ରମଣୀମାନେ ଜାଣିଲେ ଯେ ଗୋରା ହେଉଛନ୍ତି ଦେବର ଓ ଶ୍ୟାମଳ ରୂପଧାରୀ ବ୍ୟକ୍ତି ହେଉଛନ୍ତି ତାଙ୍କର ସ୍ୱାମୀ । ଏପରିକି ମନ୍ଥର ଗମନା ସୀତା ଦ୍ରୁତ ଗତିରେ ଯିବାରୁ ସେ ଗର୍ଭବତୀ ନୁହେଁ ବୋଲି ଜାଣିଲେ । କାରଣ ଗର୍ଭବତୀ ସ୍ତ୍ରୀ ଚଞ୍ଚଳ ଚାଲିପାରେ ନାହିଁ । ଅଥଚ ସୀତାଙ୍କର ଗତିରେ ସତେ ଯେପରି ପଦ୍ମ ଫୁଟି ଉଠୁଥିଲା । ମନେ ହେଉଥିଲା ସେହି ପଦର ଚିହ୍ନ ସ୍ଥଳପଦ୍ମର ଭ୍ରମ ନେଇ ଭ୍ରମରମାନେ ଚୁମ୍ବନ କରୁଥିଲେ ।

ବାସ୍ତବରେ ଏହି ଚିତ୍ରଣ ଯେପରି ହୃଦୟସ୍ପର୍ଶୀ ସେପରି ରୋମାଞ୍ଚକର । ସୂଚନା ମଧ୍ୟରେ ଆଦିବାସୀ ରମଣୀମାନେ ଦେବର ସ୍ୱାମୀ ପତ୍ନୀଙ୍କୁ ସ୍ୱତନ୍ତ୍ର ଭାବରେ ଚିହ୍ନିତ କରି ସାମାଜିକ ପରମ୍ପରା ଓ ସାମାଜିକ ମୂଲ୍ୟବୋଧକୁ ବଜାୟ ରଖିଲେ । କବି ଉପେନ୍ଦ୍ର ଭଞ୍ଜ ଆଦିବାସୀ ଜନଜୀବନର ମନସ୍ତାତ୍ତ୍ୱିକ ଚିନ୍ତାଧାରାକୁ କାବ୍ୟିକ ଛଟାରେ ପ୍ରକାଶ କରି କାବ୍ୟକୁ ରସୋତ୍ତୀର୍ଣ୍ଣ କରିଛନ୍ତି । କବି ବ୍ୟକ୍ତି ଚେତନାକୁ ଯେତେ ପ୍ରତୀକ ଧର୍ମୀ କରିପାରନ୍ତି ବା ପାଠକଙ୍କୁ ସାଂକେତିକ ସୂଚନା ଦିଅନ୍ତି ତାହା ସେତେ ହୃଦୟସ୍ପର୍ଶୀ ହୋଇଥାଏ ।

କବି ଆଦିବାସୀ ଜନଜୀବନର ଆତିଥ୍ୟ, ସରଳତା, ଚାତୁର୍ଯ୍ୟ, ଦୃଷ୍ଟିଭଙ୍ଗୀ ତଥା ଶ୍ରମଣା ଶବରୀର ଭକ୍ତିପୂତ ଜୀବନର ଚିତ୍ର ମଧ୍ୟ ସୁନ୍ଦର ଭାବରେ ରୂପାୟିତ କରିଛନ୍ତି ।

ରାମାୟଣରେ ରାବଣ ଦ୍ୱାରା ଅପହୃତା ହେବା ପରେ ରାମ ଲକ୍ଷ୍ମଣ ମର୍ମାହତ ହୋଇ ସର୍ଗତଃ ମାତଙ୍ଗ ମୁନିଙ୍କର ଆଶ୍ରମରେ ପହଞ୍ଚିଛନ୍ତି । ତାଙ୍କର ଶିଷ୍ୟ ତଥା ଶବରୀ କନ୍ୟା ତପସ୍ୱିନୀ 'ଶ୍ରମଣା ଶବରୀ' ଯଥାମାନ୍ୟ ପ୍ରଦର୍ଶନ ପୂର୍ବକ ପାଦ ଧୌତ କରିଛି । ତାର ଶ୍ରଦ୍ଧା, ସେବା, ଭକ୍ତି, ପ୍ରେମରେ ରାମଲକ୍ଷ୍ମଣ ଅପୂର୍ବ ଆନନ୍ଦ ଲାଭ କରିଛନ୍ତି । ଏହି ଚିତ୍ର ଉପେନ୍ଦ୍ର ଭଞ୍ଜଙ୍କ 'ବୈଦେହୀଶ ବିଳାସ'ରେ ମଞ୍ଜୁଳ ରୂପ ନେଇଛି ।

"ବାଣ ଶରାସନ ଧରି ବେନି ମୁନି ସନ୍ନିଧର
ବିବୁଧାଳୟକୁ ଗମେ ବନ୍ଦି ନଗମେ ସେ । ୪୦ ।
ବଢ଼ ସୁକୃତି ଶବରୀ ବୁଲିଣ ଦିବା ଶର୍ବରୀ
ବୃକ୍ଷେ ରସାଳ ଆସ୍ୱାଦୁ ବାଛଇ ସ୍ୱାସୁ ସେ ।୪୧ ।
ବିଜୟ ରାମ କରିବେ ବିଭୁକ୍ତେ ମୋତେ ତାରିବେ
ବିଲୋକି ସନ୍ତାପ ଚ୍ୟୁତ ବଢ଼ାଇ ବୃତା ସେ ।୪୨।" ୨ୟ ଖଣ୍ଡ ବୈ.ବି.ତ
(ଷଡ଼ବିଂଶଛାନ୍ଦ)

ମାତଙ୍ଗ ମୁନିଙ୍କ ଶିଷ୍ୟା 'ଶ୍ରମଣା' ରାମ ଲକ୍ଷ୍ମଣଙ୍କୁ ଆତିଥ୍ୟ ସତ୍କାରରେ ଆପ୍ୟାୟିତ କରିବା ପାଇଁ ଆଗରୁ ବଣରୁ ରସାଳ ଫଳ ସଂଗ୍ରହ କରି, ମିଠାକି ଖଟା ଚାଖି ସଜାଡ଼ି ରଖିଥାଏ । ଭାବ ବିହ୍ୱଳ ହୋଇ ତାକୁ ଅର୍ପଣ କରିବାରୁ ରାମ ଶ୍ରଦ୍ଧାର ସହିତ ଦନ୍ତାଆଘାତ ଫଳକୁ ଭକ୍ଷଣ କଲେ । ଭକ୍ତି ପ୍ରୀତିର ଦନ୍ତାଘାତ ନଥିବା ଫଳକୁ ଥୋଇ ଦେଲେ । ଯାହା ସାଧାରଣ ମଧ୍ୟରେ ସାମ୍ୟ ତଥା ମାନବୀୟ ପ୍ରୀତିର ଚରମ ପରାକାଷ୍ଠା ବୋଲି ମାନ୍ୟତା ଦିଆଯାଏ । ଏହା ରାମଙ୍କର ମାତୃତ୍ୱ ସମ୍ମାନର ଅତୁଳନୀୟ ପ୍ରୀତି । ତାଙ୍କ ଭାଷାରେ:-

ବିଦନ୍ତ ମୁଦ୍ରା ମସାଳ ବିଯୋଗ କଲେ ବିଶାଳ
ବନଜାକ୍ଷ ତତ୍‌ପର ବସୁଧାପର ଯେ ।୪୪।
ବିଚିହ୍ନ ଏଦଶନରେ ବିରୋଧି ମୋ ଅଶନରେ
ବୋଲି ଚାହିଁ ପ୍ରସନ୍ନରେ, ଦିବ୍ୟମାନରେ ସେ ।୪୫।
ବ୍ୟାଖ୍ୟାନ ଶବରୀ କରେ ବସତି ଋଷ୍ୟ ମୂକରେ
ବିହି ସୁଗ୍ରୀବ କୋଳରେ ବାଲିର ଡରେ ଯେ ।୪୬। (୨ୟ ଖଣ୍ଡ ଷଡ଼ବିଂଶ ଛାନ୍ଦ)

ଦନ୍ତ ଚିହ୍ନ ନଥିବା ଫଳ ରାମ ଗ୍ରହଣ କରିନଥିଲେ । ଯେହେତୁ ସେଥିରେ ଶ୍ରଦ୍ଧା ଭକ୍ତିର ମୋହର ବା ଚିହ୍ନ ନଥିଲା । ଭକ୍ତ ବତ୍ସଳ ରାମଚନ୍ଦ୍ର ସସ୍ନେହରେ ଶବରୀକୁ ଆର୍ଶୀବାଦ ଦେଇଥିଲେ । ଏହି ସମ୍ପର୍କ ଆର୍ଯ୍ୟ ଆର୍ଯ୍ୟେତର ମିଳନର ଅପୂର୍ବ କୀର୍ତ୍ତି । ଛୁଆଁ ଅଛୁଆଁ ଭାବର ଦୂରୀକରଣର ଉଲ୍ଲେଖନୀୟ ପଦକ୍ଷେପ । ଏହା ହେଉଛି କାବ୍ୟକାରଙ୍କର ଇଚ୍ଛା । ଶବରୀ ଅନେକ ଦିନ ଧରି ଅଛୁଆଁ ବୋଲି ଋଷିମୁନିଙ୍କ ଦ୍ୱାରା ତିରସ୍କୃତ ଥିଲା । ରାମଙ୍କ ଯୋଗୁଁ ସେ ସମସ୍ତଙ୍କ ଦ୍ୱାରା ଆଦରଣୀୟା ଓ ସମ୍ମାନିତା ହେଲା । ଜାତି ଭେଦ ତଥା ନୀଚ ଭେଦଭାବ ଦୂର ହୋଇଥିଲା । ମୁନି ଋଷିଙ୍କ ଦ୍ୱାର ତା'ପାଇଁ ଉନ୍ମୁକ୍ତ ରହିଲା । ଶ୍ରମଣା ସାଧାରଣ ଶବର କୂଳରେ ଏକ ନାରୀ ହୋଇଥିଲେ ମଧ୍ୟ ନିଜର ଜ୍ଞାନ ଓ ସାଧନା ହେତୁ ରାମଙ୍କ ଦ୍ୱାରା ଅଭିନନ୍ଦିତ ହେଲେ । ସମସ୍ତ ଋଷି, ତପସୀ ଆଦରି ନେଲେ । ବାଲ୍ମୀକି ତଥା ଉପେନ୍ଦ୍ର ଭଞ୍ଜ ବ୍ୟକ୍ତିତ୍ୱର ବିକାଶ ମାଧ୍ୟମରେ ଏହି ମତବାଦକୁ ପ୍ରତିଷ୍ଠିତ କରିଛନ୍ତି ।

(ଛ) ଆଧୁନିକ ସାହିତ୍ୟରେ ଆଦିବାସୀ ଚିତ୍ର:-

ପ୍ରାଚୀନ ଓ ରୀତିଯୁଗ ତଥା ମଧ୍ୟ ଯୁଗର ସାହିତ୍ୟ ପରେ ଆମ ଆଧୁନିକ ସାହିତ୍ୟର ଉଦ୍‌ଗାତା ରାଧାନାଥ ରାୟଙ୍କ ସାହିତ୍ୟ ପ୍ରାଙ୍ଗଣରେ ଉପଗତ ହେଉଁ । ଉକ୍ତ ସାହିତ୍ୟରେ ନୂତନ ଚିନ୍ତାଚେତନା ପ୍ରତିଧ୍ୱନିତ ହୋଇ ନୂତନ ସାହିତ୍ୟାଲୋକର ଆଲୋକରେ ଓଡ଼ିଶାବାସୀଙ୍କ ଜୀବନ ଓ ଉତ୍କଳୀୟ ଚରିତ୍ର ଉଦ୍‌ଭାସିତ ହୋଇଛି । ରାଧାନାଥଙ୍କ ସାହିତ୍ୟ ପାଶ୍ଚାତ୍ୟ ପ୍ରଭାବ ଦ୍ୱାରା ପ୍ରଭାବିତ ହୋଇଥିଲେ ମଧ୍ୟ ଓଡ଼ିଆ ସଂସ୍କୃତି, ତାର ଐତିହ୍ୟ, ପରମ୍ପରା, ପ୍ରକୃତି ଓ ଜନଜୀବନ ଦେଶ ପ୍ରେମ, କାବ୍ୟିକ ରୂପ ହେତୁ କାଳଜୟୀ ହୋଇଛି । ତାଙ୍କର କାବ୍ୟରେ ଆଦିବାସୀ ଜନଜୀବନ ଜୀବିକା ଓ ଚରିତ୍ର ମଧ୍ୟ ଜୀବନ୍ତ ରୂପ ନେଇଛି । ତାଙ୍କ ରଚିତ 'ପାର୍ବତୀ' କାବ୍ୟର ଆଦ୍ୟରେ ଶ୍ରୀକ୍ଷେତ୍ରର (ପୁରୀ) ଦୋଳଉତ୍ସବରୁ ଆରମ୍ଭ ହୁଏ ।

ରାଜା ଗଙ୍ଗେଶ୍ୱରଙ୍କର ଦିଗବିଜୟ ଉଲ୍ଲାସ, ପାହାଡ଼ ପର୍ବତ ଶିଖରୁ ଅଗ୍ନିଶିଖାର ସଂକେତ ଦେଖି, ବୃଦ୍ଧ ସେନାପତି 'କଞ୍ଚୁକୀ' ଆନନ୍ଦିତ ହୋଇଛନ୍ତି । କବି ମଧ୍ୟ ଅତୀତ ଗୌରବ ଉତ୍କଳର

ପ୍ରାକୃତିକ ସୌନ୍ଦର୍ଯ୍ୟ ସହିତ ମୟୂରଭଞ୍ଜ ଓ କେନ୍ଦୁଝରର ବନବାସୀଙ୍କ ଚିତ୍ର ଉଲ୍ଲେଖ କରିଛନ୍ତି । ଜମ୍ବୁକୀ ମୁହଁରେ ଆଦିବାସୀଙ୍କର ଆନନ୍ଦ ଓ ଜୀବନର ଚିତ୍ର ତଥା ପ୍ରାକୃତିକ ସୌନ୍ଦର୍ଯ୍ୟର ରୂପ ବର୍ଣ୍ଣନା ବେଶ ଜୀବନ୍ତ ହୋଇଛି ।

"ସ୍ୱାଗତ ହେ ବହ୍ନି-ଶିଖା ତତେ, ତୁ ଯା ଆଣିଲୁ ଶୁଭ ସନ୍ଦେଶ
ଉଜଳି ମାର୍ଗରେ, ଅୟୁତ କନ୍ଦରା, ଗିରିନଦୀ ବନ ଦେଶ ।
ଆଦ୍ୟେ ଆବିର୍ଭାବ ଅଗ୍ନିଦେବଙ୍କର, ହୋଇଥିବ ମେଘାସନେ,
ରଶ୍ମିରେଖା ଧାଇଁ ଆସିଥିବ ପଲକେ ଗନ୍ଧମାର୍ଦ୍ଦନେ ।
ଦଣ୍ଡ ଦେବୀ ଅଧିଷ୍ଠିତ ସେହି ଶୈଳେ, ଶାଳକାଷ୍ଠ ପରି ଗଦା,
ଅନଳ ଲଗାଇ ହୋଇଥିବେ ମତ୍ତ ସଂଗୀତେ 'ଭୂୟାଁ' ପ୍ରମଦା ।
ବିମ୍ବିତ ହେବାରୁ ସେହି ଛବି ଅଦ୍ୟ ବୈତରଣୀ-ପୂତ-ଝରେ
ଉଲ୍ଲାସେ 'ଜୁଆଙ୍ଗେ' ବହ୍ନି ଜାଳିଥିବେ, ଗୋନାସା-ଶୈଳଶିଖରେ ।
ଜୟ ଗଙ୍ଗେଶ୍ୱର ବୋଲି କ୍ଷଣେ କ୍ଷଣେ ଉଲ୍ଲାସରେ ମାରି କୁହାଟ
ରାତି ଯାକ ବସି ଶିଖରେ ଜୁଆଙ୍ଗ କରୁଥିବେ ଚାଙ୍ଗୁ ନାଚ ।୧୫।(ପୌର୍ବଣ କାବ୍ୟ)"

ରାଜାର ବିଜୟରେ ଆଦିବାସୀ ପ୍ରଜାଙ୍କର ଆନନ୍ଦ ଉଲ୍ଲାସ ବର୍ଣ୍ଣିତ । କେନ୍ଦୁଝର ଓ ମୟୂରଭଞ୍ଜ ହେଉଛି ଆଦିବାସୀ ବହୁଳ ଅଞ୍ଚଳ । ରାଜାଙ୍କର ବିଜୟ ଯାତ୍ରା, ଖଣ୍ଡାଧର, ବୈତରଣୀ, ମାଲ୍ୟଗିରି, ଅତିକ୍ରମ କରି ପାଲଲହଡ଼ା, ତାଳଚେର ପହଞ୍ଚି ଆସିଛି । ସେ ଅଞ୍ଚଳର ଆଦିବାସୀ ପ୍ରଜା ତଥା ଗଣ୍ଡ ଆଦିବାସୀ ଲଳନା ଗଣ, ପାଳଜାଳି ଉତ୍ସବ ପାଳନ କରିଛନ୍ତି ।

"ସୃଜିଥିବେ ତହିଁ କନ୍ଦରେ କନ୍ଦରେ ସଘନେ ପ୍ରତିଶବ୍ଦକ,
ମର୍ଦ୍ଦଳ ତାଳେ ପଲ୍ଲବ-ମଣ୍ଡନା 'ଗଣ୍ଡବାଳା' ହଲ୍ଲୀଷିକ ।"

ଅର୍ଥାତ୍ ରାଜାଙ୍କର ବିଜୟରେ ଗଣ୍ଡ ତରୁଣୀମାନେ ମାଦଳର ତାଳେ ତାଳେ ମଣ୍ଡଳକାର ନୃତ୍ୟ କରି ରାଜାଙ୍କୁ ସ୍ୱାଗତ କରିଛନ୍ତି ।

ସେହି ବିଜୟ ସନ୍ଦେଶ ଢେଙ୍କାନାଳର ସପ୍ତଶଯ୍ୟା ଗିରି କାନନ ପାଦଦେଶରେ ବାସ କରୁଥିବା 'ତଅଁଳା' ଆଦିବାସୀ ମାନଙ୍କୁ ମଧ୍ୟ ଉଲ୍ଲସିତ କରିଛି । ଏଣୁ ସେମାନେ ବିଜୟର ସଙ୍କେତ ସ୍ୱରୂପ ନିଆଁହୁଳା ଦେଖାଇଛନ୍ତି ।

"ଏ ଅନ୍ତେ ଜାଳିବେ, ରକ୍ଷଭୀତିପ୍ରଦ, ଅନଳ ଶିଖା ଉଜ୍ଜ୍ୱଳା,
ଝରୁ-ଉପବୀତ-ଧାରୀ ସପ୍ତଶଯ୍ୟା ଶିଖରି ଶୃଙ୍ଗେ 'ତଅଁଳା' ।"

ଏହା ପରେ ପରେ ରାଜାଙ୍କର ବିଜୟ ଯାତ୍ରା, ବାଙ୍କ, ସରଣ୍ଡା, ଖୋର୍ଦ୍ଧା, ଚର୍ଚ୍ଚିକା, ବରୁଣୀ ଆଦି ପାହାଡ଼ ଡେଇଁ ଡେଇଁ ବିଜୟ ଯାତ୍ରା ଶିଖା ଜଳି ଜଳି ଆଲୋକିତ କରିଆସିଛି । ଆଦିବାସୀ ପ୍ରଜା ରାଜାର ବିଜୟରେ ବିଭୋର ହୋଇ ଉଠିଛନ୍ତି ।

"ଦେହୁରିଏ ହର୍ଷେ ପକାଇବେ ହୁରି, ଚର୍ଚ୍ଚିକା ଶୈଳ ସୋପାନେ,
ଏବଂ:

ଶବର ଯୁବାଏ ସେ ବହ୍ନିରେ ଦଗ୍ଧ କରିଣ ବନ୍ୟ ଶିକାର,
ଶୀତେ ମଦ୍ୟ ସଙ୍ଗେ, ସୁଖେ ତପ୍ତ ମାଂସ, କରୁଣଥିବେ ଆହାର ।"

ସୁତରାଂ ରାଧାନାଥ ରାୟ, ସେନାପତି 'କଞ୍ଚୁକୀ'ଙ୍କ କଳ୍ପନାକୁ ରୂପ ଦେବାକୁ ଯାଇ ଗଙ୍ଗ ବଂଶର ବିଜୟ ଯାତ୍ରା ମଧ୍ୟରେ ଭୂୟାଁ, ଜୁଆଙ୍ଗ, କନ୍ଧ, ଗଣ୍ଡ, ଶବର, ତଅଁଳା, ଦେହେରୀ ଆଦି ଆଦିବାସୀ ପ୍ରଜାଙ୍କର ନୃତ୍ୟ, ସଂଗୀତ ତଥା ବାସସ୍ଥାନ ଆଦିର ବର୍ଣ୍ଣନା କରି କାବ୍ୟକୁ ଅଧିକ ରସମୟ କରିପାରିଛନ୍ତି ।

ତାଙ୍କର ଅନ୍ୟତମ କୃତି 'ଉଷା' କାବ୍ୟରେ ପ୍ରକୃତିର ମନୋରମ ବର୍ଣ୍ଣନା ପୂର୍ବକ 'ଉଷା ଓ ଜୟନ୍ତ'ର ପ୍ରେମ ଓ ରୁଦ୍ର ରୂପର ଏକ ଅପୂର୍ବ ଉଲ୍ଲେଖ ବର୍ଣ୍ଣିତ । ଏ କାବ୍ୟରେ ଆଦିବାସୀଙ୍କର ଚିତ୍ରଣ ବେଶ ମନୋରମ ହୋଇଛି । ଆଦିବାସୀ ମାନେ ବଡ଼ ଶିକାର ପ୍ରିୟ । ପଶୁପକ୍ଷୀ ଶିକାର କରିବା ତାଙ୍କର ଜୀବନ ଧାରଣର ଅନ୍ୟତମ ପନ୍ଥା । ଯେତେବେଳେ କାର୍ତ୍ତିକେୟ ବନଦେବୀଙ୍କ ଅନୁରୋଧରେ ତାଙ୍କ ମୟୁରକୁ ବିଚରଣ କରିବା ପାଇଁ ବନ ମଧ୍ୟରେ ଛାଡ଼ିଦେଲେ, ସେତେବେଳେ ଅନ୍ୟାନ୍ୟ ବନ ମୟୁରମାନେ କାର୍ତ୍ତିକେୟଙ୍କ ମୟୁର ସହିତ ମିଶିଗଲେ । ଏହି ମୟୂରମାନଙ୍କ ସମାଗମ ଦେଖି ଲୁବ୍ଧକ ଶବକ ମୁଗ୍ଧ ହୋଇ ଶିକାର ପାଇଁ ଲାଳାୟତି ହୋଇଛି ।

"ତ୍ରିଦଶ-ମୟୂର ମିଶିଲା ଆସି ସେ ମୟୁର ପଲେ,
ଦେଖି ଅନ୍ୟ ଶିଖୀ ପୁରିଲେ ଗହନେ କେକା ଚହଳେ ।
ସେ ରବେ ଆହୁତ ହୋଇ ତହିଁ କେତେ କ୍ରୁର ଶବର,
ଦେଖିଲେ ସୂର୍ଯ୍ୟାସ୍ତ-ଶୋଭା ଅନୁକାରୀ ସେ ଶିଖୀବର ।
ସ୍ୱଭାବେ ଲବ୍ଧକ, ଲୋଭିହେଲେ ସେହୁ କଳାପ ଦେଖି;
ମନେ ମନାସିଲେ ବଧିବେ ବିଶିଖେ-ଅପୂର୍ବ କେକୀ । (୨୨)
ରୂପେ ଗର୍ଜି ଂ ଶର ଆକର୍ଷେ ଶିଞ୍ଜିନୀ ଟାଣନ୍ତେ ତାର
ଶର ପଥେ ଉଭା ହୋଇ ନିବାରିଲା ନୃପ କୁମାର । (ଉଷା କାବ୍ୟ)

ଏଇଠି ଆଦିବାସୀଙ୍କର ବିଚିତ୍ର ବେଶଭୁଷାର ବର୍ଣ୍ଣନା କରିଛନ୍ତି । ସେମାନେ ମୟୁର ଶିକାର ପ୍ରିୟ । ଏ ଦୃଶ୍ୟକୁ କବି ହରପାର୍ବତୀଙ୍କର ରୂପ ସହିତ ତୁଳନା କରିଛନ୍ତି ।

ଚିଲିକା ହ୍ରଦ ସହିତ ଆଖପାଖରେ ଥିବା ବଣ ପାହାଡ଼ ପର୍ବତ ନଦ ନଦୀ ସମୂହ ରାଧାନାଥ ରାୟଙ୍କର ବର୍ଣ୍ଣନାରେ ବିଳସିତ । ଚିଲିକା କାବ୍ୟରେ 'କନ୍ଧ' ରମଣୀର ଜୀବନ ଚିତ୍ର ରହିଛି ।

"କରିମୁଣ୍ଡା କୃତି ଗିରିଖଣ୍ଡା ଘଣା
କାନ୍ତାରେ ହୁଅନ୍ତି ପାଛେ ଯହିଁ ବଣା ।
ମଧ୍ୟାହ୍ନେ ଅନ୍ଧାର ଜିଣଇ ଅଲନ୍ଧୁ;
'କନ୍ଧ' ସିମନ୍ତିନୀ-ବିଶ୍ରାମର ବନ୍ଧୁ ।"(୧୫)

ରାଧାନାଥ ଯୁଗର ଅନ୍ୟତମ କବି ଗଙ୍ଗାଧର ମେହେର ଭାରତ ତଥା ଉତ୍କଳର ସାଂସ୍କୃତିକ, ସାମାଜିକ, ପ୍ରାକୃତିକ ତଥା କିମ୍ବଦନ୍ତୀ, ପୁରାଣ ଆଦିର ଅପୂର୍ବ କାବ୍ୟିକ ଚିତ୍ର ଅଙ୍କନ କରିଛନ୍ତି । ତାଙ୍କ

କୃତି ସମୂହର ଠାଏ ଠାଏ ଆଦିବାସୀ ଜୀବନଚିତ୍ର ଆତ୍ମ ପ୍ରକାଶ କରିଛି । ତାଙ୍କ 'ଉତ୍କଳ ଲକ୍ଷ୍ମୀ' କାବ୍ୟରେ କଳାହାଣ୍ଡି ଜିଲ୍ଲାର ଜନବହୁଳ 'କନ୍ଧ' ମାନଙ୍କର ଚିତ୍ର ଉଲ୍ଲେଖନୀୟ ।

"ନିମାଇଁ ସମାନେ ଥିଲା ବଙ୍କା-ସାମ, ବିଦ୍ୟୁତ୍ ଭାସ୍ୱର ବକ୍ଷ,
ତା ପାଖେ 'କଗଲା-ପାଟ' ଥିଲା ଘେନି, ସଶସ୍ତ୍ର କନ୍ଧ ଅସଂଖ୍ୟ (ଉତ୍କଳଲକ୍ଷ୍ମୀ)

କବି ଏଠାରେ ଗଞ୍ଜାମ ଜିଲ୍ଲାର ନିମାଇଁ ଗିରି ଓ କଳାହାଣ୍ଡି ଜିଲ୍ଲାର 'ବଙ୍କାସାମ' ଓ 'କଳାପାଟ' ପର୍ବତକୁ ତେଜସ୍ୱୀ ବୀର ରୂପେ ଉପସ୍ଥାପିତ କରିଛନ୍ତି । କାରଣ ଏହି ପାହାଡ଼ର ପାଦଦେଶରେ ହଜାର ହଜାର କନ୍ଧବୀର ସୈନିକ ଭାବରେ ବିଦ୍ୟମାନ ରହି ମାଟି ଓ ଜାତିକୁ ରକ୍ଷା କରିବା ପାଇଁ ଲଢ଼ାଇ କରୁଥିଲେ । ଏପରିକି କବି ମେହେର ନଦୀ ମାନଙ୍କୁ ଆଦିବାସୀ 'ରମଣୀର' ବେଶଭୂଷାରେ ସୁସଜ୍ଜିତ କରି ସ୍ୱାଧୀନ ଜୀବନର ଚିତ୍ର ପ୍ରଦାନ କରିଛନ୍ତି ।

"ତରଙ୍ଗିଣୀଗଣ' ,ନୃତ୍ୟ ଆରମ୍ଭିଲେ ମନୋହର ରୂପଧରି; ବିବିଧ ଭୂଷଣେ ବିଭୂଷିତ ହୋଇ କୁସୁମେ ସାଜି କବରୀ ।" ପୁଣି ଆଦିବାସୀ ରମଣୀ ନୃତ୍ୟଗୀତରେ ବିଚକ୍ଷଣ ହୋଇ ନଥିବା କିଶୋରୀ ଝିଅକୁ ବା ସହିତ ନୃତ୍ୟ କରିବାକୁ ମନା କରିଥାଏ । ଏହି ତଥ୍ୟକୁ କବି ନଦୀ ମାଧ୍ୟମରେ ନୃତ୍ୟାଙ୍ଗନା ନଦୀ ସହିତ ତୁଳନା କରି ଚତୁରତାର ସହିତ ରୂପ ଦେଇଛନ୍ତି ।

"ଅଙ୍ଗ ଧାଇଁଥିଲା ନୃତ୍ୟ ମଣ୍ଡଳୀକି
ଚିତ୍ରୋତ୍ପଳା କଲା ମନା,
କର୍ଣ୍ଣେ ମୁଖ ଦେଇ କହି ଦେଲା ହୋଇ
ନାହୁଁ ନୃତ୍ୟ ବିଚକ୍ଷଣା ।
ଅଲକ୍ଷ୍ୟରେ 'ତେଲ' ଥାଇ ନ ପାଇଲା
ଲାସ୍ୟ-ବିଳାସିନୀ ଯଶ,
କିନ୍ତୁ ହୃଦୟରେ ବହୁଥିଲା ତାର, ମଧୁର ସଙ୍ଗୀତ ରସ । (ଉତ୍କଳ ଲକ୍ଷ୍ମୀ)

ଆଦିବାସୀ କନ୍ୟା ବାଲ୍ୟାବସ୍ଥାରୁ ଗୀତ ନୃତ୍ୟରେ ଅଭ୍ୟାସ କରି ଧାଙ୍ଗଡ଼ା ମେଳରେ ନାଚିଗାଇ ଉଲ୍ଲସିତ ଥାନ୍ତି । ସଂଗୀତ ରସରେ ଅପ୍ଲୁତ ରହିବା ଆଦିବାସୀ ନରନାରୀଙ୍କର ସ୍ୱାଭାବିକ ରୀତି ।

"ଖଡ଼ିଆଳପତି ବ୍ରଜରାଜଙ୍କର
ସଙ୍ଗୀତ ଲଳିତ ରାଗେ
ଗାଉଥିଲେ ବେନି କଲ୍ଲୋଳିନୀ 'ତେଲ'
ଚିତ୍ରୋତ୍ପଳା ପଛ ଭାଗେ ।"

"ଖଡ଼ିଆଳ ଜନ ସୁମନ ସ୍ତବକେ ଶୋଭୁଥିଲା ତାଙ୍କ ଖୋଷା,
ଜନମନ ଟାଣି ନେଉଥିଲେ ଫୁଲ – ବାସେ ସେହି ବେନି ଯୋଷା ।"(ଉ:ଲ)

ଅର୍ଥାତ କବି ମେହେର ପଶ୍ଚିମ ଓଡ଼ିଶାର ନଦନଦୀ ଓ ସାଂସ୍କୃତିକ ଚେତନାର ଚିତ୍ର ଦେବାକୁ ଯାଇ ଉକ୍ତ ଅଞ୍ଚଳର ଆଦିବାସୀ ରମଣୀ ଓ ତରୁଣୀମାନଙ୍କର ମନୋଜ୍ଞ ରୂପ ପ୍ରକୃତିର ଛନ୍ଦରେ

ଉପସ୍ଥାପିତ କରିଛନ୍ତି । ସେମାନେ କିପରି ଅବହେଳିତ, ବଡ଼ମାନଙ୍କ ଦ୍ୱାରା ଅର୍ଥାତ୍ ବଡ଼ ଲୋକ ଦ୍ୱାରା । ବିଶେଷତଃ ଉନ୍ନତ ତଥା ମାର୍ଜିତ ଲୋକେ ଅନୁନ୍ନତ ମାନଙ୍କୁ ଅନଭିଜ୍ଞ ବିଚାର କରି ବାଧା ଦେଇଥାନ୍ତି । ହୁଏତ ଚିତ୍ରୋତ୍ପଳା ନଦୀ ଉନ୍ନତ ନୃତ୍ୟାଙ୍ଗନା ଭାବରେ ନିଜକୁ ଗର୍ବିତ ମନେକରି କ୍ଷୁଦ୍ର ତଥା ସାଧାରଣ ନଦୀମାନଙ୍କୁ ହେୟଜ୍ଞାନ କରନ୍ତି । ଅନ୍ୟ ଦୃଷ୍ଟିରୁ ବିଚାର କଲେ ଉନ୍ନତ ଜନସାଧାରଣ ଅନୁନ୍ନତ ସମାଜ ପ୍ରତି ପରୋକ୍ଷରେ ହେୟଜ୍ଞାନ କରନ୍ତି । ବିଦଗ୍ଧ କବି ଚତୁରତାର ସହିତ ପ୍ରକୃତି ମାଧ୍ୟମରେ ଉନ୍ନତ ଓ ଅନୁନ୍ନତର ବାଛ ବିଚାର, ଭେଦଭାବକୁ ଉପସ୍ଥାପିତ କରିଛନ୍ତି । ଏ ଅଞ୍ଚଳର ଜନ ଜୀବନକୁ ନେଇ କବି ପ୍ରାଣରୁ ବେଦନାର ଗୀତ ଝରି ଆସିଛି ।

ତାଙ୍କର ଅନ୍ୟତମ କବିତା 'ବୁଢ଼ାରଜା' (ସମ୍ବଲପୁର ସହରର ଉତ୍ତରରେ ସ୍ଥିତ ପାହାଡ଼) କବିତାରେ ଆଦିବାସୀ 'କୋହ୍ଲ' ରମଣୀ ହାସ୍ର ଲାସ୍ୟର କଲ୍ଲୋଳିତ ଜୀବନ ଦୃଶ୍ୟ ପ୍ରଦର୍ଶିତ । ଏହି ପାହାଡ଼ ଦେଶରେ ଚାରିଆଡ଼େ (କୋହ୍ଲ, ମୁଣ୍ଡା ଆଦିବାସୀ ମାନଙ୍କର ବସତି ବହୁଦିନରୁ ରହି ଆସିଥିଲା । ଏହି ପାହାଡ଼ର ଶୀର୍ଷ ଦେଶରେ ପ୍ରଭୁ ମହାଦେବଙ୍କ ମନ୍ଦିର ବିଦ୍ୟମାନ ଯାହା ବୁଢ଼ାରଜା ଭାବେ ଖ୍ୟାତ । କବି ମେହେର ୧୯୧୦ ରୁ ୧୯୧୧ ଯାଏ ସମ୍ବଲପୁରରେ ବରପାଲି ଜମିଦାରର କର୍ମଚାରୀ ଭାବେ ରହି ସମ୍ବଲପୁର ସହରର ଭୌଗୋଳିକ, ସାଂସ୍କୃତିକ, ସାମାଜିକ, ଐତିହାସିକ ତଥା ପ୍ରାକୃତିକ ଦୃଶ୍ୟ ସହିତ ଓତଃପ୍ରୋତ ଭାବେ ପରିଚିତ ହେଲେ ଏବଂ ଯେଉଁସ୍ଥାନ, ମର୍ଯ୍ୟାଦା ପାଇବା ଯୋଗ୍ୟ ଓ ଐତିହାସିକ ପୀଠ ତାକୁ ସାରସ୍ୱତ ଯଶଦେଇ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି ।

ଏଣୁ ସେ 'ବୁଢ଼ାରଜା' କବିତା ରଚନା କଲାବେଳେ ତାର ପ୍ରାକୃତିକ ଦୃଶ୍ୟ ତଥା ତାର ପାଦଦେଶରେ ବସବାସ କରୁଥିବା ଆଦିବାସୀ ମୁଣ୍ଡାଙ୍କର ଜନଜୀବନର ଚିତ୍ର ରୂପେ ଦେଇଛନ୍ତି ତାହା ବାସ୍ତବ ରୂପ ନେଇଛି ।

"ଦେଉଳ-କିରୀଟ ଶିରେ ବିଜେ 'ବୁଢ଼ାରଜା'
ବିବିଧ କୁସୁମ ପୁଞ୍ଜେ ମଣ୍ଡି ଅପଘନ,
'କୋହ୍ଲ' ସୀମନ୍ତିନୀର ଚାହିଁ ନୃତ୍ୟ ମଜା
ତରୁଲୋମ ପୁଲକାଇ ମଜାଇଛି ମନ ।"

ସେପରି 'ସୋମନାଥ ବିଜୟ' ତାଙ୍କର ଏକ ଐତିହାସିକ କବିତା । ସମ୍ବଲପୁର ସହରର ଦକ୍ଷିଣ ପାର୍ଶ୍ୱରେ ମହାନଦୀ କୂଳରେ ସୋମନାଥ ଶିବ ମନ୍ଦିର ଅବସ୍ଥିତ । ଏହି ସ୍ଥାନକୁ 'ବାଲିବନ୍ଧା' ଭାବରେ ନାମିତ କରିଥାନ୍ତି । ଏଠାରେ ଶିବ 'ବାବା ବିଶ୍ୱନାଥ' ଭାବେ ପରିଚିତ । 'ସୋମନାଥ' ଚନ୍ଦନ ଉତ୍ସବ ବେଳେ ଯେଉଁ ମହୋତ୍ସବ ଅନୁଷ୍ଠିତ ହେଉଥିଲା ପ୍ରତ୍ୟକ୍ଷଦର୍ଶୀ କବି ଭକ୍ତ ବର୍ଣ୍ଣନା ଦେଇ ଆଦିବାସୀ ମହିଳାଙ୍କର ସମୂହ ନୃତ୍ୟ ଓ ବାଦ୍ୟର ଚିତ୍ରଣ କରିଛନ୍ତି ।

"ଦେଖିଥିଲି ଥରେ ଆସି ରଜନୀ ସମୟେ
'ବାଲିବନ୍ଧା' ଜଳସ୍ଥଳ ସୋପାନ ସହିତ,
'କୋହ୍ଲବଧୂ' ହଲ୍ଲୀଷିକ ମାଦଳ ବାଜଣା
ରାଜବୃନ୍ଦ ମାନସରେ ଦେଉଥିଲା ତୋଷ ।" (କବିତା କଲ୍ଲୋଳ)

ରାଜା ରାଜୁଡ଼ାଙ୍କର ସାଧାରଣ ଉତ୍ସବ ଯାନିଯାତ୍ରାରେ କୋହ୍ଲ, ମୁଣ୍ଡା ନୃତ୍ୟ, ଗୀତ, ମାଦଲବାଦ୍ୟ ପ୍ରଦର୍ଶିତ ହେଉଥିଲା ।

ସେପରି ତାଙ୍କର 'କବିତାମାଳା'ରେ 'ଉତ୍କଳ ସେବକର ନବବର୍ଷ' ଉପଲକ୍ଷ୍ୟେ ଲିଖିତ କବିତାରେ 'ପୁଷପୁନି'ର'ଛେରଛେରା ଏକ ବାସ୍ତବ ଚିତ୍ର । ଏଥିରେ ଆଦିବାସୀ ପଲ୍ଲୀ ଜୀବନର ଗରିବୀ ଅଭାବୀ ଜୀବନର ଚିତ୍ର ରହିଛି । ଏହି କବିତାରେ ଆଦିବାସୀ ଶିଶୁ ବା ଗ୍ରାମ୍ୟ ଜୀବନର ଚିତ୍ର ବେଶ୍ ହୃଦୟସ୍ପର୍ଶୀ । ପୁଷପୁନି ବା ପୌଷ୍ୟ ଉତ୍ସବ ଆଦିବାସୀ ମାନଙ୍କର ଏକ ଜାତୀୟ ପର୍ବ । ସାଧାରଣ ଲୋକଙ୍କର ଦିନିକିଆ ବଣଭୋଜି ବା ପିକ୍‌ନିକ୍ ଭଳି ଆମୋଦ ପ୍ରମୋଦର ଦିବସ ।

ଯଥା:-

"ଦିନାକେତେ ଗଲେ, ପୁଷ୍‌ପୁନି ହେବ
ସେଦିନ ଦେଖିବୁ ପ୍ରାତେ,
ଛେର୍ ଛେରାକୁଟି, ବୁଲିବେ ପିଲାଏ
ଥରି ଥରି ଶୀତ ବାତେ, ।
ଥିବକା' ତେବରୀ, ହାତରେ ଟୁପୁଲୀ,
ଭୁଜୁନୀ ହାତରେ ବାଡ଼ି,
କେଥିବ ଉଲଙ୍ଗ ଉଡ଼ିଥିବ କେହି
ମାଆର ପୁରୁଣା ଶାଢ଼ି ।
ଶାଢ଼ି ବେଢ଼ିଥିବ, ବେଙ୍କୁଁ ପାଦଯାଏ
ବେକ ପଛେ ଥିବ ଗଣ୍ଠି,
ଦୁଇ ପ୍ରସ୍ଥ ଶାଢ଼ୀ ଚାରିପ୍ରସ୍ଥ ହୋଇ
ବେଢ଼ି ଦେଇଥିବ ତଣ୍ଟି ।
କିଏ ବା ପିତାର, କରିଆ ଖଣ୍ଡିଏ
ଯା' ଥିବ ଛିଣ୍ଡା ପୁରୁଣା
ଅଦାପିନ୍ଧା, ଅଧା ବେକ ଦେଇକାନି
ଯୋଡ଼ି କରିଥିବ ମୁଣା ।"

ଏଥିରେ ଗ୍ରାମ୍ୟ ଆଦିବାସୀ ଜୀବନର ଦାରିଦ୍ର୍ୟ ଚିତ୍ର ସ୍ପଷ୍ଟ ଭାବେ ପ୍ରତିଫଳିତ । ତାଙ୍କର ଅନ୍ୟତମ କବିତା 'ବେଦବ୍ୟାସ'ରେ ବ୍ରାହ୍ମଣୀ ନଦୀକୁ ଆଦିବାସୀ ରମଣୀ ମାନେ ଯାଇ ଯଥାବିଧ ପୂଜା କରନ୍ତି ଏବଂ ବିଶ୍ୱାସ କରନ୍ତି ଯେ ବ୍ରାହ୍ମଣୀ ପୂଜା କଲେ ଇନ୍ଦ୍ର ତୃପ୍ତ ହୋଇ ବର୍ଷା କରିବେ ।

"ବୃଷ୍ଟି ବିନା ଯେବେ ହୁଅନ୍ତି ଆକୁଳ
ଅନାର୍ଯ୍ୟ କୃଷକ ସୀମନ୍ତିନୀ କୁଳ ।
ସେହି ମୂରତିର କରନ୍ତି ଅର୍ଚ୍ଚନା
ବନଫୁଲେ କରି ସୁବୋ ରଚନା ।
ମଖାଇ ସିନ୍ଦୂର କଜଳ ହଳଦୀ

କର୍ଦ୍ଦମ ଗୋମୟ ଦେଇ ଥାନ୍ତି ଲଦି ।
ତା ହେଲେ ଅଚିରେ ବରଷି ବାସବ
ପ୍ରକ୍ଷାଳନ କରି ଦିଅନ୍ତି ସେସର୍ବ ।
ଏଣୁ ସେ ମୂର୍ତ୍ତିକି ବୋଲନ୍ତି ଅହଲ୍ୟା ।
ଇନ୍ଦ୍ର ମନ-ଲୌହ ଚୁମ୍ବକ ଅବଲା ।
ଏହିଠାରୁ ଆସି ପରାଶର ଯତି,
ଭେଟିଲେ ବ୍ରାହ୍ମଣୀ କୂଳେ ସତ୍ୟବତୀ ।
ସତ୍ୟବତୀ ପିତା ଥିଲେ ଦାସପତି
ପାଶେ ରହିଅଛି ତାହାଙ୍କ ବସତି ।" (କବିତା କଲ୍ଲୋଳ)

ଗଙ୍ଗାଧର ସୁନ୍ଦରଗଡ଼ ଅଞ୍ଚଳର ଆଦିବାସୀ ଜୀବନ ଚିତ୍ର ଓ ତାଙ୍କର ବିଶ୍ୱାସ ବର୍ଣ୍ଣନା କରିଛନ୍ତି । ବ୍ରାହ୍ମଣୀ (ଶଙ୍ଖ ଓ କୋଇଲି ନଦୀ ମିଳନର ନାମ ବ୍ରାହ୍ମଣୀ) ଅର୍ଥାତ୍ ଗୌତମ ପତ୍ନୀ ଅହଲ୍ୟାଙ୍କର ପାଷାଣ ମୂର୍ତ୍ତିକୁ ସୁବେଶ କରି ଫୁଲଚନ୍ଦନ ଦ୍ୱାରା ଅର୍ଚ୍ଚନା କରିଥାଆନ୍ତି । କାରଣ ଇନ୍ଦ୍ରଙ୍କର ପ୍ରେମିକା ଅହଲ୍ୟାଙ୍କୁ ମୁଗ୍ଧ କଲେ ଇନ୍ଦ୍ରରାଜା ତାର ପ୍ରଣୟରେ ବଶୀଭୂତ ହୋଇ ବର୍ଷା କରିବେ ବୋଲି ବିଶ୍ୱାସ । ଦାସପତି ବା ଆଦିବାସୀ ନିଷାଦ କନ୍ୟା ହେଉଛି ସତ୍ୟବତୀ । ତାଙ୍କ ଗର୍ଭରୁ ପରାଶରଙ୍କ ଔରସରୁ ମହାତ୍ମା 'ବ୍ୟାସଦେବ' ଜନ୍ମ ନେଇଥିଲେ । ବ୍ରହ୍ମର୍ଷି ପରାଶର ଯୌନକ୍ଷୁଧା ମେଣ୍ଟାଇବାକୁ ବଳାତ୍କାର କରିଥିଲେ ଏବଂ ପରେ ସତ୍ୟବତୀ ହେଲେ ଋଷି ଦ୍ୱାରା ପରିତ୍ୟକ୍ତା । ଏଣୁ ସେହି ସତ୍ୟବତୀ ପୁଣି ରାଜା ଶାନ୍ତନୁକୁ ବିବାହ କରିବାରୁ ତାଙ୍କ ଔରସରୁ ଜନ୍ମ ହେଲେ ମହାନ ପୁରୁଷ ବ୍ରହ୍ମଚାରୀ ବୀର ଭୀଷ୍ମ । ସତ୍ୟବତୀ ଜଣେ କବି ଓ ବୀର ଜନନୀ । ତେବେ ସତ୍ୟବତୀ ପରାଶରଙ୍କର ମିଳନ ଆର୍ଯ୍ୟ ଆର୍ଯ୍ୟେତର ସଂପର୍କ ।

୫) ଆଧୁନିକ ଗଳ୍ପ କବିତା ଓ ନାଟକରେ ଆଦିବାସୀ ଜୀବନର ଝଲକ:-

ଆଧୁନିକ ଯୁଗର ରାଧାନାଥ ଗଙ୍ଗାଧରଙ୍କ ବ୍ୟତୀତ ରାଧାମୋହନ ଗଡ଼ନାୟକଙ୍କର (ଶ୍ରମଣା ଶବରୀ) ଉପାଖ୍ୟାନ ବେଶ ଆଧୁନିକ ଚେତନା ସମ୍ବଳିତ ମଧୁର ଶବ୍ଦ ଛନ୍ଦାୟିତ କବିତା । ଆଦିବାସୀ ରମଣୀର ମଞ୍ଜୁଳ ରୂପ, ପାଠକ ପ୍ରାଣରେ ସ୍ପନ୍ଦନ ସୃଷ୍ଟି କରେ । ସେପରି ଗଳ୍ପ ସାହିତ୍ୟରେ ଭଗବତୀ ଚରଣ ପାଣିଗ୍ରାହୀଙ୍କର 'ଜଙ୍ଗଲି' ଓ 'ଶିକାର' ଗଳ୍ପ, ସୁରେନ୍ଦ୍ର ମହାନ୍ତିଙ୍କର 'ଖାଦାନ' ମଙ୍ଗୁଳୁ ଚରଣ ବିଶ୍ୱାଳଙ୍କର (ସମ୍ବଲପୁର) 'ବସୁନ୍ଧରା', ତଥା ବ୍ୟତୀତ ଡ. ସୀତାକାନ୍ତ ମହାପାତ୍ରଙ୍କ ଅନୂଦିତ ଆଦିବାସୀ କବିତାର ଇଂରାଜୀ ଗ୍ରନ୍ଥ ଯେଉଁଥିରେ ସାନ୍ତାଳ ଜୀବନ, ଚଳଣି, ପରମ୍ପରା ଆଉ ଗୀତର ଅନୁବାଦ ରହିଛି । ଫଳରେ ସାହିତ୍ୟ କ୍ଷେତ୍ରରେ କେବଳ ନୁହେଁ, ଭାରତୀୟ ତଥା ବିଶ୍ୱ ସାହିତ୍ୟ କ୍ଷେତ୍ରରେ ଉତ୍କଳୀୟ ଆଦିବାସୀ ଜନଜୀବନ ତଥା ସାଂସ୍କୃତିକ ଚିନ୍ତାଚେତନାର ସ୍ୱର ପ୍ରତିଧ୍ୱନିତ ।

ଏହା ବ୍ୟତୀତ ନାଟ୍ୟ ସାହିତ୍ୟ କ୍ଷେତ୍ରରେ ଅକ୍ଷୟ ମହାନ୍ତିଙ୍କ ସଂବିତ, ବଳରାମ ମିଶ୍ରଙ୍କର 'ଡୁମା', ବିଜୟ ମିଶ୍ରଙ୍କର 'ଯାଯାବର', ଧନେଶ୍ୱର ପଟ୍ଟନାୟକଙ୍କର 'ଆଦିବାସୀ', ନାଟକ ପୂର୍ଣ୍ଣାଙ୍ଗ

ଆଦିବାସୀଙ୍କର ଜୀବନଜୀବିକା, ଚଳଣି-ପରମ୍ପରା, ହର୍ଷ-ବିଷାଦ, ତ୍ୟାଗ, ନିଷ୍ଠା ତଥା ସରଳ ବିଶ୍ୱାସର ବହୁମୁଖୀ ଚିତ୍ର ପରିବେଶିତ ହୋଇ ସାଧାରଣ ଜନ ଜୀବନକୁ ପ୍ରଭାବିତ କରୁଛି । ଫଳରେ ଆଦିବାସୀ ଜୀବନର ବହୁଦିଗ ସଭ୍ୟ ଜଗତର ରଙ୍ଗମଞ୍ଚରେ ଉଦ୍‌ଭାସିତ ହୋଇ ଅଭିନବ ଚେତନା ସୃଷ୍ଟି କରି ଚାଲିଛି । ଗର୍ବ-ଗୌରବ ସହିତ ବେଦନା ଛଳନା, କପଟତା, ଶାସକ-ପ୍ରଶାସକ, ସୁବିଧାବାଦୀଙ୍କର ଜାଲର ପାଲରେ ପଡ଼ି ଏବେ ବି ଛଟପଟ । ମଣିଷ ମଣିଷର ଶତ୍ରୁ ଲୁଣ୍ଠନକାରୀ ଆଜି ମାନବବାଦକୁ ହୃଦବୋଧ କରୁନାହିଁ । ଜାତି, ଧର୍ମର ବୈଷମ୍ୟ ବଢ଼ାଇ ଚାଲି ସୁନ୍ଦର ମାନବ ସତ୍ୟତାକୁ ଧ୍ୱଂସ କରି ନିଜେ ବି ତାର ଅବକ୍ଷୟର ଶିକାର ହେଉଛି । ଏହି ସତ୍ୟ, ତଥ୍ୟ ଉପନ୍ୟାସ ଗୁଡ଼ିକରେ ବେଶ ରୂପ ନେଇଛି । ତାର ବିଶଦ ବିବରଣୀ, ସମୀକ୍ଷା ଉପନ୍ୟାସ ସନ୍ଦର୍ଭରେ ବିଶଦ ଭାବେ ଆଲୋଚ୍ୟ ଏବଂ ଆଧୁନିକ କଥା ସାହିତ୍ୟରେ । ଆଦିବାସୀର ସଂଘର୍ଷମୟ ଜୀବନ, ଜୀବିକା,ପରମ୍ପରା, ସଂସ୍କୃତି ଜୀବନ ଧାରା କେତେ ଦୂର ସାକ୍ଷର ବହନ କରିଛି ଦେଖିବା କଥା ।

ପାଦଟୀକା-

୧. ଡ. ଭଗବାନ ଶରଣ ଭରଦ୍ୱାଜ: ରାମାୟଣ କଥା (ହିନ୍ଦି) ପୃଷ୍ଠା ୨୦, ବେରଲି କଲେଜ, ସଂସ୍କୃତି ସଂସ୍ଥାନ, ୧୯୭୬ ।

୨. ସନ୍ଥକବି ତୁଳସୀ ଦାସ : ତୁଳସୀ ରାମାୟଣ

୩. ଚକ୍ରବର୍ତ୍ତୀ ରାଜ ଗୋପାଳଚାରୀ: ରାମାୟଣ (ଇଂରାଜୀ) ପୃଷ୍ଠା ୧୭୬, ୧୯୬୮ ଭବନ ବୁକ୍ ୟୁନିଭରସିଟି, ବମ୍ବେ ।

୪. ଡ. ସତ୍ୟନାରାୟଣ ରାଜଗୁରୁ: ଓଡ଼ିଶା ସାଂସ୍କୃତିକ ଇତିହାସ, ପୃଷ୍ଠା ୨୦ ।

୫. ମହାକବି ସାରଳା ଦାସ: ଜାରା ଉପାଖ୍ୟାନ, ସାରଳା ମହାଭାରତ, ଆଦ୍ୟ ପର୍ବ ପ୍ରଥମ ଖଣ୍ଡ, ସଂପାଦନା-ପଦ୍ମଶ୍ରୀ ଡ. ଆର୍ତ୍ତବଲ୍ଲଭ ମହାନ୍ତି, ୧୯୬୫ ।

୬. ବ୍ୟାସଦେବ କୃତି ସଂସ୍କୃତ ମହାଭାରତ, ପୃଷ୍ଠା ୪୮-୪୯, ୧ମ ଖଣ୍ଡ, ଆଦି ପାର୍ବଣୀ, ସମ୍ଭବ ପର୍ବ, ୩୧ ଅଧ୍ୟାୟ, ସଂପାଦନା-ପଣ୍ଡିତ ରାମନାରାୟଣ ଶାସ୍ତ୍ରୀ ପାଣ୍ଡେୟ । ଗୀତା ପ୍ରେସ୍ ,ଗୋରଖପୁର ।

୭. ଗୋପୀନାଥ ମହାନ୍ତି: ପରଜା ଉପନ୍ୟାସ, ପୃଷ୍ଠା ୨୮ ।

୮. ସାରଳା ଦାସ: ସାରଳା ମହାଭାରତ, ମୂଷଳୀ ପର୍ବ ।

୯. ଭକ୍ତକବି ଶ୍ରୀ କ୍ଷେତ୍ରମୋହନ ପ୍ରଧାନ: ଶିବ ପୁରାଣ, ତୃତୀୟଖଣ୍ଡ, ପୃଷ୍ଠା ୧୪୪ ।

୧୦. ପ୍ରଫେସର ଡ. ଖଗେଶ୍ୱର ମହାପାତ୍ର: ସଂପାଦନା ଚର୍ଯ୍ୟା ଗିତୀକା, ପୃଷ୍ଠା ୭୬ । ଫ୍ରେଣ୍ଡସ୍ ପବ୍ଲିସର୍, କଟକ, ୧୯୮୧ ।

୧୧. ଭକ୍ତକବି ବଳରାମ ଦାଶ: ଦାଣ୍ଡି ରାମାୟଣ, ଅଯୋଧ୍ୟା କାଣ୍ଡ ।

୧୨. ଭକ୍ତକବି ବଳରାମ ଦାଶ: ମୃଗୁଣୀ ସ୍ତୁତି ।

୧୩. କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ: ବୈଦେହୀଶ ବିଳାସ, ଦ୍ୱିତୀୟ ଖଣ୍ଡ ।

୧୪. କବିବର ରାଧାନାଥ ରାୟ: ପାର୍ବତୀ କାବ୍ୟ, ପୃଷ୍ଠା - ୧୯୪୯ । ଉଷା କାବ୍ୟ- ପୃଷ୍ଠା: ୧୫୦/୧୫୧

ଚିଲିକା ପୃଷ୍ଠା: ୧୮୧ (ରାଧାନାଥ ଗ୍ରନ୍ଥାବଳୀ) ଗ୍ରନ୍ଥ ଷ୍ଟୋର ୧୯୮୪ ।

୧୫. ସ୍ୱଭାବ କବି ଗଙ୍ଗାଧର ମେହେର: ଉତ୍କଳଲକ୍ଷ୍ମୀ, ପୃଷ୍ଠା ୧୯୧ ।

ଅର୍ଘ୍ୟଥାଳୀ - ବୁଢ଼ାରାଜା କବିତା, ପୃଷ୍ଠା ୨୮୦ ।

କବିତାମାଳା - ଉତ୍କଳ ସେବକର ନବବର୍ଷ

କବିତା କଲ୍ଲୋଳ ବେଦବ୍ୟାସ ।

ଗଙ୍ଗାଧର ଗ୍ରନ୍ଥାବଳୀ, ଦାଶ ବ୍ରଦରର୍ସ, ବରହମ୍ପୁର, ୧୯୭୨ ।

୧୬. ଆଧୁନିକ ଗଳ୍ପ: କବିତା - ନାଟକ ସୂଚନା ।

OOO

## ପଞ୍ଚମ ପରିଚ୍ଛେଦ

### (କ) ଉପନ୍ୟାସ ରଚନାର ଆଭିମୁଖ୍ୟ ଓ ସମୀକ୍ଷା

ଉପନ୍ୟାସ ଏକ ସାର୍ବଜନୀନ କଳା । Arthur Arnold "If you understand your own age, read the works of fiction produced. In it people in disguise speak freely."

ବାସ୍ତବରେ ଲେଖକଙ୍କର ଅନୁଭୂତିକୁ ସାର୍ବଜନୀନ କରିବା ଓ ସର୍ବଜନର ଅନୁଭୂତିକୁ ଆପଣାର କରିବା ହେଉଛି, ଔପନ୍ୟାସିକ କଳାଧର୍ମ । ଅର୍ଥାତ୍ ଉପନ୍ୟାସର ବୈଶିଷ୍ଟ୍ୟ ହେଉଛି, ଜୀବନ ପର୍ଯ୍ୟାଲୋଚନାର ସମୀପ ଦର୍ଶନ ଓ ବ୍ୟାଖ୍ୟା । ଇଂରାଜୀରେ ର ଅର୍ଥ ହେଉଛି ନୂତନ କଥା, ନୂତନ ଚିତ୍ର, ନୂତନ କଳ୍ପନାର ଆଧାର । ମାତ୍ର ଭରତଙ୍କ ନାଟ୍ୟଶାସ୍ତ୍ରରେ ଉପନ୍ୟାସକୁ ପ୍ରତିମୁଖ ମନ୍ଦିର ଏକ ଉପଭେଦ (ସନ୍ଧ୍ୟଙ୍ଗ)ହିସାବରେ ଗ୍ରହଣ କରାଯାଇଛି । ଯାହାକୁ "ଉପପତି କୃତୋଽହ୍ୟଃ ଅର୍ଥଃ" ଏବଂ "ପ୍ରସାଦାନଂ" ବୋଲି ଗ୍ରହଣ କରାଯାଏ ଅର୍ଥାତ୍ କୌଣସି ବିଷୟବସ୍ତୁକୁ ଯୁକ୍ତିପୂର୍ଣ୍ଣ ଭାବରେ ଉପସ୍ଥାପିତ କଲେ ପ୍ରସନ୍ନତା ପ୍ରଦାନ କରେ ବୋଲି ଗ୍ରହଣ କରାଯାଏ ଅର୍ଥାତ୍ କୌଣସି ବିଷୟବସ୍ତୁକୁ ଯୁକ୍ତିପୂର୍ଣ୍ଣ ଭାବରେ ଉପସ୍ଥାପିତ କଲେ ପ୍ରସନ୍ନତା ପ୍ରଦାନ କରେ ବୋଲି ଏହି ସତ୍ୟଙ୍ଗର ନାମ 'ଉପନ୍ୟାସ' । କାଳିଦାସଙ୍କ ଅଭିଜ୍ଞାନ-ଶାକୁନ୍ତଳମ୍ ନାଟକର ପଞ୍ଚମ ଅଙ୍କରେ ଦୁଷ୍ମନ୍ତଙ୍କ ମୁଖରେ ପ୍ରଦତ୍ତ ସଂଳାପ ମଧ୍ୟରେ ଉପନ୍ୟାସ ଶବ୍ଦ ପରିଲକ୍ଷିତ ହୁଏ, ରାଜ ଦରବାରରେ ଗୌତମୀ, ଦୁଷ୍ମନ୍ତ-ଶକୁନ୍ତଳାଙ୍କର ବିବାହ ହୋଇଥିବାର ବିଷୟ ବ୍ୟକ୍ତ କରିବାରୁ ରାଜା ଦୁଷ୍ମନ୍ତ ବିସ୍ମିତ ହୋଇ କହିଛନ୍ତି, 'କିମିଦଂ ଉପନ୍ୟସ୍ତମ୍'। ଆପଣ କଣ କଳ୍ପିତ କଥା କହୁଛନ୍ତି ? ଏଥିରୁ ଅନୁମିତ ହୁଏ ଯେ ଅତି ପ୍ରାଚୀନକାଳରୁ ଉପନ୍ୟାସର ରୂପ କିମ୍ବଦନ୍ତୀ କାହାଣୀ, ଗାଥାରେ ଲିଖିତ ରହିଛି । ଏଥିରେ ବ୍ୟକ୍ତିର ଜୀବନ, ତାର ଜୀବିକା, ଦ୍ୱନ୍ଦ୍ୱ, ସଂଘର୍ଷ, ଘଟଣା, ଦୁର୍ଘଟଣା, ହସକାନ୍ଦର ରହସ୍ୟ ରୂପ ନେଇ ଜୀବନକୁ ହର୍ଷ-ବିଷାଦ ତଥା ବିସ୍ମୟାଭିଭୂତ କରିଥାଏ । ଯେଉଁ କଥା, କାହାଣୀ, କିମ୍ବଦନ୍ତୀ, କାବ୍ୟ, କବିତା ରୂପରେ ବା ସୌଖିନ ସଂପଦ ଭାବରେ ରହିଥିଲା, ତାହା କାଳକ୍ରମେ ଗଦ୍ୟ କାବ୍ୟର ଲିଖିତ ଭାଷାରେ ରୂପ ନେଇ ଲେଖକର ପ୍ରଗଲ୍‌ଭତାର ବଶବର୍ତ୍ତୀ ହେଲା । ଫଳରେ ଉପନ୍ୟାସରେ ଲିଖିତ ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ, ପୌରାଣିକ କଥା ବସ୍ତୁରୁ ପାଠକ, କ୍ଲବରେ, ଟ୍ରେନରେ, ବସ୍‌ରେ ବା ଅବସର ସମୟରେ ଘରେ ବସି ନୂଆ ତଥ୍ୟ, ନୂଆ ସମସ୍ୟା ଓ ଅଭିନବ ଚିନ୍ତା ସହିତ ପରିଚିତ ହେଲା ଏବଂ ନୂଆ ଲେଖକର ପ୍ରତିଭା ବିକଶିତ ହେଲା । ଦିନେ ଯେଉଁ ଇତିହାସ ଏକ ଶୂନ୍ୟବାଦୀ କଳା ବା ବୋଲି କଥିତ ହେଉଥିଲା, ସେହି ଇତିହାସ ଉପନ୍ୟାସର ସାର୍ବଜନୀନ ରସଘନ କଳାରେ ସ୍ଥାନ ପାଇ ରୋମାଞ୍ଚକର, ଲୋକହର୍ଷଣକାରୀ କାହାଣୀ ହିସାବରେ ପ୍ରତିଭାତ ହେଲା । ପାଠକ ମଧ୍ୟ ଜୀବନ୍ତ ଚିତ୍ର ମନେ କରି ମୁଗ୍ଧ ଆଉ ବିସ୍ମିତ ମଧ୍ୟ ହେଲା । କାରଣ ଚରିତ୍ର ପାଠକକୁ ଅନୁପ୍ରାଣିତ କଲା ଏବଂ ସମ୍ବେଦନଶୀଳତାରେ ବଶୀଭୂତ କଲା । ଙ୍କ ଭାଷାରେ "Novel Presents ideas in *terms of character*" ।

ବାସ୍ତବରେ ଉପନ୍ୟାସ ସାହିତ୍ୟ ମାନବ ଜୀବନର ଏକ ଶ୍ରେଷ୍ଠ ଅବଦାନ କାରଣ . ସାହିତ୍ୟକୁ ସ୍ଥାନ, କାଳ, ଦେଶ, ଜାତି, ଗୋଷ୍ଠୀ, ସମାଜ ବା ସଂପ୍ରଦାୟର ସୀମିତ ପରିବେଶରେ ରଖା ଯାଇପାରେ ନାହିଁ।(୧) ଏହା ଯଥାର୍ଥ । ଫଳରେ ପାଶ୍ଚାତ୍ୟ ସ୍ରଷ୍ଟା 'କାମ୍ୟୁ', 'କେରେଫ୍ ଗାର୍ଡ଼', 'ନିତ୍ସେ'ଙ୍କ ପରି ଓଡ଼ିଆର ଅନେକ ଲେଖକ ଉପନ୍ୟାସ ସୃଷ୍ଟି କରିବାରେ ଆଗଭର ହେଲେ । ଓଡ଼ିଆରେ 'ଚତୁର ବିନୋଦ', 'ରୁଦ୍ର ସୁଧାନିଧି ଆଦି' ଗଦ୍ୟ ପଦ୍ୟ ମିଶ୍ରିତ ଗ୍ରନ୍ଥ ଅପୂର୍ବ ଚମକ ସୃଷ୍ଟି କରିଛି । ପରେ ଜନସାଧାରଣଙ୍କ ସାଧାରଣ କଥିତ ଭାଷାରେ ଓଡ଼ିଆ ଉପନ୍ୟାସ ପାଶ୍ଚାତ୍ୟ ତଥା ପ୍ରାନ୍ତୀୟ ବଙ୍ଗଳା ଉପନ୍ୟାସ ଦ୍ୱାରା ପ୍ରଭାବିତ ହୋଇ ମଧ୍ୟ ସ୍ୱତନ୍ତ୍ର ଚିନ୍ତାଧାରା, ସ୍ୱକୀୟ ଶୈଳୀ ଓ ଅଭିନବ ଉପସ୍ଥାପନରେ ଋଦ୍ଧିମନ୍ତ ଏବଂ ସମୃଦ୍ଧ ହୋଇଛି ।

ଉପନ୍ୟାସରେ ହିଁ ବ୍ୟକ୍ତି ଓ ସମାଜର ବ୍ୟାପକ ଚିତ୍ର ଅଙ୍କନ କରାଯାଇଥାଏ । ବ୍ୟକ୍ତି ଜୀବନର ଛୋଟବଡ଼ ସମସ୍ତ ଘଟଣା ତଥା ପାରିବାରିକ, ସାମାଜିକ, ସାଂସ୍କୃତିକ, ପୌରାଣିକ, ରାଜନୈତିକ ସଂପର୍କରେ ବିସ୍ତୃତ ବର୍ଣ୍ଣନାକୁ ନେଇ ଅପୂର୍ବ ବର୍ଣ୍ଣାଳୀରେ ଚିତ୍ରମାଳା ତିଆରି କରାଯାଇପାରେ, ଯାହା କ୍ଷୁଦ୍ର ଗଳ୍ପରେ ସମ୍ଭବ ନୁହେଁ । ଏପରିକି କାବ୍ୟ, ପୁରାଣରେ ମଧ୍ୟ ସଂପୂର୍ଣ୍ଣ ବିବରଣୀ ଲିପିବଦ୍ଧ କରାଯାଇପାରେ ନାହିଁ । କିନ୍ତୁ କଥା ସାହିତ୍ୟରେ ବ୍ୟକ୍ତିର କଣ୍ଟକିତ ପାଦ ପରଦାଠାରୁ ମୁଣ୍ଡର ବଜ୍ରାଘାତ ଯାଏ ଏବଂ ଜନନୀ ଜଠର ଜନ୍ମଠାରୁ ଶ୍ମଶାନ ଯାଏ ଅର୍ଥାତ୍ ଶ୍ମଶାନର ଶେଷ ଲେଲିହାନ ଶିଖା ପର୍ଯ୍ୟନ୍ତ ଲେଖକ ଆଖିକୁ ଏଡ଼ିପାରେ ନାହିଁ । ସେ ଲେଖନୀର ଝରଣାରେ ହସେ, କେଉଁଠି କାନ୍ଦେ, ପୁଣି ବିପ୍ଳବର ବହ୍ନି ଜାଳେ ପୁଣି କଠୋର ବ୍ରତରେ ଶର ସନ୍ଧାନ କରେ ତ କେତେବେଳେ କେଉଁଠି ମ୍ରିୟମାଣ ହୋଇ ସମସ୍ୟା ଘେରୀ ପାଷାଣ ତଳେ ଚାବି ହୋଇଯାଏ । 'ହରିଶ୍ଚନ୍ଦ୍ର' ପରି ରାଜା ତାର ପୁତ୍ରକୁ ହରାଏ । 'ଗାନ୍ଧାରୀ' ପରି ନାରୀ ଅନ୍ଧ ପୁଟୁଳି ବାନ୍ଧି କ୍ରୋଧରେ ଜନ୍ମିତ ପୁତ୍ରକୁ ଅଜାଣତରେ ଧ୍ୱଂସ କରିବାର ପ୍ରୟାସ କରେ ଏବଂ ଗାନ୍ଧୀଙ୍କ ପରି 'ମହାତ୍ମା' ମଧ୍ୟ ଗୁଳିର ଆଘାତରେ ଟଳି ପଡ଼ନ୍ତି । ମହୀୟସୀ ଇନ୍ଦିରା ଗାନ୍ଧୀଙ୍କ ପରି ନାରୀ ଦିବାଲୋକରେ ଦେହରକ୍ଷୀ ଦ୍ୱାରା ଅନାୟାସରେ ଗୁଳିବିଦ୍ଧ ହୁଅନ୍ତି । ସତର୍କ ରହି ବି ଅତର୍କିତେ ଜୀବନର ଜ୍ୱଳନ, ଗଭୀର ମନୋବଳ, ଗଭୀର ମନୋବେଦନା ଅନ୍ତରାଳରେ ବିଚିତ୍ର ସମସ୍ୟାର ପ୍ରତିଧ୍ୱନି ଶୁଣେ ଲେଖକ । ଅଗନା ଅଗନି ବନସ୍ତର ମଣିଷକୁ ଚିହ୍ନେ, ଇତିହାସର ହାଡ, ଗୋଡ଼ ଗୋଟାଇ ଗନ୍ଧର ମେଦ ମାଂସ ଲେପି ଭାଷାର ସଞ୍ଜୀବନୀ ମନ୍ତ୍ର ଦ୍ୱାରା ଉପନ୍ୟାସକୁ ଜୀବନ୍ତ କରେ । ସାହାରା ମରୁଭୂଇଁରେ ବି ଫୁଟାଏ ରୋମାଞ୍ଚକର ଫୁଲ । ଯେଉଁଠି ଲେଖକ ଧ୍ୱଂସ ଦେଖିଛି, ସେହି ଧ୍ୱଂସ ସ୍ତୁପ ଉପରେ ସୃଷ୍ଟି କରିଛି ମଧୁମୟ ସଂଗୀତ । ସେ ସତ୍ୟ, ନ୍ୟାୟ, ଧର୍ମ, ଅଧର୍ମର ପଥ ଉନ୍ମୋଚନ କରିଛି । କଠୋର ଭାବରେ ନିୟାମକ ସାଜି ନିର୍ମମ ମସୀରେ ବ୍ୟକ୍ତିକୁ ଶାସ୍ତି ଦେଇଛି । ତେଣୁ ସେ ସ୍ରଷ୍ଟା । ଯେପରି ମହାକବି ସାରଳା ଦାସ ନିଜ ରଚିତ ମହାଭାରତରେ 'କୃଷ୍ଣ'ଙ୍କର ଚରିତ୍ରକୁ କଳଙ୍କିତ ବୋଲି କହିବାରେ କୁଣ୍ଠିତ ହୋଇନାହାନ୍ତି । ସେ ଧର୍ମ ଆଧ୍ୟାତ୍ମିକର ମଣିଷ ନଥିଲେ ସେ ଥିଲେ ସମାଜର ପ୍ରକୃତ ପ୍ରତିନିଧି ।

ସେପରି ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ଲେଖକ ଉପନ୍ୟାସ ରଚନା କରିଫୁଟାଇଛି ବଣର 'ମଲ୍ଲୀ' ଓ ଆବିଷ୍କାର କରିଛି ସତ୍ୟ, ଅସତ୍ୟ, ନ୍ୟାୟ ଅନ୍ୟାୟ, ପ୍ରେମ ବିଶ୍ୱାସର ସାର୍ବଜନୀନ 'ସତ୍ୟ' । ସେ ପାଠକ ତଥା ଜନମାନସରେ ସାମାଜିକ ମାନବିକ ଚେତନା ସଂଚାର କରି ଜାତୀୟ ସ୍ରୋତରେ

ଅବହେଳିତକୁ ସାମିଲ କରିଛି ଏବଂ ସାଧାରଣତଃ ମଣିଷ ଜୀବନର ସଂପୂର୍ଣ୍ଣ ଚିତ୍ର ପ୍ରଦାନ କରି ବିପୁଳତାର ପୃଥୀ ମଧ୍ୟରେ ଆଣିଛି ସ୍ଥିର ପ୍ରତିଷ୍ଠା । ଏହା ଔପନ୍ୟାସିକର କୃତିତ୍ୱ ତଥା ବାହାଦୂରୀ ।

ସାଧାରଣତଃ ବିଭିନ୍ନ ଅଞ୍ଚଳର ଅବହେଳିତ ଜନତାକୁ କେନ୍ଦ୍ରକରି ଗଢ଼ି ଉଠୁଥିବା ଉପନ୍ୟାସକୁ 'ଆଞ୍ଚଳିକ' ଉପନ୍ୟାସ କୁହାଯାଏ । ସେହିପରି ଓଡ଼ିଶାର ଅନେକ ଔପନ୍ୟାସିକ, ଅବହେଳିତ ଜନସାଧାରଣ ଓ ଅଞ୍ଚଳର ଜୀବନ ଜୀବିକା ଓ ପରିବେଶକୁ ଭିତ୍ତି କରି ବାସ୍ତବଧର୍ମୀ ଉପନ୍ୟାସ ରଚନା କରିଛନ୍ତି । ସହରି ସଭ୍ୟତା ଓ ନବ୍ୟ ସଂସ୍କୃତିଠାରୁ ଦୂରରେ ରହୁଥିବା ଦଳିତ, ଆଦିବାସୀଙ୍କର ଚିନ୍ତା, ଚେତନା ଓ ସଭ୍ୟତାର ସାଧାରଣ ସ୍ପର୍ଶରେ ଆସି ନଥିବା ଆଦିମ ଅଧିବାସୀ ମାନଙ୍କର ଧାରଣା ଓ ସଭ୍ୟତାଲୋକରେ ଆଲୋକର ମୁଳ ପାଇ ନଥିବା ବଣୁଆ ଲୋକମାନଙ୍କର ଜୀବନଧାରାର ଏକ ବିରାଟ ଚିତ୍ରପଟ ଲେଖକ ଗ୍ରହଣ କରିଛି (୨) । ସେମାନଙ୍କ ମଧ୍ୟରେ ଗୋପୀନାଥ ମହାନ୍ତି ଅନନ୍ୟ ।

**(ଖ) ଓଡ଼ିଆ ଉପନ୍ୟାସରେ ଆଧୁନିକ ଯୁଗର ସୂଚନା :-**

ଆଲୋଚକଙ୍କ ମତରେ ୧୯୩୦ରୁ ଓଡ଼ିଆ ଉପନ୍ୟାସର ଆଧୁନିକ ଯୁଗଭାବେ ଖ୍ୟାତ । ଏ ଦୃଷ୍ଟିରୁ ବିଚାର କଲେ ଓଡ଼ିଆ ଉପନ୍ୟାସ ଏକ ଅର୍ବାଚୀନ ସାହିତ୍ୟ ସଂପଦ । ତଥାପି ଏହାର ପ୍ରଚାର ପ୍ରସାର ସ୍ୱଳ୍ପ ନୁହେଁ, କାରଣ ହେଉଛି - ଏହାର ଭାଷା ଓ ଶୈଳୀ, ସାର୍ବଜନବୋଧ୍ୟ । ସୁତରାଂ ଏହାକୁ ସାଧାରଣତଃ 'ଗଦ୍ୟ ମହାକାବ୍ୟ' ଭାବରେ ଗ୍ରହଣ କରାଯାଇପାରେ । (୩) । ସାଧାରଣତଃ ସରଳ ଗଦ୍ୟଭାଷାରେ ଉପନ୍ୟାସ ରଚିତ ହୋଇଥାଏ । ଜଟିଳ ଆଧୁନିକ ବସ୍ତୁ ତାନ୍ତ୍ରିକ ଯୁଗର ଭାଷା ହେଉଛି ଗଦ୍ୟ । ଏଣୁ ଉପନ୍ୟାସକୁ ଏ ଯୁଗର ଗଦ୍ୟ ମହାକାବ୍ୟ ନାମରେ ନାମିତ କରିଯାଏ ।

**(ଗ) ସାହିତ୍ୟ ଯୁଗାଶ୍ରୟୀ, ତାର ଲକ୍ଷ୍ୟ ସୁଦୂର ପ୍ରସାରୀ:**

ସାହିତ୍ୟ ଏକ ଯୁଗାଶ୍ରୟୀ କଳା । ସମୟର ସ୍ପନ୍ଦନ ନେଇ ଲେଖକ ସାହିତ୍ୟ ସୃଷ୍ଟି କରେ ଏବଂ ସାହିତ୍ୟ ତାର ଆତ୍ମିକ ସୌନ୍ଦର୍ଯ୍ୟ ଓ ମହତ୍ତ୍ୱକୁ ନେଇ ସାର୍ବଜନୀନ କଳା ଭାବରେ ବଞ୍ଚିରହେ । ଏ ଦିଗରୁ ବିଚାର କଲେ ରାମାୟଣ ବିଚାର୍ଯ୍ୟ । କ୍ରୌଞ୍ଚ ଦମ୍ପତିର ବିରହ ବିଚ୍ଛେଦରେ କାବ୍ୟର ଜନ୍ମ ଏବଂ ସେହି କରୁଣ ଚିତ୍ର ହେଲା ରାମାୟଣ ତଥା ରାମ ସୀତାଙ୍କର ଚରିତ୍ରର ଅନବଦ୍ୟ ଆଦ୍ୟ କାବ୍ୟର ପ୍ରତୀକ । ଯାହା ଫଳରେ ସେହି କରୁଣ ବିରହ ବିଚ୍ଛେଦ ହିଁ ବିଶ୍ୱ ଜନଜୀବନକୁ ଅନୁପ୍ରାଣିତ ଓ ପ୍ରଭାବିତ କରିଚାଲିଛି । ସାହିତ୍ୟକୁ ଯୁଗ ଭେଦର ବିଚାର କରାଯାଇପାରେ ନା କି ସାଲ୍ ବା ଖ୍ରୀଷ୍ଟାବ୍ଦକୁ ଗ୍ରହଣ କରାଯାଏନା । କେବଳ ସାହିତ୍ୟର ଆଦର୍ଶ, ରୀତି, ଗୁଣ ନେଇ ବିଚାର କରାଯାଇପାରେ ।

**(ଘ) ସ୍ୱାଧୀନତାର ପରବର୍ତ୍ତୀ ସାହିତ୍ୟ:**

୧୯୪୭ର ପରବର୍ତ୍ତୀ ସାହିତ୍ୟକୁ ବୈପ୍ଳବିକ ଯୁଗର ସାହିତ୍ୟ ବୋଲି ଧରାଯାଏ । କାରଣ ଏ ଥିଲା ସ୍ୱାଧୀନ ଭାରତର ନବଯୁଗ । ଇତିହାସ, ରାଜାରାଣୀ କାହାଣୀ, ସ୍ରଷ୍ଟାକୁ ନେଇ ସାହିତ୍ୟର ଯୁଗ ବିଚାର କରାଯାଇପାରେ ନାହିଁ । ବାସ୍ତବ ଜନଜୀବନର ଉତ୍‌ଥାନ ପତନ ତଥା ଗତି ଓ ପ୍ରବୃତ୍ତିକୁ

ନେଇ ଉପନ୍ୟାସ ହୁଏ ରଚିତ । ଯେହେତୁ ମାନବ ସମାଜର ପ୍ରତିଫଳନ ମଧ୍ୟରେ ନୂଆ ଚେତନା ଓ ନୂଆ ଦୃଷ୍ଟିଭଙ୍ଗୀ ହିଁ ପାଠକକୁ ଅନୁପ୍ରାଣିତ କରିଥାଏ । ଯାହା ଆଗେଇବାର ଉତ୍ସାହ ଦିଏ । ଜାତି ଜୀବନ ସମାଜକୁ ଉଦ୍‌ବେଳିତ କରେ, ନୂତନ ଦିଗ୍‌ଦର୍ଶନ ଦେଖାଏ । ଭୁଲ ଓ ଭଲର ସମୀକ୍ଷା ହୁଏ । ଫଳରେ ବ୍ୟକ୍ତି ସଂଶୋଧିତ ହୁଏ, ନୂଆ ଆଲୋକ ପାଏ । ସଭ୍ୟତା-ବିଶ୍ୱ ଜୀବନ ପଥରେ ଆଗେଇଥାଏ ।

## (୬) ଉପନ୍ୟାସର ଧର୍ମ:

ଏଣୁ ଜୀବନ ସହିତ ଉପନ୍ୟାସର ସଂପର୍କ ଅତ୍ୟନ୍ତ ନିବିଡ଼ । ଉପନ୍ୟାସରେ ଜୀବନ ଚିତ୍ର ଅତ୍ୟନ୍ତ ବିସ୍ତୃତ ଭାବରେ ରୂପାୟିତ ହୋଇଥାଏ । ସର୍ବୋତ୍ତମ ଗଣକଳା ରୂପେ ନାଟ୍ୟକାର ପକ୍ଷରେ ଲେଖନୀ ଚାଳନାରେ ସାଧୀନତା ନାହିଁ । ନାଟ୍ୟକାର ଆଖ୍ୟାନ ବସ୍ତୁର ବହୁ ଅଂଶ ଗୋପନ କରିଥାଏ ମାତ୍ର ଔପନ୍ୟାସିକ ପକ୍ଷରେ ଏହା ଚିତ୍ରଣ କରିବାକୁ ଯଥେଷ୍ଟ ସାଧୀନତା ଥାଏ । ସାହିତ୍ୟ ଜଗତରେ ଉପନ୍ୟାସ ଅତ୍ୟନ୍ତ ଜୀବନ ଧର୍ମୀ ହୋଇଥିବାରୁ ଏହା ଲୋକପ୍ରିୟ ଓ ପ୍ରଭାବଶାଳୀ କଳାଭାବରେ ଗୃହୀତ ହୋଇଛି ।

"The Novel is not merely fictional prose. It is the prose of man's life, the first art to attempt to take the whole man and give his experience"? ଏ ଦୃଷ୍ଟିରୁ ଆଦିବାସୀ ଜୀବନ ଜୀବିକା ପରମ୍ପରା ଓ ସାମାଜିକତା ଉପରେ ରଚିତ ଉପନ୍ୟାସ ଗୁଡ଼ିକର ଚିତ୍ର ଚରିତ୍ରର ବୈଶିଷ୍ଟ୍ୟ ନେଇ ପରପୃଷ୍ଠାରେ ଆଲୋଚନାର ପ୍ରୟାସ ରଖିଛୁ ।

ପାଦଟୀକା:-

୧. ଡ. ବ୍ରଜମୋହନ ମହାନ୍ତି: ଓଡ଼ିଆ ଉପନ୍ୟାସର ଆଲୋଚନା, କଟକ ।

୨. ଡ. ବ୍ରହ୍ମାନନ୍ଦ ସିଂ: ଉପନ୍ୟାସୀ ଗୋପୀନାଥ, ପୃଷ୍ଠା ୧୯୨, ପୁସ୍ତକ ଭଣ୍ଡାର, ୧୯୮୩ ।

୩. Lui Kamasin: The Social mode in English, The Social Novel in English ୧୯୩୦-୫୦.

000

# ଷଷ୍ଠ ପରିଚ୍ଛେଦ
# ଉପନ୍ୟାସ ଭୀମାଭୂୟାଁରୁ ମୁଣ୍ଡମେଖଳ

## ୧) ଭୂୟାଁ ଜୀବନର ରୂପକାର ଗୋପାଳ ବଲ୍ଲଭ ରଜା ଓ ଭୀମା ଭୂୟାଁ

(କ) ଗଦ୍ୟାଂଶ:- 'ଭୀମା' କେନ୍ଦୁଝର ରାଜ୍ୟର ଆଦିବାସୀ ସାଧୁ ସର୍ଦ୍ଦାରର ସାନପୁଅ, ବଡ଼ପୁଅ ବାଣାସୁର । ଅନ୍ୟ ଭୂୟାଁ ପାଢ଼ିର ସର୍ଦ୍ଦାର ହେଉଛି ତିଳ ସର୍ଦ୍ଦାର । ତିଳର ଏକ ମାତ୍ର କନ୍ୟା, ସୁଶ୍ରୀ ଚିନାମାଳୀ । ସବୁ ସମାଜର ବଡ଼ ସହିତ ବଡ଼ଲୋକର ସଂପର୍କ ଓ ସାଧାରଣ ବ୍ୟକ୍ତିର ସାଧାରଣ ସମ୍ବନ୍ଧ ଭଳି ତିଳ ସର୍ଦ୍ଦାରର ଝିଅ ଚିନାମାଳୀର, ସାଧୁ ସର୍ଦ୍ଦାରଙ୍କ ପୁଅ ସହିତ ମଧୁର ସମ୍ପର୍କ ରହିଛି । ସେମାନେ ମଧ୍ୟ ତା' ସହିତ ନାଚି ହସି ଖୁସିରେ ସମୟ କଟାଇଛନ୍ତି । ଭୀମା ଚିନାମାଳୀର ରୂପ, ଗୁଣ ପ୍ରତି ବିଶେଷ ଆକୃଷ୍ଟ ହୋଇଥିଲେ ମଧ୍ୟ ସାଧୁ ଓ ତିଳ ସର୍ଦ୍ଦାରଙ୍କର ନିଷ୍ପତ୍ତି ଅନୁସାରେ ବାଣାସୁର ସହିତ ଚିନାମାଳୀର ବିବାହ ହୁଏ । ଆଦିବାସୀ ବା ଭୂୟାଁ ସମାଜର ସାଥୀ ବାଛିବାରେ ସାଧୀନତା ଥିଲେ ମଧ୍ୟ ଏମାନେ ପିତାମାତାଙ୍କର ଅବାଧ୍ୟ ହୋଇ ନାହାନ୍ତି । ତିନୋଟି ମନର ଉଚ୍ଛଳ ତରଙ୍ଗ ଏକାକାର ହୋଇଥିଲା । ଭୀମାର ମନରେ କ୍ରୋଧ ଆଉ ବିଷାଦ ଭରିଛି, ଯାହା ପ୍ରକାଶ ପାଇନାହିଁ । ମନର କଥା ମନରେ ରଖି ସେ ଅପସରି ଯାଇଛି ଚିନାମାଳୀ ପ୍ରଣୟରୁ ।

ଏ ମଧ୍ୟରେ ରାଜା ଜଗଦେବ୍ ଭୀମାକୁ ତାଙ୍କର ଦେହରକ୍ଷୀ ଭାବେ ରଖିବା ପାଇଁ ଛାମୁଁ ପଟ୍ଟନାୟକଙ୍କୁ ପଠାଇଥିଲେ । ଛାମୁଁ ସାଧୁ ସର୍ଦ୍ଦାରଙ୍କୁ ରାଜାଙ୍କ ନିର୍ଦ୍ଦେଶ ଜଣାଇଥିଲେ । ତାକୁ ପଠାଇବାକୁ ସାଧୁର ଇଚ୍ଛା ନଥିଲେ ମଧ୍ୟ ରାଜାଙ୍କ ଆଦେଶ ଅମାନ୍ୟ କରି ପାରିନାହିଁ । ଭୀମା ଜଗଦେବଙ୍କ ରାଜ୍ୟରେ କିଛି ଦିନ ରହିଲା ।

ଇତି ମଧ୍ୟରେ ରାଜା ଜଗଦେବଙ୍କର ବେବର୍ତ୍ତା ତ୍ରିଲୋଚନ ମହାପାତ୍ରଙ୍କ ଯୋଗୁଁ ରାଜ୍ୟର ପ୍ରଜାମାନେ ଅତିଷ୍ଠ ହୋଇପଡ଼ିଲେ । ରାଜାଙ୍କ ବେବର୍ତ୍ତା ରାଜ୍ୟବାସୀଙ୍କ ପ୍ରତି ଅମାନୁଷିକ ଅତ୍ୟାଚାର ଚଳାଇଲେ । ରାଜା ସବୁ ଜାଣିଶୁଣି ନୀରବ ରହୁଥିଲେ । ଫଳରେ ଅରାଜକତା ବଢ଼ି ଚାଲିଲା । ଏପରିକି ପ୍ରତିବେଶୀ ରାଜା ହରିଚନ୍ଦନ ମର୍ଦ୍ଦରାଜଙ୍କ ପ୍ରଜାମାନେ ମଧ୍ୟ ବେବର୍ତ୍ତା ଦ୍ୱାରା ଅପମାନିତ ଓ ଉତ୍ପୀଡ଼ିତ ହେବାରୁ ଉଭୟ ରାଜାଙ୍କ ମଧ୍ୟରେ ସଂଘର୍ଷ ଦେଖାଦେଲା । ଏହି ବେବର୍ତ୍ତାର ଅତ୍ୟାଚାର ଯୋଗୁଁ ଭୀମା, ରାଜା ଜଗଦେବଙ୍କ ରାଜ୍ୟରେ ନରହି ପାଟରଙ୍ଗର ଖେମାର କରଣ ସହିତ ରାଜା ମର୍ଦ୍ଦରାଜଙ୍କ ରାଜ୍ୟକୁ ଚାଲିଆସିଲେ ଏବଂ କ୍ରମେ ଭୀମାର ଆନୁଗତ୍ୟ, ବ୍ୟବହାର ଗୁଣରେ ତଥା ଶାରୀରିକ ଶକ୍ତି ଦେଖି ରାଜା ତାକୁ 'ଦେବାନ୍' ପଦରେ ନିଯୁକ୍ତ କଲେ । ବିଶୋଇ ଚନ୍ଦ୍ରଶେଖର ପଟ୍ଟନାୟକ ମଧ୍ୟ ଜଗଦେବଙ୍କ ରାଜ୍ୟ ପରିତ୍ୟାଗ କରି ସପରିବାର ମର୍ଦ୍ଦରାଜଙ୍କର ଆଶ୍ରୟ ନେଲେ । ଇତି ମଧ୍ୟରେ ରାଜା ମର୍ଦ୍ଦରାଜ ଓ ରାଜା ଜଗଦେବଙ୍କ ମଧ୍ୟରେ ଯୁଦ୍ଧ ହୁଏ । ଭୀମାର ରଣ କୌଶଳ, ବୀରତ, ନିଜ ପକ୍ଷର ସୈନ୍ୟଙ୍କୁ ମଧ୍ୟ ବିସ୍ମିତ କଲା ଏବଂ ସେ ବେବର୍ତ୍ତାକୁ ପରାଜିତ କରି ତାଙ୍କ ସହିତ ବହୁ ସୈନ୍ୟଙ୍କୁ ବନ୍ଦୀ କରିବାରେ ସମର୍ଥ ହେଲା । ରାଜା ମର୍ଦ୍ଦରାଜ ଓ ରାଜା ଜଗଦେବଙ୍କ ମଧ୍ୟରେ ଯୁଦ୍ଧ ହୁଏ । ଭୀମାର ରଣ କୌଶଳ, ବୀରତ୍ୱ, ନିଜ ପକ୍ଷର ସୈନ୍ୟଙ୍କୁ ମଧ୍ୟ ବିସ୍ମିତ କଲା

ଏବଂ ସେ ବେବର୍ତ୍ତାଙ୍କୁ ପରାଜିତ କରି ତାଙ୍କ ସହିତ ବହୁ ସୈନ୍ୟଙ୍କୁ ବନ୍ଦୀ କରିବାରେ ସମର୍ଥ ହେଲା । ରାଜା ମର୍ଦ୍ଦରାଜ ଭୀମାର ରଣ କୌଶଳରେ ମୁଗ୍ଧ ହୋଇ ତାକୁ 'ରଣଜିତ ସିଂହ' ପଦ ଓ 'ଶାଢ଼ୀ' ଅର୍ପଣ କରି ସମ୍ମାନିତ କଲେ । ଫଳରେ ସେ ହେଲା ରାଜ୍ୟର ମୁଖ୍ୟ ସେନାପତି । ରାଜା ବେବର୍ତ୍ତାଙ୍କୁ ଶୁଳୀ ଦଣ୍ଡରେ ଦଣ୍ଡିତ କରାଗଲା ଏବଂ ବନ୍ଦୀ ସୈନ୍ୟମାନଙ୍କୁ ନିଜ ସୈନ୍ୟଙ୍କ ଦ୍ୱାରା, ଜଣେ ପାଞ୍ଚଜଣ ଶତ୍ରୁ ପକ୍ଷର ସୈନ୍ୟଙ୍କୁ ହତ୍ୟା କରିବାକୁ ଆଦେଶ ଦିଆଗଲା ।

ମାତ୍ର ଦୁଃଖଦ ଘଟଣା ଯେ ଜଗଦେବ ପକ୍ଷରେ ଯୋଗ ଦେଇ ଭୀମାର ପିତା 'ସାଧୁ ସର୍ଦ୍ଦାର' ଓ ଭାଇ 'ବାଣାସୁର' ମଧ୍ୟ ବନ୍ଦୀ ଥିଲେ । ତାର ପିତା ଭ୍ରାତାଙ୍କ ସହିତ ଆଉ ତିନି ଜଣ ଅର୍ଥାତ୍ ପାଞ୍ଚ ଜଣଙ୍କର ମୁଣ୍ଡ କାଟ ଦାୟିତ୍ୱ ଭୀମା ହାତରେ ପଡ଼ିଲା । ଭୀମା ସେମାନଙ୍କୁ ଚିହ୍ନିପାରି କାନ୍ଦିଲା ଏବଂ ହତ୍ୟା କରିବ କି ନାହିଁ ଦ୍ୱନ୍ଦ୍ୱରେ ପଡ଼ିଗଲା । ପିତା ଓ ଭାଇର ହତ୍ୟା କରିବା ତା ପକ୍ଷରେ ସମ୍ଭବ ହେଲା ନାହିଁ । ଏଣୁ ଆଉ ଦୁଇଜଣଙ୍କର ମୁଣ୍ଡକାଟି ରାଜାଙ୍କୁ ପାଞ୍ଚଟି ମୁଣ୍ଡ କାଟ କରିଥିବା କଥା ଜଣାଇଲା । ପିତା ଓ ବଡ଼ଭାଇ ତା ହାତରୁ ରକ୍ଷା ପାଇଲେ । ଭୀମା ପାରିବାରିକ ଧର୍ମ ପାଳନ କଲା । ଅନ୍ୟ କାହା ହାତରେ ମୁଣ୍ଡକାଟ ଅଧିକାର ପଡ଼ିଥିଲେ ସାଧୁ ସର୍ଦ୍ଦାର ଓ ବାଣାସୁରର ଜୀବନ ନାଟିକା ଶେଷ ହୋଇ ଯାଇଥାନ୍ତା ।

ଏଇଠୁ ଭୀମାର ଜୀବନ ମୋଡ଼ ନେଇଛି । ସେ ବୀରର ଗୌରବ ସମ୍ମାନ ପାଇଛି । ରାଜଜେମାର ପ୍ରଣୟରେ ଭୀମା ଆକର୍ଷିତ ହୋଇ ମଧ୍ୟ ସେ ପ୍ରେମମୟ ଜୀତେନ୍ଦ୍ରିୟ ପୁରୁଷର ମର୍ଯ୍ୟାଦା ରକ୍ଷା କରିଛି । ସଙ୍ଗଲିପ୍ସାରେ ପ୍ରଲୁବ୍ଧ ହୋଇ ନାହିଁ ବରଂ ଦୃଢ଼ ନୈତିକତାର ପରିଚୟ ଦେଇଛି । ତଥାପି ଆସିଛି ଭିନ୍ନ ବେଳା ।

କିଛି ଦିନ ବିତି ଯାଇଛି । ରାଜା ମର୍ଦ୍ଦରାଜ ହଠାତ୍ ଶାରୀରିକ ପୀଡ଼ାରେ ଶଯ୍ୟାଶାୟୀ ହେଲେ । ଅନେକ ବୈଦ୍ୟଙ୍କର ଚିକିତ୍ସା ବିଫଳ ହେଲା । ଶେଷରେ ଭୀମା ନିଜର ବୈଦ୍ୟ ପିତାଙ୍କୁ ଡକାଇ ରାଜ ଉଆସକୁ ନେଇ ଆସିଲା । ପିତାର ଚିକିତ୍ସାରେ ରାଜା ସୁସ୍ଥ ହେଲେ । ରାଜାଙ୍କର ଜୀବନ ରକ୍ଷା ହେତୁ ରାଜକନ୍ୟା 'ରାଜଜେମା' ଭୀମା ପ୍ରତି କୃତଜ୍ଞତା ଜ୍ଞାପନ ପୂର୍ବକ ଆକୃଷ୍ଟ ହେଲା । ଏହା ସ୍ୱାଭାବିକ । ଭୀମା ମଧ୍ୟ ରାଜାଙ୍କ ରୋଗ ଶଯ୍ୟାକୁ ଯିବା ଆସିବାର ଅବାଧ ପ୍ରବେଶ ସୁଯୋଗ ପାଇବା ହେତୁ ଉଭୟଙ୍କର ସମ୍ପର୍କ ନିକଟତର ହୋଇଛି । ଆଉ ହୋଇଛି ପରସ୍ପର ମଧୁର ନୟନ ମିଳନ । ମାତ୍ର ସଂଯମ ଓ ଶୃଙ୍ଖଳା ମଧ୍ୟରେ ପରସ୍ପର ଭଲ ପାଇବା ସୀମିତ ରହିଛି । ସେମାନଙ୍କର ଦିନରାତି ବିତିଛି କେବଳ ଦୀର୍ଘଶ୍ୱାସରେ । ମନ ପ୍ରାଣ ବିଚଳିତ ହୋଇଛି । ମନର ବାସନା ମନରେ ମରିଛି । ଯଦିଓ ପ୍ରଣୟ ବସନ୍ତ ହୃଦୟ ମନ୍ଦିରକୁ ରଙ୍ଗୀନ କରିଛି ଏ କଥା ନଅର ନିବାସୀ 'ଇନ୍ଦୁମତୀ' ବ୍ୟତୀତ କେହି ଜାଣି ନାହାନ୍ତି । ଏକ ଦିଗରେ ଯୌବନର ଜ୍ୱଳନ ସ୍ୱଚ୍ଛନ୍ଦର ନୈସର୍ଗିକ ପ୍ରେମର ଡେଣା ମେଲିଛି ତ ଅନ୍ୟ ପକ୍ଷରେ ଆଭିଜାତ୍ୟର ମେଘନାଦ ପ୍ରାଚୀର ଛିଡ଼ା ହୋଇଛି । ଉଭୟେ ପ୍ରଣୟ ଲିପ୍ସାରେ ଜର୍ଜରିତ । ଦିଗଭ୍ରଷ୍ଟ ପକ୍ଷୀ । ମନର ଡେଣା ମେଲି ଉଡ଼ିବାର ପ୍ରୟାସ କରି ମଧ୍ୟ ଓଟପକ୍ଷୀ ପରି ପ୍ରେମ ମରୁରେ ବିଚରଣ କରିବା ସାର ହୋଇଛି ।

ଏ ମଧ୍ୟରେ ଚହଳ ପଡ଼ିଲା ଯେ ବୈଦ୍ୟ ବୃଦ୍ଧ ହେଉଛନ୍ତି ସାଧୁ ସର୍ଦ୍ଦାର ଏବଂ ସେ ଓ ବାଣାସୁର ଜୀବିତ । ରାଜା ଓ ପ୍ରଜାମାନେ ବିସ୍ମିତ ହେଲେ । ଯେତେବେଳେ ସାଧୁ ସର୍ଦ୍ଦାର ରାଜାଙ୍କଠାରୁ ପୁରସ୍କାର ଗ୍ରହଣ କରିବାକୁ ଆସନ୍ତି ସେତେବେଳେ ରାଜାଙ୍କ 'ଖୁଣ୍ଟିଆ' ସାଧୁ ସର୍ଦ୍ଦାର ଓ ବାଣାସୁରକୁ ଚିହ୍ନାଇ ସତ୍ୟ ପ୍ରକାଶ କରେ । ଫଳରେ ଭୀମା ଉପରେ ଆସିଲା ବିପଦ । ରାଜାଙ୍କ ଆଦେଶ ଭୀମା ଅମାନ୍ୟ କରିଛି । ଏହା ଜାଣି ରାଜା ମର୍ଦ୍ଦରାଜ ଆଦେଶ ଦେଲେ ଯେ ସାଧୁ ସର୍ଦ୍ଦାର ଉପକାରୀ ବ୍ୟକ୍ତି ହୋଇଥିବାରୁ ତାଙ୍କର ମୁଣ୍ଡ କାଟ ହେବ ନାହିଁ । ପୁଣି ତାଙ୍କ ନିଜ ପାଇଁ ଗୋଟାଏ ପୁଅର ଆବଶ୍ୟକତା ରହିଛି । ଏଣୁ ବାଣାସୁର ବା ଭୀମା ମଧ୍ୟରୁ ଜଣଙ୍କର ମୃତ୍ୟୁ ଅନିବାର୍ଯ୍ୟ । ଏହା ମଧ୍ୟରେ କାହାକୁ ବୃଦ୍ଧ ବାଛିବେ ତାହା ତାଙ୍କ ଉପରେ ନିର୍ଭର କରେ । ରାଜା ଉପକାରୀର ଉପକାର ମଧ୍ୟ କରିବାକୁ ପ୍ରସ୍ତୁତ ହେଲେ । ମାତ୍ର ରାଜଦଣ୍ଡ ମଧ୍ୟ ନିଶ୍ଚିତ । ରାଜାଙ୍କ କଠୋର ଉଦାରତାର ଯୁଗପତ୍ ଦୃଷ୍ଟାନ୍ତ ସମସ୍ତଙ୍କ ପକ୍ଷରେ ବିସ୍ମୟର କାରଣ ହେଲା । ମାତ୍ର ରାଜାଙ୍କ ଆଦେଶ ଶିରୋଧାର୍ଯ୍ୟ ।

ବୃଦ୍ଧ ସାଧୁ ସର୍ଦ୍ଦାର ପକ୍ଷରେ କଠୋର ପରୀକ୍ଷା । ଏପରି ନିର୍ଦ୍ଦେଶରେ ବିଚଳିତ ହୋଇ ପଡ଼ିଲା ସେ । କାହକୁ ଛାଡ଼ିବ କାହାକୁ ବା ରଖିବ । ଏକ ମର୍ମଭେଦୀ ଘଟଣା ତ୍ରିଶଙ୍କୁ ଅବସ୍ଥା । ପୁତ୍ର ବିଚ୍ଛେଦରେ ଆକସ୍ମିକ ସଙ୍କଟ । ସେ ପୁତ୍ର ବିଚ୍ଛେଦ ଅନୁଭବ କରି ବ୍ୟାକୁଳ ହୋଇ କାନ୍ଦିଲା । ଭାବାବେଗରେ ଉଭୟ ପୁତ୍ରଙ୍କୁ ଆଲିଙ୍ଗନ କଲା । ଶେଷରେ ଭୀମା ଏହାର ସମାଧାନ କରି ଜହ୍ଲାଦ ଖଣ୍ଡାରେ ପ୍ରାଣ ଦେବା ପାଇଁ ପ୍ରସ୍ତୁତ ହେଲା । ଏବଂ କହିଲା ଯେତେବେଳେ ବାପା ଭାଇଙ୍କର ମୁଣ୍ଡ ରଖିଛି, ସେତେବେଳେ ଆପଣା ମୁଣ୍ଡ ପାଣି ଛଡ଼େଇ ଦେଇଛି । ମୋର ଆଉ ଜୀବନରେ ଲୋଭ ନାହିଁ । ଏଣୁ ମା ଠାକୁରାଣୀଙ୍କୁ ସ୍ମରଣ କରି ହତ୍ୟାକାରୀ ଜହ୍ଲାଦ ନିକଟରେ ଠିଆ ହେଲା । ଭୀମାର ଏ ତ୍ୟାଗ ଅତୁଳନୀୟ । ନିର୍ଭୀକ ପିତା ଭାଇଙ୍କର ମଙ୍ଗଳ ପାଇଁ ଆତ୍ମ ତ୍ୟାଗ ପାଇଁ ପ୍ରସ୍ତୁତ ହେଲା । ପିତାର ରକ୍ଷା ପୁତ୍ରର କର୍ତ୍ତବ୍ୟ ।

ଏଭଳି ଘଟଣା ସମଗ୍ର ଜନମନକୁ ଭୀଷଣଭାବେ ଆଲୋଡ଼ିତ କଲା । ଏ ଘଟଣା ରାମାୟଣ ଯୁଗର ପିତୃସତ୍ୟ ରକ୍ଷା ପାଳନ ଏବଂ ଭ୍ରାତୃପ୍ରେମ ଅନୁପମ ଆଦର୍ଶ ପୁଣିଥରେ ଦେଖିବାକୁ ମିଳିଲା ସାଧୁ ପରିବାରରେ । ଏହା ଏକ ଭାରତୀୟ ପରମ୍ପରା ଓ ଗୌରବପୂର୍ଣ୍ଣ ଆଦର୍ଶ । ନିଜର ପ୍ରାଣ ବିନିମୟରେ ଅନ୍ୟର ସୁଖ ସଂପାଦନ ହିଁ ଅରଣ୍ୟବାସୀର ହୋଇଛି ଧର୍ମ । ଏକଲବ୍ୟ ଜାତାର ତେଜ, ତ୍ୟାଗ ଆଉ ବୀରତ୍ୱର ଏକ ଜୀବନ୍ତ ମଶାଲ ହୋଇଛି ଭୀମା । ନିଃସ୍ୱାର୍ଥପର ଜୀବନର ପ୍ରତୀକ ।

ଇତି ମଧ୍ୟରେ ରାଜା ମର୍ଦ୍ଦରାଜଙ୍କର କନ୍ୟା 'ରାଜଜେମା' ଶୁଣିଛି ଭୀମାର ମୁଣ୍ଡ କାଟ ସମ୍ବାଦ । ଏଥିରେ ତାର ମନ ବିଚଳିତ ହୋଇଉଠିଲା । ପ୍ରେମିକର ମୃତ୍ୟୁ । ଗୋପନ ପ୍ରେମର ସ୍ରୋତସ୍ୱିନୀ କୂଳ ଲଂଘନ କଲା । ପିତୃ ଉପକାରୀ ସାଧୁର ବିକଳ କ୍ରନ୍ଦନ ଓ ପ୍ରେମିକ ଭୀମାର ପ୍ରାଣ ବିସର୍ଜନ ତାର ନାରୀ ପ୍ରାଣକୁ ଶତଧା ବିଦୀର୍ଣ୍ଣ କଲା । ଅବଶ୍ୟ ବାସ୍ତବ ପ୍ରେମ ଓ ମମତା ଠିକ୍ ସମୟରେ ଉନ୍ମୁକ୍ତ ହୋଇଉଠେ । ତାହା ବାଧା ବିଘ୍ନ ଅତିକ୍ରମ କରି ଅଲକ୍ଷ୍ୟରେ ପ୍ରକାଶ ପାଏ, ତାହାହିଁ ଘଟିଛି ରାଜଜେମାର ଜୀବନରେ । ପ୍ରଣୟ ପ୍ରଣୟିନୀ ଭାବେ ଦିନେ ପରସ୍ପର ପ୍ରତି ଆକୃଷ୍ଟ ହୋଇଥିଲେ ।

ଚାହାଣୀ ଚାହାଣୀରେ ହୋଇଥିଲା ପ୍ରେମ ବିନିମୟ । ଆଉ ଏ ହୃଦୟର କନ୍ଦରରେ ଡୋଳି ଥିଲା ଅସଂଖ୍ୟ ଢେଉ । ବିନିତ୍ର ରଜନୀ କଟିଛି । ଆକାଶ ପାତାଳ ଏକାକାର ହୋଇଛି ସୁନେଲୀ ସପ୍ନରେ । କିନ୍ତୁ ତାହା ସାକାର ହୋଇନି । ଆଭିଜାତ୍ୟ ହୋଇଛି ପ୍ରାଚୀର । ଯଦିଓ ତାହାରି ମଧ୍ୟରେ ପରସ୍ପରର ମାନସିକ ମିଳନ ହୋଇଛି । ଭୀମାର ପ୍ରାଣ ରକ୍ଷା ରାଜଜେମାଙ୍କର କର୍ତ୍ତବ୍ୟ ମନେ ହୋଇଛି । ଏଣୁ ହଠାତ୍ ରାଜଜେମା ରାଜଦରବାରରେ ଉପସ୍ଥିତ ହୋଇ ଉପକାରୀ ଭୀମାର ମୁଣ୍ଡ ରକ୍ଷା ପାଇଁ ପିତାଙ୍କୁ (ରାଜାଙ୍କୁ) ପ୍ରାର୍ଥନା କରିଛି । ଜେମାଙ୍କର ଅନୁରୋଧ ରକ୍ଷା କରି ରାଜା ଭୀମାର ମୁଣ୍ଡକାଟ ଆଦେଶ ସ୍ଥଗିତ ରଖିଲେ । ରାଜା କାହାର କିଛି ଦଣ୍ଡ ହେବ ନାହିଁ ବୋଲି ନିର୍ଦ୍ଦେଶ ଦେଲେ । ରାଜଜେମା, ପ୍ରଜାକୁଳର ଆନନ୍ଦର ସୀମା ଆକାଶ ଛୁଇଁଲା । ରାଜାଙ୍କର ରାଜକ୍ଷମାର ତୁଳନା ନାହିଁ ।

ଭୀମା ମଧ୍ୟ ମନେମନେ ରାଜକୁମାରୀଙ୍କର ଉଦାରତାରେ କୃତଜ୍ଞ ହୋଇ ଉଠିଛି । ରାଜା ମର୍ଦ୍ଦରାଜ ପ୍ରତିଶୋଧ ମନୋବୃତ୍ତି ପରିତ୍ୟାଗ କରି ନଅରକୁ ଆନନ୍ଦ ମୁଖରିତ କରିବାକୁ କହିଲେ । ରାଜଜେମା ଏବଂ ଅନ୍ତଃପୁରବାସିନୀମାନେ ଆମୋଦ ପ୍ରମୋଦରେ ନିମଜ୍ଜିତ ହେଲେ । ହେଲେ ରାଜଜେମାର ମନଗହନ କଥା ସଙ୍ଗିନୀ ରମା, ଇନ୍ଦୁମତୀ, ସଂଘାରିମା ବ୍ୟତୀତ ଆଉ କେହି ଜାଣି ନାହାନ୍ତି । କାରଣ ଭୀମା ସହିତ ରାଜଜେମାର ପ୍ରଣୟ ଗଭୀର ତଥା ଅନାବିଳ ହେଲେ ମଧ୍ୟ ପରସ୍ପର ସହିତ ବାର୍ତ୍ତାଳାପ ସମ୍ପନ୍ନ ହୋଇଛି । ଫଳରେ ପ୍ରଣୟର ଇନ୍ଦ୍ରଧନୁ ବାସ୍ତବ ରୂପ ନେଇ ପାରିନାହିଁ । ପ୍ରକାଶ୍ୟରେ କେହି କାହାକୁ ସ୍ୱାଗତ କରିପାରି ନାହାନ୍ତି । ରାଜଜେମାର ପ୍ରେମ ଆଭିଜାତ୍ୟର ଅନ୍ତରାଳରେ କ୍ରମେ ପାଣ୍ଡୁରତା ଲାଭ କରିଛି । ଅନ୍ୟଦିଗରେ ଭୀମା ପ୍ରଣୟ ଜ୍ୱଳନରେ ବିଚଳିତ । 'ଲଢ଼େଇ ହେଲେ ମୁଁ ମରିଯାଆନ୍ତି' (୧) । ତାର ଏହି ଉକ୍ତିରୁ ଅନୁମିତ ହୁଏ ତା ଜୀବନଟି ନିରାଶ ଓ ହତାଶମୟ ହୋଇଛି । ସେ ପ୍ରେମ କାଙ୍ଗାଳ । ସେ ଚିନାମାଳୀକୁ ହରେଇଛି, ସେପରି ରାଜଜେମାକୁ କାମନା କରି ହାତ ବଢ଼େଇ ନୀରବ ରହିଛି । ତାର ରକ୍ତ ମାଂସର ଦେହ ଚିତ୍କାର କରି ଆପେ ଆପେ ଶିଥିଳ ହୋଇ ଯାଇଛି ।

ପକ୍ଷାନ୍ତରେ ରାଜଜେମା ତାର ଗୋପନୀୟ ପ୍ରେମକୁ ଗୁପ୍ତ ରଖିଛି ନାରୀ ଲଜ୍ୟା ତଥା ରାଜ ଆଭିଜାତ୍ୟର ସମ୍ମାନବୋଧ ତଥା ବଂଶ ଗୌରବ ନଷ୍ଟ ନହେଉ ବୋଲି । ସେ ଦ୍ୱନ୍ଦ୍ୱର ସମ୍ମୁଖୀନ । ଅଥଚ ମୌନ ଆସଙ୍ଗ ଲିପ୍‌ସାରେ ଦିନ ରାତି ମର୍ମରିତ । ରାଜକୁମାରୀର ଅଶାନ୍ତ ଆତ୍ମା ହାହାକାର କରୁଛି । ସାହାସ ନାହିଁ ଖୋଲି କହିବା ପାଇଁ । ସେ ବଂଶର ସମ୍ମାନ ତଥା ରକ୍ଷଣଶୀଳତାକୁ କୁଠାରଘାତ କରି ପାରିନାହିଁ । ରାଜା ମର୍ଦ୍ଦରାଜ ଉଦାସୀନ । ମାତୃହୀନା ରାଜଜେମା ପିତାର ପ୍ରକୃତ ସ୍ନେହ ମମତାରୁ ବଞ୍ଚିତା । କାରଣ ରାଜା ରାଜକାର୍ଯ୍ୟରେ ସର୍ବଦା ବ୍ୟସ୍ତ ଥିଲେ । ଜେମାର ଜୀବନ ସଂସାର କଥା ଭାବିବାର ସମୟ ପାଇନାହିଁ । ରାଜାଙ୍କର ଏହା ଅକ୍ଷମଣୀୟ ଅପରାଧ । ଯେଉଁ ଭୀମାକୁ ସେ ପ୍ରାଣର ଦେବତା ବୋଲି ବାଛି ନେଇଛି, ସେ ପ୍ରଥମତଃ ଜଣେ ରାଜ କର୍ମଚାରୀ, ପୁଣି ସେ ଜଣେ ଅରଣ୍ୟବାସୀ । ଫଳରେ ପ୍ରଣୟ ଚେତନାରେ ଜର୍ଜରିତ ହୋଇଥିଲେ ମଧ୍ୟ ବ୍ରହ୍ମଚାରିଣୀ ବେଶରେ

ଯୌବନକୁ ତିଳ ତିଳ କରି ଜାଳି ଦେଇ ବୃନ୍ଦାବନରେ ସମୟ କଟାଇବାକୁ ଇଚ୍ଛା କଲା । ମନରେ କିନ୍ତୁ ଭୀମା ହିଁ ତାର ପ୍ରଣୟ ଦେବତା । ଏଣୁ ସେ ଭୀମାକୁ ତାର ପଥ ଅନୁସରଣ କରି ଚିର କୁମାର ରହିବାର ନିର୍ଦ୍ଦେଶ ଦେବା ପାଇଁ ପ୍ରସ୍ତୁତ ହୋଇଛି । କାରଣ ରାଜଜେମା ହିନ୍ଦୁର ବିଶ୍ୱାସ ନେଇ ଭାବିଛି ଯେ ଏ ଜନ୍ମରେ ନହେଲେ ପର ଜନ୍ମରେ ଉଭୟଙ୍କର ମିଳନ ହେବ । ସତେ କେଡ଼େ ସ୍ୱାର୍ଥପର ଜେମା । ପାର୍ବତୀ ପରି ଗଡ଼ ଭାଙ୍ଗି ପାରିଲା ନାହିଁ । ଏ ଯୁଗର 'ଡେସଡିମୋନା' ଇଂରାଜୀ ଯୁବତୀ ହୋଇ ପାରିଲା ନାହିଁ । ଜୀବନ ଗାଡ଼ିଆରେ ଉବୁଟୁବୁ ହୋଇଛି ମାତ୍ର । ପୁରୁଷକୁ ଏପରି ପରାମର୍ଶ ଦେବାର ସଂକଳ୍ପ ବିଚିତ୍ର । ନାରୀ ସିନା ପୁରୁଷକୁ ଅନୁସରଣ କରେ, ମାତ୍ର ପୁରୁଷ ନାରୀକୁ ଅନୁସରଣ କରେ ନାହିଁ । ସେ ପୁଣି ଆଦିବାସୀ । ତାର ତ୍ୟାଗ ବରଂ ପ୍ରଶଂସନୀୟ । ତାର ତ୍ୟାଗ ବରଂ ପ୍ରଶଂସନୀୟ । ମାତ୍ର ଜେମା, ମୁଣ୍ଡରକ୍ଷା କରି ଉପକାରୀର ଉପକାର କଲ କିନ୍ତୁ ଆଭିଜାତ୍ୟର ଶିକାର ହୋଇ ପତିପ୍ରାଣାମୃକୁ ଠୁକୁରେଇ ଦେଲା, ଫଳରେ ରାଜଜେମାର ଅନୁରୋଧରେ ଭୀମା ରଣଜୀତ ଶାଢ଼ୀ ସହିତ ଦରବାରକୁ ଆସିଲା ଏବଂ ରଣଜୀତ ଶାଢ଼ୀ ପ୍ରତ୍ୟାର୍ପଣ କରି ରାଜ ଦରବାରରୁ ବିଦାୟ ନେଲା । ରାଜା ସମେତ ନଅରବାସୀ ବିସ୍ମିତ ହୋଇ ଉଠିଲେ । ଠିକ୍ ଏତିକିବେଳେ ରାଜଜେମା ତାଙ୍କର ମଥାମଣି କାଢ଼ିଦେଇ ଭୀମାକୁ ସ୍ୱର୍ଗୀୟପ୍ରେମ ଅର୍ଥାତ୍ ନିର୍ମଳ ପ୍ରେମର ପ୍ରତୀକ ସ୍ୱରୂପ ଉପହାର ଦେଲା । ଭୀମା ସେହି ମଥାମଣିକୁ ନିଜମୁଣ୍ଡରେ ଛୁଆଁଇ ଦେଲା ଅତି ଆଦରରେ । କାହାରିକୁ ଆଉ ଅଛପା ରହିଲା ନାହିଁ ଯେ ଏମାନେ ପରସ୍ପରକୁ ଭଲ ପାନ୍ତି । ଏହି ଆଚରଣ ସ୍ପଷ୍ଟ କରିଦେଲା । ଭୀମା ଚାହିଁଥିଲେ ନିଜ ସାମାଜିକ ପରମ୍ପରା ଅନୁସାରେ ଚିନାମାଳୀକୁ ଉଦୁଲିଆ ନେଇ ପାରିଥାନ୍ତା । ରାଜଜେମାକୁ ରମା ଓ ଇନ୍ଦୁମତୀଙ୍କ ଇଙ୍ଗିତରେ ପ୍ରଣୟ ଲିପ୍ତ କରିଥାନ୍ତା । ସବୁ ଠିକ୍ । ମାତ୍ର ମାନବିକ ସଂଯମ ରକ୍ଷାକରି ସେ ସାମାଜିକ ମୂଲ୍ୟବୋଧକୁ ଜଳାଞ୍ଜଳି ଦେଇନାହିଁ । ବୀର ବଣୁଆ ଆଦିବାସୀ, ତାର ଧୈର୍ଯ୍ୟ ହେତୁ ସମସ୍ତଙ୍କର ହୋଇଛି ଶ୍ରଦ୍ଧାବାନ୍ । ସେ ମର୍ଯ୍ୟାଦାବନ୍ତ ପୁରୁଷ । ପରିସ୍ଥିତିକୁ ସମ୍ଭାଳି ନେଇଛି । ଏଠାରେ ପ୍ରଣୟକୁ ବ୍ୟାକୁଳ ଉନ୍ମାଦନାର ବହୁ ଉର୍ଦ୍ଧ୍ୱକୁ ଉନ୍ନୀତ କରାଇ ଲେଖକ ମାନସ ରାଜ୍ୟର ଏକ ଉଚ୍ଚାଙ୍ଗ କ୍ଲାସିକ୍ ପ୍ରେମର ଆଦର୍ଶ ପ୍ରତିଷ୍ଠା କଲେ ସିନା ଆଭିଜାତ୍ୟ ଆଳରେ, ମାନବୀୟ ପ୍ରେମକୁ ଆଥେଲୋ-ଡେସଡିମୋନାର ରୂପ ଦେଇ ପାରିଲେ ନାହିଁ । ଫଳରେ ଭୀମା ଓ ରାଜଜେମା ଦେବାଦେବୀରେ ପରିଣତ ହୋଇ 'କେଦାର-ଗୌରୀ' ହୋଇ ଦେଇପାରିଲେ ନାହିଁ । ସେକ୍ସପିଅରଙ୍କ ଆଥେଲୋ ଓ ଡେସ୍‌ଡିମୋନା ପରି ବୀରତ୍ୱ ଓ ସୌନ୍ଦର୍ଯ୍ୟର ମୂର୍ତ୍ତିମନ୍ତ ପ୍ରଣୟ-ପ୍ରଣୟିନୀ ରୂପେ ଦେଇଥିଲେ ଲେଖକ ବୈପ୍ଳବିକ ଆଧୁନିକ ସମାଜର ଧନ୍ୟବାଦର ପାତ୍ର ହୋଇଥାନ୍ତେ । କିନ୍ତୁ ପରମ୍ପରାର ପ୍ରତିବନ୍ଧକକୁ ଭାଙ୍ଗି ନପାରି ଆର ପାରିର ମିଳନରେ ଆଶାୟୀ ହେଲେ । ମାତ୍ର ବାସ୍ତବତାକୁ ଲେଖକ ହିଁ ସମ୍ଭବ କରିଥାଏ । ଏଇଠି ଔପନ୍ୟାସିକ ସେମାନଙ୍କ ମଧ୍ୟରେ ପ୍ରାଚୀର ଭାବେ ଠିଆ କରାଇଲେ ଆଭିଜାତ୍ୟ, ବଂଶଗୌରବ, ଉଚ୍ଚନୀଚ ଭେଦଭାବ, ଆଉ ରାଜା ପ୍ରଜାର ସମ୍ପର୍କ । କେବଳ ପ୍ରେମର ଫଲଗୁ ଧାରାର ପ୍ରବାହ ସ୍ରୋତସ୍ୱିନୀ ପରି ସ୍ୱଚ୍ଛ ଓ ପବିତ୍ର ହେଲେ ମଧ୍ୟ ଉଭୟଙ୍କ ଜୀବନ ପକ୍ଷୀ ମିଳନରେ ହାହାକାର କରିଛି । କରୁଣ ହୋଇଛି ପଣୟ-ପ୍ରଣୟିନୀଙ୍କର ଜୀବନ ଯାତ୍ରା ।

ଶେଷରେ ପରିଣତ ବୟସରେ ଭୀମା ଓ ଜେମାର ସାକ୍ଷାତ୍ ହୋଇଛି । ଯେଉଁ ରଣଜୀତ ସିଂହ ପଦ ଓ ଶାଢ଼ୀ, ବିଜୟୀ ବୀରର ସନ୍ତକ ହୋଇ ରହିଲା, ତାହା ପୁଣି ଫେରି ପାଇଲା ଭୀମା ଜିତେନ୍ଦ୍ରିୟତାର ସନ୍ତକ ରୂପେ । ବୀରତ୍ୱ ତଥା ପ୍ରେମିକତ୍ୱ ଉଭୟ ଭୀମା ଜୀବନରେ ଆଦର୍ଶ ଓ ତ୍ୟାଗର ଚିରନ୍ତନ । ଚାରିତ୍ରିକ ମଶାଲ ଏବଂ ରାଜଜେମା ମଧ୍ୟ ସନ୍ନ୍ୟାସିନୀ ଜୀବନଯାପନ କରି ମୂର୍ତ୍ତିମନ୍ତ ଦେବୀ ଭାବରେ ଭୀମା ଆଗରେ ଉପସ୍ଥିତ ହେଲେ । ଉଭୟେ ତ୍ୟାଗର ଗୌରବାନ୍ୱିତ । ମାତ୍ର ଦେହତ୍ୟାଗ କରି ନାହାଁନ୍ତି । ବାସ୍ତବରେ "କେହି ଚୋର ବା ସାଧୁ ଭାବରେ ଜନ୍ମ ଗ୍ରହଣ କରିନାହିଁ ପରିବେଶରେ ହିଁ ବ୍ୟକ୍ତିର ଚରିତ୍ର ଗଢ଼ି ଉଠେ (୨) ।" ଲେଖକ ଲେଖନୀରେ କେହି ହୁଏତ ଜୀବନ୍ତ କୁଳ ଲଙ୍ଘନ କରେ ପୁଣି କେହି ଇଂଲଣ୍ଡର 'ଅଷ୍ଟମ ଏଡ୍‌ୱାର୍ଡ଼' ପରି ରାଜଗାଦି ଛାଡ଼ି ପ୍ରେମିକା ସିମ୍ପସନର ବାହୁ ବନ୍ଧନରେ ଜୀବନକୁ ମଧୁମୟ କରି ତୋଳେ (୩) । କାରଣ ଏଥିରେ ଅଛି ଜୀବନର ସ୍ୱାଦ । ଏଇଠି ଆଭିଜାତ୍ୟ, ଦାରିଦ୍ର୍ୟ, ପଦ, ଜାତି କେବଳ ସମୟର ବୁଝାମଣା ମାତ୍ର ।

ସେ ଯାହା ହେଉ ଉପନ୍ୟାସଟି ଯେପରି ରୋମାଞ୍ଚକର, ଆବେଗପୂର୍ଣ୍ଣ ଓ ଉତ୍କଣ୍ଠାଭରା ସେପରି ପରିଣତିରେ ଉଦାସ, କରୁଣ, ବ୍ୟଥାଭରା । ସ୍ୱର୍ଗୀୟ ଗୋପାଳ ବଲ୍ଲଭ ଦାସଙ୍କର ଏହା ଏକ ସାର୍ଥକ ଆଞ୍ଚଳିକ ଉପନ୍ୟାସ । ଆଦିବାସୀ ସମାଜ ସଂସ୍କୃତି ତଥା ବ୍ୟକ୍ତି ଓ ଭାରତୀୟ ପରମ୍ପରାର ଆଦର୍ଶ, ଆଚାର ଓ ସହନଶୀଳତା ଉଚ୍ଚସ୍ଥାନ ଦେଇ ଆଦିବାସୀ, ଅଣଆଦିବାସୀଙ୍କ ମଧ୍ୟରେ ସେବା, ତ୍ୟାଗର ଭାବ ଆଣିଛନ୍ତି, ତାହାହିଁ ପ୍ରାଣରେ ସମ୍ବେଦନଶୀଳତା ସୃଷ୍ଟି କରେ । ଏଣୁ ଏହାକୁ ଏକ କାଳଜୟୀ ଗଦ୍ୟ କାବ୍ୟ କହିବାରେ କୁଣ୍ଠିତ ହେବାର ନାହିଁ । ଉପନ୍ୟାସଟି ସରସ ଓ ମନୋଜ୍ଞ ହୋଇ ଆଦିବାସୀ ମାନଙ୍କ ସାମାଜିକ ଜୀବନର ସ୍ଥିତିକୁ ପ୍ରକଟିତ କରିଛି ମଧ୍ୟ"(୪) । କିନ୍ତୁ ଭୀମା ଭୂୟାଁ ଗୋଟାଏ ଦୁଃଖାନ୍ତ ଉପନ୍ୟାସ । ଭୀମା ହିଁ ସମଗ୍ର ଉପନ୍ୟାସର ଗୋଟାଏ ବିଶ୍ୱାସର ପୁରୁଷ । ନିରାଶବାଦର ଚରମ ପରୀକ୍ଷା ମଧ୍ୟରେ ତାର ଜୀବନ ଗତି କରିଛି । 'ଚିନାମାଳୀ'କୁ ହରାଇ ସେ ରାଜ୍ୟ ତଥା ପରିବାର ତ୍ୟାଗ କରିଥିଲା । ଆଉ ରାଜଜେମାକୁ ଛାଡ଼ି ସୃଷ୍ଟିଛଡ଼ା ହୋଇଛି । ହତଭାଗାଟିଏ ।

ଉପନ୍ୟାସରେ ନାୟକ ଭୀମା ଦେବତା ନୁହେଁ ମଣିଷ । ତାର ରାଗ ଅଛି, ପ୍ରତିହିଂସା ଅଛି, ପ୍ରେମର ନିଜ୍ଜକ ଦୃଷ୍ଟିକୋଣ ପୁଣି ସାମାଜିକ ମୂଲ୍ୟବୋଧ ମଧ୍ୟ ଅଛି । ତାର ସରଳତାର ଉଦାହରଣ ଓ ମାନବିକତା ତା ଜୀବନକୁ କ୍ଷତବିକ୍ଷତ କରିବାରେ ପ୍ରଧାନ ଉପାଦାନ ହୋଇଛି । ଏ ଦୃଷ୍ଟିରୁ ବିଚାର କଲେ ଭୀମା ପରି ନାୟକ ଏବେ ମଧ୍ୟ ଉପନ୍ୟାସର ଜଗତରେ ବିରଳ (୫) । ବାସ୍ତବରେ ଭୀମାହିଁ ଆଦିବାସୀ ସମାଜର ଏକ ଆଦର୍ଶ ତଥା ଦୁର୍ଲ୍ଲଭ ଚରିତ୍ର । ଲେଖକ ତାକୁ ତ୍ୟାଗ, ସେବା ଓ ବୀରତ୍ୱର ମୂର୍ତ୍ତିମନ୍ତ ପୁରୁଷ ରୂପରେ ଠିଆ କରାଇ ଆଶ୍ୱସ୍ତ ହୋଇଛନ୍ତି ।

**(ଖ) ଭୀମାର ଚରିତ୍ର:-**

ଭୀମା ଭୂୟାଁ ଉପନ୍ୟାସରେ ହେଉଛି ମୁଖ୍ୟ ପୁରୁଷ ଚରିତ୍ର । ଔପନ୍ୟାସିକ ଗୋପାଳ ବଲ୍ଲଭ ଦାସ ଉକ୍ତ ଚରିତ୍ରକୁ ଆଦିବାସୀ ସମାଜର ଆଦର୍ଶ ଚରିତ୍ର ଭାବେ ରୂପାୟିତ କରିଛନ୍ତି । ଭୂୟାଁ ପୀଢ଼ିର ସାଧୁ ସର୍ଦ୍ଦାରର ସାନପୁଅ ଭୀମା ଓ ବଡ଼ ପୁଅ ବାଣାସୁର । 'ଦିହେଁ ଯୁବ ଗନ୍ଧର୍ବ ମୂର୍ତ୍ତି' ଏବଂ ମହା ଧନୁର୍ଦ୍ଧର ଥିଲେ । ସାଧରଣତଃ ପାହାଡ଼ି ଭୂୟାଁମାନେ ବଣ ପାହାଡ଼ରେ ଘରକରି ରହନ୍ତି ।

ଆମେ ଚାରି ଶ୍ରେଣୀର ଆଦିବାସୀ ଭୂୟାଁ ଦେଖିବାକୁ ପାଉ । ଦେଶି ବା ପାହାଡ଼ି, ରାଜକୁଳୀ, ରଂତାଳି ଓ ପବନସ୍ । ଭୀମା ପାହାଡ଼ି ଭୂୟାଁ ଗୋଷ୍ଠୀର ଯୁବକ । ଲେଖକଙ୍କ ଭାଷାରେ "ଯୁବକ ର ବୃଷକନ୍ଧ, ବିଶାଳ ବକ୍ଷ କରୀକର ପରି କରଯୁଗଳ, ମଲ୍ଲମର୍ଦ୍ଦନ ଘନଜଘନ । ସ୍ଥୁଳଶତ ଶାଳ ଗଜା ଜିଣି ଯୁବକ ରୂପ ମାଧୁରୀ " (୬) । କେବଳ ସେତିକି ନୁହେଁ ସେ ନାଚ ଗୀତ ସବୁଥିରେ ଥିଲା ପାରଙ୍ଗମ । ଦୁଇଭାଇ ଅନ୍ୟ ଭୂୟାଁ ପୀଢ଼ିରେ ତିଳ ସର୍ଦ୍ଦାରଙ୍କର ଝିଅ ଚିନାମାଳୀକୁ ରସେଇଥିଲେ ଏବଂ ତା' ସହିତ ହସଖୁସିରେ ନାଚଗୀତରେ ଭସାଇ ଥିଲେ । ତନୁ ସୁନ୍ଦରୀ ଚିନାମାଳୀ ମଧ୍ୟ ସେମାନଙ୍କୁ ଦୁଇଟି ଆଖିର ପିତୁଳା ମନେ କରି ନଚେଇଥିଲା । 'ମାଘ ଘୋଡ଼ା' ପର୍ବଦିନ ପ୍ରଚାର ହେଲା ଯେ ଭୀମା ଚିନାମାଳୀକୁ ବାହାହେବ । ସେ ବି ଆଶା କରିଥିଲା ଚିନାମାଳୀକୁ ବାହାହେଲେ ତିଳ ସର୍ଦ୍ଦାରଙ୍କ ସରଦାରୀ ପାଇବ । ତାର ଭାଗ୍ୟ ଜାଗି ଉଠିବ ।

ତିଳ ସର୍ଦ୍ଦାର ଓ ସାଧୁ ସର୍ଦ୍ଦାର ସେମାନଙ୍କର ଗତି ବିଧିକୁ ଲକ୍ଷ୍ୟ କରୁଥିଲେ । ତିଳ ଆଖିରେ ବି ସେ ଦୁହେଁ ସମାନ । ସାଧୁ ମଧ୍ୟ କିଛି ସ୍ଥିର କରିପାରୁ ନଥିଲା । କିନ୍ତୁ ଭୂୟାଁଣୀ 'ହଂସୀ' କହିଲା ଯେ, "ରାଜାକି ବଡ଼କୁ ଛାଡ଼ି ସରଦାରୀ ଦେବେ । ବଡ଼ ଥାଉଁ କି ସାନ ଆଗେ ବାହା ହେବ ?(୭)" ସାଧୁର ମନକୁ ମଧ୍ୟ ଏକଥା ପାଇଲା । ଫଳରେ ଚିନାମାଳୀ ସହିତ ବାଣାସୁରର ବାହାହେବା ସାଧୁ ସ୍ଥିର କଲେ ଏବଂ ମାଘ ପୋଡ଼ା ପର୍ବରେ ଉଭୟଙ୍କର ବିବାହ ସମ୍ପାଦିତ ହେଲା । ଆଦିବାସୀ ସମାଜରେ ମନଲାଖି ବର ବା କନ୍ୟା ବାଛିବା ଅଧିକାର୍ର ଧାଙ୍ଗଡ଼ାଙ୍କର ଥିଲେ ମଧ୍ୟ ପରିବାରର ଗୁରୁଜନଙ୍କ ଗୁରୁତ୍ୱ ରହିଛି । ଏଣୁ ଚିନାମାଳୀର କୌଣସି ଆପତ୍ତି ନଥିବାରୁ ବାଣା ସହିତ ବିବାହ ହେଲା । ଏହି ବିବାହରେ ଭୀମା ଗଭୀର ଭାବେ ଆଘାତ ପାଇଥିଲେ ମଧ୍ୟ ମୁହଁ ଫିଟାଇ ନାହିଁ, ତାର ପାରିବାରିକ ସମ୍ମାନବୋଧ ଓ ଭାଇପ୍ରତି ମୁହଁ ଏଡ଼ିପାରି ନାହିଁ । ଯେତେବେଳେ ସାଙ୍ଗୀ ରାମ, ଭାଇ ମରିଗଲେ ଚିନାମାଳୀକୁ ଦ୍ୱିତୀୟ ହେବୁ ବୋଲି କହିଛି, ସେତେବେଳେ ବିରୋଧ କରି ଭୀମା କହିଛି ଯେ "ଦୁତୀୟା ହେବୁ ବୋଲି ଭାଇଟା ମରୀଯାଉ । କାହିଁକି ମୁ ମରିଗଲେ" (୮) । ଏହା କହି ତାକୁ ରାଡ଼, ଚଣ୍ଡାଳ ବୋଲି ଗାଳି ଦେଇଛି । ଏଥିରୁ ଏକ ଭାଇ ପ୍ରତି ତାର କେତେ ଶ୍ରଦ୍ଧା ଓ ସମ୍ମାନ ସ୍ପଷ୍ଟ । ସେ ଭାଇର ସ୍ୱାର୍ଥରେ, ଆନନ୍ଦରେ ବାଧା ଦେଇ ନାହିଁ ଭ୍ରାତୃ ପ୍ରେମର ବାସ୍ତବ ଆଦର୍ଶରେ ପ୍ରତିବନ୍ଧକ ହେବାକୁ ଚାହିଁନାହିଁ ବରଂ ନିଜର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଦୂରେଇ ରହିବାକୁ ଇଚ୍ଛା କରିଛି ।

ଅବଶ୍ୟ ଉକ୍ତ ବିବାହ ପରେ ସେ ଅନ୍ୟମନସ୍କ ରହି ପୂର୍ବ ପରି "ଚାଙ୍ଗୁ ବଜାଇ ନାହିଁ କି, ନାଚିନାହିଁ, ଏପରିକି ଭଙ୍ଗା ତାଳ ଭଙ୍ଗା" ଗୀତ ଗାଇ ଧାଙ୍ଗଡ଼ିଙ୍କ ମେଳରେ ମିଶିନାହିଁ । ମାନସିକ ଯନ୍ତ୍ରଣାର ଶିକାର ହୋଇଛି । ଇତି ମଧ୍ୟରେ ରାଜା ଜଗଦେବଙ୍କର ରାଜଦରବାରରୁ 'ଛାମୁ ପଟ୍ଟନାୟକ' ଭୂୟାଁ ପଲ୍ଲୀକୁ ଆସନ୍ତି । ସାଧୁ ସର୍ଦ୍ଦାର, ଭୀମା, ରାମା, ଏପରିକି ପୁତ୍ର, ବଧୂ ଚିନାମାଳୀ ଆଦି ଆଦିବାସୀମାନେ ଗ୍ରାମର 'ଭୂୟାଁ ମଣ୍ଡପ'ରେ ଅଭ୍ୟର୍ଥନା ଜଣାଇଛନ୍ତି । ଏହାପରେ ପରେ ଛାମୁଁ ପଟ୍ଟନାୟକ ରାଜାଙ୍କ ଇଚ୍ଛା ପ୍ରକାଶ କରି ସାଧୁକୁ କହିଲେ ତାଙ୍କ ପୁଅମାନଙ୍କ ମଧ୍ୟରୁ ଜଣକୁ ପାଖରେ ରଖିବାକୁ ଚାହାନ୍ତି ।' ସାଧୁ ସର୍ଦ୍ଦାର ଅନିଚ୍ଛା ପ୍ରକାଶ କଲେ । ପୁଣି ଛାମୁଁଙ୍କର ଆଜ୍ଞା ରଖିବାକୁ ସାଧୁକୁ ଅନୁରୋଧ କଲା । ଭୀମା ଏଥିରେ ରାଜି ହେଲା । ତାକୁ ସାଙ୍ଗରେ ନେଇ ବିଦାୟ ନେଲେ । ଭୀମା

ଚାଲି ଗଲେ ମଧ୍ୟ ଚିନାମାଳୀର ସ୍ମୃତି ତା' ମନରୁ ଯାଇନାହିଁ । ଅବଶ୍ୟ ଏହା ସତ୍ୟ ଯେ ଦୂରରେ ରହିବା ଫଳରେ ତାର ଉତ୍ତେଜନା ଓ ଭାବ ପ୍ରବଣତା ପ୍ରଶମିତ ହେଲା । ସେ ବରଂ ଘରେ ରହିଥିଲେ ଅଘଟଣ ଘଟିଯାଇ ପାରିଥାନ୍ତା ।

ଭୀମା ଗ୍ରାମ୍ୟ ପରିବେଶରେ ରହି ଧାଙ୍ଗଡ଼ା ଧାଙ୍ଗଡ଼ୀଙ୍କ ସହିତ ମିଶି ସମୟର ଅପଚୟ କରିଥିଲା । କିନ୍ତୁ ଛାମୁଁ ପଟ୍ଟନାୟକଙ୍କ ସହିତ ଆସିବା ଫଳରେ ତାର ଶକ୍ତି ସାମର୍ଥ୍ୟ ଭିନ୍ନ ରୂପ ନେଲା । ବାସ୍ତବରେ ଅବହେଳିତ ଆଦିବାସୀ ଯେତେବେଳେ ଅଣ ଆଦିବାସୀ ସହ ମିଳିତ ହୁଏ ସେତେବେଳେ ତାର ଶକ୍ତି ପୌରୁଷ ଏକ ଭିନ୍ନ ରୂପରେ ଦେଖାଦିଏ । ତାହା ହିଁ ଘଟିଛି ଭୀମାର ପରବର୍ତ୍ତୀ ଜୀବନରେ । ଏଦିଗରେ ଲେଖକ ଛାମୁଁ ପଟ୍ଟନାୟକ ମାଧ୍ୟମରେ ଭୀମା ପରି ବ୍ୟକ୍ତିତ୍ୱକୁ ଚିହ୍ନିବାର ସୁଯୋଗ ନେଇଛନ୍ତି ।

ଜଗଦେବଙ୍କ ରାଜ୍ୟରେ ଭୀମା ନରହି ପାଗରଂଗା ଗାଁର ଖେମାର କରଣଙ୍କ କତିରେ ରହିଲା ଏବଂ 'ନଅର ବିଶୋଇଙ୍କୁ' ବେବର୍ତ୍ତା ତ୍ରିଲୋଚନ ମହାପାତ୍ର ଅପମାନିତ ଓ ଉତ୍ପୀଡ଼ିତ କରିବାରୁ ପଡ଼ୋଶୀ ରାଜ୍ୟର ରାଜା ହରିଚନ୍ଦନ ମର୍ଦ୍ଦରାଜଙ୍କ ପାଖରେ ଆଶ୍ରୟ ନେଲା ଏଣୁ ଭୀମା ମଧ୍ୟ ତାଙ୍କ ସାଙ୍ଗରେ ଚାଲି ଆସି ନିଜର ଆନୁଗତ୍ୟ ଓ ସାମର୍ଥ୍ୟ ଯୋଗୁଁ ଉକ୍ତ ରାଜ୍ୟର ଦେଓ୍ୱାନ ଓ ରାଜାଙ୍କ ଦୃଷ୍ଟି ଆକର୍ଷଣ କଲା । ସେ ରାଜାଙ୍କର ଜଣେ ବିଶ୍ୱସ୍ତ କର୍ମଚାରୀ ଭାବରେ ରହିଲା ଏବଂ ଉପଯୁକ୍ତ କାର୍ଯ୍ୟ କରିବାକୁ ଉପରକୁ ଉଠୁ ଉଠୁ ଦିନେ 'ରଣଜିତ ପଦ' ଓ 'ଶାଢ଼ି' ଲାଭ କଲା ସେନାପତି ପଦ ଅଳଂକୃତ କଲା । ଏକଥା ସେ ପିତା ସାଧୁ ଆଗରେ ପ୍ରକାଶ କରିଛି । ଇତି ମଧ୍ୟରେ ଜଗଦେବ ଓ ରାଜା ମର୍ଦ୍ଦରାଜଙ୍କ ମଧ୍ୟରେ ସଂଘର୍ଷ ଘଟେ । ଜଗଦେବଙ୍କର ଚଳନ୍ତି ପ୍ରତିମା ବେବର୍ତ୍ତା, ମର୍ଦ୍ଦରାଜାଙ୍କର ସୈନ୍ୟ ବିରୁଦ୍ଧରେ ଯୁଦ୍ଧ କରି ଭୀମା ହାତରେ ବନ୍ଦୀ ହେଲା ଏବଂ ତାର ସମସ୍ତ ସୈନ୍ୟମାନେ ମଧ୍ୟ ବନ୍ଦୀ ହେଲେ । ଭୀମା ବୀରତ୍ୱ ଓ ସଂଗ୍ରାମ କୌଶଳ ଯୋଗୁଁ ମର୍ଦ୍ଦରାଜଙ୍କର ବିଜୟ ହେଲା । ସମସ୍ତେ ତାକୁ ପ୍ରଶଂସା କଲେ । ଦୁଷ୍ଟ ବେବର୍ତ୍ତା ମଧ୍ୟ ମୁଁ ଅନେକଙ୍କର ସାଙ୍ଗରେ ଜୁଝିଛି କିନ୍ତୁ ଏପରି ସୁଚତୁର କ୍ଷିପ୍ରହସ୍ତ ସୁବୀରର କେବେଭେଟ ପଡ଼ିନାହିଁ"(୯) ବୋଲି ପ୍ରଶଂସା କରିଥିଲା ।

ଭୀମା ତାର ପ୍ରଶଂସା ଅନ୍ୟ ମୁହଁରୁ ଶୁଣିଛି । ରାଜାଙ୍କର ଅନୁଗ୍ରହର ପାତ୍ର ହୋଇଥିବା ମଧ୍ୟ ଶୁଣିଛି । ତଥାପି ତା ମନରେ ଗର୍ବ ବା ଅହଙ୍କାର ଆସିନାହିଁ । ସେ ଜାତିରେ ଭୂୟାଁ । 'ଚାଟି' ହୋଇ 'ଛାଟ' ପାଇନାହିଁ ଅର୍ଥାତ୍ ସେ ନିରକ୍ଷର । ପୂର୍ଣ୍ଣ ଯୁବକତ୍ୱ ଲାଭ କରିଛି । ସେ ବଳୁଆ, ଲଢୁଆ ଆଦିବାସୀଟିଏ ।

ସେ ଖୁସୀରେ ପ୍ରଚୁର ମଦ ପିଇଥିଲେ ମଧ୍ୟ ତାଠାରେ ମଦୁଆଙ୍କ ରଙ୍ଗଢଙ୍ଗ ଦେଖାଯାଉ ନଥିଲା । ସେ ଧୀର, ଅଚଞ୍ଚଳ, ନିର୍ବିକାର । ରାଜାଙ୍କ ଆଜ୍ଞା ଥିଲା ଯେ, ତାଙ୍କର ଜଣେ ସୈନିକ, ଶତ୍ରୁ ପକ୍ଷର ପାଞ୍ଚଜଣ ସୈନ୍ୟଙ୍କର ମୁଣ୍ଡ କାଟ କରିବ । ସେ ମୁଣ୍ଡ କାଟ ନକରିବ ତାର ମୁଣ୍ଡ କାଟ ହେବ । ଭୀମା ଉପରେ ପାଞ୍ଚଜଣଙ୍କ ମୁଣ୍ଡକାଟିବାର ଭାଗ କରିବାର ଭାଗ ପଡ଼ିଥିଲା । ଏହା ପୂର୍ବରୁ 'ରଣଜିତ ପଦ' ଓ 'ରାଜ ଶାଢ଼ୀ' (ପଗଡ଼ି) ଦ୍ୱାରା ଭୀମା ଅଳଂକୃତ ହୋଇ ମୁଖ୍ୟ ସେନାପତି ଭାବରେ ସମ୍ମାନିତ ହୋଇ ସାରିଥିଲା, ତଥାପି ଭୀମା ଭୂୟାଁ, ଭୂୟାଁ ହିଁ ହୋଇ ରହିଛି । ଜାତିଗତ ସରଳତା, ତାଠାରେ ଜୀଇଁ ରହିଛି । ବଡ଼ ଲୋକ ହୋଇ ବି ପରିବାର ପ୍ରତି ତାର ମାୟାମମତା ଯାଇନାହିଁ । ସଜାତି ଉତ୍ତମ ପ୍ରୀତି ତାର ଆଦର୍ଶ ।

ସେ ଅନ୍ୟ ସୈନ୍ୟ ମାନଙ୍କ ପରି ପାଷଣ୍ଡଜଣଙ୍କୁ ହତ୍ୟା କରିବା ପାଇଁ ଚଉଦି ବାଲିକୁ ପ୍ରବେଶ କଲା ଏବଂ ସେ ନିଶାଖୋର ଥାଇ ମଧ୍ୟ ହଠାତ୍ ପିତା ସାଧୁ ଓ ବଡ଼ଭାଇ ବାଣାସୁରକୁ ଚିହ୍ନିପାରି ସେଠାରୁ ଡାକିନେଲା । ପରସ୍ପର ଆଲିଙ୍ଗନ କରି ଅତୀତ ବର୍ତ୍ତମାନ ନେଇ ଆଲୋଚନା କଲେ । ପୁଣି କିପରି ଉଭୟଙ୍କର ମୁଣ୍ଡ ରକ୍ଷା ହେବ ଉପାୟ ପାଞ୍ଚିଲା । ବଡ଼ ଭାଇର ପରାମର୍ଶରେ ମଲାମୁଣ୍ଡ ଦୁଇଟା ଆଣି ଭୀମା ସାହାସର ସହିତ କାର୍ଯ୍ୟ ସଂପାଦନ କଲା । ଫଳରେ ବାପା ଭାଇ ରକ୍ଷା ପାଇଗଲେ । ବାପା ଭାଇର ମାୟା ଓ ମୋହ ମୁହାଁସରେ ଭୀମା ରାଜା ଆଜ୍ଞା ପାଳନ କଲାନାହିଁ ।(୧୦) ବରଂ ବାପା ଭାଇଙ୍କୁ ମଦ, ମାଂସ ଦ୍ୱାରା ଆପ୍ୟାୟିତ କରାଇ ଗତକଥା ଧୋଇଧାଇ ଘରକୁ ପଠାଇ ଦେଲା । ଏଠାରେ ଭୀମା ପାରିବାରିକ ସ୍ୱାର୍ଥ ଜଡ଼ିତ ହୋଇ ରାଜାଙ୍କର କଠୋର ଆଦେଶକୁ ଚତୁରତାର ସହିତ ରହସ୍ୟାଚ୍ଛନ୍ନ କରି ରଖିଲା । ଏପରି ପାରିବାରିକ ଧର୍ମ ତଥା ଜାତିଗତ ସ୍ୱାର୍ଥ ରକ୍ଷାପାଇଁ ରାଜା ଆଜ୍ଞାକୁ ଅବମାନନା କରି ଆଦିବାସୀ ବିଦ୍ରୋହ କରିବାରେ ଅତୀତରେ ପଛାଇନାହିଁ । ସମାଜର ସ୍ୱାର୍ଥ ପାଇଁ କେନ୍ଦୁଝରର 'ଧରଣୀଧର ଭୂୟାଁ'ର ଆନ୍ଦୋଳନ ବିଦ୍ରୋହ ଆମର ସ୍ମୃତି ପୃଷ୍ଠାକୁ ଉନ୍ମୋଚିତ କରି ରଖିଛି । କାରଣ ଆଦିବାସୀ ପ୍ରକୃତି ପରି ଶାନ୍ତ ଅଥଚ ସେ ଉଗ୍ର ତଥା ଦୁର୍ଦ୍ଦାନ୍ତ । ଯାହା ଥରେ ସେ ବୁଝେ ତାହାହିଁ ତା ଜୀବନର ଶ୍ରେୟ ଓ ଧେୟ । ସେ ମୂଢ଼ ହୋଇପାରେ ମାତ୍ର ବଚନରେ ଦୃଢ଼ ରହେ ।

ଭୀମା ଧର୍ମ ବିଶ୍ୱାସୀ ଓ ଭାଗ୍ୟବାଦୀ । ଭବିଷ୍ୟତ କଣ ହେବ ସେ ବିଷୟରେ ସେ ମା ଠାକୁରାଣୀଙ୍କ ଉପରେ ଭରସା ରଖିଛି । ଆଦିବାସୀ ଭାବେ 'ମାତୃଶକ୍ତି' ହିଁ ସେମାନଙ୍କର ଭାଗ୍ୟର ପରିଚୟ । ଏଣୁ ସେ ବର୍ତ୍ତମାନ ସର୍ବସ୍ୱ । ନିଜେ ଲେଖକ ମଧ୍ୟ ବିଶ୍ୱନିୟନ୍ତା ପ୍ରତି ବିଶ୍ୱସ୍ତ । ତେଣୁ ଭୀମା ପିତା ଭ୍ରାତାର ସ୍ୱାର୍ଥ ରକ୍ଷା କରିବାକୁ ଯାଇ ସ୍ୱାର୍ଥପର ହେଲେ ମଧ୍ୟ ରାଜା ଓ ରାଜ୍ୟକୁ କୌଣସି ପ୍ରକାରେ କ୍ଷତିଗ୍ରସ୍ତ କରିନାହିଁ । ପିତା ପ୍ରତି ପୁତ୍ର ଯେଉଁ କର୍ତ୍ତବ୍ୟ ରାଜ୍ୟ ପ୍ରତି ମଧ୍ୟ ତାର ସେ କର୍ତ୍ତବ୍ୟ ରହିଛି କିନ୍ତୁ ସମୟର ଚକ୍ର ଅଟକେ ନାହିଁ । ନିୟତି ତା ବାଟରେ କାର୍ଯ୍ୟ କରିଥାଏ । ସମୟ ଅତିକ୍ରମ କରିପାରେ ମାତ୍ର ବିଧିର ବିଧାନକୁ ଠକି ପାରେନା । ଯୁଦ୍ଧପରେ ମର୍ଦ୍ଦରାଜଙ୍କର ଶ୍ରୀଅଙ୍ଗ ଅଳସ ହେଲା, ଗୁଣିଆଁ, ବୈଦ୍ୟ ଲାଗିଲେ, ଜ୍ୟୋତିଷ ଦଶା କଷିଲେ, ବ୍ରାହ୍ମଣ ବରଣି ହୋଇ ଜଳତୁଳସୀ ପଦୋଦକ ଦେଲେ । କିନ୍ତୁ କାହିଁରେ କିଛି ଫଳ ମିଳିଲା ନାହିଁ । ବରଂ କଷ୍ଟ ଆହୁରି ବଢ଼ିବାକୁ ଲାଗିଲା । ରାଜ୍ୟର ପ୍ରଜା, ପାତ୍ରମନ୍ତ୍ରୀ ଓ ଏକ ମାତ୍ର ମାତୃହରା କନ୍ୟା ଜେମା ନଅର ଚାରି ଉଦବିଗ୍ନ ହୋଇଉଠିଲେ । ଚାରିଆଡ଼େ ପ୍ରଜାମାନେ ରାଜାଙ୍କ ଦୁଃଖରେ ମ୍ରିୟମାଣ । ଭୀମା ମଧ୍ୟ ରାଜାଙ୍କ ଅବସ୍ଥା ଦେଖି ପିଲାଙ୍କ ପରି କାନ୍ଦିବାକୁ ଆରମ୍ଭ କଲା । ଆଉ ବିନୀତ ବଦନରେ ଜଣାଇଲା ଯେ ତାର ଜଣେ ବିଶ୍ୱାସୀ ବୈଦ୍ୟ ବୁଢ଼ା ଅଚିରେ ସେ ନିଶ୍ଚୟ ଆରୋଗ୍ୟ କରିପାରିବ । ତାକୁ ଆଣିବାକୁ ରାଜାଙ୍କୁ ପ୍ରାର୍ଥନା କଲା । ତହିଁ ପାଇଁ ଛାମୁ ଅନୁମତି ଦେଲେ ।(୧୧) ଭୀମାର ରାଜଭକ୍ତି ଏବଂ ତାର ସରଳ ସ୍ୱଭାବ ପାଇଁ ସେ ବୃଦ୍ଧ ପିତାଙ୍କୁ ଆଣିବାର ସୁଯୋଗ ପାଇଲା । ସାଧୁ ସର୍ଦ୍ଦାର ଯେ ଜଣେ ଉପଯୁକ୍ତ ଗ୍ରାମ୍ୟ ବୈଦ୍ୟ । ସେ ବଣର ଜଡ଼ିବୁଟି ଚେରମୂଳି ଔଷଧରେ ଅନେକ ଦୁଃସାଧ୍ୟ ରୋଗମୁକ୍ତ କରିଥିବା ପ୍ରତ୍ୟକ୍ଷଦର୍ଶୀ ଭୀମା ବାପାଙ୍କୁ ନେଇ ଆସିଲା । ଆଦିବାସୀମାନେ ଶିକ୍ଷିତ, ଜ୍ଞାନୀ ହୁଅନ୍ତୁ ବା ନହୁଅନ୍ତୁ ପ୍ରକୃତିର କୋଳରେ ରହି ଅନେକ ଗୁଣି,ଗାରଡ଼ି, ଜଡ଼ିବୁଟି ଔଷଧ ବିଷୟରେ ଜ୍ଞାନ ହାସଲ କରିଥାନ୍ତି । ଆଜି ବି ସେପରି ବୈଦ୍ୟ ଆଦିବାସୀଙ୍କ ମଧ୍ୟରେ ଅଛନ୍ତି । ସେହିପରି ଯୋଗ୍ୟ ବୈଦ୍ୟ ସାଧୁ ସର୍ଦ୍ଦାର । ସେ ରାଜାଙ୍କ ଉଆସରେ ପ୍ରବେଶ କରି ରାଜାଙ୍କ ଚିକିତ୍ସା ଆରମ୍ଭ କଲା । ରାଜା, ଭୀମା ଓ ବୁଢ଼ାକୁ ଉଆସରେ

ତାଙ୍କ ପାଖରେ ରହିବାର ଅନୁମତି ନେଇ ଉଭୟଙ୍କ ପ୍ରତି ସତର୍କ ରହିବା ପାଇଁ ପାତ୍ରମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ । ଏହା ରାଜାଙ୍କ ରାଜନୀତି । ମାତ୍ର ସାଧୁର ସାଧୁ ସେବାରେ ରାଜା କ୍ରମେ ଆରୋଗ୍ୟ ଲାଭକଲେ । ରାଜପରିବାରଙ୍କ ମନରେ ଆନନ୍ଦର ସୀମା ରହିଲା ନାହିଁ । ପ୍ରଜାମାନେ ଆଶ୍ୱସ୍ତ ହେଲେ । ମା ଛେଉଣ୍ଡ ଜେମାର ଖୁସି କହିଲେ ନସରେ । ବୈଦ୍ୟ ବୁଢ଼ା ଓ ଭୀମା ପ୍ରତି କୃତ୍ୟ କୃତ୍ୟ ହେଲା ।

ଭୀମାର ଉଦ୍ୟମ ଓ ବୁଢ଼ାର ଚିକିତ୍ସା ଯୋଗୁଁ ପିତାଙ୍କ ଆରୋଗ୍ୟ ସମ୍ବାଦ ଜେମା ମନରେ ଅପୂର୍ବ ଆଶା ସଂଚାର କଲା । ପିତା ହିଁ ତାର ସର୍ବସ୍ୱ । ସେ ଅବିବାହିତା ଯୁବତୀ ଅନ୍ତଃପୁର ବାସିନୀ । ତଥାପି ସେ ଭୀମାର ଉପସ୍ଥିତିରେ ପିତାଙ୍କର ଦର୍ଶନ କରିବାକୁ ଆସେ, ଭୀମା ଯୋଗୁଁ ରାଜ୍ୟ ରକ୍ଷା ଓ ପିତୃସେବା ହେତୁ ଭୀମା ପ୍ରତି ସେ କୃତଜ୍ଞ ଓ ଆକୃଷ୍ଟ ହୋଇଛି । ପ୍ରଥମ ଦର୍ଶନରେ ସେ ଭୀମାକୁ ଭଲପାଇ ବସିଛି । ତାର ଛନଛନିଆ ରୂପ ଆଲୋକରେ ଦେଖା ଯାଉଥାଏ । "ପ୍ରତିଥର ଭୀମାକୁ ନଚାହିଁ ଜେମା ବାହାରକୁ ଗଲେ ନାହିଁ ।"(୧୨) କେହି କାହାକୁ ମନର କଥା ପ୍ରକାଶ ନକଲେ ମଧ୍ୟ ଚାରି ଚକ୍ଷୁର ମିଳନ ହୋଇଛି । ଭୀମା ଜେମାର ରୂପ ଲାବଣ୍ୟରେ ମୁଗ୍ଧ । ଆବେଗ ଶିହରଣ ହେତୁ ଭୀମାର ମନରୁ ଚିନାମାଳୀର ସ୍ମୃତି ଦୂରେଇ ଗଲା । ଭୀମାର ଆଖିରେ ସହଚରୀ ନହୋଇ ପରଚାରୀ ହେଲା । ନିଜ ସୁଖ ନଲୋଡ଼ି ହୃଦୟ ମନର ତୃପ୍ତିପାଇଁ ଜେମାଙ୍କ ଯିବା ଆସିବାକୁ ଚାହିଁ ରହିଲା ଭୀମା ।(୧୩) ମାତ୍ର ଭୀମା ସଂଯତ । ରାଜାଙ୍କ ପାଖରେ ଭୀମା ଓ ଜେମା ଉଭୟେ ପରସ୍ପର ପ୍ରେମ ଚେତନାରେ ଉତ୍ତେଜନା ଅନୁଭବ କରିଥିଲେ ମଧ୍ୟ କେହି କାହାର ସୀମା ଡେଇଁ ନାହାନ୍ତି । ଗିରିନଦୀ ପରି ବଢ଼ି ଆସି ଦୁଇ କୂଳ ମାଡ଼ିଯାଇନାହିଁ । ଜେମା ସହ ନୟନ ମିଳନରେ ଭୀମା ଅନୁକମ୍ପିତ ହୋଇଥିଲେ ମଧ୍ୟ ଭୀମା ଯେ 'ବାମନ' ଜେମା ଗଗନର 'ଚାନ୍ଦ' । ସେ ଏହା ଅନୁଭବ କରି ନିଜକୁ ଧିକ୍କାର କରେ । ଅନ୍ୟ ଦିଗରେ ଜେମା ଭୀମାଙ୍କର ପ୍ରେମ ସଙ୍ଗେ ସଙ୍ଗେ ରାଜାଙ୍କର ସ୍ୱାସ୍ଥ୍ୟ ବଳ ବପୁ ବଢ଼ିବାକୁ ଲାଗିବାରୁ ମନରେ ଆନନ୍ଦର ଢେଉ ତୋଳିଲା । ମାତ୍ର ଜେମା ସ୍ୱାଭବତଃ ନାରୀ । ତାରି ଅନ୍ୟମନସ୍କ ମନୋଭାବ 'ସିହାରୀ ମାଁ' ଅନୁଭବ କଲେ ଓ ମନର କଥା ସଖୀ 'ଇନ୍ଦୁମତୀ' ଜାଣିଲେ । ଏଦିଗରେ ଭୀମା ଭାବିଛି ଯେ ଜେମା ତାକୁ ଭଲ ପାଉ ବା ନପାଉ ସେ ଜେମାକୁ ନିଜ ହୃଦୟରେ ସ୍ଥାନ ଦେଇ ସାରିଛି ।

ଏ ଗଲା ଭୀମା ଜେମାର ପ୍ରଣୟ ଚିତ୍ର । ମାତ୍ର ଏଥିରେ ଚିରବିରହ ହିଁ ହୋଇଛି ସତ୍ୟ । କ୍ରମେ ରାଜା ଆରୋଗ୍ୟ ଲାଭ କଲେ । ବୁଢ଼ାକୁ ପୁରସ୍କୃତ କରିବା ପାଇଁ ରାଜାଙ୍କର ଆଦେଶ ହେଲା । ଖୁଣ୍ଟିଆ ସେମାନଙ୍କୁ ଆଣିବାକୁ ଗଲେ । ଖୁଣ୍ଟିଆ ଯାଇ ଦେଖନ୍ତିତ ମୁଣ୍ଡକାଟ ପାଇଁ ଉଦ୍ଦିଷ୍ଟ ବୃଦ୍ଧ ଓ ଯୁବକ ହେଉଛନ୍ତି ବନ୍ଦୀ ସୈନିକ । ସେମାନଙ୍କୁ ଚିହ୍ନି ରାଜଦରବାରରେ ଖୁଣ୍ଟିଆ ପ୍ରକାଶ କଲା । ଏଥିରେ ରାଜା ପ୍ରଜା ବିସ୍ମିତ ହେଲେ । କାରଣ ଭୀମା ହିଁ ରାଜାଜ୍ଞା ପ୍ରତିପାଳନରେ ଖିଲାପ କରିଛି । ଭୀମା ବି ମୁକ୍ତ କଣ୍ଠରେ ସ୍ୱୀକାର କଲା ଏବଂ କହିଲା ବୁଢ଼ା ମୋର ବାପା, ସେ ମୋର ବଡ଼ଭାଇ, ତାଙ୍କର ମୁଣ୍ଡ କିପରି କାଟନ୍ତି ?(୧୪) ରାଜା ଚିନ୍ତିତ ହେଲେ । ସେ ଦଣ୍ଡଦେଇ ପାରନ୍ତି, ମୁକ୍ତି ବି ଦେଇ ପାରନ୍ତି । ବଡ଼ ଦ୍ୱନ୍ଦ୍ୱରେ ପଡ଼ି ପାତ୍ରମନ୍ତ୍ରୀଙ୍କ ସହିତ ରାଜା ବିଚାର ବିମର୍ଷ କଲେ । ମନ୍ତ୍ରୀ କହିଲେ, ଯେଉଁମାନଙ୍କର ମୁଣ୍ଡକାଟ ହୋଇନଥିବ ସେମାନଙ୍କର କି ଦଣ୍ଡ ହେବ ତାହା ସେହି ଦିନ ଆଜ୍ଞା ହୋଇନାହିଁ । (୧୫) ତେବେ ଯିଏ ମୁଣ୍ଡ କାଟିବ ନାହିଁ ତାର ମୁଣ୍ଡ କଟାଯିବ ବୋଲି ରାଜା ଆଦେଶ ଦେଇଥିଲେ । ଏଣୁ ଦୁହିଁଙ୍କ ମଧ୍ୟରୁ ଜଣକର ମୁଣ୍ଡକାଟ ହେବାର ଆଦେଶ ହେଉ । ମୁଣ୍ଡ ଦେବାକୁ

ଭୀମା ପ୍ରସ୍ତୁତ ହେଲା । ବୃଦ୍ଧ ସାଧୁ କିନ୍ତୁ କାହାକୁ ଛାଡ଼ିବାକୁ ପ୍ରସ୍ତୁତ ନଥିଲା । ଏଣେ ଭୀମାର ହତାଶ ଜୀବନରେ ରହିଛି କେବଳ ତ୍ୟାଗ । ବିଦେଶରେ ଥାଇ ତାର ବାପାଭାଇ ମରିବା ଅପେକ୍ଷା ସେ ମରିଯିବାଟାକୁ ଶ୍ରେୟସ୍କର ମଣି, ଭୀମା ଆସି 'ଜହ୍ଲାଦ' ସନ୍ମୁଖରେ ଉପସ୍ଥିତ ହେଲା ।

ଏ ସଂବାଦ ବିଜୁଳି ବେଗରେ ରାଜହଂସପୁରରେ ପ୍ରବେଶ କଲା । ରାଜଜେମାଙ୍କର ଅନ୍ତର ଦେବତା ଭୀମାର ହେବ ମୁଣ୍ଡ କାଟ ? ସେ ଭୀମାକୁ ମୁକ୍ତ କରିବା ପାଇଁ ପିତାଙ୍କୁ ଆକୁଳ ପ୍ରାର୍ଥନା କଲେ । ରାଜା ହୁକୁମ ଦେଲେ ଯେ ଜେମାଙ୍କ ପ୍ରାର୍ଥନା ଅନୁସାରେ ଭୀମାର ମୁଣ୍ଡକାଟ ହେବ ନାହିଁ କି ସେ ତିନିଜଣଙ୍କ ମଧ୍ୟରୁ କେହି କିଛି ଦଣ୍ଡ ପାଇବେ ନାହିଁ ।

ବାସ୍ତବରେ ଭୀମାର ସେବା, ତ୍ୟାଗ, ପୌରୁଷ ପାଇଁ ଭୂୟାଁ ପରିବାର ସଂପୂର୍ଣ୍ଣ ମୁକ୍ତ ହେଲେ । ରାଜା, ପ୍ରଜା ଜେମା ଭୀମାକୁ ପ୍ରଶଂସା କଲେ, ମାତ୍ର ପ୍ରକୃତ ରହସ୍ୟ ଅଜଣା ରହିଗଲା ।

ହୁଏତ ଜେମା ବିଚାର କରିଥିବ, ଭୀମା ରକ୍ଷା ପାଇଲେ ତାଙ୍କର ପାଣିଗ୍ରହଣ କରିବେ କିମ୍ବା ଭୀମା ସାଧାରଣ ହେଲେ ବି ତା ଆଶା ଦିଗ୍‌ବଳୟ ଛୁଇଁ ନଥିବ କିଏ କହିବ ? ଏହା ପ୍ରଣୟ ପ୍ରଣୟିନୀ ପକ୍ଷରେ ସମ୍ଭବ । ମାତ୍ର ଲେଖକ ସଂଯମ, ଆଭିଜାତ୍ୟର ବାଧା ଦେଖାଇ ଚାଲିଥିଲେ ମଧ୍ୟ ଦୁଇଟି ପ୍ରାଣୀର ହୃଦୟରେ ଆଶାର ପ୍ରଣୟ ଦୀପ ଜାଳିଦେଇ ଚିରବିରହ ବହ୍ନି ଶିଖାରେ ପୋତି ପାଉଁଶ କରିଛନ୍ତି ।

ଇତି ମଧ୍ୟରେ ରାଜା ଅନ୍ତଃପୁରକୁ ଗମନ କରି ଜେମାର ଖବର ନିଅନ୍ତି । ଜେମାର ହାବଭାବ ଜାଣି ପ୍ରକାଶ୍ୟରେ କିଛି କହି ନାହାନ୍ତି । ମାତ୍ର ଇନ୍ଦୁମତୀ କହିଲେ, "ଛାମୁ ସମ୍ମୁଖରେ ଭୀମାଠାରେ କିଛି କଥା ଅଛି" । ତାହାର ରଣଜିତ ଶାଢ଼ୀ କାଢ଼ି ନିଆଯିବ । ଏଥିରେ ସମସ୍ତେ ହେଲେ ବିସ୍ମିତ । ରାଜା ଆଦେଶରେ ଭୀମା ଉଆସକୁ ଆସିଲା ଏବଂ ରାଜାଙ୍କ ଆଦେଶରେ ଭୀମା ସରଳ ଶିଶୁସମ ରଣଜିତ ଶାଢ଼ୀ ଥୋଇଦେଲା । ଜେମା ମଥାମଣି କାଢ଼ି ଇନ୍ଦୁମତୀ ହାତରେ ଭୀମାକୁ ବଢ଼ାଇ ଦେଲେ ଓ ସୂଚାଇ ଦେଲେ ଯେ ଭୀମା ତାଙ୍କ ଆରାଧ୍ୟ ଦେବତା । ପ୍ରେମର ପୂଜାରିଣୀ ସେ । କିନ୍ତୁ ଅଭିଜାତ, ରାଜବଂଶର ମର୍ଯ୍ୟାଦା ବାଧା ଦେଇଛି, ସେ ଏମାନଙ୍କ ମିଳନ କ୍ଷେତ୍ରରେ । ଏହା ଜେମାର ଆଭିଜାତ୍ୟ ପ୍ରତି ନୀରବ ପ୍ରତିବାଦ ଏବଂ ବୀର, ତ୍ୟାଗୀ, ଭୀମା ପ୍ରତି ଅନୁରାଗର ଶେଷ ସଂକେତ । କେହି ପ୍ରତିବାଦ କଲେ ନାହିଁ କି ଉଭୟଙ୍କର ମିଳନ ପାଇଁ ମଧ୍ୟ କେହି ମୁହଁ ଖୋଲି ପ୍ରସ୍ତାବ ଦେଲେନାହିଁ । ରାଜା ପାତ୍ରମନ୍ତ୍ରୀ ଜଡ଼ ନିର୍ବାକ ପ୍ରତିମା ପରି ଦଣ୍ଡାୟମାନ ହୋଇ ରହିଲେ ।

ଜେମା ଓ ଭୀମାଙ୍କର ପ୍ରଣୟ ରହସ୍ୟ ପ୍ରକାଶ ପାଇଲା । ଭୀମା ଜେମା ପାଇଁ ଚିରକୁମାର ରହିଲେ, ଏବଂ ଜେମା ଇନ୍ଦୁମତୀ ମୁହଁରେ ଅନୁରୋଧ କଲେ ଯେ ରଣଜିତ ଶାଢ଼ୀ ସେ ନେବେ ଯେଉଁ ଦିନ ଜୀତେନ୍ଦ୍ରିୟ ପଦର ଯୋଗ୍ୟ ବିବେଚିତ ହେବେ, ତୁମ୍ଭର ଯାହା ଇଚ୍ଛା ତାହା କର । ପୁଣି ସାଧୀନତା ଦେଲେ ଭୀମାକୁ ରାଜଜେମା । ମନ ଓ ପ୍ରାଣର ଅନ୍ତିମ ବ୍ୟାକୁଳତା ସେ ପ୍ରକାଶ କରିଛନ୍ତି । କିଏ ଦାୟୀ ? ଭାଗ୍ୟ, ନା ସମାଜ ।

ଭୀମା, ଜେମାକୁ ନିର୍ନିମେଷ ନୟନରେ ଚାହିଁଥାଏ । ଜେମାଙ୍କର ଏହି ତ୍ୟାଗ ଭୀମାକୁ ମଧ୍ୟ ଦ୍ରବୀଭୂତ ଜଡ଼ କରିଦେଇଛି । ସେ ମଧ୍ୟ ସମସ୍ତ ଭୋଗ, ବିଳାସକୁ ତ୍ୟାଗ କରି ପ୍ରଣୟ

ବ୍ରତରେ ଚିରକୁମାର ହୋଇ ରହିଲା ଏବଂ ଶେଷରେ ନିର୍ମଳ ପ୍ରେମର ପୁରୁଷ ରୂପରେ ଜେମାକୁ ଭେଟିଲେ । ସେତେବେଳକୁ ଜେମା ମଧ୍ୟ 'ବୃନ୍ଦାବନ' ଆଦି ତୀର୍ଥ ଭ୍ରମଣ କରି ସାରିଥିଲେ । ଲୀଳାମୟ ଯୌବନର ବିକଶିତ ବାସନ୍ତୀ ମନ ଶିଥିଳ ହୋଇ ସାରିଥିଲା । ଜୀବନର ଯୌବନ ତରଙ୍ଗ ଶୁଷ୍କ ବାଲିଚର ହୋଇ ପଡ଼ିଥିଲା । ଭିତରେ ଥିଲା ଫଲ୍‌ଗୁଧାରା । ଶେଷରେ ରଣଜିତ ଶାଢ଼ୀକୁ ଜୀତେନ୍ଦ୍ରିୟ ଶାଢ଼ୀ ରୂପେ ଫେରାଇଦେଲେ ଜେମା ।

ଏହା ଏକ ଅପୂର୍ବ ତ୍ୟାଗର କାହାଣୀ । ଯେଉଁ ଦେଶର ପୁରୁଷ 'ଶବଦହନ'ରେ ନାରୀ ସଶରୀରରେ ଡେଇଁ ଝାସ ଦେଇପାରେ, ସେ ଦେଶରେ ରକ୍ଷଣଶୀଳ ସମାଜଠାରୁ କଣ ଆଶା କରାଯାଇପାରେ ? ତେବେ ଆଦିବାସୀ ପୁଅ ଭୀମା ତ୍ୟାଗରେ ଭୀମ, ବୀରତ୍ୱର ଭୀମ, ପ୍ରେମ ତ୍ୟାଗରେ ଭୀମ-ଭୀଷ୍ମ ଏବଂ ଦୟା, ସ୍ନେହ, ପିତୃଭକ୍ତି ତଥା ଭ୍ରାତୃଭକ୍ତିର ଅବତାର ଭୀମ ହୋଇ ରହିଲା । ଓଡ଼ିଶାର ଜଣେ ରାଜକନ୍ୟାଙ୍କର ଅପୂର୍ବ ଚାରିତ୍ରିକ ପ୍ରଭାବରେ ଆଦିବାସୀ ଭୂୟାଁ ଯୁବକର ପ୍ରେମ ହିଁ ତ୍ୟାଗର ଚରମ ସୀମାକୁ ସ୍ପର୍ଶ କରି ନିଷ୍କଳଙ୍କ ଚନ୍ଦ୍ରପରି ପ୍ରତିଭାତ ହୋଇଛି । ଜେମାଙ୍କ ନିର୍ଦ୍ଦେଶରେ ପ୍ରେମିକ ଭୀମା ତାହାର 'ରଣଜିତ ଶାଢ଼ୀ' କାଢ଼ି ଦେଇ ନୈସର୍ଗିକ ପ୍ରେମ ପାଖରେ ନିଜ ବୀରତ୍ୱ ଦମ୍ଭ, ଅଭିମାନ, ସ୍ୱାର୍ଥ ଉତ୍ସର୍ଗ କରି ଦେଇଛି ସବୁଦିନ ପାଇଁ । ସଂଗ୍ରାମୀ ମଣିଷର ଏ ତ୍ୟାଗ ବିରଳ । ପୁଣି ବିସ୍ମୟ ।

ଡ. ନଟବର ସାମନ୍ତରାୟଙ୍କ ମତରେ, ନିର୍ବିକାର, ନିର୍ମଳ, ପ୍ରେମ ପୁରୁଷ ରୂପେ ଭୀମାକୁ ଚିତ୍ରଣ କରିବା ଲେଖକଙ୍କର ପ୍ରଧାନ ଲକ୍ଷ୍ୟ । ଏହି ଲକ୍ଷ୍ୟ ସାଧନ ପାଇଁ ସେ ଚିନାମାଳୀ ସହିତ ଦୈହିକ ମିଳନକୁ ଅନୁମୋଦନ କରିନପାରି ପୃଥକ ରଖିଛନ୍ତି । ବାସ୍ତବରେ ସର୍ବଶ୍ରେଷ୍ଠ ତ୍ୟାଗ ନିର୍ବିକାର ସାଧନା ପୀଠରେ ତାକୁ ଅର୍ଥାତ୍ ଭୀମକୁ ଉତ୍ସର୍ଗ କରିଛନ୍ତି (୧୬)।

ଭୀମା, ଆଥୋଲୋ 'ନିଗ୍ରୋ' ଯୁବକ ପରି ବୀର, କୃଷ୍ଣଘନ ମେଘ ପରି ବର୍ଣ୍ଣ, ଗୌରାଙ୍ଗୀ ଇଂରେଜୀ ରାଜକନ୍ୟା ଡେସ୍‌ଡିମୋନାତା ପ୍ରତି ଆକୃଷ୍ଟ । ଅନିନ୍ଦ୍ୟ ସୁନ୍ଦରୀ ତରୁଣୀ, ନିଗ୍ରୋ ଯୁବକର ଗୁଣ, ପୌରୁଷରେ ଥିଲା ଅଭିଭୂତା । ସେ ହେଲା ବୀର ପୁରୁଷର ଭୋଗ୍ୟା ପତ୍ନୀ । ମାତ୍ର ଭୀମା ଭୂୟାଁର ଲେଖକ ଆଭିଜାତ୍ୟର ଶିକାର ହୋଇ ମାନବିକ ମୂଲ୍ୟବୋଧକୁ କଣ୍ଠରୋଧ କଲେ ବୋଲି ମନେହୁଏ । ନୈସର୍ଗିକ ପ୍ରେମର ପରାକାଷ୍ଠା ଦେଖାଇ ନୀରବ ରହିଲେ । ସେ ହିନ୍ଦୁ ପରମ୍ପରା ଏଡ଼ି ନପାରି ଜଣକୁ 'ସତୀ' ଆଉ ଜଣକୁ 'ତପସ୍ୱୀ' ଭାବରେ ଉପସ୍ଥାପିତ କଲେ । ନିଗ୍ରୋଅଥେଲୋକୁ କହିଲା ପରି ଅର୍ଥାତ୍ "ନକଲି କାନ୍ତି ପ୍ରଳୟ ପରେ 'ଆଥେଲୋ' ତାର ଶରୀରକୁ ସୁନ୍ଦର କରିନଥିଲେ ମଧ୍ୟ ତାର ଚାରିତ୍ରିକ ସୌନ୍ଦର୍ଯ୍ୟ ଅନ୍ତରର ନିସର୍ଗ ସ୍ଥାପତ୍ୟ ବାହାରର କୁତ୍ସିତ ଅବୟବକୁ ଅଧିକତର କମନୀୟ କରି ତୋଳିଛି ।(୧୨)" ଏ ତଥ୍ୟ ନାଟ୍ୟକାର ସେକ୍‌ସପିଅର ରାଜା ମୁହଁରେ ଡେସ୍‌ଡିମୋନାର ପିତାକୁ କହିଥିଲେ । ମାତ୍ର ଗୋପାଳ ବଲ୍ଲଭ ଦାସ ରାଜ ଅନ୍ତଃପୁରରେ ଉପସ୍ଥିତ ରହି ଜେମାର ମଥାମଣି ଓ ଭୀମାର ରଣଜିତ ଶାଢ଼ୀ ବିନିମୟରେ ଦୁଇଟି ପ୍ରାଣର ଅକୁହା କଥା ଭାବ ସଂକେତରେ ପ୍ରକାଶ କରିଥିଲେ ।

ସୁତରାଂ ଭୀମାର ବୀରତ୍ୱ ଓ ପ୍ରେମର ଜୀବନ ହତୋଽସ୍ମିର ସମ୍ମୁଖୀନ ହୋଇଛି । ମାତ୍ର ସେ ହୋଇଛି ସର୍ବସ୍ୱ ତ୍ୟାଗୀ, କ୍ରାନ୍ତିକାରୀ ପୁରୁଷ, ଏକ ଦୁର୍ଲ୍ଲଭ ଚରିତ୍ର ।

(ଗ) ଭୀମା ଭୂୟାଁର ସହାୟକ ଚରିତ୍ର :-

(୧) ସାଧୁ ସର୍ଦ୍ଦାରର ଚରିତ୍ର: ସମଗ୍ର ଭୀମା ଭୂୟାଁ ଉପନ୍ୟାସରେ ଭୀମା ଚରିତ୍ର ପରି ସାଧୁ ସର୍ଦ୍ଦାରର ଚରିତ୍ରଟି ବି ଜୀବନ୍ତ । ସେ ପୁତ୍ର ବତ୍ସଳ । ଖାଣ୍ଟି ସାଂସାରିକ ମଣିଷ । ଔପନ୍ୟାସିକ ଭୀମାକୁ ଏକ ଆଦର୍ଶ ଚରିତ୍ର ଭାବରେ ଗଢ଼ିବାର ଯେପରି ପ୍ରୟାସ କରିଛନ୍ତି, ସେପରି ତାର ପିତା ସାଧୁ ସର୍ଦ୍ଦାରକୁ ମଧ୍ୟ ଜଣେ ପୁତ୍ର ବତ୍ସଳ ଆଦର୍ଶ ବ୍ୟକ୍ତି ଓ ଯୋଗ୍ୟ ବୈଦ୍ୟ ଭାବେ ଉପସ୍ଥାପିତ କରିଛନ୍ତି । ବାଣାସୁର ସହିତ ଚିନାମାଳୀର ବିବାହ ହେଲା । ଏହା ସାଧୁ ସର୍ଦ୍ଦାରର ଇଚ୍ଛା ଓ ହଂସୀର ମତ । ଏହି ବିବାହ ସଂପାଦନାରେ ଭୀମା ଗଭୀରଭାବେ ମର୍ମାହତ । ମନେ ମନେ ପିତା, ଭାଇ ପ୍ରତି ସେ କ୍ରୋଧାନ୍ୱିତ । ମାତ୍ର ନୀରବରେ ଭୀମା ସବୁ ସହିଗଲା । ଛାମୁଁ ପଟ୍ଟନାୟକ ସାଧୁ ସର୍ଦ୍ଦାରର ଦୁଇ ପୁଅ ମଧ୍ୟରୁ ଜଣକୁ ନେବାକୁ ଇଚ୍ଛା ପ୍ରକାଶ କଲେ । ଭୀମା ଯିବାକୁ ଶୀଘ୍ର ରାଜି ହୋଇଗଲା । ମାତ୍ର ସାଧୁ ସର୍ଦ୍ଦାରର କୌଣସି ପୁତ୍ରକୁ କରଛଡ଼ା କରିବାରେ ନାରାଜ ଥିଲେ ଏବଂ କହିଲା, ଛାମୁଁଙ୍କୁ ଗ୍ରହଣ କଲାଭଳି ମୋର ପୁଅ କାହିଁ ? ସେ ଛୁଆ ଦୁଇଟା ଭାତ ଖାଇ ଜାଣିନାହାନ୍ତି ଏବଂ କହିଲା, ବାପା ମାକୁ ସଲଖି ସୁନ୍ଦର ଭେଣ୍ଡିଆଟି ଯେପରି ହାତ ଗୋଡ଼ ନଥାଇ ଖଣ୍ଡିଆଟି ସେପରି ।" ବାସ୍ତବରେ ସନ୍ତାନ ପଙ୍ଗୁ ହେଉ କି ଅନ୍ଧ ହେଉ ମୂର୍ଖ ପିତାମାତା ପକ୍ଷରେ ସେ ହିଁ ଅପୂର୍ବ ସଂପଦ । କୋଳର ଭଗୀରଥ । ସନ୍ତାନ ବିନା ସେ ଅସହାୟ ହୋଇଥାଏ ।

ଅବଶ୍ୟ ଭୀମା ଜିଦ୍ ଧରିବାରୁ ବାଧ୍ୟ ହୋଇ ତାକୁ ଛାମୁଁଙ୍କ ସହିତ ବିଦାୟ ଦେଲା । ପିତା ସାଧୁ ଅନ୍ତର ବେଦନା ଅନୁଭବ କରିପାରି ନାହିଁ । ଭୀମା ତାର ବାଗଦତ୍ତାକୁ ବିନା ଯୁକ୍ତିରେ ହରାଇଛି । ହୋଇ ବାଧ୍ୟ ପୁତ୍ର । ପ୍ରତିବାଦ ନାହିଁ । ସହିଛି ହୃଦୟକୁ ପାଷାଣ କରି । ତାର ଚାଲିଯିବାରେ ସାଧୁର ପିତୃତ୍ୱ ଅସହାୟ ହୋଇଛି । ଅନେକ ଦିନ ବିତି ଯାଇଛି । ସାଧୁ ସର୍ଦ୍ଦାର ବାଣାସୁର ସହିତ ଜଗଦେବ ରାଜାଙ୍କ ଚଳନ୍ତି ପ୍ରତିମା ଦୁଷ୍ଟ ବେବର୍ତ୍ତା ସପକ୍ଷରେ ମର୍ଦ୍ଦରାଜଙ୍କ ବିରୁଦ୍ଧରେ ସଂଗ୍ରାମ କରିବାକୁ ଗଲେ । ରାଜାଙ୍କ ଚଳନ୍ତି ପ୍ରତିମା ଦୁଷ୍ଟ ବେବର୍ତ୍ତା ମର୍ଦ୍ଦରାଜଙ୍କ ସୈନିକ ଦ୍ୱାରା ବନ୍ଦୀ ହେଲେ । ପଣଥିଲା, ପ୍ରତ୍ୟେକ ସୈନିକ ଶତ୍ରୁପକ୍ଷର, ସୈନିକକୁ ପାଞ୍ଚ ଜଣ କରି ହତ୍ୟା କରିବେ । ଭୀମାର ମଧ୍ୟ ଥିଲା ପାଳି ପାଞ୍ଚଜଣଙ୍କୁ ହାଣିବା ପାଇଁ ସେ ଛଡ଼ଦିବାଲୀରେ ପ୍ରବେଶ କଲା । ଦୈବୀ ଯୋଗକୁ ପିତା ସାଧୁ ସର୍ଦ୍ଦାର ଓ ବଡ଼ଭାଇ ବାଣାସୁର ତାର ଭାଗରେ ପଡ଼ିଥିଲେ । ମାତ୍ର ଭୀମା ଚିନ୍ତିତ ହୋଇ ଚୁପ୍‌ଚାପ୍ ସେମାନଙ୍କୁ ନିଜ ଅକ୍ତିଆରକୁ ନେଇଗଲା । ଦୀର୍ଘଦିନର ବିଚ୍ଛେଦପରେ ଭୀମାକୁ ଦେଖି ସାଧୁ ସର୍ଦ୍ଦାର କଇଁ କଇଁ ହୋଇ କାନ୍ଦି ଉଠିଲା । ଆରେ ବାପା ଭୀମା, ମତେ ଆଗ ମାରିପକା, ତମ ଦୁହିଁଙ୍କର ଯାହାହେବ ମୁଁ ଦେଖିବି ନାହିଁ କି ଜାଣିବି ନାହିଁ ? ସ୍ନେହ ବତ୍ସଳ ସାଧୁ ସର୍ଦ୍ଦାର ପୁତ୍ର ବଚ୍ଛେଦ ସହିବା ଓ କରୁଣ ମୃତ୍ୟୁ ଦେଖିବା ଉଚିତ ମନେ କରିନାହିଁ ।

ଭୀମାର କୌଶଳପୂର୍ଣ୍ଣ ଉପାୟ ଯୋଗୁଁ ସେମାନେ ରକ୍ଷା ପାଇ ଲୁଚି ପଳାଇଲେ । ପିତାପୁତ୍ର ଭୀମାଠି କୃତଜ୍ଞ ରହିଲେ । ଇତି ମଧ୍ୟରେ ରାଜାଙ୍କର ଅଙ୍ଗ ଶ୍ରୀଅଳସ ହେଲା । ରାଜାଙ୍କ ଶାରୀରିକ ଦୁଃଖରେ ଭୀମା, ନଗରବାସୀ, ପ୍ରଜା ସମସ୍ତେ ଉଦ୍‌ବିଗ୍ନ, ମ୍ରିୟମାଣ ହେଲେ । ମାତ୍ର ପ୍ରାଣ ରକ୍ଷାକାରୀ ସେବକ ଭୀମା ଛାମୁଁଙ୍କ ଅନୁମତି ନେଇ ବୃଦ୍ଧ ବୈଦ୍ୟ ପିତା ସାଧୁଙ୍କୁ ଚିକିତ୍ସା ପାଇଁ ଆଣିଲା । ବୁଢ଼ା ରାଜାଙ୍କର ଉଆସରେ ରହି 'ଲେପ' ଆଦି ଦେବାରୁ ରାଜା କ୍ରମଶଃ ଆରୋଗ୍ୟ ଲାଭ କଲେ । ସାଧୁର

ଉତ୍ତମ ସେବା ଯୋଗୁଁ ଅନ୍ତଃପୁର ବାସୀ ଓ ପ୍ରଜାମାନେ ପ୍ରଶଂସା କଲେ ରାଜା ଚିକିତ୍ସକଙ୍କୁ ପୁରସ୍କୃତ କରିବା ପାଇଁ ଇଚ୍ଛା ପୋଷଣ କଲେ । ଭୀମାର ଏପରି ମହତ୍ ଉଦ୍ୟମ ପାଇଁ ସେ ସମସ୍ତଙ୍କର ଶ୍ରଦ୍ଧାର ପାତ୍ର ହେଲା ।

ଏତିକିବେଳେ 'ଖୁଣ୍ଟିଆ' କହିଲା, ଯେ ମୁଣ୍ଡ କାଟ ପାଇଁ ଦିଆଯାଇଥିବା ପାଞ୍ଚଜଣ ମଧ୍ୟରୁ ଦୁଇଜଣଯାକ ଭୀମା ସାଙ୍ଗରେ ଥିଲେ । ତାଙ୍କୁ ମୁଁ ଭଲ କରି ଚିହ୍ନିପାରୁଛି । ସୁତରାଂ ବୁଢ଼ା ଆଉ ବାଣାସୁର ଦୋଷୀ । ରାଜା ଓ ମନ୍ତ୍ରୀ ପରିଷଦ ଜାଣି ବିସ୍ମିତ ହେଲେ । ମାତ୍ର ତିନିହେଁ ମାନ, ମର୍ଯ୍ୟାଦା, ସଂଯମ ପ୍ରଭୃତି ଲକ୍ଷଣଯୁକ୍ତ ଥିଲେ । ତାହାଙ୍କୁ ଭୟ ଆଶଙ୍କା ଆଉ ଛୁଇଁଲା ନାହିଁ । ବାପପୁଅ ସମସ୍ତେ ପ୍ରଫୁଲ୍ଲ ଥିଲେ । "ରାଜା ଖୁଣ୍ଟିଆ କି କହୁଛି ? ବୋଲି ପଚାରିବାରୁ ଭୀମା କହିଲେ ଖୁଣ୍ଟିଆ ଯାହା କହୁଛନ୍ତି ତାହା ସତ," ବୋଲି ସ୍ପଷ୍ଟ ଉତ୍ତର ଦେଲା । ମାତ୍ର ସେମାନେ ନିର୍ଭୀକ ଜଣାପଡୁଥାନ୍ତି ।

ରାଜା, ପାତ୍ରମନ୍ତ୍ରୀଙ୍କର ପରାମର୍ଶ ନେଇ ବୁଢ଼ା ଉପକାରୀ ହୋଇଥିବାରୁ ଅଦଣ୍ଡ୍ୟ ବୋଲି ଘୋଷଣା କଲେ ଏବଂ ଜଣକର ମୁଣ୍ଡ କଟାହେବ ବୋଲି ନିର୍ଦ୍ଦେଶ ଦେଲେ । ଏହି ରାୟ ଶୁଣି ସାଧୁଙ୍କ ଉପରେ ଚଡ଼କ ପଡ଼ିଲା । ସେ ଦୁଇ ପୁଅ ମଝିରେ ଖମ୍ବ ପରି ଠିଆ ହେଲା । ତାର ଅନ୍ତର ଥରିବାକୁ ଲାଗିଲା । ଦୁଇ ପୁଅକୁ କୁଣେଇ ବୁଢ଼ା ସାଧୁ ସର୍ଦ୍ଦାର କାନ୍ଦିବାକୁ ଲାଗିଲା । ସାଧୁ ବୁଢ଼ାତାର ମୁଣ୍ଡ ନେଇ ପୁଅ ଦୁହିଁଙ୍କି ଛାଡ଼ିଦେବାକୁ ପ୍ରାର୍ଥନା କଲା । ଏ ବୟସରେ ଏପରି ପୁତ୍ର ଶୋକ ଆଉ ସହି ପାରିବି ନାହିଁ । ମୃତ୍ୟୁ ଦଣ୍ଡରୁ ସେମାନଙ୍କୁ ଛାଡ଼ କରିବା ପାଇଁ ଅନୁରୋଧ କଲା । ରାଜାଙ୍କର ପଣ ଅଟଳ । ତାର ଆଖିର ତାରା ଦୁଇଟି ପ୍ରତିମା । ଏଣୁ ପିଲାଙ୍କ ପରି ସେ ଭୋ ଭୋ କାନ୍ଦିଲା । ନିଜକୁ ଅଭିଯୋଗ କଲା ଏବଂ ଦଇବକୁ ଗାଳିଦେଲା । ଏହା ମଣିଷର ସ୍ୱଭାବିକ ଚରିତ୍ର । ସେ ଭୀମା ଆଡ଼କୁ ଅନାଇ କହେ ଆରେ ଭୀମା, ମୋତେ ଛାଡ଼ି ଏତେ କାଳ କିପରି ରହିଲୁ' । ପୁଣି ବାଣାସୁରକୁ କୁଣାଇ କହେ, ରେ ବାପା, ତୁ ମୋର ବଡ଼ ପୁଅ, ପିଣ୍ଡର କରତା । ଉତ୍ତରାଧିକାରୀ । ଏପରି ତାକୁ ଥରେ, ଏହାକୁ ଥରେ କୁଣାଇ ଧରି ବିକଳ ହୋଇ କାନ୍ଦେ, ତାର ଏହି କରୁଣ କ୍ରନ୍ଦନରେ ସଭାସଦ୍ ମଧ୍ୟ ଅଶ୍ରୁସିକ୍ତ ହୋଇ ପଡ଼ିଥିଲେ । 'ଜହ୍ଲାଦ' ମଧ୍ୟ ପ୍ରତିମା ପରି ଦେଖାଦେଲା । ତାର ପୁତ୍ର ପାଇଁ ବ୍ୟାକୁଳତା ସମସ୍ତଙ୍କୁ ଅଭିଭୂତ କଲା । କାରଣ ପିତା ହିଁ ସ୍ନେହ ପ୍ରେମର ସାଗର । ସେ କାନ୍ଦୁ କାନ୍ଦୁ ସଂଜ୍ଞାହୀନ ହୋଇ ତଳେ ପଡ଼ିଗଲା । ମାତ୍ର ଜେମାର ପ୍ରାର୍ଥନା ଫଳରେ ମୃତ୍ୟୁ ଦଣ୍ଡ ଅଧ୍ୟାୟ ସମାପ୍ତ ହେଲା । ପିତା ପୁତ୍ରର ହେଲା ମହାମିଳନ । ରାଜା ବୃଦ୍ଧକୁ ସମ୍ମାନିତ କଲେ । ସାଧୁ ସର୍ଦ୍ଦାରର ସ୍ନେହ ସମସ୍ତଙ୍କର ଆଖି ଖୋଲି ଦେଲା ।

ସୁତରାଂ ଲେଖିକଙ୍କର ଏହି ଉପନ୍ୟାସ ମଧ୍ୟରେ ଯେତେ ବର୍ଣ୍ଣନା ରହିଛି, ସବୁଠାରୁ ଅଷ୍ଟମ ପରିଚ୍ଛେଦର (୮୮ ରୁ ୯୭) ସାଧୁ ସର୍ଦ୍ଦାରଙ୍କ ପୁତ୍ର ବିଚ୍ଛେଦ ଜନିତ ସଂଳାପ ପ୍ରାଣକୁ ଅଶ୍ରୁସିକ୍ତ କରେ । ଏହା ଭୂୟାଁ ସୁଲଭ ଆଦିବାସୀର ବାସ୍ତବ ଚିତ୍ର ।

ସୁତରାଂ ପିତୃ ହୃଦୟର ଅନୁରୂପ ବାତ୍ସଲ୍ୟ ମମତାର ବର୍ଣ୍ଣାଢ୍ୟ ଚିତ୍ର ତତ୍କାଳୀନ ଅନ୍ୟାନ୍ୟ ଉପନ୍ୟାସରେ କ୍ୱଚିତ ଦେଖିବାକୁ ମିଳେ । 'ପଦ୍ମମାଳୀର' (ଉପନ୍ୟାସ) ପିତା ଜଗବନ୍ଧୁ ପଟ୍ଟନାୟକ

'ରସକଳାର ପିତା' ଗୋବର୍ଦ୍ଧନ ଦାସ ସାଧୀ ସର୍ଦ୍ଦାର ଜୀବନ ସହିତ ସାମଞ୍ଜସ୍ୟ ରହିଛି ହେଲେ ପିତା ଭାବରେ ସାଧୁର ଚରିତ୍ର ଏକ ଅନବଦ୍ୟ ସୃଷ୍ଟି । ପରବର୍ତ୍ତୀ ଆଦିବାସୀ ଜନଜୀବନର ଚିତ୍ରରେ ତାର ବିଦ୍ରୋହ ଅଛି ମାତ୍ର ପିତାର ଉନ୍ମୁକ୍ତ ବେଦନା ଆକାଶ ଫଟାଇ ନାହିଁ । ଏଣୁ ଭୀମାର ପିତୃ ସମ୍ମାନ, ଧୈର୍ଯ୍ୟ, ତ୍ୟାଗ ତଥା ତା' ପିତା ସାଧୁ ସର୍ଦ୍ଦାରଙ୍କ ପିତୃ ସୁଲଭ ମମତା, ସ୍ନେହର ମନୋହର ଆଲେଖ୍ୟ ଦୁହିଁଙ୍କୁ ସାର୍ବକାଳୀନ ଶାଶ୍ୱତ ଚରିତ୍ର ରୂପେ ଚିତ୍ରିତ କରିଛି । ଏହି ଚିର ସ୍ମରଣୀୟ ହୋଇ ରହିବ ଓଡ଼ିଆ ଉପନ୍ୟାସ ଜଗତରେ ।

(୨) ବାଣାସୁର:-

ଭୀମା ଭୂୟାଁ ଉପନ୍ୟାସରେ 'ବାଣାସୁର' ସାଧୁ ସର୍ଦ୍ଦାରର ବଡ଼ପୁଅ ଏବଂ ଭୀମାର ବଡ଼ ଭାଇ । ସେ ଏକ ଉଦାସୀନ, ସ୍ୱାର୍ଥପର ଚରିତ୍ର । ପ୍ରଥମ ପରିଚ୍ଛେଦରେ ଦୁଇ ଭାଇ 'ଚିନାମାଳୀ'ର ରୂପଲାବଣ୍ୟରେ ଆକୃଷ୍ଟ ହୋଇ ସର୍ଦ୍ଦାରର ପୁଅ ହୋଇଥିବା ବେଳେ ଭୂୟାଁ ଜନିତ ହସଖୁସିରେ ମଜ୍ଜି ରହିଲେ । ବାଣାସୁର ଚିନାମାଳୀକି ବାହା ହେବ କି ନାହିଁ ମୁହଁ ଫିଟାଇ ନାହିଁ । ଭୀମା ଚିନାମାଳୀକୁ ବାହା ହେବ ବୋଲି 'ମାଘ ପୋଡ଼ା' ପର୍ବରେ ପ୍ରଚାରିତ ହୋଇଥିଲା । ମାତ୍ର ବାଣାସୁର ଶୁଣିଛି ପିତାର ସମ୍ମତିରେ ଚିନାମାଳୀ ସହିତ ତାର ବିବାହ ହେବାକଥା । ଶୁଣି ବି ସେ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହିଁ ବରଂ ସାଦରେ ଚିନାମାଳୀର ପାଣି ଗ୍ରହଣ କଲା ବାଣାସୁର ।

ଏଣୁ ବାଣାସୁର ଏକ ସୁବିଧାବାଦୀ, ଆତ୍ମକୈନ୍ଦ୍ରିକ ଚରିତ୍ର । ତାର ସୁବିଧା ହିଁ ଏକ ମାତ୍ର ଜୀବନର କାମ୍ୟ । ସେପରି ଭୀମା ଯେତେବେଳେ ଛାମୁଁ ପଟ୍ଟନାୟକ ସହିତ ଘରୁ ଦୂରେଇ ରହିବାକୁ ଚାହିଁଛି, ସେତେବେଳେ ମଧ୍ୟ ଭୀମାର ଯିବା ନଯିବାରେ କୌଣସି ମତାମତ ଦେଇନାହିଁ । ସେ ଭାବିଛି ଭାଇ ଚାଲିଯିବା ଦ୍ୱାରା ସେ ନିଶ୍ଚିନ୍ତ ହେବ । ବରଂ ଉଭୟ ସର୍ଦ୍ଦାରଙ୍କ ସରଦାରୀ ପାଇ ସେ ଲାଭବାନ୍ ହେବ । ସମୟର ସୁଯୋଗ ନେଇଛି ବାଣାସୁର । ଭୀମା ହୋଇଛି ଅନୁଜ ଲକ୍ଷ୍ମଣ ପରି ତ୍ୟାଗର ପ୍ରତୀକ । ବାଣାସୁର 'ରାମ' ପରି ଭାଇଠୁ ସେବା ସମ୍ମାନ ପାଇଛି । ଅଥଚ ଭୀମା ଲାଗି କୌଣସି କଥାରେ ବ୍ୟାକୁଳ ହୋଇନାହିଁ । ଅବସ୍ଥାକ୍ରମେ ବାଣାସୁର ମଧ୍ୟ ବାଧ୍ୟ ସୈନିକ ଭାବେ ପିତା ସାଧୁ ସର୍ଦ୍ଦାର ସହିତ ଯୁଦ୍ଧ କ୍ଷେତ୍ରରେ ଅବତୀର୍ଣ୍ଣ ହୁଏ । ପିତାପୁତ୍ର ଯେତେବେଳେ ହରିଚନ୍ଦନଙ୍କ ସୈନ୍ୟ ଦ୍ୱାରା ବନ୍ଦୀ ହୁଅନ୍ତି; ସେମାନଙ୍କର ମୁଣ୍ଡ କାଟ ଦାୟିତ୍ୱ ପଡ଼େ ଭୀମା ହାତରେ । ଭୀମା ବାପା ଭାଇଙ୍କୁ ଦେଖି ଶଙ୍କି ଯାଇ ସେମାନଙ୍କୁ ବିପଦ ଶଙ୍କଟରୁ ଉଦ୍ଧାର କଲା । ତେବେ ବିପଦ ବେଳେ ବାଣାସୁର ବି ଉପସ୍ଥିତ ବୁଦ୍ଧିରେ କୌଶଳତା ଦେଖାଇଛି । ଏଣୁ ଦ୍ୱନ୍ଦ୍ୱରେ ପଡ଼ି ଭୀମା କହିଛି ଯେ ବିଭୀଷଣ 'ରାବଣକୁ' ଏବଂ ସୁଗ୍ରୀବ 'ବାଳୀକୁ' ମରାଇଥିଲେ । ଏଣୁ ସେ ମରାହେଲେ ଅସୁବିଧା ନାହିଁ । ବାଣାସୁରର ପୁଅଟାଏ ଅଛି, କୁଳ ରହିଲାଣି । ଏଣୁ ଭୀମାର ବଞ୍ଚିବାର ଅଧିକାର ନାହିଁ । କାରଣ ଭୀମାର ଉକ୍ତି ହେଲା ଯେ ସେମାନଙ୍କୁ ମାରିବା ଯାହା ନିଜେ ମରିବା ତାହା । ଭୀମାର ବି ମାନବୀୟ ନ୍ୟାୟ ବିଚାର । ଏଣୁ ସେ ବାପା ଭାଇଙ୍କୁ ବଞ୍ଚାଇବାର ଉପାୟ ଖୋଜି ବାଣାସୁର କହିଲା, "ମନେକର ଆମ୍ଭେ ଲଢ଼ାଇରେ ମରିଛୁ, ଆହୁରି ବି ଅନ୍ଧାର ହୋଇଥିଲେ, ତୁ ବି ଚିହ୍ନି ପାରିନଥାନ୍ତୁ, ଅବସ୍ଥା କଣ ହୋଇଥାନ୍ତା ?" ତେବେ କଣ ହୋଇଥାନ୍ତା ନହୋଇଥାନ୍ତା ସେ ବିଷୟରେ ଭୀମା ଚିନ୍ତା ନକରି ତତ୍କାଳ ପରିସ୍ଥିତିକୁ ନଜର ଦେଇଛି । ତେବେ ବାଣାସୁର ପରାମର୍ଶ ହେତୁ ତାଙ୍କ ମୁଣ୍ଡ

ବଦଳରେ ଦୁଇଟା ମଲା ମୁଣ୍ଡ ଆଣି ଦେଲେ କଥାଟା ସମାଧାନ ହୋଇଯିବ । ଏହି ପରାମର୍ଶକୁ ଭୀମା ଗ୍ରହଣ କରି ତାହାହିଁ କରିଛି । ବିପଦରୁ ବାପା ଭାଇ ମୁକ୍ତ ହେଲେ । ସେମାନେ ଲୁଚିଛପି ଭିଟାମାଟିକୁ ଫେରିଗଲେ । ପୁଣି ରାଜାଙ୍କ ଚିକିତ୍ସା ପାଇଁ ସାଧୁ ସର୍ଦ୍ଦାର ସହିତ ବାଣାସୁର ବି ଆସିଛି । ନିଜର ଆତ୍ମରକ୍ଷା ହିଁ ତାର କାମ୍ୟ । ବାସ୍ତବରେ ବାଣାସୁର ସ୍ୱାର୍ଥ ସର୍ବସ୍ୱ ଚରିତ୍ର ।

**(୩) ତିଳ ସରଦାର:-** ତିଳ ସରଦାର ଏକ ଦୁର୍ବଳ, ନିଷ୍କପଟ ଚରିତ୍ର । ଏଣୁ 'ଦେଲା ନାରୀ ହେଲା ପାରି' ତାର ଆଦର୍ଶ । ଝିଅ ଘିଅ ଭଳି । ତାକୁ ସେ ବିଦାୟ କଲେ ମୁଣ୍ଡର ବୋଝ ଗଲା । ଏତିକି ତାର ଚିନ୍ତା । ସେ ଅପର ଭୂୟାଁ ପାଢ଼ିର ସରଦାର । ଧନଧାନ୍ୟରେ ଅଭାବ ନାହିଁ । କେବଳ ଗୋଟିଏ ମାତ୍ର କନ୍ୟା ଚିନାମାଳୀ । ସାଧୁ ସରଦାର ସହିତ କଥୋପକଥନ ପରେ ତିଳ ସରଦାର ସଂପୂର୍ଣ୍ଣ ନୀରବ । ମୌନ ସମ୍ମତି ଲକ୍ଷଣମ୍ । ଏଣୁ କନ୍ୟା ଦାନ ପରେ ଲେଖକ ଆଉ ତାର ଆବଶ୍ୟକତା ମନେ କରିନାହାନ୍ତି । ଯଥା ନିଆଁଗଦା କଡିରେ ବସି ଦୁହେଁ ଧାଙ୍ଗଡ଼ା ଧାଙ୍ଗଡ଼ି ନାଚ ରଙ୍ଗ ଦେଖୁଛନ୍ତି । ମାତ୍ର ଦୁହିଁଙ୍କର କଥା ଚାଲିଛି । ବାଣାସୁର ଓ ଭୀମା ନାଚିବାରେ ବ୍ୟସ୍ତ । କଥା ପ୍ରସଙ୍ଗରେ ସାଧୁ କହିଲା, "ସରଦାର ବୁଢ଼ା ହେବାକୁ ଲୋଭ ବଢ଼ିଲା କି ? ଧାନ ଚାଉଳ ଖରଚ ଡରେ ଜୀଇଁ ଥାଉଁ, ବାହାଘର କରିବ ନାହିଁ, ନା କିଛି ନଥିଲା ପରି ଝିଙ୍କା ବାହା କରାଇବ ।" ଏତିକି କଥାରେ ତିଳ ତରଳି ଯାଇଛି । ଭାବାନ୍ତର ସୃଷ୍ଟି ହୋଇଛି ମନରେ । ଚିନାମାଳୀର ହାତକୁ ଦି ହାତ କାର୍ଯ୍ୟ ପାଇଁ ଚିନ୍ତିତ ହେଲା ।

ଆଦିବାସୀ ସମାଜରେ ଥିଲା ଲୋକମାନେ ଧୁମ୍‌ଧାମ ସହିତ ବିବାହ କରିଥାନ୍ତି । କନ୍ୟାସୁନା ବ୍ୟତୀତ ଯୌତୁକ ଦେବାକୁ ମଧ୍ୟ ପଡ଼େ ନାହିଁ । ତିଳ ଆଉ ସାଧୁ ପରିବାର ପକ୍ଷରେ ତାହା ହୋଇନାହିଁ । ହଂସୀଙ୍କ କଥାରେ ବଡ଼ ଥାଉଁ ସାନକୁ କିପରି ସରଦାରୀ ଦେବ ? ଏକଥା ବୋଧେ ତିଳ ସରଦାରର ମନକୁ ପାଇଲା । ତା' ମୁହଁରେ ସାମାଜିକ ପରମ୍ପରା ପ୍ରକାଶ ପାଇଛି । ଏଣୁ ବଡ଼ପୁଅ ବାଣାସୁର ସହିତ ଚିନାମାଳୀର ବିବାହ ନେଇ ସେ ଆଶ୍ୱସ୍ତ ହୋଇଛି । ଏହା କନ୍ୟାପିତାର କର୍ତ୍ତବ୍ୟ । ଏହାପରେ ତିଳ ସରଦାରଙ୍କ ଜୀବନଚିତ୍ର ସ୍ଥାଣୁ ।

## (୪) ଭୂୟାଁ ଯୁବକ ରାମା:-

ବାଣାସୁର ସହିତ ଚିନାମାଳୀର ବିବାହ ପରେ ବାଗ୍‌ଦତ୍ତା ବିଚ୍ଛେଦରେ ପ୍ରଣୟ କାଙ୍ଗାଳ ମନ ଥମିଯାଇଛି । ସେ ବେଳେବେଳେ ଅନ୍ୟମନସ୍କ ରହେ । ତାର ମନର କଥା ସଂଗୀ ରାମା ଠିକ୍ ଧରିଛି । ତେଣୁ ଥଟ୍ଟାରେ ପଚାରିଛି, 'ରାମାଠୁ କଣ ଲୁଚାଉଛୁମ ? ଆଗପରି ତାଙ୍ଗୁ ନାଚ ନାହିଁ, ତାଳଭଙ୍ଗା ଗୀତ ନାହିଁ, ଧାଙ୍ଗଡ଼ୀଙ୍କ ସାଙ୍ଗ ନାହିଁ ।' ସେ ବୁଝିଛି, ଭାଇ ବାହାଦିନଠାରୁ ତାର ଭିନ୍ନ ଭାବ । ଏଣୁ ବଡ଼ଭାଇ ମରିଗଲେ ଚିନାମାଳୀକୁ ଦୁତିଅ ହେବୁ ବୋଲି କହିଛି । କାରଣ ଆଦିବାସୀ ସମାଜର ବଡ଼ଭାଇ ମରିଗଲେ ତାର ପତ୍ନୀକୁ ବିଧବା ହେବାର ସୁଯୋଗ ଦିଆଯାଏ ନାହିଁ । ସେ ବୈଧବ୍ୟ ଯନ୍ତ୍ରଣାରୁ ରକ୍ଷାପାଏ । ତେଣୁ ତାକୁ ଅପେକ୍ଷା କରିବାକୁ ପରାମର୍ଶ ଦେଇଛି । ମାତ୍ର ଭାଇ ମଲେ ଦୁତିୟ ହେତୁ କଥାରେ ଭୀମା ରାଗିଯାଇ ରାମାକୁ ଧିକ୍କାର କଲା । "ଦୂର ରାଢ଼, ଚଣ୍ଡାଳ ବୋଲି ଗାଳି ଦେଲା ।" ରାମ ଜ୍ଞାନକାନ ବିହୀନ, ଖାମଖିଆଲି ସରଳ ଯୁବକଟାଏ । କାହାର ମନର ଅବସ୍ଥା କଣ ନଜାଣି ଏପରି ଅନେକ ସାଥୀ ବନ୍ଧୁକୁ ଥଟ୍ଟା ପରିହାସ କରେ । ମାତ୍ର ଭୀମା ଓ ସେ ମିଳିମିଶି ଛାମୁଁ

ପଟ୍ଟନାୟକଙ୍କର ଆତିଥ୍ୟ ସତ୍କାରରେ ତତ୍ପର ଥିଲେ । ତାପରେ ରାମା ଗ୍ରାମବାସୀଙ୍କ ସହିତ ରାଜା ଜଗଦେବ ତଥା ବେବର୍ତାର ଚରିତ୍ର ବିଷୟ ଓ ରାଜ୍ୟ ପରିଚାଳନା ଭାଗ ନେଇଛି । ନିଃସ୍ୱାର୍ଥପର ସ୍ୱେଚ୍ଛାସେବୀଟିଏ । ତାପରେ ଲୋକଲୋଚନରେ ଅଗୋଚର ରହିଛି ରାମା । କେବଳ ଭୀମାର ମନୋଭାବ ପ୍ରକାଶ କରିବା ପାଇଁ ରାମା ଚରିତ୍ରର ଅବତାରଣା ହୋଇଛି । ବୋଧହୁଏ ଜଣଙ୍କର ମନଗହନର କଥା ଜାଣିବା ଆଉ ଜଣଙ୍କର ଉପସ୍ଥାପନା ଆବଶ୍ୟକ ପଡ଼େ । ଏଣୁ ରାମାର ଅବତାରଣା ନହୋଇଥିଲେ ଭୀମାର ମନସ୍ତାତ୍ତ୍ୱିକ ଭାବଧାରା ଅଗୋଚରରେ ରହିଥାନ୍ତା । ସତ୍ତ ହେଉ ପଛେ ରାମା ଦ୍ୱାରା ଭୀମାର ସ୍ୱରୂପ ତା ଦ୍ୱାରା ପ୍ରକାଶ ପାଇଛି । ଭୀମାର ଚିନାମାଳୀ ପ୍ରତି ଆସକ୍ତି, ଅନୁରକ୍ତି, ମମତା ସଂଜିବୀତ ଏବଂ ଭ୍ରାତୃପ୍ରେମ ଅପୂର୍ବ ସ୍ପଷ୍ଟ ଜଣାପଡ଼ିଛି । ଏହା ଭୀମା ଚରିତ୍ରର ଅନ୍ୟତମ ମହନୀୟ ଚରିତ୍ର ଓ ପାରିବାରିକ ଜୀବନର ଉଜ୍ଜ୍ୱଳ ପୃଷ୍ଠା । ସେ ସଂଯତ, ଧୈର୍ଯ୍ୟଶୀଳ ଏବଂ ତ୍ୟାଗୀ । ପରିବାରରେ ଏପରି ଭାଇ ପୁଅର ଆବଶ୍ୟକତା ରହିଛି । ଲେଖକ ସମାଜ ଆଗରେ ଆଦିବାସୀ ସମାଜର ପିତା, ପୁତ୍ରର ମହନୀୟ ଚିତ୍ର ଉପସ୍ଥାପନ କରି ସୁସ୍ଥ ପରମ୍ପରା, ସୁସ୍ଥ ସମାଜ, କାମନା କରିଛନ୍ତି । ଏହି ଆଦର୍ଶ ଏହି ଯୁଗରେ ଗ୍ରହଣୀୟ ହେବା ଉଚିତ ମନେ କରିଛନ୍ତି । ମଣିଷର ତ୍ୟାଗ, ସେବା, ସ୍ନେହ, ନିର୍ଭୀକତା ହିଁ ତାଙ୍କୁ ଦେବତାର ସ୍ଥାନ ଦିଏ । ଆଜି ଭୀମା ଏକଲବ୍ୟ 'ଜାରା' ଶବର ପରି ବନ୍ଦନୀୟ ।

୧. ଭୀମ ଭୂୟାଁ: ପୃଷ୍ଠା ୧୦୬ ।

୨. ଭୀମ ଭୂୟାଁ: ପୃଷ୍ଠା ୨ ।

୩. ଇଂଲଣ୍ଡ ରାଜା ଏଡ଼ୱାର୍ଡ଼ ଅଷ୍ଟମ: ଆମେରିକାନ ରମଣୀ ସୁନ୍ଦରୀ 'ସିମ୍ପସନ୍'ଙ୍କୁ ପତ୍ନୀଭାବେ ଗ୍ରହଣ କରି ଇଂଲଣ୍ଡ ରାଜଗାଦୀ ପରିତ୍ୟାଗ କରିଥିଲେ ।

୪. ସାରଳା ଦେବୀ: ମୁଖବନ୍ଧ ଭୀମା ଭୂୟାଁ, ତା୭.୭.୬୪ ।

୫. ଡ. ବ୍ରଜମୋହନ ମହାନ୍ତି: ଉପନ୍ୟାସ ଆଲୋଚନା ଗ୍ରନ୍ଥ, ପୃଷ୍ଠା ୧୧୩ ।

୬. ଭୀମ ଭୂୟାଁ: ପୃଷ୍ଠା ୨୫ ।

୭. ଭୀମ ଭୂୟାଁ: ପୃଷ୍ଠା ୧୨ ।

୮. ଭୀମ ଭୂୟାଁ: ପୃଷ୍ଠା ୨୩ ।

୯. ଭୀମ ଭୂୟାଁ: ପୃଷ୍ଠା ୬୪ ।

୧୦. ଭୀମ ଭୂୟାଁ: ପୃଷ୍ଠା ୭୩ ।

୧୧. ଭୀମ ଭୂୟାଁ: ପୃଷ୍ଠା ୭୭ ।

୧୨. ଭୀମ ଭୂୟାଁ: ପୃଷ୍ଠା ୭୮ ।

୧୩. ଭୀମ ଭୂୟାଁ: ପୃଷ୍ଠା ୮୬ ।

୧୪. ଭୀମ ଭୂୟାଁ: ପୃଷ୍ଠା ୮୭ ।

୧୫. ଡ. କୃଷ୍ଣ ଚରଣ ବେହେରା: ଓଡ଼ିଆ ଉପନ୍ୟାସ, ପୃଷ୍ଠା ୧୩୨, ୧୯୬୮୧୬.
ଭୋଲାନାଥ ରାଉତ: ଓଡ଼ିଆ ଉପନ୍ୟାସର ପରିଚୟ, ପୃଷ୍ଠା ୪୪୫, ସମ୍ପାଦନା

## ୨. ଅମୃତଦୃଷ୍ଟି ସଂପନ୍ନ ଔପନ୍ୟାସିକ ଗୋପିନାଥ ଓ ତାଙ୍କର ଉପନ୍ୟାସ

ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କର ଜନ୍ମ ଏକ ସମ୍ଭ୍ରାନ୍ତ କରଣ ପରିବାରରେ । ସେ ଇଂରାଜୀ ସାହିତ୍ୟରେ ଏମ୍.ଏ. ଏବଂ ଓଡ଼ିଶା ସରକାରଙ୍କ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ ଥିଲେ । ସୃଜନଶୀଳ ଓଡ଼ିଆ ଭାଷା ସାହିତ୍ୟର ଜଣେ ସୁପରିଚିତ ସ୍ରଷ୍ଟା । ସେ ଜ୍ଞାନପୀଠ ପୁରସ୍କାର ଲାଭ କରିଥିଲେ । ସେ ବିଶେଷତଃ ଦଳିତ, ଆଦିବାସୀ ତଥା ସହରୀ ଜୀବନ, ଜୀବିକା ଓ ଆଧୁନିକ ସମସ୍ୟାର ଅବଲମ୍ବନରେ ବହୁ ଚିନ୍ତାଶୀଳ ସୃଷ୍ଟି ସମ୍ଭାରରେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି ଏବଂ ଅବହେଳିତ ଆଦିବାସୀ, ଦଳିତ, ହରିଜନ ଜୀବନର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ପୂର୍ବକ ଗଦ୍ୟ, ସାହିତ୍ୟ, ଗଳ୍ପ, ଉପନ୍ୟାସ ସୃଷ୍ଟି କରି ଅପୂର୍ବ କଳା ଦକ୍ଷତା ପ୍ରଦର୍ଶନ କରିଛନ୍ତି । ସେ ବନଗହନ କାନ୍ତାର ବିଚରଣ କରି ଜନଜାତିର ଜୀବନ ସହିତ ସଂପୃକ୍ତ ରହି ସେମାନଙ୍କର ହସ, କାନ୍ଦ ଓ ଦୁଃଖର ଘାତ ପ୍ରତିଘାତକୁ ମନନ ଓ ଅଧ୍ୟୟନ ପୂର୍ବକ ଉକ୍ତ ଜନସମାଜର ନିସ୍ତବ୍ଧ ଜୀବନ ଦୃଶ୍ୟକୁ ଉଦ୍‌ଘାଟନ କରି ସାହିତ୍ୟ ଦରବାରକୁ ପ୍ରତିଧ୍ୱନି କରିଛନ୍ତି । ସେମାନଙ୍କୁ ଲେଖନୀ ମାଧ୍ୟମରେ ସହାନୁଭୂତି ଓ ସମ୍ବେଦନଶୀଳତା ପ୍ରକାଶ କରି ଅଶ୍ଳୀଳ ବୃତ୍ତାନ୍ତ ଓ ହସ ଆନନ୍ଦର ଜୀବନ ଦର୍ଶନର କଳା କୋଣାର୍କ ନିର୍ମାଣ କରିଛନ୍ତି । 'ଭୀମଭୂୟାଁ' ଉପନ୍ୟାସର ସ୍ରଷ୍ଟାଙ୍କ ପରେ ସେ ହୋଇଛନ୍ତି ଦ୍ୱିତୀୟ ବ୍ୟକ୍ତି, ଯେ କି ଉପନ୍ୟାସର ବିପୁଳ ସୃଷ୍ଟି ମଧ୍ୟରେ କନ୍ଧ, ପରଜା, ଆଦିବାସୀର ଜୀବନ ଜୀବିକା ଓ ଚରିତ୍ର ପରମ୍ପରାକୁ ନେଇ ଉତ୍କୃଷ୍ଟ ଆଞ୍ଚଳିକ ଉପନ୍ୟାସ ରଚନା କରି ଯଶସ୍ୱୀ ହୋଇଛନ୍ତି ।

'ଗୋପାଳ ବଲ୍ଲଭ ଦାସ'ଙ୍କ ଅପେକ୍ଷା 'ଗୋପୀନାଥ ମହାନ୍ତି', ଆଦିବାସୀ ଜୀବନ ଚିତ୍ରକୁ ଅଧିକତର ପ୍ରାଞ୍ଜଳ ଓ ସାବଲୀଳ ରୂପ ଦେଇଛନ୍ତି । ସେ ମାଟିର ମଣିଷ ସହିତ ମଟାଳ ଜୀବନ ଓ ଚରିତ୍ର ସହିତ ଏକାକାର ହୋଇଯାଇଛନ୍ତି । 'ପରଜା' ଓ 'ଅମୃତ ସନ୍ତାନ'ରେ ବଣଜଙ୍ଗଲ ଘେରା ଆଦିବାସୀ ସମାଜର ଚିତ୍ର ଏବଂ ସେମାନଙ୍କର ଯାନିଯାତ୍ରା, ପର୍ବପର୍ବାଣୀ, ବେଶ, ପୋଷାକ ଓ ଭାଷା ଯେପରି ଭାବରେ ପ୍ରକାଶିତ ହୋଇଛି, ତାହାହିଁ ପାଠକ ମନରେ ଆବେଗମୟ ଅନୁଭୂତି ଓ ଉଲ୍ଲାସ ସୃଷ୍ଟି କରେ (୧) । ଏଣୁ ଆମେ ତାଙ୍କୁ ଆଦିବାସୀ ପ୍ରାଣ କହିବା ଯଥାର୍ଥ ହେବ ।

ତେବେ ପୂର୍ବ ସୂରୀଙ୍କ ଛାପ ବା ଛାୟା ପରବର୍ତ୍ତୀ ସୃଷ୍ଟିରେ ଅଲକ୍ଷ୍ୟରେ ରୂପନିଏ । ଭଗବତୀ ଚରଣ ପାଣିଗ୍ରାହୀଙ୍କ 'ଶିକାର' ଗଳ୍ପରେ ସାମନ୍ତବାଦୀ ଅତ୍ୟାଚାରର ମୂଳୋତ୍ପାଟନ ନିମିତ୍ତ ସନ୍ତ୍ରାସବାଦର ସଂବେଗସିଦ୍ଧ ଜିଜ୍ଞାସାର ଆଶ୍ରୟ ନିଆଯାଇଛି । ସରଳ ଆଦିବାସୀ ଯୁବକ 'ଘିନୁଆ' ଅତ୍ୟାଚାରୀ ଗୋବିନ୍ଦ ସାହୁକାରର ମୁଣ୍ଡ କାଟିବା ମଧ୍ୟରେ ପଦଦଳିତର ସାଧୀକାର ସାବ୍ୟସ୍ତ ହୋଇଛି । ସେହିପରି 'ଦାଦିବୁଢ଼ା' ଠାରୁ ଆରମ୍ଭ କରି 'ଅପହଞ୍ଚ' ପର୍ଯ୍ୟନ୍ତ ବହୁ ଉପନ୍ୟାସରେ ଅବହେଳିତ

ଆଦିବାସୀଙ୍କ ସୁଖଦୁଃଖ, ଅନ୍ଧବିଶ୍ୱାସ, ବଦ୍ଧ ଧାରଣା ଭରା ଜୀବନର ତଦନୁରୂପ ଚିତ୍ର ଅଙ୍କନ କରିବାରେ ଗୋପୀନାଥ ବାବୁ ସିଦ୍ଧହସ୍ତ । ଏଥିପାଇଁ 'ଭୀମଭୂୟାଁ' ଓ 'ଶିକାରୀର' ପ୍ରଭାବ ତାଙ୍କ କୃତିରେ ଅପ୍ରତ୍ୟକ୍ଷ ହେଲେ ହେଁ ଅକିଞ୍ଚିତ୍କର ନୁହେଁ । କାରଣ ଗୋପୀବାବୁ ମଧ୍ୟ ଥିଲେ ଜଣେ ପ୍ରଚ୍ଛନ୍ନ ବିପ୍ଳବୀ ।

ସ୍ରଷ୍ଟା, ସୃଷ୍ଟିର ପରିବେଶ, ଅନୁଭୂତି ଓ ଅନୁରାଗ ନେଇ ସାହିତ୍ୟ ରଚନା କରେ । ସମାଜର ଜୀବନ ଓ ଚଳଣି ହୁଏ ତାର ଉପଜୀବ୍ୟ । ସେ ସୃଷ୍ଟି ସହିତ ସମନ୍ୱୟ ରକ୍ଷା କରେ । ତାହାହିଁ ଘଟିଛି ଗୋପୀନାଥଙ୍କ ସାରସତ ସାଧନାରେ । ସେ କୋରାପୁଟରେ ସରକାରୀ ଚାକିରୀରେ ଥିଲାବେଳେ ଅଳିଆ ଦଳିଆ ତଥା ଅବହେଳିତ ଆଦିବାସୀ ଜୀବନ ଅଧ୍ୟୟନ କରିବାରେ ତତ୍ପର ହୋଇ ଉଠିଥିଲେ । ସେ ଜାତି, ଧର୍ମ, ସଂପ୍ରଦାୟରୁ ବାସ୍ତବତାକୁ ନେଇ ସାହିତ୍ୟ ସୃଷ୍ଟି କଲେ । ଯେହେତୁ ସାହିତ୍ୟ ହିଁ ଜୀବନର ପ୍ରତିଛବି । ଜୀବନ ଓ ଚଳଣିର ପ୍ରଭାବରୁ ହିଁ ହୁଏ ସାହିତ୍ୟର ସୃଷ୍ଟି ଏବଂ ସାହିତ୍ୟର ପ୍ରଭାବ ପରବର୍ତ୍ତୀ ଜୀବନ ଯାତ୍ରାକୁ ପ୍ରଣୋଦିତ କରିଥାଏ । ସାଧାରଣ ଜୀବନ ଅଭିଜ୍ଞତାରୁ ମହାନ୍ ଦର୍ଶନ ପରମ୍ପରା ଓ ସଂସ୍କୃତିର ବାର୍ତ୍ତା ଉଦ୍‌ଘୋଷଣା ଦ୍ୱାରା ମାନବ ସମାଜର ଦୃଷ୍ଟିକୋଣ ପରିବର୍ତ୍ତନ କରିବା ହେଉଛି ଲେଖକର କର୍ତ୍ତବ୍ୟ । ଏ ଦିଗରେ କଥାସମ୍ରାଟ ଫକୀର ମୋହନ ସେନାପତିଙ୍କ ପରେ ଗୋପୀନାଥ ମହାନ୍ତି ହେଉଛନ୍ତି ଅନ୍ୟତମ କଥାସମ୍ରାଟ । ସେ ହିଁ ଶ୍ରେଷ୍ଠ ଜନ-ଜୀବନର ଭାଷ୍ୟକାର । ସେ ସରଳ ଉପନ୍ୟାସକାର ନଥିଲେ । ପ୍ରଣୟ ବା ଯୌନ ଉଦ୍ଦୀପକ କଥା ରଚନା କରି ମୁହୂର୍ତ୍ତକ ଭାବ ପ୍ରବଣତାରେ ବଶବର୍ତ୍ତୀ କରି ଶସ୍ତା ନାମ ନେଇ ନାହାନ୍ତି । ତାଙ୍କର ସୃଷ୍ଟି ସମ୍ଭାର ଶାଶ୍ୱତ ଚେତନାରେ ପାଠକକୁ ଉଦ୍ଦୀପ୍ତ କରେ ।

ଆଜି ଅନେକ ଲେଖକ ଲେଖିକାଙ୍କର ଆଦିବାସୀଙ୍କ ଜୀବନ ଆଧାରିତ ଉପନ୍ୟାସ ଲେଖିବାର ଏକ ସଉକ୍ ହୋଇଛି । ସେମାନେ ସରକାରୀ ପୋଷଣ ଓ ପ୍ରଚାର ଭଳି ଗପ-ଉପନ୍ୟାସ ମଧ୍ୟରେ ଭାବ ପ୍ରବଣତାର ବଶବର୍ତ୍ତୀ ହୋଇ ଅନେକ ଅପସଂସ୍କୃତି, କପୋଳ କଳ୍ପିତ, ଚିତ୍ର ଚରିତ୍ର ଦେଇ ପାଠକକୁ ବିଭ୍ରାନ୍ତ କରୁଛନ୍ତି । ଗୋପୀବାବୁ ସେ ଦିଗରେ ଏକ ବ୍ୟତିକ୍ରମ ।

ଆଦିବାସୀ ଜନ ଜୀବନ ଉପରେ ଲିଖିତ ତାଙ୍କର ପ୍ରଥମ ଉପନ୍ୟାସ ହେଉଛି 'ଦାଦିବୁଢ଼ା' (୧୯୪୪) । ଉକ୍ତ ଉପନ୍ୟାସରେ ଚରିତ୍ର ହେଉଛି ମୁଖ୍ୟ । ଚରିତ୍ରର କ୍ରିୟା ପ୍ରତିକ୍ରିୟା ଅବଲମ୍ବନରେ ବ୍ୟକ୍ତିତ୍ୱ, ସଂସ୍କୃତି, ଚଳଣି ଆପେ ଆପେ ଉଦ୍‌ଘାଟିତ ହୋଇ ଉପନ୍ୟାସକୁ ରସାଳ କରି ଗଢ଼ି ତୋଳିଛନ୍ତି । ସାଧାରଣର ଅବିଶ୍ୱାସ କଥା, ସରଳ ଧର୍ମବିଶ୍ୱାସୀ ଆଦିବାସୀ ପକ୍ଷରେ ଗାଢ଼ ବିଶ୍ୱାସରେ ପରିଣତ ହୋଇଛି ଦାଦିବୁଢ଼ାର ଉପନ୍ୟାସରେ ।

ତାଙ୍କ ଭାଷାରେ କହିବାକୁ ଗଲେ "ସ୍ତ୍ରୀ ଜାତି, ପୁରୁଷ ଜାତି ଭିତରେ ବିନା କଟକଣାରେ ଯେଉଁ ସମାଜରେ ମିଳାମିଶା ସମ୍ଭବ, ସେଭଳି ସମାଜକୁ ଉପନ୍ୟାସର ଉପଜୀବ୍ୟ କଲେ ଲେଖକର ଲାଭ ହୁଏ, ସହଜ ସ୍ୱାଭାବିକ ଭାବେ ସ୍ତ୍ରୀ ପୁରୁଷ ସଂପର୍କରେ ଚିତ୍ରଣ ।"(୨) ଏଣୁ ସେ ଆଦିବାସୀ ଜନଜୀବନର ଚିତ୍ର, ବିଚିତ୍ର, ବୈଚିତ୍ର୍ୟ ତଥା ସଂସ୍କୃତିର ବିଭିନ୍ନ ଦିଗ ବର୍ଣ୍ଣନା କରି ଗୋଟାଏ ପରେ ଗୋଟାଏ ଉପନ୍ୟାସ ରଚନା କଲେ ଏବଂ ଆଦିବାସୀ ସମାଜ ସଂସ୍କୃତିର ଶ୍ରେଷ୍ଠ କଥାକାର ଭାବେ ସମଗ୍ର ଭାରତରେ ପ୍ରତିଷ୍ଠା ଲାଭକଲା । ଭାରତୀୟ ସାହିତ୍ୟ କ୍ଷେତ୍ରରେ ମଧ୍ୟ ଏହି ଧରଣର ଗଦ୍ୟ ମହାକାବ୍ୟ ରଚନା କରିବାରେ ତାଙ୍କପରି ସ୍ରଷ୍ଟା ବିରଳ । ସେ କହିଛନ୍ତି, "ଆଦିବାସୀ-ହରିଜନ-

ଶ୍ରମିକ-ଶୋଷିତଙ୍କ ବିଷୟରେ ଲେଖିବାକୁ ଗଲାବେଳେ ଗୋଟିଏ ପ୍ରକାର ସାମାଜିକ ନ୍ୟାୟ ପ୍ରତି ଆକର୍ଷଣ ମୋ ମନରେ ନିହିତ ଥିଲା, ଯା ମୁଁ ଆନନ୍ଦରେ ସ୍ୱୀକାର କରୁଛି।"(୩)

ସୁତରାଂ ସେ ଦରଦୀ ମଣିଷ। ମାନବିକତାର ମହାନ ସଂଗୀତ ଗାନ କରିଛନ୍ତି। ସାମ୍ୟବାଦୀ ତାଙ୍କର ଦର୍ଶନ। ତାଙ୍କର ସୃଷ୍ଟି ସମ୍ଭାରରେ ଅବଗାହନ ନକଲେ, ତାଙ୍କର ଏହି ବକ୍ତବ୍ୟ ଅନୁଭବ କରାଯାଇ ପାରିବ ନାହିଁ ଏବଂ ତାଙ୍କ ସୃଷ୍ଟିର ସତ୍ୟ-ଶିବ-ସୁନ୍ଦର ମହନୀୟତା ସହଜରେ ଧରି ହେବ ନାହିଁ। ସେ ଜଣେ ନୈସର୍ଗିକ ସାରସ୍ୱତ ସାଧକ, ତପସ୍ୱୀ।

ତାଙ୍କର ଆଦିବାସୀ ଜନଜୀବନ ଆଧାରିତ ପାଞ୍ଚଟି ଉପନ୍ୟାସ ଆଲୋଚନାର ପରିସରକୁ ନିଆଯାଇଛି। "ଦାଦିବୁଢ଼ା" ୧୯୪୪, "ପରଜା" ୧୯୪୫, "ଅମୃତର ସନ୍ତାନ" ୧୯୪୯, "ଶିବଭାଇ" ୧୯୫୫, "ଅପହଞ୍ଚ" ୧୯୬୧। ଏଗୁଡ଼ିକର ସାରସ୍ୱତ ମୂଲ୍ୟାଙ୍କନ ସହିତ ଉପନ୍ୟାସର ଅନ୍ତରାଳରେ ପ୍ରବାହିତ ମହାର୍ଘ ଜୀବନଧାରା, ସାଂସ୍କୃତିକ ଅବବୋଧ, ନିରୁତାମଣିଷର ନିଷ୍କପଟ ଛନ୍ଦପୂର୍ଣ୍ଣ ଆବରଣ ସ୍ରୋତର ଏକ ରସଘନ ପରିଚୟ ଉଦ୍‌ଘାଟନ କରିବାର ପ୍ରୟାସ କରାଯାଇଛି।

## (କ) ଦାଦିବୁଢ଼ା:- ପରଜା ଜୀବନର ପ୍ରତ୍ୟୟର ପ୍ରତୀକ

ଡ. ଗୋପୀନାଥ ମହାନ୍ତିଙ୍କର ୧୯୪୪ରେ ଲିଖିତ ଦାଦିବୁଢ଼ା ହେଉଛି ଆଦିବାସୀ ଜୀବନଧାରା ଉପରେ ଆଧାରିତ ଏକ ବହୁଚର୍ଚ୍ଚିତ ଉପନ୍ୟାସ। ଦାଦିବୁଢ଼ା ଲୁଲୁ ପରଜା ଗୋଷ୍ଠୀର ବିଶ୍ୱାସର ପ୍ରତୀକ ଏବଂ ସେ ଉପନ୍ୟାସର ନାୟକ। କାରଣ ଲୁଲୁ ଗାଁ କେବଳ ନୁହେଁ, ପରଜା ସମାଜର ଅନ୍ୟତ୍ର ମଧ୍ୟ ଏହାର ପୂଜନ ଅର୍ଚ୍ଚନ ହେଉଥିବା ଔପନ୍ୟାସିକ ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି। ସେ ସାମାଜିକ, ସାଂସ୍କୃତିକ ତଥା ଆଧ୍ୟାତ୍ମିକ ଚେତନାରେ ପରଜା ଜୀବନକୁ ପ୍ରଭାବିତ କରିଛି ଏବଂ ସେ ହିଁ ପରଜା ଜୀବନର ସୁଖ, ଦୁଃଖ, ଭାବ, ଅଭାବ, ଭୋଗ, ତ୍ୟାଗ ସହିତ ସଂଶ୍ଳିଷ୍ଟ। ଆଧୁନିକ ଚେତନା ଦୃଷ୍ଟିରୁ ଦାଦିବୁଢ଼ାର ପ୍ରଭାବ ପରଜା ଜୀବନ ଉପରେ କୁସଂସ୍କାରଚ୍ଛନ୍ନର ଏକ କଳାମେଘ କହିଲେ ସମୀଚୀନ ହେବ। ତଥାପି ଗୋଷ୍ଠୀକୁ ଶୃଙ୍ଖଳିତ କରି ରଖିବାରେ ମଧ୍ୟ 'ଦାଦିବୁଢ଼ା'ର ଭୂମିକା କମ୍ ନୁହେଁ। 'ଦାଦିବୁଢ଼ା' କାଳସୀ ଜରିଆରେ ସବୁ କିଛି କହିଥାଏ। କାରଣ ଦାଦିବୁଢ଼ା ହେଉଛି ପୂର୍ବ ପୁରୁଷ ପରଜା ଗୋଷ୍ଠୀର ଆଦି ଦେବତା। ପୂର୍ବ ପୁରୁଷର ଡୁମା ବା ପ୍ରେତାତ୍ମା (ବିଦାୟୀ ଆତ୍ମା) ନାନା ଉତ୍ପାତ କରି ସାଂସାରିକ ଜୀବନକୁ ଅସ୍ତବ୍ୟସ୍ତ କରିଥାଏ ବୋଲି ମଧ୍ୟ ବିଶ୍ୱାସ। ଏଣୁ ତାର ତୃପ୍ତି ପାଇଁ ମଦ, କୁକୁଡ଼ା, ପାରା ବଳି ଦେଇ ପୂଜା କରିଥାନ୍ତି। ଦାଦିବୁଢ଼ା ଧରମ୍ ଆଉ ଧରତିନ୍‌ର ଅସଲ ଦେବତା। ତାର ମଝିରେ କେହି ନାହିଁ। ସେ ହିଁ ପରଜା ଜୀବନକୁ ନିୟନ୍ତ୍ରଣ କରେ। ଏଣୁ ସଂପୃକ୍ତ ଜନଜାତି ତା' ପ୍ରତି ଅଟଳ ଭକ୍ତି, ଆସକ୍ତି ଆଉ ଅନୁରକ୍ତି ଦେଖାଇଥାନ୍ତି।

'ଗୁରୁମାଈ' କାଳସୀ ମୁହଁରେ ମଧ୍ୟ ପ୍ରକାଶ ପାଏ ଯେ, ମୁଁ 'ଦାଦିବୁଢ଼ା'। ତୁମ ସମସ୍ତଙ୍କୁ ସର୍ଜନା କରିଛି। ଏହି ଉକ୍ତିକୁ ପରଜାମାନେ ମୁଣ୍ଡପାତି ଗ୍ରହଣ କରି ନିଅନ୍ତି। ଦାଦିବୁଢ଼ା, ଆଦିବାସୀ ଅଣଆଦିବାସୀ ସମସ୍ତଙ୍କ ଉପରେ ପ୍ରଭାବ ବିସ୍ତାର କରିଛି। ଗ୍ରାମୀଣ ସମାଜର ଚେତନା 'ଦାଦିବୁଢ଼ାମୟ' ହୋଇଛି। ଯିଏ ଅବିଶ୍ୱାସ କରିଛି, ବିଶେଷତଃ ପ୍ରାଚୀନ, ଚାଲ୍ଲେରୀତମ ପ୍ରମୁଖ ମଧ୍ୟ ନିଜର ସ୍ୱାର୍ଥପାଇଁ ମଦ ପିଇ ପରଜାଙ୍କ ସହିତ ନାଚି ଡେଇଁ ଭକ୍ତି ପ୍ରଦର୍ଶନ କରିଛନ୍ତି। ସନ୍ତୋଷ

କୁମାରୀ କହିଛି, "ବାହାରେ ମନାକଲେ ମଧ୍ୟ ଘରେ ଦଣ୍ଡବତ କରନ୍ତି ।" ଯାହାକୁ କୁହାଯାଏ ଭୟ ଭକ୍ତି ।

ଦାଦିବୁଢ଼ା କହିଲେ କୋରାପୁଟର ଜଙ୍ଗଲୀ ଲୋକେ ବାପର ଭାଇକୁ ବୁଝନ୍ତି ନାହିଁ । ବୁଝନ୍ତି ବାପର ବାପକୁ, ଯେପରି ଶଶୁର କହିଲେ ବୁଝନ୍ତି ଭାରିଯାର ଭାଇ । ଦାଦି ସହିତ ବୁଢ଼ା ମିଶିଗଲେ ପରଜା ଓ କନ୍ଧ ଦୁଇ ଭାଷାଯାକ ମିଶିଯାଏ । କନ୍ଧଭାଷାରେ ବୁଢ଼ା ଅର୍ଥ ବାପର ବାପ ।(୪) ଏଣୁ କନ୍ଧ, ପରଜା ଉଭୟଙ୍କର ଦେବତା ହେଉଛି 'ଦାଦିବୁଢ଼ା' ।

ସେ ଦିନ ଡୁମା ଆଉ ଖ୍ରୀଷ୍ଟିଆନ୍ ଧର୍ମ ଧାରଣା ନେଇ ରାମ ନାୟକ ଓ ଏଲିଓ ପ୍ରାଚୀନ (ଡମ୍)ଙ୍କ ସହିତ ଅନେକ ଯୁକ୍ତିତର୍କ ହେଲା । ଖ୍ରୀଷ୍ଟିଆନ୍ ଡମ୍‌ମାନେ ଡୁମା ବିଶ୍ୱାସ କରନ୍ତି ନାହିଁ । କାରଣ ଗୋପୀନାଥଙ୍କ ଭାଷାରେ ଆଧୁନିକ ସଭ୍ୟତାର ପ୍ରଭାବ କେତେକାଂଶରେ ଡମ୍ ଲୋକଙ୍କ ଉପରେ ପଡ଼ିଛି । ପ୍ରଚ୍ଛନ୍ନ ଭାବେ ଆସାମ ଚା ବଗିଚାକୁ ପଳାୟନ ଘଟଣାରେ । ସେ ସଭ୍ୟତା ପ୍ରାଚୀନ ଆଦିବାସୀ ସଭ୍ୟତାକୁ ବିପର୍ଯ୍ୟସ୍ତ କରେ ।(୫) ସେ ଫାଦର, ବାଇବେଲ ଆଦି କଥା ଉଠାଇଲା, ଆଉ ରାମ ନାୟକ, ହରି ଜାନି ପ୍ରମୁଖ ଆଦିମ ସଂସ୍କୃତି, ପ୍ରେତାତ୍ମା (ଡୁମା) ମହିମା ବର୍ଣ୍ଣନା କଲା । ଡୁମାମାନେ ଜଙ୍ଗଲ ପୋଡ଼ନ୍ତି । ସୁଖଦୁଃଖର ସାଥୀ ହୁଅନ୍ତି । ତାଙ୍କର ସଂସ୍କୃତି ପ୍ରାଚୀନ । ସେମାନଙ୍କର ଡୁମା ହିଁ ସବୁ କହି ପ୍ରତିବାଦ କଲା । ସେମାନେ ଗାଁକୁ ପହଞ୍ଚି ପଞ୍ଚାୟତ ଡକାଇ, ଦିଶାରୀ, ଗୁରୁମାଇଙ୍କୁ ଆମନ୍ତ୍ରଣ କଲେ । ସେମାନଙ୍କ ଅନୁରୋଧରେ ଦିଶାରି ପୂଜନ ଅର୍ଚ୍ଚନ ପୂର୍ବକ ମନ୍ତ୍ର ପାଠରେ ଲାଗିଲା । ତାର ଇଙ୍ଗିତରେ ଶାମ ଗୁରୁମାଇ ନାଚିଲା । ଦେବତାର ଆବିର୍ଭାବ ହେଲା ଦେହରେ ଏବଂ ଖାଇବି ଖାଇବି ବୋଲି ଚିତ୍କାର କଲା । ତାକୁ ସନ୍ତୁଷ୍ଟ କରିବା ପାଇଁ ବୁଢ଼ାବୁଢ଼ୀ ବି ନାଚିଲେ । ଏପରି ଗୁରୁମାଇ ନାଚୁ ନାଚୁ ଥକ୍କାମାରି ଖଜୁରୀ ଗଛ ମୂଳରେ ଅଚେତ ହୋଇ ପଡ଼ିଲା । ଦିଶାରି କହିଲେ, 'ଦାଦିବୁଢ଼ା ପୂର୍ବପୁରୁଷର ଡୁମା, ସେଠି ଅଟକି ରହିଲା ।"(୬) ଏଣୁ ଗଛକୁ ୨୧ଟି ସ୍ଥାନରେ ହାଣି ୭ ଖଣ୍ଡିଆ କରି ନାଲି ନେଳି ରଙ୍ଗରେ କ୍ଷତସ୍ଥାନ ଚିତ୍ରିତ କଲେ । ଥୁଣ୍ଟା ଖଜୁରୀ ଗଛର ମୁଣ୍ଡରେ ପଗଡ଼ି ଖଞ୍ଜି ଦୁଇଟି ଆଖି ତିଆରି କଲେ ଏବଂ ତାକୁ ଅଦୃଶ୍ୟ ଶକ୍ତି, ଭାଗ୍ୟନିୟନ୍ତା ଭାବେ ଗ୍ରହଣ କଲେ । ପୁଣି ଗୋପୀବାବୁ ଲେଖିଛନ୍ତି, "ଯାହାକୁ ବୁଝେଇ ହେବ ନାହିଁ ତାକୁ ଯୁକ୍ତିସିଦ୍ଧି କରିବାକୁ ମଣିଷ ଗଢ଼ୁଛି ଜାତିକୈନ୍ଦ୍ରିକ ଠାକୁର । ସେଇ ତା' 'ଦାଦିବୁଢ଼ା' ଖଜୁରୀ ଗଛ ଖୁଣ୍ଟଟି । ମଣିଷ ସଭ୍ୟତା ଯେତେକାଳ ଅଛି, ସେ ବି ଅଛି, ସମସ୍ତେ ସବୁ କାମନା ସେଠି କରନ୍ତି ।" ସେ ହେଲା ଗାଁ ଜଗୁଆଳି, ମୁରବୀ । ନୀରବ ନିଷ୍ଫଳରେ ସମସ୍ତଙ୍କୁ ଚାହିଁଲା । ହସିଲା ଭଙ୍ଗିରେ ଥାଏ । ଚାଲିଲା ଆବାଳ ବୃଦ୍ଧବନିତାଙ୍କର ତା ପ୍ରତି ପ୍ରାର୍ଥନା । ବାଟଚଲା ଗଦବା, ଡମ୍‌ମାନେ ବି ଫୁଲ ଚନ୍ଦନ ଅର୍ପଣ କଲେ । ରାମ ନାଇକ, ହରି ଜାନି, ଠେଙ୍ଗା ଜାନି, ସନ୍ତୋଷ କୁମାରୀ (ଡମ୍ ଝିଅ), ସାଲିଆଫୁଲ, ସାରିଆ ଜାନ୍ ଆଦି ପୂଜା କଲେ । ଫୁଲମାଳା ଚଢ଼ାଇଲେ । ମାନସିକ କଲେ । କାହାର ପୁଅ ନଥିଲା, କାହାର ଗାଈ ହଜିଲା, କାହାକୁ ବାଘ ଖାଇଲା, କିଏ ରୋଗରେ ପଡ଼ିଲା, ତାକୁ ଗୁହାରି କଲେ । କିପରି ପୁଅ ବାହାହେବ, ଝିଅକୁ ଭଲ ବର ମିଳିବ, ବରକନ୍ୟା ମଧ୍ୟ ନିଜର ଇଚ୍ଛା ପୂରଣ ପାଇଁ ଦଣ୍ଡବତ ହେଲେ । ସମସ୍ତଙ୍କର ଭଲମନ୍ଦର କେନ୍ଦ୍ରବିନ୍ଦୁ ହେଲା । ଦାରୁଦେବତା ଦାରୁରେ ଯେପରି ଦାଦିବୁଢ଼ା ଜଗନ୍ନାଥ ଠାକୁର ଆବିର୍ଭୂତ ଠିକ ସେପରି 'ଦାଦିବୁଢ଼ା' ପ୍ରତ୍ୟକ୍ଷ ଆଦିମଙ୍କର ମଙ୍ଗଳମୟ ପୁରୁଷରୂପେ ଦାରୁରେ ଅବସ୍ଥାପିତ ହେଲେ । ସେ ସାଧୁର ବି ଦେବତା ଆଉ ଚୋର ବି ଦେବତା ହେଲା । ଡମ୍ ଚୋରମାନେ ବି ଗୁହାରି

କରନ୍ତି ସେପରି ତାଙ୍କର ଅଭାବ ନରହେ । ଆମର କି ଦୋଷ । ଆଜି ଆମକୁ ଧନ ମିଳୁ ବୋଲି କହି ରାତିରେ ଚୋରି କରିବାକୁ, ସିନ୍ଧି ଫୋଡ଼ିବାକୁ ଯାତ୍ରା କରନ୍ତି । ଠେଙ୍ଗାଜାନି ବି ସାରିଆଜାନ୍‌କୁ ଛାଡ଼ି ସନ୍ତୋଷ କୁମାର ପ୍ରେମରେ ପଡ଼ି ତାକୁ କିପରି ନିଜର କରିବ ପ୍ରାର୍ଥନା କରିଛି । ସନ୍ତୋଷ କୁମାରୀ ମଧ୍ୟ ଠେଙ୍ଗାଜାନୀ ବ୍ୟତୀତ ତାର ଆଉ ଆଶ ଭରସା କେହି ନାହିଁ ବୋଲି ଗୁହାରୀ କରିଛି ଏବଂ ତାର ପ୍ରାର୍ଥନା ଦାଦିବୁଢ଼ା ଶୁଣିଲା ବୋଲି କୃତଜ୍ଞ ରହି ଠେଙ୍ଗାଜାନି ସହିତ ଆସାମ ପଳାୟନ କଲା ।

ରାମ ନାଇକ ଓ ଠେଙ୍ଗାର ବୋଉ, ପୁଅ ଠେଙ୍ଗା ଜାନିର ଅନୀତି କାମ ଦେଖି ବ୍ୟସ୍ତ ହେଲେ । ମାତ୍ର କାଳସୀର ବାଣୀରେ ଚୁପ୍ ରହି, ଭାଗ୍ୟ ଆଦରି ରହିଲେ । ଠେଙ୍ଗା ଥିଲା ଖରାପ 'ଡୁମା' । ତେଣୁ ପଳାୟନ କରିଛି ଡମ୍ ଝିଅ ସହିତ । ପୁଣି ଗାଁର ଅନେକଙ୍କୁ ବାଘ ଖାଇଲା । ବାଘ ଡୁମା ମାଡିଛି ବୋଲି ଶ୍ୟାମ ଗୁରୁମାଁଇ କାଳସୀ ରୂପେ କହିଲା । ତା କଣ୍ଠରେ ଦାଦିବୁଢ଼ା ବିରାଜମାନ ହୋଇ କହିଲା ବୋଲି ଗ୍ରାମବାସୀ ଯୁଗ ଯୁଗର ଭିଟାମାଟି ଛାଡ଼ି ଅନ୍ୟତ୍ର ଚାଲିଗଲେ । ପରଜା ଲୋକେ ଭାରି ଭୟାଳୁ । ଆଉ ଏମିତି ମଣିଷ ସେମାନେ ଯେ ଯାହା ବୁଝିଲେ ସେୟା । ସେମାନଙ୍କର ମନ ଭିତରେ କି ଆଦିମ ବିଶ୍ୱାସ, ସେମାନଙ୍କ ମନରେ ଦାଦିବୁଢ଼ା ଚୋର ପଶିଥିଲା । ଆମେ ଧର୍ମାନ୍ତର ଡମ୍ ଖ୍ରୀଷ୍ଟିଆନ୍ ତଥା ଏହାକୁ ସଇତାନ୍ ପୂଜା ବୋଲି ମନେକଲେ । ଅଶିକ୍ଷିତ ବଣୁଆ ମଣିଷ ତାକୁ ଆଦିମ ଦେବତାର ପ୍ରତ୍ୟକ୍ଷ ଦେବତା ବୋଲି ଗ୍ରହଣ କରିନେଲେ । ସେହି କନ୍ଧ ମୂଳଧାରଣା ଆଦିମଙ୍କ ଭିତରେ ରହିଛି । ସେମାନେ ଗୁଣିଗାରେଡ଼ି, ଡାହାଣୀ, ଡୁମା ଆଦି ପରମ୍ପରାରୁ ମୁକ୍ତ ନୁହଁନ୍ତି ।

ମଣିଷ ଭୟରେ ଦେବତା ସୃଷ୍ଟି କରେ, ଆଉ ଦେବତାର ଆଶାରେ ତରିଯିବ ବୋଲି ବିଚାର କରେ । ସାଧାରଣ ବଣୁଆ ମଣିଷ, ପ୍ରକୃତି ଉପରେ ଯେତେ ଭରସା କରେ, ସେହି ପ୍ରକୃତିର ଅନ୍ତରାଳରେ ଥିବା ଅଦୃଶ୍ୟ ଶକ୍ତିକୁ ସେତେ ଡରେ । ଡୁମା (ପ୍ରେତାତ୍ମା)କୁ ଭୟ କରେ ଏବଂ ପୁନର୍ଜନ୍ମ ଲାଭ କରିବ ବୋଲି ବିଶ୍ୱାସ କରେ । ଏଣୁ 'ଦାଦିବୁଢ଼ା'କୁ ନେଇ ପରଜା ଜୀବନର ଉତ୍‌ଥାନ ପତନ ସଂଘଟିତ ହୋଇ ଚାଲିଛି । ଦିକୁ ଓ ଦେବତାକୁ ତାଙ୍କର ପ୍ରାଣେ ଭୟ । କାରଣ ସେମାନେ ଶାନ୍ତିପ୍ରିୟ ଜାତି ।

"ମଣିଷର ଭୟ ଓ ବିସ୍ମୟ ହେତୁ ଦେବତାର ସୃଷ୍ଟି । ବାଘ ବୋବାଇଛି ମନରେ ଭୟ ସଂଚାର ହୋଇଛି, ବଣରେ ନିଆଁ ଲାଗିଛି, ଦେଓ୍ୱାଲି ସୃଷ୍ଟି ହୋଇଛି । ଏହିଠାରୁ ଗୋଟିଏ ପ୍ରତୀକ ଭାବରେ ସୃଷ୍ଟି ହୋଇଛି ଦେବତା ।"(୭) ।

"ଏହିପରି ଗଡ଼ଜାତ ଅଞ୍ଚଳରେ ଗାଁ ମୁଣ୍ଡରେ ପଥର, ବୃକ୍ଷ ଆଦି ଦେବତା ରୂପ ଦେଇ ଫୁଲ, ଚନ୍ଦନ, ସିନ୍ଦୂର ମୁରୁଜର ଯେ କେହି ପଥିକ ମୁଣ୍ଡିଆ ମାରି ଯାଆନ୍ତି । ଗାଁ ମୁଣ୍ଡରେ ମଧ୍ୟ ମହୁଲ, ସାହାଡ଼ା ଗଛ, ଥୁଣ୍ଟା ବରଗଛ, ଖଜୁରୀ ଗଛ ଓ ଓସ୍ତ ଗଛ, ସାତଗୋଟିଆ ପଥର, ଉଇହୁଙ୍କା ପ୍ରଭୃତି ଦେବତା ରୂପେ ପୂଜା ପାଆନ୍ତି ।"(୮) ।

ସେହିପରି ଦେବତା ଦାଦିବୁଢ଼ା । କିନ୍ତୁ ଦ୍ୱିତୀୟ ଦିଶାରି 'ରୂପାଜାନି' ଦିନେ ସ୍ୱପ୍ନ ଦେଖି କହିଲେ ଯେ ଦାଦିବୁଢ଼ାର ହୁକୁମ ମାନି ଗାଁ ଛାଡ଼ି ଚାଲିଗଲେ, ଗୋମଡ଼କ, ବାଘଭୟ ରହିବ ନାହିଁ । ପ୍ରାଣଭୟରେ ସେମାନେ ଭିଟାମାଟି ପରିତ୍ୟାଗ କରି ଚାଲିଗଲେ ।

ଦାଦିବୁଢ଼ା ଏକ ପ୍ରତୀକ । ପରଜାର ଚେତନା, ଆଦର୍ଶ, ଧର୍ମବିଶ୍ୱାସ, ସୁଖଦୁଃଖ, ଭୟ, ବିସ୍ମୟ, ଆଶା ନିରାଶାକୁ ଆଚ୍ଛନ୍ନ କରିଛି । ପରଜାର ସମଗ୍ର ମାନସିକ, ନୈତିକ ତଥା ଆଧ୍ୟାତ୍ମିକ ସ୍ଥିତିର ନିୟାମକ ସେ । ଗୋଟିଏ କଥାରେ ଏହି ମାନବିକ ସଂପ୍ରଦାୟର ସୃଷ୍ଟି ତଥା ସଂସ୍କୃତିର ମୂଳ ଉତ୍ସ ସେ । ବିଗ୍ରହ ସେ । ପରିଣତି ମଧ୍ୟ ସେ । ତେଣୁ ସମଗ୍ର 'ଦାଦିବୁଢ଼ା' ଉପନ୍ୟାସର ପରିକଳ୍ପନା ଏବଂ ପରିପ୍ରସାର କ୍ଷେତ୍ରରେ ଏକମାତ୍ର କେନ୍ଦ୍ରବିନ୍ଦୁ ସେ । ଏଣୁ ଦାଦିବୁଢ଼ା ଉପନ୍ୟାସର ନାୟକ ଦାଦିବୁଢ଼ା କହିଲେ ସମୀଚୀନ ହେବ । ସଂପ୍ରସାରଣରେ ଆସିଛନ୍ତି ରାମ ନାଇକ, ଜାନି, ଦିଶାରୀ, ବାରିକ, ଠେଙ୍ଗା, ଡମ୍, ଖ୍ରୀଷ୍ଟିଆନ୍, ସାରିଆଦାନ୍, ସାରିଆ ଫୁଲ, ସନ୍ତୋଷ କୁମାରୀ ଆଦି ସବୁ ସାନବଡ଼ ଚରିତ୍ର । କିନ୍ତୁ ସେମାନେ ସମସ୍ତେ ପାର୍ଶ୍ୱ ଚରିତ୍ର । ତାଙ୍କରି ଭିତରେ ତାଙ୍କ ଅସ୍ତିତ୍ୱର ବିଶେଷତ୍ୱକୁ ପ୍ରମାଣିତ କରିବାକୁ ପଦେ ପଦେ ଆସିଛି 'ଦାଦିବୁଢ଼ା' । ସବୁଠାରେ ରହିଛି ସେ ମୂକସାକ୍ଷୀ ଭାବେ । ସେହି ଗୋଟିକ ପ୍ରତ୍ୟେକକୁ ଏକ ଚୁମ୍ବକ ଭଳି  ଗୋଟିଏ ଦିଗକୁ ଟାଣି ନେଇଛି । ତେଣୁ ବହୁତ୍ୱ ମଧ୍ୟରେ ଐକ୍ୟର ବିନ୍ଦୁ ଦାଦିବୁଢ଼ାକୁ ହିଁ, ପ୍ରତୀକଧର୍ମୀ ଶ୍ରେଷ୍ଠ ଚରିତ୍ରର ଗୌରବ ଦିଆଯାଏ । ହୁଏତ ଏହି ସଂକେତ ଆଧାରରେ ସ୍ରଷ୍ଟା ଗୋପୀବାବୁ ଉପନ୍ୟାସର ନାମକରଣ କଲେ 'ଦାଦିବୁଢ଼ା' ।

**ନାଇକରାମ ମୁଦୁଲିର ଚରିତ୍ର:**

ଦାଦିବୁଢ଼ା ଉପନ୍ୟାସର ଚରିତ୍ର ସଂପ୍ରସାରଣ ପରିପ୍ରେକ୍ଷୀରେ ପ୍ରଥମସ୍ଥାନୀୟ ହେଉଛି 'ରାମ ନାଇକ' । ଯେ 'ଲୁଲୁ ପରଜା' ଗାଁର ମୁଖିଆ । ବଡ଼ ଧର୍ମପ୍ରାଣ ଓ ସରଳ ବିଶ୍ୱାସୀ । ଆଦିବାସୀ ପରଜା ସଂସ୍କୃତିର ଜଣେ ବିଶ୍ୱସ୍ତ ମଣିଷ ।

ଯେତେବେଳେ ପାଞ୍ଚଜଣ ମଣିଷ ଯଥା -ନାଇକ "ରାମ ମୁଦୁଲି", ବାରିକ "ଚାଙ୍ଗେରୀ ଡମ୍", "ଜାନି ହରିଜାନି" ଓ ଖ୍ରୀଷ୍ଟିଆନ୍ ସାହିର ପ୍ରାଚୀନ ଏଲିୟା ମୁନ୍ନା ଏକତ୍ର କଥାବାର୍ତ୍ତା ହୋଇ ଚାଲିଥାନ୍ତି । ସେତେବେଳେ ଆଦିବାସୀ 'ଡୁମା' ତଥା ପୂର୍ବପୁରୁଷଙ୍କ କଥା ଓ ଖ୍ରୀଷ୍ଟଧର୍ମ ସଂପର୍କରେ ଯୁକ୍ତିତର୍କ ହୋଇଛି । ପ୍ରାଚୀନ ଓ ଚାଙ୍ଗେରୀ ଡମ୍ ଭୂତପ୍ରେତ ଡୁମା ଫୁମା ମିଛ ବୋଲି କହିବାରୁ ପରଜାମାନେ 'ଡୁମା' ବା ପ୍ରେତାତ୍ମାର ମହିମା କଥା ବର୍ଣ୍ଣନା କଲେ । ଡୁମାର ଜନ୍ମ କିପରି ହୁଏ ସେ ବୁଝାଇଛନ୍ତି । ନାଇକ ନିଜେ, ଦାଦିର ଭାଇ ମରିଯିବାରୁ ତାର ଡୁମା ଜନ୍ମ ନେଇଛି ବୋଲି ପ୍ରକାଶ କଲା ।

ମଣିଷର ମୃତ୍ୟୁ ହେଲେ ମଧ୍ୟ ଡୁମା ହୋଇ ପୁଣି ଜନ୍ମ ନିଏ । ସେ କଥା ଦିଶାରିର ତାଳପୋଥିରେ ଲେଖା ହୋଇଛି ବୋଲି ଦୃଢ଼ ଯୁକ୍ତି କରିଛି ନାୟକ । ଏହା ପୁନର୍ଜନ୍ମର ବିଶ୍ୱାସ । ଏହା ହିଁ ଆଦିବାସୀଙ୍କର ଧାରଣା ।

ମାତ୍ର ଡମ୍ ମାନେ ଖ୍ରୀଷ୍ଟିଆନ୍ ଧର୍ମ ଗ୍ରହଣ କରି ଆଧୁନିକ ଚିନ୍ତାଧାରା ନିକଟତର ହୋଇଥିବା ବେଳେ ଆଦିବାସୀମାନେ ପୁରୁଣା ରୀତି, ଆଦର୍ଶରେ ବୁଡ଼ି ରହିଛନ୍ତି । ଏଣୁ ରାମ ନାଇକଙ୍କର ପଞ୍ଚାୟତରୁ ଏବଂ ଦିଶାରୀ ଓ ଶ୍ୟାମ ଗୁରୁମାଈଙ୍କ ପ୍ରେରଣାରୁ ଦୃଢ଼ ହେଲା 'ଦାଦିବୁଢ଼ା' । ଏଣୁ ରାମ ନାଇକ ବି ଆନ୍ତରିକତାର ସହିତ ତାଙ୍କୁ ଭକ୍ତି କଲା ଏବଂ ପୂଜନ, ଅର୍ଚ୍ଚନ କରି ଲାଭ- ଶୁଭ ପାଇଁ ଦଣ୍ଡବତ ହେଲା । ସେ ଦାଦିର ଭାଇ ମଲାପରେ ଗାଁର ନାଇକ ପଣ ପାଇଛି । ସେ ଥିଲା ଏକଦା ଗରିବ । ମା

ବାପା ଛେଉଣ୍ଡ । ନିଜ ଉଦ୍ୟମରେ ହଳ, ଜମିଧନ କଲା ଏବଂ ନାଇକାଣୀକୁ 'ଉଦୁଲିଆ' ବାହା ହୋଇ ନେଇ ଆସିଥିଲା । ସେକଥା ବୁଢ଼ୀ ମନେ ପକାଇଦେଲେ ନାଇକ ତାକୁ ଅଭିମାନ କରେ । ସେ ସବୁ ପଛକଥା ବୋଲି ଉତ୍ତର ଦିଏ । ଏବେ ତାର ଗାଁରେ ପ୍ରତିପତ୍ତି ବଢ଼ିଛି । ତେଣୁ ସେ ଅତୀତର ଲାଜ, ଅପମାନର ବିସ୍ମୃତ କାହାଣୀକୁ ଆଉ କାହିଁକି ମନେ ପକାଇବ ? ନାଇକ ସେ । ଖଜଣା ଅସୁଲ କରି ଜମିଦାରଙ୍କୁ ଦିଏ । ଅଧିକାରୀମାନେ ଆସିଲେ ସେମାନଙ୍କର ଚର୍ଚ୍ଚା କରେ । ପ୍ରାଚୀନ ତମ ଦିଶାରୀ, ବାରିକ ଆଦି ଗ୍ରାମବାସୀଙ୍କ ସହିତ ତାର ମଧୁର ସଂପର୍କ ରହିଛି । ରାଜାର ଆଦେଶରେ ପ୍ରଜାଙ୍କର ପାଳନ କରେ । ଗାଁ ମୁଖିଆ ନାଇକର ଆଦର୍ଶ ନୀତିକୁ ଗ୍ରାମବାସୀମାନେ ପାଳନ କରନ୍ତି । ଦେବତା ଆଗରେ ତୁଙ୍ଗ୍‌ତୁଙ୍ଗା ବାଜା ବାଜେ, ଧାଙ୍ଗଡ଼ା ଧାଙ୍ଗଡ଼ୀ ନାଚନ୍ତି । ନାୟକର ସବୁଥିରେ ଥାଏ ସମର୍ଥନ । ନାଇକ ନିଜକୁ ଭାଗ୍ୟବାନ ମଣିଷ ବୋଲି ବିଚାର କରିଛି । ଆଉ ପାଇଛି ସୁଧାର, ସୁନ୍ଦର, ସୁଠାମ ବପୁଧାରୀ ପୁଅ 'ଠେଙ୍ଗାଜାନୀ' । ଠେଙ୍ଗାନାମ ଏକ ପ୍ରତୀକ । କାରଣ ବୁଢ଼ାଦେଳେ ବାପ ମାଉ ହେବ ସେ ଆଶାବାଡ଼ି ଭରସାର ସ୍ଥଳ । ଠେଙ୍ଗାଜାନି ଯୁବକ ହେଲା । ତା ସହିତ ଗାଁର ହରିଜାନିର ଝିଅ ସାରିଆ ଜାନ୍‌କୁ ବୋହୁ କରିବା ପାଇଁ ପାଇଁ ସ୍ଥିର କଲା ନାୟିକ । ଯଦିଓ ସେ ପୁଅର ଅଧିକାରରେ ହସ୍ତକ୍ଷେପ କରିନାହିଁ କି ସାରିଆଜାନ୍‌ର ସାଧୀନତାକୁ ଚାପି ଦେଇ ନାହିଁ । ଆଦିବାସୀ ପରମ୍ପରା ଅନୁସାରେ ପୁଅଝିଅ ପରସ୍ପର ରାଜି ନହେଲେ ବିବାହ ସ୍ଥିର ହୁଏ ନାହିଁ । ତେବେ ଠେଙ୍ଗାଜାନି ବାପର ବିଚାରକୁ ବିରୋଧ କରିନାହିଁ । ଏଣୁ ପୁତ୍ର ପାଇଁ ସ୍ୱତନ୍ତ୍ର ଘର ନିର୍ମାଣରେ ଲାଗିଲା । ଆଉ ଚାହିଁ ରହିଲା ଚଇତି ପର୍ବର ଶୁଭବେଳାକୁ । ଏହି ଶୁଭ କାର୍ଯ୍ୟ ସଂପାଦନ ପାଇଁ 'ଦାଦିବୁଢ଼ା'କୁ କେତେ ଗୁହାରୀ କରିଛି ସେ । କେତେ ମଦ, ଭାତ, କୁକୁଡ଼ା ବଳି ଦେଇ ପୁଅର ସୁଖର ସଂସାର ଗଢ଼ିବା କାମନା କରିଛି । ସନ୍ତାନ ପାଇଁ ସଂସାର ତାର ଏକମାତ୍ର ସ୍ୱପ୍ନ । ମାତ୍ର ସମୟର ଚକ୍ର ଘୂରି ଚାଲେ । ଠେଙ୍ଗାଜାନି ତମ୍ ଝିଅ ସନ୍ତୋଷ କୁମାରୀ ପ୍ରେମରେ ପଡ଼ି ବିବାହ କରି ଗାଁ ଛାଡ଼ି ଆସାମର ଚା ବଗିଚାକୁ ଚାଲିଗଲେ । ଫଳରେ ରାମ ନାଇକର ସ୍ୱପ୍ନ ଚୁରମାର ହୋଇଗଲା । ପୁତ୍ର ବିରହ ତଥା ସାମାଜିକ ଅପମାନରେ ସେ ମର୍ମାହତ ହେଲା । ତାକୁ ଜାତି (ଶୁଦ୍ଧ) ହେବାକୁ ପଡ଼ିଲା । ଗାଁ ଲୋକେ ମଧ୍ୟ ନାଇକର ଅବସ୍ଥା ଦେଖି ବିବ୍ରତ ହେଲେ । ବୁଢ଼ା ଦିଶାରୀ ପରେ ନୂଆଁ ଦିଶାରୀ ରୂପାଜାନିର ପରାମର୍ଶରେ ଦାଦିବୁଢ଼ା ଆଗରେ ପୁଣି ପୂଜା ହେଲା । ବଳି ପଡ଼ିଲା । ନାଚଗୀତର ଆସର ଜମିଲା । 'ଦାଦିବୁଢ଼ା'ର କ୍ରୋଧ ହେତୁ ନାଇକର ସର୍ବନାଶ ହୋଇଛି ବୋଲି କୁହାକୁହି ହେଲେ । ତାର ଶାନ୍ତି ପାଇଁ ଆୟୋଜନ କରି ଛୋଟକାଟିଆ ଭୋଜି ମଧ୍ୟ ନାଇକକୁ ଦେବାକୁ ପଡ଼ିଲା । ବାସ୍ତବରେ ସେମାନଙ୍କ ପାଇଁ ଦାଦିବୁଢ଼ା ହେଲା ଏକ ପ୍ରତ୍ୟକ୍ଷ ଦେବତା । ଏପରି ଅନେକ ଘଟଣା ଘଟିଗଲେ ମଧ୍ୟ ତାକୁ ଆୟତ୍ତ କରିବାର ଶକ୍ତି ଦାଦିବୁଢ଼ାର ନାହିଁ । ତଥାପି କନ୍ଧର ବିଶ୍ୱାସ ତାଠାରେ ରହିଛି । ସେ ସବୁର ନିୟନ୍ତା । ଭାଗ୍ୟ ବିଧାତା ।

ବାସ୍ତବରେ ଗୋଟିଏ ଅବସ୍ଥାରେ "ଅମଡ଼ାବାଟରେ ଏତେ ଦିନ ସେ ମାଡ଼ି ମାଡ଼ି ଆସି ଆସି ହଠାତ୍ କେଉଁ ଝୋଲା ଜଙ୍ଗଲ ଭିତରକୁ ଖସଡ଼ି ପଡ଼ିଛି, ଯେଉଁ ଭୂଇଁକୁ ଚିହ୍ନେ ନାହିଁ । ଯୋଉଠୁ ନିସ୍ତାର ନାହିଁ ପରା, ଖାଲି ବସି ବସି ଦିନଗଣା ।"(୯) ଉଦ୍‌ଯୋଗୀ ପୁରୁଷ ନାଇକର ସାଂସାରିକ ଜୀବନ ବିପର୍ଯ୍ୟସ୍ତ ହୋଇଗଲା । ଅଧା ତୋଳା ଘର କାନ୍ଥକୁ ଚାହେଁ । ସେ ଭାବେ ସେ ପୁତ୍ର ଗଲା, ମରିଗଲା ନାହିଁ ଯେ, ଗଲା ମରିଗଲା ସମାନ ପରା । ତାର ପୁଅ ରକ୍ତ ମାଂସର, ମାଂସ ତାର,

ମନରମନ, କଥାର କଥା । ହାଁୟ ହାୟ ହୁଏ । ମନପ୍ରାଣ ବିଦୀର୍ଣ୍ଣ ହୋଇପଡ଼େ । ଗୁରୁମାଇ କହେ ଠେଙ୍ଗାଜାନି ଖରାପ ଡୁମା ଥିଲା । ତେଣୁ ସେ ଘର ବାପା ମା ମୁହଁ ଏଡ଼ି ଚାଲିଗଲା । ସେ ପୁଣି ନିଜକୁ ନିଜେ କହି ସ୍ଥିର ହୁଏ ଧୈର୍ଯ୍ୟ ଧରେ । ଆଜି ତାର ମନ ହେଲା, ତାର ମନ ଲାଗି ଧାଙ୍ଗଡ଼ି ବାଛି ନେଇ କେଉଁ ନୂଆ ବାଟରେ କାମ କମାଣି କରି ଚାଲିଯିବାକୁ, ସେ ପୁରୁଷ ପିଲା ତାର ମନ ଇଚ୍ଛାରେ ଚାଲିଗଲା, ତାର କପାଳ । ରାମ ନାୟକ ଭାଗ୍ୟବାଦୀ ତଥାପି ପିତାର ପ୍ରାଣତାର, ଏଣୁ ମନ ବେଦନାର ବୁକୁ ତଥାପି କୁହୁଳି ଉଠେ । ଅଶ୍ରୁଳ ବେଦନାରେ ଧରମ୍ ଓ ଧରତୀନ୍‌କୁ ସାକ୍ଷୀ ରଖେ । ତାର ଜାତି ଗଲା । ପଣ ବି ଗଲା । ପୁଅ ଗଲା, ପିଣ୍ଡଗଲା, ଅକୁହା ସେ ବେଦନା । ବେଦନାର ତାଡ଼ନାରେ ନାଇକ ଜର୍ଜ୍ଜରିତ । ନାଇକାଣୀ ପାଗଳୀ ପରି ହୋଇଗଲା । ଶେଷରେ ଅଭିମାନ ଭରା ସ୍ୱରରେ ବୁଢ଼ାକୁ ନାଇକାଣୀ କହିଛି "ଚାଲ ପୁଣି କାମ କମାଣିରେ ଲାଗିବା" ବୋଲି । ନାଇକ ଦାଦିବୁଢ଼ାକୁ ଅନାଏଁ । କହେ, "ଦାଦିବୁଢ଼ା ଜି ଦୋଷ କରିଥିଲି ମୁଁ, ମୋର ସର୍ବନାଶ କଲୁ ?" ସାତଟା ସ୍ଥାନରେ ଗୁଦା ଖୁଣ୍ଟା ଖଜୁରୀ ଗଛ ରୂପୀ ଦାଦିବୁଢ଼ା ପାଖରେ ସରଳ 'ନାଇକ' ଅଭିଯୋଗ କରେ । ବିଶ୍ୱାସର ସମସ୍ତ ଅଭିମାନ ଢାଳିଦିଏ । ଦାରୁଦେବତା ଜଗନ୍ନାଥଙ୍କୁ ପ୍ରାର୍ଥନା କଲା ପରି ସେ ଦାଦିବୁଢ଼ାକୁ ମାନି ଆସିଛି, ଆଶା, ଭରସା, ଭାଗ୍ୟର ନିୟନ୍ତ୍ରଣ କରେ ବୋଲି ଅନ୍ୟମାନଙ୍କ ପରି ବିଶ୍ୱାସ କରିଛି । ଗାଁର ସିଆନ୍ (ମୁଖିଆ) ଦୁର୍ବଳ ହେଲେ, ଗ୍ରାମ୍ୟ ଜନଜୀବନ ବିପନ୍ନ ହେବ । ଏଣୁ ହରି ଜାନି, ଚାଙ୍ଗେରୀ ଆସି ପ୍ରବୋଧନା ଦେଲେ । କ୍ରମେ ନାଇକ ସଚେତନ ହେଲା । ତା ଜୀବନ ପ୍ରତି ମମତା ଜାଗିଲା । ସେ ପ୍ରକୃତିସ୍ଥ ହେଲା । ପୁଣି ଗାଁର ଧାଙ୍ଗଡ଼ା ଧାଙ୍ଗଡ଼ୀ ନାଚ ଗୀତରେ ସାମିଲ ହୋଇ ପୁନର୍ବାର ପଲ୍ଲୀ ଜନତାର ନେତୃତ୍ୱ ନେଲା । ହତାଶ ମଧ୍ୟରେ ଆନନ୍ଦର ଆଶା ଜାଇଁ ଉଠିଛି । ଅତୀତକୁ ଭୁଲି ଗଲା ।

ବାସ୍ତବରେ ଆଦିବାସୀ ପ୍ରକୃତି ପରି ଧୈର୍ଯ୍ୟଶୀଳ । ସେ ଯେପରି ଧର୍ମଭୀରୁ, ସେପରି ଭାବପ୍ରବଣ । କାମିକା ଲୋକ ବସିପାରେ ନାହିଁ । ନାଇକ ନାଇକାଣୀ ପୁଣି ପୂର୍ବପରି ସାଧାରଣ ଜୀବନଚର୍ଯ୍ୟା ସଂପାଦନରେ ମନ ଦେଲେ । ଜୀବନ ପଥରେ ଆଗେଇ ଚାଲିଲେ ।

ପୁଣି ଆଗଭଳି ଗାଁର ନିଷ୍ପତ୍ତି ଭଲ ମନ୍ଦ ବୁଝାଇଲା ନାଇକ । ଗାଁର ଗୋମଡ଼କରେ ବ୍ୟସ୍ତ ହୋଇ ପଡ଼ିଲା । ଗାଁର ୨୩ ଜଣଙ୍କୁ ବାଘ ଖାଇ ଦେବାରେ ଚିନ୍ତିତ ହେଲା । ସରକାରୀ ଲୋକଙ୍କ ସେବା ବା 'ରାଜସେବା' ମଧ୍ୟ ତାର କର୍ତ୍ତବ୍ୟ । ଲୋକ କିପରି ଶାନ୍ତିରେ ରହିବେ ସେ ଚିନ୍ତିତ । ବାଘଡୁମା ମାଡିଛି ବୋଲି ଦିଶାରି ଓ ଶାମ ଗୁରୁମାଇ ବି କହିଲେଣି । ସେଇ ଶାମ ଗୁରୁମାଇ ମୁହଁରେ ଦାଦିବୁଢ଼ା ହୁକୁମ ଦେଲା, ଏ ଗାଁ ଛାଡ଼ି ଚାଲିଯାଅ । ଏଠାରେ ରକ୍ଷା ନାହିଁ । ନୂଆ ଜାଗାରେ ଘର କର । ନଚେତ୍ ବିପଦ ଉପରେ ବିପଦ ଆସିବ। ପୁଣି ମାନସିକ ଦ୍ୱନ୍ଦ୍ୱର ଶିକାର ହେଲା ନାଇକ । ଗାଁକୁ ରକ୍ଷା କରିବା ତାର ଧର୍ମ । ସେ ଟରାଟି ଟରାଟି ଅନାଇଁ ରହେ ତାର ଅଧାତୋଳା ଘରକୁ । ସେ ଭାବେ, ସେ ଗଲା, ଗଲାକି, ମରିଗଲା ନାଇଁ ଯେ, ଗଲା ମରିଲା ସମାନ ପରା । ତାର ପୁଅ, ତାର ରକ୍ତର ରକ୍ତ, ମାଂସର ମାଂସ, ତାର ମନର ମନ, କଥାର କଥା । ତାର ପୁଅର ପୁଅ । ହାୟ ହାୟ ହାୟ ହୁଏ ।"(୧୦) ମନ ପ୍ରାଣ ବିଦୀର୍ଣ୍ଣ ହୋଇ ପଡ଼େ । ସେ ବିବଶ ହୋଇଛି । ଏହା ଏକ ପୁତ୍ରହରା ପିତାର କରୁଣ ବେଦନା । ଏହା ସ୍ୱାଭାବିକ ଚିତ୍ର । ପୁତ୍ର ବତ୍ସଳା ମାତାର କରୁଣ ବେଦନା । "କାହିଁ ଗଲା ପୁଅ, ଭୋକ କରୁନାହିଁ ।" ମାଆ ହାତରୁ ପେଜ ମନ୍ଦିଏ ଆସି ପିଇଯିବ ନାହିଁ ।" ମାଆର କି କରୁଣ ଆହ୍ୱାନ । ପୁତ୍ର

ବସ୍ତଲି ମାର ବେଦନା ଅବର୍ଣ୍ଣନୀୟ । ତଥାପି ଗାଁ ଦିଶାରୀ 'ରୁପା ଜାନି'ର ଅଭିଯୋଗ ଯାଇନି । କହିଛି "ଗାଁ ନାଇକର ପୁଅ ପରଜା ଜାତି ହୋଇ ଡମୁଣୀ ମାଇନା ନେଇ ପଳାଇଗଲା । ନାଇକ ବି ଜାତି ହେଲା ନାହିଁ, ଭୋଜି ଭାତ ଦେଲା ନାହିଁ, ସେମିତି ରହିଗଲା । ମୁଁ ଦାଦିବୁଢ଼ା, ସମସ୍ତଙ୍କ ଉପରେ ମୋର ଅଧିକାର, ମୋତେ ଅମାନ୍ୟ କଲେ କିମିତି ହେବ କୁହ ତ । ଗାଁ ଦିଶାରୀ ପଞ୍ଚାୟତ ଡକାଇ ଏପରି ରାମ ନାଇକକୁ ଅପମାନିତ, ଲାଞ୍ଛିତ କଲା । "ଗାଁ ପଞ୍ଚାୟତ ବସିଥିଲେ, ସବୁ ବଡ଼ ସାନ । ନାଇକ ବେଳ ଭାଙ୍ଗି ଦେଲା, କହିଲା- "ମୋର ସବୁ ସରିଗଲା ଗୋ ଗଲା, କେବେ ମୁଁ ତ ଦାଦିବୁଢ଼ାକୁ ଅମାନ୍ୟ କରିନାହିଁ । କାହିଁକି ସେ ଏମିତି କଲା । (୧୧) ରୁପା ଜାନି ଉତ୍ତର ଦେଲା ଯେ, "ମୋତେ ସପ୍ନ ହେଲା, ମୁଁ କହିଲି ।" ଏପରି ଗାଁରେ ମିଛ କଥା କହି ଦିଶାରୀ ତଥା ପଣ୍ଡିତ ଠକ ଜ୍ୟୋତିଷ ମାନେ ପରିବାରକୁ ଦାଉ ସାଧନ୍ତି । ରାମ ନାୟକ ଶେଷରେ ବାଧ୍ୟ ହୋଇ ପ୍ରାୟଶ୍ଚିତ କରି ଭୋଜି ଦେଇଛି ।

ତେବେ ମଧ୍ୟ ଦାଦିବୁଢ଼ା ପ୍ରତି ତାର ଅଟଳ ବିଶ୍ୱାସ । ସେ ହିଁ ଯେପରି ଆଦିବାସୀ ପରଜାର ସବୁ କିଛି । ସୁଖଦୁଃଖର ସାଥୀ । ଡମ୍, ଏଲିଓ ପ୍ରାଚୀନ, ଗାଁ ମାଟି ପୈତୃକ ସଂପତ୍ତି ଛାଡ଼ିଯିବାକୁ ମନା କଲେ । ହେଲେ ପରଜା ଯାହା ଥରେ ବୁଝେ ସେୟା । ଦାଦିବୁଢ଼ା କହିଛି କହି ସମସ୍ତ ଗ୍ରାମବାସୀ ଘରଦ୍ୱାର ତଥା ଦାଦିବୁଢ଼ାକୁ ପରିତ୍ୟାଗ କରି ନୂଆ ଜାଗାକୁ ଚାଲିଗଲେ । ରାମ ନାଇକ ତାର ନେତୃତ୍ୱ ନେଲା । ଏପରି ଭଙ୍ଗା ଗଢ଼ା ଉତ୍‌ଥାନ ପତନ ଭରା ଏକ ଜୀବନର ନାୟକ ହେଉଛି 'ନାଇକ' । ସେ ଉଦାର, କଷ୍ଟସହିଷ୍ଣୁ ହେଲେ ମଧ୍ୟ ଅନ୍ଧବିଶ୍ୱାସ ଆଉ କୁସଂସ୍କାରାଚ୍ଛନ୍ନ ଯୋଗୁଁ ତାର ଗ୍ରାମର ବିପର୍ଯ୍ୟୟ ଘଟିଛି, ଉଚ୍ଛନ୍ନ ହୋଇଛି । ଏପରି ଘଟଣା ସବୁ ଆଦିବାସୀ ସମାଜରେ ପ୍ରାୟେ ଘଟେ । ଶିକ୍ଷା,ଦିକ୍ଷା ବିହୀନ ଜୀବନରେ ଅନ୍ଧବିଶ୍ୱାସ, ଲୋକ ବିଶ୍ୱାସ, ବଦ୍ଧମୂଳ ଧାରଣା । ତାଙ୍କୁ ସର୍ବସ୍ୱାନ୍ତ କରିଥାଏ । ଅସହାୟ ହୋଇ ପଡ଼ନ୍ତି । ଦାଦିବୁଢ଼ା ବିଶ୍ୱାସ ତାଙ୍କୁ ତଳିତଳାନ୍ତ କରିଛି ।

ପ୍ରାଚୀନ ସଲମନ୍‌ଗୁରୁ ଏପରି ସଇତାନ୍‌ର ପୂଜା କରୁଥିବାରୁ ସେମାନଙ୍କର ଅଧୋଗତି ବୋଲି ଯାହା କହିଥିଲା, ତାହା ସତ୍ୟରେ ପରିଣତ ହେଲା । ଲେଖକ ଗୋପୀନାଥ ମହାନ୍ତି ଜଣେ ସଂସ୍କାରବାଦୀ । ପୁରାତନକୁ ଭାଙ୍ଗିବାରେ କାଳର ଚିରନ୍ତନ ନୀତି ରହିଛି । ସେପରି ମଣିଷର ବିଚିତ୍ରଗତି ଓ ପ୍ରକୃତି ରହିଛି । ଗୋଟାଏ ଦିଗରେ ବାଧା ପଡ଼ିଲେ ଅନ୍ୟ ଦିଗରେ ଧାଇଁବାକୁ ଉଦ୍ୟମ କରେ । ପୁରାତନକୁ ଭାଙ୍ଗି ନୂତନ ଭାବେ ଜୀବନକୁ ଗଢ଼ିବାର ସୂଚନା ପାଇଁ ଦାଦିବୁଢ଼ା ଉପନ୍ୟାସ ରଚିତ । ବୁଢ଼ା ରାମ ନାଇକ ପ୍ରାଚୀନ ପରମ୍ପରାର ପ୍ରତୀକ । ତା' ପୁଅ ଠେଙ୍ଗାଜାନି ଜାତିଭେଦର ମୂଳୋତ୍ପାଟନ କରି ନୂତନତାର ସନ୍ଧାନ କରିଛି । ଯାହା କାଳକ୍ରମେ ଜାତିଆଣ ଛୁଆଁ ଅଛୁଆଁ ଭାବ ଚୁରମାର ହେବାରେ ଲାଗିଛି । ମାନବବାଦ ପ୍ରତିଷ୍ଠିତ ହେବାର ସମ୍ଭାବନାକୁ ଲେଖକ ଦିବ୍ୟଦୃଷ୍ଟିରେ ଦେଖିଛନ୍ତି । ଯା ଫଳରେ ମଣିଷ ମଧ୍ୟରେ ଜାତିଭେଦର ଭୃଣ ଆଧୁନିକ ସଭ୍ୟତାର କ୍ରମେ ମୂଳନାଶ ହେବାରେ ଲାଗିଛି । ଛୁଆଁ ଅଛୁଆଁର ଭୁଲ ବୁଝାମଣା ନୀତି ଦୂରେଇ ଯାଉଛି ।

**ଦିଶାରିର ଚରିତ୍ର:-**

ଆଦିବାସୀ ସମାଜରେ ଦିଶାରିର ସମ୍ମାନ ଯଥେଷ୍ଟ । ସେହି ଗାଁର ସେ ପୁରୋହିତ ଆଉ ଜ୍ୟୋତିଷ । ଦାଦିବୁଢ଼ା ସେବାର ସେ ପଣ୍ଡା, ପୂଜାରୀ । ସେ ତାଳପୋଥି ଓଲଟାଇ ଯୋଗ କଥା

କହେ । ପୁଣି ଠାକୁର ଉପରେ ତାର ଅଧିକାର । କିନ୍ତୁ ସେ ବି ଠାକୁର ପରି ମୁକ । ବେଶୀ କଥା କହେନାହିଁ । ଦିଶରି ବି ଜଣେ ଗରିବ ଘରର ପୁଅ । ଝୋଲାଟଙ୍କା ଦେଇ ନପାରି ଶ୍ୱଶୁର ଘରେ ଚାରି ବର୍ଷ ଗୋତି ଖଟିଲା, ଦିକୋଡ଼ି ଟଙ୍କା ଲାଗି । "କନିଆଁ ମଙ୍ଗଳିକୁ, ଭାବୀ ଶ୍ୱଶୁର ଘରେ ପ୍ରତିଦିନ ଦେଖାହେଲେ ମଧ୍ୟ ଜାତିପ୍ରଥା ଅନୁସାରେ କେହି କାହାକୁ ଦେଖନ୍ତି ନାହିଁ । ସାମାଜିକ ବ୍ୟବହାରକୁ ବ୍ୟତିକ୍ରମ କଲେ ଚରମ ଶାସ୍ତି ଓ ଅପମାନ ସହିବାକୁ ପଡ଼େ । ବେଶ୍ କଡ଼ା ଆଇନ୍ ।" ପୃ(୩୭)/(୧୨) । ତା ପରେ ତାର ବିବାହ ହୋଇଛି । ପାଞ୍ଚ ବର୍ଷ ପରେ ତିନି ବର୍ଷର ପୁଅ 'ଝାଲିଆ'କୁ ତ୍ୟାଗ କରି ପତ୍ନୀ ଚାଲିଗଲା । ଦଶବର୍ଷ ପରେ ପୁଅ ମଧ୍ୟ ସଂସାରରୁ ବିଦାୟନେଲା । ଦିଶାରୀ ଏକା । ଏବେ ତାକୁ ୭୦ ବର୍ଷ । ଓଠରୁ ତାର ହସ ମଉଳି ଯାଇଛି, ଯାହା ଆଉ ଫେରିନି । ତଥାପି ସେ ସଂପୂର୍ଣ୍ଣ ଭାବେ ଦିଶାରି କାର୍ଯ୍ୟରେ ଲାଗି ପଡ଼ିଲା । ଜାତିର ମଙ୍ଗଳ ତାର ଧର୍ମ ।

ତାର ମନ୍ତ୍ର ପୂଜାରେ 'ଶାମ ଗୁରୁମାଇ' ନାଚେ । ସେ ହିଁ ହିତାକାଂକ୍ଷୀ ମଣିଷଟାଏ । ମାତ୍ର ତାର ଦେଖାଦେଖି କରିବାକୁ କେହି ନାହାନ୍ତି । ପରିଣତ ବୟସ । ସେ ଛାତି ବଥା ଜରରେ ପଡ଼ିଲା । ମନେ ପଡ଼ିଲା ତାର ପତ୍ନୀ 'କମଲି' ଆଉ ପୁଅ ଝାଲିଆ । ତାର ରୋଗ କମିଲା ନାହିଁ । ସିଏ କେତେ ଜଡ଼ି ବୁଟି ଖାଇଲା । ଦାଦିବୁଢ଼ାକୁ ବଞ୍ଚିବା ପାଇଁ କାକୁତି ମିନତି ହେଲା । ଦାଦିବୁଢ଼ା ପାଖରେ ଉଇହୁଙ୍କା ମାଟି ବି ଖାଇଲା । କିଛି ଲାଭ ହେଲା ନାହିଁ । ସେ ମନେ କରିଛି ଦାଦିବୁଢ଼ା ତା ବିଛଣା ପାଖେ ଅଛି । ମୁରୁକି ହସୁଛି । ତାର ସେ ପ୍ରିୟ ପୂଜାରୀ । ତାକୁ ଭଲ କରିଦେବ । ସେ ଦାଦିବୁଢ଼ାମୟ ହୋଇଛି । ମାତ୍ର ଦାଦିବୁଢ଼ା ନିର୍ବିକାର । ରୋଗ ବଢ଼ିଲା । ତାର ମୃତ୍ୟୁ ମଧ୍ୟ ହେଲା । ସମଗ୍ର ପରଜା ଜାତି ତାର ମୃତ୍ୟୁରେ ବିଷଣ୍ଣ ହୋଇ ପଡ଼ିଲେ । ବିଶ୍ୱାସ କଲେ, ସେ ପୁନର୍ଜନ୍ମ ନେବ । ବୁଢା ଦିଶାରୀ ର ମୃତ୍ୟୁ ପରେ ନୂଆ ଦିଶାରୀ 'ରୂପଜାନି' ଦିଶାରୀର କାର୍ଯ୍ୟକଲା । ବୁଢ଼ା ଦିଶାରି ପରି ପୋଖତ ନୁହେଁ, ହେଲେ ବଡ଼ ଚାଲାକ ଓ କୂଟନୀତି ସଂପନ୍ନ । ନିଜର ବାହାଦୂରୀ ଦେଖାଇବା ପାଇଁ ବାଘଡୁମାର ଉତ୍ପାତର କାରଣ ବାହାର କଲା । ରାମ ଜାନିର ପୁଅ ଡୁମୁଣୀ ସନ୍ତୋଷକୁମାରୀ ସହିତ ଉଦୁଲିଆ ପଳାଇଥିବାରୁ ଏବଂ ଜାତି ନହେବାରୁ ଦାଦିବୁଢ଼ା ରାଗିଛି । ତାକୁ ପୁଣି ପ୍ରାୟଶ୍ଚିତ ହେବାକୁ ପଡ଼ିବ । ପୁଣି ଦାଦିବୁଢ଼ାର ଆଜ୍ଞାମତେ ସମସ୍ତେ ଗାଁ ଛାଡ଼ି ଚାଲିଯିବାକୁ ହେବ ବୋଲି ପରାମର୍ଶ ଦେଲା । ଗୋରୁ ମଡ଼କରୁ କିଛି ଫାଇଦା ଉଠାଇଲା । ପୁଣି ଏକାଥରକେ ସାରିଆବାନ୍, ସାରିଆଫୁଲ, ମୋଟି ରଂଜିଆ ଆଦି ସମସ୍ତେ ଧାଙ୍ଗଡ଼ୀ ବାହା ହୋଇଗଲେ । ଫଳରେ ତାର ରୋଜଗାର ବନ୍ଦ ହୋଇଗଲା । ପୁଣି ବାଘ ମାତିଲା, "ରୂପାଜାନି ପୂଜା ବିଧାନ କରି ସେ ବଣଟାକୁ କିଳିଦେଲା ।"(୧୩) ପ୍ରଚାର ହେଲା, 'କିରୁ ପରଜାର' ପ୍ରେତାତ୍ମା ବାଘଡୁମା ହୋଇ ନେଇଯିବ । ଏଣୁ ସେ ବଣ କିଳି ଦେବାରୁ ବାଘ ଲୁଲ୍ଲା ଗାଁର ଲୋକମାନଙ୍କୁ ନଖାଇ ଅନ୍ୟ ଗାଁର ଲୋକକୁ ଖାଇଲା ବୋଲି ଲୋକଙ୍କର ବିଶ୍ୱାସ ଜନ୍ମାଇ ଦେଲା । ପୁଣି ହେଲା କୁହୁଡ଼ି ପାଗ । ତାକୁ କହନ୍ତି 'ବାଘେଇ ପାଗ' । ପରଜାମାନେ ରୂପ ଜାନି ତେର୍ଣ୍ଣରିଆ ଦେଇ କିଛି ରୋଜଗାର କଲା ଏବଂ ଗାଁ ନସିଗଲା ବୋଲି ସବୁ ପଶୁପକ୍ଷୀ, ପେଚା ଆଦି ସୂଚନା ଦେଇ ଡରାଇ ରଖିଲା । ବାଘଡର ଗୁରୁମାଇକି ଘେରିଛି । ତଥାପି ବାଘଖିଆ କମିଲା ନାହିଁ । ଏଣୁ ଗୁରୁମାଇ ମୁହଁରେ ଗାଁ ଛାଡ଼ି ଯିବାକୁ ହୁକୁମ କଲେ । ବାଘ ୨୩ଜଣ ପୁରୁଷ ସ୍ତ୍ରୀଙ୍କୁ ମାରି ଖାଇବା ପରେ ଗ୍ରାମବାସୀମାନେ ଡରିଗଲେ । 'ବିପଦେ ନିୟମନାସ୍ତି' । ସେଇ ଗାଁ ଛାଡ଼ି ଅନ୍ୟତ୍ର ଚାଲି ଯିବାକୁ ପ୍ରସ୍ତୁତ ହେଲେ । ଗୁରୁମାଈ ଏପରି ଠକି ନିଜର ଗୁଜୁରାଣ ମେଣ୍ଟାଏ ଏବଂ ଲୋକେ

ଭୂତଡାତ ଭୟରେ ଏପରି ରହିଥାନ୍ତି । ଏପରିକି ଗାଁ ଛାଡ଼ି ପଳାନ୍ତି । ଏହା ଆଦିବାସୀ ପଲ୍ଲୀର ସାଧାରଣ ଘଟଣା ଥିଲା ।

ଦାଦିବୁଢ଼ାର ନାଁ ହେଲା । ଦିଶାରି ପରାମର୍ଶରେ ଗ୍ରାମ ହେଲା ଶୂନ୍‌ଶାନ୍ । ମଣିଷ ମଣିଷ ମନରେ ବିଶ୍ୱାସ ସୃଷ୍ଟି କରି ସେମାନଙ୍କୁ ଅବସ୍ଥା ଆଡ଼କୁ ଠେଲିଦିଏ । ଏହି କୁସଂସ୍କାର ତଥା ବିଶ୍ୱାସ ଏ ଯାବତ୍ ନିଛକ ଆଦିବାସୀ ପଲ୍ଲୀରେ ଦେଖିବାକୁ ମିଳେ । ଗୁଣିଗାରେଡ଼ି, ଦେବାଦେବୀର ବିଶ୍ୱାସ ଯୋଗୁଁ ଅମୂଲ୍ୟ ଧନଜୀବନକୁ ନଷ୍ଟ କରିବା ଉଦାହରଣ ବିରଳ ନୁହେଁ । ଏଣୁ ସାଧାରଣ ଗାଁର ପଣ୍ଡା ପୁରୋହିତ ପରି ଆଦିବାସୀ ଗ୍ରାମ ଗୁଡ଼ିକରେ ମଧ୍ୟ ଜାନି, ଦିଶାରି ତଥା କାଳସୀର ପ୍ରଭାବ କମ୍ ନୁହେଁ । ଏପରି ନାନ ପ୍ରକାର ଭୟ, ବିଶ୍ୱାସ, ଆଶଙ୍କା ସୃଷ୍ଟିକରି ଅଜ୍ଞ ତଥା ନିରୀହ ମଣିଷକୁ ଅନ୍ଧକାର ଗର୍ଭକୁ ଠେଲି ଦେଇଥାନ୍ତି, ଏପରି ଅନେକ ଜାନି, ଦିଶାରି । ପୁରୋହିତଙ୍କର ସ୍ୱାର୍ଥପରତାର ଖଳ ଭୂମିକା କମ୍ ନୁହେଁ ।

ଦିଶାରି ଯୋଗୁଁ ହିଁ ଦାଦିବୁଢ଼ାର ସୃଷ୍ଟି । ସେ ହେଉଛି ତାର କଳ୍ପନାର ଦେବତା । ଏଣୁ ବୁଢ଼ା ଦିଶାରି ସୃଷ୍ଟି ଦାଦିବୁଢ଼ା କ୍ରମେ ନୂଆଁ ଦିଶାରି ରୂପାଜାନିର ଛଳନା ତଥା ବାହାଦୂରୀ ଯୋଗୁଁ ଗ୍ରାମ ପରିତ୍ୟକ୍ତ ହେଲା । ଦାଦିବୁଢ଼ା ଉଇହୁଙ୍କା ଦ୍ୱାରା ଆଚ୍ଛାଦିତ ହୋଇ ଶବରେ ପରିଣତ ହେଲା । ସେ ବି ହେଲା ଅବହେଳିତ । ସେମାନେ ଗାଁ ଛାଡ଼ି ଚାଲିଗଲେ । ଗୋପୀବାବୁଙ୍କ ଭାଷାରେ "ମଣିଷ ସଭ୍ୟତା ଯେତେକାଳ ଅଛି, ସେ ବି ଅଛି, ସମସ୍ତେ ସବୁ କାମନା ସେଠି କରନ୍ତି । ସେଠୁ ସଭ୍ୟତା ଲୋପହେଲା ତ ସେ ବି ଅବହେଳିତ ହେଲା । ତାକୁ ହୁଙ୍କା ଖାଇଲା । ଆଦିମ ମନୁଷ୍ୟ ସମାଜରେ ବିସ୍ମୟ ଓ ଭୟର ସେ ଥିଲା ଏକ ଉତ୍ପତ୍ତି । ଆଦିବାସୀ ପରଜାର ଗାଁର ଦାଦିବୁଢ଼ା ଗୋଟିଏ ପ୍ରତ୍ୟୟ ମାତ୍ର । ଅଥଚ ଅବାଞ୍ଛିତ ଘଟଣା ଘଟିଛି । ତା ଉପରେ ଦାଦିବୁଢ଼ାର ଅକ୍ତିୟାର ନାହିଁ, ଯଦି ଓ ଲୋକେ ଭାବନ୍ତି ଅଛି ବୋଲି ।"(୧୪) ଦାଦିବୁଢ଼ାର ଆଶୀର୍ବାଦ ଆଉ ଆବଶ୍ୟକ ପଡ଼ିଲା ନାହିଁ । ପରଜାଙ୍କ କାଳସୀ ଛାଡ଼ିନାହିଁ । ପିଛା କରିଛି, କହିଛି, ତୁମେ ଯେଉଁଠି ଥିଲେ ବି ମୁଁ ରହିଛି, କାରଣ ଦାଦିବୁଢ଼ାର ବିଶ୍ୱାସ, ମନରେ ଥାପି ଚାଲିଗଲେ । ଏଣୁ ଦିଶାରୀ ହିଁ 'ପରଜା' ଜାତିର ଦଶା ଓ ଦିଶାର ପ୍ରକୃତ ସାରଥୀ । ଏପରି ଦିଗ ଦର୍ଶନରେ ବହୁ ନିରୀହ ଆଦିବାସୀ କ୍ଷତିଗ୍ରସ୍ତ, ସର୍ବସ୍ୱାନ୍ତ ହୋଇଥାନ୍ତି । ସାଧାରଣ ଲୋକଙ୍କ ଧନଜମି କିଛି ଅର୍ଜନ କଲାବେଳେ ସମାଜର ଜାନି, ଦିଶାରୀ, ବେଜୁଣୀ (କାଳସୀ) ଜୀବନକୁ ବିପଦଗ୍ରସ୍ତ କରନ୍ତି । ଦିଶାରି ସତ୍‌ପଥ ନଦେଖାଇବାରୁ ଆଦିବାସୀ ସମାଜ ଦିଗଭ୍ରାନ୍ତ ହୋଇଛି । ନିରୀହ ପରଜା ଜାତିର ବିପଦକୁ ଯୁଗେ ଯୁଗେ ମୁଣ୍ଡେଇ ନେଇଛି ।

**ଶାମ ଗୁରୁମାଈର ଚରିତ୍ର:-**

ଦାଦିବୁଢ଼ା ଉପନ୍ୟାସରେ ଆଦିବାସୀ କାଳସୀ ପ୍ରଭାବ ବର୍ଣ୍ଣିତ । ଶାମଗୁରୁମାଈ ମଧ୍ୟ ପରଜା ସଂପ୍ରଦାୟର ଲୋକ । ମାତ୍ର ମୁଣ୍ଡର ବାଳ ଲମ୍ବା, ନାକରେ ନୋଲକ୍, ହେଲେ ମାଇକିନା (ମାଇଚିଆ) ପରି ଲୁଗା ପିନ୍ଧିଥାଏ । ଏଣୁ ବେଶଭୂଷାରୁ ଜଣାଯାଏ ସେ ଜଣେ ନାରୀପରି । ସେ ପୁରୁଷ ନୁହେଁ କି ନାରୀ ନୁହେଁ (ନପୁଂସକ) । ହେଲେ ଦେହରେ ଐଶ୍ୱରିକ ଶକ୍ତି ଅଛି । ସାଧାରଣରେ

ସେ ଦେହେଲିଆ ବା ଦେହେରି ଭାବେ ପରିଚିତ । ଦିଶାରୀର ପ୍ରଧାନ ଅସ୍ତ୍ର ହେଉଛି ଗୁରୁମାଈ । ଦିଶାରୀ ଇଙ୍ଗିତ ଦେଲେ ସେ ଉନ୍ମତ୍ତ ହୋଇ ନାଚେ । ତା ବିନା ଅନ୍ୟ କାଳସୀ ନାଚି ପାରିବ ନାହିଁ । ଏଣୁ ସେ ଗୁରୁମାଈ ବା ଗୁରୁମା ଭାବେ ଅଭିହିତ ।

ଜଣାଯାଏ ପିଲାଦିନରେ କୌଣସି କାରଣ ଯୋଗୁଁ ତାର ବାପା ମାଁ ତାକୁ ଦେବତା ଉଦ୍ଦେଶ୍ୟରେ ଅର୍ପଣ କରି ଦେଇଥିଲେ । ଯେପରି ଦେବଦାସୀ ପ୍ରଥା ଆମ ରାଜ୍ୟରେ ରହିଥିଲା । 'ଲାସ୍ୟ' ଉପନ୍ୟାସରେ ଲଛ୍ମୁକୁ ଧରତୀ ଦେବୀଙ୍କୁ ଯେପରି ଅର୍ପଣ କରି ଦିଆଗଲା । ସେମାନେ ମନ୍ଦିରରେ ନାଚିବେ ଓ ଅବିବାହିତ ରହିବେ । ସେପରି ଗୁରୁମାଈ ମଧ୍ୟ ଗାଁରେ ରହି ସାଂସାରିକ ଜୀବନଠାରୁ ଦୂରରେ ରହିଥାଏ । ଗାଁର ବିପଦ ଆପଦ ପଡ଼ିଲେ ଦିଶାରି ମୁରୁଜ କାଟି ପୂଜା ପୀଠ ତିଆରି କରେ । ସଳିତା ଜାଳେ । ଆଉ ଅଭିଆଡ଼ ପିଲା ନିଆଁ ଜାଳି ଭାତ ରାନ୍ଧେ । ସେ ଦୀପ ଜାଳି ଗୁରୁମାଈ ମୁଣ୍ଡରେ ଥୋଇ ମନ୍ତ୍ର ପଢ଼ିଲେ ବାଜା ବାଜିଉଠେ । ଶାମ ଗୁରୁମାଇ ନାଚ ଆରମ୍ଭ କରେ । ଆଦିବାସୀ ଜନଗଣ ମଥା ନଇଁ ଦଣ୍ଡବତ ହୁଅନ୍ତି ଭକ୍ତିରେ । ଦିଶାରି ମନ୍ତ୍ର ଦିଏ । ଯେ ଗୁରୁମାଈ ଖାଇବି, ଖାଇବି ହୁଏ । ଲୋକେ ଡରିଯାନ୍ତି । ଆକାଶବାଣୀ ପରି କଥା ଶୁଣି ସେପରି କରିବାକୁ ବାଧ୍ୟ ହୁଏ । କିଏ ବା ମରିବାକୁ ଚାହେଁ ? ସେ ଦିନ ସେ ନାଚି ନାଚି ଖଜୁରୀଗଛ ପାଖରେ ଆଶ୍ରୟ ନେଲା । ଗ୍ରାମର ବୁଢ଼ାବୁଢ଼ୀ ମଧ୍ୟ ନାଚିବାରେ ଲାଗି ପଡ଼ିଲେ । ଶହ ଶହ ହୃଦୟରେ ସରଳ ବିଶ୍ୱାସ ନେଇ ଖଜୁରୀ ଗଛରେ ଦାଦିବୁଢ଼ା ପ୍ରତିଷ୍ଠିତ ହେଲେ ଦାରୁ ଖୁଣ୍ଟରେ । "ବିଶ୍ୱାସ ମୂଳେ ଏ ଜଗତ" ହିଁ ସାର ହେଲା ।

ପରଜାମାନଙ୍କର ଡୁମା ବା ପୂର୍ବପୁରୁଷର ଆତ୍ମା ହେଲେ ଦାଦିବୁଢ଼ା । ଦିଶାରି ଓ ଶାମ ଗୁରୁମାଈଙ୍କର ମନ୍ତ୍ର ନାଚରେ ଏକ ପ୍ରତ୍ୟକ୍ଷ ଦେବତା ପରି ରୂପ ନେଲା ସେ । ମଣିଷ ତାକୁ ଗଢ଼ି ମଣିଷ ପୁଣି ତାକୁ ଡରିଲା । ଖୁଣ୍ଟ ଖଜୁରୀ ଗଛ ଯାହା କିଛି ଅଘଟଣ ଘଟିଲେ ଦିଶାରି ଆଉ ଗୁରୁମାଈର ଡାକରା ଆସେ । ବିଶ୍ୱାସ ଜନ୍ମିଲା ବିବାହ, ମୃତ୍ୟୁ, ରୋଗ, ବାଘ ଆଦି ନାନା ବିପଦ ଆପଦ ବେଳେ ସତେ ସେ ଯେପରି ହୁଏ ସହାୟକ ଆଉ ପ୍ରବକ୍ତା । ଗୁରୁମାଈର ପ୍ରବଚନ ନିର୍ଦ୍ଦେଶ ହିଁ ପରଜା ଜାତିର ହୁଏ ଶିରୋଧାର୍ଯ୍ୟ ।

ଏକଦା ଗୁରୁମାଈକୁ 'କାଳସୀ' ଆସିଲା ଏବଂ କହିଲା, ଠେଙ୍ଗା ଜାନି ଓ ସନ୍ତୋଷ କୁମାରୀ ଖରାପ ଡୁମା ଥିଲେ, ଏଣୁ 'ଉଦୁଲିଆ' ପଳାଇଲେ, କିଛି ଭାବ ନାହିଁ । ମୁଁ ତାଙ୍କୁ ଆଗରୁ ଜାଣେ । ଏଣୁ ସେମାନଙ୍କ ବିଷୟରେ କିଛି ନଭାବି ସମସ୍ତେ ଭଲରେ ଥାଅ । ନିଜର ଭାଗ୍ୟ ନେଇ ଚଳିବାକୁ ପରାମର୍ଶ ଦେଲା । ପରଜାମାନେ ଗ୍ରହଣ କଲେ । ଗୁରୁମାଈର ବାଣୀକୁ ପରଜା ଟାଳି ପାରେ ନାହିଁ । ସଭ୍ୟ ସମାଜରେ ମଧ୍ୟେ 'ଗୁରୁ'ର ଗୌରବ ରହିଛି । ମାତ୍ର ଶାମ ଗୁରୁମାଈ ଭାରି ଡରକୋଳା ଲୋକ । ସେ ବି ବାଘ ଭୟରେ ବରଡ଼ା ପତ୍ର ପରି ଥରିଛି । ସେ ବି ରକ୍ତମାଂସଧାରୀ ମଣିଷଟିଏ । ସେ ଦେବତା ବାହକ ହେଲେ ଡର ମାଡ଼େ ତାକୁ । ମଣିଷ ଯେତେ ଶକ୍ତିମାନ ହେଲେ ମଧ୍ୟ ଅନ୍ୟକୁ ଭୟଭ୍ରାନ୍ତି ଦେଖାଇ ନିଜେ ହତାଶ ଭରା ଜୀବନ ବିତାଏ । ଅଥଚ ତାପରି କାଳସୀ ପରାମର୍ଶରେ ଗ୍ରାମବାସୀ ଗାଁ ଛାଡ଼ି ଅନ୍ୟତ୍ର ଘର ନିର୍ମାଣ କଲେ । ତାର ଭୟ ସମାଜର ଭୟରେ ପରିଣତ ହେଲା ।

**ନାଇକର ପୁଅ ଠେଙ୍ଗା ଜାନିର ଚରିତ୍ର :-**

ଠେଙ୍ଗା ଜାନି, ଗାଁ ମୁଖିଆ ରାମ ନାଇକର ଏକମାତ୍ର ପୁତ୍ର । ଠେଙ୍ଗାକୁ ନେଇ ବାପା ମା'ଙ୍କର କେତେ ଆଶା ଓ ଭରସା ଥିଲା । ଭାବିଥିଲା, ତା ପୁଅକୁ ପ୍ରତିଷ୍ଠିତ କରାଇବ, ପୁଅ ହେବ ଗାଁର ନାଇକ । କେତେ ଆଶା ମଣିଷ ମନରେ ବସା ବାନ୍ଧିଥାଏ । ମାତ୍ର ସମୟର ଚକ୍ର ତା ବାଟରେ ଘୁରି ଚାଲେ । ଅସମ୍ଭବ ସମ୍ଭବ ହୁଏ । କଳ୍ପନାଜଳ୍ପନା ହାର ମାନେ ।

ମଣିଷ ଜନ୍ମ ନିଏ । କର୍ମ ପାଇ ନଥାଏ । କାହାର କୁଆଡ଼େ ଗତି । କାହାର କିପରି ପ୍ରକୃତି ସାଧାରଣ ମଣିଷ ଜାଣିପାରେ ନାହିଁ । ଜନ୍ମ ଏକ, ଗତି ପ୍ରକୃତି ଭିନ୍ନ । ନାୟକର ଆଶାର ମିନାର, ଆଶାର ସୌଧ ଚୁରମାର୍ ହୋଇଛି । ଠେଙ୍ଗା ଜାନି ଖୁବ୍ ସୁଧାର ଆଉ ମାତା ପିତାଙ୍କର ବୋଲ କରୁଥିଲା । ଗାଈ ଗୋରୁ ଦେଖାରଖା କରୁଥିଲା । ଦିନବେଳେ ବାପାର ଚାଷ ଦେଖେ, ସଂଜ ହେଲେ ଧାଏଁ ଧାଙ୍ଗଡ଼ୀ ବସା ଘର । 'ଦାଣ୍ଡର ଏ ପାଖ ଧାଙ୍ଗଡ଼ା ବସାଘର । ଦାଣ୍ଡର ସେ ପାଖେ ଧାଙ୍ଗଡ଼ୀ ବସାଘର । ସେଇଠି ରାତିରେ ଧାଙ୍ଗଡ଼ୀମାନେ ଶୁଅନ୍ତି ।"(୧୫)ସନ୍ଧ୍ୟାରେ ଟୋକାମାନେ ଗୀତ ବୋଲନ୍ତି । ତୁଙ୍ଗତୁଙ୍ଗା ବଜାନ୍ତି । ସାରିଆଦାନ୍ ପରି ଧାଙ୍ଗଡ଼ୀ କଥା ଗୁନ୍ଥି ଗୁନ୍ଥି ଗୀତର ଉତର ଦିଏ । ଉନ୍ମୁକ୍ତ ସାଧୀନ ଧାଙ୍ଗଡ଼ାର ଜୀବନ, ତାର 'ମୁରାନ୍ ନଇ' ପରି ଛଳଛଳ ତାରୁଣ୍ୟ । ଗାଁର ସବୁ ଝିଅ ଠେଙ୍ଗାକୁ ଭଲ ପାନ୍ତି । ସେମାନେ ହେଲେ ଚମ୍ପାବତୀ, ସାରିଆ ଫୁଲ, ସାରିଆ ଦାନ୍ । କେତେ ଡଉଲଡାଉଲ ଗୋଲାପ କଢ଼ି ପରି ପରଜା ଝିଅ । ସେ କାହାକୁ ପସନ୍ଦ କରିବ, କାହାକୁ ନାହିଁ । ଠେଙ୍ଗାଜାନି ଦ୍ୱନ୍ଦ୍ୱରେ ପଡ଼େ । ବେଳେବେଳେ ଧାଙ୍ଗଡ଼ୀମାନେ ନାଚିଲା ବେଳେ ଠେଙ୍ଗାର ଦେହରେ ନେସି ହୋଇଯାନ୍ତି । କେହି କେହି ତା ପାଖରେ ମଠେଇ କରି ପାଦ ପକାନ୍ତି । ଶିହରିତ ଯୌବନ ତାର ସତେ ଯେପରି ସେମାନଙ୍କର କେନ୍ଦ୍ରବିନ୍ଦୁ ଆଉ ଏମାନେ 'ଗୋପାଙ୍ଗନା' । ସେମାନଙ୍କର ସୁନ୍ଦର ସୁଠାମ ବପୁରେ ଯୌବନର ପ୍ରାଚୁର୍ଯ୍ୟ ନେସି ହୁଏ । ହରିଣୀ ପରି କ୍ଷିପ୍ର ଗତି । ଉଲ୍ଲସିତ ନଇ । ସୁଠାମ ସୁନ୍ଦର ଧାଙ୍ଗଡ଼ା ଠେଙ୍ଗାଜାନିକୁ ଦେଖି ଚଞ୍ଚଳ ହୋଇ ପଡ଼ନ୍ତି ତରୁଣୀମାନେ । ତାର ମଧ୍ୟ ବଳିଷ୍ଠ ଦେହ । ଲଳିତ ରୂପ । ଆଖି ଯୋଡ଼ିକ ସତେ ଯେପରି ନୀଳ ବଉଦ ପରି ଢଳଢଳ । ସେ ଧାଙ୍ଗଡ଼ୀମାନଙ୍କର ଗୀତର ପ୍ରତି ଉତର ଦିଏ । ପରଜା ଭାଷାରେ, "ସରିଆ ଗାରୁ, କାତିକ ଡୁ, ଶୁଣ୍ଡିଗାରୁ ହିଣ୍ଡି ଆଇଲୁସରେ ଟୋକି ତୁଇ କେତେ ଗିସିଡିଣ୍ଡାର ?(୧୬) ।" ବଡ଼ ରସିକ ସେ । ଆସ ଦେଖିବା ତୁମର ଯୌବନର ବଳ କେତେ ? ଥଟ୍ଟାରେ ଥଟ୍ଟାରେ ହସ ଉଚ୍ଛୁଳି ପଡ଼େ । ସତେ ବନାନୀ ବି ମର୍ମର ତାରୁଣ୍ୟର ଗୀତ ଗାଏ ।

ସେ ବି ଦାଦିବୁଢ଼ାକୁ ମରମର କଥା କହେ । ମନେ ମନେ ସାଥୀ ପାଇଁ ପ୍ରାର୍ଥନା କରେ । ଠେଙ୍ଗା ମନରେ ବି କଳ୍ପନା ବସା ବାନ୍ଧିଛି । ତାର ଅନେକ ଥର 'ସାରିଆଜାନ୍' ସହିତ ଭେଟଘାଟ ହୋଇଛି । ସାରିଆ ଜାନ୍‌କୁ କହିଛି । "କିଲୋ ମକା ଦେବୁନି ଗୋଟେ ।" ଏହା ମଧ୍ୟରେ ରହିଛି ପ୍ରେମର ଆବେଦନ । ମକା ମାଗିବା ବାହାନା ମାତ୍ର । ସେ ମଧ୍ୟ ମକା ଦେବା ବାହାନାରେ ହାତକୁ ଟାଣି କରି ଧରିଛି । ଠେଙ୍ଗାର ଏହି ସ୍ମୃତି ତାକୁ ଅନେକବାର ପୁଲକିତ କରିଛି । ସେ ଦିନ ଭାରି କଷ୍ଟରେ ହାତ ଛଡ଼େଇ ନେଇଥିଲା ସାରିଆଦାନ୍ । ସାରିଆ, କମିଲି ଠେଙ୍ଗାଜାନିକୁ ଭଲ ପାଇବାର ଆଶା କରିଛନ୍ତି । ସେପରି ଆଶା କରିଛି ସାରିଆଫୁଲ । ସାରିଆଫୁଲ ବି ସାରିଆଜାନ ପରି ଠେଙ୍ଗାଜାନୀକୁ 'ବର' ଭାବେ ପାଇବା ପାଇଁ ଦାଦିବୁଢ଼ାକୁ ଫୁଲମାଳା ଅର୍ପଣ କରିଛି । ସତେ ଯେପରି

ଦୁଇ ସଖୀଙ୍କର ହସର ଜୁଆର ତାଳ ଦେଇ 'ମୁରାନ୍' ନଈ ଖିଲ୍ ଖିଲ୍ ହସି ଉଠିଛି । ସତେ ଯେପରି ପ୍ରକୃତି ସବୁ ରଙ୍ଗୀନ ପସରା ମେଲାଇ ଦେଇଛି । ତରୁଣୀଦ୍ୱୟ ଠେଙ୍ଗାର ବାହା ହେବା ପାଇଁ ଭିତରେ ଭିତରେ ସଜବାଜ ହୋଇଛନ୍ତି ସପ୍ନ ଦେଖିଛନ୍ତି । ମନେ ମନେ ସମୁଦି ସମ୍ବନ୍ଧ ବଢ଼ି ଚାଲିଛି ଦୁଇ ପରିବାର ମଧ୍ୟରେ । ଏ ଦିଗେ ରାମ ନାଇକ ପୁଆ 'ଠେଙ୍ଗା'ର କଥା ପକାଏ, ତ ହରିଜାନି ତା ଝିଅର ଗୁଣ ରୂପ କଥା ବକିଚାଲେ ।

ଆଉ ଠେଙ୍ଗାଜାନିର ମନ ବି ଉଲ୍ଲାସ ଥାଏ । ମାତ୍ର ହଠାତ୍ 'ଅଲେଇ ବରିଆର' (ଏଲିଓ ପ୍ରାଚୀନର ଭାଇ) ଝିଅ ସନ୍ତୋଷ କୁମାରୀ ଉପରେ ତାର ନଜର ପଡ଼ିଛି । ସନ୍ତୋଷର ଖୋଲା ଦେହ, ଲୋଭନୀୟ ଶରୀରର ଅଙ୍ଗପ୍ରତ୍ୟଙ୍ଗ ତା ଆଖିରେ ପଡ଼ିଛି । ତାର ବେଶଭୂଷା ଚାହାଣିରେ ଆକର୍ଷିତ ହୋଇଛି । ଠେଙ୍ଗାଜାନୀ ପ୍ରତି ସନ୍ତୋଷ କୁମାରୀ ମଧ୍ୟ ଆକର୍ଷିତ ହୋଇ ଅଳସ ଭଙ୍ଗୀରେ ଆଗେଇ ଆସିଛି । କନ୍ଦର୍ପ ରତିର ଗତି ଜାଣିବା ମୁସ୍କିଲ । ମନ ଗୋଟିଏଠି ବନ୍ଧା ପଡ଼େ ନାହିଁ ।-କବି ଗାଇଛି, "ମନ କହୁଛି ରେ ପାଇଲା ଧନ ନ ହଜା, କେତେ ଦୂରେ କୁମୁଦିନୀ କେତେ ଦୂରେ ଚନ୍ଦ୍ର ପ୍ରୀତି ଅଭେଦ୍ୟ ତାଙ୍କର"(ଉପେନ୍ଦ୍ର ଭଞ୍ଜ) । ଠେଙ୍ଗା ଓ କୁମାରୀ ଭିନ୍ନ ସଂପ୍ରଦାୟର ମାତ୍ର ମନ ପରସ୍ପର ପ୍ରତି ଚୁମ୍ବକତ୍ୱରେ ଆକର୍ଷିତ ।

ବାସ୍ତବରେ ପ୍ରେମ ଜାତି ଅଜାତି ସ୍ଥାନ କାଳ ପାତ୍ର ବିଚାର କରେନାହିଁ । ଏଣୁ ଠେଙ୍ଗାଜାନି ଅଟକି ରହିଲା ନାହିଁ । ସେ ସନ୍ତୋଷ କୁମାରୀ ପ୍ରତି ଆକର୍ଷିତ ହୋଇଗଲା । ସେ ଯୌବନର ଉତ୍ତେଜନା ଓ ମନର କୁତୂହଳକୁ ସମ୍ଭାଳି ପାରିଲା ନାହିଁ । ଡମଣି ଝିଅ ବି ଲଜ୍ଜା ପଣତକୁ ଉନ୍ମୁକ୍ତ କଲା । ଆଉ ଠେଙ୍ଗା ତାର ଯୌବନ ତରଙ୍ଗରେ ଭାସିଗଲା । ଉଭୟଙ୍କର ହେଲା ନିର୍ଜନରେ ମିଳନ । କ୍ରମେ ଠେଙ୍ଗାର ମନରେ ଆହୁରି ଶୋଷ ବଢ଼ିଲା । ଦେହର ଭୋକ ମେଣ୍ଟିଲା ନାହିଁ । ସନ୍ତୋଷ କୁମାରୀ ଡମୁଣୀ ଝିଅ ହେଲେ ମଧ୍ୟ ତାର ଆଧୁନିକ ରୁଚି, ଆଧୁନିକ ବେଶଭୂଷା, ପ୍ରଣୟ ଭଙ୍ଗୀ ତା ଜୀବନରେ ଆଣିଦେଲା ଏକ ଚମକ । ଯେହେତୁ ସନ୍ତୋଷ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ହୋଇ ନୂଆ ସଭ୍ୟତା ସଂସ୍କୃତିକୁ ଆଲିଙ୍ଗନ କରିଛି, ତଥାପି ତା ମନରେ ରହିଛି ଅଛୁଆଁ ଭାବରେ ଆଦିମ ଭେଦ । ମାତ୍ର ଯୌବନ ଆଉ ପ୍ରେମ ଆଗରେ ଜାତି ଧର୍ମର ପ୍ରଶ୍ନ ଉଠିନାହିଁ । ସେ ଆଉ ଅଟକି ନାହିଁ । ସମାଜର ପ୍ରାଚୀର ଭାଙ୍ଗି ସନ୍ତୋଷ କୁମାରୀକୁ ନିଜର କରିବା ପାଇଁ ବଦ୍ଧ ପରିକର ହେଲା । ସନ୍ତୋଷ କୁମାରୀ ମଧ୍ୟ ବାସ୍ତବତାକୁ ସ୍ୱାଗତ କଲା । ଜୀବନର ସ୍ୱାଦକୁ ସେ ଚାଖିବା ପାଇଁ ପ୍ରସ୍ତୁତ ହେଲା । ଜୀବନର ଦୁଃଖ ନାହିଁ ସ୍ୱାଦୁ ଅଛି । ଜଗତକୁ ମଧୁମୟ ଦେଖିଛି । ସେ ନାଇକର ପୁଅ ଠେଙ୍ଗା ପ୍ରତି ସ୍ୱତଃ ଆକୃଷ୍ଟ ହୋଇଛି । ବେନିୟାଁ, ସିମନ୍ ମାସିକ, ଏ ସମସ୍ତ ଡମ୍ ଯୁବକମାନଙ୍କୁ ସନ୍ତୋଷ କୁମାରୀ ନାପସନ୍ଦ କରିଛି । ପରଜା ସଂପ୍ରଦାୟର ଲୋକେ ଡମ୍ ସଂପ୍ରଦାୟର ଲୋକଙ୍କୁ ଘୃଣା କରନ୍ତି । ମାତ୍ର ସେମାନେ ଯୌବନ ଓ ରୂପର ଆକର୍ଷଣରେ ଆକର୍ଷିତ,ବିଭୋର ମତୁଆଲ । ଗୋପନ ମିଳନ । ଗୋପନ କଥାବାର୍ତ୍ତା, ହସଖୁସିରେ ସେମାନେ ନିବିଡ଼ତର ହୋଇଗଲେ । ଛୁଆଁ ହେଉକି ଅଛୁଆଁ ହେଉ ମଣିଷର ଗୋଟାଏ ସ୍ୱତନ୍ତ୍ର ରୁଚି ରହିଛି । ସେ ରୁଚିକୁ ବାଧା ଦେବ କିଏ ? ସୁନୀତି ସେଠି କାମଦେବ ନାହିଁ ।

ତେବେ ସନ୍ତୋଷ କୁମାରୀ ଠେଙ୍ଗାଜାନିକୁ ହଠାତ୍ ଭରସା କରି ପାରିନି । ମାତ୍ର ଠେଙ୍ଗଜାନି ତା ପ୍ରେମରେ ହଜିଯାଇଛି । ଏଣୁ ସେ ମାନସିକ ଦ୍ୱନ୍ଦ୍ୱରେ ଭାରାକ୍ରାନ୍ତ । ସନ୍ତୋଷ କୁମାରୀ ବ୍ୟତୀତ

ଆଉ ତା ମନ କେହି ଅଧିକାର କରି ନାହାନ୍ତି । ସେ ଦିନରାତି ତାକୁ ହିଁ ସ୍ୱପ୍ନ ଦେଖେ । ପୁରୁଷ ଥରେ ନାରୀର ଅବଗୁଣ୍ଠନ ଖୋଲି ବାହୁ ଆଲିଙ୍ଗନରେ ହଜିଗଲେ, ସେହି ସ୍ମୃତି ସେହି ଆନନ୍ଦ, ତାର ସମ୍ବଳ ହୋଇଯାଏ । ତାର ଆଉ ମୁକ୍ତି ନାହିଁ । ପ୍ରଣୟରେ ବୁଡ଼ି ପରମାର୍ଥ ଜୀବନ କଥା ବି ଭୁଲିଯାଏ । ତପସ୍ୱୀ ବି ତପସ୍ୟା ଭାଙ୍ଗିଦିଏ । ପ୍ରେମ ଏପରି ନିଶା । ସେହି ଦଶା ଠେଙ୍ଗାଜାନିର ଘଟିଛି । ସେ ମୁହଁ ଫିଟାଇ କାହା ଆଗରେ ପ୍ରେମ ରହସ୍ୟ ଉଦ୍‌ଘାଟିତ କରିନାହିଁ । କାରଣ ଜାତି ଅଲଗା । ଡମ୍ ଆଉ ପରଜା ଉଭୟ ଜାତିର ମିଳନ ଅସମ୍ଭବ ମନେ ହୋଇଛି । ମାତ୍ର ପ୍ରେମ ନିଆରା । ତାଠି କୌଣସି ବାଧାବିଘ୍ନ ଠିଆ ହୋଇପାରେ ନାହିଁ, ଜୀବନ ଯମୁନାରେ ଉଜାଣି ବହେ । "ସେ ଜାଣେ ବାପା ମାଆଙ୍କର ଅବସ୍ଥା ଶୋଚନୀୟ ହେବ । ପରଜାମାନେ ପଞ୍ଚାୟତ କରିବେ । "ବାପ ଶୁଣିଲେ ଘର ଜାଳିଦେବ । ମାଆ ଶୁଣିଲେ ମୁଣ୍ଡ ପିଟିବ । ସାହି ଲୋକେ ନିଷ୍ପତ୍ତିରେ ମାଗିବେ ମଦ, କୁକୁଡ଼ା ଓ ଭୋଜି ।"(୧୭) ବଡ଼ ଦ୍ୱନ୍ଦ୍ୱରେ ପଡ଼େ ଠେଙ୍ଗାଜାନି ବେଳେବେଳେ । ଏକ ଦିଗେ ଯୌନ ଆକର୍ଷଣ, ଅନ୍ୟ ଦିଗରେ ସମାଜ । ଏଣୁ କଥା ଗୋପନ ରଖିଲା । ଅନେକ ଦିନ ପରେ ଜଣକୁ ସେ ମନ ଦେଇ ପ୍ରାଣ ଦେଇ ଭଲ ପାଇଛି, ଏଣୁ ସାରିଆଜାନ୍‌କୁ ଦେଖିଲେ ବି ସେ ଅନ୍ୟମନସ୍କ ରହେ । ଭାବେ ବାପା ମାଆଙ୍କର କଥା । ଘର ତୋଳା ଦେଖେ । ମାତ୍ର ମନ ଅସ୍ଥିର । "ଠେଙ୍ଗା ଏକୁଟିଆ ଭାବେ । ତାର ମନର କଥା ଅବୁହା ରହିଯାଏ । ପରଜା ଜାତିର ଇତିହାସ ନାହିଁ । ଖାଲି ନାଚିବା ଗାଇବାରେ ଦିନ ଗଡ଼ି ଚାଲିଛି । କେବଳ ପୂର୍ବପୁରୁଷଙ୍କ ଇତିହାସ ରହିଛି 'ଗୋଜିଆ ପଥର'ରେ । ସେମାନେ ସମସ୍ତେ ସରଳ । ମୂକ, ନିଷ୍କପଟ । ସେ ଭାବେ ମଣିଷ ମଣିଷ ଯେବେ ହୃଦୟରେ ହୃଦ ଭିଡ଼ି ମିଶିପାରିଲା ନାହିଁ, ମିଶିଲା ପଥର, ଗୋଜା ପଥରକୁ ଚଟାପଥର, ମିଶିବା ସମ୍ଭବ ହେଲା ପଥର ପାଲଟି ସାରିଲା ପରେ ।" ଯେତେବେଳେ ଛାତି ନାଚି ଉଠିନାହିଁ, ଗୁମ ଟାଙ୍କୁରି ଉଠିବ ନାହିଁ, ଆଖି ମୁଦି ହୋଇଯିବ ନାହିଁ ନିର୍ବାକ ନିଶ୍ଚଳ, ପଥରକୁ ପଥର ।"(୧୮) ମନ ତାର ବିଦ୍ରୋହ କରି ଉଠେ । ଫଳରେ ସେ ଚାହିଁଛି ପରିବର୍ତ୍ତନ । ପଥର ପରି ନିଶ୍ଚଳତାକୁ ସେ ପସନ୍ଦ କରିନାହିଁ । ପୂର୍ବପୁରୁଷଙ୍କ କଥା ଭାବିଛି । ସେମାନେ ସତେ ଯେପରି ମାଟିକୁ ଜାତିକୁ ଚିହ୍ନାଇ ଦେଇଛନ୍ତି । ବୁନିୟାଦ୍ ଏକ ଦିଗେ ପରିବର୍ତ୍ତନ ଅନ୍ୟ ଦିଗରେ । "ଆଜିକି ନୂଆ, ସନ୍ତୋଷ କୁମାରୀ ଦାଦିବୁଢ଼ା ହୁଙ୍କା ବୁଢ଼ାକୁ ଦଣ୍ଡବତ କରିଛି । ସେ ଖ୍ରୀଷ୍ଟିଆନ ପରି ତାକୁ ସଇତାନ ବୋଲି ମନେ କରିନାହିଁ । ସେ ବି ଘରେ ପୂଜା କରେ । କାରଣ ଦାଦିବୁଢ଼ା ପାଇଁ ସେ ଠେଙ୍ଗାକୁ ପାଇଛି । ସନ୍ତୋଷକୁ ମାରି ଦାଦିବୁଢ଼ା ତ ଦାଦିବୁଢ଼ା, ଗୁଙ୍କା ବୁଢ଼ାକୁ ସୁଦ୍ଧା ଅମାନ୍ୟ କରେ ନାହିଁ । ରାମ ନାଇକର ପୁଅ ଠେଙ୍ଗାଜାନି ଘଟଣାରେ ସୁଆରେ ତାହା ଆଡ଼କୁ ଆଉଜି ଆସିଛି, ସେ ନିଜେ ଆଶ୍ରା ପାଇଛି ଏଇତ ଭଲ କଥା "(୧୯) । ତାକୁ ଯିଏ ଜୀବନ ଯୌବନ ଅଯାଚିତ ଭାବେ ଅର୍ପଣ କରିଛି ତାକୁ ତ୍ୟାଗ କରନ୍ତା କିପରି ? ତାର ପୌରୁଷ ଦୃଢ଼ ହୋଇଛି । ଆଉ କେତେ ଦିନ ଏପରି ଲୁଚାଛପା ସଂପର୍କ ରଖିବେ ? ସନ୍ତୋଷ କୁମାରୀ ଅଭିଯୋଗ କରିଛି । ସେ ସାରିଆଜାନ୍‌କୁ ବାହାହେବ । ତାର ଅବସ୍ଥା କଣ ହେବ । ସେ ଆଗରୁ ଠେଙ୍ଗାଜାନିକୁ କହିଛି, "ଆମର ଜାତି ଭିନ୍ନେ, ଯୋଗଟା ନହେବାର କଥା । ଯେଉଁ ରୀତିର ଆମର ଦାଦି ଅନ୍ୟକାଳରୁ ଚାଲୁ ନାହିଁ, ବୃଥା କଥା ଏସବୁ; ତୁ ସେତେବେଳେ ମାନିଲୁ ନାହିଁ । ଏବେ ତୋ ବିନା ମୋର ଆଉ କେହି ନାହିଁ ।"(୨୦) ସନ୍ତୋଷ ସେମାନଙ୍କୁ ବାନ୍ଧି ପକେଇ ଚାଲିଗଲା । ଫଳରେ ମନରେ ଅଶାନ୍ତିର ଝଡ଼ ଦ୍ୱିଗୁଣିତ ହୋଇଛି ତାର ଏବଂ ସେ ଜଞ୍ଜାଳରୁ କିପରି ମୁକ୍ତ ହେବ ଏବଂ କୁମାରୀକୁ ଆପଣାର କରିନେବ ଉପାୟ ସ୍ଥିର କରିଛି ।

ମନକୁ ଦୃଢ଼ କଲା । ସ୍‌ତୋଷ କୁମାରୀ ସହିତ ଡେଣା ମେଲାଇ ଉଡ଼ିଯିବାକୁ ବଦ୍ଧ ପରିକର ହେଲା । ଜାତି ଭେଦ ଓ ସମାଜ ବେଳେବେଳେ ମାଟି ମେଢ଼ ପରି ବସିଥିଲା । ବନ୍ଧନ ଏଡ଼ି ଠେଙ୍ଗାଜାନି ପ୍ରାଚୀନ ସମାଜର ପରମ୍ପରାକୁ ଜଳାଞ୍ଜଳି ଦେଇ ନୂଆ ଚେତନାର ପ୍ରତୀକ ଭାବେ ଦଣ୍ଡାୟମାନ ହେଲା । ଏପରି ଘଟଣା ସମାଜରେ ବିରଳ ନୁହେଁ । ଜୀବନ ଯୌବନର ଦୁଆରରେ କେତେ ପ୍ରାଣୀ ନୂଆ ସମାଜ ଗଢିଛନ୍ତି ।

ଠେଙ୍ଗା ନିଜ ସ୍ତ୍ରୀ ନିଜେ ଠିକ୍ କରି ପକାଇଲା । ସେଥିରେ ଅଛି ତାର ପରଜା ସୁଲଭ ଭାବପ୍ରବଣତା । କାରଣ ପ୍ରବୃତ୍ତିର ଗତି ଦୁର୍ନିବାର । ସନ୍ତୋଷ କୁମାରୀକୁ ନେଇ ସ୍ୱଚ୍ଛନ୍ଦ ଭାବେ ଘରଛାଡ଼ି ଚାଲିଯିବା ପାଇଁ ହେଲା ପ୍ରସ୍ତୁତ । ଗୋଟିଏ ପଟେ ପିତାମାତାର ସ୍ନେହ ସରାଗ, ଆଶ ସମ୍ଭାବନା । ନିଜେ ସେମାନଙ୍କୁ ଦେଇଥିବା ଅଧିକାର । ପୁଣି ପିଲାଟି ଦିନରୁ ସାରିଆଜାନ୍ ପ୍ରତି ତାର ଆକର୍ଷଣ । ତାପରେ ସନ୍ତୋଷ କୁମାରୀର ଜାତି ଆଉ ଧର୍ମ, ଏସବୁ ସଂଘର୍ଷ ଲଗାଇଛି ତାର ବିରୋଧରେ ଖାଲି ହାତରେ ସଂଗ୍ରାମ ଭୂମିରେ ଅବତୀର୍ଣ୍ଣ ହେଲା ପ୍ରେମ ପାଇଁ । ଏ ପ୍ରେମ କଣ୍ଟକିତ । ଜାତି ଧର୍ମ ସମାଜ ଏପରିକି ଗାଁ ଭୂଇଁର ପରିତ୍ୟାଗ ମଧ୍ୟରେ ଯେଉଁ ଦୈନ୍ୟ, ଯେଉଁ ଅସହାୟତାବୋଧ ତା ଦ୍ୱାରା ବିଡ଼ମ୍ବିତ ପାଇଛି । ତା ଛଡ଼ା ସନ୍ତୋଷ କୁମାରୀକୁ ଗ୍ରହଣ କରିବାରେ ଠେଙ୍ଗାର ଆପତ୍ତି ନାହିଁ । ତେଣୁ ଏ ଉଦୁଲିଆକୁ ଏକ ବିଦ୍ରୋହ ବୋଲି କହିବା ସମୀଚୀନ ମନେ କରିନାହିଁ । କିନ୍ତୁ ପରଜା ଜାତିର ବହୁ ଉଦୁଲିଆ ଘଟେ । ମାତ୍ର ଏହିପରି ଭାବ ପ୍ରବଣତା, ଏହିପରି ଛାତି ଉଲ୍ଲଙ୍ଘନ ହୋଇଛି ଅସିଦ୍ଧ । ମାତ୍ର ପ୍ରବୃତ୍ତିକୁ ଦର୍ଶନ କରିହେବ ନାହିଁ । ଯଦି ନୂଆ ସଂସ୍କାର ଚେତନା ଥାଆନ୍ତା, ଯଦି ଏହା ମୂଳରେ ଅନ୍ତତଃ ଅସବର୍ଣ୍ଣ ବିବାହ କରି ସମାଜରେ ସାମ୍ୟ ପ୍ରତିଷ୍ଠାର ଯୋଜନା ବା ଉଦ୍ଦେଶ୍ୟ ଥାଆନ୍ତା; ତାହହେଲେ ଏହାକୁ ବିଦ୍ରୋହ ଶ୍ରେଣୀଭୁକ୍ତ କରିବା ସଂପୂର୍ଣ୍ଣ ସମୀଚୀନ ହୁଅନ୍ତା । ପ୍ରେମ ଓ ପ୍ରେମିକାର ମଧ୍ୟରେ ପାରମ୍ପରିକ ବୁନିଆଦିର ମର୍ଯ୍ୟାଦାର ମସ୍ତକ ଛେଦନର ମାତ୍ର ।

**ଖ) ପରଜା:**

କୋରାପୁଟ ଜିଲ୍ଲା ଆଦିବାସୀ ବହୁଳ ଅଞ୍ଚଳ । ସେଠାରେ ବଣ୍ଡା, ଜୁଆଙ୍ଗ, ପରଜା, ଗାଦବା, କନ୍ଧ, ସୌରା ଆଦି ଗୋଷ୍ଠୀ ବସବାସ କରନ୍ତି । ଉକ୍ତ ଜିଲ୍ଲା ହେଉଛି ପୁରାଣର 'ଦଣ୍ଡକାରଣ୍ୟ'ର ଅଂଶ ବିଶେଷ ବୋଲି ଧରାଯାଏ । ରାମାୟଣ ଗ୍ରନ୍ଥରୁ ସେଠାକାର ଆଦିବାସୀ ଜନଜୀବନର ଚିତ୍ର ଦେଖିବାକୁ ମିଳେ । ଉକ୍ତ ଅଞ୍ଚଳର ପରଜା ଓ କନ୍ଧମାନଙ୍କୁ ନେଇ ଗୋପୀବାବୁ ଉପନ୍ୟାସ ରଚନା କରିଛନ୍ତି । ତାଙ୍କ କୃତିରେ ଯୁଗଯୁଗର ଅବହେଳିତ ସମାଜର ଚଳଣି, ବିଶ୍ୱାସ, ସଂସ୍କୃତି ପରମ୍ପରା ସହ ପରଜା ଗୋଷ୍ଠୀର ଗୋଟାଏ ପରିବାରକୁ ନେଇ ପରିବର୍ତ୍ତିତ ସମୟର ଅଶ୍ଳୀଳ କାହାଣୀ ବର୍ଣ୍ଣନା କରିଛନ୍ତି । ଏଣୁ ତାଙ୍କର ଏହି ସାର୍ବଜନୀନ କଳା କୋଣାର୍କ ଚର୍ଚ୍ଚିତ ଓ ଆଦୃତ । ଆଦିବାସୀ ଜୀବନ ଓ ପରିବାର କିପରି ସରକାରୀ ଅଧିକାରୀ, ଶୋଷଣକାରୀ, ବ୍ୟଭିଚାରୀ ଓ ସ୍ୱାର୍ଥପର ସାହୁକାର ଚକ୍ରାନ୍ତ ଦ୍ୱାରା ଲହୁଲୁହାଣ ଏବଂ ସର୍ବସାନ୍ତ ହୋଇଛି. ତାର ଜୀବନ୍ତ ଚିତ୍ର ବିସ୍ତାରିତ ଭାବରେ ଚିତ୍ରଣ କରିଛନ୍ତି । ଲେଖକଙ୍କ ଭାଷାରେ "ପରଜାରେ" ଶୋଷଣର କାରଣ କର୍ମ-ଫଳର ପ୍ରତିକ୍ରିୟା ଆଦି ଆଲୋଚିତ ହୋଇଛି । କିନ୍ତୁ ଯେତେ ବାସ୍ତବ ହେଲେ ମଧ୍ୟ 'ପରଜା' ଅର୍ଥ ସେତିକି ନୁହେଁ । ମଣିଷ ଜୀବନ, ମଣିଷର ସ୍ଥିତି, ତାର ତାତ୍ପର୍ଯ୍ୟ, ତାର ମୂଲ୍ୟାୟନ ନିରାଡ଼ମ୍ବର, ଅତି ସାଧାରଣ ଅନୁନ୍ନତ । 'ପରଜା' ମଣିଷ ବାଟେ

ସେତିକି ଗୁରୁତ୍ୱପୂର୍ଣ୍ଣ । ଏହା ହିଁ ହେଉଛି ପରଜା ଉପନ୍ୟାସର ମର୍ମବାଣୀ । ୧୯୪୫ ସାଲରେ ଆଦିବାସୀର ଜୀବନ ଜୀବିକା ନେଇ ଲିଖିତ । ଠିକ୍ ସାଧୀନତା ସଂଗ୍ରାମର ଉଷାକାଳରେ ।

କଥାବସ୍ତୁ – କୋରାପୁଟ ଜିଲ୍ଲା 'ଲକ୍ଷ୍ମୀପୁର' ଅଞ୍ଚଳର ଅନତି ଦୂରରେ 'ସରଶୁ ପଦର ଗାଁ' । ଉକ୍ତ ଗାଁରେ ଗାଦବା, ପରଜା, ଡମ୍ ମିଶି ୨୨ଟି ଘର । ଉକ୍ତ ଗାଁରେ 'ସୁକଜାନି'ର ସଂସାର ଦିନେ ହସି ଉଠୁଥିଲା । ତାର ପତ୍ନୀ 'ସମାରୀ' ବାଘ ମୁହଁରେ ଶିକାର ହୋଇ ଚିର ବିଦାୟ ନେବାରୁ ଚାରୋଟି ପିଲାଙ୍କ ଜଞ୍ଜାଳ ସମ୍ଭାଳି ନେଇଛି ଶୁକ୍ରୁ । ସେମାନେ ହେଲେ ମାଣ୍ଡିଆ ଜାନି, ଟିକ୍ରାଜାନି, ଦୁଇ ଝିଅ ଜିଲି ଓ ବିଲି ।

ବାସଘର ହେଲା ସାଧାରଣ କୁଡ଼ିଆଟିଏ । ସେଇଠି ରଖିଛି ତାର ପୋଷାକ ରୂପି 'କୌପୁନୀ' କେତେ ଖଣ୍ଡ । ଖାଦ୍ୟ ହେଲା ମାଣ୍ଡିଆ ଆଉ ଆମ୍ବ କୋଇଲିର ଜାଉ । ସାଦା ଖାଇ ସାଧାରଣ ଜୀବନ ନେଇ ଆନନ୍ଦରେ ଚଳୁଥାଏ । ତାର ବିଶ୍ୱାସ ଭୁମା ବା ଭୂତ, ମଣିଷ ଜୀବନର ଦୁଃଖସୁଖର କର୍ତ୍ତା । ସେ ଭାଗ୍ୟ ଓ ଭଗବାନଙ୍କ ଉପରେ ଦୃଢ଼ ବିଶ୍ୱାସ ସ୍ଥାପନ କରି ଅନେକ ସ୍ୱପ୍ନ ଦେଖିଛି ଏବଂ 'କଦମ୍ବ ଝୋଲା' ପୈତୃକ ଜମିରୁ କିଛି ଫସଲ ଅମଳ କରି ପରିବାର ଚଳେଇଛି । ମୁଣ୍ଡ ଉପରେ 'ଧରମୁଁ' ତଳେ ଧରତୀ ହିଁ ତାର ଥିଲା ସାହା ଭରସା । ସେ ଥିଲା ଭାଗ୍ୟବାଦୀ ।

'ମାଣ୍ଡିଆ' ସହିତ 'କଜୋଡି'ର ଓ ଜିଲି ସହିତ 'ବାଗାଲା'ର ବିବାହ ସଂପାଦନ କରିବାର ସ୍ୱପ୍ନନେଇ ସେ ଆଶ୍ୱସ୍ତ ଥାଏ । ସେହିପରି ଟିକ୍ରା ଓ ବିଲି ପାଇଁ ବି ଆଶାର ସ୍ୱପ୍ନ ଦେଖିଛି । ସେମାନଙ୍କର ସାଂସାରିକ ଜୀବନ ଯେପରି ସୁଖମୟ ହେବ ଏତିକି ତାର ଚିନ୍ତା । ସେଥିପାଇଁ ଶୁକ୍ରୁଜାନି ଅହରହ ଜୀବନ ସଂଗ୍ରାମରେ ବ୍ୟସ୍ତ ଥାଏ । ପରିବାର ନିମିତ୍ତ ପିତାର କର୍ତ୍ତବ୍ୟ ପାଳନକୁ କେବେ ଅବହେଳା କରିନାହିଁ । ମାତ୍ର ମଣିଷ ଦିନେ କୃତ ଚକ୍ରାନ୍ତର ଶିକାର ହୋଇ ପରିବାର ଓ ଜୀବନ ପ୍ରତି ଅନାହୁତ ବିପଦର ସମ୍ମୁଖୀନ ହେବ ସେ ଭାବି ନଥିଲା ।

ଏକଦା ଜଙ୍ଗଲ ଜମାନ୍ 'ସର୍ଶୁଁ ପଦର' ଆଗମନ କରେ । ତା'ଠାରୁ ସଲମନ୍ ଇଷ୍ଟିଫାନ୍‌ତମ୍ ପ୍ରମୁଖ ସରକାରୀ ଜମାନଠୁ ଦଶମାଣ ଜମିପାଇ ସେମାନଙ୍କର ଖୁସି ହେବାର ଦେଖିଛି । ଶୁକ୍ରୁଜାନି ମଧ୍ୟ ଜଙ୍ଗଲ ଜମାନ୍‌ଠାରୁ ସେପରି ସୁବିଧା ପାଇବାର ଆଶା କଲା । ତାର ଦରକାର ବଡ଼ ବଡ଼ କାଠ । କାରଣ ସେ ଆହୁରି ଘର ତୋଳିବ । ଯେପରି ପୁଅମାନେ ବିବାହ ହେଲେ ନିଆରା ଘରେ ରହିବେ । ଏହା ପରଜା ସମାଜର ପ୍ରଥା । ବାହା ହେଲେ ସେ ଆଉ ଏକାନ୍ନବର୍ତ୍ତୀ ପରିବାରେ ରହେ ନାହିଁ । ସେ ସ୍ୱତନ୍ତ୍ର ଭାବେ ଜୀବନ ଯାପନ କରିବାର ଅଧିକାର ପାଏ । ଧନ ସଂପଦ ଭାଗଦେବା ପିତାର ଇଚ୍ଛାଧୀନ ।

ସେ ଜାଣେ, ଜଙ୍ଗଲ ଜମାନ୍ ଜଙ୍ଗଲର ଅଧିକାରୀ ଓ ହାକିମ୍ । ସେ ପୋଡ଼ୁଚାଷୀକୁ ଜୋରିମାନା କରିପାରେ । ହଳ ପିଛା ପାନୁ (ଟାଜସ୍) ଅସୁଲ କରେ । ଏଣୁ ଶୁକ୍ରୁ ଯୋଡ଼ିଏ କୁକୁଡ଼ା, ତିନୋଟି ପଣସ ଜମାନ୍‌କୁ ଉପହାର ଦେଇ, ଅଣ୍ଟାରୁ ଯୋଡ଼ିଏ ଟଙ୍କା କାଢ଼ି ନେହୁରା ହେଲା ଆଉ ଜଙ୍ଗଲ ସଫା କରିବା ପାଇଁ ତାକୁ ଅନୁମତି ଦେଲେ ।

ଏହି ଆଦେଶରେ ପରିବାର ମଧ୍ୟରେ ଆନନ୍ଦର ସୀମା ରହିଲା ନାହିଁ । ବାପ ପୁଅ ଜମି ସଫା କଲେ । କାଠ ବି ଜମା କଲେ । ଇତି ମଧ୍ୟରେ 'ଜିଲି' ଝୋଲାରେ 'ଗୁର୍ଦିଶାଗ' ଧୋଉଥିବା ବେଳେ ଜମାନର ଦୃଷ୍ଟି ତା' ଉପରେ ପଡ଼ିଛି । ମାତ୍ର ସେ ଛାଉଣି ଉଠାଇ କର୍ତ୍ତବ୍ୟ ଅନୁରୋଧରେ ଦପ୍ତରକୁ ପ୍ରତ୍ୟାବର୍ତ୍ତନ କଲା । 'ଜିଲି' ଥିଲା ବାଗଲାରା ବାଗଦରା ଏବଂ କାଜୋଡ଼ି ଥିଲା ମାଣ୍ଡିଆ ଜାନିର ଭାବୀ ପ୍ରେୟସୀ । କାଜୋଡ଼ି ହେଉଛି ପୁରୀ ଜାନିର ଝିଅ । ସେମାନଙ୍କର ପରସ୍ପର ପ୍ରେମ, ସୁଆଗ ଧାଙ୍ଗଡ଼ା ଧାଙ୍ଗଡ଼ୀ ବସାକୁ ମୁଖରିତ କରିଛି । ସେମାନେ ସୁନେଲି ସପ୍ନ ଦେଖି ଆଗାମୀ ଦିନକୁ ଅନେଇ ରହିଥିଲେ ।

ଇତି ମଧ୍ୟରେ ପୁଣି ଫେରି ଆସିଛି ଜମାନ୍ ଉକ୍ତ ଗାଁକୁ । ଆଉ ମନେ ପଡ଼ିଛି ଜିଲିର ରୂପଯୌବନ । ଏଣୁ ଶୁକ୍ରୁଜାନିକୁ କହିଛି, ତୁ ଯାହା ମାଗିଲୁ ମୁଁ ତା ଦେଇଗଲି । ପୁଣି ମୁଁ ଆସିକି ମୁଁ ଯାହା ମାଗିବି ତୁ ଦେବୁତ ? ସରଳ ବିଶ୍ୱାସୀ ଶୁକ୍ରୁଜାନି କହିଲା, "ମୁଁ କିସ୍ ନାହିଁ କରିବି ତୁମକୁ ?" ଏହି ଉକ୍ତିରେ ଜମାନ୍ ମନରେ ଆଶା ଜମାଟ ବାନ୍ଧିଛି । ରହସ୍ୟ ରହିଲା ଗୋପନୀୟ । ନାୟକ ପିଣ୍ଡାରେ ତାର ରହଣି । ଜିଲିର ଯୌବନ ଉଦ୍ଦେଶ୍ୟରେ ପ୍ରଣୟ କାମନା ତାର ମନରେ ଜାଗି ଉଠିଛି । ମନେ ମନେ ଗଢ଼ିଛି ପ୍ରଣୟ ସପ୍ନର ମିନାର । ସେ ପୁଣି ଜିଲିକୁ ଭେଟିଛି ସେହି 'ଝୋଲା'ର ପାଣିଘାଟରେ । ଆଉ ଜିଲିର ଦୁଇ କାନ୍ଧରେ ହାତ ପକାଇ ପ୍ରଣୟ ଭିକ୍ଷା କରିଛି । ଜିଲି ଦେହରେ ଆସିଛି ଉତ୍ତେଜନା । ସେ ଜମାନ୍ ଥଟ୍ଟା ପରିହାସକୁ ଦୋଷ ବୋଲି ନ ଭାବି ରାଗ ଅଭିମାନରେ ଘରକୁ ଆସିଲା । ତା ପଛେ ପଛେ ଜମାନ୍ ମଧ୍ୟ ଘରକୁ ପଶିଯାଇ କିଛି ଜିନିଷ ତନଖିବାର ବାହାନା କଲା । ବିଫଳ ହୋଇ ଫେରି ଆସିଲା । ଜମାନ୍‌ର ଆସଙ୍ଗଲିପ୍ସା କ୍ରମେ ପ୍ରବଳତର ହେଲା ଆଉ ଶୁକ୍ରୁଜାନିକୁ ପରୋକ୍ଷରେ ନିର୍ଦ୍ଦେଶ ଦେଲା । ସେ ଜିଲିକୁ ପାଇବା ପାଇଁ କାଉ ପରଜା ହାତରେ ଖବର ଦେଲା । ଏହା ଶୁଣି ଶୁକ୍ରୁଜାନି ରାଗରେ ଥରି ଉଠିଲା । ଅସମ୍ଭାଳ ହୋଇ କାଉ ପରଜାକୁ ଧୁମ୍ ଧାମ୍ ମାଡ଼ ଦେଇ ତଡ଼ି ଦେଲା । ଜମାନ୍ କେତେ ସଇତାନ୍ । ବାପା ନିଜର ସ୍ୱାର୍ଥ ସାଧନ ପାଇଁ ପଠାଇବ ଝିଅକୁ । "ରାଗିଲେ ପରଜା ବଣର ଜନ୍ତୁ" କାଉ ପରଜା ଶୁକ୍ରୁ ଜାନୀଠୁ ଦଲାଲି କାମ ହେତୁ ମାଡ଼ଖାଇ ପଳାୟନ କରିଛି । ତା ଆରଦିନ ସକାଳୁ ଜମାନ୍ "ସାତ ପରସ୍ତ ଆବରଣ ତଳେ ଅପମାନକୁ ବୁଜୁଲା ବାନ୍ଧି ଲୁଚେଇ ନେଇଗଲା, କେହି ଜାଣିଲେ ନାହିଁ ।"(୩)

"ଶୁକ୍ରୁଜାନି ମୁହଁରେ ମଧ୍ୟ ବିଷାଦର ଛାୟା । ସେ ଡରିମରି ମନେ ପକାଏ ଜମାନ୍‌କୁ । ଅଧିକାରୀ କୋପ କରିଗଲା । କଣ ହେବ କିଏ ଜାଣେ ?" ଏହି ଆଶଙ୍କାରେ ଶୁକ୍ରୁ ଦ୍ୱନ୍ଦ୍ୱରେ ଥାଏ ଏବଂ ପରଜାର ଦେବାଦେବୀ, ବସୁମତୀ, ନିଶାଣି ମୁଣ୍ଡା ଝାଙ୍କର ଦେବତାକୁ ପ୍ରାର୍ଥନା କଲା । ସେ ଗରିବ ଆଦିବାସୀ ହେଲେ ମଧ୍ୟ ତାର ମାନ ସମ୍ମାନ ଅଛି । ସେ ଦେହ, ଜାତି, ମାଟିକୁ ଦାନ କରିପାରିବ ନାହିଁ । ଲୋଭ ଓ କ୍ରୋଧର ଚାଲିଲା ପ୍ରତିଦ୍ୱନ୍ଦିତା । ଶୁକ୍ରୁ ପରିବାରରେ ବିପର୍ଯ୍ୟୟ ପର୍ବ ଆରମ୍ଭ ହେଲା । ଜମାନ୍‌ର କୁଟିଳ କୂଟନୀତିର ହେଲା ଶିକାର । ଶୁକ୍ରୁଜାନିକୁ ଗଛକାଟି ଜମି ସଫା କରିବାକୁ ଅନୁମତି ଦେଇନାହିଁ ବୋଲି ମିଛ କହି ମିଛ ସାକ୍ଷୀ ଦ୍ୱାରା ୬୦ ଟଙ୍କା (ତିନିକୋଡ଼ି) ଜୋରିମାନା ଦେବାକୁ ନିର୍ଦ୍ଦେଶ ଦେଲା । ନଚେତ୍ ଜେଲ୍ (ଶିକ୍ଷା) ଭୋଗିବାର ଦଣ୍ଡ ଆଦେଶ ଦେଲା । ଶୁକ୍ରୁଜାନି ମୁଣ୍ଡପାତି ଦଣ୍ଡକୁ ଗ୍ରହଣ କଲା । ତାର ଅତୀତର ଆଶଙ୍କା ସତ ହେଲା । ଗାଁର 'ସାଲକୀ ପରଜା' (ନାଇକ) ଓ

ଢେପୁ ଚଲାନ୍ (ଡମ୍)ର ପରାମର୍ଶରେ ଶହେ ଟଙ୍କା ଋଣ ଆଣି ଦଶ ବର୍ଷ ପାଇଁ ଶୁକ୍ରୁ ଓ ଟିକ୍ରା ରାମଚନ୍ଦ୍ର ବିଶୋଇ (ସାହୁକାର) ପାଖରେ ଗୋତି ରହିଲା ଅଥଚ ଉକ୍ତ ଟଙ୍କା ଚଲାନ୍ ଓ ନାଇକ ଜମାନ୍‌କୁ ପନ୍ଦର ଟଙ୍କା ଦେଇ ବାକି ଟଙ୍କା ଆତ୍ମସାତ୍ କଲେ ।

ବାସ୍ତବରେ "ପାହାଡ଼ି ମଣିଷ ତର୍କ ବୁଝେନାହିଁ" । ଅନାହୁତ ବର୍ଷା, ଅନାହୁତ ଶୀତ, ବାଘ ମୃତ୍ୟୁ ପରି ଅନାହୁତ ଦୁଃଖରେ ଶିକାର ହେଲା ଶୁକ୍ରୁ । ତାର ଶକ୍ତି ସ୍ୱାଭିମାନ ଚୁରମାର୍ ହେଲା । ସେ ରହିଲା ଗୋଡ଼ି । ତାର ପୁଅ ଟିକ୍ରା ମଧ୍ୟ ସାହୁକାର ଘରେ ଗୋତି ରହିଲା ।

ବଡ଼ ପୁଅ 'ମାଣିଆ ଜାନି', ଜିଲି ଓ ବିଲିର ଦାୟିତ୍ୱ ନେଇ 'କଦମ୍ବ ଝୋଲା'ର ଜମିଚାଷ କରି, ନିଜେ କାଜୋଡ଼ି ସହିତ ବିବାହ ହେବାର ସ୍ୱପ୍ନ ଦେଖିଲା । ସେଥିପାଇଁ ଲୁଚାଛପା ମହୁଲି ମଦ ରାନ୍ଧି (ଝୋଲ) ଟଙ୍କା ବା କନ୍ୟାସୁନା (ଟଙ୍କା) ସଞ୍ଚୟ କରୁଥିଲା । ତାର ଉଦ୍ଦେଶ୍ୟ ଥିଲା କାଜୋଡ଼ିର ବାପାକୁ ଝୋଲା ଟଙ୍କା ଦେଇ ବାହା ହେବ । ଏହା ଥିଲା ତାର ନିଶା ଓ ପେଶା । ହେଲେ ମଣିଷର ଚକ୍ରାନ୍ତ ଶେଷ ହେଲା ନାହିଁ । ମାଣିଆରେ ଉଦ୍‌ଯୋଗ ଦେଖି ଅସହିଷ୍ଣୁ ଲୋକ ସାଲଟ୍ ବା ଅବକାରୀ ଚପରାସିକୁ ଚୋରା ମଦ ରନ୍ଧା ଖବର ଦେଇ ଦେଲେ । ଫଳରେ 'ପୁଷ୍ ପରବ' ଦିନ ସେ ଧରା ପଡ଼ିଲା । ତାକୁ ନିର୍ଦ୍ଦେଶ ମିଳିଲା ପଚାଶ ଟଙ୍କା ଜୋରିମାନା ଦେବାକୁ । ମୁକ୍ତି ପାଇବା ପାଇଁ ଜୋରିମାନା ଦେବା ନିମିତ୍ତ ସେ ମଧ୍ୟ ଥୋଟା ଗୋଡ଼ା ଗାଁର ରାମ ବିଶୋଇଠାରୁ ପିତା ଶୁକ୍ରୁ ଜାନି ପରି ଟଙ୍କା ଆଣି ଗୋତି ରହିଲା, ଦୁଇଟି ଝିଅକୁ ଛାଡ଼ି ବାପା ପୁଅ ତିନି ଜଣ ଦୂରେଇ ରହିଲେ ।

ସାହୁକାର ପାଖରେ ଶୁକ୍ରୁ ଜାନି ଓ ତାର ଦୁଇ ପୁଅ ମୁଣ୍ଡ ବନ୍ଧା ଦେଲେ । ଘରେ ରହିଲେ ଜିଲି ଓ ବିଲି । ଜିଲିର ବାଗ୍‌ଦତ୍ତା ଧାଙ୍ଗଡ଼ା ବାଗ୍‌ଲା ଆଉ କାଜୋଡ଼ିର ବାଗ୍‌ଦତ୍ତା ଧାଙ୍ଗଡ଼ା ମାଣିଆ ଜାନିର ସୁନେଲି ସ୍ୱପ୍ନ କ୍ରମେ ଭଙ୍ଗା ପଡ଼ିଲା । ଜୀବନରେ ଫଗୁଣର ଚଇତି ଉତ୍ସବରେ ବହିଲା ଗ୍ରୀଷ୍ମର ଉତପ୍ତ ଝଞ୍ଜା । ଜିଲି ଓ ମାଣିଆ ଯେତେ ସ୍ୱପ୍ନ ଦେଖିଲେ ମଧ୍ୟ କୋହ ବେଦନାର ଅଶ୍ରୁ ହିଁ ସାର ହେଲା ।

ତେଣେ ବାଗ୍‌ଲା, କାଜୋଡ଼ିକୁ ଉଦୁଲିଆ ନେଇ ଚାଲିଗଲା । ମାଣିଆ ମନରେ କାଜୋଡ଼ି ଉଙ୍କି ମାରିଲେ ମଧ୍ୟ ଧୀରସ୍ଥିର ଭାବେ ମନରେ ଭାବକୁ ଚାପି ରଖିବା ଛଡ଼ା ଆଉ ଗତ୍ୟନ୍ତର ନଥିଲା ।

ଡମ୍ ଦେଶୀୟା ଲୋକମାନେ ନାଇକର ସ୍ୱାର୍ଥପରତା ଓ ଜମାନର ପ୍ରତିଶୋଧ ପରାୟଣତାକୁ ସାହାଯ୍ୟ କଲେ । ସେମାନେ କେତେ ଦୂର ଶଇତାନ୍ ହୋଇପାରନ୍ତି ଏ ତାର ନିଖୁଣ ଚରିତ୍ର । ଗୋଟିଏ ପରିବାରକୁ ଭାଙ୍ଗିବାରେ ସେମାନଙ୍କର ସ୍ୱାର୍ଥ ନିହିତ । ଆସୁରିକ ଚେତନା ନିର୍ଦ୍ଦୟ ଭାବେ ପ୍ରଭାବିତ କରିଛି ।

ମଝିରେ ମଝିରେ ପୌଷପର୍ବ ବା ଚଇତି ପର୍ବରେ ବାପ ପୁଅ ଗାଁକୁ ଆସନ୍ତି । ଝିଅ ଓ ପରିବାରର ଭଲମନ୍ଦ ବୁଝି ଫେରି ଯାଆନ୍ତି । ଅନେକ ଦିନର ବ୍ୟବଧାନ ସତ୍ତ୍ୱେ ବାପାଭାଇ ଘରକୁ ନଆସିବାରୁ ପରଜା ଝିଅର ପାହାଡ଼ୀ ମନ ଭାଙ୍ଗି ପଡ଼ିଲା । ଖଦି ଖାଦିର ଚିନ୍ତାରେ ଜିଲି ଓ ବିଲି ବିକଳ ହୋଇ ପଡ଼ିଲେ । ବାପା ଭାଇର ସ୍ନେହ ସାହାଯ୍ୟ ବିନା ମନ ବିଦ୍ରୋହ କରି ଉଠିଲା ଏବଂ ବାପା ଭାଇଙ୍କ ବିରୁଦ୍ଧରେ ଅଭିଯୋଗ କଲେ । ଏଣୁ ଡମ୍ ଝିଅ ଦୀପ୍ତିମନିର ପରାମର୍ଶରେ ରୋଡ୍‌ପାଇଟି ବା

ଦିନ ମଜୁରିଆ (ରେଜା) କାମ ପାଇଁ ବାହାରି ପଡ଼ିଲେ । ମିଲ୍‌କି, କମଳା, ଫୁଲମତୀ ପ୍ରମୁଖ ଖ୍ରୀଷ୍ଟିଆନ୍ ଡମ୍ ଝିଅମାନଙ୍କ ସହିତ ମିଶି କାମ କଲେ । ହାତକୁ ଆସିଲା ପଇସା । ପେଟର କ୍ଷୁଧା ଦୂର ହେଲା । ଆଧୁନିକ ସମାଜ ଓ ସଭ୍ୟତାର ସହିତ ତାଳ ଦେଇ ମିଶିବା ସଙ୍ଗେ ସଙ୍ଗେ ସେମାନେ ଅମଡ଼ା ବାଟକୁ ଓଟାରି ହୋଇଗଲେ । ମଣିଷ ସବୁ ସହେ । ପେଟର ଜ୍ୱଳନ ସହିପାରେ ନାହିଁ । ଆଦିବାସୀ ଝିଅ ଭିନ୍ନ ସମାଜ, ଭିନ୍ନ ସଂସ୍କୃତି, ଭିନ୍ନ ମଣିଷର ହାବଭାବରେ ସଂକୁଚିତ ହେଲେ ମଧ୍ୟ 'ସାତ କଥାରେ ସତୀ ଭୁଲେ' ଆଦର୍ଶରେ ଅନୁପ୍ରାଣିତ ହେଲେ ଏବଂ ରାମୀ ଓ ମୋତୀ ପରି ନଷ୍ଟ କପଟୀ ନାରୀ ଚରିତ୍ରଙ୍କ ପ୍ରରୋଚନାରେ ରୋଡ଼ ପାଇଟିର ଗୁମାସ୍ତାର ହେଲେ ଅଭିସାରିକା । ଧନ ପାଇଁ ଯୌବନ ଜୀବନ ହେଲା ଶିକାର । ଥରେ ଗୋଡ଼ ଖସି ଗଲାପରେ ନାରୀର ମନରେ ଆଉ ସଙ୍କୋଚ ରହେନାହିଁ । ଆଦିବାସୀ ସମାଜ, ସଂସ୍କୃତିର ଉନ୍ମୁକ୍ତ ସାଧୀନ ଜୀବନ ଆଧୁନିକ ମଣିଷ ସମାଜ ଚେତନାର ଉଚ୍ଛୃଙ୍ଖଳ ପଥରେ ପାଦ ଖସି ପଡ଼ିଛି । ପ୍ରତ୍ୟେକ ପ୍ରଗତିଶୀଳ ଅଞ୍ଚଳରେ ଯେଉଁଠି ସାଧାରଣ ଜନବସତି ରହିଛି, ସେଇଠି ବହୁ ଝିଅଙ୍କ ଜୀବନ, ଯୌବନ ବିପଥଗାମୀ ହୋଇଛି ।

ଝିଅମାନଙ୍କ ରୋଡ଼ ପାଇଟି ଯିବା କଥା ଶୁଣି ଶୁକ୍ରୁ ଜାନିର ବ୍ୟକ୍ତିତ୍ୱ ଭାଙ୍ଗି ପଡ଼ିଛି । ଶୁକ୍ରୁ ଆଦିବାସୀ ପରମ୍ପରା ଓ ବୁନିଆଦିର ପ୍ରତୀକ । ଡମ୍ ଓ ପରଜା ଝିଅମାନଙ୍କ ଚାଲିଚଳନ ସେ ବେଶ ଅନୁଭବ କରିଛି । ସେମାନଙ୍କ କବଳରୁ ନିଜ ଝିଅ ମାନଙ୍କୁ ରକ୍ଷା କରିବା ପାଇଁ ବ୍ୟାକୁଳ ହୋଇ ଉଠିଲା । ଏଣୁ ପିତ୍ରାର୍ଜିତ ସୁନା ଥାଳି ପରି ଜମି କଦମ୍ବ ଝୋଲାକୁ ନିଜ ସାହୁକାରଠାରେ ବନ୍ଧା ଦେଇ ଗୋତି ପଣରୁ ନିଜକୁ ମୁକ୍ତ କଲା । ମାଣ୍ଡିଆ ଜାନିର ଉକ୍ତ ଜମିକୁ ବନ୍ଧା ଦେବାକୁ ବିରୋଧ କରିଥିଲା । ମାତ୍ର ଅବସ୍ଥା ହିଁ ମଣିଷକୁ ବାଧ୍ୟ କରେ । ଗୋତିରୁ ଶୁକ୍ରୁ ଜାନି ମୁକ୍ତି ନେଇ ରୋଡ଼ ପାଇଟିକୁ ଯାଏ । ଝିଅମାନଙ୍କୁ ଫେରାଇ ଆଣି ଗାଁ ନାଇକଠୁ ଖଣ୍ଡେ ଜମି ପାଇ ଚାଷ କରି ମୂଲ ଖଟି ପରିବାର ଚଳାଏ । ଆଉ ଝିଅମାନଙ୍କୁ ମାନସିକ ସରସତା ପାଇଁ ଧାଙ୍ଗଡ଼ୀ ବସାକୁ ଯିବା ପାଇଁ ଅନୁମତି ଦିଏ । ମାତ୍ର ପଘାଛଡ଼ା ଗାଈ ମନର ପରିବର୍ତ୍ତନ ହୁଏ ନାହିଁ । ଅତୀତର ସ୍ୱାଦୁ ଝିଲି, ବିଲିକୁ ଉଲ୍ଲସିତ କରେ । ଇତି ମଧ୍ୟରେ 'ନନ୍ଦାବାଲି' ଶୁକ୍ରୁର ଗୋତି ରହି ଝୋଲା ଟଙ୍କା ପରିଶୋଧ କରି ବିଲିକୁ ଜୀବନ ସାଥି ଭାବେ ବାଛିନିଏ । ଫଳରେ ବଡ଼ ଭଉଣୀ ଜିଲିର ରିକ୍ତ ମନ ଆହୁରି ବିଚଳିତ ହୋଇ ଉଠେ । ଅନ୍ୟର ଅଲକ୍ଷ୍ୟରେ ଖୋଜିଲା ଜିଲି ମନ ଦେହର ସ୍ୱାଦୁ । ନାଇକର ଗୋତି 'କାଉପରଜା'ର ଜଦକାର ହେଲେ ମଧ୍ୟ ଆଦିମ ଯୌନ ଚେତନାରେ ଉଦ୍‌ବେଳିତ ହେଲା । ଜିଲିକୁ କିଛି ଉପହାର ଦେଇ ତାକୁ ପାଇବାର କାମନା କଲା । ଜିଲି ଥଟ୍ଟା ପରିହାସ କଲେ ମଧ୍ୟ କାଉ ପରଜାକୁ ଧରା ଛୁଆଁ ଦେଲା ନାହିଁ ।

ଏ ମଧ୍ୟରେ ସାହୁକାର ରାମଚନ୍ଦ୍ର ବିଶୋଇ 'ଶରଶୁଁପଦର'ରେ ଡେରାବାନ୍ଧି କଦମ୍ବ ଝୋଲା ଜମିରେ ଲେମ୍ବୁ, କମଳା ଚାଷ କରିଛି । ଆଉ ଖୋଜିଛି କାମ୍ୟ ନାରୀ ଦେହ । ପ୍ରଥମେ ଜିଲି ନିଚୁ ନିଚୁ ବା ନାହିଁ ନାହିଁ କହୁଥିଲା । ପରେ ସାହୁକାରର ହେଲା ଅଭିସାରିକା । ଏଣୁ ସାହୁକାର ବୟସ୍କ ହେଲେ ମଧ୍ୟ ଅଭାବୀ ଲୋକ ଥରେ ଭୋଗ କଲାପରେ ପୁଣି ସେ ଅଭାବକୁ ସହଜରେ ଫେରାଇପାରେ ନାହିଁ । ପୁଣି ଖୋଜେ ସୁଯୋଗ । ତାହାହିଁ ଘଟିଛି ଜିଲି ଜୀବନରେ ।

କିନ୍ତୁ କାଉପରଜା ଆଖିରେ ଜିଲିର ଗୋପନ ରହସ୍ୟ ଧରା ପଡ଼ିଛି । ସେ ନେଲା ଜିଲିର ପ୍ରତିଶୋଧ । ଜିଲିର ଅବୈଧ ପ୍ରଣୟ କଥା ପ୍ରଚାର କଲା । ଗାଆଁ ସାରା କଥା ରାଷ୍ଟ୍ର ହେଲା । ଶୁକ୍ରୁ ଜାନି ସେ ସବୁ ଶୁଣି ବଦନାମ ହେଲା ଜିଲି ପାଇଁ । ତାର ବୁନିଆଦି ଧୂଳିସାତ୍ ହେଲା । ଜିଲି ଅନନ୍ୟୋପାୟ ହୋଇ ପଞ୍ଚାୟତ ସଭାରେ ସାହୁକାର ପ୍ରତି ଆସକ୍ତ ଥିବାର ସ୍ୱୀକାର କଲା । ଆଉ ସବୁଦିନ ପାଇଁ ସେ ହେଲା ତାର ରକ୍ଷିତା । ଶୁକ୍ରୁ ଜାନିର ସଂସାର ବିଷମୟ ହୋଇଗଲା ।

ମାଣ୍ଡିଆ ଜାନି, ଟିକ୍ରା ଜାନି ସାହୁକାରର ଏ ପ୍ରକାର ପଟ୍‌କାର ହୀନ ବୁଦ୍ଧି, ଚକ୍ରାନ୍ତ ବୁଦ୍ଧି ପାଇଁ ଜଳି ଉଠିଲେ । ମାଣ୍ଡିଆର ପ୍ରାଣ ମଧ୍ୟ କାନ୍ଦି ଉଠିଛି ଜିଲି ପାଇଁ । ମନେ ମନେ ଟାଙ୍ଗିଆକୁ ଧାର କରିଛି, ସାହୁକାରକୁ ହାଣିବା ପାଇଁ ମନ ତାର ଚଞ୍ଚଳ ହୋଇଛି । ହେଲେ ସେମାନେ ଗୋଟି । ମାଣ୍ଡିଆ ଟିକ୍ରା ଲୁଚି ଲୁଚି ମଦ ରାନ୍ଧି ଟଙ୍କା ସଞ୍ଚୟ କରି ସାହୁକାରଠାରୁ କଦମ ଝୋଲା ଜମିକୁ ମୁକ୍ତ କରିବା ପାଇଁ ପ୍ରସ୍ତୁତ ହେଲେ । ତାପରେ ସେମାନେ ଟଙ୍କା ଦେଇ ଆସି ଜମି ଫେରାଇ ଦେବାକୁ ସାହୁକାରକୁ ପ୍ରାର୍ଥନା କଲେ । ମାତ୍ର ସର୍ବସ୍ୱ ଅପହରଣକାରୀ ସାହୁକାର ତିରିଶି ବର୍ଷ ପାଇଁ ଜମି ବନ୍ଧା ଦେଇଛି କହି ସେମାନଙ୍କୁ ଫେରାଇ ଦେଲା । ମିଥ୍ୟା କଥା କହିବାରୁ ସାହୁକାର ବିରୁଦ୍ଧରେ ଶୁକ୍ରୁ ନେଲା ଆଇନର ଆଶ୍ରୟ । ନିରକ୍ଷର ସରଳ ଆଦିବାସୀ ମଣିଷ ଆଇନ କାନୁନ୍ ସଂପର୍କରେ ଅଜ୍ଞ । ସାହୁକାରଠାରୁ 'ଲେଖୁ' ଓକିଲ ଲାଞ୍ଚ ନେଇ ଶୁକ୍ରୁ, ମାଣ୍ଡିଆ, ଟିକ୍ରା, ନନ୍ଦବାଲି ଆଦିଙ୍କୁ ଭୁଲ୍ ତାରିଖ ଜଣାଇ ଦେଲା । ସରଳ ଶୁକ୍ରୁ ଓ ପୁଅମାନେ ନିର୍ଦ୍ଦିଷ୍ଟ ତାରିଖ ଜାଣିପାରିଲା ନାହିଁ । ସାହୁକାର ଏକ ତରଫା ଡିଗ୍ରୀ କରି ନେଇଗଲା ଜମି । ପରଜା ପରିବାର ହେଲେ ସର୍ବହରା, ଜମିହୀନ । ଫକୀର ମୋହନ ସେନାପତିଙ୍କର ନାଜର ନଟବର ତଥା ମଙ୍ଗରାଜ ଭଳି ଏଇ ସଇତାନ୍ ଚରିତ୍ର ଆଗରେ ସରଳ ମଣିଷ ମୁଣ୍ଡ ଟେକିପାରିଲା ନାହିଁ ତଥାପି ସେମାନେ ସାହୁକାରକୁ ଆଉ ଥରେ ଭେଟି ଜମି ଫେରାଇ ଦେବା ପାଇଁ ନେହୁରା ହେଲେ, ବିନୀତ ପ୍ରାର୍ଥନା କଲେ । ହେଲେ ସାହୁକାର ସେମାନଙ୍କୁ ଗୋଇଠା ମାରି ଅସଭ୍ୟ ଭାଷାରେ ଗାଳି ଦେଲା । ସେମାନେ ଅପମାନରେ ଜର୍ଜରିତ ହୋଇଉଠିଲେ । ମାଣ୍ଡିଆ ଜାନି କ୍ରୋଧାନ୍ୱିତ ହୋଇଉଠିଲା । ସେମାନଙ୍କର ପାଣ୍ଡିତୁଣ୍ଡରେ ଧାଇଁ ଆସିଲା ଜିଲି । ତାକୁ ଦେଖି ବାପ ଓ ଭାଇ ଜୋର ପାଟି କରି ଉଠିଲେ । ନିରୀହ ଶାନ୍ତ ମଣିଷଠାରେ ପଶୁତ୍ୱ ବଳ ହୁଟ୍‌କିନା ଟେଇଁ ଟେଇଁ ଉଠିଲା । ବଣର ଜନ୍ତୁ ପରି ଗର୍ଜନ ଛାଡ଼ି ମାଣ୍ଡିଆ ଜାନି ଆଗକୁ ମାଡ଼ି ଗଲା । 'ଅଧର୍ମ କରି ଭୂମି ନେଲୁ ସିନା ସାହୁକାର ଭୋଗ କରିପାରିବୁ ନାହିଁ ।' କହି ଆଖି ପିଛୁଳାକେ ଟାଙ୍ଗିଆ ଉଠାଇ ପାହାର ପକାଇଲା ସାହୁକାର ଉପରେ । ଶାଳଗଛ ପରି ଦୁଇଖଣ୍ଡ ହୋଇଗଲା ସାହୁକାର । ବାପ ପୁଅ ତିନିହେଁ ମିଶିଗଲେ ତା' କଟା ଶବ ଉପରେ । ସେମାନେ ବି ରକ୍ତରେ ଜୁଡୁବୁଡୁ ହୋଇଗଲେ । ଆଇନର ବ୍ୟତିକ୍ରମ ହେତୁ ମଣିଷର ହାତରେ ସମାଧାନ ହୋଇଗଲା । ତିନିଜଣ ଯାକ ଥାନାକୁ ଯାଇ ମଣିଷ ମାରିଛୁ ବୋଲି ପ୍ରକାଶ କଲେ । ପରଜା ଲୋକ ତାଙ୍କର ଜମି, ଝିଅ, ସଂସ୍କୃତି ହରାଇବାରୁ ଶେଷପଥ ବାଛିନେଲେ । ହେଲେ ହତ୍ୟାକାରୀ । ଅଧର୍ମ, ଅନ୍ୟାୟର ଶେଷ ପରିଣତି । ଯେପରି ସୈରେନ୍ଦ୍ରୀ ଆସକ୍ତ କୀଚକର କାମନାର ହେଲା ଅବସାନ, ଭୀମ ହାତରେ କୀଚକର ହେଲା ମୃତ୍ୟୁ, ମାଣ୍ଡିଆ ହାତରେ ଶଇତାନ ରୂପୀ କାମ ଲୋଭି ପିପାସୁର ଅଧର୍ମର ହତ୍ୟା କିନ୍ତୁ ଆଇନ ହାତରେ ସେ ହତ୍ୟାକାରୀ ସେ ।

ଏହା ହେଉଛି ଲେଖକଙ୍କର ସଭ୍ୟ ଶୋଷକ ସମାଜପ୍ରତି ସତର୍କବାଣୀ । ଯାହା ପରବର୍ତ୍ତୀ କାଳରେ ନକ୍ସଲବାଦୀର ଅଭିନବ ଚେତନା ଚେଇଁ ଉଠିଛି, ଚାରୁ ମଜୁମଦାର, ନାଗ ଭୂଷଣ ପଟ୍ଟନାୟକଙ୍କ ନେତୃତ୍ୱରେ । ବାସ୍ତବରେ ଗୋପୀବାବୁଙ୍କ ଏହି ଉପନ୍ୟାସଟି ଯେପରି ବିରୋଧାତ୍ମକ ସେହିପରି ସାମାଜିକ ଜୀବନର କାରୁଣ୍ୟର ଗଦ୍ୟ କାବ୍ୟ । ଲେଖକଙ୍କ ଭାଷାରେ- "ମୂଳରୁ ଶେଷଯାଏ ପଦେ ପଦେ ମଣିଷର ଜୀବନ ପ୍ରିୟତା ହିଁ ମରୀଚିକା ମାୟା । ମରୁଭୂମିରେ ଫୁଲ ପରି ଫୁଟିଛି, ଝଡୁଛି ପୁଣି ଫୁଟୁଛି, ଲାଗି ରହିଛି ଶେଷଯାଏ । ସେଇଟା ହିଁ ସତ୍ୟର ପରିଚୟ"(୫) । ପରଜା ସଂପର୍କରେ ଏହି ମତ ବେଶ ଅନୁଧ୍ୟେୟ ।

**ଶୁକ୍ରୁ ଜାନି:-**

ଶୁକ୍ରୁ ଜାନି 'ଝୋଡ଼ିଆ ପରଜା' ସଂପ୍ରଦାୟର ପ୍ରତିନିଧି । ସେ କର୍ମଠ, ସରଳ, ଧର୍ମ ପରାୟଣ ଓ ଧର୍ମବିଶ୍ୱାସୀ । ପରଜା ପରମ୍ପରା ଅନୁସାରେ ସୁଖଦୁଃଖର କର୍ତ୍ତା 'ଡୁମା' ବୋଲି ବିଶ୍ୱାସ କରିଛି । ଉପରେ ଧର୍ମୁ (ସୂର୍ଯ୍ୟ) ଏବଂ ତଳେ ପୃଥିବୀ (ଧରଣୀ) । ଏହି ଦୃଶ୍ୟ ଅଦୃଶ୍ୟ ଶକ୍ତି ଉପରେ ଭରସା ରଖି ମଣିଷ ଜାତିକୁ ସେ ଅବିଶ୍ୱାସ କରିନାହିଁ । ଏହା ହେଉଛି ତା ଜୀବନର ମୂଳ ଦର୍ଶନ । ତାର ଚାରୋଟି ପୁଅଝିଅ - ମାଣ୍ଡିଆ ଜାନି, ଟିକ୍ରା ଜାନି, ଜିଲି ଓ ବିଲି । ତାର ପତ୍ନୀ ସମାରୀ ବାଘ ମୁହଁରେ ଶିକାର ହେଲା । ପରେ ଦ୍ୱିତୀୟ ଥର ବିବାହ ପାଇଁ ଅନେକ ପ୍ରସ୍ତାବ ଆସିଥିଲେ ମଧ୍ୟ ପିଲାମାନଙ୍କର ମୁହଁକୁ ଚାହିଁ ସେ ରହିଛି । ସେମାନଙ୍କର ଭବିଷ୍ୟତ ଗଢ଼ିବା ପାଇଁ ନିଜର ସୁଖ ଭୋଗକୁ ଜଳାଞ୍ଜଳି ଦେଇଛି । ବେଳେ ବେଳେ ତାର ପ୍ରିୟତମା ପତ୍ନୀ ସମାରୀକୁ ମନେ ପକାଇ ତାର ଗୁଣ ସୁମରି କାନ୍ଦେ, ମର୍ମାହତ ହୁଏ । ସାଥୀ ହୀନ ଜୀବନ ବ୍ୟଥାପୂର୍ଣ୍ଣ । ମାତ୍ର ତାର ଛୋଟିଆ ସଂସାର ଯେପରି ଅଶ୍ରୁଳ ନହୁଏ ସେଥିଲାଗି ସେ ଜୀବନ ଯୁଦ୍ଧରେ ଲାଗି ପଡ଼ିଥିଲା ।

ସେ 'କଦମ୍ବ ଝୋଲା' ଜମି ପରେ ଆଉ ଦୁଇମାଣ ଜମି କାମନା କଲା । ଜଙ୍ଗଲର କାଠ ଆଣି ପୁଅଙ୍କ ଲାଗି ସତନ୍ତ୍ର ଘର ତିଆରି ପାଇଁ ଇଚ୍ଛା କଲା । ସେଥିପାଇଁ ଜଙ୍ଗଲ ଜମାନ୍‌କୁ ଅନୁରୋଧ କଲା ଏବଂ ତାକୁ କିଛି ଉପହାର ଦେଇ ସନ୍ତୁଷ୍ଟ କରି ଜଙ୍ଗଲ କାଟି ଜମି ବି ତିଆରି କଲା । ମାତ୍ର ଏଇ ଲୋଭ ତା ଜୀବନରେ ନେଇଛି ଭିନ୍ନ ରୂପ । ଯେଉଁ ଜମାନ୍ ଜଙ୍ଗଲ ସା ପାଇଁ ଅନୁମତି ଦେଇଥିଲା, ସେ ତାର ବିନିମୟରେ ଚାହିଁଛି ତାର ବଢ଼ିଲା ଝିଅ ଜିଲିକୁ । ଶୁକ୍ରୁର ପିତୃତ୍ୱ ଜଳି ଉଠିଛି ଅପମାନରେ । ଏ ହୀନ ବିନିମୟ ପାଇଁ କ୍ରୋଧାନ୍ୱିତ ହେଲା । ଏଣୁ ଜମାନ୍‌ର ଦଲାଲ କାଉ ପରଜାକୁ ଦେଇଛି ମାଡ଼ ଓ ଜମାନ୍‌କୁ ଦେଇଛି ଗାଳି । ନିଜ ସୁଖ ସୁବିଧା ପାଇଁ ଶୁକ୍ରୁ ଇଜ୍ଜତ୍ ବା ବୁନିଆଦିକୁ ଜଳାଞ୍ଜଳି ଦେଇନାହିଁ । ଏ ହେଉଛି ସ୍ୱାଭିମାନୀ ଶୁକ୍ରୁ ଜାନିର ବ୍ୟକ୍ତିତ୍ୱ । ସେ ଗରିବ, ନିରକ୍ଷର ହୋଇପାରେ ମାତ୍ର ଆତ୍ମ ମର୍ଯ୍ୟାଦାକୁ ଜଗି ରଖିଚଳେ ।

ମାତ୍ର ମଣିଷର ପ୍ରକୃତି ବଡ଼ ବିଚିତ୍ର । ଶେଷରେ ଜମାନ୍ ହେଲା ଶୁକ୍ରୁ ଜୀବନର ଧୂମକେତୁ । ଜମାନ୍ ପ୍ରତିଶୋଧ ପରାୟଣ ହୋଇ ଜଙ୍ଗଲକଟା ଦୋଷରେ ଦଣ୍ଡିତ କରିବାରୁ ସେ ଗାମ ସାହୁକାର ପାଖରୁ ଋଣ କରି ଜମାନ୍‌ର ଜୋରିମାନା ପରିଶୋଧ କରେ ଏବଂ ସେ ଓ ଟିକ୍ରା, ଗୋଟି ରହିଲେ ସାହୁକାର ଘରେ । ତା ପରେ ପରେ 'ମାଣ୍ଡିଆ' ମଧ୍ୟ ଚୋରା ମଦ କାରବାରରେ ଦଣ୍ଡିତ ହୋଇ ଅର୍ଥ

ପରିଶୋଧ ପାଇଁ ସାହୁକାର ଘରେ ଗୋତି ରହେ । ଏପରି ବାପପୁଅ ତିନିଜଣ ଦାସତ୍ୱର ଶିକାର ହେବାରୁ ଶୁକ୍ରୁ ବାଗ୍‌ଲାକୁ ବୋହୂକରି ଆଣିବା ସ୍ୱପ୍ନ ଚୁରମାର ହେଲା । ପୁଣି 'ଜିଲି'କୁ ବିବାହ ଦେଇ ପାରିଲା ନାହିଁ । ବରଂ ବାପଭାଇଙ୍କର ଅବହେଳା ଓ ଦାରିଦ୍ର୍ୟର କଷାଘାତରେ ପ୍ରପୀଡ଼ିତ ହୋଇ ବାଧ୍ୟ ହେଲେ ରୋଡ଼ ପାଇଟିରେ ମଜରୀ କାମ କରିବାକୁ । ଝିଅମାନଙ୍କର ଅମଡ଼ା ବାଟ ଯିବା ଜାଣି ସେମାନଙ୍କୁ କୁଲିଗିରିରୁ ଶୁକ୍ରୁ ଫେରାଇ ଆଣିଲା । ମାତ୍ର ନାରୀ ଲୋଭୀ ରାମ ସାହୁକାରର ପ୍ରଲୋଭନରେ ପଡ଼ି 'ଜିଲି' ସାହୁକାରର ରକ୍ଷିତା ହେଲା । ଏଥିରେ ବୁଢ଼ା ଶୁକ୍ରୁ ଜାନି ଭାଙ୍ଗି ପଡ଼ିଲା । ତାର ସମସ୍ତ ଦମ୍ଭ, ଆଶା ଭରସା ଭୂଲୁଣ୍ଠିତ ହେଲା । ହେଲେ ପୁଅ ମାନଙ୍କର ସାହାଯ୍ୟରେ ସାହୁକାରକୁ ଟଙ୍କା ଦେଇ 'କଦମ୍ବ ଝୋଲା' ଫେରାଇ ଦେବାକୁ ଅନୁରୋଧ କରିଛି । ସାହୁକାର ଫନ୍ଦିଫିକର କରି ଜମି ଫେରାଇଲା ନାହିଁ । ମାଲିମକଦ୍ଦମା ହୁଏ । କୌଶଳୀ ସାହୁକାର ନିଜ ପକ୍ଷରେ ଜମିର ଜିତାପଟ କରାଏ । ଏପରି ଭାବରେ ସର୍ବସ୍ୱାନ୍ତ ହୋଇ ସର୍ବହରା ହେଲା ଶୁକ୍ରୁ । ସେ ଜଣେ ହତଭାଗା ବ୍ୟକ୍ତି । ତଥାପି ନିଜର ଧର୍ମ ବିଶ୍ୱାସ ଉପରେ ଶ୍ରଦ୍ଧା ରଖେ । ସେ ମଣିଷ ଭାବରେ ସାହୁକାରକୁ ଜମି ଫେରାଇ ଦେବାକୁ ଅନୁରୋଧ କରିଛି । ପିତାପୁତ୍ର ପାଆନ୍ତି ସାହୁକାରଠୁ ଗୋଇଠା, ଶୁଣନ୍ତି ବୀଭତ୍ସ ଗାଳି । ଫଳରେ ବଡ଼ ପୁଅ ମାଣ୍ଡିଆ ଜାନି ଉତ୍ୟକ୍ତ ହୋଇ ଉଠି ସାହୁକାରକୁ ଦୁଇ ଖଣ୍ଡ କରି କାଟିଦେଲା । ସେ ଯେତେ ଶାନ୍ତ, ସରଳ ହେଲେ ବି ସେ ବି ତ ମଣିଷ । ତା ପକ୍ଷରେ ଅସତ୍ୟ, ଅନ୍ୟାୟ, ଅବିଚାରକୁ ସବୁବେଳେ ବରଦାସ୍ତ କରାଯିବା ସମ୍ଭବ ନୁହେଁ । ସେ ବଣର ଜନ୍ତୁପରି ହିଂସ୍ର ହୋଇ ଉଠେ । ଏକେତ ନିରକ୍ଷର ପୁଣି ସେଥିରେ ତାର ସୁନା ସଂସାର ଧୂଳିସାତ ହେଲା । କିପରି ସହିବ ?

ବାସ୍ତବରେ ଶୁକ୍ରୁ ଜାନି ଅତ୍ୟାଚାରିତ, ପଦ ଦଳିତ, ଲୁଣ୍ଠିତ ଆଦିବାସୀ ସମାଜର ଜଣେ ପ୍ରତିନିଧି ହୋଇ ରହିଗଲା । ଏପରି ଯୁଗେ ଯୁଗେ ସାଧାରଣ ଆଦିବାସୀ ଗରିବ, ନିରକ୍ଷର ମାନଙ୍କୁ ସଭ୍ୟ ସମାଜର ଅଧିକାରୀ, ସାହୁକାର, ସରକାର ଓ ଟାଉଟର ଶ୍ରେଣୀର ଚାଲାକ୍ ଚତୁର ଲୋକମାନେ ନାନା ଭାବରେ ପ୍ରତାରିତ କରି ସେମାନଙ୍କ ଜୀବନକୁ ଲହୁଲୁହାଣ କରିଛନ୍ତି । ଏପରି ସେମାନଙ୍କର ଧନ, ଜୀବନ, ଜମି, ଜଙ୍ଗଲ କରଗତ କରିଛନ୍ତି ଓ ଭୋଗ କରି ଚାଲିଛନ୍ତି । ଏଣୁ ଗୋପୀବାବୁଙ୍କ ଆଶା, ଆଦିବାସୀମାନେ ଶୁକ୍ରୁ ଜାନି, ମାଣ୍ଡିଆ ଜାନି ପରି ବ୍ୟକ୍ତି ସଚେତନ ନହେଲେ ତାର ସମାଧାନ ହୋଇପାରିବ ନାହିଁ । ମାଣ୍ଡିଆ ଜାନି ପରି ଯୁବ ବିପ୍ଳବୀ ଚରିତ୍ର ମାଧ୍ୟମରେ ଅତ୍ୟାଚାରୀ, ଶୋଷଣକାରୀର ପ୍ରତିଶୋଧ ଟାଙ୍ଗିଆ ଜରିଆରେ ଦିଆଯାଇଛି । ଏ ହେଉଛି ସୁପ୍ତ ମଣିଷର କ୍ରାନ୍ତିକାରୀ ଚେତନା ଏବଂ ସଭ୍ୟସମାଜ ପ୍ରତି ସତର୍କବାଣୀ । ଏଣୁ ଶୁକ୍ରୁ ଜାନିର ଅତ୍ୟାଚାରିତ ସର୍ବସ୍ୱାନ୍ତ ଜୀବନ ଓ ଜିଲିର ପ୍ରେମପଣୟର ଅବୈଧ ସଂପର୍କ ତଥା କରୁଣ ଜୀବନ ନେଇ ଔପନ୍ୟାସିକ ଯେପରି ଘଟଣାଟିକୁ କରୁଣସିକ୍ତ କରିଛନ୍ତି ସେପରି ମାଣ୍ଡିଆ ଜୀବନରେ କ୍ରାନ୍ତିର ଆଲୋକ ଭରି ଦେଇଛନ୍ତି । ନକ୍ସଲପନ୍ଥୀ ପରି ଉଗ୍ର ହୋଇ ଉଠିଲେ ବାପପୁଅ ସମସ୍ତେ ।

ଜିଲି:-

ଶୁକ୍ରୁ ଜାନିର ବଡ଼ ଝିଅ ଜିଲି । ସେ ହିଁ ପରଜା ଉପନ୍ୟାସର କେନ୍ଦ୍ରବିନ୍ଦୁ 'ନାୟିକା' । ସେ ଅମୃତର ସନ୍ତାନ, ପୂଯୁ, 'ବନ ଗହନର ତଳେ'ର 'ଲତା' ପରି ଆଦିବାସୀ ସମାଜର ପରମ୍ପରା ରୁଚି ଆଦିକୁ ଇଜ୍ଜତ ଦେଇପାରିନାହିଁ । ସେ ମୂଳରୁ ଉନ୍ମୁକ୍ତ, ଧୈର୍ଯ୍ୟହରା ଆଉ ଆଦର୍ଶ ବିହୀନା । ତାର ଗତିବିଧି, ହାବଭାବ ମୂଳରୁ ଲକ୍ଷ୍ୟ କରାଯାଇଛି । ସେ ଏକ ସ୍ୱତନ୍ତ୍ର ସୃଷ୍ଟି । ସମସ୍ତେ ସମାନ ହୋଇପାରିବେ

ନାହିଁ । ସେ ଜମାନ୍‌ର ଅନୁରୋଧକୁ ଏଡ଼ି ଦେଇଥିଲା । କାରଣ ଜମାନ୍ ମାଲ୍‌ଜ୍ୱରରେ ସଢ଼ି ସଢ଼ି ମରୁଥିବା ଏକ କିମ୍ଭୁତକିମାକାର ପୁରୁଷଟିଏ । ତାକୁ ସେ ପସନ୍ଦ କରିପାରି ନାହିଁ । ପୁଣି ବାଗ୍‌ଲା ପରି ଧାଙ୍ଗଡ଼ା ସହିତ ରହିଛି ନିବିଡ଼ତା । ସେ ତାର ବରଦରା । ସେ ଗୀତ ଗାଏ ଆଉ ନାଚେ । ବାଗ୍‌ଲା ତୁଙ୍ଗତୁଙ୍ଗା ବଜାଏ । ତେଣୁ ତାର ମନରେ ଖୋରାକ୍‌ର ଅଭାବ ନଥିଲା । ମାତ୍ର ଜମାନ୍, ଜିଲିର ନଗ୍ନ ସ୍ନାନ ବେଳେ ତାର ଅଙ୍ଗ ସୌନ୍ଦର୍ଯ୍ୟ ପ୍ରତି ପ୍ରଲୁବ୍‌ଧ ହୋଇଛି । ଜିଲି ହୋଇଛି ତାର ଉଗ୍ର ଯୌନ କାମନାର ଲକ୍ଷ୍ୟ । କାଉପରଜା ଦ୍ୱାରା ଏହା ପିତାର କର୍ଣ୍ଣଗୋଚର ହୋଇଛି । କିନ୍ତୁ ଶୁକ୍ରୁ ଜାନି ଏପରି ହୀନ କାର୍ଯ୍ୟ ଓ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ଜମାନ୍ ପ୍ରତି ବିଷୋଦ୍‌ଗାର କରିଛି । ଏଣୁ ଫଳ ହୋଇଛି ଓଲଟା । ଜିଲି ସଂଯତ ହୋଇଥିଲେ, ଜମାନ୍ ତାଙ୍କ ଘରକୁ ଆସୁଥିବା କଥା ବାପା ଆଗରେ ପ୍ରକାଶ କରି ନଥାନ୍ତା । ସେ ଦିନଠୁଁ ଜିଲି ହିଁ ଶୁକ୍ରୁ ପରିବାରର ଭାଗ୍ୟ ବିପର୍ଯ୍ୟୟର କାରଣ ହେଲା । ପକ୍ଷାନ୍ତରେ ଝିଅ ସମ୍ମାନ ବଜାୟ ରଖିବାକୁ ଯାଇ ପିତା, ଭ୍ରାତା ଗୋଟି ରହିଲେ ।

ଖଦି, ଖାଦି ପାଇଁ ବାପ ଭାଇଙ୍କୁ ଜିଲିର ଅଭିଯୋଗ ଓ ଦାବୀ ଲକ୍ଷଣୀୟ । ନାରୀ ହିଁ ପୁଷ୍ ପରବ ଓ ଚଇତି ପରବର ସରସତା ଉପଭୋଗ କରେ । ମାତ୍ର ଏଥିରେ ଜିଲି ଓ ବିଲିର ହୀନମାନୀ ଅବସ୍ଥା ଓ ନୈରାଶ୍ୟ ଦୁଃଖଦାୟକ । କିନ୍ତୁ ପିତା ପୁତ୍ର କଣ କରିବେ ? ଋଣ ପରିଶୋଧ ପାଇଁ ଦାସତ୍ୱ ଜୀବନ ବିତାଉଛନ୍ତି ।

ଜିଲି ବାପ ଭାଇଙ୍କର ପରିସ୍ଥିତି ପ୍ରତି ସମ୍ବେଦନଶୀଳ ହୋଇପାରି ନାହିଁ । ସେମାନଙ୍କର ଅନୁପସ୍ଥିତିରେ ସେ ଆହୁରି କ୍ରୋଧିତ ହୋଇଛି । ପୁଣି କାଜୋଡ଼ି ଓ ବାଗ୍‌ଲା ପରସ୍ପର ଛନ୍ଦାଛନ୍ଦୀ ହେବାରେ ବାଗ୍‌ଲା ଦେଇଥିବା ଉପହାର ଗୁଡ଼ିକର ଚୁରମାର କରି ଦେଇଛି । ବଣରୁ କନ୍ଦା ଆଦି ସଂଗ୍ରହ କରି ଦୁଇ ଭଉଣୀ ଚଳିବାର ପ୍ରୟାସ କରିଛନ୍ତି । ଯୁବତୀ 'ଜିଲି' ତାର ଭବିଷ୍ୟତ ଅନ୍ଧକାର ମନେ କରିଛି । ପେଟରେ ଜ୍ୱଳନ ଓ ମନର ଭୋକ ସମ୍ଭାଳି ପାରିନାହିଁ । ଫଳରେ ଜିଲି, ବିଲି ଘର ପାଇଟି ସାରି, କୁଲିଗିରି କରିବା ପାଇଁ ଡମ୍ ଝିଅ 'ଦୀପ୍ତମିନି' ସହିତ ଚାଲିଯାନ୍ତି । ପାହାଡ଼ୀ ଝିଅ କାମକୁ ଆଦରି ନିଏ । ପ୍ରଜାପତି ପରି ଚହଲି ବୁଲେ । କିନ୍ତୁ ପୁରୁଷର ସାହାସ ତାର ନାହିଁ ।

ପ୍ରଥମେ ପ୍ରଥମେ ରୋଡ଼ପାଇଟିର ସଭ୍ୟତା ସୁଲଭ ମିଳାମିଶା, କୋଳାହଳ, ଦେହ ଘସାଘସିରେ ସେମାନେ ହୋଇଛନ୍ତି ସଙ୍କୁଚିତ । ସଂଭ୍ରମ, ଲଜ୍ଜାରେ ପାଇ ନାହାନ୍ତି ସାହାସ । ଆଦିବାସୀ ଝିଅ ସହଜେ ପରଆଗେ ଲଜ୍ଜା ଅବନତ ହୋଇ ପଡ଼ନ୍ତି । ଏହା ଜାତିଗତ ପାରମ୍ପରିକ ସ୍ୱଭାବ ଓ ଚରିତ୍ର । ମାତ୍ର ରାମୀ, ମୋତି ପରି ବୁଢ଼ୀଙ୍କର ପ୍ରରୋଚନାରେ ଧୀରେ ଧୀରେ ସେମାନଙ୍କର ମନ ପରିବର୍ତ୍ତନ ହୋଇଛି । ସାତ କଥାରେ ସତୀ ଭାସିଲା ପରି ରାମୀର ଇଙ୍ଗିତରେ ସେ ଦୁହେଁ ଗୁମାସ୍ତାର ଅଭିସାରିକା ହୋଇଗଲେ । ଟଙ୍କା ଆସେ ଦୋ ଅଣି, ସୁକି ଆକାରରେ । ଆସେ ପ୍ରେମିକଠୁ ଶାଢ଼ୀ, ପ୍ରସାଧନୀ, ବାସନା ତେଲ, ସାବୁନ ତଥା ଦାମିକା ଅଳଙ୍କାର ଆଦି ଉପହାର । ମନରେ ସରାଗ ଭରିଯାଏ । ପେଟ ଆଉ ବାସ୍ତବତା ସହିତ ଜୀବନର ଦାରିଦ୍ର୍ୟ, ହୃଦୟର ହାହାକାର ଉଭେଇଗଲା । ଜିଲି ହୋଇଚି ଶାନ୍ତ, ମୁଗ୍‌ଧ । ନୂଆ ଜିଣିଯାଏ, ପୁରୁଣା ପରମ୍ପରା ହାରି ଚୁରମାର ହୁଏ । ସେଥିପାଇଁ ଖାତିର କରିବାକୁ ଭୋକିଲା ଯୌବନର ଆଉ ବେଳ ନାହିଁ ।

କିନ୍ତୁ ଏ ପରିସ୍ଥିତି ପିତା ଶୁକ୍ରୁ ଜାନିକୁ ଅସହ୍ୟ କରେ । ଝିଅମାନଙ୍କର ଯିବାକୁ ଆଦିବାସୀ ସଂସ୍କୃତି ପ୍ରେମୀ ମାଣ୍ଡିଆ, ଟିକ୍ରା ସହ୍ୟ କରିପାରିଲେ ନାହିଁ । ବରଂ ଖଟି ଖାଇବେ, ବଣପାହାଡ଼ ତାଡ଼ି ଜୀବନ ଚଳେଇବେ ଅଥଚ ରୋଡ଼ ପାଇଟି କରି କୁଲିଗିରି କରିବା ନାରୀପକ୍ଷେ ପରମ୍ପରା ବିରୋଧୀ । କିନ୍ତୁ ଥରେ ଗୋଡ଼ ଖସି ଗଲାପରେ ଯେଉଁ ଶ୍ରେଣୀର ନାରୀ ହେଉନା କାହିଁକି ସେ ଆଉ ତାର ଅତୀତର ସହିତ ସାଲିସ୍ କରିପାରେ ନାହିଁ । ତାର ରୁଚି ଗତିବିଧି ଭିନ୍ନ ହୋଇପଡ଼େ । ତାହା ହିଁ ଘଟିଛି ଜିଲିଠାରେ । ଅଭାବେ ସଭାବ ନଷ୍ଟ ତାହା ହିଁ ବସ୍ତବରୂପ ନେଇଛି ଜିଲିଠାରେ । ବିଲି ତାର କେବଳ ଭଉଣୀ ନଥିଲା, ସେ ଠିକ୍ ଥିଲା ରାଧା ସହିତ ଦୂତିକା ଲଳିତା ପରି । ସେ ଜିଲିକୁ ସହଯୋଗ କରିଛି । ଉଭୟେ ନିଜ ନିଜର ଜ୍ଞାତସାରରେ ରୋଡ଼ ପାଇଟି ଅବସରରେ ନାଚ ସଂଗୀତରେ ଅଂଶ ଗ୍ରହଣ କରିଛନ୍ତି । ଗୁମାସ୍ତାର ପ୍ରୀତି ପ୍ରେମରେ ନିମଜ୍ଜିତ ହେବା ସହ ପରିଚୟ ଘଟିଛି ଉଭୟଙ୍କର ।ଉଭୟେ ମଧ୍ୟ ନିଜ ଭିତରେ ବେଳେବେଳେ ସବୁକଥା ଆଲୋଚନା କରୁଥିଲେ । କିନ୍ତୁ ସମୟ ଆସେ 'ବିଲି' ହୁଏ ନନ୍ଦିବାଳୀର ପତ୍ନୀ । ଜିଲିର ଜୀବନ ହୁଏ ଶୂନ୍‌ଶାନ୍ । ସେ ହାହାକାର କରେ । ପରଛୁଆକୁ ଦେଖିଲେ କୁଣ୍ଡାଇ ପକାଏ । ସେ ବି ଚାହିଁଥିଲା ପୁରୁଷର ସାନ୍ନିଧ୍ୟ । ନାରୀର ଗୌରବ ହେଉଛି ମାତୃତ୍ୱ । ଟିକ୍ରା ଛୋଟ ଭାଇ ହେଲେ ବି ଜିଲି ପାଇଁ ସ୍ୱାମୀ ଖୋଜିବାକୁ ଯାଏ । ମାଣ୍ଡିଆର ମଧ୍ୟ ଜିଲି ପ୍ରତି ସ୍ୱାଭାବିକ ସ୍ନେହ ଥିଲା । କିନ୍ତୁ ଜିଲି ଅପେକ୍ଷା କଲା ନାହିଁ । 'ମଧୁ ଘାସି'ର ମଧୁର କଥାରେ ପଡ଼ି ବୁଢ଼ା ରାମ ସାହୁକାର ପ୍ରତି ଆସକ୍ତ ହୋଇ ପଡ଼ିଲା । ସେ ଚାହିଁଛି ପଇସା, ଶାଢ଼ୀ ଆଉ କିଛି ନେଳିନାଲି ରଙ୍ଗର ସୌଖୀନ ଜିନିଷ । ମାତ୍ର 'କାଉ ପରଜା' ଆଖିରେ ଧରା ପଡ଼ିଛି ଜିଲି । ଶୁକ୍ରୁର ବୁନିଆଦିକୁ ଝିଅ ଧ୍ୱଂସ କରି ନିଜ ଇଚ୍ଛାରେ ରାମ ସାହୁକାରକୁ ବରଣ କରିନେଲା ବୋଲି ପଞ୍ଚାୟତ ଆଗରେ ସତ୍ୟ ପ୍ରକାଶ କଲା । ଶୁକ୍ରୁ ଝିଅ ଜିଲିକୁ ଘୃଣା କରିଛି । ସାହୁକାର ଧିକ୍କାର୍ କରିଛି । ମାଣ୍ଡିଆ ସାହୁକାର ପ୍ରତି କ୍ରୋଧାନ୍ୱିତ ହୋଇ ଟାଙ୍ଗିଆ ପକେଇଛି । ମାତ୍ର ଜିଲି ଅବିଚଳିତ ରହିଲା । ଲେଖକଙ୍କ ଭାଷାରେ ବାପ ଘରେ ସେ ବଢ଼ିଥିଲା, ଆଉ ଝିଅଙ୍କ ପରି ନୂଆ ଘରେ ଚଞ୍ଚଳ ଚଞ୍ଚଳ ସେ ଚେର ଲଗେଇଛି । ପଛପାଇଁ ସେ ପଂସ୍ତେଇ ହୋଇ ନାହିଁ । ଆଗକୁ ଚାହେଁ, ଜହ୍ନ ଆଲୁଅରେ ସୁନ୍ଦର ଦିଶେ (୬) ।" କିନ୍ତୁ ତାର ମଧ୍ୟ ହୋଇଛି ଭାଗ୍ୟର ବିପର୍ଯ୍ୟୟ । ସାହୁକାର ମୁଣ୍ଡକାଟ ହୋଇଛି ତାର ଆଖି ସାମନାରେ । ବିଳିବିଳେଇଲା ଗଡ଼ି ଛାଡ଼ି ଜିଲି ଦଉଡ଼ି ପଳେଇଛି । ତାର ଶଙ୍ଖା ସିନ୍ଦୁର ସବୁ ପୋଛି ହୋଇଗଲା ମୁହୂର୍ତ୍ତକେ । ବିଶୃଙ୍ଖଳିତ ଜୀବନରେ ଉପହାର ହେଲା କଳଙ୍କ ଆଉ ବୈଧବ୍ୟ । ନୀତିହୀନା ନାରୀର ଏହା ହିଁ ଅବସ୍ଥା ହୁଏ ।

ଜିଲିର ଯୌବନ, କ୍ଷୁଧା, କାମନା ଓ ତାର ଭୋଗ ହିଁ ଦାୟୀ ହେଲା ତା' ଜୀବନର କରୁଣତା ପାଇଁ । ସେ ପରିପୂର୍ଣ୍ଣତା ଲାଭ କରିପାରିଲା ନାହିଁ । ଶୁକ୍ରୁର ପରିସ୍ଥିତି ଅଭାବ, ଅନାଟନ ଯୋଗୁଁ ଜିଲିର ଯୌବନ ଜୀବନ ସ୍ଖଳନ ପାଇଁ ଦାୟୀ ହେଲେ ମଧ୍ୟ ନାରୀର ସ୍ୱଭାବିକ ପ୍ରକୃତି ଗୋପୀବାବୁଙ୍କ ଲେଖନୀରେ ବାସ୍ତବ ରୂପ ନେଇଛି । ଅଧିକନ୍ତୁ ତାର ଜୀବନକୁ କରୁଣତା ଆଡ଼କୁ ଟାଣି ଆଣିବାରେ ଏବଂ ସତୀତ୍ୱକୁ ଭୂଲୁଣ୍ଠିତ କରିବାରେ ଆଧୁନିକ ସମାଜ, ସଭ୍ୟତା ହିଁ ବିଶେଷ ଦାୟୀ । ଯାହା ଫଳରେ ଏପରି ବଣ ପାହାଡ଼ର ଝିଅ. ବୋହୂଙ୍କର ଜୀବନ ନଷ୍ଟଭ୍ରଷ୍ଟ ହୋଇପଡ଼ିଛି । ଆଦିବାସୀର ସଂସ୍କୃତି, ତା ହାତରେ ତିଆରି ମାଟି. ଯେପରି ଅନ୍ୟ ଦ୍ୱାରା ଅଧିକୃତ । ସେହିପରି ସରଳ, ନିରୀହ, ବନାନୀର ସଦ୍ୟ

ଫୁଲ ପରି ସୁରଭିତ, ସରଳ ନିରୀହ ଆଦିବାସୀ ଧାଙ୍ଗଡ଼ୀ ମଧ୍ୟ ଧର୍ଷିତା ଆଉ ରକ୍ଷିତା । ନାନା ଲୋଭ, ମୋହ ପ୍ରଲୋଭନରେ ସେମାନଙ୍କୁ ଆକର୍ଷିତ କରି ଗୋପୀବାବୁଙ୍କର ଭାଷାରେ, "ବିଶ୍ୱାମିତ୍ରର ସଂସାର ସୃଷ୍ଟି କରାଯାଇଛି" କହିଲେ ଯଥେଷ୍ଟ ହେବ । ଜିଲି କେବଳ ପରଜା ସମାଜର ପ୍ରତିନିଧି ନୁହଁ, ଅଧିକନ୍ତୁ ଅଭାବୀ ତଥା ଖଟିଖିଆ ତରୁଣୀଙ୍କର ମୂର୍ତ୍ତିମନ୍ତ ପ୍ରତୀକ ।

**ପରଜା ଉପନ୍ୟାସର ମହତ୍ତ୍ୱ ଓ ମତାମତ**

ପରଜା ସଂପ୍ରଦାୟକୁ କେନ୍ଦ୍ରକରି ପରଜାର ପାରିବାରିକ ଜୀବନର ଅଶ୍ରୁଳ କାହାଣୀ ହିଁ ଗୋପୀନାଥ ମହାନ୍ତିଙ୍କ ପରଜା ଉପନ୍ୟାସର ହୋଇଛି ମୁଖ୍ୟ ଉପଜୀବ୍ୟ । ସେ କୋରାପୁଟ ଅଞ୍ଚଳରେ ରହି ସାଧାରଣ ଗିରିଜନଙ୍କର ଦୁଃଖ, ଶୋକ, ବ୍ୟଥା, ବେଦନା, ଅଭାବ, ଅନାଟନକୁ ମର୍ମେ ମର୍ମେ ଉପଲବ୍ଧି କରି ନିଜେ ମଧ୍ୟ ଜନଜୀବନର ଦୁରାବସ୍ଥା ଦେଖି ଅଶ୍ରୁଳ ହୋଇପଡ଼ିଛନ୍ତି । ସେହି ବ୍ୟଥା ହତ, ହତଭାଗ୍ୟ ତଥା ନିଷ୍ପେସିତ ଜୀବନର ଜଞ୍ଜାଳ, କରୁଣତାକୁ ସାଉଁଟି ନେଇ ସାରସ୍ୱତ ଅର୍ଘ୍ୟ ଓଡ଼ିଆ ସାହିତ୍ୟକୁ ଅର୍ପଣ କରିଛନ୍ତି । ବାସ୍ତବରେ ତାଙ୍କର ପ୍ରଜ୍ଞା ଓ ଅନୁଭୂତିର ମଞ୍ଜୁଳ ରୂପ ନେଇ ଉପନ୍ୟାସଟିର କଳେବର ପରିପୁଷ୍ଟ ହୋଇଛି ।

"ପ୍ରାକ୍ ସ୍ୱାଧୀନତା କାଳରେ ଏହି ଉପନ୍ୟାସଟି ଲେଖା ହୋଇଛି ଓ ୧୯୪୬ ମସିହା ବେଳକୁ ପ୍ରକାଶ ପାଇଛି । ଏହା ଆଦିବାସୀ ଜୀବନ ସହିତ ଗୋପୀବାବୁଙ୍କର ସାନ୍ନିଧ୍ୟ ବ୍ୟକ୍ତିଗତ ପାଣ୍ଡୁଲିପି । ଏଥିରେ ନୈରାଶ୍ୟ, ମାନସିକ ଦ୍ୱନ୍ଦ୍ୱ, ପାରିବାରିକ ଜୀବନର ବିପର୍ଯ୍ୟୟ ଯେତେ ଉତ୍କଟ ହେଲେ ମଧ୍ୟ ପରଜାର ସେହି ନମ୍ର, ମନୋହର ପରିବେଶକୁ ଲେଖକ କେବେ ହେଲେ ଭୁଲିପାରି ନାହାନ୍ତି । ସଭ୍ୟ ଜଗତଠାରୁ ବହୁ ଦୂରରେ ରହି ସେମାନେ ଋତୁଚକ୍ରରେ ସମସ୍ତ ଆନନ୍ଦ, ଉଲ୍ଲାସକୁ ପ୍ରାଣ ଦେଇ ସ୍ୱାଗତ କରନ୍ତି (୭) ।

ବାସ୍ତବରେ କୋରାପୁଟିଆ ଆଦିବାସୀ ଜୀବନର କରାଟରେ ଯେଉଁ ସୁଗନ୍ଧି, ଶାନ୍ତି, ମୈତ୍ରୀ, ସାମାଜିକ ଜୀବନର ସଦ୍‌ଭାବ ଗୋଷ୍ଠୀ ଚେତନା ତଥା ସ୍ୱାଧୀନତାପୂର୍ଣ୍ଣ ଜୀବନ, ଜୀବିକା ଓ ପରମ୍ପରା ରହିଛି, ତାକୁ ଲେଖକ ନିଃସଙ୍କୋଚରେ ନିଖୁଣ ବର୍ଣ୍ଣନା କରିଛନ୍ତି । ଦୁଃଖମୟ ଜୀବନରେ ମଧ୍ୟ ସ୍ୱପ୍ନ, କାମନା ଓ ବାସନା ମଣିଷକୁ ବିଭୋର କରେ । ଏ ଚିନ୍ତା କେବଳ ଶିକ୍ଷିତ ସଭ୍ୟ ଜୀବନରେ ରହିଛି ତାହା ନୁହେଁ, ସାଧାରଣ ଅବହେଳିତ ଜୀବନରେ ମଧ୍ୟ ଆଶା, ଆକାଂକ୍ଷା ବସା ବାନ୍ଧିଛି । ଏଣୁ ଲେଖକ ସେମାନଙ୍କ ସହିତ ମିଶିବାର ସୁଯୋଗ ନେଇଛନ୍ତି ଏବଂ ପ୍ରାଣର କଥାର ଉପଲବ୍ଧି କରି ଲେଖନୀ ଚାଳନା କରିଛନ୍ତି । ତାଙ୍କ ମତରେ ମୁଁ ମୋର ଦେଖା ଅଦେଖା ଜଗତକୁ ଭଲପାଏ, ମଣିଷକୁ ଭଲ ପାଏ, ଜୀବନକୁ ଭଲପାଏ । ପରର ସମସ୍ୟା, ପରର ଦୁଃଖ ନିଜର ହୋଇଯାଏ । ପୁଣି ବାହାରର ଆନନ୍ଦ ଉଲ୍ଲାସ ପଶେ ନିଜଠି (୮) ।"

ପୁଣି ସେ କହନ୍ତି "ଆଦିବାସୀ ଆଡ଼କୁ ପ୍ରଥମେ ମୋ ଅନ୍ତର ଓଟାରି ହୋଇ ଯାଇଥିଲା । ସେମାନଙ୍କର ବୈଚିତ୍ର୍ୟ ପାଇଁ ନୁହେଁ, ନିଜକୁ ତାଙ୍କ ସହିତ ଅଭିନ୍ନ ଅନୁଭବ କରି ସହାନୁଭୂତି ପ୍ରଦାନ ପାଇଁ । ସେମାନେ ସତେକି ପାତର ଅନ୍ତରମୟ ସମାଜ ଭିତରେ ଶୋଷିତ, ଉତ୍ପୀଡ଼ନର ଶିକାର

ହୋଇ ମାନସିକ ଭିତରେ ସବୁଠୁ ଦୀନହୀନ । ଧନ, ସୁଖ, ସୁବିଧା, କ୍ଷମତା ଆଦିର ବଶବର୍ତ୍ତୀ ହୋଇ ଥୋଡ଼ାଏ ବଳଶାଳୀ ଲୋକ ଅନ୍ୟମାନଙ୍କୁ ଶୋଷଣ କରୁଛନ୍ତି, ବଢ଼ିବାକୁ ଦେଉନାହାନ୍ତି (୯) ।" ଏହା ସୁବିଧାବାଦୀ ସମାଜର ଇସ୍ତାହାର । କାରଣ ଲେଖକ ମାନବ ଜୀବନର ଭାଷ୍ୟକାର । ଗୋପୀବାବୁ ଆଦିବାସୀ ନୃତାତ୍ତ୍ୱିକ ଦୃଷ୍ଟିଭଙ୍ଗୀର ନିଷ୍ଠୁର ବାସ୍ତବତାକୁ ଉଲ୍ଲେଖ କରିଛନ୍ତି । ତାଙ୍କ ଦୃଷ୍ଟିରେ ଆଦିବାସୀ ପରଜା ଜୀବନ ଜୀବିକା, ସଂସ୍କୃତି ପରେ ଲିଖିତ 'ଗଦ୍ୟ-ମହାକାବ୍ୟ' । ବସ୍ତୁତଃ ଏକ ଶୋଷିତ, ଅବହେଳିତ ତଥା ନିର୍ଯ୍ୟାତିତ ଗୋଷ୍ଠୀ ବିଶେଷଙ୍କର ମାନବୀୟ ମୂଲ୍ୟବୋଧ ପ୍ରତିଷ୍ଠା ଦିଗରେ ପରଜା ଏକ ମନୋଜ୍ଞ ସୃଷ୍ଟି (୧୦) ।" ବାସ୍ତବରେ ଗୋପୀବାବୁ 'ଭେରିୟର ଉଇଲିନ୍'ଙ୍କ ପରି ଆଦିବାସୀ ଗୋଷ୍ଠୀର ମଇତ୍ର ଏବଂ ସମଗ୍ର ମାନବ ଜାତି ଓ ସଂସ୍କୃତିର ଗବେଷଣାରତ ଛାତ୍ରତୁଲ୍ୟ । ସେ ନିଷ୍ଠାର ସହିତ ପୁରପଲ୍ଲୀ, ନଗର ତଥା ଗିରିଜନ, ହରିଜନଙ୍କ ଗଳି କନ୍ଦି ବୁଲି ପ୍ରତ୍ୟକ୍ଷ ଅନୁଭୂତି ପ୍ରାପ୍ତ ହୋଇ ମାନବିକ ମୂଲ୍ୟବୋଧକୁ ପ୍ରକାଶ କରିଛନ୍ତି ।

ତାଙ୍କ ପୂର୍ବରୁ 'ଗୋପାଳ ବଲ୍ଲଭ ଦାସ'ଙ୍କ ଭୀମାଭୂୟାଁ ଉପନ୍ୟାସରେ ଭୂୟାଁ ଜାତିର ଜୀବନଚିତ୍ର ଓ ସାମାଜିକ ପରମ୍ପରା ଉଲ୍ଲେଖ କରିଥିଲେ ମଧ୍ୟ ବ୍ୟାପକ ଚିତ୍ର, ପ୍ରଦାନର ଅଭାବ ରହିଥିଲା । ସେଥିରେ ଅଛି ଜାତିର ତ୍ୟାଗ, ବୀରତ୍ୱ ଓ ସେବାର ଆଲେଖ୍ୟ । ଗୋପୀବାବୁଙ୍କର ସାହିତ୍ୟରେ ରହିଛି ମାନିବିକ ସମ୍ବେଦନା, ସ୍ୱାଭିମାନ, ସମ୍ମାନବୋଧ ତଥା ହର୍ଷ ବିଷାଦର ବ୍ୟାପକ ଚିତ୍ର । ଫଳରେ ଆଦିବାସୀ ସଂପ୍ରଦାୟର ଗୋଷ୍ଠୀ ଜୀବନର ଚିତ୍ର ତାଙ୍କର କେଇଟି ଉପନ୍ୟାସରେ ଚଳଚ୍ଚିତ୍ର ପରି ଉଦ୍‌ଭାସିତ ହୋଇ ଉଠିଛି । ଏହା ହିଁ ତାଙ୍କ ସୃଷ୍ଟିର ଗୌରବ ଓ କଳାଗତ ଉତ୍କର୍ଷ ତଥା ନୈପୁଣ୍ୟ । ଏହା ସର୍ବୋପରି ପରଜା ଆଦିବାସୀ ଜୀବନର ଏକ କରୁଣ କାହାଣୀ । ସାହୁକାର ଶୋଷଣର ଶିକାର ହୋଇ ଶୁକ୍ରୁ ହୁଏ ନିଃସ୍ୱ । ସଭ୍ୟସମାଜ ତଥା ଦଳିତ ଖ୍ରୀଷ୍ଟିଆନ୍ ମଧ୍ୟ ତାଙ୍କୁ ଶୋଷଣ କରିଛନ୍ତି । ଦେଶର ଆଇନ୍, ବିଚାର ଓ ପ୍ରଶାସନ ତାର ସହାୟକ ହୋଇନାହିଁ । ଭାଗ୍ୟ, ଭଗବାନ, ଧର୍ମ ବିଶ୍ୱାସ ଓ ସରଳତା ହିଁ ହୁଏ ବିପଦର କାରଣ । ଜଙ୍ଗଲ କାଟି ସେ ଜମି ତିଆରି କରେ ଅଥଚ ସେହି ଜମିର ସେ ଅଧିକାରୀ ହୋଇପାରେ ନାହିଁ । ସେ ଦେଶିଆ ରଇତ । ତାର ଭୟ ଧର୍ମକୁ ଆଉ ସାହୁକାରକୁ (୧୧) ।" ସୁତରାଂ "ପରଜା ଉପନ୍ୟାସ, ପରଜା ଜାତିର ଜାତୀୟଗୁଣ, ଧର୍ମ, ପ୍ରକୃତି, ଚଳଣି, ସଂସ୍କୃତି ତଥା କୃଷି ଜୀବନର ଆଲେଖ୍ୟ ଅଟେ । ଏ କ୍ଷେତ୍ରରେ ଗୋପୀନାଥ ମହାନ୍ତିଙ୍କ ସୂକ୍ଷ୍ମ ପର୍ଯ୍ୟବେକ୍ଷଣ ଶକ୍ତି ବେଶ୍ ସ୍ପଷ୍ଟ । ଓଡ଼ିଶାର ଅବହେଳିତ ଅଧିବାସୀ ଏହି ଗିରିଜନଙ୍କ ଅନ୍ତଃ ପ୍ରକୃତି ତଥା ଜୀବନ ଯାପନ ପ୍ରଣାଳୀର ମନୋଜ୍ଞ ଚିତ୍ର ପରଜା ଉପନ୍ୟାସ ପୂର୍ବରୁ ଓଡ଼ିଆ ସାହିତ୍ୟରେ କ୍ୱଚିତ୍ ଉଲ୍ଲେଖ ଅଛି (୧୨) ।" ଏପରି ଅନେକ ଗୁଣ ମୁଗ୍ଧ ବିଜ୍ଞ, ସମାଲୋଚକ, ପରଜା ଉପନ୍ୟାସର କୃତି ଉପରେ ମତାମତ ଦେଇ ଶତଜିହ୍ୱ ହୋଇ ଉଠିଛନ୍ତି । ପରଜା ଉପନ୍ୟାସ ଗୋପୀନାଥ ମହାନ୍ତିଙ୍କ ସର୍ବପ୍ରଥମ କୃତି ନହେଲେ ହେଁ ତାଙ୍କର ଉଜ୍ଜ୍ୱଳ ପ୍ରତିଭାର ମୁଦ୍ରାଙ୍କନ ପ୍ରଥମ କରି ଏହି ଉପନ୍ୟାସରେ ଅଙ୍କିତ ହୋଇଛି । ସଭ୍ୟ ଶିକ୍ଷିତ ସମାଜର ବହୁଦୂରେ ଅରଣ୍ୟାନୀ ଘେରା ପାର୍ବତ୍ୟ ଅଞ୍ଚଳର ଅଧିବାସୀ ଶୁକ୍ରୁଜାନି ପରିବାରର ଦୁଃଖଦ କାହାଣୀକୁ ଉପଜୀବ୍ୟ କରି ରଚିତ । ତେବେ ଗୋପୀନାଥବାବୁ ପ୍ରତ୍ୟେକ ଆଦିବାସୀର ସରଳ ବିଶ୍ୱାସ, ସିଧାସାଧା ଜୀବନଚିତ୍ର ଅଙ୍କନ କରି ସେମାନେ ସଭ୍ୟ ଶିକ୍ଷିତ ସମାଜ ଦ୍ୱାରା କିପରି ନିର୍ଯ୍ୟାତିତ, ଲୁଣ୍ଠିତ, ଶୋଷିତ ହୋଇଛନ୍ତି ତାର ଚିତ୍ର ଦେଇଛନ୍ତି । 'ଭୀମଭୂୟାଁ' ଉପନ୍ୟାସରେ ଔପନ୍ୟାସିକ ତ୍ୟାଗ, ଭ୍ରାତୃତ୍ୱ ତଥା ବୀରତ୍ୱର ପରାକାଷ୍ଠା ଦେଖାଇ ଉପନ୍ୟାସଟିକୁ

କଳା କୋଣାର୍କ ତୋଳିଛନ୍ତି । ମାତ୍ର ଗୋପୀବାବୁଙ୍କ ଚରିତ୍ର ଗୁଡ଼ିକ ସତ୍ୟ ଓ ବାସ୍ତବତା ସହିତ ତୁଳନୀୟ ଯାହା ଘାତ ପ୍ରତିଘାତର ସମ୍ମୁଖୀନ ହୋଇଛି । ମାନବ ହୃଦୟରେ ପରିବର୍ତ୍ତନ ଆଣିବାରେ ମଧ୍ୟ ସାର୍ଥକ ହୋଇଛି । ପ୍ରତ୍ୟେକ ଚରିତ୍ର ମାନବିକତା, ସ୍ୱାର୍ଥ, ମୋହ, ହିଂସା ଓ ତ୍ୟାଗର ଆଦିଗୁଣର ପ୍ରତୀକ । ଯାହା ନିରାଟ ସତ୍ୟ । ସେମାନଙ୍କ ବେଦନାରେ ଦରଦୀ ପାଠକର ବୁକୁ ଫାଟି ଉଠିଛି ଏବଂ ଚରିତ୍ର ଗୁଡ଼ିକ ଏତେ ଅସହାୟ ହୋଇଛି ଯେ ହୃଦୟ କରୁଣାରେ ଆପ୍ଲୁତ ହୋଇଉଠେ । ମାତ୍ର ଭୀମା ଭୂୟାଁ ପରି ଗୋପୀବାବୁଙ୍କ ପୁରୁଷ ଚରିତ୍ର ବଳିଷ୍ଠ ନୁହେଁ । ସେମାନେ ଯାତନା, ସଂଘର୍ଷରେ ସମ୍ମୁଖୀନ ହୋଇପାରି ନାହାନ୍ତି । ଅଥଚ ଏଥିରେ ବର୍ଣ୍ଣିତ ଗୋଟିଏ ବି ଚରିତ୍ର ଆଦିବାସୀ ସମାଜକୁ ଦମ୍ଭ, ଗୌରବ ଦେବାରେ ସମର୍ଥ ହୋଇନାହାନ୍ତି । ଅନେକ ସ୍ଥଳରେ ବାସ୍ତବତାକୁ ଠାରମାରି କଳ୍ପନାର ଆଶ୍ରୟ ନେଇଛନ୍ତି । ଅବଶ୍ୟ ବାସ୍ତବତା ସହିତ କଳ୍ପନାର ପୁଟ ନଦେଲେ ସେ ବି ସାହିତ୍ୟ ହୋଇପାରିବ ନାହିଁ । ଯାହା ଅନୁଭବ୍ୟ ଆଉ ପ୍ରତ୍ୟକ୍ଷ ତାକୁ ହିଁ ସେ ରୂପ ଦେବାରେ ସକ୍ଷମ ହୋଇଛନ୍ତି । ପ୍ରଥମରୁ ଜିଲି ଚରିତ୍ର ଆଦର୍ଶ ମନେ ହୋଇଛି । ମାତ୍ର ତାର ଘଟିଛି ସ୍ଖଳନ । ପରିସ୍ଥିତିର ଧକ୍କା ଖାଇ ବର୍ଷାକାଳୀନ ନଦୀ ଭଙ୍ଗାରେ ପରିଣତ ହୋଇଛି । ଯେହେତୁ ମଣିଷ ମଣିଷକୁ କେବଳ ଶୋଷଣ କରିଛି, ବାଧା ଦେଇଛି । ମିଥ୍ୟା ଚକ୍ରାନ୍ତରେ ଶିକାର କରିଛି । ଏହା ତାଙ୍କର ଭାଷ୍ୟ । ମାତ୍ର ତାଙ୍କ ମତରେ "ଓଡ଼ିଶାର ସଂସ୍କୃତି ହିଁ ଆଦିବାସୀ ଜୀବନର ବିଚାରରୁ ଉଦ୍‌ଭୁତ ଏବଂ ଆଦିବାସୀ ସଂସ୍କୃତି ହିଁ ହେଉଛି ଓଡ଼ିଶାର ସଂସ୍କୃତି ।" ଏହି ସଂସ୍କୃତିକୁ ଠିକ୍ ଭାବରେ ପାଳନ କରିପାରିଲେ ଓଡ଼ିଶା ସାରା ବିଶ୍ୱକୁ ନୂଆ ବାଟ ଦେଖାଇବ, ଏହା ତାଙ୍କର ଦୃଢ଼ୋକ୍ତି । ଆଦିବାସୀ ଯେପରି ସତ୍ୟ, ନ୍ୟାୟ, ଧର୍ମ ସଚେତନ, ସେହିପରି ତାର ସରଳତା ଆତିଥ୍ୟ ପ୍ରିୟତା, ଉଦାରତା, ମାନବିକତା ଗୁଣ ଅନୁକରଣୀୟ ।

"ଗୋପୀନାଥଙ୍କ ନୃତାତ୍ତ୍ୱିକ ଉପନ୍ୟାସ ଗୁଡ଼ିକ ମଧ୍ୟରେ ପରଜାର ମହତ୍ତ୍ୱ ଅତିସମ୍ପାଦିତ । ବର୍ଣ୍ଣନା ବାହୁଲ୍ୟ ଓ ଗଠନ ଶୈଥିଲ୍ୟ ସତ୍ତ୍ୱେ ଏହାର ସଂଗଠନ ଯେପରି ପୀନବଦ୍ଧ, ଚରିତ୍ର ଚିତ୍ରଣ ସେହିପରି ବାସ୍ତବତାଭିମୁଖୀ । ଶରଣ୍ଣୁପଦର ଗାଁ ଘେରି କୋରାପୁଟର ଅରଣ୍ୟ ପ୍ରକୃତିର ବର୍ଣ୍ଣନା ଯେପରି କାବ୍ୟିକ, ପରଜା ଜୀବନର ପର୍ଯ୍ୟବେକ୍ଷଣ ଓ ଅନୁଭୂତି ଯେପରି ମାର୍ମିକ, ଉପଜାତି ମାନଙ୍କର ଭାଷାର ସଂଳାପ ଯେପରି ଜୀବନ୍ତ, ଉପନ୍ୟାସର ସାମଗ୍ରିକ ପ୍ରଭାବ ସେହିପରି ଶକ୍ତିଶାଳୀ । "ଶୂନ୍‌ଶାନ୍ ରାତି, ଅନ୍ଧାର ଭିତରେ ଝଙ୍କା ଓସ୍ତଗଛ ଡାଳରେ ବାଦୁଡ଼ି ମାନଙ୍କର ଡେଣା ଫଡ଼୍ ଫାଡ଼୍ ଶବ୍ଦ, ଆକାଶରେ ଜିକି ଜିକି ତାର, ଧାଙ୍ଗଡ଼ା ବସାରୁ ତୁଙ୍ଗତୁଙ୍ଗାର ବିଳାପ ଆଉ ଧାଙ୍ଗଡ଼ୀ ବସାରୁ ପରଜା ଗୀତର ମୂର୍ଚ୍ଛନା ପାଠକକୁ ରସାନୁଭୂତିରେ ଉତ୍ତୀର୍ଣ୍ଣ କରିଦିଏ (୧୩) । ନୃତାତ୍ତ୍ୱିକ ଦୃଷ୍ଟିରେ ଗୋପୀବାବୁ ପରଜା, କନ୍ଧ, ଶଉରା ପ୍ରଭୃତିଙ୍କର ଧର୍ମାଚାର, ସଂସ୍କୃତି, ଭାଷାତତ୍ତ୍ୱ, ନୃତ୍ୟ ସଂଗୀତ, ଜୀବନ ପ୍ରଣାଳୀ ଯେପରି ଗଭୀର ଭାବରେ ଅଧ୍ୟୟନ, ମନନ, ସଂଗ୍ରହ କରିଛନ୍ତି, ସେପରି ମଧ୍ୟ ବର୍ଣ୍ଣାଢ୍ୟ ଚିତ୍ରବଳୀରେ ପରିଣତ କରିଛନ୍ତି । ଏହା ଏକ ମାର୍ମିକ ଗଦ୍ୟ-କାବ୍ୟ କହିଲେ ସମୀଚୀନ ହେବ ।

## ଅମୃତର ସନ୍ତାନ

ଗଳ୍ପାଂଶ: କୋରାପୁଟର କନ୍ଧମାନଙ୍କର ଜୀବନ, ଜୀବିକା, ସଂସ୍କୃତି ଓ ଦର୍ଶନକୁ ନେଇ ୧୯୪୯ରେ 'ଅମୃତର ସନ୍ତାନ' ଉପନ୍ୟାସ ରଚିତ । ଓଡ଼ିଶା ସାହିତ୍ୟ କ୍ଷେତ୍ରରେ ଆଦିବାସୀ ସଂସ୍କୃତିର ଏହାକୁ ଏକ

ଗଦ୍ୟ ମହାକାବ୍ୟ ବୋଲି ଅଭିହିତ କରାଯାଏ । ଏହି ଉପନ୍ୟାସଟି ୧୯୫୫ରେ 'କେନ୍ଦ୍ର ସାହିତ୍ୟ ଏକାଡେମୀ' ଦ୍ୱାରା ପୁରସ୍କୃତ ହୋଇଥିଲା । ଗୋପୀନାଥ ବାବୁଙ୍କର ଆଦିବାସୀ ଜୀବନ ସମ୍ବଳିତ ଅନ୍ୟାନ୍ୟ ଉପନ୍ୟାସ ଅପେକ୍ଷା ଶଂସିତ ଉପନ୍ୟାସର ମହତ୍ତ୍ୱ ଅତ୍ୟନ୍ତ ଜୀବନ୍ତ ଓ ଭାବାଶ୍ରୟୀ । "ଏଥିରେ ଜୀବନର ସୂକ୍ଷ୍ମ ପର୍ଯ୍ୟବେକ୍ଷଣ, ପ୍ରଣୟ ଓ ଈର୍ଷାର ଗଭୀର ଅନୁଭୂତି, ପାତ୍ରପୋଯୋଗୀ ଭାଷା ଓ ଶକ୍ତିଶାଳୀ ଜୀବନ୍ତ ଶବ୍ଦଦୃଶ୍ୟର ଅନୁପମ ବର୍ଣ୍ଣନା, ସବୁକିଛି ଭିତରେ ମନୁଷ୍ୟର ହସକାନ୍ଦ, ପ୍ରେମବିରହ, ଜୀବନ ସଂଗ୍ରାମ, ଉତ୍ସାହ, ଧର୍ମାଧର୍ମାଚାର, ସଂସ୍କୃତି, ଭାଷା, ପ୍ରଭୃତିର ଚିତ୍ର ଉପନ୍ୟାସରେ ଅଂଶୀଭୂତ (୧) ।"

'ସରବୁ ସାଓଁତା' ଉକ୍ତ ଉପନ୍ୟାସର ମୁଖ୍ୟ ଚରିତ୍ର । ସେ ଥିଲା କନ୍ଧମାନଙ୍କର ସର୍ଦ୍ଦାର । ସେ ଜଣେ ସରଳ ନିଷ୍କପଟ ବ୍ୟକ୍ତି । ତାର ସାଓଁତା ପଣିଆ ଆଶ୍ରିତ କନ୍ଧମାନଙ୍କୁ କ୍ଷୀଣପ୍ରଭ କରି ନାହିଁ ବରଂ ସମସ୍ତଙ୍କୁ ଆଶ୍ରୟ ଦେବାରେ ଓ ଗଢ଼ିବାରେ ସାହାଯ୍ୟ କରିଛି ।  ସେ ରାଜା ନଥିଲା କିନ୍ତୁ ତାର ଆଭିଜାତ୍ୟ ଥିଲା ସେଯ୍ୟା । ରାଜାଙ୍କଠାରୁ ଢ଼େର ବେଶୀ । ତାର ଚିନ୍ତା ନାହିଁ, ଦକ ନାହିଁ, ଖାଲି ଶିକାର । ମଦ ଆଉ ଫୁର୍ତ୍ତିରେ ସେ ଜୀବନ ବିତାଉଥିଲେ । ସେ ମୌଜ ମଜଲିସ୍‌ରେ ଜୀବନ ବିତାଉଥିଲେ ମଧ୍ୟ ପରଧନ, ପର ସ୍ତ୍ରୀ ପ୍ରତି ଆସକ୍ତ ନଥିଲା । ସେ କ୍ରମେ କନ୍ଧ ସମାଜର ଅବନତି, କନ୍ଧ ସଂସ୍କୃତିର ଅବକ୍ଷୟ ଦେଖି କନ୍ଧ ଜାତିର ଭବିଷ୍ୟତ ସଂପର୍କରେ ବଡ଼ ମ୍ରିୟମାଣ ହୋଇ ପଡୁଥିଲା । କନ୍ଧର ଜମି, ସଭ୍ୟ ସମାଜ ଦ୍ୱାରା ଅଧିକୃତ ହେଉଥିବା ହେତୁ ଦିନକୁ ଦିନ କନ୍ଧର ଅବସ୍ଥା ସଂକଟାପନ୍ନ ହେଉଥିବା ଏବଂ ସେମାନେ  ଜମି ହରାଇ ଅନ୍ୟମାନଙ୍କ ଦ୍ୱାରା ପ୍ରତାଡ଼ିତ ହୋଇ ପାହାଡ଼ର ଉପରକୁ ଯାଉଥିବା ସେ ଲକ୍ଷ୍ୟ କଲା । କନ୍ଧର ଅତୀତ ଓ ବର୍ତ୍ତମାନ ଚିତ୍ର ତା ଜୀବନର କରୁଣତା ଆଣିଛି । ସେହି ବ୍ୟଥାରେ ବଂଶୀ ବାଦନ କରୁକରୁ କନ୍ଧମାନଙ୍କର ବଡ଼ପର୍ବ ଅର୍ଥାତ୍ 'ମେରିଆ' ପୂଜା ଦିନ ସେ ଶେଷ ନିଶ୍ୱାସ ତ୍ୟାଗ କଲା । ତାର ମୃତ୍ୟୁର ଖବର କେହି ହଠାତ୍ ପାଇପାରି ନାହାନ୍ତି । କାରଣ ତାର ପରିବାର ଓ ଜାତିଭାଇ ମେରିଆ ପର୍ବର ଉତ୍ସବରେ ମସଗୁଲ ଥିଲେ । କେବଳ ପ୍ରଭୁଭକ୍ତ 'ଦସ୍ରୁ' କୁକୁରଟି ଭୋ ଭୋ ହୋଇ ବୋବାଳିଛି । ବାରବାର ତାର ଭୁକିବାରେ ସତେ ଯେପରି ସେ ଅନ୍ୟମାନଙ୍କୁ ଆହ୍ୱାନ କଲା । କୁକୁରର କରୁଣ ଶବ୍ଦ ଶୁଣି ସାଓଁତାର ପୁଅ 'ଦିଉଡ଼ି' ଆସି ପହଞ୍ଚିଲା । ଦେଖିଲା ତାର ବାପ ଆଉ ଇହଧାମରେ ନାହିଁ । ସେ ମୃତ । ସାଓଁତାର ଭାଇ 'ଲେଞ୍ଜୁ', ଏକମାତ୍ର ଝିଅ 'ପୁବୁଲି' ଓ କଲ୍ୟାଣୀୟା ବୋହୂ 'ପୁୟୁ' ବୁକୁ ଫଟାଇ କାନ୍ଦିଲେ । ଗାଁ ସାରା ସମସ୍ତ କନ୍ଧକୁଳ ହାହାକାର କରି ଉଠିଲେ, ସରବୁ ସାଓଁତାର ବିୟୋଗରେ । କନ୍ଧ ମୁଖିଆ ଅତି ଆପଣାର ନେତାର ବିଚ୍ଛେଦରେ ଆବାଳ ବୃଦ୍ଧବନିତା ମର୍ମାହତ ହେଲେ । ତାଙ୍କର ମେରିଆ ପର୍ବ ମଉଳି ଗଲା । ସର୍ବମାନ୍ୟ ସୁନ୍ଦର କନ୍ଧ ଜୀବନର ଖେଳ ସରିଗଲା । ହସଆନନ୍ଦ ହଜିଗଲା ।

କନ୍ଧ ପରମ୍ପରା ଅନୁସାରେ ଶବଦାହ ହେଲା । ଦଶା ସରିଗଲା । ଇତି ମଧ୍ୟରେ ପୁୟୁର ଗର୍ଭରୁ 'ହାକିନା' ଜନ୍ମ ନେଇଛି । କନ୍ଧ ସମାଜର ଦାର୍ଶନିକ, 'ପାଣ୍ଡୁ କନ୍ଧ' ଦିଶାରି ସଂସ୍କୃତିର ଜୀବନ୍ତ ପ୍ରତୀକ ଓ ଦେବୀର ପ୍ରତିନିଧି । 'ବେଜୁଣୀ'ର ମତରେ ସରବୁ ସାଓଁତାର ଡୁମା  ବା ଆତ୍ମା 'ମାଣିଆକା ହାକିନା' ଭାବରେ ଜନ୍ମ ନେଇଛି । ସୁତରାଂ ସରବୁ ସାଓଁତା ଦେହତ୍ୟାଗ କରି ପୁଣି ପୁଅ କୁଳରେ ଜନ୍ମ ଲାଭ କଲା । କନ୍ଧ ଦର୍ଶନ ଅନୁସାରେ ସରବୁ ନିଜ ପୁତ୍ର ଦିଉଡ଼ିର ପୁତ୍ର ଭାବେ ଜନ୍ମ ନେଇ ପୁଣି କନ୍ଧ ଜାତିର ସେବା ପାଇଁ ଆବିର୍ଭାବ ହୋଇଛି । ଏହା କନ୍ଧ ପରମ୍ପରା ଅନୁସାରେ ଜାତିର ଅମୃତ

ସନ୍ତାନ ଜନ୍ମ ନେଲା । କନ୍ଧେ ବିଶ୍ୱାସ କଲେ । ଜାତିକୁ ଅମୃତଦାନ କରିବା ତାର ଯେପରି କାମ୍ୟ । ସୁତରାଂ ସରବୁ ସାଓଁତାର ବ୍ୟକ୍ତିତ୍ୱ ଉପନ୍ୟାସରେ ଶେଷଯାଏ ଅପ୍ରଚ୍ଛନ୍ନ ଭାବରେ ବିସ୍ତାର ଲାଭ କରିଛି । 'ସରବୁ' ଜୀବନରେ ଜାତିକୁ ଦେଖିଛି । ଉନ୍ନତ କରିବାକୁ ପ୍ରୟାସ କରିଛି । ଏବେ ଶିଶୁ ଅବସ୍ଥାରେ ପୁୟୁ ଧରଟୀନ୍ କୋଳରେ ଧର୍ମୁ ଭାବରେ ସତେ ଯେପରି ଜାତିକୁ ଚିହ୍ନିବାର ପୁଣି ପ୍ରୟାସ କରିବ । ଏହା ନିଜ ଲୋକେ ବିଶ୍ୱାସ କଲେ ।

ମାତ୍ର ସରବୁ ସାଓଁତାର ଚିର ବିଦାୟ ତଥା ତାର କ୍ରିୟା କର୍ମ ପରେ ସରବୁ ସାଓଁତାର ପରିବାରରେ ଦେଖାଦେଲା ବିପର୍ଯ୍ୟୟର ପର୍ବ ଏବଂ ଝଡ଼ ବହିବାର ଆରମ୍ଭ ହେଲା । ସେଥିପାଇଁ ଦାୟୀ ହୋଇଛି 'ପୁୟୁ'ର ଶାରୀରିକ ଦୁର୍ବଳତା । ମୁହୂର୍ତ୍ତକୁ ଆନନ୍ଦ ମୁଖର କରିବା ପାଇଁ ମଧ୍ୟ ଦିଉତୁ ନିଜ ଜୀବନ ସାର୍ଥ ଯୋଗୁଁ ସୁନାର ସଂସାରକୁ ଚୂନା କରିବାରେ ଲାଗିପଡ଼ିଲା । ତାକୁ ସର୍ଗତ ପିତା ସରବୁ ସାଓଁତାର ପ୍ରଭାବ ପ୍ରଭାବିତ କରି ପାରିଲା ନାହିଁ । ସେ ସକେନ୍ଦ୍ରରେ ଏକ ଆତ୍ମସର୍ବସ୍ୱ ବ୍ୟକ୍ତି ହୋଇଉଠିଛି । ନିଜର ଭୋଗ ବିଳାସ, ଆଶା, କାମନାରେ ସରବୁ ପରିବାରର ମର୍ଯ୍ୟାଦା, ନିଜ ଜୀବନର ବ୍ୟକ୍ତିତ୍ୱ ଓ କନ୍ଧ ସଂସ୍କୃତିକୁ ଜଳାଞ୍ଜଳି ଦେବାରେ କୁଣ୍ଠିତ ହୋଇନାହିଁ । ସେ ନିଜ ବଳରେ ବଳୀୟାନ୍ । ସେ ନିଜ ପ୍ରାଣରେ ପ୍ରାଣବାନ୍ । ସେ ନିଜ ଖୁସୀରେ ମତୁଆଳ । ଉଦ୍ଧତ ସେ । ଦୁର୍ମଦ, ଦୁର୍ଦ୍ଧର୍ଷ । ତା ମନରେ କରୁଣା ନାହିଁ । କଠୋର ସେ । ମାନବିକ ଦୟାମାୟା ନାହିଁ । ନିର୍ମମ ଭେଣ୍ଡାଟିଏ ।

ଅଥଚ 'ଦିଉତୁ' ଜଣେ ଖାଣ୍ଟି କୃଷକ । ଭୋଗ ବିଳାସ ତାର ଲକ୍ଷ୍ୟ । ସେ ବିଳାସୀ । ତାକୁ ସବୁବେଳେ ମଦ, ମାଂସ ଓ ଧାଙ୍ଗଡ଼ୀର ସାନ୍ନିଧ୍ୟ ଆବଶ୍ୟକ । ପୁୟୁର ସନ୍ତାନ ଜନ୍ମକଲାପରେ ସ୍ୱାମୀକୁ ସେ ଆଉ ଆସଙ୍ଗ ଲିପ୍ସାରେ ତୃପ୍ତ କରିପାରି ନାହିଁ । ପତ୍ନୀର ଶାରୀରିକ ଦୁର୍ବଳତା ଓ ସୌନ୍ଦର୍ଯ୍ୟର ମ୍ଳାନତାକୁ ଆଳକରି ପତ୍ନୀଠୁ ଦୂରେଇ ରହିଲା । ଦିଉତୁ ପୁୟୁକୁ କ୍ରମେ ହେୟ ଜ୍ଞାନ କଲା । ଆଉ 'ପୁଲମେଁ' ଡମ୍ ସ୍ତ୍ରୀ ସୋନାଦେଇ ପ୍ରତି ଆକୃଷ୍ଟ ହୋଇ କ୍ରମେ 'ପିୟୁଟି' ନାମ୍ନୀ ସୁନ୍ଦରୀ ତରୁଣୀକୁ ନିଜର ଦ୍ୱିତୀୟ ପତ୍ନୀ କରି ନେବାର ଦୃଢ଼ ପ୍ରୟାସ କଲା ।

'ଲେଞ୍ଜୁକନ୍ଧ' ହେଉଛି ଦିଉତୁର ପିତୃବ୍ୟ (କକା) । ସେ ମଧ୍ୟ ପତ୍ନୀହରା । ପତ୍ନୀ ବଧୂର କର୍ମମୟ ଜୀବନରେ ତାର ସୁଖ ନାହିଁ କି ଶାନ୍ତି ନାହିଁ । ଏଣୁ ସେ ମଧ୍ୟ ମଦ ଆଉ ନାରୀର ସାହାରା ଖୋଜିଛି । ସେ ବୟସ୍କ ହେତୁ କନ୍ଧ ତରୁଣୀମାନେ ତା' ସହିତ ରଙ୍ଗ ରହସ୍ୟରେ ସାମିଲ ନହୋଇ 'ସମ୍ମାନ' କରନ୍ତି । ଫଳରେ ଡମୁଣୀ 'ସୋନାଦେଇ' ପ୍ରତି ସେ ଆକୃଷ୍ଟ ହେଲା । ଅନେକ ସମୟ ଧରି ସୋନାଦେଇ ପାଖରେ କଟାଇବା ଦେଖି ଦିଉତୁ ସାଓଁତା ଲେଞ୍ଜୁ କକାକୁ ପ୍ରତିଦ୍ୱନ୍ଦୀ ମନେ କରିଛି । ଫଳରେ 'କକା ପୁତୁରା' ପରସ୍ପର ବିରୁଦ୍ଧରେ ଅଭିଯୋଗ କରିଛନ୍ତି । କଳହ ବଢ଼ିଛି । ଏଥିରେ ପାରିବାରିକ କାରଣ ଅପେକ୍ଷା ଅଲକ୍ଷ୍ୟରେ ଦ୍ୱନ୍ଦ୍ୱ କାରଣ ହେଲା 'ପ୍ରଣୟିନୀ ସୋନାଦେଇ' । ଶେଷରେ ଦିଉତୁ କକା ଲେଞ୍ଜୁକନ୍ଧକୁ ଡଣ୍ଡିଆ ଦେଇ ଗାଁରୁ ତଡ଼ି ଦେଇଛି । ଅସହାୟ ଭାବରେ ପୁତୁରା ପ୍ରତାରିତ, ବିତାଡ଼ିତ ହୋଇ ବନ୍ଧିକାର । ଗାଁରେ ଆଶ୍ରୟ ନିଏ ଲେଞ୍ଜୁକକା । ମଣିଷକୁ କାମନା ବାସନା କିପରି ଅସହାୟ କରେ, ଲେଞ୍ଜୁ ତାର ଏକ ଦୃଷ୍ଟାନ୍ତ ।

'ପୁତୁଲି' ହେଉଛି ଦିଉତୁର ଭଉଣୀ । ତାର ମଧ୍ୟ ବୟସ ବଢ଼ିବାରେ ସଙ୍ଗେ ସଙ୍ଗେ ସେ ଦେଖିଛି ରଙ୍ଗୀନ୍ ସପ୍ନ । ପିଲା ଦିନରୁ ସଂପର୍କ ଥିବା ବନ୍ଦୀକାର ଗାଁର 'ହାର୍ଗୁଣୀ ସାଓଁତା' ତାକୁ ପତ୍ନୀ

ଭାବରେ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ବି ସ୍ଥିର ହୋଇ ନାହିଁ। ସେ ଏକ ଉଦାସ ବ୍ୟକ୍ତି। ସାଂସାରିକ ଜୀବନ ପ୍ରତି ବୀତସ୍ପୃହ ନଥିଲେ ମଧ୍ୟ ତତ୍ପରତା ପ୍ରକାଶ କରିନାହିଁ। ସେ କହେ "ଭୂଇଁ ତାଡ଼, ଚାଷ ବଢ଼ାଅ। ସମସ୍ତେ ଭଲରେ ଥାଅ।" ସେ ଚାହିଁଛି ତାର ଚାଷ ବଢ଼ିବ, ଶଗଡ଼ ରଖିବ, କୁମ୍ଟି ମହାଜନ ମାନଙ୍କ ପରି ଧନବୃଦ୍ଧି କରିବ। ଆଗର ସେ ଧନୀ ହେବ, ଖ୍ୟାତି ବଢ଼ିବ। ବାସ୍ତବରେ ସେ ଜଣେ ବିଷୟାସକ୍ତ ବ୍ୟକ୍ତି। ତେବେ ବି ସେ ଦିଉତ୍ରୁର ଭଉଣୀକୁ ବେଳେବେଳେ ମନେ ପକାଏ। ଏଥି ମଧ୍ୟରେ 'ମିଟିଙ୍ଗ' ଗାଁର 'ରଘୁ ସାଓଁତା'ର ପୁଅ 'ବିଶୁ କନ୍ଧ', ଚଇତି ପର୍ବରେ 'ମଣିଆ ପାଉ' ଗାଁକୁ ଆସେ। ବିଶୁ ଥିଲା ପୁଚୁଲିର ଯୌବନ ସାଥୀ। ଉଭୟଙ୍କର ମଧ୍ୟରେ ମଧୁର ସଂପର୍କ ବଢ଼ିଛି। ଚଇତି ଶିକାରର ପୁଚୁଲି, ବିଶୁ ପ୍ରତି ଆକୃଷ୍ଟ ହେଲା। ପ୍ରେମର ବଥ ଟଣକି ଉଠିଲା। ବାକିଥିଲା ଫାଟିବାକୁ। 'ରୋଦାସୀ' ଯୋଗରେ ସେ ନିଜର ସାଥି ବାଛି ନେଇ ବିଶୁ କନ୍ଧ ସହ ଉଦୁଲିଆ ବିବାହ ପାଇଁ ଚାଲିଗଲା। ମନ ମାନିଲେ ଆଦିବାସୀ ସମାଜର ଧାଙ୍ଗଡ଼ା, ଧାଙ୍ଗଡ଼ୀକୁ କେହି ଅଟକାଇ ପାରିବେ ନାହିଁ। ନିଜର ମନ ନିଜର ସୌକ ବଡ଼। ସେ ଭାଇ ଦିଉତ୍ରୁ, କକା ଲେଞ୍ଜୁ କନ୍ଧ, ଭାବେ ପୁୟୁ ଆଦିଙ୍କର ସାଭିମାନରେ ଆଘାତ ଦେଲେ ମଧ୍ୟ କନ୍ଧ ପରମ୍ପରା ଆଦରି ନେଲା ବିଶୁକୁ ବରଣ କରି। ପୁଚୁଲିର ବଡ଼ ଭାଇ ଦିଉତ୍ରୁ ମଧ୍ୟ କମ୍ ନୁହେଁ। ଦିଉତ୍ରୁ ସବୁବେଳେ ନୂଆ କିଛି ଖୋଜିବାରେ ବ୍ୟସ୍ତ। ଗୋଟିଏ ଭାଙ୍ଗି ଆଉ ଗୋଟିଏ ଗଢ଼ିବାରେ ଦିଉତ୍ରୁ କରିତ୍ କର୍ମା। ଏଣୁ ଲେଞ୍ଜୁକୁ ତଡ଼ି ସୋନାଦେଇକୁ ପାଦରେ ଦଳି ଶୁକ୍ରୁ କନ୍ଧକୁ ଦମନ କରି ମନେ ମନେ ସେ ଆଶ୍ୱସ୍ତ ହୋଇଛି। 'ସାଉଁତା ପଣିଆ'ର ଟେକ ରଖିଛି। କନ୍ଧଙ୍କର ସେ ଅତ୍ୟାଚାରୀ ମୁଖିଆ। ବାପାଙ୍କଠାରେ ଏଗୁଣ ନଥିଲା। ଗାଁର ଦିଉତ୍ରୁ ସର୍ବ ଶକ୍ତିମାନ ବ୍ୟକ୍ତି ହୋଇଛି। ସେ ଭାବେ ପୁଅ 'ହକିନା' ହିଁ ତା' କୁଳର ବଂଶଧର। ଉତ୍ତରାଧିକାରୀ ତାର ଔରସରୁ ଜାତ। 'ପୁୟୁ' ଗଲେ ବି ହାକିନା ତ ରହିବ। ପୁଅ ଯୋଗୁଁ ପୁୟୁ ପ୍ରତି ତାର ସ୍ନେହ ସହାନୁଭୂତି ରହିଛି। ତେଣୁ ତଡ଼ିବାକୁ ଚାହିଁ ମଧ୍ୟ ସେ ତଡ଼ି ପାରିନାହିଁ। ମନ ହେଉଛି ତ ଆଉ କେଉଁଠୁ ସୋନା ମୁହିଁ କନିଆଁ ଆଣି ବିବାହ ହେଉନାହିଁ; ମୁଁ କଣ ମନା କରୁଛି ନା ମୁଁ ତୁମ ବାଟରେ ବସିଛି। ତୁମେ ତ ଭେଣ୍ଡିଆ ଅଛ, ମୁଁ ସିନା ବୁଢ଼ୀ ହେଲିଣି, ଶୁଖିଲା ମୁହଁ ଆଉ ଅଙ୍ଗାର ତୁମର କି ଦରକାର; କିଏ ତୁମକୁ ଡାକିଛି ସେ ଗୁଡ଼ାକ ଅନେଇ ମନ ଖରାପ କରିବାକୁ।"(୨) ପୁୟୁ ନିଜେ ନିଜର ଅବସ୍ଥା ସଂପର୍କରେ ସଚେତନ ହୋଇ ଏ କଥା କହିଛି। ତାର ଯୌବନ ଯାଇଛି। ତାର ଚେହେରା କଳା ପଡ଼ିଗଲାଣି। ଦିଉତ୍ରୁ ତାକୁ ଘୃଣା କରୁଛି, ସେ ଜାଣେ। ପୁୟୁ ନିଜକୁ ଅସହାୟ ମନେ କରିଛି। କେବଳ ପୁଅ 'ହାକିନା' ହିଁ ହୋଇଛି ତାର ସର୍ବସ୍ୱ। ତା ପାଇଁ ବଞ୍ଚି ରହିବାକୁ ଚାହିଁଛି। ଯଦିଓ କନ୍ଧ ଝିଅର ମନ ନପାଇଲେ ଚାଲିଯାଇ ପାରେ। ଏ ମଧ୍ୟରେ ସବୁ ବାଧା, ସବୁ ଜଞ୍ଜାଳ ପାଦରେ ଦଳି ଦିଉତ୍ରୁ 'ପୁୟୁଟିକୁ' ଉଦୁଲିଆ ଘରକୁ ନେଇ ଆସେ। 'ପୁୟୁ' ରୂପୀ ଫୁଲର ସୌରଭହୀନ ସ୍ଥାନରେ 'ପଓଟି' ରୂପୀ ହଳଦି ବସନ୍ତର ରଙ୍ଗୀନ୍ ଡେଣା ମେଲି ଦିଉତ୍ରୁର ବ୍ୟକ୍ତିତ୍ୱକୁ ଗ୍ରାସ କରିଛି। ଆଉ ଦିଉତ୍ରୁ ମଧ୍ୟ ଚଇତି ନିଶା ଓ ପିଓଟିର ପୂର୍ଣ୍ଣ ବିକଶିତ ଓ ଯୌବନରେ ହଜିଯାଇଛି। ପୁୟୁ କିଛି କହିନାହିଁ ମାତ୍ର ପାଷାଣ କରିଛି। ଛାତି ଫାଟି ତାତିଲା ନିଆଁ ଝରିଛି। ଅପମାନ, ଲଜ୍ଜା ପଛରେ ପକାଇ, ପାହାଡ଼ୀ କନ୍ୟା ପୁତ୍ର ହାକିନାକୁ କାଖେଇ ନିଜର ଭିଟାମାଟି (ମାଁ ଘର) 'ମିଟିଂ ଗାଁକୁ' ଚାଲିଗଲା। ଭାବିଲା, "ଟିକି ଚଢ଼େଇର ବସା ଅଛି, ପିମ୍ପୁଡ଼ିର ଅଛି ଆଧାର। ସେ ମଧ୍ୟ ସେପରି ବଞ୍ଚି ରହିବ। ସେ ପୁଣି 'ପାଣ୍ଡୁ କନ୍ଧ'ର ଦର୍ଶନକୁ ମନେ ପକାଇଛି। ଜୀବନରେ ସୁଆଦ ଅଛି ମରଣ ନାହିଁ, ଦୁଃଖ ନାହିଁ।"(୩)

ସୁତରାଂ ନିଜ ଇଚ୍ଛାରେ ସୌନ୍ଦର୍ଯ୍ୟ ପ୍ରିୟ ଦିଉଡୁ ଖୋଜିଛି କାମନାର ଦ୍ୱିତୀୟ ସାଥୀ । ପୁୟୁ ମଧ୍ୟ ସାଧୀନ ଭାବେ ବଞ୍ଚିରହିବାର ଆଶା ନେଇ ଆଗେଇ ଚାଲିଲା । କି ବିଚିତ୍ର ମଣିଷ ଜୀବନ ଜଣକର ଭୋଗ ଆଉ ଜଣକର ତ୍ୟାଗ । ଏ ଉପନ୍ୟାସର ପ୍ରତ୍ୟେକ ଚରିତ୍ର ବ୍ୟକ୍ତି ସ୍ୱାତନ୍ତ୍ର୍ୟରେ ବଳିଷ୍ଠ । ଏହା ହିଁ କନ୍ଧ ସମାଜର ଜୀବନ ଓ ସଂସ୍କୃତିର ମୂଳତତ୍ତ୍ୱ । ଆଉ ପ୍ରତ୍ୟେକ ଆତ୍ମନିର୍ଭରଶୀଳ । ମୁଖ୍ୟ ଚରିତ୍ର ବ୍ୟତୀତ, ଲେଞ୍ଜୁକନ୍ଧ, ପାଣ୍ଡୁକନ୍ଧ (ଦିଶାରି) ବାରିକ ଭୁର୍ଷାମୁଣ୍ଡା, ବାଲମୁଣ୍ଡା, ତାଙ୍ଗୀର (ଡମ୍) ଆଦି ପୁରୁଷ ଚରିତ୍ର ତଥା ବେଜୁଣୀ ବୁଢ଼ୀ, ପୁବୁଲି, ପୁଲେମାଁ, ସୋନାଦେଇ, ପିଓଟି ପ୍ରମୁଖ ନାରୀ ଚରିତ୍ରର ସହାୟତାରେ ଉପନ୍ୟାସଟି ସମୃଦ୍ଧ । ଏମାନଙ୍କ ମଧ୍ୟରେ ଆଦିବାସୀର ସାଂସ୍କୃତିକ ଚେତନା, ବ୍ୟକ୍ତି ଚରିତ୍ର, ପରଂପରା, ଚଳଣି, ହର୍ଷ -ବିଷାଦ, ବିରହ- ବିଚ୍ଛେଦ, ମାନ-ଅଭିମାନ ମଞ୍ଜୁଳ ରୂପ ଦେଇ କୃତିଟି ଗୌରବମୟ ହୋଇଛି ।

କେବଳ ସେତିକି ନୁହେଁ, କନ୍ଧପଲ୍ଲୀରେ ଡମ୍ ଜାତୀୟ ସ୍ତ୍ରୀ, ପୁରୁଷ ମାନଙ୍କର ଦ୍ୱାରା କିପରି କନ୍ଧ ଜାତିର ଶୋଷଣର ପଥ ସୁଗମ ହୁଏ ଏବଂ ଚରିତ୍ରର ସ୍ଖଳନ ଘଟେ, ତାର ମଧ୍ୟ ବାସ୍ତବ ଚିତ୍ର 'ସୋନାଦେଇ' ଓ 'ବାରିକ ଭୁର୍ଷାମୁଣ୍ଡା' ଚରିତ୍ରରୁ ସ୍ପଷ୍ଟ ପ୍ରକାଶ ପାଇଛି । ସୋନାଦେଇ ହିଁ ଦିଉଡୁ, ଲେଞ୍ଜୁକନ୍ଧ, ପୁୟୁ ଜୀବନର କରୁଣତା ପାଇଁ ଅନେକାଂଶରେ ଦାୟୀ । ଦ୍ୱିତୀୟତଃ, ସାହୁକାର, ଅଧିକାରୀ ମାନଙ୍କର ବ୍ୟାପକ ବର୍ଣ୍ଣନା ନଥିଲେ ମଧ୍ୟ ସେମାନଙ୍କର ପ୍ରଭାବ କନ୍ଧ ସମାଜ ଉପରେ ଶ୍ୟେନ ଦୃଷ୍ଟି ରଖିଛି । ଫରେଷ୍ଟର, ସାହୁକାର କିପରି କନ୍ଧମାନଙ୍କୁ ଶୋଷଣ କରନ୍ତି, ଦାରିଦ୍ର୍ୟ ଓ ସରଳତାର ସୁଯୋଗ ନେଇ କନ୍ଧମାନଙ୍କୁ ସର୍ବସାନ୍ତ କରିଥାନ୍ତି ଏବଂ ଗୋତି ରଖି ସାଧୀନତାକୁ ଅପହରଣ କରିଛନ୍ତି, ତାର ମଧ୍ୟ ଚିତ୍ର ବର୍ଣ୍ଣିତ । ହାର୍ଗୁଣାଓ ଦିଉଡୁ ସଓଁତା ଗୋତି ପ୍ରତି ଅବିଚାର ଦେଖି ସାହୁକାର ବିରୁଦ୍ଧରେ ବିପ୍ଳବର ସ୍ୱର ଉଠାଇଛନ୍ତି । "ତୁ ଘରକୁ ଖାଇବାକୁ ଯାଇ ନଥିଲେ ମୋର ଛେଳି ମରି ନଥାନ୍ତେ ତେଣୁ ତାର ଦାମ ଦେଖାକୁ ବାଧ୍ୟ ।" ପୂର୍ବ ସର୍ତ୍ତରେ ସେ (ସୁଗ୍ରିକନ୍ଧ) କାମ କରିବ ବୋଲି ଜଗନ୍ନାଥ ଶୁଣ୍ଡି ଜିଦ୍ ଧରିଲା । ବାକି ରହି କରଜରୁ ପାଞ୍ଚ ଟଙ୍କାର, ଛେଳିର ଦାମ୍ ପଞ୍ଚାବନ ଟଙ୍କା (୪) ।"

ପରଜା ଉପନ୍ୟାସ ପରି ଆଦିବାସୀ ଜୀବନ ଉପରେ ବ୍ୟାପକ ଶୋଷଣ ଅତ୍ୟାଚାରର ଚିତ୍ର ନଥିଲେ ମଧ୍ୟ ତାର ଝଲକ ରହିଛି । ଆଦିବାସୀ ସର୍ଦ୍ଦାର ସରବୁ ସାଓଁତା ଉଦାର ମଣିଷର ପ୍ରତୀକ ଥିଲାବେଳେ ତାର ପୁତ୍ର ଦିଉଡୁର ଅତ୍ୟାଚାର, ଶୋଷଣ ଓ ବ୍ୟଭିଚାର ତଥା ଔଦ୍ଧତ୍ୟ ଯୋଗୁ ନିଜ ପରିବାର ଓ କନ୍ଧ ସମାଜ ଧ୍ୱଂସାଭିମୁଖୀ  ହୋଇଛି । କେବଳ ସଭ୍ୟ ପ୍ରଭାବଶାଳୀ ବ୍ୟକ୍ତି ଶୋଷଣମନା ନୁହେଁ ବରଂ ଆଦିବାସୀମାନଙ୍କୁ ଅତ୍ୟାଚାରିତ, ଆତଙ୍କିତ କରି ରଖିଥାନ୍ତି । ଦୁର୍ଦ୍ଦାନ୍ତ ଆଦିବାସୀ ସଂପଦ ଆଳରେ କେତେକ ଆଦିବାସୀଙ୍କର ଜୀବନ ଧନ ଧ୍ୱଂସ କରନ୍ତି । ସେମାନେ ଆଦିବାସୀ ନେତା, ସର୍ଦ୍ଦାର ବା ମୁଖିଆ, ସେଟ୍ । ତାର ଜ୍ୱଳନ୍ତ ଉଦାହରଣର ପ୍ରତୀକ ହେଉଛି 'ଦିଉଡୁ'। ସେ ବାଘ ପରି ବଳୁଆ । ମୁଖିଆ ହୋଇ ମୂର୍ଖ ପରି କାର୍ଯ୍ୟ କରିଛି । ସ୍ନେହ, ଶ୍ରଦ୍ଧା ହୀନ ତାର ମୁହଁରେ କଥା ନକହିଲେ ମଧ୍ୟ ଲୋକେ ତାକୁ ଘୃଣା କରନ୍ତି । ତାକୁ ଭୟ ମଧ୍ୟ କରନ୍ତି ।

ଏପରି ଅନେକ ଘଟଣା ଓ ବାସ୍ତବ ଚିତ୍ର ଔପନ୍ୟାସିକ ଗୋପୀନାଥ ମହାନ୍ତି ପ୍ରତ୍ୟକ୍ଷ ଅନୁଭୂତି ଦ୍ୱାରା ଉପଲବ୍ଧି କରିଛନ୍ତି । ଓଡ଼ିଆ ମାଟିର ଆଦିମ, ଅମୃତ ସନ୍ତାନ ମାନଙ୍କର ଦୟନୀୟ ଅବସ୍ଥା, ଅବହେଳା, ଶୋଷଣ, ସଂସ୍କୃତିର ଅବକ୍ଷୟ ଆଦିର ବହୁ ଦିଗ ଆବିଷ୍କାର କରି ଏକ ସାର୍ବକାଳୀନ ଜୀବନ୍ତ କଥା ସାଗର ସୃଷ୍ଟି କରିଛନ୍ତି । ଏଣୁ ଏହି ଓଡ଼ିଆ ଭାଷା ଓ ଆଦିବାସୀ ଭାଷା ସମ୍ମିଳିତ

ଉପନ୍ୟାସ ସାଧାରଣ ଜୀବନ ଜୀବିକାର ମଞ୍ଜୁଳ 'ଗଦ୍ୟ ମହାକାବ୍ୟ'ଟିଏ । ତାଙ୍କର ସୂକ୍ଷ୍ମ ବିଚାର, ଦାର୍ଶନିକ ତତ୍ତ୍ୱ, ପ୍ରକାଶ ଅନୁଭୂତି ଲେଖନୀର କୌଶଳ, ଭାଷାର ଅପୂର୍ବ ଶୈଳୀ ଯୋଗୁଁ ପାଠକକୁ ଯୁଗପତ୍ ଆପ୍ଲୁତ କରି ରଖିବାରେ ଅମୃତର ସନ୍ତାନ ଯେପରି ସକ୍ଷମ, ସେପରି ଓଡ଼ିଆ ସାହିତ୍ୟର ଅକ୍ଷୟ ସଂପଦ ହୋଇ ରହିଛି ।

**ଲେଞ୍ଜୁକନ୍ଧର ଚରିତ୍ର:**

ଲେଞ୍ଜୁକନ୍ଧ ଏକ ଅସହାୟ ଚରିତ୍ର । ଲେଖକଙ୍କ ଭାଷାରେ "ସେ ଗୋଟାଏ କିମ୍ଭୁତ କିଂପୁରୁଷ ।"(୫) ତା ଜୀବନରେ ହତାଶା ଯେପରି, ସେପରି ଈର୍ଷା, ଅହଂକାର ତଥା ପରଶ୍ରୀକାତରତା ଭରିଛି । ଏପରି ଆଦିବାସୀ ଚରିତ୍ର ସମାଜରେ ବିରଳ ନୁହନ୍ତି । ସେ ପରର ହସ-ଖୁସି, ଉନ୍ନତି, ପ୍ରଗତି ଦେଖିପାରେ ନାହିଁ । ଏପରି ଈର୍ଷା ପରାୟଣ ମନୋଭାବ ହେତୁ ନିଜେ ଦୁଃଖକଷ୍ଟ ବେଦନାର ଶିକାର ହୁଏ । ତାହାହିଁ ଲେଞ୍ଜୁଠାରେ ଦେଖାଯାଇଛି । ପରଶ୍ରୀକାତରତା ଯେପରି ତାର ଏକ ମାନସିକ ରୋଗ ବା ମାନିଆ ।

ସେ ପତ୍ନୀହରା । ତାର ପତ୍ନୀ 'ରୁକ୍‌ନୀ'କୁ ବାଘ ଖାଇଦେଲା । ଏପରି ସ୍ଥଳେ ଆଇନ ଅନୁସାରେ କୌଣସି ସ୍ତ୍ରୀର ପତିକୁ ବାଘ ଖାଇଥିଲେ, ସେ ବିଧବାକୁ ବାହା ହୋଇଥାଏ । ମାତ୍ର ସେ ସୁଯୋଗ ତାର ଜୀବନରେ ଆସିନାହିଁ । ବଡ଼ଭାଇ - 'ସରବୁ ସାଓଁତା'ର ମୃତ୍ୟୁରେ ସେ ଭାଙ୍ଗି ପଡ଼ିଲା । "ଦେହ କୁହୁଳୁଛି, ମନ ହନ୍ତସନ୍ତ ହେଉଛି, ଏମିତି ହନ୍ତସନ୍ତ ହୋଇ ଜୀବନ ସରିଯିବ, ଭୋଗ ତାର କର୍ମରେ ନାହିଁ ।"(୬) ପୁତୁରା ସାଓଁତା ଦିଉଡୁର ସଂସାରର ପତ୍ନୀ ଓ ପୁତ୍ର ହାକିନାକୁ ଦେଖି ଈର୍ଷାନ୍ୱିତ ହୁଏ । ନିଜର ଶୂନ୍‌ଶାନ୍ ସଂସାର ଦେଖି ଉଦାସ ହୁଏ । ତାର ସବୁବେଳେ ଥାଏ ମାନସିକ ଅଶାନ୍ତି ।

ସେ ଅତୀତକୁ ଖୋଜେ କିଛି ପାଇନାହିଁ । "ତାର ଥୁଣ୍ଟା ଲଣ୍ଡା ଜୀବନଟା ପ୍ରତି ଗୋଟାଏ ଦାନ୍ତୁରା ବିଦ୍ରୁପ । ଦାଦି, ପୁତୁରା, ଦୁହେଁ ମଦ ପିଅନ୍ତି, ଦୁହେଁ ମାତି ପଡ଼ନ୍ତି । କିନ୍ତୁ ପୁତୁରାର ବୟସ ଆଉ ଘର ସଂସାର, ପୁତୁରାର ସାମନାରେ ବଡ଼ ଜୀବନଟା, ଦାଦିର ଲଣ୍ଡା ପଥର ପରି ଅସ୍ତିତ୍ୱ ପଛକୁ ଢଳି ପଡୁଛି । "ସେ ନିରୁଦ୍ଦେଶ୍ୟ, ସେ ନିଷ୍କ୍ରିୟ, ସେ ବିଧାତାର ଉପହାସ, ପଥର ପରି ନିଶ୍ଚଳ ହୋଇ ବସିଥାଏ ।"(୭)

ତାର ଅଗପଛ କେହିନାହିଁ । ତର ଜୀବନ ଜୀବିକା ନିରର୍ଥକ । ଏଣୁ ଚଷ କାମଦାମରେ ମନ ନଦେଇ ମଦ ପିଇ ଘରେ ରହେ । ଟୋକା ଟୋକୀଙ୍କର ରଙ୍ଗ ରହସ୍ୟରେ, ପିଲାଙ୍କର ହସଖୁସିରେ ସମୟ କଟାଏ । ହତ ବଢ଼ାଏ, କିଛି ପାଏ ନାହିଁ । ବାରିକ ଭୂର୍ଷାମୁଣ୍ଡା ଡମ୍ବର ବୋହୂ 'ସୋନାଦେଇ'କୁ ଭଲ ପାଏ । ପାଖରେ ଗପେ । ତାର ମାନସିକ କ୍ଷୁଧା, ଲାଳସା ମେଣ୍ଟାଏ । ମଦ ପିଉ ପିଉ ସୋନାଦେଇର ପିଠି ଆଉଁସୁଥାଏ, ସୋନାଦେଇ ସେହିପରି ସେଠି ବସି ରହିଥାଏ । ହେଲେ ବାରିକ ବୁଢ଼ା ଆସିବାର ଜାଣିଲେ ସେ ଦେହ ଗୋଟା ତାର ଥରୁଥାଏ ।

ଲେଞ୍ଜୁ ଦିଉଡୁର ପୁଅ ହାକିନାଠୁ ସ୍ନେହ କମାଇ ଦେଇଛି । 'ପୁୟୁ'ର ମୁହାଁସ ତାକୁ ବାନ୍ଧି ରଖିଛି ମାତ୍ର । ପୁୟୁଠୁ ଶ୍ୱଶୁରର ଆଦର ସମ୍ମାନ ସେ ପାଇଛି । ମାତ୍ର ଏକଲା ମଣିଷ । ଲେଞ୍ଜୁ ମନେ କରେ ସଂସାରରେ ସବୁଯାକ ଦୁଃଖ ଯେପରି ତାର ମୁଣ୍ଡରେ ଲଦାଲଦି ଏବଂ ସେ ମରିଯିବ । ତା କଥା

କେହି ଭାବିବେ ନାହିଁ, କେହି ଶୋକ କରିବେ ନାହିଁ, ସଂସାରରେ ଅଧମତର ନିର୍ଦ୍ଦୋଷ ତାମଣାଫ ।"(୮) "ଏଣୁ ସେ କାହା ପାଇଁ କାମ କରିବ, କିଏ ତାର ନିଜର ।"(୯) ସେ ଗୟା କନ୍ଧର ଝିଅ ପୁଲମେଁ ପ୍ରତି ଆକୃଷ୍ଟ ହୋଇଛି, କିନ୍ତୁ ଅତ୍ରିର ପୁଅ ବାତ୍ରି ସହିତ ନିବିଡ଼ତା ରହିଛି, ପୁଲମେଁର । ଏଣୁ ଲେଞ୍ଜୁର ଆଶା ମରିଛି ।

ଏପରି ତାର ଜୀବନର ବ୍ୟର୍ଥତା ଅଜାଡ଼ି ହୋଇଛି । ସାଓଁତା ପରିବାରର ଲୋକ, ମୁଣ୍ଡିଆଳ ବୋଲି ସମସ୍ତେ ଡରନ୍ତି, ହଁ ମାରି ଚୁପ୍ ରୁହନ୍ତି । କିନ୍ତୁ ବଡ଼ ଘରର କଥା ବି ଦାଣ୍ଡରେ ପିଣ୍ଡାରେ ପ୍ରଚାରିତ, ଆଲୋଚିତ ହୁଏ । ସେମାନେ ବି ସମାଲୋଚନାର ଶରବ୍ୟ ହୁଅନ୍ତି ।

ସେ ବଡ଼ ସଂକୋଚ ବିହୀନ ମଣିଷ । ସେ ଦିଉଡୁକୁ କଟୁ ସମାଲୋଚନା କରିଛି । ସେ କହେ ସାଓଁତା ହୋଇ ମଦ ପିଉଛି, ପର ଧାଙ୍ଗଡ଼ୀ ପଛରେ ଧାଉଁଛି । ସ୍ତ୍ରୀକୁ ଦୁର୍ବ୍ୟବହାର କରୁଛି । ଲେଞ୍ଜୁ କନ୍ଧ କହିଛି, "ଦିଉଡୁର ଘର ଭଲ ଲାଗୁନାହିଁ । ସେ ଅଲଗା ହେବ । ସେ ସାଓଁତା ହେବ (୧୦) ।" ଗାଁ ସାଓଁତା ହେବା ପାଇଁ ସଲପୁ କନ୍ଧ, ବାରିକ ଭୁର୍ଷାମୁଣ୍ଡା ସହିତ ପରାମର୍ଶ କରିଛି । ପର ଦୁର୍ଗୁଣକୁ ପ୍ରଚାର କରି ନିଜର ଦୁର୍ଗୁଣକୁ ସେ ଲୁଚାଇଛି । କକା ପୁତୁରାଙ୍କ ଚରିତ୍ର ମଧ୍ୟରେ ଢେର ସାମଞ୍ଜସ୍ୟ ରହିଥିଲା । ମାତ୍ର ଜଣେ ବୃଦ୍ଧ ଆଉ ଜଣେ ଯୁବକ । ଲେଞ୍ଜୁ ଚାହିଁଛି ଦିଉଡୁ ସାଓଁତାର ବେଠି ନ ଖଟି ଅଲଗା ରହିବ । ଜୀବନରେ ମଧୁ ଚାଖିବା । କନ୍ଧ ବୟସକୁ ବିଚାର କରେ ନାହିଁ । ମାନସିକ ଶାନ୍ତି ପାଇଁ ଦେହଜ କାମନା ପାଇଁ ନାରୀ ହେଲା ତାର କାମ୍ୟ । ଏଣୁ ସେ ଚାହିଁଛି ମାଇକିନିଆ, ମଦ ଆଉ ଖୁସିମଜା । ଏଣୁ ନିଜର ଉଦ୍ଦେଶ୍ୟ ପୂରଣ ପାଇଁ ସୋନାଦେଇ (ବାଲିମୁଣ୍ଡାର ପତ୍ନୀ) ପ୍ରତି ଆକୃଷ୍ଟ ହେଲା । ହାଟରେ ବାଟରେ, ଘରେ ବାହାରେ ସୋନାଦେଇ ସହିତ ମିଶି ରଙ୍ଗ ରହସ୍ୟ କରିବାରେ କୁଣ୍ଠାବୋଧ କରିନାହିଁ । "ସବୁ ମଣିଷ ସମାନ, ସୋନାଦେଇ ଡମ୍ ହେଲେ ବି ମଣିଷଠୁ ହୀନ ନୁହେଁ ।"(୧୧) ଏ ଉକ୍ତି ଭାବନା ସାର୍ଥ ନିହିତ । ମଣିଷର ମନ ବଡ଼ ବିଚିତ୍ର । ଧୈର୍ଯ୍ୟ, ସଂଯମ ହରାଇ ଅମଡ଼ା ବାଟରେ ଚାଲିଯାଏ । ହିତାହିତ ଆଦର୍ଶ ବିଚାର କରିପାରେ ନାହିଁ । ଖାଲି ଖୁସି ଚାହେଁ । ଜୀବନକୁ ଉପଭୋଗ ପାଇଁ ବ୍ୟସ୍ତ ହୋଇପଡ଼େ । ଏଣୁ ଛୁଆଁଅଛୁଆଁ ମନୋଭାବ ପରିହାର କରି ସାର୍ଥ ସାଧନ ପାଇଁ ସୋନା ହାତରୁ ମଦ ପିଏ ଓ ଖେଳ କରେ । ଏପରି ଆଚରଣକୁ ପୁତୁରା ଦିଉଡୁ ସହିପାରି ନାହିଁ । କାରଣ ସେ ବି ସୋନାଦେଇର ପ୍ରେମ ପ୍ରତି ଆକୃଷ୍ଟ । ତେଣୁ ବାହାନା କରି ନିଜର ପ୍ରତିଦ୍ୱନ୍ଦୀ କକା ଲେଞ୍ଜୁକୁ ବର୍ଷା ରାତ୍ରିରେ ତଣ୍ଟିଆମାରି ଘରୁ ତଡ଼ି ଦେଇଛି । ଲେଞ୍ଜୁ ଅପମାନ ଦୁଃଖରେ କହିଛି "ମୋର ପୁଅ ମୋତେ ତଣ୍ଟିଧରି ନିକାଲି ଦେଲା ।" ଏଣୁ ସେ ମଣିଆପା ଗାଁକୁ ଛାଡ଼ି 'ବନ୍ଦୀକାର' ଗାଁକୁ ଚାଲିଗଲା । ସେଇଠି ସେ ନିଃସଙ୍ଗ ଜୀବନଯାପନ କଲା । ସେ ତାର ସଂସାର ଗଢ଼ିପାରି ନାହିଁ । ସାଓଁତା ହୋଇପାରି ନାହିଁ । ବୁଢ଼ାହଡ଼ା ମଦୁଆ କହି ସୋନାଦେଇ ତାକୁ ଚଢ଼ିଛି । ସବୁ ଦିଗରୁ ହେଲା ହତାଶ । ଲେଞ୍ଜୁ ଏକ ନିଷ୍ଫଳ ଜୀବନ ଯାତ୍ରା । ଏକ କରୁଣ କବିତାର ଅଧ୍ୟାୟ ହୋଇଛି ଯେପରି ଲେଞ୍ଜୁ କନ୍ଧ । ଏପରି କରୁଣ, ହତଭାଗ୍ୟ ମଣିଷ ସମାଜରେ ଅନେକ । ଯଦିଓ ସେମାନେ ସାଧୀନ ଚେତା ।

ଲେଞ୍ଜୁ ଏକ ପାର୍ଶ୍ୱ ଚରିତ୍ର ଭାବେ ଦିଉଡୁ, ପୁୟୁ, ପୁବୁଲି ଆଦି ଚରିତ୍ରକୁ ପରିପୁଷ୍ଟ କରିଛି । ଉପନ୍ୟାସର ଏହା ଏକ ବାସ୍ତବ ଚିତ୍ର । ଏପରି ବ୍ୟକ୍ତି ଅଛନ୍ତି ଯେଉଁମାନେ ନିଜର ପରିବାରର ବା ଆତ୍ମୀୟର ଶିରି ସୌଭାଗ୍ୟ ସହି ପାରନ୍ତି ନାହିଁ । ଈର୍ଷା କରନ୍ତି । କ୍ଷତି ଚାହାନ୍ତି । ଏଣୁ ଲେଞ୍ଜୁ ଅପଦସ୍ଥ,

ଅପମାନିତ ହୋଇଛି । ଅବଶ୍ୟ ଲେଞ୍ଜୁର ଦୂରବସ୍ଥା ଦେଖି ପାଠକ ସହାନୁଭୂତି ଶୀଳ ହୁଏ । ସେ ମଧ୍ୟ ପୁୟୁ ପରି ନିଜ ଉପରୁ ବିଶ୍ୱାସ ହରାଇନାହିଁ । ଆତ୍ମୀୟ ଦ୍ୱାରା ଅପମାନିତ ବିତାଡ଼ିତ ହେଲେ ମଧ୍ୟ ବୃଦ୍ଧ ଅବସ୍ଥାରେ ଆତ୍ମନିର୍ଭରଶୀଳ ହୋଇଅଛି । ମନର ପ୍ରତିକ୍ରିୟାକୁ ବା ହତାଶ ଜୀବନକୁ ସମ୍ଭାଳ କରି ଆତ୍ମବିସର୍ଜନ କରିନାହିଁ । ବରଂ ବଞ୍ଚି ରହିଛି । ସଂଗ୍ରାମ କରିଛି । ବଡ଼ଭାଇ ସରବୁ ସାଓଁତା ଓ ପତ୍ନୀ ରୁକ୍‌ନୀ ସ୍ମୃତିକୁ ଭୁଲି ଯାଇନାହିଁ। ସେଇଠି କୁଡ଼ିଆ ମାରି ଜୀବନ ବିତାଇଛି। ସେ ଆଉ ଫେରି ନାହିଁ । ଦିଉତୁଠୁ ଅପମାନ ପାଇ ପ୍ରତିଶୋଧ ପରାୟଣ ହୋଇନାହିଁ କି ଭାଇ ଭାଗ ଦାବୀ କରିନାହିଁ । ସାଧାରଣତଃ ଆଦିବାସୀର ଏହା ଏକ ସ୍ୱାଭିମାନର ଚରିତ୍ର । ତାର ଜୀବନ ମଧ୍ୟ ବହୁ 'ପୁୟୁ' ପରି ଅଶ୍ରୁଳ ଜୀବନ ।

ଲେଞ୍ଜୁ ଥିଲା ମଣିଷ । ରକ୍ତ ମାଂସର ଶରୀରରେ ଥିଲା ଦୁର୍ବଳତା । ଯାହା ସଂସାରୀ ମଣିଷ ପକ୍ଷେ ସ୍ୱାଭାବିକ । ମନରେ ସେ ସ୍ୱେଚ୍ଛାଚାରୀ । ଏପରି ମଣିଷ ସମାଜରେ ଏକାକୀ ହୁଏ, ମନରେ ବିନାଶ ଭାବ ସୃଷ୍ଟି ହୁଏ । ସେ ପ୍ରେମ ମମତା ଭୋଗ ମୋହ ପାଇଁ ଲାଳାୟିତ ହୋଇ ଉଠେ । ଲେଞ୍ଜୁ ଅଭାବୀ ହତାଶୀ ପୁରୁଷର ପ୍ରତୀକ ।

ନାରୀ ଚରିତ୍ର 'ପୁୟୁ':-

ଅମୃତର ସନ୍ତାନ ଉପନ୍ୟାସର 'ପୁୟୁ' ହେଉଛି ଏକ ମାତ୍ର ଆକର୍ଷଣୀୟ ଚରିତ୍ର । ସେ ଦିଉତୁ ଦ୍ୱାରା ପ୍ରଭାବିତ ହୋଇ ଉଦୁଲିଆ ଆସି ତାର ପତ୍ନୀ ଭାବରେ 'ମଣିଆ ପାଉ' ଗାଁର ବୋହୁ ହୋଇଥିଲା । ବିବାହର ପହିଲି ବସନ୍ତର ପରେ ପରେ ସେ ହାକିନାକୁ ଜନ୍ମଦେଇ ମାତୃତ୍ୱର ଗୌରବ ପାଇଛି । ମାତ୍ର ତାର ଶ୍ୱଶୁର 'ସରବୁ' ତା କୁଳର ନାତି ସନ୍ତାନକୁ ଦେଖିବାର ସୁଯୋଗ ପାଇନାହିଁ । ସେ ଚାଲିଗଲା ଆର ପାରିକୁ ।

ଦିଉତୁ ନୂଆଁ ପୁଅକୁ ଦେଖି ମନରୁ ଦୁଃଖ ଦୂର କରି ଆନନ୍ଦିତ ହେଲା । ପାଇଲା ବଂଶର ଉତ୍ତରାଧିକାରୀ । ମାତ୍ର ପୁତ୍ର ସନ୍ତାନ ଜନ୍ମ ହେବା ପରେ ପରେ 'ପୁୟୁ' ହୋଇଛି ଶାରୀରିକ ଭାବରେ ଦୁର୍ବଳ । ତାର ଯୌବନ ତଥା ମୁହଁର ସରସତା କମିଗଲା । ଶୁଖିଲା ଦେଖାଗଲା ।  ତାର ସେଥା ମୁହଁ ଦେଖି ଦିଉତୁ କ୍ରମେ ତାକୁ ଘୃଣା କଲା । ପୁୟୁଠୁ କ୍ରମେ ଦୂରେଇଗଲା । ଦିଉତୁର ହାବଭାବ ଦେଖି ପୁୟୁ ମନରେ ବିଷାଦର କଳାମେଘ ଘନେଇ ଆସିଲା ।

କେବଳ ସେ ପୁତ୍ର ହାକିନାକୁ ଦେଖି ସବୁକଥା ସହି ନେଲା । ବେଳେବେଳେ ସେ ଚିନ୍ତାକରେ "କାହିଁକି ଏପରି ବଦଳି ଗଲା ଦିଉତୁ । କଣ ପୁୟୁର ଅପରାଧ ? କେତେଥର ଅଭିମାନ ହୁଏ । ଦିଉତୁ  ପୁୟୁର ଅଭିମାନ ଭାଙ୍ଗିବାକୁ ଚେଷ୍ଟା କରେ ନାହିଁ । ସେଣିକି ତାର ମୋଟେ ନିଘା ନାହିଁ।"(୧୨) ଅଭିମାନ ଆପେ ହୁଏ ଆପେ ମରେ, ଛାତି ତଳେ ତଳେ କେତେ କୋରଡ଼ ରଖିଯାଏ ଦିନୁଁ ଦିନ । ଦୁଃଖରେ ଭାଙ୍ଗି ପଡ଼ିଲା । ଯେଉଁ ଦିଉତୁ ଦିନେ ତାର ଯୌବନରେ ମୁଗ୍ଧ ହୋଇ ପ୍ରଣୟ ଦଉଡ଼ିରେ ଘୋଷାରି ଆଣିଥିଲା । ତାର ଆଜି ବି ପରିବର୍ତ୍ତନ, ପୁରୁଷ କେତେ ସୁବିଧାବାଦୀ, କୃତଘ୍ନ । ମନେ ମନେ ପୁୟୁ ଚିନ୍ତା କରି ହତାଶରେ ଆକାଶକୁ ଅନାଏଁ । ଅନେକ ପ୍ରଶ୍ନ ତା ମନରେ ଉଠେ, ତାର ଉତ୍ତର ପାଏନାହିଁ । ତାର ଅତୀତକୁ ଫେରିଯାଏ । ଚଇତି ଚେତନାରେ ମନ ଚଞ୍ଚଳ ହୋଇଉଠେ, ଯେଉଁଠି ନାଚରେ ଭାବ ଦିଆ ନିଆ ହୋଇଥିଲା ସେହି ସ୍ମୃତିରେ ଆମୋଦ ନିଏ । ପୁଣି ବର୍ତ୍ତମାନର

ଦୁଃଖର ଗଙ୍ଗମଞ୍ଚକୁ ଫେରିଆସେ । ଜୀବନଯୌବନର ଲୁଚକାଳି ମନରେ ଖୋଜେ । ମନେ ମନେ ପୁସ୍ନୁ ଚିନ୍ତା କରି ହତାଶରେ ଅକାଶକୁ ଅନାଏଁ ।

ତାର ସବୁ ଅତୀତ, ଅତୀତ ହୋଇ ରହିଯାଏ । ତାର ଆଖିରୁ ଅଶ୍ରୁ ବହେ । ତାର ବେଦନା ଶ୍ୱଶୁର ଲେଞ୍ଜୁକନ୍ଧ ଓ ନଣନ୍ଦ ପୁତୁଲି ଅନୁଭବ କରନ୍ତି । ଦିଉଡୁ ବିରୋଧରେ ଲେଞ୍ଜୁକନ୍ଧ ଅଭିଯୋଗ କରିଛି । ମାତ୍ର ଦିଉଡୁ ଜୈବିକ ତୃପ୍ତି ନେଇ ସବୁବେଳେ ଜାଗତିକ ସୁଖରେ ମଜ୍‌ଗୁଲ ରହିଛି । ସେ ବଂଶ, ସମାଜର ଶିଷ୍ଟାଚାର, କନ୍ଧ ସଂସ୍କୃତିକୁ ଖାତିର କରିନାହିଁ । ବେଳେ ବେଳେ ଦିଉଡୁ ଆସେ ମଦୁଆ ଅବସ୍ଥାରେ, ଯାହା ଇଚ୍ଛା ତାହା କହିଚାଲେ । ଦିଉଡୁର ଭୀମମୂର୍ତ୍ତି ଦେଖି ସେ ମନେ ମନେ ଭାବେ ଦିଉଡୁଠୁ ଅଲଗା ହୋଇ ଯାଆନ୍ତା । ତାର ମାଇକିନା ମନ ବ୍ୟାକୁଳ ହୋଇଉଠେ । ସ୍ୱାମୀ ସୁହାଗ ବିନା ସେ ହାହାକାର କରେ । କେବଳ ସବୁକିଛି ସହିଯାଏ ପୁତ୍ର ପାଇଁ । ସେ ଦିଉଡୁକୁ ପ୍ରାଣଦେଇ ଭକ୍ତି ଓ ଶ୍ରଦ୍ଧା କରୁଥାଏ । 'ସ୍ୱାମୀ ଗୁରୁ ସ୍ୱାମୀ ପରମ ବାନ୍ଧବ, ସ୍ୱାମୀ ସେବା ନାରୀର ଧର୍ମ'(ଗଂଗାଧର) ମନେ କରେ । କିନ୍ତୁ ତାର ବିନିମୟରେ ପାଏ ଦିଉଡୁଠୁ ଧିକ୍‌କାର ଆଉ ତାଚ୍ଛଲ୍ୟ । ପୁସ୍ନୁ ମଉନରେ ଲୁହ ପୋଛେ । "ତାର ଯୌବନ କାହିଁ ? ସ୍ୱାସ୍ଥ୍ୟ କାହିଁ ? ପୁସ୍ନୁ ନିରାଶ ହୋଇଥିଲା । ବୁଝିଥିଲା, ସବୁ ଯାଇଛି ଆଉ ଫେରାଇ ଆଣିହେବ ନାହିଁ ।ଯେତେ ଚେଷ୍ଟା କଲେ ।"

ନଣନ୍ଦ 'ପୁତୁଲି' ହିଁ ତାର ଏକମାତ୍ର ଥିଲା ସାକ୍ଷୀ ଓ ପୁଅ ହେଉଛି କୋଳର ସାଥୀ ।ସେ 'କିଟିଗାଁର' ବିଶୁ ସାଓଁତା ସହିତ ଚଇତି ପର୍ବ ବେଳେ ଉଦ୍‌ଲିଆ ଚାଲି ଗଲା ।ପୁସ୍ନୁ ନଣନ୍ଦକୁ ହରାଇ ମର୍ମାହତ ହେଲା । ପୁଣି ଲେଞ୍ଜୁକନ୍ଧ ହୋଇଛି ଘରୁ ବିତାଡିତ ।ଏକାକିନୀ ।କଥାନାରୀର କଥା,ଉତ୍ତର ଦେବାକୁ କେହି ନାହିଁ ।ଜୀବନ ଜେଲରେ ଛଟପଟ ହୋଇଛି । ଏଇଠି ନାରୀର କି ଦାରୁଣ ଜୀବନ ଅନୁମେୟ ।

ନାନ ମନସ୍ତାପ ନେଇ ପୁସ୍ନୁ ଅସୁସ୍ଥ ହୋଇପଡ଼ିଛି । ଦୀର୍ଘ ପନ୍ଦର ଦିନପରେ ହେଲା ସୁସ୍ଥ । ଜଡ଼ିବୁଟି ଔଷଧ ଖାଇଲା ଆଉ ମନେକଲା ଚତାଗୁଡ଼ି (ସୀତାଦେବୀ) ଓ ବେଜୁଣୀ ବୁଢ଼ୀର ଆଶୀର୍ବାଦରେ ଭଲ ହୋଇଛି । ସେ ଭଲ ହେବା ପରେ ତାର ଦୁର୍ବଳ ଶରୀର ଆହୁରି କଳାକାଠ ପଡ଼ିଯାଇଛି ଏବଂ ନିଜର ଚେହେରାକୁ ନିଜେ ଦେଖି ମର୍ମାହତ ହୋଇଛି । ଏତିକିବେଳେ ଦିଉଡୁ କଟୁଗିରେ ହାଣିଲା ପରି କଥା କହିଲା । "ଅଙ୍ଗାର ମୁହଁକୁ ହାଙ୍ଗା (ହଳଦୀ) ଲେପି କି ଲାଭ ?" ଏଥିରେ ପୁସ୍ନୁ କଇଁ କଇଁ ହୋଇ କାନ୍ଦି ଉଠିଲା । ଜରୁଆ ଦେହ, ଦୁର୍ବଳ ମନ ଭାଙ୍ଗି ପଡ଼ିଲା, ମନରେ କୋହ କାଢ଼ି କହିଲା, "ମନେ ହୋଇଛି ତ ଆଉ କେଉଁଠୁ ସୁନାମୁହିଁ କନିଆଁ ଆଣି ତୁମେ ବିଭା ହେଉନା; ମୁଁ କଣ ମନା କରୁଛି ନା ମୁଁ ତୁମ ବାଟରେ ବସିଛି ।"(୧୪)ପୁଅ ହାସିନା ମାଁର ଲୁହ ଦେଖିପାରେ ନାହିଁ କି ବେଦନା ଜାଣିପାରେ ନାହିଁ ।ସେ ଶିଶୁ । ଏପରି ବାକ୍‌ବିତଣ୍ଡା, ଯୁକ୍ତିତର୍କ, ଅପମାନର ତାଚ୍ଛଲ୍ୟର ଶିକାର ହୋଇଛି ପୁସ୍ନୁ । ସେ ଅବହେଳିତ, ଅସହାୟ ବୋଲି ଗଭୀର ଅନୁଭବ କଲା । ସେ ଏକା । ଶିଶୁ ପୁତ୍ର ହିଁ ଆଖିର ପିତୁଳା, ଜୀବନର ସହାୟ । ସେ ସ୍ୱାମୀର ସେବା ପାଇଁ ଆଗ୍ରହୀ ହୁଏ । ଟିକିଏ ସୁଯୋଗ ପାଇଲେ ସେବାର ତ୍ରୁଟି କରେ ନାହିଁ । କିନ୍ତୁ ସ୍ଥାନ କାଳ ପାତ୍ର ଦେଖି ଆସଙ୍ଗ ଲିପ୍‌ସାରୁ ଦୂରେଇ ରହେ । ଏହା ହେଉଛି ପୁସ୍ନୁର ଦୋଷ । ଆଉ ଯିଏ ଦିନେ 'ପରୀ' ପରି ରୂପରେ ଦେଖା ଯାଉଥିଲା, ଯା'ର ତନୁ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ଦିଉଡୁ କହିଥିଲା, 'ତୁ ଫୁଲ ପରି ସୁନ୍ଦରୀ । ତୋ

ବିନା ଝୁରି ଝୁରି ମରିଯିବି ।' ସେହି ପୁୟୁ ଅତୀତର ଶାରୀରିକ ସୌନ୍ଦର୍ଯ୍ୟ ହରାଇ ମ୍ଳାନ, ବିକଟ ହୋଇଯିବା ଫଳରେ ଦିଉତୁ ସେହି ପୁୟୁଠାରୁ ଅଲଗା ହୋଇଯାଇଛି । ଚାଟୁକାର ବାଣୀ ଦିଉତୁ ଭୁଲି ଯାଇଛି । ଆଉ ତାକୁ ପାଦରେ ଠେଲି ଦେଇ ଉଦୁଲିଆ ନେଇ ଆସେ ପୁୟୁଟିକୁ । 'ପୁୟୁଟି' ଯେମିତି ଦିଉତୁର ଦ୍ୱିତୀୟ ପତ୍ନୀ ହୋଇ ଆସେ, ପୁୟୁର ସବୁ ବାଦ ଅପବାଦର ଦୁରମୁସ୍‌ରେ ଛାତି ଫାଟିଯାଏ । ଦେଖିଲା ଦିଉତୁ ଓ ପୁୟୁଟିର ହସ ଓ ଆନନ୍ଦ । ସେ ତାର ଧାଙ୍ଗଡ଼ୀ ଜୀବନକୁ ଓ ପୁୟୁର ପତ୍ନୀତ୍ୱକୁ ସମାଧି ଦେଇ, ନିଜେ ମଧ୍ୟ ଦିଉତୁକୁ ଦୂରେଇ ଦେଇ ଚାଲି ଆସିଲା । ସେ ମନେ କଲା କନ୍ଧର ପଦେ କଥା, "ମୋର ତୁମଠିଁ ମନ ନାହିଁ ।" ତାପରେ ଆଉ କଣ ରହିଲା ? କିସାର୍ଥ ତାର ଏ ଗାଁରେ ?"(୧୫) ବ୍ୟଥାହତ ମନରେ ହାକିନାକୁ କୋଳକୁ ନେଲା, ଭାବିଲା ଜଗତରେ ସମସ୍ତଙ୍କ ପାଇଁ ସ୍ଥାନ ଅଛି । ଟିକି ଚଢ଼େଇ ଓ ପିମ୍ପୁଡ଼ି ମଧ୍ୟ ବଞ୍ଚି ରହନ୍ତି । ଦମ୍ଭ ଭରି ଆସିଲା । ହତାଶ ଭାବେ ଦୁରେଇଗଲା । ପାହାଡ଼ୀ କନ୍ୟା ସେ । ଖଟି ଖାଇବ । ଅଣ୍ଟା ଭିଡ଼ି ପାହାଡ଼ ଚଢ଼ିଯିବ । ସେ ସାଧୀନ ଓ ନିର୍ଭୀକ । ତାର ଘର ସଂସାର, ଆଶ୍ରୟର ପୁରୁଷ, ସବୁ ହେଲା ସପ୍ନ । ପାଣ୍ଡୁ ଦିଶାରୀର ଦର୍ଶନକୁ ମନେ ପକାଇ କହି ଚାଲିଲା, "ଜୀବନରେ ସାଦୁ ଅଛି, ମରଣ ନାହିଁ, ଦୁଃଖ ନାହିଁ ।" (୧୬)

ପୁୟୁ ନାରୀର ମର୍ଯ୍ୟାଦା ଓ ନାରୀତ୍ୱକୁ ସମ୍ବଳ କରି ଦିଉତୁ ଘରୁ ଚାଲି ଯାଇଛି । ହତାଶ ହୋଇନାହିଁ । ଜୀବନ ପ୍ରତି ତାର ଗଭୀର ବିଶ୍ୱାସ । ସେହି ବିଶ୍ୱାସ ହିଁ ତାକୁ ପ୍ରେରଣା ଦେଇଛି ବଞ୍ଚିବା ପାଇଁ । ସେ, "ମରିତେ ଚାଇନା ଆସି ସୁନ୍ଦର ଭୁବନେ, ମାନବେର ମାଝେ ଆମି ବଞ୍ଚିବାରେ ଚାଇ" ବିଶ୍ୱକବି ରବିନ୍ଦ୍ରନାଥ ଠାକୁରଙ୍କର ଏହି ଦର୍ଶନ କନ୍ଧର କେଉଁ କାଳରୁ ଆଦର୍ଶ ହୋଇ ରହି ଆସିଛି । ପୁଣି "ସାମୀ ଗୁରୁ, ସାମୀ ପରମ ବାନ୍ଧବ, ସାମୀ ସେବା ନାରୀର ଧର୍ମ ।" ଦାର୍ଶନିକ କବି ଗଙ୍ଗାଧର ମେହେରଙ୍କ ବାଣୀ ସତେ ଯେପରି ପାହାଡ଼ୀ ଝିଅର ମର୍ମେ ମର୍ମେ ଜୀଇଁ ରହିଛି । କନ୍ଧ କନ୍ୟା ମନର ଅମେଳ ହେଲେ ଗୋଟାଏ ପଦରେ ସାମୀକୁ ଛାଡ଼ପତ୍ର ଦେଇପାରେ କିନ୍ତୁ ପୁୟୁ ସେହି ଭୁଲ କରିନାହିଁ । ସାମୀର ସୌନ୍ଦର୍ଯ୍ୟପ୍ରିୟତା ଓ ଭୋଗବିଳାସକୁ ବାଧା ନଦେଇ ପଥ ଉନ୍ମୁକ୍ତ କରି ଦେଇଛି । ସାମୀର ସାର୍ଥରେ ବାଧାଦେବା ନାରୀର ଧର୍ମ ନୁହେଁ । ସେ ସର୍ବଂସହା । ସବୁ ସହି ଜଗତକୁ ସୁନ୍ଦର କରିବା ତାର ଧର୍ମ । ସେ ସାମୀକୁ ବିରୋଧ କଲେ ବା ଛଳନା, କପଟ, ବିଟପୀ ରୁପ ନେଲେ ନାରୀର ଜୀବନ ବ୍ୟର୍ଥ । ସେ ସୀତା, ସାବିତ୍ରୀ, ପାର୍ବତୀ, ପଦ୍ମିନୀ, ଅରୁନ୍ଧତୀ, ଅନୁସୂୟା ପଦବାଚ୍ୟ ହୋଇ ପାରିବନି ବରଂ କଳଙ୍କିନୀ ହୋଇ ରହିବ ସମାଜରେ । ଆତ୍ମାକୁ ଠକି ପାରିବ ନାହିଁ । ପାହାଡ଼ି କନ୍ୟାର ବହୁତ ବିବେକ କହିଛି । ଯଥାର୍ଥରେ ଏଠାରେ ଆଦିବାସୀ ନାରୀ ତ୍ୟାଗର ମୂର୍ତ୍ତିମନ୍ତ ଦେବୀ ପୁୟୁ । ପାହାଡ଼ ପରି ଦୃଢ଼ । ଫୁଲପରି କୋମଳ । "ଜୀବନର ପ୍ରାଚୁର୍ଯ୍ୟ କେବଳ ବୈଭବ ଓ ଭୋଗ ଉଲ୍ଲାସର ପ୍ଲାବନ ଭିତରେ ନଥାଏ । ଥରିଲା କଣ୍ଠରେ ବୁକୁଫଟା ରାଗିଣୀ, ଅକୁହା ଉନ୍ମାଦ ଓ ବାସ୍ତବ ନିର୍ଯ୍ୟାତନାରେ ଆଉଟା ଆଉଟି ହୋଇ ଜୀବନ ଗଢ଼ିଚାଲେ ।"(୧୭) ଏଇ ପରିପ୍ରେକ୍ଷୀରେ ପୁୟୁର ଚରିତ୍ରରେ ନାରୀ ଚରିତ୍ରର ବୈଶିଷ୍ୟ ରହିଛି । 'ହାକିନା' ପକ୍ଷରେ ମାତା ଧର୍ତ୍ତିନୀ । ସେ ତା କୋଳର ଧର୍ମୁ । ମା'ର ମମତା ହିଁ ସନ୍ତାନର କାମ୍ୟ । ସେ ଆଉ ତାର ମାଁ । ବାପର ସ୍ନେହ କଣ ଜାଣି ନାହିଁ । ଯଦିଓ ବାପକୁ ନେଇ ତାର ପରିଚୟ । ମାଆକୁ ଛାଡ଼ି ପାରିନାହିଁ । ମାଆ ହିଁ ପୁଅର ସମ୍ପତ୍ତି ଏବଂ ସନ୍ତାନ ହିଁ ମାଆର ଭରସା । କଥାରେ ଅଛି "ମାଆର ଖୁଦ ମୁଠା, ବାପର ସୁନା ମୁଣ୍ଡା ।" ବାପାର ସୁନା, ଅର୍ଥ ଅପେକ୍ଷା ମାଆର ମମତାର ଖୁଦମୁଠା ତାକୁ ଜୀବନ ଦିଏ । ସାନ୍ତ୍ୱନା ଦିଏ ।

ଫଳରେ ପୁୟୁର ଶେଷ ସ୍ମାରକୀ ହୋଇଛି ପୁଅ ହାକିନା । ମାତୃତ୍ୱ ହିଁ ନାରୀର ଗୌରବ । ସେ ତାକୁ ନେଇ ତା ପିଲାଦିନର ପ୍ରିୟ ମାଟି 'ମିଟିଂ ଗାଁକୁ' ଚାଲି ଆସିଲା । ସେଇଠି ପାଇଲା ପାହାଡ଼ର ଧୈର୍ଯ୍ୟ ଓ୍ ଔଦାର୍ଯ୍ୟ ଓ ଗ୍ରାମ୍ୟ ମମତା ସ୍ନେହ । ନାରୀର ଶେଷ ଭରସା ତାର ସନ୍ତାନ, ମାଁ ଓ ମାଟି । ଛୋଟ ଗାଁର ତାର ବିଶ୍ୱ । ସେ ତାର ଭଗବତୀ ମା । ଏଣୁ ସୀତା ପରି ଆଦରି ନେଇଛି ଧରିତ୍ରୀକୁ । ଗୋପୀବାବୁଙ୍କ ଆଶା, ପୁୟୁ କୋଳରେ ହାକିନା କିଏ ଜାଣେ, ମେରୀ କୋଳରେ ଯୀଶୁ ?

ଗୋପୀବାବୁ ବନଗହନର ଆଦିମ ସମାଜରୁ ପବିତ୍ର ସୁନ୍ଦର ନାରୀ ଚରିତ୍ରଟିଏ ଆବିଷ୍କାର କରି ତ୍ୟାଗ, ସେବାର ମାତୃମୂର୍ତ୍ତି, ଦିଉଡୁର ସର୍ବଂସହା ଜାୟାକୁ କାଳଜୟୀ ରୂପ ଦେଇଛନ୍ତି । ଅନ୍ତଃହୀନ ଶକ୍ତି ସହନଶୀଳତା, ଜୀବନଲୋଭୀ ବନବାସିନୀର ଅନ୍ତରାଳରେ ସାର୍ବଜନୀନ ନାରୀ ରୂପର ଏ ବିଶିଷ୍ଟ ନାୟକ ପ୍ରକାଶ ଉପନ୍ୟାସର ଅନ୍ୟତମ ଆକର୍ଷଣ ।

ସୁତରାଂ ଗୋପୀବାବୁଙ୍କ ନାରୀ ଚରିତ୍ର 'ଗ୍ୟାଲାକ୍ସି' ଭିତରେ ପୁୟୁ ହେଉଛି ଏକମାତ୍ର ଚରିତ୍ର ଯାହାର ମାତୃ ହୃଦୟର ଅରିଲା ବିଳାପ ପ୍ରତିଷ୍ୱାରେ ପ୍ରତିଧ୍ୱନିତ ହୋଇ ଉଠିଛି ।(୧୮)

**ଦିଉଡୁ ଚରିତ୍ର ଓ ସମୀକ୍ଷା:-**

ଅମୃତ ସନ୍ତାନ ଉପନ୍ୟାସର ମୁଖ୍ୟ ଚରିତ୍ର ହେଉଛି 'ଦିଉଡୁ' । ସେ ସରବୁ ସାଓଁତାର ଏକମାତ୍ର ପୁତ୍ର । ପିତା ପରେ ସେ ହେଲା ପରମ୍ପରା କ୍ରମେ ସର୍ଦ୍ଦାର । ଗାଁର ମୁଖ୍ୟ ବ୍ୟକ୍ତି । ସରବୁ ସାଓଁତାର ପୁଅ ହେଲେ ମଧ୍ୟ ପିତାର ମୃତ୍ୟୁ ପରେ ତାର ଚରିତ୍ରର ହୋଇଛି ପରିବର୍ତ୍ତନ । କ୍ରମେ ତାର ଉଦାମ ଯୌବନ, ଭୋଗ ବିଳାସ ପାଇଁ ଆକାଂକ୍ଷିତ ହୋଇଛି । ତା'ଠାରେ ଆଦର୍ଶ, ନୀତି ଦେଖିବାକୁ ମିଳିନାହିଁ । ସେ ଏକ ଦୁର୍ନିବାର ଯୁବକ । ସେ ନିଜର ସ୍ୱାର୍ଥ କଥା କେବଳ ବୁଝେ । ପୁତ୍ର, ପତ୍ନୀ, ବନ୍ଧୁ, ଆତ୍ମୀୟ ବା ଆଶ୍ରିତ ପ୍ରଜାଙ୍କ ପ୍ରତି ତାର କୌଣସି, ପ୍ରକାର ଆନ୍ତରିକତା ନାହିଁ । ସେ ବ୍ୟକ୍ତି ସର୍ବସ୍ୱ, ଆତ୍ମକୈନ୍ଦ୍ରିକ, ସୁବିଧାବାଦୀ । ସେ ତାର ସ୍ତ୍ରୀ ପୁୟୁକୁ ଆଉ ଭଲ ପାଇନାହିଁ । ପୁୟୁ ତାର ଦି ଆଖିର ଖେଣ୍ଟା । ସେ ପୁରୁଷ; ସେ ଫୁର୍ତ୍ତି ଚାହେଁ । ସେ ଚଷୀ, ଭୂଇଁ ତାଡ଼େ, ଡୋକେ ପିଏ, ତା'ପରେ ଖୋଜେ ସଙ୍ଗୀ ।(୧୯) ଏ ହେଉଛି ଦିଉଡୁର ଜୀବନ କଥା । ଏଣୁ ସଂଯମ ବା ବଂଶ ଗୌରବର ମର୍ଯ୍ୟାଦା ରଖିବାର ସଚେତନ ହୋଇନାହିଁ । ତାର ଚରିତ୍ର ପରିବାର ତଥା କନ୍ଧ ପଲ୍ଲୀ ପାଇଁ ଏକ ଆତଙ୍କ ଆଉ କଳଙ୍କ । ତାର କାମନା ଚିରଦିନ ଅତୃପ୍ତ । ପୁୟୁ ତାକୁ ଘେନିଲା ନାହିଁ ବୋଲି ଭାବେ । ତାର ପଶୁ ମନ ସବୁବେଳେ ଚଇତିନିଶା ଓ ମଦରେ ମାତାଲ ହୋଇ ଉଠିଛି । ପୁୟୁ ପ୍ରତି ତାର ଆଉ ପୂର୍ବ ଶ୍ରଦ୍ଧା, ଆସକ୍ତି ନାହିଁ । ପୁୟୁ ଆଗେଇ ଆସିଲେବି ଦିଉଡୁ ପଛେଇଛି । ଯେହେତୁ ତାର ରୁଚି ଅନୁସାରେ ପ୍ରେମ ମମତା ପାଉନାହିଁ । ଆଦିବାସୀ ଲୋକ କେବଳ ମଉଜ ମଜଲିସ ଚାହେଁ । ସେ ଗରିବ ହେଉ କି ଧନୀ, ସତତ୍ ଖୋଜେ ଭୋଗ ଆଉ ମଦ । ସେ ଧର୍ମ, ନୀତି ସତ୍‌ସଂଗ ହରାଇ ଜୀବନକୁ ମନ୍ଦ ବିଳାସ ଆଡ଼କୁ ଟାଣି ହୋଇଛି । ଏଣୁ ହରାଇଛି ଧର୍ମ- ମାନ- ମର୍ଯ୍ୟାଦା । ବାସ୍ତବରେ ପୁୟୁ ପରି ନାରୀ କନ୍ଧ ସମାଜରେ ଯେପରି ବିରଳ, ଦିଉଡୁ ପରି ପୁରୁଷ ଚରିତ୍ର ମଧ୍ୟ ତତୋଧିକ ଶଇତାନ୍ । ତା ମନରେ ବାଘର କାମନା, ସ୍ୱାର୍ଥରେ ଅଦିନିଆ ମେଘର ଗର୍ଜନ, ଆତ୍ମୀୟ ତଥା ପ୍ରଜାକୁଳକୁ ପ୍ରତିହିଂସା ଆଉ ପଟକାର । ସେ ଜାତିର ଶୋଷକ, ଅପହରଣକାରୀ ଅଧିକାରୀ ସାଜିଛି । ସେ ଧନ, ଯୌବନ, ଅବିବେକିତାର ପ୍ରତନିଧିତ୍ୱ କରିଛି ।

ହେଲେ ସେ ଅତିଥି ପ୍ରିୟ । ଅତିଥିଙ୍କୁ ଆଦର କରିବା ଗୁଣରେ କନ୍ଧ ସମସ୍ତଙ୍କୁ ଟପିଯାଏ । ବନ୍ଦିକାରିଆ ହାର୍ଗୁଣା ପ୍ରତି ତାର ଭଦ୍ରତା, ସତ୍‌କାରରୁ ଜଣାପଡ଼େ । ତାର ପ୍ରତାପରେ କକା ଲେଞ୍ଜୁକନ୍ଧ ବିତାଡ଼ିତ ହୁଏ । ଭଉଣୀ ପୁବୁଲିର ସାଙ୍ଗୀ ପୁଲେମେଁ ତା' ଦ୍ୱାରା ଧର୍ଷିତା ହେବାର ସମ୍ମୁଖୀନ ହୁଏ । ଗାଁ ବାରିକ ଭୃର୍ଷା ମୁଣ୍ଡାର ପୁତ୍ର ବଧୂ ସୋନାଦେଇ ପ୍ରଣୟର ଶିକାର ହୁଏ । ନାରୀ, ମଦ, ମାଂସ ଭୋଗ କେବଳ ତାର ଜୀବନର ଲକ୍ଷ୍ୟ । ନାଲି ଆଖି ଦେଖାଇ ପ୍ରଜାମାନଙ୍କୁ ନିଜର କ୍ଷେତ୍ରରେ ବେଠିଆ ଖଟାଏ । ସାହୁକାର ଅଧିକାରୀ ମାନଙ୍କ ସହିତ ହାତ ମିଳାଇ ମୁଖ୍ୟ କାର୍ପଟଦାର ସାଜି ଶୋଷଣ କରେ । ଗରିବ ଚାଷୀଠାରୁ ପଇସା ମାରି ଗର୍ବିତ ହୁଏ । ସ୍ଥାନ, କାଳ, ପାତ୍ର ବିଚାର ନକରି ଉନ୍ମାଦ ପରି ପୁୟୁ ଉପରେ ବ୍ୟଭିଚାର ପାଇଁ ଆକ୍ରମଣ କରେ । ଲୋକେ ଏ ସବୁ ଜାଣି ଲଜିତ ହୁଅନ୍ତି । ମାତ୍ର 'ସବ୍‌ସେ ଭଲା ଚୁପ୍‌' ରୁହନ୍ତି । ସେମାନେ ଦେଖଣାହାରି ।

ସେ ଚାହେଁ ଧାଙ୍ଗଡ଼ା ପରି ଚଇତି ରାତିରେ ନାଚନ୍ତା, ଫୁର୍ତ୍ତି କରନ୍ତା, ମଦ ପିଇ ମାତାଲ ହୋଇ ଲୋଟିଯାଆନ୍ତା । ଆଉ ଅତୀତର ପୁୟୁ ଯୌବନର ଫୁଲ ସୌରଭରେ ହଜି ଯାଆନ୍ତା । କିନ୍ତୁ ସେ ମଧୁର ଚାହାଣି, ଚଇତି ରାତିର ଜହ୍ନ ଆଉ ଫେରି ଆସି ନାହିଁ । ସେ ଯୌନ କ୍ଷୁଧାରେ ପୁୟୁ ଶୋଇଥିବା ଅବସ୍ଥାରେ ବାଘପରି ଘୋଷାଡ଼ି ଆଣିଛି । ମାତ୍ର ପୁବୁଲି ଓ ପୁଅ ହାକିନା ଯୋଗୁଁ ହତାଶରେ ଫେରି ଯାଇଛି । ଏଣୁ ସେ ପୁୟୁଠାରୁ କ୍ରମେ ଦୂରେଇଯାଇ ଖୋଜିଛି ଆଉ ଏକ ଜୀବନ ସାଥୀ ଏବଂ ପାଇଛି ଚଇତି ପର୍ବର ଶିକାର ଅବସରରେ ପୁୟୁଟିଙ୍କୁ । ତାର ପ୍ରେମରେ ବୁଡ଼ି ଯାଇଛି । "ସେହି ବୁଭୁକ୍ଷା, ଭିକାରୀର ଦୁର୍ବଳ ଭୋକ ନୁହେଁ, ଶିକାରୀର ବଳିଷ୍ଠ ଭୋକ, ଯହିଁରେ ଆହୁତି ପାଏ ଆପଣାର ସ୍ଥୁଳ ବ୍ୟକ୍ତିତ୍ୱ ମେଦ, ଅସ୍ଥି, ରକ୍ତ ସବୁ । (୨୦) ଏଥିରେ ତାର ଯୌନ କାମନା, ଭୋଗ ବିଳାସର, ତାର ବ୍ୟକ୍ତିତ୍ୱ ସ୍ପଷ୍ଟ ହୋଇଛି । ଏ ତାର ପାଶବିକତାର ସ୍ୱରୁପ ।

ଦିଉଡୁ ପୁୟୁଟି ପରି ସୁନ୍ଦରୀକୁ ପାଇ ନିଜର ପତ୍ନୀ, ପୁତ୍ର ତଥା ସାଓଁତା ପଣର ଗୌରବକୁ ଜଳାଞ୍ଜଳି ଦେଇଛି । ସେ ଖୋଜିଛି ଗୋଟିଏ ପରେ ଗୋଟିଏ ଦେହ ଆଉ ଗୋଟାଏ ମନ ଯେଉଁଠି ରହିଛି ଆନନ୍ଦର ପ୍ରାଚୁର୍ଯ୍ୟ । ସତେ ଯେପରି କେବଳ ନାରୀ ଦେହ ହିଁ ତାର କାମ୍ୟ । ଚିଙ୍ଗୁଡ଼ି ମାଛ, କାଇପୋକ, ବା ମାଇରିକା, ହନୁମାଙ୍କଡ଼ର ମାଂସ, କଞ୍ଚା ମହୁଫେଣା, କଡ଼ା ମହୁଲି ମଦ । ଖାଦ୍ୟର ବାସ୍ନା ପବନରେ ଉଡ଼ି ଆସିଲେ ତାର ଭୋକ ବଢ଼େ ।" (୨୧) ସତେ ଯେପରି ବାଘ ଶିକାର ଲୋଭରେ ଜିହ୍ୱା ଲମ୍ବାଇଦିଏ । ଦେହ ଭୋଗ ତାର କାମ୍ୟ । ମଦ ତାର କାମନାର ଅଗ୍ନି ।

ଏଣୁ ସେ ସୁନ୍ଦରୀ ଦିଓଟିଙ୍କୁ, ଦ୍ୱିତୀୟ ଜୀବନସାଥୀ ଭାବରେ ନେଇ ଆସିଛି ଏବଂ କହିଛି, କନ୍ଧ କୁଳରେ ଦୁଇଟି ତିନୋଟି ସ୍ତ୍ରୀର ସ୍ୱାମୀ ହେବାରେ ଆପତ୍ତି ବା ବାଧା ନାହିଁ । ମାତ୍ର ପୁୟୁ ଏହା ବିରୋଧରେ ନୀରବ ପ୍ରତିବାଦ କରି 'ହାକିନା'କୁ ନେଇ ଚାଲିଯାଇଛି । ଏକ ପତ୍ନୀବ୍ରତ ବା ପତିବ୍ରତାକୁ ସେ ସମର୍ଥନ କରିଛି । ଏଣୁ ସେ କଟାଇଛି ସାଧୀନ ଜୀବନ । ସୀତା ପରି କଟାଇଛି ଜୀବନ ତ୍ୟାଗ କ୍ଳନ ମଧ୍ୟରେ । ସେ ସ୍ୱାତନ୍ତ୍ର୍ୟ ହରାଇ ନାହିଁ । ସଉତୁଣୀର ଆନନ୍ଦ ଉପଭୋଗରେ ବାଧା ଦେଇନାହିଁ । ସ୍ୱାମୀ ପ୍ରତି ମଧ୍ୟ ପରୋକ୍ଷରେ ଅଭିଯୋଗ କରି ନାହିଁ । ଭାଗ୍ୟ ଆଦରି ନେଇଛି, ଛାତିକୁ ପଥର କରି । ସନ୍ତାନ ହିଁ ତାର ସର୍ବସ୍ୱ ।

ମାତ୍ର ଦିଉତ୍ରୁ ହେଉଛି ଏପରି ଏକ ଜାନ୍ତବ ଚରିତ୍ର । ଏଣୁ ଗୋପୀବାବୁ ବାଘ ସହିତ ଦିଉତ୍ରୁର ବ୍ୟକ୍ତିଗତ ଜୀବନକୁ ତୁଳନା କରିଛନ୍ତି । ବାଘ ହିଂସ୍ର । ତାର ଯୌବନ ପର ପୀଡ଼ନମୟ । ଏଣୁ ତାର ଅଭିବ୍ୟକ୍ତି ହିଂସ୍ର । ଏହି ଭାବରେ ରୂପ, ରସ, ଗନ୍ଧର ଆଘ୍ରାଣ ମଝିରେ ବାଘର ଆବିର୍ଭାବ । ଏପରିକି ଯୌନ କ୍ଷୁଧା ଇନ୍ଦ୍ରିୟ ଉପଲବ୍ଧିରେ ଏତେ ପ୍ରବଳ ଯେ, ସଶରୀରରେ ବାଘଟିଏ ମାତେ (୨୨) ।" ସେ ମଦାନ୍ଧ । କାମାନ୍ଧ, ତାମସିକ ପଶୁମନ ନେଇ ଉଗ୍ର ହୋଇ ଉଠିଛି । ତାର ଆଚରଣ, ଚରିତ୍ରର ବଣୁଆ ମଣିଷର ଚିତ୍ର 'ବାଳି' ପରି ରୂପ ନେଇଛି । ଏପରି ବ୍ୟକ୍ତିର ଚରିତ୍ର ସମାଜ, ପରିବାର ପାଇଁ କଳଙ୍କ । ଆଜିର ସମାଜରେ ଏପରି ବ୍ୟକ୍ତିମାନଙ୍କର ଅଭାବ ନାହିଁ ।

ମଦାନ୍ଧ, ତାମସିକ, ପଶୁମନ ତାର ଉଗ୍ର ହୋଇଉଠିଛି । ଦିଉତ୍ରୁ ବାଘ ପରି ଯୌନ ଲାଳସାରେ କିପରି ଆକାଂକ୍ଷିତ, ସେ ସଂପର୍କରେ ଗୋପୀବାବୁ ଏକ ସୁନ୍ଦର ଚିତ୍ର ପ୍ରଦାନ କରିଛନ୍ତି । ଦିଉତ୍ରୁ ସୁନ୍ଦରୀ ଯୁବତୀ ଦେଖିଲେ କିପରି ତାର ମଦୁଆ ମାଦକତାରେ ଭରିଉଠେ ତାର ଏକ ମନସ୍ତାତ୍ତ୍ୱିକ ଚିତ୍ର । "ଦିଉତ୍ରୁର ଇଚ୍ଛା ହୁଏ ଝରଣା ପାଖ କୁଦ ଉପରେ ବସି ଅନାଇଁ ଅନାଇଁ ଗର୍ଜନ କରି କରି ସେ ବି ଲାଞ୍ଜ ପିଟନ୍ତା, ବୁଝାଇ ଦିଅନ୍ତା ମାଣିଆକା ବଂଶର ସବୁ ସାଓଁତାର ପୁଅ ଦିଉତ୍ରୁ ସାଓଁତା ସେ ନୁହେଁ, ସେ କି ବନ୍ଦୀକାରକୁ ଖାତିର କରେ ? ଲାଞ୍ଜ ପିଟନ୍ତା, ତାର ଲାଞ୍ଜ ନାହିଁ, ବାକି ସବୁ ଅଛି ।(୨୩) ଏଇଠି ଦିଉତ୍ରୁ ଭିନ୍ନ ଉପାଦାନର ମଣିଷଟିଏ । ତା ମନରେ ଜାନ୍ତବ ଚେତନା ଜାଗି ଉଠିଛି । ମନରେ ଚେଇଁଛି ଗର୍ବ, ଅଭିମାନ । ସେ ସତେ ଯେପରି ତାର ନିଜ ଇଚ୍ଛା ପୂରଣ ପାଇଁ ବାଘ ରୂପରେ ଦଣ୍ଡାୟମାନ ହୋଇଛି । ଲାଞ୍ଜ ବିହୀନ ପଶୁଟିଏ । ସେ ସୌନ୍ଦର୍ଯ୍ୟ ପ୍ରତି ଯେପରି ଆକୃଷ୍ଟ ତାକୁ ଧ୍ୱଂସ କରି ଦେବାକୁ ମଧ୍ୟ ପ୍ରସ୍ତୁତ । ତେବେ ସେ ମଣିଷ । ତାର ବଣୁଆ ମନୋଭାବ ବାଘର ବର୍ବରତା ରୂପରେ ଆତ୍ମ ପ୍ରକାଶ ପାଇଛି । ଏହା ବଣୁଆ ଧାଙ୍ଗଡ଼ାର ବାସ୍ତବ ଚିତ୍ର ଓ ଚରିତ୍ର । ବାସ୍ତବରେ ନୂତନ ସ୍ୱାଦ, ନୂତନ ସୌନ୍ଦର୍ଯ୍ୟ, ନୂତନ ଜୀବନର ଅନୁସନ୍ଧାନୀ ହେଉଛି ଦିଉତ୍ରୁ । ସେ ପୁରୁଣାକୁ ଛାଡ଼ି ନୂଆଁକୁ ଧରିଥାଏ, ଦୁଃଖକୁ ଭୁଲି ଆନନ୍ଦକୁ ଧରିଥାଏ, ଚିରନ୍ତନ ମରଣ ସଙ୍ଗେ ମଲା ପର୍ଯ୍ୟନ୍ତ ବି ଯୁଝି ଯୁଝି ଖତମ୍ ହୁଏ ସେହି ଜଣ୍ଟେଇ, ତାର ମନ ଅଜେୟ ।(୨୪) ଏହା ହିଁ ଦିଉତ୍ରୁ ଚରିତ୍ର ବୈଶିଷ୍ଟ୍ୟ । ସେ ସରଳ, ଜନସେବୀ, ତ୍ୟାଗୀ ଭୀମ ଭୂୟାଁ ହୋଇପାରି ନାହିଁ । ତା' ପରି ଚରିତ୍ର ଆଜି ଆଦିବାସୀ ସମାଜରେ କେବଳ ନୁହଁ ସାଧାରଣ ସମାଜରେ ମଧ୍ୟ ବିରଳ । ମାତ୍ର ଦିଉତ୍ରୁ ଅନ୍ୟକୁ ମାଡ଼ି, ଦଳି, କୂଟ କପଟ କରି ଆତ୍ମ ସର୍ବସ୍ୱ ହୋଇଛି । ଔପନ୍ୟାସିକଙ୍କ ମାନସ ସମ୍ଭୁତ ହେଲେ ମଧ୍ୟ, ଏଭଳି ଦିଉତ୍ରୁମାନେ ଆଜିର ସମାଜର ଯଥାଯଥ ସ୍ୱୀକୃତି ପାଉଛନ୍ତି । ଚରିତ୍ର ମାନଙ୍କର ଅନ୍ତରାଳରେ ଆତଯାତ ଆଧୁନିକ ବନବାସୀଙ୍କର ଉପସ୍ଥିତି ଏତେ ଜୀବନ୍ତ ଓ ସ୍ୱାଭାବିକ ଭାବରେ ଅନ୍ୟ କୁତ୍ରାପି ଚିତ୍ରିତ ହୋଇନାହିଁ ।

**ଶିବ ଭାଇ :**

ପୃଷ୍ଠଭୂମି:- ଭାରତ ସ୍ୱାଧୀନ ହେବା ପରେ ସମାଜର ସର୍ବାଙ୍ଗୀନ ଉନ୍ନତି ପାଇଁ ଚେତନାର ନୂଆ ଜାଗୃତି ଦେଖାଗଲା । ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନ ଥିଲା, "ଜଗତରେ ରାମରାଜ୍ୟ ସ୍ଥାପିତ ହେବ, ରହିବ ନାହିଁ ହିଂସା, ଯୁଦ୍ଧ, ଅଶାନ୍ତି, ଅଭାବ ।"(୧)

ଏଣୁ ତତ୍‌କାଳୀନ ସନ୍ଥ ପୁରୁଷ, ମାନବବାଦୀ କର୍ମୀମାନେ ଜନଜାଗରଣ ଆଣିବାର ପ୍ରୟାସ କଲେ । ସେମାନଙ୍କ ଭିତରୁ 'ସନ୍ଥ ବିନୋବା ଭାବେ' ଅନ୍ୟତମ । ସେ ସର୍ବୋଦୟ ତଥା ଭୂଦାନ ଆନ୍ଦୋଳନ ମାଧ୍ୟମରେ ଶାନ୍ତି, ମୈତ୍ରୀ ଓ ସମବଣ୍ଟନ ଯଜ୍ଞ ଆରମ୍ଭ କରିଥିଲେ ।

ତାଙ୍କର ଏହି ଗ୍ରାମଦାନ ଆନ୍ଦୋଳନକୁ ଓଡ଼ିଶା ଖଣ୍ଡରେ ଆଚାର୍ଯ୍ୟ ହରିହର, ନବକୃଷ୍ଣ ଚୌଧୁରୀ, ରମାଦେବୀ, ମାଳତୀ ଦେବୀ ସ୍ୱାଗତ କଲେ ଓ ମହାତ୍ମା ଗାନ୍ଧୀ ଏବଂ ବିନୋବା ଭାବେଙ୍କ ଆଦର୍ଶକୁ ଓଡ଼ିଶାରେ ଅଭିନବ ରୂପ ଦେବାରେ ଲାଗିଲେ । ଗରିବ ଭୂମିହୀନଙ୍କ ମଧ୍ୟରେ ନୂତନ ଆଶାର ସଂଚାର ମଧ୍ୟ ହେଲା । ସେମାନେ ଜମି ଜଙ୍ଗଲ ପାଇ ସୁସ୍ଥ ଜୀବନ ଯାପନ କରିବେ । ଦାରିଦ୍ର୍ୟ ଦୂର ହେବ । ଏଇ ଆଶାରେ ପ୍ରବୃଦ୍ଧ ଥିଲେ ସଭିଏଁ ।

ସେତେବେଳେ ଗୋପୀନାଥ ବାବୁ କୋରାପୁଟ ଅଞ୍ଚଳରେ ଜଣେ ଉଚ୍ଚ ସରକାରୀ କର୍ମଚାରୀ ଭାବେ କାର୍ଯ୍ୟରତ ଥାନ୍ତି । ସେ ଜଣେ ମାନବବାଦୀ ଲେଖକ । କନ୍ଧ ପରଜା ଆଦିବାସୀ ଗୋଷ୍ଠୀଙ୍କର ଜୀବନ, ଦର୍ଶନ ସହିତ ଘନିଷ୍ଠ ଭାବେ ପରିଚିତ ଥିଲେ । ଏହି କ୍ରମରେ ସର୍ବୋଦୟ ଚିନ୍ତାଧାରା ସହିତ କନ୍ଧ ଦର୍ଶନର ସାମଞ୍ଜସ୍ୟ ଥିବା ସେ ଅନୁଭବ କଲେ । "ଭୂଦାନର ସମାଜ ଦର୍ଶନ କନ୍ଧ ଦର୍ଶନ ସହିତ ଖାପ ଖାଇଲା । କନ୍ଧ ଦେଶ ମାତି ଉଠିଲା ଭୂଦାନ, ସର୍ବଦାନ ନିଶାରେ ।"(୨)

କାରଣ ସରଳ ଆଦିବାସୀଙ୍କ ମଧ୍ୟରେ ଯୁଗ ଯୁଗ ଧରି ଗଣତାନ୍ତ୍ରିକ ଚିନ୍ତାଧାରା ତଥା ସାମ୍ୟ ସାମାଜିକ ମନୋଭାବ ରହିଛି । କାହାର ଦାରିଦ୍ର୍ୟ ଅଭାବକୁ ସାଧାରଣତଃ ଆଦିବାସୀ ବରଦାସ୍ତ କରିପାରେ ନାହିଁ । ବାଣ୍ଟିକୁଣ୍ଟି ଯାହା ମିଳେ ସମସ୍ତେ ଭାଗ ବାଣ୍ଟି କରି ଖାଆନ୍ତି । ଏପରିକି ମାଂସ, ମଦ, ଫଳମୂଳ, ଖାଦ୍ୟ ମଧ୍ୟ ଅନ୍ୟକୁ ଭାଗ ଦେଇ ଖୁସି ହୋଇଥାନ୍ତି । ଅନ୍ୟକୁ ସାହାଯ୍ୟ ସହଯୋଗ କରିବା ତାଙ୍କର ସାମାଜିକ ଚଳଣି । "ତାହାନ୍ ତିଞ୍ଜରା" ବାଣ୍ଟିକୁଣ୍ଟି ଖାଇବା, ଯେମିତି ଝୋଲାର ପାଣି (୩) । ଜଣେ ସୁଖରେ ଥିବ ଆଉ ଜଣେ ଦୁଃଖରେ ଥିବ । ଏହା ଆଦିବାସୀର ଜୀବନ ଦୃଷ୍ଟି ନଥିଲା ।

ପୁଣି କନ୍ଧ ସମାଜର ଜାନି, ଦିଶାରୀ, ବେଜୁଣୀ ଦେବତାକୁ ପୂଜାବେଳେ ଯେଉଁ ମନ୍ତ୍ରପାଠ କରନ୍ତି, ସେଥିରେ ସାମଜର ସମୂହ ମଙ୍ଗଳ କାମନା କରିଥାଏ । ଏଣୁ ପାହାଡ଼ିଆ କନ୍ଧର ଏହି ସାର୍ବଜନୀନ ଚିନ୍ତାଧାରା, ବିନୋବା, ଗାନ୍ଧୀ ଦର୍ଶନରେ ଦେଖି ଗୋପୀବାବୁ ଅଭିଭୂତ ହେଲେ । ଆଉ ଆର୍ଯ୍ୟ-ଆର୍ଯ୍ୟେତର ମଧ୍ୟରେ ଉପନିଷଦୀୟ ଚିନ୍ତାଧାରାର ସମନ୍ୱୟ ରକ୍ଷା ହେତୁ ସଚେତନ ହେଲେ । 'ମଲୁ ଲୋଡ଼ୁଥାଏ କାକର ପାଣି, ବଇଦ ବୋଇଲା ଦେ ତୋରାଣି' ପରି କନ୍ଧ ଜୀବନ ଦର୍ଶନର ମୂଲ୍ୟବୋଧରେ ପୁଲକିତ ହେଉଥିବା ଗୋପୀବାବୁଙ୍କୁ ସର୍ବୋଦୟ ଦର୍ଶନ ମୁଗ୍ଧ କଲା ଏବଂ ନେତାଙ୍କର ଶୋଷଣ ବିହୀନ ସମାଜର ପରିକଳ୍ପନା ନେଇ ସତ୍ୟ ଧର୍ମ ଅହିଂସାର ଭ୍ରାତୃତ୍ୱ ଆଦର୍ଶ ଭିତ୍ତିକ କଥା ସେ ପ୍ରକାଶ କରିବାକୁ ଉନ୍ମୁଖ ହେଲେ । ୧୯୫୫ରେ ଲିଖିତ ଗୋପୀବାବୁଙ୍କର 'ଶିବଭାଇ ଉପନ୍ୟାସ' ଏହି ଉନ୍ମୁଖତାର ଏକ ମାର୍ମିକ ପ୍ରକାଶ । ଏଥିରେ ସୁସ୍ଥ ସାମାଜିକ ଜୀବନ ପ୍ରତିଷ୍ଠାର ଯେଉଁ ବାଣୀ 'ସର୍ବେ ସନ୍ତୁ ନିରାମୟ' ପ୍ରଦତ୍ତ ସାର୍ବିକ ମାନବୀୟ ଜୀବନ ଦର୍ଶନର ଯେଉଁ ସଂଦେଶ ପ୍ରଦତ୍ତ, ତାହା ଆତ୍ମ ବିଶ୍ୱାସର ଅମୃତ ବିନ୍ଦୁ ହେଲେ ହେଁ ଆଦିବାସୀ ସରଳ ଜୀବନ ଆଧାରିତ । ଶିବଭାଇ ତେଣୁ ଏଇ ମହିମାରେ ମହିମା ମଣ୍ଡିତ ଏକ ଅନିର୍ବାଣ ଦୀପଶିଖା, ଆଲୋକର ଉତ୍ସ ।

**ଗଦ୍ୟାଂଶ ଓ ସମୀକ୍ଷା:-**

ସର୍ବୋଦୟ ଭୂଦାନ ଆନ୍ଦୋଳନର ଆଶ୍ରମ ସାଧାରଣତଃ କନ୍ଧ ବସତିରେ ଗଢ଼ି ଉଠିଛି । ବିନୋବା ଆଦି ନେତାଙ୍କର ପରାମର୍ଶରେ ବହୁକର୍ମୀ ଅବହେଳିତ ଆଦିବାସୀ ସେବା ପାଇଁ ମାଳ ଅଞ୍ଚଳକୁ ଆଗେଇ ଆସିଲେ । କୋରାପୁଟର ମାଳ ଅଞ୍ଚଳର ଡିମିରିଗୁଡ଼ା, ରାୟଗଡ଼ା, କଲ୍ୟାଣସିଂପୁର ତଥା ନିୟମଗିରି ପର୍ବତର ଚାରିଆଡ଼େ ଗଢ଼ିଉଠିଲା ସେବା ଅନୁଷ୍ଠାନ । ବହୁ କର୍ମୀ 'ବରୀ' ଆଶ୍ରମରୁ ଅପା, ଜଗନ୍ନାଥ ଭାଇ, ନିରଞ୍ଜନ, ବୃନ୍ଦାବନ, ରାମ ଓ ଜର୍ଜ୍ ଯୋଗ ଦେଲେ । ଯୋଗ ଦେଲା ଖ୍ରୀଷ୍ଟିଆନ ଧର୍ମରେ ଦୀକ୍ଷିତା ତମ୍ ଝିଅ, ଶିକ୍ଷୟିତ୍ରୀ ମିସ୍ ଜେନିଫର୍ ମେରି ଓ ୱିଲବର ଫୋର୍ସ ହ୍ୟାମିଲ୍ଟନ୍, 'ଅପା'ର କାଉଁରୀ ସ୍ପର୍ଶରେ କନ୍ଧ ପିଲାଙ୍କର ଶିକ୍ଷା, ସେବା ଏବଂ ଭୂଦାନ କାର୍ଯ୍ୟରେ ଲାଗି ପଡ଼ିଲେ । ଅପା ବି ପାଦରେ ଚାଲି ଚାଲି ଗାନ୍ଧୀଙ୍କର ପ୍ରାର୍ଥନା ଗାନ କରନ୍ତି 'ରଘୁପତି ରାଘବ ରାଜାରାମ, ସବକୋ ସନମତି ଦେ ଭଗବାନ'। ସର୍ବୋଦୟର ବିଶ୍ୱ କଲ୍ୟାଣ ଚେତନା ଓ ସମନ୍ୱୟ ତ୍ରିରଙ୍ଗା ପତାକାର ଆକର୍ଷଣୀୟ ରଙ୍ଗରେ ମାଳ ଅଞ୍ଚଳର ଆଦିବାସୀ ସମାଜ ପୁଲକିତ ହେଲା । ପରୋକ୍ଷରେ ଲେଖକ ଏଠାରେ ଭାରତୀୟ ଜୀବନ ଦର୍ଶନର ନୂଆ ରୂପ ଦେବାର ସ୍ୱପ୍ନ ଦେଖିଛନ୍ତି । ଏହି ମହାଭାବରେ ଉଦ୍‌ବେଳିତ ହେଲେ ପ୍ରଥମେ 'ବିଶ୍ୱନାଥ କନ୍ଧ' । ଡାକି ଆଣିଲା ଭୂଦାନ କର୍ମୀ ଜଗନ୍ନାଥ ଭାଇଙ୍କୁ । ବିଶ୍ୱନାଥର ବିୟୋଗ ପରେ ନେତୃତ୍ୱ ନେଲା ଗାଁ ମୁଖିଆ ନନ୍ଦ କନ୍ଧର ବ୍ବାଇଁ 'ଶିବ' । ସେ ଲୋଭ ଛାଡ଼ି ପ୍ରଥମେ ନିଜର ଜମିକୁ ଦାନ କଲା । ସେ ହେଲା ଅପା ଓ ଜଗନ୍ନାଥ ଭାଇଙ୍କର ଜଣେ ସେବକ ଓ ସାଥୀ । ଅପା ଯେପରି କାହାର ଜଣଙ୍କର ଅପା ନୁହେଁ, ଜଗତଯାକର ଅପା ସେମିତି ଶିବ କାହାରି ଭାଇ ନୁହେଁ, ସେ ଜଗତଯାକର ଭାଇ । ଡୁମରିଗୁଡ଼ା, ଜାମୁଗୁଡ଼ା, ମୁର୍ତ୍ତୁଳି, ଧାମଣୀ, ଡାଙ୍ଗ୍ ସୁଗୁଡ଼ା, ଡିଲାଗୁଡ଼ି କନ୍ଧମାନେ ଭୂମିହୀନଙ୍କ ପାଇଁ ଭୂମି ସଂଗ୍ରହ କାମରେ ଲାଗି ପଡ଼ିଲେ ।

ଶିବର ପତ୍ନୀ 'ମୁକ୍ତା', ଶାଳୀ 'ଚନ୍ଦିକା' ବି ଏହି କାର୍ଯ୍ୟରେ ଯୋଗଦେଲେ । ଏପରିକି ଷୋଳ ବର୍ଷର କନ୍ଧ ଝିଅ 'ପାର୍ବତୀ' ଶିବ ଗୁଣରେ ମୁଗ୍ଧ ହୋଇ ଶିବର ଦ୍ୱିତୀୟ ପତ୍ନୀ ହେବାକୁ ଆଗ୍ରହ ପ୍ରକାଶ କଲା ଏବଂ ଅପାକୁ କହିଲା, "ସେହି ଏକା ମୋର ଲୋଡ଼ା, ଅପା, ତାକୁ ହିଁ ମନ" ।(୪) ଶିବ ପୁଣି ଚାଳିଶି ବର୍ଷ ବୟସ୍କ । ମାତ୍ର ସେ ଶିବର ଆଦର୍ଶ, ବ୍ୟକ୍ତିତ୍ୱରେ ଆକୃଷ୍ଟ ହେଲା କାରଣ ସେ ନିରଳସ କର୍ମୀ । ସାଧୁ, ସଚ୍ଚୋଟ ବ୍ୟକ୍ତି । ସେ ମଦ, ମାଂସ ଖାଏ ନାହିଁ । ବରଂ ସମସ୍ତଙ୍କୁ ମଦ, ଗୋମାଂସ ଖାଇବାକୁ ମନା କରେ ଏବଂ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ଉତ୍ସାହିତ କରେ । ଅନ୍ୟକୁ ସାହାଯ୍ୟ କରିବା ପାଇଁ ପରାମର୍ଶ ଦିଏ । ସେ ଚାହେଁ ସୁସ୍ଥ ସଭ୍ୟ ସମାଜ ।

କେବଳ ପାର୍ବତୀ ନୁହେଁ, କାଳିଆ କନ୍ଧ, ପେଜୁକନ୍ଧ, ପେଟୁ ମାଝି, କାଲାଜାନି ଆଦି ଅନେକ କନ୍ଧ ପୁରୁଷ ଓ ସ୍ତ୍ରୀ ଭୂଦାନ ଆନ୍ଦୋଳନରେ ଯୋଗଦାନ କରି ସେହି ଆଦର୍ଶରେ ଅନୁପ୍ରାଣିତ ହେଲେ ।

କର୍ମୀମାନଙ୍କର ଏପରି ଅଭିଯାନ ଓ ପଦଯାତ୍ରାରେ ଦାନ ସ୍ୱରୂପ ବହୁ ଜମି ମିଳିଲା । ଭୂମିହୀନଙ୍କ ମଧ୍ୟରେ ଜମି ବଣ୍ଟନ କରାଗଲା । ଜମି ଯାର, ହଳ ତାର ହେଲା ସ୍ଲୋଗାନ । ଏହା ଦ୍ୱାରା ହିଁ ଶୋଷଣ ପୋଷଣର ଅବସାନ ହେବାର ବିଶ୍ୱାସ କରାଗଲା । କୋଠ ଚାଷ ହେବା ଦ୍ୱାରା

ସମ୍ପଦର ମଧ୍ୟ ସମାନ ଅଧିକାର ରହିଛି ବୋଲି ବିଶ୍ୱାସ କରନ୍ତି । ଏଣୁ ଏହି ସୀମିତ ଭାବ ମହାଭାବର ସମୁଦ୍ରରେ ସମସ୍ତେ ଅବଗାହନ କରିବାକୁ ପରାମର୍ଶ ଦେଇଛନ୍ତି । ଏହା ମଧ୍ୟ ସତ୍ୟ ଯେ ଜମି ଦାନ ବା ଭୂଦାନ ମିଳିବା ପରେ ମଦଖିଆ, ଗୋରୁମରା ମଧ୍ୟ ଦୂରେଇ ଯାଇଛି । ଏହି ସଂସ୍କୃତିକୁ ବିପ୍ଳବ ଦ୍ୱାରା କନ୍ଧମାନଙ୍କୁ ହିନ୍ଦୁ ଆଦର୍ଶ ତଥା ଆର୍ଯ୍ୟ ସଭ୍ୟତାର ପକ୍ଷଭୁକ୍ତ କରାଯାଇଛି । ଫଳରେ "ଯୁଗ ରୁଚିର ନୂତନ ଧାରାରେ ପ୍ରତ୍ୟେକ ଚରିତ୍ର ଆପଣାର ବିଷୟ ବାସନା ଓ ସ୍ୱାର୍ଥ ସର୍ବସ୍ୱ ସଂକୀର୍ଣ୍ଣ ମନୋଭାବକୁ ପରିହାର କରି ସାମାଜିକ ଉନ୍ନତି ନିମିତ୍ତ ଚେଷ୍ଟା ଚଳେଇଛନ୍ତି ।"(୭)

"ସେ ଅକ୍ଷର ଚିହ୍ନି ନାହିଁ । ସେ ଗୁରୁ ପାଖରେ ତେକା ମାଡ଼ି ବସି ନାହିଁ, ତାର ସରଳ ହୃଦୟକୁ ମନକୁ ଭେଦି ଯାଇଛି ମହାଭାବ, ତା ଯେପରିକି ସର୍ବୋପରି ବ୍ୟାପ୍ତ ।"(୮) ତାକୁ ଆଗେଇ ନେଇଛି ଅର୍ଥନୈତିକ ଉନ୍ନତି ସହିତ ଶିକ୍ଷା ଓ ଆଧୁନିକ ବିପ୍ଳବ ଆନୟନର ଚିନ୍ତା । ନିଜର ସମାଜକୁ ଶୋଷଣରୁ ରକ୍ଷା କରିବା ପାଇଁ ପ୍ରେରଣା ଦିଏ । ପୁଣି ସେ କନ୍ଧଙ୍କୁ ଶୋଷଣରୁ ମୁକ୍ତ କରିବାକୁ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଧାନଗୋଲା, କୋଠା ତିଆରି ପାଇଁ ଇଟା ଗଢ଼ିଛି । ଆଦିବାସୀଙ୍କୁ ସଭ୍ୟ ଶିକ୍ଷିତ କରିବା ପାଇଁ ସ୍କୁଲ ପ୍ରତିଷ୍ଠା ନିମିତ୍ତ ଅକ୍ଲାନ୍ତ ପରିଶ୍ରମ କରିଛି । ଏଥିରେ କନ୍ଧଙ୍କର ଆଖି ଫିଟିଛି । ଯେହେତୁ କନ୍ଧମାନଙ୍କର ଅଜ୍ଞତା, ନିରକ୍ଷରତାର ସୁଯୋଗ ନେଇ ସାହୁକାରମାନେ କନ୍ଧମାନଙ୍କଠାରୁ ଫସଲ ମାଗିନେବା ବେଳେ 'ପେଦାମୀ' ଅର୍ଥାତ୍ ବଡ଼ ଝିଅ ନାମ ନେଇ ବଡ଼ ତାମ୍ବି ଆଣି ଫସଲ ମାପେ । ଯେତେବେଳେ କନ୍ଧକୁ ଫସଲ ଦିଏ, 'ଚିନ୍ନମୀ' ବା ସାନ ଝିଅ ପଠାଅ ବୋଲି କହି ସାନ ତାମ୍ବିରେ କରଜ ଦିଏ, ଏହିପରି ଠାର ବା ସଂକେତରେ ଅନେକ କନ୍ଧ ସର୍ବସ୍ୱାନ୍ତ ହୁଅନ୍ତି । ବର୍ଷକ ପାଇଁ ଋଣ ଦେଇ ସାହୁକାର (ମାଣିଆ ବା ଧାନ ବଦଳରେ) ସାଧା କାଗଜରେ ଟିପ ନେଇ ଜମିକୁ ବନ୍ଧକ କରିନିଏ । ବର୍ଷପରେ ବର୍ଷ ପୁରୁଷ ପରେ ପୁରୁଷ ଚାଲିଗଲେ ମଧ୍ୟ ଋଣରୁ କନ୍ଧର ମୁକ୍ତି ନାହିଁ । ସେ ରହେ ଗୋତି । ଏହା ଶିବର ପ୍ରତ୍ୟକ୍ଷ ଅନୁଭୂତି । ଏଣୁ ଲେଖକ ଶିକ୍ଷା ତଥା ସଚେତନତା ଆଣିବା ପାଇଁ ପରୋକ୍ଷ ପ୍ରେରଣା ଦେଇଛନ୍ତି । ବାସ୍ତବରେ ବନଗହନ ଭିତରେ ସରଳ ନିଷ୍କପଟ ନିରକ୍ଷର ଅଜ୍ଞ ମଣିଷର ଚେତନାରେ ଅପୂର୍ବ ଜାଗରଣ ଆସିଛି । 'ସଦ୍ ବିଚାର' ପ୍ରକାଶୀ ସୂର୍ଯ୍ୟର ପ୍ରକାଶ ପରି ଭୂମିଦାନ ଆଦର୍ଶ ବ୍ୟାପି ଯାଇଛି ।

ଗାନ୍ଧୀ, ବିନୋବାଙ୍କର ଦର୍ଶନ ହେଉଛି, ଶୋଷଣକାରୀ କବନ୍ଧ କବଳରୁ ଯେତେ ଦିନ ପର୍ଯ୍ୟନ୍ତ ନିରୀହ ଭୂମିହୀନ ଗରିବ ମଣିଷ ମୁକ୍ତ ହୋଇ ନାହିଁ, ସେତେ ଦିନ ପର୍ଯ୍ୟନ୍ତ ରାଜନୈତିକ ସ୍ୱାଧୀନତା ମୂଲ୍ୟହୀନ । ସେହି ଅଭାବ ଅନାଟନରୁ ଉକ୍ତ ସମାଜକୁ ମୁକ୍ତ କଲେ ସେମାନେ ଆଉ ଅପାଂକ୍ତେୟ, ହେୟ ହୋଇ ରହିବେ ନାହିଁ । ମାନବୀୟ ଅଧିକାର, ସାମାଜିକ ପ୍ରତିଷ୍ଠା ନେଇ ମଣିଷ ପରି ବଞ୍ଚି ରହିବେ, ସମ୍ମାନବୋଧ ବଢ଼ିବ । ଧନୀ ଗରିବ ବୈଷମ୍ୟଭାବ ଦୂର ହେବ ଏବଂ ଭ୍ରାତୃଭାବ, ମୈତ୍ରୀଭାବ ତଥା ଆଧ୍ୟାତ୍ମିକ ଚେତନା ଜାଗି ଉଠିବ ।

ବାଘର ଭୟ, ହାତୀର ଦାଉ, ସାପର ଦଂଶନ, ବନବାସୀର ଧନ ଜୀବନକୁ ଯେପରି ନଷ୍ଟ କରିଛି, ସେପରି ସେଠ, ସାହୁକାର ଓ ସରକାରୀ କର୍ମଚାରୀ ଦ୍ୱାରା ସେ ଲୁଣ୍ଠିତ ଓ ଶୋଷିତ ହୋଇଛି । ଜଗନ୍ନାଥ ଭାଇର ଭାଷାରେ 'ଯିଏ ପାରିଲା ଖାଇଲା, ଯିଏ ନପାରିଲା ମଲା' ଏବଂ ଅପାଙ୍କ ଦୃଷ୍ଟିରେ

ଦୁନିଆଁଟା ନଗ୍ଦା ନଗ୍ଦି ଚାଲିଛି, ହିଂସା, ଦ୍ୱେଷ ବଢ଼ିଛି, ତାକୁ ଭାଙ୍ଗି ଶାନ୍ତି, ମୈତ୍ରୀ ଅହିଂସାର ମନ୍ତ୍ର ପ୍ରତି ପ୍ରାଣରେ ମନ୍ତ୍ରିତ କରିବା ପାଇଁ ସେମାନଙ୍କର ଥିଲା ପଦଯାତ୍ରା । ଶିବ ଥିଲା ସେମାନଙ୍କର ସ୍ମୃତିରୁ ପ୍ରେରଣା । "ଦୁଃଖ ଭୁଲି ହେବ, ଶିବ ଭାଇକୁ ଭୁଲି ହେବ ନାହିଁ ।"(୯)

ଡୁମୁରିଗୁଡ଼ା ଆଶ୍ରମର ନାରୀ କର୍ମୀ ଅପା, ସର୍ବୋଦୟ କର୍ମୀ ଜଗନ୍ନାଥ ଭାଇ, ରମୁଭାଇ, ବୁଦ୍ଧିଆଭାଇ, ସୁମତ୍ରାଦେବୀ, ଜୁନି ଅପା ଆଦିଙ୍କର ଚରିତ୍ର ଓ ତ୍ୟାଗ ବିଶ୍ୱକଲ୍ୟାଣର ମୃଦୁ ସଙ୍ଗୀତ ସାଧାରଣ ପ୍ରାଣକୁ ଅପୂର୍ବ ମାନବିକ ଚେତନାରେ ଉଦ୍‌ବେଳିତ କରିଛି । ସେମାନେ ଅଶିକ୍ଷିତ କନ୍ଧ । ଶିବଭାଇ, ମୁକ୍ତା ଆଦି କନ୍ଧ ନରନାରୀଙ୍କୁ ସର୍ବୋଦୟ ଚେତନାରେ ଏକାକାର କରିନେଇଥିଲେ ।

ଶିବ ଭାଇ ନିର୍ବିକାର ପୁରୁଷ ଏବଂ ଜଣେ ସଚ୍ଚୋଟ ନିର୍ମଳ ବ୍ୟକ୍ତି । ଏଣୁ ଆକୃଷ୍ଟ ହୋଇଛି ଷୋଡ଼ଶୀ ତରୁଣୀ ପାର୍ବତୀ । ବ୍ୟକ୍ତିର ବ୍ୟକ୍ତିତ୍ୱରେ, ପ୍ରତିଭା ଆଲୋକରେ ନାରୀ ପ୍ରଲୋଭିତ ହୋଇଥାଏ । ନିଜକୁ ହଜାଇ ଦେବାକୁ ଚାହେଁ ପୁରୁଷର ବାହୁ ବନ୍ଧନରେ । ଶିବ ପକ୍ଷେ ପାର୍ବତୀ ଗ୍ରହଣୀୟ ହୋଇନାହିଁ । ସର୍ବୋପରି ଶିବ ଥିଲା ନୈତିକ ଚେତନାର ତପସ୍ୱୀ ।

ସୁତରାଂ 'ଶିବଭାଇ' ଉପନ୍ୟାସରେ ଆଦିବାସୀ ସଂସ୍କୃତି, ଦର୍ଶନ, ଚଳଣି, ଆଚାର ବିଚାର, କନ୍ଧର ଅଭାବ ଅନାଟନ ସହିତ ପୌରାଣିକ ଜ୍ଞାନ, ଉପନିଷଦୀୟ ବାଣୀ, ଭାରତୀୟ ସଂସ୍କୃତିର କାଳଜୟୀ ବାଣୀ, ଆଦି ଫେଣ୍ଟାଫେଣ୍ଟି ହୋଇ ରହିଥିବା ଯୋଗୁଁ ଉପନ୍ୟାସଟି ବୈପ୍ଳବିକ ମାନବୀୟ ଚେତନାରେ ଭାବମୟୀ ହୋଇଛି ।

**ନାରୀ ଜାଗରଣର ଏକ ଦୃଢ଼ ପ୍ରୟାସ:**

ଶିବଭାଇ ଆଶା ଓ ପ୍ରତ୍ୟୟର ଏକ ସମ୍ମୋହିତ ବିସ୍ତାର: ପୁଣ୍ୟଭୂମି ଭାରତ ମହାପୁରୁଷ ଓ ମହାତ୍ମା ମାନଙ୍କର ପଦଯାତ୍ରାରେ ଯୁଗେ ଯୁଗେ ପବିତ୍ରିତ । ହରି, ରାମ, କୃଷ୍ଣ, ବୁଦ୍ଧ, ଚୈତନ୍ୟ, ଶଙ୍କରାଚାର୍ଯ୍ୟ, ନାନକ, ମହିମା ଗୋସାଇଁ, ପଞ୍ଚସଖା, ସନ୍ଥ ଭୀମ ଭୋଇ ଆଦି ଏହି ମାଟିରେ ସତ୍ୟ, ନ୍ୟାୟ ଓ ପ୍ରେମର ପ୍ରତିଷ୍ଠା ତଥା ଉଚ୍ଚନୀଚ ଭେଦଭାବ ଦୂରୀକରଣ ପାଇଁ ପଦଯାତ୍ରା କରିଥିଲେ । ଠିକ୍ ସେପରି ଗାନ୍ଧିଜୀ, ବିନୋବା ଭାବେ, ଉତ୍କଳମଣି ଗୋପବନ୍ଧୁ ଦାଶ, ଆଚାର୍ଯ୍ୟ ହରିହର ଦାଶ ଆଦି ମହାମନା ବ୍ୟକ୍ତିମାନେ ମାନବୀୟ ଚେତନାର ମହାଭାବ ପ୍ରଚାର କରିବା ପାଇଁ ଅଭିନବ ସ୍ୱର ଉତ୍ତୋଳନ କରିଥିଲେ । ସେମାନଙ୍କର ଏହି ଶାନ୍ତି ମୈତ୍ରୀର ବୈଜୟନ୍ତୀ ଉଡ଼ାଇବା ପାଇଁ ଜନସାଧାରଣ ମଧ୍ୟ ଆଗେଇ ଆସିଥିଲେ । ବନବାସୀ ମାନଙ୍କୁ ମଣିଷ ପରି ବଂଚି ରହିବାର ଅଧିକାର ଦେବା ପାଇଁ ଏବଂ ସାମଜରେ ସାମ୍ୟ, ମୈତ୍ରୀ, ସଂହତି ପ୍ରତିଷ୍ଠା କରିବା ପାଇଁ ଲେଖକ ଗୀତା, ଭାଗବତ, ଉପନିଷଦର ଆଦର୍ଶ ଏବଂ ମହାପୁରୁଷଙ୍କ ବାଣୀକୁ ବଣପଲ୍ଲୀରେ ଝଙ୍କୃତ କଲେ । ସେ ଚାହିଁଛନ୍ତି ଅନାବୃତ ନାରୀ ଦେହରେ ଶାଢ଼ୀ, ପୁରୁଷର କୌପିନ ବଦଳରେ ଧୋତି ଏବଂ ସାଧାରଣ ସମାଜର ମଣିଷ ପରି ଜୀଇଁବାର ମାନବ ଅଧିକାର ।

ସନ୍ଥ ଭୀମଭୋଇଙ୍କ ପରି ଶିବ ଭାଇ ମଧ୍ୟ ଜାତି, ସମାଜ, ଅଞ୍ଚଳ ଓ ଦେଶ ଦେଶର ସର୍ବାଙ୍ଗୀନ ଉନ୍ନତି ପାଇଁ ନିଜକୁ ଉତ୍ସର୍ଗ କରିଛି । ସେ ବହୁ କନ୍ଧ ଓ ଅଣଆଦିବାସୀ ପୁରୁଷ ସ୍ତ୍ରୀଙ୍କର ମିଳିତ ଉଦ୍ୟମରେ ପଦଯାତ୍ରା କରିଛି । ଲେଖକଙ୍କର ଭାଷାରେ, "ଆଜି ଯେପରି କି ପଥରର ଯୁଗ

ଚାଲିଯାଇଛି, ମଣିଷର ଯୁଗ ଆସିଛି । ଆଜି ବି ଚାରିଆଡ଼ ଦେଉଳ । ସେ ଦେଉଳ ମଣିଷ ବ୍ୟକ୍ତିତ୍ୱର, ସେ କାରୁକାର୍ଯ୍ୟ ମଣି ସଦ୍‌ଗୁଣର ସେ ଠାକୁର, ମଣିଷର ଅପରାଜେୟ ଆତ୍ମାର, ସେ ସତ୍ୟ ଯୁଗ ଗଢ଼ିବାକୁ ପ୍ରୟାସ କରେ, ବିଶ୍ୱାସ ରଖେ ।" (୧୦) ଓଡ଼ିଆ ମାଟିରେ ଆଚାର୍ଯ୍ୟ ହରିହର ଦାସଙ୍କ ପରି କନ୍ଧମାଳରେ ଶିବଭାଇ ଥିଲା ବିନୋବାଙ୍କର ଦାୟାଦ । ନିଚ୍ଛକ କର୍ମୀ ।

**ଅମ୍ଳାନ ପ୍ରଜାପତି ଓ ଅନମନୀୟ ଶିବଭାଇ :**

ଏକ ନିରୀହ ରଙ୍ଗୀନ ପ୍ରଜାପତି ଉଡ଼ିଆସି 'ପେଟ୍ରୋମେକ୍ସ' ଆଲୁଅରେ ଆକୃଷ୍ଟ ହୋଇ ତାତିରେ ଝଡ଼ି ମରିଗଲା । ସେତେବେଳେ ଡୁମୁରିଗୁଡ଼ା ଆଶ୍ରମର ପ୍ରତିଷ୍ଠାତ୍ରୀ 'ଅପା' ରାୟଗଡ଼ାରେ ଆଲୋଚନା କରୁଥିବା ବେଳେ ବଡ଼ ଆଖିର ଡୋଳା ଦେଖାଇ ପ୍ରଜାପତି ଜଳିଯିବା ଲକ୍ଷ୍ୟ କଲେ । ଏକ ସୁନ୍ଦର ଆକର୍ଷଣୀୟ କ୍ଷୁଦ୍ର ଜୀବ ପ୍ରଜାପତିଟିଏ । ଆପା ତାକୁ ଲକ୍ଷ୍ୟ କରି ସ୍ତବ୍ଧ ହେଲେ । ତାର ବିଚିତ୍ର ଡେଣା, ତାର ଆଖିର ଡୋଳା, ତାଙ୍କ ମନରେ ବିସ୍ମୟ ସୃଷ୍ଟି କଲା । ସେ କହିଲେ, "ସେ ମାୟା କାଟିବାକୁ କାୟା ବଦଳାଇଛି ।" ଫଳରେ ଆତ୍ମା ପରମାତ୍ମା, ସ୍ଥାୟୀ, ଅସ୍ଥାୟୀ, ଉତ୍‌ଥାନ, ପତନ ଦୁନିଆର ଅନେକ ତଥ୍ୟ ଦର୍ଶନ ରୂପ ନେଇ ଅପାଙ୍କ ମନରେ ଉଙ୍କି ମାରିଲା । ପ୍ରଜାପତିର ସୁନ୍ଦର ଜୀବନକୁ ଅବଲମ୍ବନ କରି 'ଶିବ'ର ଗୁଣକୀର୍ତ୍ତନ କଲେ, ଦେବତା ଗୁଣରେ ଅଳଙ୍କୃତ ଶିବ ଭାଇର ସୁନ୍ଦର ଜୀବନ ଅବସାନ ହୋଇଛି । ଦାର୍ଶନିକ ଲେଖକ ଗୋପୀନାଥ ବାବୁ ପ୍ରଜାପତିକୁ ସୁନ୍ଦର ସନ୍ଥ ମଣିଷର ପ୍ରତୀକ ଭାବେ ଗ୍ରହଣ କରିଛନ୍ତି । ଯିଏ ଭଲକାମ କରେ, ମାନବୀୟ ଚେତନାରେ ଦୀପ୍ତିମାନ ଥାଏ ସେ ଅଳ୍ପ ଦିନରେ ମାୟା ଦେଖାଇ କାୟା ବଦଳାଇ ଦିଏ । ତାର ଛାୟା ସମସ୍ତଙ୍କର ସମ୍ମୁଖରେ ହୁଏ ପ୍ରତିବିମ୍ବିତ । ତାର କାର୍ଯ୍ୟ ସମସ୍ତଙ୍କୁ ଅନୁପ୍ରାଣିତ କରେ । ଶିବ ଥିଲା ସତ୍ୟ ଶିବର ପୁରୁଷ । ଶିବ ଭାଇ କାନ୍ଦୁଲ ବାଡ଼ିର ମାଙ୍କଡ଼ ମାନଙ୍କୁ ତଡୁଥିବା ବେଳେ ବାଘ ମୁହଁରେ ଶିକାର ହେଲା । ଶିବର ମୃତ୍ୟୁ ଖବର ଦେଉଛି ଭଣଜା 'ଟିମା' । ଏଇଠି ହେଲା ଆଦର୍ଶନିଷ୍ଠ ଶିବଭାଇର ଅସ୍ତିତ୍ୱର ଅସ୍ତ । ଅଧାବାଟରେ ତାର କାର୍ଯ୍ୟ ଥମି ଯାଇଛି । ସେ ମରିଛି କିନ୍ତୁ ମରିନାହିଁ ତାର ବିଚାର । ତାର ପତ୍ନୀ ମୁକ୍ତା, ଶାଳୀ ଚନ୍ଦ୍ରିକା, ଦ୍ୱିତୀୟ ପତ୍ନୀ ହେବାକୁ ଅପେକ୍ଷାମାଣା ପାର୍ବତୀ, ଶ୍ୱଶୁର ନନ୍ଦ କନ୍ଧ ସମାନ ତଥା କର୍ମୀମାନେ ହାହାକର କରି ଉଠିଛନ୍ତି । ଛନ୍ଦମନ୍ଦ ବିହୀନ ମଣିଷକୁ ହରାଇ ସ୍ତବ୍ଧ ହେଲା କନ୍ଧ ସମାଜ । ହତଚକିତ ହେଲେ ଆଶ୍ରମର କର୍ମୀ, ଅପା, ଜଗନ୍ନାଥ ଭାଇ ଓ ଅନ୍ୟାନ୍ୟ ସର୍ବୋଦୟ ପଥର ଯାତ୍ରୀ । ଅଦିନ ମେଘର ବଜ୍ରପାତ ହେଲା । ତଥାପି ଚାଲିଲେ ସେମାନେ । ପଦଯାତ୍ରା ବନ୍ଦ ହୋଇନାହିଁ । ଯାହା ଥିଲା ଭୂଦାନ ଆନ୍ଦୋଳନର ମହନୀୟ ପଦକ୍ଷେପ । ଶିବର ବ୍ୟକ୍ତିଗତ ତ୍ୟାଗ, ଆଦର୍ଶ, ଚିନ୍ତା, ଚାଳକ ସୁଲଭ ସେବା, ତ୍ୟାଗ ସମସ୍ତଙ୍କର ହୋଇଛି ପାଥେୟ । ଶିବର ବ୍ୟକ୍ତିତ୍ୱର ଅସରା ସୁରଭିରେ ପୁରି ଉଠିଲା ସବୁରି ଚେତନା । ଆନତ ଗୋଧୂଳିରେ ତାର ଛାଇ, ଗଭୀର ନିଶିଥରେ ତାରି କୁହୁକ ବେହରଣ, ସୁନେଲି ପ୍ରଭାତରେ ତାରି ସଂକ୍ରମଣ; ଏପରିକି ଧୂପ ଦିପହରରେ ତାରି ସ୍ମୃତିର ଛାୟା – ବଣ, ବନବାସୀ ସବୁକୁ ସମ୍ମୋହିତ କରି ରଖିଲା । ଗୋପୀନାଥ ବାବୁଙ୍କ ନିଜ ଭାଷାରେ "କନ୍ଧ ଶିବ ଭାଇ ବାଘପେଟରେ ଯାଇଛି, କିନ୍ତୁ ଯେଉଁଠି ସର୍ବୋଦୟର ଆଦର୍ଶ ଝଟକୁଛି, ସେଠି ଝଟକୁଛି ସେ ।" (୧୧)

**ନାରୀ ଜାଗରଣର ଏକ ଦ୍ରୁତ ପ୍ରୟାସ:**

ଯୁଗ ଯୁଗ ଧରି ବଣର ମଣିଷ ଅର୍ଥାତ୍ ଆଦିବାସୀ ବାଘ, ରୋଗ, ଶୋକର ଶିକାର ହୋଇଆସିଛି । ରୋଗ ଓ ଭୟ ସେମାନଙ୍କର ସାଥି । ଜୀବନ ରକ୍ଷା ପାଇଁ ବାଘ ସହିତ ଲଢ଼ିଛି । କିନ୍ତୁ ସଭ୍ୟ ମଣିଷ ପାଖରେ ହାରିଛି । ବାଘ ଦ୍ୱାରା ନିହତ ହେଲେ ଭାଗ୍ୟ ଆଦରି ରହିଛି । କିନ୍ତୁ ମଣିଷ ଦ୍ୱାରା ଲୁଣ୍ଠିତ ହୋଇ ସର୍ବସ୍ୱାନ୍ତ ହୋଇଛି ଏବଂ ଚିର ଦାସତ୍ୱ ଶିକୁଳିରେ ବନ୍ଧା ହୋଇଛି । ଅଭାବ ଅନାଟନରେ ଶିକାର ହୋଇ ଅଖାଦ୍ୟ ଖାଇ କୁଷ୍ଠରୋଗ, ୟେଜ୍ ରୋଗରେ ଆକ୍ରାନ୍ତ ହୋଇଛି । ତେଣୁ ଏ ସମସ୍ତ ବିପଦରୁ ମଣିଷକୁ ମୁକ୍ତ କରିବା ପାଇଁ ସର୍ବୋଦୟ ନେତା, ନେତ୍ରୀ କର୍ମୀଙ୍କର ଉତ୍ସର୍ଗୀକୃତ ସେବା ପ୍ରଶଂସନୀୟ । ଏଣୁ ଭୂଦାନ କର୍ମୀ ସାବିତ୍ରୀ ଦେବୀ ଇଂଜେକ୍ସନ୍ ଓ ଔଷଧ ଦେଇ ସେମାନଙ୍କୁ ସୁସ୍ଥ କରିଛି । ଭଲ ଖାଅ, ଭଲ ପିନ୍ଧ ବୋଲି କର୍ମୀମାନେ ବାର ବାର ତାଗିଦ୍ କରିଛନ୍ତି । କାରଣ ସୁସ୍ଥ ସମାଜ ହିଁ ଜାତିର ସଂପଦ । ସମସ୍ତଙ୍କର ଉନ୍ନତି ହିଁ ଦେଶର ଉନ୍ନତି । ଏହା ହିଁ ଉପନ୍ୟାସର ନାରୀ ଚରିତ୍ରରେ ଫୁଟି ଉଠିଛି । ସେବା ଓ ପ୍ରେରଣା ଦାତ୍ରୀର ମନ୍ତ୍ରରେ ଅଭିମନ୍ତ୍ରିତ ନାରୀ ରୂପ, ସହଭାଗିତା ଓ ସହଯାତ୍ରିଣୀ ହେବାର ଯେଉଁ ଉଦାହରଣମାନ ସଂପୃକ୍ତ ଉପନ୍ୟାସରେ ସୃଷ୍ଟି କରିଯାଇଛନ୍ତି, ଜାତୀୟ ସୁରକ୍ଷା ଓ ସମନ୍ୱୟ ପ୍ରତିଷ୍ଠା କ୍ଷେତ୍ରରେ ଯେଉଁ ମାନ ନିର୍ଦ୍ଧାରଣ କରିଯାଇଛନ୍ତି, ତାହା ଭବିଷ୍ୟତର ସାମାଜିକ ସଂହତି ପାଇଁ ଯଥେଷ୍ଟ ଆଲୋକ ଓ ଉତ୍ତାପ ପ୍ରଦାନ କରିପାରିଛି ।

ପାର୍ବତୀ ଶିବଭାଇଙ୍କର ଗୁଣରେ ଅଭିଭୂତ ହୋଇ ଦିନେ ତାଙ୍କର ସାହଚର୍ଯ୍ୟ ଇଚ୍ଛା କରିଥିଲା, ଏପରିକି ଦ୍ୱିତୀୟ ପତ୍ନୀ ହେବା ପାଇଁ ମଧ୍ୟ ଆଗ୍ରହ ପ୍ରକାଶ କରିଥିଲା । ମାତ୍ର ଶିବ ଭାଇଙ୍କର ମୃତ୍ୟୁ ପରେ ସେ ବି ଶୋକାଶ୍ରୁ ପୋଛିଦେଇ ବିଧବା ମୁକ୍ତାର ହାତ ଧରି ଭୂଦାନ କାମରେ ଲାଗି ପଡ଼ିଲା । ଶିବର ସିନା ମୃତ୍ୟୁ ହେଲା ତାର ଆଦର୍ଶର ମୃତ୍ୟୁ ହୋଇନାହିଁ । ବାସ୍ତବରେ "ପାର୍ବତୀ ଆଠ ଦଶଟି ପଂକ୍ତିରେ ଆତ୍ମପ୍ରକାଶ କରିଥିଲେ ମଧ୍ୟ ମୁଖ୍ୟତଃ ରବି ଠାକୁରଙ୍କ ନାୟିକା ଭଳି ପ୍ରଭାବଶାଳୀ ' ' ଅର୍ଥାତ୍ ନୀରବ ସ୍ୱୟଂ ପ୍ରକାଶ ।"(୧୨) ଅର୍ଥାତ୍ ଅଳ୍ପ କଥାରେ ଅନେକ ଭାବର ବିକଚ ବିକାଶ ହୋଇଛି । ନାରୀ ମନର ମନଃସ୍ତାତ୍ତ୍ୱିକ ବିଶ୍ଳେଷଣର ସୂକ୍ଷ୍ମ ଅଭିବ୍ୟକ୍ତିର ପ୍ରତୀକ ସେ । ଦେହର ଜ୍ୱଳନ ଓ ମନର ଭୋଗ ବିଳାସକୁ ତ୍ୟାଗ କରି ସାଧନା ପଥରେ ଆଗେଇଯିବା ପାଇଁ ପାର୍ବତୀ ହିଁ ନାରୀ ଜୀବନର ତ୍ୟାଗର ପରାକାଷ୍ଠା ଦେଖାଇଛି । ସେ ତପସ୍ୱିନୀ, ସତୀତ୍ୱର ଜ୍ୱଳନ୍ତ ପ୍ରତୀକ । ଅପା ବୈବାହିକ ଜୀବନର ସମ୍ଭୋଗ ତ୍ୟାଗ କରି ମାନବ ସେବାକୁ ମାଧବ ସେବା ରୂପେ ବାଛିନେଲେ ଏବଂ 'ବରୀ ଆଶ୍ରମ'ରୁ କୋରାପୁଟର ଡୁମୁରିଗୁଡ଼ାକୁ ଚାଲି ଆସିଲେ ଏବଂ ଶିବକୁ ପ୍ରଭାବିତ କରି କନ୍ଧ ସମାଜକୁ ନାନା ଅତ୍ୟାଚାର, ଶୋଷଣ ଓ ଅନ୍ଧ ବିଶ୍ୱାସରୁ ମୁକ୍ତି ଦେବାର ପଦକ୍ଷେପ ନେଲେ । ପୁଣି ଶିବର ମୃତ୍ୟୁ ପରେ ଶିବଙ୍କର ବିଧବା ପତ୍ନୀ ମୁକ୍ତାର ଅଶ୍ରୁ ପୋଛି ଅପାର କାଉଁରି ସ୍ପର୍ଶରେ ସେବିକା ଭାବେ ଆଗେଇ ଚାଲିଲେ । ଏଇ ନାରୀ ସମାଜ, ସମାଜର ଭଗ୍ନୀ ପରି ଅବତୀର୍ଣ୍ଣ । ସେମାନେ ଭୋଗ, ସଂପଦ ଲୋଡ଼ି ନାହାନ୍ତି । ବରଂ ଯାହା ଭବିତବ୍ୟ ତାକୁ ଗ୍ରହଣ କରି ଶିବଭାଇର ପ୍ରେରଣାରେ ଅନୁପ୍ରାଣିତ ହୋଇଛନ୍ତି । ଏଣୁ ସର୍ବୋଦୟ ନାରୀ କର୍ମୀମାନେ ବାସ୍ତବମୁଖୀ ,ସେବ,ଉତ୍ସର୍ଗ ଓ ଅନୁକମ୍ପାର ଏକ ଚରିତ୍ରରେ ଦିଗ୍‌ବଳୟର ନୂତନଭାଷା ପରି ଅଭିନନ୍ଦିତ ।

ସର୍ବୋଦୟ ବହୁଗୁଣେ ଆଦିବାସୀ ଦର୍ଶନ ବିଚାରରେ ଅତୀତରୁ ଆପେ ସ୍ୱାଭାବିକ ଭାବରେ ରହିଛି । ସେମାନଙ୍କର ଆତିଥ, ସମ୍ଭାଷଣ ଓ ସରଳ ଭାବ ବିନିମୟ ଅତୀତରୁ କନ୍ଧ ଓ କଳେବର ମଧ୍ୟରେ ସମ୍ବନ୍ଧ ରହିଥିଲା । କେବଳ ପାର୍ଥକ୍ୟ ହେଲା, କନ୍ଧମାନେ ଆଦିବାସୀ, ନିଜ ସଂସ୍କୃତି ସୀମାରେ ରହିଲେ, ସଭ୍ୟମାନେ ଥିଲେ ସହରର ଆଲୋକିତ ସଭ୍ୟତାର ପରିଧିରେ । ମାତ୍ର ପୁରୁଷ ପରି ଭାରତର ନାରୀ ଯୁଗଯୁଗର କଥା କହେ । "ମାଳତୀ ଦେବୀ, ରମାଦେବୀ ଯେପରି ଥିଲେ ଜାଗରଣର ଉତ୍ସ ଏବଂ ନାରୀଜାତିର 'ଅପା' ବା ବଡ଼ ଭଉଣୀ ପରି ଆରାଧ୍ୟ ।"

**ନିଷ୍କର୍ଷ:-** ଆତ୍ମା ଅମର । ବ୍ୟକ୍ତିର ସୁଗୁଣ ଓ ଦୁର୍ଗୁଣ କାଳଜୟୀ । ମଣିଷ ଇହଧାମ ତ୍ୟାଗ କଲେ ମଧ୍ୟ ଅକ୍ଷୟ ତାର ବିଚାର, ଅକ୍ଷୟ ତାର କୀର୍ତ୍ତି, ତାର ସୁକର୍ମ ଜୀବନର ମାନଦଣ୍ଡ ହୋଇ ରହିଥାଏ । କେ ରହିଛି ଭବେ ବାସ୍ତବ ବିଭବେ ସୁବର୍ଣ୍ଣ ମୁକୁଟ ବାନ୍ଧି, ଯଶ ଅପଯଶ ନୁହେଁ କାଳବଶ ହୁଅନ୍ତି ବା ପ୍ରତିବାଦୀ (ଗଙ୍ଗାଧର) ଏବଂ "ମାନବ ଜୀବନ ନୁହଁଇ କେବଳ ବର୍ଷମାସ ଦିନ ଦଣ୍ଡ, କର୍ମେ ଜୀଏଁ ନର, କର୍ମ ଏକା ତାର ଜୀବନର ମାନଦଣ୍ଡ ।" (ଗୋପବନ୍ଧୁ) ଏହି ମହତ ବାଣୀର ପୃଷ୍ଠପଟ୍ଟରେ ଆଧାରିତ ଏହି ଉପନ୍ୟାସରେ ସନ୍ଥ ଜୀବନ, ନିଷ୍କପଟ ନିଷ୍ଠା, ଆତ୍ମୋତ୍ସର୍ଗ ଏବଂ ଲୋକଙ୍କ ହୃଦୟରେ ପହଞ୍ଚିବା ପାଇଁ ପଦଯାତ୍ରା ରୂପୀ ଅଭିନବ ଉପାୟର ପ୍ରୟୋଗ ପ୍ରୟାସ – 'ଶିବ ଭାଇ'ଙ୍କୁ ଅନନ୍ୟ ସ୍ୱୀକୃତି ପ୍ରଦାନ କରେ ।

**(ଡ)ଅପହଞ୍ଚ : ଗୋପୀନାଥ ମହାନ୍ତିଙ୍କର ଏକ ଅନନ୍ୟ ସ୍ୱୀକୃତି:**

ଗଦ୍ୟାଂଶ: ୧୯୬୧ରେ ଗୋପୀବାବୁ କନ୍ଧ ଆଦିବାସୀ ଜୀବନ ଚିତ୍ର ସମ୍ବଳିତ 'ଅପହଞ୍ଚ' ନାମକ ଏକ କ୍ଷୁଦ୍ର ଉପନ୍ୟାସ ରଚନା କରିଛନ୍ତି । ଏଥିରେ ଆଦିବାସୀ ଜୀବନକୁ କିପରି ଆଧୁନିକ ଶିକ୍ଷା, ସଭ୍ୟତା ଓ ରାଜନୈତିକ ଚିତ୍ର କିପରି ପ୍ରଭାବିତ କରିଛି ତାହା ଦେଖାଇବା ପାଇଁ ପ୍ରୟାସ କରିଛନ୍ତି । ଏଣୁ ଆଦିବାସୀ ପରମ୍ପରା, ସଂସ୍କୃତି ସୁରକ୍ଷା ଅପେକ୍ଷା ମଣିଷ ସ୍ୱାଧୀନତାର ଅରୁଣୋଦୟକୁ ବିରାଟ ଆଶାନେଇ ଅନାଇଁ ରହିଛି । ସ୍ୱାଧୀନତାର ପରବର୍ତ୍ତୀ ଆଦିବାସୀ ସମାଜ ଆଧୁନିକ ରାଜନୈତିକ ପ୍ରଭାବ ଓ ବୈଷୟିକ ବିକାଶରେ ପ୍ରଭାବିତ ହେବା ଫଳରେ ନବଆଶାରେ ଅନୁପ୍ରାଣିତ ହୋଇ ଚାହିଁଛି ନୂତନ ସୁଯୋଗ, ସୁବିଧା । ଚାହିଁଛି ଶୋଷଣରୁ ରକ୍ଷା ପାଇବା ପାଇଁ । ସେଥିପାଇଁ ସେ ନିଜ ଗୋଷ୍ଠୀର ମଣିଷଠାରୁ ସାହାଯ୍ୟ ଭିକ୍ଷା କରିଛି । ଉକ୍ତ ଚେତନା ଓ ଜୀବନ ଧାରାର ଏକ ଅଭିନବ ପ୍ରକାଶର ଓ ପରିବର୍ତ୍ତିତ ରାଜନୈତିକ ଚେତନାର ଚିହ୍ନ ଉପନ୍ୟାସର ନାୟକ 'ଟିମା କନ୍ଧ' ମାଧ୍ୟମରେ ପ୍ରକାଶ ଲାଭ କରିଛି । ଏଣୁ ଟିମା କନ୍ଧକୁ ଆଦିବାସୀ ବିକାଶର ଏକ ପ୍ରତୀକ ଭାବରେ ଗ୍ରହଣ କରାଯାଇ ହୁଏ ।

ଉପନ୍ୟାସର 'ମେଲବାଡ଼ି' କୋରାପୁଟର ଏକ କନ୍ଧ ପଲ୍ଲୀ । ସେହିଠାରେ ରହିଥିଲା ଟିମାକନ୍ଧର ବାପା 'ବୀମା କନ୍ଧ' । ବୀମା କନ୍ଧ ନିରକ୍ଷର, ଗରିବ । କିନ୍ତୁ ତାର ପୁଅକୁ ପାଠ ପଢ଼ାଇବାକୁ ଆଗ୍ରହ ପ୍ରକାଶ କଲା । ସେ ଯେତେବେଳେ 'ବୋଉ' ପଦ ଲେଖିଲା ଆଉ ବାପା 'ଆବା' ପଢ଼ି ଶୁଣାଇ ଦେଲା, ସେତେବେଳେ ବୀମାର ଖୁସି କହିଲେ ନସରେ । ଟିମାର ପାଠପଢ଼ା, କନ୍ଧ ଜାତି ପକ୍ଷରେ ନୂଆ ଘଟଣା ହେଲା ।

ଟିମା ସହିତ ଅନ୍ୟପିଲା ମାନେ ମଧ୍ୟ 'ମିରିଗ ସିଙ୍ଗା' ଗାଁକୁ ପଢ଼ିବାକୁ ଯାଉଥିଲେ । ସେମାନେ ଅଧାରୁ ପାଠ ଛାଡ଼ି କାମ କରିବାକୁ ଚାଲିଗଲେ । ଆଦିବାସୀ ସମାଜର କାଁଭାଁ କେହି କେହି ପାଠ ପଢୁଥିଲେ । ସାଧାରଣତଃ ଆଦିବାସୀମାନେ ପାଠ ପ୍ରତି ଉଦାସୀନ । ଅବଶ୍ୟ ଟିମାର ପାଠ ପଢ଼ାରେ ବାପା ମାଉ ଆଗ୍ରହ ଓ ଶିକ୍ଷକ 'ଆଲ୍‌ଫ୍ରେଡ୍ ଉଇଲିୟମ୍ କେର୍‌କେଟାଙ୍କର' ଅବଦାନ ସ୍ମରଣୀୟ । ଶିକ୍ଷକ କେର୍‌କେଟା ଟିମା କନ୍ଧ ନାମକୁ କେଟିମାୟ୍ଯା ଦୋରାରେ ପରିବର୍ତ୍ତନ କଲେ । ଟିମା କେଟିଦୋରା ନାମରେ ସାଧାରଣ କ୍ଷେତ୍ରରେ ପରିଚିତ ହେଲା । ତା ଗାଁର କନ୍ଧମାନେ ଶାସନ ଅଧିକାରୀ, ସାହୁକାର ଦ୍ୱାରା ଶୋଷିତ ହେଉଥିଲେ । ଠକାମିରେ ପଡୁଥିଲେ । ଏଣୁ 'ଶୋବେନା କନ୍ଧ' କହିଥିଲା, "ମନ ଦେଇ ପାଠ ପଢୁଥିବୁ, ତୁ ବଡ଼ ମଣିଷ ହେଲେ ସିନା ଆମ କନ୍ଧ ଜାତିର ଦୁଃଖ ଯିବ ।"(୧) ଗାଁର କନ୍ଧମାନେ ଟିମା ଉପରେ ଭରସା ରଖିଥିଲେ । କ୍ରମେ ସେ ଗାଁ ସ୍କୁଲରୁ ଉଠି ବଡ଼ ସ୍କୁଲରେ ପଢ଼ିଲା । ତାର ହେଲା ଚାଲିଚଳନ, ଠାଣି ଚାହାଣିରେ ପରିବର୍ତ୍ତନ । ବେଳେ ବେଳେ ଗାଁକୁ ଆସେ । ଲୋକଙ୍କର ଉପକାର ପାଇଁ କୂଅ, ପୋଖରୀ, ରାସ୍ତାଘାଟ ତିଆରି ପାଇଁ ଦରଖାସ୍ତ ଲେଖେ । ସରକାର ପଦକ୍ଷେପ ନିଅନ୍ତି । ଏଥିରେ ଲୋକେ ମଧ୍ୟ ଉପକୃତ ହେଲେ । ଏପରି କାର୍ଯ୍ୟ କରିବାରୁ ଟିମା କନ୍ଧ ଏକ ପ୍ରକାର କନ୍ଧ ଯୁବନେତା ହୋଇଗଲା । ସେ ଲଙ୍ଗଳା ହୋଇ ସ୍ନାନ କରେ ନାହିଁ । ଶୌଚ ହୁଏ । ଦାନ୍ତ ଘଷି ଜିଭ ଛେଲେ । ସଭ୍ୟ ମଣିଷ ପରି ପରିଷ୍କାର ରହେ । କିନ୍ତୁ ତା ଗାଁର ଦାଣ୍ଡ ଅପରିଷ୍କାର, ଅର୍ଦ୍ଧାଉଲିଆ, ଏ ଲୋକଙ୍କର ମୁଣ୍ଡରେ କେରାଏ ଲେଖା ଫୁର୍‌ଫୁର୍ ବାଳ, ଉକୁଣୀ, ଲମ୍ବା ଲମ୍ବା ନଖ, ତା ତଳେ କଳା କଳା ହୋଇ ଅସନା, ଖାଲି କୌପୁନୀ, ଚିରାକନା, ଅଳିଆ ମସିଆ, ଏହିପରି ଏ ଗାଁର ରୂପ ।"(୨) ଅସନା କନ୍ଧକୁ ଦେଖି ନାକ ଟେକେ । କାରଣ ତାର ରୁଚି ବଦଳିଛି । ଫଳରେ କ୍ରମେ ନିଜେ ଗାଁର ଆଦିବାସୀ ମାନଙ୍କଠାରୁ ସେ ନିଜକୁ ଭିନ୍ନ ମଣିଷ ବିଚାରିଛି । ତେଣୁ ଗାଁକୁ ଆସିଲେ ମଧ୍ୟ ଅଳ୍ପ ଦିନ ରହି ଚାଲିଯାଏ । ଶିକ୍ଷିତ ଲୋକଙ୍କ ପରି ମୁଣ୍ଡ ଟୁଙ୍ଗାରି 'ହିଁ, ହୁଁ' କରେ । କନ୍ଧମାନଙ୍କର ସତେ ଯେପରି ସେ ଏକ ବିସ୍ମୟ । ସେ ୧୯ ବର୍ଷରେ ମେଟ୍ରିକ୍ ପାସ୍ କଲା । ସୁସ୍ଥ ସବଳ ଗୋରା ଯୁବକ ଟିମା । ଇଂରାଜୀ ଓ ତେଲୁଗୁ ଭାଷାରେ କଥା କହେ, ସିଗାରେଟ୍ ଟାଣେ । ଦେହରେ ଅତର ଲଗାଇ ବନ୍ଧୁମାନଙ୍କ ସହିତ ସିନେମା ଦେଖେ । ବେଶ୍ ମଉଜ ମଜଲିସ ହସଖୁସିରେ ସମୟ କଟାଇଲା । କନ୍ଧ ମଣିଷର ସେ ଆଧୁନିକ ମଣିଷରେ ରୂପାନ୍ତରିତ ହୋଇଗଲା ।

ମେଟ୍ରିକ୍ ପାସ୍ ପରେ 'ଲେଲିବାଡୀ'ର ଗୋଟିଏ ସରକାରୀ ଅଫିସରେ ୬୦ ଟଙ୍କାରେ କିରାଣୀ ଚାକିରୀ ପାଇଲା । ସେହିଠାରେ ତେଲୁଗୁ ଭାଷୀ ଜାଟପ୍ ଦ୍ୱାରା ବଂଶର ଧୂଆଁପତ୍ର ବ୍ୟବସାୟୀ ନରସିଂଲୁର ଝିଅ 'ରଜନୀ'କୁ ବାହା ହେଲା । ତାର ଶ୍ୱଶୁର ତାର ବାପା ବୀମା କନ୍ଧକୁ ୨୦୦୦ଟଙ୍କା ଯୌତୁକ ମଧ୍ୟ ଦେଲା । ତେଣୁ ବାପ ପୁଅର ଅର୍ଥ ସାର୍ଥର କୌଣସି ଅଭାବ ରହିଲା ନାହିଁ । ବୀମା କନ୍ଧ ସେହି ଟଙ୍କାରେ ଋଣ ଦେଇ ଧନୀ ହେଲା । ଜମି କିଣି ବଡ଼ ଚାଷୀ ହେଲା । କୁମୁଟି ମହାଜନ ମାନଙ୍କ ପରି ତା ଦ୍ୱାରା କନ୍ଧମାନେ ବି ଶୋଷିତ ହେଲେ । ଅଭାବୀର ସଭାବ ପରିବର୍ତ୍ତନ ହେଲେ ସେ ଗରିବର କଥା ଭୁଲିଯାଏ । ଏଇଠି 'ବୀମା' ଏକ ଉଦାହରଣ ହେଲା ।

ଟିମା ଥିଲା ସାଧୀନ ଚେତା । ତାକୁ ଆଦିବାସୀ ଯୁବନେତା ଭାବେ ସାଧାରଣ ଲୋକେ ସମ୍ମାନ ଦେଲେ । ତାକୁ ଖାତିର ବି କଲେ । ଏଣୁ ନେତା ହେବାର ମୋହ ନେଇ ଚାକିରୀ ଛାଡ଼ି ରାଜନୀତି କରିବାକୁ ଚାଲିଗଲା ସହରକୁ । ସେ ହାଟରେ, ବିଭିନ୍ନ ସଭା ସମିତିରେ ଭାଷଣ ଦିଏ । ତାର ଫଟୋ ପତ୍ର ପତ୍ରିକାରେ ପ୍ରକାଶ ପାଏ । ତାର ସୁପାରିଶରେ ବ୍ୟବସାୟୀ ମାନେ ମୂଲିଆ ପାଇଲେ । ଜଡ଼ା, ସୋରିଷ, ମାଣିଆ, ହଳଦୀ ଆଦି ଆଦିବାସୀ ପଲ୍ଲୀ ଗାଁରେ କିଣିଲେ । ଠିକାଦାରମାନେ ସଡ଼କ, ନାଳବନ୍ଧ, ସ୍କୁଲ ଘର ତିଆରି କାମ ନେଲେ । ବ୍ୟବସାୟ କଲେ । ପରୋକ୍ଷରେ ତାର ବାପା ବି କଣ୍ଟ୍ରାକ୍ଟର ହେଲା । ବୀମା ହେଲା ଜଣେ ଆଦର୍ଶ ଚାଷୀ । ସମ୍ମାନସ୍ପଦ ବ୍ୟକ୍ତି ଭାବେ ସମ୍ମାନିତ ହେଲା । ଏଣେ ଆଦିବାସୀ ମାନଙ୍କର ଟିମା ଉପରେ ଯେଉଁ ଭରସା ଥିଲା, ସେ ଆଶା ହେଲା ସୁଦୂର ପରାହତ । ସେମାନେ ତାକୁ ଦେଖିବାକୁ ପାଇଲେ ନାହିଁ । ଟିମା ସହର ନଗରରେ ରହି ନାଇଟ କ୍ଲବରେ ଯୋଗ ଦେଇ ସୁରା ଓ ସାକୀର ଶିକାର ହେଲା । ତାର ଆଦିମ ଯୌନ ଚେତନା ସହରୀ ସଭ୍ୟତାର ଉଚ୍ଛୃଙ୍ଖଳତାରେ ଦ୍ୱିଗୁଣିତ ହେଲା । ନିଶା ଟୁଲୁଟୁଲୁ ଆଖିରେ ତାର ଧ୍ୟାନ ଗଲା । ନିଭା ଦେବୀଙ୍କ ପରି କେତେ ସୁନ୍ଦରୀ ତରୁଣୀଙ୍କ ସାନ୍ନିଧ୍ୟ ପାଇଲା । 'ରଜନୀ' ପ୍ରେମ ତାର ମନେ ପଡ଼ିଲା ନାହିଁ । ଗାଁ ଭୁଲି, ଜାତି ଭୁଲି ରାଜନୀତି କ୍ଷେତ୍ରରେ ସୀକୃତ କନ୍ଧ ପ୍ରତିନିଧି କେଟିମାୟା ଦୋରା ସହରି ଉପଭୋଗରେ ମାତି ନିଜକୁ ଧ୍ୱଂସ କରିବାରେ ଲାଗିଲା । ତାର ଶ୍ୱଶୁର ନରସିଂଲୁ ମଦ ବ୍ୟବସାୟୀ ବୀର ଲକ୍ଷ୍ମଣ ସାମୀ ଏହା ଜାଣି ଚିନ୍ତିତ ହେଲେ । ମାତ୍ର ସେମାନଙ୍କ କଥା କେ.ଟି. ଦୋରା ଖାତିର୍ କଲା ନାହିଁ ।

ସେ ଗାଁକୁ ଭୁଲିଛି । ଗାଁ ଲୋକେ ମଧ୍ୟ ତାକୁ ଭୁଲି ପଞ୍ଚାୟତ ତଥା ଉନ୍ନୟନ ମୂଳକ ଯୋଜନା କାମ କରି ବଞ୍ଚି ରହିବାର ରାସ୍ତା ବାଛି ନେଲେଣି । କେତେକ ଜେଲରୁ, ଆସାମ ଚା ବଗିଚାରୁ ଗାଁକୁ ଫେରି ଆଦିବାସୀ ଯୁବକ ପଲ୍ଲୀ ନେତୃତ୍ୱ ନେଇ ସାରିଲେଣି । କ୍ରମେ ଗ୍ରାମାଞ୍ଚଳରେ ରାଜନୈତିକ ଚେତନା ପରିବର୍ତ୍ତିତ ହେବାରେ ଲାଗିଛି । ସେମାନେ ଆଦିବାସୀ ମାନଙ୍କୁ ସଂଗଠିତ କଲେ । ନେତା ହେବାର କାମନା ପୋଷଣ କଲେ । ନିର୍ବାଚନ ଆସିଲା । କେ.ଟି. ଦୋରା ମଧ୍ୟ ହେଲା ଜଣେ ପ୍ରତିଦ୍ୱନ୍ଦୀ । ଭୂୟାକା ହାର୍ଗୁଣା, ଯିଏ ଦିନେ ଥିଲା ଆଦିବାସୀ ଉନ୍ନୟନ କାର୍ଯ୍ୟର ବେତନଭୋଗୀ କର୍ମୀ, ସେ ବଦଳିକୁ ସୀକାର ନକରି ଚାକିରୀ ଛାଡ଼ି ଗାଁରେ ଛୋଟ ଠିକାଦାରୀ କରି ଲୋକଙ୍କୁ କାମ ଯୋଗାଇଲା । ତାର ବି ଜମି ଧନ ଆଉ ପ୍ରତିପତ୍ତି ବଢ଼ିଲା । ସେ ହେଲା କେ.ଟି. ଦୋରାର ପ୍ରତିଦ୍ୱନ୍ଦୀ । ସେବରି ଚମରୁ ମାଛ, କର୍ମୀ ବିଶ୍ୱ ରତନ, ଦାସ ପଟ୍ଟନାୟକ, ଶ୍ରୀ ରାମଲୁ ଅଚାରି, ମଜାର ହୁସେନ୍, ମହାଦେବ ଲାଲ ବ୍ୟାସ, ଆଦି କର୍ମୀ 'କୋଠ ପରିବାର' ଗଢ଼ିବା ପାଇଁ ଲୋକଙ୍କୁ ମତାଇଲେ । ଏପରି ଅନେକ ସାଧୀନ କାମ ଓ ଉଦ୍‌ଯୋଗ ତଥା ସରକାରୀ ଯୋଜନା କନ୍ଧ ଅଞ୍ଚଳରେ ମୁଣ୍ଡ ଟେକିଥିବା ବେଳେ ଟିମାର ଦେଖା ନଥିଲା । ଏଣୁ ଜନ ସହଯୋଗ ପାଇଲା ନାହିଁ । ଭୋଟରମାନେ ବଡ଼ ବୁଦ୍ଧିମାନ୍ । ସେବାହୀନ ସାର୍ଥପର ମଣିଷକୁ ପ୍ରତ୍ୟାଖ୍ୟାନ କଲେ । ଭୂୟକା ହାର୍ଗୁଣାକୁ ଜିତାଇଲେ । ହାରିଲା କେ.ଟି.ଦୋରା ବନାମ ଟିମା କନ୍ଧ ।

ପିତା ପୁତ୍ରର ପ୍ରଭାବ ଗାଁରେ ସହର ସଭ୍ୟତାକୁ ଚମକାଇ ଥିଲା । ମାତ୍ର ଆଉ ଘରେ ବାହାରେ ତାର ସମ୍ମାନ ରହିଲା ନାହିଁ । ଶ୍ୱଶୁର ନରସିଂଲୁ ମଧ୍ୟ ଟିମା ପ୍ରତି ଅନୁଦାର ରହିଲେ । ଯେଉଁ

ସହଗାମୀମାନଙ୍କ ସହିତ ମିଶି ନେତୃତ୍ୱର ମୋହରେ ଦିନେ ଟିମା ମାତିଥିଲା ସେମାନେ ମଧ୍ୟ ମୁହଁ ଫେରାଇଲେ ନାହିଁ । ନିୟାମତ୍ ହୁସେନ, ରାଧୁ ପଟ୍ଟନାୟକ, ପ୍ରିତମ୍ ସିଂ, ଲିଙ୍ଗା ମହାପାତ୍ର, ଦିପ୍‌ଚାନ୍ଦ ମାଡ଼ୁଆଡ଼ି, ଲୁଲୁ ରାୟ, ନୀରା ଦେବୀ ପ୍ରମୁଖଙ୍କ ଦେଖା ହେଲା ନାହିଁ । "ବେପାରି କାହାରି ନୁହନ୍ତି, ସ୍ୱାର୍ଥ ସରିଗଲେ ସ୍ନେହ ସରିଯାଏ ।(୩)" ଏହି ମର୍ମ ଭଲ ଭାବେ ବୁଝିଲା ଟିମା । ତାର ଅତୀତର ସ୍ୱପ୍ନ ଅର୍ଥାତ୍ ତା ଅଞ୍ଚଳ ସଭ୍ୟ ହେବ, ସେଠି ଖଣି କାରଖାନା କାରବାର ଲାଗିଯିବ, କେତେ କଣ ହେବ । ସେ ନେତା ପଣିଆ, ବଡ଼ଲୋକ ହେବାର ସ୍ୱପ୍ନ ଉଭେଇଗଲା । ଆପଣାର ଭୁଲ ନିଜେ ଖୋଜି ଅନୁତପ୍ତ ହେଲା ।

ମଣିଷ ଠକାମିରେ ପଡ଼ିଲେ ବାଟ ଦେଖେ । ନିଜର ଭାବନା, ନବ୍ୟ ସଭ୍ୟଙ୍କ ପ୍ରତି ତାର ବିଶ୍ୱାସ, ଜାତି ଗୋଷ୍ଠୀ ଉପରେ ଯେଉଁ ଆସ୍ଥା ଥିଲା ସବୁ ହେଲା ପାଣିର ଗାର । କ୍ରମେ ଆଦିବାସୀର ସୁପ୍ତ ଆଦର୍ଶ ତା ମନରେ ଚେଇଁ ଉଠିଲା । ସେ ପତ୍ନୀ ରଜନୀକୁ ନେଇ ମଲ୍‌କାବାଡ଼ି ଚାଲି ଆସିଲା । ସେ ଆଉ ତା ବାପା ବଡ଼ଲୋକ ହେଲେ ବା ଧନୀ ହେଲେ ସେମାନଙ୍କର କି ଲାଭ ? ଏ ଅଭିଯୋଗ ତା କାନରେ ପଡ଼ିଲା, ତା ମନର ଗର୍ବ, ଅହଂକାର, ଆଧୁନିକ ଆଭିଜାତ୍ୟ ଭଙ୍ଗୀ ଉଭେଇ ଗଲା ଏବଂ ସେ ହେଲା କନ୍ଧ ସମାଜର ସଚେତନ ନାଗରିକ । ପୁଣି ଗରିବ ଆଦିବାସୀ ମାନଙ୍କ ସହିତ ମିଶିଗଲା । 'ମହାମାନବର ସାଗର ତୀରେ, ଜାଗରେ ଧୀରେ', ବିଶ୍ୱ କବି ରବିନ୍ଦ୍ରନାଥ ଠାକୁରଙ୍କ ବାଣୀ ସତେ ଯେପରି ତା'ଠି ରୂପ ନେଲା । ସେ କୁଇ ଭାଷାରେ କଥା କହିଲା ଏବଂ କନ୍ଧ ସଂସ୍କୃତିକୁ ପୁଣି ଗ୍ରହଣ କରିନେଲା । ତାର ତିକ୍ତ ଅଭିଜ୍ଞତାରୁ ଓ ନୈରାଶ୍ୟ ମଧ୍ୟରୁ ତା'ଠି ନୂଆ ମଣିଷ ନେଲା ଜନ୍ମ । ପଲ୍ଲୀବାସୀଙ୍କୁ ଟିମା କହିଲା, "ଆମ ସମସ୍ତଙ୍କର ଜମି ସବୁ ଏକାଠି ମିଶାଇଦେବା, ଆହୁରି ଜମି କାଢ଼ିବା, ସମସ୍ତେ କାମ କରିବା, ସମସ୍ତେ ବାଣ୍ଟିବା ଖୁଣ୍ଟି ଖାଇବା ।(୪)" ସେ କନ୍ଧ ଜାତିର ସମବଣ୍ଟନ, ସମାଜବାଦ ତଥା ଗଣତାନ୍ତ୍ରିକ ଚେତନାକୁ ନିଜ ଭିଟାମାଟିରେ ରୂପାୟିତ କଲା । ଗାଁଟିଯାକ ସମସ୍ତେ ଗୋଟାଏ ଘର ପରି ଚଳିବା, ବାଣ୍ଟି ଖାଇବା, କନ୍ଧ ପରମ୍ପରାର ଆଦର୍ଶ ବୋଲି 'ପାଣ୍ଡୁକନ୍ଧ' ମୁହଁରେ ପ୍ରକାଶ ପାଇଲା । ଯେଉଁ କନ୍ଧମାନେ ଆଶା କରିଥିଲେ କନ୍ଧମାନଙ୍କୁ ଟିମା ମୁକ୍ତି ଦେବ, ସୁଖରେ ରହିବେ, ଜମି ଭାତ ଟଙ୍କାର ଅଭାବ ରହିବ ନାହିଁ, ସେହି ଆଶା ଦୂରେଇ ଯାଇଥିଲା । ଫଳରେ ସେମାନେ ତାକୁ ହରେଇଥିଲେ । ଏପରି ଉଦାର ମନୋଭାବ ଦେଖି ତାକୁ ପୁଣି ଆଦିରିନେଲେ । ସେ ହେଲା ସେଇ ଗାଁର 'ଧ୍ରୁବତାରା' ଏବଂ ଉଦାର ମାନବିକତାର ଆଲୋକ ସ୍ତମ୍ଭ । ସର୍ବୋଦୟ ଚେତନାରେ ଆକୃଷ୍ଟ ହୋଇ ଲେଖକ ଟିମା କନ୍ଧ ମାଧ୍ୟମରେ ପଲ୍ଲୀ ମଧ୍ୟକୁ ସାମ୍ୟ ମୈତ୍ରୀ ସଂହତିର ବାର୍ତ୍ତା ଆଣିଲେ । ଏଣୁ ଏହା ଏକ ସାମ୍ପ୍ରତିକ ଚେତନା ସମ୍ବଳିତ ସାମାଜିକ ଚିତ୍ର । କନ୍ଧ ସମାଜରେ ନୂତନ ଚେତନା ଆଣି ଜାତୀୟ ସ୍ରୋତ ସହିତ ସାମିଲ କରିବାର ଏକ ଅଭିନବ ପ୍ରୟାସ । ଏଥିରେ ମଧ୍ୟ 'ଶିବଭାଇ' ଓ 'ଦୁଇପତ୍ର'ର ଆଦର୍ଶ ଜଳ ଜଳ ଦିଶୁଛି । ରାଜନୈତିକ, ସାମାଜିକ ପ୍ରଗତି ସଙ୍ଗେ ସଙ୍ଗେ ଲେଖକ ସମାଜ ସଂସ୍କାରକ ଭାବେ ଏଠି ଆତ୍ମପ୍ରକାଶ କରିଛନ୍ତି । ଯଥା:-" ଝୁଲିକିଗୁଡ଼ାର ପାହାଡ଼ ତଳେ କୁଡ଼ିଆ ବାନ୍ଧି ଆଶ୍ରମ ଖୋଲିଛନ୍ତି କର୍ମୀମାନେ । ଘର ଘର ଚରଖା ଚାଲିଛି । ଗୀତା, ଭାଗବତ, କୋରାନ୍, ବାଇବେଲ୍ ବୋଲି ବୋଲି ସେମାନେ ଆପଣା ହାତରେ ହଳ କରନ୍ତି । ସେଠି ଢିଙ୍କି ପାହାର ଶୁଭେ, ତେଲି ଘଣା କେଁକେଟର୍ ଶୁଭେ, ଧକଡ୍ ଖଟ ଶୁଭେ, ଲୁଗା ବୁଣା ଟକ୍‌ଟକ ଶବ୍ଦ । ତାରି ମଧ୍ୟରେ ପାଞ୍ଚ ଜଣ କର୍ମୀ ଶ୍ରେଣୀ ହୀନ ସମାଜ ଗଠନର ସ୍ୱପ୍ନ ଦେଖିଛନ୍ତି ଏବଂ ଲୋକଙ୍କୁ

ବାରମିଶା କୋଠ ପରିବାର ଗଢ଼ିବାକୁ ପ୍ରବର୍ତ୍ତାଇଛନ୍ତି ।" (୫) ଫଳରେ ଶୋଷଣ ବିହୀନ ସମାଜ ଗଢ଼ିଉଠି ସମାଜରେ ଶାନ୍ତି, ମୈତ୍ରୀ ରହିବ ଏବଂ ଆଧୁନିକ ସୁସ୍ଥ ସମାଜ, ସୁସ୍ଥ ପରମ୍ପରା ଓ ପ୍ରଗତିର ଚରମ ସଫଳତା ଗାଁ ମାଟିକୁ ଆଲୋକିତ କରିବ । ଏହା ସମାଜବାଦୀ ଚେତନା ଲେଖକ ଗୋପୀବାବୁଙ୍କର ଆଶା । ଆଧୁନିକ ସଭ୍ୟତା ସହିତ ସମାଜର ମୌଳିକ ସଂସ୍କୃତି, କଳା ଓ ମଣିଷର ମୌଳିକ ଆବଶ୍ୟକତାର ପୂରଣ ପାଇଁ ଏକତା ହିଁ କାମ୍ୟ । କନ୍ଧଦର୍ଶନ ହିଁ ବର୍ତ୍ତମାନର ଜାତୀୟ ଜୀବନକୁ ନୂତନ ବାଟ ଦେଖାଇବ । ଗାନ୍ଧୀ, ବିନୋବାଙ୍କର ନୂତନ ଆହ୍ୱାନ ସମର୍ଥକତା ଆଣିବ । ଏଣୁ ନବ ଶିକ୍ଷିତ ଯୁବକମାନେ ନିଜ ସମାଜ ଗୋଷ୍ଠୀ ସହିତ ମିଶି ନୂତନ ସମାଜ ଗଢ଼ିବେ ବୋଲି ଉପନ୍ୟାସ 'ଅପହଞ୍ଚ'ର ଆଶା । ଅପହଞ୍ଚ ମଣିଷର ପହଞ୍ଚିବା ପାଇଁ ଯୁବଶକ୍ତି, ଇଚ୍ଛାଶକ୍ତି କାର୍ଯ୍ୟ କରୁ - ଏହା ହିଁ ଯୁଗୋଚିତ ଆହ୍ୱାନ ।

**ଟିମାର ଚରିତ୍ର:**

ଟିମା କନ୍ଧ 'ଅପହଞ୍ଚ' ଉପନ୍ୟାସର ମୁଖ୍ୟ ଚରିତ୍ର । ଏହି ଚରିତ୍ରକୁ ଜୟସ୍କ୍ୟାରୀଙ୍କ 'ମିଷ୍ଟର ଜନ୍‌ସନ୍'ଙ୍କ ଚରିତ୍ର ସହିତ ତୁଳନା କରାଯାଇପାରେ । (୬) ମିଷ୍ଟର ଜନ୍‌ସନ୍ ଆଧୁନିକ ଶିକ୍ଷା ପାଇଲା ପରେ ସଭ୍ୟ ଜଗତ ସହିତ ତାଳଦେଇ ନିଜ ଗୋଷ୍ଠୀଠାରୁ ଦୂରେଇ ଯାଇଛି । ଠିକ୍ ସେପରି ଟିମା କନ୍ଧ ଉକ୍ତ 'ନିଗ୍ରୋ' ଯୁବକ ପରି ନିଜର ସମାଜର ସେବା, ନେତୃତ୍ୱ ଦେବା ନାଁରେ ପଲ୍ଲୀଭୂଇଁ ଛାଡ଼ି ସହରକୁ ଚାଲିଗଲା । ଏହି ଆଧୁନିକ ସଭ୍ୟତା ଓ ଶିକ୍ଷାର ମୋହ ଟିମାକୁ ହତାଶ ଓ ନିରାଶ ଆଡ଼କୁ ଟାଣିନେଲା । ପୁଣି ସେ ବଡ଼ ଲୋକ ହୋଇ ନୂଆ ମଣିଷ ରୂପରେ ଦେଖା ଦେଲା । ଟିମାର ପରିବର୍ତ୍ତିତ ବ୍ୟକ୍ତିତ୍ୱରୁ ତାହାହିଁ ପରିଚୟ ପାଉଁ ।

ସ୍ୱାଧୀନୋତ୍ତର ଯୁଗର ବିକାଶଶୀଳ ସମାଜର ଟିମା ଏକ ପ୍ରତୀକ । ଟିମାର ପାଠ ପଢ଼ାରେ କନ୍ଧ ପଲ୍ଲୀ ଆଶାୟୀ ଥିଲେ । ଅବହେଳିତ ସମାଜରେ ଜଣେ ପାଠ ପଢ଼ିବା ଏକ ନୂଆ ଘଟଣା ଥିଲା । କାରଣ ନିରକ୍ଷର କନ୍ଧମାନେ ସାଧାରଣ ସମାଜର ଧନୀ, ସାହୁକାର ଦ୍ୱାରା ଠକାମିରେ ପଡୁଥିଲେ । ଏଣୁ ଟିମା ସାହାଯ୍ୟରେ ସେମାନେ ଉଦ୍ଧାର ପାଇବେ ବୋଲି ଭରସା ରଖିଥିଲେ ।

ଟିମା ପାଠ ପଢ଼ି ମେଟ୍ରିକ୍ ପାସ୍ ପରେ ୬୦ ଟଙ୍କାରେ ସରକାରୀ ଚାକିରୀ କଲା । ପରେ ଧନୀ ନର୍ସିଂଲୁର ଝିଅ ରଜନୀକୁ ବାହା ହୋଇ ସୁଖସୁବିଧାରେ ରହିଲା । କିନ୍ତୁ ସେ ରାଜନୀତି ମୋହରେ ଚାକିରୀ ଛାଡ଼ି ସହରୀ ସଭ୍ୟତା ଓ ଦଳମତ ମଣିଷର ସଂପର୍କରେ ଆସିଲା । ସେ କନ୍ଧ ସମାଜର ଜଣେ ଶିକ୍ଷିତ ଯୁବକ ହୋଇଥିବାରୁ ତାକୁ ସମସ୍ତେ ଖାତିର କଲେ । ସବୁ ପ୍ରକାର ପ୍ରଗତି ମୂଳକ କାର୍ଯ୍ୟରେ ବିଭିନ୍ନ ସମସ୍ୟାରେ ପ୍ରତିନିଧିତ୍ୱ କଲା । ସେ ହେଲା ଜଣେ ବଳିଷ୍ଠ ଆଦିବାସୀ ଯୁବନେତା । ସେ ପରେ ଏପରି ଭାବରେ ସହରୀ ରାଜନୀତିରେ ବୁଡ଼ିଗଲା ଯେ, ନିଜର ଗାଁର ଜନସାଧାରଣଙ୍କର ସମସ୍ୟା ସହିତ ସଂପୃକ୍ତ ହୋଇ ପାରିଲା ନାହିଁ । ତାର ଗାଁ ହେଲା ଅନ୍ୟମାନଙ୍କ ଦ୍ୱାରା ଶୋଷିତ । ଏପରିକି ତାର ବାପା ବୀମା କନ୍ଧ ପୁତ୍ର ବିବାହରେ ପାଇଥିବା ୨୦୦୦ ଟଙ୍କା ଯୌତୁକରୁ କ୍ରମେ ସେ ଧନୀ କୃଷକ ହୋଇଗଲା । ଜାତିଭାଇଙ୍କୁ ବୀମାକନ୍ଧ ବି ଶୋଷଣ କଲା । ଯାହା ଫଳରେ ଅବହେଳିତ, ଅସହାୟ କନ୍ଧମାନେ ବୀମା ଓ ଟିମା ବାପପୁଅଙ୍କ ପ୍ରତି ତିକ୍ତ ମନ୍ତବ୍ୟ ପ୍ରକାଶ କଲେ ।

ଟିମା ସହରି ସୁନ୍ଦରୀ ନୀଭା ଦେବୀ, ପ୍ରୀତମ୍ ସିଂ, ନିୟାମତ୍ ହୋସେନ୍ ଆଦିଙ୍କର ସାନ୍ନିଧ୍ୟ, ସହଯୋଗ ଓ ଷଡ଼ଯନ୍ତ୍ରରୁ ନିଜକୁ ମୁକ୍ତ କରିପାରିଲା ନାହିଁ । ଆଧୁନିକ ନାଚ, ଗୀତ, ନାଇଟ କ୍ଲବ ଆଦିର ଭୋଗ ବିଳାସରେ ବୁଡ଼ି ରହିଲା । କଥାରେ ଅଛି:-

"ଯୌବନଂ ଧନ ସଂପତିଃ

ପ୍ରଭୁତ୍ୱମ ବିବେକିତା,

ଏକୈକମ୍ ପ୍ୟନର୍ଥାୟ

କିମୁଯତ୍ର ଚତୁଷ୍କକ୍ଷମ୍ ।"

ଯେଉଁଠି ଧନ, ଯୌବନ, ପ୍ରଭୁତ୍ୱ ଅଜାଡ଼ି ହୁଏ, ସେଇଟି ମଣିଷ ତାର ବିବେକ ବିବେଚନା ହରାଇ ବସେ । ଏପରି ପ୍ରାଚୁର୍ଯ୍ୟର ଶିକାର ହୋଇଛି ଟିମା କନ୍ଧ । ସେ ଏକଦା ଅତୀତରେ ପଲ୍ଲୀବାସୀର କରୁଣ ଚିତ୍ର ଦୂର କରିବା ପାଇଁ ଦୃଢ଼ ପ୍ରତିଶ୍ରୁତିବଦ୍ଧ ଥିଲା । ତାହା କେବଳ ରହିଲା ସପ୍ନରେ । ତାହାର ଗୋଟାଏ ମାତ୍ର ସପ୍ନ ହେଲା, ନେତା ହେବା, ରାଜନୈତିକ ସିଂହାସନରେ ବସି ପ୍ରଭୁତ୍ୱ ବିସ୍ତାର କରିବା ।

ମାତ୍ର ତାର ଆଶା ଆସ୍ୱାଳନର ସପ୍ନ ସାର୍ଥକ ହେଲା ନାହିଁ । ନିର୍ବାଚନୀ ପ୍ରତିଦ୍ୱନ୍ଦିତାରେ ହାରିଗଲା । ସାଂପ୍ରତିକ ସୁବିଧାବାଦୀ ରାଜନୀତିରେ ଉଧେଇ ପାରିଲା ନାହିଁ । ସୁବିଧାବାଦୀମାନେ ତାଠାରୁ ଦୂରେଇ ଗଲେ । ନିଜର ଭୋଟଦାତା ମାନେ ତାକୁ "ଆଗାଇ ନେଲାଂ ତ୍ରେଓ୍ୱା ଗର୍ଜାଂ" (ହେ ବେଶ୍ୟା ପୁତ୍ର ତୁମ ଗାଁ କେଉଁଠି ?) କହି ଅପମାନିତ କଲେ । ଜଣେ ଅଧିକାରୀ କନ୍ଧ ଶୋଷକ ବୀମାର ପୁତ୍ର ବୋଲି ଅଭିଯୋଗ କରିଥିଲେ । ତାକୁ ସେମାନେ ଆସ୍ଥା, ବିଶ୍ୱାସଠାରୁ ଦୂରେଇ ଦେଲେ । ତାର ଅନ୍ତରକୁ ଚିହ୍ନି ପାରିଲେ ନାହିଁ । ସହରର ସୁବିଧାବାଦୀ ମାନେ ନିଜ ଉଦ୍ଦେଶ୍ୟ ସାଧନ କଲେ । ସେମାନଙ୍କ ଏକମାତ୍ର ଲକ୍ଷ୍ୟ ଯେ କାମ ସରିଗଲେ ହାତ ପୋଛି ଚାଲିଯାନ୍ତି । ଏପରି ବ୍ୟକ୍ତିଙ୍କର ଉଦାହରଣ ବିରଳ ନୁହେଁ । ଟିମା ସେମାନଙ୍କୁ ଚିହ୍ନି ପାରିଲା ନାହିଁ । ସେ ବି ସରଳ ଆଦିବାସୀ ଯୁବକ । ଭାବ ପ୍ରବଣତାର ଥିଲା ବଶବର୍ତ୍ତୀ । ଟିମା କନ୍ଧର ତାହା ଥିଲା ଏକ ପରୀକ୍ଷା । ସେ ସ୍ୱାଧୀନଚେତା, କପଟ ବିହୀନ, ଏକବାଗିଆ ମଣିଷ ତା ପକ୍ଷରେ ତର୍କ, ଚତୁରତା ପ୍ରବେଶ କରିପାରି ନାହିଁ । ପରେ ଆଧୁନିକ ସଭ୍ୟତାର କୁଟିଳ ସମାଜର ଘେର ମଧ୍ୟରୁ ମୁକ୍ତ ହୋଇ ଶାନ୍ତ ସ୍ନିଗ୍ଧ ପ୍ରକୃତି କୋଳକୁ ପତ୍ନୀ ରଜନୀକୁ ନେଇ ଫେରି ଆସିଲା । ନିଜର ଜମି ସହିତ ଅନ୍ୟର ଜମି ମିଶାଇ କୋଠ ଚାଷ କଲା । 'ସର୍ବେ ଭବନ୍ତୁ ସୁଖୀନଃ, ସର୍ବେ ସନ୍ତୁ ନିରାମୟାଃ'ର ଆଦର୍ଶ ଓ କନ୍ଧ ଜାତିର ପୁରୁଣା ଦର୍ଶନ ବାଣ୍ଟିକୁଣ୍ଟି ଖାଇବା, ଏକ ପରିବାର ହୋଇ ଚଳିବାର ନୀତି ତାଠାରେ ମୂର୍ତ୍ତିମନ୍ତ ରୂପ ନେଲା । ତାର ଅତୀତର ଯୁବ ଚେତନା ମାନବ ସେବା ହିଁ ମାଧବ ସେବା ସାକାର ରୂପ ନେଲା ।

**ଅଭିମତ:-**

ଗୋପୀବାବୁ ଆଧୁନିକ ଶିକ୍ଷା ଓ ସଭ୍ୟତାର ସଂଘର୍ଷମୟ ଜୀବନର ଏକ ସୁନ୍ଦର ରୂପଚିତ୍ର ଟିମା କନ୍ଧ ମାଧ୍ୟମରେ ଉପସ୍ଥାପିତ କରିଛନ୍ତି । ତାଙ୍କର ଅନୁଭୂତି ଓ ଅର୍ନ୍ତଦୃଷ୍ଟି ତଥା ସମସାମୟିକ ମଣିଷ ସମାଜର ବାସ୍ତବତା ରୂପ ପ୍ରକାଶ କରିଛନ୍ତି । ରାଜନୈତିକ କ୍ଷେତ୍ରରେ ଟିମା କନ୍ଧର ଜୀବନ

ପୁରାଣର 'ଏକଲବ୍ୟ' 'ଶମ୍ବୁକର' ଅବସ୍ଥା ଭୋଗିଲା । ସାମନ୍ତବାଦୀ, ଉଚ୍ଚ ସଂପ୍ରଦାୟ ଚକ୍ରାନ୍ତର ଶୀକାର ହେଲା । କିନ୍ତୁ ପରେ ଅବହେଳିତ ସର୍ବହରା ମଣିଷ ମଧ୍ୟରେ ଟିମା ଯେଉଁ ଶାନ୍ତି ଓ ଆନନ୍ଦ ବାଣ୍ଟି ପାରିଲା, ସେଥିରେ ତାର କନ୍ଧ ଜୀବନ ଓ ତାର ଆଧୁନିକ ଶିକ୍ଷା ସାର୍ଥକ ହୋଇଛି । ଭୁଲରୁ ଭୁଲ ହେଲା । ତାର ନୈତିକ ସାଂସ୍କୃତିକ ପରିବର୍ତ୍ତନ ହେଲା । ସାଧାରଣ ସମାଜରେ ଜଣେ ଶିକ୍ଷିତ ଓ ସଂପତ୍ତିଶାଳୀ ବ୍ୟକ୍ତି ସଇଚ୍ଛାରେ ସର୍ବସ୍ୱ ତ୍ୟାଗ କରିବା ପାଇଁ ଅନିଚ୍ଛୁକ ଥାଆନ୍ତି । ସେପରି ଆଧୁନିକ ଯୁଗରେ ଅନେକ ଆଦିବାସୀ, ଦଳିତ ଶ୍ରେଣୀର ବ୍ୟକ୍ତି ବିଶେଷ ପ୍ରଭାବଶାଳୀ ହୋଇଥିଲେ ମଧ୍ୟ ନିଜ ମଣିଷ, ନିଜ ସଂସ୍କୃତି, ଚଳଣି, ଭାଷା ପ୍ରତି ଆନ୍ତରିକତା ରଖୁ ନାହାନ୍ତି । ସେମାନେ ନିଜ ସୁଖ ସୁବିଧା ପ୍ରତି ସଚେତନ ରହି ଆତ୍ମକୈନ୍ଦ୍ରିକ ହୋଇ ପଡୁଛନ୍ତି । ସେମାନେ ସାର୍ଥପର । ଏଣୁ ନିଜ ଚତୁଃପାର୍ଶ୍ୱରେ ଥିବା ଶୋଷିତ ସମାଜ ଅସହାୟ ଅନୁଭବ କରି ପରମୁଖାପେକ୍ଷୀ ହୋଇ ପଡ଼ିଛି । ଟିମା ବି ସେପରି ଆତ୍ମସର୍ବସ୍ୱ, ଆତ୍ମସୁଖ, ସମ୍ଭୋଗରେ ମାତି ରହିଥିଲା । ଯେତେବେଳେ ସେ ପରିସ୍ଥିତିର ଶିକାର ହେଲା କୃତଘ୍ନ ମଣିଷକୁ ଚିହ୍ନିଲା । ତାର ଆଖି ଫିଟିଲା । ସାଧୀନତାର ପରବର୍ତ୍ତୀ ଆହ୍ୱାନ 'ପଲ୍ଲୀଚଲୋ' ତା ଠାରେ ନେଲା ରୂପ । ସମାଜବାଦର ସର୍ବୋଦୟ ଚେତନା ତାର ବ୍ୟକ୍ତିତ୍ୱରେ ପୁଞ୍ଜିଭୂତ ହେଲା । ନିଜଲୋକର ଦାରିଦ୍ର୍ୟ, ଅର୍ଥନୈତିକ ସମସ୍ୟା ଓ ଆଧୁନିକତାର ସାମାଜିକ ସଂଗଠନର ଆଲୋକ ବିତରଣ କରିବାରେ ଲାଗି ପଡ଼ିଲା । ତାର ସାଭାବିକ ନେତୃତ୍ୱ । ଗ୍ରାମବାସୀଙ୍କୁ ଆଶ୍ୱସ୍ତ କଲା । ବାସ୍ତବରେ ନିଜ ସମାଜର ନିଜର ଶିକ୍ଷିତ ମଣିଷ ନେତୃତ୍ୱ ନେଲେ ବା ସେବା କଲେ ନିରୀହ, ଶୋଷିତ ଲୋକେ ଶୋଷଣରୁ ରକ୍ଷା ପାଇ ପାରିବେ । ନୂତନ ଭାବ ଚେତନାର ଉଦ୍‌ବୁଦ୍ଧ ହେବେ । ଏହା ହିଁ ଲେଖକର ବିରାଟ ଆଶା । ପୂର୍ବତନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ସଚେତନଶୀଳ ସମାଜସେବୀ ଶ୍ରୀ ନୀଳମଣି ରାଉତରାୟଙ୍କର ଭାଷାରେ "ବର୍ତ୍ତମାନ ଗରିବୀ ହଟାଓ, ଧନୀ ଓ କାର୍ଯ୍ୟକ୍ରମକୁ ଯେତେ ନୂଆ ନୂଆ ରୂପରେ ଅବସ୍ଥାପିତ କରାଯାଉନା କାହିଁକି ପ୍ରକୃତରେ ସେହି ସମୟରେ (୧୯୬୧) ଓଡ଼ିଶାର ଏକ ବାସ୍ତବ ଗ୍ରାମାଭିମୁଖୀ । 'ଗରିବୀ ହଟାଓ' ଅର୍ଥନୈତିକ କାର୍ଯ୍ୟକ୍ରମ ଓ ଆହ୍ୱାନ ଦିଆଯାଇ ସାରିଥିଲା । (୭) ତେଣୁ ଏହା ତତ୍‌କାଳୀନ ସମସାମୟିକ, ରାଜନୈତିକ ଓ ସାମାଜିକ ଚିତ୍ରର ଏକ ଭବ୍ୟ ଉପସ୍ଥାପନ, କହିଲେ ସମୀଚୀନ ହେବ ।"

ମି: ଜନ୍‌ସନ୍ ଜଣେ ନିଗ୍ରୋ ଯୁବକ, ସେ ମଧ୍ୟ ନିଜ ଦେଶର ଆଦିବାସୀ ଯୁବକ । ସେ ଶିକ୍ଷାଦୀକ୍ଷା ପାଇଲା ପରେ ସମାଜରୁ ଦୂରେଇ ଯାଇ ଆଭିଜାତ୍ୟପୂର୍ଣ୍ଣ ଜୀବନ ଯାପନ କରିଛି । ସେ ଭୁଲିଯାଇଥିଲା ତାର ସମାଜକୁ । କିନ୍ତୁ ଲେଖକଙ୍କର ଟିମା କନ୍ଧ ଯିଏ କେ.ଟି. ଦୋରା ଭାବରେ ପରିଚିତ ହୋଇଥିଲା, ଶିକ୍ଷିତ ସଭ୍ୟ ସମାଜରେ ସେ ପୁଣି ଟିମା ଭାବରେ ନିଜର ସମାଜ ଲୋକଙ୍କ ଦ୍ୱାରା ଆଦଣୀୟ ହେଲା । ବୁଢ଼ା ଚନ୍ଦ୍ର କନ୍ଧର କଥାକୁ ସେ ସ୍ମରଣ କରିଛି । "ବାଉଁଶ ଝୁଲି ଝୁଲି ମରେ ଆଉ ଆମ ଭଳି ପରଜା ବୁଲି ବୁଲି ମରେ । ତୁ ଏକା ଆମ ଆଶା ଭରସା, ବଡ଼ ହେଲେ ଭୁଲି ଯିବୁ ନାହିଁ ।"(୮) ଏହି କେଇପଦ କନ୍ଧ ବୁଢ଼ାର କଥା ଟିମା କନ୍ଧର ଜୀବନରେ ହଜିଯାଇଥିଲା । ଏହା ପୁଣି ଚେଇଁ ଉଠିଛି ତାର ଜୀବନରେ ନିଜ ଜାତିଭାଇଙ୍କୁ ଆଲିଙ୍ଗନ କରି । ଗାନ୍ଧୀ, ବିନୋବା ଓ ସ୍ୱାମୀ ବିବେକାନନ୍ଦଙ୍କର ଆହ୍ୱାନରେ ଆହୁତି ଦେଇ ମା ମାଟିର ସେବା କରିବାକୁ ବିହ୍ୱଳ ହୋଇ ଉଠିଛି । ଭୁଲି ଯାଇଛି ନବ୍ୟ ସଭ୍ୟ ମଣିଷର ଚତୁରତା କପଟତା ଏବଂ ଶାନ୍ତି ସ୍ଥାପନ କରି ଜୀବନ ଆନନ୍ଦ ପାଇଁ କନ୍ଧକୁ ସନ୍ଦିତ କରିଛି ।

ଏଇଠି ରହିଲା ତାର ଜୀବନର ସାର୍ଥକତା । କୂଟ ନୀଚ ରାଜନୀତି ଅଭିସନ୍ଧିରେ ଯିଏ ଅପହଞ୍ଚ ସେହି ଟିମା ସେବା ତ୍ୟାଗରେ ପହଞ୍ଚି ଭିଟାମାଟିକୁ ପହଞ୍ଚି, ସ୍ୱର୍ଗରେ ପରିଣତ କରିଛି । ଗୋପୀବାବୁଙ୍କର ଭାଷାରେ, "ଟିମା କନ୍ଧ ସଂସ୍କୃତି ସଂପର୍କରେ ଆଖି ଝଲସା ପ୍ରଭାବରେ ପଡ଼ି ଦୂରେଇ ଯିବାକୁ ଚେଷ୍ଟା କରିଛି, ପାହାର ଖାଇଛି । ପୁଣି ଲେଉଟି ଆସିଛି ବାଣ୍ଟିକୁଣ୍ଟି ଖାଇ ଗୋଷ୍ଠୀ ମାନିଆଁ ହୋଇ ଚଳିବା ବନ୍ଧୁତ୍ୱକୁ" (୯) । ମଖ୍‌ମଲି, ସଭ୍ୟତା ପ୍ରତି ବିତୃଷ୍ଣ ହୋଇ ଆଦିବାସୀ ସମାଜ ସଂସ୍କୃତିର ମାନବୀୟ ଗଣଚେତନାକୁ ସ୍ୱାଗତ କଲା ଟିମା । ଏହା ହେଉଛି ଆଦିବାସୀ କନ୍ଧ ଯୁବକର ଆଜିର ଯୁଗ ପାଇଁ ଶେଷ ବାର୍ତ୍ତା । ଏପରି ଶିକ୍ଷିତ ଯୁବକମାନେ ନୂତନ ରାଷ୍ଟ୍ର ନିର୍ମାଣରେ ଅଂଶ ଗ୍ରହଣ କଲେ ଅତୀତର ରାମରାଜ୍ୟ ଫେରି ଆସିବ । ସେଥିପାଇଁ ସେମାନଙ୍କୁ ଗର୍ବ, ଆସର୍ଦ୍ଧା, ଆସ୍ଫାଳନ, ସ୍ୱାର୍ଥ ପରିହାର କରି ଯୁଗ ନିର୍ମାଣରେ ଯୋଗ ଦେବା କାମ୍ୟ ବୋଲି ଗୋପୀବାବୁଙ୍କର ପରାମର୍ଶ । ଅପହଞ୍ଚ ଆଧୁନିକ ଶିକ୍ଷା ସଭ୍ୟତାର ଯୁବ ପୀଢ଼ି ପ୍ରତି ଏକ ଯଥାର୍ଥ ଚେତାବନୀ ।

୧) ଦାଦିବୁଢ଼ା ଉପନ୍ୟାସ

ପାଦଟୀକା-

୧. ଅଧ୍ୟାପିକା ଲାବଣ୍ୟ ନାୟକ: ଉପନ୍ୟାସ ସାହିତ୍ୟ ସମ୍ପର୍କରେ, ପୃଷ୍ଠା ୧୮୩, ପୁସ୍ତକ ଭଣ୍ଡାର, ବ୍ରହ୍ମପୁର, ୧୯୭୬ ।

୨. ଗୋପୀନାଥ ମହାନ୍ତି: ଆଦିବାସୀ ବିଷୟବସ୍ତୁ, ପୃଷ୍ଠା ୩୪, ପ୍ରଜ୍ଞା ଓଡ଼ିଆ ସାହିତ୍ୟ, ତ୍ରୈମାସିକ ପତ୍ରିକା, ୧୯୭୫ ଜାନୁୟାରୀ ସଂଖ୍ୟା ।

୩. ଗୋପୀନାଥ ମହାନ୍ତି: ଆଦିବାସୀ ବିଷୟବସ୍ତୁ, ପ୍ରଜ୍ଞା, ପୃଷ୍ଠା ୩୫ – ଓଡ଼ିଆ ସାହିତ୍ୟ, ତ୍ରୈମାସିକ ପତ୍ରିକା, ୧୯୭୫ ଜାନୁୟାରୀ ସଂଖ୍ୟା ।

୪. ଗୋପୀନାଥ ମହାନ୍ତି: ଦାଦିବୁଢ଼ା, ପୃଷ୍ଠା ୧୦ ।

୫. ଗୋପୀନାଥ ମହାନ୍ତି: 'ସାହିତ୍ୟିକ ଅଭିରୁଚି' ପ୍ରଜ୍ଞା ତ୍ରୈମାସିକ ସାହିତ୍ୟ ପତ୍ରିକା, ପୃଷ୍ଠା ୩୬ ।

୬. ଗୋପୀନାଥ ମହାନ୍ତି: ଦାଦି ବୁଢ଼ା

୭. ଡ. ବ୍ରହ୍ମାନନ୍ଦ ସିଂ: ଔପନ୍ୟାସିକ ଗୋପୀନାଥ, ପୃଷ୍ଠା ୧୧୧, ୧୯୯୩ ।

୮. ଭୋଳାନାଥ ରାଉତ: ସଂପାଦନା – ଓଡ଼ିଆ ଉପନ୍ୟାସ ପରିଚୟ, ଅଦ୍‌ଭୁତ ସାହିତ୍ୟ ସମାଜ, କଟକ, ୧୯୬୯ ।

୯. ଗୋପୀନାଥ ମହାନ୍ତି: ଦାଦିବୁଢ଼ା, ପୃଷ୍ଠା ୭୩ ।

୧୦. ଗୋପୀନାଥ ମହାନ୍ତି: ଦାଦିବୁଢ଼ା, ପୃଷ୍ଠା ୭୪ ।

୧୧. ଗୋପୀନାଥ ମହାନ୍ତି: ଦାଦିବୁଢ଼ା, ପୃଷ୍ଠା ୮୮ ।

୧୨. ଗୋପୀନାଥ ମହାନ୍ତି: ଦାଦିବୁଢ଼ା, ପୃଷ୍ଠା ୩୭ ।

୧୩. ଗୋପୀନାଥ ମହାନ୍ତି: ଦାଦିବୁଢ଼ା, ପୃଷ୍ଠା ୮୯ ।

୧୪. ଗୋପୀନାଥ ମହାନ୍ତି: ପ୍ରଜ୍ଞା, ତ୍ରୈମାସିକ ସାହିତ୍ୟ ପତ୍ରିକା, ୧୯୭୫, ଭୁବନେଶ୍ୱର ।

୧୫. ଗୋପୀନାଥ ମହାନ୍ତି: ଦାଦିବୁଢ଼ା, ପୃଷ୍ଠା ୧୩ ।

୧୬. ଗୋପୀନାଥ ମହାନ୍ତି: ଦାଦିବୁଢ଼ା, ପୃଷ୍ଠା ୧୬ ।

୧୭. ଗୋପୀନାଥ ମହାନ୍ତି: ଦାଦିବୁଢ଼ା, ପୃଷ୍ଠା ୩୦ ।

୧୮. ଗୋପୀନାଥ ମହାନ୍ତି: ଦାଦିବୁଢ଼ା, ପୃଷ୍ଠା ୪୧ ।

୧୯. ଗୋପୀନାଥ ମହାନ୍ତି: ଦାଦିବୁଢ଼ା, ପୃଷ୍ଠା ୪୯ ।

୨୦. ଗୋପୀନାଥ ମହାନ୍ତି: ଦାଦିବୁଢ଼ା, ପୃଷ୍ଠା ୫୨ ।

୨) ପରଜା ଉପନ୍ୟାସ:

ପାଦଟୀକା-

୧. ଗୋପୀନାଥ ମହାନ୍ତି: ସାହିତ୍ୟିକ ଅଭିରୁଚି, ଆଦିବାସୀ ବିଷୟବସ୍ତୁ, ପୃଷ୍ଠା ୩୮, ୧୯୭୫, ଭୁବନେଶ୍ୱର ।

୨. ଗୋପୀନାଥ ମହାନ୍ତି: ପରଜା

୩. ଗୋପୀନାଥ ମହାନ୍ତି: ପରଜା, ପୃଷ୍ଠା ୨୨ ।

୪. ଗୋପୀନାଥ ମହାନ୍ତି: ପରଜା, ପୃଷ୍ଠା ୨୨ ।

୫. ଗୋପୀନାଥ ମହାନ୍ତି: ପ୍ରଜ୍ଞା, ତ୍ରୈମାସିକ ସାହିତ୍ୟ ପତ୍ରିକା, ପୃଷ୍ଠା ୩୮, ୧୯୭୫, ଭୁବନେଶ୍ୱର ।

୬. ଗୋପୀନାଥ ମହାନ୍ତି: ପରଜା, ପୃଷ୍ଠା ୪୪୦ ।

୭. ଓଡ଼ିଆ ଉପନ୍ୟାସ ସାହିତ୍ୟ ପରିଚୟ, ପୃଷ୍ଠା ୪୫୫, ସଂପାଦନା - ପଠାଣି ପଟ୍ଟନାୟକ, ଅଭୁତ ସାହିତ୍ୟ ସମାଜ, କଟକ, ୧୯୬୯ ।

୮. ଗୋପୀନାଥ ମହାନ୍ତି: ମୁଁ ଲେଖେଁ କାହିଁକି, ଡଗର ପତ୍ରିକା ୧୬ ବର୍ଷ, ୪ର୍ଥ ସଂଖ୍ୟା, ପୃଷ୍ଠା ୩୦ ।

୯. ଗୋପୀନାଥ ମହାନ୍ତି: ସାହିତ୍ୟିକ ଅଭିରୁଚି, ଆଦିବାସୀ ବିଷୟବସ୍ତୁ, ପୃଷ୍ଠା ୩୦, ପ୍ରଜ୍ଞା ତ୍ରୈମାସିକ ସାହିତ୍ୟ ପତ୍ରିକା, ୧୯୭୫ ।

୧୦. ଡ. ବ୍ରହ୍ମାନନ୍ଦ ସିଂ: ଔପନ୍ୟାସିକ ଗୋପୀନାଥ, ପୃଷ୍ଠା ୧୨୧, ୧୯୮୦ ।

୧୧. ଡ. ବୈଷ୍ଣବ ଚରଣ ସାମଲ: ଝଙ୍କାର ୪୨ ବର୍ଷ, ଦ୍ୱିତୀୟ ସଂଖ୍ୟା, ମଇ ୧୯୯୧, କଟକ, ଓଡ଼ିଆ ଉପନ୍ୟାସ ଓ ଗଳ୍ପ ସାହିତ୍ୟ କୃଷି ଓ କୃଷକ, ପୃଷ୍ଠା ୧୫୭ ।

୧୨. ଡ. ବାଲକୃଷ୍ଣ ଶତପଥି: କୃତି ଓ କୀର୍ତ୍ତି, ପୃଷ୍ଠା ୧୫୭, ୧୯୭୮ ।

୧୩. ସୁରେନ୍ଦ୍ର ମହାନ୍ତି: ଓଡ଼ିଆ ସାହିତ୍ୟରେ କ୍ରମବିକାଶ, ପୃଷ୍ଠା ୪୫୦, ୧୯୭୮ ।

୩) ଅମୃତ ସନ୍ତାନ:

ପାଦଟୀକା-

୧. ଡ. ନରେନ୍ଦ୍ର ମିଶ୍ର: ଆଧୁନିକ ଓଡ଼ିଆ କଥା ସାହିତ୍ୟ, ପୃଷ୍ଠା ୧୧୭, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର, ୧୯୮୨ ।

୨. ଗୋପୀନାଥ ମହାନ୍ତି: ଅମୃତ ସନ୍ତାନ, ପୃଷ୍ଠା ୩୬୫ ।

୩. ଗୋପୀନାଥ ମହାନ୍ତି: ଅମୃତ ସନ୍ତାନ, ପୃଷ୍ଠା ୪୬୦ ।

୪. ଗୋପୀନାଥ ମହାନ୍ତି: ପରଜା, ପୃଷ୍ଠା ୧୪୧ ।

୫. ଗୋପୀନାଥ ମହାନ୍ତି: ଅମୃତ ସନ୍ତାନ, ପୃଷ୍ଠା ୭୧ ।

୬. ଗୋପୀନାଥ ମହାନ୍ତି: ଅମୃତ ସନ୍ତାନ, ପୃଷ୍ଠା ୩୯ ।

୭. ଗୋପୀନାଥ ମହାନ୍ତି: ଅମୃତ ସନ୍ତାନ, ପୃଷ୍ଠା ୭୦ ।

୮. ଗୋପୀନାଥ ମହାନ୍ତି: ଅମୃତ ସନ୍ତାନ, ପୃଷ୍ଠା ୨୯୪ ।

୯. ଗୋପୀନାଥ ମହାନ୍ତି: ଅମୃତ ସନ୍ତାନ, ପୃଷ୍ଠା ୩୩୯ ।

୧୦. ଗୋପୀନାଥ ମହାନ୍ତି: ଅମୃତ ସନ୍ତାନ, ପୃଷ୍ଠା ୩୪୨ ।

୧୧. ଗୋପୀନାଥ ମହାନ୍ତି: ଅମୃତ ସନ୍ତାନ, ପୃଷ୍ଠା ୩୪୩ ।

୧୨. ଗୋପୀନାଥ ମହାନ୍ତି: ଅମୃତ ସନ୍ତାନ, ପୃଷ୍ଠା ୮୪ ।

୧୩. ଗୋପୀନାଥ ମହାନ୍ତି: ଅମୃତ ସନ୍ତାନ, ପୃଷ୍ଠା ୨୩୧ ।

୧୪. ଗୋପୀନାଥ ମହାନ୍ତି: ଅମୃତ ସନ୍ତାନ, ପୃଷ୍ଠା ୩୬୫ ।

୧୫. ଗୋପୀନାଥ ମହାନ୍ତି: ଅମୃତ ସନ୍ତାନ, ପୃଷ୍ଠା ୫୬୦ ।

୧୬. ଗୋପୀନାଥ ମହାନ୍ତି: ଅମୃତ ସନ୍ତାନ, ପୃଷ୍ଠା ୫୬୦ ।

୧୭. ଓଡ଼ିଆ ଉପନ୍ୟାସ ସାହିତ୍ୟରେ ପରିଚୟ, ପୃଷ୍ଠା ୪୬୩, ଅଭୁତ ସାହିତ୍ୟ ସମାଜ, ୧୯୬୯ ।

୧୮. ଓଡ଼ିଆ ଉପନ୍ୟାସ ସାହିତ୍ୟରେ ପରିଚୟ, ପୃଷ୍ଠା ୪୬୩, ଅଭୁତ ସାହିତ୍ୟ ସମାଜ, ସଂପାଦନା - ପଠାଣି ପଟ୍ଟନାୟକ, ୧୯୬୯ ।

୧୯. ଗୋପୀନାଥ ମହାନ୍ତି: ଅମୃତ ସନ୍ତାନ, ପୃଷ୍ଠା ୨୧୬ ।

୨୦. ଗୋପୀନାଥ ମହାନ୍ତି: ଅମୃତ ସନ୍ତାନ, ପୃଷ୍ଠା ୨୨୩ ।

୨୧. ଗୋପୀନାଥ ମହାନ୍ତି: ଅମୃତ ସନ୍ତାନ, ପୃଷ୍ଠା ୨୨୪ ।

୨୨. ଇସ୍ତାହାର, ପୃଷ୍ଠା ୧୯୩, ପଞ୍ଚମ ସଂଖ୍ୟା, ୧୯୮୨, ସଂପାଦନା - ଡ. ନିତ୍ୟାନନ୍ଦ ଶତପଥି ।

୨୩. ଗୋପୀନାଥ ମହାନ୍ତି: ଅମୃତ ସନ୍ତାନ, ପୃଷ୍ଠା ୪୦୧ ।

୨୪. ଗୋପୀନାଥ ମହାନ୍ତି: ଅମୃତ ସନ୍ତାନ, ପୃଷ୍ଠା ୪୧୧ ।

୪) ଶିବ ଭାଇ

ପାଦଟୀକା-

୧. ଶିବ ଭାଇ, ପୃଷ୍ଠା ୫୫ ।

୨. ଶିବ ଭାଇ, ପୃଷ୍ଠା ୫୧ ।

୩. ଶିବ ଭାଇ, ପୃଷ୍ଠା ୫୨ ।

୪. ଶିବ ଭାଇ, ପୃଷ୍ଠା ୧୧ ।

୫. ଶିବ ଭାଇ, ପୃଷ୍ଠା ୧୪୫ ।

୬. ଶିବ ଭାଇ, ପୃଷ୍ଠା ୫୨ ।

୭. ଡ. ବ୍ରହ୍ମାନନ୍ଦ ସିଂ: ଉପନ୍ୟାସିକ ଗୋପୀନାଥ, ପୃଷ୍ଠା ୧୩୪ ।

୮. ଶିବ ଭାଇ, ପୃଷ୍ଠା ୧୧୭ ।

୯. ଶିବ ଭାଇ, ପୃଷ୍ଠା ୧୦୨ ।

୧୦. ଶିବ ଭାଇ, ପୃଷ୍ଠା ୫୯ ।

୧୧. ପ୍ରଜ୍ଞା, ପୃଷ୍ଠା ୪୦, ତ୍ରୈମାସିକ ସାହିତ୍ୟ ପତ୍ରିକା, ଜାନୁୟାରୀ ୧୯୭୫, ଭୁବନେଶ୍ୱର ।

୧୨. ପଠାଣି ପଟ୍ଟନାୟକ: ସଂପାଦନା ଓଡ଼ିଆ ଉପନ୍ୟାସ ସାହିତ୍ୟର ପରିଚୟ, ଅଦ୍‌ଭୁତ ସାହିତ୍ୟ ସମାଜ, କଟକ, ୧୯୬୯ ।

୫) ଅପହଞ୍ଚ:

ପାଦଟୀକା-

୧. ଅପହଞ୍ଚ, ପୃଷ୍ଠା ୫ ।

୨. ଅପହଞ୍ଚ, ପୃଷ୍ଠା ୯ ।

୩. ଅପହଞ୍ଚ, ପୃଷ୍ଠା ୬୭ ।

୪. ଅପହଞ୍ଚ, ପୃଷ୍ଠା ୮୮ ।

୫. ଅପହଞ୍ଚ, ପୃଷ୍ଠା ୩୨-୩୩ ।

୬. ମୁଖ୍ୟମନ୍ତ୍ରୀ ନୀଳମଣୀ ରାଉତରାୟ: ସ୍ମୃତି ଓ ଅନୁଭୂତି, ପୃଷ୍ଠା ୩୫୧, ଗ୍ରନ୍ଥ ମନ୍ଦିର, ୧୯୮୬, କଟକ ।

୭. ଅପହଞ୍ଚ, ପୃଷ୍ଠା ୪ ।

୮. ପ୍ରଜ୍ଞା, ତ୍ରୈମାସିକ ସାହିତ୍ୟ ପତ୍ରିକା, ପୃଷ୍ଠା ୪୦, ଗୋପୀନାଥ ମହାନ୍ତିଙ୍କ ମନ୍ତବ୍ୟ, ଜାନୁୟାରୀ ୧୯୭୫ ।

## ୩. ବନବାସୀ ଜୀବନ କଥାର ଭାଷ୍ୟକାର: କାହ୍ନୁଚରଣ

### (କ) ବନଗହନ ତଳେ ପୃଷ୍ଠଭୂମି :

ଔପନ୍ୟାସିକ କାହ୍ନୁ ଚରଣ ମହାନ୍ତି ଆଦିବାସୀ ଜୀବନ ତଥ୍ୟ ସମ୍ବଳିତ ଛୋଟବଡ଼ ଦୁଇଟି ଉପନ୍ୟାସ ରଚନା କରିଛନ୍ତି । ଯଥା: କାତ୍ରକା ଲେଲି (୧୯୫୯) ଓ ବନଗହନର ତଳେ (୧୯୪୫) । ତାଙ୍କର ଅନୁଜ ଡ: ଗୋପୀନାଥ ମହାନ୍ତିଙ୍କ ପରି ଏକ ବିରାଟକାୟ ଆଦିବାସୀ ଉପନ୍ୟାସ ରଚନା କରି ନଥିଲେ ମଧ୍ୟ ଆଦିବାସୀ ଜନଜୀବନ ଓ ସଂସ୍କୃତି ପ୍ରତି କୌତୂହଳୀ ହୋଇ କିଛି ରହସ୍ୟ ଉନ୍ମୋଚନ କରିଛନ୍ତି । କିନ୍ତୁ ତାଙ୍କ କୃତିରେ ସହରୀ ଜୀବନଠାରୁ ପଲ୍ଲୀ ଜୀବନର କାହାଣୀ ଅଧିକ ମଞ୍ଜୁଳ । ସରଳ ଭାଷାରେ ମନଛୁଆଁ କଥା ସୃଷ୍ଟି ପୂର୍ବକ ଫ୍ରୟେଡୀୟ ମନୋ ବିଶ୍ଳେଷଣ, ଯୌନ ଚେତନା, ସମାଜ ସଂସ୍କାର, ବୁଦ୍ଧିଜୀବିଙ୍କ ଚରିତ୍ର ଓ ଗରିବର ବ୍ୟଥା ବେଦନାର ନିଖୁଣ ଚିତ୍ର ଦେବାରେ ତାଙ୍କର ଦକ୍ଷତା ଅନନ୍ୟ । ତାଙ୍କର ଏହି ନୈପୁଣ୍ୟ ଲାଗି ସେ ମଧ୍ୟ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଛନ୍ତି । ବାସ୍ତବରେ "କାହ୍ନୁ ଚରଣ ତାଙ୍କୁ ଅତୀତ ଇତିହାସରୁ ଆରମ୍ଭ କରି ଆଦିମ ସଭ୍ୟତା ପର୍ଯ୍ୟନ୍ତ ରୋମନ୍ଥନ କରିବାରେ ସିଦ୍ଧହସ୍ତ । ନଅଙ୍କ ଦୁର୍ଭିକ୍ଷର ପଟ୍ଟଭୂମିରେ ରଚିତ 'ହା-ଅନ୍ନ' ଓ 'ଶାସ୍ତି'ଠାରୁ ପ୍ରାକ୍ ସଭ୍ୟତା ଯୁଗର ମଣିଷ ଜୀବନର ଇତିହାସ 'ଶର୍ବରୀ'ରେ ରୂପାୟିତ ହୋଇଛି ।"(୧) ଏଣୁ ସେ ଆଦିବାସୀ ଜନଜୀବନର କଥା, ବେଦନା, ଉଲ୍ଲେଖ କରିବାରେ କିପରି ନୀରବ ରହନ୍ତେ । ଯେହେତୁ ସେ ମାନବ ପ୍ରେମୀ ଓ ସାମାଜିକ ପରମ୍ପରାର ଜଣେ ନିଖୁଣ ଶିଳ୍ପୀ । ସେ ମଧ୍ୟ ପରିବେଶ, ପରିସ୍ଥିତି, ଚିତ୍ର ଚରିତ୍ର ସହିତ ମିଶି, ହସି, ରସି ସରଳ ମନର ଚିନ୍ତା ଚେତନାକୁ ଗ୍ରାସ କରିଛନ୍ତି । ଗୋପୀବାବୁଙ୍କ ଉପନ୍ୟାସରେ ପ୍ରଗଳ୍ଭ ବର୍ଣ୍ଣନା ହେତୁ, ଚରିତ୍ର ଚିତ୍ର ସହଜେ ପାଠକକୁ

ଧରା ଦେଉନଥିବା ବେଳେ କାହ୍ନୁବାବୁଙ୍କର କଥା କାହାଣୀର ଚରିତ୍ର ସ୍ରୋତରେ ପାଠକ ଭାସି ଚାଲିଥାଏ । ଏହା ହିଁ ତାଙ୍କର ଲେଖକ ଜୀବନର ସଫଳତା, । ସେପରି 'ବନଗହନର ତଳେ' ମାତ୍ର ୯୮ ପୃଷ୍ଠା ସମ୍ବଳିତ ଆଦିବାସୀ ଜୀବନର ପ୍ରଣୟ ମୂଳକ କ୍ଷୁଦ୍ର ଉପନ୍ୟାସଟିଏ । ଏଥିରେ ଧାଙ୍ଗଡ଼ା ଧାଙ୍ଗଡ଼ୀଙ୍କର ଜୀବନ ଚିତ୍ର ରହିଛି । ଜୀବନ ସମସ୍ୟା ପ୍ରାଧାନ୍ୟ ଲାଭ କରିଛି ଏବଂ ପ୍ରେମ ଓ ପ୍ରୀତିର ବର୍ଣ୍ଣନା ରହିଛି । ଏପରିକି ଆଦିବାସୀ ପଲ୍ଲୀରେ ବାସ କରୁଥିବା ଡମ୍‌ମାନେ କିପରି ଆଦିବାସୀମାନଙ୍କର୍ ସରଳତାର ସୁଯୋଗ ନେଇ ସେମାନଙ୍କୁ ବାବୁଭାୟା ତଥା ସାହୁକାରଙ୍କର ଦ୍ୱାରା ଶିକାର କରାଇ ଶୋଷଣ କରନ୍ତି ଏବଂ କନ୍ଧ ଯୁବକ ନିଶାସକ୍ତ ହୋଇ କିପରି ଅବୈଧ ପ୍ରଣୟର ଶିକାର ହୁଅନ୍ତି ତାହାର ଚିତ୍ର ଖୁବ୍ ରୋମାଣ୍ଟିକ୍ ଭାବରେ ଅଙ୍କନ କରିଛନ୍ତି । ଯଦିଓ ନିଶା ରାତ୍ରି ଗଲା ପରେ ସଚେତନ ହୋଇ ଲଜ୍ଜିତ ହୋଇ ଯୁବତୀକୁ କ୍ଷମା ମାଗିବାରେ ସେ ଦ୍ୱିଧାବୋଧ କରିନାହିଁ ।

ଗଦ୍ୟାଂଶ ସମୀକ୍ଷା:

ମଣିଷକୁ ଭଲ ପାଇବା ବା ଈର୍ଷା, ଦ୍ୱେଷ, ଅହଂକାରର ଶିକାର ହେବା ମଣିଷର ଏକ ସହଜାତ ପ୍ରବୃତ୍ତି । ଘଞ୍ଚ ଅରଣ୍ୟରେ ପ୍ରାକୃତିକ ପରିବେଶ ମଧ୍ୟରେ ରହୁଥିଲେ ମଧ୍ୟ ଆଦିବାସୀମାନେ ସଭ୍ୟ ମଣିଷଠାରୁ ଭିନ୍ନ ନୁହନ୍ତି । ସେମାନଙ୍କର ଜୀବନ ଯାପନ, ସରଳ ବେଶଭୂଷା ନିରାଡ଼ମ୍ବର ହୋଇପାରେ ମାତ୍ର ମନର ସ୍ୱଭାବ ସତତ ବିଳାସ ପରାୟଣ ଏବଂ କେତେକ କ୍ଷେତ୍ରରେ ପରାୟଣ ମଧ୍ୟ ।

କର୍ମଗତ ଜୀବନ ମଧ୍ୟରେ ଚଇତ ପର୍ବ ଆସେ । ଧାଙ୍ଗଡ଼ା ଧାଙ୍ଗଡ଼ୀ ଏଥିରେ ମଜଗୁଲ ହୋଇ ଉଠନ୍ତି । ଯୁବକର ଗୀତ, ଚାଙ୍ଗୁବାଦ୍ୟ, ଡୁଙ୍ଗଡୁଙ୍ଗା ଓ ବଂଶୀର ଧ୍ୱନି, ଧାଙ୍ଗଡ଼ା ମାନଙ୍କୁ ଆହ୍ଲାଦିତ କରେ ଏବଂ ଧାଙ୍ଗଡ଼ୀ ମାନଙ୍କର ଗୀତ, ନାଚ ତଥା ଘୁଙ୍ଗୁରର ପଦଧ୍ୱନି ଯୁବକ ପ୍ରାଣକୁ ବିମୋହିତ କରେ ।

ଏପରି ଏକ ଚଇତି ପର୍ବରେ ଲେଡ଼ିକା ଜାନିର ଝିଅ 'ସୁନା' ପିତୃହୀନା ଲତା, ପୁଲକି ତଥା ପିତୃମାତୃହୀନ ବାୟା ଓ ନୋକା ନାଇକର ପୁଅ ମାଗ୍‌ତା ଆଦି ଚଇତି ନାଚରେ ବିଭୋର ଥିଲେ । ଏହି ଉତ୍ସବରେ ସମସ୍ତେ ସମାନ । ସେଠାରେ ନାଇକର ପୁଅ 'ମାଗ୍‌ତା' ଆଦି ଚଇତି ହେଉକି ଜାନିର ଝିଅ ହେଉ ସମସ୍ତଙ୍କ ମଧ୍ୟରେ ନାଚ ନହେବାର ପ୍ରଶ୍ନ ନାହିଁ । ଯେତେବେଳେ ବାୟା ସୁନାର ହାତ ଧରି ନାଚିଛି, ମାଗ୍‌ତା ତାକୁ ମନା କରି ଲତା ସହିତ ନାଚିବାକୁ କହିଛି, ସେତେବେଳେ ଜାନିର ଝିଅ ସୁନା କହିଛି, "କିମ୍ପତି ବେଢ଼ଙ୍ଗ କଥା କହୁଛୁ ମାଗ୍‌ତା, ଆମର ଚଇତି ପରବ ନାଚ । ଏହି ଡଙ୍ଗର ତଳେ, ଜଙ୍ଗଲ ଭିତରେ ଆମେ ସମାନ । ଏଠି ଆଉ ନାଇକର ପୁଅ କି ଜାନିର ଝିଅ କହିଲେ ଚଳିବ ନାହିଁ ।"(୨)

ଏହା ହେଉଛି ସେମାନଙ୍କର ଗୋଷ୍ଠୀ ଜୀବନ । ଆଦିବାସୀର ସାମୂହିକ ସମାବେଶ । ସାଥୀ ବାଛିବାର ଶୁଭ ମୁହୂର୍ତ୍ତ । ହେଲେ ହୁଣ୍ଡା, ବୁଦ୍ଧିହୀନ, ମଦୁଆ ଲମ୍ପଟ ମାଗ୍‌ତାକୁ ସୁନା ଭଲ ପାଇନାହିଁ । ଗରିବ, ଅସହାୟ, ପିତୃମାତୃହୀନ ଅଥଚ ବଳୁଆ କର୍ମଠ ବାୟାକୁ ଭଲ ପାଇଛି ସୁନା । ବାୟା ପାଇଁ ସର୍ବସ୍ୱ ତ୍ୟାଗ କରିବାକୁ ସେ ପ୍ରସ୍ତୁତ । ମାତ୍ର ବାୟା ଦୀନ, ସ୍ଥିତିହୀନ ହେତୁ ସୁନାକୁ ବାହାହେବା ପାଇଁ

ମନା କରିଛି । ଲତା କିନ୍ତୁ ଭଲ ପାଏ ମାଗ୍‌ତାକୁ । ତାର ପିତା ଜୀବିତ ଥିବା ବେଳେ ନାଇକକୁ ମଦ ଦେଇ ଲତାକୁ ତାର ପୁଅ ମାଗ୍‌ତା ସହିତ ବିବାହ କରିବାର ପ୍ରସ୍ତାବ ଦେଇଥିଲା । ବାଘମୁହଁରେ ଲତାର ବାପାର ପ୍ରାଣଗଲା । ଲତା କିନ୍ତୁ ପିତାର ପ୍ରତିଶ୍ରୁତି ରକ୍ଷା ପାଇଁ ବଦ୍ଧ ପରିକର ଥିବା ବେଳେ ନୋକା ନାଇକ ପ୍ରତିଶ୍ରୁତି ଭଙ୍ଗ କରିଛି । ଲତା ଯେ ପିତାର 'ଡୁମା'ର ଶାନ୍ତି ପାଇଁ ମାଗ୍‌ତାର ପିଛା କରିଛି । ମାତ୍ର ସେ ହୋଇଛି ନିରାଶ । ଯୌବନତାର ଜଳିଜଳି ଶେଷ ହୋଇଛି । ତଥାପି ସେ ଧୈର୍ଯ୍ୟ ହରାଇ ନାହିଁ । ମାଗ୍‌ତାର ଔରସରୁ ସନ୍ତାନର ଜନନୀ ହେବା କାମନା ତାକୁ ଆହୁରି ବ୍ୟାକୁଳ କରିଛି । ବାସ୍ତବରେ ଧନ ପାଇଁ  ନୁହଁ, ପିତାର 'ଡୁମା' ଶାନ୍ତି ପାଇଁ । ଏ ଦିଗରେ ବାୟାଛଡ଼ା ସୁନାର ଗତି ନାହିଁ । ସେ ଗରିବ ହେଉ ବା ବଣ ଜଙ୍ଗଲରେ ରହୁ ତାକୁ ବାହା ହେବାକୁ ବା ଉଦୁଲିଆ ନେଇଯିବାକୁ ବାୟାକୁ ପରାମର୍ଶ ଦେଇଛି । କାରଣ ମାଗ୍‌ତାକୁ ବାହା ହୋଇ ତାର ଜୀବନ ଶାନ୍ତି ପାଇବ ନାହିଁ । ଜୀବନ ବନ୍ଧନକୁ ସମାଜ ବାଧ୍ୟ କରେ ନାହିଁ । ଏଣୁ ବଳିଷ୍ଠ ବାହୁ ଧାରୀ ବାୟାକୁ ଭଲ ପାଇଛି । ବାୟା. ଯେତେବେଳେ ତାର ଅବସ୍ଥାର କଥା କହିଲା, ଦୁଇ ହାତ ବାୟାର ବେକରେ ଛନ୍ଦି ତା ବକ୍ଷକୁ ଅଜାଡ଼ି ପଡ଼ିଲା । ଆଖି ତାର ଓଦା ହୋଇଗଲା । କହିଲା, "ପେଜ ଦେବି ବାୟା । ମାଗ୍‌ତାର ଘରେ ନୁହେଁ, ତୋରି ଏଇ ଖଣ୍ଡିଆ, ଭଙ୍ଗାଘରେ । ନିଜେ ରାନ୍ଧିବି, ଆଉ ଆଗ ଦେବି । ଯାହା ବଳିବ, ମୁଁ ଖାଇବି ।"(୩) ସୋନାର କି ତ୍ୟାଗ, ଦୃଢ଼ୋକ୍ତି ।

ଧନ ସମ୍ପତ୍ତି, ଗାଈ, ମଇଁଷୀ ଥିଲାବାଲା ଜାନିର ଝିଅ 'ସୁନା' । ମାତ୍ର ତା ମନରେ ଧନର ଲୋଭ ନାହିଁ । ମଣିଷ ପଣିଆରେ ଥିଲା ତାର ଲୋଭ । ବଣର ଫଳମୂଳ କନ୍ଦା ଖାଇ ବଞ୍ଚିବ । ମାତ୍ର ଯୁବା ବାୟାଛଡ଼ା ସେ ଆଉ କାହାକୁ ଚାହିଁ ନାହିଁ । ଶେଷରେ ବାୟା ତାକୁ ବାହା ହେବାକୁ ରାଜି ହେଲା । ସେ ଚାହିଁଲା, 'ଝୋଲା ଟଙ୍କା' ଆଉ ସମାଜ ପାଇଁ ଭୋଜିଭାତ । ସେଥିପାଇଁ କିଛି ଋଣ ଆଣିବାର ଯୋଗାଡ଼ରେ ଲାଗିଲା ।

ଏତିକି ବେଳେ ଧୂର୍ତ୍ତ 'ଜାମିଲ ବୁଢ଼ିଆ' (ଡମ୍) ପହଞ୍ଚିଲା । ସେ ବାୟାକୁ କେ. ରାମମୂର୍ତ୍ତି ସାହୁକାର ଠାରୁ କବଲା ଦେଇ ଋଣ ଆଣିବାର ପରାମର୍ଶ ଦେଲା । ସେ ଜାଣେ ଯେ ମାଗ୍‌ତାର ବାପ ସୁନାକୁ ବୋହୂ କରିବାକୁ ସ୍ଥିର କରିଛି । ଅଥଚ ବାୟା ଯେ ସୁନାକୁ ଭଲ ପାଏ ତାହା ବି ବୁଢ଼ିଆ ଜାଣେ । ବାୟା କିଛି ଋଣ କଲେ ବୁଢ଼ିଆର ଲାଭ । ଏପରି ଶଙ୍କଟ ସମୟରେ ବାରିକ, ଡମ୍‌ମାନେ ଉଭୟ ପକ୍ଷରୁ ସୁବିଧା ମାରନ୍ତି । ଦୁଇ ପକ୍ଷରେ ଅଂଶ ଗ୍ରହଣ କରି ବିପଦକୁ ଠେଲି ଦିଅନ୍ତି । ସେ ଭୂମିକା ନେଇଛି ବୁଢ଼ିଆ । ବୁଢ଼ିଆ ପରାମର୍ଶରେ ବାୟା ସାହୁକାର ପାଖକୁ ଗଲା । ବାୟା ଗରିବ ହୋଇ ଥିବାରୁ, ସାହୁକାର ତାକୁ ଋଣ ନଦେଇ ଫେରାଇ ଦେଲା । ସେ ଫେରିଆସି ପୁଣି ବୁଢ଼ିଆ ଡମକୁ ଉପାୟ ବତାଇଲା । ମାତ୍ର କନ୍ଧପୁଅ ଖଟି ଖାଇବ । ଗୋଟି ରହିବ ପଛେ, ଚୋରୀ କରିବ ନାହିଁ । ଏ ଦୃଢ଼ୋକ୍ତି ଶୁଣି ବୁଢ଼ିଆ ଡମ ପ୍ରସ୍ତାବ ଦେଲା ଯେ ସେ ନିଜେ ଚୋରୀ କରିବ, ହେଲେ ବାୟା ତାକୁ ସାଙ୍ଗ ଦେବ । ଆଉ ଯାହା ମିଳିବ ଦୁଇଭାଗ କରିବେ । ଧରା ପଡ଼ିଲେ ବୁଢ଼ିଆ ଡମ୍ ଶିକ୍ଷା (ଜେଲ୍) ଯିବ ବୋଲି ତାକୁ ଛଳ କଲା । ସରଳ ବାୟା ତାର ବୁଦ୍ଧି ବୁଝି ପାରିଲା ନାହିଁ । ସେ ରାତିରେ ବନମାଳୀ ସାହୁକାର ଘରୁ ଚୋରୀ କଲା । ବୁଢ଼ିଆ ଡମ ବାୟାକୁ ସୁନାଗହଣା, ଶାଢ଼ୀ ଆଉ କିଛି ଟଙ୍କା ଦେଇ ବାକି ନିଜେ ମାରିନେଲା । ସେ ସମୟରେ ଡମ ମାନେ ଚୋରୀ କରି, ଏପରିକି ସରଳ ଲୋକ

ମାନଙ୍କଠାରୁ ଠକି ଆଣି ଜୀବନ ଯାପନ କରୁଥିଲେ । ଧରାପଡ଼ିଲେ ପରମୁଣ୍ଡରେ ଅଠା ବୋଳି ଖସି ଯାଉଥିଲେ ।

ତାହା ହିଁ ଘଟିଲା । ବନମାଳୀ ସାହୁକାର ପୋଲିସ ଥାନାରେ ଏତଲା ଦେଲା । ତାର ତଦନ୍ତ ଚାଲିଲା । ଝରଣା କୂଳ ପୁଡ଼ିଆରେ ସୁନା ଆଉ ବାଘା ପ୍ରଣୟର ନୀଡ଼ ରଚନା କରି ମଧୁଯାମିନୀ କଟାଉଥାନ୍ତି । ସେ ଦିଗରେ ମାଗ୍ରତା ମଦ ଓ ପର ଝିଅ ପିଛାରେ ଧାଇଁଥାଏ । ସେ ନାଇକର ପୁଅ । ତାର ଗର୍ବ, ଧନ, ଯୌବନରେ ସେ ମତୁଆଲ । ଏପରିକି ନିଜ ଗୋତ୍ର ଆତ୍ମୀୟ ପ୍ରତି ପୁଲକିର ବାଟ ଓଗାଳି ଧାଙ୍ଗଡ଼ୀ କରିବାକୁ ହାତ ଧଇଲା । ପୁଲକି ଅନ୍ୟାୟ ଅନୀତି ଅଧର୍ମ ହେବ ବୋଲି ଦୃଢ଼ ପ୍ରତିବାଦ କଲା । ଏତିକି ବେଳେ ଲତା ମଧ୍ୟ ଆସି ମଦ ଖାଇ ବୁଦ୍ଧିହୀନ ପାପ କାର୍ଯ୍ୟ କରୁଛୁ ବୋଲି ଗାଳି ଦେଲା । ତା ସତ୍ତ୍ୱେ ମାଗ୍ରତା ହଟୁ ନଥାଏ । ମାତ୍ର ପୁଲକି ପେଙ୍ଗୁର 'ମଙ୍ଗନି' ହୋଇ ସାରିଛି, କହିଲାରୁ ମାଗ୍ରତା ଦବିଗଲା । କାରଣ ସେ ଦୁର୍ବଳ । ସବୁଠୁ ମାଡ଼କୁ ଡର । ଏ ଅବସରରେ ଲତା ମାଗ୍ରତାକୁ କହେ, ସେ ତାକୁ ବାହା ନହେଲେ ଝାଙ୍କର ଠାକୁରାଣୀ ତାର ବାପ ନୋକା ନାଇକକୁ ଖାଇଯିବ । ଏହି ଆଶଙ୍କାରେ ମାଗ୍ରତା ଲତାର ହାତ ଧରି ଘରକୁ ନେଇଥିଲା । ମାତ୍ର ଲତା ବିଲାଇ ଡୁମା ଜନ୍ମନେଇ ଥିବାରୁ ନୋକା ନାଇକ ସୁନାକୁ ବୋହୂ କରିବାକୁ ଅନିଚ୍ଛୁକ ଥିଲା । ପୁଣି ସେ ସାଧାରଣ, ବଡ଼ ସହିତ ବଡ଼ର ସଂପର୍କ ରହିବ । ନୋକା ନାଇକ ଉଭୟଙ୍କୁ ଦେଖି ବାଧା ଦେବାରୁ ଲତା ନିରାଶ ହେଲା । ନୋକା ନାଇକ, ଜାନି (ପୁରୋହିତ) ସହିତ ବନ୍ଧୁତାକୁ ଉଚିତ ମନେ କରିଛି । ମାତ୍ର ମାଗ୍ରତା ସୁନାକୁ ପାଇ ପାରିଲା ନାହିଁ । ପୁଣି ଲତା ମଧ୍ୟ ହାତରୁ ଖସିଲା । ମାଗ୍ରତା ପୁଣି ଯୌନ କ୍ଷୁଧା ଅତୃପ୍ତିରେ ନିରାଶ ହୋଇଛି ।

ଏଣେ ଚୋରୀର ତଦନ୍ତ ହେଉ ହେଉ ବାଘା ଧରାପଡ଼ିଲା । ପଟକାର ବୁଦ୍ଧିଆ ଡମ, ଶୁକ୍ରୁ, ଚଇତୁ ତାକୁ ଧରାଇ ଦେଲେ ଆଉ ଖସିଗଲେ ସେମାନେ । ତାକୁ ହେଲା ଅଢ଼େଇ ବର୍ଷ ଜେଲ୍ । ମାଗ୍ରତା ମଧ୍ୟ ବାଘାର ବିପର୍ଯ୍ୟୟରେ ଧନ, ଚୋରି କରିଥିବା ମିଛ ସାକ୍ଷୀ ଦେଲା ବନମାଳୀର ସପକ୍ଷରେ ଏବଂ ବାଘା ଜେଲ ଯିବାରୁ ବଳାତ୍କାର କରି ସୁନାକୁ ଟାଣି ନେଲା । ଅନିଚ୍ଛା ସତ୍ତ୍ୱେ ସୁନା ହେଲା ତାର ଘରଣୀ । ମାତ୍ର ବାଘାଠାରେ ତାର ମନ । ତାର କାୟା ମାଗ୍ରତା ଦ୍ୱାରା ଅତ୍ୟାଚାରିତ ହେଲା ଓ ତାର ଔରସରୁ ଜନ୍ମ ନେଲା ଏକ ପୁତ୍ର । ସବୁ ଯନ୍ତ୍ରଣା ଓ ଗଞ୍ଜଣା ସହିଲା ସୁନା । ମାଗ୍ରତା ସୁନାକୁ ପାଇଛି ତଥାପି ପର ସ୍ତ୍ରୀଙ୍କ ସହିତ ଅବୈଧ ପ୍ରଣୟରେ ଲିପ୍ତ ହେଲା । ଏକଥା ସୁନା ଏବଂ ତାର ପିତା ଭେଡ଼କା ଜାନି ଜାଣିପାରି ଏପରି ଅନୀତି କାର୍ଯ୍ୟ ପାଇଁ ଅଭିଯୋଗ କଲେ । ସୁନା ଅନୁତପ୍ତ ହେବାରୁ ତାର ବାପା ଭେଡ଼କା ଜାନି ତାକୁ ଅନ୍ୟତ୍ର ବିବାହ ଦେବାର ସ୍ଥିର କରିଛି ।

ଯେଉଁ ପେଙ୍ଗୁର ଧାଙ୍ଗଡ଼ୀ ପୁଲକି ଦିନେ ମାଗ୍ରତାକୁ ଘୃଣା କରିଥିଲା, ଅନୈତିକ ପ୍ରେମ ଆବେଦନକୁ ପ୍ରତିବାଦ କରିଥିଲା ସେ ପୁଣି ପେଙ୍ଗୁର ଅନୁପସ୍ଥିତିର ସୁଯୋଗ ନେଇ ପ୍ରେମ ପାଗଳିନୀ ପୁଲକି, ମାଗ୍ରତାର ପ୍ରେମ କାମନା କରିଛି । ଆଉ ତା ସହିତ ବଣକୁ ପଳାୟନ କରି ଦେହଜ ତୃପ୍ତିରେ ନିମଜ୍ଜିତ ହୋଇଛି । ସେ ଜାତି ପରମ୍ପରା, ସ୍ୱାମୀକୁ ଅଲକ୍ଷ୍ୟରେ ଧୋକା ଦେଇଛି । ମାତ୍ର କଥା ଲୁଚି ରହିନାହିଁ । ତାର ପାପ କର୍ମ କନ୍ଧ ପଲ୍ଲୀରେ ଗୁଞ୍ଜରଣ ସୃଷ୍ଟି କରିଛି । ମାତ୍ର ଏପରି ଅନୀତି କାର୍ଯ୍ୟକୁ ସରଳ ପେଙ୍ଗୁ ବିଶ୍ୱାସ କରିପାରି ନାହିଁ । ତାକୁ ଖୋଜିବାକୁ ଯାଇଛି । ସେ ଭାଇ ଭଉଣୀ ପ୍ରେମ ଅସମ୍ଭବ ମନେ କରିଛି । ସେ ଜାଣିପାରି ନାହିଁ ନାରୀର ନାରକୀୟ କାର୍ଯ୍ୟ କେତେ ଦୂର ବଢ଼ିପାରେ ?

ଏ ମଧ୍ୟରେ ବାୟା ଜେଲରୁ ମୁକ୍ତି ପାଇ ଫେରିଛି । ମାଗ୍ତା କନ୍ଧପୁଅ ହୋଇ ମିଛ ସାକ୍ଷ୍ୟ ଦେଇଥିବାରୁ ଏବଂ ସୁନାକୁ ତାଠାରୁ ଛଡ଼ାଇ ନେଇଥିବାରୁ ସେ ପ୍ରତିଶୋଧ ପରାୟଣ ହୋଇ ଉଠିଛି ଏବଂ ଟାଙ୍ଗିଆ ଧନୁ ଧରି ତାକୁ ମାରିବା ପାଇଁ ଆଗେଇ ଆସିଛି । ଏତିକି ବେଳେ ଘର ପାଖ ଗଛ ତଳେ ଛପିଥିବା ବାୟାକୁ ସୁନା ଦେଖିଛି । ଅତୀତର ମଧୁର ସ୍ମୃତି ତାକୁ ବିଭୋର କଲା । ପାଖକୁ ଯାଇ ମାଗ୍ତାକୁ ମାରି କି ଲାଭ କହି ତାକୁ ଫେରାଇ ଦେଇ ସେହି ଝରଣା ପାଖରେ ତାକୁ ଅପେକ୍ଷା କରିବାକୁ କହିଲା । ବାୟା ମାନିଗଲା । ଅନେକ ଦିନର କ୍ରୋଧ ଶାନ୍ତ ହେଲା । ପୁଣି ଜୀବନ ସାଥୀ ଓ ଦେହର କାମନାର ପ୍ରତିମାକୁ ପାଇବା ଆଶାରେ । ତା ଆରଦିନ ଲତା କୋଳରେ ନୋକା ନାଇକର ଜନମ ନେଇଥିବା ତୁମା ଶିଶୁପୁତ୍ରକୁ ଅର୍ପଣ କରି ଚାଲି ଯାଇଛି ବାୟା ପାଖକୁ । ଲତାର ସନ୍ତାନ କାମନା ବି ପ୍ରଶମିତ ହେଲା । ତା' କୋଳରେ ଜନ୍ମ ନହେଲେ ବି ମାଗ୍ତାର ରକ୍ତକୁ ସ୍ୱାଗତ କଲା । ସୁନା ଆଉ ବାୟାର ହୋଇଛି ପୁନର୍ମିଳନ । ପରସ୍ପର ହାତ ଧରାଧରି ହୋଇ ଘଞ୍ଚ ନିୟମଗିରି ପାହାଡ଼କୁ ଚାଲିଗଲେ, ଯେଉଁଠି ବାଧା ବନ୍ଧନ ନାହିଁ । ତାଙ୍କର ଦୁଃଖଦ ଜୀବନ ପ୍ରେମ ପାର୍ବଣରେ ଉଲ୍ଲସିତ ହେଲା । 'ଯା' ମନ ଯହିଁକି ରସେ, ତାର ଅଘଷା ମୁହଁଟି ବାସେ' ହୋଇଛି ଆଦର୍ଶ ।

**ସମୀକ୍ଷା:**

ଅବଶ୍ୟ ବଂଶଗତ ପ୍ରଣୟ, କନ୍ଧ ତଥା ଆଦିବାସୀ ସମାଜରେ ନିଷିଦ୍ଧ । ଏହି ରୀତି କଠୋର ଭାବେ ସମାଜ ଦ୍ୱାରା ନିନ୍ଦିତ ହୋଇଥାଏ । ସେମାନେ ସମାଜରେ ସ୍ଥାନ ପାଇ ପାରନ୍ତି ନାହିଁ । ଅଥଚ କାହ୍ନୁବାବୁ ଉକ୍ତ ପ୍ରଣୟ ଚିତ୍ରକୁ ରୂପ ଦେବାରେ କୁଣ୍ଠିତ ହୋଇ ନାହାନ୍ତି । ରାଧାନାଥଙ୍କ 'ପାର୍ବତୀ' କାବ୍ୟରେ ପିତା କନ୍ୟାର ସଂପର୍କ ପରି ଏ ଆବତରଣିକା ମାତ୍ର । ସେଥିରେ ଶାସ୍ତି ଅଛି ପଙ୍କିଳ ସଂପର୍କ ହେତୁ । ମନ ଗହନର ପଙ୍କିଳ ଜୀବନରେ ତାହା ନାହିଁ । କିନ୍ତୁ ସାହିତ୍ୟ ସତ୍ୟ ଘଟଣା ଉଦ୍‌ଘାଟନ କରିଥାଏ । କାରଣ ଏପରି ଘଟଣା ଯେ ସାଧାରଣ କ୍ଷେତ୍ରରେ ନଘଟୁଛି, ସେପରି କୁହାଯାଇ ନପାରେ । ସମାଜର ଅଲକ୍ଷ୍ୟରେ କେତେ କଥା ଘଟେ, ଯୌନ କ୍ଷୁଧା ବେଳେବେଳେ ମଣିଷକୁ ଅନ୍ଧ କରିଥାଏ । କାମାନ୍ଧ, କୁଳାଙ୍ଗାର ନୀଚ ପ୍ରକୃତିର ପଶୁତୁଲ୍ୟ ନାରୀ ପୁରୁଷର ଅଭାବ ନାହିଁ । ସେପରି ଚିତ୍ର କନ୍ଧ ସମାଜରେ ଆଦୃତ ହେଉ ନଥିବା ବେଳେ, ନାଇକର ପୁଅ ମାଗ୍ତା ଓ ଗୁପ୍ତ ପୁଲକିର ପ୍ରଣୟ ସଂପର୍କ ପାଠକକୁ ବିସ୍ମିତ କରିଛି । ପଙ୍କରୁ ପଙ୍କଜ ପାଇବା ପରିବର୍ତ୍ତେ ଏ ରଚନାର ଉପଜୀବ୍ୟ ହୋଇଛି 'କଳଙ୍କିତ ପ୍ରଣୟ ଚିତ୍ର' । କନ୍ଧଜାତି ସାମାଜିକ ପରମ୍ପରା ସମ୍ବନ୍ଧରେ ଅନ୍ଧ ନୁହେଁ । ସେମାନେ ବଡ଼ ରକ୍ଷଣଶୀଳ । ଗୋଷ୍ଠୀ ଆଗରେ ନାଇକ ଜାନିର ପ୍ରଭାବ ଏ ଅକିଞ୍ଚିତ୍‌କର । ଏ ଜାତି ନିରକ୍ଷର ସତ, ମାତ୍ର ପରମ୍ପରାର ପୃଷ୍ଠପୋଷକତା କରେ । ଅପର ପକ୍ଷରେ, କୌଣସି ନାରୀ ଯେତେ ପ୍ରେମ କାଙ୍ଗାଳିନୀ ହେଲେ ମଧ୍ୟ ନିଜର ଶିଶୁ ସନ୍ତାନଟିକୁ ଅର୍ପଣ କରି ପ୍ରେମିକା ସହିତ ପଳାୟନ କରିବା କନ୍ଧ ସମାଜରେ ବିରଳ । ବରଂ ସ୍ୱାମୀ ପରିତ୍ୟକ୍ତା ହେଲେ ବା ନିଜ ଇଚ୍ଛାରେ ଚାଲିଗଲେ ସନ୍ତାନ ବି ସାଙ୍ଗରେ ନିଏ । ସ୍ୱାମୀ ହୁଏତ ଅସମର୍ଥ ହୋଇପାରେ କିନ୍ତୁ ଆଦିବାସୀ ସମାଜରେ ପୁରୁଷ ଅପେକ୍ଷା ନାରୀ ବେଶୀ ସନ୍ତାନ ବତ୍ସଳା, ଉଦାର ଓ କର୍ମଠ । ଅମୃତ ସନ୍ତାନରେ 'ପୁୟୁ' ଲାସୁରେ 'ଲଚ୍ଛୁ' ଦୃଷ୍ଟାନ୍ତ ଆମର ଦୃଷ୍ଟି ଆକର୍ଷଣ କରନ୍ତି । ନାରୀ ସ୍ୱାମୀର ଯାତନା ସହେ କିନ୍ତୁ ସନ୍ତାନ ବିଚ୍ଛେଦ ସହିପାରେ ନାହିଁ । ଏପରିକି ସମାଜର ଅଜ୍ଞାତରେ କାହା ସହିତ ପ୍ରଣୟ ଲିପ୍ତ ହୋଇ ସନ୍ତାନର ମାଆ ହେଲେ ମୁହଁ ଖୋଲି କହିପାରେ ନାହିଁ ସିନା, ସନ୍ତାନ ବାତ୍ସଲ୍ୟକୁ ଜଳାଞ୍ଜଳି ନଦେଇ ଆପଣାର କରି ନେଇଥିବା

ଦୃଷ୍ଟାନ୍ତ ଆଦିବାସୀ ସମାଜରେ ଅଭାବ ନାହିଁ । ବାୟା ସୁନାର ମନଲାଖି ସାଥୀ । ତାହା ଠିକ୍ । ମାତ୍ର ସେ ଜେଲରୁ ଫେରିଲା ପରେ ସୁନା ଲତାକୁ ଶିଶୁ ପୁଅକୁ ଅର୍ପଣ କରି ପଳାୟନ କରିଛି । ମା ବି ନିଷ୍ଠୁର ଦେହଜ ପ୍ରେମ ପାଇଁ ପାଗଳିନୀ । ଉଚ୍ଚ ଶିକ୍ଷିତ ସମାଜରେ ମଧ୍ୟ ଏପରି ପୁରୁଷ ସ୍ତ୍ରୀଙ୍କର ଅଭାବ ନାହିଁ । କନ୍ଧ ସମାଜରେ ପ୍ରେମ କାଙ୍ଗାଳିନୀ ହୋଇ ସନ୍ତାନ ତ୍ୟାଗ କରିପାରେ ନାହିଁ ବୋଲି ପୁଅର ମୌନ ପ୍ରତିବାଦ କି ? ସେ ଯାହା ହେଉ, କନ୍ଧ ତରୁଣ ତରୁଣୀ ଓ ସମାଜ, ସଂସ୍କୃତି ସମ୍ବଳିତ ଏକ କାହାଣୀଟିଏ । ଏଥିରେ ନୂଆ କଥା ହେଉଛି ଆଦିବାସୀ ଯୁବକ ଯୁବତୀର ଅବୈଧ ପ୍ରଣୟ । ଏ ପରମ୍ପରା ସାର୍ବଜନୀନ ନୁହେଁ । ଏଣୁ ପାର୍ବତୀ କାବ୍ୟ ପରି ଏଇ କ୍ଷୁଦ୍ର ଉପନ୍ୟାସଟି ବିକୃତ, ଅସାମାଜିକ ଚିତ୍ରଣ ସମାଜକୁ ଦିଗଭ୍ରଷ୍ଟ କରେ । କିଛି ନୂଆ ଆଦର୍ଶ, ଶିକ୍ଷା ଦିଏ ନାହିଁ । ଏହା ଏକ ସରଳ ମନଗଢ଼ା ଗପଟି ।

କିନ୍ତୁ ଭାରତୀୟ ପରମ୍ପରାରେ ସୀତାଙ୍କ ଲବକୁଶ ପାଳନ, ଦୁଷ୍ମନ୍ତଙ୍କର ଭରତ ପ୍ରତି ସ୍ନେହ ଆଉ ପରେ କୁନ୍ତିଙ୍କର ପଞ୍ଚପୁତ୍ର ଯତ୍ନ, ହିଡ଼ମ୍ବାର ଘଟତ୍କୋଚକୁ ଗଢ଼ିବା ଆମର ମନ ପ୍ରାଣକୁ ଅଭିଭୂତ କରେ । ଏଣୁ ଉପନ୍ୟାସରେ ଦୁଇଟି ପର୍ଯ୍ୟାୟରେ ସମ୍ମୁଖୀନ ହେଉ ଯଥା ସବଂଶୀୟଙ୍କ ମଧ୍ୟରେ ଉନ୍ମୁକ୍ତ ପ୍ରେମ ଓ ଜନ୍ମ କଲା ପୁଅକୁ ଅନ୍ୟ ହାତରେ ଅର୍ପଣ । ଯାହା କନ୍ଧ ପରମ୍ପରାର ବିରୋଧୀ ।

ମାତ୍ର ଭାଇ ଭଉଣୀର ଶାଶ୍ୱତ ପ୍ରେମ ମଧ୍ୟ ସେପରି ଦୃଷ୍ଟି ଆକର୍ଷଣ କରେ । ଜିଲି, ବିଲି ପ୍ରତି ମାଣିଆ, ପୁତୁଲି ପ୍ରତି ଦିଉତୁ ସ୍ନେହ, ହସ-ଖୁସୀ ଆମକୁ ବିହ୍ୱଳ କରେ । ଯେପରି ଜଗନ୍ନାଥ, ବଳରାମ, ସୁଭଦ୍ରାଙ୍କର ସ୍ନେହ ବନ୍ଧନ ଯୁଗାନ୍ତକାରୀ । ଏପରି ବ୍ୟତିକ୍ରମ କାହାଣୀ କଣ ଗୋପୀବାବୁ ଏଡ଼ି ଦେଇଛନ୍ତି ? କାହ୍ନୁବାବୁ ସୁନ୍ଦର ପରିବେଶ - ଚଇତି ପର୍ବର ହସ ଆନନ୍ଦ ଜୁଆର ମଧ୍ୟରୁ ଯୁବକ ଯୁବତୀ ନେଇ ଏକ ସୁନ୍ଦର କାହାଣୀ ଜୀବନ ଖଢ଼ିବାର ପ୍ରୟାସ କରିଥିବା ସାମାଜିକ ବେଳେ ଏପରି ବ୍ୟତିକ୍ରମ ଚିତ୍ର ଦେବାକୁ କିପରି ପ୍ରୟାସ କଲେ । ତାଙ୍କର ଅନ୍ୟ କଥା ସୃଷ୍ଟି ଏପରି ଅନୈତିକତାର ଚରିତ୍ର ନାହିଁ । ସେ କନ୍ଧ ସଂସ୍କୃତି ସମାଜରେ ଗଭୀର ଭାବେ ଅଧ୍ୟୟନ ନକରି ଭାବ ପ୍ରବଣତାର ବଶବର୍ତ୍ତୀ ହୋଇ ଏହି ଆଞ୍ଚଳିକ ଉପନ୍ୟାସଟି ରଚନା କରିବା ମନେ ହୁଏ । ଯାହା ନିଛକ ସଂସ୍କୃତିର ବିକୃତ ରୂପ ନେଇଛି । ଅନ୍ୟ ଜାତିର ସଂସ୍କୃତି, ଚରିତ୍ର ଉଦ୍‌ଘାଟନ ବେଳେ ଲେଖକ ସଚେତନ ହେବା ଉଚିତ୍ ।

**ଚରିତ୍ର ଚିତ୍ରଣ:-**

ଏହି ଉପନ୍ୟାସରେ ବାୟା, ମାଗ୍‌ତା, ପେଙ୍ଗୁ ବାଗିକ, ପ୍ୟାଲୋବୁଢିଆ, ଡମ୍ ତଥା ନୋକା ନାଇକ, ଦିଶାରୀ, ଭେଡ଼କା ଜାନି, ଶୁକ୍ରୁ, ଚଇତୁ, କେ. ଗୁରୁମୂର୍ତ୍ତି ଏବଂ ବନମାଳୀ ସାହୁକାରର ପୁରୁଷ ଚରିତ୍ର ଏବଂ ସୁନା, ଲତା, ପୁଲକୀ ଆଦି ନାରୀ ଚରିତ୍ରକୁ ନେଇ ଉପନ୍ୟାସଟି ପ୍ରସ୍ତୁତ । ଏମାନଙ୍କର ବିଭିନ୍ନ ଚିନ୍ତା, କାର୍ଯ୍ୟକଳାପ, ପ୍ରେମ ପ୍ରଣୟ, ତଥା ସାମାଜିକ ଭିତିକ ଆଦିବାସୀ ଜାନିଯାତ୍ରା ରୀତି-ନୀତି, ପ୍ରଣୟ- ପ୍ରୀତି, ହର୍ଷ -ବିଷାଦ ଦେଇ ରଚିତ ।

**ବାୟାର ଚରିତ୍ର:**

ଉପନ୍ୟାସର ମୁଖ୍ୟ ଚରିତ୍ର ହେଉଛି ବାୟା । ସେ ପିତୃମାତୃ ହୀନ ଗରିବ ଯୁବକ । ମାତ୍ର ବଳବାନ, ତାର କର୍ମ କରିବାର ଶକ୍ତି ବଳିଷ୍ଠ ଯୌବନ ଦେଖି 'ସୁନା' ଚଇତି ପର୍ବ ଅବସରରେ ଜୀବନର ସାଥୀ କରିନେବାକୁ ସ୍ଥିର କରିନେଇଛି । ମାତ୍ର ବାୟା ଗରିବ, ଅସହାୟ, କୁଲି ମଜୁରୀ କରି ଜୀବନ ଯାପନ କରୁଥିବାରୁ "କିନମ୍ ଗାଁର 'ନୋକା' ନାଇକର ପୁଅ ମାଗ୍ତାକୁ ବିବାହ କରିବା ପାଇଁ ସୁନାକୁ ପରାମର୍ଶ ଦେଇଛି ଏବଂ ସେ କହିଛି ଆମ କୁଳରେ ବାପା ମାଁଙ୍କ କଥାରୁ କେହି କେବେ ବାହାର ହୋଇନାହିଁ । ସମସ୍ତେ ଯେତେବେଳେ ଏକଥା ଠିକ୍ କଲେ ତୋର ଆଉ ଅନ୍ୟ ଗତି ନାହିଁ । ତୁ ଜାନିର ଝିଅ ମରଗାଁର ନାଇକର ବୋହୁ ହେବୁ ।" ଏପରି ପରାମର୍ଶ ଦେଇ 'ପାରିବାରିକ' ତଥା ସମାଜର ପରମ୍ପରାକୁ ବାୟା ସମର୍ଥନ କରିଛି । ମାତ୍ର ସୁନା ଧୋକାବାଜ, ମଦୁଆ, ଲମ୍ପଟ ଦୁର୍ବଳ ବପୁଧାରୀ ଭୀରୁ ମାଗ୍ତାର ଜୀବନ ସାଥି ହେବାକୁ ବିରୋଧ କରିଛି ଏବଂ ବାୟା ଦରିଦ୍ର ହେଲେ ମଧ୍ୟ ତାକୁ ଜୀବନ ସାଥି କରିବାକୁ ବାଧ୍ୟ କରିଛି । ଏଣୁ ବାୟା ସୁନାର "ବିହ୍ୱଳ ନୟନରେ ସୁନାର ହଳଦୀ ଗୋଳାର ବରନ୍ ଢ଼ଉଳ ଆନନ, ପୁରିଲା ଯଉବନର ମନ ଓଟରା ଶୋଭା ସମ୍ପଦକୁ ଅନେଇ ରହିଲା ।(୪)" ଏବଂ ସେ ସୁନାର ହାତ ଧରି ଥରିଲା ଓଠରେ କହିଲା, "ମୁଁ ଗରିବ । ମୁଁ ମୂଲିଆ । ଜାନିର ଝିଅର ହାତ ଧରି ଘରକୁ ଆଣି ତାକୁ ଭଙ୍ଗା କୁଡ଼ିଆରେ ରଖିବି । ଦେଖ, ଏଇ ମୋର ଘର । ଉପରେ ଛପର ନାହିଁ, କାନ୍ଥର ଝାଟି ଝାଲି ହେଲାଣି । (୫)" ଯେତେ କରୁଣ ପରିବେଶ ଓ ଅସହାୟତା ପ୍ରଦର୍ଶନ କଲେ ମଧ୍ୟ କନ୍ଧ ତରୁଣୀ ଯେଉଁ ଧାଙ୍ଗଡ଼ାକୁ ପସନ୍ଦ କରେ ତାକୁ ସେ ନପାଇଲେ ସେ ଜୀବନ ସାରା ସେପରି ଅଭିଆଡ଼ୀ ପଛେ ରହିବ ପଛକୁ ହଟିବ ନାହିଁ । ସେ ଧନ ଅପେକ୍ଷା ସୁସ୍ଥ କର୍ମଠ, ବଳିଷ୍ଠ ମଣିଷକୁ ଭଲପାଏ । ସେ ପିତାମାତାର କଥା ରଖିଲେ ମଧ୍ୟ ଜୀବନ ଯୌବନର ସାଥୀ ମନଲାଖି ନହେଲେ ସେ କାହାରି ପ୍ରତିଶ୍ରୁତି ରକ୍ଷା କରେନାହିଁ । ସେ ନାନା ଗଞ୍ଜଣା ସହିପାରେ ମାତ୍ର ମନର ରୁଚିକୁ ଜଳାଞ୍ଜଳି ଦିଏ ନାହିଁ ।

ବାୟା ଗରିବ ହୋଇପାରେ । ତାର ଭଲପଣ ଓ ଶକ୍ତି ଦେଖି ସୁନା ତାପ୍ରତି ଅନ୍ତରର ଶ୍ରଦ୍ଧା, ପ୍ରେମ, ଭକ୍ତି ଢାଳି ଦେଇଛି । ସେ ଯେତେ ବଡ଼ ଘରର ଝିଅ ହେଉନା କାହିଁକି ବାୟା ମଧ୍ୟ କନ୍ଧ ସମାଜର ଏବଂ ସ୍ୱାମୀର ସୁଖରେ ସୁଖୀ, ତାର ଦୁଃଖରେ ଦୁଃଖୀ ହେବାକୁ ରାଜି ହୋଇଛି । ଏଣୁ ତା ଭାଷାରେ ବାୟାକୁ କହିଛି "ବାପ ମୋର ଜାନି ହେଲା, 'ଝାକର ଠାକୁରାଣୀ' ପୂଜିଲା ବୋଲି କଣ ମୁଁ କନ୍ଧ ଘରର ଝିଅ ନୁହେଁ କି ? ବଣ, ଜଙ୍ଗଲ, ଡଙ୍ଗର, ବାଘ ଓ ପେଟକୁ ଡରିବି ? ଦୁଇଟା ପେଟ ପୋଷିବାକୁ ଫଳମୂଳ ଜୀବଜନ୍ତୁ ପାଇବା ନାହିଁ ? ଘର କରି ପିଲା ବାନ୍ଧି ରହିବାକୁ ଡାଳପତ୍ର ଯୋଗାଡ଼ ହୋଇବ ନାହିଁ ? ଲୁଗା ନମିଳିଲେ ପତରମାଳ ଅଣ୍ଟାରେ ବାନ୍ଧିବା, ତେଲ ହଳଦୀ ନମିଳିଲେ ବଣର ରଙ୍ଗିଲା ମାଟି ଦେହରେ ବୋଳିବା, ଫଳମୂଳ, ଧାନ, କାନ୍ଦୁଲ ନମିଳିଲେ ତେନ୍ତୁଳି ମଞ୍ଜି ଚୁରି ଖାଇବା ଆଉ ଲୋଡ଼ା କଣରେ ?"(୬) ଏପରି ଆଶ୍ୱାସନା, ପ୍ରତିଶ୍ରୁତି, ଭରସା ଦେବା ଫଳରେ ବାୟାର ମନ ପରିବର୍ତ୍ତନ ହୋଇଛି ଏବଂ ତାର ଶିରାରେ ଆସିଛି ଶିହରଣ । ଜାନି ଝିଅର ଦୃଢ଼ୋକ୍ତି ଓ ଆସକ୍ତି ଦେଖି ନରମିଯାଇଛି । ତେବେ ସେ ସଜବାଜ ହୋଇଛି ସୁନାକୁ ପାରମ୍ପରିକ ରୀତିରେ ବିବାହ କରିବା ପାଇଁ । କିନ୍ତୁ ଏକ ସଂକଟ ଝୋଲ ଟଙ୍କା କାହିଁ ? ବାୟା କିଏ ? ପଚାଶ ଟଙ୍କା କିଏ ? ଲେଖକ କାହ୍ନୁବାବୁ ଏଇଠି କନ୍ଧର ସାର୍ଥକ ଚିତ୍ର ଦେଇଛନ୍ତି ।

ଏତିକିବେଳେ କୁଟକ୍ରି ବାରିକ ବୁଦ୍ଧିଆ ଡମ୍ ପହଞ୍ଚଯାଇ ସେମାନଙ୍କର ବିବାହ ପ୍ରସ୍ତାବକୁ ସ୍ୱାଗତ କରିଛି ଏବଂ ବିବାହ ପାଇଁ ଅର୍ଥ ଯୋଗାଡ଼ର ପରାମର୍ଶ ଦେଇଛି । ତାକୁ ସାହୁକାର କେ. ରାମମୂର୍ତ୍ତି ପାଖରୁ ଖମାରୀ ରହି ଋଣ ଆଣିବାକୁ ପଠେଇଛି । ଏତିକିବେଳେ କେ. ରାମମୂର୍ତ୍ତିଠାରୁ 'ପେଙ୍ଗୁ' ଷାଠିଏ ଟଙ୍କା ଆଣି ଖମାରି ରହିବାକୁ ଲେଖିଦେଲା । 'ପୁଲକୀ'କୁ ବାହାହେବ ବୋଲି ଟଙ୍କା ନେଇ ଆସିଲା । ଏ ମଧ୍ୟ ଯେପରି ଟଙ୍କା ଆଣିବା ପାଇଁ ସାହୁକାରକୁ ଅନୁରୋଧ କଲା । କିନ୍ତୁ ସେ ନିରାଶ ହୋଇଛି । ଯେତେବେଳେ "ତୋ ପରି ଘରଦ୍ୱାର ଜମିବାଡ଼ି ନଥିଲା ଲୋକକୁ ଟଙ୍କା ଦେଇ ମୋର ତିନିଶହ ଟଙ୍କା ବୁଡ଼ିଲା । 'ପଦୁଗୁଡ଼ା' ପାଖରୁ ରଖିଛି । ଖମାରି ଗୁଡ଼ା ଆସାମ ଚା ବଗିଚାରେ କାମ କରୁଛି । ଆଉ ମୁଁ ଦୁର୍ବୁଦ୍ଧି କରି ତୋ ପରିକା ଲୋକଙ୍କୁ ଟଙ୍କା ନଦିଏ ।" (୭) ସେ ସେଇଠୁ ନିରୁପାୟ ହୋଇ ଫେରି କନ୍ଧମାନଙ୍କ ବିବେକ ବୁଦ୍ଧିଆ ପାଖକୁ ପୁଣି ଗଲା । ବୁଦ୍ଧିଆ ତାକୁ ପିଲା ଦିନର ସାଙ୍ଗ କହି ଚୋରି କରିବାକୁ ପରାମର୍ଶ ଦେଲା । ମାତ୍ର ବାୟା କହିଛି "ମୁଁ କନ୍ଧ ପିଲା ମୁଁ ଚୋରି କରିବି ନାହିଁ । (୮) ଆଦିବାସୀ ଯୁବକ ଖଟି ଖାଇବ ପଛେ, ଖମାରି ଗୋତି ରହି ସେପରି ଜୀବନ ବିତେଇଦେବ କିନ୍ତୁ ପରର ଧନ ଚୋରି କରିବାକୁ ପାପ ବୋଲି ମନେ କରେ । ଅନ୍ୟ ପକ୍ଷେ ତାର ବସ୍ତୁ ବୋଲି ଅଜ୍ଞାତରେ ଛୁଇଁଲେ ବା ଚୋରି କଲେ ହିଂସ୍ର ହୋଇଉଠେ । ଏହା ତାର ସ୍ୱାଭାବିକ ଚରିତ୍ର । ଏଠି, ଉଣି ଖାଇବା କାହା ଆଗରେ ହାତ ପତାଇବା ତାର ଧର୍ମ ନୁହେଁ ।

କିନ୍ତୁ ବାରିକ ବୁଦ୍ଧିଆ ଉପାୟ ଦେବାକୁ ପଛେଇ ନାହିଁ । ତାକୁ କହିଛି, "ସୁନାକୁ ତୁ ଚାହୁଁ ନାହୁଁ, ସେ ତୋତେ ଚାହେଁ, ସେ ମାଗ୍ତା କୁ ଚାହେଁ ନାହିଁ ।"(୯) ଏହି ଉକ୍ତିରେ ବାୟା ମନ ବଦଳିଛି । ପୁଣି ବୁଦ୍ଧିବାରିକ କହିଛି, ଚୋରୀ କରିବ ସେ ନିଜେ, ବାୟା କେବଳ ସାଙ୍ଗରେ ଥିବ, ଯଦି ଧରାପଡ଼େ ବାରିକ ନିଜେ ଜେଲ୍‌ଯିବ । କିନ୍ତୁ ବାୟା ଓ ସୁନାର ସୁଖର ଜୀବନ ସେ ଚାହେଁ ବୋଲି ପ୍ରତିଶ୍ରୁତି ଦେଇଛି । ଏଥିରେ ବାୟା ରାଜି ହେଲା । ରାତିରେ ଶୁଣ୍ଡି ସାହୁକାର ବନମାଳୀ ଘର ଚୋରୀ କରିବାର ଯୋଜନା କରିଛି ବାରିକ । ବାୟାକୁ ତାଙ୍କ ଯୋଜନାର କଥା ପ୍ରଘଟ ନକରିବା ପାଇଁ ସାବଧାନ କରିଦେଇଛି ।

ସରଳ, ନିଷ୍ପାପ, ପ୍ରକୃତି ସନ୍ତାନ ବାୟା, 'ଡମ୍'ର ସ୍ୱାର୍ଥ କୂଟନୀତିରେ ଶିକାର ହେଲା । କପଟ କଥା ଜାଣି ପାରିନାହିଁ ସରଳ ବିଶ୍ୱାସୀ ଆଦିବାସୀ ଯୁବକ । ଛନ୍ଦ କପଟ ବିହୀନ ବଳିଷ୍ଠ ଧାଙ୍ଗଡ଼ାଟିଏ ମାତ୍ର । ବାରିକ ବନମାଳୀ ସାହୁକାର ଘରୁ ଟଙ୍କା ଗହଣା ଶାଢ଼ୀ ଚୋରୀ କଲା । ବାୟା ଥାଏ ବାହାରେ । ବୁଦ୍ଧିଆ ବାରିକ ବାୟାକୁ ଅଞ୍ଜୁଳାଏ ଟଙ୍କା, ଗୋଟିଏ ସୁନା ହାର ଏବଂ ସୁନ୍ଦର ଶାଢ଼ୀଟିଏ ଉପହାର ଦେଇ ପଠେଇଦେଲା । ବାୟା ଖୁସିରେ ସୁନାକୁ ସଜେଇ ଝରଣା କୂଳର ଭଙ୍ଗା କୁଡ଼ିଆରେ ପ୍ରେମ ବିଭୋର ହେଲା । ଏପରିକି ସେ ମାଗ୍ତାର ଇଙ୍ଗିତରେ ପେଙ୍ଗୁ ଦ୍ୱାରା ଛାଟ ମାଡ଼ ଖାଇଛି । ସେଥିରେ ତାର ଦୁଃଖ ନାହିଁ । କନ୍ଧ ସମାଜରେ ମାଡ଼ ଖାଇ ଧାଙ୍ଗଡ଼ୀ ଫେରାଇ ଦେଲେ ଧାଙ୍ଗଡ଼ାର ଗୌରବ ରହେ ନାହିଁ ବୋଲି ସୁନାକୁ ଆଶ୍ୱାସନା ଦେଇଛି । ସୁନା ସେଥିରେ ସହାନୁଭୂତି ଦେଖାଇ ତାର ପିଠି ଆଉଁସି ପ୍ରେମର ପ୍ରଲେପ ଢ଼ାଳି ଦେଇଛି । ସୁନା, ସୁନା ଗହଣା ଶାଢ଼ୀ ଦେଖି ବିସ୍ମିତ ହୋଇଛି । ସେ ସନ୍ଦେହ କରିଛି ଯେ ବାୟା କୌଣସି ସାହୁକାର ଘରେ ଗୋତି ରହିବାର ପ୍ରତିଶ୍ରୁତି ଦେଇ ଟଙ୍କା ଆଣିଛି ଏବଂ ଜିନିଷ କିଣିଛି । କାରଣ କନ୍ଧ ନାରୀ, ପୁରୁଷ ଅପେକ୍ଷା ପଛେ ବେଶୀ ଖଟିବ କିନ୍ତୁ ପୁରୁଷର ଗୋତି ପଣିଆକୁ ପସନ୍ଦ କରେନାହିଁ । ଯେପରି ପେଙ୍ଗୁ ଖମାରି ରହିବାରୁ ତାର ପତ୍ନୀ

ପୁଲକୀ ବିଦ୍ରୋହ କରି ବିପଥଗାମୀ ହୋଇ ଅବାଟରେ ଚାଲିଯାଇଛି । ଯେଉଁ ବାଟକୁ ଦିନେ ସେ ବିରୋଧ କରିଥିଲା, ପରେ ପରେ ବୁଦ୍ଧିଆ ବାରିକ୍ ଠାରୁ ଚୋରୀ ମାଲର ଭାଗ ପାଇବାର କଥା ଜଣେଇଛି ବାୟା, ଲତାକୁ ।

ଇତି ମଧ୍ୟରେ ସାହୁକାର ବନମାଳୀ ଥାନାରେ ଏତଲା ଦିଏ । ଏହା ପରେ ପରେ ମୁନସୀ ବାବୁ, ଜମାନ୍, ଭେଡ଼ିକା, ନାଇକ, ଦିଶାରୀ, ମାଗ୍ତା, ବୁଦ୍ଧିଆ, ଶୁକ୍ରୁ, ଚଇତ ଆଉ ବନମାଳୀ ସାହୁକାର ପହଞ୍ଚିଗଲେ ଭଙ୍ଗା କୁଡ଼ିଆକୁ ଯେଉଁଠି ଥିଲେ ତମ ଧନ ଗହଣା ଦେଇଥିବା କଥା ବାୟା କହିଲା । ବୁଦ୍ଧିଆ ତମ ସେ ସବୁ ମିଛ ବୋଲି ପ୍ରମାଣିତ କଲା । ମାଗ୍ତା, ଶୁକ୍ରୁ ଓ ଚଇତୁ, ବାୟା, ଧନ ଓ ପୋଢ଼ ଚୋରୀ କରି ନେଇଥିବା ସପକ୍ଷରେ ମିଥ୍ୟା ସାକ୍ଷ୍ୟ ଦେଲେ । ଚାକ୍ଷୁଷ ପ୍ରମାଣ ସାକ୍ଷୀରେ ବାୟା କନ୍ଧର ବା ଆଉ ଉପାୟ କଣ ? ତା ଛାତିରୁ ମାଗ୍ତା, ଜାନି ଓ ନାଇକର ଇଙ୍ଗିତରେ ଟାଣି ନେଲା ସୁନାକୁ ଏବଂ ସତ୍ୟ ସରଳର ଅବତାର ବାୟା, ବୁଦ୍ଧିଆର ବୁଦ୍ଧିରେ ପଡ଼ି ଅଢ଼େଇ ବର୍ଷ ଜେଲ୍ ଗଲା ।

ଅଢ଼େଇ ବର୍ଷ ପରେ ଜେଲରୁ ମୁକ୍ତି ପାଇ ବାୟା ହିଂସ୍ର ହୋଇ ଉଠିଛି । କାନ୍ଧରେ ଟାଙ୍ଗିଆ, "ଭାବୁଛି ଥରେ ଯଦି ମାଗ୍ତାକୁ ସେ ଦେଖନ୍ତା, ମାଗ୍ତା ଯେ ତାର ଛାତି ଉପରୁ ସୁନାକୁ ଟାଣି ନେଇଛି, କୋର୍ଟ୍ ଘରେ ମିଛ କହି ଜେଲ ଭୋଗେଇଛି ତାର କାନ୍ଧରୁ ମୁଣ୍ଡ ଛିଣ୍ଡାନ୍ତା । ବାୟାର ରକ୍ତ ଗରମ ହୋଇ ଉଠିଛି । ମାଗ୍ତା କାହିଁ ।"(୧୦) ଆଦିବାସୀ ଯୁବକ ମିଥ୍ୟା, ଛଳ କପଟର ପ୍ରମାଣ ପାଇଲେ ବଣ୍ୟ ପଶୁ ପରି ହିଂସ୍ର ହୋଇ ଉଠେ ଏବଂ ନିଏ ପ୍ରତିଶୋଧ । ମାତ୍ର ମାଗ୍ତାକୁ ପାଇଲା ନାହିଁ । ଦେଖିଲା ସୁନାକୁ, ସେ ମଧ୍ୟ ଧାଇଁ ଯାଇ ବାୟାକୁ ଆଲିଙ୍ଗନ କଲା । ଉଭୟଙ୍କ ଆଖିରେ ଝରିଲା ଲୁହ । ସୁନା ସାନ୍ତ୍ୱନା ଦେଇ ବାୟାକୁ ପଠେଇ ଦେଲା ଅତୀତର ସେହି ଝୋଲା ପାଖର ଭଙ୍ଗା କୁଡ଼ିଆକୁ ଓ ତାକୁ ଅପେକ୍ଷା କରିବା ଲାଗି କହିଲା । ଯଥା ସମୟରେ ପାଣି ଆଣିବାର ବାହାନାରେ ମାଠିଆ ଧରି ବାୟା ପାଖକୁ ଆସିଛି ସୁନା । ମାଗ୍ତା ଆଜ୍ଞୁ ତାର ଛୋଟ ପୁଅ ନୋକାର ଦାୟିତ୍ୱ ନେଲା ଅବବାହିତା 'ଲତା' । ସୁନାର ଅପୂର୍ବ ବେଶଭୂଷା ଦେଖି ଓ ତାର ପ୍ରଶଂସା ଶୁଣି ବାୟାର ଆଖି ଲୁହ ଢଳଢଳ ହୋଇ ଉଠିଲା ଅତୀତର ସ୍ମୃତିରେ । ଅପସରିଗଲା ମନରୁ ହିଂସ୍ରଭାବ । ସୁନାକୁ ସେ ଆଲିଙ୍ଗନ କଲା ଏବଂ ପିଠି ଆଉଁସି କହିଲା ଚାଲ "ବାୟା ଧରିଲା ସୁନାର ହାତ, ଦୁହେଁ ଚାଲିଲେ ଡଙ୍ଗର ଉପରକୁ । କାହାରି ତୁଣ୍ଡରେ ଭାଷା ନାହିଁ । ନୀରବ ବେଧଡ଼କ୍ ପ୍ରଣୟର ଯାତ୍ରୀ । ଦୂରେ କେତେ ଦୂରେ ଢେଉଢେଉକା କାନ୍ଥ ପରି ଦିଶୁଛି ନିୟମଗିରି ପାହାଡ଼ମାଳ । ଆକାଶର ବାଦଲ ତଳେ ତାର ନୀଳ ଶୃଙ୍ଗ ଛପି ଯାଉଛି ।" (୧୧) ଦୁହେଁ ପ୍ରେମର ଫଲ୍ଗୁରେ ମତୁଆଲା ହୋଇ ନୂତନ ନୀଡ଼ ରଚନା କରିବା ପାଇଁ ଘଞ୍ଚ ସବୁଜ ବନାନୀ ମଧ୍ୟରେ ପଶିଗଲେ ସର୍ପିଳ ବନ୍ଧୁର ପଥ ଡେଇଁ ଡେଇଁ । ଅତୀତର ବିରହ ବିଚ୍ଛେଦ, ସବୁଦିନ ପାଇଁ ଲୁଚିଗଲା ବିସ୍ମୃତିର ଅତଳ ଗର୍ଭରେ । ଗହନ ବନତଳେ ଗିରିଜନର ସଚ୍ଚଳ ପ୍ରେମ ଏକମାତ୍ର ଦିବ୍ୟ ଉପଭୋଗର ସାମଗ୍ରୀ । ପ୍ରକୃତି କୋଳର ସ୍ୱାଧୀନ ନର ନାରୀ ସତେ ଯେପରି ଗୋଟିଏ କଥା ହିଁ ବୁଝନ୍ତି । ଆପଣାର ମନଲାଖି ସାଥୀ ଖୋଜିବା ସମାଜ, ପରମ୍ପରା, ସଂସ୍କୃତି ସବୁରି ଉପରେ ମନର ଲଗାମ ଛଡ଼ା ପ୍ରବୃତ୍ତି ପାଇଁ ସାଚ୍ଛନ୍ଦ୍ୟ ପ୍ରେମୀ କନ୍ଧ ସମାଜରେ ଅସ୍ୱୀକୃତ ନୁହେଁ । କିନ୍ତୁ ଏହା ମଧ୍ୟ ସତ୍ୟ ଯେ, ବିବାହର ସମାନତାର ବିଚାର ତଥା ଧନ ସଂପଦ ଆଦିକୁ ଗୁରୁତ୍ୱ ଦିଅନ୍ତି ନାହିଁ । ତେଣୁ ଯୁବକ ଯୁବତୀର ନିଜ ଜୀବନ ସଖା ବାଛିବା ବେଳେ

ସ୍ୱୀକୃତ ହୁଏ ଗୋଟାଏ ସାଲିସ । ସାମାଜିକ ଶୃଙ୍ଖଳାର ବାନ୍ଧନ ନକରି ଯୁବକ ଯୁବତୀ ନିଜର ବଳିଷ୍ଠ ଅଧିକାର ସାବ୍ୟସ୍ତ କରନ୍ତି । ତଥାପି ଝିଙ୍କା ବିବାହ, ଉଦୁଲିଆ ବି ସମାଜରେ ରହିଛି ସେହି ସାମାଜିକ ପରମ୍ପରା ମଧ୍ୟରେ । ଏହା ସମାଲୋଚିତ ହେଲେ ମଧ୍ୟ ହେୟ ନୁହେଁ । ସେଥିରେ ଜାତିଆଣ ସମ୍ପର୍କୀୟ ସମସ୍ୟା ନଥିଲେ ଏହି ଆଦର୍ଶ ସମାଜରେ ଚଳେ । ଏ ସବୁ ଦେଖିଲେ ମନେ ହୁଏ, ସେହି ସମାଜ ମାନିଛି ଗୋଟାଏ ଅସଲ ନିୟମ - ଧାଙ୍ଗଡ଼ା ଧାଙ୍ଗଡ଼ୀ ନିଜ ମନ ଲାଖି ସାଥି ବାଛିବେ ; ପରମ୍ପରା ବା ସମାଜ ଶୃଙ୍ଖଳା ବିଚାର କରୁଥାନ୍ତି ପୁରୁଣା ବୁଢ଼ା ଲୋକେ । ଯୁବକ ଯୁବତୀର ଲୋଡ଼ା ମନଲାଖି ମଣିଷ । କିନ୍ତୁ ସଗୋତ୍ରରୁ ନୁହେଁ ।

ଏ ବିଚାର ଅନୁଯାୟୀ 'ବାୟା-ସୁନାର' ପ୍ରେମ ସମ୍ପର୍କ ଅସାଭାବିକ ନୁହେଁ । ବାୟା-ସୁନାର ମିଳନ ଅତୀତର ସ୍ୱଚ୍ଛ ପ୍ରେମ । ଦୈହିକ ପ୍ରେମ ବଡ଼ ନୁହେଁ । ମାଗ୍ତା-ପୁପୁଲି ପ୍ରେମ ଅବୈଧ । ସୁନା ସଭ୍ୟ ହୋଇଛି । ମାଗ୍ତା ଦ୍ୱାରା ନିର୍ଯ୍ୟାତିତ ହୋଇଛି । ତାର ବି ଚରିତ୍ର ଅମୃତ ଅଙ୍ଗନର ଦିଉତୁ ପରି । ନାୟକର ପୁଅ ହେତୁ ନୀତି ଅନୀତି ବିଚାର ନାହିଁ । ଦିଉତୁ-ମାଗ୍ତାର ଚରିତ୍ର ସମାନ ନୁହେଁ । ଏଣୁ ବାୟାକୁ ଝୁରି ହୋଇଛି ସୁନା । ସେ ଟିକି ପୁଅକୁ ଲତାକୁ ଦେଇ ପୁରୁଣା ସାଥୀ ସହିତ ପଳାୟନ କରିଛି । ଏ ଥିଲା ମହାନ ପ୍ରେମ । ଲକ୍ଷ୍ୟ କରିବାର କଥା ଏ ପ୍ରେମରେ ପ୍ରକୃତ ନିଷ୍ପତିକାରୀ ବ୍ୟକ୍ତି ହେଉଛି ସୁନା ଅର୍ଥାତ୍ ନାରୀ । "କନ୍ୟା ବରୟତେ ରୂପମ୍" ଏହି ସତ୍ୟ ହିଁ ସତେ ଯେପରି ଘୋଷିତ ହୋଇଛି । ଏକ ଦୁର୍ଦ୍ଦମନୀୟ ଶକ୍ତି ଯାହାକୁ ଅପର କୌଣସି ଶକ୍ତି ରୋକି ପାରିନାହିଁ । କୁଳଗୌରବର ଅସମାନତା, ଧନହୀନତା ତାର ବାଧକ ନୁହେଁ । ଏପରିକି ବାୟାର ଜେଲ୍ ଯୋଗୁଁ ସମୟ ବ୍ୟବଧାନ ଯୋଗୁଁ ମାଗ୍ତା ଆତ୍ତୁ ସନ୍ତାନ ଥାଇ ମଧ୍ୟ ସୁନାକୁ ପ୍ରଣୟର ବନ୍ଧନ ଅଟକାଇ ପାରିନାହିଁ । ପ୍ରେମ ଲାଗି, ନିଜର ମନମଣିଷ ଆପଣାର ଅଧିକାର ସାବ୍ୟସ୍ତ କରିବାରେ ବିପ୍ଳବିନୀ ହୋଇଛି ନାରୀ । 'ବାୟା' ଏହି ବିପ୍ଳବ ଯଜ୍ଞର ହୋଇଛି ସହଯୋଗୀ । ସାହାଯ୍ୟ କରିଛି ତାକୁ । ସେ ବି ସୁନା ପାଇଁ ପାଗଳ ଥିଲା । ପୁଣି ଜେଲ୍‌ରୁ ଫେରିଲା ଦିନରେ ବାୟା ଟାଙ୍ଗିଆ ଧରି 'ମାଗ୍ତାକୁ' ମାରିଦେବାର ଉନ୍ମତ୍ତ ଖିଆଲରେ ବିଚଳିତ ଥିଲା । ମାତ୍ର ସୁନାର ସମାଧାନ ସୂତ୍ର ତାର ହିଂସ୍ରତାକୁ ପ୍ରଶମିତ କରିଛି । ମାଗ୍ତାର ଔରସରୁ ସନ୍ତାନ ଅଛି । ମାତ୍ର ନିର୍ମଳ ପ୍ରେମ ଆଗରେ ସେ ଆବିଳତାକୁ ସ୍ଥାନ ଦେଇନାହିଁ । ଏହାହିଁ ନିର୍ମଳ ପ୍ରେମର ନିର୍ମଳତା । ପ୍ରଣୟ ସ୍ଥାନ, କାଳ, ପାତ୍ର ବିଚାର କରେ ନାହିଁ । ଏହା ହିଁ ଲେଖକର ମତ ଏବଂ ଆଦିବାସୀ ସମାଜରେ ଅନ୍ୟର ଭୋଗ୍ୟା ନାରୀକୁ ଉଚ୍ଛିଷ୍ଟ ବୋଲି ଧରାଯାଏ ନାହିଁ । ମନ ହୃଦୟ ମିଳନ ହିଁ ଶାନ୍ତି ଆଣେ ।

ଗାଁ ଭୂଇଁ, ପ୍ରିୟ ପରିଜନ ଏପରି କି ନିଜ ଅଙ୍ଗରୁ ଜାତ ସନ୍ତାନର ମାୟା ଭୁଲି ସୁନା ବାୟା ବ୍ରତରେ ସାଧିକା ହୋଇ ସ୍ୱଚ୍ଛନ୍ଦ ପ୍ରେମର ଡିଣ୍ଡିମ ବଜାଇ ଚାଲିଯାଇଛି । ଦୁଇ ପ୍ରଣୟ ପ୍ରଣୟିନୀ ପକ୍ଷୀ ଦୂରକୁ, ବହୁ ଦୂର ବିଦେଶକୁ ଉଡ଼ି ଯାଇଛନ୍ତି ।

ଆଦିବାସୀ ସମାଜର ଏ ଚିତ୍ର ଆଦୌ ଅବାସ୍ତବ ନୁହେଁ । ଏହା ମଧ୍ୟ 'ଉଦୁଲିଆ'ର ଆଉ ଏକ ନମୁନା । ମନ ହିଁ ନାଟର ଗୋବର୍ଦ୍ଧନ । ବନ ଗହନର ତଳେ ଜଣ ନଘଟିଛି ଏବଂ ଘଟୁଛି ମଧ୍ୟ । ମାନସିକ ବିଶ୍ଳେଷଣ ବେଶ୍ ଅନୁଧ୍ୟାନ କରାଯାଏ । ଏହାରି ଘଟଣା ସଭ୍ୟ ସମାଜରେ ମଧ୍ୟ ଘଟିଛି ।

**କାତ୍ରାକା ଲେଲି-କ୍ଷୁଦ୍ର ଉପନ୍ୟାସ :-**

କାହ୍ନୁ ବାବୁଙ୍କର 'କାତ୍ରାକା ଲେଲି' ଅନ୍ୟତମ ଆଦିବାସୀ ଜୀବନ ସମ୍ବଳିତ କ୍ଷୁଦ୍ର ଉପନ୍ୟାସ । ଏହା ଏକ କାହାଣୀ ଧର୍ମୀ ଉପନ୍ୟାସ । ଆଦିବାସୀ ଜୀବନ, ସଂସ୍କୃତି, ପରିବେଶ ଦୃଷ୍ଟିରୁ ଏହା ଏକ ଆଞ୍ଚଳିକ ଉପନ୍ୟାସ ।

କାହ୍ନୁବାବୁ ଚାକିରୀ ଜୀବନରେ ଆଦିବାସୀ ସମାଜ ସହିତ ମିଶିବାର ସୁଯୋଗ ନେଇ ସେମାନଙ୍କର ପରମ୍ପରା, ବିଶ୍ୱାସ, ଅନ୍ଧତାର ଯେଉଁ ଅନୁଭୂତି ଅର୍ଜନ କରିଥିଲେ 'କାତ୍ରାକା ଲେଲି' ରଚନା ତାର ଏକ ଫଳଶ୍ରୁତି ।

ବନଗହନର ତଳେ ଆଦିବାସୀ ତରୁଣ ତରୁଣୀଙ୍କ ତାରୁଣ୍ୟର ବିରହ ବିଚ୍ଛେଦ, ଯୌନ ଜୀବନର ଚିତ୍ର ରହିଛି । ମାତ୍ର 'ଲେଲି'ରେ କନ୍ଧର ସରଳ ବିଶ୍ୱାସର ଚିତ୍ର ରୂପାୟିତ ହୋଇଛି । ଯେଉଁଥିରେ ବଂଶ ପରମ୍ପରା ଅନୁସୃତ । ଏକମୁଖୀ ଧାରଣା ଓ ପୂର୍ବ ପୁରୁଷଙ୍କ ପ୍ରତି ଐକାନ୍ତିକ ଆସକ୍ତି ରହିଛି ।

**ଗଳ୍ପାଂଶ:-**

'ଗୁମ୍ମା' (ପଲ୍ଲୀ) କୋରାପୁଟ ଜିଲ୍ଲାର ରାୟଗଡ଼ା ଅଞ୍ଚଳର ଏକ କ୍ଷୁଦ୍ର ଆଦିବାସୀ ପଲ୍ଲୀ । ଏହା ପ୍ରାକୃତିକ ପରିସର ମଧ୍ୟରେ ଅବସ୍ଥିତ । ମନେହୁଏ ଗ୍ରାମରୁ ଗୁମ୍ମା ଅପଭ୍ରଂଶ ହୋଇ କନ୍ଧ ରଇତର ବାସସ୍ଥାନ ବହୁକାଳରୁ ମୁଖରିତ ହୋଇ ଆସିଛି ।

ଅବଶ୍ୟ ବାର୍ଷିକ ଥରେ କନ୍ଧ ପରଜାଙ୍କ ଜମିବାଡ଼ି ମାପଚୁପ କରିବା ଏବଂ ରଇତର ଅଧିକାର ଦେବାପାଇଁ ଚେନ୍‌ମେନ୍ (ଅମିନ) ଓ ଇନ୍‌ସପେକ୍ଟର ଉକ୍ତ ଗ୍ରାମକୁ ଆସନ୍ତି । ଏହି ଅଧିକାରୀମାନଙ୍କ ସହିତ ଯୋଗାଯୋଗ କରିବା ପାଇଁ ସୂତ୍ରଧାର ଥାନ୍ତି ଡମ ମାନେ । ସେମାନେ ଚୌକିଦାର ଭାବେ ନିଯୁକ୍ତି ପାଇଥାନ୍ତି । ବାସ୍ତବରେ ଡମ ବା ପାଣ ଚୌକିଦାର କନ୍ଧମାନଙ୍କର ବାହ୍ୟ ଜଗତ ସହିତ ସଂପର୍କ ରଖି ଆଦିବାସୀ ପ୍ରଜା ମାନଙ୍କର ଦୂତଭଳି କାର୍ଯ୍ୟ କରିଥାନ୍ତି । ଦଲାଲି ସେମାନଙ୍କର ମୁଖ୍ୟ କାମ । ସେମାନେ ଜୋକଭଳି ଆଦିବାସୀର ରକ୍ତ ଶୋଷଣ କରିବାରେ ଲାଗିପଡ଼ିଥାନ୍ତି । ସେମାନେ ମନ୍ତ୍ରଣା ଦିଅନ୍ତି କନ୍ଧମାନଙ୍କୁ । କନ୍ଧ ଆଦିବାସୀମାନେ ଶୋଷିତ ଗରିବ ହେଲେ ମଧ୍ୟ ସେମାନଙ୍କୁ ଛାଡ଼ି ପାରନ୍ତି ନାହିଁ । କାରଣ ଆଦିବାସୀ ବାହାର ଜଗତ ସହିତ ସଂପର୍କ ରଖି ପାରେନାହିଁ । ଏଣୁ ଚାଲାକ ଚତୁର ଡମକୁ ସେ ମନ୍ତ୍ରଣା ଦାତା, ଉପଦେଷ୍ଟା ଭାବେ ପାଖରେ ରଖିଥାଏ । ଗୋପୀବାବୁ, କାହ୍ନୁ ବାବୁ ନିଜ ଉପନ୍ୟାସରେ ଏମାନଙ୍କ ବିଚିତ୍ର ସାର୍ଥନିହିତ ଭୂମିକା ବର୍ଣ୍ଣନା କରିଛନ୍ତି । ଏହି ଗୁମ୍ମା ଗ୍ରାମର ଡମ ଚୌକିଦାରର ଭୂମିକା କମ୍ ନୁହେଁ ।

'ବିରଶା' କନ୍ଧ କାତ୍ରାକା ବଂଶରେ ଜନ୍ମ । ଗୁମ୍ମା ଗ୍ରାମର ରଇତ । ପିତାମାତା ବାଘ ମୁହଁରେ ଶିକାର ହେବାରୁ ଛୋଟ ବୟସରୁ ସେ ଛେଉଣ୍ଡ । ତାର ଆଉ ବାପାର ନାମ ମଧ୍ୟ ମନେ ନାହିଁ । ସେ ଜୀବନ ସଂଗ୍ରାମରେ ଏତେ ବ୍ୟସ୍ତ ରହିଲା ଯେ, ବାପାର ନାମ ମଧ୍ୟ କାହାକୁ ପଚାରି ନାହିଁ କିମ୍ବା ସେ

ଅତୀତକୁ ଖୋଜିବାକୁ ସମୟ ପାଇନାହିଁ । ସେ ବଡ଼ ଉଦାସୀନ । ତାର ଏକ କୌତୁହଳପୂର୍ଣ୍ଣ ଚିତ୍ର ଏହି ଉପନ୍ୟାସରେ ବର୍ଣ୍ଣିତ । ଯେଉଁଠି ତାର ବୋକାମୀ ଧରା ପଡ଼ିଛି ।

ଏକଦା କଟକ ଜିଲ୍ଲା ଅନ୍ତର୍ଗତ ସହର 'ବାଲିକୁଦା' ଥାନାର ଉଭମପୁର ଗ୍ରାମରୁ ରତ୍ନାକର ଦାସ ନାମକ ଜଣେ ଅମିନ ଗୁମ୍ମା ଗ୍ରାମକୁ ଆସିଥିଲେ । ତା' ଆଗରୁ ସେ ଥିଲେ ଚେନ୍‌ମେନ୍, ପରେ ହେଲେ ଅମିନ୍ । ବନ୍ଦୋବସ୍ତ କାର୍ଯ୍ୟରେ ସେ ପୁଙ୍ଖାନୁପୁଙ୍ଖ ତଥ୍ୟ ଉପସ୍ଥାପିତ କରି ପାରୁଥିଲେ ।

ଏଣୁ ସେ ଅମିନ ଭାବେ ରଇତ ମାନଙ୍କୁ ନୋଟିସ୍ ଦେଇ ଡେରା ବାନ୍ଧିଥିଲେ 'ବିଲାନ୍‌ସିଲ୍' ଗ୍ରାମରେ । ସେଇଠି ଉକ୍ତ ଗ୍ରାମର 'ଖାନପୁରୀ' କରିବା ପାଇଁ ବିଲାନ୍‌ସିଲ୍ ଗ୍ରାମକୁ ଆସିବା ପାଇଁ ଗୁମ୍ମା ଗ୍ରାମର ରଇତ ମାନଙ୍କୁ ନିର୍ଦ୍ଦେଶ ଦେଲେ । 'ବିରଶା' ନୋଟିସ ପାଇ ୪ ମାଇଲ ଦୂରରୁ ଘନ ଜଙ୍ଗଲ ଅତିକ୍ରମ କରିଆସିଲା ।

କାତ୍ରାକା ବିର୍‌ଶାର ବେଶି ଜମିବାଡ଼ି ନଥିଲେ ବି ସେଇ ଆୟରୁ ବେଶ ଚଳି ଯାଉଥିଲା । ପାହାଡ଼କୁ ଲାଗି ତାର ଜମି । ସେଥିରେ ମକା ଆଦି ଫସଲ ଅମଳ ହୁଏ । ତାର ଖୁଣ୍ଟି ନମ୍ବର ହେଉଛି ୧୩ । ଅନେକ ଆମ୍ବ ତେନ୍ତୁଳି, ମହୁଲ ଗଛ ଅଛି । ଏତିକିରେ ତାର ଲୁଣତେଲର ସଂସାର ଚଳିଯାଏ, କିନ୍ତୁ ଉକ୍ତ ଜମିର ମାଲିକ ପୁରୁଷାନୁକ୍ରମେ କିଏ ସେ ତଥ୍ୟ ସରକାରୀ ଖାତାରେ ନାହିଁ । ଫଳରେ ଖାନାପୁରୀ ପୂରଣ ହୋଇପାରୁ ନାହିଁ । ବିର୍‌ଶାର ନାମରେ ନୋଟିସ୍ ବାହାରିଥିଲେ ମଧ୍ୟ ତାର ପିତାର ନାମ ନାହିଁ । ଅମିନ୍ ବାବୁ ବହୁତ ଖୋଜିଲେ ତଥ୍ୟ କିଛି ପାଇଲେ ନାହିଁ । ବିର୍‌ଶାର ମଧ୍ୟ ପିତାର ନାମ କହିପାରିଲା ନାହିଁ । ତେଣୁ ସେ ହତାଶ୍ ହେଲା । ହେଲେ ଜମି ଚାଷ କରୁଛି ବିର୍‌ଶା ।

ଏଣୁ ରତ୍ନାକର ଦାଶ ଅନନ୍ୟୋପାୟ ହୋଇ ବିର୍‌ଶାକୁ ସାହାଯ୍ୟ କରିବା ପାଇଁ ଏବଂ ତାକୁ ଜମିର ମାଲିକନା ଦେବାପାଇଁ ବିର୍‌ଶାର ପିତା ଜଗନ୍ନାଥ ବୋଲି ଲେଖି ଖାନାପୁରୀ ପୂରଣ କରିଦେଲେ । ତାପରେ ରେଭିନ୍ୟୁ ହାକିମ ଆସି ତଦାରଖ କରି ଚାଲିଗଲେ ।

କିନ୍ତୁ ବିର୍‌ଶା, ଜଗନ୍ନାଥ ନାମ ତା' ପିତାର କଳ୍ପିତ ବା ନକଲି ନାମ ଭାବି ନୋଟିସ ଗ୍ରହଣ କଲାନାହିଁ । ସରଳ ବିଶ୍ୱାସୀ ବିର୍‌ଶା ଯାହାକୁ ତାହାକୁ 'ବାପା' ବୋଲି ଗ୍ରହଣ କରିବାକୁ ପ୍ରସ୍ତୁତ ନଥିଲା । ଏପରି ଠକାଠକି ନାମକୁ ସେ ବିଶ୍ୱାସ କଲାନାହିଁ । ଏଣୁ ଅମିନ୍ ଓ ହାକିମ୍ କଥାରେ ସନ୍ତୁଷ୍ଟ ନହୋଇ ତାର ମନ ଘାଣ୍ଟଚକଟି ହେଲା । ପ୍ରକୃତ ପିତାର ନାମ ନଜାଣିଲେ ଏବଂ ଖାନାପୁରୀରେ ନାମ ଲିଖିତ ନହେଲେ ପିତାର 'ଡୁମା' ବା ଆତ୍ମା ଅସନ୍ତୁଷ୍ଟ ହେବ ବୋଲି ତାର ଦୃଢ଼ ବିଶ୍ୱାସ ହେଲା । ପକ୍ଷାନ୍ତର ସମାଜ ମଧ୍ୟ ତାହାକୁ ଘୃଣା ତାଚ୍ଛଲ୍ୟ କରିବ । ଜାରଜ ସନ୍ତାନ ବୋଲି ନିନ୍ଦା, ଉପହାସ କରିବ । ଏଣୁ ତାର ନିଜ ମନର ସନ୍ତୁଷ୍ଟି ପାଇଁ ଓ ସାମଜରେ ବିଶ୍ୱାସଭାଜନ ହେବା ପାଇଁ ପିତାର ପ୍ରକୃତ ନାମ ଜାଣିବା ପାଇଁ ଗାଁରେ ଗ୍ରାମ ସଭା ବସାଇଲା ।

ଏଥିପାଇଁ ଗ୍ରାମଦେବୀଙ୍କୁ 'ଦିଶାରୀ' ସାହାଯ୍ୟରେ ପୂଜନ ଅର୍ଚ୍ଚନ କଲା । ମଦ କୁକୁଡ଼ା ଅର୍ପଣ କଲା । ଦିଶାରୀ ବିର୍‌ଶାର ମୃତପିତାର ଡୁମାକୁ ଆମନ୍ତ୍ରଣ କଲା । କିଛି ଶୂନ୍ୟବାଣୀ ହେଲା ନାହିଁ । ଦିଶାରୀ ଗୁଣୁଗୁଣୁ ହେଲା ଏବଂ କହୁ କହୁ 'ଲେଲି' ବୋଲି ଉଚ୍ଚାରଣ କଲା । ଲେଲି ନାମ ଶୁଣି

ବିରଣ୍ଡା ଆତ୍ମ ବିଭୋର ହୋଇ ଉଠିଲା ନାଚି । ସେ ମାନିନେଲା ଯେ ତାର ପିତା କାତ୍ରାକା ଲେଲି । ଲେଲି ଅର୍ଥ ତେନ୍ତୁଳି । ଏହି ନାମ ନେଇ ରତ୍ନାକର ଦାସ ଅମିନ୍ ପାଖକୁ ଗଲା ଆଉ ଜଗନ୍ନାଥ ପରିବର୍ତ୍ତେ କାତ୍ରାକା ଲେଲି ଲେଖିବାକୁ ଅନୁରୋଧ କଲା । ଏ ହେଉଛି କ୍ଷୁଦ୍ର ଉପନ୍ୟାସର କାହାଣୀ ଏବଂ ସରଳ ଆଦିବାସୀର ଭ୍ରମା ବିଶ୍ୱାସ ।

ଏହା ବ୍ୟତୀତ ଉକ୍ତ ଉପନ୍ୟାସରେ ଆଦିବାସୀ ମାନଙ୍କର ଜୀବନ, ଜୀବିକା, ଦେବାଦେବୀ ବିଶ୍ୱାସ, ପୂଜା ପାର୍ବଣ, ଜଡ଼ିବୁଟି, ଗୁଣିଗାରେଡ଼ି ମନ୍ତ୍ର ବିଷୟ ମଧ୍ୟ ବିଶଦ୍ ଭାବେ ନହେଲେ ବି ସାଧାରଣ ଭାବେ ଗୋଟିଏ ଆଦିବାସୀ ଗୋଷ୍ଠୀର ଚିତ୍ର ରହିଛି । ଏଣୁ ସେମାନଙ୍କର ଗୋଷ୍ଠୀ ଜୀବନ, ସରଳ ବିଶ୍ୱାସ, ଦୃଢ଼ତା ବିରଣ୍ଡା ଜୀବନ ମାଧ୍ୟମରେ ଅଙ୍କିତ ହୋଇଛି । ଦେବାଦେବୀ ଭ୍ରମା, ପ୍ରକୃତି ପ୍ରତି ସେମାନଙ୍କର ଭୟ ଓ ଭ୍ରାନ୍ତି ଚିରାଚରିତ । ଲେଖକ ଏଇଠି ଆଦିବାସୀର ଅଜ୍ଞତା, ଉଦାସୀନତା ଓ ଭ୍ରମା ବିଶ୍ୱାସକୁ ସ୍ୱତନ୍ତ୍ର ଭାବରେ ରୂପ ଦେଇଛନ୍ତି । ଏଣୁ ଏହା ଏକ କୌତୂହଳପୂର୍ଣ୍ଣ ଚିତ୍ର ଓ ଚରିତ୍ର କହିଲେ ସମୀଚୀନ ହେବ । କାହ୍ନୁବାବୁଙ୍କର ଗଭୀର ଅନୁଭୂତି ଓ ଅଭିଜ୍ଞତାର ପରିଚୟ ଏଥିରୁ ମିଳେ । ଏକଦା ସେ ଉକ୍ତ ଅଞ୍ଚଳର ଜଣେ ଉପରିସ୍ଥ ଅଧିକାରୀ ଭାବରେ କର୍ମରତ ଥିଲେ । ତେଣୁ ଆମକୁ ସେ ଭିନ୍ନ ସ୍ୱାଦୁର ଅଶିକ୍ଷିତ ବଣୁଆ ଜାତିର ଜୀବନ ଚିତ୍ର ପ୍ରଦାନ କରିଛନ୍ତି ।

**କାହ୍ନୁବାବୁଙ୍କର ଅନ୍ୟାନ୍ୟ ଉପନ୍ୟାସରେ ଆଦିବାସୀର ଜୀବନ:**

ଗୋପୀବାବୁଙ୍କ ପରି କାହ୍ନୁବାବୁ ମଧ୍ୟ ସମଗ୍ର ଜୀବନର ଭିନ୍ନ ଭିନ୍ନ ଚିତ୍ର ଚରିତ୍ର ବର୍ଣ୍ଣନା କରି ଏବଂ ଅତୀତ ବର୍ତ୍ତମାନକୁ ଗବେଷଣାତ୍ମକ ଦୃଷ୍ଟିଭଙ୍ଗୀରେ ବିଚାର କରି ଗୋଟାଏ ପରେ ଗୋଟାଏ ଉପନ୍ୟାସ ରଚନା କରିଛନ୍ତି । ବାସ୍ତବରେ ମହାନ୍ତି ଭ୍ରାତୃଦ୍ୱୟ ଓଡ଼ିଆ ଜନଜୀବନ ତଥା ସାହିତ୍ୟ ସଂସ୍କୃତି କ୍ଷେତ୍ରରେ ଗଙ୍ଗା, ଯମୁନାର ଧୀର ଗମ୍ଭୀର ସ୍ରୋତ ଭଳି ପ୍ରବହମାନ ହୋଇଛନ୍ତି । ଏଣୁ କାହ୍ନୁବାବୁଙ୍କ ଅନ୍ୟାନ୍ୟ ଉପନ୍ୟାସରେ ସାଧାରଣ ଜନ ଚିତ୍ର ସହିତ ଆଦିବାସୀ ଜୀବନ ଚିତ୍ର ମଧ୍ୟ ଛିଟିକି ପଡ଼ିଛି କହିଲେ ସମୀଚୀନ ।

ଶର୍ବରୀରେ ଆଦିବାସୀ ମୋହାଚ୍ଛନ୍ନ କାହ୍ନୁଚରଣ:

ତାଙ୍କ ଶର୍ବରୀରେ ୨୦ ହଜାର ବର୍ଷ ତଳର ଐତିହ୍ୟ ଚର୍ଚ୍ଚା କରିବାକୁ ଯାଇ ଆଦିମ ଜୀବନର କ୍ରମ ବର୍ଦ୍ଧମାନ ଚରିତ୍ର ଚିତ୍ର ପ୍ରଦାନ କରିଛନ୍ତି ।

ସେତେବେଳେ ମଣିଷ ଉଲଗ୍ନ ରହୁଥିଲା । ଆହାର ବିହାର ମୈଥୁନ ହିଁ ଥିଲା ଜୀବନର ଏକମାତ୍ର ଧାରା । ବିଚାରହୀନ, ନୈତିକହୀନ ଥିଲା ମଣିଷର ଜୀବନ ଚେତନା । କଞ୍ଚାମାଂସ ଖାଇ ଆଦିମ ମଣିଷ ପଶୁପରି ଜୀବନ ଯାପନ କରୁଥିଲା ।

କାଳକ୍ରମେ ମଣିଷର ହୋଇଛି ପରିବର୍ତ୍ତନ । ଗଛର ବକ୍କଳକୁ ବସ୍ତ୍ର କରି ପିନ୍ଧି ଶିଖିଛି । ନିଆଁ ଜାଳି ମାଂସ ଖାଇଛି । ଗୋଟିଏ ନାରୀର ଗୋଟିଏ ସ୍ୱାମୀ ହୋଇଛି । ଫଳରେ ପାରିବାରିକ ଜୀବନ ନୂତନ ରୂପ ନେଇଛି । ଏହାପରେ ଗଢ଼ିଉଠିଲା ଗୋଷ୍ଠୀ ଜୀବନ । ତିଆରି ହେଲା ନୀତି ଆଦର୍ଶ । ସମାଜ ହେଲା ଶୃଙ୍ଖଳିତ । ଦଳରେ ନୀତିର ପ୍ରଚଳନ ହେଲାପରେ ମାତା, ପୁତ୍ର, କନ୍ୟା, ଭାଇ, ଭଉଣୀଙ୍କ ମଧ୍ୟରେ ସ୍ନେହ ଭାବ ସୃଷ୍ଟି ହେଲା । ପୁଣି ଆରମ୍ଭ ହେଲା ପୂଜାପାର୍ବଣ । କଳ୍ପନାର

ଦେବାଦେବୀ ସାଂସ୍କୃତିକ ଧର୍ମଚେତନା । ମାନବୀୟ ଚେତନାକୁ ଶୃଙ୍ଖଳିତ କରିବା ପାଇଁ ବିଭିନ୍ନ ଗୋଷ୍ଠୀରେ ଦେଖାଦେଲେ ଦଳପତି । ଆଦିମ ସମାଜ ପରିମାର୍ଜିତ ରୂପ ନେଲା ଏବଂ ସୃଷ୍ଟି ହେଲା ଜାତି ଭାଷା ଓ ଉନ୍ନତ ସଭ୍ୟତା । ଦେଖାଦେଲା ସବର୍ଣ୍ଣ ଓ ଅସବର୍ଣ୍ଣ ବିଭେଦ ମଧ୍ୟ । କାରଣ ଯେଉଁମାନେ ବଣ ଜଙ୍ଗଲରେ ରହିଲେ ସେମାନେ ହେଲେ ବନବାସୀ, ଗିରିଜନ । ଅତୀତର ପରମ୍ପରା, ସଂସ୍କୃତି, ଅନ୍ଧ ବିଶ୍ୱାସ କୁସଂସ୍କାର ମଧ୍ୟରେ ନିଜର ଜୀବନ ଓ ଜୀବିକାକୁ ସୀମିତ କରି ରଖିଲେ । ସେଇଠୁ ଯେଉଁମାନେ ଦୂରେଇ ରହିଲେ ସେମାନେ ହେଲେ ସଭ୍ୟ ଉନ୍ନତ ସବର୍ଣ୍ଣ ଗୋଷ୍ଠୀ । ଏବେ ବି ସେପରି ନଗ୍ନ ଆଦିବାସୀ ସଭ୍ୟତାର ଚିତ୍ର ବୈଚିତ୍ର୍ୟ ଓଡ଼ିଶା, ଭାରତ ତଥା ବିଶ୍ୱରେ ବିରଳ ନୁହେଁ । ଆଜି ବି ସଂପୂର୍ଣ୍ଣ ଉଲଗ୍ନ ଆଦିମ ମଣିଷ ଦୃଷ୍ଟିଗୋଚର ହୋଇଛନ୍ତି । ଆଣ୍ଡାମାନ ନିକୋବର ଯାହାକୁ ଆମେ (କଳାପାଣି) କହିଥାଉଁ । ସୁତରାଂ ଗୋପୀବାବୁଙ୍କ ଭାଷାରେ ଆଦିବାସୀ ହେଉଛି ଅଣଆଦିବାସୀର ପ୍ରଥମ ସୋପାନ ଚିନ୍ତା ଚେତନା ସନ୍ମାନ ବ୍ୟବହାର ଜୀବିକା ଅଲଗା ।

ସୁତରାଂ କାହ୍ନୁବାବୁଙ୍କ ଶର୍ବରୀର ଅନ୍ଧକାର ଭିତରେ ଯେଉଁ ସନ୍ଧାନ କରିଛନ୍ତି ସେଥିରେ ଆଦିମ ତଥା ଜରିଥାଉଁ ଆଦିବାସୀର ପ୍ରାଚ୍ଚନ ଚିତ୍ର ଆମର ଦୃଷ୍ଟି ଆକର୍ଷଣ କରେ । ନିର୍ବିକାର, ନିର୍ଲିପ୍ତ, ବାବାଜୀ ସନାତନ ଚରିତ୍ର ମାଧ୍ୟମରେ ମାନବ ଜାତିର କ୍ରମୋନ୍ନତିର ବର୍ଣ୍ଣନା ରହିଛି ।

**ବଗବଗୁଲିରେ ବନବାସୀ ଜୀବନଲୋଭୀ କାହ୍ନୁଚରଣ:**

କାହ୍ନୁବାବୁଙ୍କର 'ବଗବଗୁଲି' ଉପନ୍ୟାସରେ ସାଧାରଣ ରଚନା ସହିତ ଆଦିବାସୀର ଜୀବନର ଚିତ୍ର ରହିଛି । ଏଥିରେ ଆଦିବାସୀ ସମାଜ ସଂସ୍କୃତିର ଭୂତପ୍ରେତର ରୋମାଞ୍ଚକର କାହାଣୀ ବର୍ଣ୍ଣନା କରିଛନ୍ତି । ଉକ୍ତ କାହାଣୀ 'ଘୁମୁସର'ର ଉଦୟଗିରି 'ଡାକ ବଙ୍ଗଳା'ରୁ ଆରମ୍ଭ ହୁଏ । ଫୁଲବାଣୀ, ଘୁମୁସର ଆଦି ଅଞ୍ଚଳରେ କନ୍ଧମାନେ ଘଞ୍ଚଭାବରେ ବସବାସ କରନ୍ତି । ସେଇଠିକୁ ଜଣେ ଜଙ୍ଗଲ ଅଧିକାରୀ 'ଅସିତ' ବାବୁଙ୍କ ହୁଏ ଆଗମନ । ସେ ବିବାହିତ ହେଲେ ମଧ୍ୟ ସାଧାରଣ ସମାଜର ଚଳଣି ଉପରେ ପତ୍ନୀକୁ ସାଙ୍ଗରେ ଆଣି ପାରି ନାହାନ୍ତି । ମାତ୍ର ଗଡ଼ଜାତ ଅଞ୍ଚଳର ଗୋରା ଟକ୍ ଟକ୍ ଅର୍ଦ୍ଧନଗ୍ନ ସୁନ୍ଦର ସ୍ୱାସ୍ଥ୍ୟବତୀ ଆଦିବାସୀ ରମଣୀମାନଙ୍କର ସେବାରେ ମୁଗ୍ଧ ହୋଇଛନ୍ତି । 'ଅସିତ' ସେମାନଙ୍କ ସହିତ ମିଳାମିଶା କଲେ ମଧ୍ୟ ସଂଯମ ଓ ଶୃଙ୍ଖଳା ବଜାୟ ରଖିଛନ୍ତି ।

ଏମାନଙ୍କ ମିଶିବା ଓ ଛୁଟି ଆଦିରେ ଘରକୁ ଆସିବାରେ ତାଙ୍କର ବ୍ୟବଧାନ ହେତୁ ପତ୍ନୀ 'ଅତସି' ବାବୁଙ୍କର ଚାଲିଚଳନରେ ସନ୍ଦିହାନ ହୋଇ ଉଠନ୍ତି । କାରଣ ଅନେକ ମୁହଁରେ ଶୁଣିବାକୁ ପାଆନ୍ତି ଯେ ଅସିତବାବୁ ଆଦିବାସୀ ଯୁବତୀଙ୍କ ପ୍ରେମ ସୁହାଗରେ ପଡ଼ି ତାଙ୍କ ପତ୍ନୀଙ୍କୁ ଭଲ ପାଉନାହାନ୍ତି । ଏହି ସମ୍ବାଦ ପାଇ 'ଅସିତ'ର ମନରେ ଦ୍ୱନ୍ଦ୍ୱ ଜାତ ହୋଇଛି । ଏପରିକି ଯେତେବେଳେ 'ଅସିତ' ଘରକୁ ଆସେ ତାର ପତ୍ନୀ ସହିତ କନ୍ଧମାନଙ୍କର ହାବଭାବ, ଗୁଣିଗାରେଡ଼ି, ଭୂତପ୍ରେତ ଆଦି ବିଷୟ ଚର୍ଚ୍ଚା କରେ ଏବଂ 'କନ୍ଧୁଣୀ' ମାନଙ୍କର ଶ୍ରଦ୍ଧା, ସମ୍ମାନ, ଆତିଥ୍ୟ, ସରଳତା ବିଷୟ ବ୍ୟକ୍ତ କରେ । ଫଳରେ ଅସିତଙ୍କ ପତ୍ନୀ ପର ପ୍ରଶଂସା ଶୁଣି ତାର ଗାତ୍ରଦାହ ହୋଇଛି । ମନରେ ସନ୍ଦେହ ମଧ୍ୟ ଘନୀଭୂତ ହୋଇଛି । ସେ ଆଉ ତାକୁ ଭଲ ପାଉନାହାନ୍ତି, ବଣର କନ୍ଧ କୋହ୍ଲ, ଝିଅଙ୍କୁ ରଖିଲାଣି ଏପରି ଭାବିଛି ଏଣୁ ଅସିତ ଦଶହରା ଛୁଟିକୁ ଆସିବି ନାହିଁ ବୋଲି କହିବାରୁ ପତ୍ନୀ 'ଅତସୀ' ଆହୁରି ସନ୍ଦିହାନ ହୋଇ ଉଠିଲା । ସ୍ୱାମୀର ଦେହ ଖାଦ୍ୟର ଅଭାବ ନାହିଁ ବୋଲି ଦୃଢ଼ ହୋଇଗଲା ସେ ।

ଏହା ଏକ ସାଭାବିକ ଚିତ୍ର । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଆଦିବାସୀମାନେ ବସବାସ କରନ୍ତି । କାର୍ଯ୍ୟ ଓ ବ୍ୟବସାୟ ବାହାନାରେ ଅଧିକାରୀ, ଠିକାଦାର, ସାହୁକାର ମାନଙ୍କର ସେ ଅଞ୍ଚଳକୁ ଅବାଧ ପ୍ରବେଶ କରନ୍ତି । ସେମାନେ ନିରୀହ ଆଦିବାସୀ, ଧାଙ୍ଗଡ଼ୀ ମାନଙ୍କୁ ଲୋଭନୀୟ ଜିନିଷ, ଲୋଭନୀୟ କଥା କହି ସେମାନଙ୍କ ମନ ହୃଦୟକୁ ଚୋରି କରନ୍ତି । ଫଳତଃ ଆଦିବାସୀର ଜୀବନ ହୁଏ ଲହୁଲୁହାଣ । ଝିଅମାନଙ୍କ ଜୀବନ ହୁଏ ଲୁଣ୍ଠିତ । ସନ୍ତାନବତୀ ହୋଇ ପରିତ୍ୟକ୍ତ ହୁଅନ୍ତି । ଅଣଆଦିବାସୀ ପ୍ରଶାସକ, କର୍ମଚାରୀଙ୍କର ଅତ୍ୟାଚାର କହିଲେ ନସରେ । ଏବେ ମଧ୍ୟ ଚାଲିଛି । ଏଣୁ ବେଳେବେଳେ ଦେଖାଯାଏ ଜନଗର୍ଜନ, ବିଦ୍ରୋହ, ହଣାକଟା । ଏପରି ଚିତ୍ର 'ପରଜା' ଉପନ୍ୟାସର ଜମାନ୍, ଗୁମାସ୍ତା, ସାହୁକାରର ଚରିତ୍ର ଜ୍ୱଳନ୍ତ ଉଦାହରଣ । ଏଣୁ ଶ୍ରୀମତୀ ଅତସିର ଭାବାନ୍ତର ହେବା ସାଭାବିକ । ଏହା ବ୍ୟତୀତ କନ୍ଧ ସମାଜର ଡାହାଣୀ (ଡରେଇ), ଚିରିଗୁଣୀ, ଖଣ୍ଡିଆଭୂତ, ମଶାଣୀ ଚଣ୍ଡୀ ଆଦି ଅନେକ ଚିତ୍ର ଉପସ୍ଥାପିତ କରିଥିବାରୁ ଆତଙ୍କ, ଭୟ ସୃଷ୍ଟି ହୁଏ । ଅବଶ୍ୟ ସ୍ଥାନେ ସ୍ଥାନେ ଉପନ୍ୟାସ ବର୍ଣ୍ଣନା ଖାପଛଡ଼ା ହୋଇଛି । ସାମଞ୍ଜସ୍ୟ ରହିନାହିଁ, ଅଧିକନ୍ତୁ କାହାଣୀର ପରମ୍ପରାକୁ ବ୍ୟାଘାତ ଘଟେଇ ଭୂତପ୍ରେତ ବିଷୟ ଏତେ ଉଲ୍ଲେଖ ଅଛିଯେ, ରହସ୍ୟପୂର୍ଣ୍ଣ ଉପନ୍ୟାସ ପରି ମନେ ହୁଏ । ପୁଣି ଉକ୍ତ ବର୍ଣ୍ଣନା ଗୁଡ଼ିକ ପାଠକଲେ ମନରେ ଭୟଭ୍ରାନ୍ତି ମଧ୍ୟ ସୃଷ୍ଟି ହୋଇଥାଏ । ତଥାପି ରାଣୀ, ବାରିକାଣୀ, ସରସତୀ, ଲକ୍ଷ୍ମୀ, ଆଇବୁଢ଼ୀ ଆଦି ନାରୀ ଚରିତ୍ର ମାଧ୍ୟମରେ ଗାଁଉଲି ଭାଷା ଓ ଉକ୍ତିର ସୁନ୍ଦର ପ୍ରୟୋଗ ହେତୁ, ସ୍ଥଳ ବିଶେଷର ବଡ଼ ରସୋତୀର୍ଣ୍ଣ ହୋଇଛି । ଯେହେତୁ ନୀରସତା ମଧ୍ୟରେ ସରସତା ଆଣିବା ରସଗ୍ରାହୀ କାହ୍ନୁବାବୁଙ୍କ ହେଉଛି ଅନ୍ୟତମ ବୈଶିଷ୍ଟ୍ୟ ।

ପାଦଟୀକା-

୧. ଡ଼. ନଗେନ୍ଦ୍ର ମିଶ୍ର: ଆଧୁନିକ ଓଡ଼ିଆ କଥା ସାହିତ୍ୟ ଉପନ୍ୟାସ, ପୃଷ୍ଠା-୧୯, ପ୍ରକାଶକ- ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୮୨ ।

୨. ବନଗହନର ତଳେ - ପୃଷ୍ଠା ୨ ।

୩. ବନଗହନର ତଳେ - ପୃଷ୍ଠା ୧୭ ।

୪. ବନଗହନର ତଳେ - ପୃଷ୍ଠା ୧୪ ।

୫. ବନଗହନର ତଳେ - ପୃଷ୍ଠା ୧୫ ।

୬. ବନଗହନର ତଳେ - ପୃଷ୍ଠା ୧୯ ।

୭. ବନଗହନର ତଳେ ପୃଷ୍ଠା ୩୭ ।

୮. ବନଗହନର ତଳେ - ପୃଷ୍ଠା ୪୫ ।

୯. ବନଗହନର ତଳେ - ପୃଷ୍ଠା ୪୫ ।

୧୦. ବନଗହନର ତଳେ - ପୃଷ୍ଠା ୮୬ ।

୧୧. ବନଗହନର ତଳେ - ପୃଷ୍ଠା ୯୨ ।

୨) ଜାତ୍ରକା ଭ୍ରମଲି: କ୍ଷୁଦ୍ର ଉପନ୍ୟାସ ।

## ୪.ଜଣେ ଭିନ୍ନ ଧର୍ମୀ ଔପନ୍ୟାସିକ : ନେତ୍ର ମୋହନ ରାମ

**ପାହାଡ଼ୀ ଝରଣା:**

ଔପନ୍ୟାସିକ ଶ୍ରୀ ନେତ୍ର ମୋହନ ରାମ କନ୍ଧ ଜାତିର ଜୀବନ, ସଂସ୍କୃତି ଓ ପରମ୍ପରାକୁ ଆଧାର କରି ୧୯୭୭ରେ ଉପନ୍ୟାସଟିଏ ରଚନା କରିଛନ୍ତି ।

ତାଙ୍କ ସଂପର୍କରେ ପଦେ କହୁଛି, ସୁରେଶ ଚନ୍ଦ୍ର ମଦନରାୟ କହିଛନ୍ତି ଯେ କୋଟି କୋଟି ଭକ୍ତ ଗୋଟିଏ ଭଗବାନକୁ ଅନେକ ଭାବରେ ଚିତ୍ରଣ କରି ସ୍ତୁତିଗାନ କରିଗଲେ ସୁଦ୍ଧା ତାଙ୍କର ନୂତନତ୍ୱ ପୁଣି ଫୁଟି ଉଠେ, ଭକ୍ତ ମନର ଭାବ, ତୁଣ୍ଡର ଭାଷା ଓ ଲେଖନୀର ଗାରରେ । ଏହା କହିବାର ତାତ୍ପର୍ଯ୍ୟ ହେଉଛି ଗୋପୀ ମହାନ୍ତିଙ୍କ ପରି କଥାରଥୀଙ୍କ ଦ୍ୱାରା ଆଦିବାସୀ ଜୀବନ ଆଧାରିତ ବିପୁଳ ସୃଷ୍ଟି ପରେ ହୁଏତ ଆଦିବାସୀ ଜୀବନର ଅକୁହା କଥା ଆଉ ନାହିଁ । ପରନ୍ତୁ ଜଣେ ସ୍ରଷ୍ଟା ସବୁକଥା କହିପାରେ ନାହିଁ । ଗୋପୀବାବୁ ତଥା ଅନ୍ୟମାନଙ୍କ ଲେଖାରେ ଅନେକ ଅକୁହା କଥା ରହିଯାଇଛି । ଏହା ସ୍ୱୀକାର୍ଯ୍ୟ । ନଈ ପରି ଜୀବନ ବହି ଯାଉଥିଲେ ମଧ୍ୟ ତାର ବୈଚିତ୍ର୍ୟ ରହିଛି । ନେତ୍ର ମୋହନ ବାବୁଙ୍କ ଉପନ୍ୟାସରେ ଅନେକ ନୂଆ ତଥ୍ୟ ଓ ସତ୍ୟ ପ୍ରକାଶ ପାଇଛି । ଯାହା ଅନ୍ୟ ଉପନ୍ୟାସରେ ବିରଳ । ଏଣୁ ଏହା ଏକ କ୍ଷୁଦ୍ର ଉପନ୍ୟାସ ହେଲେ ବି ସଫଳ କୃତି ।

ସଂପୃକ୍ତ ଉପନ୍ୟାସରେ ଜଣେ ଚଞ୍ଚଳ ପ୍ରାଣୀ ଲୋଭୀ ନିଷ୍ପାପର ମଣିଷ ସହିତ ପରିଚୟ ଘଟେ । ଫୁଲବାଣୀ କନ୍ଧମାନଙ୍କର ଜୀବନ ସହିତ ଘନିଷ୍ଠ ଜଣେ ବ୍ୟକ୍ତିସତ୍ତା । ସେମାନଙ୍କ ସାଂସ୍କୃତିକ ବୈଚିତ୍ର୍ୟର ଜଣେ ମୁଗ୍‌ଧପ୍ରାଣ ବ୍ୟକ୍ତି, ସେମାନଙ୍କ ପ୍ରାତ୍ୟହିକ ଜୀବନଧାରାର ସରଳ ଗାମ୍ଭୀର୍ଯ୍ୟରେ ଅଭିଭୂତ ଜଣେ ଭିନ୍ନ ମଣିଷର ସଂପୃକ୍ତି ଓ ସ୍ୱୀକାରୋକ୍ତିରେ ରଜସ୍ୱଳ ସଂଶିତ ଉପନ୍ୟାସ । କ୍ଷୁଦ୍ର କଳେବରରେ ସୀମିତ ହେଲେ ମଧ୍ୟ ଗୋପୀବାବୁଙ୍କ ଉପନ୍ୟାସର ବିସ୍ତୃତିଗତ ବୈଶିଷ୍ଟ୍ୟ ନଥିଲେ ମଧ୍ୟ, କାହ୍ନୁବାବୁଙ୍କ ଉପନ୍ୟାସର ରୋମାଣ୍ଟିକ୍ ଚୈତନ୍ୟଉଲ୍ଲାସ -କାରୀ ରାଗର ଯାଦୁକାରୀ ସ୍ପର୍ଶ ନଥିଲେ ମଧ୍ୟ ଏହା ପାଠକକୁ ଆମୋଦିତ କରାଇ ପାରିବ ।

ଆଦିବାସୀ ଜୀବନର ସ୍ୱଚ୍ଛତା, ସ୍ୱାଭାବିକତ,ପାହାଡୀ ଝରଣାର ବୈଶିଷ୍ଟ୍ୟ ପ୍ରକୃତରେ ଏହା ଝରଣା ପରି ପାଠକକୁ ଆମୋଦିତ କରିବ ଏବଂ କନ୍ଧ ଜୀବନର କେତୋଟି ନୂଆଁ ଚିତ୍ର ସହିତ ସେମାନେ ପରିଚିତ ହୋଇ ପାରିବେ ।

ଗହ୍ବାଂଶ:- ଫୁଲବାଣୀ ଜିଲ୍ଲାର 'ବାଲିଗୁଡ଼ା'ର ଅଖ୍ୟାତ ପଲ୍ଲୀ 'ଦଡ଼ିବାଡ଼' ଓ 'ଯୋଡ଼ାବାଡ଼' । ମଝିରେ ମାଇଲିଏ ଦୂରତା । ଉଭୟ ପଲ୍ଲୀର କନ୍ଧ ପୁଅ ଝିଅ ହସଖୁସିରେ ଏକତ୍ରିତ ହୁଅନ୍ତି । ଏମାନେ ମାଘପୋଡ଼ା ପର୍ବବେଳେ ଚାଙ୍ଗୁନାଚ, ଖଞ୍ଜଣି ବାଦ୍ୟସହ ସମୂହ (ହଲିଷକ) ନୃତ୍ୟ କରନ୍ତି ।

ସାଙ୍ଗେରା, ପୁସାରା, ବେଗ, ରସେ ପ୍ରମୁଖ ଧାଙ୍ଗଡ଼ାମାନେ ନାଲ, ନାସ୍ରେ, ମୁକ୍ତା ଆଦି ଅନ୍ୟମାନଙ୍କ ସହିତ ନୃତ୍ୟ କରନ୍ତି । 'ସାଙ୍ଗେରା' ଏକ ଜବରଦସ୍ତ ସୁଠାମ ଯୁବକ । ତାକୁ ପତ୍ରା ବା ଧନୀର ଝିଅ ଭଲ ପାଇଛି । ନନ୍ଦ୍ରା କହିଛି, "ମତେ ନେ, ଯାହା ଇଚ୍ଛା ତାହା କର ।(୧)" ନନ୍ଦ୍ରା ସଂପୂର୍ଣ୍ଣ ଭାବରେ ସାଙ୍ଗେରାଠାରେ ଆତ୍ମସମର୍ପଣ କରିଛି । କନ୍ଧ ଝିଅ ମିଛ କହେନାହିଁ, କହେ ସିଧାସଳଖ । ସାଙ୍ଗେରାର ମଧ୍ୟ ଆଭିଜାତ୍ୟ ଥିଲା । ତା ବାପା ଦିନେ 'ଯୋଡ଼ା ବାଡ଼ି'ର ଥିଲା ପତ୍ରା (ଧନୀ) । କିନ୍ତୁ ସେ ଆଉ ଇହ ଜଗତରେ ନାହିଁ । ସେ ଗଣ୍ଡି ବା କନ୍ୟାସୁନା ସ୍ୱରୂପ ଦୁଇଟି ଦାମୁଡ଼ି ଓ ଚାରୋଟି ଘୁଷୁରୀ ଦେବାକୁ ରାଜି ହୋଇଛି ଏବଂ ଦୁଇଟି ପୋଡ଼ର ମୂଲ୍ୟ ବାବଦକୁ ଶ୍ୱଶୁରଘରେ ଦୁଇ ବର୍ଷ ଗୋଟି ଖଟିବାକୁ ସ୍ୱୀକାର କରିଛି । ଆମୋଦ ଉତ୍ସବ ମଧ୍ୟରେ ସାଙ୍ଗେରା ସହିତ ଆଦିବାସୀ ପରମ୍ପରା ଅନୁସାରେ ପରେ ନାନ୍ଦ୍ରାର ବିବାହ ହେଲା । 'ପତ୍ରା'ର ଧନୀବ୍ୟକ୍ତିର ଏକ ମାତ୍ର ଝିଅ ନାନ୍ଦ୍ରା । ସାଙ୍ଗେରା ହେଲା ଘର ଜ୍ୱାଇଁ ।

ମଧୁଶଯ୍ୟା ହେଲା ଦିବାଲୋକରେ । ପଦାରର ମହୁଲ ଗଛତଳେ । କୋମଳ ପତ୍ର ଶଯ୍ୟାରେ । ଆଦିବାସୀ ପ୍ରଣୟ ପରିପ୍ରେକ୍ଷୀରେ ରାତି ଅପେକ୍ଷା ଦିନକୁ ହିଁ ପସନ୍ଦ କରେ । ଅପର ଯୁବକ ପୁସାରା ବି ନାନ୍ଦ୍ରାକୁ ଭଲ ପାଉଥାଏ । ଗରିବ ସେ । ଚାହିଁ ରହିବା ହିଁ ସାର ହୋଇଛି । ସାଙ୍ଗେରା ସହିତ ନାନ୍ଦ୍ରାର ବିବାହ ହେବାରୁ ପୁସରା ଭାଙ୍ଗି ପଡ଼ିଲା । ସେ ତାର କଥା ଭାବି ଭାବି ବଇରାଗୀ ପରି ଜୀବନ ବିତାଇଲା ଠିକ୍ ଭୀମାଭୂୟାଁ ଉପନ୍ୟାସର ଭୀମାଭୂୟାଁ ପରି । ନାନ୍ଦ୍ରା ପୁସାରାର ଏ ଅବସ୍ଥା ଦେଖି ସହାନୁଭୂତିଶୀଳା ହୋଇଛି । ପକ୍ଷାନ୍ତରେ ସାଙ୍ଗେରାର ସାନ୍ନିଧ୍ୟ ତା ପାଇଁ ସୁଖର ନହୋଇ, ହୋଇଛି ଦୁଃଖର କାରଣ । ସାଙ୍ଗେରା ବାଘ ପରି ବଳ, ରୁକ୍ଷ ଯୌନ ତାଡ଼ନା କୋମଳାଙ୍ଗୀ ନାନ୍ଦ୍ରା ସମ୍ଭାଳି ପାରିନାହିଁ । ସେ ଚାହିଁଛି କୋମଳ ସୁହାଗ । ଏଣୁ ସେ ପୁସାରାକୁ ହୃଦୟରେ ସ୍ଥାନ ଦେଇ ନୂତନ ସ୍ୱାଦ ପାଇଁ ସମୟ ଖୋଜିଲା ।

ଅନ୍ୟ ଦିଗରେ ବେଗ୍ ବାହାହେଲା ନାସ୍ରକୁ । ଉଭୟଙ୍କ ଜୀବନରେ ଆନନ୍ଦ ରହିଛି । ବେଗ୍‌ର ବାପ ଓ ନାସ୍ରର ମାଁର ହୋଇଛି ମିଳନ । ଜଣେ ପତ୍ନୀ ବିହୀନ ଓ ଅପର ସ୍ୱାମୀ ବିହୀନା । ଏଣୁ ବେଗ୍ ଓ ନାସ୍ରର ବାହାବେଳେ ନାସ୍ରର ମାଁ ମଧ୍ୟ ଜ୍ୱାଇଁ ପୁସାରା ସହିତ ଚାଲି ଆସିଛି । ଏପରି ସମ୍ବନ୍ଧି ସମ୍ବନ୍ଧୁଣୀ ସଂପର୍କ ଜାତି ପକ୍ଷରେ ପାପ ନୁହେଁ । ବରଂ ଦୁଇ ଆତ୍ମାର ମିଳନ । ଜୀବନର ମଧୁର ସମ୍ପର୍କ । ଏଣୁ ଆଦିବାସୀ ସମାଜରେ ବୈଧବ୍ୟ ଯନ୍ତ୍ରଣା ଦେଖିବାକୁ ମିଳେ ନାହିଁ ।

କନ୍ଧ ଅଞ୍ଚଳକୁ ସରକାରଙ୍କ ପକ୍ଷରୁ ପଡ଼େ ସଡ଼କ । ଆସିବା ଯିବା କଲା ଗାଡ଼ି, ମୋଟର । କନ୍ଧ ଲୋକେ ଯାଆନ୍ତି କୁଲି ଖଟିବାକୁ । ବେଗ୍ ଓ ନାସ୍ର ବି ରୋଡ଼ ପାଇଟିକୁ ଗଲେ । ଏହି ସୁଯୋଗରେ ରୋଡ଼ ପାଇଟିର ମ୍ୟାନେଜର ନାସ୍ରର ପ୍ରତି ଆକୃଷ୍ଟ ହେଲା । ତାର ସରଳତାର ସୁଯୋଗ ନେଇ ମେନେଜର ନାସ୍ରର ବକ୍ଷ ଉପରେ ହାତ ପକାଏ । ଏଥିରେ ସହଜରଳାରେ ନାସ୍ର କହେ, "କାହିଁକି

ଧରୁଛ ବାବୁ ଏହିଟା, କଣ ଅଛି ଏଥିରେ - ପିଲାର ଖିର ଖାଇବାଟା ।"(୨) ଆଦିବାସୀ ନାରୀ କେତେ ସଚେତନ ଏଥିରୁ ଅନୁମେୟ ।

ରାସ୍ତାଘାଟ ପ୍ରଭୃତି ନାନା ପ୍ରକାର ପ୍ରଗତି ମୂଳକ କାର୍ଯ୍ୟ ବା ବ୍ୟବସାୟ ପାଇଁ ଆସି,ଅଣ-ଆଦିବାସୀ ମଣିଷ ସରଳ ପ୍ରକୃତି ଆଦିବାସୀ ଝିଅ ବୋହୁମାନଙ୍କୁ ବିପଥଗାମୀ କରିଥାନ୍ତି । ବନ୍ଧୁ, ମୈତ୍ର କରି ମନଭୁଲାଣିଆ କଥା କହି ଅଥବା ଲୋଭ ଦେଖାଇ, ଶୋଷଣ କରିବାର ଦୃଷ୍ଟାନ୍ତ ଅତି ସୁଲଭ । ନାସ୍ର କିନ୍ତୁ ମେନେଜର ମନ୍ଦ ଅଭିଳାଷରୁ ଦୂରେଇ ରହିଲା । ସୁବିଧା ଦେଖି ନିର୍ଜନରେ ଯେତେବେଳେ ମେନେଜର ନାସ୍ରକୁ ଜୋରଜବରଦସ୍ତ କଲା ନାସ୍ରର ଆଘାତରେ ତା ମୁଣ୍ଡ ଫାଟିଗଲା । ସେ ଆତ୍ମରକ୍ଷା କରି ତା ବନ୍ଧନରୁ ମୁକ୍ତ ହୋଇଛି । ଆଦିବାସୀ ଝିଅ ସହଜରେ ଧରା ଦିଏ ନାହିଁ । ଇଜ୍ଜତ ତାର ବଡ଼ । ଧରା ଦେଲେ ସଗୋଷ୍ଠୀକୁ ଫେରେନାହିଁ । ସମାଜ ବଂଶ ପାଖେ ଅଛୁଆଁ ହୋଇଯାଏ ।

ଅବଶ୍ୟ ନାସ୍ର ଓ ପୁସୁରାର ପାରିବାରିକ ଜୀବନ ସୁଖରୁରେ ବିତିଛି । ନାସ୍ରର ହୋଇଛି ଗୋଟିଏ ପୁଅ । ତାପରି ଗୋରା ତକ୍ ତକ୍ । ନାନ୍ଦ୍ରର ହୋଇଛି ଗୋଟିଏ ଝିଅ । କୃଷ୍ଣା ହେଲେ ବି ସୁନ୍ଦରୀ । ଝିଅ ଜନ୍ମ ପରେ ମଧ୍ୟ ସାଙ୍ଗେରା ଓ ଶିଶୁ କନ୍ୟାର ମୋହ ତ୍ୟାଗ କରି ପୁସାରାର ପ୍ରେମରେ ଓଟାରି ହୋଇଛି ନାନ୍ଦ୍ର । ଉଭୟେ କରିଛନ୍ତି ପଳାୟନ । ପ୍ରଥମେ ସାଙ୍ଗେରା ନାନ୍ଦ୍ରକୁ ବାଘ ଖାଇଦେଲା ବୋଲି ବିଶ୍ୱାସ କରି ବାଘ ମାରିବା ପାଇଁ ଗୋଡ଼ାଇଛି । ପରେ ଜମିଦାର ବଂଶୀୟ ପାତ୍ରଠାରୁ ଖବର ପାଏ ଯେ, ପୁସାରା ସହିତ ନାନ୍ଦ୍ର ଉଦୁଲିଆ ପଳେଇଛି । ସେମାନେ ପଳାୟନ କରି ବୁଢ଼ାଗୁଡ଼ାର ପଧାନ ଘରେ ଆଶ୍ରୟ ନିଅନ୍ତି । ସାଙ୍ଗେରା ଝିଅକୁ ନାସ୍ର କୋଳରେ ଅର୍ପଣ କରି ଚାଲିଯାଏ ସେମାନଙ୍କ ସନ୍ଧାନରେ । ନାସ୍ର ଉଭୟ ଛୁଆକୁ ନିଜ କନ୍ୟାପରି ପାଳନ କଲେ । ଏହା ପୂର୍ବରୁ ସାଙ୍ଗେରା ମନ ଭୁଲାଇବା ପାଇଁ ଦଣ୍ଡ ନୃତ୍ୟରେ ଯୋଗଦେଇ 'ଶିବପାର୍ବତୀ' ଆରାଧନାରେ ମନ ଦେଲା । ମାତ୍ର ପାତ୍ରଠୁ ଶୁଣି ପୁଣି ପତ୍ନୀ ଖୋଜିବାକୁ ଗଲା । ସାଙ୍ଗେରା ଆସିବା ପୂର୍ବରୁ ନାନ୍ଦ୍ର ଓ ପୁସାରା ଆହୁରି ଦୂର ଅନ୍ୟ ଏକ ଗାଁ 'ସୁବର୍ଣ୍ଣଗିରି' ଯାଇ ସେଠି 'ଟିଙ୍ଗୁ ପଧାନ' ଘରେ ଲୁଚି ରହିଲେ । ସେଇଠି ବି ପହଞ୍ଚେ ସାଙ୍ଗେରା । କନ୍ଧମାନଙ୍କର ପଞ୍ଚାୟତ ହୁଏ । ପୁସାରାକୁ ଜୋରିମାନା କରାଯାଏ । ଯେଉଁ ଗଣ୍ଡିଧନ ନାନ୍ଦ୍ରର ବାପାକୁ ଦିଆଯାଇଥିଲା, ତାକୁ ସାଙ୍ଗେରା ପୁସାରାଠାରୁ 'ପତ୍ନକୁ' ବା ହଜାର ଟଙ୍କା ଭାବରେ ପାଇବା ଉଚିତ ବୋଲି ପଞ୍ଚମାନେ ମତ ଦେଲେ । ମାତ୍ର ଦେହ ବଳ ଛଡ଼ା ପୁସାରା ପାଖରେ ଧନର ଅଭାବ । ସେ ଏତେ ଜୋରିମାନା ଦେବାକୁ ଅକ୍ଷମ ହୋଇ ରାତାରାତି ଲୁଚି ପଳାଇଲା । ନାନ୍ଦ୍ର ହେଲା ହତାଶ୍ । ଏପରି ଧନହୀନ ଦୁର୍ବଳ ପୁରୁଷକୁ ବରଣ କରିଥିବାରୁ ଅନୁତପ୍ତ ହେଲା । ଟିଙ୍ଗୁର ଝିଅ ସୁବ୍ରୋର ବୁଝାସୁଝା ପରେ ନାନ୍ଦ୍ର ରାଜି ହେଲା ସାଙ୍ଗେରାକୁ ପୁଣି ଗ୍ରହଣ କରିବାକୁ । ସେ କ୍ଷମା ମାଗିବ ଏବଂ ତାରି ସାଙ୍ଗରେ ଫେରିଯିବ ଗାଁକୁ । କିନ୍ତୁ ସୁବ୍ରୋ ସହିତ ସ୍ନାନ ସାରି ବହୁତ ବିଳମ୍ବରେ ଫେରିଲା ବେଳକୁ ଅଧୀର ହୋଇ ସାଙ୍ଗେରା ଫେରିଯାଇଛି । ଅପମାନରେ ନାନ୍ଦ୍ର କିଛି କହିପାରିଲା ନାହିଁ । ତାର ବାପା ଓ ତାର ନବଜାତ କନ୍ୟା ମନେ ପଡ଼ିଲେ । ପରେ ପରେ ପେଡ୍ରା ଯାଇ ଝିଅ ନନ୍ଦ୍ରାକୁ ନେଇ ଆସେ ।

ସାଙ୍ଗେରା ମଧ୍ୟ ନାନ୍ଦ୍ର ପ୍ରତି ମମତା ହରାଇ ନାହିଁ । ନାନ୍ଦ୍ର ଯଦି କ୍ଷମା ମାଗିଥାନ୍ତା, ସାଙ୍ଗେରା କ୍ଷମା ଦେଇଥାନ୍ତା । ସାଙ୍ଗରେ ନେଇ ନିଜେ ଉଲ୍ଲାସରେ ଥାନ୍ତା । ମାତ୍ର ଅଭିମାନିନୀ ନାନ୍ଦ୍ରକୁ ନିଜ

ପକ୍ଷରୁ କିଛି ନକହି ସେ ମଧ୍ୟ ନିଜ ଗାଁକୁ ଫେରି ଆସିଛି । ଭୁଲରେ ହେଉ ବା ଭାବପ୍ରବଣତାରେ ହେଉ ଆଦିବାସୀ ଧାଙ୍ଗଡ଼ା ଧାଙ୍ଗଡ଼ୀ ବିପଥଗାମୀ ହୋଇଥିଲେ ମଧ୍ୟ ପୁଣି ଅନୁତାପ କରି ନିଜ କୁଳକୁ ଫେରି ପାରନ୍ତି । ଦେହ ତ୍ରୁଟିକୁ ଦୋଷ ବୋଲି ପୁରୁଷ ଗ୍ରହଣ କରେ ନାହିଁ । ଯେଉଁ ସମାଜରେ ବିଧବା ବା ଛାଡ଼ଗରୀକୁ ଗ୍ରହଣ କରିଥାଏ । ସେଇଠି ନାରୀ ଏପରି ଭାବପ୍ରବଣତାକୁ ଗୁରୁତ୍ୱ ନଦେଇ ପୁଣି ପତ୍ନୀ ଭାବେ ଗ୍ରହଣ କରିନିଏ । ଯେଉଁ ସମାଜରେ ଛାଡ଼ପତ୍ର ପାଇଥିବା ନାରୀର ବିଧବା ମଧ୍ୟ ଗ୍ରହଣୀୟ, ସେ ସମାଜରେ ବିବାହିତା ପତ୍ନୀକୁ କେହି ଜାତିର ଲୋକ ଚୋରି କରି ନେଇଥିଲେ ମଧ୍ୟ ସେ ଯଦି ଅନୁତାପ କରି ଫେରି ଆସେ ତାକୁ ବିବାହିତ ପୁରୁଷ ଗ୍ରହଣ କରି ନେବାରେ ଆପତ୍ତି ହେବ କାହିଁକି ? କାରଣ ପ୍ରଥମ ପ୍ରଣୟରେ ଯେଉଁ ସ୍ନେହ ଓ ମମତା, ସେ ତାକୁ ଭୁଲି ପାରେ ନାହିଁ । ତା ଜୀବନରେ ସାଥୀ ହିଁ କାମ୍ୟ । ସାଙ୍ଗେରା ପରି ସ୍ୱାମୀକୁ ହରାଇ ପୌରୁଷହୀନ ପୁସାରାକୁ ବରଣ କରିଥିବାରୁ ନାନ୍ଦ୍ର ବ୍ୟଥିତ ହେଲା । ଆଉ ସେ ବଣରେ ଯାଇ ବାଘ ମୁହଁରେ ଶିକାର ହେବା କଳ୍ପନା କଲା । ଠିକ୍ ବାଘର ଆକ୍ରମଣ ବେଳେ ସାଙ୍ଗେରା ଟାଙ୍ଗିଆ ଧରି ଉପସ୍ଥିତ ହୋଇଛି । ବାଘ ମୁହଁରୁ ପତ୍ନୀକୁ ରକ୍ଷା କରିଛି । ସାଙ୍ଗେରା ଛୁଆର ମାଁ ପ୍ରତି କଠୋର ହୋଇପାରି ନାହିଁ । ସେଇଠି ନାନ୍ଦ୍ର କ୍ଷମା ମାଗି ମୁଣ୍ଡିଆ ମାରିଛି । ସାଙ୍ଗେରା ମଧ୍ୟ ତାର ଚଉଡ଼ା ବକ୍ଷରେ ନାନ୍ଦ୍ରକୁ ଆଲିଙ୍ଗନ କରିନେଇଛି । ନାନ୍ଦ୍ର ସ୍ୱାମୀ ଓ ଶିଶୁକୁ ପାଇଛି । ନାସ୍ର ବଢ଼େଇ ଦେଇଛି ତାର ଶିଶୁ କନ୍ୟାକୁ । ଶତ୍ରୁ ନାହିଁ କି ମିତ୍ର ନାହିଁ, ପର ନାହିଁ କି ଆପଣାର ନାହିଁ, ରାଗ ନାହିଁ କି ରୋଷ ନାହିଁ । ସମସ୍ତେ ଏକାଠି ହେଲେ, ନାଚିଲେ ଓ ଖୁସି ହେଲେ । ସେମାନଙ୍କର ଅତୀତ ଜୀବନ ଫେରି ଆସି ହୋଇଛି ମଧୁମୟ ।

ଅତୀତରେ ଗ୍ଲାନି ବ୍ୟଥାର ହୋଇଛି ସମାଧି । ଏହା ହେଉଛି ଗଳ୍ପ । ବ୍ୟଥା ବେଦନାର, ବିରହ ବିଚ୍ଛେଦର ଏକ ପ୍ରଣୟ ଚିତ୍ର । ଲେଖକର ବାସ୍ତବ ଅନୁଭୂତି ନେଇ କନ୍ଧ ସମାଜର ସାମାଜିକ ଓ ସାଂସ୍କୃତିକ ବୈଚିତ୍ର୍ୟ ଭିନ୍ନ ଭିନ୍ନ ଦିଗ ଉନ୍ମୋଚିତ କରିଛନ୍ତି ।

ଏହି ଉପନ୍ୟାସରେ ମାଘ ପର୍ବ, ଚଇତି ପର୍ବରେ ଖଣ୍ଡାପୂଜା, ପାଲଟା ବାଘର ଚିତ୍ର (ଯେଉଁଠି ମଣିଷ ମନ୍ତ୍ର ବଳରେ ପଶୁରୂପ ନିଏ ବୋଲି ଧାରଣା) ଭୋଜି ଭାତରେ ଇରପିକାଲୁ ବା ମହୁଲି ମଦର ବ୍ୟବହାର, ନିଜର ସୌନ୍ଦର୍ଯ୍ୟକୁ ବିକଳାଙ୍ଗ କରି ମୁହଁରେ ଦେହରେ ଚିତା କୁଟାଇବା ଆଦିର ନୃତତ୍ତ୍ୱ ସାମାଜିକ ଚିତ୍ର ପାଠକକୁ ଅଭିଭୂତ କରେ । ପାହାଡ଼ି ଝରଣା, ଉପନ୍ୟାସରେ ପତି ପତ୍ନୀଙ୍କର ସ୍ନେହ, ସୁହାଗ, ସାଂସ୍କୃତିକ ଜୀବନର ହସଖୁସିର ଅନ୍ତର୍ଲିପି ଝରଣା ପରି ଝରି ଆସିଛି । ସେମାନେ ମଧ୍ୟ ମଦନ ସିଂ ପରି ମୁଖିଆ ଓ ରାଜବଂଶୀୟ 'ପାତ୍ର' ପରି ସମ୍ମାନିତ ବ୍ୟକ୍ତିକୁ ଯଥାର୍ଥ ସମ୍ମାନ ଦେଇଛନ୍ତି ଏବଂ ଆଗନ୍ତୁକ ମାନଙ୍କର ପ୍ରତି ଆତିଥ୍ୟ ସତ୍କାରରେ ତ୍ରୁଟି କରି ନାହାନ୍ତି । ଅତୀତର ସଭ୍ୟ ମଣିଷ ଆଦିବାସୀଙ୍କର ସେବା ନାଁରେ ସେମାନଙ୍କର ଶୋଷଣ, ପ୍ରତାରଣାର ଚିତ୍ର ମଧ୍ୟ ଲେଖକ ଉଲ୍ଲେଖ କରିବାକୁ ଭୁଲି ନାହାନ୍ତି । ଯୁଗେଯୁଗେ ସଭ୍ୟ ହାତରେ ନୀଚ ଅଭିଳାଷରେ ଆଦିବାସୀ ନାରୀ ପୁରୁଷ ବୁଦ୍ଧିରେ ନିର୍ଯ୍ୟାତିତ, ଶୋଷିତ ହୋଇଛି, ହେଉଛନ୍ତି ମଧ୍ୟ । 'ଦିକୁ' ଅଣଆଦିବାସୀମାନେ ସବୁବେଳେ ଧକ୍କା ଦେଇ ଆସିଛନ୍ତି । ସରଳ, ନିଷ୍ପାପ ଆଦିବାସୀ ସହି ଚାଲିଛି । ଏହାହିଁ ଏ ଜାତିର ଦୁର୍ଭାଗ୍ୟ । ଏହାକୁ ଲେଖକ ସକୀୟ ଅନୁଭୂତିର ବିନ୍ୟାସ ମାଧ୍ୟମରେ ସୂଚାଇଛନ୍ତି ।

ପାହାଡ଼ି ଝରଣା-

ଗଳ୍ପାଂଶ ଓ ସମୀକ୍ଷା:

ପାଦଟୀକା-

୧. ପୃଷ୍ଠା - ୪

୨. ପୃଷ୍ଠା - ୭୨

## ୫. ବାରିଷ୍ଟର ଗୋବିନ୍ଦ ଦାସଙ୍କର ଭିନ୍ନ ସ୍ୱାଦର ଉପନ୍ୟାସ

### ଲାସୁ:

'ଅମାବାସ୍ୟା ଚନ୍ଦ୍ର'ର (୧୯୬୪) ସଫଳ ସ୍ରଷ୍ଟା ଗୋବିନ୍ଦ ଦାସ ୧୯୮୧ରେ 'ଭଗ୍ନାଂଶ' ଓ 'ଲାସୁ' ୧୯୮୫ 'ସୂର୍ଯ୍ୟାସ୍ତ' ଉପନ୍ୟାସ ରଚନା କରି ଓଡ଼ିଆ ସାହିତ୍ୟ ଜଗତରେ ପ୍ରଶଂସିତ ହୋଇଛନ୍ତି ।

ଲାସୁ ତାଙ୍କର ତୃତୀୟ ଉପନ୍ୟାସ । 'ଆଦିବାସୀ'ର ଗୋଷ୍ଠୀ ଚେତନା, ତ୍ୟାଗ, ସେବା, ସାମନ୍ତବାଦର ବିରୋଧ ତଥା ଐଶ୍ୱରିକ ଚେତନାରେ ଉପନ୍ୟାସଟି ବିଳସିତ । ଏହି 'କ୍ଷୁଦ୍ର ଉପନ୍ୟାସ'ରେ ପ୍ରଦତ୍ତ ପ୍ରଣୟର ଚିତ୍ର ଯେପରି ଐଶ୍ୱରିକ ଓ ରୋମାଞ୍ଚକର, ବିୟୋଗାତ୍ମକ ଚିତ୍ର ସେପରି ମର୍ମଭେଦୀ । ଏକ ଦିଗରେ ବଣ ପାହାଡ଼ ବେଷ୍ଟିତ କାଳ୍ପନିକ 'ରାମପୁର' ଅଞ୍ଚଳର ନୈସର୍ଗିକ ପ୍ରାକୃତିକ ପରିବେଷ୍ଟନୀ ମଧ୍ୟରେ 'କୋଟିଆ କନ୍ଧ' ଜୀବନର ଦୁଃଖ, ଅଭାବ, ଆନନ୍ଦ; ପକ୍ଷାନ୍ତରେ ସାମନ୍ତବାଦର ଅତ୍ୟାଚାର, ଅପମାନ ବିରୋଧରେ 'ଲାସୁ'ର ବିଦ୍ରୋହ ତଥା ରାଜଶକ୍ତି ପ୍ରତି ଅନାଦର ଓ ତାଚ୍ଛଲ୍ୟ । ଏଇ ଦୁଇ ଚେତନାର ଏକ ପ୍ରଲମ୍ବିତ ଉପଚିତ୍ର ଏହି ଉପନ୍ୟାସ । ରାମପୁର ଅଞ୍ଚଳର ପାଞ୍ଚସାତ ହଜାର କନ୍ଧ ଆଦିବାସୀଙ୍କର ସର୍ଦ୍ଦାର ହେଉଛି 'ବିଶି' । ଉକ୍ତ ଅଞ୍ଚଳରେ ବର୍ଷା ଅଭାବରୁ ଜନସାଧାରଣ ଦୁର୍ଭିକ୍ଷର ସମ୍ମୁଖୀନ ହେଲେ । ଦୀର୍ଘଦିନ ବର୍ଷା ନହେବାରୁ ଚାରିଆଡ଼େ ହାହାକାର ପଡ଼ିଲା । ସାଧାରଣ କନ୍ଧ ପ୍ରଜାଙ୍କର ଜୀବନ ଦୁର୍ବିସହ ହେଲା । କନ୍ଧର ପୁରୋହିତ ଜାନୀକୁ ଧରତୀ ଦେବୀ ସ୍ୱପ୍ନରେ କହିଲେ, "ସର୍ଦ୍ଦାର ବିଶି ତାର କଅଁଳା ଶିଶୁକୁ ଧରତୀ ଦେବୀଙ୍କୁ ବଳି ନଦେଲେ କନ୍ଧ ସମାଜର ସର୍ବନାଶ ହେବ ।" ଏହା ଶୁଣି ସମସ୍ତ କନ୍ଧମାନେ ବିଶି ସର୍ଦ୍ଦାର ସମ୍ମୁଖରେ ଉପସ୍ଥିତ ହେଲେ ଏବଂ ସେମାନେ ସମସ୍ତଙ୍କର ସ୍ୱାର୍ଥ ରକ୍ଷା ପାଇଁ ସାତଦିନର ଶିଶୁକନ୍ୟାକୁ ଦେବୀଙ୍କୁ ଅର୍ପଣ କରିବା ପାଇଁ ବାଧ୍ୟ କଲେ । ନଚେତ୍ ବିଶିକୁ ଜାଳି ପୋଡ଼ି ଦେବା ପାଇଁ କନ୍ଧମାନେ ପ୍ରସ୍ତୁତ ହେଲେ । କନ୍ଧମାନଙ୍କର 'ଜିଦ୍' ବିଶିକୁ ବାଧ୍ୟ କରିଛି ତାର ଶିଶୁ କନ୍ୟା ଲଚ୍ଛୁକୁ ଦେବୀ ଆଗେ ଅର୍ପଣ କରିବା ପାଇଁ । 'ଦିଶାରୀ' ମନ୍ତ୍ର ପାଠ, ଦେବୀଙ୍କ ପୂଜା ଅର୍ଚ୍ଚନା ପରେ କଅଁଳ ଝିଅକୁ ଶୁଆଇ ଦେଇ ମନ୍ଦିର କବାଟ ବନ୍ଦ କରି ଦିଆଗଲା ।

ତାପରେ ବାହାରେ କନ୍ଧ ସ୍ତ୍ରୀ ପୁରୁଷ ସମସ୍ତେ ରାତିସାରା ନାଚିଲେ । ଘୋର ବର୍ଷା ମଧ୍ୟ ହେଲା । କନ୍ଧ ପ୍ରଜାଙ୍କର କି ଆନନ୍ଦ ଆଉ ବିଶ୍ୱାସର ସୀମା ରହିଲା ନାହିଁ ? ଦୈବୀର ପ୍ରଭାବ କି ? ସକାଳ ହେଲା । ଭିତରକୁ ଯାଇ ଦିଶାରୀ ଦେଖିଲେ ଶିଶୁକନ୍ୟା ମୁହଁରେ ଲାଗି ରହିଛି ମା'ର କ୍ଷୀର ଧାର । ପୁଣି ମୁଣ୍ଡ ଉପରେ ଫଣା ଟେକି ରହିଥିଲା ନାଗସାପ । ସେ ଧୀରେ ଧୀରେ ଚାଲିଗଲା କାନ୍ଥର ଆଡୁଆଳକୁ । ଅଦୃଶ୍ୟ ହେଲା । କନ୍ଧେ ଏହା ଦେଖି ବିସ୍ମିତ ହେଲେ । 'ଧରତୀ ଦେବତାର ପ୍ରତୀକ ଏକ କାଳୀଗାଈ ଲଚ୍ଛୁକୁ କ୍ଷୀର ଦେଇ ଚାଲିଗଲା । ତା ପରେ ଜାନି ଶିଶୁ କନ୍ୟାକୁ ଆଣି ବିଶି କୋଳକୁ ବଢ଼ାଇ ଦେଲା । ଏ କି ଅପୂର୍ବ ଦୃଶ୍ୟ ? ସେହି ଦିନଠୁ ଲଚ୍ଛୁ ହେଲା କନ୍ଧଙ୍କର ଆରାଧ୍ୟ ଦେବୀ । ତାର ଔଲୋକିକ ଶକ୍ତିରେ କନ୍ଧମାନଙ୍କର ରୋଗ ମଧ୍ୟ ଦୂର ହେଲା । ସେ ମାଟିକୁ ଛୁଇଁଦେଲେ ମାଣିଆ କ୍ଷେତ ହସି ଉଠିଲା । କ୍ରମେ ଏ ବିଶ୍ୱାସ କନ୍ଧଙ୍କ ମଧ୍ୟରେ ଦୃଢ଼ୀଭୂତ ହେଲା ।

ଦିନ ଗଡ଼ି ଚାଲିଲା । ଲଚ୍ଛୁର ବୟସ ହେଲା ୧୬ । ଯୌବନ ଫୁଟି ଉଠିଲା । ସେ ଅନ୍ୟାନ୍ୟ କନ୍ଧ କନ୍ୟାଙ୍କ ସହ ମଖଡ଼ା ନଈକୁ ସ୍ନାନ କରିବାକୁ ଯାଏ । ଏକଦା ରାମପୁର ରାଜା ପ୍ରତାପ ସିଂହଙ୍କ ସାନପୁଅ ଲକ୍ଷ୍ମଣ ସିଂହ 'ପାରିଧି'କୁ ଆସି ଦୁର୍ଘଟଣାର ସମ୍ମୁଖୀନ ହେଲା । ଦିଶାରୀ, ଜାନି ଓ ଅନ୍ୟ କନ୍ଧମାନେ ତାର ଯତ୍ନ ନେଲେ । ସେମାନଙ୍କର ସେବା ଶୁଶ୍ରୁଷାରେ ରାଜକୁମାର ଲକ୍ଷ୍ମଣ ସିଂ ସୁସ୍ଥ ହେଲେ । 'ଲଚ୍ଛୁ'ର ନିଷ୍କପଟ ସେବା କାର୍ଯ୍ୟ ଓ ତାର ରୂପ ଯୌବନରେ ମୁଗ୍ଧ ହୋଇ ରାଜକୁମାର ଲଚ୍ଛୁକୁ ବିବାହ କରିବା ପାଇଁ ପ୍ରସ୍ତାବ ଦେଲେ । ମାତ୍ର ଲଚ୍ଛୁ କହିଲା, "ମୁଁ ଏଠାରେ ଦେବୀ ।" ଲକ୍ଷ୍ମଣ ସିଂ କହନ୍ତି, 'ମୁଁ ଉଆସରେ ଦେବତା' ଦୁଇ ଦେବତାର ମିଳନ ହେବ । ଏହି ବିବାହ ପ୍ରସ୍ତାବକୁ ସର୍ଦ୍ଦାର ବିଶି, ପୁରୋହିତ, ଜାନି ଓ କନ୍ଧମାନେ ଘୋର ବିରୋଧ କଲେ । କାରଣ ଏଥିରେ ହେବ ଜାତି ଆଉ ପିତୃକୁଳର ଅପମାନ । ପୁଣି ଜାତି ପରମ୍ପରାର ଅପମାନ ହେବା ସଙ୍ଗେ ସଙ୍ଗେ କନ୍ଧ ସ୍ୱାଭିମାନରେ ତାହା ବାଧକ ହେବ । କେବଳ 'ଦିଶାରି' ବିବାହ ପ୍ରସ୍ତାବକୁ ସମ୍ମତି ପ୍ରଦାନ କଲା । ଅବଶ୍ୟ ବିଶିର ବିରୋଧ ହେତୁ, ଲକ୍ଷ୍ମଣ ସିଂ ବିମର୍ଷ ହୋଇ ଫେରିଗଲେ ସିନା, 'ପୁଷ' ପରବର (ଟୋକୀ ପର୍ବ) ଉତ୍ସବ ଦିନ ଆସି ଲଚ୍ଛୁକୁ ଘୋଡ଼ାରେ ବସାଇ ବଳାତ୍କାର କରି ନେଇଗଲା । କନ୍ଧ ଚଳଣିରେ ଏହା 'ଝିଙ୍କା ବିବାହ' । ମାତ୍ର ତାହା ହେଲା କନ୍ଧ ସମାଜର ପରମ୍ପରା ବିରୋଧୀ । ରାଜାରୁଜା, ସେ କ'ଣ ଜାଣେ ? ତାର ପସନ୍ଦକୁ କିଏ ବାଧା ଦେବ । ମାତ୍ର ଲଚ୍ଛୁକୁ ଲକ୍ଷ୍ମଣ ସିଂ ଘୋଡ଼ାରୁ ଓହ୍ଲାଇବା ବେଳେ ତାର ଅଙ୍ଗ ସ୍ପର୍ଶ କରିଥିଲା । ଲଚ୍ଛୁର ମନା କରିବାର ଉପାୟ ନ ଥିଲା । ତାକୁ ସ୍ୱାମୀ ଭାବେ ବରଣ କରିବାକୁ ବାଧ୍ୟ ହେଲା । କାରଣ ଏହା ତାଙ୍କ ଜାତିର ଚଳଣୀ । ଯେ ଛୁଇଁବ ସେ ତାର ହେବ । ସେ ପ୍ରେମିକକୁ ପ୍ରତିବାଦ କରି ପ୍ରଣୟକୁ ଉପେକ୍ଷା କରିପାରେ ନାହିଁ । ହେଲେ ଆଦିବାସୀମାନେ ତା' ଉପରୁ ବିଶ୍ୱାସକୁ ଏଡ଼ି ପାରିଲେ ନାହିଁ । ସେ ସେମାନଙ୍କର ଜୀବନ୍ତ ଦେବୀର ସମ୍ମାନ ପାଇଲା । ଏଣୁ ସେ ମନା କଲା ରାଜ ଉଆସର ରାଜରାଣୀ ହେବାକୁ । ସେ ରାଜ ପ୍ରସାଦକୁ ଗଲାନାହିଁ । ଏଣୁ ଲକ୍ଷ୍ମଣ ସିଂହ କନ୍ଧ ପଲ୍ଲୀଠାରୁ ଦୂରରେ ଚନ୍ଦନ କାଠ, ବାଘ, ହରିଣ ଛାଲରେ ଏକ ସୁନ୍ଦର ଉଆସ ତିଆରି କରିଦେଲେ । ରାଜରାଣୀର ଭୋଗବିଳାସ ତ୍ୟାଗ କଲା ଲଚ୍ଛୁ । ମାତ୍ର ଜାନି ସମେତ କନ୍ଧମାନେ ଲଚ୍ଛୁକୁ ଓ ତାର ବାପା ବିଶିକୁ ବାସନ୍ଦ କଲେ । ଯେହେତୁ ଲକ୍ଷ୍ମଣ ସିଂହ କନ୍ଧ ଜାତିର ନୁହେଁ । କ୍ଷତ୍ରିୟ ବଂଶଜ । 'ଡିକୁ' ଶତ୍ରୁ ତୁଲ୍ୟ ।

ଲଛ୍ଛୁକୁ ଗ୍ରହଣ କଲାପରେ ମିଳନକାଂକ୍ଷୀ ରାଜକୁମାର ଅଳଙ୍କାର ଭୂଷଣ ଦେଇ ରାଣୀ ବେଶରେ ସଜାଇବାର ପ୍ରୟାସ କଲା । ତାକୁ ସ୍ୱୀକାର କଲା ନାହିଁ ଲଛ୍ଛୁ । ସେ ସବୁକୁ ପରିତ୍ୟାଗ କରିଦେଇ ଆଦିବାସୀ ଧାଙ୍ଗଡ଼ୀ ବେଶରେ ଆସି ଉପସ୍ଥିତ ହେଲା । ପ୍ରେମିକ ରାଜକୁମାର ଆଲିଙ୍ଗନ କଲା । ପ୍ରତିବାଦ କରି ପାରିଲାନି ଲଛ୍ଛୁ । ତାର ହେଲା ଅଙ୍କଶାୟିନୀ । କିନ୍ତୁ ରାଜକୁମାର ଲଛ୍ଛୁଠି ଐଶ୍ୱରିକ ପ୍ରଭାବ ଅନୁଭବ କଲା ।

ମନେହେଲା ସତେ ଯେପରି ସମଗ୍ର ଆକାଶ, ଧରିତ୍ରୀ ଏକ ହୋଇ ଯାଇଛନ୍ତି । ଚାରିଆଡ଼େ ଗୋଟାଏ ଶାନ୍ତି ଆଭାର ପ୍ଳାବନ ଖେଳି ଯାଇଛି । ନିଜେ ସେ ଆଲୋକରେ ଗଭୀର ବକ୍ଷରେ କ୍ରମଶଃ ଲୀନ ହୋଇ ଯାଇଛି । ଲଛ୍ଛୁର ଶରୀର ଯେପରି ସେଠି ନାହିଁ, କେବଳ ତାର ସିନ୍ଦୁରଟୀକା ଭିତରେ କୁମାର ଦେଖି ପାରୁଛନ୍ତି ନିଜକୁ, ସେ ଗାଁ, ସେ ଜଙ୍ଗଲ, ସେ ପାହାଡ଼, ଆକାଶ, ସମଗ୍ର ଦୁନିଆଁ ।(୧) ଅର୍ଜୁନଙ୍କର ବିଷ୍ଣୁଙ୍କର ବିଶ୍ୱରୂପ ଦର୍ଶନ ପରି ଅନୁଭବ କଲେ ରାଜକୁମାର । ସତେ ଏକ ଅପାର୍ଥିବ ପ୍ରାଣୀ । ସବୁ କିଛି ଶୂନ୍ୟ । ପୁଣି ଚାରିଆଡ଼େ କସ୍ତୁରୀ ଗନ୍ଧ । ସବୁ ଯେପରି ଅପାର, ସବୁ ଅନନ୍ତ, ସବୁ ଆଲୋକିତ । ସର୍ବତ୍ର ଅନୁଭବ କଲେ ଐଶ୍ୱରିକ ଆଲୋକର ଅପୂର୍ବ ବାତାବରଣ, ବେଦୀ ଦିଶୁ ନାହିଁ, ଦିଶୁଛି ନୀଳ ସାଗର । ଲଛ୍ଛୁ ସେଇଠି, ପୁଷ୍ପର ଭାସ୍ୟମାନ ସମଷ୍ଟି । (୨) ତାକୁ ସେ ଛୁଇଁ ପାରିନାହିଁ । ତାପରେ ପଚାରିଲେ ଲଛ୍ଛୁକୁ ତୁ କଣ ସତରେ ଦେବୀ ? ଏହି ପରିବେଶ ଅନୁଭବ କରିଲା ପରେ ରାଜକୁମାରଙ୍କର ମୋହ ଭଙ୍ଗ ହେଲା । ନିଶ୍ଚୟ ବୁଝିଥିବେ ଦେବୀର ପ୍ରତିନିଧି ହେଉଛି ଲଛ୍ଛୁ । ବାସ୍ତବରେ ପାହାଡ଼ିଆ କନ୍ୟା ଲଛ୍ଛୁ, ଏକ ଅପୂର୍ବ ମହିମାମୟୀ ନାରୀ । ତାର ବେଶଭୂଷା ଅମ୍ଳାନ ଭାବଭଙ୍ଗୀ, ସଂଯତ ଓ ଶାନ୍ତ । ଅଥଚ ଅନେକଥର ପ୍ରଜାପତି ଡେଣା ମେଲି ସେ ଆସନ୍ତି, ଲଛ୍ଛୁ ସହିତ ଶିଶୁ ପରି ଖେଳନ୍ତି । ନାରୀର ସମ୍ଭୋଗ ଲାଭ କରନ୍ତି ଏବଂ ମା'ର ମମତା ପାଇଲା ପରି ବୋଧ କରନ୍ତି । ସେ ଏକ ଥିଲେ ଦୁର୍ବୋଧ୍ୟ ରହସ୍ୟମୟୀ ନାରୀ ଶକ୍ତି । ସତେ ଅବା ସ୍ୱର୍ଗୀୟା ଦେବୀ । ଲକ୍ଷ୍ମଣକୁମାର ତାହା ଅନୁଭବ କଲେ ମର୍ମେ ମର୍ମେ ।

ସେମାନଙ୍କର ଯୁଗ୍ମ ଜୀବନର ଫଳ 'ଲାସୁ' ଏକ ଶକ୍ତି ଅମୃତର ସନ୍ତାନ । ସେ ପ୍ରକୃତିର ପରିବେଶ ମଧ୍ୟରେ ଲାଳିତ ପାଳିତ । ଲାସୁକୁ ସ୍ନେହ କରନ୍ତି ଅଜା ବିଶି । ଏଣୁ ସର୍ଦ୍ଦାର ବିଶି ତାକୁ ସମସ୍ତ ପ୍ରକାର ଅସ୍ତ୍ର ଶିକ୍ଷାରେ ଦୀକ୍ଷିତ କଲେ ହେଲେ ଅଭିମାନୀ ବିଶି କେବେବି ଲଛ୍ଛୁ ଘରକୁ ଆସିନାହାନ୍ତି । ଲକ୍ଷ୍ମଣ ସିଂହ ଲାସୁକୁ ଉଆସକୁ ନିଅନ୍ତି । ପ୍ରତାପ ସିଂହଙ୍କ ରାଣୀ ସୁଭଦ୍ରା ଦେବୀ ତାକୁ ରାଜବେଶରେ ସଜାନ୍ତି, ସୁନାର ହାର, ସୁନାର କଙ୍କଣ ପିନ୍ଧାଇ ଖୁସି ହୁଅନ୍ତି । ଲାସୁ ଘୋଡ଼ା 'ଝାନୁ' ପିଠିରେ ବସି ବହୁ ଦୂରକୁ ଚାଲିଯାଏ । କିନ୍ତୁ ଲକ୍ଷ୍ମଣ ସିଂହଙ୍କର ପିତା ପ୍ରତାପ ସିଂହ ଆଦିବାସୀ ମାନଙ୍କୁ 'ଅସଭ୍ୟ' କହି ସେମାନଙ୍କର ଦେବତାକୁ ବି ଘୃଣା କରୁଥିଲେ । ଏପରିକି ପ୍ରତାପ ସିଂହ ଲାସୁକୁ ଅସଭ୍ୟ ବୋଲି ଘୃଣା କରିବାରୁ ଲାସୁ ଅପମାନ ବୋଧ କଲା ଏବଂ ରାଜବେଶ ଫୋପାଡ଼ି ଦେଇ ନିଜର ଧନୁଶର, ଟାଙ୍ଗିଆ ଧରି ମାଁ ଲଛ୍ଛୁ ପାଖକୁ ଚାଲି ଆସିଲା । ସାମନ୍ତବାଦକୁ ପଦାଘାତ କରି ମଷଡ଼ା ନଈ ତଥା ବଣର ନିରୀହ ପଶୁପକ୍ଷୀଙ୍କର ସେବା କରି ପ୍ରକୃତି ସହିତ ମିଶିଯାଇଛି, ଆଉ ରାଜଦରବାରକୁ ମୁହାଁଇ ନାହିଁ । ରାଜଭୋଗ, ବିଳାସକୁ ପରିତ୍ୟାଗ କରିଛି । ବାସ୍ତବରେ ଆଦିବାସୀ ସ୍ୱାଧୀନ ଚେତା ।

ବିତିଯାଇଛି ଷୋହଳ ବର୍ଷ । ଇତି ମଧ୍ୟରେ ଅଜଣା ରୋଗ ହେତୁ କନ୍ଧମାନେ ମୃତ୍ୟୁ ମୁଖରେ ପଡ଼ିଲେ । ଗୋଗୁଗାଇ ମଧ୍ୟ ରୋଗରେ ମୃତ୍ୟୁ ବରଣ କଲେ । ଚାରିଆଡ଼େ କରୁଣ ପରିବେଶ । ଏନି ପ୍ରାଣୀଙ୍କର ଆର୍ତ୍ତନାଦରେ ଜାନି ଲଛୁ ଦେବୀକୁ ଅନୁରୋଧ କଲା । "ସମସ୍ତେ ଶେଷ ହେବେ, ତୁ କିଛି କର, ତୁଇ କେବଳ ପାରିବୁ।"(୩) ଲଛୁ ମଧ୍ୟ ପାହାଡ଼ କୋଳରେ ବାସ କରୁଥିବା କନ୍ଧମାନଙ୍କର କାନ୍ଦଣା ଶୁଣିଲା । ଏପରିକି ତାର ପିତାମାତାଙ୍କୁ ଉକ୍ତ ବିପଦ ପଡ଼ିଥିବା ଜାଣି ବିଚଳିତ ହେଲା । ଏଣୁ ଜାତିର ସ୍ୱାର୍ଥ ପାଇଁ ନିଜକୁ ଦେବୀ ପାଖରେ ଅର୍ପଣ କରିବା ପାଇଁ ପ୍ରସ୍ତୁତ ହେଲା । ଲଛୁ, ଲାସୁ ଜରିଆରେ ଦିଶାରୀ ବୁଢ଼ାକୁ ଡକାଇଲା । ଦିଶାରୀ, ଲଛୁ ଓ ଲାସୁ ତିନିହେଁ ଘଞ୍ଚ ପର୍ବତ ଉପରେ ଥିବା ଧରତୀ ଦେବୀଙ୍କର ମନ୍ଦିରରେ ଉପସ୍ଥିତ ହେଲେ । ସେଠାରେ ପୂଜା କରି ଲଛୁ ଓ ଦିଶାରୀ ଦେବୀଙ୍କ ଆଗରେ ଅର୍ପିତ ହେଲେ । 'ଦେବୀ' ସ୍ଥଳ ଖୋଲା । ସାତଟି ଗଛ ତାକୁ ଘେରି ରହିଛି । ମୁକ୍ତ ପଡ଼ିଆ, ଆକାଶ ଓ ଧରତୀ ମଝିରେ କିଛି ନାହିଁ । କେବଳ ସଂକେତ ଧର୍ମୀ ଦେବତାର ପ୍ରତୀକ ମୋଟା କାଠ ଗଣ୍ଡିଟିଏ । ଗଣ୍ଡି ଅଧା ପୋତା ହୋଇଛି ମାଟି ଭିତରେ, ଠିକ 'ଦାଦିବୁଢ଼ା' ପରି ଦାରୁ ଖଣ୍ଡିଏ । "କାଳ, ବିଶ୍ୱାସ ଓ ପ୍ରାଣର ଧରତୀ ଦେବତା, ଜୀବନ୍ତ ଓ ପରାକ୍ରମୀ । ସେ ସୀମା ସମୟର ପରିଧି ବାହାରେ । ଯୁଗ ଯୁଗ ଧରି ଏହାର ସ୍ଥିତି ଛିଡ଼ା ହୋଇ ଯେପରି କହୁଛି, ମୁଁ ସୃଷ୍ଟି କରେ, ମୁଁ ସଂହାର କରେ, ମୁଁ ପୁଣି କରେ ସଂସ୍ଥାପନା । ମୋର ବ୍ୟାପ୍ତି ଆକାଶର ଶୀର୍ଷ ବିନ୍ଦୁ ପର୍ଯ୍ୟନ୍ତ । ମୋର ଗଭୀରତା ପାତାଳ ଭେଦୀ । ମୁଁ ଧରିତ୍ରୀ, ମୁଁ ଆକାଶ, ଭବିଷ୍ୟତ ଓ ବର୍ତ୍ତମାନ । ମୁଁ ଜୀବନ ମୁଁ ମୃତ୍ୟୁ । ମୁଁ ସମସ୍ୟା । ମୁଁ ପୁଣି ସମାଧାନ । ଆଶ୍ରାନେ ମୋରି ପାଦଦଳେ ।"(୪) ଯେପରି ମାମେକଂ ଶରଣମ୍ ବ୍ରଜ"(ଗୀତା-ଶ୍ରୀକୃଷ୍ଣ ବାଣୀ) ।

ଭାଗବତ ମତରେ :

"କରି କରାଉ ଥାଏ ମୁହିଁ        ମୋ ବିନୁ ଅନ୍ୟଗତି ନାହିଁ ।"

ଏହି ମର୍ମ କନ୍ଧ ଦର୍ଶନରେ ରୂପାୟିତ । ଗୋପୀ ବାବୁଙ୍କର 'ଦାଦିବୁଢ଼ା'ର ପ୍ରଭାବ ଲେଖକଙ୍କର ଦୃଷ୍ଟି ଏଡ଼ି ପାରି ନାହିଁ । ସକାଳ ହୋଇଛି । ଦେବୀଙ୍କର ଉଗ୍ରରୂପ ଶାନ୍ତ ହେଲା । ଲକ୍ଷ୍ମଣ ସିଂହ ମଧ୍ୟ ରାଜା ଲାସୁକୁ ଆଲିଙ୍ଗନ କଲେ କିନ୍ତୁ ଲାସୁର ରାଜା ହେବା ବା ରାଜ୍ୟ ଶାସନ କରିବା ମୋହ ତ୍ୟାଗ କରି ସାରିଛି । ରାଜା ହାତରେ ସୁନାହାର, ସୁନା କଙ୍କଣ ଅର୍ପଣ କରି ଲକ୍ଷ୍ମଣ ସିଂହଠାରୁ ଶେଷ ବିଦାୟ ନେଇ ଝାନୁ ପିଠିରେ ବସି ଲାସୁ ଘଞ୍ଚ ଅରଣ୍ୟରେ ପ୍ରବେଶ କରିଛି । ତାକୁ ପ୍ରକୃତି ସ୍ୱାଗତ କରିଛି । 'ଧର୍ମପଦ'କୁ ଆଲିଙ୍ଗନ କଲା ପରି ଅନନ୍ତ ସାଗର; ମଷଡ଼ା ନଈର ଝୋଲା ତାକୁ ଶକ୍ତିର ପ୍ରତୀକ ଭାବେ ସ୍ୱାଗତ କରିଛି । ଏଣୁ ଜାନି କହିଲା, "ମେଦିନୀ ଫାଟିବ, ଧରିତ୍ରୀ କମ୍ପିବ, ଜଳିବ ନିଆଁ ତାପରେ ଆସିବ ନୂଆ ବିଶି, ଜନ୍ମ ନେବ ନୂଆ ମଣିଷ ।"(୫) ଆଦିବାସୀମାନଙ୍କ ମଧ୍ୟରେ ସରଳ ବିଶ୍ୱାସର ସମ୍ଭାବନା ହିଁ ଉପନ୍ୟାସରେ ବର୍ଣ୍ଣିତ । ଏ ଜାତିର ତ୍ୟାଗ, ସେବା, ବିଶ୍ୱାସ, ପୁନର୍ଜନ୍ମର ବିଶ୍ୱାସରେ ତିଷ୍ଠି ରହିଛି । ତାର ଧର୍ମ ବିଶ୍ୱାସ, ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନାର ଏହା ହିଁ ସାରକଥା । ଝଡ଼ ଝଞ୍ଜା, ବିପଦ ଆପଦ ଆସିଲେ ମଧ୍ୟ ସେମାନେ ଆଶାବାଦୀ । ସେମାନଙ୍କର ବିଶ୍ୱାସ ଯେ 'ମୁଣ୍ଡିଆ ପଥର' ବରଗଛ ତଳେ ରହିଛି । ତାହା ସରଳ ବିଶ୍ୱାସର ଶାଶ୍ୱତ ପ୍ରତୀକ । "ରାତିରେ ଯେତେବେଳେ ଚନ୍ଦ୍ର ଉଏଁ ଆକାଶର ଚନ୍ଦ୍ର ଯେତେଦୂରେ ଥାଉ ନା କାହିଁକି, ଏହାରି ଉପରେ ଆଲୁଅ ନିଶ୍ଚୟ ପଡୁଥିବ । ଜାନି କହୁଥିଲା, "ଚନ୍ଦ୍ର ଏ ମୁଣ୍ଡିଆ ପାଇଁ ଆକାଶରେ ଉଏଁ ।"(୬)

ଏହା ହିଁ ଉପନ୍ୟାସର ଗଦ୍ୟାଂଶ । ବର୍ଣ୍ଣନାରେ ବାସ୍ତବ ଜୀବନର ଚିତ୍ର ଆସିଛି ପରୋକ୍ଷ ଭାବରେ । ଉପନ୍ୟାସରେ ଯାହା ଉପଜୀବ୍ୟ ତାହା ଏକ କାଳ୍ପନିକ ରୂପକଥା । ହୁଏତ କନ୍ଧ ସମାଜର ପ୍ରଚଳିତ ଏକ କିମ୍ବଦନ୍ତୀ ମୂଳକ ଉପାଖ୍ୟାନ । କିନ୍ତୁ ଏ ଉପାଖ୍ୟାନରେ କନ୍ଧ ସମାଜର ଧର୍ମ, ବିଶ୍ୱାସ, ପରମ୍ପରା ପ୍ରଭୃତି ଯେପରି ବିଗ୍ରହ ଧାରଣ କରିଛି । ଲଚ୍ଛୁର ଚରିତ୍ରକୁ ନେଇ ଉପନ୍ୟାସ ରଚିତ । ତାହା ଯେତିକି ବାସ୍ତବ ମନେ ହୁଏ ସେତିକି କାଳ୍ପନିକ । ଯେତିକି ସେ ଦେବୀ ସେତିକି ସେ କନ୍ଧୁଣୀ । ଗୋଟାଏ ଶରୀରରେ ମାନବ ଓ ଅତି ମାନସ ଶକ୍ତିର ସମନ୍ୱୟ ଘଟିଛି । କାଳସୀ ତଥା ବଇଲର ଆବିର୍ଭାବ ପରି । "ମଣିଷର ଦେହେ ଦିବ୍ୟଜ୍ଞାନ, ଦେଖି ସନ୍ତୋଷ ଭଗବାନ । ଜନମଙ୍ଗଳ ପାଇଁ ସେତ ଯେପରି ମାନବିକ ଜୀବନରେ ଅପୂର୍ବ ଦିବ୍ୟଚେତନାର ଆବିର୍ଭାବ । ମାନବାତ୍ମାରେ ଦେବତାର ଆବିର୍ଭାବ ହୋଇଛି ।"

ପକ୍ଷାନ୍ତରେ ଲଚ୍ଛୁର ପୁଅ 'ଲାସୁ' ଏକ ମହା ଶକ୍ତିଶାଳୀ, ଅମ୍ଳାନ ଶିଖା । ଦିନେ କନ୍ଧ ଜାତିକୁ ମରୁଡ଼ି ଦୁର୍ଭିକ୍ଷରୁ ବଂଚାଇବାକୁ 'ବିଶି' ଦେବୀଙ୍କୁ ସମର୍ପି ଦେଇଥିଲା ଲଚ୍ଛୁକୁ । ଦେବତା ଶିଶୁକୁ ନେଲେ ନାହିଁ, କିନ୍ତୁ ସନ୍ତୁଷ୍ଟ ହୋଇ ପ୍ରତ୍ୟାର୍ପଣ କଲେ । ଦେବତାର ଆଶିର୍ବାଦ ପାଇ ଲଚ୍ଛୁ ନିଜେ ହେଲା ଦେବତା । କନ୍ଧର ବଂଶ ନିପାତ ହେବାର ଥିଲା, ସେତେବେଳେ ଜାତିର ଡାକ ଆସିଲା ଲଚ୍ଛୁକୁ 'ତୁଇ କିଛି କର ।' ଲଚ୍ଛୁ ସିଦ୍ଧାନ୍ତ ନେଲା ସେ ରାଜ ବନ୍ଧନରୁ ମୁକ୍ତ ହୋଇ ଫେରିଗଲେ ଦେବତାର କୋପ ଶାନ୍ତ ହେବ । ପିତା ପରି ଲଚ୍ଛୁ ମଧ୍ୟ ଜନ ହିତୈଷୀ । ଏଣୁ ସେ ସମସ୍ତ ମାୟା ଛିନ୍ନ କରି ଆତ୍ମବଳି ଦେବାକୁ ପ୍ରସ୍ତୁତ ହେଲା । ତାହା ହେଲା ଜାତି ପାଇଁ ନାରୀର ସର୍ବସ୍ୱ ତ୍ୟାଗ । ଆଦିବାସୀର ସତ୍ୟ ହେଉଛି ତ୍ୟାଗ; ସେବା ଜୀବନର ପରମ ଧର୍ମ ।

'ଲାସୁ'ର ନାରୀ ଚରିତ୍ର ଲଚ୍ଛୁ:-

ଲଚ୍ଛୁ ହେଉଛି ଲାସୁ ଉପନ୍ୟାସର ମୁଖ୍ୟ ନାରୀ ଚରିତ୍ର । କନ୍ଧ ସର୍ଦ୍ଦାର ବିଶିର କନ୍ୟା । ଏକଦା ରାମପୁର ରାଜକୁମାର ଲକ୍ଷ୍ମଣ ସିଂହ ଦୁର୍ଘଟଣା ଗ୍ରସ୍ତ ହେଲେ । ବିଶି, ଲଚ୍ଛୁ ଓ କନ୍ଧମାନଙ୍କର ଯତ୍ନରେ ସେ ଆରୋଗ୍ୟ ଲାଭ କଲେ । ଏ ଅବସରରେ ଲଚ୍ଛୁର ରୂପ ସୌନ୍ଦର୍ଯ୍ୟ ଓ ଗୁଣ ପ୍ରତି ଆକୃଷ୍ଟ ହୋଇ ଲକ୍ଷ୍ମଣ ସିଂହ କନ୍ଧମାନଙ୍କର 'ଝିଙ୍କା କନ୍ୟା' ପ୍ରଥା ଅନୁଯାୟୀ ପୁଷ୍ ପର୍ବରେ "ତୁ ମୋର, କହି ଲଚ୍ଛୁକୁ ଘୋଡ଼ାରୁ ଓହ୍ଲାଇବା ଅବସରରେ ତାର ଅଙ୍ଗ ସ୍ପର୍ଶ କଲା । କନ୍ଧଙ୍କ ରୀତି ଅନୁଯାୟୀ ଯିଏ ଦେହ ଛୁଇଁ ଦିଏ ଲଚ୍ଛୁ ହେଲା ତାଙ୍କ ସ୍ତ୍ରୀ । କିନ୍ତୁ ରାଜ ଉଆସକୁ ଯିବାକୁ ସେ ମନା କଲା । ତାର ଇଚ୍ଛା ମତେ ସେହି କନ୍ଧ ପରିବେଶରେ ହିଁ ତା ପାଇଁ ବାସପୋଯୋଗୀ ସ୍ୱତନ୍ତ୍ର ଘର ତିଆରି କରି ଦେଇଥିଲେ । ରାଜାଙ୍କର ଆଚରଣରେ ସେମାନେ କ୍ଷୁବ୍ଧ ହେଲେ ଏବଂ ଲଚ୍ଛୁକୁ ସମାଜରୁ ବାସନ୍ଦ କଲେ । ଯଦିଓ ଲଚ୍ଛୁ କନ୍ଧମାନଙ୍କର ଦେବୀ ତୁଲ୍ୟା, ସେମାନଙ୍କ ମଙ୍ଗଳକାଂକ୍ଷୀ ମାତ୍ର ପରମ୍ପରା ତଥା ଚଳଣିର ବ୍ୟତିକ୍ରମ ହେଲେ କନ୍ଧ ସମାଜ କଠୋର ହୋଇପଡ଼େ । ରଚିତ୍ର ରୀତି, ଆଚରଣରେ ସେମାନେ କଠୋର । ଆଦର୍ଶରେ ଏକମୁଖୀ ।

ଲଚ୍ଛୁର ଜନ୍ମ ବେଳକୁ ରାଜ୍ୟରେ ମରୁଡ଼ି ପଡ଼େ । ବର୍ଷା ବିନା ପ୍ରଜାକୁଳ ହାହାକାର କଲେ ସେତେବେଳେ ଧରିତ୍ରୀ ଦେବୀ କନ୍ଧ ପୁରୋହିତ ଜାନିକୁ ସପ୍ନରେ କହିଲେ ଯେ ଗାଁର ମୁଖିଆ 'ବିଶି'

ତାର କଅଁଳା କନ୍ୟା ଶିଶୁକୁ ଦେବୀଙ୍କୁ ଅର୍ପଣ ନକଲେ ଦେବତା ସନ୍ତୁଷ୍ଟ ହେବେ ନାହିଁ । ଦେଶରୁ ବିପଦ ଘୁଞ୍ଚିବ ନାହିଁ । ଜାଣି, ବିଶିକୁ ଶିଶୁ କନ୍ୟା ଦେବୀଙ୍କ ଆଗରେ ଅର୍ପଣ କରିବା ପାଇଁ ଅନୁରୋଧ କଲେ । ସରଳ ବିଶ୍ୱାସୀ କନ୍ଧମାନେ ମଧ୍ୟ ହଜାର ହଜାର ସଂଖ୍ୟାରେ ସର୍ଦ୍ଦାରକୁ ଘେରି ଗଲେ ଏବଂ ବାଧ୍ୟ କଲେ ସେ ଜାଣି କଥାରେ ରାଜି ନହେଲେ ସର୍ଦ୍ଦାରର ଘରକୁ ପୋଡ଼ି ଜାଳି ପାଉଁଶ କରିଦେବେ ଏବଂ ଶିଶୁ କନ୍ୟାକୁ ଛଡ଼ାଇ ନେବେ । ମାତ୍ର କନ୍ଧ ସର୍ଦ୍ଦାର ଜାତିଭାଇଙ୍କର ଦାବୀକୁ ମୁଣ୍ଡ ପାତି ମାନିଯାଇ ଶିଶୁକନ୍ୟାକୁ ଦିଶାରୀର ହାତରେ ଅର୍ପଣ କଲା । ଏହା ଯେପରି 'ପୁଅରେ ଦାୟୀ କି ବାରଶହ ବଢ଼େଇରେ ଦାୟି' ପରି ସମାନ୍ତରାଳ କାହାଣୀ । ବିଶୁ ମହାରଣା 'ଧର୍ମପଦ'କୁ ତ୍ୟାଗ କଲାପରି ବିଶି ସର୍ଦ୍ଦାର 'ଶିଶୁ କନ୍ୟାକୁ' କନ୍ଧ ମାନଙ୍କର ଗୁରୁ ଦିଶାରି ହାତକୁ ନିର୍ବିବାଦରେ ବଢ଼ାଇ ଦେଲା । ଦିଶାରୀ ରାତିର ବିଳମ୍ବ ଅନ୍ଧକାରେ ପୂଜାକରି ଦେବୀଙ୍କ ପାଦ ତଳେ ଶିଶୁକୁ ଅର୍ପଣ ପୂର୍ବକ ଦୁଆର କିଳିଦେଲା । ପରେ ପରେ ମାଡ଼ି ଆସିଲା ଝଡ଼ ତୋଫାନ ଆଉ ବର୍ଷା । ସକାଳେ 'ଦିଶାରୀ' ଦେଖେ ଯେ ଶିଶୁ ମୁହଁରେ କ୍ଷୀର ଲାଗିଛି ଏବଂ ହସିଲା ମୁହଁରେ ଅନାଇଛି । ତାକୁ ଜଗିଛି ସାପଟିଏ । କାଳୀ ଗାଈଟିଏ ମନ୍ଦିରରୁ ବାହାରି ବଣକୁ ପ୍ରସ୍ଥାନ କଲା । ଦିଶାରୀକୁ ଦେଖି ସାପ ଅଦୃଶ୍ୟ ହେଲା ଏବଂ ସେ ଲଛୁକୁ ନେଇ ବିଶିକୁ ଅର୍ପଣ କଲା । ଏଥିରେ କନ୍ଧମାନଙ୍କର ଆନନ୍ଦ କହିଲେ ନସରେ । ଏଣୁ ସେ ଦିନଠୁ ସେ ସେମାନଙ୍କର ଦେବୀ ହୋଇ ରହିଥିଲା । ଏ ହେଉଛି ସେ ଲଛୁ । ଅନେକ ଦିନ ବିତିଗଲା ସେମାନଙ୍କ ଗହଣରେ । କିନ୍ତୁ ଯେଉଁଦିନ ଲକ୍ଷ୍ମଣ ସିଂହ ଲଛୁର କର ସ୍ପର୍ଶ କଲା ସେ ଲଛୁ ହେଲା ତାର ସ୍ତ୍ରୀ । କିନ୍ତୁ କନ୍ଧମାନେ ତାକୁ ଦୂରେଇ ରଖିଲେ । ତଥାପି ସେ ଥିଲା ଶକ୍ତିର ପ୍ରତୀକ । ଗୋଟିଏ ପକ୍ଷରେ ଜାତି ଅନ୍ୟ ପକ୍ଷରେ ସ୍ୱାର୍ଥ ଜାତିକୁ ଦ୍ୱନ୍ଦ୍ୱରେ ପକାଇଛି । ରକ୍ଷଣଶୀଳତାର ପ୍ରତୀକ ସେମାନେ ।

କନ୍ଧମାନଙ୍କର ମଙ୍ଗଳ ପାଇଁ ଲଛୁର ତ୍ୟାଗ, ସେବା ସ୍ମରଣୀୟ । ସେ ଲକ୍ଷ୍ମଣ ସିଂଙ୍କର ଔରସରୁ ଲସୁ ଭଳି ଏକ ସୁନ୍ଦର ବଳିଷ୍ଠ ଦେବ ଶିଶୁକୁ ଜନ୍ମ ଦେଇଛି ଏବଂ ସେ ବିଶିଘର ଓ କନ୍ଧ ବସ୍ତିଠାରୁ ଦୂରରେ ଲକ୍ଷ୍ମଣ ସିଂ ଦ୍ୱାରା ନିର୍ମିତ ଘରରେ ପୁତ୍ର ସହିତ ରହିଛି । ମାତ୍ର ଲଛୁ ଥିଲା ଏକ ଇଚ୍ଛାମୟୀ ନାରୀ, ସାଧିକା, ବ୍ରତୀ, ତପସ୍ୱିନୀ । ରାଜାର ଭୋଗ ବିଳାସ ଓ ବସ୍ତ୍ର ଭୂଷଣ ପ୍ରତି ସାଧାରଣ ନାରୀ ସୁଲଭ ବାସନା ତା'ଠାରେ ନଥିଲା । କନ୍ଧ ଜାତିଙ୍କର ସରଳ ବସ୍ତ୍ରାଭରଣ ସହିତ କନ୍ଧ ଜୀବନ ଧାରାକୁ ସେ ବରିନେଇଛି । ସେ ନିର୍ମଳ ଓ ପବିତ୍ର । ପଦ୍ମ ପତ୍ରର ଜଳବିନ୍ଦୁ ପରି ସ୍ୱଚ୍ଛ । ରାମାୟଣରେ ସିଦ୍ଧ ତପସ୍ୱିନୀ, ଶବରୁଣୀ ପରି ଦିବ୍ୟଦୃଷ୍ଟି ସମ୍ପନ୍ନା ଏବଂ କନ୍ଧ ସମାଜର ନିଃସ୍ୱାର୍ଥପର 'ବେଜୁଣୀ' । ସାଧାରଣ ବେଜୁଣୀ ପରି ସେ ନାଚି ନାହିଁ କିମ୍ବା ନଥିଲା ତାର ବଇଲ ପରି ଚରିତ୍ର । ଅଥଚ ମୁଣ୍ଡିଆ ପଥରରେ ବସି ନିର୍ଜନରେ ଅନେକ ଉତ୍ତର ଶୂନ୍ୟରୁ ପାଏ । ଲକ୍ଷ୍ମଣ ସିଂ ସହିତ ପ୍ରଣୟ ବନ୍ଧନରେ ଆବଦ୍ଧ ହେଲେ ମଧ୍ୟ ତାହା ରାଜାଙ୍କ ପକ୍ଷରେ ସ୍ୱପ୍ନ ତୁଲ୍ୟ ଥିଲା । "ଅନେକ କ୍ଷେତ୍ରରେ ପ୍ରଣୟିନୀର ଇଚ୍ଛା ହିଁ କାର୍ଯ୍ୟକାରୀ ହୋଇଥାଏ । ଅନିଚ୍ଛା ସତ୍ତ୍ୱେ ପରିସ୍ଥିତି ଚାପରେ ତାକୁ ନିଜର କଲେ ମଧ୍ୟ ତାର ମନ ବ୍ୟତୀତ କେବଳ ଶରୀରକୁ ପାଏ ।"(୭) ମାତ୍ର ଲଛୁ, ଲକ୍ଷ୍ମଣ ସିଂଙ୍କୁ ବିରୋଧ ନକରି ତାର ଆଧ୍ୟାତ୍ମିକ ଚେତନାର ଅପୂର୍ବ ଐଶ୍ୱରିକ ବୈଚିତ୍ର୍ୟରେ ମୁଗ୍ଧ କରିଛି । ରାଜକୁମାର ଲକ୍ଷ୍ମଣ ସିଂ ଶିଶୁ ପରି ବା କୋଳରେ ଖେଳିଛି ଅଥଚ ସ୍ୱୀର ପ୍ରେମ ବହିଛି ଆମୂଳଚୂଳ କନ୍ଧ ହୋଇ । ଖାଇଛି କନ୍ଧର ସାଧାରଣ ଖାଦ୍ୟ ମାଣ୍ଡିଆ, କନ୍ଦମୂଳ, ପିନ୍ଧିଛି କନ୍ଧନାରୀର ଅଣଓସାରିଆ ଲୁଗା । ଲଛୁ କନ୍ଧ ମାନଙ୍କଠାରୁ

ଦୂରେଇ ରହିଥିଲେ ମଧ୍ୟ ସେମାନଙ୍କର ସୁରକ୍ଷା ପାଇଁ ଦିଶାରୀ ବୁଢ଼ାକୁ ପୁତ୍ର ଲାସୁ ମାଧ୍ୟମରେ ଆମନ୍ତ୍ରଣ କରିଛି । ଜାନି ମଧ୍ୟ କନ୍ଧଜାତିର ରକ୍ଷା ପାଇଁ ବଂଶ, ଜାତି, ଆତ୍ମୀୟର ଆର୍ତ୍ତନାଦ ହେତୁ ଲଛ୍ମୁକୁ ଅନୁରୋଧ କଲା । ସେମାନଙ୍କ ପାଇଁ ଲଛ୍ମୁର ପ୍ରାଣ ବ୍ୟାକୁଳ ହୋଇଉଠିଛି । ଦିଶାରୀ ମଧ୍ୟ ଏକଦା ଲଛ୍ମୁର ଶିଶୁ ଅବସ୍ଥାରେ କନ୍ଧମାନଙ୍କୁ କିପରି ବିପଦରୁ ରକ୍ଷା କରାଗଲା କଥା ମନେ ପକାଇ ଦେଲା । ଏଣୁ ଦିଶାରୀ ଚାହିଁଲା, ଏବେ ମଧ୍ୟ ତାର କୃପାରୁ ହିଁ କନ୍ଧ ସମାଜ ରକ୍ଷାପାଇ ପାରିବେ । ସମସ୍ତେ ଲଛ୍ମୁ ସହିତ ଲକ୍ଷ୍ମଣ ସିଂର ବିବାହ ବିରୋଧ କରୁଥିବା ବେଳେ ଭାବୀ ବକ୍ତା , ଦାର୍ଶନିକ ଦିଶାରୀ ଉଭୟଙ୍କର ଯୁଗ୍ମ ଜୀବନରୁ ସ୍ୱୀକୃତି ଦେଇଥିଲା । କାରଣ ସେ ଜାଣିଥିଲା ଯେ ଲଛ୍ମୁ ଗର୍ଭରୁ 'ଲସୁ' ପରି ବିପ୍ଳବୀ ସନ୍ତାନର ଆବିର୍ଭାବ ହେବ ଏବଂ ଲଛ୍ମୁ ଦ୍ୱାରା ହିଁ କନ୍ଧ ସମାଜର ଉଦ୍ଧାର ହେବ । କାରଣ ସେ ଏକ ଦୈବୀ ଶକ୍ତିର ପ୍ରତୀକ । ଧରତୀ ଦେବୀର ପ୍ରତିନିଧି । ବୟୋବୃଦ୍ଧ କନ୍ଧ ଗୁରୁ ଦିଶାରୀକୁ ଲଛ୍ମୁ ଯଥେଷ୍ଟ ସମ୍ମାନ ଦିଏ ଏବଂ କହିଛି ଆଗାମୀ ଜନ୍ମରେ ଦିଶାରୀ ତାର ଆହୁରି ନିକଟତର ହେବ । ଲଛ୍ମୁ ଦିଶାରୀ ବୁଢ଼ାର ମୁଣ୍ଡ ଆଉଁସି ଶୁଭ କାମନା କରିଛି । ସମୟ ହୋଇଗଲା ବୋଲି କହି ଦିଶାରୀକୁ ମସାଲ ଧରାଇ ସେ, ଦିଶାରୀ ବୁଢ଼ା ଓ ଲାସୁ ଘନ ଅନ୍ଧକାର ମଧ୍ୟରେ କନ୍ଧମାନଙ୍କର କରୁଣ ଚିତ୍କାର ଶୁଣି ଶୁଣି ଓ ମୁମୂର୍ଷୁଙ୍କୁ ବଞ୍ଚାଇବା ପାଇଁ ଶୋକ ସନ୍ତପ୍ତ ପରିବାରକୁ ଆଶ୍ୱାସନା ଦେବା ଲାଗି ଘନଜଙ୍ଗଲ ଅତିକ୍ରମ ପରି ପାହାଡ଼ ଉପରକୁ ଯାଇ ଧରତୀ ଦେବୀ ମନ୍ଦିରରେ ପ୍ରବେଶ କରିଛନ୍ତି ।

ସେଇଠି ଲଛ୍ମୁ ଅତୀତ ବର୍ତ୍ତମାନ ଭବିଷ୍ୟତ ପ୍ରତି ଦୃକ୍‌ପାତ କରି ଲସୁକୁ ଅଶ୍ରୁଳ ନୟନରେ ସ୍ନେହ ଅଜାଡ଼ି ଦେଇ ଆର୍ଶୀବାଦ କରି ଲାସୁ ଓ ଦିଶାରୀ ବୁଢ଼ାଠୁ ଶେଷ ବିଦାୟ ନେଲା । ମନ୍ଦିରରେ ଏକାକିନୀ ପ୍ରବେଶ କରି ଦେଖିଲା ଦେବୀଙ୍କର ରୁଦ୍ରମୂର୍ତ୍ତି । ସେହି ଅତୀତର ଅଭୟ ବରଦାୟିନୀ, ଶାନ୍ତ ରୂପ ଆଉ ନାହିଁ । ଫଳସ୍ୱରୂପ, ପ୍ରକୃତି ଭୟଙ୍କର ରୂପ ନେଇ ଝଡ଼ ବର୍ଷାରେ ପରିବେଶ ପ୍ରକମ୍ପିତ ହୋଇଥିଲା । ତାପରେ ଦିଶାରୀ ବୁଢ଼ା ମଧ୍ୟ ପ୍ରବେଶ କଲା ମନ୍ଦିରକୁ । ଲଛ୍ମୁ ଏବଂ ଦିଶାରୀ ବୁଢ଼ା କନ୍ଧସମାଜର ରକ୍ଷା ପାଇଁ ଦେବୀଙ୍କ ଆଗରେ ନିଜକୁ ଅର୍ପଣ କଲେ । ପରେ ପରେ ପରିବେଶ ହେଲା ଶାନ୍ତ । ସତେ ଯେପରି ଧରତୀ ଦେବୀ ସେମାନଙ୍କୁ ଆଲିଙ୍ଗନ କରି କୋଳକୁ ଟାଣି ନେଲା । ସେ ଦୁହିଁଙ୍କର ପ୍ରାଣ ହୀନ ପିଣ୍ଡ ପଡ଼ିରହିଲା । ଲାସୁ ମାଁ ଲଛ୍ମୁ ଓ ଦିଶାରୀ ବୁଢ଼ାର ପ୍ରାଣହୀନ ଶରୀରକୁ ଅଶ୍ରୁଳ ନୟନରେ ଦର୍ଶନ କଲା । ଏତିକି ବେଳେ ଲକ୍ଷ୍ମଣ ସିଂ ମଧ୍ୟ ଉପସ୍ଥିତ ହେଲେ । "ମାଁ ଆଉ ନାହିଁ । ଦେବତା ନେଇ ଗଲେ ବୋଲି ଲାସୁ ଲକ୍ଷ୍ମଣ ସିଂକୁ କହିଲା ।"(୮) ତାଙ୍କର ମନଭିତରେ ଖେଳି ଯାଉଥାଏ ୧୬ ବର୍ଷର ବିଗତ କାହାଣୀ, ଲଛ୍ମୁ, ତା' ଦୁନିଆଁ ଓ ଏ ଶିଶୁ । ଲଛ୍ମୁର ଏ ଯନ୍ତ୍ରଣା ପାଇଁ ନିଜକୁ ଦୋଷୀ ମନେ କରିଥାନ୍ତି ଲକ୍ଷ୍ମଣ ସିଂ । ଅନୁଭବ କରୁଥାନ୍ତି ଲଛ୍ମୁ କେବେ ତାଙ୍କର ନିଜର ନଥିଲା । ଆଜିବି ଲଛ୍ମୁ ଉପରେ ତାଙ୍କର କୌଣସି ଦାବୀ ନାହିଁ । ମନେ ମନେ ନମସ୍କାର ଜଣାଇଲେ । ଲକ୍ଷ୍ମଣ ସିଂଙ୍କର ଚକ୍ଷୁ ଲୋତକରେ ଭରିଗଲା ।"(୯) ଲଛ୍ମୁର ଚିର ବିଦାୟରେ ଅନୁତପ୍ତ ହେଲେ ମଧ୍ୟ ସେ ଅନୁଭବ କଲେ ଯେ ବାସ୍ତବରେ ଲଛ୍ମୁ ଥିଲା ଦେବୀଙ୍କର ପ୍ରତିନିଧି । ଲଛ୍ମୁର ସାରା ଜୀବନ ଦେବତା ଓ ମାନବର ସେବାପାଇଁ ଉଦ୍ଦିଷ୍ଟ ଥିଲା । ଲାସୁ ଉପନ୍ୟାସରେ ଲଛ୍ମୁ ଏକ ଅପୂର୍ବ ସୃଷ୍ଟି । ଏହା ବ୍ୟତୀତ ଏହି ଉପନ୍ୟାସରେ ଅପର ନାରୀ ଚରିତ୍ରର ଉଲ୍ଲେଖ ନାହିଁ । କେବଳ ଲଛ୍ମୁ ହିଁ ଏକ ମାତ୍ର ଉତ୍ସର୍ଗୀତ ନାରୀ ଚରିତ୍ର । କନ୍ଧମାନଙ୍କର ଆଧ୍ୟାତ୍ମିକ ଚେତନାର ଏକ ମୂର୍ତ୍ତିମନ୍ତ ଦେବୀ । ଏପରି ନାରୀ ଚରିତ୍ର ଭାରତୀୟ ପରମ୍ପରାରେ ଅଭାବ ନାହିଁ । ମାତ୍ର କନ୍ଧ ତଥା ଆଦିବାସୀ ସମାଜରେ ମଧ୍ୟ ଏପରି

ସତୀ, ସାଧ୍ୱୀ, ତପସ୍ୱିନୀର ଚରିତ୍ରର ଅଭାବ ନାହିଁ। ତାହା ହିଁ ଲେଖକ ଦର୍ଶାଇ କନ୍ଧ ନାରୀକୁ ମହିମାମଣ୍ଡିତ କରିଛନ୍ତି । ଲଚ୍ଛୁ ଥିଲା ସେବାମୟୀ, କଲ୍ୟାଣମୟୀ ଓ କରୁଣାମୟୀ ଜୀବନ୍ତ ଦେବୀ ।

ବିଶି ଚରିତ୍ର :

ଲଚ୍ଛୁର ପିତା ବିଶି କନ୍ଧମାନଙ୍କର ସର୍ଦ୍ଦାର, ପୃଥୁଳ, ଡେଙ୍ଗା ମଣିଷ, ଉଚ୍ଚ କପାଳ, ସୁନ୍ଦର ଚେହେରା, ଗୋଲ ଗୋଲ ଡେଉଁରିଆ ପିନ୍ଧିଥାଏ । 'ବାହୁ'ରେ ପିନ୍ଧିଥାଏ ରକ୍ଷା କବଚ । ମୁଣ୍ଡରେ ସିନ୍ଦୁର ଟୀକା ଲଗାଇ ଯେତେବେଳେ ଠେକା ବାନ୍ଧି ପଗଡ଼ିରେ ମୟୁର ପୁଚ୍ଛ ଖୋସି ଦିଏ ସେତେବେଳେ ମନେହୁଏ ସେ କନ୍ଧମାନଙ୍କର ରାଜା । ସେ ଖୁବ୍ ଟାଣୁଆ, ବଳୁଆ ଲୁହାପରି ମଣିଷ । ପୁଣି ଦେହୁରୀ ସେ । କନ୍ଧଙ୍କର ମୁଖିଆ ।

ସେ ଶର ସନ୍ଧାନରେ ଥିଲା ଧୁରନ୍ଧର । କନ୍ଧମାନଙ୍କ ପ୍ରତି ଥିଲା ତାର ଅନୁରାଗ ଓ ଶ୍ରଦ୍ଧା 'ଅମୃତ ସନ୍ତାନ'ର ସରବୁ ସାଉଁତା ପରି ସମାଜ ପ୍ରେମୀ । ଏଣୁ ସେମାନଙ୍କର ସ୍ୱାର୍ଥ ପାଇଁ ଜାନି ଓ କନ୍ଧମାନଙ୍କର ଅନୁରୋଧରେ ମାତ୍ର ସାତଦିନର ଶିଶୁ କନ୍ୟା ଲଚ୍ଛୁକୁ ଧରତୀ ଦେବୀଙ୍କ ଉଦ୍ଦେଶ୍ୟରେ ଅର୍ପଣ କଲା । ଜାତି ପାଇଁ, ସେମାନଙ୍କର ସ୍ୱାର୍ଥ ରକ୍ଷା ପାଇଁ ଏହା ତାର ଥିଲା ଅତୁଳନୀୟ ତ୍ୟାଗ ।

ଦେବୀ ଉଦ୍ଦେଶ୍ୟରେ ବଳି ଦେବାକୁ ଅର୍ପଣ କରିଥିଲା । ମାତ୍ର ଲଚ୍ଛୁକୁ ଦିଶାରୀ ହାତରୁ ପୁଣି ଫେରି ପାଇଲା ଅକ୍ଷତ ଶରୀରରେ । ସେହି ଦିନଠୁ ଲଚ୍ଛୁ ହୋଇଛି ଦେବତାର ସଂପଦ । ସ୍ୱୟଂ ଦେବୀ ହେଲା । ଏଣୁ ଯେତେବେଳେ ଲକ୍ଷ୍ମଣ ସିଂ ବଳାତ୍କାର କରି ଲଚ୍ଛୁକୁ 'ପୁଷ ପର୍ବରୁ' ଉଠାଇ ନେଇ ପୁଣି ବିଶିକୁ ଜଣାଏ, ବିଶି ସେତେବେଳେ କହିଛି 'କାଲିଠୁ ଲଚ୍ଛୁ ବନ୍ଧୁ ବସ୍ତିରେ ରହିବ ନାହିଁ' । (୯) ଏହା କହି ସେ ମୌନ ରହିଲା । ସେହି ଦିନଠୁ ସେ ଲଚ୍ଛୁକୁ କନ୍ୟାଭାବେ ଗ୍ରହଣ କଲାନାହିଁ । ଅଥଚ ନାତି ଲାସୁକୁ ସମସ୍ତ ପ୍ରକାର ସାହାଯ୍ୟ, ସହଯୋଗ କରି ଧନୁ ବିଦ୍ୟାରେ ଶିକ୍ଷିତ କରାଇଲା । ଲଚ୍ଛୁର ସତନ୍ତ୍ର କୁଡ଼ିଆକୁ ବି ଦିନେ ମଧ୍ୟ ଆସିନାହିଁ । ଶେଷରେ କନ୍ଧମାନଙ୍କ ଦ୍ୱାରା ପରିତ୍ୟକ୍ତ ହେଲା ଓ ତାକୁ ସରଦାର ବୋଲି କନ୍ଧ ମାନିଲେ ନାହିଁ । କାରଣ ହେଲେ ଲଚ୍ଛୁ ଓ ଲକ୍ଷ୍ମଣ ସିଂ । ଏହାହିଁ ଭାଗ୍ୟର ବିଡ଼ମ୍ବନା । ତାର ଜୀବନ ଥିଲା ତ୍ୟାଗମୟ, ଆଦର୍ଶପୂର୍ଣ୍ଣ । ବାସ୍ତବରେ ବିଶି ଏକ ମହାନ୍ ବ୍ୟକ୍ତି ।

ବିଶି ଚରିତ୍ର ଔପନ୍ୟାସିକଙ୍କର ଏକ ଆଦର୍ଶ ସୃଷ୍ଟି । ସେ ଶହେରୁ ଶହେ ଅଂଶ କନ୍ଧ ସଂସ୍କୃତିର ପ୍ରତୀକ । ସାଲିସ୍ ବିହୀନ ଜୀବନ । ଏକ ପ୍ରଚଣ୍ଡ, ଅନମନୀୟ ସମାନ୍ତରାଳ ଚରିତ୍ର କହିଲେ ସମୀଚୀନ ହେବ । ଯିଏ ଜନରକ୍ଷା ନିମିତ୍ତ ଅକାତରରେ ତ୍ୟାଗ କରିପାରେ ଆପଣାର ପ୍ରିୟ ଶିଶୁ ସନ୍ତାନକୁ । ଅଥଚ ସେହି ଦେବତାର ଆଶୀର୍ବାଦ ସମଦେବୀ ପ୍ରତିମାକୁ ମଧ୍ୟ ଅକାତରରେ ତ୍ୟାଗ କରିଥିଲା ଜାତିର ସୁରକ୍ଷା ଲାଗି । ନାତିକୁ ଅସ୍ତ୍ରଶିକ୍ଷା ଦେଇ ପାରିଲା, କିନ୍ତୁ କନ୍ୟାର ପ୍ରତ୍ୟାବର୍ତ୍ତନକୁ ସ୍ୱୀକାର କରିପାରିଲା ନାହିଁ । ଜାତି ତାକୁ ବାସନ୍ଦ କଲେ ମଧ୍ୟ କନ୍ୟା ସହିତ ମିଶିବାର କଳ୍ପନା କରି ନାହିଁ । ଏହା ତାର କଠୋର ସ୍ୱଜାତି ପ୍ରେମ ଓ ପ୍ରତିଜ୍ଞା । ଜାତୀୟ ଧର୍ମର ସ୍ୱାଭିମାନ । "ସ୍ୱଧର୍ମ ନିଧନଂ ଶ୍ରେୟ, ପରଧର୍ମ ଭୟାବହ (ଗୀତା)" କୁ ସେ ପ୍ରାଣେ ପ୍ରାଣେ ଅନୁଭବ କରିଥିଲା । ଏଣୁ ନିଜ ଜାତି, ଧର୍ମ, ସାଂସ୍କୃତିକକୁ ଜଳାଞ୍ଜଳି ଦେଇଛି । ଜଳାଞ୍ଜଳି ନିଜର ପ୍ରିୟତମ କନ୍ୟା ସନ୍ତାନକୁ ଏହା ହିଁ ବିଶିର ପୁରୁଷାକାର କହିଲେ ଯଥାର୍ଥ ହେବ ।

**ଲାସୁ ଚରିତ୍ର:-**

ଲକ୍ଷ୍ମଣ ସିଂଙ୍କ ଔରସରେ ଲଚ୍ଛୁଙ୍କ ଗର୍ଭରୁ ଜନ୍ମ ନେଇଥିଲା ଲାସୁ, ଅଥଚ ରାଜଭୋଗ ବିଳାସ ପ୍ରତି ଆକୃଷ୍ଟ ନହୋଇ ବନବାସିନୀ ଦେବୀ ତୁଲ୍ୟା ମାତା ଲଚ୍ଛୁ ଓ ଅଜା ବିଶି ସହିତ ଜୀବନ ବିତାଇ ସାମନ୍ତବାଦ ତଥା ପୁଞ୍ଜିବାଦର ପ୍ରତିବାଦ କରିଛି । ଶେଷରେ ମାଁ ଲଚ୍ଛୁ ସହିତ ଧରିତ୍ରୀ ଦେବତାର ମନ୍ଦିରକୁ ଯାଇଛି । ସେଠାରେ ତାର ମା ଓ ଦିଶାରୀ ଦେବୀଙ୍କ ପାଦତଳେ ଆତ୍ମବଳି ଦେବାପରେ ସେ ମଧ୍ୟ ନିଜକୁ ଅସହାୟ ମନେକରି ସମସ୍ତ ରାଜ ଅଳଙ୍କାର ଓ ଶ୍ରଦ୍ଧା, ସମ୍ମାନ ଲକ୍ଷ୍ମଣ ସିଂଙ୍କ ପାଦତଳେ ଅର୍ପଣ କରି ଅରଣ୍ୟ ମଧ୍ୟରେ ହଜିଯାଇଛି । ଏଣୁ ଲେଖକ ଜାନି ମୁହଁରେ ପ୍ରକାଶ କରିଛନ୍ତି । "ମେଦିନୀ ଫାଟିବ, ଧରିତ୍ରୀ କମ୍ପିବ, ଜଳିବ ନିଆଁ, ତାପରେ ଆସିବ ନୂଆ ବିଶି, ଜନ୍ମନେବ ନୂଆ ମଣିଷ ।"(୧୦) ଅର୍ଥାତ୍ ଲାସୁ ହେଉଛି ବିପ୍ଳବର ପ୍ରତୀକ ଏବଂ ସାମନ୍ତବାଦୀ ଆଭିଜାତ୍ୟର ବିରୋଧୀ । କାରଣ ଲାସୁକୁ ରାଜା କଲ୍ୟାଣ ସିଂଙ୍କ ଖୁବ୍ ସ୍ନେହ କରି ସୁନାହାର, ସୁନା କଙ୍କଣ ତଥା ରାଜ ବେଶଭୂଷାରେ ସଜାଇ ଖୁସି ହେଉଥିବା ବେଳେ ରାଜା ପ୍ରତାପ ସିଂ ଅସହ୍ୟ । ତାକୁ ଅନାର୍ଯ୍ୟ କହି ଅପମାନିତ କଲେ । ଏଥିରେ କ୍ଷତ୍ରିୟ ତେଜୋଦୀପ୍ତ ତଥା ବଣୁଆଁ କନ୍ଧ ଜାତିର ସାଧୀନ ଚେତା ଯୁବକ ମାନବିକ ସାଭିମାନବୋଧ ଘୋର ଆଘାତ ପାଇଛି । ଏଣୁ ସେ ଝାନୁ ଘୋଡ଼ା ପିଠିରେ ବସି ଅନେକ ଦୂର ଗଲାପରେ ଫେରି ଆସିଛି ଉଆସକୁ ଏବଂ ଅପମାନର ପ୍ରତିଶୋଧର ସୂଚନା ସରୂପ ଉଆସ ଦେବତାଙ୍କ ହାତରେ ଝୁଲୁଥିବା ଖଣ୍ଡାକୁ ଟାଣୁଆ ଟାଙ୍ଗିଆ ଦ୍ୱାରା ଦିଖଣ୍ଡ କରି ମା, ଲଚ୍ଛୁ ଓ ପ୍ରକୃତିର ମଧୁର କୋଳକୁ ସବୁ ଦିନ ପାଇଁ ଫେରି ଆସିଛି । ମା ଲଚ୍ଛୁକୁ କହିଛି ଯେ, ସେ ଆଉ ରାଜଦରବାରକୁ ଯିବନାହିଁ । ଲଚ୍ଛୁ ମଧ୍ୟ ସେଠାକୁ ଯିବାର ଆଉ ଆବଶ୍ୟକ ନାହିଁ ବୋଲି କହି ଦେଇଛି ।

ସେ ଯେପରି ସାହସୀ ଧନୁର୍ଦ୍ଧର ସେପରି ପ୍ରକୃତି ପ୍ରେମୀ ଏବଂ ଲଚ୍ଛୁର ବାଧ୍ୟ ସନ୍ତାନ । ଲକ୍ଷ୍ମଣ ସିଂଙ୍କ ପ୍ରତି ସଦା ସମ୍ମାନ ଥିଲେ ମଧ୍ୟ ମାଁ, ପୁଅଙ୍କ ସଂସାର ଥିଲା ସତନ୍ତ୍ର । ଦିଶାରୀ ବୁଢ଼ା ଥିଲା ସେମାନଙ୍କର ହିତୈଷୀ । ଏଣୁ ଶେଷରେ ଲାସୁ, ଲଚ୍ଛୁ, ଦିଶାରୀ ହିଁ ମାନବ ସମାଜର ହିତ ପାଇଁ ଜୀବନ ଉତ୍ସର୍ଗ କଲେ ।

ଲଚ୍ଛୁ ଓ ଦିଶାରୀର ଆଶୀର୍ବାଦରେ ଲାସୁ ନୂତନ ସମାଜ, ନୂତନ ସମ୍ଭାବନା, ନୂତନ ଆଶାର ସଞ୍ଚାର କରିବ ବୋଲି ପାଠକ ଆଶା କରିଥିଲେ । ଯେତେବେଳେ ଲଚ୍ଛୁ, ଲାସୁଠାରୁ ବିଦାୟ ନେଇ ଧରତୀ କୋଳରେ ରାମାୟଣର ସୀତା ପରି ଆଶ୍ରୟ ନେବାକୁ ଆକାଂକ୍ଷିତ ହେଲେ ସେତେବେଳେ ଲଚ୍ଛୁ ଆଖିରୁ ଲୁହ ଝରୁଥାଏ । ଥରିଲା କଣ୍ଠରେ ଲଚ୍ଛୁ କହିଲା, ମା, କେମିତି ମୋତେ ଆଜି ଏକଲା ଲାଗୁଛି । ତାର ସାନ ମୁହଁଟିକୁ ଟେକି ଧରି ଲଚ୍ଛୁ କହିଲା, "ଏଁ, ଏତେ ଲୋକ ତୋର, ବିଶି, ମୁଁ ସବୁବେଳେ ତୋ ପାଖେ ପାଖେ ରହିଛି ।"(୧୧) ଏହା କହି ଲଚ୍ଛୁ ଓ ଦିଶାରୀ ବୁଢ଼ା ମନ୍ଦିରକୁ ପ୍ରବେଶ କଲେ । ଲଚ୍ଛୁ, ଦିଶାରୀ ଦେବୀଙ୍କ ପାଦ ତଳେ ଜୀବନୋତ୍ସର୍ଗ କଲେ । ରାଜା ଲକ୍ଷ୍ମଣ ସିଂ କହିଲେ, "ଲାସୁ ଆ ମୋ ସାଙ୍ଗରେ ଦୂରକୁ ଏ ପାହାଡ଼, ଏ ଜଙ୍ଗଲ, ଏ ଜାତିଙ୍କ ବାହାରେ । ତୁ ମୁଁ ସଂସାର ଗଢ଼ିବା । ତୋ ପାଇଁ ସବୁ ମୁଁ କରିବି ।" (୧୨) ମାତ୍ର ମାଁର ଦୈବତୁଲ୍ୟ ଆଶୀର୍ବାଦ । ରାଜା ଲକ୍ଷ୍ମଣ ସିଂଙ୍କର ଅନୁରୋଧ ସବୁ କିଛି ଏଡ଼ିଦେଇ ଅସହାୟ ଲାସୁ ଜଙ୍ଗଲର ଅନନ୍ତ ଗଭୀର ଆଲିଙ୍ଗନରେ ହଜିଗଲା ।" (୧୩) ରହସ୍ୟ ଭିତରେ ତାର ଆଶା ଆକାଂକ୍ଷା ଓ ଭବିଷ୍ୟତ ହଜିଗଲା । ତେବେ ଏ

ସାମନ୍ତବାଦର ବିଦ୍ରୋହୀ ସ୍ଫୁଲିଙ୍ଗ ଲେଖକଙ୍କ ବିୟୋଗାନ୍ତ ଲାସୁର ସମ୍ଭାବନା ଜୀବନ ମଧ୍ୟରେ ଲୁଚି ରହିଲା କି ? ଏଣୁ ଲାସୁର ଚରିତ୍ର ଏକ ରହସ୍ୟମୟ ସୃଷ୍ଟି । ଲେଖକ ପ୍ରକୃତିର ସନ୍ତାନକୁ ପ୍ରକୃତିର କୋଳରେ ମିଶାଇ ଦେଲେ । ଦିନସାରା ମେଘାଛନ୍ନ ରହି ଉଷାର ଦୀପ୍ତିମାନ ସୂର୍ଯ୍ୟ ଘନ ଅନ୍ଧକାରରେ ହଜିଗଲା । ଲାସୁର କ୍ଷୀଣାଲୋକରେ ପାଠକ କିଛି ଆଶା କରୁଥିଲା ବେଳେ ସବୁଦିନ ପାଇଁ ନିରାଶ ହୋଇଛି ।

କିନ୍ତୁ ଲାସୁଠାରେ ଯେଉଁ ଐଶ୍ୱରିକ କଳା ଥିଲା ତାର ପ୍ରକାଶ ଘଟି ପାରିଲା ନାହିଁ । ସେ ଉପନ୍ୟାସରେ ନିରୁଦ୍ଦିଷ୍ଟ ହେଲା ।' ଝାନ୍'କୁ ଝପଟାଇ ଧାଇଁଗଲା ଜଙ୍ଗଲକୁ । ସେ ଏକ ଶକ୍ତି ଯାହା ଦ୍ୱାରା ଦେବତାର କୃପା କଣିକା ବଳରେ ମୃତ୍ୟୁ ଓ ଧ୍ୱଂସର ସ୍ତୂପ ଉପରେ ନୂତନ ଭାବେ ଦେଖାଦେବ । ନୂଆ ବିଶି, ଜନ୍ମ ନେବେ ନୂଆ ମଣିଷ ରୂପରେ ।

ହୁଏତ ଏହି ସଂକେତର ଭିତ୍ତିରେ ଏ ଉପାଖ୍ୟାନର ମେରୁଦଣ୍ଡ ଲକ୍ଷ୍ମ ହେଲେ ହେଁ ଗ୍ରନ୍ଥକାର ଉପନ୍ୟାସର ନାମ ରଖିଛନ୍ତି ଲାସୁ କାରଣ ଲାସୁ ଆଗାମୀ ଯୁଗର ସମ୍ଭାବନା । ଏଥିପାଇଁ ଗ୍ରନ୍ଥକାର ଉତ୍ସର୍ଗ କରିଛନ୍ତି ଶତ ଶତ ଲାସୁଭଳି ଯୁବଶକ୍ତି ଉଦ୍ଦେଶ୍ୟରେ । ସାମନ୍ତବାଦର ବିରୋଧରେ ବିପ୍ଳବୀଙ୍କ ପାଇଁ । ଏହା ହିଁ ଯଥାର୍ଥ ଯାହା ଆଗାମୀ ଦିନରେ ଅଧିକାର ପାଇଁ ଲଢ଼ାଇ ହେବ । ସେ ଲଢ଼ାଇ ହେବ ମାନବିକତା ପାଇଁ, ସ୍ୱାଭିମାନର ପ୍ରତିଷ୍ଠା ପାଇଁ, କନ୍ଧ ଜାତିର ଏକ ପୁଞ୍ଜିଭୂତ ଅବଶୋଷର ପ୍ରକୃତ ରୂପାୟଣ ପାଇଁ । ସଂକେତରେ ଭବିଷ୍ୟତର ଏକ ସଂହତି ଓ ସୁସମ ସମାଜ ଗଠନର ପ୍ରତିକୃତି ହିଁ ଏହି ଉପନ୍ୟାସରେ ପ୍ରଦତ୍ତ ।

ଆଦିବାସୀର ଏକ ମହତ୍ ମାନସିକତା ଓ ସଂକଳ୍ପ ଉଦ୍‌ଘାଟନରେ ସମର୍ଥ ହୋଇ ଏ ଉପନ୍ୟାସ ତେଣୁ ଅନନ୍ୟ ସୃଷ୍ଟି ଭାବରେ ବନ୍ଦିତ ।

ଲାସୁ - ବାରିଷ୍ଟର ଗୋବିନ୍ଦ ଦାସ

ଗଳ୍ପାଂଶ ଓ ସମୀକ୍ଷା:

ଚରିତ୍ର - (କ) ଲାସୁ, (ଖ) ବଂଶି (ଗ) ଲାସୁ

ପାଦଟୀକା-

୧. ଲାସୁ - ପୃଷ୍ଠା ୩୩ ।

୨. ଲାସୁ - ପୃଷ୍ଠା ୩୩ ।

୩. ଲାସୁ - ପୃଷ୍ଠା ୩୧ ।

୪. ଲାସୁ - ପୃଷ୍ଠା ୪୪ ।

୫. ଲାସୁ - ପୃଷ୍ଠା ୫୧ ।

୬. ଲାସୁ - ପୃଷ୍ଠା ୨୪ ।

୭. ଅଧ୍ୟାପିକା ଲାବଣ୍ୟ ନାୟକ : ଉପନ୍ୟାସ ସାହିତ୍ୟ ସମ୍ପର୍କରେ ପୃଷ୍ଠା ୨୧୬, ପୁସ୍ତକ ଭଣ୍ଡାର, ୧୯୭୬, ବ୍ରହ୍ମପୁର ।

୮. ଲାସୁ - ପୃଷ୍ଠା ୪୯ ।

୯. ଲାସୁ - ପୃଷ୍ଠା ୫୦ ।

୧୦. ଲାସୁ - ପୃଷ୍ଠା ୫୧ ।

୧୧. ଲାସୁ - ପୃଷ୍ଠା ୪୫ ।

୧୨. ଲାସୁ - ପୃଷ୍ଠା ୫୦ ।

୧୩. ଲାସୁ - ପୃଷ୍ଠା ୫୧ ।

## ୬. ଶଶିଭୂଷଣଙ୍କ ଉପନ୍ୟାସ

କ) ଆୟା ମାର୍ଗାରେଟ୍-

ଆୟା ମାର୍ଗାରେଟ ଉପନ୍ୟାସଟି ରାଉରକେଲା ଅଞ୍ଚଳର ଶୋଷିତ ନିପୀଡ଼ିତ ଆଦିବାସୀ ଜନଜୀବନକୁ ନେଇ ୧୯୭୧ରେ ରଚିତ । ରାଉରକେଲା ଶିଳ୍ପ ନଗରୀ ଭାବେ ଗଢ଼ି ଉଠୁଥିବାରୁ ଆଦିବାସୀ ମାନଙ୍କର ଜମି ଓ ଜଙ୍ଗଲ ଚାଲି ଯାଇଛି । ସେମାନେ ଆଧୁନିକତାକୁ ସ୍ୱାଗତ କରୁଥିଲେ ମଧ୍ୟ ଶିଳ୍ପାୟନର କୃତ୍ରିମତା ସେମାନଙ୍କର ଛାତିରେ ପ୍ରଚଣ୍ଡ ଆଘାତ ଦେଇଛି । ଏଠିକାର ଭିଟାମାଟିର ମୂଳ ଆଦିବାସୀ ଦୂରାବସ୍ଥାର ସମ୍ମୁଖୀନ ହୋଇଛି । ଭାରତର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ଅଫିସର ତଥା ଶିଳ୍ପ ଶ୍ରମିକଙ୍କ ଦ୍ୱାରା ସେମାନେ ଶୋଷିତ, ଅତ୍ୟାଚାରିତ ଓ ଲାଞ୍ଛିତ ହୋଇଛନ୍ତି । ଫଳରେ ଭାଙ୍ଗି ପଡ଼ିଲା ସେମାନଙ୍କର ଶାନ୍ତ, ସ୍ନିଗ୍ଧ ପ୍ରାକୃତିକ ଜୀବନ । ବିଧ୍ୱସ୍ତ ହେଲା ସଂସ୍କୃତି, ପରମ୍ପରା ଓ କୋମଳ ହୃଦୟର ଫଲ୍‌ଗୁ ଧାରା । ନୀରବ ହୋଇଗଲା ଶ୍ରୁତିର ସଂଗୀତ ଆଉ ପାଦର ତାଳ । ଅତୀତର ଛନ୍ଦାୟିତ ଜୀବନ ଆଧୁନିକତାର ଉତ୍‌କଟ ବନ୍ଧନରେ ଛନ୍ଦହୀନ ହୋଇଗଲା ।

ଏଣୁ ଆଦିବାସୀ ଝିଅ ମୁହଁରେ ପ୍ରକାଶ ପାଇଛି, "ଆଉ କାହିଁ ସେ ବଣ ପାହାଡ଼ ? କାହିଁ ସେ ଅସରନ୍ତି ଶ୍ୟାମଳିମା, କାହିଁ କୋଇଲି ନଦୀର କଳ କଲ୍ଲୋଳ ଆଉ ଶଙ୍ଖ ନଦୀର ମୃଦୁ ଧ୍ୱନି ? ସବୁ ମରିଯାଇଛି । କାରଖାନାର ବିକଟ ରାବ ଭିତରେ ସେ ସବୁର ସତ୍ତା ଲୋପ ପାଇଛି । ଗଢ଼ି ଉଠିଛି ଏଇଠି ବିରାଟ ନଗରୀ । ନୂଆ ନୂଆ ମଣିଷର ଅଧାରିତ ନୂଆଁ ନୂଆଁ ଜୀବନ । ଶିଳ୍ପର ବିକଟ ଧ୍ୱନିରେ ଶାନ୍ତ ପରିବେଶ ମରିଯାଇଛି । ସେମାନଙ୍କର ସଂଗୀତମୟୀ ସ୍ୱର ମୂର୍ଚ୍ଛନାର ରୂପବତୀ କନ୍ୟା – ସ୍ୱଭାବ କବିର ଗୀତ ମରିଯାଇଛି । ସେମାନେ ହେଲେ ପରାଶ୍ରିତ, ବାଟର ଭିକାରୀ । କୁଲି ରେଜାର ଜୀବନ ବିତାଇଲେ । ଆଦିବାସୀ ଆଧୁନିକ ଶିଳ୍ପାୟନର ଆହ୍ୱାନକୁ ପ୍ରତିରୋଧ କରିପାରିଲା ନାହିଁ । ବରଂ ଆଦିବାସୀ ଜୀବନ ସଭ୍ୟ ସମାଜ ଦ୍ୱାରା ଲୁଣ୍ଠିତ ହେଲା । ଶିକ୍ଷା ଆଭିଜାତ୍ୟର ତଳେ ଲୁଚି ରହିଥିବା

ଉଚ୍ଚ ମଣିଷର ନୀଚ କାମନା ଶିଳ୍ପ ନଗରୀରେ ପ୍ରକାଶ ପାଇଲା । ମୂଳବାସୀ ଆଦିବାସୀମାନେ ଦେଶର ଆଗନ୍ତୁକ ମାନଙ୍କ ଦ୍ୱାରା ପରିତ୍ୟକ୍ତ ହେଲା ବେଳେ ବିଦେଶୀଧର୍ମୀ ଓ ମାନବିକତାର ସେବା ମଣିଷ ପରି ସହଯୋଗ ପାଇ ବଞ୍ଚି ରହିଲେ । ଏଣୁ ସ୍ୱଦେଶୀଙ୍କ ଦ୍ୱାରା ପ୍ରତାରିତ ଅଥଚ ବିଦେଶୀଙ୍କ ସମ୍ବେଦନଶୀଳତା ଓ ସହାନୁଭୂତିର ଚିତ୍ର ଚରିତ୍ର ତଥା ଆଧୁନିକ ମଣିଷର ମନସ୍ତାତ୍ତ୍ୱିକ ଚିନ୍ତା, ସ୍ୱାର୍ଥପରାୟଣତା, ଭୋଗବିଳାସକୁ ଉପଜୀବ୍ୟ କରି ଏହି ସାମାଜିକ ଉପନ୍ୟାସ ରଚନା କରିଛନ୍ତି ଔପନ୍ୟାସିକ ଶିକ୍ଷକ ଶ୍ରୀ ଶଶୀଭୂଷଣ ମହାପାତ୍ର । ଏଥିରେ ଆଦିବାସୀଙ୍କର ସାଧାରଣ ଭାବମୂର୍ତ୍ତି, ବଣ ପାହାଡ଼ ଘେରା ଗଛପତ୍ର ଗହଳି ଭିତରର ଝୋଲା କୂଳର ଜୀବନ ଚିତ୍ର ନାହିଁ । ସେମାନଙ୍କର ଜୀବନ ଧାରା, ଧାଙ୍ଗଡ଼ା, ଧାଙ୍ଗଡ଼ୀ, ଡୁଙ୍ଗଡୁଙ୍ଗା, ଡୁମା- ଜାନି- ବେଜୁଣୀ ପ୍ରଭାବିତ ଧର୍ମଜୀବନ, ଜମାନ ସାହୁକାର ମହାଜନ ଶୋଷଣର ଚିତ୍ର ନାହିଁ । ରହିଛି ଆଧୁନିକ ଶିଳ୍ପ କାରଖାନାର ପରିବେଶରେ ଆଦିବାସୀର ନୂଆ କଳେବର । ଯାହା ସମାଜରେ ଅଭିନବ ରୂପ ଓ ଦାୟିତ୍ୱବୋଧ ପାଇଁ ଆହ୍ୱାନ ଆସିଛି ତାହାରି ଉପରେ ଏକ ସମ୍ଭାବନା ସମ୍ବଳିତ ପରୀକ୍ଷା । ଏଥିରେ ଆଧୁନିକ ଜୀବନର ଚର୍ଯ୍ୟମା ହୋଇଛି । ଆଧୁନିକ ମଣିଷର ଛଳନା, କୂଟ, କପଟ, ପ୍ରତାରଣା କିପରି ବାସ୍ତବ ରୂପ ନେଇଛି, ତାର ବର୍ଣ୍ଣନା ସହିତ ସତ୍ୟ, ଧୈର୍ଯ୍ୟ, ସହନଶୀଳତାର ଦିଗ ମଧ୍ୟ ପ୍ରକାଶ ପାଇ ମାନବିକତାର ଜୟଗାନ କରିଛନ୍ତି, ମାନବବାଦୀ ଲେଖକ ମହାପାତ୍ର ମହାଶୟ ।

**ଗଳ୍ପାଂଶ:-** ରାଉରକେଲା ମାଟିରେ ଶିଳ୍ପ କାରଖାନା ଆରମ୍ଭ ହୁଏ । ଆଦିବାସୀମାନେ ଜମିବାଡ଼ି ହରାନ୍ତି । ତାପରେ ସେମାନେ କୋଠାବାଡ଼ି ଗଢ଼ିବାରେ କାର୍ଯ୍ୟ କରନ୍ତି । ସ୍ତ୍ରୀମାନେ ରେଜା ଭାବରେ ବିଭିନ୍ନ ଠିକାଦାର, ଅଫିସର ଘରେ ଶିଶୁ ପାଳନ ଦାୟିତ୍ୱରେ କିମ୍ବା ଘର ପାଇଟି ଆଦି କାର୍ଯ୍ୟରେ ନିଯୁକ୍ତ ହୋଇ ଗୁଜୁରାଣ ମେଣ୍ଟାନ୍ତି । ସକାଳୁ ଯାଇ ସନ୍ଧ୍ୟାରେ ନିଜସ୍ୱ ପ୍ରସ୍ତୁତି ସମ୍ବଳିତ ପାରମ୍ପରିକ ଆଦିବାସୀ ଗୀତ ଗାଇ ମଜଦୁର ବସ୍ତିର ନିଜ ଝୁପୁଡ଼ିକୁ ଫେରନ୍ତି । କେହି ଯାଆନ୍ତି 'ହମିରପୁର' ବସ୍ତିକୁ, କେହି ଯାଆନ୍ତି ଦୁଇ ନମ୍ବର ସେକ୍ଟର । ସେମାନଙ୍କର ଯିବା ଆସିବା ବେଳେ ଶିଳ୍ପ ନଗରୀର କୁତ୍ସିତ ଲୋକଙ୍କର ଲୋଲୁପ ଦୃଷ୍ଟି ସେମାନଙ୍କ ଆଡ଼କୁ ପଡ଼େ । ସେମାନେ ଥଟ୍ଟା ପରିହାସର ଶିକାର ହୁଅନ୍ତି । ସେମାନେ ନିଜର ଲଜ୍ଜା, ସଂଯମ ରକ୍ଷା କରି ନିଜକୁ ରକ୍ଷା କରିବାର ପ୍ରୟାସ କରନ୍ତି । ଆଧୁନିକ ନଗରୀରେ ନାହାନ୍ତି ଆଦିମର ହିଂସ୍ର ଜଙ୍ଗଲୀ ବାଘ । କିନ୍ତୁ ତା ଅପେକ୍ଷା ବୁଭୁକ୍ଷୁ ବାଘର ଆବିର୍ଭାବ ହୋଇଛି । ରାଉରକେଲାରେ ଗରିବର ଧନଜୀବନ ବିପନ୍ନ ହୋଇଛି ନୂଆ କଳେବର ପାଇଥିବା ଜାତିର ଦ୍ରୁତ ପ୍ରଗତିର ଗୋଟାଏ ମାଇଲ ଖୁଣ୍ଟ । ଅବଶ୍ୟ ଆଦିବାସୀମାନେ ସେମାନଙ୍କ ପ୍ରତି ହୋଇଥିବା ଅବିଚାର ଅତ୍ୟାଚାରର ପ୍ରତିବାଦ କରିବାକୁ ପଛେଇ ନାହାନ୍ତି । ଆଗଭର ହୋଇଛନ୍ତି ତେଜସ୍ୱୀ ଆଦିବାସୀ ଯୁବକ ଓ ଯୁବତୀମାନେ । ସେହିପରି ଏକ ପାହାଡ଼ି କନ୍ୟା ମୂର୍ତ୍ତିମନ୍ତ ରୂପ ନେଇଛି 'ମାର୍ଗାରେଟ୍' । ସେ ସେବା, ତ୍ୟାଗ, ନିଷ୍ଠାର ପ୍ରତୀକ । ମାର୍ଗାରେଟ୍ ପିତା ହେଉଛି ଶୁକ୍ରା ଟପ୍ପୋ । ଶୁକ୍ରା ଟପ୍ପୋ ଜଣେ ବିପ୍ଳବୀ ବ୍ୟକ୍ତି । ଗାଙ୍ଗପୁର ରାଜାଙ୍କର  ଖଜଣା ଛାଡ଼ ଆନ୍ଦୋଳନ ପ୍ରତିବାଦରେ 'କର୍ ଆମ୍‌କୋ ସାମ୍‌କୋ' ଆଦିବାସୀ ସମାବେଶର ନେତୃତ୍ୱ ନେଇ ଥିଲା । ଗାଙ୍ଗପୁର ରାଜାଙ୍କ ଚକ୍ରାନ୍ତରେ ହଜାର ହଜାର ଆଦିବାସୀ ମୃତାହତ ହେଲେ । ସେ 'ସିଡେଣ୍ଟ୍ ସାହେବ'ଙ୍କର ଫିରିଙ୍ଗ ଫୌଜର ସାହାଯ୍ୟରେ 'ଆମକୋ ସାମ୍‌କୋ' ଆନ୍ଦୋଳନକାରୀଙ୍କର ବିପ୍ଳବକୁ ଦମନ କଲେ ରକ୍ତ ବନ୍ୟାରେ ପ୍ଳାବିତ କରି

ସୁକ୍ରା ଆହତ ହେଲା । ତାକୁ ଫାଦର 'ଡେଭିଡ୍' ଜର୍ମାନ କ୍ୟାଥଲିକ ଚର୍ଚ୍ଚର ଜର୍ମାନ ଧର୍ମାତ୍ମା ସାହାଯ୍ୟ କରିବାରୁ ସେ ଆରୋଗ୍ୟ ଲାଭ କଲା । ତାପରେ ସେ ଧର୍ମାନ୍ତର ଗ୍ରହଣ କରିବା ପରେ ତାର ନୂତନ ଖ୍ରୀଷ୍ଟିଆନ ନାମ ହେଲା 'ଜୋହନ୍‌ସ ଟପ୍ପୋ' । ଟପ୍ପୋ ଗୋତ୍ର ହିଁ କେବଳ ଆଦିବାସୀ ବୋଲି ତାକୁ ଚିହ୍ନାଇ ଦେଲା । ଆଦିବାସୀ କହିଲେ ଦେଶମାତାର ପରୁଆଁ ପୁଅ ମାଟିର ପ୍ରଥମ ପୁଅ ବା ଭୂମିପୁତ୍ର ବୋଲି ଦାବୀ କଲା ଅର୍ଥାତ୍ ପ୍ରଥମ ମାଟିର ସନ୍ତାନ । ସେମାନେ ପ୍ରତି କ୍ଷେତ୍ରରେ ଶୋଷିତ ଅବହେଳିତ ହୋଇଥିବାରୁ 'ରାଜା' ବା ଶାସକଙ୍କ ପ୍ରତି ସେମାନଙ୍କର ଘୃଣା, ଅବିଶ୍ୱାସ ଭାବ ରହି ଆସିଥିଲା । ସେମାନଙ୍କୁ ପରମ ଶତ୍ରୁ ମନେ କରି ଆସିଛି ।

ଫାଦର ଡେଭିଡ ଚିହ୍ନିଥିଲେ ତାର ଦୃଢ଼ ନେତୃତ୍ୱ ଓ ସଂଗଠନ ଶକ୍ତିକୁ । ଏଣୁ ତାକୁ ସେ ଧର୍ମପ୍ରଚାରକ ଭାବେ ନିଯୁକ୍ତ କରିଥିଲେ । କିନ୍ତୁ ସେ ଆପଣାର ଜାତିଭାଇଙ୍କର ସ୍ୱାଭିମାନ ଜାଗ୍ରତ କରାଇ ସେମାନଙ୍କୁ ସଂଗଠିତ କରିବାରେ ଲାଗିଲା । ଯେପରି ସେମାନେ ନିଜ ଦେଶଭାଇଙ୍କୁ ଶୋଷଣ ଅତ୍ୟାଚାରକୁ ନିଜକୁ ରକ୍ଷା କରିପାରିବେ । ଜୋହାନ୍‌ସ ଗ୍ରାମ ଗ୍ରାମ ବୁଲି ଆଦିବାସୀ ଜନଜାଗରଣ ପାଇଁ ମୁଣ୍ଡା, କିସାନ୍, ଓରାମ୍, ଗଣ୍ଡ, ଖଡ଼ିଆ ଆଦି ଗୋଷ୍ଠୀଙ୍କୁ ଏକଜୁଟ ହୋଇ ମାଟି, ଜାତି, ସଂସ୍କୃତି ରକ୍ଷା ନିମିତ୍ତ ଆହ୍ୱାନ ଦେଲା । ଏପରି ତାର ମେଳିଆ ମନୋଭାବ ଦେଖି ଚର୍ଚ୍ଚର ସର୍ବୋଚ୍ଚ କର୍ତ୍ତା ପୋପ୍ ପ୍ରଶଂସା କଲେ ଏବଂ ଫାଦରଙ୍କ ସୁପାରିଶର ପ୍ରମୋଶନ ଦେଇ ଚର୍ଚ୍ଚ ସେବାରେ ନିଯୁକ୍ତ କଲେ । ଫଳରେ ସେ ସେଇଠି ଆବଦ୍ଧ ହୋଇଗଲା । ତାର ବୈପ୍ଲବିକ ଚେତନା ନିଷ୍କ୍ରିୟ ହୋଇ ପଡ଼ିଲା । ତାର ମାଟି ଓ ଜାତିର ଉଦ୍ଧାର ସ୍ୱପ୍ନ ସ୍ୱପ୍ନରେ ରହିଗଲା । ତାର ନାରୀ ପ୍ରତି ଦୁର୍ବଳତା ନଥିଲେ ମଧ୍ୟ ମେରୀକୁ ବାହାହେଲା । ତା ଔରସରୁ ଜନ୍ମନେଲେ ପୁଅ ଆଣ୍ଟୋଲୁସ୍ ଓ ଝିଅ ମାର୍ଗାରେଟ୍ । ଶେଷରେ ମିଶିନାରୀରେ ଚାକିରୀ କରିବା ହିଁ ସାର ହେଲା । ତାର ବୈପ୍ଲବିକ ଚେତନା, ନିଷ୍କ୍ରିୟ ହୋଇଗଲା । ପର ଧର୍ମଧାରା ଗ୍ରହଣ କଲେ ବା ଚାକର ଦାସ ହେଲେ ନିଜସ୍ୱ ଶକ୍ତି କ୍ଷୀଣ ହୋଇଯାଏ, ମାତ୍ର ତାର ସୁପ୍ତ ଚେତନା ପୁଣି ଜାଗି ଉଠିଛି ଯେତେବେଳେ ସୁଖର ସଂସାରରେ ନବ୍ୟ ସଭ୍ୟତାର ଉନ୍ମେଷ ତାକୁ ଧ୍ୱଂସ କରିବାର ଆରମ୍ଭ କରିଛି ।

ମାତ୍ର 'ମେରୀର' ପ୍ରରୋଚନାରେ ମିଶନରେ ଜମିଘର କରି ମିଶନ ଚାକିରୀରେ ଜୀବନ ବିତାଉଥିବା ବେଳେ ଆସିଲା ସେମାନଙ୍କ ଜୀବନର ବିପର୍ଯ୍ୟୟ । ଯେତେବେଳେ ଜାଣିଲା ଯେ ରାଉରକେଲାରେ ହେବ ବିରାଟ ଲୌହ କାରଖାନା । ସେଥିପାଇଁ ଲୋଡ଼ା ହେବ ହଜାର ହଜାର ଏକର ଜମି । 'ହମିରପୁର' ସବୁ ଆଦିବାସୀଙ୍କ ଜମି ସହ ଜୋହାନ୍‌ସର ମଧ୍ୟ ସମଗ୍ର ଜୀବନର ପରିଶ୍ରମର ସୁଫଳ ତାର ଘରଜମି ସବୁ ଚାଲିଯିବ । ଏଣୁ ତାର ଜମି ସଂପଦ ସହିତ ଜୋହାନ୍‌ସର ଅନ୍ୟ ଆଦିବାସୀଙ୍କର ଜମି, ଜଙ୍ଗଲ ରକ୍ଷା ପାଇଁ ବିରୋଧ ବିପ୍ଳବର ନିଆଁ ଜାଳିଦେଲା । ବାସ୍ତୁହରା ଆଦିବାସୀଙ୍କ ଆନ୍ଦୋଳନ, ପ୍ରତିବାଦ ସମଗ୍ର ଜୀବନର ପରିଶ୍ରମର ସୁଫଳ ତାର ଘରଜମି ସବୁ ଚାଲିଯିବ । ଏଣୁ ତାର ଜମି ସଂପଦ ସହିତ ଜୋହାନ୍‌ସର ଅନ୍ୟ ଆଦିବାସୀଙ୍କର ଜମି, ଜଙ୍ଗଲ ରକ୍ଷା ପାଇଁ ବିରୋଧ ବିପ୍ଳବର ନିଆଁ ଜାଳିଦେଲା । ବାସ୍ତୁହରା ଆଦିବାସୀଙ୍କ ଆନ୍ଦୋଳନ, ପ୍ରତିବାଦ ସମଗ୍ର ପୁରପଲ୍ଲୀକୁ ବ୍ୟାପି ଗଲା । ବନ୍ଧୁକର ଗୁଳି ଆଉ ଧନୁଶରର ସଂଗ୍ରାମ ଚାଲିଲା । ମାତ୍ର ବ୍ରହ୍ମାସ୍ତ୍ର ଭଳି ବୁଲ୍‌ଡୋଜର ଲୌହ ମାନବ ସାମ୍ନାରେ ଆଦିବାସୀଙ୍କ ଜମିବାଡ଼ି ଚୁରମାର ହୋଇ ସମତଳ ହୋଇଗଲା ।

ସେଥିପାଇଁ ଅବଶ୍ୟ କିଛି କ୍ଷତି ପୂରଣ ପାଇଲେ । ମାତ୍ର ଜୋହାନ୍‌ସର ମେଳିର କିଛି ଲାଭ ହେଲା ନାହିଁ । ସେ ବି ତାର ଜମିର କ୍ଷତି ପୁରଣ ବାବଦକୁ ୮୦୦ ଟଙ୍କା ପାଇ ବହୁ ଦୂରରେ ଆମ ଗାଁରେ ପାଇଲା ଜମି ।

ସୁଖେ ଦୁଃଖେ ମଧ୍ୟ ତାର ସଂସାର ଚଳୁଥିଲା । ଇଲେକ୍‌ଟ୍ରିବାଲ ଜ୍ୱାଇଁ ଜେକବ୍, ମାର୍ଗାରେଟ୍‌ର ସ୍ୱାମୀ । ତାର 'ପୁରୁଣା ପାଣି'ର ପୈତୃକ ସଂପଦ ଉପରେ କୋଠା ଗଢ଼ିଉଠୁଥିବାରୁ ତା'ମନରେ ଘୋର ପ୍ରତିକ୍ରିୟା । ଆଦିବାସୀ ଝିଅ ବୋହୂ ଉପରେ ପରିହାସ ଓ ଜାତିଆଣ ଭାବକୁ ସେ ସହିପାରିଲା ନାହିଁ । ସେମାନଙ୍କର ସହିତ ତାର ମାଡ଼ପିଟ ଚାଲେ । ଥରେ ଜଣେ ଆଦିବାସୀ ଝିଅକୁ ବିଦ୍ରୁପ କରିବାରୁ ତାକୁ ରକ୍ତାକ୍ତ କରି ଛାଡ଼ିଦେଲା ସେ ତାର ଜଣେ ସହକର୍ମୀ ବିଦ୍ୟୁତ କର୍ମଚାରୀ । ପୋଲିସକୁ ଖବର ଦେଲା ନାହିଁ । ଜେକବ୍‌ର ପ୍ରତିଶୋଧ ନେବାପାଇଁ ସ୍ଥିର କରିଥିଲା । ଯେତେବେଳେ ସେ ଷ୍ଟିଲପ୍ଲାଣ୍ଟ କାର୍ଯ୍ୟରେ ଖୁଣ୍ଟ ଉପରେ ଚଢ଼ି କାର୍ଯ୍ୟ ବ୍ୟସ୍ତଥାଏ; ସେତେବେଳେ ତାର ସେହି ପ୍ରତିଦ୍ୱନ୍ଦୀ ଶତ୍ରୁ ସୁଇଚ୍ ଟିପି ଦେଲା । ମୁହୂର୍ତ୍ତକ ମଧ୍ୟରେ ବିଦ୍ୟୁତ ଆଘାତରେ ନିଃଶେଷ ହୋଇ ପଡ଼ିଗଲା ତଳେ । ଜେକବ୍‌ର ଏ ଜୀବନ ତା ଭଳି ଶତ ଶତ କର୍ମଜୀବନର ଓ ଘଟଣା ଘଟିଛି । ଏହା ଏକ ପ୍ରତିନିଧିମୂଳକ ଚିତ୍ର । ଏହିଭଳି କେତେ ରକ୍ତ, କେତେ ସ୍ୱେଦ ବିନିମୟରେ ଗଢ଼ି ଉଠିଛି, ରାଉରକେଲା ଇସ୍ପାତ କାରଖାନା । ସେଦିନଠୁ ବିପ୍ଲବର ସ୍ୱର ବନ୍ଦ ହୋଇଗଲା । ମାର୍ଗାରେଟ୍ ହେଲା ବିଧବା । ତାର ମାଁ ମେରୀ ଜ୍ୱାଇଁର ଖବର ପାଇଲେ, ସେ ମଧ୍ୟ ମିଶନ୍ ଗୃହ ନିର୍ମାଣରେ କର୍ମରତ ଥିଲା ବେଳେ ହଠାତ୍ ତଳେ ପଡ଼ିଗଲା । ଅନେକ ଚିକିତ୍ସା ସତ୍ତ୍ୱେ ଇହଧାମ ତ୍ୟାଗ କଲେ । ଜୋହାନ୍‌ସର ପୁତ୍ର ଆଞ୍ଜେଲୁସ୍ ଏ ମଧ୍ୟରେ ମାଆ ପାଇଁ ଫଳ ଆଣିବାକୁ ଯାଇ ଷ୍ଟିଲ ପ୍ଲାଣ୍ଟର ସେକ୍ଟର ଗୁଡ଼ିକର ବିଦେଶୀୟ ନାମକରଣ ନେଇ ପ୍ରସ୍ତାବ ଶୁଣି ପ୍ରତିବାଦ କଲା । ସେ ଉତ୍ତେଜନା ନେଇ ବଜାରକୁ ଆସେ । ବଜାରରେ ଆଦିବାସୀ ତିରିଲା ବିକାଳି ମାନଙ୍କ ଉପରେ ଶ୍ରମିକ କିଣାଳୀ ମାନଙ୍କର ଅଶ୍ଳୀଳ ଇଙ୍ଗୀତ ସହି ପାରିଲା ନାହିଁ । ସେ ବାହୁଙ୍ଗା ଉଠାଇ ଏକ ଶ୍ରମିକ ଉପରେ ପ୍ରହାର କରିବାରୁ ଉକ୍ତ ଲୋକ ରକ୍ତାକ୍ତ ହୋଇଗଲା । ପୋଲିସ୍ ଆସି ପରିବେଶ ଶାନ୍ତ କଲା ଏବଂ ସାଂପ୍ରଦାୟିକ ହତ୍ୟାକାଣ୍ଡରେ ତାକୁ ଦାୟିକରି ଜେଲକୁ ପଠାଇଦେଲେ । ସେ ଆଉ ମାଁକୁ ଦେଖିପାରିଲା ନାହିଁ । ଭାଇ, ମରେ ମାଁର ମୃତ୍ୟୁ । ପୁଣି ସଂଘର୍ଷର ଜୀବନ ହେତୁ କରୁଣ ଜୀବନର ସମ୍ମୁଖୀନ ହେଲା ଜୋହାନ୍‌ସ ।

ଏପରି ଭାବେ ଜୋହାନ୍‌ସର ସଂସାର ଉଜୁଡ଼ିଗଲା । ବୁଢ଼ା ବାପା ଆଉ ବିଧବା ମାର୍ଗାରେଟ୍ ଯେନତେନ ପ୍ରକାରେଣ ଜୀବନ ବିତାଇଲେ । ମାର୍ଗାରେଟ୍ ଠିକାଦାର ଘରେ କୁଲିକାମ କରେ । ବୁଢ଼ା ଦଉଡ଼ିଆ ଖଟର ପଟ ତିଆରି କରି ଦୁଇ ପଇସା ରୋଜଗାର କଲା । ଏଥିଲା ବାପଝିଅଙ୍କର ତେଲ ଲୁଣର ସଂସାର । ଶିଳ୍ପ ନଗରୀର ପାଖରେ ନିଜ ଭିଟାମାଟି ଉପରେ ସେମାନଙ୍କର ଥିଲା ଝୁପୁଡ଼ି ।

ବୁଢ଼ାର ଝିଅ ମାର୍ଗାରେଟ୍ ଶକ୍ତି ଉପରେ ଭରସା । ତାକୁ ସେ ବଣୁଆ ହାତୀ ପରି ମନେ କରୁଥିଲା । ସେ ବିଧବା ହେଲେ ମଧ୍ୟ ଜବରଦସ୍ତ ଯୁବତୀଟିଏ । ଏଣୁ ଯିବାଆସିବା ବେଳେ ଗୁଣ୍ଡା ଶ୍ରେଣୀୟ ଲୋକଙ୍କର ଟାହିଟାପରାର ଶିକାର ହେଉଥାଏ ହେଲେ ନିର୍ଭୀକ, ନିଧଡ଼କ । ସେ ହାତୀ ପରି ଚାଲିଆସେ । କାହାରି ଦ୍ୱାରା ପ୍ରଭାବିତ ହୁଏ ନାହିଁ କି କାହାର ଇଙ୍ଗିତ ପ୍ରତି ନଜର ଦିଏ ନାହିଁ ।

ବୁଢ଼ାର ବୟସ ପ୍ରାୟ ସତୁରୀ । ତା ମନରେ ଅତୀତର ବିପ୍ଳବ ଉଙ୍କିମାରେ । ତାର ଜଙ୍ଗଲି ଜୀବନ ହୋଇପାରେ କିନ୍ତୁ ସେ ଅସଭ୍ୟ ନୁହେଁ । ଜୀବନରେ ପ୍ରକୃତିର ସ୍ୱାଦୁ ଥିଲା ପରି ତାକୁ ମନେ କରୁଥିଲା । ସହରୀ ଜୀବନକୁ ସେ ଦୁଃସହ ମନେ କରିଛି । ଶିଳ୍ପ ନଗରୀର କେତେ ଗୁଣ୍ଡା ଯୁବକ ମାର୍ଗାରେଟର ରୂପ ଯୌବନ ନେଇ ତା ସାମନାରେ ଉଦ୍ଦେଶ୍ୟପୂର୍ଣ୍ଣ ପ୍ରଶଂସା କରନ୍ତି । ପିଛା ବି କରନ୍ତି । ସେମାନଙ୍କର କୁତ୍ସିତ ମନ୍ତବ୍ୟରେ ତାର ପିତୃ ଅନ୍ତର ଜଳିଉଠିଲା । ସେମାନଙ୍କୁ ନିମକ୍‌ହାରାମ୍, ଭୋକିଲା କୁକୁର ବୋଲି ଗାଳି ଦିଏ । ଏଥିରେ ବର୍ବର ଗୁଣ୍ଡାମାନେ କ୍ରୁଦ୍ଧ ହୋଇ ବୁଢ଼ାକୁ କ୍ଷତବିକ୍ଷତ କଲେ । ଫଳରେ ବୁଢ଼ା ଡାକ୍ତରଖାନାରେ ପ୍ରାଣତ୍ୟାଗ କଲା । ବିପ୍ଳବ, ଅପମାନ, ପ୍ରତିବାଦର ଫଳ ହେଲା ସେୟା ।

ଜୋହାନ୍‌ସର ଏକମାତ୍ର କନ୍ୟା ରହିଲା ମାର୍ଗାରେଟ୍ । ଭାଇ ଜେଲ୍‌ରେ । କରୁଣାକ୍ତ ବିଧବା ମାର୍ଗାରେଟର ଜୀବନ ଏକାକିନୀ । କିନ୍ତୁ ଧୈର୍ଯ୍ୟ ତାର ଅସୀମ । ପିତାର ସଂସ୍କାର ପରେ ଫାଦର ଡେଭିଡର ସେ ହେଲା ଆଶ୍ରିତ । ଜର୍ମାନ୍ ମିଶନର ମହିଳା କର୍ମୀଶାଳାର 'ଆୟା' ଭାବେ ନିଯୁକ୍ତି ପାଇଲା । ସ୍ୱଦେଶୀ ଅପେକ୍ଷା ବିଦେଶୀମାନେ ଏପରି ଅସହାୟ ମାନଙ୍କୁ ଆଶ୍ରୟ ଦେଇ ଜୀବନରେ ଆଶା, ଭରସା ଦେଲେ ।

ତାର ସେବାରେ ମିଶନ୍ ଫାଦର ଓ ଜର୍ମାନ ଆୟାମାନେ ବେଶ୍ ଖୁସି ହେଉଥିଲେ । ଏ ମଧ୍ୟରେ ଜର୍ମାନ୍ ଇଞ୍ଜିନିୟର ପାଟ୍ରିକ ସଦ୍ୟଜାତ ପରିତ୍ୟକ୍ତ ଅବୈଧ ସନ୍ତାନକୁ ଗୋଟାଇ ଆଣିଲେ । ତାଙ୍କର ଛପିଲା ପିତୃତ୍ୱର ଚାପରେ ଶିଶୁଟିକୁ ବଞ୍ଚାଇବା ପାଇଁ ଯତ୍ନ ନେଲେ । ଶେଷରେ ଫାଦରର ପରାମର୍ଶରେ ମାର୍ଗାରେଟ ହେଲା ସେହି ଶିଶୁର ଆୟା ବା ସେବିକା ।

ଜର୍ମାନ୍‌ମାନେ ଆଦିବାସୀ ମାନଙ୍କୁ ପ୍ରଶଂସା କରୁଥିଲେ । ତାଙ୍କ ମତରେ ଏ ମାଟିର ଏ ଗୋଟିଏ ଜାତି ଯାହାର ଅଛି କର୍ମତତ୍ପରତା ଓ ସାଧୁତା । ଥରେ ବିଶ୍ୱାସ କଲେ ହେଲା । କର୍ମରେ ଅବହେଳା ନାହିଁ । ଫାଙ୍କିବାର ପ୍ରବୃତ୍ତି ନାହିଁ ।

ମୃତଦାର ଜର୍ମାନ୍ ଇଞ୍ଜିନିୟର ପାଟ୍ରିକ ମାର୍ଗାରେଟ ଉପରେ ଖୁବ୍ ଭରସା ରଖୁଥିଲେ । ଉଭୟେ ବିଧୁର ଜୀବନ ବିତାଉଥିଲେ ମଧ୍ୟ ତାଙ୍କ ମଧ୍ୟରେ ମାନବୀୟ ସଂପର୍କ ଥିଲା । ଏକା ସାଙ୍ଗରେ କ୍ଲବ୍ ଯାଆନ୍ତି । ଶିଶୁପୁଅକୁ ନେଇ ସଭା ସମିତିରେ ଯୋଗ ଦିଅନ୍ତି । ଅନେକଙ୍କର ଧାରଣା ଏ ଶିଶୁଟି ଇଣ୍ଡୋଜର୍ମାନ୍ ଜନ୍ମିତ ଜାରଜ । ଅର୍ଥାତ ପାଟ୍ରିକ ଓ ମାର୍ଗାରେଟଙ୍କ ମିଳନରେ ଶିଶୁପୁତ୍ରର ଜନ୍ମ । ଏପରି ଭ୍ରାନ୍ତ ଧାରଣାର ପାତ୍ରୀ ହେଲା ମାର୍ଗାରେଟ । ତାର ନିର୍ମଳ ଓ ନିର୍ଦ୍ଦୋଷ ଚରିତ୍ର ଉପରେ ଅଭିଯୋଗ ଅଜାଡ଼ି ହେଲା । ସେ ଥିଲା କିନ୍ତୁ ନିଶ୍ଚିନ୍ତ, ନିର୍ବିକାର । ନିର୍ମଳ ଭାବମୂର୍ତ୍ତି ସମ୍ପନ୍ନ ନାରୀ ସେ । "ଯାହାକୁ ଯେମନ୍ତ ଦିଶେ ତେମନ୍ତ ସେ ଭାବେ ସେଥିରେ ମହତର କିବା ଯାଏ ଆସେ ।" (ଗଙ୍ଗାଧର) ଏ ବାଣୀ ତାର ପ୍ରତି ଯଥାର୍ଥ ।

ପାଟ୍ରିକ ମଧ୍ୟ ଦେଶ ବିଦେଶରେ ସମାଲୋଚିତ ହେଲେ । ମାତ୍ର ଜଣାପଡ଼ିଲା ଯେ ଶିଶୁ ପୁତ୍ରଟିର ପିତା ମିଷ୍ଟର ମାଲହୋତ୍ରା । ଯିଏ ଲକ୍ଷ୍ମୀର ସ୍ୱାମୀ । ମିଥ୍ୟାବାଦୀ ମାଲହୋତ୍ରା କୁମାରୀ ତନୈଜାର ପ୍ରଣୟୀ, ବାଗଦତ୍ତା । ସେମାନଙ୍କ ପାପ ପ୍ରଣୟ ଫଳରୁ ଉକ୍ତ ଶିଶୁର ଜନ୍ମ । ଏକଥା ଜଣା

ପଡ଼ିଲା, ଯେତେବେଳେ କୁମାରୀ ତନୈଜା, ଫାଦର୍ ଓ ମାର୍ଗାରେଟ୍ କୋଳରେ ଶିଶୁକୁ ଦେଖେ । ତା ମନରେ ସନ୍ତାନ ବାତ୍ସଲ୍ୟ ଜାଗିଉଠେ । ୨୮ ଟା ମଇର ସ୍ମୃତି ତାକୁ ବିବ୍ରତ କରି ପକାଇଲା । ତା ଅବଚେତନ ମନରେ ପ୍ରଣୟ ଓ ସନ୍ତାନର ପ୍ରେମ ନୂଆ ରୂପ ନିଏ । ଶିଶୁ ଅଭାବରେ ସେ ଅସୁସ୍ଥ ହୋଇ ପଡ଼ିବାରୁ ବର୍ଲିନ୍ ଡକ୍ଟର ମି: ପାଟ୍ରିକଙ୍କୁ ଅନୁରୋଧ କରନ୍ତି, ଡେଭିଡ୍ ଓ ମାର୍ଗାରେଟ କୁମାରୀ ତନୈଜାର ଭବିଷ୍ୟତ ପାଇଁ ଶିଶୁକୁ ଅର୍ପଣ କଲା । ଏପରି ଅନେକ ବିଶୃଙ୍ଖଳ ନୀତିହୀନ ଜୀବନର କାହାଣୀ ଶିଳ୍ପ ନଗରୀର ବୁକୁରେ ଦେଖିବାକୁ ମିଳେ ।

ତା ପରେ ମି: ପାଟ୍ରିକ ତାଙ୍କ ସମସ୍ତ ସଂପଦ ମାର୍ଗାରେଟଙ୍କୁ ଅର୍ପଣ କରି ଡେଭିଡ଼ଙ୍କ ସହିତ ସବୁଦିନ ପାଇଁ ଜର୍ମାନ ପ୍ରତ୍ୟାବର୍ତ୍ତନ କଲେ ।

ମାର୍ଗାରେଟ ଆଉ 'ଆୟୋ' ହୋଇ ନରହି 'ଆୟା' ହୋଇ ରହିଲା । କୋଳ ତାଙ୍କର ଶୂନ୍‌ଶାନ । ମାତ୍ର ପାଟ୍ରିକଙ୍କର ଗୃହକର୍ତ୍ତୀ ତୁଲ୍ୟ ଥିଲେ । ସେ ହେଲେ ସବୁ ସଂପଦର ଅଧିକାରିଣୀ । ଅନେକ ବର୍ଷ ବିତିଛି ପରସ୍ପର ସାନ୍ନିଧ୍ୟ । ଦେହରେ ଯୌବନର ଉଷ୍ମ ପ୍ରବୃତ୍ତିର ଉଗ୍ରତା ବଢ଼ିଛି । ତଥାପି ସେମାନେ ସଂଯମ ଓ ଶୃଙ୍ଖଳାର ଦୁଇଟି ଅପୂର୍ବ ମୂର୍ତ୍ତି । ମି: ପାଟ୍ରିକ ଏବଂ ମାର୍ଗାରେଟ ଧୈର୍ଯ୍ୟର ସୀମା ଲଂଘନ କରି ନାହାନ୍ତି । ଉଭୟଙ୍କର ସାନ୍ନିଧ୍ୟ, ସାହାଯ୍ୟ ଓ ଆଳାପ ସବୁ କିଛିର ମଧ୍ୟରେ ରହିଛି କୋମଳ ଶିଶୁ । ଲକ୍ଷ୍ୟ କେବଳ ତାକୁ ବଞ୍ଚାଇବାକୁ ହେବ । ଶିଶୁପାଇଁ ସେମାନଙ୍କର ତପସ୍ୟା । ତ୍ୟାଗ ସେବାରେ ହିଁ ତୃପ୍ତି । ମଣିଷ ଦେବ ଶିଶୁର ରକ୍ଷା ଥିଲା ସେମାନଙ୍କର ଏକମାତ୍ର କାମ୍ୟ ।

ଟା' ଭାଇ ଆଞ୍ଜୁଲସ୍ ଜେଲ୍‌ରୁ ଫେରି ସେମାନଙ୍କ ସମ୍ପର୍କକୁ ସନ୍ଦେହ କରିଥିଲା । ମାତ୍ର ଅବିଳମ୍ବେ ସେ ବୁଝିନେଲା ପ୍ରକୃତ ଘଟଣା । ଆଞ୍ଜୁଲସର ପତ୍ନୀ ଜେସ୍‌ମିନ ଓ ଶାଳକ ଯେଭିୟର୍ ସହିତ ସେମାନେ ମିଳିତ ହୁଅନ୍ତି ଏବଂ ମାଁ ମାଟିର ସେବା ଓ ତାର ମୁକ୍ତି ପାଇଁ ଆଦିବାସୀ ସେନା ଗଠନ କରନ୍ତି । ଦେଶୀୟ ଲୋକମାନେ ବିଶେଷତଃ, ଦିଲ୍ଲୀ, ପଞ୍ଜାବ, ବମ୍ବେ, ମାଡ୍ରାସ ଅଞ୍ଚଳରୁ ଆସିଥିବା ମାଟିର ସନ୍ତାନ ଆଦିବାସୀମାନଙ୍କ ଉପରେ ଅତ୍ୟାଚାର, ବ୍ୟଭିଚାର ଓ ଉପହାସ କରୁଥିବା ବେଳେ ବିଦେଶୀ ଆଗନ୍ତୁକ ଜର୍ମାନର ପାଦ୍ରି ତଥା କ୍ୟାଥଲିକ୍ ମାନେ ଆଦିବାସୀମାନଙ୍କୁ ସାହାଯ୍ୟ, ସହାନୁଭୂତି, ଦୟା ପ୍ରଦର୍ଶନ କରୁଥିଲେ । ଶାଳୀନତା, ଶିଷ୍ଟାଚାର ଦେଖାଇ ସେବା କରୁଥିଲେ । ମଣିଷ ଭାବେ ଗ୍ରହଣ କରୁଥିଲେ । ସ୍ୱଦେଶୀମାନେ ବିଦେଶୀମାନଙ୍କଠାରୁ ଭୟଙ୍କର । ଏହା ଲେଖକଙ୍କର ବାସ୍ତବ ଯୁକ୍ତି ।

ଆଞ୍ଜୁଲୁସ୍ ଜର୍ମାନ୍ କ୍ୟାଥଲିକ୍ ମାନଙ୍କଠାରୁ ସ୍ନେହ ସହାନୁଭୂତି ପାଇଛି, ନାରୀ ଜାତିର ସମ୍ମାନ ରକ୍ଷା ପାଇଁ ଜେଲ ଯାଇଥିବାରୁ ଆଦିବାସୀ ମାନଙ୍କ ଦ୍ୱାରା ଅଭିନନ୍ଦିତ ହୋଇଛି । ସେ ହେଲା ଆଦିବାସୀଙ୍କର ନେତା । ଯେଉଁମାନେ ତାକୁ ଅତୀତରେ ନିନ୍ଦା କରୁଥିଲେ, ସେମାନେ ପୁଣି ମୁହଁ ଫେରାଇ ତାକୁ ସମ୍ମାନ ଦେଲେ, ନମସ୍କାର କଲେ । ସେ ଓ ତାର ସହଯୋଗୀମାନେ 'ଆଦିବାସୀ ସେନା' ଗଠନ କରି ନିଜର ଅଧିକାର ସାବ୍ୟସ୍ତ କରିବାପାଇଁ ସଂଗ୍ରାମ କଲେ । ମାର୍ଗାରେଟ୍ ଓ ଆଞ୍ଜୁଲସ୍ ଜାତୀୟ ଚେତନାରେ ଉଦ୍‌ବୁଦ୍ଧ ହେଲେ । ଫଳରେ ଦେଶୀ ବିଦେଶୀ ମାଟିର ସନ୍ତାନ ସମସ୍ତେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ସହମତ ହେଲେ ।

ଏଣୁ ମାର୍ଗାରେଟ ପର ସନ୍ତାନ ପାଳନରେ ସ୍ନେହ ମମତା ସହିତ ଜାତିର ସେବା କରିବାରେ ନିଜର ଜୀବନକୁ ଉତ୍ସର୍ଗ କରିଛି । ଲେଖକ ଆଦିବାସୀ ଜନ ଜୀବନର କରୁଣତା ସହିତ ସଭାବ ସୁଲଭ ଆଞ୍ଚଳିକ ଚେତନା ଏବଂ ମାନବିକ ପ୍ରବୃତ୍ତିକୁ ରୂପ ଦେଇ ଶିଳ୍ପ ନଗରୀର ଜନଜୀବନ ଆଧାରରେ ଆଧୁନିକ ସାମାଜିକ ତଥ୍ୟ ପ୍ରକାଶ କରିଛନ୍ତି ।

ଏଥିରେ 'ପରଜା' ଉପନ୍ୟାସ ପରି ଏକ ପାରିବାରିକ ଚିତ୍ର ଥିଲେ ମଧ୍ୟ 'ଜିଲ୍ଲା'ର ଜ୍ୱଳନ ନାହିଁ । ବରଂ 'କିସାନ୍ 'ପରିବାର ଏକ ଜ୍ୱଳନ୍ତ ନିଶାନ୍ ପରି ମାର୍ଗାରେଟ୍ ଠିଆ ହୋଇଛି । ସେ ଏକ ଆଦର୍ଶ ମୂର୍ତ୍ତିମତୀ ଦେବୀ । ସହିଷ୍ଣୁତାର ପ୍ରତିମୂର୍ତ୍ତି । ଦେବୀ ଭଳି ଆକର୍ଷଣୀୟା । ତାର ଜୀବନ ଥିଲା ସେବା ତ୍ୟାଗ ଓ ନୈତିକତାର ପ୍ରତୀକ । ଆଜିର ସଂସାରର ଆଧୁନିକ ମହାମୋହରେ ହଜି ଯାଉଥିବା ବେଳେ ଏପରି ତ୍ୟାଗମୟୀ ନାରୀ, ପୁରୁଷଙ୍କର ଧୈର୍ଯ୍ୟ, ତ୍ୟାଗ, ସଂଗ୍ରାମ ବିଭ୍ରାନ୍ତ ମଣିଷକୁ ସତ୍ୟ, ନ୍ୟାୟ, ଧର୍ମ ଆଡ଼କୁ ଆକର୍ଷିତ କରେ ଏବଂ ଜାତି ଜଗତକୁ ମଧୁମୟ କରିବାର ପ୍ରୟାସ କରିଥାଏ । ଆଧୁନିକ ସଭ୍ୟ ମଣିଷ ଧନ, ସ୍ୱାର୍ଥ, କାମନାର ଶିକାର ହୋଇ ନିଜକୁ ନାରଖାର କରୁଥିବା ବେଳେ ମାର୍ଗାରେଟ ଭଳି ନାରୀ- ପେଟ୍ରିକ୍ ଭଳି ପୁରୁଷ, ମାନବିକ ଦୀପ ଶିଖା ହୋଇ ରହିଲେ । ଏହା ଲେଖକର ଶାଶ୍ୱତ ବାଣୀ ।

**ଖ) କ୍ରାନ୍ତିର ଅବବାହିକା (୧୯୮୧):**

ଶଶିଭୂଷଣ ମହାପାତ୍ରଙ୍କ ୧୯୮୦ରେ ପ୍ରକାଶିତ 'କ୍ରାନ୍ତିର ଅବବାହିକା' ଆଦିବାସୀ ଜୀବନ ସମ୍ବଳିତ ଦ୍ୱିତୀୟ ଉପନ୍ୟାସ । ଏଥିରେ ଔପନ୍ୟାସିକ ମହାପାତ୍ର ଆଦିବାସୀ ମାନଙ୍କର ଭିଟାମାଟି ଓ ସଂସ୍କୃତି ପ୍ରତି କିପରି ଅସୀମ ମମତା ରହିଛି ଏବଂ ନିଜର ଅଧିକାର ଫେରାଇ ଆଣିବାକୁ ସଂଗ୍ରାମ କରିଛନ୍ତି, ତାହାର ଏକ ଭବ୍ୟ ରୂପାୟନ କରିଛନ୍ତି ।

**ଗଳ୍ପାଂଶ:**

ରାଉରକେଲା ଅଞ୍ଚଳର ଏକ 'ଓରାମ୍' ପରିବାରକୁ କେନ୍ଦ୍ର ପରି ଉପନ୍ୟାସଟି ରଚିତ । ଭିଟାମାଟି ଚାଲିଯିବା ଆଶଙ୍କା କରି ରାଜଗାଙ୍ଗପୁର ମାଟିରେ ନୂଆ ରେଳ ଲାଇନ ପ୍ରସ୍ତାବକୁ ଆଦିବାସୀମାନେ ବିରୋଧ କରନ୍ତି । ଯେପରି ସେ କାର୍ଯ୍ୟ ନହୁଏ ହଜାର ହଜାର ସଂଖ୍ୟାରେ ଆଦିବାସୀମାନେ ପ୍ରତିରୋଧ କରିବା ପାଇଁ ଏକଜୁଟ୍ ହୁଅନ୍ତି । ତାର ନେତୃତ୍ୱ ନିଏ 'ଖେତୁ ଓରାମ୍' । ସେ ସେମାନଙ୍କର ଥିଲା ସରଦାର୍ । ମାତ୍ର ରାଜଗାଙ୍ଗପୁର ରାଜା ଖେତୁ ଓରାମ୍ ପରି ଟାଣୁଆ ବ୍ୟକ୍ତିର ବିରୋଧ ଦେଖି ଡରିଗଲେ । ଏଣୁ ରାଜା, ଖେତୁ ଓରାମ୍‌କୁ ହାତ କରି ମହୁଲପାଲି ଗାଁର ଗଂଝୁ ହେଲା । ତାକୁ ଏକ ଜମିଦାରୀ ଅର୍ପଣ କଲେ ଏବଂ ତାକୁ 'ପଗଡ଼ି' ଦେଇ ଗାଁ ପଞ୍ଚା ଅର୍ପଣ କଲେ । ଏଥିରେ ନୀରବ ହେଲା ଖେତୁ । ରାଜା ପ୍ରଜାଙ୍କର କଲେ ଥଇଥାନ । ନୂଆ ରେଳ ଲାଇନ ନୂତନ ଶଙ୍ଖ ଧ୍ୱନି ଦେଇ ମାଡ଼ିଗଲା ରାଜଗାଙ୍ଗପୁର (ସୁନ୍ଦରଗଡ଼) ବକ୍ଷ ଦେଇ ।

ରାଜଗାଙ୍ଗପୁରରେ ମଦ ଭାଟିର ବ୍ୟବସାୟ ଗଢ଼ି ଉଠିଲା । ଆଗ୍ରାର 'ଅସଗର ଖାଁଙ୍କର ପ୍ରତିନିଧି ଇସ୍‌ମାଇଲ ନାମକ ଜଣେ ପଠାଣ ପ୍ରତିନିଧି ସେହି ମହୁଲି ବ୍ୟବସାୟ ପରିଚାଳନା କରିବା ସଙ୍ଗେ କେନ୍ଦୁପତ୍ର, ଶାଳ ବ୍ୟବସାୟ ମଧ୍ୟ ହାତକୁ ନେଲା । ଫଳରେ ସେ ଧନୀ ହୋଇ ବଡ଼ କୋଠା

ତିଆରି କଲା, ଯାହା ରାଜଗାଙ୍ଗପୁର ରାଜାଙ୍କର କୋଠାକୁ ଟପି ଗଲା । ତାହା ଲକ୍ଷ୍ୟ କଲା ଖେତୁ ଓରାମ୍ । ତାକୁ ଇସ୍‌ମାଇଲ ଖାତିର କରେ । ଏଣୁ ପ୍ରତିଦିନ ତାକୁ ମହୁଲି ମଦ ପିଇବାକୁ ଦେଇ ଖେତୁକୁ ଖୁସି କରାଏ । ଏପରି ଭାବରେ ଖେତୁର ଇସ୍‌ମାଇଲ ସହିତ ବନ୍ଧୁତା କ୍ରମେ ବଢ଼ିଗଲା । ଏହି ସରଳତାର ସୁଯୋଗ ନେବାର ଯୋଜନା କଲା ଇସ୍‌ମାଇଲ୍, ଯେତେବେଳେ 'ବିର୍‌ସା'ର ପିତା ଖେତୁ ଓରାମ୍ ଇହଧାମ ଛାଡ଼ି ଚାଲି ଯାଇଛି; ସେ ହୁଏ ଗାଁର ରାଜା ବା ଗଂଜୁ । ସେ ବି ବାପ ପରି ବଳିଷ୍ଠ । ଇସ୍‌ମାଇଲ ମଧ୍ୟ ତାକୁ ଖାତିର କଲା । ବିର୍‌ସାର ବାପ ମଲା ପରେ ପରେ ବିର୍‌ସା ଭାଙ୍ଗି ପଡ଼ିଲା । ତାର ସ୍ତ୍ରୀ ମଧ୍ୟ ଚାଲିଗଲା । କରୁଣ ହୋଇ ଉଠିଲା ବିର୍‌ସାର ସଂସାର । କେବଳ ସାନ ପୁଅ ମେର୍ଦ୍ଧା ଓରାମ୍ ରହିଲା ବଂଶର ଶେଷ ଦୀପଶିଖା ହୋଇ ।

ଇସ୍‌ମାଇଲ ଜଣେ ସ୍ୱାର୍ଥପର କୁଟିଳ ପ୍ରକୃତିର ଲୋକ । ବିର୍‌ସା ବୁଝି ପାରିଲା ନାହିଁ ଇସ୍‌ମାଇଲ୍‌ର ହୀନ ଉଦ୍ଦେଶ୍ୟ । ସେ ସରଳତାର ସୁଯୋଗ ନେଲା । ଇସ୍‌ମାଇଲ୍ ଜଣେ ଫକୀରକୁ ହାତ କଲା । ଫକୀରର ପରାମର୍ଶରେ ବିର୍‌ସା ଓରାମ୍ ନିଜର ବଂଶ ରକ୍ଷା ଓ ରାଜଦଣ୍ଡରୁ ରକ୍ଷା ପାଇବା ପାଇଁ ମହୁଲପାଲି ଗାଁ ପରିଚାଳନା ଓ ଜମିବାଡ଼ି ତାକୁ ଦେଇ ଚାଲିଗଲା । ବିର୍‌ସା ବିଶ୍ୱାସ କଲା ଯେ, ଇସ୍‌ମାଇଲ ପରେ ରାଜପ୍ରାପ୍ତ ସଂପଦ ଫେରାଇ ଦେବ । ସେ ବେଇମାନି କରିବ ନାହିଁ । ଇତି ମଧ୍ୟରେ ଇସମାଇଲ ଜମିବାଡ଼ି ନିଜ ନାମରେ କରି ଦେଇ କର୍ତ୍ତୃପକ୍ଷଙ୍କଠାରୁ କ୍ଷତି ପୂରଣ ନେଇ ଯାଇଛି । ବିର୍‌ସା ଓରାମ୍ ପୁଅକୁ ନେଇ ଜର୍ମାନ ମିଶନ୍‌ରେ ରେଜା କାମ କରୁଥାଏ । ପୁଅ ମେର୍ଦ୍ଧାକୁ ପଢ଼ାଇବାର ବ୍ୟବସ୍ଥା କଲା, ସେ ପାଠରେ ମନ ନଦେବାରୁ ମି: ମହାନ୍ତି ପାଖରୁ ସାଇକେଲ ମରାମତି କରି ଦିନକୁ ଦୁଇଟଙ୍କା ରୋଜଗାର କଲା । ସେତେବେଳେ ତାର ବୟସ ପ୍ରାୟ ୧୫ ବର୍ଷ ହୋଇଥିଲା । ବିର୍‌ସା ଓରାମ୍ ଫେରିଆସି ଇସ୍‌ମାଇଲକୁ ତାର ଅଧିକାର ମାଗିଲା । ଇସ୍‌ମାଇଲ ନାଲି ଆଖି ଦେଖାଇ ବିର୍‌ସାକୁ ଫେରାଇ ନିଏ । ବିର୍‌ସା ବିଦ୍ରୋହୀ ହୋଇ ଉଠିଲା । ମାତ୍ର ଧୈର୍ଯ୍ୟ ଧରି ରହିଗଲା ଆଉ ଫେରି ଆସିଲା ଶିଳ୍ପ ନଗରୀ । ବିର୍‌ସାର ଏହି ଅଧିକାର ଦାବୀରେ ଇସ୍‌ମାଇଲ ବିବ୍ରତ ହୋଇ ଉଠିଲା । ମାତ୍ର ଧୈର୍ଯ୍ୟ ଧରି ରହିଗଲା ଆଉ ଫେରି ଆସିଲା ଶିଳ୍ପ ନଗରୀ । ବୀର୍‌ସାର ଏହି ଅଧିକାର ଦାବୀରେ ଇସ୍‌ମାଇଲ ବିବ୍ରତ ହୋଇ ଉଠିଛି ଏବଂ ବିର୍‌ସାକୁ ଜୀବନରେ ଶେଷ କରିଦେବାକୁ ସେ ଚିନ୍ତା କରିଛି । ବିର୍‌ସା ଆଉ ପ୍ରତିବାଦ ନକରି ତାର ମନର ବେଦନାକୁ ଚାପି ରଖିଲା ।

ମିଶନର ପାଦ୍ରୀ ବିର୍‌ସାକୁ ଖ୍ରୀଷ୍ଟିଆନ୍ ହେବାକୁ ଯେତେବେଳେ କହିଲେ, ବିର୍‌ସା କହେ ପ୍ରଭୁ ଯୀଶୁ ଯଦି ତାକୁ ରାଜା କରିଦେବେ ତେବେ ସେ ଖ୍ରୀଷ୍ଟ ଧର୍ମ ଗ୍ରହଣ କରିବ । ମାତ୍ର ପାଦ୍ରୀ ଉତ୍ତର ଦେଲେ ଯେ ସେ ନିଜେ, ଚେଷ୍ଟା କଲେ ତାର ସବୁ କିଛି ଫେରି ପାଇବ । ଫକୀର(ସାଧୁ) ତାକୁ ଠକି ଦେଇଛି । "ମାଟି କେବେ କାହାର ବଂଶ ନାଶ କରେନା । ଥରେ ପରୀକ୍ଷା କରି ଦେଖ ।"(୧) ବିର୍‌ସା ପାଦ୍ରୀର ଏହି କଥାକୁ ଗଭୀର ଭାବେ ଚିନ୍ତା କରି ପୁଅକୁ କହିଲା । ସେ ଧର୍ମ ପ୍ରତି ଆଉ ଆସକ୍ତି ପ୍ରକାଶ କଲା ନାହିଁ । ମିଶନ୍‌ରୁ ବିଦାୟ ନେଇ ପିତାପୁତ୍ର ଶିଳ୍ପ ନଗରୀରେ ରହିଲେ । ସେ ହେଲା ସର୍ବସ୍ୱାନ୍ତ, ସର୍ବହରା ମାତ୍ର ସାହସ ହରାଇ ନାହିଁ । ବଞ୍ଚିବାର ଉପାୟ ଖୋଜିଲା । ସେ ଶିଳ୍ପ ନଗରୀରେ ଜଣେ ଉଚ୍ଚ ଶିକ୍ଷିତା ନିବେଦିତା ନାମ୍ନୀ ମହିଳାକୁ ସାକ୍ଷାତ କରେ । ମହିଳା ଜଣକ ତାର ଅବସ୍ଥା ବୁଝି ପୁରୁଣା

ଗଞ୍ଜେଇ, ମଦ ତ୍ୟାଗ କଲେ । ସ୍କୁଲ ଗଢ଼ି ଉଠିଲା । ତିଆରି ହେଲା ନୂଆ ରାସ୍ତା । ପ୍ରତିଷ୍ଠା କଲେ ସୁସ୍ଥ ସମାଜ ।

ଚଇତନ ସେବତୀକୁ, ଭୀମା ବାସମତୀକୁ ଉଦୁଲିଆ ନେଲେ । ସେମାନଙ୍କର ଗୋଟିଏ ଲେଖାଏଁ ପୁଅ ହେଲେ । ସେମାନେ ବି ପାଠ ପଢ଼ିଲେ । ଚଇତନର ପୁଅ ହେଲା ଡାକ୍ତର । ଭୀମାର ପୁଅ ହେଲା କୃଷି ବିଶେଷଜ୍ଞ ଇଞ୍ଜିନିୟର୍ । ଫଳରେ ଗାଁଟି ନୂତନ ଆଲୋକ, ନୂତନ ସଭ୍ୟତାର ରୂପ ନେଲା । ଗାଁର ଲୋକେ କୋଠ ଚାଷ କଲେ । ବାଣ୍ଟି କୁଣ୍ଟି ଖାଇଲେ । ପରସ୍ପର ମଧ୍ୟରେ ସଦ୍ଭାବ ବଢ଼ିଲା । ଆଉ ଖାଦ୍ୟର ଅଭାବ ରହିଲା ନାହିଁ । ଗାଁକୁ ନୂଆ ସଡ଼କ ପଡ଼ିଲା । ଶିକ୍ଷା, ସଂସ୍କୃତି ପ୍ରସାରରେ ଗାଁଟି ହେଲା ଆକର୍ଷଣୀୟ । ଘୁଟୁରୁ ଜାନି ନାଁରେ 'ଘୁଟୁର ବାହେଲ' ନାମରେ ନାମିତ ହେଲା ଗାଁ । ଶୋଷକର ଗାଁ ଘୁଟୁନା ବାହେଲି ଠାରୁ ତାର ଢ଼େର ତଫାତ୍ ।

ବାସ୍ତବରେ 'ବସୁନ୍ଧରା' ଉପନ୍ୟାସରେ ଫୁଟି ଉଠିଛି ଉଦ୍ୟମ ଓ ମାନବିକତାର ଶ୍ରେଷ୍ଠ ପରିଚୟ । ସମାଜବାଦ, ସଂସ୍କୃତି ଓ ମୈତ୍ରୀର ନୂତନ ଚେତନା ଭିତ୍ତିଭୂମି । ଶୋଷଣ ବିହୀନ ସମାଜ ଗଠନର ପରିକଳ୍ପନାକୁ ଲେଖକ ମୂର୍ତ୍ତ କରିଛନ୍ତି ।

ଯଥାର୍ଥରେ ଚାଷ ଯାର, ଜମି ତାର ହେଲା ସ୍ଲୋଗାନ୍ । ବ୍ୟକ୍ତି ସ୍ୱାର୍ଥ ଅପେକ୍ଷା ସମୂହ ସ୍ୱାର୍ଥକୁ ଏହାର ଆଦର୍ଶ ଭାବରେ ଗ୍ରହଣ କରାଯାଇଛି । ଲେଖକଙ୍କ ଭାଷାରେ "ଯେ ମାଟିର ସେବା କରିପାରିଲା, ସେ ତାର । ଏଇ ଉଜିଆ, ପାଣି, ପବନ ପରି ମାଟି ସଭିଙ୍କର । ସମସ୍ତଙ୍କର ପେଟ ପୁରିଲେ ମାଟି ଖୁସି ହେଲେ ଧରତୀ ଖୁସି ହେବ; ଧରତୀ ଖୁସି ହେଲେ ବେଳକାଳ ଦେଖି ମେଘ ବରଷିବ, ଖରା ହେବ, ଶୀତ ହେବ, ଖରାରେ ମାଟି ପୋଡ଼ିବ, ବର୍ଷାରେ ଉଲ୍ଲସିତ, ଶୀତରେ ଯୋଡ଼ି ଯୋଡ଼ି ହୋଇ, ଘୋଡ଼ି ଘୋଡ଼ି ହୋଇ ଆନନ୍ଦରେ ହସିବେ ।(୩)

**ସମୀକ୍ଷା:** ଏ ହେଲା ଲେଖକଙ୍କର ସପ୍ନର ବସୁନ୍ଧରା । ଯେଉଁଠି ଗର୍ବ, ଅହଙ୍କାର, ଶୋଷଣ ଓ ପୋଷଣକୁ ମୂଳୋତ୍ପାଟନ କରି ସମସ୍ତଙ୍କୁ ଏକ ମାଟିର ସନ୍ତାନ ଭାବେ ସ୍ୱୀକୃତି ମିଳିଛି । କଳାହାଣ୍ଡି ଜିଲ୍ଲାର ଦୀନ, ଅକିଞ୍ଚନ, ଚାଷୀ ମୂଲିଆର କରୁଣ ଚିତ୍ର ସେ ସହିପାରି ନାହାନ୍ତି । ସରକାରଙ୍କର ଭୂ-ସଂସ୍କାର ନୀତି, ପ୍ରଶାସନିକ ଓ ସାମାଜିକ ନୀତି ନିୟମକୁ ସେ ସମାଲୋଚନା କରିଛନ୍ତି । କାରଣ ସରକାରୀ ଆଦର୍ଶର ସ୍ୱରୂପ ପ୍ରକାଶ ପାଉ ନଥିବାରୁ ଲକ୍ଷ ଲକ୍ଷ ଅନାବାଦୀ ଜମି ଥାଇ ବି ଲୋକେ ହାହାକାର କରୁଛନ୍ତି । ସେହି ଜମି, ସେହି ଜଙ୍ଗଲ କୋଟି କୋଟି ଆଦିବାସୀଙ୍କୁ ଓ ଭୂମିହୀନ ପ୍ରଜାଙ୍କୁ ବାଣ୍ଟି ଦିଆଗଲେ ଗହମ, ଧାନ, ଚଣା, ମୁଗରେ ବସୁନ୍ଧରା ହସି ଉଠିଥାନ୍ତା । ତାଙ୍କ ଭାଷାରେ "କେତେ ଭୂସଂସ୍କାର ଚିଠା ଫିଙ୍ଗି ଦିଆ ଗଲାଣି, ଅଳିଆ ଟୋକେଇରେ । କେତେ ଜମି ପାଇଛନ୍ତି ହରିଜନ କେତେ ଜମି ପାଇଛନ୍ତି ଆଦିବାସୀ ? କେଉଁ ହରିଜନ ଆଦିବାସୀ ଆଜି ପେଟପୂରା ମୁଠାଏ ଖାଇଲେଣି, ପିନ୍ଧିବାକୁ କନା ଖଣ୍ଡିଏ ପାଇଲେଣି ? ଇଏତ ହଜାର ହଜାର ଆଦିବାସୀ ହରିଜନ, ବୁଢ଼ାବୁଢ଼ୀ ହାତ ପତେଇ ଭିକ ମାଗୁଛନ୍ତି – ଦିଅ ମାଁ ... ମୁଠାଏ ଦିଅ ।"(୪)

ଏହି "ହା ଅନ୍ନ, ହା ଅନ୍ନ" ଚିତ୍କାର ଲେଖକଙ୍କୁ ବ୍ୟଥିତ କରିଛି । ତାଙ୍କ ସମ୍ମୁଖରେ ଦୃଷ୍ଟାନ୍ତ ଥିଲେ ତାଙ୍କ ନିଜ ମାମୁଁ 'ଲକ୍ଷ୍ମଣ ବେହେରା'ଙ୍କ ଗାଁ 'ମୁଣ୍ଡାରୀଗୁଡ଼ା' । ଯେଉଁଠି ନିଜ ଚେଷ୍ଟାରେ

ଟାଙ୍ଗରା ଭୂଇଁକୁ ଶସ୍ୟଶ୍ୟାମଳା ରୂପ ଦେଇ ଆଧୁନିକ ଶିକ୍ଷା ସଂସ୍କୃତି ସଭ୍ୟତାର ରୂପ ଦେଇଥିବା ସମ୍ଭବ ହୋଇଥିଲା । ସେହି ପ୍ରେରଣାରେ ବସୁନ୍ଧରାର ମାଟି ଉପନ୍ୟାସ ରଚନା କରି ସେ ଭୂମିହୀନ, ସ୍ଥିତିହୀନ ଚଇତନ କନ୍ଧକୁ ଏକ ସଭ୍ୟ ଜଗତର ଜାଗ୍ରତ ମାଟିର ପୁଅ ଭାବେ ଠିଆ କଲେ । ସେ ହେଲା କନ୍ଧ ସମାଜର ସ୍ୱାଭିମାନୀ, କର୍ମଯୋଗୀ ପୁରୁଷ ।

**ପରିଶିଷ୍ଟ:** ଏକ ଆଞ୍ଚଳିକ ବିଷୟବସ୍ତୁକୁ କେନ୍ଦ୍ର କରି ରଚିତ ଉପନ୍ୟାସଟି ଆଞ୍ଚଳିକ ସମ୍ବଲପୁରୀ ଭାଷାରେ ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରିଛନ୍ତି । "ନନି । ବାସ୍‌ମତୀ, ମୋର କଥା ମାନ୍, ମୋର ଗେଲେଇ ନନି, ମୋର କଥା ମାନ୍ ମୁଇଁ ଆସମି ଆସମି, ସତ କହୁଛେଁ । ତିନ୍ ବାର ସତ୍ । ତକେଇ ହାଟେ ନାଇଁ ଦେଖିଲେ ତୋର୍ ଘରକେ ଯିମି ।"(୫) ସମ୍ବଲପୁରୀ ଭାଷା ଯେପରି ଶ୍ରୁତି ମଧୁର ଯେପରି ସରଳ ବୋଧଗମ୍ୟ ପୁଣି 'ତକେ' ଶବ୍ଦଟି ଖାଣ୍ଟି କଳାହାଣ୍ଡିଆ ଶବ୍ଦ, ଆଦିବାସୀ ଧାଙ୍ଗଡ଼ା ଧାଙ୍ଗଡ଼ୀ ହାଟରେ, ଘାଟରେ ନାଚ ଗୀତ ପର୍ବ ପର୍ବାଣୀରେ ପରସ୍ପରକୁ ଭେଟି ମନକଥା ପ୍ରକାଶ କରିଥାନ୍ତି । ସେମାନଙ୍କର ଘୋର ଦାରିଦ୍ର୍ୟ ମଧ୍ୟରେ ମଧ୍ୟ ମନ ଉଚ୍ଛୁଳା 'ରସର କେଲି', 'ମାଇଲାଜଡ଼' ଗୀତ ପଶ୍ଚିମ ଓଡ଼ିଶାର ଛାତିରେ ପ୍ରତିଧ୍ୱନିତ ହୁଏ । ଏକଥାକୁ ମଧ୍ୟ ଲେଖକ ଅତି ଚମତ୍କାର ଭାବରେ ବର୍ଣ୍ଣନା କରି ଉପନ୍ୟାସଟିକୁ ରସାଣିତ କରିଛନ୍ତି ।

**ଚଇତନର ଚରିତ୍ର:** ଚଇତନ ହେଉଛନ୍ତି ଉପନ୍ୟାସର ନାୟକ । ସେ ଏକ ଜବରଦସ୍ତ ଯୁବକଟିଏ । ବାଘ ପରି ବଳବାନ୍ । ତାର ବାପ 'ମଧୁର ଜାନି' ପରି ବଳୁଆ ଓ ସ୍ୱାଭୀମାନୀ । ସେ ତାର ପୈତୃକ ଜମି ଗାଁ ଗୌନ୍ତିଆ ଦ୍ୱାରା ହଡ଼ପ ହେବା ଫଳରେ ଅନେକ ପୁରୁଷ ଧରି ମୂଲିଆ ବା ମଜୁରିଆ କାମ କରି ପେଟ ପୋଷୁଥିଲା । ସେ ଭୀମା, ଡୁମ୍ବାର ଭଣ୍ଡାରୀ ଓ ଦଇତାରୀ ମିଶି ଅନନ୍ତରାମ ଗଉନ୍ତିଆର ପୁଅକୁ ପଡ଼ିଆ ଜମି ଦେବାକୁ ଅନୁରୋଧ କଲେ । ତାର ଅନୁମତି ପାଇ ପଡ଼ିଆ ଜମି ଚାଷକଲା । ସେତେବେଳେ ଗାଁର ଗଉଁତିଆ ଚାରିମାସ ପାଇଁ ବାହାରକୁ ଯାଇଥିଲା । ସେ ଫେରିଆସି ଦେଖେ ତାର ପଡ଼ିଆ ଜମି, ଫସଲ ହସି ଉଠୁଛି । ସେ ଜାଣିଲା, ଭୀମାର ନେତୃତ୍ୱରେ ତାର ଜମିକୁ ଚାଷ କରିଛନ୍ତି । ତେଣୁ ଗଉଁତିଆ ଅନନ୍ତରାମ ସାହୁ କହିଲା, "ଛାଡ଼ିଦେ ମୋର ଜମି । ମୁ ଅନନ୍ତରାମ ଗଉଁତିଆ । ସାନ୍ ଲୋକ୍ ନାଇ ସେ, ତକେ ଆଗେ ବାନ୍ଧବି । ଶଲା କନ୍ଧ୍ । ଭାଗ୍ ଶଲା, ମା କେ ଖାଇଲୁ, ବାପକେ ଖାଇଲୁ, ଶଲା ମକେ ଖାଇବୁ ।" ଏପରି ଗାଳିଗୁଲଜ କରି ବାପ ମଲା, ବାପ ମାଙ୍କର ନା ଧରି ବେଇଜ୍ଜତ କରିବାରୁ ଚଇତନର ଆଖି ଲାଲ ହୋଇଗଲା । କ୍ରୋଧରେ ଅଗ୍ନିଶର୍ମା ହୋଇଗଲା । କିନ୍ତୁ ଧୈର୍ଯ୍ୟ ଧଇଲା । ବଡ଼ ଧୈର୍ଯ୍ୟବାନ୍ । ଧୈର୍ଯ୍ୟ, ସ୍ଥିର ବିଚାର ମଣିଷକୁ ବଡ଼ କରେ । ନୂତନ ପଥ ଦେଖାଏ ।

ସେ ବି ତାର ବାପ ଯେପରି ଅନନ୍ତରାମ ସାହୁର ବାପକୁ ବ୍ରହ୍ମଚାପୁଡ଼ା ମାରିଥିଲା, ସେପରି ପ୍ରତିଶୋଧ ନେବାକୁ କ୍ରୋଧାନ୍ୱିତ ହେଲା ମାତ୍ର ପିତୃତୁଲ୍ୟ ଘୁଟୁରୁ ଜାନିର କଥାରେ ସେ ହେଲା ଶାନ୍ତ । ପୁଣି ଗଉଁତିଆ କହୁଛି, "ତୁମେ କୁଲି ଭୁତି କରି ଖାଅ । କୁଲି ହବାକେ ତମର୍ ଜନମ୍ ।"(୬) ଏଥିରେ ସ୍ୱାଭିମାନୀ ଯୁବକ ଚଇତନ ବିଦ୍ରୋହ କରିଛି । ସେ ଖାଲି କଣ କୁଲି ମଜୁରି କରିବ । ତାର ରଇତ ଅଧିକାର ପାଇବ ନାହିଁ । ମାତ୍ର ବୁଢ଼ା 'ଘଟୁରୁ ଜାନି' କେତେଥର ଚଇତନକୁ କହିଛି ସେ ଛାଡ଼ିବ ନାହିଁ । କନ୍ଧପିଲା ସେ ଜମି କମାଇଲା, ଜମି ତାର । ମାତ୍ର ଗଉଁତିଆ ନ ଛୋଡ଼ବନ୍ଧା । ଜମି ନ

ଛାଡ଼ିଦେଲେ ପୋଲିସ ଡାକିବ । ହଇରାଣ ହରକତ କରିବ । ପୁଣି ଚଇତନ ପରି ସାଧୁ, ସଚ୍ଚୋଟ ଭଦ୍ର ଲୋକକୁ ଗଉଁତିଆ ନିମକ୍‌ହାରାମ୍ କହିବାରୁ ତା ମନରେ ଘୋର ପ୍ରତିକ୍ରିୟା ସୃଷ୍ଟି ହେଲା । ସାହୁକାରର ଚକ୍ରାନ୍ତ ଜାଣି, ଘୁଟୁରୁ ଜାନି ମଧ୍ୟ ଚଇତନକୁ ଜମି ଛାଡ଼ି ଦେବାକୁ ପରାମର୍ଶ ଦେଲା । ତାର ବାଗଦତ୍ତା ସେବ୍‌ତୀ, ମାଲୁ ଜାନିର ଝିଅ, ତାକୁ ପ୍ରତିଶ୍ରୁତି ଦେଇଛି । କହିଛି, ସେ କନ୍ଧେନ୍ ଟୁକେଲ୍, ମୋର କଥା ସତ୍ । କିନ୍ତୁ ଚଇତନ, ତାର ଘରଜ୍ୱାଇଁ ପ୍ରସ୍ତାବକୁ ବିରୋଧ କଲା । ଘରଜ୍ୱାଇଁ ରହିବା ପରାଧୀନତା । ସେ କନ୍ଧ ଯୁବକ । ତା ବାହୁରେ ବଳ ଅଛି । ସେ ଖଟିବ ଆଉ ଚାଷ ଜମି ହାସଲ କରିବ । ସେ ମନେ ମନେ ପ୍ରତିଜ୍ଞା କଲା "ଚଇତନ କନ୍ଧ ମରିବ ନାହିଁ, ସେ ଜୀଇଁବ । ସଂସାରର ସବୁ ଦୁଃଖ, ସବୁ କଷଣ ଆଗରେ ଛିଡ଼ା ହେବ ଠିକ୍ ଗୋଟାଏ ମଣିଷ ପରି । ସେ କାହାକୁ ଡରିବ ନାହିଁ, ଅଟଳ ମହାମେରୁ ପରି । "(୮) ତାପରେ ସେ ଚାଲିଛି ଦୂରକୁ ଦୂରକୁ ବହୁ ଦୂରକୁ । ପୋଖରୀ କୋଳରେ ଦେଖେ ଉଲଗ୍ନ ସ୍ତ୍ରୀଲୋକ । ସେମାନେ ସ୍ନାନ କରୁଛନ୍ତି । ସେ ଲଜ୍ଜା ଓ ଘୃଣାରେ ଚାଲିଗଲା । ସେ କନ୍ଧର ଏହି ଅଭ୍ୟାସକୁ ପସନ୍ଦ କରିନାହିଁ । କାରଣ ଘୁଟେଣ ବାହେଲିର ବୁଢ଼ା ଗଉଁତିଆର ନିର୍ଦ୍ଦେଶ ଥିଲା ଯେ, କୌଣସି ସ୍ତ୍ରୀ ଲଙ୍ଗଳା ହୋଇ ଗାଧୋଇବେ ନାହିଁ । ପୋଖରୀରେ ପୋଢ଼ ମଇଁଷି ପ୍ରବେଶ କରିବ ନାହିଁ ବା କୌଣସି ଲୁଗା ଧୋଇପାରିବେ ନାହିଁ । ବୁଢ଼ା ଗଉଁତିଆର ଏହି ସଂସ୍କାରଭାବ ତାକୁ ପ୍ରଭାବିତ କରିଛି । କିନ୍ତୁ ବଣଦେଶରେ ଏ ଅଭ୍ୟାସର ପରିବର୍ତ୍ତନ ହୋଇନାହିଁ । ଅଭାବ ହିଁ ତାର ଏକମାତ୍ର କାରଣ ।

ତା'ମନରେ ଗାଁର ସଭ୍ୟତା, ସଂସ୍କୃତି ଛାଏଁ ଛାଏଁ ଚଳଚିତ୍ର ପରି ଉଦ୍‌ଭାସିତ ହୁଏ । ମନରେ କେତେ ବେଦନା, କେତେ ମଧୁର ସ୍ମୃତି, ତଥାପି ପାଦ ଚାଲିଛି ଆଗକୁ । ସେଠୁ ସେ ଭେଟେ ଜଣେ ପୋଲିସ୍ ସିପାହିକୁ । ସେ ଚଇତନକୁ, ବେ କନ୍ଧ କହିବାରୁ ତାର ବ୍ୟବହାରରେ ଚଇତନ କ୍ଷୁବ୍ଧ ହେଲା ଏବଂ ତାକୁ କନ୍‌ଷ୍ଟେବଲ ଜାଣି ମଧୁର କଥା କହିବାରୁ ସେ ଶାନ୍ତ ହେଲା । ପୁଣି ଚଇତନ ଚାଲିଯାଏ । 'ମୁଣ୍ଡେଇ ହାଟ' ବାଟରେ ଭେଟେ ବାସମତୀକୁ । ଉଭୟଙ୍କର ହୁଏ ପରିଚୟ । ବାସ୍‌ମତୀ ତାର ପୌରୁଷ ପ୍ରତି ହୁଏ ଆକର୍ଷିତ । ତାକୁ ବଜାରର 'କୁଲିହା କନ୍ଦା', ଶିମ୍ବ ମଞ୍ଜି ତଥା ଖଜା ଭୁଜା ଖାଇବାକୁ ଦିଏ । ପରସ୍ପରଙ୍କର ବେଶ୍ କଥାବାର୍ତ୍ତା ଜମେ । ମନେ ମନେ ବାସମତୀକୁ ଭାଉଜ କରି ନେବାକୁ ସ୍ଥିର କରେ । ଏଣୁ ତାକୁ କହିଲା, "ମୁଇଁ ଆସ୍‌ମି, ଆସ୍‌ମି । ସତ କରି କହୁଛେଁ । ତିନ୍‌ବାର ସତ୍ । ତକେ ଇ ହାଟେ ନାଇଁ ଦେଖିଲେ ତୋର୍ ଘର୍‌କେ ଯିମି ।"(୯) ପ୍ରତିଶ୍ରୁତି ଦେଇ ଚାଲିଗଲା । ଚଇତନ ସଂଧ୍ୟାରେ ସ୍କୁଲରେ ଆଶ୍ରୟ ନେଲା । ଶିକ୍ଷକ ତାର ଘଟଣା ଜାଣିଲେ । ଶିକ୍ଷକଙ୍କର 'ଗାଁ ଗଉଁତିଆ' ମଧ୍ୟ ୨୫ ଏକର ଜମି ତାଙ୍କଠାରୁ ଲୁଟି ନେଇଛି । ଯାହା ଫଳରେ ସେ ୫୦ ଟଙ୍କାରେ ଶିକ୍ଷକତା କରି ଚଳୁଛନ୍ତି । ତାର ସାହସ ଓ ଆଗ୍ରହ ଦେଖି ଶିକ୍ଷକ ମହାଶୟ ଖୁସି ହେଲେ । ହିଂସ୍ର ପଶୁ ଘେରା ଚନ୍ଦ୍ରା ପର୍ବତର ତଳେ ଥିବା ଅନାବାଦୀ ସରକାରୀ ଜମିକୁ ଚାଷ କରିବାକୁ ପରାମର୍ଶ ଦେଲେ । ଆଉ ତାର ସପକ୍ଷରେ ତହସିଲଦାରକୁ ଏକ ସୁପାରିଶ ପତ୍ର ଲେଖିଦେଲେ । ଚଇତନ ସେଠାକୁ ଯାଇ ପ୍ରଥମେ ଘରତୋଳି ଜମି ସଫା କରିଛି । ସେ ବାଘର ସମ୍ମୁଖୀନ ହେଲା । ଏଣୁ ଗୁରୁ 'ଘର୍ଲା ଭୋଏ' ଗାଁର ଦେବୀ 'ଠୁଟିମାଇଲି'କୁ ସ୍ମରଣ କରି, ମନ୍ତ୍ର ପଢ଼ି ମହାବଳ ବାଘକୁ ଶର ସନ୍ଧାନ କଲା । ଏକ ତୀରରେ ବାଘ ଟଳି ପଡ଼ିଲା । ଏଠାରେ ଚଇତନର ଗୁରୁଭକ୍ତି ଓ ଶକ୍ତି ଦେବୀଙ୍କ ପ୍ରତି ଦୃଢ଼ ଧାରଣା ଅନୁଭବ୍ୟ । ଗାଁରେ ଚଇତନ ଚାଲିଯାଇଥିବାରୁ କନ୍ଧମାନଙ୍କ ମଧ୍ୟରେ ଭାଳେଣି । ଗଉଁତିଆକୁ ପଚାରିବାରୁ ସେ

କିଛି କହିପାରିଲା ନାହିଁ । କନ୍ଧମାନେ ଗଉଁତିଆ ପ୍ରତି ସନ୍ଦେହ କଲେ । ହୁଏତ ସେ ଚଇତନକୁ ବିପଦର ମୁହଁକୁ ଠେଲି ଦେଇଥିବ । ୭୦ ବର୍ଷର ବୁଢ଼ା ଘୁଟୁରୁ ଜାନି ଓ ତାର ଦୁର୍ଦ୍ଧାନ୍ତ ଭୀମା ଦାଦା ବିଦ୍ରୋହ କଲେ । ପରେ ଭୀମା, ଚଇତନ ଚୂଡ଼ା ପର୍ବତର ଅନାବାଦୀ ଜମିକୁ ଚାଷ କରିବାକୁ ଯାଇଛି ବୋଲି ଜଣାପଡ଼ିଲା ।

ସେଇଠି ସେ ଚଇତନକୁ ଭେଟିଲା । ଉଭୟ ଭାଇଙ୍କର ହେଲା ମିଳନ । ଶ୍ରଦ୍ଧା ଜାନିର ପୁଅ ଭୀମାର ମନ ଆନନ୍ଦରେ ଭରିଗଲା । ଉଭୟେ ଟୁରା ପିଲା, ଅବିବାହିତ, ବଳବାନ ଯୁବକ । ଉଭୟେ ଜଙ୍ଗଲ ସଫା କଲେ । ତାପରେ ଭବାନୀପାଟଣାସ୍ଥିତ ତହସିଲଦାର ପାଖକୁ ଯାଇ ଶିକ୍ଷକ ମହାଶୟ ଦେଇଥିବା ସୁପାରିଶ ପତ୍ର ଦେଖାଇଲେ । ତହସିଲଦାର ଚାଷ କରିବାକୁ ଅନୁମତି ଦେଲେ । ଦୁଇଭାଇ ମହା ଆନନ୍ଦରେ ଫେରିଲେ । ଚୂଡ଼ା ପର୍ବତର ତିଆରି ଜମି ସ୍ଥାନକୁ । ତାର ସୁସଂବାଦ ନେଇ ଭୀମା ଗାଁକୁ ଫେରି ଆସିଲା । ଗ୍ରାମବାସୀ ପାଇଲେ ଖବର । ଆନନ୍ଦରେ ଉଛୁଳି ଉଠିଲେ । ଆଶ୍ୱସ୍ତ ହେଲେ ପଲ୍ଲୀବାସୀ ।

ସୁଖବାସୀମାନେ ଘୁଟେନ୍ ବାହେଲି ଛାଡ଼ି ଚୂଡ଼ା ପର୍ବତ, ଅନାବାଦୀ ଜମି ତିଆରି ପାଇଁ ଚାଲି ଆସିଲେ । ମା ହେଲା ଚୂଡ଼ା ଡଙ୍ଗର ମାଟି । ଘୁଟେନ୍ ବହେଲି ଭିଟାମାଟି ରହିଗଲା ପଛରେ । ଡମ, ଭଣ୍ଡାରୀ, ଗରିବ କନ୍ଧ ହେଲେ ପ୍ରଜା । ସେବତୀକୁ ଉଦୁଲିଆ ବିବାହ କଲା ଚଇତନ । ବାସ୍‌ମତୀକୁ ବିବାହ କଲା ଭୀମା । ସେମାନଙ୍କର ସୁଖର ସଂସାର ଗଢ଼ିଉଠିଲା । ଘୁଟୁରୁ ଜାନି ହେଲା ଗାଁର ମୁଖିଆ । ଆଉ ଗାଁର ନାଁ ହେଲା ଘୁଟୁଣୁ ବାହେଲି । ଗାଁରେ କୂଅ ପୋଖରୀ ଖୋଳା ହେଲା । ନୂଆ ରାସ୍ତା ପଡ଼ିଲା । ନୂଆ ସ୍କୁଲ ବସିଲା । କନ୍ଧପିଲା ପାଠ ପଢ଼ିଲେ । ନୂଆ ଆଲୋକରେ ଗାଁ ହସି ଉଠିଲା । ଚଇତନର ଚେତନା ଓ ଉଦ୍ୟମରେ ଶାନ୍ତି ମୈତ୍ରୀର ଏକ ଆଦର୍ଶ ଗାଁ ଲକ୍ଷ୍ମଣ ବେହେରାଙ୍କର 'ମୁଣ୍ଡରା ଗୁଡ଼ା' ପରି ଗଢ଼ି ଉଠିଲା । ଜାତି ଧର୍ମ ନିର୍ବିଶେଷରେ ଘୁଟୁରୁ ବାହେଲି ଗଢ଼ି ଉଠିଲା । ମଣିଷର ଉଦ୍ୟମ ଓ ସାହାସିକ ପଦକ୍ଷେପରେ ସବୁ କିଛି ସମ୍ଭବ ହୋଇପାରେ । ସେ ଯେଉଁ 'କୁଲଟା' ସାହୁକାର ଶୋଷଣ ଅତ୍ୟାଚାରରେ କନ୍ଧ ତଥା ସୁଖବାସୀ ମାନେ କୁଲି, ଗୋତି, ମୂଲିଆ ଥିଲେ ସେମାନେ ହେଲେ ପରଜା, ରଇତ । ସରକାର ତଥା ରାଜା ସାହାଯ୍ୟ କଲେ । ଅତୀତର କନ୍ଧ ବିଦ୍ରୋହ ପ୍ରଶମିତ ହେଲା । ଲେଖକଙ୍କର ମତରେ କନ୍ଧ ଏ ମାଟିର 'ଅମୃତ ସନ୍ତାନ' । ସେ ମାଟିକୁ ଚିହ୍ନେ ସେ ରଇତ ପିଲା, ସେ ଚାଷ କରିବ । ସେ ବାହୁ ଖଟାଇ ମଣିଷ ହେବ । ସେ ଟାଙ୍ଗରା ଭୂଇଁକୁ ଶସ୍ୟ ଶାମଳା କରିବ ।

"ଯାର ମା ନାହିଁ ତାର ନାଁ ନାହିଁ । ଯାର ବାପ ନାହିଁ ତାର ଠାବ ନାହିଁ । ଯାର ଗାଁ ନାହିଁ, ତାର ଠାବ ନାହିଁ ।"(୧୦) ଚଇତନର ମନୋଭାବ ପରିବର୍ତ୍ତନ ହୋଇଛି । ସେ ହସିଛି । ଜାତିକୁ ହସେଇଛି ।

ଯେଉଁ ମାଟି ଯେଉଁ ଗାଁର ଗଉଁତିଆ ତାକୁ ଆଦରି ପାରିନାହିଁ, ସେ ଭିଟାମାଟି ଛାଡ଼ି ଚାଲିଥିଲା । ନିଜ ପୌରୁଷ ଖଟାଇ ସେ ଗଢ଼ିଲା ଅଭିନବ ସମାଜ ଓ ସଭ୍ୟତା । ମଣିଷ ସବିଧା ସୁଯୋଗ ପାଇଲେ ଏପରି ସେ ସୁସ୍ଥ ପରିବାରିକ ଜୀବନ ଓ ସଂଗଠିତ ସାମାଜିକ ପ୍ରତିଷ୍ଠା କରିପାରେ,

ଏହା ଲେଖକଙ୍କର ବିଶ୍ୱାସ । ଏଣୁ ସରକାରଙ୍କର ଭୂସଂସ୍କାର ଆଇନ ଓ ଯୋଜନା ଯଥାର୍ଥ ରୂପ ନେଲେ, ଲକ୍ଷ ଲକ୍ଷ ଅନାବାଦୀ ଜମି ଭୂମିହୀନ ଆଦିବାସୀ ହରିଜନଙ୍କ ମଧ୍ୟରେ ବାଣ୍ଟି ଦିଆଗଲେ; ସେମାନେ ନିଜ ହାତରେ ମାଟି ତାଡ଼ି ନିଜ ଜୀବନ ଜୀବିକାକୁ ସୁଗମ କରିପାରି ଭିକ୍ଷାଂ ଦେହି କିମ୍ବା ହା ଅନ୍ନର ଚିତ୍କାର ଶୁଣାଯାନ୍ତା ନାହିଁ । ଏହା ସରକାର ଓ ପ୍ରଶାସକ ମାନଙ୍କ ପ୍ରତି ଲେଖକଙ୍କର ସୁପରାମର୍ଶ ।

ଏ ମଧ୍ୟରେ ଏ ଦିଗରେ ସରକାରୀ ଯୋଜନା ଅନେକାଂଶରେ ରୂପାୟିତ ହୋଇଛି । ଭୂମିହୀନ ଜମି ପାଇଛି । ସରକାରୀ କ୍ଷେତ୍ରରେ ନିଯୁକ୍ତି ମିଳିଛି । ଯାହା ଫଳରେ କଳାହାଣ୍ଡିରେ କ୍ରୀଡ଼ ଦାସ ବା କିଣା ଚାକର, ପୋଇଲି ରହିଲେ ନାହିଁ, ସୁଖବାସୀ ରହିବେ ପଛେ ଗୋତି ଖଟିବେ ନାହିଁ । "ମାତ୍ର ଏକଦା ଉଦିତ୍ ପ୍ରତାପ ଦେଓ ସମ୍ବଲପୁରରୁ 'କୁଲତା ଚାଷୀ' ମାନଙ୍କୁ ନେଇ କନ୍ଧ ପ୍ରଜାଙ୍କର ଜମିକୁ ହସ୍ତାନ୍ତର କରିଥିଲେ । ଏଣୁ ୧୮୮୨ରେ କନ୍ଧମେଳି ଦେଖାଦେଇ କୁଲ୍‌ତା ଚାଷୀମାନଙ୍କୁ ହତ୍ୟା କରିଥିଲେ । ମାତ୍ର ବୁଦ୍ଧିଜୀବୀ ଓ ବ୍ରିଟିଶ ସରକାରଙ୍କ ଚାଲ୍‌ରେ କନ୍ଧମାନଙ୍କର ହେଲା ପରାଜୟ । ସେମାନେ ଆଉ ଜମି ଫେରି ପାଇଲେ ନାହିଁ । ଗୋତି, ମୂଲିଆ ଭାବେ ଜୀବନ ଯାପନ କଲେ । ଏହା ହେଉଛି ଶାସକ ଓ ବୁଦ୍ଧିଜୀବୀ ଗୋଷ୍ଠୀର କନ୍ଧ ପ୍ରଜାଙ୍କ ପ୍ରତି ଅବିଚାର ।

ପରଶୁରାମ ମୁଣ୍ଡଙ୍କର ଉପନ୍ୟାସର ଚିନ୍ତାଧାରାରେ 'ଶିବଭାଇ' "ଅପହଞ୍ଚ'ର ସର୍ବୋଦୟ ଓ କୋଠଚାଷର ପ୍ରଭାବ ପରିଲକ୍ଷିତ ହୁଏ । 'ଶିବଭାଇ' ପରି 'ଚଇତନ' ମଦମାଂସ ପରିତ୍ୟାଗ କରି ଶିକ୍ଷା, ସୁସ୍ଥ ସଂସ୍କୃତି ପ୍ରତି ଆକୃଷ୍ଟ ହୋଇଛି ଏବଂ 'ଟିମା' କନ୍ଧ ପରି କୋଠଚାଷ କରି ସୁଖବାସୀ ମାନଙ୍କୁ ସ୍ୱାଗତ କରି ଜମି ବାଣ୍ଟି ଦେଇଛି । ଏପରି ଭାବେ ସମାଜକୁ ଓ ସରକାରଙ୍କୁ ନୂତନ ଦିଗ୍‌ଦର୍ଶନ ଦେଇଛନ୍ତି ଲେଖକ । ଆଦିବାସୀ କର୍ମଠ, ପରିଶ୍ରମୀ । ଏଣୁ ସେ ପଥର କାଟି ଝରଣା ସୃଷ୍ଟି କରିଥାଏ ।

ବସୁନ୍ଧରାର ମାଟି

ପାଦଟୀକା -

୧. ପୃଷ୍ଠା ୧୨ ।

୨. ପୃଷ୍ଠା ୭୫ ।

୩. ପୃଷ୍ଠା ୫୭ ।

୪. ପୃଷ୍ଠା ୩ ।

୫. ପୃଷ୍ଠା ୧୧୪ ।

୬. ପୃଷ୍ଠା ୦୪ ।

୭. ପୃଷ୍ଠା ୦୪ ।

୮. ପୃଷ୍ଠା ୧୦୭ ।

୯. ପୃଷ୍ଠା ୧୧୪ ।

୧୦. ପୃଷ୍ଠା ୨୫ ।

୧୧. ସପ୍ତର୍ଷି - ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ମୁଖପତ୍ର, ସେପ୍ଟେମ୍ବର ସଂଖ୍ୟା ୧୯୮୬ ।

## ୯. ନୂତନ ଦିଗନ୍ତର ଦିସାରୀ ମୁଣ୍ଡମେଖଳା ଓ ଅନାଦି ଚରଣ ସାହୁ

ଶ୍ରୀ ଅନାଦି ସାହୁ ଓଡ଼ିଆ ସାହିତ୍ୟରେ ଜଣେ ଜଣାଶୁଣା ଲେଖକ । କଥା ସାହିତ୍ୟ ଅପେକ୍ଷା ରମ୍ୟ ରଚନାରେ ତାଙ୍କର ସ୍ୱତନ୍ତ୍ର ଶୈଳୀର ପରିଚୟ ମିଳେ । ସେ ପୋଲିସ ପ୍ରଶାସନ ସେବାର ଜଣେ ଅଧିକାରୀ ହୋଇଥିବାରୁ ତାଙ୍କର ଲେଖା ଅଭିଜ୍ଞତା ଓ ଅନୁଭୂତିରେ ରସାଣିତ । ଏହା ବ୍ୟତୀତ ପୌରାଣିକ ତଥ୍ୟକୁ ଭିତ୍ତି କରି ଲିଖିତ ଉପନ୍ୟାସ 'ଜରାସନ୍ଧ' ଭିନ୍ନ ସ୍ୱାଦର ଉପନ୍ୟାସଟିଏ ।

"ମୁଣ୍ଡ ମେଖଳା" ତାଙ୍କର ଏକ କ୍ଷୁଦ୍ର ଉପନ୍ୟାସ । ଏହି ଉପନ୍ୟାସ ଆଦିବାସୀ ମାନଙ୍କ ପ୍ରତି ହୋଇଥିବା ଶୋଷଣର ବାସ୍ତବ ବିଷୟ ଉପରେ ରଚିତ । 'ଗୋପୀବାବୁ'ଙ୍କ 'ପରଜା' ପରେ ଆଦିବାସୀ ଉପନ୍ୟାସ କ୍ଷେତ୍ରରେ ଏହା ଏକ ବ୍ୟତିକ୍ରମ । ଆଦିବାସୀ ମାନଙ୍କ ସରଳତା ଓ ନିଷ୍କପଟତାର ସୁଯୋଗ ନେଇ, ସେମାନଙ୍କର ବିଶ୍ୱାସ ଏବଂ ପାରମ୍ପରିକ ଜୀବନଧାରାରୁ ଫାଇଦା ଉଠାଇ, ଅଣଆଦିବାସୀ ସାହୁକାରମାନେ, ସେମାନଙ୍କୁ ଯେପରି ଶୋଷଣ ଓ ଅତ୍ୟାଚାର କରୁଥିଲେ ତା ବିରୁଦ୍ଧରେ ଏକ ଯୋଜନାବଦ୍ଧ ସଂଗ୍ରାମର କାହାଣୀ ଉପରେ ଆଧାରିତ ଏହି ମୁଣ୍ଡମେଖଳା ।

### (କ) ଗଳ୍ପାଂଶ:

କୋରାପୁଟ ଅଞ୍ଚଳର 'ମୁଣ୍ଡମେଖଳା' (ତେଲଗୁ ଭାଷାରେ 'ମୁଣ୍ଡେ ସଖା') ଗାଁର ସରଳ ଆଦିବାସୀ 'ମାର୍ ସାୟାର୍' ମହାଜନୀ ଅତ୍ୟାଚାର ଦ୍ୱାରା ଅତିଷ୍ଠ ହୋଇ ପଡ଼ନ୍ତି । ପ୍ରାଥମିକ ଶିକ୍ଷକ ଭେଙ୍କେଟ୍ ସତ୍ୟମ୍ ଜଣେ ପ୍ରାଥମିକ ଶିକ୍ଷକ । ସେ ମଧ୍ୟ ଶୋଷଣ ଓ ପ୍ରତାରଣାର ଶିକାର ହୁଏ । ୫୦ ଟଙ୍କା ମାତ୍ର ଦରମା । ପତ୍ନୀ ଓ କନ୍ୟା ଭାନୀକୁ ନେଇ ତାର ସଂସାର । ତାର ସ୍ୱର୍ଗତଃ ପିତାର ଶୁଦ୍ଧି କ୍ରିୟା ପାଇଁ ଜମି ବନ୍ଧା ଦେଲା ଏବଂ କରଜ ବି ଶୁଝିଲା ।

ପରେ ମହାଜନ 'ନରମାୟ' ପୁରୁଣା 'ତମସୁକ୍' ବାହାର କରି ଭେଙ୍କେଟ୍‌ର ବାପା ଉପରେ ଆହୁରି ୩୦୦ ଟଙ୍କା ବାକି ଅଛି ବୋଲି ଦାବୀ କରେ । ତାକୁ ମଧ୍ୟ ପରିଶୋଧ କଲା ସତ୍ୟମ୍ । କିନ୍ତୁ ମହାଜନର ଲୋଭ ଗଲା ନାହିଁ । ସେ ପୁରୁଣା ଦଲିଲ୍ ଉପରେ ଭେଙ୍କେଟ୍ ବିରୁଦ୍ଧରେ କେସ୍ କଲା । କେସ୍ କରି ଭେଙ୍କେଟ୍‌ର ଘରଦ୍ୱାର, ବାସନ କୁସନ, ନିଲାମ କରି ତାକୁ କଲା ସର୍ବସାନ୍ତ । ଏପରିକି ଆଠବର୍ଷର ଝିଅ ଭାନୀର ୨ ଟଙ୍କାର ମାଠ (ମଠା ଗାମୁଛା) ଛଡ଼ାଇ ନେଲା । ଭାନୀ ତାର ସଉକିନ୍ ବସ୍ତୁ ହରାଇ ମର୍ମାହତ ହେଲା । ବାଳ ସୁଲଭ ମମତାରେ ଭେଙ୍କେଟ୍ ଓ ତାର ମାଁ ଅଣ୍ଟୁଳ ହୋଇ ପଡ଼ିଲେ ।

ସତ୍ୟମ୍‌ର ଜମି, ଘର ସବୁ ଗଲା । ସେ ଅସହାୟ ହୋଇ ଗୁହାଳ ଘରେ ଆଶ୍ରୟ ନେଲା । ଫଳରେ ତା ସ୍ତ୍ରୀର ଅସ୍ୱାସ୍ଥ୍ୟକର ପରିବେଶ ତଥା ଖାଦ୍ୟପେୟ ଅଭାବରେ ରୋଗାକ୍ରାନ୍ତ ହୋଇ ପ୍ରାଣତ୍ୟାଗ କଲା । ଏଥିରେ ସତ୍ୟମ୍‌ର ଆଖି ଖୋଲିଗଲା । ସେ ଆଉ ଶିକ୍ଷକତା କରିବାକୁ ଚାହିଁଲା ନାହିଁ । ତାର ଝିଅ ଭାନୀକୁ ଏକ ବନ୍ଧୁ ଘରେ ଛାଡ଼ି ଦେଇ ବିପ୍ଲବର ପଥ ବାଛି ନେଲା । ଅନ୍ୟାୟୀ, ଶୋଷକ ମାନଙ୍କୁ ମୂଳୋତ୍ପାଟନ କରିବାକୁ ହେଲା ପ୍ରତିଜ୍ଞାବଦ୍ଧ ।

ଦେଖିଲା ତାର ଚାରିଆଡ଼େ ଅଗଣିତ ଆଦିବାସୀ ମଧ୍ୟ ମହାଜନ ସାହୁକାର ଦ୍ୱାରା ଶୋଷିତ ହେଉଛନ୍ତି । ସେମାନଙ୍କର ଖାଦ୍ୟ ହେଉଛି ବୁନ୍ଦାଏ ସଳପ, ମହୁଲି ବା ଚାଉଳ । କିଛି ମାଣ୍ଡିଆ ଜାଉ ଓ ସୁଆଁ ଚାଉଳର ଭାତ । ବସ୍ତ୍ର ହେଉଛି ଖଣ୍ଡିଏ କୌପୀନ । ସେମାନେ ସାଧାରଣ ସମାଜଠାରୁ ଅସହାୟ ହତଭାଗ୍ୟ । ଏଥିପାଇଁ ସ୍ୱାର୍ଥପର ଧନିକ ଗୋଷ୍ଠୀ ହିଁ ଦାୟୀ ବୋଲି ତାର ଦୃଢ଼ ବିଶ୍ୱାସ ହେଲା ।

ସେ ଭାବିଲା ଅଭାବଗ୍ରସ୍ତ ଦୀନ, ଅକିଞ୍ଚନ, ଗୋତି, ଖଟିଖିଆ ମାନଙ୍କଠାରେ ରହିଛି ହୃଦୟ । ସେମାନଙ୍କର ଜୀବନ ବି ତା ସହିତ ସମାନ । ଏଣୁ ସେ ଗରିବ ଆଦିବାସୀ ଖଟିଖିଆ ଗୋତି ମାନଙ୍କୁ ଉଦ୍ଧାର କରିବା ପାଇଁ ଆଗେଇ ଆସିଲା । ସେମାନଙ୍କ ସହିତ ରହି ସେମାନଙ୍କ ପରି ଚଳିବାର ଅଭ୍ୟାସ କଲା ।

ସେ ଜାଣିଲା ସେମାନେ କେବଳ ନାଁରେ ଜନ, ନହେଲେ ପଶୁଠାରୁ ହୀନ ।(୧) ମହାଜନ ତାର ଶତ୍ରୁ । ଆଦିବାସୀମାନଙ୍କର ବି ଶତ୍ରୁ । ଏଣୁ ମହାଜନ ମାନଙ୍କ ନିପାତ ଏକାନ୍ତ କର୍ତ୍ତବ୍ୟ ବୋଲି ମନେ କଲା । ବିଦ୍ରୋହ ଆରମ୍ଭ କଲା । ମହାଜନର ଋଣ ପରିଶୋଧର ପ୍ରତିଶ୍ରୁତି ରକ୍ଷା ନକଲେ ପାପ ବୋଲି ଯେଉଁ ବିଚାର ଥିଲା, ସେ ସବୁ ମିଥ୍ୟା ବୋଲି ସତ୍ୟମ୍ ପ୍ରଚାର କଲା । ବରଂ ଧନୀ, ଶୋଷକ, ସାହୁକାର ମହାଜନଙ୍କୁ ମାରି ଧନସମ୍ପତ୍ତି ଲୁଟ୍‌ପାଟ କରିବାକୁ କହିଲା । ସମସ୍ତ ଆଦିବାସୀ ବା କଥାରେ ମାତିଗଲେ । ଚାରିଆଡ଼େ ଆତଙ୍କ ଖେଳିଗଲା । ଯୁଗଯୁଗର ଶୋଷକ ସାହୁକାରଙ୍କୁ ହତ୍ୟା କରିବାକୁ ହିଂସାର ପଥ ବାଛି ନେଲେ । ଆନ୍ଧ୍ର ବ୍ୟତୀତ ଓଡ଼ିଶାର ମରମା, କଟକୀ, ଜଗନ୍ନାଥପୁର, ପାଣିଛତ୍ର ଅଞ୍ଚଳ ବୁଲି ବୁଲି ଦଳ ଗଢ଼ିଲା । ସେ ହେଲା ନକ୍‌ସଲ ପନ୍ଥୀ । ସତ୍ୟମ୍ ନେଲା ନେତୃତ୍ୱ । ସେ ଦେଲା ମୂକ ଆଦିବାସୀଙ୍କ ମୁହଁରେ ଭାଷା । ନୂତନ ଜୀବନ୍ୟାସ ଦେଲା । ଚାଲିଲା ଶ୍ରେଣୀ ସଂଘର୍ଷ । ସେମାନଙ୍କର ସ୍ଲୋଗନ ହେଲା 'ମାଓସେ ତୁଙ୍ଗ ଜିନ୍ଦାବାଦ' ନକ୍‌ସାଲବାଦ୍ 'ଜିନ୍ଦାବାଦ' । ପ୍ରଥମେ ଶିକାର ହେଲେ 'ନାରସେୟା ଆବେଇ', ଲାଛିନ୍ନା ଆଦି ଅନେକ ମହାଜନ । ବିପ୍ଳବୀମାନେ ସେମାନଙ୍କୁ ଧନଜୀବନ ରକ୍ଷା କଲେ । ପରିସ୍ଥିତିର ମୁକାବିଲା କରି 'ମର' ବା 'ମାର' ବୋଲି ସତ୍ୟମ୍ ବିପ୍ଳବୀମାନଙ୍କୁ ଉତ୍ତେଜିତ କଲା । ସତ୍ୟମ୍ ଚାହିଁଲା ଶୋଷଣ ମୁକ୍ତ ସମାଜ । 'ଭେଙ୍କେଟ୍ ସମାଜର ଶତ୍ରୁ' - ତାକୁ ଧରିବାକୁ ସରକାର ନିର୍ଦ୍ଦେଶ ଦେଲେ । ସେ ଗିରିଜନଙ୍କ ଗହଣରେ ଲୁଚିଲା ।

ଏହି ଆନ୍ଦୋଳନରେ ଶିକ୍ଷିତ ଯୁବକ ଓକିଲ, ସତ୍ୟମ୍‌ର ଝିଅ ଭାନୀ, କୈଳାସମ୍, ନାଗ୍, ଅଧ୍ୟାପକ ପାତ୍ର ଓ ତାର ପତ୍ନୀ ଝାନସୀ ଆଦି ଯୋଗ ଦେଲେ । କ୍ରମେ ନକ୍‌ସାଲପନ୍ଥୀଙ୍କର ଆନ୍ଦୋଳନ ତୀବ୍ରତର ହେଲା । ବିଭିନ୍ନ ସ୍ଥାନରେ ଦଳର ସଂଘ ଗଢ଼ି ଉଠିଲା । ଭେଙ୍କେଟ୍ ଥିଲା ପ୍ରଧାନ ନାୟକ । ଏହି ଅଭିଯାନକୁ ଦମନ କରିବା ପାଇଁ ପୋଲିସ ବାହିନୀମାନେ ଗୁଣ୍ଟୁର, କଲିକତା, ବେଜୁଓ୍ୱାଡ଼ା, ବିଜୟ ନଗରରୁ ଆଳତି ପାହାଡ଼ ଅଞ୍ଚଳକୁ ଆସିଲେ । ନକ୍‌ସଲପନ୍ଥୀଙ୍କୁ ଦମନ କରିବା ପାଇଁ ବ୍ୟୂହ

ରଚନା କଲେ । ସରକାର ସାମାଜିକ ସମସ୍ୟାର ସମାଧାନ ପରିବର୍ତ୍ତେ ଆରମ୍ଭ କଲେ ଦମନ ନୀତି । ଯୁବ ଓକିଲ ନେଗୀ କୁମୁଟି ଲାଛନ୍ନାର ହାତ କାଟି ଦେଲା ଓ ଭାନୀ ଲାଛନ୍ନା ସାହୁକାରର ବଡ଼ ପୁଅକୁ ହତ୍ୟା କଲା ଏବଂ ତାର ଅନ୍ୟ ଦୁଇ ପୁଅକୁ ଭେଙ୍କେଟ ଓ କୈଳାସମ୍‌କୁ ମଧ୍ୟ ହତ୍ୟା କଲେ । ଏପରି ଚାଲିଲା ନାରକୀୟ ଲୀଳା । ଆନ୍ଧ୍ର, ଓଡ଼ିଶା ଉପାନ୍ତରେ ଘୋର ଆତଙ୍କର ଛାୟା ଖେଳିଗଲା । ତରୁଣୀ ଭାନୀ ତାର ଜୀବନ ଯୌବନ ଉପରେ ଆଉ ନିଘା ରଖିନାହିଁ । ନିଘା ଥିଲା ବଡ଼ ବାଘ ବା 'ପେଦାପୁଲି' ପୋଲିସଙ୍କ ଉପରେ । ଭାନୀର ଅଳ୍ପ ସଂଳାପ ମଧ୍ୟରେ ତାର ଚାରିତ୍ରିକ ଗୁଣ ଓ ନାରୀ ସୁଲଭ ପରିଚୟ ପ୍ରକାଶ ପାଇଛି । ସେ କହିଛି 'ସମଷ୍ଟିର ସ୍ୱାର୍ଥ ପାଇଁ ବ୍ୟକ୍ତିର ସ୍ୱାର୍ଥକୁ ବଳି ଦେଇଛି ।"(୨) ନେଗୀ ଆଶା କଲା ସଂଘର୍ଷର ଅବସାନ ପରେ ତାକୁ ନିଜର କରିବ । ମାତ୍ର ଭାନୀର ଆଗ୍ରହ ତାର ଯୌବନର ଜ୍ୱଳନ, କେବଳ ଶତ୍ରୁ ଓ ମହାଜନକୁ ମୂଳୋତ୍ପାଟନ ପ୍ରତି ଉଦ୍ଦିଷ୍ଟ । ଏଣୁ ନେଗୀ ତାଠୁଁ କରଛଡ଼ା ହେଲା । ପୋଲିସ ହାତରେ ଧରାପଡ଼ି ଜେଲ ଗଲା । କୈଳାସମ୍ ଭାନୀର ସାଥୀ ହୋଇଛି । କୈଳାସମ୍ ମଧ୍ୟ ଭାନୀ ପ୍ରତି ଆକୃଷ୍ଟ । ସେ ଓ ଭାନୀ ଆଳତି ପାହାଡ଼ରେ ଲୁଚି ରହିଥିବା ବେଳେ ଅପ୍ରତ୍ୟାଶିତ ଭାବେ କୈଳାସମ୍‌ର ଶଯ୍ୟା ସଙ୍ଗିନୀ ହେଲା । "କଣ ପାଇଁ ଏମିତି ହେଲା, ବୁଝି ପାରିଲାନି ଭାନୀ, ବୋଧହୁଏ ଦେହର ଭୋକ ତାକୁ ଟାଣି ନେଲା କୈଳାସମ୍ ପାଖକୁ ।(୩) ପ୍ରଣୟର ଉତ୍ତେଜନା ଦୈହିକ ଚେତନା ତାକୁ ଉତ୍ତେଜିତ କରି ଆପେ ଆପେ ତାଠାରେ ସମର୍ପି ଦେଲା । ପଶୁପରି ବ୍ୟକ୍ତି ବି କାମ ଉତ୍ତେଜନାରେ ଅନ୍ଧ ହୋଇଯାଏ । ଭାନୀ ରକ୍ତର ତାତିରେ ନିଜକୁ ସମ୍ଭାଳି ପାରିଲା ନାହିଁ ।

ଏଣୁ ଭାନୀର ପଶୁ ଭାବାବେଶ ହୋଇ କୈଳାସମ୍‌ର ବାହୁରେ ଆଶ୍ରୟ ନେଇଥିଲା । ସେ ବିପ୍ଳବିନୀ । ସେ ଚାହେଁ ଶୋଷଣମୁକ୍ତ ସମାଜ । ତାର ଶତ୍ରୁର ପ୍ରତିଶୋଧ । ସେ ପ୍ରବୃତ୍ତିକୁ ନିବୃତ୍ତ କରି ବୈପ୍ଳବିନୀ ରାହାକୁ ଫେରିଆସିଛି । କୈଳାସମ୍ ଭାବିନେଲା, ଭାନୀ ହେବ ତାର ଚିରସାଥୀ । ମାତ୍ର ଭାନୀ ତାକୁ ସ୍ପଷ୍ଟ କହି ଦେଇଛି, "ମୁର୍ଖ । ଭୋକ ଥିଲା, ତେଣୁ ତୁମ ପାଖକୁ ଆସିଥିଲି ।" ବାସ୍ତବରେ ବୈପ୍ଳବିକ ଜୀବନରେ ଆହାର, ବିହାର, ମୈଥୁନ ଏକ ସାମାନ୍ୟ କଥା । ବିପ୍ଳବୀର ଜୀବନ କଷ୍ଟକମୟ, ତାହା ହିଁ ଭାନୀ ଉକ୍ତିରେ ସ୍ପଷ୍ଟ । ସେ ତାର ପିତାମାତା, ଜୀବନ, ଯୌବନ ସବୁ କିଛି ଜଳାଞ୍ଜଳି ଦେଇଛି । ବରି ନେଇଛି କଠୋର ଜୀବନ । ଏକଦା ଭାନୀ ପୋଲିସ ଭୟରେ ପାହାଡ଼ କୁଡ଼ିଆରେ ସଭ୍ୟ ତାଲିକା ଛାଡ଼ି ପଳାଇଗଲା । ସେ ପିତା ଓ ଆଦିବାସୀ ସଭ୍ୟମାନଙ୍କ ଆଗରେ ଦୋଷ ସ୍ୱୀକାର କଲା । ଭୁଲ ପାଇଁ ଅନୁତପ୍ତ ହେଲା । ପିତା ଭେଙ୍କେଟ୍ ବିପ୍ଳବୀ ମାନଙ୍କର ଅଦାଲତ ଡକାଇ ଭାନୀକୁ ଶାସ୍ତି ଦେବାକୁ ପରାମର୍ଶ ଦେଲେ । କାରଣ ତାର ଭୁଲ ପାଇଁ ଭାନୀକୁ ଦୁଇବେଳା ଖାଇବାକୁ ନଦେବାର ଶାସ୍ତି ଦେଲେ । ଭାନୀ ଜାନୁପାତି ଗ୍ରହଣ କରିନେଲା । ମାତ୍ର ଭୋକ ଉପାସରେ ମଧ୍ୟ ସେ ତାର ଶକ୍ତି ହରାଇ ନାହିଁ । ନେତୃତ୍ୱ ଜାରି ରଖିଛି ।

ବିପ୍ଳବୀ 'ବିଡ଼ିକା' ପୋଲିସଠାରୁ ୧୦୦ ଟଙ୍କା ଲାଞ୍ଚ ପାଇ ମଦ ଖାଇ ନକ୍ସଲପନ୍ଥୀଙ୍କ ଗୋପନୀୟ ସ୍ଥାନ କହିଦେବାରୁ ଭାନୀ ବିଶ୍ୱାସଘାତକ ବିଡ଼ିକାକୁ ନିର୍ବିକାରରେ ହତ୍ୟା କରିଥିଲା । ବିପ୍ଳବୀ ଅଧ୍ୟାପକ ପାତ୍ର ଓ ତାର ପ୍ରେମିକା ପତ୍ନୀ 'ଝାନସୀ' ହେଲା ଗର୍ଭବତୀ । କୈଳାସ ଝାଂସୀର ପ୍ରସବ ସମୟ ଆସନ୍ନ ଜାଣି ତାକୁ ନେଇ ବାଙ୍ଗରାମା ଘରେ ଛାଡ଼ି ଦିଏ । ପୋଲିସ ଖବର ପାଇ ଝାଂସୀକୁ ଅଜ୍ଞାତ ସ୍ଥାନକୁ ନେଇଯାନ୍ତି । ସେ ପୋଲିସ ଡି.ଏସ୍.ପି.ଙ୍କର ତତ୍ତ୍ୱାବଧାନରେ ଥାଏ । ଲୁଚିଛପି

ଦେଖିବାକୁ ଆସେ ପାତ୍ର । ଏଣୁ ଏ ସୁଯୋଗରେ ପୋଲିସ ତାକୁ ବାଙ୍ଗରାମା ଘରୁ ବନ୍ଦୀ କଲେ । ଝାଂସୀର ଖୁବ୍ ଆଦର ଯତ୍ନ ନେଲେ । ପୋଲିସ ଡି.ଏସ୍.ପି.ଙ୍କୁ ଝାଂସୀ ଦେଖି ଆତଙ୍କଭରା, "ମୁଁ କିଛି ବୁଝିପାରୁନାହିଁ, ଆପଣ କଣ କରିଛନ୍ତି ।" ଡି.ଏସ୍.ପି କହିଲେ, ମାରିବା କାମ ମୋର ନୁହେଁ । ମୋର କାମ ବଞ୍ଚାଇବା । "ଆପଣ ଦୁର୍ବଳ, ଛୁଆ ହେବା ନୂତନ ସୃଷ୍ଟି ତାପାଇଁ ସୁବିଧା କରି ଦେଉଛି ।" (୫) ଡି.ଏସ୍.ପି ସାହେବ ବଡ଼ ଚତୁର, ସେହୀ ଏବଂ କୌଶଳୀ ବ୍ୟକ୍ତି । ତାଙ୍କର ମଧ୍ୟ ହୃଦୟରେ ସ୍ଥାନ ପାଇଛି ମାନବିକତା । ଏହା ଦ୍ୱାରା ତାଙ୍କର ସରକାରୀ ଉଦେଶ୍ୟ ସଫଳ ହେବ । ଏଣୁ ବର୍ଷା ପରେ ବଣ ନିଆଁ ନିଭାଇ ଦେବାର ଉଦ୍ୟମ କଲେ ଡି.ଏସ୍.ପି. । ଯେତେବେଳେ ଝାଂସୀ ଓ ଶ୍ରୀ ପାତ୍ର ଉତ୍ତେଜିତ ହେଲେ, ସେ କହନ୍ତି, "ମୁଁ ପୋଲିସ ହେଲେ ମଧ୍ୟ ମଣିଷ ।"(୬) ତାପରେ ଡି.ଏସ୍.ପି. ସାହେବ ଶ୍ରୀ ପାତ୍ର ଓ ଝାଂସୀକୁ ଏକାନ୍ତରେ ଜେଲରେ ରହିବାକୁ ସୁଯୋଗ ଦେଲେ । ସେମାନେ ପୁତ୍ର ବାତ୍ସଲ୍ୟ ସୁଖ ଅନୁଭବ କଲେ । କଥାବାର୍ତ୍ତାରୁ ଗୋପନରେ ତଥ୍ୟ ସଂଗ୍ରହ କରିନେଲେ ପୋଲିସ । ଝାଂସୀର କଥାରୁ ଜାଣିଲେ ଯେ ଆଦିବାସୀ ଯୁବକ ଗମାଙ୍ଗୋ, ପାହାଡ଼ ଉପରେ କୁଡ଼ିଆ ସବୁ ତିଆରି କରିଥିଲା, ଯେଉଁଠି ନକ୍ସାଲପନ୍ଥୀମାନେ ଆଶ୍ରୟ ନେଉଥିଲେ । ବାହାରେ ଗମାଙ୍ଗୋ ହିଂସା, ଦ୍ୱେଷ ହତ୍ୟାକୁ ପସନ୍ଦ କରୁନଥିଲା, କିନ୍ତୁ ତାର ନିଜ ସମାଜ ଜାତିର ସ୍ୱାର୍ଥ ପାଇଁ ପରୋକ୍ଷରେ ବିପ୍ଳବୀଙ୍କୁ ସାହାଯ୍ୟ କରିଛି ।

କିନ୍ତୁ କ୍ରମେ କ୍ରମେ ନକ୍ସାଲପନ୍ଥୀଙ୍କର ଶକ୍ତି କ୍ଷୀଣ ହୋଇ ଆସିଲା । ପୋଲିସର ଗୁଳିରେ ଶିକାର ହେଲେ ଅନେକ ବିପ୍ଳବୀ । "କେତେ ଉଚ୍ଚ ଆଶା, କେତେ ମହତ ଆଦର୍ଶ ସେମାନଙ୍କର ଥିଲା । ନିଜ ଜୀବନ ପ୍ରତି ତିଳେ ମାତ୍ର ମମତା ନଥିଲା । ସୁଖ ସୁବିଧା ପ୍ରତି ନଜର ନାହିଁ । ଘରଦ୍ୱାର ନାହିଁ । କିଛି ନାହିଁ । ଭବିଷ୍ୟତ ଅନ୍ଧକାରମୟ । ତଥାପି ସେମାନେ ଲଢୁଆ ମନୋବଳ ବଜାୟ ରଖିଥିଲେ । ଲକ୍ଷ୍ୟ ମହତ, କିନ୍ତୁ ପଥ ବିଭୀଷିକାମୟ ।" (୭) ଡି.ଏସ୍.ପି. ସାହେବ ଭାବନ୍ତି । ମାତ୍ର ସେ କର୍ତ୍ତବ୍ୟର ଦାସ, ବିପ୍ଳବୀମାନେ ଆଦର୍ଶର ଦାସ । ମୁଣ୍ଡ ମେଖଳାର ଇଚ୍ଛାପୁର ଅଞ୍ଚଳ ସରଗରମ ହୋଇ ଉଠିଥିଲା ଆଶ୍ରୟର ସ୍ଥଳୀ ଥିଲା ଗଞ୍ଜାମର ଅଭେଦ୍ୟ ଘଞ୍ଚ ବନାନୀ ଓ ତୁଙ୍ଗ ମହେନ୍ଦ୍ର ଗିରି । ସର୍ବହରାମାନେ ଚାହିଁଲେ ମୁକ୍ତିର ନୂତନ ଆଲୋକ । ମାତ୍ର ଏକ ଦିଗେ ଉଲ୍ଲାସ ଆଉ ଅନ୍ୟ ଦିଗରେ ଆତଙ୍କ, ବନ୍ଧନ । ଏଣୁ ପୋଲିସ ଗୁଳିରେ ଶିକାର ହେଲେ ନକ୍ସାଲପନ୍ଥୀ କୃଷ୍ଣମୂର୍ତ୍ତି ସୁବାରାଓ । ଶ୍ରୀ ପାତ୍ର ଓ ଝାଂସୀର ଖବର ନାହିଁ, ଚାରିଆଡ଼େ ପୋଲିସର ବ୍ୟୁହ ରଚନା । କରିମ୍‌ଗଞ୍ଜ, ଓ୍ୱାରଙ୍ଗଲ, ଗୁଣ୍ଟୁର, ଖାମାମ୍ ଆଦି ଅଞ୍ଚଳରେ ଧର ପଗଡ଼ । ଏ ପରିସ୍ଥିତିରେ ଭେଙ୍କେଟ୍ ହତାଶ । ଗମ୍ଭୀର ଭାବେ ଚିନ୍ତିତ । ଗୁଣୁପୁରଠାରେ ଡି.ଏସ.ପି ଝାଂସୀର ବୟାନ ନେଇ ଆନ୍ଧ୍ର ଅଞ୍ଚଳର ଅଡ୍ରି ପାହାଡ଼ ଉପରେ ଆକ୍ରମଣ କଲେ । ପାହାଡ଼ ଉପରେ ପୋଲିସ 'ପଲ୍ଲୀ' ନାମକ ନକ୍ସାଲପନ୍ଥୀକୁ ବନ୍ଦୀ କଲେ । ତାର ନିର୍ଦ୍ଦେଶରେ ଅସତର୍କ ଭେଙ୍କେଟ୍ ପୋଲିସ ଗୁଳିରେ ଟଳି ପଡ଼ିଲା । 'ପଲ୍ଲୀ' ମଧ୍ୟ ପୋଲିସ ଗୁଳିର ଶିକାର ହେଲା । ଡି.ଏସ୍.ପି. ନିଆଁର ହୁତାଶନ ପରି ଜଳି ଉଠିଲେ । କ୍ରୋଧାନ୍ୱିତ ଅକ୍ଳାନ୍ତ ଶ୍ରମର ଗୌରବ ଟୀକା ନେବା ପାଇଁ ପୁଣି ଭେଙ୍କେଟ୍‌ର ମୁଣ୍ଡକୁ ଲକ୍ଷ୍ୟ କରି ଗୁଳି କରି ଡି.ଏସ୍.ପି. ଛିନ୍ନ ଭିନ୍ନ କରିଦେଲେ । ଚାରିଆଡ଼େ ରକ୍ତର ପିଚ୍‌କାରୀ ବିଚ୍ଛୁରିତ ହେଲା । ସକାଳର ନାଲି ସୂର୍ଯ୍ୟପରି ଦେଖାଗଲା । କୁଶବିଦ୍ଧ କଣ୍ଟକ ମୁକୁଟ ପରିହିତ ଯୀଶୁ ଖ୍ରୀଷ୍ଟଙ୍କର ମଥା ପରି ତାର ଚାରିଆଡ଼େ ମେଖଳା ତିଆରି କଲା । ମୁଣ୍ଡ ମେଖଳାର ସତ୍ୟ ଓ ନ୍ୟାୟର ସନ୍ଧାନୀ ସତ୍ୟମ୍ ସବୁଦିନ ପାଇଁ ରାମନାମର ସତ୍ୟକୁ ବରି ନେଲା ।

ସେତେବେଳେ ସକାଳ । ଦେଖାଗଲା ଦିଗବଳୟର ଭାଷାର ଲାଲ ରକ୍ତିମା ଆଭା ତାକୁ ସ୍ୱାଗତ କରୁଛି । ସେ ଥିଲା ସମାଜର ମୁକ୍ତିକାମୀ । ଭେଙ୍କେଟ୍ ସତ୍ୟମ୍ ଦୀନ, ଅକିଞ୍ଚନ, ଶୋଷିତ ମଣିଷଙ୍କୁ ଶୋଷଣରୁ ମୁକ୍ତି କରିବା ପାଇଁ ସଂଗ୍ରାମ କରିଥିଲା । ସେ ଏବଂ ସଚେତନଶୀଳ ବ୍ୟକ୍ତି ଏହି ନୂତନ କ୍ରାନ୍ତିକୁ ସ୍ୱାଗତ କରିଥିଲେ । ଧନୀ ଗରିବ ପ୍ରାଚୀର ଭାଙ୍ଗିବାକୁ ଆଗ୍ନେୟ ଶପଥ ନେଇଥିଲା । ଗୋଟାଏ ପାରିବାରିକ ଜୀବନର କରୁଣତା ହିଁ ସମଗ୍ର ଖଟିଖିଆ ଜୀବନର ପ୍ରତୀକ । ଶିକ୍ଷିତ ସତ୍ୟମ୍ ଗରିବ ଗୋଷ୍ଠୀର ମୁକ୍ତି ପାଇଁ ନିଜକୁ ତିଳ ତିଳ କରିଛି । ଆଉ ତାକି ଆଣିଛି ଚାରୁ ମଜୁମ୍‌ଦାର ପରି ନାଗରୀୟ ବିପ୍ଳବ ।

'ପରଜା' ଉପନ୍ୟାସର 'ମାଣ୍ଡିଆ ଜାନୀ'ର ପ୍ରତିଶୋଧ ନଳର ପରିଣତି ଲେଲିହାନ ଶିଖା ଦୀର୍ଘ କାଳ ପରେ ପୁଣି ଶୋଷକ ମାନଙ୍କର ପ୍ରଚଣ୍ଡ ଶାସ୍ତି ପାଇଁ ଅଦମନୀୟ ହୋଇଛି । ସେ ଏକ କାଳଜୟୀ ଚେତନା । ଶୋଷଣ ଓ ଶ୍ରେଣୀବିମୁକ୍ତ ସମାଜ ଗଠିତ ହେବା ହିଁ ଉପନ୍ୟାସର ଉପଜୀବ୍ୟ । ସମଗ୍ର ଅନୁନ୍ନତ ଜାତି ସମାନ ସୁବିଧା ନପାଇ ଏପରି ଅତ୍ୟାଚାରିତ ହେଲେ ସେମାନଙ୍କର ବର୍ବର ଚେତନା ଯେ ଜାଗି ଉଠିବ ଏଥିରେ ସନ୍ଦେହ ନାହିଁ । ଏଣୁ ଜାତୀୟ ସରକାର ସ୍ୱାଧୀନତା ପରେ ନାନା ଜନ ହିତକର କାର୍ଯ୍ୟ କରିବାକୁ ପଦକ୍ଷେପ ନେଇଛନ୍ତି ।

ଡି.ଏସ୍.ପି. ସାହେବ ନିଜେ ହେଉଛନ୍ତି ଲେଖକ ଅନାଦି ସାହୁ । ସେ ପୋଲିସର ଅଧିକାରୀ ଭାବରେ ବିପ୍ଳବକୁ ଦମନ କଲେ କିନ୍ତୁ ତାଙ୍କର ମାନବିକ ଚେତନା ଚେଇଁ ଉଠିଛି । ସେ ମଧ୍ୟ ସତ୍ୟମ୍‌କୁ ନିହତ କଲାପରେ ନିଜକୁ ଅସହାୟ, ନିର୍ବୋଧ ମନେ କଲେ । ବିପ୍ଳବୀ ସତ୍ୟମ୍‌ର ଜୀବନ କରୁଣାକ୍ତ ହୋଇଛି । ସେ ସତ୍ୟମ୍ ଅସ୍ତ୍ରହୀନ, ତାକୁ ହତ୍ୟା କରି ଶାନ୍ତ ଅନୁଭବ କରିପାରି ନାହାନ୍ତି ଡି.ଏସ୍.ପି. । କାରଣ ସେ ବି ଜଣେ ଦରଦୀ ମଣିଷ । ଏଣୁ ତାଙ୍କର ଆଖିର ଘଟଣା ଲେଖନୀରେ ରୂପ ନେଇଛି । ସତ୍ୟମ୍‌ର ଆହ୍ୱାନରେ ଦିନେ ମୁଣ୍ଡ ମେଖଳାରେ ବ୍ୟକ୍ତି ସ୍ୱାର୍ଥର ରୂପ ନେଲା ଏବଂ ଶୋଷଣ ମୁକ୍ତ ସମାଜ ପାଇଁ ଆଗଣିତ ମୂକ, ନିରକ୍ଷର, ସୁପ୍ତ ଗିରିଜନ, ଆଗ୍ନେୟଗିରି ପରି ଉଦ୍‌ଗିରଣ କରିଥିଲେ । ପରଜା ଉପନ୍ୟାସର 'ଶୁକ୍ରାଜାନି' ପରଜା ଥିଲା ନିଜପାଇଁ । ସତ୍ୟମ୍ ଥିଲା ପର ପାଇଁ ।

ପରଜା ୧୯୪୬ରେ ରଚିତ । ମୁଣ୍ଡମେଖଳା ୧୯୬୮ । ଦୀର୍ଘ ୨୨ ବର୍ଷର ବ୍ୟବଧାନରେ ବି ଧନୀ, ଶୋଷକର ମନ ବଦଳି ନାହିଁ । ଧନୀ ହୋଇଚାଲିଛି ଧନୀ । ଗରିବ ହେଉଛି ସର୍ବହରା । ଯୁଗେ ଯୁଗେ ଗରିବର ସରଳତା, ନିରକ୍ଷରତା ଓ ଦାରିଦ୍ର୍ୟର ସୁଯୋଗ ନେଇଛନ୍ତି ମହାଜନ ଗୋଷ୍ଠୀ । ସେତେବେଳେ ଜଣେ ମାତ୍ର ଶୋଷିତ ହେଲା । ଏଇଠି ଦୀର୍ଘ ବର୍ଷ ପରେ ବହୁ ଆଦିବାସୀ ଗରିବ ଶୋଷିତ ହେବାର ପ୍ରମାଣ ମିଳିଲା । ଏପରି ପରିପ୍ରେକ୍ଷୀରେ ଅଗଣିତ ମୂକ ଭଗବାନ ଆଗ୍ନେୟ ଶପଥ ନେଇ ଜାଗି ଉଠିଲେ । ଏଠାରେ 'ଚତୁର୍ଦ୍ଦଶ ଲୁଇ'ଙ୍କ ଇତିହାସ ସ୍ମରଣ କରାଯାଇ ପାରେ । ଏବେ ମଧ୍ୟ ଶୋଷଣ ଯାଇନାହିଁ । ଏବେ ବି ନକ୍‌ସାଲ ଅଭିଯାନ ଶାନ୍ତ ହୋଇନାହିଁ । ଏହା ଶାନ୍ତ ହେବ ଦୀନ ଗରିବଙ୍କୁ ନ୍ୟାୟ ମିଳିଲେ, ଧନୀ ଶୋଷକର ହୃଦୟ ପରିବର୍ତ୍ତନ ହେଲେ । ସରକାର ସେ ଦିଗରେ ଦୃଷ୍ଟି ଦେଲେ ମାନବିକ ଦହନ ଶାନ୍ତ ହୋଇ ମାନବିକ ପ୍ରତିଷ୍ଠା ହେବ । ଏହା ଆମର ମତ । ବନ୍ଧୁକ ଗୁଳି ସମାଧାନ କରିପାରିବ ନାହିଁ । ଏହି ମନ୍ତ୍ର ଉଚ୍ଚାରିତ ହେଉ ।

ବାସ୍ତବରେ 'ମୁଣ୍ଡମେଖଳା'ରେ ଅନ୍ତର୍ବାଣୀ ପାଠକକୁ କରୁଣ ରସରେ ନିମଜ୍ଜିତ କରାଏ । ସେପରି ସର୍ବହରାର ମର୍ମ ବେଦନାରେ ଦ୍ରବୀଭୂତ ହୁଏ । ନାରକୀୟ ହତ୍ୟାରେ ବି ଆତଙ୍କିତ ହୁଏ । ପ୍ରକୃତରେ କହିବାକୁ ଗଲେ ଉପନ୍ୟାସଟିକୁ ଔପନ୍ୟାସିକ ବିସ୍ତୃତ ରୂପ ଦେଇଥିଲେ ଏହି ଦଶନ୍ଧିର ଏକ ଶ୍ରେଷ୍ଠ ଉପନ୍ୟାସ ହୋଇ ପାରିଥାନ୍ତା । ଯାହାହେଉ ଏହା ଲେଖକଙ୍କର ଏକ ମନୋଜ୍ଞ ଐତିହାସିକ ଇସ୍ତାହାର ହୋଇ ରହିବ । ଭେଙ୍କେଟ୍ ସତ୍ୟମ ଓ ତାର ଏକ ମାତ୍ର ଝିଅ ଭାନୀର ଅମ୍ଳାନ ତ୍ୟାଗ, ନିଷ୍ଠା, ସଂଗ୍ରାମ ଆଦର୍ଶ ଶିଖା ଚିରନ୍ତନ ହୋଇ ରହିବ । ଅତ୍ୟାଚାର, ଅବିଚାର, ମିଥ୍ୟାଚାର ମଣିଷକୁ ହିଂସ୍ର କରି ତୋଳେ । ତାହା ହିଁ ସତ୍ୟ ହୋଇ ସତ୍ୟମ୍‌ର ବୈପ୍ଳବିକ ଜୀବନର କାହାଣୀ ।

ମୁଣ୍ଡମେଖଳା

ପାଦଟୀକା -

୧. ପୃଷ୍ଠା ୫ ।

୨. ପୃଷ୍ଠା ୨୫ ।

୩. ପୃଷ୍ଠା ୫୫ ।

୪. ପୃଷ୍ଠା ୭୩ ।

୫. ପୃଷ୍ଠା ୭୭ ।

୬. ପୃଷ୍ଠା ୮୪ ।

* * *

## ସପ୍ତମ ପରିଚ୍ଛେଦ

# ଆଲୋଚିତ ଉପନ୍ୟାସ ଓ ଆଦିବାସୀ ଜୀବନ ସାମ୍ରାଜ୍ୟ

### ଆଲୋଚ୍ୟ ଉପନ୍ୟାସ ଗୁଡ଼ିକରେ ଆଦିବାସୀ ଜୀବନର ସାମଗ୍ରିକ ତୁଳନାତ୍ମକ ବିଚାର

'କନ୍ଧର ସଂସ୍କୃତି' ତାର ଜୀବନଠୁ ବଡ଼ । ଜୀବନ ସିନା ଜଣେ ମଣିଷର, ସଂସ୍କୃତି ଲକ୍ଷେ ଜୀବନର ଇତିହାସ । ସେ ଗୋଷ୍ଠୀର, ତାର ଗଠନ ପଛଆଡ଼େ ଗୋଟିଏ ଜାତିର ଗୋଷ୍ଠୀଗତ ଚରିତ୍ରକୁ ବିଶ୍ୱାସ କରି ଆସିଛି ।(୧) ଏହି ଉକ୍ତି ସମଗ୍ର ଆଦିବାସୀ ଗୋଷ୍ଠୀ ସଂମ୍ବନ୍ଧରେ ଏକ ଶାଶ୍ୱତ ବାଣୀ । କାରଣ ଆଲୋଚ୍ୟ ଉପନ୍ୟାସ ଗୁଡ଼ିକର ଜୀବନ, ସଂସ୍କୃତି ଓ ଉତ୍‌ଥାନ ପତନ ଆଦିରୁ ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ ସେମାନଙ୍କର ସାଂସ୍କୃତିକ ଜୀବନ, ଗୋଷ୍ଠୀ ଚେତନା ତଥା ଧର୍ମଧାରଣା ଆବହମାନ କାଳରୁ ଫଲ୍‌ଗୁଧାରା ପରି ବହି ଆସୁଛି । ଏପରିକି ଆଧୁନିକତାର ଘାତ ପ୍ରତିଘାତ ତଥା ନାନା ବ୍ୟଥା ବେଦନା ଭରା ଜୀବନରେ ମଧ୍ୟ ସେମାନଙ୍କର ସ୍ୱାଭିମାନ, ସତ୍ୟପ୍ରିୟତା, ସ୍ପଷ୍ଟବାଦିତା, ତ୍ୟାଗ, ସରଳତା ଓ ଦୁର୍ଦ୍ଦଶା ତଥା ମୁଢ଼ତା ଅଜ୍ଞତା ଚେତନା ସଂଜୀବିତ । ସମାଜ ସଭ୍ୟତାର ଓଲଟପାଲଟ ମଧ୍ୟରେ ଜାତିର ଏହି ବୈଶିଷ୍ଟ୍ୟ ବା ବୈଚିତ୍ର୍ୟ ଉପରେ କଳଙ୍କ ଲାଗିନାହିଁ । ସତେ ଯେପରି ଆକାଶର ଦୀପ୍ତିମାନ 'ଧ୍ରୁବତାରା' ସଦୃଶ ଆଲୋକିତ ।

ଏହି ଚେତନା ଉପନ୍ୟାସ ଆକାଶରୁ କେବଳ ଖସିପଡ଼ି ନାହିଁ । ପୁରାଣ, ଇତିହାସ, କିମ୍ବଦନ୍ତୀ ତଥା ଆଧୁନିକ ଜୀବନ, ସାହିତ୍ୟ ସଂସ୍କୃତିର ଆଲୋଚନାରୁ ଏହାର ଦୃଢ଼ ଧାରଣା ଜନ୍ମିଛି ।

(କ) ବିଶ୍ଳେଷଣ : ସଂପୃକ୍ତ ଅଧ୍ୟୟନରେ ଓଡ଼ିଆ ଉପନ୍ୟାସର ନିମ୍ନ ୧୬ ଗୋଟି ଉପନ୍ୟାସକୁ ଆଧାର ଭାବେ ଗ୍ରହଣ କରାଯାଇଛି । ୧- ଭୀମାଭୂୟାଁ, ୨- ଦାଦିବୁଢ଼ା, ୩- ପରଜା, ୪- ଅମୃତର ସନ୍ତାନ, ୫- ଶିବଭାଇ, ୬- ଅପହଞ୍ଚ, ୭- ବନଗହନର ତଳେ, ୮- କାତ୍ରାକା ଲେଲି, ୯- ଲାସୁ, ୧୦- ପାହାଡ଼ା ଝରଣା, ୧୧- ଆୟା ମାର୍ଗାରେଟ୍, ୧୨- କ୍ରାନ୍ତିର ଅବବାହିକା, ୧୩- କାଡ଼େ ଗମାଙ୍ଗୋ, ୧୪- କାହାଣୀ ସବୁଜ ଉପତ୍ୟକାର, ୧୫- ବସୁନ୍ଧରାର ମାଟି ଓ ୧୬- ମୁଣ୍ଡ ମେଖଳା । ପୁଣି ଭୀମାଭୂୟାଁଠାରୁ ଆରମ୍ଭ କରି ମୁଣ୍ଡମେଖଳା ସର୍ଜନାର ପ୍ରାୟ ପାଖାପାଖି ଏକ ଶହ ବର୍ଷର ଲେଖକୀୟ ମାନସ ଦୃଷ୍ଟିରେ ଆଦିବାସୀର ଜୀବନ, ଜୀବିକା, ସମାଜ ସଲଗ୍ନ ମନ, ତାର ଏକାନ୍ତ ବ୍ୟକ୍ତିଗତ ରଚି ଅରଚିର ଚିତ୍ର, ତାର ସଂସ୍କାର, ବିଶ୍ୱାସର ମନଛୁଆଁ ଚିତ୍ର, ସେଥିରେ ନିମଗ୍ନ ହେବାର, ସେ ସବୁକୁ ଅତ୍ୟନ୍ତ ବିଶ୍ୱସ୍ତତାର ସହ ପ୍ରତିପାଳନ କରିବାର ନିଷ୍ଠା, ପୁଣି ସେଥିରୁ ମୁକ୍ତି ଦେବାପାଇଁ କିଛି ସ୍ୱାଧୀନଚେତା ଆଦିବାସୀର ଭାବ ଭାବନାର ମାର୍ମିକ ପ୍ରକାଶରେ ଏ ସବୁ ଉପନ୍ୟାସ ଉର୍ଜ୍ଜ୍ୱଳ । ସବୁ ଉପନ୍ୟାସରେ ଆଦିବାସୀର ଶଂସିତ ସଂଘର୍ଷର ଜୀବନଧାରା ବେଶ୍ ସୁସ୍ପଷ୍ଟ । ବ୍ୟକ୍ତି ନିଷ୍ପନ୍ଦ ପାଷାଣ ପାଲଟି ସ୍ୱତନ୍ତ୍ରତା ବଜାୟ ରଖିଛି । ବେଳେ ବେଳେ ବ୍ୟକ୍ତି ପ୍ରତି ଅବିଚାର, ଶୋଷଣ, ବ୍ୟଭିଚାର ଦେଖି ଗୋଷ୍ଠୀ ବିଦ୍ରୋହ, ବିପ୍ଳବର ଆଗ୍ନେୟ ଶପଥ ନେଇଛି ତଥା ନାରକୀୟ ଲୀଳାରେ ଉନ୍ମାଦଗ୍ରସ୍ତ ହୋଇ ଉଠିଛି । ପକ୍ଷାନ୍ତରେ ଲେଞ୍ଜୁ କନ୍ଧ, ପୁସୁ, ଚଇତନ ଜାନି, ବୀର୍‌ସା ଓରାମ୍ ପରି ବ୍ୟକ୍ତି ଯାତନା ସହି ନେଇଛି । ମାଣ୍ଡିଆ ଜାନି, ଭେଙ୍କେଟ ସତ୍ୟମ୍, ଆଞ୍ଜୁଲୁସ୍ ଓ ମେର୍ଧା ଓରାମ୍ ବାୟା ତଥା ସାଙ୍ଗେରା ପରି ବ୍ୟକ୍ତି ବିଦ୍ରୋହୀ ହୋଇ ଉଠିଛି । ଭୀମା, ଶିବଭାଇ, ଟିମା କନ୍ଧ, ବିଶି ପରି ବ୍ୟକ୍ତି ଚରମ ତ୍ୟାଗର

ପରାକାଷ୍ଠା ଦେଖାଇଛି । ପୁନଶ୍ଚ ନାରୀ ଚରିତ୍ର ମଧ୍ୟରେ ପୁଯ୍ଯୁ, ମୁକ୍ତା, ଲତା, ଲଛ୍ମୁ, ମାର୍ଗାରେଟ, ଭାନୀ ଓ ନାସ୍ର ପ୍ରମୁଖଙ୍କ ଜୀବନରେ ଯେଉଁ ସୌନ୍ଦର୍ଯ୍ୟ, ଔଦାର୍ଯ୍ୟ, ତ୍ୟାଗ ଆଦି ଗୁଣ ଆଉ ସଭାବର ଆଲେଖ୍ୟ ଅଙ୍କିତ ହୋଇଛି, ତାହା ସମସ୍ତ ଆଦିବାସୀ ନାରୀ ଜୀବନର ଚିରନ୍ତନତା ତଥା ସାଧାରଣଙ୍କର ଆଦର୍ଶ ।

ସେ ଏହା ସତ୍ୱେ ଆଦିବାସୀ ବ୍ୟକ୍ତି ଚରିତ୍ର କିପରି ସୁବିଧାବାଦୀ, ବିଳାସୀ ତଥା ସୁରା ସାକୀରେ ଆସକ୍ତ ତାର ମଧ୍ୟ ସ୍ୱାଭାବିକ ଚିତ୍ର ଉପନ୍ୟାସ ମାନଙ୍କରେ ପରିସ୍ଫୁଟନ ଲାଭ କରିଛି । ଠେଙ୍ଗା ଜାନି, ଦିଉଡୁ ସାଓଁତା, ଟିମା କନ୍ଧ, (ମାଟିଟା) ପୁସୁରା ତଥା ନାରୀ ଜୀବନର ପ୍ରତୀକ ଭାବରେ ଜିଲି (ପରଜା), ପୁଯ୍ଯୁଟି (ଅମୃତ ସନ୍ତାନ) ପୁଲକି (ବନଗହନର ତଳେ), ନାନ୍ଦ୍ର (ପାହାଡ଼ି ଝରଣା) ପ୍ରମୁଖ ଚରିତ୍ର ବିଶୃଙ୍ଖଳ ନାରୀ ଜୀବନର ପ୍ରତିନିଧି । ବ୍ୟକ୍ତିଗତ ସ୍ୱାର୍ଥହେତୁ ଆଦିବାସୀ ଜୀବନ ଓ ସଂସ୍କୃତି କଦର୍ଯ୍ୟ ପଥରେ ଶିକାର ହୋଇଛି । ତାହା ସତ୍ୟ ଏବଂ ଏହାର କାରଣ ମଧ୍ୟ ସ୍ପଷ୍ଟ । ସେ ମଣିଷ ରକ୍ତ ମାଂସର ଶରୀର ନେଇ ବଞ୍ଚିଛି । ସେ ମେସିନ୍ ନୁହେଁ । ଏଣୁ ଲେଖକର ଲେଖନୀ ବାସ୍ତବ ଚରିତ୍ର ଦେବାରେ ବିମୁଖ ହୋଇନାହିଁ । ହେଲେ ବ୍ୟକ୍ତିକୁ ନେଇ ଜାତି ଗଢ଼ିଉଠେ । ଜାତିରେ ସେ ହୁଏ ଭଲମନ୍ଦର ପ୍ରତୀକ । ତାର ସ୍ୱାଭାବିକ ବ୍ୟକ୍ତିତ୍ୱ ନେଇ ସେ ପ୍ରଜାପତିର ରୂପ ନେଇପାରେ । ଫଳରେ ବ୍ୟକ୍ତିଗତ ଜୀବନରେ ଦେଖୁ ସୌନ୍ଦର୍ଯ୍ୟ, ଔଦାର୍ଯ୍ୟ ସହିତ ସଂକୀର୍ଣ୍ଣ କଦର୍ଯ୍ୟତାର ବର୍ଣ୍ଣାଢ୍ୟ ରୂପ । ଇନ୍ଦ୍ରଧନୁର ରଙ୍ଗ ପରି ଆକର୍ଷଣୀୟ ହୁଏ ବୋଲି ସେ ଚରିତ୍ର ହୁଏ, ଚର୍ଚ୍ଚାର ବିଷୟ ହୁଏ, ସାହିତ୍ୟର ପୁଞ୍ଜି ହୁଏ ।

ଆଦିବାସୀ ଯେପରି ସଂସ୍କୃତି ପ୍ରେମୀ, ଆମୋଦପ୍ରିୟ, ଧର୍ମବିଶ୍ୱାସୀ ସେପରି ସରଳତା, ଉଦାରତା, ମାନବିକତା ଗୁଣ ଯୋଗୁଁ ସେ ସହଜରେ ଧରା ଦିଏ । ପୋଷା ପକ୍ଷୀ ପରି ପୋଷମାନେ । ଦୁଃଖ ନିର୍ଯ୍ୟାତନାରେ ଅନୁତପ୍ତ ନହୋଇ ଭାଗ୍ୟ ଭଗବାନ ଉପରେ ନିର୍ଭର କରିଚାଲେ । ତାର ଚତୁରତା ଅଛି ଅଥଚ ସେ କପଟ ବିହୀନ ମଣିଷ । ସଭ୍ୟ ଶିକ୍ଷିତ ମଣିଷ ପରି ଦୋମୁହାଁ ନୁହେଁ 'ମୁଖା ବିହୀନ ମଣିଷ '। ଏଣୁ ସେ ଶିକ୍ଷିତ ସଭ୍ୟ, କପଟୀ ମଣିଷଙ୍କ ହାତରେ ପକ୍ଷୀ ଶାବକ ପରି ଧରାପଡ଼େ । ଶୁଆ ପରି ପୋଷା ମାନେ । ସଭ୍ୟ, ଶିକ୍ଷିତ, କୁଶଳୀ ଶୋଷକ, ପ୍ରତାରକ ହୋଇଛି ତାର ବାସ୍ତବ ଶତ୍ରୁ । ବୁଝିପାରିଲେ ଆଦିବାସୀ କ୍ରୋଧୀ, ନଚେତ ମୌନ, ମୂକ । ଏହି ଚାରିତ୍ରିକ ବୈଶିଷ୍ଟ୍ୟ ସେମାନଙ୍କର ଗୋଷ୍ଠୀ ଜୀବନକୁ ନାନା ଭାବରେ ଟଳିଟଳାନ୍ତ କରିଛି । ଏକ ଦିଗରେ ସେମାନଙ୍କର ମୁଖିଆ ନାଇକ, ଯୋଗିନୀ ସାଧିକା ନାରୀ, ଦିଶାରୀ, କାଳିସୀ, ଗୁରୁମାଇ ତଥା ବେଜୁଣୀ ବୁଢ଼ୀ ଓ ଜାନି (ପୁରୋହିତ) ସେମାନଙ୍କର ଏହି ବିଶ୍ୱାସଗତ ଦୁର୍ବଳତା ପାଇଁ ଦାୟୀ । ଝରଣା, ପର୍ବତ, ଡୁମା (ପ୍ରେତାତ୍ମା) ବୁଢ଼ାବୁଢ଼ୀ ତଥା ଧର୍ମୁ (ସୂର୍ଯ୍ୟ) ଓ ଧରତୀନ୍ (ଭୂଦେବୀ), ସମଲେଶ୍ୱରୀ, ସେମାନଙ୍କର ବିଶ୍ୱାସର ନିୟାମକ । ପ୍ରତି କଥାରେ, ପ୍ରତି କାର୍ଯ୍ୟରେ ଦେବାଦେବୀ, ଗୁଣୀଗାରେଡ଼ି ମନ୍ତ୍ର, ଭୂତପ୍ରେତ ଉପରେ ସେମାନେ ବିଶ୍ୱାସ କରନ୍ତି । ଏଇଠାରେ ଆଦିବାସୀ ହୁଏ ଅଖଣ୍ଡ ବିଶ୍ୱାସୀ ଓ ପ୍ରଶ୍ନ ବିହୀନ ସଂସ୍କାରବାଦୀତାର ପୂଜାରୀ । ସେ ହୁଏ ମୂକ, ବୋକା, ନିରୁପାୟ । ଏଣୁ ଦେବତାର ସନ୍ତୁଷ୍ଟି ପାଇଁ ସେମାନେ ନାନା ବ୍ୟବସ୍ଥା କରିଥାନ୍ତି । ନିଜ ଶିଶୁକୁ ବଳି ଦେବାକୁ ମଧ୍ୟ କୁଣ୍ଠିତ ହୁଏ ନାହିଁ ସେ । ଯେପରି ବିଶି କନ୍ୟା 'ଲଛ୍ମୁ' ନରବଳିର ସାମଗ୍ରୀ ହୋଇଯାଇଥିଲା ।

ଏ ସାରଲ୍ୟର ଅପର ପ୍ରକାଶ ହୋଇଛି ଜୀବନରେ ନାଚ, ଗୀତ, ମଦ, ମାଂସ ମାଧ୍ୟମରେ ପ୍ରକୃତିର ଚରମ ଉପଭୋଗ । ଜୀବନର ସୁଖ ସୌଭାଗ୍ୟ ହାସଲ ପାଇଁ ନରବଳି ପରେ ମଇଁଷି, ଛେଳି, କୁକୁଡ଼ା,ପାରା ବଳି ଦେଇ ଅଦୃଶ୍ୟ ଦେବତାର ସନ୍ତୋଷ ବିଧାନ କରେ ଏବଂ ଜୀବନର ଶାନ୍ତି, ମୁକ୍ତି ଓ ସୁଖ କାମନା କରେ । ସେ ଯୁଗଯୁଗର ପ୍ରାଚୀନତମ ଆଦିମ ବିଶ୍ୱାସ ଆଉ ଶାଶ୍ୱତ ସଂସ୍କୃତିର ଫଲଗୁ ଧାରାରେ ବନ୍ଧା । ଅବଶ୍ୟ କେତେକ ଆଦିବାସୀ ଶ୍ରେଣୀ ଦୁର୍ଦ୍ଧର୍ଷ, ଏକବାଗିଆ । ତଥାପି ଗୋଷ୍ଠୀ ପ୍ରତି ସେମାନଙ୍କର ଆନୁଗତ୍ୟ ପ୍ରାୟ ଅବିସଂବାଦିତ । ଫଳରେ ସେମାନଙ୍କର ମାନବୀୟ ମହତ୍ୱ ଦୃଷ୍ଟି ଆକର୍ଷଣ କରେ । ସେମାନଙ୍କର ଗଣତାନ୍ତ୍ରିକ ଚେତନା, ଭେଦଭାବ ବିହୀନ ଆଦର୍ଶ ବାଣ୍ଟିକୁଣ୍ଟି ଖୁଆଇବାର ସାମ୍ୟଦର୍ଶନ, ପରସ୍ପରକୁ ସାହାଯ୍ୟ ପାଇଁ କୋଠଚାଷ, ପର୍ବପର୍ବାଣୀରେ ପରସ୍ପରକୁ ସ୍ୱାଗତ ସମ୍ଭାଷଣ, ସାମାଜିକ ବିଚାର ଆଚାର, ଶିଷ୍ଟାଚାର, ଶାଳୀନତା, ନାରୀ ପ୍ରତି ସମ୍ମାନ ଓ ତାର ସୁରକ୍ଷା, ନ୍ୟାୟ ନିଷ୍ପତ୍ତିରେ ନାରୀ ଜାତିର ଅଧିକାର, ନାଚ ଗୀତରେ ଜୀବନସାଥୀ ବାଛିବାର ସ୍ୱାଧୀନତା, ବିବାହ ରୀତିରେ କୋହଳ ଆଦର୍ଶ ଓ ସେମାନଙ୍କର ନ୍ୟାୟ ପରାୟଣତା, ଧର୍ମ ନିରପେକ୍ଷତା, ଅତିଥି ସତ୍କାର ଆଦି ଗୁଣ ଯେ କୌଣସି ଆଧୁନିକ ସଭ୍ୟ ସମାଜଠାରୁ ଉନ୍ନତ । ଭାରତୀୟ ଜନନେତା ସ୍ୱର୍ଗତ ଗୋବିନ୍ଦ ବଲ୍ଲଭ ପନ୍ଥଙ୍କ ମତରେ "ଆଦିବାସୀମାନେ ନାନା ପ୍ରକାର ଆଘାତର ସମ୍ମୁଖୀନ ହୋଇ ଯେପରି ଭାବରେ ଜୀବନର ସମ୍ମୁଖୀନ ହୁଅନ୍ତି ତାହା ଉନ୍ନତ ସମାଜର ମଣିଷ ପକ୍ଷରେ ବିରଳ । ସଭ୍ୟ ସମାଜରେ ଯିଏ ଯାହାକୁ ଶୋଷଣ କରିପାରିଲା ସିଏ ହେଉଛି ଉନ୍ନତ ଓ ସଭ୍ୟ । ଯାହା ଆଧୁନିକ ଯୁଗର ବିଡ଼ମ୍ବନା । ମାତ୍ର ଆଦିବାସୀ ମାନଙ୍କ ମଧ୍ୟରେ ତାହା ଦେଖାଯାଏ ନାହିଁ । ସେମାନେ ସାଂସ୍କୃତିକ ଓ ଆଧୁନିକତା ଦୃଷ୍ଟିରୁ ଯେ କୌଣସି ସଭ୍ୟ ସମାଜରୁ ନିକୃଷ୍ଟ ନୁହଁନ୍ତି । ସେମାନଙ୍କର କଳାତ୍ମକ ଓ ସାଂସ୍କୃତିକ ଦୃଷ୍ଟିଭଙ୍ଗୀ ଓ ଅଭିବ୍ୟକ୍ତି ଦେଖିଲେ ଆମେ ଗୌରବ ଅନୁଭବ କରିଥାଉ ।"ଏପରିକି ପଣ୍ଡିତ ଜବାହାର ଲାଲ ନେହେରୁ ମଧ୍ୟ କହିଛନ୍ତି, " ସେମାନଙ୍କଠାରୁ ଢେର ଶିଖିବାର ଅଛି ।ସେମାନେ ଅତି ଶୃଙ୍ଖଳିତ ଓ ଅଧିକ ଗଣତାନ୍ତ୍ରିକ । ସେମାନେ ସେମାନଙ୍କ ମୁଖିଆ ଦ୍ୱାରା ପରିଚାଳିତ ।"(୨)

ଏହିପରି ଗୋଷ୍ଠୀ ଚେତନାର ପରମ୍ପରା ଓ ଆଦର୍ଶକୁ ବଜାୟ ରଖିଥିବାରୁ ସେମାନଙ୍କ ପ୍ରତି ଶୋଷଣ ନିର୍ଯ୍ୟାତନା ଓ ପ୍ରତାରଣା ହୋଇଥିଲେ ମଧ୍ୟ ଏଇମାନେ ଧରିତ୍ରୀ ପରି ସବୁ ସହି ନିଜର ଚଳଣିକୁ ବଜାୟ ରଖିଥିଲେ । ଅବଶ୍ୟ କାଁ ଭାଁ ଜୀବନ ଓ ଜୀବିକା ଏବେ ପରିବର୍ତ୍ତିତ । ତଥାପି ଆଜିର ପଲ୍ଲୀ ତଥା ନଗରୀରେ ଘଟୁଥିବା ସମସ୍ୟା ଓ ଉତ୍‌ଥାନ ପତନର ଲୋଭ ଲାଭ ଯୋଗୁଁ ଧର୍ମାନ୍ତର, ଜାତ୍ୟନ୍ତର ଘଟୁଥିଲେ ମଧ୍ୟ ବା ପରଦ୍ୱାରା ଲୁଣ୍ଠିତ, ଧର୍ଷିତା, ଅତ୍ୟାଚାରିତ ହେଉଥିଲେ ମଧ୍ୟ, ଗୋଷ୍ଠୀ ଚେତନାରୁ ମୁକ୍ତ ହୋଇନାହାନ୍ତି ସେମାନେ । ପୁଣି ଆଧୁନିକତାର ମୋହରୁ ଫେରିଆସି ସେ ନିଜ ଗୋଷ୍ଠୀର ଶାନ୍ତି, ମୁକ୍ତି ପରିବେଶକୁ ଆଗେଇ ନେଉଛି । ଟିମା କନ୍ଧ, ଚଇତନ, ଆଣ୍ଡ୍ରୁଲସ୍, ଶନିଆ ପରି ଯୁବଶକ୍ତି ଏହାର ଦୃଷ୍ଟାନ୍ତ ।

ଆଧୁନିକ ସଭ୍ୟତା ଓ ଧର୍ମ ପ୍ରତି ସ୍ପର୍ଶକାତର ହେଲେ ବି ମେର୍ଧା ଓରାମ୍, ହାର୍ଗୁଣା ସାଓଁତା ଗୋଷ୍ଠୀ ଜୀବନକୁ ଭୁଲି ନାହାନ୍ତି । ଗୋଷ୍ଠୀ ପାଇଁ ତ୍ୟାଗ ଓ ସେବା ହିଁ ସେମାନଙ୍କର ହୋଇଅଛି ଧର୍ମ । ଏଣୁ ପ୍ରାକ୍ ଐତିହାସିକ ଆଦିମ ସଭ୍ୟତାରୁ ଏଯାବତ୍ ନୃତତ୍ତ୍ୱ ଦୃଷ୍ଟିରୁ ବିଚାର କଲେ, ସତେ ଯେପରି

ଆଦିବାସୀର ଗୋଷ୍ଠୀ ଜୀବନ ମଧ୍ୟରେ ଏକ ବିଶିଷ୍ଟ ସାଂସ୍କୃତିକ ଧାରା ଝରି ଆସିଛି । ଠିକ୍ ହିମାଳୟ ପାଦ ଦେଶରୁ ଗଙ୍ଗାର ପବିତ୍ର ଚିରସ୍ରୋତ ପରି । କାରଣ ଯେଉଁ ଆଦିବାସୀମାନେ ବଣଜଙ୍ଗଲରେ ଆତ୍ମଗୋପନ କରି ଇତିହାସ ପ୍ରବାହରେ ନିଜକୁ ସାମିଲ କରି ପାରିଲେ ନାହିଁ, ସଭ୍ୟତା ଲୋକର ସୀମା ସ୍ପର୍ଶ କରି ନପାରି ଅପରିମାର୍ଜିତ ହୋଇ ରହିଗଲେ, ସେହି ଅସଂପୃକ୍ତ, ଅସଂଲଗ୍ନ, ଅଶିକ୍ଷିତ ଗରିବ ଆଦିବାସୀ ମାନଙ୍କ ସଂସ୍କୃତି ଓ ଜୀବନଧାରା ବ୍ୟକ୍ତ କରିବା ପାଇଁ ଓଡ଼ିଆ ସାହିତ୍ୟରେ ସର୍ବପ୍ରଥମେ ଉଦ୍ୟମ ଆରମ୍ଭ କଲେ ଗୋପୀନାଥ ।"(୩) ମାତ୍ର ଏ ଦିଗରେ ପଥ ପ୍ରଦର୍ଶକ ହେଲେ ବରେଣ୍ୟ ଔପନ୍ୟାସିକ ଗୋପାଳ ବଲ୍ଲଭ ଦାସ (୧୯୦୮) ବାରିଷ୍ଟର ମଧୁସୂଦନ ଦାସଙ୍କ ବଡ଼ଭାଇ, ସେ ହିଁ ଆଦିବାସୀ ଜୀବନର ପ୍ରଥମ ଭାଷ୍ୟକାର ବରେଣ୍ୟ କଥାକାର ।

ପୁରାଣ କାବ୍ୟ କବିତା ଛଡ଼ା ଆଦିବାସୀ ଜୀବନର କାହାଣୀ କଥାରୂପ ଦେବାରେ ସେ ସର୍ବାଗ୍ରେ ବରେଣ୍ୟ କଥାଶିଳ୍ପୀ । ତାଙ୍କର ଆଦିବାସୀ ଜୀବନ ଓ ସମାଜ ଭିତ୍ତିକ ଆଞ୍ଚଳିକ ବର୍ଣ୍ଣନା 'ଭୀମା ଭୂୟାଁ' ଆଦିବାସୀ ଉପନ୍ୟାସ କ୍ଷେତ୍ରରେ ଓଡ଼ିଆ ସାହିତ୍ୟର ପ୍ରଥମ ଅର୍ଘ୍ୟ । ତେବେ ଗୋପୀନାଥ ବାବୁ କନ୍ଧ, ପରଜା ଜୀବନର ବ୍ୟାପକ ଆଳାପ ଆଲୋଚନା ପାଇଁ ବ୍ୟକ୍ତିଗତ ଅନୁସନ୍ଧାନ ଓ ଗବେଷଣା କରି କନ୍ଧ ପରଜା, ଆଦିବାସୀ ଗୋଷ୍ଠୀଙ୍କର ଜୀବନ ରୂପ ଦେବାରେ ଅବଶ୍ୟ ଅନନ୍ୟ ରୂପକାର । ଯଥାର୍ଥରେ ଗୋପୀନାଥଙ୍କ ସୃଷ୍ଟି ମାନସ ସମଗ୍ର ଓଡ଼ିଶାର ଆଦିବାସୀଙ୍କର ପ୍ରତିନିଧିତ୍ୱ କରୁଛି । ଆବହମାନ କାଳରୁ ଶବର, ଦ୍ରାବିଡ଼ ଓ ଆର୍ଯ୍ୟଭାବର ସମନ୍ୱୟ ଭୂମି ଭାବେ ଓଡ଼ିଶା ପରିଚିତ ।" (୪) ତାର ଯଥାର୍ଥ ରୂପ ସେ ଦେଇଛନ୍ତି । ତାଙ୍କ ବ୍ୟତୀତ ଶ୍ରୀ କାହ୍ନୁ ଚରଣ ମହାନ୍ତି, ବାରିଷ୍ଟର ଶ୍ରୀ ଗୋବିନ୍ଦ ଦାସ, ଶ୍ରୀ ନେତ୍ର ମୋହନ ରାମ ଓ ପରଶୁରାମ ମୁଣ୍ଡ କନ୍ଧ ଆଦିବାସୀ ଜୀବନ, ସଂସ୍କୃତି ସମସ୍ତ ଆଲୋଚିତ ଉପନ୍ୟାସରେ ଆଦିବାସୀ ଜୀବନର ସତ୍ୟତା ଦିବାଲୋକ ପରି ସୁସ୍ପଷ୍ଟ । ଉପନ୍ୟାସରେ କନ୍ଧ ଜୀବନ ଭିତ୍ତିକ ଆଠଟି ଉପନ୍ୟାସ, ଆଉ ତିନୋଟି ପରଜା ଗୋଷ୍ଠୀ ଉପରେ ଯଥା ପରଜା, ଦାଦିବୁଢ଼ା କାହାଣୀ ସବୁଜ ଉପତ୍ୟକାର । ଶବରଙ୍କୁ ନେଇ 'କାଢ଼େ ଗମାଙ୍ଗୋ' । କିସାନବାସୀଙ୍କ ସମାଜକୁ ନେଇ 'ଆୟୋ ମାର୍ଗାରେଟ୍' ଓ କ୍ରାନ୍ତିର ଅବବାହିକା ଓରାମ୍ ସଂପ୍ରଦାୟକୁ ନେଇ ରଚିତ । ପ୍ରକୃତ ପକ୍ଷରେ ଚରିତ୍ର ଓ ପ୍ଲଟ ଏଇ ଉଭୟ ହିଁ ଯେଉଁ ଉପନ୍ୟାସରେ ପ୍ରାଧାନ୍ୟ ପାଏ ସେ ଉପନ୍ୟାସ ପାଠକଙ୍କୁ ସର୍ବାପେକ୍ଷା ବେଶି ଆନନ୍ଦ ଦିଏ । କିସାନ୍ (ମିର୍ଦ୍ଧା) ଓ ଓରାମ୍ ସଂପ୍ରଦାୟ ଉପରେ ଉପନ୍ୟାସ ନଥିଲା । ରାଉରକେଲାର ଶିକ୍ଷକ ଶଶିଭୂଷଣ ମହାପାତ୍ର ତାହା ପୂରଣ କରିଛନ୍ତି ।

(ଖ) ପର୍ବପର୍ବାଣୀର ମହତ୍ତ୍ୱ:-

ଭୂୟାଁ ଗୋଷ୍ଠୀକୁ କେନ୍ଦ୍ର କରି 'ଭୀମା ଭୂୟାଁ' ଉପନ୍ୟାସ ରଚିତ । ଭୂୟାଁ ମାନଙ୍କର ମୁଖ୍ୟ ପର୍ବ ହେଉଛି 'ମାଘ ପର୍ବ' । ଏହି ପର୍ବରେ ଜଣେ ନିମନ୍ତ୍ରିତ ହେଉ ବା ନହେଉ ସବୁରି ସମାନ ଚର୍ଚ୍ଚା । ସାନବଡ଼ଙ୍କର ପାତର ଅନ୍ତର ନାହିଁ । ଯିଏ ଆସିଲା ସମସ୍ତଙ୍କର ସତ୍କାର ହୁଏ । ମଣ୍ଡପ ବା ମଣ୍ଡଘର ଠାରେ ହୁଏ ନୃତ୍ୟ ଗୀତର ଆସର । ହାଣ୍ଡିଆ, ମହୁଲି ମଦ୍ୟପାନ ଦ୍ୱାରା ପରସ୍ପରକୁ ଆପ୍ୟାୟିତ କରନ୍ତି । ନିଶାପାନ ଆଦିବାସୀ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ । ନିଶା ବିନା ନାଚ ଗୀତ ହୁଏ ନା, ହୁଏ ନା ବି ପୂଜା ପାର୍ବଣ ।

ସେପରି କନ୍ଧ ମାନଙ୍କ ଜୀବନରେ ଆସେ ପୌଷ ପର୍ବ, ଚଇତି ପର୍ବ । ଏହାକୁ ଗୋପୀବାବୁ ପୁଙ୍ଖାନୁପୁଙ୍ଖ ଭାବେ ବର୍ଣ୍ଣନା କରିଛନ୍ତି । ବାରିଷ୍ଟର ଗୋବିନ୍ଦ ଦାସ ଏ ପୌଷ ପର୍ବକୁ 'ଟୋକିପର୍ବ' ଭାବେ ନାମିତ କରିଛନ୍ତି । ସେପରି ପାହାଡ଼ୀ ଝରଣାରେ ମାଘପର୍ବ, ଚଇତି ପର୍ବ, କାନ୍ଦୁଲ ପର୍ବ, ମେରିଆ ପର୍ବ(ନରବଳି) ପ୍ରାଧାନ୍ୟ ଲାଭ କରିଛି । ନରବଳିର ସ୍ମୃତି, ଝାଗଡ଼ ବା କେଡୁପର୍ବ ନିହିତ । ପରଶୁରାମ ମୁଣ୍ଡାଙ୍କର, ବସୁନ୍ଧରାର ମାଟିରେ ବିଚିତ୍ର କନ୍ଧ ସଂସ୍କୃତିରେ ପଶ୍ଚିମ ଓଡ଼ିଶାର ନୃତ୍ୟ ଗୀତ, ରସରକେଲି, ମାଇଲାଜଡ଼ ରସାଳ ଗୀତ ନୃତ୍ୟ ବର୍ଣ୍ଣିତ । ବିଶେଷତଃ ମାଘପର୍ବରେ ଧାଙ୍ଗଡ଼ା, ଧାଙ୍ଗଡ଼ୀ ଆନନ୍ଦରେ ନୃତ୍ୟ ପସନ୍ଦ କରନ୍ତି । ଲୋକେ ପ୍ରେମ ବିବାହକୁ ବିଶେଷ ସ୍ଥାନ ଦେଇଥାନ୍ତି । ଏହାକୁ ଉଦ୍‌ଲିଆ ବା ଖୁସୀରାଜି (ମନମାନି) କୁହାଯାଇଥାଏ । ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଶ୍ରୀ ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତାଙ୍କ ଭାଷାରେ "ମଣିଷ ସୃଷ୍ଟିରେ ବିକଶିତ ଜୀବନର ମୂର୍ତ୍ତ ପ୍ରତିନିଧି ଯୁବକ ଓ ଯୁବତୀ । ସେମାନଙ୍କର ବ୍ୟବହାର ତଥା ଆଭିମୁଖ୍ୟକୁ ଅନୁଧ୍ୟାନ କଲେ ଅତି ସହଜରେ ଜାଣି ହୁଏ ଯେ, ପ୍ରେମ ହିଁ ଜୀବନର ଲକ୍ଷଣ ତଥା ଲକ୍ଷ୍ୟ । ଏ ପ୍ରେମର ପ୍ରକାଶ ସ୍ଥାନ, କାଳ, ପାତ୍ର ଭେଦରେ ବହୁବିଧ ହେଲେ ହେଁ, ସେମାନଙ୍କର ପରସ୍ପର ପ୍ରତି ସ୍ୱାଭାବିକ କ୍ରିୟା ପ୍ରତିକ୍ରିୟା ଅର୍ଥରେ ପ୍ରେମରେ ଏକ ଯୋଗରୁଢ଼ ପ୍ରୟୋଗ ଏକ ପ୍ରକାର ସିଦ୍ଧ ହୋଇ ଯାଇଛି । ଏହି ପ୍ରେମ ତାର ଗତି ଓ ପ୍ରକୃତିର ଅନନ୍ତ ବୈଚିତ୍ର୍ୟ ନେଇ ଯୁଗେ ଯୁଗେ ଅସଂଖ୍ୟ ପ୍ରେମିକ ପ୍ରେମିକାର ଜୀବନରେ ସ୍ୱତନ୍ତ୍ର ଓ ନିତ୍ୟାନନ୍ଦ ଅଭିବ୍ୟକ୍ତି ମଧ୍ୟରେ ଆବିଷ୍କୃତ ହୋଇଅଛି । ଅଥଚ ସଂପୂର୍ଣ୍ଣ ଆବିଷ୍କୃତ ହୋଇନାହିଁ, ତାର ପ୍ରକୃତି, ସ୍ୱରୂପ, ଆଦି ଓ ଅନ୍ତର ସଂଜ୍ଞା ନିରୂପଣ କରିବାକୁ ଯାଇ ପ୍ରେମିକ ହୋଇଛି ହତବାକ୍ । ଆଉ ତତ୍ତ୍ୱଦର୍ଶୀଙ୍କ ମଧ୍ୟରେ ଲାଗିଛି ଦ୍ୱନ୍ଦ୍ୱ, ଯେ ତାକୁ ସେ ରୂପେ ଭଜିଛି ତା ପକ୍ଷରୁ ସେ ରୂପେ ଆତ୍ମଗୋପନ କରି ନିଜକୁ ରଖିଛି ରହସ୍ୟର ଅନ୍ତରାଳରେ । ଜ୍ଞାନ ଅଜ୍ଞାନର ଲୁଚକାଳି ମଧ୍ୟରେ ପ୍ରେମର ଚିର ନୂତନତା ହୋଇଛି ସାହିତ୍ୟିକ, କଳାକାର ଓ ସମାଲୋଚକର ରୂପାୟନ - ବିଶେଷରେ ରୂପାନ୍ତର ।"(୫) ଏହା ପ୍ରଣୟ ସଂପର୍କିତ ଏକ ଅଭିନବ ମତ ।

ଉପରୋକ୍ତ ଦୃଷ୍ଟିରୁ ବିଚାର କଲେ ଆଦିବାସୀ ହେଉ ବା ଅଣଆଦିବାସୀ ହେଉ ପ୍ରଥମେ 'ପ୍ରେମ ହିଁ ବାସ୍ତବ ସତ୍ୟ' । ପ୍ରେମ କ୍ଷେତ୍ରରେ ଗଜଦନ୍ତ ଶଯ୍ୟା, ବନାନୀର ସୁଶୀତଳ ମହୁଲ ପତ୍ର ଶଯ୍ୟା ଅଥବା ଚିକ୍କଣ ଚଟାଣର ପାର୍ଥକ୍ୟ ସଂପୂର୍ଣ୍ଣ ଅବାନ୍ତର । ତରୁଣ ତରୁଣୀ ମାନଙ୍କ ମଧ୍ୟରେ ଏହା ଯେପରି ଆମୋଦ ପ୍ରମୋଦର ମୂଳ ଉତ୍ସ । କାରଣ ଯୁଗ୍ମଜୀବନ ହିଁ ସାଂସାରିକ ଜୀବନର ଆଦ୍ୟ ସୋପାନ । ଏଣୁ ଧାଙ୍ଗଡ଼ା ମିଳନକୁ ଓ ସାଥୀ ବାଛିବାର ପରମ୍ପରାକୁ ପ୍ରତ୍ୟେକ ଆଦିବାସୀ ଗୋଷ୍ଠୀ ବା ଅଭିଭାବକ ମାନେ ସ୍ୱୀକାର କରନ୍ତି ଏବଂ ଯୁବକ ଯୁବତୀର ସ୍ୱାଧୀନ [illegible] ଓ ନିର୍ବାଚନକୁ ଆଦର ସ୍ୱାଗତ କରିଥାନ୍ତି । ଭୀମାଭୂୟାଁରେ 'ବାଣାସୁର ଓ ଚିନାମାଳି' [illegible] 'ବାଗଲା ଓ କାଜୁଡ଼ି' ଅମୃତ ସନ୍ତାନର 'ପୁୟୁ' ଓ ଦିଓଡ଼ି' ଏବଂ 'ବେଣୁ କନ୍ଧ ଓ [illegible] ମିଳନ ଏହାର ଦୃଷ୍ଟାନ୍ତ । ସେହିପରି ପାହାଡ଼ୀ ଝରଣାରେ 'ସାଙ୍କେନା ଓ ନାନ୍ଦ୍ରି' [illegible] ଓ ନାସ୍ତ୍ର, ଆୟା ମାର୍ଗାରେଟରେ 'ମାର୍ଗାରେଟ୍ ଓ ଜେକବ୍' କ୍ରାନ୍ତିର ଅନ[illegible]କାରେ ମେଧା ଓ ଯେସ୍‌ମିନ, ବସୁନ୍ଧରା ମାଟିରେ 'ସେବତୀ ଓ [illegible]' ଆଉ ଭୀମା ଓ ବାସୁମତୀର ଉଦ୍‌ଲିଆ ପ୍ରେମ, ସର୍ବତ୍ର ନୃତ୍ୟଗୀତ ମାଧ୍ୟମରେ ପରସ୍ପର ଆକର୍ଷଣ ଏବଂ ଜୀବନର ସାଥୀ ବାଛିବାରେ ପଦ୍ଧତି ସମାନ ଧାରାରେ ଅଙ୍କିତ । କୋରାପୁଟ ହେଉ ଅଥବା ସୁନ୍ଦରଗଡ଼ ଅଥବା କଳାହାଣ୍ଡି ହେଉ ପରଜା ହେଉ ବା କନ୍ଧ ହେଉ ଅଥବା ଓରାମ୍ ହେଉ, ବା

କିସାନ (ମିର୍ଦ୍ଧା) ସମସ୍ତେ ଯେପରି ଆଦିବାସୀ ଭାବରେ ସମାନ ଭାବେ ପ୍ରକୃତିର ସନ୍ତାନ । ସେମାନଙ୍କ ଜୀବନଧାରାରେ ମଧ୍ୟ ପ୍ରଣୟ ଓ ଦାମ୍ପତ୍ୟ କ୍ଷେତ୍ରରେ ମାନବିକ ଆବେଗର ପ୍ରକାଶ ଓ ପ୍ରତିଷ୍ଠାରେ ଏକ ସ୍ୱାଭାବିକ ଭଙ୍ଗୀ ଦେଖିଲେ ଉପଯୁକ୍ତ ଆଲୋଚକଙ୍କର ଉକ୍ତି ହିଁ ଆଦିବାସୀ ଜନଜୀବନର ନିଛକ ଆଦର୍ଶର ଅବବୋଧ ପାଇଁ ଏକ ସାଧାରଣ ସୂତ୍ର ଭାବେ ଗୃହୀତ ହୋଇଛି ।

ଆଲୋଚିତ ଉପନ୍ୟାସ ମାନଙ୍କର ଘଟଣା ମଞ୍ଚରୁ ଆମେ ଭୂୟାଁ, କନ୍ଧ, ପରଜା, ଓରାମ, କିସାନ ଓ ଶବରଙ୍କର ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଅବଗତ ହେଉ । ମାତ୍ର ଏହା ବ୍ୟତୀତ ସାନ୍ତାଳ, ଗଦବା, ବଣ୍ଡା, ଗଣ୍ଡା, ଜୁଆଙ୍ଗ, ଖଡ଼ିଆ,କୋହ୍ଲ, ଡିଡାୟୀ ଆଦି ୬୨ ପ୍ରକାର ତଥା ଭାରତର ଅନ୍ୟତ୍ର ବସବାସ କରୁଥିବା ଆଦିବାସୀଙ୍କର ଜୀବନ ଧାରାରେ ମଧ୍ୟ ଏ ରୀତି ରହିଛି । 'ଜୁଆଙ୍ଗ'ମାନେ ମଧ୍ୟ ଅଲଗା ଅଲଗା ଧାଙ୍ଗଡ଼ା ଧାଙ୍ଗଡ଼ୀ ବସା କରିଥାନ୍ତି । ସେମାନେ ତାକୁ ମଣ୍ଡଘର ବା 'ମେଜାଙ୍ଗ' କହିଥାନ୍ତି । ପ୍ରତ୍ୟେକ ଗୋଷ୍ଠୀରେ ଝିଙ୍କା ବିବାହ, ଫୁଲ ବିବାହ, ଉଦୁଲିଆ ତଥା ମାଗନୀ ବିବାହ ରହିଛି । ପ୍ରକୃତରେ ବଣୁଆର କାମ କରିବା ବୟସ ଆସିଲେ ସାଥୀ ବାଛିବା, ଶିକାର କରିବା ଆଉ ଜୀବନକୁ ଉପଭୋଗ କରିବା ଏବଂ ନାଚି ଗାଇ ଜୀବନ ବିତାଇବାର ଏକ ଅପରିବର୍ତ୍ତନୀୟ ଛନ୍ଦ ରହିଛି । ସେମାନେ ବଣର ପକ୍ଷୀ ପରି ପ୍ରଣୟ ଲୁବ୍ଧ । ଚୀନ ଦେଶର 'ଲଭ୍ ବାର୍ଡ଼' ପକ୍ଷୀ ପରି । ଜଣେ ଜଣକୁ ଭଲ ପାଇବା ପରେ ତାର ବିରହ, ବିଚ୍ଛେଦ ସହିପାରେ ନାହିଁ । ଭଲ ପାଇବା ଭିତରେ ଏକନିଷ୍ଠତା ଥିବା ପ୍ରୟୋଜନ । କେବଳ ସ୍ୱାମୀ ସ୍ତ୍ରୀ ନୁହେଁ ସନ୍ତାନ କ୍ଷେତ୍ରରେ ମଧ୍ୟ ଆମେ ଏଭଳି ନିଷ୍ଠା ଆଶା କରୁ, ନିଷ୍ଠା ଓ ଭଲ ପାଇବା ନଥିଲେ ସମାଜ ସଂସାର ବିଚ୍ଛିନ୍ନ ହୋଇଯାଏ ।(୬) ଏହି ମୂଳମନ୍ତ୍ର ହେଉଛି ଆଦିବାସୀ ଗୋଷ୍ଠୀଙ୍କର ଜୀବନଧାରା । ପୁସ୍ପୁ ଓ ସାଙ୍ଗେରାର ଜୀବନ ଠିକ୍ ସେୟା । ଜଣେ ସ୍ୱାମୀ ପରିତ୍ୟକ୍ତା ଅଥଚ ସନ୍ତାନ ବାତ୍ସଲ୍ୟ ଯୋଗୁଁ କରୁଣାବତୀ । ଆଉ ଜଣେ ନାରୀ ସ୍ୱାମୀ ବିଚ୍ଛେଦରେ ମର୍ମାହତ । ମାତ୍ର କନ୍ୟା ପ୍ରତି ଏକାନ୍ତ ଭାବେ ବାତ୍ସଲ୍ୟସିକ୍ତ ।

(ଗ) ବିବାହ ପରମ୍ପରା:-

ଗୋପୀବାବୁଙ୍କର ଅମୃତ ସନ୍ତାନ ଓ ଶିବଭାଇରେ ବିବାହ ରୀତି ଓ ନେତ୍ର ମୋହନ ରାମଙ୍କ ପାହାଡ଼ୀ ଝରଣାରେ ବିବାହ ବର୍ଣ୍ଣନା ବେଶ ହୃଦୟସ୍ପର୍ଶୀ । ଓଡ଼ିଶାର କନ୍ଧ ଏକ ଆଦିମ ସମାଜ । ସେମାନଙ୍କର ଜୀବନଧାରା ଅନ୍ୟ ଆଦିବାସୀଙ୍କୁ ଠାରୁ ସାମାନ୍ୟ ଭିନ୍ନ । କାରଣ ସେମାନେ ଥିଲେ ଏକ ଦୁର୍ଦ୍ଧର୍ଷ ଯୁଦ୍ଧପ୍ରିୟ ଜାତି ଓ ନାନା କଠୋର ନୀତି ଆଦର୍ଶର ପୃଷ୍ଠପୋଷକ । ତାର ପ୍ରମାଣ ହେଉଛି ନରବଳି ପ୍ରଥା ।

ଅମୃତ ସନ୍ତାନରେ 'ପୁବୁଲି ଓ ବିଶୁ' କନ୍ଧର ବିବାହ ପଦ୍ଧତିକୁ ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି । ଏହି ବିବାହରେ ବେଜୁଣୀ ବୁଢ଼ୀ ଓ ଜାନି (ପୁରୋହିତ)ର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଧାଙ୍ଗଡ଼ା ଧାଙ୍ଗଡ଼ୀଙ୍କୁ ଝୁଲାରେ ଗାଧୋଇ ନେଇ ଆସନ୍ତି । ଦେବାଦେବୀଙ୍କୁ ପୂଜା କରାଯାଏ । ଶ୍ୱଶୁର ନୂଆ ବୋହୂଙ୍କୁ ଏକ ଖଦୀ ଓ ଏକ ଟଙ୍କା ଉପହାର ଦିଏ । ତାପରେ ଜାତି ଭାଇଙ୍କର ସମାଗମ ଓ ନାଚଗୀତର ଆସର ଜମେ । ତାଳପତ୍ର ସଜା ହୋଇଥିବା ଛାମୁଣ୍ଡା ତଳେ ନୂଆ ପାଣି ମାଠିଆ ରଖାଯାଏ । ସେହି ସ୍ଥାନରେ ମୁରୁଜ କଟାଯାଇଥାଏ । ବଟା ହଳଦୀ, ଅଛୁଆ ଚାଉଳ, ଧୂପଦୀପ, ଅର୍ପଣ କରି ଜାନି

ମନ୍ତ୍ରପାଠ କରେ । ତାପରେ ପାଣି ମାଠିଆ ଆଣି ତାମୁହଁରେ କଦଳୀ ପତ୍ର ବାନ୍ଧି ଦିଆଯାଏ । କନିଆଁମୁଣ୍ଡକୁ ମାଠିଆ ଟେକି ଦିଆଯାଏ । ବୋହୁର ପାଣି ମାଠିଆ ବୋହିବା ଅର୍ଥ ପରିବାର ଦାୟିତ୍ୱ ବହନ କରିବା । କନ୍ୟାର ପଛପଟେ ଭୂଆସୁଣୀର ବାମ ପଦ ବର ଚାପି ଠିଆ ହୁଏ ଏବଂ ବେଜୁଣୀ ଉକ୍ତ ପାଣି ମାଠିଆକୁ ଉଭୟଙ୍କ ଉପରେ ଢାଳିଦିଏ । ଏ ହେଉଛି କନ୍ଧ ପରମ୍ପରାର ବିବାହ ରୀତି ।

ଏହ ରୀତି ସହିତ କିସାନ, (ମିର୍ଧା) ଓରାମ୍‌ମାନଙ୍କ ବିବାହ ରୀତିରେ ସାମଞ୍ଜସ୍ୟ ମଧ୍ୟ ରହିଛି । ଅନ୍ୟାନ୍ୟ ଗୋଷ୍ଠୀ ମଧ୍ୟ ଦେବାଦେବୀ ପୂଜା କରନ୍ତି । ବର 'ସାଙ୍ଗେରା' ମୁଣ୍ଡରେ ମୁକୁଟ ପରି 'ଗାଈର ଶିଙ୍ଗ' ଦୁଇଟା ବାନ୍ଧି ଦିଆଗଲା । ତାହା ହେଉଛି, 'ଗୋସିଙ୍ଗ ଦୈତ୍ୟ' ବଂଶର ଚିହ୍ନ । ତାର ମାଁ ହଳଦୀ ଆଉ ସିନ୍ଦୂର ଆଣି ମୁଣ୍ଡରେ ମାରି ଶୁଭ କାମନା କଲା । ତାପରେ ବିବାହର ଯାତ୍ରା । ବାଙ୍ଗୁ ବାଜି ଉଠିଛି । ମଇଁଷି ପିଠିରେ ବସି ବିବାହ ପଟୁଆରରେ ସେ ବାହାରିଲା । ବିବାହ ପରେ ସ୍ୱାମୀ ବିବାହିତ ପତ୍ନୀକୁ (ନାନ୍ଦ୍ରେ) କାନ୍ଧରେ ବସାଇ ନଚାଇଛି । ଏ ପରମ୍ପରା ଅନ୍ୟ ଗୋଷ୍ଠୀରେ ନାହିଁ । ସାଙ୍ଗେରା କାନ୍ଧରେ ବସି ନାନ୍ଦ୍ରେ ଦୁଇ ହାତକୁ ଛାଟି ଛାଟି ମୁଣ୍ଡକୁ ଏପାଖ ସେପାଖ କରି କରି ହଲାଇଛି । ଆଉ ପଟୁଆରେ କନ୍ୟାକୁ ନେଇ ଆଗେଇ ଚାଲେ । ଶବର ମାନଙ୍କର ବିବାହ ବେଳେ ବର ପକ୍ଷରୁ ପ୍ରସ୍ତାବ ଆସେ । ଝିଙ୍କା ବିବାହ ରୀତି ମଧ୍ୟ ରହିଛି । ଏଥିରେ ଖଣ୍ଡ ଯୁଦ୍ଧ ହୁଏ । ପରେ ବରକନ୍ୟା ଘରକୁ ଗଲେ ଅଟ୍ଟା, ମାଡ଼ ଖାଇ, ବିବାହ କରେ । ଏହି ସମାଜରେ କିସାନ, ଓରାମ୍ ପରି ଶଳାବିଧା ଚଳଣି ରହିଛି । ଏହି ସମାଜରେ ବିବାହରେ ଯୌତୁକ ଦେବାକୁ ପଡ଼େ ନାହିଁ । କନ୍ଧ ପରମ୍ପରା ଅନୁସାରେ ଯୌତୁକ ନେବା ପାପ, ଦେବା ମଧ୍ୟ ପାପ କିନ୍ତୁ ଗଣ୍ଡି ଅର୍ଥାତ୍ କନ୍ୟାସୁନା ଦେବା ପାପ ନୁହେଁ, ନେବା ମଧ୍ୟ ପାପ ନୁହେଁ । ଗଣ୍ଡି ଧନ ଦେଇ ନପାରି ଗୋତି ଖଟିବା ମଧ୍ୟ ପାପ ନୁହେଁ । (୭)

ସୁତରାଂ କନ୍ଧ ସମାଜରେ ବିବାହ ରୀତି, ଯାହା ଅନ୍ୟାନ୍ୟ ଆଦିବାସୀ ପରମ୍ପରାରେ ମଧ୍ୟ ପ୍ରାୟ ସେଇଯା, ସବୁ ସମାଜରେ ଗଣ୍ଡିଧନ ବା କନ୍ୟାସୁନା ଦେବା ପରମ୍ପରା ରହିଛି । ମାତ୍ର ଏ ପରିବର୍ତ୍ତିତ ଯୁଗରେ ସେ ଆଦର୍ଶ କ୍ରମେ ପରିବର୍ତ୍ତିତ ହେଉଛି । ଅପହଞ୍ଚରେ ଟିମା କନ୍ଧଙ୍କୁ ଯୌତୁକ ଦେବାକୁ ପଡ଼ିଛି । ଆଉ ସେ ବାହା ହୋଇଛି ଧନୀ, ଉନ୍ନତ କନ୍ଧ ନରସିଂଲୁ ଦୋରାର ଝିଅ 'ରଜନୀ'କୁ । ଏଠାରେ ଶିକ୍ଷିତ ପୁଅ ପିଲା କିଣା ବିକା ହୋଇଛି । ଯାହା ଆଧୁନିକ ସମାଜରେ ଘଟୁଛି । ତଥାପି ଉଦୁଲିଆ ବା ଝିଙ୍କା ବାହା ହେଉଛି ଆଦିବାସୀ ସମାଜର ପ୍ରେମ ବିବାହ । ଏହାର ବର୍ଣ୍ଣନା ମଧ୍ୟ ଆଲୋଚ୍ୟ ଉପନ୍ୟାସ ମାନଙ୍କରେ ରହିଛି । ଭୂୟାଁଙ୍କର ପ୍ରେମ ବିବାହକୁ 'ଧରାପରା' କୁହାଯାଏ । ନୃତ୍ୟବେଳେ ଯୁବକ ଯୁବତୀକୁ ମାଳୀ (ମାଳା) ଉପହାର ଦିଏ । ଏଇ ସଂପର୍କକୁ 'ଫୁଲ ମଇତ୍ର' କୁହାଯାଏ । ଏହାପରେ ଅନ୍ୟ ଯୁବକକୁ ଉକ୍ତ ଯୁବତୀ ପ୍ରେମ 'ନିବେଦନ' କରେନାହିଁ । ସାନ୍ତାଳ ପରମ୍ପରାରେ ଏହାକୁ ଝିଙ୍କା, ଫୁଲ ଖୋସି ଓ ମାଙ୍ଗିକରା କହନ୍ତି । ଉପନ୍ୟାସରେ ମଧ୍ୟ କାଜୁଡ଼ି (ପରଜା), ବାୟା ଓ ସୁନା, ସାଙ୍ଗେରା ଓ ନାନ୍ଦ୍ରେ, ଚଇତନ ଓ ସେବତୀ, ଆଦି ଉଦୁଲିଆ ବିବାହର ଉଦାହରଣ । ସମାଜରେ ପଇସାମୁଦ୍ରି, ଖୁସି ରାଜିରେ ବିବାହ, ବିପତ୍ନୀକ ପୁରୁଷ ଓ ବିଧବା ସ୍ତ୍ରୀ ପରସ୍ପରକୁ ଭଲପାଇ ସଂସାର କରିବା ପାହାଡ଼ୀ ଝରଣାରେ ଦର୍ଶାଇଛି । ଏହା ସମାଜ ସ୍ୱୀକୃତ । ନାନ୍ଦ୍ରାର ମାଆ ଓ ବେଗର ବାପା ସମୁଧି ସମୁଧୁଣୀଙ୍କ ମିଳନରେ ବିରହ ବିଦଗ୍ଧ ଜୀବନ ପୁଣି ଅପୂର୍ବ ଦାମ୍ପତ୍ୟର ରୂପ ନେଇଛି । ସେମାନଙ୍କ ସମାଜରେ ଏହା ଦୂଷଣୀୟ ନୁହେଁ ।(୮) ଏପରିକି ବିବାହିତା

ପତ୍ନୀ ପରିସ୍ଥିତିର ଶିକାର ହୋଇ ଅନ୍ୟକୁ ଭଲ ପାଇ ଗୃହତ୍ୟାଗ କରିବାର କିଛି କାଳ ପରେ ଯଦି ପୁଣି ସ୍ୱାମୀର ଗୃହକୁ ଫେରି ଆସେ ସ୍ୱାମୀ ତାକୁ ପୂର୍ବପ୍ରେମ ଅନୁରୋଧରେ ତାହାର ଦୋଷ କ୍ଷମା କରି ସ୍ତ୍ରୀକୁ ଗ୍ରହଣ କରିଥାଏ । ସୁନା, ବାୟାର ପତ୍ନୀ ହୋଇଥିଲା କିନ୍ତୁ ମାଗ୍ତା ଜୋର ଜବରଦସ୍ତ ତାକୁ ପତ୍ନୀ ଭାବେ ଝିଙ୍କି ନେଇଥିଲା । ପରେ ପୁଣି ଜେଲରୁ ଫେରି ବାୟା ଗ୍ରହଣ କଲା ସୁନାକୁ । ସାଙ୍ଗେରା ମଧ୍ୟ ନାନ୍ଦ୍ରକୁ ପୁନରାୟ ଆଦରିନେଲା । ଏପରି ପ୍ରେମ ବିବାହ ବିଚ୍ଛେଦ ଓ ପୁର୍ନମିଳନ କେବଳ କନ୍ଧ ସମାଜରେ ନୁହେଁ ପ୍ରତ୍ୟେକ ଆଦିବାସୀ ସମାଜରେ ଗ୍ରହଣୀୟ ହୋଇଥିବାର ଦୃଷ୍ଟାନ୍ତ ରହିଛି । ସେମାନଙ୍କ ମଧ୍ୟରେ ସତୀତ୍ୱର ବିଚାର ଦେହର ପବିତ୍ରତା ଉପରେ ନିର୍ଭର କରେ ନାହିଁ । ମନର ନିଷ୍ଠା ଓ ଆତ୍ମୀୟତା ହିଁ ନିୟାମକ । ପ୍ରେମ ସତେ ଯେପରି ଏକ ସଦ୍‌ଭାବ । ଦେହଜ କାମନା ଆଦିବାସୀ ପକ୍ଷରେ ଖାଦ୍ୟପେୟ ବସ୍ତୁ ପରି ଏକ ଆବଶ୍ୟକତା ମାତ୍ର, ତାଙ୍କର ପେଟର ଭୋକ ପରି ପ୍ରେମ ମଧ୍ୟ ଏକ ସାଧାରଣ ଭୋକ । ଭାନାର ଉକ୍ତିରୁ (ମୁଣ୍ଡମେଖଳା) ସୁସ୍ପଷ୍ଟ ହୁଏ ମାତ୍ର ବିବାହିତ ଜୀବନରେ ଏକନିଷ୍ଠତା ଉପରେ ଜୋର ଦିଆଯାଏ । କେବଳ ବଣ୍ଡା ସମାଜରେ ସ୍ତ୍ରୀ କମ୍ ବୟସର ଯୁବକକୁ ବିବାହ କରେ ଏବଂ ସବୁଠାରୁ ବିଚିତ୍ର ରୀତି ହେଲା ବଡ଼ ଭାଇ ତାର ସାନଭାଇର ସ୍ତ୍ରୀ ସାଙ୍ଗରେ ନିଷିଦ୍ଧ ପ୍ରେମରେ ଲିପ୍ତ ଥାଏ । ଯଦି ସାନ ଭାଇ ମରିଯାଏ ଭାଇ ବୋହୂକୁ ବଡ଼ଭାଇ ପତ୍ନୀ କରିନିଏ ।(୯) ଏହା ସାମାଜିକ ରୀତି । ନାରୀ, ବିଧବା ରହେ ନାହିଁ । ମାତ୍ର ଶବର, କିସାନ, ଓରାମ ଆଦି ସମାଜରେ ବଡ଼ଭାଇ ମଲେ ଭାଉଜ ସାନଭାଇର ପତ୍ନୀ ହୋଇପାରେ । ଫଳରେ ଉଭୟ କୁଳର ସମ୍ବନ୍ଧ ଭାଙ୍ଗେ ନାହିଁ ।

ବସୁନ୍ଧରା ମାଟିରେ ଚଇତନ ସେବତୀକୁ ବାହାହେଲା ପରେ ଭୀମା ହୋଇଛି ସେବତୀର ଦେଢ଼ଶୁର । କିନ୍ତୁ ଯେଉଁ ବସୁମତୀ ସହିତ ବାଟରେ ଚଇତନର ଆଳାପ ହୋଇଛି ସେ ହୋଇଛି ଭୀମାର ସ୍ତ୍ରୀ, ତାର ଭାଉଜ । ତେଣୁ କନ୍ଧ ସମାଜରେ ସାମାଜିକତାର ବ୍ୟତିକ୍ରମ ନାହିଁ ଶାଳୀନତା ଅଛି । ମାତ୍ର ପରଜା ଉପନ୍ୟାସରେ ଝିଲି, ନନ୍ଦିବାଳୀର ଦେଢ଼ଶାଶୁ ଅର୍ଥାତ୍ ସମ୍ମାନର ପାତ୍ରୀ । ଏପରିକି ଛୁଆଁଛୁଇଁ ହେବା ମଧ୍ୟ ମନା । ତେଣୁ ନନ୍ଦିବାଳୀର ଥଟ୍ଟା କଥା କହିବା, ସାମାଜିକ ଶିଷ୍ଟାଚାର ନୁହେଁ । ସେପରି ଶବର ନାରୀ ମାନଙ୍କର ନୈତିକବୋଦ ଅତ୍ୟନ୍ତ ପ୍ରଖର । ବିବାହିତ ନାରୀ ନିଜ ପତି ବ୍ୟତୀତ ଅନ୍ୟ ପୁରୁଷ ପ୍ରତି ଦୃଷ୍ଟିପାତ କରେ ନାହିଁ । ଯଦି କେହି ପୁରୁଷ ଅନ୍ୟାୟ ଆଚରଣ କରିବା ଜଣାଯାଏ ତାହା ପ୍ରତି କଠୋର ଶାସ୍ତି ଏପରିକି ମୃତ୍ୟୁ ଏପରିକି ମୃତ୍ୟୁଦଣ୍ଡ ମଧ୍ୟ ଦେଇଥାନ୍ତି ।(୧୦) ସୌଜନ୍ୟ ଦୃଷ୍ଟିରୁ ଜୁଆଙ୍ଗମାନେ ନିଜ ଗାଁ ବା ନିଜ ଆତ୍ମୀୟଥିବା ଗାଁରେ ବୈବାହିକ ସଂପର୍କ ସ୍ଥାପନ କରନ୍ତି ନାହିଁ । ଏପରିକି ବିବାହ ହେଲା ପରେ ବରକନ୍ୟା ସହିତ ଶ୍ୱଶୁର ଘରକୁ ଯାଆନ୍ତି । ନିଜ ଘରେ ତା ପାଇଁ ସତନ୍ତ୍ର ଘର ହେଲା ପରେ ସେଠି ରହି ମଧୁଶଯ୍ୟା ରାତ୍ରୀଯାପନ କରନ୍ତି । ଆଦିବାସୀ ନିରକ୍ଷର, ଅଶିକ୍ଷିତ ତଥା ସଭ୍ୟ ସମାଜରୁ ଦୂରରେ ରହିଥିଲେ ମଧ୍ୟ ସାମାଜିକ ପରମ୍ପରାକୁ ଓ ଗୋଷ୍ଠୀ ଜୀବନର ଆଦର୍ଶ ସମସ୍ତେ ସମ୍ମାନ ଦେଇଥାନ୍ତି ।

ଆଦିବାସୀ ସମାଜରେ 'ସମଗୋତ୍ରୀ' ବିବାହ ନିଷେଧ । କିନ୍ତୁ ବନ ଗହନର ତଳେ ଉପନ୍ୟାସରେ କାହ୍ନୁ ଚରଣ ମହାନ୍ତି ପୁଲକୀ ଓ ମାଗ୍ତାର ସଗୋତ୍ରୀୟ ପ୍ରଣୟ ସଂପର୍କକୁ ଉଲ୍ଲେଖ କରିଛନ୍ତି । ଏହା ସାଧାରଣ ସମାଜରେ ଦେଖାଯାଏ । କିନ୍ତୁ ଏପରି ପରିସ୍ଥିତିରେ ଆଦିବାସୀ ପରିତ୍ୟକ୍ତା ହୁଏ । ତାହା ସାର୍ବଜନୀନ ନୁହେଁ ବରଂ ବ୍ୟତିକ୍ରମ । ଓରାମ୍, କିସାନ୍ ସମାଜରେ ଯେଉଁ ପୁରୁଷ ଉଚ୍ଚ

ବା ନିଚ ଜାତିରେ ବିବାହ କରେ ତାହାକୁ ସମାଜରୁ ବାସନ୍ଦ କରନ୍ତି । କୌଣସି ପ୍ରକାରରେ ସେ ଆଉ ସ୍ୱଜାତିକୁ ଫେରିପାରେ ନାହିଁ । ଏମାନଙ୍କ ମଧ୍ୟରେ ବାଲ୍ୟ ବିବାହ ମଧ୍ୟ ପ୍ରଚଳିତ, ତଥା ଏକପତ୍ନୀ ଓ ବହୁପତ୍ନୀ ପ୍ରଥା ରହିଛି ।(୧୧) ମୁଣ୍ଡା ଯୁବକ ଓ ଯୁବତୀ ଓରାମ୍, ହୋ ଗୋଷ୍ଠୀରୁ ମଧ୍ୟ ସଙ୍ଗୀ ଗ୍ରହଣ କରିନେବାର ଦୃଷ୍ଟାନ୍ତ ରହିଛି ।

(ଘ) ଜନ୍ମ ପରମ୍ପରା ଓ ପୁନର୍ଜନ୍ମ ବିଶ୍ୱାସ:-

ଆଦିବାସୀ ସମାଜରେ ଜନ୍ମ ପରମ୍ପରା ମଧ୍ୟ ବଡ଼ କୌତୁହଳ ପ୍ରଦ । "ପୁନରପି ଜନମଂ ପୁନରପି ମରଣଂ, ପୁନରପି ଜନନୀ ଜଠରେ ଶୟନମ୍" ଶଙ୍କରାଚାର୍ଯ୍ୟଙ୍କର ଏ ଉକ୍ତି ବହୁକାଳରୁ ଆଦିବାସୀ ସମାଜର ଚିରନ୍ତନ ବିଶ୍ୱାସର ପ୍ରତୀକ ହୋଇ ରହିଛି । ଯେଉଁ ଆତ୍ମା ପୁନର୍ଜନ୍ମ ନିଏ ଏମାନେ ସେହି ପ୍ରେତାତ୍ମାକୁ ଡୁମା ବୋଲି ବିଶ୍ୱାସ କହନ୍ତି । ଏଣୁ ଡୁମା ବା ପୂର୍ବପୁରୁଷର ଆତ୍ମା ପରିବାର ଉପରେ ପ୍ରଭାବ ପକାଏ ବୋଲି ପ୍ରତ୍ୟେକ ଆଦିବାସୀ ଗୋଷ୍ଠୀ ପର୍ବପର୍ବାଣୀରେ ସ୍ୱର୍ଗତ ଆତ୍ମାକୁ ଯଥାବିଧି ପିଣ୍ଡଦାନ ଦିଅନ୍ତି । ଶବରମାନେ ଶ୍ମଶାନ ସଂସ୍ଥା ବୋଲି ଚିହ୍ନଟ କରନ୍ତି । କନ୍ଧପରଜା ଶବ ଉପରେ 'ଚଟାପଥର' ଓ 'ଗୋଜାପଥର' ପୋତିଥାନ୍ତି ।

ସରବୁ ସାଓଁତାର ନାଁରେ ଚାଉଳ ଠିଆ ହେଲା । କନ୍ଧେ ବିଶ୍ୱାସ କଲେ, ଏ ହେଉଛି ସରବୁ ସାଉଁତାର ଡୁମା ଯେ ଦିଉତୁର ପୁଅ ହାକିନ ରୂପେ ଜନ୍ମ ନେଇଛି । ଏପରି ବିଶ୍ୱାସରେ ଆତ୍ମାର ଅମରତ୍ୱ ପ୍ରତିପାଦିତ କରନ୍ତି ।

ଗୀତର ବାଣୀ ଯଥା:

"ବାସାଂସି ଜୀର୍ଣ୍ଣାନି ଯଥା ବିହାୟ

ନବାନି ଗୃହ୍ଣାତି ନରୋଃ ପରାଣି ।

ତଥା ଶରୀରାଣି ବିହାୟ ଜୀର୍ଣ୍ଣା

ନାନ୍ୟାନି ସଂଯାତି ନବାନି ଦେହୀ ।" (୨୨) ଶ୍ଳୋକ (୨ୟ ଅ:) ସାଂଖ୍ୟ ଯୋଗ । ୧୨ ।

(ଅର୍ଥ - ଲୋକ ଯେପରି ପୁରୁଣା ଲୁଗାକୁ ଛାଡ଼ି ନୂତନ ଲୁଗା ପିନ୍ଧେ, ସେହିଭଳି ଚୈତନ୍ୟ ପୁରୁଷ ଜୀବାତ୍ମା ଏକ ଦେହ ଛାଡ଼ି ଅନ୍ୟ ଦେହ ଧରିଥାଏ । ଆତ୍ମା ଯେ ଶରୀର ପରିବର୍ତ୍ତନ କରେ । ଏହା ସର୍ବ ସିଦ୍ଧାନ୍ତ ସତ୍ୟ ।)

"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ

ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।" ୨୩/୨ୟ ଅଧ୍ୟାୟ (ସଂଖ୍ୟାଯୋଗ) (ଅର୍ଥାତ ଏ ଆତ୍ମା ଅନାଦି, ନିରନ୍ତର, ସତଃ ସିଦ୍ଧ, ଉପାଧିହୀନ ଓ ବିଶୁଦ୍ଧ । ତେଣୁ କୌଣସି ଶସ୍ତ୍ରଦ୍ୱାରା ଏହା ଛେଦନ ଅସମ୍ଭବ । ପ୍ରଳୟ କାଳର ଜଳପ୍ଲାବନରେ ମଧ୍ୟ ଏହାକୁ ସିକ୍ତ କରିଯାଇ ପାରିବ ନାହିଁ) ୧୨ ଏପରି ବିଶ୍ୱାସ ଆଦିବାସୀର ଗୀତା ଭାଗବତ ନିଷ୍ପନ୍ନ ଜ୍ଞାନ ଉପରେ

ଆଧାରିତ ନୁହେଁ, ମାତ୍ର ଉପରୋକ୍ତ ଦର୍ଶନରେ ଆଦିବାସୀ ଦର୍ଶନ ସହିତ ଅତି ଏକାନ୍ତ ଭାବରେ ସମତା ବ୍ୟାଖ୍ୟାନ କରେ । ଏଣୁ ଆଦିବାସୀର ଆଧ୍ୟାତ୍ମିକ ଚେତନା କେତେକାଂଶରେ ଭାରତୀୟ ଧର୍ମ ଦର୍ଶନକୁ ପ୍ରଭାବିତ କରିଛି ବୋଲି କୁହାଯାଇପାରେ ।

ଅନ୍ୟ ଆଦିବାସୀ ଅଞ୍ଚଳର କନ୍ଧ ସମାଜରେ ସନ୍ତାନ ଜନ୍ମ ହେଲେ କେଉଁ ପୁରୁଷ ଜନ୍ମ ନେଇଛି ଜାଣିବା ପାଇଁ ଦୁଇ ହାତରେ ଗୋଟାଏ ଧନୁ ଧରାଇ ବିଭିନ୍ନ ପିତୃପୁରୁଷଙ୍କ ନାମ ଉଚ୍ଚାରଣ କରାଯାଏ । ଯେତେବେଳେ ଧନୁଟି ଟିକିଏ ଥରିଉଠେ, ସେତେବେଳେ ସେ ଯେଉଁ ପୁରୁଷଙ୍କ ନା ଧରିଥାଏ, ସେହି ପିତୃପୁରୁଷ ଜନ୍ମ ନେଲା ବୋଲି ଘୋଷଣା କରେ । ଜନ୍ମର ପ୍ରାୟ ଛଅ ମାସ ପରେ ପିଲାର ନାଁ ଦିଆଯାଏ । ନାଁ ଦିଆଯିବା ବେଳେ ସେମାନଙ୍କ ଜାନି ବା ପୁରୋହିତ ଆସେ ଏବଂ ସେହିପରି ଚାଉଳ ପଡ଼େ, ଏହି ଚାଉଳ ପକା ପରମ୍ପରା କିଶାନ୍, ମିର୍ଦ୍ଧା ସଂପ୍ରଦାୟରେ ମଧ୍ୟ ରହିଛି । ସେମାନେ ମୃତ ସ୍ତ୍ରୀ ପୁରୁଷର ନାଁ ଧରି ନାମ ଉଚ୍ଚାରଣ କରନ୍ତି । ଯାହା ନାଁରେ ସେ ଚାଉଳ (ହଳଦୀ ପାତ୍ରରେ ଠିଆ ହୋଇଥିବା କାଠିରେ) ବାର ବାର ଯୋଡ଼ି ହୋଇଯାଏ, ସେହି ପୁରୁଷ ବା ସ୍ତ୍ରୀ ଜନ୍ମ ନେଇଛି ବୋଲି ବିଶ୍ୱାସ କରାଯାଇଥାଏ ।

ବିଭିନ୍ନ ପଶୁପକ୍ଷୀ ପ୍ରାଣୀର ଡୁମା ବା ଆତ୍ମା ବି ମଣିଷ ରୂପରେ ଜନ୍ମ ନିଏ ବୋଲି ଆଦିବାସୀର ବିଶ୍ୱାସ । ଏହା ମୁନିଋଷିଙ୍କର ମଧ୍ୟ ବିଶ୍ୱାସ । ଜଡ଼ ଭରତ ଆମ ଦୃଷ୍ଟାନ୍ତ । ଉଦାହରଣ ସ୍ୱରୁପ 'ଲଟା' ବିଲେଇ ଡୁମା, ତାର ବାପା ଉଲ୍କା ବାସୁ ଥିଲା 'ମୂଷା ଡୁମା' । ମାଙ୍କଡ଼ା ମାଙ୍କଡ଼ ଡୁମା, ଇତ୍ୟାଦି ଏହି ପଶୁର ଆତ୍ମା ମଣିଷ ରୂପ ନେବା କଥା ବନଗହନର ତଳେ 'କାହ୍ନୁବାବୁ' ସୂଚନା ଦେଇଛନ୍ତି । ପୁଣି ପିତୃପୁରୁଷ ଅସନ୍ତୁଷ୍ଟ ହେଲେ ପଶୁପକ୍ଷୀ ରୂପରେ ଜନ୍ମ ନେଇ କଷ୍ଟ ଦିଅନ୍ତି ବୋଲି ବି ଶବରମାନେ ବିଶ୍ୱାସ କରନ୍ତି । ବାସ୍ତବରେ ଆଦିବାସୀର ଜୀବନ 'ବିଶ୍ୱାସ ମୂଳେ ଏ ଜଗତ' ଉପରେ ଆଧାରିତ । ନୂଆଁ ବିଶି ଜନ୍ମ ନେବ ଏକଥା 'ଲାସୁ' ଉପନ୍ୟାସରେ ଜାନି କହିଛି । ଏଣୁ ପୁନର୍ଜନ୍ମକୁ ସମସ୍ତେ ବିଶ୍ୱାସ କରନ୍ତି । ଖ୍ରୀଷ୍ଟିଆନ, ମୁସଲିମ୍ ଧର୍ମରେ ମଧ୍ୟ ବିଶ୍ୱାସ ରହିଛି ।

୧୯୭୯ ୧୩ .

ଅର୍ଥାତ୍ ଯିଏ ମୃତ୍ୟୁ ପରେ ଜନ୍ମ ଦେଲା, ସେହି ପରମେଶ୍ୱରଙ୍କୁ କିପରି ଅବିଶ୍ୱାସ କରିବା । ମୃତ୍ୟୁ ପରେ ଜନ୍ମ ଦେବ ଏବଂ ପୁଣି ଦେବ ମୃତ୍ୟୁ, ଶେଷରେ ତୁମେ ତାଙ୍କ ଅଧୀନକୁ ଫେରିଯିବ । ଏଣୁ ବ୍ୟକ୍ତିର ମୃତ୍ୟୁରେ ଆଦିବାସୀ ଅଶ୍ଥିର ହୋଇ ଉଠିଲେ ମଧ୍ୟ ଆଶ୍ୱସ୍ତ ହୁଏ, ଯେପରି କି ସରବୁ ସାଓଁତା କହିଲା, "ଜୀବନ ସତ୍ୟ, ଜୀବନ ସୁନ୍ଦର, ପୁରୁଷ ଦେହଟା ଗଲେ ପଛେ ଯାଉ, ପୁଣି ଜନ୍ମ ହେବ ଏହି ପୃଥିବୀରେ ।" ସାରବୁ ସାଓଁତାର ବିଶ୍ୱାସର ଭାଷା ବିଶ୍ୱକୁ ମଧୁମୟ କରିଛି । ଗୀତାର ସଂଖ୍ୟା ଦର୍ଶନ ଏବଂ କଠ ଉପନିଷଦ, ଶ୍ୱେତା ର ଉପନିଷଦରେ ଏହି କଥା ସ୍ୱୀକୃତ । କବି ଗଙ୍ଗାଧର ମଧ୍ୟ କହିଛନ୍ତି

ମୁଁ ତ ଅମୃତ ସାଗର ବିନ୍ଦୁ, ନଭେ ଉଠିଥିଲି ତେଜି ସିନ୍ଧୁ

ଖସି ମିଶିଛି ଅମୃତ ଧାରେ, ଗତି କରୁଛି ସେ ଅକୂପାରେ ।" (ଅମୃତମୟ)

ଏହାର ଭିତ୍ତି ପୁନର୍ଜନ୍ମବାଦର ବିଶ୍ୱାସ ଓ ଦର୍ଶନ ।

**(ଙ) ଶବ ସଂସ୍କାର:-**

ପ୍ରତ୍ୟେକ ସମାଜରେ ମୃତ ବ୍ୟକ୍ତିର ଶବ ସଂସ୍କାର ରୀତି ରହିଛି । ଏ ଶବ ସଂସ୍କାର ବର୍ଣ୍ଣନା ଗୋପୀବାବୁଙ୍କ ଅମୃତ ସନ୍ତାନରେ ବିସ୍ତୃତ ରୂପ ନେଇଛି । ଶିବାଭାଇରେ ଶିବର ବାଘଖିଆ ଏକ ଗୋଡ଼ର ହାତ ଆଣି ସଂସ୍କାର କରାଯାଇଛି । କିନ୍ତୁ ପ୍ରଥାର ବିଶଦ ବର୍ଣ୍ଣନା ନାହିଁ । ମାତ୍ର ଅମୃତ ସନ୍ତାନରେ ସରବୁ ସାଓଁତାର ମୃତ୍ୟୁ ପରେ ପଲ୍ଲୀର ସମସ୍ତ ସ୍ତ୍ରୀ ପୁରୁଷ ସମବେତ ହୋଇ କାନ୍ଦିଛନ୍ତି । ବେଳ ଥାଉଁ ଥାଉଁ ଶବକୁ ଶ୍ମଶାନକୁ ନିଆଗଲା । ଶବର ଦୁଇ ପାର୍ଶ୍ୱରେ କେତେ ଜଣ ନିଆଁର ମଶାଲ ଜାଳି ଧରିଛନ୍ତି । ପରେ ଶ୍ମଶାନରେ କାଠ ଖଞ୍ଜାଗଲା । ମୁଣ୍ଡରେ ଜଡ଼ାତେଲ ଦେଇ ନିଆଁ ଲଗାଇଦେଇ ସେଠାରେ ଫୁଟା ହାଣ୍ଡି, ଛିଣ୍ଡା ଟୋକେଇ ଶବ ପାଖରେ ଅଜାଡ଼ି ଦେଇ ଚାଲି ଆସିଲେ । ଶବ ତା ବାଟରେ ଜଳୁଥାଏ । ଶବ ବାହକ ମାନେ ଗାଧୋଇ ତେଲ ଲଗାଇ ଚାଲି ଆସିଲେ ସ୍ୱଗୃହକୁ ।

ହିନ୍ଦୁ ପରମ୍ପରାରେ ଶବ ଅଙ୍ଗାର ନହେବା ଯାଏ ମାଲଭାଇମାନେ ଶ୍ମଶାନ ତ୍ୟାଗ କରନ୍ତି ନାହିଁ । ଓରାମ, ମୁଣ୍ଡା କିସାନ, ଶବର ମଧ୍ୟ ଶବ ସଂପୂର୍ଣ୍ଣ ଭସ୍ମ ହେବା ଯାଏ ରହିଥାନ୍ତି । ମାତ୍ର କନ୍ଧମାନେ ତା ଆରଦିନ ଶବ ପୋଡ଼ା ଯାଗାକୁ ଯାଇ ଦଗପୋଡ଼ା ହାଡ଼କୁ ଏକାଠି କରି ପୁଣିଥରେ ପୋଡ଼ି ଖାର (ଭସ୍ମ) କରନ୍ତି । ପୁଅ ଜଳୁଥିବା ଶବକୁ ଚାହେଁନାହିଁ । ଶ୍ରାଦ୍ଧ କ୍ରିୟା ଅବସରରେ କନ୍ଧ ଘରଦ୍ୱାର ସଫା କରେ । ନୂଆ ହାଣ୍ଡିରେ ମାଂସ ଭାତ ରନ୍ଧାଯାଏ । ଆତ୍ମା ଉଦ୍ଦେଶ୍ୟରେ କୁକୁଡ଼ା ବଳି ଦିଆଯାଏ । ଡୁମା ବା ଆତ୍ମାକୁ ଶେଷ ସ୍ୱାଗତ କରାଯାଏ । 'ନବମ' ଦିନରେ ଏହା ସଂପାଦିତ ହୁଏ । ଜାନି ବା ପୁରୋହିତ ମନ୍ତ୍ର ପଢ଼ି କହେ ଯାହା ଦେଇଛୁ, ସେଇଆ ନେଇ ତୁମେ ଯାଅ ଭାସି, ଯାଅ ଆଉ ଆସ ନାହିଁ ।(୧୪) ଗାଁର ମଝିରେ ନିଆଁ ଜଳୁଥାଏ, ତହିଁରେ କୁକୁଡ଼ା ରକ୍ତ ଓ ମଦ ଢଳା ଯାଏ । ସରବୁ ସାଓଁତାର ଆତ୍ମା ଶାନ୍ତ ହେଉ । ପୁରୋହିତ କାମଲା ଜାନିର ପ୍ରେତ କ୍ରିୟା ମନ୍ତ୍ର ଶେଷ କଲା । ଏ ହେଉଛି ଶ୍ରାଦ୍ଧ କ୍ରିୟାରୀତି । ଦିବସର ଶେଷ କାର୍ଯ୍ୟ । ଏହାକୁ କନ୍ଧ ମାନେ ପ୍ରେତ 'ଘଉଡ଼ା ପର୍ବ' କହନ୍ତି । ସମସ୍ତେ ହସ ଖୁସିରେ ଖିଆପିଆ କରି ନାଚନ୍ତି । କିନ୍ତୁ ଏହା ବ୍ୟତୀତ କନ୍ଧମାନେ ଗର୍ଭିଣୀ ସ୍ତ୍ରୀ ବା ଶିଶୁ ମରିଗଲେ ତାକୁ ପୋତି ଦିଅନ୍ତି । କୌଣସି ସ୍ତ୍ରୀ ବା ପୁରୁଷ ମରିଗଲେ ତାକୁ ନୂଆ ବସ୍ତ୍ରରେ ଆଚ୍ଛାଦି କରନ୍ତି । ଶୁଦ୍ଧି ନହେବା ଯାଏ ମଦ ମାଂସ ଖାଆନ୍ତି ନାହିଁ । ଶୁଦ୍ଧି ଦିନ ତାଙ୍କ ନିର୍ଦ୍ଦିଷ୍ଟ ନଥାଏ । ଯେ କୌଣସି ଦିନ ମୃତ ବ୍ୟକ୍ତିର ପରିବାର ହଠାତ୍ ହାଣ୍ଡି ଫୋପାଡ଼ି ଦିଅନ୍ତି । ଭିନ୍ନ ଭିନ୍ନ ଅଞ୍ଚଳରେ ଭିନ ଭିନ୍ନ ରୀତି ରହିଛି । ଫୁଲବାଣୀ, କଳାହାଣ୍ଡି କନ୍ଧଙ୍କ ମଧ୍ୟରେ ପାର୍ଥକ୍ୟ ପରିଲକ୍ଷିତ ହୁଏ । ଶ୍ରାଦ୍ଧରୀତି ପ୍ରାୟେ ସବୁ ଗୋଷ୍ଠୀରେ ସମାନ ।

ଗୋପୀବାବୁ ତାଙ୍କ ଉପନ୍ୟାସରେ ଏ ବିଷୟରେ ନିର୍ଦ୍ଦିଷ୍ଟ ତଥ୍ୟ ଦେଇ ନାହାନ୍ତି । ତେବେ ଜଣାଯାଏ ଯେ ବିଭିନ୍ନ ଅଞ୍ଚଳରେ ବିଭିନ୍ନ ପରମ୍ପରା ଅନୁସୃତ ହେଉଛି । କୋରାପୁଟର କନ୍ଧ ଏବଂ ଫୁଲବାଣୀର କନ୍ଧ ମଧ୍ୟରେ ରୀତି ବା ଚଳଣିର ପାର୍ଥକ୍ୟ ରହିବା ସ୍ୱାଭାବିକ । ଆଲୋଚିତ ଉପନ୍ୟାସରେ ପରଜା, ଶବର, କିସାନ, ଓରାମ ଆଦିଙ୍କର ଜୀବନ ଚିତ୍ର ଥିଲେ ମଧ୍ୟ ଜନ୍ମ ମୃତ୍ୟୁ ବା ଏନ୍ତୁଡ଼ି ଶାଳର ଚିତ୍ର ଆଦୌ ନାହିଁ । ମାତ୍ର ଶବର ମାନଙ୍କର ଅନ୍ତ୍ୟେଷ୍ଟି କ୍ରିୟା ବଡ଼ ବିଚିତ୍ର । ଶବ ସଂସ୍କାରରେ ଝିଅମାନେ ଅଂଶ ଗ୍ରହଣ କରନ୍ତି । ସେମାନେ ଜଳ ଆଣି ହଳଦୀ ପାଣି ପ୍ରସ୍ତୁତ କରନ୍ତି । ମୃତ ଶରୀରରେ କପଡ଼ା ଘୋଡ଼ାଇ ସ୍ତ୍ରୀମାନେ ବହନ କରି ଶ୍ମଶାନକୁ ନେଇ ପୋଡ଼ି ଦେଇଥାନ୍ତି ।"(୧୫) ତା ଆରଦିନ

ଶ୍ମଶାନକୁ ଆସି ପାଉଁଶ ପରୀକ୍ଷା କରି ମୃତ୍ୟୁର କାରଣ ପରୀକ୍ଷା କରନ୍ତି । କୁକୁଡ଼ା ବଳି ଦିଆଯାଏ ଏବଂ ମୃତ ବ୍ୟକ୍ତିର ଉଦ୍ଦେଶ୍ୟରେ ଭାତ ରାନ୍ଧି, ପତ୍ରରେ ଅର୍ପଣ କରାଯାଏ । ଶବର ତିନି ବର୍ଷରେ ଥରେ ମୃତ ବ୍ୟକ୍ତି ପାଇଁ ମଇଁଷି ବଳି ଦିଏ । ମୃତ ବ୍ୟକ୍ତି ବା ପୂର୍ବପୁରୁଷ ସନ୍ତୁଷ୍ଟ ହେଲେ ଭଲ ଫସଲ ହେବ ବୋଲି ସେମାନଙ୍କର ବିଶ୍ୱାସ । ଉକ୍ତ ଭୋଜିକୁ ଶବରମାନେ 'ଲିମା' କହନ୍ତି । ଶୋକସନ୍ତପ୍ତ ବ୍ୟକ୍ତି ଉକ୍ତ ଅର୍ପିତ ଭାତ ଦେଇ ନିଜ ପୂର୍ବପୁରୁଷଙ୍କୁ ଅର୍ପଣ କରେ । ଏହି ଉତ୍ସବ 'ମାର୍ଚ୍ଚ-ଏପ୍ରିଲ' ମାସରେ ଅନୁଷ୍ଠିତ ହୋଇଥାଏ । ଏହି ଅବସରରେ ମୃତ ବ୍ୟକ୍ତିର ପରିବାର ଆତ୍ମାର ତୃପ୍ତି ପାଇଁ ନାନା ଉତ୍ସବର ଆୟୋଜନ କରିଥାନ୍ତି ।

## (ଚ) ପ୍ରସୂତି ପରମ୍ପରା:-

କନ୍ଧ ସମାଜରେ ନାମ କରଣ ସଂପର୍କରେ ସୂଚନା ରହିଛି । ପୃଥ୍ୱୀ ନିଜ ପୁଅର ନାହି ଧାର ପଥରରେ କାଟି ପୁଅ କାଖେଇ ଚାଲି ଆସିଥିଲା । କିନ୍ତୁ ପ୍ରସୂତୀ ପରମ୍ପରା ଉଲ୍ଲେଖ ନାହିଁ । ଘରେ ପିଲା ଜନ୍ମ ହେଲେ ଧନୁତୀର ଦ୍ୱାରା ନାହି କଟାଯାଏ । ପାଞ୍ଚ ଛଅ ଦିନ ପର୍ଯ୍ୟନ୍ତ ଗରମ ହାତରେ ଶିଶୁକୁ କଡ଼ା ତେଲ ଓ ହଳଦୀ ଦେଇ ଘଷନ୍ତି । ତିନି ଦିନପରେ ପୂର୍ବପୁରୁଷ ଉଦ୍ଦେଶ୍ୟରେ କୁକୁଡ଼ା ବଳି ଦେଇ ତା ରକ୍ତକୁ କାନ୍ଥରେ ଲେପି ଦେଇଥାନ୍ତି । କାରଣ ଏହା ଦ୍ୱାରା ପିଲା ଉପରେ ଭୂତ ପ୍ରେତର ଦୃଷ୍ଟି ପଡ଼ିବ ନାହିଁ ବୋଲି ଧାରଣା । ତାପରେ ଜାନି (ପୁରୋହିତ)ଙ୍କୁ ଡକାଇ ନାମକରଣ କରିବାର ଚଳଣି ଅନୁସରଣ କରାଯାଏ । ଚାଉଳ ପକାଇ 'ଇତାଲ' ବା ଡୁମାର ନାମ ଧରି ଡକାଯାଏ । ଚାଉଳ ଯା ନାମରେ ଠିଆ ହୁଏ ସେ ଜନ୍ମ ନେଲା ବୋଲି ବିଶ୍ୱାସ । ସେପରି ସରବୁ ସାଓଁତା ଡୁମାର ହେଲା 'ହାକିନା' । ନୋକା ନାଇକ ବି ମାଙ୍ଗତାର ପୁଅ ଭାବେ ଜନ୍ମ ନେଇଥିବା ସୂଚନା ରହିଛି । ଜନ୍ମ ହୋଇଥିବା ପିଲାକୁ କନ୍ଧମାନେ ଲଣ୍ଡା କରନ୍ତି । ମାମୁଁର ଭୂମିକା ଏଥିରେ ବେଶି । ଶିଶୁର ହାତରୁ ଡାଳ ବା ପତ୍ର ପୂର୍ବ ପୁରୁଷର ନାମ ଉଚ୍ଚାରଣ ବେଳେ ଖସିଗଲେ ସେହି ବ୍ୟକ୍ତିର ଡୁମା ଜନ୍ମ ନେଇଛି ବୋଲି ବିଶ୍ୱାସ କରନ୍ତି । ଏପରି ବିଭିନ୍ନ ଆଦିବାସୀ ମାନଙ୍କର ଅଞ୍ଚଳ ଭେଦରେ ଭିନ୍ନ ଭିନ୍ନ ପ୍ରଥା ରହିଛି ।

## (ଛ) ବେଶଭୂଷା:-

ଆଦିବାସୀମାନେ ସାଧାରଣତଃ ନିରାଡମ୍ବର, ଭୂୟାଁ ସ୍ତ୍ରୀମାନେ ସାଧାରଣ ଶାଢ଼ୀ ପରିଧାନ କରିଥାନ୍ତି । ମଥାରେ ଓଢ଼ଣା ନଥାଏ । ସାଧାରଣ ଭଦ୍ର ବ୍ୟକ୍ତି ଆସିଲେ ମଧ୍ୟ ଲୁଚି ରହନ୍ତି ନାହିଁ । ବରଂ ଅତିଥିଙ୍କର ସେବା ଯତ୍ନ ନେଇଥାନ୍ତି ସେମାନେ । 'ଭୀମାଭୂୟାଁ' ଉପନ୍ୟାସରେ ଏହାର ସୂଚନା ରହିଛି । ପରଜା ନାରୀ ହାତ ତିଆରି ଛୋଟ ଶାଢ଼ୀ ପରିଧାନ କରେ । ଅଳଙ୍କାର ଭାବେ ତମ୍ବା, ରୂପା ବ୍ୟବହାର କରେ । ପୁରୁଷମାନେ କୌପୁନୀ ମାରି ମୁଣ୍ଡରେ ମୟୁର ପୁଚ୍ଛ ପରିଧାନ କରନ୍ତି । ଡଙ୍ଗରିଆ କନ୍ଧ ବା କୁଟିଆ କନ୍ଧଙ୍କର ପରିଧାନ ପ୍ରାୟ ସମାନ । ଲାଞ୍ଜିଆ ସଉରା ମଧ୍ୟ କନ୍ଧଙ୍କ ପରି ପୋଷାକ ପରିଧାନ ପରନ୍ତି । ପୁରୁଷ ୫ ଫୁଟ ଲମ୍ବ, ୧ ଫୁଟ ପ୍ରସ୍ଥର ଏକ କୌପୁନୀ ପିନ୍ଧେ । ମୁଣ୍ଡର ଲମ୍ବା କେଶରେ ପାନିଆଁ ଖୋସି ଥାଏ । ପୁରୁଷମାନେ ନାକରେ ଦୁଇଟି ମୁଦି ପିନ୍ଧନ୍ତି ଓ ସ୍ତ୍ରୀମାନେ ନାକରେ ତିନୋଟି ମୁଦି ପିନ୍ଧନ୍ତି । ଅବିବାହିତା ଝିଅମାନେ ଧଳାରଙ୍ଗର ଶାଢ଼ୀ ପିନ୍ଧନ୍ତି । ଝିଅମାନେ ବେକରେ କାଚମାଳି, ମୁଣ୍ଡରେ ନାନା ଜାତିର ଫୁଲ, ଗଳାରେ ମାଳି, ହାତରେ ଧାତୁ ନିର୍ମିତ ବଳା, ପାଦରେ

ପାହୁଡ଼, କାନଫୁଲ ଓ ନାକଦଣୀ ପିନ୍ଧନ୍ତି । ସେମାନେ ମଧ୍ୟ କନ୍ଧ, ମୁଣ୍ଡା, ଓରାମ, କିସାନ, ମିର୍ଦ୍ଧା ପରି ବାହୁ ପାଦ ମଥାରେ ଚିତା କୁଟାନ୍ତି । ଶବରଙ୍କୁ ମୁଣ୍ଡା ସଂପ୍ରଦାୟର ବୋଲି ନୃତତ୍ତ୍ୱବିଦ୍ ମାନେ ବିଚାର କରନ୍ତି । ମାତ୍ର ଶବର ମାନେ ଓଡ଼ିଶାର ଏକ ପ୍ରତିଷ୍ଠିତ ଜାତି, ସେମାନେ ଯୁଦ୍ଧ କୌଶଳରେ ସୁଦକ୍ଷ । ଶବର ରାଜା କଥା ରାମାୟଣ, ମହାଭାରତ ଆଦି ପୁରାଣରେ ବର୍ଣ୍ଣିତ । ଏ ଯୁଗର ମଧ୍ୟ ବାଣଭଟ୍ଟଙ୍କ ହର୍ଷଚରିତରୁ ଜଣାଯାଏ 'ବିନ୍ଧ୍ୟାଟବୀ' ଥିଲା ସମୃଦ୍ଧ ରାଜ୍ୟ, ଯେଉଁଠି ଜଣେ ଆଦିବାସୀ ସପ୍ତମ ଶତାବ୍ଦୀରେ ରାଜତ୍ୱ କରୁଥିଲେ । (୧୬) କୋଙ୍ଗଦ ରାଜା ପୁଳିନ୍ଦ ସେନ ଓ ମହେନ୍ଦ୍ରଗିରିର ଶବରାଦିତ୍ୟ କଳିଙ୍ଗର ପ୍ରଜା ପାଳନ କରୁଥିଲେ । ଶୈଳୋଦ୍‌ଭବ ରାଜା କଥା ଇତିହାସ ପ୍ରସିଦ୍ଧ । ସେମାନେ ଯେପରି ଯୁଦ୍ଧ ପ୍ରିୟ, ସେପରି ସୌନ୍ଦର୍ଯ୍ୟପ୍ରିୟ । ଅନେକ ଶବର ସେମାନଙ୍କର ଆଦିମ ବେଶଭୂଷା ଏବେ ସୁଦ୍ଧା ପରିଧାନ କରନ୍ତି । ପୁରୁଷ ପରିଧାନ ଲେଙ୍ଗୁଟି, ମୟୂର ପକ୍ଷୀର କଳାପର ଓ ମୟୂର ପୁଚ୍ଛ । ନାରୀମାନେ ମୟୁର ଚନ୍ଦ୍ରିକା, ଗୁଞ୍ଜମାଳ, କଂସା ପିତଳର ବଳା, ଖଡୁ ପ୍ରଭୃତି ନାନା ଅଳଙ୍କାର ପରିଧାନ କରନ୍ତି । ପୁରାଣରେ 'ଶବରୀ ନାରାୟଣ' ତଥା ଚର୍ଯ୍ୟାଗୀତିକାରେ 'ଶବରୀପାଙ୍କ' ବର୍ଣ୍ଣନା ଆମର ଦୃଷ୍ଟି ଆକର୍ଷଣ କରେ ।

(କ) ଖାଦ୍ୟ :-

ଗରିବ ଆଦିବାସୀ, ବିଶେଷତଃ ଭୂୟାଁ, ପରଜା, କନ୍ଧ, ବଣ୍ଡା, ଜୁଆଙ୍ଗ, ଗଦବା ଆଦିଙ୍କର ଖାଦ୍ୟପେୟ ଖୁବ୍ ସାଧାରଣ । ସେମାନେ ତେନ୍ତୁଳି ମଞ୍ଜି, ଶଳପ ଗଛର ଗୁଣ୍ଡ ତଥା ଆମ୍ବ ଟାକୁଆର ଜାଉ ଖାଇ ବଞ୍ଚନ୍ତି । ମଦ, ମାଂସ ପ୍ରିୟ ମଧ୍ୟ ଏମାନେ । ଭୂୟାଁ ଜାତିରେ ମଦ ଖାଇବା ମନା ନୁହେଁ । ମୁହଁରୁ ସୁଗନ୍ଧ ବା ଦୁର୍ଗନ୍ଧ ବାହାରୁଥିଲେ ମଧ୍ୟ ଜାତିର ଲୋକେ ଜଗନ୍ନାଥ କତିକୁ ଯାଇପାରନ୍ତି । (୧୭) ମଦ ଏମାନଙ୍କର ପାନୀୟ ପରି । ସେମାନେ ଖେମା, ଚାଉଳଭାତ, ବିରିଡାଲି, ମଦ ସାଙ୍ଗକୁ ମାଂସ ବ୍ୟବହାର କରିଥାନ୍ତି । ପ୍ରତ୍ୟେକ ଆଦିବାସୀ ଗୋଷ୍ଠୀ ମଦ୍ୟପ୍ରିୟ । ଦେବତାଙ୍କୁ ବା ଡୁମାଙ୍କୁ ଅନ୍ୟ କିଛି ନଦେଇ ବି ମଦକୁ ତର୍ପଣ ଅର୍ପଣ କରିବା ଚଳଣୀ ରହିଛି ।

କନ୍ଧମାନେ ମଧ୍ୟ ମାଣ୍ଡିଆ, ଧାନ, ମକା ଚାଷ କରନ୍ତି । ଖାଦ୍ୟ ହେଲା ମାଣ୍ଡିଆ ଜାଉ ଓ ବଣର ଫଳମୂଳ, କନ୍ଦା, କାଇବା ମରିକା, କନ୍ଧମାନଙ୍କର ପ୍ରିୟ ଖାଦ୍ୟ । କାଇକୁ ଝାଡ଼ି ଆଣି ମାଣ୍ଡିଆ ଜାଉରେ ପକାନ୍ତି । ବେଶ୍ ଆମ୍ବିଳା ବା ଖଟା ଲାଗେ । ଏମାନେ ମାଙ୍କଡ଼ ମାଂସ ଖାଇବାକୁ ଭଲ ପାଆନ୍ତି ବୋଲି ଗୋପୀବାବୁ ପ୍ରତ୍ୟକ୍ଷ ବର୍ଣ୍ଣନା କରିଛନ୍ତି ।

ସେହିପରି ପରଜାର ମାଣ୍ଡିଆ ଜାଉ, ଭାତ ହିଁ ଖାଦ୍ୟ । ଏମାନେ ବି ବଣର ଚାର, କେନ୍ଦୁ, ମହୁଲ, ଆମ୍ବ, କରଡ଼ି, ଝୁଣା ଇତ୍ୟାଦି ସଂଗ୍ରହ କରି ପାରିବାରିକ ଜୀବନକୁ ତୃପ୍ତ କରନ୍ତି । ଏମାନେ କିସାନ୍ (ମିର୍ଦ୍ଧା) ସଂପ୍ରଦାୟ ପରି କାହାରି ହାତରୁ ଖାଦ୍ୟ ଛୁଉଁ ନଥିଲେ । ମହୁଲ ଟୋଲ (ଫଳ) ନାନାପ୍ରକାର ବଣ ଶାଗ ସଂଗ୍ରହ କରନ୍ତି । ଜୀବନଯାପନ ପାଇଁ ପଟି, ମସିଣା, ଦଉଡ଼ି ତିଆରି କରି ଚଳନ୍ତି । ଓରାମ୍‌ଙ୍କର ପୁରୋହିତ, ଭଗତ ମଦ ପିଏ ନାହିଁ । ଅନ୍ୟ ଗୋଷ୍ଠୀର ଜାନି, ଦିଶାରି, ବେଜୁଣୀ ପ୍ରାୟେ ମଦ୍ୟପ୍ରିୟ । ଏପରିକି ଆଦିମ ଗଣ୍ଡମାନେ ମୂଷା, ଢାମଣା ସାପ ଖାଉଥିଲେ । ଉତ୍ପାଦିତ ଖାଦ୍ୟଶସ୍ୟ ହେଲା ମକା, କନ୍ଦମୂଳ, ରାଶି, ସୋରିଷ, ହରଡ଼, ଧୂଆଁପତ୍ର ଓ ଧାନ । ବଣ୍ଡାମାନେ

ସାଧାରଣ ଖାଦ୍ୟ ବ୍ୟତୀତ କନ୍ଧ ପରଜାଙ୍କ ପରି ମଇଁଷି ଓ ଗୋମାଂସ ପ୍ରିୟ । ଶବର, ଓରାମ୍ ଶିକାରୀ ଜାତି । ଗଣ୍ଡା ମାଂସ ବ୍ୟତୀତ ପକ୍ଷୀ ଶିକାର, ଘୁଷୁରି ମାଂସ ସେମାନଙ୍କର ପ୍ରିୟ । ଆଜିର ଆଦିବାସୀ ସାଧାରଣ ପରିବର୍ତ୍ତିତ ସମୟରେ ଉନ୍ନତ ରୁଚିର ଖାଦ୍ୟ ପ୍ରତି ଆକୃଷ୍ଟ ହେଲେଣି । ଭଲ ସାତ୍ତ୍ୱିକ ଖାଦ୍ୟ, ଭଲ ବସ୍ତ୍ର, ଭଲ ବ୍ୟବହାର ଆଡ଼କୁ ଆକୃଷ୍ଟ ହେଲେଣି । ସଭ୍ୟ ଶିକ୍ଷିତଙ୍କ ସହିତ ତାଳ ଦେଲେଣି ।

(ଙ) ଗୃହ:-

ଭୂୟାଁମାନେ ଛୋଟ କୁଡ଼ିଆ ତିଆରି କରି ଧାଡ଼ି ଧାଡ଼ି ହୋଇ ବସ୍ତିକରି ରହନ୍ତି । ନାଲି ନେଳି ରଙ୍ଗ ମାଟିରେ ଘର ଲେପି ପରିଷ୍କାର ଭାବେ ରହନ୍ତି । ପରଜାମାନେ ମଧ୍ୟ ଛୋଟ ଛୋଟ କୁଡ଼ିଆ କରି ରହିଥାନ୍ତି । ସେହି ଘର କୁଡ଼ିଆଟି ବେଶ୍ ଅନ୍ଧକାର । ଝରକା ନଥାଏ । ସେହି ଜିନିଷ ପତ୍ର ତଥା ଖାଦ୍ୟ ସାମଗ୍ରୀ ମାଣ୍ଡିଆ, ଆମ୍ବଟାକୁଆ, ସୁଆଁ ଆଦି ଗାତ କରି ଜମେଇ ରଖିଥାନ୍ତି । ପରଜାଙ୍କ ପରି କନ୍ଧମାନେ ମଧ୍ୟ ଚାଳକୁ ଛପର କରି ଘର ତିଆରି କରନ୍ତି । ସାଧାସିଧା ମଝିରେ ମଝିରେ କାଠଖୁଣ୍ଟ ଦେଇ ଝାଟିମାଟିର କାନ୍ଥ ତିଆରି କରିଥାନ୍ତି । ଘର ଗୁଡ଼ିକ ନୁଆଁଣିଆ । ବାଉଁଶ ପଟିଆ, ଖଜୁରୀପତ୍ର, ତାଳ ଓ ଜଙ୍ଗଲରେ ମିଳୁଥିବା ସବାଇ ଘାସରେ ବି ଶିଆଳି ଲତାର ତିଆରି ଦଉଡ଼ି ଘର ତିଆରି ବା ମରାମତିରେ ବ୍ୟବହାର କରିଥାନ୍ତି । ଏମାନଙ୍କର ଘର ମଧ୍ୟ ଧାଡ଼ି ଧାଡ଼ି ଅଥଚ କୁଡ଼ିଆ ଭାବେ ତିଆରି ହୋଇଥାଏ । ପଲ୍ଲୀର ଏ ମୁଣ୍ଡରେ ଧାଙ୍ଗଡ଼ା ଧାଙ୍ଗଡ଼ୀ ବସାଥାଏ । ଯେଉଁଠି ପରଜା, କନ୍ଧ, ଜୁଆଙ୍ଗ, ପୁଅ ଝିଅ ମାନେ ନିଜ ନିଜ ଭାଷାରେ ଗୀତ ଗାଇ ଆମୋଦ କରନ୍ତି । ପ୍ରାୟ ସବୁ ଆଦିବାସୀ ମାନଙ୍କର ଏପରି ସାଧାରଣ ବୈଠକ ଥାଏ । ମାତ୍ର ସଚ୍ଛଳ ଅବସ୍ଥାରେ ରହୁଥିବା କିସାନ୍, ଓରାମ୍, ଗଣ୍ଡ, ବିଝାଲ ବେଶ୍ ସାଧାରଣ ଏବଂ ଅଣଆଦିବାସୀଙ୍କ ପରି ଗୃହ ନିର୍ମାଣ କରି ଚଳିଥାନ୍ତି । କେତେକ ପାଞ୍ଚ ସାତ ଘର ମିଶି ରୁହନ୍ତି । ମାତ୍ର ଆଦିବାସୀ ପଲ୍ଲୀ ଗୁଡ଼ିକର ପରିବେଶ ଅପରିଷ୍କାର ପୂତି ଗନ୍ଧମୟ । 'ଶିବଭାଇ' ଓ 'ଅପହଞ୍ଚ'ରେ କନ୍ଧ ପରିବେଶର ବର୍ଣ୍ଣନା ଲକ୍ଷଣୀୟ । ଓଡ଼ିଶାର ଅତି ପରିଚିତ ଶବର ଜାତି ବାଘର ଭୟହେତୁ ପାହାଡ଼ରେ କୁଡ଼ିଆ କରି ରୁହନ୍ତି । ଏବଂ ଚାରିଆଡ଼େ ବାଉଁଶ ବାଡ଼ ଦେଇଥାନ୍ତି । ଏଥିରେ ସହଜରେ ହିଂସ୍ର ପଶୁ ବା ଆଗନ୍ତୁକ ପଲ୍ଲୀକୁ ପ୍ରବେଶ କରିପାରନ୍ତି ନାହିଁ ।

(ଛ) ଗୋତି ପ୍ରଥା :-

ଭୂମିହୀନ ଆଦିବାସୀ ଗୋତି ରହି ନିଜର ପେଟ ପୋଷେ । କେତେକ ଋଣ ଗ୍ରସ୍ତ ହୋଇ ସାହୁକାର ଦ୍ୱାରା ଶୋଷିତ ହୁଅନ୍ତି । "ପରଜା"," ଅମୃତର ସନ୍ତାନ"," ବନଗହନର ତଳେ", କାହାଣୀ ସବୁ ଉପତ୍ୟକାର ଆଦି ଉପନ୍ୟାସରେ ଏହାର ବ୍ୟାପକ ଚିତ୍ର ରହିଛି । ଶୁକ୍ରୁ, ମାଣ୍ଡିଆ, ଟିକ୍ରା, ସୁଗ୍ରୀ କନ୍ଧ, ପେଙ୍ଗୁକନ୍ଧ, ସନିଆ, ସନୁପର୍ଜା ପ୍ରମୁଖ ଆଦିବାସୀ ବ୍ୟକ୍ତି ଚରିତ୍ର ବର୍ଣ୍ଣିତ । ଏହି ଗୋତି ବା ଦାସତ୍ୱ କେବଳ ଓଡ଼ିଶା ନୁହେଁ, ଭାରତର ଅନ୍ୟ ଅଞ୍ଚଳରେ ମଧ୍ୟ ରହିଛି । ଏଣୁ 'ବସୁନ୍ଧରା ମାଟି'ରେ ଚଇତନ ଓ 'କାହାଣୀ ସବୁଜ ଉପତ୍ୟକା'ର ଶନିଆର ଚରିତ୍ରରେ ଏହାର ଏକ ପରିବର୍ତ୍ତନ ରୂପ ପାଉଁ । ଅନ୍ୟ ପକ୍ଷେ ଆଞ୍ଜୁଲୁସ୍, ମେର୍ଧା ଓରାମର ସ୍ୱାଭିମାନୀ ଚରିତ୍ର ହି ବ୍ୟକ୍ତି ସ୍ୱାଧୀନତା ପାଇଁ ଶଠ ସାହୁକାରକୁ ଆହ୍ୱାନ କରିଛି । ଏପରି ଆଦର୍ଶ ଅନୁସୃତ ହୋଇଥିଲେ ପରଜାର ବ୍ୟକ୍ତି ବିଦ୍ରୋହ, ମୁଣ୍ଡମେଖଳାରେ ଭୟଙ୍କର ନରହତ୍ୟା ରୂପ ନେଇ ନଥାନ୍ତା । "ବୁଭୁକ୍ଷିତଃ କିଂ ନ କରୋତି ପାପଂ ।"

ଜନତା ଅନଟନଗ୍ରସ୍ତ ଶୋଷିତ ଅତ୍ୟାଚାରିତ ହୋଇ ପ୍ରତିହିଂସା ପରାୟଣ ହୁଏ । ବିଶ୍ୱର ବହୁ ଦେଶରେ ଜନ ଜାଗରଣ ବିଦ୍ରୋହର ନଜିର ରହିଛି । ଗୋତି ପ୍ରଥା, କ୍ରୀତଦାସ ପ୍ରଥା ଆଦି ନିର୍ମମ ପ୍ରଥା ରହିଛି । ଯେଉଁଠି ମଣିଷକୁ ପଶୁ ଭଳି ବ୍ୟବହାର କରାଯାଏ । ଏହାର ଉଚ୍ଛେଦ ପାଇଁ ବିପ୍ଳବ ହୋଇଛି । ଆମେରିକାର ନିଗ୍ରୋ ଜୀବନ ଟମ୍‌କକା ଙ୍କ କୁଟୀର ଉପନ୍ୟାସରେ ବିଶଦଭାବେ ବର୍ଣ୍ଣିତ ।

ଆଦିବାସୀ ଜୀବନକୁ ଶାନ୍ତ କରି ଶ୍ରେଣୀ ବିହୀନ ସମାଜ ଗଠନ କରିବାକୁ ହେଲେ ନିଃସ୍ୱାର୍ଥପର ଓ ନିରପେକ୍ଷ ସେବା ତ୍ୟାଗ ଲୋଡ଼ା । ସଂପ୍ରତି ଜାତୀୟ ସରକାର ସେମାନଙ୍କର ଥଇଥାନ, ଅର୍ଥନୈତିକ ଉନ୍ନତି ଓ ଶିକ୍ଷାର ପ୍ରସାର କରିବାରେ ଉଦ୍ୟମଶୀଳ । ସେମାନେ ଜମି, ଅରଣ୍ୟ ସଂପଦ ହରାଇ ଅସହାୟ ଜୀବନ ଯାପନ କରୁଛନ୍ତି । କୁଲି, ରେଜା, ମୂଲିଆ, ଗୋତି ରହିବା ଏବଂ ଶୋଷିତ ହେବା ସେମାନଙ୍କ ପକ୍ଷରେ ଭାଗ୍ୟର ବିଡ଼ମ୍ବନା । ଯାହା ହେଉ ସାଧୀନତାର ନୂତନ ଭାଷା ସେମାନଙ୍କୁ ସଚେତନ କରିଛି । ଜାତି ଓ ଜଗତ ନୂତନ ଯୁଗର ସନ୍ଧାନରେ ବ୍ରତୀ ହେଉଛି । ଜନଗର୍ଜନ ରୂପ ନେଉଛି । ତାହା ହିଁ ସଚେତନତାର ଆଧୁନିକ ସ୍ୱର ।

### (ଟ) ଆଦିବାସୀ ର ଭୂସମ୍ପଳ:

କନ୍ଧ ହେଉ ବା ଅନ୍ୟ ଆଦିବାସୀ ହେଉ ଚାଷ ତାର ମୂଳ ଜୀବିକା । ସେମାନେ ଜଙ୍ଗଲ କାଟି ଜମି କରନ୍ତି । କିନ୍ତୁ ସାହୁକାର କଳେବଳେ କୌଶଳେ ତାଙ୍କ ଜମିକୁ ନିଜର କରି ନିଅନ୍ତି । ସେ ଫସଲ ଉପୁଜାଏ । କିନ୍ତୁ ଭୋଗର ଭାଗ୍ୟ କାହିଁ ତାର ? ଫସଲ ଅମଳ ହେବା ଆଗରୁ ସାହୁକାର ଦଶଗୁଣ ଶସ୍ତାରେ କିଣିନିଏ । ଯାହାକୁ କୁହାଯାଏ 'ଗଡ଼ମ୍' । ଏଥିରେ ଦେଶିଆ କନ୍ଧ ଶେଷ ହୋଇଯାଏ । ଏଣୁ ଜମି ଚାଷ କରି ଭଲ କରି ମୁଠାଏ ଖାଇପାରେ ନାହିଁ । ସାହୁକାର ଧନଧାନ୍ୟରେ ଅଧିକାରୀ ହୋଇଯାଏ । ଏପରିକି ସରକାରୀ ସାହାଯ୍ୟ ସହାନୁଭୂତି ଆକାରରେ ଯାହା ମିଳେ ତାହା ମଧ୍ୟ ହୁଏ ବାଟମାରଣା । ଏଣୁ ସମୂହ ଭାବରେ ଆଦିବାସୀର ପରିବର୍ତ୍ତନ ହୋଇନାହିଁ ଏବଂ ପଲ୍ଲୀ, ପାହାଡ଼ିଆ ଆଦିବାସୀର ଜୀବନ ଅତି କରୁଣ ହୋଇଛି । ଅଣଆଦିବାସୀ, ସୁବିଧାବାଦୀ ଗୋଷ୍ଠୀଙ୍କ ଦ୍ୱାରା ସେମାନଙ୍କର ଜମି ଅଧିକୃତ ହୋଇଛି । ରାଉରକେଲା ପରି ସ୍ଥାନରେ ଶିଳ୍ପ କାରଖାନା, ହୀରାକୁଦଠାରେ ଡ୍ୟାମ୍ ଗଢ଼ି ଉଠିଥିବାରୁ ଏବଂ ଆଧୁନିକ ଉନ୍ନୟନ ନାଁରେ ସରକାର ଜମି ଅଧିକାର କରିବା ହେତୁ ସେମାନେ ଜମି ଜଙ୍ଗଲ ହରାଇଛନ୍ତି । ନିଜର ଭିଟାମାଟିରୁ ଉଚ୍ଛନ୍ନ ଓ ବଞ୍ଚିତ ହେବା ହେତୁ ବିର୍ସା ମୁଣ୍ଡା, ଖେତ୍ରୁ ଓରାମ୍, ଶୁକ୍ରା ଟପ୍‌ପୋ ସଂଗ୍ରାମ କରିଛନ୍ତି । ସେମାନଙ୍କର ବୈପ୍ଳବିକ ଚେତନାରୁ ଜଣାଯାଏ ଯେ ସେମାନେ ନିଜ ମାଁ ମାଟି ଓ ଜାତିର ସ୍ୱାର୍ଥ ପାଇଁ ବିପ୍ଳବର ବହ୍ନି ଜାଳିଛନ୍ତି । ସାଧୀନ ସଂଗ୍ରାମରେ ବି ସେମାନଙ୍କର ଭୂମିକା ଗୌରବମୟ । ବ୍ୟକ୍ତି ଜୀବନ ଅପେକ୍ଷା ଗୋଷ୍ଠୀ ଜୀବନର ସ୍ୱାଚ୍ଛନ୍ଦ୍ୟ ରକ୍ଷା ସେମାନଙ୍କର ଥିଲା ବ୍ରତ । ମାତ୍ର ଦାରିଦ୍ର୍ୟ ଓ କରୁଣତାର ଶିକାର ହୋଇ ଦାସତ୍ୱକୁ ବରଣ ନେବାକୁ ସେମାନେ ବାଧ୍ୟ ହୋଇଛନ୍ତି । ପୋଡୁଚାଷ କରିଛନ୍ତି ଜଙ୍ଗଲ ଜମିକୁ ଚାଷ ଜମିରେ ରୂପାନ୍ତରିତ କରିଛନ୍ତି । ସେମାନେ ତ ପୁଣି ବଞ୍ଚିବେ ? ଘର ସଂସାର କରି ମାନବିକ ଅଧିକାର ପାଇବେ । ବାହ୍ୟ ପ୍ରବେଶକାରୀ ଶିକ୍ଷିତ ମଣିଷ, ବ୍ୟବସାୟୀ ଯୋଗୁଁ ସେମାନେ ସର୍ବହରା । ପରଦେଶବାସୀ ହେଲେ ଅନ୍ନ ଜଳ ଗ୍ରାସୀ । ଏହି ଆପ୍ତବାକ୍ୟର ସାର୍ବିକ ସତ୍ୟତାର ଏମାନେ ହେଲେ ପ୍ରକୃତ ପ୍ରମାଣ ।

(ଠ) ଆଦିବାସୀର ଜୀବନ ଚମିସ୍ରା ଓ ଡମ୍:

ଆଦିବାସୀ ଅଞ୍ଚଳରେ ବା ଗାଁ ଗଣ୍ଡାରେ ଡମ୍ ଭୂମିକା ବଡ଼ ବିଚିତ୍ର । ସେମାନଙ୍କ ଜୀବନ ହେଉଛି ପରମୁଖାପେକ୍ଷୀ । ମାଳ ଅଞ୍ଚଳରେ ସେମାନେ ଆଦିବାସୀ ମାନଙ୍କର ମନ୍ତ୍ରୀ ବା ଦୂତ ପରି । ସେମାନଙ୍କ ମଧ୍ୟରେ ଅନେକ କୂଟ ବୁଦ୍ଧି ସଂପନ୍ନ । ଘର ଭାଙ୍ଗିବା, ଘର ଯୋଡ଼ିବାରେ, ଠକିବାରେ ସେମାନେ ଧୂରନ୍ଧର । ଗୋପୀବାବୁଙ୍କ ଭାଷାରେ 'ଡମର ମୁଣ୍ଡ ବେଶ ଉର୍ବର ।'(୧୮) ଗାଈ, ମଇଁଷି, ବାଘ ଯେତେ ନଖାଏ ସେତେ ଡମ୍ ଖାଏ । ଉକ୍ତି ମଧ୍ୟ ବିଦ୍ରୁପ । ଡମ୍ ମାନେ ବାରିକ ଭାବରେ କନ୍ଧ ବା ଆଦିବାସୀ ପଲ୍ଲୀରେ କାର୍ଯ୍ୟ କରନ୍ତି । ସେ ବାହାର ଲୋକଙ୍କ ସହିତ ଯୋଗାଯୋଗ କରେ । କନ୍ଧର ଜମି ତଥା ଅନ୍ୟାନ୍ୟ ଫସଲ ବିକ୍ରିଠାରୁ ଆଦିବାସୀ ପ୍ରେମ ପ୍ରଣୟରେ ମଧ୍ୟ ସଂଯୁକ୍ତ ରହିଥାଏ । ପରଜାରେ 'ମଧୁଘାସି' ଅମୃତ ସନ୍ତାନରେ 'ଭୂର୍ଷା ମୁଣ୍ଡା' ଡମ୍ ଓ ଡମୁଣୀ ସୋନା ଦେଇ ଭୂମିକା, ବନଗହନର ତଳେ ରେ 'ବୁଦ୍ଧିଆ ଡମ୍' ଚରିତ୍ର ଏସବୁର ଏକ ଏକ ପରିଚୟ । କାହ୍ନୁ ବାବୁଙ୍କ ଭାଷାରେ, ବୁଦ୍ଧିଆ ଡମ୍ କହିଛି, "ମୁଁ ଡମ୍ ପିଲା, ପର ମୁଣ୍ଡରେ ନଡ଼ିଆ ଭାଙ୍ଗେ । ଆରେ ବାପ୍ୟା ତୁ କନ୍ଧ ଅନ୍ଧ, ଚାହିଁଥିବୁ କିଛି ଦେଖିବୁ ନାହିଁ ।"(୧୯) କନ୍ଧମାନଙ୍କର ସରଳତାର ସୁଯୋଗ ନେଇ ସେମାନଙ୍କୁ ବିପଦର ମୁହଁକୁ ଠେଲି ଦିଅନ୍ତି । ଏପରିକି ଆଦିବାସୀ ଝିଅ ବୋହୁର ସର୍ବନାଶ କରିବାକୁ ପଛାନ୍ତି ନାହିଁ । ଡମ୍ମାନେ ନିଜର ସ୍ୱାର୍ଥ ପାଇଁ ଆଦିବାସୀର ଜମି, ଜୀବନ, ଯୌବନ ପରହାତକୁ ଟେକି ଦେବାରେ କୁଣ୍ଠାବୋଧ କରନ୍ତି ନାହିଁ । ସେମାନଙ୍କର ନିଜର କିଛି ବୁନିଆଦି ନାହିଁ । ନୀତିହୀନ ସେମାନେ । ଆଦିବାସୀର ବାହୁଚ୍ଛାୟା ତଳେ ନିର୍ବିକାରରେ ବହୁ ଝିଅଙ୍କୁ ଫୁସୁଲାଇ ଅପରକୁ ଅର୍ପଣ କରନ୍ତି । ଯେପରି ପରଜାରେ ଦେଖୁଁ, ଡମ୍ଝିଅ ମାନେ ଅଧିକାରିଣୀ ମାନଙ୍କର ଅଙ୍ଗଶାୟିନୀ ହୁଅନ୍ତି । ଅମୃତ ସଂନ୍ତାନରେ 'ସୋନା ଦେଇ'ର ଚରିତ୍ରରୁ ମଧ୍ୟ ଏହା ବେଶ ଜାଣିହୁଏ । ଦାଦିବୁଢ଼ାରେ ଡମ୍ଝିଅ 'ସନ୍ତୋଷ କୁମାରୀ'ର ପାଲରେ ପଡ଼ିଲା ଠେଙ୍ଗାଜାନି । ଡମ୍ମାନେ ସେମାନେ ଖ୍ରୀଷ୍ଟିଆନ ହୁଅନ୍ତୁ ବା ଅନ୍ୟ ଧର୍ମ ଗ୍ରହଣ କରନ୍ତୁ ସେମାନଙ୍କର ଚରିତ୍ରଗତ ସଭାବ ବଦଳି ନାହିଁ ଗୋପୀବାବୁଙ୍କୁ 'ହରିଜନ' ଜେମାର ଝିଅ 'ପୁନି' ବହୁତ ଚେଷ୍ଟା କରିବି ସଭ୍ୟ ସମାଜରେ ମୁଣ୍ଡ ଟେକି ପାରିନି । ଦିଉଡୁ ସାଓଁତାର ପରିବାରର କରୁଣତା ପାଇଁ ଡମ୍ ପରିବାର ଦାୟୀ । ଲେଞ୍ଜୁକନ୍ଧ ଓ ଦିଉଡୁ ସାଓଁତା ସୋନି ଦେଇ ପ୍ରତି ଆସକ୍ତ । ଶ୍ୱଶୁର ଭୂର୍ଷା ମୁଣ୍ଡା ସେମାନଙ୍କର ଭାବକୁ ପ୍ରତିବାଦ କରିନାହିଁ । ବରଂ ଉତ୍ସାହିତ କରିଛି ବୋହୁକୁ । ଭୂର୍ଷାମୁଣ୍ଡା, ଦିଉଡୁ ଦାଉରୁ ରକ୍ଷା ପାଇନି । ସେତେବେଳେ ସୋନାଦେଇ କହିଛି "ମାଲୋ ବୁଢ଼ା ଲୋକ କେଡ଼େ ଯାଏ ଥରୁଛି । ଏମିତି ଏ ଗାଁରେ ପଡ଼ି ରହିଥିଲେ ଦିନେ ମାଡ଼ ଖାଇ ମରିବୁ ବାବା । ଡମ୍ ଲୋକ ବୋଲି କଣ ଜୀବନ ନାହିଁ । ସବୁ କଥାରେ ଜୁଲୁମ୍ । ଜବରଦସ୍ତି ଗାଳି, ମାଲୋ । କଣ କହି ଦେଲୁଥରେ, କି ଦୋଷ କଲା ବୁଢ଼ା ଲୋକ ।"(୨୦) ବାସ୍ତବରେ ଗରିବ ସମସ୍ତଙ୍କର ଶତ୍ରୁ । ହରିଜନ ବା ଦଳିତ ସେମାନଙ୍କ ପ୍ରତି ଆଦିବାସୀ ହେଉ କି ସାଧାରଣ ସମାଜ, ସେମାନଙ୍କୁ ବହୁଯୁଗ ଧରି ଘୃଣା, ଅସ୍ପୃଶ୍ୟ କରି ବାଡ଼ି ତଳେ ରଖିଥିଲେ । ତେଣୁ ସେମାନେ ପେଟ ପାଟଣା ପାଇଁ ବାଧ୍ୟ ହୋଇ ଅନ୍ୟକୁ ଆଶ୍ରୟ କରିଛନ୍ତି ଏବଂ ଅନୈତିକ ପଥକୁ ବାଛି ନେଇଛନ୍ତି କହିଲେ ଚଳେ । ସେମାନେ ତ ପୁଣି ମଣିଷ । ତେବେ ଏପରି ଅନୀତି କାର୍ଯ୍ୟପାଇଁ ସେମାନଙ୍କୁ ଦାୟୀ କରନ୍ତି । ସଭ୍ୟ ସ୍ପୃଶ୍ୟ ସମାଜ ହିଁ ଦାୟୀ । ଏପରି କରୁଣ ଚିତ୍ର ମଧ୍ୟ ରହିଛି ଇଂରାଜୀ ଭାଷାର ଭାରତୀୟ ପ୍ରଖ୍ୟାତ ଲେଖକ ମୁଲକରାଜ ଆନନ୍ଦଙ୍କର ଉପନ୍ୟାସରେ ।

ହଗିପୁରର 'ପୁନି' ଯେପରି ଅଘୋର ବାବୁକୁ କହିଛି । "ମୁଁ ଅଛୁଆଁ ନୁହେଁ, ଅଛୁଆଁ ତୁ । ମୁଁ ଖାଲି ଦରିଦ୍ର ଆଉ ତୁ ଛୁଇଁଲେ ପାପ ଲାଗେ, ଛୁଇଁଲେ ଛୁଆଁତ ।    "(୨୧) ଦାରିଦ୍ର୍ୟ ସେମାନଙ୍କର ଏ ଦଶା ପାଇଁ ଦାୟୀ । ସେମାନଙ୍କ ପ୍ରତିବାଦ ଅଭିଯୋଗ ସବୁ କିଛି ହେୟ । ସେମାନଙ୍କର ସୁସ୍ଥ ଜୀବନ ଯାପନ ପାଇଁ ସଚ୍ଛଳ ଅବସ୍ଥା ଥିଲେ ସେମାନେ ଏପରି ସାର୍ବଜନୀନ କଳଙ୍କ ଆଦରି ନଥାନ୍ତେ । ଏଣୁ ଭାରତରତ୍ନ ଡ଼. ଆମ୍ବେଦକର ଓ ମହାତ୍ମା ଗାନ୍ଧୀ ଅସ୍ପୃଶ୍ୟତା ଦୂରୀକରଣ ଓ ମାନବିକ ଅଧିକାର ପାଇଁ ଉଦ୍ୟମ କରିଛନ୍ତି । "ଅଭାବ ହିଁ ମନ୍ଦ ସଭାବର ଜନନୀ" । ସଂପ୍ରତି ସେମାନଙ୍କର ଚାଲିଚଳଣ ପରିବର୍ତ୍ତିତ । ସେମାନେ କ୍ରମେ ଶିକ୍ଷା, ସଂସ୍କୃତି, ଧ୍ୟାନ, ଧାରଣା ଓ ସଭ୍ୟତା ପ୍ରତି ଆକୃଷ୍ଟ । ସେମାନେ ଘୃଣ୍ୟ ଅଛୁଆଁ ଥିଲେ । ମଣିଷକୁ ମଣିଷ ଛୁଇଁଲେ ଅଛୁଆଁ ହେବା ବିସ୍ମୟଜନକ । ଜାତିଭେଦ କେବଳ ଭାରତରେ ହିଁ ରହିଛି । ଆଜିର ସମାଜରେ ବର୍ଣ୍ଣ ବୈଷମ୍ୟ, ଅସ୍ପୃଶ୍ୟତା କ୍ରମେ ଦୂରୀଭୂତ ହେବାରେ ଲାଗିଛି । ଏଣୁ ଆମେ ଦେଖୁ ଆଗାମୀ ଦିନର ଏକ ସୁସ୍ଥ ପରମ୍ପରାର ଆଲୋକ । ଅଛୁଆଁ ଏକ ଭୁଲ ବୁଝାମଣାର ରୀତି ମାତ୍ର ।

(ତ) ବିଶ୍ୱାସ:-

ଭୂୟାଁ ହେଉକି କନ୍ଧ ବା ପରଜା ହେଉ, ସମସ୍ତ ଆଦିବାସୀ ସରଳ ଓ ଧର୍ମ ବିଶ୍ୱାସୀ । ଏହା ଉପନ୍ୟାସ ଗୁଡ଼ିକରେ ପ୍ରତିପାଦିତ ହୋଇଛି । ଏଣୁ ଦେବା ଦେବୀ, ବଣ ପାହାଡ଼, ଝରଣାକୁ ଦେବତା ବୋଲି ସେମାନେ ଜ୍ଞାନ କରନ୍ତି । ଏପରିକି ଧରତୀକୁ ଦେବୀ, ସୂର୍ଯ୍ୟକୁ ଧର୍ମ ଦେବତା ବା ସ୍ରଷ୍ଟା ବୋଲି ଆଦିବାସୀ ମାନଙ୍କର ଦୃଢ଼ ଧାରଣା । ଡୁମା ବା ଭୂତ ବା ପ୍ରେତ ମଧ୍ୟ ସୁଖ ଦୁଃଖର ମୂଳ କାରଣ ବୋଲି ବିଶ୍ୱାସ । ଏଣୁ 'ଦାଦିବୁଢ଼ା'ର ସୃଷ୍ଟି । ସେପରି କାଳେସୀକୁ ମଧ୍ୟ ସେମାନେ ସର୍ବଜ୍ଞାତା ଦେବତା ଭାବରେ ଜ୍ଞାନ କରନ୍ତି । ଦାଦିବୁଢ଼ାର ଉପରେ ଗୁରୁମାଇ କାଳସୀ ଆସେ । ସେ ଏକ ସ୍ରଷ୍ଟା । ସବୁ ସୁଖଦୁଃଖର ନିୟାମକ । ସେପରି ଅମୃତର ସନ୍ତାନରେ ବେଜୁଣୀ କହିଛି ତୁମେ ପୂଜା କରୁଛ, ତମେ ମତେ ଭୟ କରୁଛ । ଖାଲି ଭୟ ତ ନୁହେଁ ଅଜଣାର ସୁଖ ସପ୍ନ ଅଜଣାର ମାୟା, ନିର୍ଭର ଭରସା । ମୁ ଧର୍ମୁ, ମୁଁ ଧରତୀନ୍, ଏପରି ମୋର ଆପଣା ଗୁଡ଼ାଏ ସଂସାର । ଚାଲିଯାଏ ସେଠି ସୁଖଦୁଃଖର ରଙ୍ଗ ଲାଗିଥାଉ । (୨୨) ସବୁବେଳେ ସୁଖରହେ ନାହିଁ କି ସବୁବେଳେ ଦୁଃଖ ରହେନାହିଁ । ମୁଦ୍ରାର ଉଭୟ ପାର୍ଶ୍ୱ ପରି ହର୍ଷ ଆଉ ବିଷାଦ । ସେମାନେ ତର୍କ ବୁଝନ୍ତି ନାହିଁ । କେବଳ ବୁଝନ୍ତି ସଫା ସଫା ଦୁଇପଦ କଥା । ସଫାକଥା, ନିଦାନ କଥା, ଯେତେବେଳେ ହାଗୁଣା ସାଓଁତାର ତିନୋଟି ପୋଢ଼ ମରିଯାଏ, କିଏ ମାରିବି ବୋଲି ପଚାରି ଆସେ । ଏଣୁ ବେଜୁଣୀ ଉପରୋକ୍ତ କଥାରେ ଉତ୍ତର ଦିଏ ସେମିତି ଗୁରୁମାଇକୁ କାଳସୀ ପଚାରିଲା ଦାଦିବୁଢ଼ା ଗାଁ ଛାଡ଼ି ଚାଲି ଯିବାକୁ ନିର୍ଦ୍ଦେଶ ଦେଇଛି । ପରଜା ଉପନ୍ୟାସରେ ମଧ୍ୟ ଶୁକ୍ରୁ ଜାନି ଡୁମା ତାର ଭାଗ୍ୟ ନିୟନ୍ତା ବୋଲି ବିଶ୍ୱାସ କରିଛି । ଲାସୁରେ ବିପଦରୁ ବଞ୍ଚିବା ପାଇଁ ଶିଶୁକନ୍ୟା ଲଛ୍ମୁକୁ ଭୂଦେବୀ ବା ଧରତୀ ଦେବୀକୁ ଅର୍ପଣ କରିଛି । କାଠର ଦେବତା । ଗୋଟାଏ ସ୍ତମ୍ଭ । ସେଠି ସ୍ତମ୍ଭେଶ୍ୱରୀ ହେଉଛନ୍ତି ଇଷ୍ଟଦେବୀ । ସାଧାରଣ ଆଦିବାସୀମାନେ ଶକ୍ତି ପୂଜକ । ସମାଜର ମଙ୍ଗଳ ପାଇଁ ଲଛ୍ମୁକୁ ଓ ଦିଶାରୀ ନିଜକୁ ଅର୍ପଣ କରିଛନ୍ତି । ରାଜାମାନେ ବିଶେଷତଃ ବଉଦର ଭଞ୍ଜବଂଶୀୟ ରାଜାମାନେ ମଧ୍ୟ 'ସ୍ତମ୍ଭେଶ୍ୱରୀ'କୁ ଇଷ୍ଟ ଦେବୀ ରୂପେ ଗ୍ରହଣ କରିଥିଲେ । ଉଦାହରଣ ସ୍ୱରୂପ ୪ର୍ଥ ଶତାବ୍ଦୀର ମହରାଜା ପୁଷ୍ଟିବରଙ୍କ 'ତେଲାଗିଙ୍ଗ' (କଳାହାଣ୍ଡି) ତାମ୍ର ଶାସନରେ ସେ ନିଜକୁ 'ସ୍ତମ୍ଭେଶ୍ୱରୀ' ପାଦଭକ୍ତ ବୋଲି ଉଲ୍ଲେଖ କରିଛନ୍ତି ।(୨୩)

'ପାହାଡ଼ୀ ଝରଣା'ରେ ମଧ୍ୟ (ପାଟଖଣ୍ଡା ପୂଜା) କନ୍ଧଙ୍କର ବିଶ୍ୱାସକୁ ଉଲ୍ଲେଖ ଅଛି । ସେମାନେ 'ଟୁରାପେନୁ' (ସୃଷ୍ଟିକର୍ତ୍ତା) ଚ୍ୟସ୍ସା (ବଣ) ସୁସୁ (ଝରଣା) ନାଦଲୁ (ଗ୍ରାମ) ଦେଲା (ଭୂମି) ବେଲା (ସୂର୍ଯ୍ୟ) ପେନୁକୁ ଦେବତା ଭାବେ ମାନନ୍ତି । ଏପରି ବିଶ୍ୱାସ ଓ ଧର୍ମ ଧାରଣା ସବୁ ଆଦିବାସୀ ସମାଜରେ ରହିଛି । ବଣ୍ଡାମାନେ 'ଶିମୁଳି' ଗଛର ଡାଳ ଓ କିଶାନ, ମୁଣ୍ଡା, ସାନ୍ତାଳ, କନ୍ଧ, ଓରାମ୍, କର୍ମାଗଛ (ହଲନବୃକ୍ଷ)ର ଡାଳକୁ ପୋତି 'କରମ୍ସାନି' ଦେବୀକୁ ପୂଜା କରନ୍ତି । ସମ୍ବଲପୁରର ସମଲାଇ ମଧ୍ୟ ଶିମୁଳୀ ଗଛ ମୂଳରେ ପୂଜିତା ହେଉ ଥିବାର ପ୍ରମାଣ ଅଛି । ମାତ୍ର ଶିମୁଳି ମୂଳରେ ପୂଜା ପାଉଥିଲା ବୋଲି ସମଲାଇ ନାମକରଣ ହୋଇନାହିଁ । ତ୍ରେତୟା ଯୁଗରେ ଶୈବ ଋଷି ଏଇ ମାଟିରେ ସାଧନା କରି ନିର୍ବିକଳ୍ପ ସମାଧିରେ ଶୂନ୍ୟ ମଣ୍ଡଳକୁ ଯାଇ ସମଲାଇ ମଣ୍ଡଳରେ ସମଲାଇ ଦେବୀ ଅର୍ଥାତ୍ ଗାୟତ୍ରୀ ଦେବୀଙ୍କୁ ଦର୍ଶନ କଲେ । ତାଙ୍କର ପ୍ରାର୍ଥନା ହେତୁ 'ଗାୟତ୍ରୀଦେବୀ' ସମଲାଇ ମଣ୍ଡଳରୁ ଅବତରଣ କରି ଏ ମାଟିରେ ଦେବୀ ସମଲାଇ ଭାବେ ପୂଜିତ ହେଉଛନ୍ତି । ବ୍ରହ୍ମ କୈବଲ୍ୟ ଶାନ୍ତି ଯଜ୍ଞ ପୁସ୍ତିକା (ସ୍ୱର୍ଣ୍ଣକ୍ଷେତ୍ର ମହାଙ୍ଗା, କଟକ ଦ୍ରଷ୍ଟବ୍ୟ, ୨୦୦୧) । ଏପରି ଶକ୍ତି ଉପାସନା ପ୍ରାଗ୍ଐତିହାସିକ ଯୁଗରୁ ଗ୍ରାମାଞ୍ଚଳ, ସହର ନଗର ତଥା ରାଜପ୍ରାସାଦକୁ ପ୍ରବେଶ କରିଛି । ଆଦିବାସୀଙ୍କ ଆଦିମ ବିଶ୍ୱାସର ଦେବାଦେବୀ ଦୂରେଇ ଯାଇ ଆର୍ଯ୍ୟ ଚେତନାରେ ସର୍ବତ୍ର ବିଳସିତ ହୋଇଛି ପରବର୍ତ୍ତୀ କାଳରେ ।

ଏହି ଦେବାଦେବୀଙ୍କ ପୂଜା ପ୍ରସଙ୍ଗରେ 'ପଶୁବଳି' ପ୍ରଥା ମଧ୍ୟ କନ୍ଧ ସମାଜର ଥିଲା । ବଣ୍ଡା, ଗଣ୍ଡ ସମାଜରେ ମଧ୍ୟ ଏହି ପରମ୍ପରା ରହିଛି । ପରବର୍ତ୍ତୀ କାଳରେ ନୂତନ ସଭ୍ୟତାର ପ୍ରବେଶ ହେତୁ କ୍ରମେ ଧାରା ପରିବର୍ତ୍ତିତ ହୋଇଛି । ବିଶେଷତଃ 'ଶିବଭାଇ'ରେ ଆଧୁନିକ ସାମାଜିକ ଚେତନା, ପ୍ରଚାର ପ୍ରସାର ହେତୁ ପୂଜା ପାର୍ବଣ, ବଳି ତଥା ମଦ୍ୟପାନ, ଗୋମାଂସ ଖିଆ କନ୍ଧମାନେ ପରିହାର କରିଛନ୍ତି । 'ଅପହଞ୍ଚ'ରେ କନ୍ଧମାନେ ଟିମାକନ୍ଧର ନେତୃତ୍ୱରେ ସୁସ୍ଥ ଜୀବନ ଯାପନ କରିବାର ପଦକ୍ଷେପ ନେଇଛନ୍ତି । କ୍ରାନ୍ତିର ଅବବାହିକାରେ ମଧ୍ୟ 'ମେର୍ଦ୍ଧା ଓରାମ୍' ଓ ତାର ପିତା 'ବିରସା ଓରାମ୍' ଖ୍ରୀଷ୍ଟିଆନ ଧର୍ମ ପ୍ରତି ଆକୃଷ୍ଟ ନହୋଇ ମାନବିକ ସନାତନ ଧର୍ମକୁ ସ୍ୱାଗତ କରିଛନ୍ତି । ମାତ୍ର ଆୟାମାର୍ଗାରେଟରେ ଶୁକ୍ରା ଟପ୍ପୋ ସଂଘର୍ଷର ଶିକାର ହୋଇ ଜର୍ମାନୀ ପାଦ୍ରୀ ଦ୍ୱାରା ସାହାଯ୍ୟ ସହାନୁଭୂତି ପାଇବା ଫଳରେ ବଂଶାନୁକ୍ରମେ କୃତଜ୍ଞ ରହିଛି । ଆଞ୍ଜଲୁସ୍ ସ୍ୱାମୀ ବିଚିତ୍ରାନନ୍ଦ ହିନ୍ଦୁ ଧର୍ମକୁ ଟାଣିବାର ପ୍ରୟାସ କରିବାରୁ ସେ କହିଛି, ମୁଁ ପାଦ୍ରୀମାନଙ୍କ ପାଖରେ କୃତଘ୍ନ ହୋଇ ପାରିବି ନାହିଁ । ତାପରେ ଆମ ପକ୍ଷରେ ଧର୍ମ ବଡ଼କଥା ନୁହେଁ । ସବୁଠୁ ବଡ଼ କଥା ହେଲା ନିଜକୁ ବଞ୍ଚାଇବା । ନିଜର ମହତ୍ତ୍ୱ ରକ୍ଷା କରିବା, ସମାଜରେ ନିଜର ଆସ୍ଥାନ ଦୃଢ଼ କରିବା, ଏହା ପରେ ଧର୍ମ (୨୪)। ଏହାହିଁ ପ୍ରତ୍ୟେକ ଆଦିବାସୀ ଗୋଷ୍ଠୀଙ୍କ ଜୀବନଧାରା ଓ ବିଶ୍ୱାସ । ସୁଖ ଶାନ୍ତି ସୁଯୋଗ ପାଇବା ପାଇଁ ଦେବା ଦେବୀର ଭିଆଣ, ପୂଜା ପାର୍ବଣର ସୃଷ୍ଟି । ସଚେତନ ବ୍ୟକ୍ତି ଏପରି ଧର୍ମଧାରଣା ଓ ଅବିଶ୍ୱାସର ମୁକ୍ତ । 'କାଡ଼େ ଗୋମାଙ୍ଗ'ରେ ହିଁଅ, ସୁନୀର ନୀରୀ ଶିକ୍ଷାରେ ଆଦିବାସୀ ଜନ-ଚେତନାର ବଞ୍ଚିବା ପାଇଁ ସଂଗ୍ରାମ ଦେଖୁ । ତଥାପି ଆଦିବାସୀର ଦର୍ଶନରେ ନାନା ବିଶ୍ୱାସ ଗ୍ରାମାଞ୍ଚଳରେ ରହିଛି । ତନ୍ତ୍ର, ମନ୍ତ୍ର, ଗୁଣି, ଗାରେଡ଼ି, ପେଟନୀ, ପାଲଟା ବାପ ଡୁମା ବିଶ୍ୱାସ ଆଦିରୁ ସେ ମୁକ୍ତ ହୋଇନାହିଁ । କିନ୍ତୁ ତାର ସେହି ଅନ୍ଧ ବିଶ୍ୱାସ ମଧ୍ୟରେ ବି ସେ ବଜାୟ ରଖିଛି ତାର ମହାନ୍ ସଂସ୍କୃତି ଜଗନ୍ନାଥ, ଶୈବ ସଂସ୍କୃତି, ଜାତୀୟ ସଂହତି ଓ ବିଶ୍ୱ ଭ୍ରାତୃତ୍ୱକୁ ବରଂ "ସ୍ୱଧର୍ମେ ବିପୁଣଶା ନ ପାରକ୍ୟଃ ସ୍ୱଅନୁଷ୍ଠିତ ।

ପରଧର୍ମେଣ ଜୀବନ ହି ସଦ୍ୟ ପତିତ ଜାତିତଃ ।" (ମନୁ ୧୦/୯୭) 'ଗୁଣ ରହିତ ହେଲେ ମଧ୍ୟ ନିଜ ଧର୍ମ ଶ୍ରେଷ୍ଠ ।' ସେହି ଧନ ଉତ୍ତମ ରୂପେ ପାଳନ କର୍ତ୍ତବ୍ୟ । ତେବେ ବଂଶଗତ ବିଶ୍ୱାସ ହେତୁ ଦେବୀ ପୂଜାରେ ଛେଳି, ମେଣ୍ଢା, କୁକୁଡ଼ା, ମଇଁଷି ଗୋରୁଠାରୁ ଆରମ୍ଭ କରି ଜଘନ୍ୟ ନରବଳି ପ୍ରଥା ମଧ୍ୟ ଦେଖି ଶୁଣି ଆମେ ବିସ୍ମିତ ହେଉ । ସଧର୍ମ ନାମରେ କୁକାର୍ଯ୍ୟ, ନର, ଜୀବ ହତ୍ୟା କି ଧର୍ମ ? ଏଣୁ ସଧର୍ମରେ ଅନ୍ଧ ବିଶ୍ୱାସ କ୍ରୁରତା ଥିଲେ ବର୍ଜନୀୟ । 'ଭୂଦେବୀ' ପୂଜାରେ ଆଦିବାସୀର ମେରିଆ ବଳି (ଲାସ୍ତୁ)ରେ ସୂଚିତ । କହିବା ବାହୁଲ୍ୟ ଏହି ପ୍ରଥା ବନ୍ଦ ନହେଲେ ଆଦିବାସୀର ଜୀବନ ପଦ୍ଧତି ଉନ୍ନତ ହେବ ନାହିଁ । ମେରିଆ ବଳି ଇଂରେଜ ସରକାର କଠୋର ଭାବେ ଦମନ କରିଥିଲେ । ଏହା ନେତୃତ୍ୱ ନେଇଥିଲେ ରସୁଲ ସାହେବ । (ମେରିଆ ବଳି ଅନିରୁଦ୍ଧ ଦାଶ ୨୦୬ଙ୍କ ଦ୍ରଷ୍ଟବ୍ୟ) ।

(ଚ) ଆଦିବାସୀର ଅତିଥି ସତ୍‌କାର:-

ସେମାନେ ବେଶ୍ ଅତିଥି ପରାୟଣ । ଯେ କୌଣସି ବ୍ୟକ୍ତିକୁ ସାଦର ସମ୍ବର୍ଦ୍ଧନା ଜଣାନ୍ତି । ସେବା ଚର୍ଚ୍ଚା କରନ୍ତି । ମୈତ୍ରୀ ଭାବରେ ସ୍ୱାଗତ କରନ୍ତି । ଭୂସ୍ୱାମୀମାନଙ୍କର ଛାମୁକରଣ ପ୍ରତି ସମ୍ମାନ, ସରକାରୀ କର୍ମଚାରୀ ଅଧିକାରୀ ଓ ସାହୁକାରମାନଙ୍କ ପ୍ରତି ଦିଉତ୍ତୁର ବିଶ୍ୱାସ ଓ ସମ୍ମାନ ଏହାର ଉଦାହରଣ । ଆଶ୍ରିତକୁ ଘରର ମାଲିକ ରକ୍ଷା କରିଛି । ଉଦାହରଣ ସ୍ୱରୂପ ନାନ୍ଦ୍ରୁ ପୁସାର ସହିତ ପଳାୟନ କରିଥିବାରୁ ପୁସାରାକୁ ମାରିବା ପାଇଁ ସାଙ୍ଗେରା ଟାଙ୍ଗିଆ ଉଠାଇଛି,ସେତେବେଳେ ଟିଙ୍ଗୁ କହିଛି, "ଏମିତି ମାରିଦେବା, ଅଧର୍ମ, ପାପ । 'ପଡ଼୍‌ନଦୁ' ବା 'ଜୋରିମାନା' (ସୁନାଟଙ୍କା) ମାଗିବା କଥା । ମାତ୍ର ଅତିଥି ହେଲେ ମଧ୍ୟ ବଣ୍ଡା ତାର ପାଟଖଣ୍ଡା ପୂଜାର ପ୍ରସାଦ ଅନ୍ୟକୁ ଦିଏ ନାହିଁ । ଆଦିବାସୀ ମଇତର ବା ସାଂଗୀ ଭାବେ ସ୍ୱାଗତ କରନ୍ତି । ଶବରମାନେ ବଡ଼ ଅତିଥିପ୍ରିୟ । ବାଟଭୁଲା ପଥିକକୁ ରାସ୍ତା ଦେଖାନ୍ତି । ମଣ୍ଡାଘରେ ସେମାନେ ଆଶ୍ରୟ ଦିଅନ୍ତି ଏବଂ ଖାଦ୍ୟପେୟ ବ୍ୟବସ୍ଥା କରନ୍ତି । ସବୁ ଆଦିବାସୀ ଅତିଥି ପ୍ରିୟ । ଅତିଥିକୁ ଦେବତା ପରି ଜ୍ଞାନ କରିଥାନ୍ତି । ମାତ୍ର 'ବିଶ୍ୱାସ ଘାତକ' ଅତିଥିର ଜାଲ କପଟରେ ପଡ଼ି ଆଦିବାସୀ ଜାତି ମାଟିର ଗୌରବ ହରାଇଛନ୍ତି । ଏଣୁ ସେମାନଙ୍କୁ 'ଦିକୁ' ବା ଶତ୍ରୁ ମନେକରେ । ଆଜିର ଅତିଥି ବନ୍ଧୁପ୍ରତି ବିଶେଷ ସାବଧାନତା ଆବଶ୍ୟକ ।

(ଣ) ସାମାଜିକ ରୁଚି ଓ ଶିଷ୍ଟାଚାର :-

ଆଦିବାସୀଙ୍କ ନାନା ପ୍ରକାର ଅଭ୍ୟାସ, ଚଳଣି, ସ୍ୱଭାବ ଓ ରୁଚି ରହିଛି । ଦିଉତ୍ତୁର ରୁଚି ବଦଳିଛି । ଆଦିବାସୀ ମନର ଭୋଗ ହିଁ ପ୍ରଥମେ କାମ୍ୟ । କନ୍ଧ ଆଇନ ଅନୁସାରେ ତୋତେ ମୋର ଦରକାର ନାହିଁ, କହିଦେଲେ ବିବାହ ବା ସମ୍ପର୍କ ଭାଙ୍ଗିଯାଏ । ସ୍ତ୍ରୀର ସ୍ତନ ହୋଇଛି ଶିଶୁର ଖାଦ୍ୟ ଭଣ୍ଡାର, ସେଥିରେ ହାତ ଦେଲେ ବା ଦେଖିଲେ ନାରୀ ଉତ୍ତେଜିତ ହୁଏ । ଗୋପୀବାବୁଙ୍କ ଭାଷାରେ ଲଙ୍ଗଳା ଫୁଙ୍ଗୁଳା ମଣିଷ । ମନଟା ବି ସେମିତି ଲଙ୍ଗଳା ବା ଖୋଲା । ମନରେ 'ଟାଟ୍‌ର' ନାହିଁ କି 'ବିକାର' ନାହିଁ । ମାଇକିନିଆର ଖୋଲା ଛାତି, ଥନକୁ ମାଇଁନା କହେ, ଏ ମୋ ପିଲା ପାଇଁ ଖାଦ୍ୟ । ସେଥିପାଇଁ ଥନକୁ ଲାଜ କରେ ନାହିଁ । (୧୩୦/ଶିବଭାଇ) (୨୫) ମାତ୍ର କାନ୍ଧରେ ହାତ ହେଲେ ତାର ଇଜ୍ଜତ୍ ଚାଲିଯାଏ । ଯେପରି ନାସ୍ରା (ପାହାଡ଼ୀ ଝରଣା) ଜିଲି ପ୍ରତି ଜଙ୍ଗଲ ଜମାନ୍ (ପରଜା) ମନ୍ଦ ବ୍ୟବହାରର କ୍ଷୁବ୍ଧ ହେଲେ । ଏପରିକି ଉଲଗ୍ନ, ସ୍ନାନରତା ପ୍ରତି କେହି ଥଟ୍ଟା ପରିହାସ କଲେ ଆଦିବାସୀ ତାକୁ ହତ୍ୟା କରିବାକୁ ପଛାଏ ନାହିଁ । ମାତ୍ର ଚଇତନ ଉଲଗ୍ନ ସ୍ନାନରତ ରମଣୀକୁ ଦେଖି

ଲକ୍ଷିତ ହୋଇଛି । ସେ ନଥିଲା ଦେଶିଆ କନ୍ଧ । ଅଭାବ ନଥିଲା । ଗରିବ ବଣ୍ଡା, ପରଜା, କନ୍ଧ ଗଦବା ବ୍ୟତୀତ ଉଲଗ୍ନ ସ୍ନାନ ମୁଣ୍ଡା, ଗଣ୍ଡ, କିସାନ୍, ଓରାମ୍‌ର ଅଭ୍ୟାସ ପ୍ରାୟ ନାହିଁ ।

ଆଦିବାସୀ ନାରୀ ନିଜର ଆତ୍ମ ସମ୍ମାନ ବଜାୟ ରଖିବା ପାଇଁ ନିଜର ଦେହରେ ଚିତା କୁଟାଇଁ ବିକଳାଙ୍ଗ ହୁଏ । କଥା ଅଛି ଘୁମୁସର ରାଜ୍ୟର କେହି ରାଜା, ସୁନ୍ଦରୀ କନ୍ଧ ଯୁବତୀମାନଙ୍କ ପ୍ରତି ପ୍ରଲୋଭିତ ହେବାରୁ ସେମାନେ ଏପରି ବିକଳାଙ୍ଗ ହେବାକୁ ସ୍ଥିର କଲେ । କନ୍ଧ ଆଦିବାସୀ ଯୁବକ ଯୁବତୀ ଦିବାଲୋକରେ ମଧୁଶଯ୍ୟା ରଚିବା ଆଦି ରୀତି କୌତୂହଳପ୍ରଦ । ଆଦିବାସୀର ବଣ୍ୟ ପ୍ରବୃତ୍ତି ଥିଲେ ମଧ୍ୟ ତାର ସର୍ବତ୍ର ବିଚରଣ କରିବାର ନାରୀ ସାଧୀନତା ରହିଛି ଠିକ୍ ଯେପରି ରହିଛି ପୁରୁଷର । କିନ୍ତୁ ଶୃଙ୍ଖଳା ସଂଯମ ମଧ୍ୟରେ ସେମାନଙ୍କର ଅବାଧ ମିଳାମିଶା । କେହି କାହାରି କାର୍ଯ୍ୟରେ ହସ୍ତକ୍ଷେପ କରନ୍ତି ନାହିଁ । ସରବୁ ସାଓଁତା ଓ ହାଗୁଣା ସାଓଁତା ପର ଝିଅ ବୋହୂକୁ ଅନାନ୍ତି ନାହାନ୍ତି । ଭିନ୍ନ ଲୋକର ଭିନ୍ନ ପ୍ରକୃତି । ମାଇପି, ଘର ଆଗରେ ଅଚିହ୍ନା ଲୋକର ସହିତ ଗପ କରିବା ଶିଷ୍ଟାଚାରର ବିରୋଧ । ନଗ୍ନ ସ୍ନାନରତା ଝିଅ ବୋହୂକୁ କନ୍ଧ ଅନାଏ ନାହିଁ । ଅତିଥିକୁ ଧୂଆଁପତ୍ର, ହାଣ୍ଡିଆ ଦେବା ତାର ପ୍ରଥମ କର୍ତ୍ତବ୍ୟ । କନ୍ଧ ପରଜା, କୋୟାମାନେ ନଗ୍ନତା ସତ୍ତ୍ୱେ ଶିଷ୍ଟାଚାର ବଜାୟ ରଖନ୍ତି । ପିନ୍ଧିଥିବା ବଣ୍ଡାମାନେ ଅର୍ଦ୍ଧନଗ୍ନ ନାରୀ ଲଣ୍ଡା । ସହଜରେ ପୁରୁଷ କି ସ୍ତ୍ରୀ ଜାଣିହୁଏ ନାହିଁ । ବଣ୍ଡା ବସତି ମାନଙ୍କରେ 'ଘୁସି' ପିନ୍ଧିଥିବା ମଣିଷଙ୍କୁ ପୁରୁଷ ଓ ଅଣ୍ଟାରେ 'କେରଙ୍ଗ' ଘୋଡ଼ାଇ ହୋଇଥିବାରୁ ସ୍ତ୍ରୀ ବୋଲି ଚିହ୍ନଟ କରିହୁଏ । ପିତା, ପୁତ୍ର, ବଧୂ, ମାତା, କନ୍ୟା, ଭଗ୍ନୀ ସମସ୍ତେ ପ୍ରାୟେ ଅର୍ଦ୍ଧ ନଗ୍ନ । ଅଭାବ ସେମାନଙ୍କର ଚିର ସହଚର । ଏଣୁ ଏ ଅବସ୍ଥା । ସେମାନେ ସମସ୍ତେ ଏକାଠି ସେହି ଅନାବୃତ ଦେହ ଅସଜଡ଼ା ଅବୟବ ନେଇ ଚଳପ୍ରଚଳ । ଲଜ୍ଜା ନାହିଁ, ସଂକୋଚ ନାହିଁ, ଉତ୍ତେଜନା ନାହିଁ ଯାହା ଯୁଗଯୁଗର ପରମ୍ପରା ତାହା ଦେହସୁହା । ଏଣୁ କିଛି ପ୍ରତିକ୍ରିୟା ନାହିଁ । ଗାଁରେ ବିବାହିତ ନାରୀ, ପୁରୁଷ ଯୁବକ ଯୁବତୀ ଅଳ୍ପ ବୟସ ପୁଅଝିଅମାନେ ଏକାଠି ଚଳପ୍ରଚଳ ହୁଅନ୍ତି । ଦେହଜ କ୍ଷୁଧା ସେମାନଙ୍କ ଭିତରେ ସମସ୍ୟା ସୃଷ୍ଟି କରେ ନାହିଁ । ମାତ୍ର ଅନ୍ୟାୟ ବରଦାସ୍ତ କରେନାହିଁ । ଅସମ୍ମତି, ବଳାତ୍କାରକୁ ନେଇ ପ୍ରତିଶୋଧ ପରାୟଣ ହୋଇଉଠେ ।

(ତ) **ଗୋଷ୍ଠୀପ୍ରିୟତା:-** ସୁଖରେ ହେଉ ବା ଦୁଃଖରେ ହେଉ, ଯେ ଦେଉ ବା ନଦେଉ ଆଦିବାସୀ ଅସ୍ଥିର ହୁଏ ନାହିଁ । ମାତ୍ର ଗୋଷ୍ଠୀର ଦୁଃଖକୁ ନିଜର ଦୁଃଖ ବୋଲି 'ଶିବଭାଇ' ପରି ବିଚାର କରିଥାଏ । ଏହି ସବୁ ତଥ୍ୟ ଓ ସତ୍ୟ ଉପରେ ଆଧାର କରି ଲେଖକ, ଔପନ୍ୟାସିକ, ଗାଳ୍ପିକ, କବି, ଗବେଷକ ନିଜ ଦୃଷ୍ଟିକୋଣରୁ ହେଉ ବା କୌତୁହଳବଶତଃ ହେଉ ଆଦିବାସୀ ଜନଜୀବନ ସଂସ୍କୃତିକୁ କେନ୍ଦ୍ର କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବାର ପ୍ରୟାସ କରିଛନ୍ତି । ମାତ୍ର ଲେଖକ କେତେକ ସୌଖିନ ଉପନ୍ୟାସ ଲେଖି ବାହାବା ନେବାର ଚେଷ୍ଟା କରିଛନ୍ତି । କେତେକ ଲେଖକ ଲେଖିକା ଆଦିବାସୀ ଜୀବନ ସଂସ୍କୃତିକୁ ସଂହାର କରିଛନ୍ତି । ସେସବୁ ବାଦ ଦିଆଯାଇଛି । କାରଣ ସେଥିରେ ଅଛି ବାହ୍ୟ ସମସ୍ୟା । ବିକୃତ ଅବାସ୍ତବ ଯୌନଚର୍ଯ୍ୟା । ବାସ୍ତବରେ ଆଧୁନିକ ଯୁଗରେ ଶିକ୍ଷା କ୍ଷେତ୍ରରେ ମହତ୍ୱକୁ ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷା ଓ ଗବେଷଣା ଫଳରେ ଆଦିବାସୀମାନଙ୍କର ସାମାଜିକ ଚାଲିଚଳନ ଜୀବନ ଯାତ୍ରା ପର୍ବପର୍ବାଣୀ ଓ ନାଚ ଗୀତ ବିଷୟରେ ଅବଗତ ହେଉଛନ୍ତି । ଏହା କେବଳ ଭାରତ ବର୍ଷ ମଧ୍ୟରେ ସୀମାବଦ୍ଧ ନୁହେଁ । ଆଦିବାସୀମାନଙ୍କ ବିଷୟରେ କୌତୂହଳ ଆଜି ସାରା ପୃଥିବୀକୁ

ବ୍ୟାପି ସାହିତ୍ୟିକ ମାନଙ୍କ ମନରେ ଏହି ଆଦିବାସୀ ଚେତନାକୁ ବ୍ୟାପକତର କରି ଓଡ଼ିଶାର ସାହିତ୍ୟକୁ ସମୃଦ୍ଧ କରିଛି । ସେମାନଙ୍କର ସୁଖଦୁଃଖ ସମଗ୍ର ଓଡ଼ିଶାର ସୁଖଦୁଃଖ ।(୨୬) ଏହା ଯଥାର୍ଥ । ସମଗ୍ର ବିଶ୍ୱ ଆଦିବାସୀ ଜନଜୀବନ ସଂସ୍କୃତିର କଥିତ ଭାଷା, ଗୀତ, ନୃତ୍ୟ ପ୍ରତି ଆକୃଷ୍ଟ ହୋଇ ମାନବୀୟ ଚେତନାକୁ ଆଲିଙ୍ଗନ କରିଛି। ଗାନ୍ଧୀଙ୍କ ଭାଷାରେ ସେମାନେ ତୁମ ଓ ମୋ ପରି ମଣିଷ, ସେମାନଙ୍କର ମଧ୍ୟ ମାନବିକତା ପ୍ରତି ସମ୍ବେଦନଶୀଳ ହେବାର ଯଥେଷ୍ଟ ଶକ୍ତି ରହିଛି । ଅର୍ଥାତ୍ "

(ଥ) **ଆଲୋଚିତ ଉପନ୍ୟାସର ଭାଷା ଓ ଶୈଳୀ** -:ଆଲୋଚିତ ଉପନ୍ୟାସରେ ଜୀବନ ଧର୍ମଧାରା ବ୍ୟତୀତ ଆଦିବାସୀ ଗୀତ ଶବ୍ଦ ପ୍ରୟୋଗ ହେତୁ ଓଡ଼ିଆ ଭାଷା ସାହିତ୍ୟ ସମୃଦ୍ଧ ହୋଇଛି ଏବଂ ଜନଜୀବନ ପରି ଭାଷା ସାହିତ୍ୟ ମଧ୍ୟ ଜାତୀୟ ଶିକ୍ଷାର ନିକଟତର ହୋଇଛି । ଯଥା 'ଭୀମା ଭୂୟାଁ' ଉପନ୍ୟାସରେ ଗାଉଁଲି ଭାଷା ସାହିତ୍ୟ, ଗଡ଼ ଜାତୀୟ ଭାଷା ଅର୍ଥାତ୍ 'ଶିର ସେରିଆ', 'ଭୂ ଭୂଷିଆ', ଶବ୍ଦ ପ୍ରୟୋଗ ସହିତ ତତ୍ସମ ଶବ୍ଦାବଳୀର ରୁଚି ପୂର୍ଣ୍ଣ ବ୍ୟବହାର ଏବଂ ଜାଙ୍ଗଲିକ ପରିବେଶ ପାଠକକୁ ନୂତନ ତଥ୍ୟ ଯୋଗାଇଛି । ସେହିପରି ପରଜା, ଅମୃତର ସନ୍ତାନରେ ମଧ୍ୟ ଲେଖକଙ୍କର ଶବ୍ଦ ଚୟନ ଓଡ଼ିଆ ଭାଷାକୁ ସମୃଦ୍ଧ କରି ଆଦିବାସୀ ଭାଷା ଓଡ଼ିଆ ଭାଷାର ବାଡ଼ ଭାଙ୍ଗିଛି । ତାଙ୍କର ପ୍ରତ୍ୟେକ ଉପନ୍ୟାସରେ ଫକୀର ମୋହନଙ୍କ ପରି ଆଞ୍ଚଳିକ ତଥା ଆଦିବାସୀ ଶବ୍ଦର ପ୍ରୟୋଗ କରି ଓଡ଼ିଆ ଭାଷାଭାଷୀଙ୍କର ନିକଟତର କରିଛନ୍ତି । 'ଅପହଞ୍ଚ'ରେ ଆସୁ ଜର, ମୋଡ଼ା-ଝାଡ଼ା, ୟୋ ୟୋ-ବସନ୍ତ ରୋଗ, କାମାଲଂଲଂ-(ତାଳଗଛ), କୁରତା-(ଘୋଡ଼ା), ଡ୍ରାଆ-(ହାତୀ), ବାଗଡ଼-ଦେହ, ସବର୍ଗା- (ନୂଆସାମୀ), ଜାଟୀ-କଜିଆ, କାଏଲା-ବେମାର, ଅଲ୍ରା-(ହଇରାଣ), ନିକ-(ଭଲ), ନିସ୍ତା-(ଅଳସୁଆ), ପଟକାର- (ମିଛୁଆ), ମହାଗଣ୍ଡା- (ବଦମାସ), ଯୋଣା-(ମକା), ଗୋଡ଼-(କୁମିଆଁ), ପଦୁ-(କବଲା), ସିସ୍ପୁ-(ଖଜଣା), ଦାବା-(ଜେଲ), ବକଡ଼ା-ହଲିଆ, ଏପରି ଆଦିବାସୀ ଶବ୍ଦ, ଆଦିବାସୀ ଗୀତ ଆଦି ଗୋପୀନାଥ ଉଲ୍ଲେଖ କରି ଓଡ଼ିଆ ଶବ୍ଦ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି ।

ଗୋପୀବାବୁଙ୍କର ଭାଷା, ଶୈଳୀ ପାଠକ ପ୍ରାଣକୁ ସ୍ପନ୍ଦିତ କରେ । ଯାଦୁକାରୀ ଶବ୍ଦର ପ୍ରୟୋଗ ଓ ସଂଯୋଜନା ସରଳ, ଅଳଙ୍କାର ଶୂନ୍ୟ ଅଥଚ ଭାବ ଗର୍ଭକ ଓ ଅର୍ଥନୈତିକ, ପାତ୍ର ମୁଖୀ ଭାଷା ହେତୁ ପାଠକକୁ କାବ୍ୟାନନ୍ଦ ଦିଏ । ଗଦ୍ୟ କାବ୍ୟରେ ମଧ୍ୟ ଯେଉଁ ଦର୍ଶନ ବା ନମୁନା-ଯଥା: "ପହଲି ଯୌବନ ପରି ପହଲି ବରଷା, ତାର ଗତି ଅଛି ଦେହ ନାହିଁ । ବିସ୍ମୃତି ଅଛି ଦାୟିତ୍ୱ ନାହିଁ, ମଣିଷ ମନରେ ତାର ହାଲୁକା ଛାଇ ପଡ଼େ, ଓଦାମାଟିର ବାସ୍ନାରେ ପୁରୁଣା ଚିନ୍ତା ଗଜରି ଉଠେ, ନୂଆ ଆକାଶ ପାଇଁ, ମଣିଷ ଚାଷି ତାର ଆଖିରେ ସଞ୍ଜ ବୁଣିବାକୁ ବ୍ୟାକୁଳ ହୁଏ, ଉର୍ବର ଗଞ୍ଜର ନବିଚାରି ।"(୨୭) ଉପମା ସରୂପ, ଏଥର ଚାଷ କୁଡ଼ିଆର ଗୁଣୁଗୁଣୁ ଗୀତ, ପାହାନ୍ତି ପହରର ବଣୁଆଁ ସାରୀଙ୍କ ଗୀତ ପରି ସୁନ୍ଦର, ବାଁ ପାଖେ ଗହୀର ଝୋଲାରେ ପାଣି ଛଳ ଛଳ ଶୁଭୁଛି । (ଅମୃତର ସନ୍ତାନ-୯୫) ଚିତ୍ର କଳ୍ପ ଦୃଷ୍ଟିରୁ 'କାଉ ପରଜା ସୁଁ ସୁଁ ହୋଇ ଅନ୍ଧାରରେ ପଳାଇଲା ବିଲୁଆ ପରି ।' 'କୁହୁଡ଼ି ସକାଳ ପୁଟିଂ ନେସା କାଚଝରକା ବାଟେ ଆଲୁଅ ପରି,' ରାତିର ବଣ ଚଢ଼େଇର ସ୍ତବ ଚିର ଆର୍ତ୍ତନାଦ ପରି ସେ କେବଳ ରଡ଼ି ରଡ଼ି ଚାଲିଛି ।' ସଞ୍ଜବେଳେ ମଲା ସାପ ପରି 'ଜିଲି' ପଡ଼ି ରହେ । 'ପିଣ୍ଡା ଉପରେ ହୁଙ୍କା ପରି ବୁଢ଼ା ବସି ରହିଲା' ଇତ୍ୟାଦି ଗୋପୀବାବୁଙ୍କର ଗଦ୍ୟ ଛନ୍ଦ ପଦ୍ୟପରି ମନେ ହୁଏ । ବାସ୍ତବରେ ତାଙ୍କ କୃତିର ଭାଷା ହୋଇଛି କବିତାର ଭାଷା; ଛନ୍ଦମୟ ଗଦ୍ୟ ରୀତିର ଚମତ୍କାରିତା ହେତୁ ପୂର୍ବ ଓ ପରକଥାକାରମାନଙ୍କର ଅପେକ୍ଷା ସେ ହେଉଛନ୍ତି ଶ୍ରେଷ୍ଠ ଭାଷା ଶିଳ୍ପୀ ।

ମଣିଷ ଜୀବନର ଭାଷ୍ୟକାର । ତାଙ୍କ ସୃଷ୍ଟିରେ 'ରୁଦ୍ର ସୁଧାନିଧି'ର ପଦ୍ୟ ଗଦ୍ୟମୟ ରଚନାର ଆଦର୍ଶ ଦେଖିବାକୁ ମିଳେ । ଏପରି କୁଦ୍ର କୁଦ୍ର କାବ୍ୟିକ ଛନ୍ଦ, ଦାର୍ଶନିକ ଚିନ୍ତା ଓ ତାତ୍ତ୍ୱିକ ଆଲୋଚନା ତାଙ୍କ ସୃଷ୍ଟିକୁ ମହନୀୟ କରିଛି । ଅନ୍ୟାନ୍ୟ ଲେଖକଙ୍କ ଭାଷା ତଥା ପରିବେଷଣ ମଧ୍ୟ ସୁପାଠ୍ୟ ତଥା ଆଦିବାସୀ ଜନଜୀବନର ଆଲେଖ୍ୟକୁ ପରିପୁଷ୍ଟ କରିବାରେ ସେମାନଙ୍କ ଆନ୍ତରିକତା ଓ ନିଷ୍ଠା ଗ୍ରହଣୀୟ । ମନ ଯେପରି ସୃଷ୍ଟି ସେପରି । ଗେଟେଙ୍କ ମତରେ

ଏ ଦୃଷ୍ଟିରୁ ଏ ଆଲୋଚିତ ସାହିତ୍ୟ, ଉପନ୍ୟାସର ସ୍ରଷ୍ଟା, ଗବେଷକ ଓ ଲେଖକମାନଙ୍କର ମତାମତ ଏବଂ ଚିନ୍ତାଧାରା ଲକ୍ଷ୍ୟ କଲେ ହୃଦବୋଧ ହୁଏ ଯେ ଆଦିବାସୀ ଜନଜୀବନ ଓ ସଂସ୍କୃତି ପ୍ରତି ସେମାନଙ୍କର ଶ୍ରଦ୍ଧା ଏବଂ ଆନ୍ତରିକତା ରହିଛି । ସେମାନଙ୍କ ନିରପେକ୍ଷ ବିଚାର ଯଥାର୍ଥରେ ସେମାନଙ୍କ ମହାନ ହୃଦୟର ପରିଚୟ ଦିଏ । 'କବି ରେବ ପ୍ରଜାପତିଃ' ବାଣୀ ଓ ଚାହାଣୀ ସେମାନଙ୍କଠାରେ ସୁନ୍ଦର ରୂପ ନେଇଛି । କାରଣ ସ୍ରଷ୍ଟା ତାର ସୃଷ୍ଟିକୁ ମନୋରମ, କମନୀୟ ପୁଷ୍ପିତ କରିବା ପାଇଁ ଚେଷ୍ଟା କରିଥାଏ । କୌଣସି ସହୃଦୟ ସମାଲୋଚକ ପକ୍ଷରେ ସେହି ସାରସ୍ୱତ ସ୍ରଷ୍ଟା ଓ ଆଲୋଚକଙ୍କଠାରେ ଉଦାର ଚେତନା ଅନୁଭବ କରିବା ଯଥେଷ୍ଟ ସହଜ । ତଥାପି ଏହା ହୁଏତ ସତ୍ୟ ଯେ, ସେମାନେ ଯେତେ ଗ୍ରହଣ କରିଛନ୍ତି ସେତେ ଛାଡ଼ି ଯାଇଛନ୍ତି । ଯେଉଁଠି ହାତ ପାଇଲା ସେଠି ସ୍ପନ୍ଦିତ ହୋଇଛନ୍ତି ମାତ୍ର ଅବଶ୍ୟ ଲୋଭ ସମ୍ବରଣ କରିନପାରି ତୋଳି ଆଣି ମାଳ ଗୁନ୍ଥିଛନ୍ତି । ହାତରେ 'ଅପହଞ୍ଚ' ଲୋକ । ଚିମାକୁ ସମାଜରେ ଉଚ୍ଚ ସ୍ଥାନ ଗୋପୀ ବାବୁ ନଦେଇ ଗୌରି ଗାଁକୁ ଫେରାଇ ଦେଲେ । ଛୋଟ ଗାଁଟି ତାର ପ୍ରିୟ ହେଲା । ଗାଁକୁ ସଭ୍ୟତାର ଚରମ ସଫଳତା ଶିକ୍ଷିତ ହେବାରେ ଅକ୍ଷମ ହେଲା । ଲେଖକ ଚାହିଁଥିଲେ ନେତୃତ୍ୱର ଉଦାସୀନ ଦେଇପାରିଥାନ୍ତେ । କାହ୍ନୁବାବୁଙ୍କ ଶାସ୍ତିରେ ଉକ୍ତିରେ, "ମୁଁ ମାନେ ନାହିଁ ଧର୍ମ, ସମାଜ, ଜାତି । ମୁଁ ମାନେ ଜୀବନ, ଆଉ ମିଳିତ ଜୀବନର ସ୍ୱାର୍ଥ ।" ଏହା ହିଁ ସତ୍ୟ । ଏହି ଆଦର୍ଶ ଓ ସତ୍ୟକୁ ଉପଲବ୍ଧ କରିବା ପାଇଁ ଏବଂ ଏହାର ସାର୍ବିକ ଆବେଦନକୁ ଲୋକଲୋଚନରେ ପରିବ୍ୟାପ୍ତ କରିବା ପାଇଁ ଏହି ପୁସ୍ତକର ପରିକଳ୍ପନା । ଆଲୋଚିକ ପୁସ୍ତକର ଆଧାରରେ ଏଭଳି ପ୍ରୟାସରେ ବ୍ରତୀ ହେବାର ସଂକଳ୍ପ କେତେ ଦୂର ସାଫଲ୍ୟ ମଣ୍ଡିତ କରିବ ତାହା ମର୍ମଗ୍ରାହୀ ପାଠକ ମାନଙ୍କର ଚେତନାରେ ବିଚାର୍ଯ୍ୟ ହେବାର ଆଶା ପୋଷଣ କରିବା ଅସମୀଚୀନ ହେବନାହିଁ ।

ପାଦଟୀକା -

୧. ଅମୃତର ସନ୍ତାନ, ପୃଷ୍ଠା ୧୩୧ ।

୨. ବନଜା : ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେ଼ମୀ - ୧୯୮୯

୩. ଡ. ବ୍ରହ୍ମାନନ୍ଦ ସିଂ, ବ୍ରହ୍ମପୁର : ଉପନ୍ୟାସିକ ଗୋପୀନାଥ ।

୪. ଡ. ନଗେନ୍ଦ୍ରନାଥ ମିଶ୍ର: ଆଧୁନିକ କଥା ସାହିତ୍ୟ ଉପନ୍ୟାସ, ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୮୨ ।

୫. ପ୍ରଫେସର ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା: ଔପନ୍ୟାସିକ ରାଜକିଶୋର ପଟ୍ଟନାୟକ - ଓଡ଼ିଆ ଉପନ୍ୟାସ ସାହିତ୍ୟର ପରିଚୟ, ପୃଷ୍ଠା ୩୭୮, ୧୯୬୯, କଟକ ।

୬. ଜ୍ୟୋତ୍ସ୍ନା ରାଉତରାୟ: ବିବାହ ଓ ବିବାହ ବିନା - କ୍ରାନ୍ତି ଧାରା ତ୍ରୈମାସିକ ସାହିତ୍ୟ ପତ୍ରିକା ଶାରଦୀୟ ସଂଖ୍ୟା, ୧୯୯୦, ୟୁନିଟ୍-୩, ଭୁବନେଶ୍ୱର ।

୭. ନେତ୍ର ମୋହନ ରାମ: ପାହାଡ଼ି ଝରଣା (ଉପନ୍ୟାସ), ପୃଷ୍ଠା ୫୨ ।

୮. ବଣ୍ଡା ପର୍ବଗ ଆଦିବାସୀ, ପୃଷ୍ଠା ୫୩, ଓଡ଼ିଆ ସାହିତ୍ୟ ଏକାଡେମୀ, ୧୯୮୨, ଭୁବନେଶ୍ୱର ।

୯. ଡ. ସତ୍ୟନାରାୟଣ ରାଜଗୁରୁ: ଓଡ଼ିଆ ସାହିତ୍ୟର ଇତିହାସ, ପୃଷ୍ଠା ୧୦, ଓଡ଼ିଆ ସାହିତ୍ୟ ଏକାଡେମୀ, ୧୯୮୨, ଭୁବନେଶ୍ୱର

୧୦. ୬୩-୬୪.

୧୧. ଭଗବତ୍ ଗୀତା ଶ୍ଳୋକ ୨୨, ୨୩, ଦ୍ୱିତୀୟ ଅଧ୍ୟାୟ ।

୧୨. -୬.

୧୩. ଗୋପୀନାଥ ମହାନ୍ତି : ଅମୃତର ସନ୍ତାନ, ପୃଷ୍ଠା ୨୪ ।

୧୪. ୬୨-୬୩.

୧୫. ଡ. ସତ୍ୟନାରାୟଣ ରାଜଗୁରୁ: ଓଡ଼ିଶା ସାଂସ୍କୃତିକ ଇତିହାସ, ପୃଷ୍ଠା ୧୯, ୧୯୮୮ ।

୧୬. ଗୋପାଳ ବଲ୍ଲଭ ଦାଶ: ଭୀମ ଭୂୟାଁ ଉପନ୍ୟାସ, ପୃଷ୍ଠା ୫୭ ।

୧୭. ଗୋପୀନାଥ ମହାନ୍ତି: ଅମୃତର ସନ୍ତାନ, ପୃଷ୍ଠା ୮୯ ।

୧୮. କାହ୍ନୁ ଚରଣ ମହାନ୍ତି: ବନ ଗହନର ତଳେ, ପୃଷ୍ଠା ୪୯ ।

୧୯. ଗୋପୀନାଥ ମହାନ୍ତି: ଅମୃତର ସନ୍ତାନ, ପୃଷ୍ଠା ୫୧୭ ।

୨୦. ଗୋପୀନାଥ ମହାନ୍ତି: ହରିଜନ ଉପନ୍ୟାସ, ପୃଷ୍ଠା ୩୦୪ ।

୨୧. ଗୋପୀନାଥ ମହାନ୍ତି: ଅମୃତର ସନ୍ତାନ, ପୃଷ୍ଠା ୧୬୦ ।

୨୨. ସତ୍ୟନାରାୟଣ ରାଜଗୁରୁ: ଓଡ଼ିଶାର ସାଂସ୍କୃତିକ ଇତିହାସ, ଦ୍ୱିତୀୟ ଖଣ୍ଡ ।

୨୩. ଶଶିଭୂଷଣ ମହାପାତ୍ର: ଆୟ ମାର୍ଗାରେଟ, ପୃଷ୍ଠା ୮୮ ।

୨୪. ଗୋପୀନାଥ ମହାନ୍ତି : ଶିବ ଭାଇ, ପୃଷ୍ଠା ୧୩୦ ।

୨୫. ଡ. ଶ୍ରଦ୍ଧାକର ସୁପକାର: ସାହିତ୍ୟ ଓ ଆଦିବାସୀ ସଂସ୍କୃତି, ସଂପାଦକୀୟ, ତା ୩୦.୬.୧୯୮୧, ହୀରାଖଣ୍ଡ ଦୈନିକ, ସମ୍ବଲପୁର ।

୨୬.

୨୭. ଗୋପୀନାଥ ମହାନ୍ତି: ଅମୃତର ସନ୍ତାନ, ପୃଷ୍ଠା ୯୫ ଓ ୫୨୦ ।

୨୮. ବିଶ୍ୱ ବିଖ୍ୟାତ ଦାର୍ଶନିକ ଗେଟେଙ୍କ ଅଭିମତ ।

୨୯. କାହ୍ନୁ ଚରଣ ମହାନ୍ତି: ଶାସ୍ତି ଉପନ୍ୟାସ ।

## ନିର୍ବାଚିତ ସହାୟକ ଗ୍ରନ୍ଥସୂଚୀ

ଓଡ଼ିଆ


| ୧(କ) | ଲେଖକ | ଗ୍ରନ୍ଥ | ପ୍ରକାଶକ | ବର୍ଷ |
|---|---|---|---|---|
| ୧. | କର, ଶରତ ଚନ୍ଦ୍ର | ଓଡ଼ିଆ ଉପନ୍ୟାସ ସାହିତ୍ୟ ଓ ପରଜା | | ବୁକସ୍ ଏଣ୍ଡ ବୁକ୍ସ, କଟକ-୨ ୧୯୭୮ |
| ୨. | ଚତୁର୍ବେଦୀ, ସୁଶୀଳ ଚନ୍ଦ୍ର | ଆଣ୍ଡମାନ ଦ୍ୱୀପପୁଞ୍ଜ | | ନ୍ୟାସନ୍ୟାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ ନୂଆ ଦିଲ୍ଲୀ ୧୯୭୭ |
| ୩. | ତ୍ରିପାଠୀ, ଡ. କୃଷ୍ଣଚନ୍ଦ୍ର | ଆଦି ମାନବ | | ଜଗନ୍ନାଥ ପ୍ରେସ୍, ବ୍ରହ୍ମପୁର |
| ୪. | ଦାସ, ଅନିରୁଦ୍ଧ | ମିରିଆ | | ବିଦ୍ୟାପୁରୀ, କଟକ-୨ ୧୯୬୯ |
| | | ନବକଳେବର | | ଉପେନ୍ଦ୍ର ମିଶ୍ର ବନଫୁଲ, ରାଜା ବଗିଚା, କଟକ |
| ୫. | ଦାସ, ଗୋପାଳ ବଲ୍ଲଭ | ଭୀମାଭୂୟାଁ | | ବିଦ୍ୟାପୁରୀ, କଟକ-୨ ୧୯୭୩ |
| ୬. | ଦାସ ଗୋବିନ୍ଦ ଚନ୍ଦ୍ର | ଲାସୁ | | କଟକ ଷ୍ଟୁଡେଣ୍ଟ ଷ୍ଟୋର ୧୯୮୧ |
| ୭. | ଦାସ, ଜଗନ୍ନାଥ | ଓଡ଼ିଆ ଭାଗବତ | | ବିଦ୍ୟାପୁରୀ, କଟକ-୨ (୩ୟ ସଂସ୍କରଣ) |
| ୮. | ଦାସ, ଶ୍ରୀ ରାଇଚରଣ | ଓଡ଼ିଆ ସାହିତ୍ୟରେ ଆଦିବାସୀ ସଂସ୍କୃତି | | ସାହିତ୍ୟ ଏକାଡେମୀ ୧୯୮୧ |
| ୯. | ଦାସ, ଶ୍ରୀ ରାଇଚରଣ | ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ | | ଫ୍ରେଣ୍ଡସ୍ ପବ୍ଲିସର, କଟକ-୨ ୧୯୮୧ |

| | | | |
|---|---|---|---|
| ୧୦. | ଦାସ, ଶ୍ରୀ ରାଇଚରଣ | ଓଡ଼ିଆ ସାହିତ୍ୟରେ ଆଦିବାସୀ ସଂସ୍କୃତି | ସାହିତ୍ୟ ଏକାଡେମୀ ୧୯୮୧ |
| ୧୧. | ଦାସ, ସୂର୍ଯ୍ୟନାରାୟଣ | ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ | ଫ୍ରେଣ୍ଡସ୍ ପବ୍ଲିସର, କଟକ-୨ ୧୯୮୨ |
| ୧୨. | ଦାସ, ଶିବ ପ୍ରସାଦ | ସମ୍ବଲପୁର ଇତିହାସ | ବିଶ୍ୱଭାରତୀ ପ୍ରେସ୍, ସମ୍ବଲପୁର-୧ ୧୯୮୨ |
| ୧୩. | ନାୟକ, ଶ୍ରୀମତୀ ଲାବଣ୍ୟ | ଓଡ଼ିଆ ଉପନ୍ୟାସର ସଂପର୍କ | ପୁସ୍ତକ ଭଣ୍ଡାର, ବ୍ରହ୍ମପୁର ୧୯୭୩ |
| ୧୪. | ପଟ୍ଟନାୟକ, ଶ୍ରୀ ପଠାଣୀ | ଓଡ଼ିଆ ଉପନ୍ୟାସ ସାହିତ୍ୟର ପରିଚୟ | ଅଭ୍ୟୁଦୟ ସାହିତ୍ୟ ସମାଜ, କଟକ-୨ ୧୯୬୯ |
| ୧୫. | ରାଉତ, ଶ୍ରୀ ଭୋଳାନାଥ | ସାହିତ୍ୟର ପରିଚୟ | ଅଭ୍ୟୁଦୟ ସାହିତ୍ୟ ସମାଜ, କଟକ-୨ ୧୯୬୯ |
| ୧୬. | ପ୍ରଧାନ, ଡ. ମନୋରଞ୍ଜନ | କିଛି ତତ୍ତ୍ୱ କିଛି ବାଖ୍ୟା | ଅଗ୍ରଦୂତ, କଟକ-୨ ୧୯୭୮ |
| ୧୭. | ପ୍ରଧାନ, କ୍ଷେତ୍ରମୋହନ | ଶିବ ପୁରାଣ | ଧର୍ମଗ୍ରନ୍ଥ ଷ୍ଟୋର, କଟକ-୨ |
| ୧୮. | ପଣ୍ଡା, ଡ. ଭଗବାନ | ଓଡ଼ିଶାର ଧର୍ମ | ନବରବି ପ୍ରିଣ୍ଟର୍ସ, କଟକ-୯ ୧୯୮୩ |
| ୧୯. | ବେହେରା, ଡ. କୃଷ୍ଣଚରଣ | | ଓଡ଼ିଆ ଉପନ୍ୟାସ ଜଗନ୍ନାଥ ରଥ, କଟକ-୨ ୧୯୬୮ |
| ୨୦. | ବେହେରା, ହରିଶ୍ଚନ୍ଦ୍ର | ସମାଲୋଚନା ଦୃଷ୍ଟି ଓ ଦିଗ୍‌ବଳୟ | ଜଗନ୍ନାଥ ପ୍ରେସ, ଭୁବନେଶ୍ୱର ୧୯୮୩ |
| ୨୧. | ମହାନ୍ତି, କାହ୍ନୁଚରଣ | ବନଗହନର ତଳେ କାତ୍ରାକା ଲେଲି | ଫ୍ରେଣ୍ଡସ୍ ପବ୍ଲିସର (ଦ୍ୱିତୀୟ ମୁଦ୍ରଣ) ୧୯୭୮ |
| ୨୨. | ମହାନ୍ତି, ଡ. ଗୋପୀନାଥ | ଦାଦିବୁଢ଼ା | ବିଦ୍ୟାପୁରୀ, କଟକ ୧୯୪୪ |
| ୨୩. | ମହାନ୍ତି, ଡ. ଗୋପୀନାଥ | ପରଜା | କଟକ ଷ୍ଟୁଡେଣ୍ଟ ଷ୍ଟୋର୍ (ପ୍ରଥମ ସଂସ୍କରଣ) ୧୯୭୨ |
| ୨୪. | ମହାନ୍ତି, ଡ. ଗୋପୀନାଥ | ଅମୃତର ସନ୍ତାନ | ବିଦ୍ୟାପୁରୀ, କଟକ-୨, (୩ୟ ସଂସ୍କରଣ) ୧୯୮୧ |

| | | | |
|---|---|---|---|
| ୨୫. | ମହାନ୍ତି, ଡ. ଗୋପୀନାଥ | ଶିବଭାଇ | ଗ୍ରନ୍ଥ ମନ୍ଦିର, ୧ମ ସଂସ୍କରଣ ୧୯୫୫ |
| ୨୬. | ମହାନ୍ତି, ଡ. ଗୋପୀନାଥ | ଅପହଞ୍ଚ | ଗ୍ରନ୍ଥ ମନ୍ଦିର, କଟକ-୨ ୧୯୮୧ |
| ୨୭. | ମହାନ୍ତି, ବଂଶୀଧର | ଓଡ଼ିଶାର ଆଦିବାସୀ ସଂସ୍କୃତି | ଓଡ଼ିଶାର ସାହିତ୍ୟ ଏକାଡେମୀ ୧୯୮୭ |
| ୨୮. | ମହାନ୍ତି, ଡ. ବ୍ରଜମୋହନ | ଓଡ଼ିଆ ସାହିତ୍ୟର ଆଧୁନିକ ଯୁଗ | ସାହିତ୍ୟ ଏକାଡେମୀ, ଭୁବନେଶ୍ୱର ୧୯୬୩ |
| ୨୯. | ମହାନ୍ତି, ଡ. ଆର୍ତ୍ତବଲ୍ଲଭ | ସାରଳା ମହାଭାରତ (ସଂପାଦନା) | ସଂସ୍କୃତି ବ୍ୟାପାର ବିଭାଗ, ଓଡ଼ିଶା ସରକାର ୧୯୭୦ |
| ୩୦. | ମହାପାତ୍ର, ଖଗେଶ୍ୱର | ଚର୍ଯ୍ୟାଗୀତିକା | ଫ୍ରେଣ୍ଡର୍ସ ପବ୍ଲିଶର (୪ର୍ଥ ସଂସ୍କରଣ) ୧୯୮୧ |
| ୩୧. | ମହାପାତ୍ର, ଶ୍ରୀ ଶଶିଭୂଷଣ | ଆୟୁ | ମାର୍ଗାରେଟ୍, ଜଗନ୍ନାଥ ରଥ କଟକ-୨ ୧୯୭୫ |
| ୩୨. | ମହାପାତ୍ର, ଶ୍ରୀ ଶଶିଭୂଷଣ | କ୍ରାନ୍ତିର ଅବବାହିକା | ଗ୍ରନ୍ଥ ମନ୍ଦିର, କଟକ-୨ ୧୯୮୦ |
| ୩୩. | ମହାପାତ୍ର, ଶ୍ରୀ ନାରାୟଣ | କାଡ଼ୋ ଗୋମାଙ୍ଗ | କଳିଙ୍ଗ ଷ୍ଟୁଡେଣ୍ଟ ଷ୍ଟୋର ୧୯୮୧ |
| ୩୪. | ମହାପାତ୍ର, ଶ୍ରୀ ନାରାୟଣ | କାହାଣୀ ସବୁଜ ଉପତ୍ୟକାର | ଓଡ଼ିଶା ବୁକ୍‌ଷ୍ଟୋର, କଟକ-୨ ୧୯୮୫ |
| ୩୫. | ମାଥୁର, କୌଶଳ କୁମାର | ନିକୋବର ଦ୍ୱୀପପୁଞ୍ଜ | ଏମ୍.ବି.ଟି., ନୂଆଦିଲ୍ଲୀ ୧୯୭୯ |
| ୩୬. | ମହାପାତ୍ର, ଡ. ଖଗେଶ୍ୱର | ଓଡ଼ିଆ ଉପନ୍ୟାସ ଗ୍ରନ୍ଥସୂଚୀ ଓ ପରିଚୟ | ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର ୧୯୮୮ |
| ୩୭. | ମିଶ୍ର, ବଳରାମ | ପ୍ରଗତି ପଥେ ମାନବ | ଓଡ଼ିଶା ସାହିତ୍ୟ ଏକାଡେମୀ ଭୁବନେଶ୍ୱର ୧୯୭୫ |
| ୩୮. | ମିଶ୍ର, ଡ. ନରେନ୍ଦ୍ର ନାଥ | ଆଧୁନିକ କଥା ସାହିତ୍ୟ | ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର ୧୯୮୨ |
| ୩୯. | ମୁଣ୍ଡ, ପରଶୁରାମ | ବସୁନ୍ଧରାର ମାଟି | ବୁକ୍‌ସ ଏଣ୍ଡ ବୁକ୍‌ସ, କଟକ ୧୯୮୧ |

୪୦. ମେହେର, ଗଙ୍ଗାଧର ଗଙ୍ଗାଧର ଗ୍ରନ୍ଥାବଳୀ ଦାସ ବ୍ରଦର୍ସ, ବ୍ରହ୍ମପୁର ୧୯୬୨

୪୧. ରାମ, ଶ୍ରୀ କ୍ଷେତ୍ରମୋହନ ପାହାଡ଼ୀ ଝରଣା ଗୀତା ପ୍ରସାଦ, ସୁତାହାଟ, କଟକ-୧ ୧୯୭୬

୪୨. ରାଜଗୁରୁ, ଡ. ସଚ୍ଚିଦାନନ୍ଦ ସାହିତ୍ୟର ମୂଲ୍ୟବୋଧ ଅଗ୍ରଦୂତ, କଟକ-୨ ୧୯୭୪

୪୩. ରାୟ, ଶ୍ରୀମତୀ ଅଞ୍ଜଳି ଅରଣ୍ୟର ଅଧିକାର (ଅନୂଦିତ)ମୂଳ ରଚନା (ବଙ୍ଗଳା) ମହାଶ୍ୱେତା ଦେବୀ ଗ୍ରନ୍ଥ ମନ୍ଦିର, କଟକ-୨ ୧୯୮୩

୪୪. ରାୟ, ରାଧାନାଥ ରାଧାନାଥ ଗ୍ରନ୍ଥାବଳୀ ଧର୍ମଗ୍ରନ୍ଥ ଷ୍ଟୋର, କଟକ-୨ ୧୯୮୪

୪୫. ରାଉତରାୟ, ନୀଳମଣି ସ୍ମୃତି ଓ ଅନୁଭୂତି ଗ୍ରନ୍ଥ ମନ୍ଦିର, କଟକ ୧୯୮୬

୪୬. ଶତପଥୀ, ଡ. ବାଳକୃଷ୍ଣ କୃତି ଓ କୀର୍ତ୍ତି ନିଗମ ବୁକ୍ ଷ୍ଟୋର, ବ୍ରହ୍ମପୁର ୧୯୭୮

୪୭. ଶତପଥୀ, ସୁରେନ୍ଦ୍ରନାଥ ବୌଦ୍ଧ ଜାତକ ଗଳ୍ପ କଟକ ଷ୍ଟୁଡେଣ୍ଟ ଷ୍ଟୋର,କଟକ ୧୯୮୭

୪୮. ଷଡ଼ଙ୍ଗୀ, ଉଦୟନାଥ ଟମ କକାଂକ କୁଟୀର ରୁ ଅନୂଦିତ, ୧୯୮୭

୪୯. ସାହୁ, ଶ୍ରୀ ଅନାଦି ମୁଣ୍ଡ ମେଖଳା ଫ୍ରେଣ୍ଡସ୍ ପବ୍ଲିଶର, କଟକ-୨ ୧୯୮୭

୫୦. ସିଂ, ଡ. ବ୍ରହ୍ମାନନ୍ଦ ଔପନ୍ୟାସିକ ଗୋପୀନାଥ ପୁସ୍ତକ ଭଣ୍ଡାର, ବ୍ରହ୍ମପୁର-୧ ୧୯୮୭

୫୧. ମହାନ୍ତି, ସୁରେନ୍ଦ୍ର ମଧ୍ୟପର୍ବ କଟକ ଷ୍ଟୁଡେଣ୍ଟ ଷ୍ଟୋର ୧୯୬୭

୫୨. ସେନାପତି, ଫକୀର ମୋହନ ଆତ୍ମଜୀବନୀ ରେବତୀ ଗଳ୍ପ (ଗଳ୍ପ ସଳ୍ପ ୧ମ ଭାଗ) ନାଳନ୍ଦା, କଟକ-୧ ୧୯୭୮


(ଗ) ସଂସ୍କୃତ


୧. କାଳିଦାସ - କୁମାର ସମ୍ଭବମ୍- ୮ମ ସର୍ଗ,

୨. ବ୍ୟାସଦେବ - ସଂସ୍କୃତ ମହାଭାରତ - ଗୀତା ପ୍ରେସ୍, ଗୋରକ ପୁର, ସଂବିତ ୨୦୪୫

୩ː ଆଦିପର୍ବ ଅନୁବାଦ - ପଣ୍ଡିତ ରାମ ନାରାୟଣ ଦତ୍ତ ଶାସ୍ତ୍ରି ପାଣ୍ଡେୟ

(ଗ) ଓଡ଼ିଆ ପତ୍ର ପତ୍ରିକାରୁ ପଠିତ ପ୍ରବନ୍ଧାବଳୀ

୧. ଅଖିଳ ଭାରତୀୟ ଆଦିବାସୀ ବିକାଶ ପରିଷଦ — ୬ଷ୍ଠ ସମ୍ମିଳନୀ ଅଗଷ୍ଟ ତା୧୭/୧୮ ନୂଆଦିଲ୍ଲୀ

୨. ଅବଚେତନ ମନର ରୂପକାର — ସିଗ୍ ମଣ୍ଡଫ୍ରଏଡ ଧରିତ୍ରୀ, ତା୧୫/୭/୯୦

୩. ଆଦିବାସୀ ସଂସ୍କୃତି ସ୍ୱରୂପଶ୍ରୀ ସୀତାକାନ୍ତ ମହାପାତ୍ର — ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର ୧୯୮୨

୪. ଆଦିବାସୀ ସଂସ୍କୃତି ସ୍ୱରୂପରାଇଚରଣ ଦାସ — ସଂପାଦକ, ଓଡ଼ିଶା ସାହିତ୍ୟ ଏକାଡେମୀ, ୧୪-୧୨-୮୨, ଭୁବନେଶ୍ୱର

୫. ଆଦିବାସୀ ସମାଜ ଓ ସଂସ୍କୃତି ପ୍ରଗତିବାଦୀ — ସୁବ୍ରତ ଦାସ

୬. ଆଦିବାସୀ — ସର୍ବପଲ୍ଲୀ ଡ. ରାଧାକ୍ରିଷନ୍‌ରୁ ଅନୂଦିତ (ଅଧ୍ୟାପକ ହାଡ଼ିବନ୍ଧୁ ମିର୍ଦ୍ଧା)

୭. ଆଦିବାସୀ ସଂସ୍କୃତିର ସ୍ୱରୂପ — ଚିତ୍ତରଂଜନ ଦାସ ଓଡ଼ିଆ ସାହିତ୍ୟ ଏକାଡେମୀ-୧୯୮୨

୮. ଆଦିବାସୀଙ୍କ ପାରମ୍ପରିକ ଅଭ୍ୟାସ ମହାବିଦ୍ୟାଳୟ, କୋରାପୁଟ — ପ୍ରତାପ ଚନ୍ଦ୍ର ସେନାପତି ଗୁଣପୁର ଧରିତ୍ରୀ ତା ୫/୩/୯୦

୯. ଆଦିବାସୀ ଶିକ୍ଷା ସମସ୍ୟା ପ୍ରଭାକର ଦାସ — ସମାଜ ତା ୨୨/୭/୯୦

୧୦. ଆଦିବାସୀ ସଂସ୍କୃତି ଓ ସାଂପ୍ରତିକ ଜୀବନ ବନଫୁଲ, ୧୯୭୬ ସତନ୍ତ୍ର ସଂଖ୍ୟା ବୁଦ୍ଧ ନଗର, ଭୁବନେଶ୍ୱର — ଅଧ୍ୟାପକ ହାଡ଼ିବନ୍ଧୁ ମିର୍ଦ୍ଧା

୧୧. ଆଦିବାସୀ ଜୀବନ ଓ ପରମ୍ପରା — ଅଧ୍ୟାପକ ହାଡ଼ିବନ୍ଧୁ ମିର୍ଦ୍ଧା ଶାଶ୍ୱତୀ ୬ଷ୍ଠ ସଂଖ୍ୟା ୧୯୮୦

୧୨. ଆଦିବାସୀ ହରିଜନ ଶିକ୍ଷା ବ୍ୟବସ୍ଥା — ପ୍ରଣବ ବୁଲ୍କର ଧରିତ୍ରୀ, ୧୬ ଭାଗ ୨୧୩ ସଂଖ୍ୟା ତା ୧୮.୭.୯୦ ଭୁବନେଶ୍ୱର

| | | |
|---|---|---|
| ୧୩. | ଇସ୍ତାହାର | ତ୍ରୈମାସିକ ସଂଖ୍ୟା ୧୯୮୨-୨୦ ଭୁବନେଶ୍ୱର |
| ୧୪. | ଇସ୍ତାହାର | ତ୍ରୈମାସିକ ସଂଖ୍ୟା ୧୯୮୩-୨୩ ଭୁବନେଶ୍ୱର |
| ୧୫. | ଉତ୍କଳ ପ୍ରସଙ୍ଗ ଅମୂଲ୍ୟ ମହାପାତ୍ର | ଡିସେମ୍ବର ସଂଖ୍ୟା-୫-୪୬ ଭାଗ, ସଂପର୍କ-୧୯୮୯ ବିଭାଗ ଆଦିବାସୀ ଜୀବନ ଦର୍ଶନ ଓ ସଂସ୍କୃତି |
| ୧୬. | ଓଡ଼ିଶାର ଆଦିମ ଅଧିବାସୀ କନ୍ଧ | ଗିରିଜା ପ୍ରସାଦ ରଥ ଧରିତ୍ରୀ ତା ୨୯.୮.୮୯ |
| ୧୭. | ଓଡ଼ିଶାର ଗାଁ ଗହଳରେ ଶକ୍ତି ଉପାସନା | ଡ. ବଂଶୀଧର ମହାନ୍ତି ଶାରଦୀୟ ସଂଖ୍ୟା ସମାଜ ତା ୨୭.୯.୯୦ |
| ୧୮. | ଓଡ଼ିଆ ଉପନ୍ୟାସ ଓ ସାହିତ୍ୟରେ | ବୈଷ୍ଣବ ଚରଣ ସାମଲ ଝଙ୍କାର-୧୯୯୦ |
| ୧୯. | କୃଷି ଓ କୃଷକ ଦ୍ୱିତୀୟ ସଂଖ୍ୟା ମଇ | |
| ୨୦. | କନ୍ଧ ସମାଜରେ ଏକୋଇଶା ପର୍ବ | ଗିରିଜା ପ୍ରସାଦ ରଥ ଧରିତ୍ରୀ ତା ୧୮/୭/୯୦ |
| ୨୧. | କନ୍ଧ ସମାଜରେ, କେତୁ ପର୍ବ ଗିରିଜା ପ୍ରସାଦ ରଥ | ଧରିତ୍ରୀ ତା ୧୧/୬/୯୦ |
| ୨୨. | କୋରାପୁଟର ବୈଚିତ୍ର୍ୟତା ସୁରେନ୍ଦ୍ର କୁମାର ହୋତା | ଧରିତ୍ରୀ ତା ୩୧/୭/୯୦ |
| ୨୩. | କୃଷି ଜାତି -କଳଙ୍ଗା ସୁରେନ୍ଦ୍ର କୁମାର ହୋତା | ଧରିତ୍ରୀ ତା୨୯/୪/୮୭ |
| ୨୪. | କନ୍ଧ ସଂସ୍କୃତି ଓ ସଲପ ଗଛ ରଘୁନାଥ ରଥ | ପ୍ରଗତିବାଦୀ ତା ୮/୧୦/୮୯ |
| ୨୫. | ଗୁଡ଼େମ୍ ମେଳି (ଆଦିବାସୀ ମେଳି) ଡ ଜେ ମଙ୍ଗାମା | ଧରିତ୍ରୀ ତା ୧୩/୪/୮୬ |
| ୨୬. | ପଞ୍ଚଜନ୍ୟ ସଂପାଦକ ଦୁର୍ଗାଚରଣ କୁଅଁର | ୧ମ ବର୍ଷ ୪ର୍ଥ ସଂଖ୍ୟା, ଭୁବନେଶ୍ୱର |
| ୨୭. | ପ୍ରଜ୍ଞା ତ୍ରୈମାସିକ ପତ୍ରିକା ସଂପାଦକ ଯତୀନ୍ଦ୍ର ମୋହନ ମହାନ୍ତି | ଭୁବନେଶ୍ୱର ୧୯୭୫ |
| ୨୮. | ବନବାସୀଙ୍କ ବଳିଦାନ ପଞ୍ଚାନନ ଅଗ୍ରୱାଲା ଧରିତ୍ରୀ ତା୧୪/୮/୮୯ | |
| ୨୯. | ନେହେରୁଙ୍କ ଦୃଷ୍ଟିରେ ବନବାସୀ ସମାଜ | ଧରିତ୍ରୀ ତା ୩/୮/୮୯ ବୁଧବାର |

| | | | |
|---|---|---|---|
| ୩୦. | ନେହେରୁ ଓ ଆଦିବାସୀ ଅଞ୍ଚଳର ସଂପଦ | | ଡ. ରାଜେନ୍ଦ୍ର କୁମାରୀ ବାଜପେୟୀ ଧରିତ୍ରୀ ତା ୧୬/୯/୮୯ |
| ୩୧. | ସମେଶ୍ୱରୀ ପୂଜା | ପ୍ରଶାନ୍ତ କୁମାର ରାୟ | ସମାଜ ତା ୨୭/୯/୯୦ |
| ୩୨. | ସପ୍ତର୍ଷି | ସମ୍ବଲପୁର ବିଶ୍ୱବିଦ୍ୟାଳୟ | ମାନସିକ ଓଡ଼ିଆ ପତ୍ରିକା ସେପ୍ଟେମ୍ବର ୧୯୮୬ ଓ ମାର୍ଚ୍ଚ ୧୯୭୬, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର |
| ୩୩. | ହୀରାଖଣ୍ଡ ଦୈନିକ | | ସଂପାଦକୀୟ ସାହିତ୍ୟ ଓ ଆଦିବାସୀ ସଂସ୍କୃତି ମେ, ୩୧/୮୧ ସମ୍ବଲପୁର, ମୋତିଝରଣା ପ୍ରଜାତନ୍ତ୍ର ଭବନ |
| ୩୪. | ଶାଶ୍ୱତୀ | | ଜଗନ୍ନାଥ ଧର୍ମ ଓ ଓଡ଼ିଆ ସଂସ୍କୃତି ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା ଜୁନ ୧୯୭୯, କୋଶଳ ସାହିତ୍ୟ ସମାଜ, ସମ୍ବଲପୁର । |

ହିନ୍ଦୀ:-

| | ଲେଖକ | ଗ୍ରନ୍ଥ | ପ୍ରକାଶକ | ବର୍ଷ |
|---|---|---|---|---|
| ୧. | ଅତୋହୋବା, କେ.ଏ. ଅନୁବାଦ- ନରେଶଜ୍ୟୋତି | | ଭାରତ କା ଇତିହାସ ପ୍ରଗତି ପ୍ରକାଶନି | ୧୯୮୧ |
| ୨. | କୋଣ୍ଡନ୍ୟ, ଡ. ଭିକ୍ଷୁ | ମିଶିଙ୍ଗ୍ ଜନଜାତି | ଭାରତୀୟ ସାହିତ୍ୟ ସମିତି, ନୂଆଦିଲ୍ଲୀ - ୨ | |
| ୩. | ଗୋସ୍ୱାମୀ, ତୁଳସୀ ଦାସ | ରାମ ଚରିତ ମାନସ | ସଂପାଦନା ଜ୍ୱାଳା ପ୍ରସାଦ ଶର୍ମା ପ୍ରଗତି ପ୍ରକାଶନି | ୧୯୮୧ |
| ୪. | ଗୋୟେଲ, ଡ. କୁନ୍ତଳ | ସରଗୁଜାକେ ଆଦିବାସୀ ର୍ଯ୍ୟା କି ଆରଧ୍ୟା ରାଜମୋହିନି | ମନିଷା ଭବନ, ଗୋତ୍ରା କଲୋନୀ, ଅମ୍ବିକାପୁର, ମଧ୍ୟପ୍ରଦେଶ | |
| ୫. | ଭରଦ୍ୱାଜ, ଡ. ଭି. ଶରନ୍ | ରାମାୟଣ କଥା ସଂସ୍କୃତି ସନ୍ଧାନ | ବେଲେଗି କଲେଜ, ଉତ୍ତର ପ୍ରଦେଶ | ୧୯୮୦ |

| | | | |
|---|---|---|---|
| ୬. | ଗାୟ, ଡ. ଶଚିନ | ହାମାରେ ସାମା | ଭାରତୀୟ ଆଦିମ ଜାତି ସେବକ ସଂଘ, ଆମ୍ବେଦକର ମାର୍ଗ, ନୂଆଦିଲ୍ଲୀ - ୫୫. |

ହିନ୍ଦୀ ପତ୍ର ପତ୍ରିକା :

| | | | |
|---|---|---|---|
| ୧. | ଜନଜାତି | ହିନ୍ଦୀ ମାସିକ ପତ୍ରିକା | ଭାରତୀୟ ଆଦିମ ଜାତି ସେବକ ସଂଘ ନୂଆଦିଲ୍ଲୀ |
| ୨. | ମୁଣ୍ଡା | ହିନ୍ଦୀ ମାସିକ ପତ୍ରିକା | ମାର୍ଚ୍ଚ ୧୨ |

## BIBLIOGRAPHY

| | | |
|---|---|---|
| ୧. | Ambedkar, B.R. (ed.) | Constitution of India, Government of India, New Delhi, ୧୯୫୨ |
| ୨. | Anand, M.R., | Folklore Tales of India, Sterling Publication, New Delhi, ୧୯୭୪ |
| ୩. | Bhashm, A.L. | The wonder that was India, (Fontanza), Pupa & Co., Delhi, ୧୯୮୪. |
| ୪. | Bedi, S.S., | Folklore of Punjab, N.B.T. India, New Delhi, ୧୯୭୧. |
| ୫. | Bhatia, A.K. | Tourism in India, Sterling, New Delhi, ୧୯୭୦ |
| ୬. | Bhawnik, K.L. | Tribal India |
| | Borgohain, B.K. | Folklore tales of Nagaland, |
| ୭. | & R.P. Choudhury | Sterling Publication, New Delhi, 1982, Folklore tales of Meghalaya & Arunachal Pradesh, Stgerling Publication, New Delhi, ୧୯୮୨. |
| ୮. | Bose N.K. | Some Indian Tribes, Sterling Publication, New Delhi, ୧୯୭୨. |
| ୯. | Buriye, B.N. | Evolution of Indian culture, Sterling |

Publication, New Delhi.

୧୦. Calmarks — Notes on Indian History, Sterling Publication, New Delhi.

୧୧. Chatterjee, S.K. — Indian Culture, Universal Publication, New Delhi, ୧୯୬୬.

୧୨. Chettoar, S.M.L. — Folklore of Tamilnadu, N.B.T. India, New Delhi, ୧୯୭୪.

୧୩. Croow, W. — Tales of Northen India, Cosmos Publication, New Delhi.

୧୪. Das, K.B. & L.K. — Folklore of Orissa, N.B.T. India, New Delhi, ୧୯୭୯.

୧୫. Das, J. — Folklore of Assam, N.B.T. India, New Delhi, ୧୯୭୨.

୧୬. Das, M., (ed.) — India A Tourist paradise, Sterling Publication Ltd., New Delhi-୧୬.

୧୭. Dalton, E.T. — Anthropology of Bengal' The Science of the different races of man, Sterling publication', Ltd., New Delhi.

୧୮. Elwin, Verrier — Tribal life of India, Home department, Government of India, New Delhi, ୧୯୭୩.

୧୯. Fuchs, Stephen — The Aboriginal Tribes of India, The Macmillan, Delhi, ୧୯୭୩.

୨୦. Gupta, S.P. — Tourism, Musium Management of India, Oriental Publication, New Delhi, ୧୯୮୮.

୨୧. Handn, J.L. — India Folklore. Its unity in diversity, Journal, Vol. LVII, No.12, Akashvani,

New Delhi, 16-39th June ୧୯୮୬.

୨୨. Kaul, H.K., (Ed.) Travellers India, Oxford University Press, Delhi, ୧୯୮୦.

୨୩. Kosambi, D.D. The Culture and Civilisation of India, Vikas, New Delhi, ୧୯୭୦.

୨୪. Mahadev, G.R. Indian Social Problems, Vol-1 (Education III), New Delhi, ୧୯୭୭.

୨୫. Mahapatra, K.(Ed.) Tribal Language and Culture, Santi, Niketan, ୧୯୮୪.

୨୬. Mishra, R.N. Tribal of Upraising in 19th, 20th Century, Ranchi University Ranchi, ୧୯୮୦.

୨୭. Mohanty, S. Lord Jagannath, Oriya Shitya Academi, Bhubaneswar, ୧୯୮୨.

୨୮. Pandey, J.N., (Ed.) Constitution Law of India, ୧୯୮୫.

୨୯. Panigrahi, K.C. History of Orissa, Kitab Mahal, Cuttack, ୧୯୮୧.

୩୦. Parmar, S. Folklore of Madhya Pradesh, N.B.T. New Delhi, ୧୯୭୨.

୩୧. Rajgopal Chari, C. Ramayan, Bharitiya Vidya Bhaban, Bombay, ୧୯୮୦.

୩୨. Ray, B.C. (Ed.) Cultural Heritage of Orissa, Vol.I, Cultural for Bhubaneswar, ୧୯୮୪.

୩୩. Ray, S.C. The Hill Bhuyan, Charistian Mission, ୧୮୩୫.

୩୪. Singh, P. Nagaland, N.B.T. India, New Delhi, ୧୯୭୨.

୩୫. Singhal, D.P. — India and World Civilization, Vol-I & II Rupe & Co., Delhi, ୧୯୭୨.

୩୬. Sitaraniah, V. — Valmiki Ramayana, Sahitya Academi, New Delhi, ୧୯୭୨.

୩୭. Sahu, N.K. — History of Orissa, Vol-I, Utkal University, ୧୯୬୪.

୩୮. Sharma, B.D., — Tribal Development.

୩୯. Tiwari, D.N. — Primitives of Madhya Pradesh, Ministry of Home Affairs, New Delhi, ୧୯୮୭.

୪୦. West, Richard. — The White Tribes.


## PART - II

ii) Selections from Journals, Periodicals, Proceedings, Sourveniers, Speeches.

1. Adivasi, — Vols. XI, 1969-70, 1971-72 Tribal Researched Bureau, Bhubaneswar.

2. Adivasi Souvenir, — All Orissa Adivasi Cultural Association, Bhima Bhoi Mandap, Sambalpur, 14th November, 1969.

3. Banaja — H&TW Department, Bhubaneswar, 1986.

4. Dance and Music in Orissa — Indian Academy of Folk and Tribal Culture, Bhubaneswar, 1980.

5. Heritage of Jammu and Kashmir, — Ministry Education & Youth Services, New Delhi, 197.

